As Per CBCS Syllabus

ଆଧୁନିକ
ପାଶ୍ଚାତ୍ୟ ଜଗତର ଅଭ୍ୟୁଦୟ-୧

Rise of Modern West - I

Semester - III **Core Course - VI**

KALYANI

Rajashree Swain

As per CBCS Syllabus, Odisha

ଆଧୁନିକ ପାଶ୍ଚାତ୍ୟ ଜଗତର ଅଭ୍ୟୁଦୟ-୧

(ଖ୍ରୀଷ୍ଟୀୟ ଚର୍ତୁଦ୍ଦଶ ଶତାବ୍ଦୀରୁ ସପ୍ତଦଶ ଶତାବ୍ଦୀ ପର୍ଯ୍ୟନ୍ତ)

RISE OF THE MODERN WEST-1

(From 14th Century A.D. to 17th Century A.D.)

ଓଡ଼ିଶା ସମସ୍ତ ବିଶ୍ୱବିଦ୍ୟାଳୟ ଓ ସ୍ୱୟଂଶାସିତ ମହାବିଦ୍ୟାଳୟର +୩ ଇତିହାସ (ସମ୍ମାନ)
ପାଠ୍ୟକ୍ରମ ନିମନ୍ତେ ଉଦ୍ଦିଷ୍ଟ

B. S. COLLE... LIBRARY
No.... Date....
Pin-754024
...JAHAT, ARAKHPUR, JAJPUR

ଡକ୍ଟର ରାଜଶ୍ରୀ ସ୍ୱାଇଁ
ଏମ୍.ଏ., ଏମ୍.ଫିଲ୍, ପିଏଚ୍.ଡ଼ି
ଆସୋସିଏଟ ପ୍ରଫେସର, ଇତିହାସ ବିଭାଗ
ନେତାଜୀ ସୁଭାଷ ମେମୋରିଆଲ ସିଟି କଲେଜ
କଟକ

କଲ୍ୟାଣୀ ପବ୍ଲିଶର୍ସ
ନୂଆଦିଲ୍ଲୀ-ଲୁଧିଆନା

SYLLABUS

+3 Arts History (Honours) CBCS Syllabus for Semester - III (For all Universities and Autonomous Colleges of Odisha)

C.C.VI : RISE OF THE MODERN WEST - I

UNIT - I : Transition from fedualism to Capitalism :

1. The Problems of Transition : Economic Expansion, Industrial Production, Trade and Commerce
2. Urban Development, Town Life

UNIT - II : Early Colonial Expansion :

1. Motives, Voyages and Explorations
2. The Conquests of the Americas : Beginning of the era of Colonization
3. Mining and Plantation, The African Slaves

UNIT - III : Renaissance :

1. Its Social roots, City-states of Italy
2. Spread of humanism in Europe
3. The Art of Renaissance-Architecture, Sculpture, Painting and Literature.

UNIT - IV : The Reformation

1. Origins, Course and Results
2. Spread of Reformation Movements
3. Emergence of European State System : Spain, France, England, Russia

UNIT - V : Economic Developments of the Sixteenth Century :

1. Shift of economic balance from the Mediterranean to the Atlantic.
2. Commercial Revolution—Causes and Nature
3. Growth of Industries and its impact.

❑◆❑

ସୂଚୀପତ୍ର

ଅଧ୍ୟାୟ	ବିଷୟ	ପୃଷ୍ଠା

UNIT - I : ସାମନ୍ତବାଦରୁ ପୁଞ୍ଜିବାଦକୁ ପରିବର୍ତ୍ତନ

ପ୍ରଥମ : 7 - 9

ପରିବର୍ତ୍ତନର ସମସ୍ୟାବଳୀ :

ଅର୍ଥନୈତିକ ସମ୍ପ୍ରସାରଣ, ଶିଳ୍ପ ଉତ୍ପାଦନ, ବ୍ୟବସାୟ ଏବଂ ବାଣିଜ୍ୟ, ସ୍ଥାୟୀ ବଜାର ପ୍ରତିଷ୍ଠା, ସାମନ୍ତବାଦ ମୁକ୍ତ ନଗର, ବ୍ୟାଙ୍କ ବ୍ୟବସ୍ଥାର ପ୍ରଚଳନ, ବାଣିଜ୍ୟ ନିୟମ।

ଦ୍ୱିତୀୟ : 10 - 18

ନଗର ବିକାଶ : ସହରୀକରଣ :

ସହର ଜନସଂଖ୍ୟା, ବାଣିଜ୍ୟ ଏବଂ ନଗର ଅଭିବୃଦ୍ଧି।

ନଗର ଜୀବନ ବା ସହର ଜୀବନ : ପ୍ରାରମ୍ଭିକ ଆଧୁନିକ ଯୁଗର ୟୁରୋପୀୟ ନଗର ଜୀବନ ଅବସ୍ଥା, ନଗର ସମାଜ, ସମ୍ଭ୍ରାନ୍ତ ଗୋଷ୍ଠୀ, ବୁର୍ଜୁଆ ଗୋଷ୍ଠୀ, ଦୋକାନଦାର ଏବଂ କୁଶଳୀ କାରିଗର, ଦରିଦ୍ର ଗୋଷ୍ଠୀ, ଶିକ୍ଷା, ସରକାରୀ ସେବା ପ୍ରଶିକ୍ଷଣ, ମଧ୍ୟବର୍ଗଙ୍କ ଶିକ୍ଷା, ଦରିଦ୍ରଙ୍କ ଶିକ୍ଷା, ସାକ୍ଷରତା ବୃଦ୍ଧି, ଲୋକପ୍ରିୟ ସଂସ୍କୃତି, ମହୋତ୍ସବ ଓ ଆମୋଦପ୍ରମୋଦ, କଥିତ ପରମ୍ପରାର ଭୂମିକା।

UNIT - II : ପ୍ରାରମ୍ଭିକ ଔପନିବେଶିକ ସମ୍ପ୍ରସାରଣ

ତୃତୀୟ : 21 - 24

ପ୍ରାରମ୍ଭିକ ଔପନିବେଶିକ ସମ୍ପ୍ରସାରଣ :

ଉପନିବେଶ ସ୍ଥାପନର ଉଦ୍ଦେଶ୍ୟ : ସମ୍ପତ୍ତି ଆହରଣ କାମନା, ଏକଚାଟିଆ ଅଧିକାର ଉପଭୋଗ, କଞ୍ଚାମାଲର ଆବଶ୍ୟକତା, ଆବିଷ୍କାରଜନିତ ସୁଫଳ, ନୂତନ ବଜାର ଅନ୍ୱେଷଣ, ଧର୍ମ ପ୍ରଚାର କାମନା, ବିନିଯୋଗର ସୁଯୋଗ, ଜାତୀୟ ସମ୍ମାନର ସଙ୍କେତ, ଜନସଂଖ୍ୟା ବୃଦ୍ଧି ସମସ୍ୟା, ନାବିକମାନଙ୍କର ବିବରଣୀ, ସାମରିକ ଭିତ୍ତିଭୂମିର ଆବଶ୍ୟକତା, ସାମରିକ ଆବଶ୍ୟକତା ପୂରଣ।

ଚତୁର୍ଥ : 25 - 38

ସମୁଦ୍ର ଯାତ୍ରା ଏବଂ ଭୌଗୋଳିକ ଅଭିଯାତ୍ରା :

ସମୁଦ୍ରଯାତ୍ରାର ଉଦ୍ଦେଶ୍ୟ : ଅର୍ଥନୈତିକ ଉଦ୍ଦେଶ୍ୟ, ଧର୍ମପ୍ରଚାର ଉଦ୍ଦେଶ୍ୟ।

ମାର୍କୋପୋଲୋ; ନାବିକ କମ୍ପାସର ଉଦ୍ଭାବନ।

ଅଧ୍ୟାୟ	ବିଷୟ	ପୃଷ୍ଠା
	ପର୍ତ୍ତୁଗୀଜ ଅଭିଯାତ୍ରା : ରାଜକୁମାର ହେନେରୀ-ନାବିକ, ଭାସ୍କୋଡ଼ାଗାମା, ସ୍ପେନୀୟ ଅଭିଯାତ୍ରା : ଖ୍ରୀଷ୍ଟୋଫର୍ କଲମ୍ବସ୍, ପୃଥିବୀ ବିଭାଜିକରଣ, ଫର୍ଡ଼ିନାଣ୍ଡ ମ୍ୟାଗେଲାନ୍, ଅନ୍ୟାନ୍ୟ ସ୍ପେନୀୟ ଅଭିଯାତ୍ରା ଇଂରେଜ ଅଭିଯାତ୍ରା : ଫ୍ରାନସିସ୍ ଡ୍ରେକ୍, ଫରାସୀ ଅଭିଯାତ୍ରା : ଭୌଗୋଳିକ ଆବିଷ୍କାରଗୁଡ଼ିକର ପ୍ରଭାବ	39 - 45
ପଞ୍ଚମ :	**ଆମେରିକା ବିଜୟ :** ଆମେରିକା ଆବିଷ୍କାର, ଆମେରିକା ବିଜୟ, ଉପନିବେଶ ଯୁଗର ଆରମ୍ଭ, ଗୀର୍ଜାର ଭୂମିକା, ପ୍ରଜାହିତୈଷୀ ସ୍ୱେଚ୍ଛାଚାରୀ ଶାସନ ଏବଂ ବାଣିଜ୍ୟିକ ସାମ୍ରାଜ୍ୟବାଦ, ନ୍ୟାସୀ ବା ଗୁଣକୀର୍ତ୍ତନକାରୀ ବ୍ୟବସ୍ଥା, ସାମାଜିକ ସ୍ତରୀକରଣ, ଉଚ୍ଚ ମାନବ ମୃତ୍ୟୁହାର ।	46 - 52
ଷଷ୍ଠ :	**ଖଣିଖନନ ଏବଂ ଚାରାରୋପଣ : ଆଫ୍ରିକୀୟ କ୍ରୀତଦାସ** ମଧ୍ୟ ଆଟଲାଣ୍ଟିକ ଅଞ୍ଚଳ, ନିଉ ଇଂଲଣ୍ଡ ଅଞ୍ଚଳ, ଦକ୍ଷିଣ ଆଟଲାଣ୍ଟିକ୍ ଅଞ୍ଚଳ, ପ୍ରଶାନ୍ତ ମହାସାଗରୀୟ ପାର୍ବତ୍ୟାଞ୍ଚଳ, ନିମ୍ନ ମିସିସିପି ଉପତ୍ୟକା, ଓହିଓ ଉପତ୍ୟକା ବା ଉର୍ଦ୍ଧ୍ୱ ମିସିସିପି ଉପତ୍ୟକା, ଆଭ୍ୟନ୍ତରଣୀୟ ବିସ୍ତୃତ ସମତଳ ଭୂମି, ଉତ୍ତର ଆମେରିକାର ସମୃଦ୍ଧ ଅଞ୍ଚଳ, ଆଫ୍ରିକୀୟ କ୍ରୀତଦାସ, ଆଫ୍ରିକୀୟ କ୍ରୀତଦାସମାନଙ୍କର ଆବଶ୍ୟକତା, କ୍ରୀତଦାସ ପ୍ରଥାର ଉଚ୍ଛେଦ, ପ୍ରାରମ୍ଭିକ କ୍ରୀତଦାସ ବିଦ୍ରୋହ, ଉପନିବେଶ ସ୍ଥାପନ ମାଧ୍ୟମରେ କ୍ରୀତଦାସ ପ୍ରଥାର ଉଚ୍ଛେଦ, କ୍ରୀତଦାସ ପ୍ରଥା ବିରୁଦ୍ଧରେ ଆନ୍ଦୋଳନ, କ୍ରୀତଦାସତ୍ୱ ଉଚ୍ଛେଦକାରୀଙ୍କ ପଦ୍ଧତି ।	
	UNIT - III : ନବଜାଗରଣ	
ସପ୍ତମ :	**ନବଜାଗରଣ :** ନବଜାଗରଣର ଇଟାଲୀୟ ପୃଷ୍ଠଭୂମି ନବଜାଗରଣର ସାମାଜି ଉତ୍ସ : କନଷ୍ଟାଣ୍ଟିନୋପୋଲର ପତନ, ଶାସ୍ତ୍ର ଓ ଦର୍ଶନର ପ୍ରଭାବ, ଧର୍ମୀୟ ଯୁଦ୍ଧର ପ୍ରଭାବ, ମୁଦ୍ରଣ ଯନ୍ତ୍ରର ଉଦ୍ଭାବନ, ନୂତନ ଦେଶ ସମୂହର ଆବିଷ୍କାର, ଉପନିବେଶବାଦ, ସାମ୍ରାଜ୍ୟବାଦର ବୈଶିଷ୍ଟ୍ୟ, ମଧ୍ୟବିତ୍ତ ଶ୍ରେଣୀର ଅବଦାନ, ସାମନ୍ତବାଦର ପତନ ଓ ଶକ୍ତିଶାଳୀ ସାମ୍ରାଜ୍ୟ ସମୂହର ଉତ୍ଥାନ, ଗୀର୍ଜାର ପ୍ରତିପତ୍ତି ହ୍ରାସ, ଅର୍ଥନୈତିକ ଉନ୍ନତି, ନବଜାଗରଣର ମୁଖ୍ୟ ଆଧାର : ୟୁରୋପରେ ସାହିତ୍ୟିକ ସଂସ୍କୃତି ଓ ଦର୍ଶନର ପ୍ରସାର, ସ୍ଥାପତ୍ୟ ବିଦ୍ୟାର ବିକାଶ, ଭାସ୍କର୍ଯ୍ୟ ବିଦ୍ୟାର ବିକାଶ, ଚିତ୍ରକଳାର ବିକାଶ, ଚିନ୍ତନ ଏବଂ ସାହିତ୍ୟର ନବଜାଗରଣ ।	55 - 74

ଅଧ୍ୟାୟ	ବିଷୟ	ପୃଷ୍ଠା
	ନାବଜାଗରଣ ଯୁଗର ଚିନ୍ତକ ଗଣ : ଥାର୍ବେଲର୍ଡ, ବାକେନ୍, ଦାନ୍ତେ, ଫ୍ରାନସିସ୍କୋ ପେର୍ଟ୍ରାର୍ଚି, ଜିଓଭାନି ବୋକାସିଓ, ଜନ୍ ଗୁଟେନବର୍ଗ, ଲିଓନାର୍ଡ଼ ଦା-ଭିନ୍‌ସି, ସାର୍ ଥୋମାସ୍ ମୋରେ, ନିକୋଲାସ୍ ମ୍ୟାକିଆଭେଲି, ନିକୋଲାସ୍ କୋପରନିକସ୍, ମାଇକେଲ ଆଞ୍ଜେଲୋ ବୁଆନାରୋତି, ରାଫେଲ୍ ମାର୍ଟିନ୍ ଲୁଥର୍, ଫ୍ରାନକୋଇଓ୍ ରାବେଲାଇସ୍, ଖ୍ରୀଷ୍ଟୋଫର୍ କଲମ୍ବସ୍, ଭାସ୍କୋଡ଼ାଗାମା, ଫିଲିପ୍ ଜିଓନାଦୋ ବ୍ରୁନୋ, ଗାଲିଲିଓ ଗାଲିଲି, ଉଇଲିୟମ୍ ହାର୍ଭେ, ସାର୍ ଆଇଜାକ୍ ନିଉଟନ୍ । ନବଜାଗରଣର ମାନବ ସମାଜକୁ ଅବଦାନ, ନବଜାଗରଣର କୁଫଳ ।	
	UNIT - IV : ଧର୍ମସଂସ୍କାର	
ଅଷ୍ଟମ :		77 - 92
	ଧର୍ମସଂସ୍କାର :	
	ଧର୍ମସଂସ୍କାର ଆନ୍ଦୋଳନର ଉତ୍ପତ୍ତି ଏବଂ ଅଗ୍ରଗତି : ଗୀର୍ଜା ପରିଚାଳନାରେ ଦୁର୍ନୀତି, ନବଜାଗରଣ, ଧର୍ମୀୟ ଅନ୍ଧବିଶ୍ୱାସର ପରିସମାପ୍ତି, ଜାତୀୟତାଭାବର ଉଦ୍ରେକ, ଅର୍ଥନୈତିକ କାରଣ, ରାଜନୈତିକ କାରଣ ।	
	ଧର୍ମସଂସ୍କାର ଆନ୍ଦୋଳର ପ୍ରସାର : ଲୁଥରୀୟବାଦ : ମାର୍ଟିନ ଲୁଥରଙ୍କ ପ୍ରଚାରିତ ବାଣୀ, ଲୁଥରୀୟ ମତବାଦର ପ୍ରସାର, ପ୍ରଥମ ସ୍ପାଇର ଧର୍ମସମ୍ମିଳନୀ, ଦ୍ୱିତୀୟ ସ୍ପାଇର ଧର୍ମସମ୍ମିଳନୀ, ସ୍ମାଲ୍‌କାଲଡାନ୍ ସଂଘ, ଟ୍ରେଣ୍ଟସମ୍ମିଳନୀ, ଅଗସ୍‌ବର୍ଗ ବୁଝାମଣା, ଇଂଲଣ୍ଡରେ ଇଂରେଜ ଗୀର୍ଜାର ଅଭ୍ୟୁଦୟ, ହେନେରୀ ଅଷ୍ଟମ ଏବଂ ବିବାହ ବିଚ୍ଛେଦ ସମସ୍ୟା, ଏଡ଼ୱାର୍ଡ଼ ଷଷ୍ଠଙ୍କ ଶାସନକାଳର ଧର୍ମସଂସ୍କାର, ମେରୀଟ୍ୟୁଡ଼ରଙ୍କ ଧର୍ମନୀତି, ଏଲିଜାବେଥ ଟ୍ୟୁଡ଼ରଙ୍କ ଧର୍ମନୀତି, କାଲିଭିନୀୟବାଦ : କାଲଭିନୀୟ ମତବାଦର ସାରତତ୍ତ୍ୱ ଓ ତାର ପ୍ରଭାବ ।	
	ଜୁଇଂଲିଆନିବାଦ :	
	ଧର୍ମ ସଂସ୍କାରର ଫଳାଫଳ : କାଥୋଲିକ୍ ଖ୍ରୀଷ୍ଟଧର୍ମ ଆଧିପତ୍ୟର କ୍ଷୁର୍ଣ୍ଣତା, ଜାତୀୟତାବାଦର ଉଦ୍ରେକ, ସାମ୍ରାଜ୍ୟବାଦର ଉତ୍ଥାନ, ଶିକ୍ଷାର ପ୍ରସାର, ବିଜ୍ଞାନ, କଳା ଓ ସଂସ୍କୃତିର ଅବକ୍ଷୟ, ଇଂଲଣ୍ଡରେ ଧାର୍ମିକ ଆଶ୍ରୟସ୍ଥଳ ବନ୍ଦ କରିବାର ଫଳାଫଳ ।	
ନବମ :		93 - 272
	ୟୁରୋପୀୟ ରାଷ୍ଟ୍ର ବ୍ୟବସ୍ଥାର ଉତ୍ଥାନ :	
	ୟୁରୋପୀୟ ରାଷ୍ଟ୍ର ବ୍ୟବସ୍ଥାର ନୀତି : ସାର୍ବଭୌମ ରାଷ୍ଟ୍ର କାରଣ, ବଂଶାନୁକ୍ରମିକ ନାର୍ଯ୍ୟ ଅଧିକାର ନୀତି, ୟୁରୋପୀୟ ରାଷ୍ଟ୍ର ବ୍ୟବସ୍ଥା ସୃଷ୍ଟି ହେବାର କାରଣ : ଧର୍ମ ଯୁଦ୍ଧ, ସ୍ୱାଧୀନ ସାମ୍ରାଜ୍ୟ, ନବଜାଗରଣ, ଧର୍ମସଂସ୍କାର, ଭାଷା ଓ ସାହିତ୍ୟର ଉନ୍ନତି ଅର୍ଥନୀତି, ସ୍ପେନ : ୟୁରୋପର ତ୍ରିଂଶବର୍ଷୀୟ ସମର : ତ୍ରିଂଶବର୍ଷୀୟ ଯୁଦ୍ଧର କାରଣ : ଧର୍ମୀୟକାରଣ ସମୂହ :	

ଅଧ୍ୟାୟ	ବିଷୟ	ପୃଷ୍ଠା

କାଥୋଲିକ ଓ ପ୍ରୋଟେଷ୍ଟାଣ୍ଟମାନଙ୍କ ମଧ୍ୟରେ ଥିବା ଅର୍ନ୍ତଦ୍ୱନ୍ଦ୍ୱ, ଅଗସ୍‌ବର୍ଗ ବୁଝାମଣା ପ୍ରତି ବିଦ୍ୱେଷ ଭାବ, ରୋମୀୟ କାଥୋଲିକମାନଙ୍କ ଦ୍ୱାରା ପ୍ରୋଟେଷ୍ଟାଣ୍ଟମାନଙ୍କୁ ପୀଡ଼ନ, ପ୍ରତିକାରମୂଳକ ସଂସ୍କାର, ରୋମୀୟ କାଥୋଲିକ ଗୀର୍ଜାର ସମ୍ପତ୍ତିକୁ ନେଇ ବିବାଦ, ରାଜନୈତିକ କାରଣ ସମୂହ, ତତ୍‌କାଳ କାରଣ ସମୂହ, ତ୍ରିଂଶ ବର୍ଷୀୟ ସମରର ଘଟଣାବଳୀ : ପ୍ରଥମ ପର୍ଯ୍ୟାୟ ସମର : ବୋହେମିଆର ସମର, ଦ୍ୱିତୀୟ ପର୍ଯ୍ୟାୟ ସମର : ଡେନମାର୍କ ଯୁଦ୍ଧ, ତୃତୀୟ ପର୍ଯ୍ୟାୟ ସମର : ସୁଇଡ଼େନ୍ ଯୁଦ୍ଧ, ଚତୁର୍ଥ ପର୍ଯ୍ୟାୟ ସମର : ଫରାସୀ ଯୁଦ୍ଧ, ତ୍ରିଂଶବର୍ଷୀୟ ସମରର ଫଳାଫଳ, ସ୍ପେନ ପରାଜୟର କାରଣ, ୱେଷ୍ଟଫାଲିଆ ସନ୍ଧିପତ୍ର, ୱେଷ୍ଟଫାଲିଆ ଶାନ୍ତି ଚୁକ୍ତିର ଗୁରୁତ୍ୱ, ଫ୍ରାନ୍ସ୍ : ଫରାସୀ ରାଷ୍ଟ୍ର ବିପ୍ଳବ ଓ ବୌଦ୍ଧିକ ପ୍ରଭାବ, ରାଜନୈତିକ ପୃଷ୍ଠଭୂମି, ଚତୁର୍ଦ୍ଦଶ ଲୁଇ, ପଞ୍ଚଦଶ ଲୁଇ, ଷୋଡ଼ଶ ଲୁଇ, ରାଣୀ ମେରୀ ଏଣ୍ଟୋଇନେଟ୍, ରାଜତନ୍ତ୍ର, ସାମାଜିକ ଅବସ୍ଥା, ଧର୍ମଯାଜକ ଶ୍ରେଣୀ, ସମ୍ଭ୍ରାନ୍ତଶ୍ରେଣୀ, ସାଧାରଣ ପ୍ରଜା, ବୌଦ୍ଧିକ ବା ତାତ୍ତ୍ୱିକ କାରଣ, ମଣ୍ଟେସ୍କ୍ୟୁ, ଭଲ୍‌ଟେୟାର୍, ରଷୋ, ଅନ୍ୟ ମନୀଷୀଗଣ, ଅର୍ଥନୈତିକ କାରଣ, ବୈଦେଶିକ ପ୍ରଭାବ, ପ୍ରତିନିଧି ସଭା, ଜାତୀୟ ସଭା, ବାସ୍ତିଲ ଦୁର୍ଗର ପତନ, ମାନବ ଅଧିକାର ଘୋଷଣା, ଭର୍ସାଇଲକୁ ମହିଳାଙ୍କ ବିକ୍ଷୋଭ ଶୋଭାଯାତ୍ରା, ଫ୍ରାନ୍ସ୍‌ର ନୂତନ ସମ୍ବିଧାନ : ଜାତୀୟ ସମ୍ବିଧାନ ସଭାର କାର୍ଯ୍ୟ, ବ୍ୟବସ୍ଥାପକ ସଭା, ଜ୍ୟାକୋବିନ କ୍ଲବ, କର୍ଡ଼ଲିଅର କ୍ଲବ, ଜିରଣ୍ଡିଷ୍ଟ, ବ୍ରୁନ୍‌ସଉଇକ ଡ୍ୟୁକଙ୍କ ଘୋଷଣା, ଅଗଷ୍ଟ ୧୦, ୧୭୯୨ ବିଦ୍ରୋହ, ସେପ୍ଟେମ୍ବର ଗଣହତ୍ୟା, ଜାତୀୟ କନଭେନସନ୍ ଓ ଆତଙ୍କରାଜ, ଷୋଡ଼ଶ ଲୁଇଙ୍କ ବିଚାର ଓ ମୃତ୍ୟୁଦଣ୍ଡ, ଇଉରୋପୀୟ ଯୁଦ୍ଧ, ଜାତୀୟ କନଭେନସନ୍‌ର ଶାସନ ବ୍ୟବସ୍ଥା, ସମ୍ବିଧାନ, କନଭେନସନର କୃତିତ୍ୱ, ବୈଦେଶିକ ଯୁଦ୍ଧ, ନିର୍ଦ୍ଦେଶକ ମଣ୍ଡଳୀ, ଆଭ୍ୟନ୍ତରୀଣ ନୀତି, ବୈଦେଶିକ ନୀତି, ନେପୋଲିଅନ ବୋନାପାର୍ଟ : ଉତ୍‌ଥାନ ଓ କ୍ଷମତାଲାଭ, ସାମରିକ କୃତିତ୍ୱ, ମିଶର ଅଭିଯାନ, ୧୭୯୯ର ସମ୍ବିଧାନ, ପ୍ରଥମ କନସଲ୍ ନେପୋଲିଅନ୍, ଇଉରୋପୀୟ ଯୁଦ୍ଧ : ଦ୍ୱିତୀୟ ଇଟାଲୀ ଅଭିଯାନ, ଆଭ୍ୟନ୍ତରୀଣ ଶାସନ, ସାମ୍ୟନୀତି, ଶକ୍ତିଶାଳୀ କେନ୍ଦ୍ର ସରକାର, ଅର୍ଥନୈତିକ ସଂସ୍କାର, ଧର୍ମସମ୍ବନ୍ଧୀୟ ବିବାଦର ସମାଧାନ, ନେପୋଲିୟନଙ୍କ ଆଇନବିଧି, ଶିକ୍ଷା ସଂସ୍କାର, କଳା ଓ ସାହିତ୍ୟର ବିକାଶ, କୃତିତ୍ୱ, ଇଂଲଣ୍ଡ : ଏଲିଜାବେଥ୍‌ଙ୍କୁ ପୋପ ପାୟସ ପଞ୍ଚମଙ୍କ ବହିଷ୍କାର ଆଦେଶନାମା, ରିଡ଼ୋଲଫି ଷଡ଼ଯନ୍ତ୍ର, ବ୍ଲୋଇସ୍ ସନ୍ଧି, ଏଲିଜାବେଥ୍ ଓ ଫିଲିପ୍ ଦ୍ୱିତୀୟ, ଉଇଲିୟମ ଅଫ ଅରେଞ୍ଜଙ୍କ ହତ୍ୟା, ଏଲିଜାବେଥ୍‌ଙ୍କ ବିବାହ ପ୍ରସ୍ତାବ, ଲିସେଷ୍ଟର ଏବଂ ନେଦରଲ୍ୟାଣ୍ଡ, ବାବିଙ୍ଗ୍‌ଟନ୍ ଷଡ଼ଯନ୍ତ୍ର, ମେରୀଙ୍କ ବିଚାର, ସ୍ପେନୀୟ ନୌବେଳା, ଗ୍ରେଭାଲାଇନସ୍ ଯୁଦ୍ଧ, ଜେମସ୍ ପ୍ରଥମ-ସଂସଦ ସହିତ ସମ୍ପର୍କ, ଶାସକ ଏବଂ ସଂସଦ ମଧ୍ୟରେ ସଂଘର୍ଷର ପ୍ରକୃତ କାରଣ, କାଥୋଲିକ୍ ଏବଂ ପିଉରିଟାନମାନଙ୍କର ବିରୋଧ, ବାରୁଦ ଷଡ଼ଯନ୍ତ୍ର, ପିଉରିଟାନ୍‌ମାନଙ୍କର ବିରୋଧ, ହାମ୍ପଟନ

ଅଧ୍ୟାୟ	ବିଷୟ	ପୃଷ୍ଠା
	କୋର୍ଟ ସମ୍ମିଳନୀ, ଦୟନୀୟ ଅର୍ଥନୈତିକ ଅବସ୍ଥା, ବୈଦେଶିକ ନୀତି, ଜେମସ୍ ପ୍ରଥମ ଏବଂ ତାଙ୍କର ପ୍ରଥମ ସଂସଦ, ଜନବେଟସ୍‌ଙ୍କ ମୋକଦ୍ଦମା, ଦ୍ୱିତୀୟ ସଂସଦ, ତୃତୀୟ ସଂସଦ, ଚତୁର୍ଥ ସଂସଦ, ଚାର୍ଲସ ପ୍ରଥମ, ଗୃହଯୁଦ୍ଧ, ପ୍ରଥମ ସଂସଦ, ଦ୍ୱିତୀୟ ସଂସଦ, ପାଞ୍ଚ ନାଇଟ୍‌ଙ୍କ ମୋକଦ୍ଦମା, ତୃତୀୟ ସଂସଦ, ବୈଦେଶିକ ନୀତି, ଏଗାର ବର୍ଷୀୟ ଆତଙ୍କରାଜ ଓ ତାହାର ପତନ, ଟମାସ୍ ୱେଣ୍ଟୱାର୍ଥ, ଉଇଲିୟମ୍ ଲାଉଡ୍, ରାଜସ୍ୱ ଆଦାୟର ପନ୍ଥା, ଜାହାଜ କର, ଜନ୍ ହାମ୍ପଡ଼େନ ଓ ଜାହାଜ କର, ଧର୍ମଗତ ସମସ୍ୟା, ପ୍ରଥମ ବିଶପସମର, ଦ୍ୱିତୀୟ ବିଶପ ସମର, ସଂକ୍ଷିପ୍ତ ସଂସଦ, ଦୀର୍ଘ ସଂସଦ, ମହାବିରୋଧ ପ୍ରସ୍ତାବ, ଗୃହଯୁଦ୍ଧ: ପ୍ରଥମ ପର୍ଯ୍ୟାୟ, ଦ୍ୱିତୀୟ ପର୍ଯ୍ୟାୟ, ତୃତୀୟ ପର୍ଯ୍ୟାୟ—ଦ୍ୱିତୀୟ ଗୃହଯୁଦ୍ଧ, ଚତୁର୍ଥ ପର୍ଯ୍ୟାୟ—ଚାର୍ଲସ୍ ପ୍ରଥମଙ୍କୁ ମୃତ୍ୟୁଦଣ୍ଡ, ଅଲିଭର କ୍ରମୱେଲ ସାମ୍ବିଧାନିକ ପରୀକ୍ଷଣ ଏବଂ ବୈଦେଶିକ ନୀତି ୧୬୪୯ ଖ୍ରୀ:ଅ:ରେ ଇଂଲଣ୍ଡର ରାଜନୈତିକ ପରିସ୍ଥିତି, ସାଧାରଣତନ୍ତ୍ରର ସୁରକ୍ଷା, ସ୍କଟଲ୍ୟାଣ୍ଡରେ ବିଦ୍ରୋହ, ନୂତନ ଶାସନ ପଦ୍ଧତି ପ୍ରଚଳନ ନିମନ୍ତେ ଉଦ୍ୟମ, ବେଆରବୋନ ସଂସଦ, ଶାସନ ନିଦର୍ଶନ ପତ୍ର, ପ୍ରଥମ ପ୍ରୋଟେକ୍ଟୋରେଟ ସଂସଦ, ମେଜର ଜେନେରାଲ ଶାସନ ବ୍ୟବସ୍ଥା, ଦ୍ୱିତୀୟ ପ୍ରୋଟେକ୍ଟୋରେଟ ସଂସଦ, ବୈଦେଶିକ ନୀତି, ଇଂଲଣ୍ଡ ଓ ହଲାଣ୍ଡ, ଇଂଲଣ୍ଡ ଓ ସ୍ପେନ୍, ଜେମସ୍ ଦ୍ୱିତୀୟ ଓ ୧୬୮୮ ଖ୍ରୀ:ଅ:ର ଗୌରବମୟ ବିପ୍ଳବ ଏବଂ ବୁଝାମଣା, ୧୬୮୯ ଖ୍ରୀ:ଅ: : ବିପ୍ଳବର କାରଣ, ବିଦ୍ରୋହ ସୂତ୍ରପାତ, ବିପ୍ଳବ ବୁଝାମଣା, ହାନୋଭରିଆନ ରାଜବଂଶ : ଜର୍ଜ ପ୍ରଥମ ଏବଂ ଜର୍ଜ ଦ୍ୱିତୀୟ, ମନ୍ତ୍ରୀମଣ୍ଡଳର ବିକାଶ, ହୁଇଗ୍ ଗୋଷ୍ଠୀ ତନ୍ତ୍ର ପ୍ରତିଷ୍ଠା, ଜାକୋବାଇଟ ଷଡ଼ଯନ୍ତ୍ର, ଜର୍ଜ ପ୍ରଥମଙ୍କର ରାଜତ୍ୱର ମୁଖ୍ୟ ଘଟଣାବଳୀ, ସପ୍ତବାର୍ଷିକ ଆଇନ୍, ଦଙ୍ଗା ଆଇନ୍, ଧାର୍ମିକ ନୀତି, ପିଅରେଜ ବିଧେୟକ, ୧୭୧୯ ଖ୍ରୀ:ଅ:, ଦକ୍ଷିଣ ସାଗର କମ୍ପାନୀ ପ୍ରତାରଣା, ୧୭୨୦ ଖ୍ରୀ:ଅ:, ବୈଦେଶିକ ନୀତି, ଜର୍ଜ ଦ୍ୱିତୀୟଙ୍କ ରାଜତ୍ୱର ମୁଖ୍ୟ ଘଟଣାବଳୀ, ଗ୍ରେଗୋରିଆନ୍ କାଲେଣ୍ଡର, ଜାକୋବାଇଟ୍ ବିକ୍ଷୋଭ, ବୈଦେଶିକ ନୀତି, ରବର୍ଟ ୱାଲପୋଲଙ୍କ ମନ୍ତ୍ରୀମଣ୍ଡଳ, ପ୍ରଧାନମନ୍ତ୍ରୀ ଭାବରେ ୱାଲପୋଲ୍, ଆର୍ଥିକ ସଂସ୍କାର, ଧାର୍ମିକ ନୀତି, ବୈଦେଶିକ ନୀତି, ଋଷିଆ : ଋଷିଆରେ ଜାର୍‌ମାନଙ୍କର ଶାସନ ସଂସ୍କାର ଓ ଋଷ ବିପ୍ଳବ-୧୯୧୭, ଜାର୍ ପ୍ରଥମ ଆଲେକଜାଣ୍ଡାର, ପ୍ରଥମ ନିକୋଲାସ୍, ଜାର୍ ଦ୍ୱିତୀୟ ଆଲେକଜାଣ୍ଡାର, ସାମାଜିକ ସଂସ୍କାର, ରାଜନୈତିକ ସଂସ୍କାର, ବିଚାର ବିଭାଗ ସଂସ୍କାର, ସଂସ୍କାର ନୀତି ପ୍ରତ୍ୟାହାର, ନାସ୍ତିବାଦ ଆନ୍ଦୋଳନ ଏବଂ ନାସ୍ତିବାଦ, ଜାର୍ ତୃତୀୟ ଆଲୋକଜାଣ୍ଡାର, ଜାର୍ ଦ୍ୱିତୀୟ ନିକୋଲାସ୍, ଋଷ ବିପ୍ଳବ, ରାଜନୀତିକ ଚିନ୍ତାଧାରା, ସାମାଜିକ ବ୍ୟବସ୍ଥା, ଦାର୍ଶନିକ କାରଣ, ବୈଦେଶିକ ଯୁଦ୍ଧରେ ଋଷର ପରାଜୟ, ଅନ୍ୟାନ୍ୟ ସଂଗଠନର ଭୂମିକା, ବିପ୍ଳବର ଗତି, ବିପ୍ଳବର ଫଳାଫଳ, ପର୍ତ୍ତୁଗାଲ, ଜର୍ମାନୀ, ଇଟାଲୀ ।	

ଅଧ୍ୟାୟ	ବିଷୟ	ପୃଷ୍ଠା

UNIT - V : ଷୋଡ଼ଶ ଶତାବ୍ଦୀର ଅର୍ଥନୈତିକ ବିକାଶ

275 - 288

ଦଶମ :

ଷୋଡ଼ଶ ଶତାବ୍ଦୀର ଅର୍ଥନୈତିକ ବିକାଶ :

ଭୂମଧ୍ୟସାଗରରୁ ଆଟଲାଣ୍ଟିକକୁ ଅର୍ଥନୈତିକ ସନ୍ତୁଳନତାର ସ୍ଥାନାନ୍ତରିତକରଣ :

ବାଣିଜ୍ୟିକ ବିପ୍ଳବ : ବାଣିଜ୍ୟିକ ବିପ୍ଳବର କାରଣ : ପୁଞ୍ଜି ବୃଦ୍ଧି, ବ୍ୟାଙ୍କ ବ୍ୟବସ୍ଥାର ଉତ୍ଥାନ, ଉଧାନ ପ୍ରଦାନ ସୁବିଧାର ବିସ୍ତାର, ବ୍ୟବସାୟିକ ସଂସ୍ଥାଗୁଡ଼ିକର ଅଭିବୃଦ୍ଧି, ଯୌଥ ପ୍ରତିଭୂତି ବ୍ୟବସାୟିକ ସଂସ୍ଥା, ଦକ୍ଷ ମୁଦ୍ରା ଅର୍ଥନୀତି, ବାଣିଜ୍ୟ ବିପ୍ଳବର ସ୍ୱଭାବ ଓ ଏହାର ଅପକାରିତା, ଦକ୍ଷିଣସାଗର କାଞ୍ଚନିକ ଧାରଣା, ମିସିସିପି କାଞ୍ଚନିକ ଧାରଣା, ବାଣିଜ୍ୟ ବିପ୍ଳବରେ ରାଷ୍ଟ୍ରର ଭୂମିକା।

ଶିଳ୍ପ ଅଭିବୃଦ୍ଧି : ପାରିବାରିକ ଉତ୍ପାଦନ, ସ୍ଥାନଚ୍ୟୁତି ବ୍ୟବସ୍ଥାର ସୁବିଧା, ପାରିବାରିକ ବ୍ୟବସ୍ଥା ଅଧୀନସ୍ଥ ଗୁଣାତ୍ମକ ଜୀବନଚର୍ଯ୍ୟା, ଅନ୍ୟାନ୍ୟ ଗ୍ରାମ୍ୟ ଉତ୍ପାଦନ କାର୍ଯ୍ୟକ୍ରମ।

ଶିଳ୍ପ ଅଭିବୃଦ୍ଧିର ପ୍ରଭାବ : ଅବିକଶିତ ପରିବହନ ବ୍ୟବସ୍ଥା, ପରିବହନ ବ୍ୟବସ୍ଥାର ଉନ୍ନତିକରଣ, ସହରୀ ଉତ୍ପାଦନ କେନ୍ଦ୍ର, ପରିବର୍ତ୍ତିତ ଯନ୍ତ୍ର ଓ ପ୍ରଯୁକ୍ତିବିଦ୍ୟାର ପ୍ରଭାବ, ନୂତନ ଯନ୍ତ୍ର ଓ ପ୍ରଯୁକ୍ତି ବିଦ୍ୟାର କୁପରିଣାମ।

ପରିଶିଷ୍ଟ

ମାନଚିତ୍ର ଓ ଚିତ୍ରାବଳୀ ସୂଚୀ : 291 - 293

References : 294 - 294

❑•❑

UNIT - I

ସାମନ୍ତବାଦରୁ ପୁଞ୍ଜିବାଦକୁ ପରିବର୍ତ୍ତନ :

[TRNSITION FROM FEUDALISM TO CAPITALISM]

ସାମନ୍ତବାଦରୁ ପୁଞ୍ଜିବାଦକୁ ପରିବର୍ତ୍ତନ

(TRANSITION FROM FEUDALISM TO CAPITALISM)

ୟୁରୋପରେ ଖ୍ରୀଷ୍ଟୀୟ ଚତୁର୍ଥ ଶତାବ୍ଦୀ ପ୍ରାରମ୍ଭରୁ ଚର୍ତୁଃଦଶ ଶତାବ୍ଦୀର ଶେଷ ପର୍ଯ୍ୟନ୍ତ ସାମନ୍ତବାଦ ପ୍ରଥା ପ୍ରଚଳନ ଥିଲା । ଖ୍ରୀଷ୍ଟୀୟ ପଞ୍ଚଦଶ ଶତାବ୍ଦୀର ପ୍ରବେଶ ସହ ପାଶ୍ଚାତ୍ୟ ଜଗତରେ ପୁଞ୍ଜିବାଦର ଆବିର୍ଭାବ ଘଟିଥିଲା । ସାଧାରଣ ରୂପେ ବିଶ୍ୱାସ କରାଯାଏ ଯେ ୟୁରୋପରେ ନବଜାଗରଣ ଆନ୍ଦୋଳନର ଆରମ୍ଭ ସହ ସାମନ୍ତବାଦ ପ୍ରଥାର ଅନ୍ତ ଘଟିଥିଲା । ନବଜାଗରଣ ଯୁଗରେ କଳା, ବିଜ୍ଞାନ, ସାହିତ୍ୟ ଏବଂ ମାନବ ସ୍ୱାଧୀନତାର ଅଭୂତପୂର୍ବ ବିକାଶ ସାଧିତ ହୋଇଥିଲା । ନବଜାଗରଣ ସାମାନ୍ତବାଦୀ ୟୁରୋପୀୟ ସମାଜକୁ ଏକ ପୁଞ୍ଜିବାଦୀ ସମାଜରେ ପରିବର୍ତ୍ତନ କରିବାର ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ମଧ୍ୟ ଏହି ପରିବର୍ତ୍ତନର ତ୍ୱରାନ୍ୱୟତା ପାଇଁ ଅନ୍ୟ ଅନେକ କାରଣ ସହାୟତା ପ୍ରଦାନ କରିଥିଲେ । ଏହି କାରଣଗୁଡ଼ିକ ମଧ୍ୟରେ ସାମନ୍ତବାଦ ବ୍ୟବସ୍ଥାର ଅଭ୍ୟନ୍ତରରେ ଥିବା ତ୍ରୁଟିବିଚ୍ୟୁତି ତଥା ତତ୍‌କାଳିନ ମଧ୍ୟଯୁଗୀୟ ସମାଜ ଉପରେ ଦୀର୍ଘକାଳୀନ ପ୍ରଭାବ ପକାଇଥିବା ସାମନ୍ତବାଦୀ ବ୍ୟବସ୍ଥାର ବାହ୍ୟ ଶକ୍ତିଗୁଡ଼ିକ ଅନ୍ୟତମ ଥିଲା ।

ସାମନ୍ତବାଦ ବ୍ୟବସ୍ଥା ଭୁଷୁଡ଼ି ପଡିବାର କେତେକ ଆଭ୍ୟନ୍ତରଣୀୟ କାରଣଗୁଡ଼ିକ ମଧ୍ୟରେ ସାମନ୍ତମାନଙ୍କ ମଧ୍ୟସ୍ଥ ଅର୍ନ୍ତଯୁଦ୍ଧ, ସାଧାରଣ ପ୍ରଜାମାନଙ୍କ ମଧ୍ୟରେ ଦେଖାଦେଇଥିବା ବିଦ୍ରୋହ ଏବଂ ସାମୁହିକ ରୂପେ ସାମନ୍ତବାଦ ବ୍ୟବସ୍ଥାର ଅସାମର୍ଥ୍ୟ ଦାୟୀଥିଲା । ସାମନ୍ତବାଦ ବ୍ୟବସ୍ଥା ସମ୍ରାଟ ଏବଂ ପ୍ରଜାମାନଙ୍କ ମଧ୍ୟରେ ଗୋଷ୍ଠୀମୁଖ୍ୟ ବା ସାମନ୍ତମାନଙ୍କୁ ସ୍ଥାନିତ କରିଥିଲା । ଫଳରେ ସାଧାରଣ ପ୍ରଜା ଏବଂ ସମ୍ରାଟଙ୍କ ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଉଥିଲା । ଖ୍ରୀଷ୍ଟୀୟ ଚର୍ତୁଃଦଶ ଶତାବ୍ଦୀରେ ସମଗ୍ର ୟୁରୋପରେ ଏକ କୃଷକ ବିଦ୍ରୋହର ସୂତ୍ରପାତ ହୋଇଥିଲା । ଏହା ପ୍ରଚଳିତ ପ୍ରାଚୀନ ବ୍ୟବସ୍ଥାକୁ ଭଙ୍ଗ କରି ଏକ ଆଧୁନିକ ସାମାଜିକ ଅର୍ଥନୀତିର ଆୟମାରମ୍ଭ କରିଥିଲା । ଏହି ବିଦ୍ରୋହ ଫଳରେ ଜାତୀୟ ସମ୍ପତ୍ତିକୁ କ୍ଷୁଦ୍ର କୃଷକମାନଙ୍କ ମଧ୍ୟରେ ବଣ୍ଟନ କରାଯାଇଥିଲା ।

ମଧ୍ୟଯୁଗରେ କରାଯାଇଥିବା ଭୌଗଳିକ ଅଭିଯାନ ଏବଂ ଭ୍ରମଣ ଅଭିଯାତ୍ରାଗୁଡ଼ିକ ଇଂଲଣ୍ଡ ପାଇଁ ନୂତନ ବାଣିଜ୍ୟପଥ ଖୋଲି ଦେଇଥିଲା । ବାଣିଜ୍ୟର ବିକାଶ ଅଧିକ ସହର ଏବଂ ଅଧିକ ସଂଖ୍ୟକ ବଣିକଙ୍କୁ ସୃଷ୍ଟି କରିଥିଲା । ପରସ୍ପର ସହ ଯୋଗାଯୋଗ ବ୍ୟବସ୍ଥାର ଉନ୍ନତି ଘଟିବାରୁ ଗୃହ ମଧ୍ୟରେ ଆବଦ୍ଧ ଥିବା ବ୍ୟକ୍ତିମାନେ କାର୍ଯ୍ୟତତ୍ପର ହୋଇ ପଡ଼ି ସହରଗୁଡ଼ିକର ଉତ୍ଥାନରେ ସହାୟତା କରିଥିଲେ, ଯାହା ସମାଜରେ ଏକ "ମଧ୍ୟବିତ୍ତ ସମ୍ପ୍ରଦାୟ"ର ଅଭ୍ୟୁଦୟ ଘଟାଇଥିଲା । ଏହି ପ୍ରକ୍ରୀୟା ଖ୍ରୀଷ୍ଟୀୟ ଚର୍ତୁଃଦଶ ଶତାବ୍ଦୀରେ ଅତ୍ୟନ୍ତ ଗତିଶୀଳ ହୋଇ ସମାଜରେ ପ୍ରଚଳିତ ଥିବା ସାମନ୍ତବାଦ ଶ୍ରେଣୀକରଣକୁ ଯଥେଷ୍ଟ ରୂପେ ନଷ୍ଟ କରି ଦେଇଥିଲା । ସହର ଏବଂ ନଗରଗୁଡ଼ିକର ଉତ୍ଥାନ ସାଧାରଣ ବର୍ଗର ପ୍ରଜାମାନଙ୍କୁ ନିଯୁକ୍ତିର ବିକଳ୍ପ ବ୍ୟବସ୍ଥା ପ୍ରଦାନ କରିବା ଦ୍ୱାରା କୃଷକମାନଙ୍କ ଜୀବନ ନିର୍ବାହରେ ଉନ୍ନତି ଆସିଥିଲା । ଏହା ସହର ଓ ନଗରଗୁଡ଼ିକୁ

କୃଷକମାନଙ୍କ ସ୍ଥାନାନ୍ତରିକରଣକୁ ଉତ୍ସାହିତ କରିଥିଲା । କୃଷି ଭୃତ୍ୟ (Fiefs) ମାନେ ସେମାନଙ୍କ ଭୂମ୍ୟାଧିପତିଙ୍କୁ ପରିତ୍ୟାଗ କରିବା ପୂର୍ବକ ସହର ଓ ନଗରମାନଙ୍କୁ ପଳାୟନ କଲେ । ଫଳରେ ଭୂମ୍ୟାଧିପତିମାନେ କୃଷି ଶ୍ରମିକ ନପାଇ ସେମାନଙ୍କ କୃଷିଭୂମିରେ ଚାଷ କରିପାରିଲେ ନାହିଁ; ଏଣୁ ସାମନ୍ତବାଦ ବ୍ୟବସ୍ଥା ପତନ ଦିଗରେ ଗତି କଲା ।

ପରିବର୍ତ୍ତିତ ପରିସ୍ଥିତିରେ ଭୂମ୍ୟାଧିକାରୀ ସାମନ୍ତମାନେ ସେମାନଙ୍କ କୃଷି ଭୃତ୍ୟମାନଙ୍କ ଦ୍ୱାରା ଗୀର୍ଜାରେ ଉପାସନା କରିବାକୁ ନିଶ୍ଚିତ କଲେ । ରବିବାରକୁ ସାପ୍ତାହିକ ଛୁଟି ଘୋଷଣା କରାଯିବା ସହ ଭୂମ୍ୟାଧିକାରୀମାନଙ୍କ ଦ୍ୱାରା ସେମାନଙ୍କ କୃଷି ଭୃତ୍ୟମାନଙ୍କୁ ରବିବାରରେ ବଳପୂର୍ବକ ଶ୍ରମକରାଇବାରୁ ନିବୃତ୍ତ କରାଗଲା । ପ୍ରମୁଖ ରୂପେ ସାମନ୍ତବାଦ ବ୍ୟବସ୍ଥା ଦୁଇଟି ଆଧାରରେ ବଞ୍ଚିରହିଥିଲା । "ଧ୍ୱଂସାବଶେଷ ଏବଂ ବିପର୍ଯ୍ୟୟରୁ ଉଦ୍ଧାର" (Survival and salvation – Hamilton, 2007) । ବଣିକମାନେ ବିତ୍ତଶାଳୀ ସହର ଓ ନଗରଗୁଡ଼ିକ ତ୍ୟାଗ କରି ସାମନ୍ତମାନଙ୍କ ଦୌରାତ୍ମ୍ୟରୁ ମୁକ୍ତ ନିରାପଦ ୟୁରୋପୀୟ ଗ୍ରାମଗୁଡ଼ିକ ମଧ୍ୟକୁ ପ୍ରବେଶ କଲେ । ସାମନ୍ତ ଏବଂ କୃଷିଶ୍ରମିକମାନେ ଯଥାକ୍ରମେ "ବ୍ୟକ୍ତିଗତ ସାମରିକବାହିନୀ" ଏବଂ "ସାଧାରଣ ନାଗରିକ"ରେ ପରିବର୍ତ୍ତିତ ହେଲେ; କାରଣ ବଣିକମାନେ ସମ୍ରାଟଙ୍କର ନୂତନ ଶକ୍ତି ଉତ୍ସରୂପେ ପ୍ରତିୟମାନ ହେଲେ ।

କାର୍ଲମାର୍କଙ୍କ ମତାନୁଯାଇ ମୁଖ୍ୟତଃ ଆଭ୍ୟନ୍ତରଣୀୟ କାରଣ ଯୋଗୁ ସାମନ୍ତବାଦର ପତନ ଘଟିଥିଲା । ତାଙ୍କର ବିଚାର ହେଲା "ନୂତନ ବଜାର ସୃଷ୍ଟି ଏବଂ ବାଣିଜ୍ୟର ସମୃଦ୍ଧି ଯୋଗୁ ପଣ୍ୟଦ୍ରବ୍ୟଗୁଡ଼ିକର ଚାହିଦାରେ ବୃଦ୍ଧି ଘଟିଥିଲା । ମାତ୍ର ଏହି ନୂତନ ବର୍ଦ୍ଧିତ ଯୋଗଣଦାବିକୁ ପୂରଣ କରିବା ପାଇଁ ସ୍ଥାଣୁ ସାମନ୍ତବାଦ ବ୍ୟବସ୍ଥାର ସ୍ୱଳ୍ପ ଉତ୍ପାଦନ କ୍ଷମତା ବିଫଳ ହୋଇଥିଲା । ଉତ୍ପାଦନ ବୃଦ୍ଧିର ନୂତନ କୌଶଳ ଆବିଷ୍କୃତ ହେଲା; ଯାହା ଶ୍ରମ ବିଭାଜନ ବ୍ୟବସ୍ଥା (Division of Labour) ଉପରେ ପର୍ଯ୍ୟବସିତ ଥିଲା ଏବଂ ଏହା କ୍ରମେ ପୁଞ୍ଜିପତି ଉତ୍ପାଦନ ବ୍ୟବସ୍ଥାକୁ ପରିବର୍ତ୍ତିତ ହେଲା । ଏଣୁ ପୁଞ୍ଜିପତି ଉତ୍ପାଦନ ବ୍ୟବସ୍ଥାର ଉନ୍ନତି ଘଟିଲା ଏବଂ ଭୂମ୍ୟାଧିକାରୀମାନେ ନିଜକୁ ବଣିକ ରୂପେ ଉପସ୍ଥାପିତ କଲେ ତଥା ଅଧିକ ଆର୍ଥିକ ଲାଭ ପାଇଁ ମନୋନିବେଶ କଲେ । କୃଷି ପାଇଁ ଉନ୍ନତ ବୈଷୟିକ ପଦ୍ଧତି ଅବଲମ୍ବନ କରି ଉତ୍ପାଦନ ବୃଦ୍ଧି କରିବାକୁ ଅପେକ୍ଷାକୃତ ବୃହତ୍ କୃଷିକ୍ଷେତ୍ରର ଆବଶ୍ୟକତା ପଡ଼ିଲା । କୃଷି ଶ୍ରମିକମାନଙ୍କୁ କୃଷିବସତିଗୁଡ଼ିକରୁ ବହିଷ୍କାର କରାଗଲା । ଏପରି ବହିଷ୍କୃତ ଶ୍ରମିକମାନଙ୍କ ମଧ୍ୟରୁ ଅଧିକାଂଶ ସହର ବା ନଗରଗୁଡ଼ିକ ଦିଗରେ ସ୍ଥାନାନ୍ତରିତ ହୋଇ ଜୀବିକା ନିର୍ବାହ କରିବାକୁ ଲାଗିବା ବେଳେ, ଅବଶିଷ୍ଟ କୃଷି ଶ୍ରମିକମାନେ ପୂର୍ବପରି କୃଷିକ୍ଷେତ୍ର ପାର୍ଶ୍ୱବର୍ତ୍ତି ଅଞ୍ଚଳରେ ଅବସ୍ଥାନ କରି ଦୈନିକ ଶ୍ରମଜୀବି ବା ଦିନମୁଲିଆ ରୂପେ କାର୍ଯ୍ୟ କରି ଚାଲିଲେ ।

ସାମନ୍ତବାଦରୁ ପୁଞ୍ଜିବାଦକୁ ପରିବର୍ତ୍ତିତ ହେବାର ଏକ ମୁଖ୍ୟ ବାହ୍ୟକାରଣ ହେଲା – "ବାଣିଜ୍ୟର ବିକାଶ" । ୟୁରୋପରେ ରାଜନୀତିରେ ଅଧିକ ସ୍ଥିରତା ଆସିବାରୁ ବଣିକମାନେ ସମୃଦ୍ଧ ହେବାକୁ ଲାଗିଲେ । ବଣିକମାନେ ଏକ ସ୍ୱତନ୍ତ୍ର ଶ୍ରେଣୀର ବ୍ୟକ୍ତିବିଶେଷ ଥିଲେ; କାରଣ ସେମାନଙ୍କର କୌଣସି ଚୁକ୍ତିବଦ୍ଧତା ନଥିଲା ଏବଂ ସେମାନେ କେବଳ ନିଜର ଲାଭପାଇଁ ବାଣିଜ୍ୟ କରୁଥିଲେ । ବିନା ବାଣିଜ୍ୟରେ ସମସ୍ତ ସାମାଜିକ ବ୍ୟବସ୍ଥା ସ୍ଥାଣୁ ହୋଇଯାଉଥିଲା । ପ୍ରକୃତରେ ବଣିକମାନେ ସାମନ୍ତବାଦୀ ସମାଜକୁ କେବଳ ଏକ ଜୀବିକା ନିର୍ବାହ ସ୍ତରରୁ ଉତ୍ଥିତ କରି ଏକ ଅର୍ଥନୈତିକ ରୂପେ ଲାଭଦାୟକ ବ୍ୟବସ୍ଥାକୁ ପରିବର୍ତ୍ତିତ କଲେ । ଏହା ସମାଜରେ ମୂଳଧନ ବୃଦ୍ଧି (Capital gain) ଉପଲବ୍ଧିକୁ ସଞ୍ଜିବିତ କରିଥିଲା । ନୂତନ ବଣିକ ଗୋଷ୍ଠୀ ସମ୍ରାଟଙ୍କୁ ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକୀୟ ଅର୍ଥ ପ୍ରଦାନ କରିଥିଲେ । ପ୍ରତିବଦଳରେ ସମ୍ରାଟ ବଣିକମାନଙ୍କୁ ପୃଷ୍ଠପୋଷକତା ପ୍ରଦାନ କରି ସେମାନଙ୍କର ବାଣିଜ୍ୟକୁ ପ୍ରୋତ୍ସାହିତ କରିଥିଲେ ।

ସମ୍ରାଟମାନେ ଏବେ ବଣିକମାନଙ୍କଠାରୁ ଅର୍ଥ ସଂଗ୍ରହ କରି ସେମାନଙ୍କର ନିଜସ୍ୱ ସୈନ୍ୟବାହିନୀ ପ୍ରସ୍ତୁତ କଲେ, ଯାହା କେବଳ ସମ୍ରାଟଙ୍କ ପ୍ରତି ଅନୁଗତ୍ୟ ପ୍ରକାଶ କଲା । ସେମାନେ ପୂର୍ବ ପ୍ରଚଳିତ ପ୍ରଥାନୁଯାୟୀ ସୈନ୍ୟବଳ ପାଇଁ ସାଧାରଣ ପ୍ରଜାଙ୍କ ଉପରେ ନିର୍ଭରଶୀଳ ହେଲେ ନାହିଁ । ସାମନ୍ତଯୋଦ୍ଧାମାନେ କେବଳ ଅର୍ଥ ପାଇଁ କାର୍ଯ୍ୟ କରୁଥିଲେ ଏବଂ ସେମାନେ ସମଗ୍ର ୟୁରୋପରେ ଏକ ଭୀତି ଉଦ୍ରେକ ବାତାବରଣ ସୃଷ୍ଟି କରି ରଖିଥିଲେ । ଏପରି ସନ୍ତ୍ରାସବାଦୀ ସାମନ୍ତମାନଙ୍କ କବଳରୁ ରକ୍ଷା ପାଇବା ପାଇଁ ବଣିକ ଓ ଶାସକମାନଙ୍କୁ ବୃତ୍ତିଗତ ରୂପେ ପ୍ରଶିକ୍ଷିତ ବ୍ୟକ୍ତିଗତ ସୈନ୍ୟବଳ ଏବଂ ବ୍ୟବସ୍ଥିତ ସୈନ୍ୟବାହିନୀ ପ୍ରତିପୋଷଣ କରିବାକୁ ପଡ଼ିଲା । ଏହା ପରିଶେଷରେ ୟୁରୋପରୁ ସାମନ୍ତବାଦକୁ ନିଃଶେଷ କରିଦେଲା । ଯୁଦ୍ଧ ପାଇଁ ସୈନ୍ୟବାହିନୀ ଗଠନ କରିବାକୁ ପାରିଶ୍ରମିକ ରୂପେ କୃଷିଭୂମି ଅନୁଦାନ ପ୍ରଦନ କରିବା ପରିବର୍ତ୍ତେ ନଗଦ ଅର୍ଥର ବ୍ୟବହାର କରାଗଲା । ଭୂମି ଅନୁଦାନ ଗ୍ରହଣର ପ୍ରାଚୀନ ସାମନ୍ତବାଦୀ ବ୍ୟବସ୍ଥା, ଯାହା ସାମନ୍ତବାଦର ମୌଳିକ ଆଧାର ଥିଲା । ନଗଦ ଅର୍ଥ ପ୍ରଦାନରେ ତାହା ଅଚଳ ହୋଇପଡ଼ିଲା । କାରଣ ବର୍ତ୍ତମାନ ଅର୍ଥବଳ ମୁଖ୍ୟ ଶକ୍ତିରୂପେ ବିବେଚିତ ହେଲା । ଏକଦା ସମ୍ରାଟଙ୍କ ଚକ୍ଷୁପରି ଥିବା ମୂଲ୍ୟବାନ "କୃଷିଭୂମି" ବର୍ତ୍ତମାନ ମୂଲ୍ୟହୀନ ହୋଇପଡ଼ିଲା । ଏହି ପରିପ୍ରେକ୍ଷୀରେ ୟୁରୋପ ଏକ "କୃଷିଭୂମି ଆଧାରିତ ଅର୍ଥନୀତି"ରୁ "ନଗଦ ଅର୍ଥ ଭିତ୍ତିକ ଅର୍ଥନୀତିକୁ" ରୂପାନ୍ତରିତ ହେଲା । ପରବର୍ତ୍ତି କାଳରେ ଅର୍ଥ ବିନିମୟରେ ଭୂସମ୍ପତ୍ତିକୁ ଭଡ଼ାସୂତ୍ରରେ ଅନ୍ୟକୁ ପ୍ରଦାନ କରାଗଲା ଏବଂ କୃଷିଶ୍ରମିକମାନଙ୍କ ଉପରେ ଭୂମ୍ୟାଧିକାରୀ (Lords)ମାନଙ୍କ ଥିବା ଅଧିକାରକୁ ସଙ୍କୁଚିତ କରାଗଲା ।

ଖ୍ରୀଷ୍ଟୀୟ ଚତୁର୍ଦ୍ଦଶ ଶତାବ୍ଦୀର ଦୃତ ଜନସଂଖ୍ୟା ହ୍ରାସ ସଙ୍କଟ ସାମନ୍ତବାଦକୁ ଦୁର୍ବଳ କରିବାର ଅନ୍ୟ ଏକ ବାହ୍ୟ କାରଣ ଥିଲା । ଉତ୍କଟ କୁଖ୍ୟାତ ମରୁଡ଼ି (The Great Famine 1315–1350 AD) ୟୁରୋପର କୃଷି ଉତ୍ପାଦନରେ ସଙ୍ଘାତିକ ରୂପେ ହ୍ରାସ ଘଟାଇଥିଲା । ଏହା ଭୂମ୍ୟାଧିକାରୀମାନଙ୍କୁ କୃଷିଉତ୍ପାଦନ ବୃଦ୍ଧି ପାଇଁ ନୂତନ କୌଶଳ ଅବଲମ୍ବନ କରିବା ପାଇଁ ବାଧ୍ୟ କରାଇଥିଲା । କଳାମୃତ୍ୟୁ ମହାମାରୀ ବା ପ୍ଲେଗ୍ ମହାମାରୀ ବା ମଡ଼କ (The Black Death : 1348 – 1350 A.D.) ୟୁରୋପର ଜନସଂଖ୍ୟାକୁ ଅତିମାତ୍ରାରେ ହ୍ରାସ କରିଦେଇଥିଲା; ଫଳରେ ଶ୍ରମିକମାନେ ଅତି ଦୁର୍ମୂଲ୍ୟ ଶ୍ରେଣୀରେ ପରିଗଣିତ ହେଲେ । ଭୂମ୍ୟାଧିକାରୀମାନେ ସେମାନଙ୍କର ନିଖୋଜ କୃଷିଭୃତ୍ୟମାନଙ୍କୁ ନିଜର ମୂଳଧନ ଜ୍ଞାନକରି ଅନ୍ୱେଷଣ କରି ବୁଲିଲେ ଏବଂ ସେମାନଙ୍କୁ ଧରିଆଣି ବଳପୂର୍ବକ ନିଜ ଜମିର କୃଷିକାର୍ଯ୍ୟରେ ନିୟୋଜିତ କରିବାକୁ ଯୁକ୍ତି ବାଢ଼ିଲେ । କୃଷିଭୃତ୍ୟମାନଙ୍କ ଶ୍ରମକୁ ସୁନିୟନ୍ତ୍ରିତ କରିବା ପାଇଁ କରାଯାଇଥିବା ସମସ୍ତ ନ୍ୟାୟିକ ପ୍ରଚେଷ୍ଟା ବୃଥା ଯାଇଥିଲା; କାରଣ ଦରିଦ୍ର କୃଷିଭୃତ୍ୟମାନେ ନିଜ ଭୂମ୍ୟାଧିକାରୀଙ୍କ କୃଷିକ୍ଷେତ୍ରରେ ଭଡ଼ାଟିଆ ଶ୍ରମିକ ରୂପେ ସେବା ପ୍ରଦାନ କରିବାକୁ ବାଧ୍ୟ ଥିଲେ ।

ଉପସଂହାରରେ କୁହାଯାଇପାରେ ଯେ ସାମନ୍ତବାଦକୁ ଆଶ୍ରୟ ପ୍ରଦାନ କରିଥିବା ଭିତ୍ତିଭୂମି ସମୟର ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବାରେ ବିଫଳ ହୋଇଥିଲା । ୟୁରୋପୀୟ ସମାଜର ନବଜାଗରଣ ସାମନ୍ତବାଦ ଉପରେ ଶକ୍ତ କୁଠାରାଘାତ କରିଥିଲା । ଜନସାଧାରଣ କଳା, ବୈଷୟିକ ଜ୍ଞାନ ଏବଂ ନୂତନ ପରିବର୍ତ୍ତନରେ ପ୍ରବୃଦ୍ଧ ହୋଇ ମଧ୍ୟଯୁଗୀୟ ସାମନ୍ତବାଦ ବ୍ୟବସ୍ଥାକୁ ପରିତ୍ୟାଗ କରିବା ସହ ଆଧୁନିକ ପୁଞ୍ଜିବାଦ ଯୁଗରେ ପ୍ରବେଶ କରିଥିଲେ ।

ଅଧ୍ୟାୟ ୧

ପରିବର୍ତ୍ତନର ସମସ୍ୟାବଳୀ
(PROBLEMS OF TRANSITION)

ସାମନ୍ତବାଦରୁ ପୁଞ୍ଜିବାଦକୁ ପରିବର୍ତ୍ତିତ ହେବାର ପ୍ରମୁଖ ସମସ୍ୟା ସମୂହକୁ ବିଶ୍ଳେଷଣ କଲେ, ଏହି ପରିବର୍ତ୍ତନ ପାଇଁ ଦାୟୀ ଥିବା ଗୁରୁତ୍ୱପୂର୍ଣ୍ଣ କାରଣଗୁଡ଼ିକ ଲୋକଲୋଚନକୁ ଆସିପାରି ଥାଏ । ସମସ୍ୟାଗୁଡ଼ିକର ଆଧାରରେ ୟୁରୋପ ମହାଦେଶର ମଧ୍ୟଯୁଗୀୟ ସାମନ୍ତବାଦର ପୁଞ୍ଜିବାଦକୁ ପରିବର୍ତ୍ତିତ ହେବା ପାଇଁ ଦାୟୀକାରଣଗୁଡ଼ିକୁ ନିମ୍ନୋକ୍ତ ରୂପେ ବର୍ଣ୍ଣନା କରାଯାଇପାରେ; ଯଥା :-

(୧) ଅର୍ଥନୈତିକ ସମ୍ପ୍ରସାରଣ (Economic Expansion) :

ପଲ୍‌ସ୍ୱୀଯ୍ୟ (Paul Sweezy)ଙ୍କ ପରି ଅର୍ଥନୀତିଜ୍ଞଙ୍କ ମତରେ ସୁଦୂର ବାଣିଜ୍ୟର ପ୍ରାବଲ୍ୟତା ଦ୍ୱାରା ପ୍ରଭୂତ ଅର୍ଥନୈତିକ ସମ୍ପ୍ରସାରଣ ଘଟିବାରୁ, ତାହା ଏକ ମୁଖ୍ୟ କାରଣ ରୂପେ ସମାଜରୁ ସାମନ୍ତବାଦକୁ ବିଲୋପ କରି ପୁଞ୍ଜିବାଦର ପ୍ରତିଷ୍ଠା କରିଥିଲା । ଏହାର ପ୍ରତିକୂଳରେ ଯାଇ ହଣ୍ଟ୍ ଯୁକ୍ତିକରନ୍ତି ଯେ କୃଷି ଉତ୍ପାଦନର ବୃଦ୍ଧି କୁଟୀର ଶିଳ୍ପର ବିକାଶ ପାଇଁ ଯଥେଷ୍ଟ ବଳକା ଖାଦ୍ୟ ଏବଂ କଞ୍ଚାମାଲ ଉପଲବ୍ଧ କରାଇଥିଲା । ଏହା ମଧ୍ୟ ସହରଗୁଡ଼ିକର ଦ୍ରୁତ ବୃଦ୍ଧି ସହ ବିକଶିତ ହୋଇଥିବା ଉତ୍ପାଦନ ଶିଳ୍ପଗୁଡ଼ିକର ଶ୍ରମଜିବୀ ଆବଶ୍ୟକତାକୁ କୃଷିକାର୍ଯ୍ୟମୁକ୍ତ କୃଷିଭୃତ୍ୟମାନଙ୍କ ଦ୍ୱାରା ପୂରଣ କରିଥିଲା । ଅତିରିକ୍ତ ଶ୍ରମଜିବୀ ଏବଂ ଯଥେଷ୍ଟ କଞ୍ଚାମାଲର ଉପଲବ୍ଧତା ଶିଳ୍ପବିକାଶକୁ ଶକ୍ତି ପ୍ରଦାନ କରିଥିଲା । ସୁଦୂରବାଣିଜ୍ୟର ସୁପରିଚାଳନା ପାଇଁ ଏଗୁଡ଼ିକ ପ୍ରାକ୍-ଆବଶ୍ୟକତା ଅଟେ ।

ହଣ୍ଟ୍‌ଙ୍କ ଯୁକ୍ତି ଅନୁଯାୟୀ ପ୍ରାରମ୍ଭିକ ସାମନ୍ତବାଦ କାଳରେ ଉତ୍ତର ଓ ଦକ୍ଷିଣୟୁରୋପରେ ସମୃଦ୍ଧ ବାଣିଜ୍ୟର ପ୍ରଚଳନ ଥିଲେ ମଧ୍ୟ ୟୁରୋପର ଅନ୍ୟାନ୍ୟ ଭାଗରେ ଏକ ସମାନ୍ତବାଦ ବ୍ୟବସ୍ଥା ବଳବତ୍ତର ରହିଥିଲା । ତାଙ୍କ ବକ୍ତବ୍ୟାନୁଯାୟୀ ଫ୍ରାନ୍ସର ପବିତ୍ର ଯୁଦ୍ଧଯାତ୍ରା (The Holy Crusades) ମଧ୍ୟ ଏହି ସାମନ୍ତବାଦ ବ୍ୟବସ୍ଥାରେ ଥିବା ଆଭ୍ୟନ୍ତରଣୀୟ ଶକ୍ତିର ଏକ ପରିପ୍ରକାଶ ଥିଲା । ସେମାନେ ଗୃହଯୁଦ୍ଧ ବିପର୍ଯ୍ୟୟକୁ ପ୍ରତିହତ କରିବା ପାଇଁ ଏକ ପ୍ରକାର ନିରାପତ୍ତା ନିୟନ୍ତ୍ରକ ଚାବିକାଠି (Safty Value)ର ଭୂମିକା ତୁଲାଇ ଥିଲେ ।

(୨) ଶିଳ୍ପ ଉତ୍ପାଦନ (Industrial Production) :

ସାମନ୍ତବାଦ ବ୍ୟବସ୍ଥାରେ କୁଶଳୀ କାରିଗର ଏବଂ କୁଟୀର ଶିଳ୍ପୀମାନେ ନଜସ୍ୱ ସୀମିତ ପରିସର ମଧ୍ୟରେ ବ୍ୟକ୍ତିଗତ କାର୍ଯ୍ୟ ସରଞ୍ଜାମ ଏବଂ କଞ୍ଚାମାଲକୁ ନେଇ ଶିଳ୍ପ ଉତ୍ପାଦନ କରୁଥିଲେ । ସମସ୍ତ ଉତ୍ପାଦନ ପ୍ରଣାଳୀ ସ୍ତରରେ ସେମାନେ

ସର୍ବଶେଷ ଉତ୍ପାଦିତ ବସ୍ତୁର ବ୍ୟକ୍ତିଗତ ମାଲିକ ଥିଲେ । ଶେଷରେ ସେମାନେ ବଣିକମାନଙ୍କୁ ନିଜର "ପ୍ରସ୍ତୁତ ଉତ୍ପାଦନ" (Finished Product) ବିକ୍ରୟ କରୁଥିଲେ । ବାଣିଜ୍ୟର ଦ୍ରୁତ ଅଭିବୃଦ୍ଧି ଘଟିବାରୁ ପ୍ରାଥମିକ ଅବସ୍ଥାରେ ବଣିକମାନେ କୁଶଳୀ କାରିଗରମାନଙ୍କୁ କଞ୍ଚାମାଲ ଏବଂ କାର୍ଯ୍ୟସରଞ୍ଜାମ ଯୋଗାଇବାକୁ ଆରମ୍ଭ କରିଥିଲେ । କାରିଗରମାନେ ସେପରି ବଣିକମାନଙ୍କୁ ନିଜସ୍ୱ "ପ୍ରସ୍ତୁତ ଉତ୍ପାଦନ" ହସ୍ତାନ୍ତର କରିବାକୁ ଆଶା କରାଯାଉଥିଲା; ମାତ୍ର ଏବେ ସୁଦ୍ଧା ମଧ୍ୟ କାରିଗରମାନେ ନିଜ ଗୃହରେ ଉତ୍ପାଦନ କାର୍ଯ୍ୟ ସମ୍ପାଦନ କରୁଥିଲେ; କିନ୍ତୁ ସମଗ୍ର ଉତ୍ପାଦନ ପ୍ରଣାଳୀ ଉପରେ ବଣିକ ଅନ୍ତିମ ରୂପେ ଉତ୍ପାଦିତ ବସ୍ତୁର ମାଲିକ ଥିଲେ । ପରବର୍ତ୍ତି କାଳର ଉତ୍ପାଦନ ବ୍ୟବସ୍ଥାରେ କାରିଗରମାନଙ୍କୁ ବଣିକଙ୍କ ଦ୍ୱାରା ସ୍ଥାପିତ ଏକ "ଉତ୍ପାଦନ କେନ୍ଦ୍ର"ରେ କାର୍ଯ୍ୟ କରିବା ପାଇଁ ନିର୍ଦ୍ଦେଶ ପ୍ରଦାନ କରାଯାଇଥିଲା । ଏହା ବର୍ତ୍ତମାନର "ଶିଳ୍ପ ବ୍ୟବସ୍ଥା"କୁ ଜନ୍ମ ଦେଇଥିଲା । ପ୍ରୟୋଗାତ୍ମକ ରୂପେ ପ୍ରଥମେ ବୟନଶିଳ୍ପ ଏହି ବ୍ୟବସ୍ଥା ଦ୍ୱାରା ପ୍ରତିଷ୍ଠିତ ହୋଇଥିଲା । ପରବର୍ତ୍ତି କାଳରେ ଏହି ବ୍ୟବସ୍ଥା ଅନ୍ୟ ଶିଳ୍ପକୁ ବ୍ୟାପି ଯାଇଥିଲା । ଗୃହ ବାହାରେ ଉତ୍ପାଦନ କରିବା ବ୍ୟବସ୍ଥା ସମାଜରେ ଦୁଇଟି ମୁଖ୍ୟ ପରିବର୍ତ୍ତନ ଆଣିଥିଲା; ସେଗୁଡ଼ିକ ହେଲା, ଯଥା : ଏକ ଶ୍ରମିକ ଶ୍ରେଣୀର ସୃଷ୍ଟି ଏବଂ ଶ୍ରମିକମାନେ କେବଳ ସେମାନଙ୍କର ଶ୍ରମ ବିକ୍ରି କରିବା ପାଇଁ କ୍ଷମତା ପ୍ରାପ୍ତ ହେବା ।

(୩) ବ୍ୟବସାୟ ଏବଂ ବାଣିଜ୍ୟ (Trade and Commerce) :

କୃଷି ଉତ୍ପାଦନ ବୃଦ୍ଧି ପ୍ରାରମ୍ଭିକ ରୂପେ ବ୍ୟବସାୟ ଓ ବାଣିଜ୍ୟର ବିକାଶକୁ ଉତ୍ସାହିତ କଲା । ମାତ୍ର ପରବର୍ତ୍ତି କାଳରେ ଏହା ସାମନ୍ତବାଦ ବ୍ୟବସ୍ଥାର ପତନ ଘଟାଇଥିଲା । ସାମନ୍ତ ଗୋଷ୍ଠୀମାନେ ସେମାନଙ୍କ ସୌଖିନ ଆବଶ୍ୟକତାକୁ ପୂରଣ କରିବା ପାଇଁ ନଗରଗୁଡ଼ିକ ଉପରେ ଅଧିକ ନିର୍ଭରଶୀଳ ହେବାକୁ ଲାଗିଲେ । ଏଥିପାଇଁ ସେମାନଙ୍କୁ ନଗଦ ଅର୍ଥର ଆବଶ୍ୟକତା ପଡିଲା । ନଗଦଅର୍ଥର ଆବଶ୍ୟକତାକୁ ପୂରଣ କରିବା ପାଇଁ ସେମାନେ କୃଷକମାନଙ୍କୁ ଅର୍ଥ ବିନିମୟରେ କୃଷିଭୂମି ଭଡ଼ାସୂତ୍ରରେ ପ୍ରଦାନ କରିବାକୁ ଆରମ୍ଭ କଲେ । ଏହି ବ୍ୟବସ୍ଥା ଫଳରେ ସାମନ୍ତମାନେ କେବଳ ଭୂମ୍ୟାଧିକାରୀ ହୋଇ ରହିଗଲେ । ଅଧିକାଂଶ ସ୍ଥଳେ ସେମାନେ "ଅନୁପସ୍ଥିତ ଭୂମ୍ୟାଧିକାରୀ" (Absentee Landlords) ଥିଲେ ।

ଅନ୍ୟ ପକ୍ଷରେ କୃଷକମାନେ ବଜାରରେ ସେମାନଙ୍କ ଦ୍ୱାରା ଉତ୍ପାଦିତ ଶସ୍ୟକୁ ବିକ୍ରୟ କରି ଲାଭବାନ ହେଲେ । ସେମାନେ ଏହି ଅର୍ଥରେ କୃଷିକ୍ଷେତ୍ର ପରିଚାଳନାରେ ସେବା ପ୍ରଦାନ କରୁଥିବା ଶ୍ରମିକମାନଙ୍କୁ ପ୍ରତିପୋଷଣ କଲେ । ଏହିପରି କୃଷକମାନେ ସାମନ୍ତମାନଙ୍କର ସମସ୍ତ ବନ୍ଧନରୁ ମୁକ୍ତ ହୋଇଗଲେ । ସେମାନେ ଉତ୍ପାଦିତ ବଳକା ଶସ୍ୟକୁ ବଜାରରେ ବିକ୍ରି କରିବା ପାଇଁ ସ୍ୱାଧୀନ ଥିଲେ ଏବଂ ସାମନ୍ତ ଭୂମ୍ୟାଧିକାରୀଙ୍କୁ କେବଳ ତାଙ୍କର ଭୂସମ୍ପତ୍ତିର ଭଡା ପ୍ରଦାନ କରୁଥିଲେ । ଏହି ସମସ୍ତ ପରିବର୍ତ୍ତନ ସାମନ୍ତବାଦ ବନ୍ଧନକୁ ଶିଥିଳ କରିଦେଇଥିଲା ।

ବାଣିଜ୍ୟର ବିସ୍ତାର ସମାଜରେ କେତେକ ପ୍ରମୁଖ ପରିବର୍ତ୍ତନ ଆଣିଥିଲା, ଯଥା –

(କ) ସ୍ଥାୟୀବଜାର ପ୍ରତିଷ୍ଠା (Establishment of Permanent Market) :

ମଧ୍ୟଯୁଗରେ ବସ୍ତୁପ୍ରତି ବଦଳ ବ୍ୟବସ୍ଥା (Batter System) ବାର୍ଷିକ ବାଣିଜ୍ୟ ମେଳାଗୁଡିକରେ ବିସ୍ତୃତ ରୂପେ ସମ୍ପାଦିତ ହେଉଥିଲା । ଏପରି ମେଳାରେ ଲୋକମାନେ ନିଜର ଆବଶ୍ୟକତା ଅନୁଯାୟୀ ଦ୍ରବ୍ୟ ପ୍ରତିବଦଳ କରିପାରୁଥିଲେ । ପ୍ରତିବଦଳ କରାଯାଇ ପାରୁଥିବା ଦ୍ରବ୍ୟଗୁଡ଼ିକ ମଧ୍ୟରେ ଶସ୍ୟ, ଲବଣ, ମସଲା, ମୂଲ୍ୟବାନ ରେଶମ ବସ୍ତ୍ର, ସୁବର୍ଣ୍ଣ ଓ ହୀରା ଆଦି ଅନ୍ୟତମ ଥିଲା । ଖ୍ରୀଷ୍ଟୀୟ ପଞ୍ଚଦଶ ଶତାବ୍ଦୀବେଳକୁ ଏହି "ବାର୍ଷିକ ବାଣିଜ୍ୟ ମେଳା"ଗୁଡ଼ିକ "ସ୍ଥାୟୀ ଦୈନିକ ବଜାର"ରେ ପରିବର୍ତ୍ତିତ ହୋଇଯାଇଥିଲା ।

(ଖ) ସାମନ୍ତବାଦ ମୁକ୍ତନଗର (Cities free of Feudalism) :

ନୂତନ ରୂପେ ଆର୍ବିଭୂତ ହୋଇଥିବା ନଗରଗୁଡ଼ିକ ସାମନ୍ତବାଦ ବ୍ୟବସ୍ଥାରୁ ମୁକ୍ତ ଥିଲେ । ସେହିପରି ସାମନ୍ତବାଦ ବ୍ୟବସ୍ଥାର କାରିଗରମାନେ ନୂତନ ନଗରଭିତ୍ତିକ ପୁଞ୍ଜିବାଦ ବ୍ୟବସ୍ଥାରେ ଯୋଗଦାନ କରିବା ପରେ ନିଜକୁ ପୂର୍ବର ସମସ୍ତ କୃଷିଭିତ୍ତିକ କାର୍ଯ୍ୟକଳାପରୁ ମୁକ୍ତ ରଖିଥିଲେ ।

(ଗ) ବ୍ୟାଙ୍କ ବ୍ୟବସ୍ଥାର ପ୍ରଚଳନ (Introduction of Banking System) :

ନୂତନ ରୂପେ ସ୍ଥାପିତ ବାଣିଜ୍ୟ କେନ୍ଦ୍ରଗୁଡ଼ିକରେ ମୁଦ୍ରା ବିନିମୟ, ଋଣ ପରିଶୋଧ, ଋଣ ପ୍ରଦାନ ଏବଂ ଆଧୁନିକ ବିଲ୍ (ପାଉଣା ଦାବିପତ୍ର - Draft / Cheque) ପ୍ରତିବଦଳର ଏକ ନୂତନ ତଥା ଜଟୀଳ ଅର୍ଥ ବ୍ୟବସ୍ଥା ପ୍ରଚଳିତ ହୋଇଥିଲା, ଯାହା ପରବର୍ତ୍ତି କାଳରେ "ଆଧୁନିକ ବ୍ୟାଙ୍କ ବ୍ୟବସ୍ଥା" (Modern Banking System) ରୂପେ ପରିଚିତ ହୋଇଥିଲା ।

(ଘ) ବାଣିଜ୍ୟନିୟମ (Commercial Law) :

ସାମନ୍ତବାଦୀ ପରମ୍ପରା ଏବଂ ଅଭ୍ୟାସର ପ୍ରତିକୂଳରେ ଯାଇ ବ୍ୟବସାୟିକ ଅପରାଧଗୁଡ଼ିକର ନିରାକରଣ ପାଇଁ ତତ୍କାଳୀନ ପରିସ୍ଥିତି ଅନୁକୂଳ ନୂତନ ବାଣିଜ୍ୟିକ ଆଇନମାନ ପ୍ରସ୍ତୁତ କରାଗଲା । ସମତାଳରେ ପୁଞ୍ଜିବାଦୀ ବୁଝାମଣା ପତ୍ର ଓ ଠିକା ବ୍ୟବସ୍ଥା ଆଦିର ପ୍ରଚଳନ ଆରମ୍ଭ ହୋଇଥିଲା ।

ସାମନ୍ତବାଦର ପତନ ଖ୍ରୀଷ୍ଟୀୟ ଚର୍ତୁଃଦଶ ଓ ପଞ୍ଚଦଶ ଶତାବ୍ଦୀରେ ଦେଖାଦେଇଥିବା ପ୍ରାକୃତିକ ଓ କୃତ୍ରିମ ଦୁର୍ବିପାକଗୁଡ଼ିକ ଯୋଗୁ ଅଧିକ କ୍ଷିପ୍ର ହୋଇଥିଲା । ଫ୍ରାନ୍ସ ଓ ଇଂଲଣ୍ଡ ମଧ୍ୟସ୍ଥ ଶତବର୍ଷର ଯୁଦ୍ଧ (୧୩୩୭ – ୧୪୫୩ ଖ୍ରୀ:ଅ:) ସେହି ଦୁଇଦେଶ ମଧ୍ୟରେ ବିଶୃଙ୍ଖଳାର ବାତାବରଣ ସୃଷ୍ଟି କରିଥିଲା । ୧୩୫୦ ଖ୍ରୀ:ଅର ପ୍ଲେଗ ମହାମାରୀ ଇଂଲଣ୍ଡର ଅର୍ଦ୍ଧେକ ଜନସଂଖ୍ୟାକୁ ମୃତ୍ୟୁମୁଖକୁ ଠେଲି ଦେଇଥିଲା । ସ୍ୱାଭାବିକ ରୂପେ ଯେକୌଣସି ଦୁର୍ବିପାକ ଦରିଦ୍ର ଶ୍ରେଣୀକୁ ଅଧିକ ପ୍ରଭାବିତ କରିଥାଏ । ଏହି ସୁଯୋଗରେ ସମ୍ଭ୍ରାନ୍ତମାନେ କୃଷିଭୃତ୍ୟ ବ୍ୟବସ୍ଥାକୁ ପୁର୍ନ ପ୍ରଚଳନ କରି ସେମାନଙ୍କ ଶ୍ରମିକ ସମସ୍ୟାର ସମାଧାନ କରିଥିଲେ । ମାତ୍ର ସାମନ୍ତବାଦକୁ ପୁର୍ନପ୍ରତିଷ୍ଠା କରିବାର ସେମାନଙ୍କ ପ୍ରଚେଷ୍ଟା ବିଫଳ ହୋଇଥିଲା । କେତେକ କ୍ଷେତ୍ରରେ ସାମନ୍ତବାଦକୁ ବିରୋଧ କରି କୃଷକମାନେ ହିଂସାତ୍ମକ ବିଦ୍ରୋହମାନ ମଧ୍ୟ କରିଥିଲେ ।

ନୌବାଣିଜ୍ୟର ବିକାଶ, ଆମେରିକାରୁ ଆମଦାନୀ ହୋଇଥିବା ସ୍ୱର୍ଣ୍ଣ ଓ ରୌପ୍ୟରେ ପ୍ରସ୍ତୁତ ମୁଦ୍ରାର ପ୍ରଚଳନ, ଖ୍ରୀଷ୍ଟୀୟ ଷୋଡ଼ଶ ଶତାବ୍ଦୀର ଉଚ୍ଚ ମୁଦ୍ରାସ୍ଫିତ, ଜାତୀୟ ରାଷ୍ଟ୍ରଗୁଡ଼ିକର ଅଭ୍ୟୁଦୟ ଏବଂ ସର୍ବୋପରି ୟୁରୋପର ନବଜାଗରଣ ତତ୍କାଳୀନ ସାମନ୍ତବାଦର ପତନ ଘଟାଇ ଏକ ପୁଞ୍ଜିବାଦ ବ୍ୟବସ୍ଥାର ପ୍ରତିଷ୍ଠା କରିଥିଲା ।

ଆଦର୍ଶ ପ୍ରଶ୍ନାବଳୀ

୧ । ପାଶ୍ଚାତ୍ୟ ଜଗତର ସମାଜ ବ୍ୟବସ୍ଥା ସାମନ୍ତବାଦରୁ ପୁଞ୍ଜିବାଦକୁ ପରିବର୍ତ୍ତିତ ହେବା ନିମନ୍ତେ ଦାୟୀ ସମସ୍ୟାଗୁଡ଼ିକୁ ଆଲୋଚନା କର ।

୨ । ବାଣିଜ୍ୟ ବିସ୍ତାର ହେତୁ ସମାଜରେ ଆସିଥିବା ପରିବର୍ତ୍ତନର ଆଲୋଚନା କର ।

ଅଧ୍ୟାୟ ୨

ନଗର ବିକାଶ : ସହରୀ ଜୀବନ

(URBAN DEVELOPMENT : TOWN LIFE)

ପ୍ରାଚୀନ ସାମନ୍ତବାଦ ମୁଖ୍ୟତଃ ଏକ ଗ୍ରାମ୍ୟ ସମାଜ ଥିଲା । ମାତ୍ର ନଗରଗୁଡ଼ିକର ଅଭ୍ୟୁତ୍ଥାନ ଏହି ସମାଜ ପାଇଁ ଏକ ନୂତନ ବାହ୍ୟ ସମାଜ ନଥିଲା । ଅପରନ୍ତୁ ସାମନ୍ତବାଦୀ ଗ୍ରାମ୍ୟଗୁଡ଼ିକର ଆଭ୍ୟନ୍ତରୀଣ ବିକାଶ ଘଟିବା କାରଣରୁ ସେଗୁଡ଼ିକ ନଗରରେ ପରିଣତ ହୋଇଥିଲା । ଖ୍ରୀଷ୍ଟିୟ ୧୦ମ ଓ ୧୧ଦଶ ଶତାବ୍ଦୀରେ ଉଭୟ କୃଷିକ୍ଷେତ୍ର ଓ ଶ୍ରମକ୍ଷେତ୍ରରେ ଅଭିବୃଦ୍ଧି ଘଟିବାରୁ ଭୂମ୍ୟାଧିକାରୀମାନଙ୍କ ନିକଟରେ ବଳକା କୃଷି ଉତ୍ପାଦନ ପରିମାଣରେ ବୃଦ୍ଧି ଘଟିଥିଲା । ଏହି ବଳକା ଆୟକୁ ସେମାନେ ବ୍ୟକ୍ତିଗତ ଖର୍ଚ୍ଚ କିମ୍ବା ଅନ୍ୟ ସାମନ୍ତମାନଙ୍କ ବିରୁଦ୍ଧରେ ଯୁଦ୍ଧ କରିବା ପାଇଁ ବିନିଯୋଗ କଲେ । ଉଭୟ କ୍ଷେତ୍ରରେ ସେମାନେ ନିଜ ଅଞ୍ଚଳ ମଧ୍ୟରେ ଉପଲବ୍ଧ ହେଉନଥିବା କେତେକ ବସ୍ତୁ ପାଇଁ ସେମାନଙ୍କର ବଳକା ଉତ୍ପାଦନକୁ ପ୍ରତିବଦଳ କରିଥିଲେ । ସେହି ଆମଦାନୀ ପଦାର୍ଥଗୁଡ଼ିକ ମଧ୍ୟରେ ବିଶେଷ ଧରଣର ଖାଦ୍ୟ ପଦାର୍ଥ ତଥା ଅସ୍ତ୍ରଶସ୍ତ୍ର, ମୂଲ୍ୟବାନ ପୋଷାକ ପରିଚ୍ଛଦ କିମ୍ବା ଗୃହ ନିର୍ମାଣ ଉପକରଣ ଆଦି ପରି ଅଣ-କୃଷି ଉତ୍ପାଦନମାନ ସାମଗ୍ରୀଗୁଡ଼ିକ ଅର୍ନ୍ତଭୁକ୍ତ ଥିଲା । ଏଣୁ ସେମାନେ ବାଣିଜ୍ୟକେନ୍ଦ୍ର ଏବଂ ଶିଳ୍ପ ଉତ୍ପାଦନ କେନ୍ଦ୍ର ବିଶିଷ୍ଟ ନୂତନ ସହରଗୁଡ଼ିକର ପ୍ରତିଷ୍ଠାକୁ ଉତ୍ସାହିତ କରିଥିଲେ । ଯେତେବେଳେ ଅଧିକାଂଶ ରୋମାନୀୟ ନଗରଗୁଡ଼ିକ ନିଶ୍ଚିହ୍ନ ହୋଇଯାଉଥିଲା, କିମ୍ବା କେବଳ ଧର୍ମୀୟ ବା ପ୍ରଶାସନିକ କେନ୍ଦ୍ର ସ୍ତରକୁ ଖସି ଆସୁଥିଲା, ସେହି ସମୟରେ ସାମଗ୍ରିକ ରୂପେ ୟୁରୋପରେ ଏକ ନୂତନ ଶୃଙ୍ଖଳାର ନଗରଗୁଡ଼ିକର ଅଭ୍ୟୁତ୍ଥାନ ଘଟିଥିଲା ।

ପ୍ରାରମ୍ଭିକ ଆଧୁନିକ ୟୁରୋପର ୮୦ ରୁ ୯୦ ପ୍ରତିଶତ ଜନସଂଖ୍ୟା କ୍ଷୁଦ୍ର କ୍ଷୁଦ୍ର ଗୋଷ୍ଠୀରେ ଗ୍ରାମାଞ୍ଚଳରେ ବସବାସ କରୁଥିଲେ ମଧ୍ୟ ବିକଶିତ ହେଉଥିବା ଆଧୁନିକ ୟୁରୋପର ସହର ଓ ନଗରଗୁଡ଼ିକରେ ବସବାସ କରିବା ପାଇଁ କ୍ରମଶଃ ସେମାନଙ୍କର ଆଗ୍ରହ ବୃଦ୍ଧି ପାଉଥିଲା । ୟୁରୋପର ବିଭିନ୍ନ ଅଞ୍ଚଳର ସହରୀକରଣ ଗତି ଭିନ୍ନ ଭିନ୍ନ ଥିଲା । ଋଷିଆ ସାମଗ୍ରିକ ରୂପେ ମୁଖ୍ୟତଃ ଗ୍ରାମବହୁଳ ଥିଲା । ୧୬୩୦ ଖ୍ରୀ:ଅ:ରେ ଋଷିଆର ମାତ୍ର ୨.୫% ଜନସଂଖ୍ୟା ସହରରେ ବସବାସ କରୁଥିଲେ। ୧୭୭୪ ଖ୍ରୀ:ଅ: ବେଳକୁ ଏହି ସଂଖ୍ୟାରେ ମାତ୍ର ୦.୫% ବୃଦ୍ଧି ଘଟିଥିଲା। ଅପରପକ୍ଷରେ ୧୬୨୭ ଖ୍ରୀ:ଅ:ରେ ହଲାଣ୍ଡର ୫୯% ଜନସଂଖ୍ୟା ସହରରେ ବାସ କରୁଥିଲେ ଏବଂ ଏହା ୧୭୯୫ ଖ୍ରୀ:ଅ:ରେ ୬୫%କୁ ବୃଦ୍ଧି ପାଇଥିଲା।

ସହର ଜନସଂଖ୍ୟା (Urban Population)

ସହର ଓ ନଗରଗୁଡ଼ିକର ଭାଗ୍ୟର ଉତ୍ଥାନ ପତନ ସହ ତାଳଦେଇ ସେଗୁଡ଼ିକର ଜନସଂଖ୍ୟାର ମଧ୍ୟ ତଦନୁରୂପ ଅବସ୍ଥା ହେଉଥିଲା । ରାଷ୍ଟ୍ରୀୟ ରାଜଧାନୀ ନଗରଗୁଡ଼ିକର ଅଭିବୃଦ୍ଧି ନାଟକୀୟ ରୂପେ ଘଟୁଥିଲା । ଅଷ୍ଟାଦଶ ଶତାବ୍ଦୀର ମଧ୍ୟ ଭାଗ ବେଳକୁ ମାଡ୍ରିଡ୍, ବର୍ଲିନ୍ ଏବଂ ସେଣ୍ଟ୍ ପିଟର୍ସବର୍ଗପରି ପ୍ରତ୍ୟେକ ନଗରର ଜନସଂଖ୍ୟା ଲକ୍ଷାଧିକ ଥିଲା । ଲଣ୍ଡନର ଜନସଂଖ୍ୟା ୧୭୦୦ ଖ୍ରୀ:ଅ:ରେ ୬,୭୪,୦୦୦ ଥିବା ବେଳେ, ଏହା ଏକ ଶତାବ୍ଦୀ ପରେ ୮,୬୦,୦୦୦ରେ ପହଞ୍ଚିଥିଲା । ପ୍ୟାରିସର ଲୋକସଂଖ୍ୟା ୧୬୦୦ ଖ୍ରୀ:ଅ:ରେ ୧,୮୦,୦୦୦ ଥିବା ବେଳେ ଏହା ୧୮୦୦ ଖ୍ରୀ:ଅ:

ବେଲକୁ ଅର୍ଦ୍ଧନିୟୁତ ଜନସଂଖ୍ୟାକୁ ବୃଦ୍ଧି ପାଇଥିଲା । ବର୍ଲିନର ସହରୀ ବିସ୍ତୃତିକରଣ ବଡ଼ ଚିତ୍ତାକର୍ଷକ ଥିଲା । ଏହାର ଜନସଂଖ୍ୟା ୧୬୬୧ ଖ୍ରୀ:ଅ:ରେ ମାତ୍ର ୬୫୦୦ ଥିବା ବେଳେ ତାହା ୧୭୨୧ ଖ୍ରୀ:ଅ:ରେ ୬୦,୦୦୦ ଏବଂ ୧୭୮୩ ଖ୍ରୀ:ଅ:ରେ ବେଲକୁ ୧,୪୦,୦୦୦ରେ ପହଞ୍ଚିଥିଲା । ବର୍ଲିନର ଏପରି ଅହେତୁକ ଜନସଂଖ୍ୟା ବୃଦ୍ଧିର ଦୁଇଗୋଟି କାରଣ ଥିଲା, ଯଥା : ପ୍ରଥମତଃ ଏହାର ଉତ୍ତରାଧିକାଦ୍ୱରେ ଥିବା ପ୍ରୁସୀୟ ଶାସକମାନେ ବ୍ରେସ୍‌ଲାଉ ଓ ହାମ୍‌ବର୍ଗ ସହର ଦ୍ୱୟକୁ କେନାଲ ଦ୍ୱାରା ବର୍ଲିନ ସହ ସଂଯୋଗ କରି ଏହାକୁ ଏକ ପ୍ରମୁଖ ବାଣିଜ୍ୟ କେନ୍ଦ୍ର ରୂପେ ଗଢ଼ି ତୋଳିଥିଲେ । ଦ୍ୱିତୀୟତଃ ଏହା ପ୍ରୁସିଆର ରାଜଧାନୀ ହୋଇଥିବାରୁ ପ୍ରୁସୀୟା ସୈନ୍ୟବାହିନୀ ଏବଂ ପ୍ରଶାସକ ଗୋଷ୍ଠୀ ଏହି ନଗରରେ ବସବାସ କରିଥିଲେ । ୧୭୮୩ ଖ୍ରୀ:ଅ:ରେ ବର୍ଲିନର ୧,୪୦,୦୦୦ ଜନସଂଖ୍ୟାରୁ ପ୍ରାୟ ୬୫୦୦୦ ଜନସଂଖ୍ୟା ରାଜକର୍ମଚାରୀ ଏବଂ ସେମାନଙ୍କର ପରିବାର ବର୍ଗ ଥିଲେ ।

ବାଣିଜ୍ୟ ଏବଂ ନଗର ଅଭିବୃଦ୍ଧି (Commerce and Urban Growth) :

ପ୍ରାରମ୍ଭିକ ଆଧୁନିକ ଯୁଗରେ ୟୁରୋପୀୟ ନଗରଗୁଡ଼ିକର ଜନସଂଖ୍ୟା ଏହାର ବାଣିଜ୍ୟିକ ଅଭିବୃଦ୍ଧି ସହ ସମ୍ପର୍କିତ ଥିଲା । ଏହି ସମୟ କାଳର ଆର୍ନ୍ତଜାତୀୟ ବାଣିଜ୍ୟ କେନ୍ଦ୍ର ଆମ୍‌ଷ୍ଟରଡାମ୍‌ର ଜନସଂଖ୍ୟା ୧୫୩୦ ଖ୍ରୀ:ଅ:ରେ ୩୦,୦୦୦ ଥିବାବେଳେ ତାହା ୧୬୩୦ ଖ୍ରୀ:ଅ:ରେ ୧,୧୫,୦୦୦ ଏବଂ ୧୮୦୦ ଖ୍ରୀ:ଅ:ରେ ୨,୦୦,୦୦୦କୁ ବୃଦ୍ଧି ପାଇଥିଲା । ବ୍ୟସ୍ତବହୁଳ ଭୂମଧ୍ୟସାଗରୀୟ ବନ୍ଦର ସହର ନାପ୍‌ଲେସ୍‌ର ଜନସଂଖ୍ୟା ୧୬୦୦ ଖ୍ରୀ:ଅ:ରେ ୩,୦୦,୦୦୦ ଥିବା ବେଳେ ତାହା ବିଳମ୍ବିତ ଅଷ୍ଟାଦଶ ଶତାବ୍ଦୀବେଳକୁ ଅର୍ଦ୍ଧ ନିୟୁତରେ ପହଞ୍ଚିଥିଲା । ଅର୍ଥନୈତିକ ଅଭିବୃଦ୍ଧି ଓ ହ୍ରାସ ସହ ତାଳଦେଇ ନଗରଗୁଡ଼ିକର ଜନସଂଖ୍ୟାର ଉଲ୍ଲେଖନୀୟ ରୂପେ ପରିବର୍ତ୍ତିତ ହେଉଥିଲା । ଉଦାହରଣ ସ୍ୱରୂପ ଇଂଲିଶ ଚ୍ୟାନେଲ ଉପକୂଳରେ ଥିବା ପ୍ରାଚୀନ ଉଲ୍‌ସାମଗ୍ରୀ ଉତ୍ପାଦନ କେନ୍ଦ୍ରର ଅପସାରଣ ଉତ୍ତରାଞ୍ଚଳକୁ ହେବାରୁ ଇଂଲଣ୍ଡର ନର୍‌ୱିଚର ଜନସଂଖ୍ୟାରେ ବୃଦ୍ଧି ଲକ୍ଷିତ ହୋଇଥିଲା । "ତ୍ରିଂଶବର୍ଷ ଯୁଦ୍ଧ" (The Thirty years' war) ବେଳେ ଏବଂ ଏହାର ପରବର୍ତ୍ତି ସମୟରେ ହୋଇଥିବା ବାରମ୍ବାର ଯୁଦ୍ଧାଭିଯାନଗୁଡ଼ିକ କାରଣରୁ ଗମନାଗମନରେ ଅସୁବିଧା ଏବଂ ସାଧାରଣ ରାଜନୈତିକ ଅସ୍ଥିରତା ପାଇଁ ଜର୍ମାନୀର ଗୁରୁତ୍ୱପୂର୍ଣ୍ଣ ନଗର ଫ୍ରାଙ୍କଫୁର୍ଟ୍‌ର ଜନସଂଖ୍ୟାରେ ଯଥେଷ୍ଟ ହ୍ରାସ ଘଟିଥିଲା ଏବଂ ଏହାର ଅଧିକାଂଶ ବାଣିଜ୍ୟ ବ୍ୟବସାୟ ଆମ୍‌ଷ୍ଟରଡାମ୍‌କୁ ଦିଗ ପରିବର୍ତ୍ତନ କରିଥିଲା ।

ଲି ଜୋଫ୍ (Le Goft)ଙ୍କ ରଚନାରେ ଭେନିସ୍, ଫ୍ଲୋରେନ୍‌ସ୍, ଜେନୋଆ, ପିସା, ମିଲାନ୍, ପ୍ୟାରିସ୍, ବୃଗେସ୍, ଘେଟ ଓ ଲଣ୍ଡନ ଆଦି ସହରଗୁଡ଼ିକ ମୁଖ୍ୟତଃ ମଧ୍ୟଯୁଗୀୟ ସୃଷ୍ଟି ରୂପେ ଅଭିହିତ କରାଯାଇଛି । ହାମବର୍ଗ ବା ଲୁବେକ୍ ସହର ନୂତନ ରୂପେ ମଧ୍ୟଯୁଗରେ ନିର୍ମିତ ହୋଇଥିଲା ।

ବେକଳ ବାଣିଜ୍ୟର ଅଭ୍ୟୁତ୍ଥାନ ଯୋଗୁ ନୂତନ ସହରଗୁଡ଼ିକର ସୃଷ୍ଟି ହୋଇ ନ ଥିଲା । ଏଥିପାଇଁ ପାଶ୍ଚାତ୍ୟର କୃଷିବିକାଶ ମଧ୍ୟ ଦାୟୀ ଥିଲା । କାରଣ ଏହା ନଗରାଞ୍ଚଳଗୁଡ଼ିକ ଉନ୍ନତ ଖାଦ୍ୟ ପଦାର୍ଥ ଏବଂ ଆବଶ୍ୟକୀୟ ମାନବ ସମ୍ବଳ ଯୋଗାଇ ଦେଇଥିଲା । ଅବଶ୍ୟ କୃଷିକାର୍ଯ୍ୟରୁ ବାଦ ପଡୁଥିବା ନୂତନ ଲୋକବଳକୁ ସହରଗୁଡ଼ିକ ଆକର୍ଷିତ କରୁଥିଲେ । ସେମାନେ ନିଜ ନିକଟରେ ଥିବା ପ୍ରାରମ୍ଭିକ ପୁଞ୍ଜି ଅର୍ଥବଳକୁ ବିନିଯୋଗ କରି ପ୍ରଶାସକ ଶ୍ରେଣୀ ସହ ସହର ବିକାଶରେ ଯୋଗଦାନ କରିଥିଲେ ।

ତତ୍‌କାଳୀ ସହରଗୁଡ଼ିକ ପ୍ରାରମ୍ଭିକ ରୂପେ ଗ୍ରାମ୍ୟ ସମାଜର ଚର୍ତୁଃପାର୍ଶ୍ୱର ଅତିରିକ୍ତ ଅଭିବୃଦ୍ଧି ଥିଲା । ଏଣୁ ସେଗୁଡ଼ିକ ସାମନ୍ତବାଦର ଉତ୍ପାଦନ ଥିଲା । ମାତ୍ର ଏହା ତତ୍‌କାଳୀନ ସମୟର ସଂଖ୍ୟାଲଘୁ ସମାଜର ବଳକା ଉତ୍ପାଦନ ଉପରେ ଥିବା ନିୟନ୍ତ୍ରଣକୁ ପ୍ରତିଷ୍ଠିତ କରିବାର ଏକ ନୂତନ ଉପାୟ ମଧ୍ୟ ଅନୁସରଣ କରିଥିଲା । ପୂର୍ବରୁ ସାମନ୍ତମାନଙ୍କ ହସ୍ତରେ ଥିବା କେତେକ ବଳକା ଉତ୍ପାଦନରୁ ବଣିକମାନେ ବ୍ୟବସାୟ ମାଧ୍ୟରେ ଲାଭ ଉଠାଇ ନେଉଥିଲେ । ଏହା ସେମାନଙ୍କୁ ପ୍ରାଚୀନ ଗ୍ରାମ୍ୟ ଶାସକ ଶ୍ରେଣୀ ଦ୍ୱାରା ଏକ ନୂତନ ସାମାଜିକ ଶ୍ରେଣୀରେ ମାନ୍ୟତା ପ୍ରଦାନ କରିଥିଲା । ଯାହା ସେମାନଙ୍କର ନିଜସ୍ୱ ସ୍ୱାର୍ଥପାଇଁ ଉଦ୍ଦିଷ୍ଟ ଥିଲା । ସହରଗୁଡ଼ିକ ଶିଳ୍ପାୟନ ମାଧ୍ୟମରେ ଏକ ନୂତନ ସମ୍ପତ୍ତି ଆହରଣ ପନ୍ଥା ଆପଣାଇ ନେଇଥିଲେ, ଯାହା ଗ୍ରାମାଞ୍ଚଳ କୃଷି ଉତ୍ପାଦନ ଦ୍ୱାରା ଆହାରିତ ସମ୍ପତ୍ତିଠାରୁ ସମ୍ପୂର୍ଣ୍ଣ ରୂପେ ଭିନ୍ନ ଧରଣର ଥିଲା । ଏପରିକି ସାମନ୍ତବାଦି ଅଞ୍ଚଳରେ ଅଣ-କୃଷି ଉତ୍ପାଦନଗୁଡିକର ବହୁଳତା ଥିବା ମଧ୍ୟ ଏକ ବୈଷୟିକ ଅନୁକୂଳ ଅବସ୍ଥା ଥିଲା । ନୂତନ ମଧ୍ୟଯୁଗୀୟ

ବିକାଶ ମୁଖି ସହରଗୁଡ଼ିକ ବସବାସ ପାଇଁ ଅଧିକ ଉପଯୋଗୀ ଥିଲା, କାରଣ ପ୍ରାୟ ଖ୍ରୀଷ୍ଟୀୟ ଷଷ୍ଠଶତାବ୍ଦୀ ବେଳକୁ ପଡ଼ୋଶୀ ବ୍ୟାଜନ୍ତୀୟ ଏବଂ ଇସ୍‌ଲାମୀୟ ସଂସ୍କୃତି ଅପେକ୍ଷା ୟୁରୋପୀୟରେ ଅଧିକ ନୂତନ ପ୍ରଯୁକ୍ତି କୌଶଳର ପ୍ରଚଳନ ହୋଇସାରିଥିଲା । ଖ୍ରୀଷ୍ଟିୟ ଚତୁର୍ଦ୍ଦଶ ଶତାବ୍ଦୀର ମଧ୍ୟଭାଗ ବେଳକୁ ଯାନ୍ତ୍ରିକ ଘଣ୍ଟାର ଆବିଷ୍କାର ସହ କାରିଗରମାନେ ଜଟୀଳ ଧାତବ ଯନ୍ତ୍ରମାନ ପ୍ରସ୍ତୁତ କରିଥିଲେ । ଏହି କ୍ଷେତ୍ରରେ ୟୁରୋପ ଚୀନକୁ ଟପିଯାଇଥିଲା ଏବଂ ପ୍ରଯୁକ୍ତି ବିଦ୍ୟାରେ ସମଗ୍ର ବିଶ୍ୱର ନେତୃସ୍ଥାନରେ ପହଞ୍ଚିପାରିଥିଲା । କେତେକ ଉଦ୍ଭାବନ ଚୀନଠାରୁ ଅନୁକରଣ କରାଯାଇଥିବା ବେଳେ ଅନ୍ୟଗୁଡ଼ିକ ଅର୍ନ୍ତନିହିତ ରୂପେ ପ୍ରସ୍ତୁତ କରାଯାଇଥିଲା । ମଧ୍ୟଯୁଗୀୟ ବିକାଶର ଅନ୍ତିମ ଫଳ ସ୍ୱରୂପ ପ୍ରାରମ୍ଭିକ ଆଧୁନିକ ପୁଞ୍ଜିବାଦୀ ବିଶ୍ୱକୁ ଆବଶ୍ୟକୀୟ ଭୌତିକ ଯନ୍ତ୍ରପାତିମାନ ପ୍ରାପ୍ତ ହୋଇଥିଲା ।

ସାମନ୍ତବାଦୀ ଶତାବ୍ଦୀଗୁଡ଼ିକର ସର୍ବାପେକ୍ଷା ଅଧିକ ଉଲ୍ଲେଖନୀୟ ଆବିଷ୍କାରଗୁଡ଼ିକ ଥିଲା – ଘୂର୍ଣ୍ଣନଦଣ୍ଡ ଚାଳକ ଯନ୍ତ୍ର (Crank), ସୂତାକଟା ଯନ୍ତ୍ର (Spinning Wheel), କୁନ୍ଦିବା ଯନ୍ତ୍ର (Lathe) , ଛାଞ୍ଚର ବିକାଶ, ଛାପାଯନ୍ତ୍ର, କାଗଜ ପ୍ରସ୍ତୁତି, ଚକ୍ଷମା କାଚ, ନୂତନ ଜାହାଜ ନିର୍ମାଣ ପ୍ରଯୁକ୍ତି ବିଦ୍ୟା ଏବଂ ନାବିକ କମ୍ପାସ ପରି ଅତି ଦରକାରୀ ସାମଗ୍ରୀ ସମୂହ ।

ଏହି ସମସ୍ତ ଆବିଷ୍କାର ବହୁଳ ରୂପେ ଉତ୍ପାଦନକୁ ବୃଦ୍ଧି କରିଥିଲା । ଘୁର୍ଣ୍ଣନ ଦଣ୍ଡ ଚାଳିତ ଜଳସେଚନ ଯନ୍ତ୍ର (Water Mill) ବ୍ୟବହାର ଦ୍ୱାରା ପ୍ରତି ୫ ଜଣ ଗ୍ରାମ୍ୟ ଜନସଂଖ୍ୟାରେ "ଜଣେ ବ୍ୟକ୍ତି ଦ୍ୱାରା କରାଯାଉଥିବା ଏକ ସପ୍ତାହର କାର୍ଯ୍ୟ"କୁ ସଞ୍ଚୟ କରାଯାଇ ପାରିଲା । ନାବିକ କମ୍ପାସର ବ୍ୟବହାର ସମୁଦ୍ର ଜଳଯାତ୍ରାକୁ ତ୍ୱରିତ, ସୁଗମ ଓ ନିରାପଦ କଲା । ଫଳରେ ଜଣେ ଭେନିସ୍ କିମ୍ବା ନେଜୋଆରୁ ଜାହାଜ ଯାତ୍ରା ଆରମ୍ଭ କରି ବର୍ଷକ ମଧ୍ୟରେ ଲେଭାଥିରେ ପହଞ୍ଚିପାରିଲା ।

ନଗର ଜୀବନ ବା ସହର ଜୀବନ
(Urban Life or Town Life)

ଗ୍ରାମୀଣ ସାମନ୍ତବାଦୀ ସମାଜରୁ ବିକଶିତ ହୋଇଥିବା ସହରଗୁଡ଼ିକ ସେଠାର ବାଣିଜ୍ୟ କେନ୍ଦ୍ର ଏବଂ ଶିଳ୍ପ ଉତ୍ପାଦନ କେନ୍ଦ୍ର ଆଧାରରେ ଅନୁରୂପ ଭାବେ ବିକଶିତ ହେବାକୁ ଲାଗିଲା । ଖ୍ରୀଷ୍ଟୀୟ ଦଶମ ଶତାବ୍ଦୀର ସାମନ୍ତବାଦ "ଉଭୟ ନିର୍ଯ୍ୟାତିତ ଏବଂ ନିର୍ଯ୍ୟାତକ ଶ୍ରେଣୀର ଜୀବିକା ଜୀବନ"ତର୍କକୁ ନେଇ ଗଢ଼ିଉଠିଥିବା ବେଳେ ପ୍ରାରମ୍ଭରୁ ସହରୀକରଣର ତର୍କ ଥିଲା "କୌଣସି ପଣ୍ୟର ମାଲିକ ନିଜର ଜୀବିକା ବା ଖାଦ୍ୟ ସଂଗ୍ରହ ପାଇଁ ତାଙ୍କ ପଣ୍ୟକୁ ବିନିମୟ କରିବାକୁ ବାଧ୍ୟ" । ବିନିମୟର ମାଧ୍ୟମ "ମୁଦ୍ରା" ବା "ନଗଦ ଅର୍ଥରାଶି", ଯାହାର ଗୁରୁତ୍ୱ ପ୍ରାରମ୍ଭିକ ୧୦ମ ଶତାବ୍ଦୀର "ସାମନ୍ତବାଦ ସମାଜ"ରେ ଅତି ଗୌଣ ଥିଲା, ସେହି ସମାଜ ମଧ୍ୟରେ ବିକଶିତ ହୋଇଥିବା ଦ୍ୱାଦଶ ଶତାବ୍ଦୀର "ପୁଞ୍ଜିବାଦୀ ସହରୀ ସମାଜ"ରେ 'ମୁଦ୍ରା'ର ଗୁରୁତ୍ୱ ଏକାନ୍ତ ରୂପେ ମୁଖ୍ୟ ବିଷୟବସ୍ତୁ ହୋଇପଡ଼ିଲା ।

ଲି ଗୋଫଙ୍କ ଅନୁଯାୟୀ "ଏକ ସହରର ସ୍ଥାୟୀତ୍ୱ ଏହାର ଚର୍ତ୍ତୁଃପାର୍ଶ୍ୱରେ ଥିବା ଅନୁକୂଳ ଗ୍ରାମୀଣ ପରିବେଶ ଆବଶ୍ୟକ କରେ । ମାତ୍ର କାଳକ୍ରମେ ସହରର ବିକାଶ ସଙ୍ଗେ ସଙ୍ଗେ ଚାହିଦା ଅନୁପାତରେ ଏହା ତାହାର ଚତୁଃପାର୍ଶ୍ୱର ଅଧିକରୁ ଅଧିକ ଅଞ୍ଚଳକୁ ନିଜ ପ୍ରତି ଆକର୍ଷିତ କରିଥାଏ । ସହର ଅଧିବାସୀମାନେ କେବଳ ଏକ ଉପଭୋକ୍ତା ଗୋଷ୍ଠୀ ଅଟନ୍ତି । ସେମାନେ କୃଷିକାର୍ଯ୍ୟର କେବଳ ଉତ୍ପାଦନ ଉପଭୋକ୍ତା ଅଟନ୍ତି ଏବଂ ସେମାନଙ୍କ ଖାଦ୍ୟର ଆବଶ୍ୟକତାକୁ ପୂରଣ କରିବା ପାଇଁ କୃଷକମାନଙ୍କୁ ବଳକା ଶସ୍ୟ ଉତ୍ପାଦନ କରିବାକୁ ପଡ଼େ । ସହର ଏହାର ଚତୁଃପାର୍ଶ୍ୱର କୃଷି ଭୂମିରୁ ଖାଦ୍ୟ ସଂଗ୍ରହ ସହ ଏଠାରେ ବସବାସ କରୁଥିବା ମାନବ ସମ୍ବଳକୁ ମଧ୍ୟ ନିଜ କାର୍ଯ୍ୟରେ ନିୟୋଜିତ କରେ । ଖ୍ରୀଷ୍ଟିୟ ଦଶମ ଶତାବ୍ଦୀରୁ ଚର୍ତ୍ତୁଃଦଶ ଶତାବ୍ଦୀ ମଧ୍ୟରେ ୟୁରୋପର ଗ୍ରାମୀଣ କ୍ଷେତ୍ରରୁ ସହରଗୁଡ଼ିକୁ ଜନ ବିସ୍ଥାପିତ ହେବା ଏକ ପ୍ରମୁଖ ଘଟଣାଥିଲା । ଏଣୁ ବିଭିନ୍ନ ଗୋଷ୍ଠୀର ଜନସାଧାରଣଙ୍କୁ ନେଇ ସହରଗୁଡ଼ିକ ନିଶ୍ଚିତ ରୂପେ ଏକ ନୂତନ ସମାଜର ସୃଷ୍ଟି କରିଥିଲା ।

ସହରଗୁଡ଼ିକ ସାମନ୍ତବାଦୀ ସମାଜର ଏକ ଅଂଶ ଥିଲା ଏବଂ ସହରୀ ଗୋଷ୍ଠୀର ଜନସମାଜ ତତ୍‌କାଳୀନ ଗ୍ରାମୀଣ ସମାଜରେ ପ୍ରଚଳିତ ଥିବା ଅନେକ ମନୋଭାବକୁ ଗ୍ରହଣ କରିଥିଲା । ସହର ପ୍ରଶାସକ ଗୋଷ୍ଠୀ ଅନେକ ସମୟରେ ନିକଟବର୍ତ୍ତୀ ଗ୍ରାମଗୁଡ଼ିକ ଉପରେ ସାମନ୍ତରାଜ ଚଳାଇବାକୁ ସୁଯୋଗ ଖୋଜୁଥିଲେ । ଗ୍ରାମର ସାମନ୍ତବାଦୀ ଗୋଷ୍ଠୀ ଅନେକ

ସମୟରେ ସହରମାନଙ୍କରେ ବସବାସ କରି ସହର ପ୍ରଶାସନକୁ ପ୍ରଭାବିତ କରୁଥିଲେ । ସହରର ଉଚ୍ଚଶ୍ରେଣୀ ଗ୍ରାମାଞ୍ଚଳର ସାମନ୍ତବାଦୀ ସମ୍ଭ୍ରାନ୍ତମାନଙ୍କ ଜୀବନ ଶୈଳୀକୁ ଅନୁକରଣ କରୁଥିଲେ । କାଳକ୍ରମେ ସହରୀ ସମାଜ "ନିର୍ଦ୍ଦିଷ୍ଟ ରୂପେ ଗ୍ରାମୀଣ ବ୍ୟବହାର"କୁ ପରିତ୍ୟାଗ କରି ନିଜସ୍ୱ ଏକ ମାର୍ଜିତ "ସହରୀ ଚଳଣୀ"ର ପ୍ରଚଳନ କରିଥିଲା ।

ଉତ୍ତର ଇଟାଲୀର ଫ୍ଲୋରେନ୍ସ ସହର ଏକ ପ୍ରମୁଖ ପଶମ (Wool) ଶିଳ୍ପକେନ୍ଦ୍ର ଥିଲା । ଏହି ସହରର ପଶମ ସଂଘ (Wool Guild) ଅଧିନରେ ୧୩୩୦ ଖ୍ରୀ:ଅ:ରେ ୨୦୦ ଗୋଟି ପଶମ କାରଖାନା ଥିଲା । ଏହି ସହର ୩୦,୦୦୦ ଜନସଂଖ୍ୟାକୁ ପଶମ ଶିଳ୍ପ ଜୀବିକା ଯୋଗାଉଥିଲା ।

ବିଳମ୍ବିତ ମଧ୍ୟଯୁଗ ବେଳକୁ ଇଂଲଣ୍ଡ, ଦକ୍ଷିଣ ୟୁରୋପୀୟ ଦେଶ ଓ ଦକ୍ଷିଣ ଜର୍ମାନର ଗ୍ରାମାଞ୍ଚଳରେ ବହୁଳ କୁଟୀର ଶିଳ୍ପର ବିକାଶ ଘଟିଥିଲା । ଖ୍ରୀଷ୍ଟୀୟ ଚର୍ତୁଃଦଶ ଶତାବ୍ଦୀ ବେଳକୁ ଇଂଲଣ୍ଡରେ ଉତ୍ପାଦିତ ହେଉଥିବା ପଶମର ମାତ୍ର ୪% ରୁ ବସ୍ତ୍ର ଉତ୍ପାଦନ ହେଉଥିବା ବେଳେ, ଅବଶିଷ୍ଟ ପଶମ କଞ୍ଚାମାଲ ରୂପେ ଦକ୍ଷିଣ ବେଲିଜିୟମ୍ ଓ ଇଟାଲୀୟ ସହରର ଶିଳ୍ପାଞ୍ଚଳକୁ ରପ୍ତାନୀ ହେଉଥିଲା । ଖ୍ରୀଷ୍ଟୀୟ ପଞ୍ଚଦଶ ଶତାବ୍ଦୀର ମଧ୍ୟଭାଗ ଆଡକୁ ୫୦% ଏବଂ ଷୋଡ଼ଶ ଶତାବ୍ଦୀର ମଧ୍ୟଭାଗରେ ୮୬% ଇଂଲଣ୍ଡ ଉତ୍ପାଦିତ ପଶମକୁ ସେଠାରେ ପଶମ ପୋଷାକ ତିଆରିରେ ବ୍ୟବହାର କରାଯାଇ ପାରିଥିଲା ।

ଷୋଡ଼ଶ ଶତାବ୍ଦର ଶେଷ ଭାଗରେ ଉତ୍ତର ଏବଂ ପଶ୍ଚିମ ୟୁରୋପରେ ଗଣବ୍ୟବହାର୍ଯ୍ୟ ଦ୍ରବ୍ୟଗୁଡ଼ିକର ଉତ୍ପାଦନ ଆରମ୍ଭ କରାଯାଇଥିଲା । ଶସ୍ୟ, ପଶୁଜାତ ଦ୍ରବ୍ୟ ଏବଂ ତାମ୍ର ଧାତୁ ପୂର୍ବ ୟୁରୋପରେ ଉତ୍ପାଦିତ ହେଉଥିବା ବେଳେ ମହାଦେଶର ପଶ୍ଚିମ ଅଞ୍ଚଳରୁ ବସ୍ତ୍ର ଏବଂ ଧାତବ ପଦାର୍ଥ ମାନ ଉତ୍ପାଦିତ ହୋଇଥିଲା ।

ଖ୍ରୀଷ୍ଟୀୟ ପଞ୍ଚଦଶ ଶତାବ୍ଦୀର ଅନ୍ତବେଳକୁ ପ୍ରତ୍ୟେକ ସହରରେ କଂସେଇ ବା ପଶୁହତ୍ୟାକାରୀ (Butcher) ମାନେ ପ୍ରତିଷ୍ଠିତ ହୋଇ ସାରିଥିଲେ । ସେମାନେ ଏକାଧାରରେ ଉଦ୍ୟୋଗପତି, ଗୋମହିଷାଦି ପଶୁବଣିକ, ମାଂସ ବ୍ୟବସାୟୀ ଏବଂ ଚର୍ମବଣିକ ଥିଲେ । ସେମାନେ ସମସ୍ତେ "ନୂତନ ଚାରଣ ଭୂମି ଅର୍ଥନୀତି" ଯୋଗୁ ସମୃଦ୍ଧ ହୋଇଥିଲେ ଏବଂ ସେଗୁଡ଼ିକର ଅପ୍ରତିଦ୍ୱନ୍ଦ୍ୱୀ ମାଲିକ ମଧ୍ୟ ଥିଲେ ।

ମାର୍କ୍ସଙ୍କ "ଦାସ୍ କାପିଟାଲ"ରେ ଥିବା ଉଲ୍ଲେଖ ଅନୁଯାୟୀ ପୁଞ୍ଜିବାଦ ଉତ୍ପତ୍ତିର ଚର୍ତୁଃବର୍ଗ କାରଣ ହେଲା :– ବାଣିଜ୍ୟର ଅଭିବୃଦ୍ଧି, ଉତ୍ପାଦନରେ ବିନା ପାରିଶ୍ରମିକ ଶ୍ରମିକ ନିଯୁକ୍ତି, କୃଷକ ସାମଜକୁ କୃଷିଭୂମିରୁ ବିଚ୍ଛିନ୍ନ କରିବା ଏବଂ ପୁଞ୍ଜିର ଠୁଳିକରଣ ବ୍ୟବସ୍ଥା । ମାର୍କ୍ସଙ୍କ ମତଅନୁଯାୟୀ ଏହି ଚାରିଗୋଟି କାରଣ ଯୋଗୁ ପୁରାତନ ଓ ନୂତନ ନିର୍ଯ୍ୟାତିତଙ୍କ ମଧ୍ୟରେ ତିକ୍ତ ସଂଘର୍ଷ, ବିଦ୍ରୋହ ଏବଂ ଗୃହଯୁଦ୍ଧମାନ ସଂଘଟିତ ହେଉଥିଲା । ସହରଗୁଡ଼ିକରେ ହେଉଥିବା ବୁର୍ଜୁଆମାନଙ୍କର ବିଦ୍ରୋହ ବିଷୟରେ ମାର୍କ୍ସଙ୍କ ଏହି ଧାରଣା ଥିଲା । ମାତ୍ର ଏହା ଗ୍ରାମାଞ୍ଚଳ ଗୋଷ୍ଠୀଙ୍କ ବିଦ୍ରୋହ ଦ୍ୱାରା ଅତିରିକ୍ତ ପ୍ରାପ୍ତ ହେଇଥିଲା।

ସାମନ୍ତବାଦର ପତନ ପରେ ନୂତନ ରୂପେ ବିକଶିତ ହୋଇଥିବା ପୁଞ୍ଜିବାଦ ସମାଜରେ ନିଜର ବ୍ୟକ୍ତିଗତ କର୍ତ୍ତୃତ୍ୱକୁ ନେଇ ନୂତନ ସମସ୍ୟାମାନ ମୁଣ୍ଡ ଟେକିଥିଲା । ୟୁରୋପରେ ନବଜାଗରଣର ପ୍ରବେଶ ସହ ଜନସମାଜ କଳା, ପ୍ରଯୁକ୍ତି ବିଜ୍ଞାନ ଏବଂ ପରିବର୍ତ୍ତନକୁ ଆପଣାଇ ନେବାରୁ ମଧ୍ୟଯୁଗୀୟ ବିଚାରଧାରର ଅନ୍ତଘଟି ୟୁରୋପ ଆଧୁନିକ ବିଶ୍ୱ ମଧ୍ୟକୁ ପ୍ରବେଶ କରିଥିଲା ।

ପ୍ରାରମ୍ଭିକ ଆଧୁନିକ ଯୁଗର ୟୁରୋପୀୟ ନଗର ଜୀବନ ଅବସ୍ଥା
(Urban Living Condition in European Early Modern Era) :

ପ୍ରାରମ୍ଭିକ ଆଧୁନିକ ଯୁଗର ୟୁରୋପୀୟ ନଗରଗୁଡ଼ିକର ଅଭିବୃଦ୍ଧି ପାଇଁ ତତ୍କାଳୀନ ଜନସାଧାରଣଙ୍କ ମୃତ୍ୟୁହାର ହ୍ରାସ ମୁଖ୍ୟ କାରଣ ଥିଲା । ଏହା ସହ ବର୍ଦ୍ଧିତ ବ୍ୟବସାୟ, ଶିଳ୍ପ ଏବଂ ଉତ୍ତମ ପ୍ରଶାସନ ମଧ୍ୟ ଗ୍ରାମାଞ୍ଚଳ ଅଧିବାସୀମାନଙ୍କୁ ନଗରଗୁଡ଼ିକରେ ନିଯୁକ୍ତି ଅନ୍ୱେଷଣ କରିବା ପାଇଁ ଆକର୍ଷିତ କରିଥିଲା । ଜନୈକ ଅଷ୍ଟାଦଶ ଶତାବ୍ଦୀର ସମାଲୋଚକ ଉଲ୍ଲେଖ କରିଥିଲେ, "ପ୍ୟାରିସ୍‌ର ସମସ୍ତ ଶ୍ରମିକମାନେ ପ୍ରାୟ ବିଦେଶୀ ଅଟନ୍ତି ବା ସ୍ୱଷ୍ଟ ରୂପେ କହିଲେ ଏଠାର ଶ୍ରମଜୀବି ମହିଳା ଓ ପୁରୁଷମାନେ ସହର ବାହାରେ ଜନ୍ମିତ ବ୍ୟକ୍ତିଗଣ ଅଟନ୍ତି । ପ୍ୟାରିସ୍‌ରେ ବାସ କରୁଥିବା ବଢ଼େଇମାନେ ସାଭୋୟର, ଜଳ ପରିବହନକାରୀମାନେ ଅଉଭର୍ଜନର, କୁଲିମାନେ ଲୟୋନ୍‌ର, ପଥର କଟାଳୀମାନେ ନୋର୍ମାଣ୍ଡିର, ପରଚୁଳ (wig)

ପ୍ରସ୍ତୁତକାରୀମାନେ ଗାସ୍‌କୋନୀର ଏବଂ ମୋଚିମାନେ ଲୋରାଇନ୍‌ର ବାସିନ୍ଦା ଅଟନ୍ତି”। ଅଧିକ ସ୍ଥାନ ଆବଶ୍ୟକ କରୁଥିବା ବୟନ ଶିଳ୍ପ କାର୍ଯ୍ୟଶାଳାଗୁଡ଼ିକୁ ମଧ୍ୟଯୁଗୀୟ ପ୍ରାଚୀର ଘେରା ନଗର କେନ୍ଦ୍ରର ସ୍ୱଳ୍ପ ପରିସର ମଧ୍ୟରେ ପ୍ରତିଷ୍ଠିତ କରାଯାଇ ଏହାର ବିଶାଳ ଶ୍ରମିକ ଶ୍ରେଣୀକୁ ସହର ତଳି ଶିଳ୍ପାଞ୍ଚଳ ବସତିରେ ରଖାଯାଉଥିଲା । ନଗରଗୁଡ଼ିକର ସମ୍ଭ୍ରାନ୍ତ ଶାସକ ଶ୍ରେଣୀ ପାଇଁ ନଗର ତଳିଅଞ୍ଚଳଗୁଡ଼ିକ ଆମୋଦ ପ୍ରମୋଦର ନିକଟତମ ସ୍ଥଳ ଥିଲା । ଜନୈକ ଇଂରେଜଙ୍କର ଏହି ସନ୍ଦର୍ଭରେ ବିଦ୍ରୁପ ଉଲ୍ଲେଖ ହେଲ, “ଲଣ୍ଡନ ଧୂମପାନର ଆବଶ୍ୟକତା ଏଠାରେ ଭର୍ଜନୀଆ ଧୂଆଁପତ୍ରରେ ଯୋଗାଇ ଦିଆଯାଉଥିଲା” । ଧନୀକ ଶ୍ରେଣୀମାନଙ୍କର ବାସଗୃହ ଅଧିକ ରୂପେ ଇଟା ଏବଂ ପ୍ରସ୍ତରେ ନିର୍ମିତ ହେବାକୁ ଲାଗିଥିଲା । ଏହା ମଧ୍ୟଯୁଗୀୟ କାଷ୍ଠ, ପତଳା ପଟା ଏବଂ ସମଲା ପଲସ୍ତରା ଦ୍ୱାରା ସମ୍ପାଦିତ ହେଉଥିବା ଗୃହ ନିର୍ମାଣ ଶୈଳୀକୁ ପରିବର୍ତ୍ତନ କରି ଦେଇଥିଲା । ଏହି ପରିବର୍ତ୍ତନ ସର୍ବଦା ଏପରି ଗୃହଗୁଡ଼ିକର ଅଗ୍ନିଦାହ ହେବା ସମ୍ଭାବନାକୁ ଦୂର କରିବା ପାଇଁ ପ୍ରୟାଶର ଫଳ ଥିଲା । ସେହି ସମୟରେ ନିୟମିତ ରୂପେ ଘଟିଯାଇଥିବା ନଗର ଧ୍ୱଂସକାରୀ ଅଗ୍ନିକାଣ୍ଡଗୁଡ଼ିକ ମଧ୍ୟରେ ୧୬୬୬ ଖ୍ରୀ:ଅ:ର “ଲଣ୍ଡନର ପ୍ରଚଣ୍ଡ ଅଗ୍ନିକାଣ୍ଡ” (The Great Fire of London) ଅନ୍ୟତମ ଥିଲା । ଏହି ଅଗ୍ନିକାଣ୍ଡରେ ଲଣ୍ଡନ ନଗରର ତିନି ଚତୁର୍ଥାଂଶ (ପ୍ରାୟ ୧୨୦୦୦ ଗୃହ) ସମ୍ପୂର୍ଣ୍ଣ ରୂପେ ଅଗ୍ନି ଦଗ୍ଧ ହୋଇ ଯାଇଥିଲା । ଦରିଦ୍ର ଶ୍ରମିକମାନଙ୍କର ନଗର ବସତିସ୍ଥଳଗୁଡ଼ିକ ଅଗ୍ନିଯନ୍ତା ଥିଲା । ଶ୍ରମିକ ନିବାସଗୁଡ଼ିକ ଅତ୍ୟଧିକ ଜନଗହଳି ବିଶିଷ୍ଟ ଥିଲା । ଗୋଟିଏ ଶ୍ରମିକ ପରିବାରର ସମସ୍ତ ସଦସ୍ୟମାନେ କୀଟ ପତଙ୍ଗ ପୂର୍ଣ୍ଣ ଏକ କୋଠରୀ ବିଶିଷ୍ଟ ବାସଗୃହର ମାଟିତଳ ମହଲା ଏବଂ ଆଟୁଘରେ ଅତି ଦୁର୍ବିସହ ଜୀବନ ଯାପନ କରୁଥିଲେ ।

ନଗର ସମାଜ (Urban Society) :

ନଗରଗୁଡ଼ିକରେ ଗ୍ରାମାଞ୍ଚଳ ପରି ଏକ ସାମାଜିକ ସ୍ତରୀକରଣ ବ୍ୟବସ୍ଥା ଥିଲା । ଏଥିରେ ସମ୍ଭ୍ରାନ୍ତ ଶ୍ରେଣୀ, ଦୋକାନଦାର ବା ସ୍ଥାନୀୟ ବଣିକ ଓ କୁଶଳୀକାରୀଗର ଶ୍ରେଣୀ, ଦରିଦ୍ର ଶ୍ରେଣୀ ଏବଂ ଭିକ୍ଷୁକ ଶ୍ରେଣୀମାନେ ବାସ କରୁଥିଲା । ଏମାନେ ତିନିଗୋଟି ସ୍ତରୀକରଣ ବ୍ୟବସ୍ଥାରେ ଥିଲେ, ଯଥା : ଉଚ୍ଚସ୍ତର, ମଧ୍ୟବିତ୍ତସ୍ତର ଏବଂ ନିମ୍ନସ୍ତର ସାମାଜିକ କ୍ରମରେ ବିଭକ୍ତ ହୋଇଥିଲେ ।

ସମ୍ଭ୍ରାନ୍ତ ଗୋଷ୍ଠୀ (The Nobles) :

ରାଜଧାନୀ ନଗରଗୁଡ଼ିକରେ ସମାଜର ସର୍ବାପେକ୍ଷା ଉଚ୍ଚବର୍ଗର ଅଧିବାସୀମାନେ “ସମ୍ଭ୍ରାନ୍ତ ଗୋଷ୍ଠୀ”ର ଥିଲେ । ସେମାନେ ରାଜଦରବାରରେ ପ୍ରତିଷ୍ଠିତ ହୋଇ ଏକ ପ୍ରକାର ପରଜୀବି ଜୀବନ ଅତିବାହିତ କରୁଥିଲେ । ବିନାକୌଣସି ପରିଶ୍ରମ ଏବଂ ଆୟରେ ବଡ଼ ଆମୋଦ ପ୍ରମୋଦର ସୌଖିନ ଜୀବନଶୈଳୀ ଆପଣାଇବା ପାଇଁ ରାଜକୋଷରୁ ସେମାନଙ୍କ ସମସ୍ତ ଆବଶ୍ୟକତାକୁ ପୂରଣ କରାଯାଉଥିଲା ।

ବୁର୍ଜୁଆ ଗୋଷ୍ଠୀ (The Bourgeoisie) :

ଅଧିକାଂଶ ନଗର ଓ ସହରଗୁଡ଼ିକର ସଂଖ୍ୟାଧିକ ଅଧିବାସୀ ଅଣସମ୍ଭ୍ରାନ୍ତ - ବୁର୍ଜୁଆ ଗୋଷ୍ଠୀର ଥିଲେ । ମୌଳିକ ଫରାସୀ ଶବ୍ଦ ବୁର୍ଜର (Burgher) ବା ସହରୀ ବ୍ୟକ୍ତି ବିଶେଷ (Towns Man) ର ସଂଜ୍ଞା ଥିଲା – “ଜଣେ ଦୀର୍ଘକାଳୀନ ବାସଗୃହ ସମ୍ପତ୍ତି ମାଲିକ ବା ପଟ୍ଟାଧାରୀ ଏବଂ କର ପ୍ରଦାନକାରୀ ।” ଅଷ୍ଟାଦଶ ଶତାବ୍ଦୀ ବେଳକୁ ଏହି ଶବ୍ଦକୁ ଜଣେ “ସ୍ୱଳ୍ପ ସମ୍ପନ୍ନ ବ୍ୟକ୍ତିତ୍ୱ” ଯାହାଙ୍କୁ ସ୍ଥାନୀୟ ଗୁରୁତ୍ୱ ପ୍ରଦାନ କରାଯାଏ ଏବଂ ଯିଏ ହିସାବ କେନ୍ଦ୍ର ବା ସରକାରୀ କାର୍ଯ୍ୟାଳୟରେ କଠିନ ପରିଶ୍ରମ କରିବାକୁ ଆଗ୍ରହୀ ଥାନ୍ତି ଏବଂ ବିଳାଶପୂର୍ଣ୍ଣ ନ ହେଲେ ବି ଏକ ଆରାମଦାୟକ ଜୀବନ ବଞ୍ଚିବାର ଅଭିଳାଷ ପୋଷଣ କରିଥାନ୍ତି, ତାହାଙ୍କ ଉଦ୍ଦେଶ୍ୟରେ ବ୍ୟବହାର କରାଗଲା । ଜଣେ ବୁର୍ଜୁଆ ଭଦ୍ରବ୍ୟକ୍ତି ନିଜର ଆୟ ଭଡାରୁ ସଂଗ୍ରହ କରିପାରନ୍ତି । ସେ ଜଣେ ଶିଳ୍ପପତି, ବ୍ୟାଙ୍କ ପରିଚାଳକ ବା ବଣିକ, ବୃତ୍ତିଧାରୀ, ଓକିଲ କିମ୍ବା ଡାକ୍ତର ହୋଇପାରନ୍ତି । ଯଦି ସେ କେନ୍ଦ୍ରୀୟ ପ୍ରଶାସନରେ କାର୍ଯ୍ୟ କରୁଥାନ୍ତି ତେବେ ସେ ଯେଉଁ ପ୍ରଦେଶଗୁଡ଼ିକର ବ୍ୟାପାରର ପରିଚାଳନା କରନ୍ତି ସେଗୁଡ଼ିକର ସର୍ବୋଚ୍ଚ କର୍ତ୍ତା ରୂପେ ନିଜକୁ ଉପସ୍ଥାପିତ କରନ୍ତି । ମାତ୍ର ସମ୍ଭ୍ରାନ୍ତମାନଙ୍କ ଚକ୍ଷୁରେ ତାଙ୍କୁ ନିଚ୍ଚ ଦେଖାଯାଏ, କାରଣ ସେମାନେ ବୁର୍ଜୁଆମାନଙ୍କୁ ସାମାଜିକ ଶିଢ଼ି ଚଢ଼ି ଉଚ୍ଚକୁ ଆସିଥିବା ଅମାର୍ଜିତ ବ୍ୟକ୍ତିତ୍ୱ ଶ୍ରେଣୀ ରୂପେ ଅଭିହିତ କରନ୍ତି । ସାଧାରଣତଃ ଏକ ସହରରେ ୨୦ ରୁ ୨୫% ଜନସଂଖ୍ୟା ବୁର୍ଜୁଆ ଗୋଷ୍ଠୀ ଅର୍ନ୍ତଭୁକ୍ତ ଥିଲେ । ଅର୍ଥନୈତିକ ରୂପେ

ସ୍ୱଚ୍ଛଳ ଥିବା ଏହି ବୁର୍ଜୁଆ ଗୋଷ୍ଠୀ ସହରର ପ୍ରଶାସନରେ ମଧ୍ୟ ମୁଖ୍ୟ ଭୂମିକା ଗ୍ରହଣ କରୁଥିଲେ । ଏହି ଗୋଷ୍ଠୀ ପୌରପାଳିକା କାର୍ଯ୍ୟାଳୟଗୁଡ଼ିକ ପରିଚାଳନାରେ ଅଗ୍ରାଧିକାର ପ୍ରାପ୍ତ ହେଉଥିଲେ ଏବଂ ସେହି ଅନୁସାରେ ନିଜର ଗୋଷ୍ଠୀକୁ ଏପରି କାର୍ଯ୍ୟାଳୟଗୁଡ଼ିକରେ ବଣ୍ଟିତ କରୁଥିଲେ ।

ଦୋକାନଦାର ଏବଂ କୁଶଳୀ କାରିଗର (Shopkeepers and Artisans) :

ନଗରନିବାସୀ ସ୍ତରୀକରଣର ପରବର୍ତ୍ତି ସ୍ତରରେ "ଦୋକାନଦାର" ଏବଂ "କୁଶଳୀ କାରିଗର"ମାନଙ୍କୁ ସ୍ଥାନିତ କରାଯାଇଥିଲା । କୁଶଳୀ କାରିଗରମାନଙ୍କ ମଧ୍ୟରୁ ଅନେକ ଅଧିକ ପ୍ରଶିକ୍ଷିତ ହେବାର ଧାରାକୁ ବଜାଇ ରଖି ସେମାନଙ୍କ ସଂଘର ସଦସ୍ୟ ରୂପେ ନିଜସ୍ୱ ବୃତ୍ତିର ହସ୍ତଶିଳ୍ପ ନିର୍ମାଣକୁ ଅଭ୍ୟାସ କରୁଥିଲେ । ଏହା ସେମାନଙ୍କ ମଧ୍ୟସ୍ଥ ଶିକ୍ଷାନବୀଶ, କାର୍ଯ୍ୟରତ କାରିଗର ଏବଂ ଗୁରୁ ବା ପ୍ରଶିକ୍ଷକଙ୍କ ପରି ସାମାଜିକ ସ୍ତରୀକରଣ ବ୍ୟବସ୍ଥାର ମାନ୍ୟତା ରକ୍ଷା କରୁଥିଲା । ପ୍ରାରମ୍ଭିକ ଆଧୁନିକ ଯୁଗର ବାଣିଜ୍ୟିକ ବିସ୍ତୃତି ବଣିକ ସଂଘର ଦୃଢ଼ସାମାଜିକ ସ୍ଥିରୀକରଣକୁ ବିପନ୍ନ କରିଥିଲା । ବଣିକ ସଂଘଗୁଡ଼ିକର ସୀମିତ ଉତ୍ପାଦନ ଏବଂ ଖର୍ଚ୍ଚ ବହୁଳ ଉତ୍ପାଦନ ଶୈଳୀକୁ ପ୍ୟାରିସ ଓ ଲଣ୍ଡନ ଭଳି ବୃହତ ସହରରେ ବିରୋଧ କରାଯାଇଥିଲା । କାରଣ ସେହିସବୁ ସହରର କ୍ରମବର୍ଦ୍ଧିଷ୍ଣୁ ବଜାରରେ ଅଧିକ ଶସ୍ତା ତଥା ତତ୍‌କ୍ଷଣାତ୍ ଉପଲବ୍ଧ ହୋଇପାରୁଥିବା ଅଧିକ ପରିମାଣର ଉତ୍ପାଦିତ ଦ୍ରବ୍ୟର ଆବଶ୍ୟକତା ଅନୁଭୂତ ହୋଇଥିଲା । ଦକ୍ଷତା ନଥିବା କାର୍ଯ୍ୟରତ ଦର୍ଜୀ ଏବଂ ମୋଚିମାନେ ଅଧିକ ସଂଖ୍ୟକ ବ୍ୟକ୍ତିଗତ କାର୍ଯ୍ୟଶାଳାମାନ ପ୍ରତିଷ୍ଠା କଲେ । ସେମାନେ ବଣିକ ସଂଘ ନିୟମକୁ ଅମାନ୍ୟ କରି ଅଧିକ ଶସ୍ତା ମୂଲ୍ୟରେ କୋର୍ଟ ଏବଂ ଜୋତା ପ୍ରସ୍ତୁତ କରି ଚାଲିଲେ । ଲୟୋନସ୍‌ର ସିଲ୍କ କାର୍ଯ୍ୟଶାଳାରେ ଉଭୟ ପ୍ରଶିକ୍ଷକ ଏବଂ କାର୍ଯ୍ୟରତ କାରିଗର ନିଜ ମଧ୍ୟସ୍ଥ ସାମାଜିକ ସ୍ତରୀକରଣ ପାର୍ଥକ୍ୟକୁ ଭୁଲିଯାଇ ଏକାଠି ସମାନସ୍ତରର କାର୍ଯ୍ୟ କରିବାକୁ ବାଧ ହୋଇଥିଲେ । କାରଣ ସିଲ୍କବସ୍ତ୍ର ବ୍ୟବସାୟର ମଧ୍ୟସ୍ଥମାନେ ସମ୍ପୂର୍ଣ୍ଣ ରୂପେ ପ୍ରସ୍ତୁତ ସିଲ୍କବସ୍ତ୍ରର ଖଣ୍ଡ ପ୍ରତି ହାରରେ ଦେୟ ପ୍ରଦାନ କରିବାକୁ ଆରମ୍ଭ କରିଥିଲେ । ମାତ୍ର ପୂର୍ବରୁ ଦେୟର ପରିମାଣ ଘଣ୍ଟା ପ୍ରତି କାର୍ଯ୍ୟ କରିବା ହାରରେ ପ୍ରଦାନ କରାଯାଉଥିଲା ଏବଂ ପ୍ରଶିକ୍ଷକ ଓ କାର୍ଯ୍ୟରତ କାରିଗରଙ୍କ ଘଣ୍ଟାପ୍ରତି ଦେୟହାର ପୃଥକ ପୃଥକ ଥିଲା । ସିଲ୍କ କାରିଗରଙ୍କ ମତାନୁଯାୟୀ ବାଣିଜ୍ୟିକ ମଧ୍ୟସ୍ଥ ବା ଦଲାଲମାନେ ଅପେକ୍ଷାକୃତ କମ୍ ଦେୟ ପ୍ରଦାନ କରୁଥିଲେ । ଦଲାଲମାନଙ୍କୁ ଲାଭବାନ କରିବା ପାଇଁ କାରିଗରମାନଙ୍କୁ ନିମ୍ନ ମଜୁରୀରେ କାର୍ଯ୍ୟ କରିବାକୁ ବାଧ କରାଯାଇଥିଲା, ଯାହା କାରିଗରମାନଙ୍କ ମଧ୍ୟରେ କ୍ରମବର୍ଦ୍ଧିଷ୍ଣୁ ଅସନ୍ତୋଷର ଭାବ ଉଦ୍ରେକ କରିଥିଲା । ଫ୍ରାନ୍ସ ଏବଂ ଜର୍ମାନୀରେ କାର୍ଯ୍ୟରତ କାରିଗରମାନଙ୍କର ସଙ୍ଘ ଦେଶର ଯୁବକମାନଙ୍କ ପାଇଁ ଦେଶସାରା ଭ୍ରମଣ ପୂର୍ବକ କାର୍ଯ୍ୟକୁଶଳତା ଶିକ୍ଷାର ଅଭିଜ୍ଞତା ଲାଭ କରିବା ପାଇଁ ସାମାଜିକ ତଥା ପାରସ୍ପରିକ ସାହାଯ୍ୟରତ ଅନୁଷ୍ଠାନମାନ ଆୟୋଜିତ କରିଥିଲେ । କେତେକ କ୍ଷେତ୍ରରେ ଏହି ସଂଗଠନମାନ ସମାଜରେ ବାଣିଜ୍ୟିକ ଜାଗରୁକତା ସୃଷ୍ଟି କରିଥିଲା । ଏହା ପରବର୍ତ୍ତି କାଳରେ "ପାରିଶ୍ରମିକ ପ୍ରଦାନ" ଏବଂ "କାର୍ଯ୍ୟ ସର୍ତ୍ତାବଳୀ" ପ୍ରସଙ୍ଗକୁ ନେଇ ପ୍ରଶିକ୍ଷକ ଓ ଦଲାଲମାନଙ୍କ ବିରୁଦ୍ଧରେ ଧର୍ମଘଟ ତଥା କାର୍ଯ୍ୟବର୍ଜନ ଆନ୍ଦୋଳନମାନ କରିଥିଲା । ଫଳସ୍ୱରୂପ ୧୭୩୧ ଖ୍ରୀ:ଅ:ରେ ଜର୍ମାନୀରେ ଏକ ରାଷ୍ଟ୍ରୀୟ ଆଇନ ପ୍ରଣିତ ହୋଇଥିଲା, ଯାହା ଫଳରେ ସଂଘଗୁଡ଼ିକର ଆନ୍ଦୋଳନ କରିବା ଅଧିକାରକୁ ନିଷେଧ କରାଗଲା ଏବଂ କାର୍ଯ୍ୟରତ କାରିଗରମାନଙ୍କୁ ସେମାନଙ୍କର ଏପରି ସମ୍ମାନୀୟ ଭ୍ରମଣ ସମୟରେ ନିଜର ଏକ ପରିଚୟ ପତ୍ର ସଙ୍ଗରେ ନେବାକୁ ବାଧ୍ୟତାମୂଳକ କରାଯାଇଥିଲା ।

ଦରିଦ୍ର ଗୋଷ୍ଠୀ (The Poor) :

ପ୍ରାରମ୍ଭିକ ଆଧୁନିକ ଯୁଗର ୟୁରୋପୀୟ ସହରୀ ସମାଜର ସର୍ବନିମ୍ନ ସ୍ତରରେ ଅର୍ଦ୍ଧକୁଶଳୀ ତଥା ଅଣକୁଶଳୀ ଶ୍ରମିକମାନେ ସ୍ଥାନିତ ହୋଇଥିଲେ । ଏହି ଗୋଷ୍ଠୀରେ ଶକଟବାହାକ ଓ କୁଲି, ଜାହାଜରେ ମାଲ ବୋଝାଇ ଓ ଖଲାସ କରୁଥିବା ବ୍ୟକ୍ତି, ଜଳବାହାକ ଓ ଝାଡୁଦାର, ସିଲାଇ ବୃତ୍ତିରେ ଥିବା ମହିଳା, ଧୋବଣୀ, ସଫେଇବାଲା ଏବଂ ଗୃହଭୃତ୍ୟମାନେ ଅନ୍ତର୍ଭୁକ୍ତ ଥିଲେ । ସେମାନଙ୍କ ଗ୍ରାମ୍ୟ ସମକର୍ମୀମାନଙ୍କ ଅନୁରୂପ ଏହି ନରନାରୀମାନେ ସହରୀ ସମାଜ ମଧ୍ୟରେ ନ ରହି ସହର ସୀମାନ୍ତରେ ପୃଥକ ରୂପେ ବସବାସ କରୁଥିଲେ । ଏମାନେ ବାଣିଜ୍ୟଚକ୍ର ତଥା ଋତୁଚକ୍ର ଆଧାରିତ ଅଣନିଯୁକ୍ତି ସମସ୍ୟା ଏବଂ ମହାମାରୀ ବିରୁଦ୍ଧରେ ନିଜର ଜୀବନ ସଂଗ୍ରାମ ନିଜେ ଲଢୁଥିଲେ । ଦରିଦ୍ର ଗୋଷ୍ଠୀର ଲୋକମାନେ ସହର ଓ ନଗରଗୁଡ଼ିକ ସୀମାନ୍ତରେ ଥିବା କ୍ଷୁଦ୍ର କୁଡ଼ିଆଗୁଡ଼ିକରେ ବସବାସ କରୁଥିଲେ । ଜେନୋଆରେ ପ୍ରତିବର୍ଷ ଶୀତଋତୁରେ

ବାସହୀନ ଦରିଦ୍ରମାନଙ୍କୁ ଜାହଜ ଆହୁଲା ବାହକ କ୍ରୀତଦାସ (Galley Slaney) ରୂପେ ବିକ୍ରୀକରି ଦିଆଯାଉଥିଲା । ଭେନିସ୍‌ରେ ଦରିଦ୍ରମାନେ ନଗର ସେତୁଗୁଡ଼ିକ ନିମ୍ନରେ ଥିବା ଜରାଜୀର୍ଣ୍ଣ ଭଗ୍ନ ଲମ୍ବଚଟକା ନୌକାଗୁଡ଼ିକରେ ବସବାସ କରୁଥିଲେ । ଫ୍ରାନ୍ସରେ ୧୬୬୯ ଖ୍ରୀ:ଅ:ରେ ଏକ ଅଧ୍ୟାଦେଶ ବଳରେ "ସମାଜର ଅନାବଶ୍ୟକୀୟ ବାରବୁଲା ଏବଂ ଅଦରକାରୀ ସଦସ୍ୟଙ୍କ ଦ୍ୱାରା ଖମ୍ବ ଉପରେ ନିର୍ମିତ ଗୃହଗୁଡ଼ିକୁ ନଷ୍ଟ କରିଦିଆଯାଇଥିଲା ।"

ଶିକ୍ଷା (Education) :

ସାମାଜିକସ୍ତରୀକରଣକୁ ପ୍ରତିଫଳିତ କରିବା ପାଇଁ ପ୍ରାରମ୍ଭିକ ଆଧୁନିକ ଯୁଗର ୟୁରୋପୀୟ ଅନୁଷ୍ଠାନଗୁଡ଼ିକୁ ଯଥେଷ୍ଟ ରୂପେ ପ୍ରସ୍ତୁତ କରାଯାଇଥିଲା । ଶିକ୍ଷା କ୍ଷେତ୍ରରେ ଏହା ବିଶେଷ ରୂପେ ପ୍ରତିଫଳିତ ହୋଇଥିଲା ପ୍ରଥମତଃ ଲାଟିନ ଜ୍ଞାନ ସମ୍ଭ୍ରାନ୍ତ, ବିଦ୍ୱାନ ତଥା ବୃତ୍ତିଧାରୀମାନଙ୍କୁ ବାଣିଜ୍ୟକାର୍ଯ୍ୟରେ ଲିପ୍ତ ମଧ୍ୟମସ୍ତର ନାଗରିକମାନଙ୍କଠାରୁ ପୃଥକ କରୁଥିଲା । ଦ୍ୱିତୀୟତଃ ଲେଖାପଢ଼ା ଜ୍ଞାନ ଥିବା ମଧ୍ୟମ ସ୍ତରର ନାଗରିକମାନେ ଏପରି ଜ୍ଞାନର ଅଧିକାରୀ ନଥିବା ଅନ୍ୟମାନଙ୍କଠାରୁ ପୃଥକ ଥିଲେ । ସମ୍ଭ୍ରାନ୍ତମାନେ ସାଧାରଣତଃ ବ୍ୟକ୍ତିଗତ ଶିକ୍ଷକଙ୍କ ଦ୍ୱାରା ଶିକ୍ଷିତ ହେଉଥିଲେ । ସେମାନେ ନିଜର ଶିକ୍ଷାକୁ ଅଧିକ ବ୍ୟାପକ ବା ଶାଣିତ କରିବା ପାଇଁ ବେଳେ ବେଳେ ବିଶ୍ୱବିଦ୍ୟାଳୟଗୁଡ଼ିକରେ ମଧ୍ୟ ଅଧ୍ୟୟନ କରୁଥିଲେ । ବିଳମ୍ବିତ ସପ୍ତଦଶ ଏବଂ ଅଷ୍ଟାଦଶ ଶତାବ୍ଦୀରେ ରାଜକୀୟ ପୃଷ୍ଠପୋଷକତାରେ ବିଶ୍ୱବିଦ୍ୟାଳୟଗୁଡ଼ିକ ବୌଦ୍ଧିକ ନେତୃତ୍ୱ ନେଉଥିଲେ । ୟୁରୋପୀୟ ସମ୍ରାଟମାନେ ନିଜସ୍ୱ ପ୍ରସିଦ୍ଧି ତଥା ବିଜ୍ଞାନ ଓ କଳାର ପ୍ରସାର ପାଇଁ ବିଭିନ୍ନ ଶୈକ୍ଷିକ ଅନୁଷ୍ଠାନମାନ ପ୍ରତିଷ୍ଠା କରିଥିଲେ । ଚାର୍ଲସ୍-ଦ୍ୱିତୀୟଙ୍କ ଦ୍ୱାରା ୧୬୬୦ ଖ୍ରୀ:ଅ:ରେ "ଲଣ୍ଡନ ରାଜକୀୟ ସମାଜ" (Royal Society of London) ପ୍ରତିଷ୍ଠିତ ହୋଇଥିଲା । "ଫରାସୀ ବିଜ୍ଞାନ ଅନୁଷ୍ଠାନ" (French Academy of Science)ର ପ୍ରତିଷ୍ଠାରେ ଲୁଇସ୍-ଚର୍ତୁଦଶ ଅତ୍ୟଧିକ ଆଗ୍ରହ ପ୍ରକାଶ କରିଥିଲେ । ଅଷ୍ଟାଦଶ ଶତାବ୍ଦୀରେ "ବର୍ଲିନ ବିଜ୍ଞାନ ଏବଂ ସାହିତ୍ୟ ରାଜକୀୟ ଅନୁଷ୍ଠାନ" (Berlin Royal Academy of Science and Letters) କୁ ପ୍ରୁସିଆର ମହାନ ଫ୍ରେଡ଼େରିକ୍ ପୃଷ୍ଠପୋଷକତା କରିଥିଲେ ।

ସରକାରୀ ସେବା ପ୍ରଶିକ୍ଷଣ (Training for Government Service) :

ବିଶିଷ୍ଟ ସରକାରୀ ବ୍ୟକ୍ତିମାନଙ୍କୁ ପ୍ରଶିକ୍ଷିତ କରିବା ପାଇଁ ବିଭିନ୍ନ ଦେଶରେ ଭିନ୍ନ ଭିନ୍ନ ନାମରେ ନିଃଶୁଳ୍କ ବିଦ୍ୟାଳୟମାନ ଫ୍ରାନ୍ସ (The College), ସ୍ପେନ୍ (The Collegio Mayor), ଜର୍ମାନୀ ତଥା ଅଷ୍ଟ୍ରିୟା (The Gymnasium) ରେ ପ୍ରତିଷ୍ଠିତ ହୋଇଥିଲା । ଏଠାରେ ଆଧୁନିକ ଭାଷା ଏବଂ ଗଣିତ ବିଷୟକ ପ୍ରତ୍ୟକ୍ଷ ଅଭ୍ୟାସ କରାଯାଉଥିଲା । ମାତ୍ର ପ୍ରୁସିଆର ହାଲେ ବିଶ୍ୱବିଦ୍ୟାଳୟ (Prassian University of Halle) ଏହାର ବ୍ୟତିକ୍ରମ ଥିଲା । ଏଠାରେ କେବଳ "ଯୁକ୍ତିସଙ୍ଗତ, ଆବଶ୍ୟକୀୟ ଓ ପ୍ରୟୋଗାତ୍ମକ" ଶିକ୍ଷା ପ୍ରଦାନ କରାଯାଉଥିଲା ।

ମଧ୍ୟମବର୍ଗଙ୍କ ଶିକ୍ଷା (Education for the middle orders) :

ମଧ୍ୟମବର୍ଗ ସାମାଜିକ ପରିବାରର ବାଳକମାନେ ପାରିବାରିକ ବ୍ୟବସାୟ ବା ବୃତ୍ତିରେ ପ୍ରବେଶ କରିବା ପାଇଁ ଉଦ୍ଦିଷ୍ଟ ଥିଲେ । ଏଥିପାଇଁ ସେମାନେ କ୍ଷୁଦ୍ର ବ୍ୟକ୍ତିଗତ ଶିକ୍ଷାନୁଷ୍ଠାନରେ ପ୍ରବେଶ କରି କେତେକ ଆବଶ୍ୟକୀୟ ସୂଚନା ବିଷୟରେ ଜ୍ଞାନ ଆହରଣ କରୁଥିଲେ, ଯାହାକୁ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଅବହେଳା କରାଯାଉଥିଲା । ଉଭୟ ଉଚ୍ଚବର୍ଗ ଏବଂ ମଧ୍ୟମବର୍ଗ ସମାଜର ବାଳିକାମାନେ କେବଳ ଗୃହ ମଧ୍ୟରେ ଶିକ୍ଷାଗ୍ରହଣ କରୁଥିଲେ, ଯାହା ଆଧୁନିକ ଭାଷା, ସୁନ୍ଦର ହସ୍ତାକ୍ଷର ଏବଂ ସଙ୍ଗୀତ ଶିକ୍ଷାରେ ସୀମିତ ଥିଲା ।

ଦରିଦ୍ରଙ୍କ ଶିକ୍ଷା (Education for the poor) :

ଅଷ୍ଟାଦଶ ଶତାବ୍ଦୀର ମଧ୍ୟଭାଗ ପର୍ଯ୍ୟନ୍ତ କୌଣସି ୟୁରୋପୀୟ ଦେଶ ତାହାର ସମସ୍ତ ନାଗରିକମାନଙ୍କ ପାଇଁ ରାଷ୍ଟ୍ର ପ୍ରାୟୋଜିତ ପ୍ରାଥମିକ ଶିକ୍ଷା ପ୍ରଦାନର ବ୍ୟବସ୍ଥା କରି ନଥିଲେ । ପ୍ରୁସିଆର ମହାନ ଫ୍ରେଡେରିକ୍ ଏବଂ ହାବସ୍‌ବର୍ଗର ରାଣୀ ମେରୀଆ ଥେରେସା ଓ ତାଙ୍କର ପୁତ୍ର ଯୋଶେଫ-ଦ୍ୱିତୀୟଙ୍କ ରାଜତ୍ୱ କାଳରେ ସେମାନେ ନିଜ ରାଷ୍ଟ୍ରର ସମସ୍ତ ନାଗରିକଙ୍କ ପାଇଁ ବାଧ୍ୟତାମୂଳକ ପ୍ରାଥମିକ ଶିକ୍ଷା ଗ୍ରହଣ ବ୍ୟବସ୍ଥାର ପ୍ରଚଳନ କରିଥିଲେ । ମାତ୍ର ପ୍ରାରମ୍ଭିକ ଊନବିଂଶ ଶତାବ୍ଦୀ ପର୍ଯ୍ୟନ୍ତ

ପ୍ରୁସିଆର ଅପେକ୍ଷାକୃତ ଉନ୍ନତ ପ୍ରଦେଶ କ୍ଲିଭସ୍‌ର ଶିକ୍ଷା ବ୍ୟବସ୍ଥା ମଧ୍ୟ ଜରାଜିର୍ଣ୍ଣ ବିଦ୍ୟାଳୟ ଗୃହ, ଅତିନଗନ୍ୟ ଶିକ୍ଷାର୍ଥୀ ଉପସ୍ଥାନ ଏବଂ ଅଯୋଗ୍ୟ ଶିକ୍ଷକ ବାହାନିକୁ ନେଇ ପରିଚାଳିତ ହେଉଥିଲା । ନିଃସନ୍ଦେହରେ ଅନ୍ୟ ୟୁରୋପୀୟ ଗୋଷ୍ଠୀମାନଙ୍କ ମଧ୍ୟସ୍ଥ ଶିକ୍ଷାବ୍ୟବସ୍ଥା ଏହାଠାରୁ ଅଧିକ ଦୟନୀୟ ରୂପେ ଖରାପ ଥିଲା ।

ସାକ୍ଷରତା ବୃଦ୍ଧି (Increase in Literacy) :

ଆଧୁନିକ ମାନ୍ୟତା ଅନୁଯାୟୀ ପ୍ରାରମ୍ଭିକ ଆଧୁନିକ ୟୁରୋପରେ କୃଷକ ଏବଂ କର୍ମଜିବୀମାନଙ୍କ ପାଇଁ ଶିକ୍ଷାର ସୁଯୋଗ ଅତ୍ୟନ୍ତ ନଗଣ୍ୟ ଥିଲେ ମଧ୍ୟ ଉପଲବ୍ଧ ସୂଚନାନୁଯାୟୀ ସପ୍ତଦଶ ଓ ଅଷ୍ଟାଦଶ ଶତାବ୍ଦୀରେ ସାକ୍ଷରତା ହାରରେ ଉଲ୍ଲେଖନୀୟ ବୃଦ୍ଧି ଘଟିଥିଲା । ଇଂଲଣ୍ଡରେ ୧୬୦୦ ଖ୍ରୀ:ଅ:ରେ ପ୍ରତ୍ୟେକ ୪ ଜଣ ପୁରୁଷରେ ଜଣେ ପୁରୁଷ ସାକ୍ଷର ଥିବାବେଳେ ତାହା ୧୮୦୦ ଖ୍ରୀ:ଅ: ବେଳକୁ ପ୍ରତ୍ୟେକ ୨ ଜଣ ପୁରୁଷରେ ଜଣେ ସାକ୍ଷର ପୁରୁଷ ଥିବାରେ ପହଞ୍ଚି ପାରିଥିଲା । ସେହିପରି ଫ୍ରାନ୍ସରେ ପୁରୁଷ ସାକ୍ଷରତା ହାର ୧୬୮୬ ଖ୍ରୀ:ଅ:ରେ ମାତ୍ର ୨୯%ରୁ ବୃଦ୍ଧି ପାଇଁ ୧୭୮୬ ଖ୍ରୀ:ଅ:ରେ ତାହା ୪୭%ରେ ପହଞ୍ଚିପାରିଥିଲା । ଏହି ସମୟ କାଳ ମଧ୍ୟରେ ନାରୀ ସାକ୍ଷରତା ହାରରେ ବୃଦ୍ଧି ଘଟିଥିଲେ ମଧ୍ୟ ତାହା ପୁରୁଷଙ୍କଠାରୁ ଯଥେଷ୍ଟ ଊଣା ଥିଲା । ଫ୍ରାନ୍ସରେ ୧୭୮୬ ଖ୍ରୀ:ଅ:ରେ ମାତ୍ର ୨୭% ମହିଳା ସାକ୍ଷର ଥିଲେ । ଏଣୁ ସାକ୍ଷାରତାହାର ସ୍ଥାନକୁ ସ୍ଥାନ ଓ ବିଭିନ୍ନ ପରିବେଶ ତଥା ରାଷ୍ଟ୍ରକୁ ନେଇ ଭିନ୍ନ ଭିନ୍ନ ଥିଲା । ବିଭିନ୍ନ ସହରଅଞ୍ଚଳରେ ସାକ୍ଷରତାହାର ଗ୍ରାମାଞ୍ଚଳ ଅପେକ୍ଷା ଅଧିକ ଥିଲା । ରାଷ୍ଟ୍ର ପ୍ରାୟୋଜିତ ସାକ୍ଷରତା ଉଦ୍ୟମ ଯୋଗୁ ପ୍ରୁସିଆ ଓ ଅଷ୍ଟ୍ରୀୟାରେ ସାକ୍ଷରତାହାର ବୃଦ୍ଧି ପାଇଥିଲା । ଧାର୍ମିକ ସଂସ୍କାରବାଦୀମାନଙ୍କ ଦୃଢ଼ ସଙ୍କଳ୍ପ ଯୋଗୁ ଦରିଦ୍ର ଜନସାଧାରଣ ସାକ୍ଷର ହେବା ସଙ୍ଗେ ସଙ୍ଗେ ନିଜେ ଧର୍ମପୁସ୍ତକମାନ ଅଧ୍ୟୟନ କରି ବୁଝି ପାରିଥିଲେ । ସାକ୍ଷର ପ୍ରଜାମାନେ ରାଜାଙ୍କ ଲିଖିତ ଆଦେଶକୁ ମଧ୍ୟ ପାଠ କରିପାରିଲେ । ଏଣୁ ଅଷ୍ଟାଦଶ ଶତାବ୍ଦୀରେ ଇଂଲଣ୍ଡରେ ରବିବାର-ବିଦ୍ୟାଳୟ (Sunday School) ମାନ ଖୋଲାଯାଇ ବୟସ୍କମାନଙ୍କୁ ସାକ୍ଷର କରାଯାଇଥିଲା । ଏହିପରି କାର୍ଯ୍ୟକ୍ରମ ଫ୍ରାନ୍ସର ଖ୍ରୀଷ୍ଟିଆନମାନଙ୍କ ମଧ୍ୟରେ ମଧ୍ୟ ପ୍ରଚଳନ କରାଯାଇଥିଲା ।

ଲୋକପ୍ରିୟ ସଂସ୍କୃତି (Popular Culture) :

ସଂଖ୍ୟାଧିକ ସାଧାରଣ ନାଗରିକ କେବଳ ମାତ୍ର ସ୍ୱାକ୍ଷର ହୋଇଥିଲେ ମଧ୍ୟ ସେମାନଙ୍କ ଏକ ସମୃଦ୍ଧ ନିଜସ୍ୱ ସଂସ୍କୃତି ଥିଲା । ବିଶେଷ କରି ରୋମାନୀୟ କାଥୋଲିକ ରାଷ୍ଟ୍ରଗୁଡ଼ିକର ସାଂସ୍କୃତିକ କାର୍ଯ୍ୟକ୍ରମଗୁଡ଼ିକ ଗୀର୍ଜା କୈନ୍ଦ୍ରିକ ଥିଲା । ପ୍ରତ୍ୟେକ ରବିବାର ଦିନ ଗୀର୍ଜାକୁ ସ୍ତ୍ରୀ ଓ ପୁରୁଷମାନେ ଆସୁଥିଲେ । ଏଠାରେ ସେମାନେ ଉପାସନା କରିବା ସହ ପରସ୍ପର ସହ ସାମାଜିକ ମିଳନ ମଧ୍ୟ ହେଉଥିଲା । ଏହାପରେ ବିଶ୍ରାମ ଦିନର ଅବଶିଷ୍ଟାଂଶକୁ ସେମାନେ ବିଭିନ୍ନ ଗ୍ରାମୀଣ ଖେଳକୁଦ ମଧ୍ୟରେ ଅତିବାହିତ କରୁଥିଲେ । ଏଣୁ ଧର୍ମ ପାଳନ ଅବସରରେ ଗୀର୍ଜା ସାମାଜିକ ମିଳନର ସୁବିଧା ଦେବା ସହ ନିତିଦିନିଆ କାର୍ଯ୍ୟ ଚାପରୁ ଏକ ସ୍ୱାଗତ ଯୋଗ୍ୟ ଅବ୍ୟାହତି ପ୍ରଦାନ କରୁଥିଲା । କୌଣସି ଏକ ନିକଟସ୍ଥ ଗ୍ରାମକୁ ଧାର୍ମିକ ଯାତ୍ରାରେ ବାହାରିଲେ ଉତ୍ସାହିତ ଗ୍ରାମବାସୀମାନେ ସେହି ଗ୍ରାମର ପୃଷ୍ଠପୋଷକତା କରୁଥିବା ସନ୍ଥଙ୍କ ପ୍ରତିମୂର୍ତ୍ତିକୁ ଶୋଭାଯାତ୍ରାରେ ନେଇ ଗ୍ରାମ୍ୟମୁଖ୍ୟଙ୍କ ନେତୃତ୍ୱରେ ଯାତ୍ରା କରୁଥିଲେ । ଏହା ବିଭିନ୍ନ ପାନୀୟ ଗ୍ରହଣ, ନୃତ୍ୟ ଓ ଗୋଷ୍ଠୀ ଭୋଜନରେ ଅତ୍ୟନ୍ତ ଉପଭୋଗ୍ୟ ହେଉଥିଲା ।

ଫ୍ରାନ୍ସ, ଇଟଲୀ, ଅଷ୍ଟ୍ରିଆ ଏବଂ ନେଦରଲାଣ୍ଡ ସହରଗୁଡ଼ିକର କାଥୋଲିକ୍‌ମାନେ ଏକ ପ୍ରକାର ଧାର୍ମୀକ ସଂଗଠନରେ ଯୋଗ ଦେଉଥିଲେ, ଯାହାକୁ 'କନ୍‌ଫ୍ରାଟେର୍ଣ୍ଣିଟିସ୍' (Confraternities) କୁହାଯାଉଥିଲା । ଏହା ମାଧ୍ୟମରେ ସେହି ସଂଗଠନର ସଦସ୍ୟମାନେ ପରସ୍ପରକୁ ସାହାଯ୍ୟ କରୁଥିଲେ ଏବଂ ଜଣେ ପୃଷ୍ଠପୋଷକ ସନ୍ଥଙ୍କୁ କେନ୍ଦ୍ରିତ କରି କେତେକ ସାଧାରଣ ରୀତିନୀତି ତଥା ପରମ୍ପରା ପାଳନ କରୁଥିଲେ । ଅଷ୍ଟାଦଶ ଶତାବ୍ଦୀରେ ପ୍ରଚଳିତ ହୋଇଥିବା ଲୋକପ୍ରିୟ ପ୍ରୋଟେଷ୍ଟାଣ୍ଟ ଆନ୍ଦୋଳନରେ ଧାର୍ମିକ ଗୋଷ୍ଠୀମାନେ ସକ୍ରୀୟ ଥିଲେ । ମହାଦେଶରେ ଦୟାବାଦ (Pietism) ଏବଂ ଇଂଲଣ୍ଡରେ ପଦ୍ଧତିବାଦ (Methodism)ର ପ୍ରଚଳନ ହୋଇଥିଲା ।

ମହୋତ୍ସବ ଓ ଆମୋଦ ପ୍ରମୋଦ (Carnival and Amusements) :

ଲୋକପ୍ରିୟ ସଂସ୍କୃତିଗୁଡ଼ିକ ପ୍ରତ୍ୟକ୍ଷ ରୂପେ ଧର୍ମ ଆଧାରିତ ପରମ୍ପରା ହୋଇଥିଲେ ମଧ୍ୟ ଅନେକ ସାଂସ୍କୃତିକ ଉତ୍ସବ ଧର୍ମନିରପେକ୍ଷ ମଧ୍ୟ ଥିଲା । ଅନେକ ଉତ୍ସାହୋଦ୍ଦିପକ ମହୋତ୍ସବ (Carnival) ପାଳନ କରାଯାଉଥିଲା । ଏପରି ମହୋତ୍ସବମାନ କେବଳ ଭୂମଧ୍ୟ ସାଗରୀୟ ୟୁରୋପରେ ପାଳିତ ନ ହୋଇ ଜର୍ମାନୀ ଓ ଅଷ୍ଟ୍ରୀୟାରେ ମଧ୍ୟ ପାଳନ କରାଯାଉଥିଲା । ଏହି ମହୋତ୍ସବଗୁଡ଼ିକରେ "ପୃଥିବୀକୁ ଓଲଟପାଲଟ କରି ଦେବା" (World Turned up side Down) ଭଳି କଳା ପ୍ରଦର୍ଶନ ଏବଂ ଶୋଭାଯାତ୍ରାମାନ କରାଯାଉଥିଲା । ଲୋକମାନେ ବିଭିନ୍ନ ପ୍ରକାରର କୌତୁକପ୍ରଦ ପୋଷାକ ପରିହିତ ହୋଇ ନାନା ଆମୋଦ ପ୍ରମୋଦରେ ଲିପ୍ତ ରହୁଥିଲେ ।

ବାର୍ଷିକ ଫସଲ ଅମଳ ଉତ୍ସବମାନ ମଧ୍ୟ ଧର୍ମନିରପେକ୍ଷ ଉତ୍ସବ ରୂପେ ପାଳିତ ହେଉଥିଲା । କୃଷିକାର୍ଯ୍ୟର ହାଡ଼ଭଙ୍ଗା ପରିଶ୍ରମ ପରେ ଫସଲ ଅମଳ ସମୟରେ ଏପରି ଉତ୍ସବ ପାଳନ ଅବସରରେ ଖାଦ୍ୟ, ପାନୀୟ, ଖେଳକୁଦ ଏବଂ ପ୍ରେମ ନିବେଦନ ତଥା ଆଦାନ ପ୍ରଦାନ ଦ୍ୱାରା ସମସ୍ତେ ଆନନ୍ଦମୁଖର ହୋଇ ଉଠୁଥିଲେ । ମେଳା ଓ ପର୍ଯ୍ୟଟନସ୍ଥଳଗୁଡ଼ିକ ଦୂରଦୂରାନ୍ତର ଲୋକମାନଙ୍କୁ ଗୋଟିଏ ସ୍ଥାନରେ ଏକତ୍ରିତ କରି ପାରୁଥିଲା । ଦୈନନ୍ଦିନର ବିରକ୍ତି କର ପରିସ୍ଥିତିରୁ ମୁକ୍ତିପାଇବା ପାଇଁ ଲୋକମାନେ ଘୋଡ଼ାଦୌଡ଼, କୁକୁଡ଼ା ଲଢ଼େଇ ଏବଂ ଜୁଆଖେଳ ଆଦିରେ ବ୍ୟାପୃତ ହେଉଥିଲେ । ପଥପ୍ରାନ୍ତ ସରାଇ ଗୃହଗୁଡ଼ିକ ଗ୍ରାମବାସୀମାନଙ୍କର ଏକ ସ୍ଥାୟୀ ଆମୋଦ ପ୍ରମୋଦ ସ୍ଥଳ ଥିଲା । ଏଠାରେ ଲୋକମାନେ ଧୂମପାନ, ମଦିରାପାନ ଓ ଜୁଆଖେଳ ଆଦି ଦ୍ୱାରା ଅବସର ବିନୋଦନ କରୁଥିଲେ ।

କଥିତ ପରମ୍ପରାର ଭୂମିକା (The role of the Oral Tradition) :

ଶ୍ରମିକ ଶ୍ରେଣୀର ନରନାରୀମାନେ କଥିତ ପରମ୍ପରାର କିମ୍ବଦନ୍ତୀ, କାହାଣୀ ଏବଂ ଅନ୍ଧବିଶ୍ୱାସ ଦ୍ୱାରା ପରିଚାଳିତ ହୋଇ ସେମାନଙ୍କର ଜୀବନ ଲକ୍ଷ୍ୟ ଓ ଉଦ୍ଦେଶ୍ୟରେ ପହଞ୍ଚିବାକୁ ଚେଷ୍ଟିତ ହୁଅନ୍ତି । ମେଳାଗୁଡ଼ିକରେ ବୁଲାବିକାଳିଙ୍କ ଦ୍ୱାରା ଏପରି କାହାଣୀଗୁଡ଼ିକ ସନ୍ନିବେଶିତ ଥିବା ପୁସ୍ତକ ବିକ୍ରି କରାଯାଏ । ଏହା ପୁସ୍ତକ ପଢିପାରୁଥିବା ଲୋକମାନେ କିଣିନେଇ ଆଗ୍ରହର ସହ ପଢ଼ନ୍ତି । ସେମାନେ ନିଜ ସମାଜରେ ବାସ କରୁଥିବା ଅନ୍ୟମାନଙ୍କୁ ପୁସ୍ତକରେ ବର୍ଣ୍ଣିତ ନାୟକ ଏବଂ ଖଳନାୟକମାନଙ୍କ କାହାଣୀ ଶୁଣାଇଥାନ୍ତି ତଥା ସେମାନଙ୍କ ଚରିତ୍ର ବିଷୟରେ ବିଶ୍ଳେଷଣ କରିଥାନ୍ତି । ଅନ୍ଧ ବିଶ୍ୱାସର ବଶବର୍ତ୍ତୀ ହୋଇଥିବା ନରନାରୀଙ୍କ ପାଇଁ ଗୁଣିଗାରେଡିର ରୋଚକ ତଥ୍ୟ ଆମୋଦ ଦାୟକ ହୋଇଥାଏ । ସେହିପରି "ସଇତାନ" କଥା ମଧ୍ୟ ସେମାନଙ୍କୁ ବିଶ୍ୱାସ ଯୋଗ୍ୟ ମନେହୁଏ । ନିଜସ୍ୱ ନିୟନ୍ତ୍ରଣ ନ ଥିବା ସମସ୍ୟାଗୁଡ଼ିକର ସମାଧାନ ପାଇଁ ଅନ୍ଧବିଶ୍ୱାସୀମାନେ ଉପକାରୀ ବା ଅପକାରୀ ଅଧିଭୌତିକ ଶକ୍ତିର ଆଶ୍ରୟ ନେବାକୁ ଇଚ୍ଛା ପ୍ରକାଶ କରିଥାନ୍ତି ।

ଯଦିଓ ଲୋକପ୍ରିୟ ପ୍ରଥା, ଉତ୍ସବ ପାଳନ ଏବଂ ବିଶ୍ୱାସଗୁଡ଼ିକ କ୍ରମଶଃ ପ୍ରାରମ୍ଭିକ ଆଧୁନିକ ଯୁଗରେ ଅଧିକ ଧର୍ମନରପେକ୍ଷ ହେବା ଆରମ୍ଭ କରିଥିଲା, ତଥାପି ୟୁରୋପରେ ଏହି ସମସ୍ତ ପରିବର୍ତ୍ତନର ଏକ ସ୍ଥିରତା ପରିଲକ୍ଷିତ ହୋଇଥିଲା । ଏଗୁଡ଼ିକ ୟୁରୋପର ସଂଖ୍ୟାଧିକ ଜନସାଧାରଣଙ୍କ ସାମାଜିକ ସ୍ତରୀକରଣର ସାଂସ୍କୃତିକ ପରିପ୍ରକାଶ ଥିଲା । ଏହା ସେହି ସଭ୍ୟତାର ନରନାରୀମାନଙ୍କୁ ଏକାଠି ବାନ୍ଧି ରଖିବାରେ ସାହାଯ୍ୟ କରିଥିଲା । ପୁଞ୍ଜିବାଦ ଏବଂ ବାଣିଜ୍ୟିକ ସାମ୍ରାଜ୍ୟବାଦ ଏହାର ଭବିଷ୍ୟତ ପରିବର୍ତ୍ତନକୁ କ୍ରମଶଃ ସ୍ୱରୂପ ପ୍ରଦାନ କରିଥିଲା ।

ଆଦର୍ଶ ପ୍ରଶ୍ନାବଳୀ

୧ । ପ୍ରାରମ୍ଭିକ ଆଧୁନିକ ପାଶ୍ଚାତ୍ୟ ଜଗତରେ ହୋଇଥିବା ବାଣିଜ୍ୟ ଏବଂ ନଗର ଅଭିବୃଦ୍ଧି ବିଷୟରେ ଆଲୋଚନା କର ।

୨ । ଆଧୁନିକ ପାଶ୍ଚାତ୍ୟ ଜଗତର ପ୍ରାରମ୍ଭିକ ଉତ୍ଥାନ ସମୟର ନଗର ଜୀବନ ଉପରେ ଆଲୋକପାତ କର ।

❑•❑

UNIT - II

ପ୍ରାରମ୍ଭିକ ଔପନିବେଶିକ ସମ୍ପ୍ରସାରଣ

[EARLY COLONIAL EXPANSION]

অধ্যায় ৩

ପ୍ରାରମ୍ଭିକ ଔପନିବେଶିକ ସମ୍ପ୍ରସାରଣ
(EARLY COLONIAL EXPANSION)

ୟୁରୋପରେ ନବଜାଗରଣ ପରେ ଅନେକ ଭୌତିକ ଏବଂ ଭୌଗୋଳିକ ଆବିଷ୍କାରମାନ ହେଲା । ଭୌଗୋଳିକ ଆବିଷ୍କାର ଫଳରେ ଅନେକ ନୂତନ ଭୂଖଣ୍ଡ ଲୋକ ଲୋଚନକୁ ଆସିଥିଲା । ଏଠାରେ ଔପନିବେଶିକ ଶକ୍ତିମାନେ ସେମାନଙ୍କ ବସତିମାନ ସ୍ଥାପନ କରିବାକୁ ଲାଗିଲେ । ଉପନିବେଶ ସ୍ଥାପନର ଅନେକ କାରଣ ଥିଲା । ସେଗୁଡ଼ିକ ମଧ୍ୟରୁ ମୁଖ୍ୟକାରଣ ଦ୍ୱୟ ହେଲା ନିଯୁକ୍ତି ଅନ୍ୱେଷଣ ଏବଂ ଧର୍ମପ୍ରଚାର । ଇଂଲଣ୍ଡ, ହଲାଣ୍ଡ ଓ ପର୍ତ୍ତୁଗାଲ ପରି ଦେଶ ଏହି ନୂତନ ରୂପେ ଆବିଷ୍କୃତ ଭୂଭାଗର ସେହି ସବୁ ସ୍ଥାନର ପ୍ରାକୃତିକ ସମ୍ବଳ ଏବଂ କଞ୍ଚାମାଲଗୁଡ଼ିକୁ ଶୋଷଣ କରିବା ପାଇଁ ସେମାନଙ୍କ ଦେଶବାସୀଙ୍କୁ ପ୍ରେରଣ କରି ସେଠାରେ ବସତି ସ୍ଥାପନ କରିବାକୁ ଉତ୍ସାହିତ କରିଥିଲେ । ୟୁରୋପୀୟ ଦେଶଗୁଡ଼ିକର ଏପରି ଉପନିବେଶ ସ୍ଥାପନ ମୁଖ୍ୟତଃ ଦୁଇଟି ପର୍ଯ୍ୟାୟରେ ସମ୍ପାଦିତ ହୋଇଥିଲା । ପ୍ରଥମ ପର୍ଯ୍ୟାୟ ଉପନିବେଶ ସ୍ଥାପନ ଖ୍ରୀଷ୍ଟୀୟ ପଞ୍ଚଦଶ ଶତାବ୍ଦୀରୁ ଆରମ୍ଭ ହୋଇ ବସ୍ତୁତଃ ଊନବିଂଶ ଶତାବ୍ଦୀ ପର୍ଯ୍ୟନ୍ତ ବ୍ୟାପ୍ତ ହୋଇଥିଲା । ଏହା "ପ୍ରାଚୀନ ଉପନିବେଶବାଦ" ବା "ପ୍ରାରମ୍ଭିକ ଉପନିବେଶବାଦ" (Old Colonialism or Early Colonialism) ରୂପେ ପରିଚିତ । ଦ୍ୱିତୀୟ ପର୍ଯ୍ୟାୟ ଉପନିବେଶବାଦ ଖ୍ରୀଷ୍ଟୀୟ ଊନବିଂଶ ଶତାବ୍ଦୀରେ ଆରମ୍ଭ ହୋଇଥିଲା, ଯାହା 'ନବ ଉପନିବେଶବାଦ' (New Colonialism) ରୂପେ ପରିଗଣିତ ହୁଏ । ପ୍ରାଚୀନ ଉପନିବେଶବାଦରେ ପର୍ତ୍ତୁଗାଲ, ସ୍ପେନ୍, ହଲାଣ୍ଡ ଏବଂ ଫ୍ରାନ୍ସ ପ୍ରମୁଖ ସ୍ଥାନ ଅଧିକାର କରିଥିବା ବେଳେ ନବ ଉପନିବେଶବାଦ ପ୍ରତିଷ୍ଠାରେ ଇଂଲଣ୍ଡ, ଫ୍ରାନ୍ସ ଏବଂ ହଲାଣ୍ଡ ଅଗ୍ରଣୀ ଥିଲେ । ଉପନିବେଶ ସ୍ଥାପନ ପାଇଁ ମୂଳଦେଶ ଅଧିବାସୀଙ୍କର ସହ ଉପନିବେଶବାଦୀ ଦେଶର ସଂଘର୍ଷ ହେବା ସହ ବିଭିନ୍ନ ଉପନିବେଶବାଦୀ ଦେଶଗୁଡ଼ିକ ମଧ୍ୟରେ ସେମାନଙ୍କର ମାତୃଦେଶ ତଥା ଉପନିବେଶୀୟ ଦେଶରେ ପରସ୍ପର ସହ ଯୁଦ୍ଧ ମଧ୍ୟ ହୋଇଥିଲା । ପ୍ରାରମ୍ଭିକ ଉପନିବେଶବାଦର ସମ୍ପ୍ରସାରଣ ପାଇଁ ଅନେକଗୁଡ଼ିଏ କାରଣ ଥିଲା ।

ଉପନିବେଶ ସ୍ଥାପନର ଉଦ୍ଦେଶ୍ୟ (Motives for Establishment of colonies) :

ନିମ୍ନୋକ୍ତ ଉଦ୍ଦେଶ୍ୟରେ ବିଭିନ୍ନ ୟୁରୋପୀୟ ରାଷ୍ଟ୍ର ସମୂହ ବିଶ୍ୱର ବିଭିନ୍ନ ଅନୁନ୍ନତ ରାଷ୍ଟ୍ରଗୁଡ଼ିକରେ ଉପନିବେଶମାନ ସ୍ଥାପନ କରିଥିଲେ, ଯଥା :-

(୧) ସମ୍ପତ୍ତି ଆହରଣ କାମନା (Desire to Earn Wealth) :

ଉପନିବେଶ ସ୍ଥାପନର ଏକ ମୁଖ୍ୟ କାରଣ ଥିଲା ଧନ ଆହରଣ । ଏହା ଉପନିବେଶୀୟ ବାଣିଜ୍ୟ କିମ୍ବା ଉପନିବେଶର ପ୍ରାକୃତିକ ସମ୍ବଳ ବା ମାନବ ସମ୍ବଳକୁ ଶୋଷଣ କରିବା ଦ୍ୱାରା ସମ୍ପାଦିତ ହୋଇପାରୁଥିଲା । ଫଳରେ ଉପନିବେଶବାଦୀ ରାଷ୍ଟ୍ରକୁ ଶସ୍ତାରେ କଞ୍ଚାମାଲ ଏବଂ ଶ୍ରମିକ ଉପଲବ୍ଧ ହୋଇପାରୁଥିଲା । ଏହିପରି ଉପନିବେଶବାଦୀ ଶକ୍ତିମାନେ ନିଜକୁ ଉପନିବେଶର ଧନରେ ଧନୀ କରାଉଥିବା ବେଳେ ଉପନିବେଶର ମୂଳ ଅଧିବାସୀଙ୍କୁ ସେହି ସମ୍ବଳଗୁଡ଼ିକର ବ୍ୟବହାରରୁ ବଞ୍ଚିତ କରୁଥିଲେ, ଯାହା ନୈତିକ ରୂପେ ସେମାନଙ୍କର ପ୍ରାପ୍ୟ ଥିଲା ।

(୨) ଏକଚାଟିଆ ଅଧିକାର ଉପଭୋଗ (To Enjoy Monopoly Rights) :

ଉପନିବେଶ ସ୍ଥାପନର ଅନ୍ୟ ଏକ କାରଣ ଥିଲା କେତେକ ନିର୍ଦ୍ଦିଷ୍ଟ ଅଞ୍ଚଳ ଏବଂ ସମ୍ବଳ ଉପରେ ଏକଚାଟିଆ ଅଧିକାର ସାବ୍ୟସ୍ତ କରିବା । ଏହାର ମୌଳିକ କାରଣ ଥିଲା "ଉପନିବେଶ ସ୍ଥାପନ କରିଥିବା ଦେଶର ମୂଳ ଭୂଭାଗରେ ପ୍ରତିଷ୍ଠିତ ଶିଳ୍ପକୁ ଏକଚାଟିଆ ଭାବେ ଶସ୍ତାରେ କଞ୍ଚାମାଲ ଯୋଗାଇବା ଫଳରେ ସେହି ଦେଶ ସାରା ବିଶ୍ୱରେ କେତେକ ପଣ୍ୟଦ୍ରବ୍ୟର ଏକଚାଟିଆ କାରବାର କରିବାକୁ ସମର୍ଥ ହେବା" ।

(୩) କଞ୍ଚାମାଲର ଆବଶ୍ୟକତା (Demand for Raw Material) :

ଶିଳ୍ପ ବିପ୍ଳବ ଯୋଗୁ ଅନେକ ୟୁରୋପୀୟ ଦେଶରେ ଶିଳ୍ପର ପ୍ରଗତି ପରିଲକ୍ଷିତ ହୋଇଥିଲା । ମାତ୍ର ଏହି ଦେଶଗୁଡ଼ିକରେ ଶିଳ୍ପକୁ ଚାଲୁ ରଖିବା ପାଇଁ ଯଥେଷ୍ଟ କଞ୍ଚାମାଲ ନଥିଲା । କେତେକ ଦେଶରେ ଆଞ୍ଚଳିକ ଆବଶ୍ୟକତାକୁ ପୂରଣ କରିବା ପାଇଁ ମଧ୍ୟ ସେଠାରେ କଞ୍ଚାମାଲର ଅଭାବ ଥିଲା । ଏହି ଦେଶଗୁଡ଼ିକ ଯଥେଷ୍ଟ କଞ୍ଚାମାଲ ପାଇଁ ଆବଶ୍ୟକୀୟ ଉପନିବେଶର ଅନୁସନ୍ଧାନରେ ଥିଲେ ।

(୪) ଆବିଷ୍କାରର ସୁଫଳ (Advantages of Discoveries) :

କଲମ୍ବସ ଆମେରିକା ଓ ଭାସ୍କୋଡ଼ିଗାମା ଭାରତ ଆବିଷ୍କାର କରିଥିଲେ । କାଳକ୍ରମେ ଅନ୍ୟ ୟୁରୋପୀୟ ନାବିକମାନେ ଅନଗ୍ରସର ଜାତିର ଜନବସତି ଥିବା ନୂତନ ଭୂଭାଗମାନ ଆବିଷ୍କାର କରିଥିଲେ । ସେମାନେ ଶୋଷଣ କରିବା ପାଇଁ ଏକ କର୍ମଷ୍ଠ ଗୋଷ୍ଠୀର ମାନବସମ୍ବଳ ହସ୍ତଗତ କରିପାରିଲେ । ଏଣୁ ଏହି ଦେଶଗୁଡ଼ିକ ସେମାନଙ୍କର କଷ୍ଟୋପାର୍ଜିତ ନୂତନ ଭୂଭାଗ ଆବିଷ୍କାରଗୁଡ଼ିକୁ ହାତଛଡ଼ା କଲେ ନାହିଁ ।

(୫) ନୂତନ ବଜାର ଅନ୍ୱେଷଣ (Search for New Markets) :

ଶିଳ୍ପ ସଂସ୍ଥାଗୁଡ଼ିକରୁ ବହୁଳ ପରିମାଣରେ ଦ୍ରବ୍ୟ ଏବଂ ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀଗୁଡ଼ିକର ଉତ୍ପାଦନ ହେବାରୁ, ସେଗୁଡ଼ିକୁ ବ୍ୟବହାର କରିବା ପାଇଁ ଅଧିକ ସଂଖ୍ୟକ ଉପଭୋକ୍ତାଙ୍କର ଆବଶ୍ୟକ ପଡ଼ିଲା । ଏହି ଉତ୍ପାଦନ ସ୍ଥାନୀୟ ଅଧିବାସୀଙ୍କ ବ୍ୟବହାର ପାଇଁ ଆବଶ୍ୟକ ହେଉଥିବା ଉତ୍ପାଦନ ପରିମାଣଠାରୁ ଖୁବ ଅଧିକ ଥିଲା । ଏଣୁ କେବଳ ମାତ୍ର ବିକଳ୍ପ ପନ୍ଥା ଥିଲା ଯେ ଏହି ଉତ୍ପାଦିତ ସାମଗ୍ରୀଗୁଡ଼ିକୁ ଉପନିବେଶର ଅଧିବାସୀଙ୍କୁ ବିକ୍ରି କରି ମାତୃଦେଶରେ ଉତ୍ପାଦକଙ୍କୁ ତାଙ୍କ ସାମଗ୍ରୀ ତଥା ପରିଶ୍ରମର ଉପଯୁକ୍ତ ମୂଲ୍ୟ ପ୍ରଦାନ କରିବା । ଏହି ଉଦ୍ଦେଶ୍ୟରେ ଉପନିବେଶଗୁଡ଼ିକରେ ନୂତନ ବଜାରମାନ ସ୍ଥାପିତ କରାଗଲା ।

(୬) ଧର୍ମ ପ୍ରଚାର କାମନା (Desire to spread Religion) :

ଖ୍ରୀଷ୍ଟଧର୍ମର ପ୍ରଚାର ପାଇଁ ୟୁରୋପୀୟମାନେ ବିଭିନ୍ନ ଅନଗ୍ରସର ଦେଶ ତଥା ଅଞ୍ଚଳଗୁଡ଼ିକରେ ଉପନିବେଶମାନ ସ୍ଥାପନ କରିବାକୁ ମନବଳାଇଥିଲେ । ଏହି ସୁଦୂର ଉପନିବେଶଗୁଡ଼ିକୁ ଧର୍ମୀୟ ମିଶନାରୀମାନେ ବା ଧର୍ମ ପ୍ରଚାରକମାନେ ବାରମ୍ବାର ଗସ୍ତ କରୁଥିଲେ କିମ୍ବା ସେଠାରେ ସ୍ଥାୟୀ ରୂପେ ବସବାସ କରି ଧର୍ମବାଣୀ ପ୍ରଚାର କରୁଥିଲେ । ସେମାନେ ସ୍ଥାନୀୟ ଅଧିବାସୀଙ୍କୁ ନିୟନ୍ତ୍ରଣ କରିବା ସହ ସେମାନଙ୍କର ଆସ୍ଥା ଭାଜନ ହୋଇପାରି ଥିଲେ । ସେମାନେ ସେଠାରେ ୟୁରୋପୀୟ ସଂସ୍କୃତି ଓ ସଭ୍ୟତାକୁ ପ୍ରଚାର କରିବା ସହ ସେମାନଙ୍କ ଧର୍ମର ଶ୍ରେଷ୍ଠତାକୁ ସେହି ସବୁ ଉପନିବେଶଗୁଡ଼ିକରେ ପ୍ରତିଷ୍ଠା କରିବାକୁ ଇଚ୍ଛା ପୋଷଣ କରିଥିଲେ । ଏହା ଉତ୍ତମ ରୂପେ ଜ୍ଞାତ ଯେ ଏହି ଧର୍ମ ପ୍ରଚାରକମାନେ ଏପରି ଉପନିବେଶଗୁଡ଼ିକରେ ସେମାନଙ୍କର ମାତୃରାଷ୍ଟ୍ରର ବାଣିଜ୍ୟିକ ଓ ରାଜନୈତିକ ପ୍ରଭାବ ବିସ୍ତାର କରିବା ପାଇଁ ଭିତ୍ତିଭୂମି ପ୍ରସ୍ତୁତ କରିଥିଲେ ।

(୭) ବିନିଯୋଗର ସୁଯୋଗ (Opportunities for Investment) :

ଶିଳ୍ପବିପ୍ଳବ ଅନେକ ରାଷ୍ଟ୍ର ଓ ଜାତିକୁ ଆଶାତୀତ ରୂପେ ବିତ୍ତଶାଳୀ କରିଥିଲା । ଏହି ବିତ୍ତଶାଳୀ ବ୍ୟକ୍ତିମାନେ ନିଜସ୍ୱ ରାଷ୍ଟ୍ରରେ ଯଥେଷ୍ଟ ପରିମାଣର ଅର୍ଥ ବିନିଯୋଗ କରିଥିଲେ । ସେମାନେ ନିଜର ବଳକା ଅର୍ଥରୁ ଅଧିକ ଲାଭ ପ୍ରାପ୍ତ ହେବା ଉଦ୍ଦେଶ୍ୟରେ ତାହାକୁ ନୂତନ ଅଞ୍ଚଳଗୁଡ଼ିକରେ ପ୍ରତିଷ୍ଠିତ ଉପନିବେଶଗୁଡ଼ିକରେ ବିନିଯୋଗ କରିବାକୁ ଲାଳାୟିତ ହୋଇଥିଲେ । ଏଣୁ ସେଠାରେ ସେମାନେ ନିଜର ବଳକା ପୁଞ୍ଜିକୁ ବିନିଯୋଗ କଲେ ।

(୮) ଜାତୀୟ ସମ୍ମାନର ସଙ୍କେତ (Symbol of National Prestige) :

ସମୟ ଅତିବାହିତ ହେବା ସହ ବିଦେଶରେ ଉପନିବେଶ ସ୍ଥାପନ କରିବା ରାଷ୍ଟ୍ର ପାଇଁ ଏକ ଜାତୀୟ ସମ୍ମାନ ସଙ୍କେତ ରୂପେ ବିବେଚିତ ହେଲା । ଅଧିକରୁ ଅଧିକ ଉପନିବେଶ ସ୍ଥାପନ କରିବା ଏକ ସୌଖିନ କାର୍ଯ୍ୟ ରୂପେ ପରିଗଣିତ ହେଲା । ଉପନିବେଶର ଅଧିକାରୀ ହେବା ରାଷ୍ଟ୍ରର ସାମର୍ଥକୁ ସୂଚୀତ କଲା । ଏହି ଦୌଡ଼ରେ କୌଣସି ୟୁରୋପୀୟ ରାଷ୍ଟ୍ର ପଛରେ ପଡ଼ିବାକୁ ଚାହିଁଲେ ନାହିଁ; କାରଣ ଏଥିରେ ପଛାଇଯିବାରେ ରାଷ୍ଟ୍ରର ସମ୍ମାନ ହାନୀ ଘଟୁ ଥିଲା ।

(୯) ଜନସଂଖ୍ୟା ବୃଦ୍ଧି ସମସ୍ୟା (Problem of Population Expansion) :

ଖ୍ରୀଷ୍ଟୀୟ ଅଷ୍ଟାଦଶ ଶତାବ୍ଦୀ ପରେ ସମଗ୍ର ୟୁରୋପର ଜନସଂଖ୍ୟାରେ ଦୃତ ଅଭିବୃଦ୍ଧି ଘଟିବା ଆରମ୍ଭ ହୋଇଥିଲା । ଏହି ବର୍ଦ୍ଧିତ ଲୋକସଂଖ୍ୟାକୁ ଦେଶ ମଧ୍ୟରେ ସୀମିତ ରଖିବା ଅସମ୍ଭବ ହୋଇପଡ଼ିଲା । ରାଷ୍ଟ୍ର ମଧ୍ୟରେ ସମସ୍ତଙ୍କୁ ନିଯୁକ୍ତି ତଥା ଅନ୍ୟାନ୍ୟ ସୁଯୋଗ ପ୍ରଦାନ କରିବା ସମ୍ଭବ ନଥିଲା । ଏଣୁ ଏକମାତ୍ର ପନ୍ଥା ଥିଲା ଯେ ଏହି ବଳକା ଜନସଂଖ୍ୟାକୁ ଉପନିବେଶଗୁଡ଼ିକରେ ଥଇଥାନ କରିବା ।

(୧୦) ନାବିକମାନଙ୍କ ବିବରଣୀ (Accounts of Sailors) :

ଖ୍ରୀଷ୍ଟୀୟ ସପ୍ତଦଶ ଓ ଅଷ୍ଟାଦଶ ଶତାବ୍ଦୀରେ ଅନେକ ସାହାସୀ ନାବିକ ନୌଯାତ୍ରାରେ ପୃଥିବୀ ପରିକ୍ରମା କରିସାରିଥିଲେ । ସ୍ୱଦେଶକୁ ପ୍ରତ୍ୟାବର୍ତ୍ତନ ପରେ ସେମାନେ ଭ୍ରମଣ କରିଥିବା ଅନେକ ଦେଶର ରୋଚକ ଏବଂ ଆକର୍ଷକ ବିବରଣୀମାନେ ପ୍ରଦାନ କରିଥିଲେ । ଏହି ଲୋଭନୀୟ ବର୍ଣ୍ଣନାରେ ଉତ୍ସାହିତ ହୋଇ ବହୁ ମାତୃଦେଶ ଅଧିବାସୀ ସେମାନଙ୍କ

ଭାଗ୍ୟ ଅନ୍ୱେଷଣରେ ସେଠାରେ ସ୍ଥାୟୀ ରୂପେ ବସବାସ କରିବାକୁ ମନ ବଳାଇଥିଲେ ଏବଂ ଅନେକ ସେଠାରେ ବାଣିଜ୍ୟ ବ୍ୟବସାୟ କରି ଲାଭବାନ ହେବାକୁ ଇଚ୍ଛା ପ୍ରକାଶ କରିଥିଲେ ।

(୧୧) ସାମରିକ ଭିତ୍ତିଭୂମିର ଆବଶ୍ୟକତା (Need for Military Base) :

ୟୁରୋପୀୟ ରାଷ୍ଟ୍ରଗୁଡ଼ିକ ବିଭିନ୍ନ ନୂତନ ଭୂଭାଗରେ ନିଜର ଉପନିବେଶ ସ୍ଥାପନ ସହ ବାଣିଜ୍ୟର ମଧ୍ୟ ବିକାଶ ସାଧିତ କଲେ । ଏଣୁ ଉପନିବେଶ ବସତି ଓ ବାଣିଜ୍ୟକେନ୍ଦ୍ର ତଥା ପଣ୍ୟଦ୍ରବ୍ୟର ସୁରକ୍ଷା ଅନିର୍ବାର୍ଯ୍ୟ ହୋଇପଡ଼ିଲା । ଉଭୟ ବାହ୍ୟ ଆକ୍ରମଣ ଏବଂ ସ୍ଥାନୀୟ ଜନସାଧାରଣଙ୍କ ବିଦ୍ରୋହକୁ ପ୍ରତିହତ କରିବା ପାଇଁ ସେମାନେ ସାମରିକ ବଳ ଏବଂ ନୌସେନା ଘାଟି ମାନ ପ୍ରତିଷ୍ଠା କଲେ । ଏଥିପାଇଁ ଉପନିବେଶବାଦୀ ଶକ୍ତିମାନେ ଅଧିକରୁ ଅଧିକ ଉପନିବେଶ ସ୍ଥାପନ କରିବାର ଆବଶ୍ୟକତା ଅନୁଭବ କରିଥିଲେ ।

(୧୨) ସାମରିକ ଆବଶ୍ୟକତା ପୂରଣ (Necessity to Meet Military Requirements) :

ଉପନିବେଶୀୟ ଶକ୍ତିମାନେ ନିଜକୁ ତଥା ନିଜର ଉପନିବେଶର ବସତିଗୁଡ଼ିକୁ ସୁରକ୍ଷା ପ୍ରଦାନ କରିବା ପାଇଁ ଏକ ଶକ୍ତିଶାଳୀ ତଥା କ୍ଷମତାସମ୍ପନ୍ନ ସାମରିକ ବାହିନୀ ଆବଶ୍ୟକ କରୁଥିଲେ । ଶ୍ରେଷ୍ଠତ୍ୱ ପ୍ରତିପାଦନ ପାଇଁ ଉଭୟ ଉପନିବେଶ ଏବଂ ୟୁରୋପରେ ବିଭିନ୍ନ ରାଷ୍ଟ୍ରମାନଙ୍କ ମଧ୍ୟରେ ସାଧାରଣତଃ ଯୁଦ୍ଧ ସଂଘଟିତ ହେଉଥିଲା । ଯୁଦ୍ଧ ପାଇଁ ସାମରିକ ବାହିନୀ ପ୍ରସ୍ତୁତ କରିବା ବ୍ୟୟସାପେକ୍ଷ ଥିଲା । କେତେକ ରାଷ୍ଟ୍ର ବୀର ସୈନିକଙ୍କ ପାଇଁ ପ୍ରସିଦ୍ଧ ଥିଲେ । ଏଣୁ ଉପନିବେଶବାଦୀ ରାଷ୍ଟ୍ରମାନେ ଅଧିକରୁ ଅଧିକ ଉପନିବେଶ ଅଧିକାର କରିବା ପାଇଁ ଇଚ୍ଛା ପ୍ରକାଶ କରିଥିଲେ, କାରଣ ଏହି ଉପନିବେଶଗୁଡ଼ିକରୁ ସେମାନେ ନିଜର ସୈନ୍ୟବାହିନୀ ପାଇଁ ଅଧିକ ମାନବସମ୍ବଳ ଯୋଗାଡ଼ କରୁଥିଲେ ।

ବସ୍ତୁତଃ ଖ୍ରୀଷ୍ଟୀୟ ସପ୍ତଦଶ ଶତାବ୍ଦୀରୁ ଉନବିଂଶ ଶତାବ୍ଦୀ ମଧ୍ୟରେ ଉପନିବେଶ ସ୍ଥାପନ କରିବା ଏକ ନିତିଦିନିଆ କଥା ଥିଲା । ଯେଉଁ ୟୁରୋପୀୟ ରାଷ୍ଟ୍ରଗୁଡ଼ିକ ନିକଟରେ ଅଧିକ ପୁଞ୍ଜିବଳ ଓ ମାନବ ସମ୍ବଳ ଥିଲା ସେମାନେ ଯଥା ସମ୍ଭବ ବହୁ ସଂଖ୍ୟକ ଉପନିବେଶମାନ ସ୍ଥାପନ କରିବା ପାଇଁ ଯତ୍‌ପରୋନାସ୍ତି ପ୍ରଚେଷ୍ଟା ଚଳାଇଥିଲେ । ଏହି ଉପନିବେଶବାଦ ସାରା ପୃଥିବୀର ଅଗଣିତ ଜନସଂଖ୍ୟାର ନିର୍ଯ୍ୟାତନାର କାରଣ ହୋଇଥିଲା । ଏହା ମଧ୍ୟ ମାନବସମାଜକୁ ଯୁଦ୍ଧର ପ୍ରଳୟ ମଧ୍ୟକୁ ଟାଣି ନେଇଥିଲା ।

ଆଦର୍ଶ ପ୍ରଶ୍ନାବଳୀ

୧ । ପ୍ରାରମ୍ଭିକ ଔପନିବେଶିକ ସମ୍ପ୍ରସାରଣ ବିଷୟରେ ବର୍ଣ୍ଣନା କର ।

୨ । ଉପନିବେଶ ସ୍ଥାପନର ଉଦ୍ଦେଶ୍ୟଗୁଡ଼ିକ ଉପରେ ଆଲୋକପାତ କର ।

ଅଧ୍ୟାୟ ୪

ସମୁଦ୍ର ଯାତ୍ରା ଏବଂ ଭୌଗୋଳିକ ଅଭିଯାତ୍ରା
(SEA VOYAGES AND GEOGRAPHICAL EXPLORATIONS)

ନବଜାଗରଣ ଆନ୍ଦୋଳନ ୧୫ଶ ଶତାବ୍ଦୀର ୟୁରୋପୀୟମାନଙ୍କୁ ଦୁଃସାହସିକ ସାଗର ଯାତ୍ରା କରିବା ପାଇଁ ପ୍ରେରଣା ଦେଲା । ୧୩ଶ ଶତାବ୍ଦୀର ଶେଷ ଭାଗରେ ନାବିକ କମ୍ପାସ (Mariner's Compass), ସାମୁଦ୍ରିକ ପଥର ନକ୍ସା ଓ ସାରେଣୀ, ଉନ୍ନତ ଜାହାଜ ନିର୍ମାଣ କୌଶଳ ଏବଂ ଅନେକ ଦକ୍ଷ ଓ କୌଶଳୀ ନାବିକମାନେ ସୃଷ୍ଟି ହୋଇସାରିଥିଲେ । ପୂର୍ବରୁ ମାର୍କୋପୋଲୋଙ୍କ ଭ୍ରମଣ ବୃତ୍ତାନ୍ତ ଓ ଟୋସ୍କାନେଲିଙ୍କ ପୃଥିବୀ ବର୍ତ୍ତୁଳାକାର ବୋଲି ଭୌଗୋଳିକ ପ୍ରମାଣ ଜନମାନସରେ ଅନୁସନ୍ଧିତ୍ସା ଜାଗ୍ରତ କରିଥିଲା । ଓଟୋମାନ୍ ତୁର୍କମାନଙ୍କର ୧୫୪୩ ଖ୍ରୀ:ଅ:ରେ ଗ୍ରୀସ୍ ଅଧିକାର ୟୁରୋପୀୟମାନଙ୍କୁ ପ୍ରାଚ୍ୟ ଭୂଖଣ୍ଡ ସଙ୍ଗେ ସମ୍ପର୍କ ରଖିବାରେ ଅନ୍ତରାୟ ହେଲା । ୟୁରୋପୀୟ ଦେଶମାନଙ୍କର ଜନସଂଖ୍ୟା ବୃଦ୍ଧି ଓ ଖ୍ରୀଷ୍ଟଧର୍ମଯାଜକମାନଙ୍କ ଧର୍ମ ପ୍ରଚାରର ଅଭିଳାଷ ମଧ୍ୟ ଅନ୍ୟାନ୍ୟ ଭୂଭାଗକୁ ଜଳପଥମାନ ଆବିଷ୍କାର କରିବାକୁ ପ୍ରେରଣା ଯୋଗାଇଲା । ଅନ୍ଧବିଶ୍ୱାସରେ ପରିପୂର୍ଣ୍ଣ ମଧ୍ୟଯୁଗୀୟ ଚିନ୍ତାଧାରା ଥିଲା ଯେ ପୃଥିବୀ ସମତଳ ଅଟେ ଏବଂ ଏହା ଏସିଆ, ୟୁରୋପ ଓ ଆଫ୍ରିକାକୁ ନେଇ ଗଠିତ ତଥା ଏହାର ମଧ୍ୟସ୍ଥଳ ହେଲା ଜେରୁଜେଲମ୍ । ଏଣୁ ନାବିକମାନେ କେବଳ ପୂର୍ବ ଦିଗକୁ ଯାତ୍ରା କରୁଥିଲେ । କେହି ମଧ୍ୟ ପଶ୍ଚିମରେ ଥିବା ଆଟଲାଣ୍ଟିକ୍ ବା ପ୍ରଶାନ୍ତ ମହାସାଗରକୁ ଯିବାକୁ ସାହସ କରୁନଥିଲେ । ସେମାନଙ୍କର ଧାରଣା ଥିଲା ଯେ ଏହି ମହାସାଗରମାନଙ୍କରେ ଭୟଙ୍କର ଅସୁରୀୟ ଜୀବମାନେ ବାସ କରନ୍ତି । ଏଥିରେ ସବୁବେଳେ ସାମୁଦ୍ରିକ ଝଡ଼ ଲାଗି ରହିଥାଏ ଏବଂ ସାମୁଦ୍ରିକ ଦାବାନଳ ତାର ଲେଲିହାନ ଶିଖା ବିସ୍ତାର କରିଥାଏ । ଏହାଛଡ଼ା ପଶ୍ଚିମ ଦିଗକୁ ଯାତ୍ରା କଲେ ପୃଥିବୀର ଶେଷ ଭାଗରେ ପହଞ୍ଚିଯିବାର ଭୟ ସେମାନଙ୍କୁ ଗ୍ରାସ କରିଥିଲା । କିନ୍ତୁ ନବଜାଗରଣ ଯୁଗର ବୈଜ୍ଞାନିକ ଆବିଷ୍କାର ଓ ଜ୍ଞାନର ବିକାଶ ଏହିସବୁ ଅନ୍ଧବିଶ୍ୱାସଗୁଡ଼ିକୁ ଦୂର କରି ଜନମାନସରେ ନୂତନ ଚିନ୍ତାଧାରା ଓ ଅନୁସନ୍ଧିତ୍ସା ଭରି ଦେଇଥିଲା । ଫଳରେ ଅନେକ ଭୌଗୋଳିକ ଆବିଷ୍କାର ସମ୍ଭବ ହୋଇଥିଲା ।

ସମୁଦ୍ରଯାତ୍ରାର ଉଦ୍ଦେଶ୍ୟ (Motives of Sea Voyages) :

ମଧ୍ୟଯୁଗରୁ ୟୁରୋପ ପ୍ରାରମ୍ଭିକ ଆଧୁନିକ ଯୁଗରେ ପ୍ରବେଶ କରିବା ସମୟରେ ଯେଉଁ କେତେକ ଦୁଃସାହସିକ ସମୁଦ୍ରଯାତ୍ରାମାନ ସଙ୍ଘଟିତ ହୋଇଥିଲା; ସେଗୁଡ଼ିକର ମୁଖ୍ୟ ଉଦ୍ଦେଶ୍ୟଦ୍ୱୟ ଥିଲା :- ଅର୍ଥନୈତିକ ଉଦ୍ଦେଶ୍ୟ ଏବଂ ଧର୍ମ ପ୍ରଚାର ଉଦ୍ଦେଶ୍ୟ ।

(କ) ଅର୍ଥନୈତିକ ଉଦ୍ଦେଶ୍ୟ (Economic Motive) :

ଏସିଆ ମହାଦେଶର ମସଲା ଏବଂ ସୌଖିନ ଦ୍ରବ୍ୟଗୁଡ଼ିକର ଚାହିଦା ମଧ୍ୟଯୁଗୀୟ ୟୁରୋପରେ ଯଥେଷ୍ଟ ଥିଲା । ଗୋଲମରିଚ, ଡାଲଚିନି, ଅଦା, ଲବଙ୍ଗ ଏବଂ ଯାଇଫଳ ପରି ମସଲା କେବଳ ଦକ୍ଷିଣ ପୂର୍ବ ଏସିଆର ବିଷୁବମଣ୍ଡଳୀୟ ଜଳବାୟୁରେ ଉତ୍ପାଦିତ ହୁଏ । ଏହି ମସଲାଗୁଡ଼ିକ ଦ୍ୱାରା ପ୍ରସ୍ତୁତ ଖାଦ୍ୟଦ୍ରବ୍ୟକୁ ସଂରକ୍ଷିତ କରି ରଖିବାରେ ୟୁରୋପୀୟମାନେ ସମର୍ଥ ହେଉଥିଲେ । ଏଣୁ ରେଫ୍ରିଜେରେଟର ନଥିବା ମଧ୍ୟଯୁଗୀୟ ୟୁରୋପର ଧନୀ ୟୁରୋପୀୟମାନେ ନିଜର ଖାଦ୍ୟପଦାର୍ଥଗୁଡ଼ିକୁ ସଢ଼ି ନ ଯିବା ପାଇଁ ଏହି ସାମାନ୍ୟ ବିଶୁବ ମଣ୍ଡଳୀୟ ମସଲାଗୁଡ଼ିକ ବହୁଳ ରୂପେ ଆବଶ୍ୟକ କରୁଥିଲେ । କେବଳ ସାଧାରଣ ଲବଣ ବ୍ୟତୀତ ଅନ୍ୟ କୌଣସି ଖାଦ୍ୟ ସ୍ୱାଦିଷ୍ଟିକରଣ ବସ୍ତୁର ଅଭାବରେ ୟୁରୋପୀୟମାନେ ନିଜର ନିତିଦିନିଆ ସ୍ୱାଦହୀନ ଖାଦ୍ୟର ସ୍ୱାଦକୁ ନୂତନତ୍ୱ ପ୍ରଦାନ କରିବା ପାଇଁ ଏପରି ମସଲାର ବହୁଳ ବ୍ୟବହାର କରୁଥିଲେ । ବିଳମ୍ବିତ ମଧ୍ୟଯୁଗରେ ମୁସଲମାନ, ଭେନିସୀୟ ଏବଂ ଜିଓନୀୟ ବାଣିଜ୍ୟିକ ମଧ୍ୟସ୍ଥି ବା ଦଲାଲମାନଙ୍କ ଦ୍ୱାରା ସ୍ଥଳପଥରେ ଏସିଆର ମସଲା, ମୂଲ୍ୟବାନ ବସ୍ତ୍ର ଏବଂ ମଣିମୁକ୍ତା ଆଦି ୟୁରୋପୀୟମାନଙ୍କୁ ଉପଲବ୍ଧ କରାଯାଉଥିଲା, ମାତ୍ର ସେମାନେ ଏହି ପଣ୍ୟଗୁଡ଼ିକର କାରବାରରୁ ପ୍ରଚୁର ମୁନାଫା ଉଠାଉଥିବାରୁ ମୂଲ୍ୟ ବହୁଗୁଣିତ ହୋଇ ଯାଉଥିଲା । ୟୁରୋପରୁ ଜଳପଥରେ ସମୁଦ୍ରଯାତ୍ରା କରି ଦକ୍ଷିଣ ଏସିଆ ଦେଶରୁ ଏପରି ବସ୍ତୁଗୁଡ଼ିକର ପ୍ରତ୍ୟକ୍ଷ ଆମଦାନୀ କରିବା ଅପେକ୍ଷାକୃତ ରୂପେ ଅଧିକ ଶସ୍ତା ଥିଲା । ଏଣୁ ଯେକୌଣସି ବ୍ୟକ୍ତି ୟୁରୋପରୁ ସମୁଦ୍ରଯାତ୍ରା କରି ପ୍ରତ୍ୟେକ୍ଷ ରୂପେ ଉତ୍ପାଦକ ଦେଶରୁ ବିନା କୌଣସି ମଧ୍ୟସ୍ଥଙ୍କ ସହାୟତାରେ ପଣ୍ୟ ଆହାରଣ କରିବା ଅତ୍ୟଧିକ ଲାଭପ୍ରଦ ଥିଲା । ମଧ୍ୟଏସିଆରେ ଚାଲିଥିବା ବିଶୃଙ୍ଖଳିତ ପରିସ୍ଥିତି ଏସିଆ ସହ ୟୁରୋପୀୟଙ୍କ ସ୍ଥଳପଥ ବାଣିଜ୍ୟକୁ ଅତ୍ୟନ୍ତ ଅସୁରକ୍ଷିତ କରି ପକାଇଥିଲା । ଆହୁରି ମଧ୍ୟ ରେଳପଥ ଯୋଗାଯୋଗ ବ୍ୟବସ୍ଥା ପ୍ରତିଷ୍ଠିତ ହେବା ପୂର୍ବରୁ ସ୍ଥଳପଥ ବାଣିଜ୍ୟ ଅପେକ୍ଷା ଜଳପଥର ନୌବାଣିଜ୍ୟ ଶସ୍ତା ଥିଲା । ଏଣୁ ୟୁରୋପୀୟମାନେ ସମୁଦ୍ର ପଥରେ ଯାତ୍ରା କରି ସୁଦୂର ବାଣିଜ୍ୟ ବ୍ୟବସାୟରେ ମନ ବଳାଇଥିଲେ ।

(ଖ) ଧର୍ମ ପ୍ରଚାର ଉଦ୍ଦେଶ୍ୟ (Motive of Religious Preaching) :

ଅଣ ଖ୍ରୀଷ୍ଟିଆନ ଦେଶର ଅଧିବାସୀମାନଙ୍କୁ ଖ୍ରୀଷ୍ଟଧର୍ମର ଦୀକ୍ଷିତ କରିବା ପାଇଁ ଖ୍ରୀଷ୍ଟିୟ ଧର୍ମଗୁରୁମାନେ ୟୁରୋପର ଶାସକ ଗୋଷ୍ଠୀଙ୍କୁ ପ୍ରଭାବିତ କରିଥିଲେ । ୟୁରୋପୀୟମାନେ କଳ୍ପନା କରିଥିଲେ ଯେ "ପୂର୍ବାଞ୍ଚଳ ଦେଶଗୁଡ଼ିକରେ ଥିବା ଇସଲାମୀୟ ଧର୍ମର ଅଧିବାସୀମାନେ ପ୍ରକୃତରେ ହଜିଯାଇଥିବା ଖ୍ରୀଷ୍ଟଧର୍ମାବଲମ୍ବୀ (Lost Christians) ଅଟନ୍ତି" । ଏଣୁ ସେମାନଙ୍କୁ ପୁର୍ନବାର ଖ୍ରୀଷ୍ଟଧର୍ମକୁ ଫେରାଇ ଆଣିବାକୁ ଇଟାଲୀୟ ନବଜାଗରଣ ପୂର୍ବର ମଧ୍ୟଯୁଗୀୟ ୟୁରୋପୀୟମାନେ ନିଜର ନୈତିକ କର୍ତ୍ତବ୍ୟ ରୂପେ ବିବେଚନା କରୁଥିଲେ । ଏହା ସେମାନଙ୍କୁ ପୂର୍ବ ଏସିଆ ଏବଂ ଅନ୍ୟାନ୍ୟ ଅନଗ୍ରସର ନୂତନ ଭୂଭାଗ ଦିଗରେ ନୌଯାତ୍ରା କରିବା ପାଇଁ ଅନୁପ୍ରାଣିତ କରିଥିଲା ।

ମାର୍କୋପୋଲୋ : ୧୨୫୪-୧୩୨୪ ଖ୍ରୀ:ଅ: ଭୌଗଳିକ ଅଭିଯାତ୍ରା

(Marcopolo : 1254 – 1324 A.D.) : (Geographical Explorations) :

ଭେନିସ୍‌ରେ ୧୨୫୪ ଖ୍ରୀ:ଅ:ରେ ମାର୍କୋପୋଲୋଙ୍କ ଜନ୍ମ । ତାଙ୍କ ପିତା ନିକୋଲି ପୋଲୋ ଭେନିସ୍‌ର ଅନ୍ୟ ବ୍ୟବସାୟୀଙ୍କ ସଙ୍ଗେ ମଧ୍ୟପ୍ରାଚ୍ୟ ଓ ଚୀନ୍ ସୀମା ପର୍ଯ୍ୟନ୍ତ ବ୍ୟବସାୟ ପାଇଁ ସ୍ଥଳପଥରେ ଯାତ୍ରା କରୁଥିଲେ । ୧୨୭୧ ଖ୍ରୀ:ଅ:ରେ ଇଟାଲୀରୁ ଯାତ୍ରା ଆରମ୍ଭ କରି ମାର୍କୋପୋଲୋ ସ୍ଥଳପଥରେ ପାଲେଷ୍ଟାଇନ୍, ଆର୍ମେନିଆ, ମେସୋପଟାମିଆ, ପାରସ୍ୟ, ପାମିର୍, କାଶ୍‌ଗଡ଼୍ ଓ ଖୋଟାନ୍ ଦେଇ ଯାତ୍ରାକରି ଶେଷରେ ୧୨୭୫ ଖ୍ରୀ:ଅ:ରେ ଚୀନ୍‌ର

ରାଜଧାନୀ ପେକିଙ୍ଗ୍‌ରେ ପହଞ୍ଚିଥିଲେ । ସେତେବେଳର ଚୀନ୍ ସମ୍ରାଟ୍ କୁବ୍‌ଲାଇ ଖାଁ ମାର୍କୋପୋଲୋଙ୍କୁ ତାଙ୍କ ରାଜସଭାରେ ସସମ୍ମାନ ଗ୍ରହଣ କଲେ । ସେଠାରେ ସେ ୧୨୭୫ ଖ୍ରୀ:ଅ:ରୁ ୧୨୯୨ ଖ୍ରୀ:ଅ: ପର୍ଯ୍ୟନ୍ତ ୧୭ ବର୍ଷ କାଳ ଅବସ୍ଥାନ କଲେ । ତାଙ୍କ ବ୍ୟକ୍ତିତ୍ୱରେ ପ୍ରଭାବିତ ହୋଇ ସମ୍ରାଟ ତାଙ୍କୁ ୩ ବର୍ଷ ପାଇଁ ୟାଙ୍ଗଚାଉ୍ ନଗରୀର ରାଜ୍ୟପାଳ ରୂପେ ଅଧିଷ୍ଠିତ କରିଥିଲେ ।

୧୨୯୨ ଖ୍ରୀ:ଅ:ରେ ମାର୍କୋପୋଲୋ ଜଳପଥରେ ଚୀନ୍‌ରୁ ଯାତ୍ରା ଆରମ୍ଭ କରି ଜାହାଜରେ ବର୍ମା, ସୁମାତ୍ରା ଓ ଦକ୍ଷିଣ ଭାରତ ଦେଇ ପାରସ୍ୟର ଖାଡ଼ି (Persian Gulf)ରେ ପହଞ୍ଚିଲେ । ସେଠାରୁ ସେ ଇଟାଲୀକୁ ଯାତ୍ରା କରି ପାରସ୍ୟ ଓ କନ୍‌ଷ୍ଟାଣ୍ଟିନୋପଲ୍ ମଧ୍ୟଦେଇ ୧୨୯୫ ଖ୍ରୀ:ଅ:ରେ ଭେନିସ୍‌ରେ ପହଞ୍ଚିଥିଲେ । କିନ୍ତୁ ଦୀର୍ଘ ୨୪ ବର୍ଷର ଅନୁପସ୍ଥିତିରେ ତାଙ୍କର ପରିବାରବର୍ଗ ତାଙ୍କୁ ଭୁଲିଯାଇଥିଲେ । ସେମାନେ ତାଙ୍କର ମୃତ୍ୟୁ ହୋଇଯାଇଛି ବୋଲି ଭାବି ନେଇଥିଲେ । କିଛିଦିନର ସହାବସ୍ଥାନ ପରେ ସେମାନେ ତାଙ୍କୁ ଚିହ୍ନିପାରି ଅତ୍ୟନ୍ତ ଖୁସି ହୋଇ ଉତ୍ସବମୁଖର ହୋଇପଡ଼ିଥିଲେ । ମାର୍କୋପୋଲୋ ଚୀନ୍ ସମ୍ରାଟଙ୍କଠାରୁ ଉପହାରରେ ପାଇଥିବା ଦୁର୍ମୂଲ୍ୟ ରେଶମବସ୍ତ୍ର ଓ ରତ୍ନ ଅଳଙ୍କାରମାନ ସେମାନଙ୍କ ମଧ୍ୟରେ ବାଣ୍ଟି ଦେଇଥିଲେ ।

ଏହାପରେ ପରେ ଭେନିସ୍ ଓ ଜେନୋଆ ମଧ୍ୟରେ ଏକ ନୌଯୁଦ୍ଧରେ ଯୋଗଦେଇ ମାର୍କୋପୋଲୋ ଜେନୋଆର ସେନାବାହିନୀ ଦ୍ୱାରା ଜଣେ ଯୁଦ୍ଧବନ୍ଦୀ ରୂପେ କାରାବରଣ କଲେ । ଏହି ସମୟରେ କାରାଗାର ମଧ୍ୟରେ ସେ ତାଙ୍କର ଚୀନ୍ ଗସ୍ତ ଓ ସେଠାରୁ ପ୍ରତ୍ୟାବର୍ତ୍ତନର ରୋମାଞ୍ଚକର ଭ୍ରମଣ କାହାଣୀର ଚାକ୍ଷୁଷ ବର୍ଣ୍ଣନା ଉପସ୍ଥାପନା ପୂର୍ବକ ଏକ ପୁସ୍ତକ ରଚନା କରିଥିଲେ । ଭୌଗୋଳିକ, ସାମାଜିକ ଓ ରାଜନୈତିକ ତଥ୍ୟପୂର୍ଣ୍ଣ ଏହି ପୁସ୍ତକଟି ‘‘ମାର୍କୋପୋଲୋଙ୍କ ପୁସ୍ତକ’’ (The Book of Marco Polo) ରୂପେ ପ୍ରକାଶିତ ହୋଇ ପରବର୍ତ୍ତୀ ନୌଯାତ୍ରୀ ଓ ଆବିଷ୍କର୍ତ୍ତାମାନଙ୍କର ଦିଗ୍‌ଦର୍ଶକ ହୋଇଥିଲା । ଏହି ପୁସ୍ତକଟି ଅନେକ ଆଞ୍ଚଳିକ ଭାଷାରେ ଅନୁବାଦିତ ହୋଇ ପାଠକୀୟ ସ୍ୱୀକୃତି ମଧ୍ୟ ଲାଭ କରିଥିଲା । ୧୩୨୪ ଖ୍ରୀ:ଅ:ରେ ମାର୍କୋପୋଲୋଙ୍କର ମୃତ୍ୟୁ ହୋଇଥିଲା ।

ନାବିକ କମ୍ପାସର ଉଦ୍ଭାବନ (Invention of Mariner's Compass) :

ତ୍ରୟୋଦଶ ଶତାବ୍ଦୀର ଶେଷଭାଗକୁ ୟୁରୋପରେ ନାବିକ କମ୍ପାସ (Mariner's Compass)ର ଉଦ୍ଭାବନ ହେବା ଫଳରେ ସମୁଦ୍ରଯାତ୍ରା ଅଧିକ ସରଳ ଓ ନିର୍ଭରଯୋଗ୍ୟ ହୋଇପାରିଥିଲା । ଏହାପୂର୍ବରୁ ସମୁଦ୍ରର ଅନନ୍ତ ଜଳରାଶି ମଧ୍ୟରେ ନାବିକମାନେ ଦିନରେ ସୂର୍ଯ୍ୟ ଏବଂ ରାତ୍ରିରେ ଚନ୍ଦ୍ର କିମ୍ବା ଉତ୍ତରରେ ଧ୍ରୁବତାରା ଦ୍ୱାରା ସେମାନଙ୍କର ଯାତ୍ରାର ଦିଗନିର୍ଣ୍ଣୟ କରୁଥିଲେ । ଏଣୁ ମେଘାଚ୍ଛନ୍ନ କିମ୍ବା କୁହୁଡ଼ିଘେରା ପାଗରେ ସେମାନେ ଦିଗହରା ହୋଇପଡୁଥିଲେ । ଫଳରେ ଅନେକ ପୋତ ଦୁର୍ଘଟଣା କିମ୍ବା ବାଟବଣା ହୋଇ ପ୍ରଭୂତ ଧନ ଜୀବନର କ୍ଷୟ କ୍ଷତି ଘଟୁଥିଲା ।

ନାବିକ କମ୍ପାସର ବିଶେଷତ୍ୱ ହେଲା ଏଥିରେ ବ୍ୟବହାର କରାଯାଉଥିବା ସୂଚୀ ଚୁମ୍ବକ (Needle Magnate)ଟି ସବୁବେଳେ ଲମ୍ବ ଭାବେ ଉତ୍ତର-ଦକ୍ଷିଣ ହୋଇ ରହେ । ଏଣୁ ଏହି ଦୁଇ ମୁଣ୍ଡକୁ ଉତ୍ତର-ଦକ୍ଷିଣ ରୂପେ ଚିହ୍ନିତ କରାଯାଇ ଯେକୌଣସି ସ୍ଥାନର ଦିଗଗୁଡ଼ିକୁ ସହଜରେ ଚିହ୍ନାଯାଇପାରେ । ନାବିକମାନେ ଜାହାଜରେ ଏହି କମ୍ପାସ୍ ବ୍ୟବହାର କରି ପ୍ରତିକୂଳ ପାଗରେ ମଧ୍ୟ ନିଶ୍ଚିତ ଭାବେ ସଠିକ ଦିଗ ନିର୍ଣ୍ଣୟ କରିପାରନ୍ତି । ବ୍ୟବହୃତ ସମସ୍ତ ମାନଚିତ୍ରଗୁଡ଼ିକର ଉପର ପାଖକୁ ହିଁ ଉତ୍ତର ଦିଗ ରହେ ଏଣୁ କମ୍ପାସ୍ ଉପର ମୁଣ୍ଡ ସବୁବେଳେ ଉତ୍ତର ଦିଗକୁ ନିର୍ଦ୍ଦେଶ କରେ । ଏହାଛଡ଼ା ବିଭିନ୍ନ ମାନଚିତ୍ର ଓ ସାରିଣୀ (Chart) ମାନ ପ୍ରସ୍ତୁତ କରାଯାଇ ବିଭିନ୍ନ ସାଗର, ମରୁଭୂମି, ମହାସାଗର, ପର୍ବତମାଳା, ହ୍ରଦ, ନଗର, ରାସ୍ତାଘାଟ, ବୃହତ କେନାଲ, ପ୍ରଣାଳୀ, ଖାଡ଼ି ଏବଂ ବତୀଘର ଆଦି ସେଥିରୁ ଚିହ୍ନିତ କରାଗଲା । ଏଥିରେ ମଧ୍ୟ ବିଭିନ୍ନ ସାଗରର ଗଭୀରତା, ପର୍ବତର ଉଚ୍ଚତା ତଥା ଏକ ସ୍ଥାନରୁ ଅନ୍ୟ ସ୍ଥାନର ଦୂରତା ଆଦି ଦର୍ଶାଯାଇଥିଲା ।



(ଖ୍ରୀଷ୍ଟୀୟ ପଞ୍ଚଦଶ ଓ ଷୋଡ଼ଶ ଶତାବ୍ଦୀର ସାମୁଦ୍ରିକ ଅଭିଯାତ୍ରା ଜଳପଥ ସମୂହ)

ପର୍ତ୍ତୁଗିଜୀୟ ଅଭିଯାତ୍ରା
(Portugal's Explorations)

ମଧ୍ୟଯୁଗରେ ନୂତନ ଭୂଖଣ୍ଡମାନ ଆବିଷ୍କାର କରିବାରେ ପର୍ତ୍ତୁଗାଲ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା । ନୂତନ ଭୂଖଣ୍ଡର ଉପନିବେଶଗୁଡ଼ିକରୁ ପ୍ରଭୂତ ଧନରତ୍ନ ସଂଗ୍ରହ କରିବା ଏହି ଦୁଃସାହସିକ ସମୁଦ୍ର ଯାତ୍ରାଗୁଡ଼ିକର ମୁଖ୍ୟ ଉଦ୍ଦେଶ୍ୟ ଥିଲା । ପର୍ତ୍ତୁଗାଲ୍‌ର ଯୁବରାଜ ହେନେରୀ (୧୩୯୪-୧୪୬୦ ଖ୍ରୀ:ଅ:) ଜଣେ ଦକ୍ଷ ନାବିକ ଥିଲେ । ସେ ଏକ ନୌଚାଳନା ସ୍କୁଲ ପ୍ରତିଷ୍ଠା କରି ନୂତନ ନାବିକ ଶିକ୍ଷା ନବୀସ୍‌ମାନଙ୍କୁ ସମୁଦ୍ର ଯାତ୍ରାର ବିଭିନ୍ନ ସମସ୍ୟା, କୌଶଳ, ସ୍ୱତନ୍ତ୍ର ଖାଦ୍ୟପାନୀୟର ବ୍ୟବସ୍ଥା ଏବଂ ନୌଯାତ୍ରା ସମୟରେ ସମ୍ମୁଖୀନ ହେବାକୁ ପଡୁଥିବା ଅସୁବିଧାଗୁଡ଼ିକୁ ସାମନା କରିବାର କଳା ବିଷୟରେ ତାଲିମ ଦେଉଥିଲେ । ସେ ମଧ୍ୟ ଉତ୍ସାହୀ ନାବିକମାନଙ୍କୁ ସମୁଦ୍ରଯାତ୍ରା ପାଇଁ ପୃଷ୍ଠପୋଷକତା କରୁଥିଲେ । ପର୍ତ୍ତୁଗୀଜମାନେ ପ୍ରଥମେ ଆଟଲାଣ୍ଟିକ୍ ମହାସାଗରକୁ ଯାତ୍ରା କରି ୧୪ଶ ଶତାବ୍ଦୀରେ ଅଜୋରେସ୍ ଏବଂ କାନାରିସ୍ ଆବିଷ୍କାର କରିଥିଲେ । ୧୪୨୦ ଖ୍ରୀ:ଅ:ରେ ହେନେରୀଙ୍କ ନାବିକମାନେ ମାଡ଼େରିଆ ଆବିଷ୍କାର କଲେ ଏବଂ ୧୪୪୨ ଖ୍ରୀ:ଅ:ରେ ଆଫ୍ରିକାର ଗିନି ଉପକୂଳରେ ପହଞ୍ଚିଥିଲେ । ୧୪୮୬ ଖ୍ରୀ:ଅ:ର ପର୍ତ୍ତୁଗୀଜ ନାବିକ ବାର୍ଥଲୋମ୍ୟୁ ଡିଆଜ୍ ଦକ୍ଷିଣ ଆଫ୍ରିକାର ଶେଷ ଭାଗରେ ଥିବା ଅନ୍ତରୀପରେ ପହଞ୍ଚିଥିଲେ । ସେତେବେଳେ ସେଠାରେ ପ୍ରବଳ ଝଡ଼ତୋଫାନ ହେଉଥିବାରୁ ସେ ତାକୁ ''ଝଡ଼ ଅନ୍ତରୀପ'' (Cape of Storm) ଭାବେ ନାମିତ କରିଥିଲେ । କିନ୍ତୁ ଏହି ଉପଦ୍ୱୀପର ଆବିଷ୍କାର ଭାରତ ସହ ବାଣିଜ୍ୟ ବ୍ୟବସାୟର ଆଶା ଉଜ୍ଜ୍ୱଳ କରିବାରୁ ଏହାକୁ ପରବର୍ତ୍ତୀ କାଳରେ ପର୍ତ୍ତୁଗୀଜର ସମ୍ରାଟ ଜନ୍-ଦ୍ୱିତୀୟ ''ଉତ୍ତମାଶା ଅନ୍ତରୀପ'' (Cape of Good Hope) ଆଖ୍ୟା ଦେଇଥିଲେ ଯାହାକି ଆଜି ପର୍ଯ୍ୟନ୍ତ ବଳବତ୍ତର ଅଛି ।

ରାଜକୁମାର ହେନେରୀ–ନାବିକ ହେନେରୀ (Prince Henry, the Navigator) :

ଖ୍ରୀଷ୍ଟୀୟ ପଞ୍ଚଦଶଶତାବ୍ଦୀର ପ୍ରାରମ୍ଭରେ ପର୍ତ୍ତୁଗୀଜମାନେ ସାମୁଦ୍ରିକ ଅଭିଯାତ୍ରାରେ ରୁଚି ପ୍ରଦର୍ଶନ କରିଥିଲେ । ସମ୍ଭବତଃ ପର୍ତ୍ତୁଗୀଜମାନେ ପ୍ରଥମେ ଆମେରିକାର ଭୂଭାଗରେ ପହଞ୍ଚି ପାରିଥିଲେ, ମାତ୍ର ଏହା ସେମାନଙ୍କୁ ଜଣାନଥିଲା । ପର୍ତ୍ତୁଗୀଜର ପ୍ରିନ୍ସ ହେନେରୀ ସାମୁଦ୍ରିକ ଜଳଯାତ୍ରାରେ ବିଶେଷ ଆଗ୍ରହ ରଖୁଥିବାରୁ ତାଙ୍କୁ "ନାବିକ" (The Navigator) ରୂପେ ସମ୍ମାନର ସହ ଉଦ୍‌ବୋଧିତ କରାଯାଉଥିଲା । ସେ ପର୍ତ୍ତୁଗାଲରେ ଏକ ନାବିକ ବିଦ୍ୟାଳୟ ପ୍ରତିଷ୍ଠା କରି ସମୁଦ୍ର ଯାତ୍ରା ପାଇଁ ନାବିକମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରୁଥିଲେ । ତାଙ୍କ ବିଦ୍ୟାଳୟରୁ ପ୍ରଶିକ୍ଷିତ ନାବିକମାନେ ନୌଯାତ୍ରାରେ କେପ୍ ଭର୍ଡି (Cape Verde) ଅନ୍ତରୀପ ପର୍ଯ୍ୟନ୍ତ ପହଞ୍ଚିବାରେ ସଫଳ ହୋଇଥିଲେ । ସେମାନେ ଗୋଲ୍ଡ କୋଷ୍ଟ ଏବଂ କଙ୍ଗୋନଦୀର ମୁହାଣ ପର୍ଯ୍ୟନ୍ତ ମଧ୍ୟ ପହଞ୍ଚି ପାରିଥିଲେ । ମାତ୍ର ବିଷୁବରେଖା ପାରିହେବା ପରେ ସେମାନେ ପଥବଣା ହୋଇଯାଇଥିଲେ, କାରଣ ସେତେବେଳେ ପର୍ଯ୍ୟନ୍ତ ପ୍ରସ୍ତୁତ ହୋଇଥିବା ଜଳଯାତ୍ରା ମାନଚିତ୍ରରେ ବିଷୁବରେଖା ପରଠାରୁ ଉତ୍ତର ଆକାଶ ଏବଂ ତାହାର ଗଗନମଣ୍ଡଳୀୟ ସଙ୍କେତର ଗୁଡ଼ିକର କୌଣସି ଉଲ୍ଲେଖ ନଥିଲା । ତେଣୁ ସେମାନେ ନୂତନ ମାନଚିତ୍ରମାନ ପ୍ରସ୍ତୁତ କଲେ । ଏହା ସାହାଯ୍ୟରେ ପେଡ୍ରୋ ଅଲଭାରେସ୍ କାବ୍ରାଲ୍ (Pedro Cabral) ୧୫୦୧ ଖ୍ରୀ:ଅ:ରେ ଦକ୍ଷିଣ ଆମେରିକାର ବ୍ରାଜିଲଠାରେ ପହଞ୍ଚିବାରେ ସଫଳ ହୋଇଥିଲେ । ସେ ଏହାକୁ ପର୍ତ୍ତୁଗାଲ ସମ୍ରାଟଙ୍କ ନାମରେ ଅଧିକାର କରି ସେଠାରେ ପର୍ତ୍ତୁଗାଲର ଏକ ଉପନିବେଶ ସ୍ଥାପନ କରିଥିଲେ ।

ୟୁରୋପର ଯେଉଁ ତିନିଜଣ ମହାନ ନାବିକ ଆମେରିକା, ଭାରତ ଓ ପୃଥିବୀକୁ ଜଳପଥରେ ପରିକ୍ରମା କରିବାର ପଥ ଆବିଷ୍କାର କରିଥିଲେ ସେମାନେ କ୍ରମାନ୍ୱୟରେ ହେଲେ ଖ୍ରୀଷ୍ଟୋଫର୍ କଲମ୍ବସ୍, ଭାସ୍କୋ-ଡ଼ା-ଗାମା ଓ ଫର୍ଡ଼ିନାଣ୍ଡ୍ ମାଗେଲାନ୍ । ବିଭିନ୍ନ ଜଳପଥରେ ବହୁ ଘାତ ପ୍ରତିଘାତ ମଧ୍ୟରେ ସେମାନଙ୍କ ଐତିହାସିକ ଜଳଯାତ୍ରା ସବୁଦିନ ପାଇଁ ଜନମାନସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ ।

ଭାସ୍କୋଡ଼ାଗାମା : ୧୪୬୦-୧୫୨୪ ଖ୍ରୀ:ଅ: (Vascodagama : 1460 – 1524 AD) : ଜନ୍ମଗ୍ରହଣ କରିଥିଲେ । ତାଙ୍କ

ଭାସ୍କୋଡ଼ାଗାମା ୧୪୬୦ ଖ୍ରୀ:ଅ:ରେ ପର୍ତ୍ତୁଗାଲରେ ଏକ ସମ୍ଭ୍ରାନ୍ତ ପରିବାରରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ପିତା ପର୍ତ୍ତୁଗୀଜ ରାଜଦରବାରରେ ଜଣେ ପାରିଷଦ ଥିଲେ । କିନ୍ତୁ ଭାସ୍କୋଡ଼ାଗାମା କୌଣସି ମର୍ଯ୍ୟାଦାଜନକ ରାଜ ପଦପଦବୀ ଗ୍ରହଣ ନ କରି ଜଣେ ଦୁଃସାହାସିକ ନାବିକର ପେଷାକୁ ଆପଣାଇ ନେଇଥିଲେ । ପର୍ତ୍ତୁଗାଲର ସମ୍ରାଟ ମଧ୍ୟ ତାଙ୍କର ଦୁଃସାହାସିକ ନୌଯାତ୍ରାର ସପକ୍ଷରେ ଥିଲେ । ଏଣୁ ସେ ୧୪୯୭ ଖ୍ରୀ:ଅ:ରେ ସମ୍ରାଟଙ୍କ ପୃଷ୍ଠପୋଷକତାରେ ରାଜଧାନୀ ଲିସବନ୍‌ରୁ ୪ଟି ଜାହାଜ ଧରି ପର୍ତ୍ତୁଗାଲରୁ ଭାରତକୁ ଏକ ଜଳପଥ ଆବିଷ୍କାର କରିବା ପାଇଁ ବାହାରିପଡ଼ିଲେ । ସେ ଆଫ୍ରିକା ମହାଦେଶର ଉତ୍ତମାଶା ଅନ୍ତରୀପରେ ପହଞ୍ଚିଲା ବେଳକୁ ଏକ ସାମୁଦ୍ରିକ ଝଡ଼ର ସମ୍ମୁଖୀନ ହେଲେ, ଫଳରେ ତାଙ୍କର ପୋତଗୁଡ଼ିକ ଦିଗହରା ହୋଇ ସେହି ଅନ୍ତରୀପ ଚାରିପଟେ ୫ ଥର ଘୂରି ବୁଲିଥିଲା । ଶେଷରେ ସେଠାରୁ ସେ ଉତ୍ତରକୁ ଅଗ୍ରସର ହୋଇ ଜାଞ୍ଜିବର ଅତିକ୍ରମ କରିବା ପରେ ଜଣେ ଆରବ ଫେରନ୍ତା ଭାରତୀୟ ନାବିକ (କେତେକଙ୍କ ମତରେ ଆରବୀୟ)ଙ୍କ ସହାୟତାରେ ଭାରତ ମହାସାଗରରେ ପ୍ରବେଶ କରି ଶେଷରେ ମେ ୨୦ ତାରିଖ ୧୪୯୮ ଖ୍ରୀ:ଅ:ରେ ଦକ୍ଷିଣ ଭାରତର ପଶ୍ଚିମରେ ଥିବା ଆରବସାଗର ତଟସ୍ଥ ମାଲାବାର ଉପକୂଳର କାଲିକଟ୍‌ରେ ପହଞ୍ଚିଥିଲେ । ୟୁରୋପରୁ ଭାରତକୁ ଏହି ଜଳପଥର ଆବିଷ୍କାର ଇତିହାସର ଏକ ଗୁରୁତ୍ୱପୂର୍ଣ୍ଣ ଘଟଣା । କାରଣ ଏହା ପୃଥିବୀର ସେ ସମୟର ସଭ୍ୟ ସମାଜ ଉପରେ ସୁଦୂରପ୍ରସାରୀ ପ୍ରଭାବ ପକାଇଥିଲା ।

ସେତେବେଳେ କାଲିକଟ୍‌ର ହିନ୍ଦୁରାଜା ଜାମୋରିନ୍‌ଙ୍କ ଶାସନ ଥିଲା । ଭାସ୍କୋଡ଼ାଗାମା ରାଜଦରବାରରେ ଉପସ୍ଥିତ ହୋଇ ସମ୍ରାଟଙ୍କ ପାଦ ଛୁଇଁ ପର୍ତ୍ତୁଗାଲ ସହ ବାଣିଜ୍ୟିକ ସୁସମ୍ପର୍କ ଆରମ୍ଭ କରିବା ପାଇଁ ପର୍ତ୍ତୁଗାଲ୍ ସମ୍ରାଟଙ୍କ ପକ୍ଷରୁ ଅନୁରୋଧ କରିଥିଲେ । ଜାମୋରିନ୍ ମଧ୍ୟ ସନ୍ତୁଷ୍ଟ ହୋଇ ତାଙ୍କୁ ଭାରତରେ ବ୍ୟବସାୟ ବାଣିଜ୍ୟ କରିବାପାଇଁ ଅନୁମତି ଦେଇଥିଲେ । ଏଠାରୁ ପ୍ରଭୂତ ଧନସମ୍ପତ୍ତି ଓ ଭାରତୀୟ ଉତ୍କୃଷ୍ଟ ମସଲାମାନ ସଂଗ୍ରହ କରି କିଛି ମାସର ଅବସ୍ଥାନ ପରେ ୧୪୯୯ ଖ୍ରୀ:ଅ:ରେ ଭାସ୍କୋଡ଼ାଗାମା ଲିସବନ୍‌କୁ ପ୍ରତ୍ୟାବର୍ତ୍ତନ କରିଥିଲେ । ପର୍ତ୍ତୁଗାଲରେ ପହଞ୍ଚିବା ପରେ ସମ୍ରାଟ ଏବଂ ଜନସାଧାରଣ ତାଙ୍କୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ ।

ଏହାପରେ ସେ ୧୫୦୮ ଖ୍ରୀ:ଅ: ରେ ଦଶଟି ଜାହାଜରେ ପୁନର୍ବାର ଭାରତ ଅଭିମୁଖେ ଯାତ୍ରା ଆରମ୍ଭ କରି ସେହି କାଲିକଟ୍‌ରେ ପହଞ୍ଚିଥିଲେ । ଏଥର ସେ ଆରବ ସାଗରରେ ଲୁଣ୍ଠନ କରୁଥିବା ଆରବ ଜଳଦସ୍ୟୁମାନଙ୍କୁ ସମୁଚିତ ଶିକ୍ଷା ଦେଲେ । ସେଠାରୁ ସେ ଶ୍ରୀଲଙ୍କା, ସୁମାତ୍ରା ଓ ଜାଭା ଆଦି ଦେଶ ଗସ୍ତ କରି ବାଣିଜ୍ୟିକ ସାମ୍ରାଜ୍ୟମାନ ପ୍ରତିଷ୍ଠା କରି ୧୫୧୭ ଖ୍ରୀ:ଅ:ରେ ଚୀନ୍‌ର କାଣ୍ଟନ୍‌ଠାରେ ପହଞ୍ଚିଥିଲେ । ଏଥର ସଂଗ୍ରହ କରିଥିବା ପ୍ରାଚ୍ୟର ଧନସମ୍ପଦରେ ସେ ପର୍ତ୍ତୁଗାଲର ରାଜକୋଷକୁ ପୂର୍ଣ୍ଣ କରି ଦେଇଥିଲେ । ତୃତୀୟ ତଥା ଅନ୍ତିମ ଜଳଯାତ୍ରାରେ ବାହାରି ଭାସ୍କୋଡ଼ାଗାମା ୧୫୨୪ ଖ୍ରୀ:ଅ:ରେ କାଲିକଟ୍‌କୁ ପରିଦର୍ଶନ କରିଥିଲେ । ମାତ୍ର ଡିସେମ୍ବର ୨୪ ତାରିଖ ୧୫୨୪ ଖ୍ରୀ:ଅ:ରେ ଶାରୀରିକ ଅସୁସ୍ଥତାରୁ କାଲିକଟ୍‌ରେ ହିଁ ଚିରନିଦ୍ରାରେ ଶୋଇଯାଇଥିଲେ । ତାଙ୍କର ପାର୍ଥିବ ଶରୀରକୁ ପର୍ତ୍ତୁଗାଲକୁ ନିଆଯାଇ ଲିସ୍‌ବନ୍‌ଠାରେ ଅନ୍ତିମ ସଂସ୍କାର କରାଯାଇଥିଲା ।

ଭୌଗୋଳିକ ଆବିଷ୍କାରମାନଙ୍କ ମଧ୍ୟରେ ଆଫ୍ରିକା ମହାଦେଶକୁ ପ୍ରଦକ୍ଷିଣ କରି ୟୁରୋପରୁ ଭାରତକୁ ଏକ ସିଧା ଜଳପଥର ଆବିଷ୍କାର କରିବା ଏକ ନୂତନ ଅଧ୍ୟାୟ ଥିଲା ଏବଂ ଏହାର ଶ୍ରେୟଃ କେବଳ ଏହି ଦୁର୍ଦ୍ଧର୍ଷ କର୍ମବୀର ଭାସ୍କୋଡ଼ାଗାମାଙ୍କୁ ପ୍ରାପ୍ତ ହୁଏ । ଏହାପରେ ପର୍ତ୍ତୁଗୀଜମାନେ ୧୫୪୨ ଖ୍ରୀ:ଅ:ରେ ଚୀନରୁ ଜାପାନରେ ପହଞ୍ଚିଥିଲେ । ୧୪୯୭ ଖ୍ରୀ:ଅ:ରେ ଇଟାଲୀର ନାବିକ ଜନ୍ କାବୋଟ୍ ଇଂଲଣ୍ଡର ସମ୍ରାଟଙ୍କ ପୃଷ୍ଠପୋଷକତାରେ ନିଉଫାଉଣ୍ଡଲ୍ୟାଣ୍ଡ, ୧୫୦୦ ଖ୍ରୀ:ଅ:ରେ ପର୍ତ୍ତୁଗୀଜ ନାବିକ କାବ୍ରାଲ୍ ଦକ୍ଷିଣ ଆମେରିକାର ବ୍ରାଜିଲ୍ ଏବଂ ୧୫୧୩ ଖ୍ରୀ:ଅ:ରେ ସ୍ପେନୀୟ ଅଭିଯାତ୍ରୀ ଭାସ୍କୋ ବାଲ୍‌ବୋଆ ଆମେରିକାର ପାନାମା ଆବିଷ୍କାର କରିଥିଲେ ।

୧୫୪୨ ଖ୍ରୀ:ଅ:ର ପର୍ତ୍ତୁଗୀଜ ଅଭିଯାତ୍ରୀ ଦଳରେ ଫ୍ରାନ୍ସିସ୍ ଜାଭିୟର ଖ୍ରୀଷ୍ଟଧର୍ମ ପ୍ରଚାର ପାଇଁ ଜାପାନରେ ପହଞ୍ଚିଥିଲେ । ସେ ଅନେକ ଭାରତୀୟ ଏବଂ ଜାପାନୀମାନଙ୍କୁ ଏହି ଧର୍ମରେ ଦୀକ୍ଷିତ କରି ପ୍ରାଚ୍ୟରେ ଖ୍ରୀଷ୍ଟଧର୍ମର ବୀଜ ବପନ କରିଥିଲେ ।

ସ୍ପେନୀୟ ଅଭିଯାତ୍ରା
(The Spanish Explorations)

ଖ୍ରୀଷ୍ଟୋଫର୍ କଲମ୍ବସ୍ : ୧୪୫୧-୧୫୦୬ ଖ୍ରୀ:ଅ: (Christopher Columbus : 1451–1506 A.D.) :

ଜେନୋଆର ଏକ ଦରିଦ୍ର ପରିବାରରେ ୧୪୫୧ ଖ୍ରୀ:ଅ:ରେ ଜନ୍ମଗ୍ରହଣ କରିଥିବା ଏହି ସାହସୀ ନାବିକ ଖୁବ୍ ଉଚ୍ଚାଭିଳାଷୀ ଥିଲେ । ଯୁବାବସ୍ଥାରେ ସେ ପର୍ତ୍ତୁଗାଲର ନୌବିଭାଗରେ ଯୋଗଦେଇ ବ୍ରିଟେନ୍ ଓ ଆଇସ୍‌ଲାଣ୍ଡ୍ ଇତ୍ୟାଦି ରାଷ୍ଟ୍ରକୁ ଗସ୍ତ କରିଥିଲେ । ସେ ଟୋସ୍‌କାନେଲିଙ୍କ ଭୌଗୋଳିକ ପୁସ୍ତକ ଦ୍ୱାରା ଅନୁପ୍ରାଣିତ ହୋଇ ଗୋଲାକାର ପୃଥିବୀର ପଶ୍ଚିମ ଦିଗରେ ଥିବା ଆଟଲାଣ୍ଟିକ୍ ମହାସାଗରରେ ଯାତ୍ରା କରି ପୂର୍ବରେ ଥିବା ଚୀନ୍ ଓ ଭାରତ ଆଦି ଦେଶରେ ପହଞ୍ଚିପାରିବେ ବୋଲି ଏକ ପ୍ରକଳ୍ପ ପ୍ରସ୍ତୁତ କଲେ । ତାଙ୍କର ଏହି ସ୍ୱପ୍ନର ପ୍ରକଳ୍ପକୁ କାର୍ଯ୍ୟକାରୀ କରିବାକୁ ସେ ଦୀର୍ଘ ୧୮ ବର୍ଷ କାଳ ପର୍ତ୍ତୁଗାଲ୍ ଓ ସ୍ପେନ୍‌ର ଶାସକମାନଙ୍କୁ ପ୍ରବର୍ତ୍ତାଇଥିଲେ । ବହୁଦିନ ପର୍ଯ୍ୟନ୍ତ ତାଙ୍କୁ କେହି ଆର୍ଥିକ ସାହାଯ୍ୟ ଦେଲେ ନାହିଁ, ପରନ୍ତୁ ତାଙ୍କର ଏହି ମହନୀୟ ପ୍ରକଳ୍ପକୁ ଠିକ୍ ରୂପେ ବୁଝିନଥିବା ଲୋକେ ତାଙ୍କୁ ଥଟ୍ଟା ଓ ସମାଲୋଚନା କରିବାକୁ ପଛାଇନଥିଲେ । ଉଦ୍‌ଯୋଗୀ ପୁରୁଷମାନେ ସେମାନଙ୍କ ଲକ୍ଷ୍ୟପଥରୁ ସହଜରେ ବିଚ୍ୟୁତ ହୁଅନ୍ତି ନାହିଁ । ପର୍ତ୍ତୁଗାଲ୍‌ର ସମ୍ରାଟ ଜନ୍-ଦ୍ୱିତୀୟଙ୍କ ଠାରୁ ନିରାଶ ହେବାପରେ ସେ ନିଜ ଦେଶ ତ୍ୟାଗ କରି ସ୍ପେନ୍‌କୁ ଚାଲିଆସିଲେ । ସେତେବେଳେ ସମ୍ରାଟ ଫର୍ଡ଼ିନାଣ୍ଡ୍ ଓ ସାମ୍ରାଜ୍ଞୀ ଇସାବେଲା ସ୍ପେନ୍‌ରେ ଶାସନ କରୁ ଥିଲେ । ରାଣୀ ଇସାବେଲାଙ୍କୁ ପ୍ରଭାବିତ କରି କଲମ୍ବସ୍ କିଛିଦିନ ପରେ ସମ୍ରାଟଙ୍କର ପୃଷ୍ଠପୋଷକତା ଲାଭ କଲେ, କିନ୍ତୁ ସର୍ତ୍ତ ରହିଲା ଯେ ଏସିଆ ମହାଦେଶରୁ ଅମାପ ଧନସମ୍ପଦ ଆଣିବେ ଏବଂ ସେଠାର ସମସ୍ତ ଅଧିବାସୀଙ୍କୁ ଖ୍ରୀଷ୍ଟଧର୍ମରେ ଅନୁପ୍ରାଣିତ କରିବେ । ଗ୍ରେନଡ଼ା ଯୁଦ୍ଧ ପରେ ସ୍ପେନ୍ ସମ୍ରାଟ ଫର୍ଡ଼ିନାଣ୍ଡ୍ ଅଗଷ୍ଟ ୩ ତାରିଖ ୧୪୯୨ ଖ୍ରୀ:ଅ:ରେ କଲମ୍ବସ୍‌ଙ୍କୁ ପାଲୋସ୍ ବନ୍ଦରରୁ ୧୨୦ ଜଣ (ଅନ୍ୟ ଏକ ମତରେ ୯୦ ଜଣ) ନାବିକଙ୍କ ସହ ସାନ୍ତାମରିୟା, ପିଣ୍ଟା ଓ ନିନା ନାମକ ୩ଟି ଜାହାଜରେ ତାଙ୍କ ସ୍ୱପ୍ନର ଜଳଯାତ୍ରା ପାଇଁ ଅନୁମତି ଦେଲେ । ସେଠାରୁ ସେମାନେ ସମୁଦ୍ରରେ ୯୬ ମାଇଲ ଯାତ୍ରା କରିବା ପରେ ଆଟ୍‌ଲାଣ୍ଟିକ୍ ମହାସାଗରର ମରକ୍କୋ ଉପକୂଳର କାନାରୀ ଦ୍ୱୀପରେ ପହଞ୍ଚିଲେ । ସେଠାରେ ଏକମାସର ବିଶ୍ରାମ ପରେ ସେପ୍ଟେମ୍ବର ୩ ତାରିଖରେ ଏକ ଦୀର୍ଘଯାତ୍ରା ପାଇଁ ଅତ୍ୟାବଶ୍ୟକ ଦ୍ରବ୍ୟଗୁଡ଼ିକ ସଂଗ୍ରହ କରି ଏକ ଅନିର୍ଦ୍ଦିଷ୍ଟ ଜଳପଥରେ ଯାତ୍ରା ଆରମ୍ଭ କଲେ । ଦିଗନ୍ତବିସ୍ତାରୀ ମହାସାଗର ବକ୍ଷରେ ଦିନ ପରେ ଦିନ ନିରବଚ୍ଛିନ୍ନ ଭାବେ ଦୀର୍ଘ ପାଞ୍ଚ ସପ୍ତାହ ଧରି ଜାହାଜଗୁଡ଼ିକ ଭାସି ଚାଲିଲେ । ଚତୁର୍ଦ୍ଦିଗରେ ଖାଲି ନୀଳ ସମୁଦ୍ରର ଜଳରାଶି । କେଉଁଠାରେ ହେଲେ ଭୂଭାଗର ଚିହ୍ନବର୍ଣ୍ଣ ନାହିଁ । ଜାହାଜରୁ ଖାଦ୍ୟସାମଗ୍ରୀ ଓ ପାନୀୟ ଜଳ କ୍ରମେ ସରି ଆସିଲା । ନାବିକମାନେ ହତୋତ୍ସାହ ହୋଇପଡ଼ିଲେ । ସେମାନଙ୍କ ମଧ୍ୟରୁ କେତେକ ବିଦ୍ରୋହୀ ହୋଇଉଠି କଲମ୍ବସ୍‌ଙ୍କୁ ହତ୍ୟାକରି ସମୁଦ୍ରରେ ଫିଙ୍ଗିଦେଇ ଫେରିଯିବାକୁ ମନସ୍ଥ କଲେ । କିନ୍ତୁ କଲମ୍ବସ୍‌ଙ୍କ ଅସୀମ ଧୈର୍ଯ୍ୟ, ସାହସିକତା, ଆତ୍ମବିଶ୍ୱାସ ଏବଂ ଚାତୁର୍ଯ୍ୟପୂର୍ଣ୍ଣ କଥନଶୈଳୀ ସେମାନଙ୍କର ମାନସିକତାରେ ପରିବର୍ତ୍ତନ ଆଣିଲା । ସୁନ୍ଦର ସୁନ୍ଦର କାହାଣୀ କହି ସେ ନାବିକମାନଙ୍କର ଉତ୍ସାହ ବୃଦ୍ଧି କରିବାକୁ ପ୍ରୟାସ କଲେ । ମାତ୍ର ଅକ୍ଟୋବର ୧୦ ତାରିଖ ବେଳକୁ ଅବସ୍ଥା ଅସମ୍ଭାଳ ହୋଇପଡ଼ିଲା । ବିପଦରେ ଅଧୀର ନ ହୋଇ କଲମ୍ବସ୍ ସାଥୀ ନାବିକମାନଙ୍କୁ ଆଉ ମାତ୍ର ଦୁଇଦିନ ଅଧିକ ଅପେକ୍ଷା କରିବାକୁ ଅନୁରୋଧ କଲେ । ପ୍ରକୃତରେ ଦୁଇଦିନ ପରେ ହିଁ ଉଦ୍‌ଯୋଗୀ ପୁରୁଷ କଲମ୍ବସ୍‌ଙ୍କ ଭାଗ୍ୟରବି ଉଦୟ ହେଲା ଏବଂ ସେମାନେ ସମୁଦ୍ରରେ ଏକ ପକ୍ଷୀର ବସା ଏବଂ କିଛି କଞ୍ଚାଡ଼ାଳ ପତ୍ର

ଭାସୁଥିବାର ଦେଖିଲେ । ସନ୍ଧ୍ୟାରେ ଦୂରରେ ନିଆଁ ଜଳୁଥିବାର ଦେଖି ସେମାନେ ନିଶ୍ଚୟ କୌଣସି ଏକ ଭୂଭାଗର ସମୀପବର୍ତ୍ତୀ ହୋଇଛନ୍ତି ବୋଲି ଆଶ୍ୱସ୍ତ ହେଲେ । ଶେଷରେ ୨ ମାସ ୯ ଦିନର ଯାତ୍ରା ପରେ ଅକ୍ଟୋବର ୧୨ ତାରିଖ ୧୪୯୨ ଖ୍ରୀ:ଅ:ରେ ସେମାନେ ବାହାମା ଦ୍ୱୀପରେ ଅବତରଣ କରିଥିଲେ । କଲମ୍ବସ୍ ଭାରତରେ ପହଞ୍ଚିଯାଇଛନ୍ତି ବୋଲି ଭାବି ଏହି ଦ୍ୱୀପକୁ ସାନ୍ ସାଲଭାଡ଼ର୍ ବୋଲି ନାମିତ କରିଥିଲେ । ତାପରେ ସେ କ୍ୟୁବା ଓ ହାଇତିରେ ପହଞ୍ଚି, ତାହାକୁ ଏସିଆ ମହାଦେଶର ପ୍ରଧାନ ଭୂଭାଗ ବୋଲି ଭାବିଥିଲେ । ସେଠାର ଅଧିବାସୀଙ୍କ ରଙ୍ଗ ଲୋହିତ ହୋଇଥିବାରୁ ସେମାନଙ୍କୁ ସେ "ଲୋହିତ ଭାରତୀୟ" (Red Indians) ନାମ ଦେଲେ । ଏଠାରେ କିଛି ମାସ ଅତିବାହିତ କରିବା ପରେ ସେ ସ୍ପେନ୍‌କୁ ପ୍ରତ୍ୟାବର୍ତ୍ତନ କଲେ । ସାଙ୍ଗରେ ନିଜର ସଫଳ ଜଳଯାତ୍ରାର ପ୍ରମାଣ ସ୍ୱରୂପ କ୍ୟୁବାର କେତେଜଣ ଲୋହିତ ଅଧିବାସୀ, ପଶୁପକ୍ଷୀ, ସୁନା, କଫି ଓ ଅନେକ ଦୁର୍ଲଭ ଗୁଳ୍ମଲତା ଧରି ଦୀର୍ଘ ୭ ମାସ ୧୫ ଦିନର ଯାତ୍ରା ପରେ ମାର୍ଚ୍ଚ ୧୮ ତାରିଖ ୧୪୯୩ ଖ୍ରୀ:ଅ:ରେ କଲମ୍ବସ୍ ନୀନା ଜାହାଜରେ ପାଲୋସ୍ ବନ୍ଦରରେ ପହଞ୍ଚିଲେ । ଫେରିବା ସମୟରେ ସାନ୍ତାମାରିଆ ଜାହାଜଟି ଦୁର୍ଘଟଣାଗ୍ରସ୍ତ ହୋଇ ଜଳମଗ୍ନ ହେଲା ଏବଂ ତାହାର ନାବିକମାନେ ପିଣ୍ଟା ଜାହାଜରେ ନୀନାର କିଛିଦିନ ପରେ ସ୍ପେନ୍‌ରେ ପହଞ୍ଚିଥିଲେ ।

ସ୍ପେନ୍‌ର ଶାସକ ଏବଂ ମହାରାଣୀଙ୍କ ସହ ବହୁ ଜନସାଧାରଣ କଲମ୍ବସ୍ ଓ ତାଙ୍କର ସହଯାତ୍ରୀମାନଙ୍କୁ ବୀରୋଚିତ ଭବ୍ୟ ସମ୍ବର୍ଦ୍ଧନା ଦେଇଥିଲେ । ଶୋଭାଯାତ୍ରାର ପୁରୋଭାଗରେ ଥିଲେ ସମ୍ରାଟ ଫର୍ଡ଼ିନାଣ୍ଡ୍ ଓ ମହାରାଣୀ ଇସାବେଲା । କଲମ୍ବସ୍ ଯାତ୍ରାର ସ୍ମାରକୀ ସ୍ୱରୂପ ରାଜଦମ୍ପତିଙ୍କୁ ୬ ଜଣ ଲୋହିତ ଭାରତୀୟ, କିଛି ଦୁର୍ଲଭ ଗୁଳ୍ମଲତା ଓ ମୃତ ପକ୍ଷୀମାନଙ୍କର ସଂରକ୍ଷିତ ପ୍ରତିକୃତିମାନ ଉପହାର ଦେଇଥିଲେ ।

୧୪୯୩ ଖ୍ରୀ:ଅ:ର ଶେଷଭାଗରେ କଲମ୍ବସ୍‌ଙ୍କ ଆଗ୍ରହରେ ସ୍ପେନ୍‌ର ସମ୍ରାଟ ତାଙ୍କୁ ୧୭ଟି ଜାହାଜ ସହ ୧୫୦୦ ନାବିକ ଦେଇ ଦ୍ୱିତୀୟ ଜଳଯାତ୍ରା ପାଇଁ ଅନୁମତି ଦେଲେ । ଏଥର ସେ ଜାମାଇକା ସହ ଅନ୍ୟ କେତୋଟି ଦ୍ୱୀପ ଆବିଷ୍କାର କରିଥିଲେ । କିନ୍ତୁ ସର୍ତ୍ତାନୁଯାୟୀ ସେ ସ୍ପେନ୍‌କୁ ଜାହାଜ ପୂର୍ଣ୍ଣ ସୁନା ଆଣିପାରିନଥିଲେ ମଧ୍ୟ ଆବିଷ୍କୃତ ନୂତନ ଭୂଭାଗଗୁଡ଼ିକରେ ସ୍ପେନ୍‌ର ଉପନିବେଶମାନ ସ୍ଥାପନ କରିବାରେ କୃତକାର୍ଯ୍ୟ ହୋଇଥିଲେ । କିନ୍ତୁ ଉପନିବେଶର ସ୍ପେନୀୟମାନଙ୍କର ଖରାପ ବ୍ୟବହାରରେ ଅତିଷ୍ଠ ହୋଇ ସେ ୧୪୯୬ ଖ୍ରୀ:ଅ:ରେ ସ୍ପେନ୍ ପ୍ରତ୍ୟାବର୍ତ୍ତନ କଲେ । ମାତ୍ର ତାଙ୍କୁ ଉପନିବେଶର ଅପ୍ରିୟ ଶାସକ ରୂପେ ଅଭିହିତ କରି ସ୍ପେନ୍‌ର କାରାଗାରକୁ ପଠାଇ ଦିଆଗଲା । ଅବଶ୍ୟ ତାଙ୍କୁ ୨ ବର୍ଷ ପରେ ମୁକ୍ତ କରିଦିଆଯାଇ ୧୪୯୮ ଖ୍ରୀ:ଅ:ରେ ତୃତୀୟ ଥର ଜଳଯାତ୍ରା ପାଇଁ ଅନୁମତି ଦିଆଗଲା । ଏଥର ସେ ଦକ୍ଷିଣ ଆମେରିକାର ତ୍ରିନିଦାଦ୍ ସହ ଅନ୍ୟ କେତେକ ଅଞ୍ଚଳ ଆବିଷ୍କାର କରି ଫେରି ଆସିଲେ । ୧୫୦୩ ଖ୍ରୀ:ଅ:ରେ କଲମ୍ବସ ଚତୁର୍ଥ ଓ ଶେଷଥର ପାଇଁ ଏକ ଅପେକ୍ଷାକୃତ ଛୋଟ ଅଭିଯାତ୍ରାରେ ବାହାରି ୱେଷ୍ଟଇଣ୍ଡିଜ ସହ ଦକ୍ଷିଣ ଆମେରିକାର ହଣ୍ଡୁରା ଆଦି ସ୍ଥାନ ଆବିଷ୍କାର କରିଥିଲେ । ଏଥର ସେ ଚୀନ୍‌ରେ ପହଞ୍ଚିଯାଇଛନ୍ତି ବୋଲି ଭାବିଥିଲେ । ଏହି ଜଳଯାତ୍ରାରୁ ଫେରିବାର ଦୁଇବର୍ଷ ପରେ ୧୫୦୬ ଖ୍ରୀ:ଅ:ରେ ସ୍ପେନ୍‌ରେ ତାଙ୍କର ଦେହାନ୍ତ ହୋଇଥିଲା । ମାତ୍ର ସେତେବେଳକୁ ତାଙ୍କ ଆବିଷ୍କାର ଦ୍ୱାରା ପୃଥିବୀର ମାନଚିତ୍ର ସମ୍ପୂର୍ଣ୍ଣ ବଦଳି ଯାଇଥିଲା ।

କଲମ୍ବସ୍‌ଙ୍କ ଦ୍ୱାରା ପଶ୍ଚିମ ଭାରତୀୟ ଦ୍ୱୀପପୁଞ୍ଜ (West Indies), ଦକ୍ଷିଣ ଆମେରିକାର ପ୍ରମୁଖ ଅଞ୍ଚଳମାନ, ହଣ୍ଡୁରା ଉପକୂଳ, ନିକାରାଗୁଆ, ଦାରିକ୍ ଓ ଭେନେଜୁଏଲା ଆଦି ନୂତନ ଭୂଖଣ୍ଡମାନ ଆବିଷ୍କୃତ ହୋଇଥିଲା । ଏଗୁଡ଼ିକ ପ୍ରକୃତପକ୍ଷେ ଆମେରିକା ମହାଦେଶର ପ୍ରମୁଖ ଅଂଶବିଶେଷ ଥିଲା । କିନ୍ତୁ ଏହି କାଳଜୟୀ ଆବିଷ୍କାର ବିଷୟରେ ଏହାର ଆବିଷ୍କର୍ତ୍ତା କଲମ୍ବସ୍ ତାଙ୍କ ମୃତ୍ୟୁ ପର୍ଯ୍ୟନ୍ତ ମଧ୍ୟ ଅଜ୍ଞ ଥିଲେ । ସେ ବିଶ୍ୱାସ କରୁଥିଲେ ତାଙ୍କ ଦ୍ୱାରା ଆବିଷ୍କୃତ ଏହି ଭୂଭାଗଗୁଡ଼ିକ ଏସିଆ ମହାଦେଶର ଭାରତ ଓ ଚୀନ୍ ଆଦି ଅଞ୍ଚଳ । ତାଙ୍କରି ଜୀବିତାବସ୍ଥାରେ ୧୪୯୭ ଖ୍ରୀ:ଅ:ରେ ଇଟାଲୀର ଫ୍ଲୋରେନ୍ସ ଅଧିବାସୀ ନାବିକ ଆମେରିଗୋ ଭେସ୍‌ପୁସି (୧୪୫୧-୧୫୧୨ ଖ୍ରୀ:ଅ:) ଏହି ନୂତନ ଭୂଭାଗକୁ

ଜଳଯାତ୍ରା କରି ତାଙ୍କ ଦ୍ୱାରା ଏକ ନୂତନ ଭୂଭାଗର ଆବିଷ୍କାର ହୋଇଛି ବୋଲି ତାଙ୍କ ଭ୍ରମଣ କାହାଣୀ ପୁସ୍ତକରେ ପ୍ରକାଶ କଲେ ଏବଂ ଆମେରିଗୋଙ୍କ ନାମାନୁସାରେ ଏହି ଭୂଭାଗକୁ "ଦକ୍ଷିଣ ଆମେରିକା" ଓ "ଉତ୍ତର ଆମେରିକା" ମହାଦେଶ ବୋଲି ନାମକରଣ କରାଗଲା । ମାତ୍ର ଏହାର ୫ ବର୍ଷ ପୂର୍ବରୁ ୧୪୯୨ ଖ୍ରୀ:ଅ:ରେ ଖ୍ରୀଷ୍ଟୋଫର୍ କଲମ୍ବସ୍ ଏହି ଭୂଖଣ୍ଡକୁ ଆବିଷ୍କାର କରିସାରିଥିଲେ । କଲମ୍ବସ୍ ପ୍ରକୃତପକ୍ଷେ ଭାରତକୁ ଏକ ନୂତନ ଜଳପଥର ଆବିଷ୍କାର ପାଇଁ ଆଗ୍ରହୀ ଥିଲେ, କିନ୍ତୁ ଦୁର୍ଭାଗ୍ୟକୁ ସେ ''ଆମେରିକା'' ପରି ଏକ ନୂତନ ଭୂଭାଗରେ ପହଞ୍ଚିଥିଲେ । ଯାହା ହେଲେ ବି ଦୁଃସାହସିକ ଜଳଯାତ୍ରା ଓ ନୂତନ ଭୌଗୋଳିକ ଆବିଷ୍କାର କଲମ୍ବସ୍‌ଙ୍କୁ ଇତିହାସରେ ଅମର କରି ରଖିଥିବ ।

ପୃଥିବୀ ବିଭାଜୀକରଣ (Division of the World) :

ଆମେରିକା ଆବିଷ୍କାର ପରେ ସ୍ପେନୀୟମାନେ ସେଠାରେ ଉପନିବେଶମାନ ସ୍ଥାପନ କରି ବିପୁଳ ଧନରତ୍ନ ସଂଗ୍ରହ କରିବାକୁ ଲାଗିଲେ । ସେମାନଙ୍କ ସ୍ୱଚ୍ଛଳତାରେ ଇର୍ଷାନ୍ୱିତ ହୋଇ ପର୍ତ୍ତୁଗୀଜମାନେ ମଧ୍ୟ ସମୁଦ୍ରଯାତ୍ରା କରି ଧନ ଅର୍ଜ୍ଜନ କରିବାକୁ ଆଗ୍ରହୀ ହେଲେ । ଏହା ଉଭୟଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ସୃଷ୍ଟି କଲା । ତେଣୁ ସେମାନେ ପୋପ୍‌ଙ୍କ ସହାୟତାରେ ୧୪୯୪ ଖ୍ରୀ:ଅ:ରେ ବାଣିଜ୍ୟ ଏବଂ ଉପନିବେଶ ସ୍ଥାପନ ପାଇଁ ପୃଥିବୀକୁ ଦୁଇଭାଗରେ ବିଭକ୍ତ କରିଦେବାକୁ ପ୍ରସ୍ତାବ ଦେଲେ । ପୋପ୍ ପୃଥିବୀ ମାନଚିତ୍ରରେ ଉତ୍ତରରୁ ଦକ୍ଷିଣକୁ ଏକ ସରଳରେଖା ଟାଣିଦେଇ ପର୍ତ୍ତୁଗାଲ ଏବଂ ସ୍ପେନ୍ ମଧ୍ୟରେ ଏହି ବିବାଦର ସମାପ୍ତି ଘଟାଇଥିଲେ । ଫଳରେ ପର୍ତ୍ତୁଗାଲକୁ ଆଫ୍ରିକା, ଏସିଆ ଓ ବ୍ରାଜିଲ ମିଳିଲା ଏବଂ ସ୍ପେନ୍‌କୁ ଦକ୍ଷିଣ ଓ ଉତ୍ତର ଆମେରିକାର ଅଧିକାଂଶ ଅଞ୍ଚଳର କର୍ତ୍ତୃତ୍ୱ ପ୍ରଦାନ କରାଗଲା ।

ଫର୍ଡ଼ିନାଣ୍ଡ୍ ମାଗେଲାନ୍ ୧୪୮୦-୧୫୨୧ ଖ୍ରୀ:ଅ: (Ferdinand Magelan : 1480 – 1521 AD) :

ଫର୍ଡ଼ିନାଣ୍ଡ୍ ମାଗେଲାନ୍ ୧୪୮୦ ଖ୍ରୀ:ଅ:ରେ ପର୍ତ୍ତୁଗାଲର ସାବ୍ରୋସ୍ ସହରରେ ଜନ୍ମଗ୍ରହଣ କରିଥିଲେ । ପର୍ତ୍ତୁଗାଲର ସମ୍ରାଟ ମାନୁଏଲ୍‌ଙ୍କ ଅଧୀନରେ ୧୪୯୫ ଖ୍ରୀ:ଅ:ରେ ମାତ୍ର ୧୫ ବର୍ଷ ବୟସରେ ସେ ଏକ ଜାହାଜର କପ୍ତାନ ପଦବୀରେ ନିଯୁକ୍ତି ପାଇଥିଲେ । ଭାସ୍କୋଡ଼ାଗାମାଙ୍କ ଦ୍ୱିତୀୟ ଭାରତ ଯାତ୍ରା ଦଳରେ ସାମିଲ ହୋଇ ୧୫୦୮ ଖ୍ରୀ:ଅ:ରେ ସେ ଭାରତରେ ପହଞ୍ଚିଥିଲେ । ସେ କୋଚିନରୁ ଜାଭାକୁ ଜଳଯାତ୍ରା କରିବା ପରେ ପର୍ତ୍ତୁଗାଲ ଫେରିଯାଇଥିଲେ । ୧୫୧୩ ଖ୍ରୀ:ଅ:ରେ ସେ ଆଉ ଏକ ଜଳଯାତ୍ରାରେ ବାହାରି ଆଫ୍ରିକାର ମରକ୍କୋଠାରେ ପହଞ୍ଚିଥିଲେ । ସେଠାର ଅଧିବାସୀଙ୍କ ସଙ୍ଗେ ଏକ ସଂଘର୍ଷରେ ସେ ତାଙ୍କର ଗୋଟିଏ ଗୋଡ଼ ହରାଇ ପର୍ତ୍ତୁଗାଲ ଫେରିଆସିଥିଲେ ।

କଲମ୍ବସ୍‌ଙ୍କ ଜଳଯାତ୍ରାରେ ଅନୁପ୍ରାଣିତ ହୋଇ ସେ ଜଳପଥରେ ପୃଥିବୀ ଚତୁଃପାର୍ଶ୍ୱରେ ପ୍ରଦକ୍ଷିଣ କରିବା ପାଇଁ ଏକ ଯୋଜନା କଲେ । ଏହି ପ୍ରକଳ୍ପକୁ ଅନୁମୋଦନ କରିବା ପାଇଁ ସେ ପର୍ତ୍ତୁଗୀଜ ଶାସକଙ୍କୁ ପ୍ରସ୍ତାବ ଦେଲେ । ମାତ୍ର ସମ୍ରାଟ ମାନୁଏଲ୍ ଏହାକୁ ନାମଞ୍ଜୁର କରିଦେଲେ । ଏଣୁ କୃତଘ୍ନ ପର୍ତ୍ତୁଗାଲ ଦେଶକୁ ତ୍ୟାଗ କରି ସେ ସ୍ପେନ୍‌ର ସମ୍ରାଟ ଚାର୍ଲସ-ପଞ୍ଚମଙ୍କ ଅଧିନରେ ଜଣେ ନାବିକ ରୂପେ ଯୋଗ ଦେଲେ । ଜଣେ ଅସାଧାରଣ ନାବିକ ହିସାବରେ ତାଙ୍କର ଅନ୍ତର୍ନିହିତ ଗୁଣ, ଦକ୍ଷତା ଏବଂ କର୍ମକୁଶଳତାରେ ସେ ଅନ୍ୟମାନଙ୍କୁ ଚମତ୍କୃତ କଲେ । କ୍ରମେ ତାଙ୍କର ପ୍ରତିଭା ସମ୍ରାଟ ଚାର୍ଲସ-ପଞ୍ଚମଙ୍କ ଦୃଷ୍ଟି ଆକର୍ଷଣ କଲା ଏବଂ ସେ ମାଗେଲାନ୍‌ଙ୍କ ବିଶ୍ୱ ପରିକ୍ରମା ପ୍ରକଳ୍ପକୁ ପୃଷ୍ଠପୋଷକତା କରିବା ପାଇଁ ସମ୍ମତ ହେଲେ ।

ଦକ୍ଷିଣ ସ୍ପେନ୍‌ର ସେଭିଲ୍ ପୋତାଶ୍ରୟରୁ ଅଗଷ୍ଟ ୧୫୧୯ ଖ୍ରୀ:ଅ:ରେ ସ୍ପେନ୍ ସମ୍ରାଟଙ୍କ ପ୍ରଦତ୍ତ ୫ଟି ଜାହାଜରେ ୨୮୦ ଜଣ ନାବିକ ଓ ୨ ବର୍ଷ ପାଇଁ ଖାଦ୍ୟ ପାନୀୟ ଧରି ମାଗେଲାନ୍ ଆଟ୍‌ଲାଣ୍ଟିକ୍ ମହାସାଗର ଦେଇ ପ୍ରଥମେ ଦକ୍ଷିଣ ଆମେରିକାକୁ ଯାତ୍ରା ଆରମ୍ଭ କଲେ । କିଛିଦିନ ପରେ ସେମାନେ ଦକ୍ଷିଣ ଆର୍ଜେଣ୍ଟିନାରେ ପହଞ୍ଚି ସେଠାରେ ଚାଲିଥିବା ଏକ ବିଦ୍ରୋହକୁ ଦମନ କଲେ । ଏଠାରେ ଶୀତଦିନଟି କଟାଇବା ଅବସରରେ ଅକ୍ଟୋବର ୧୫୨୦ ଖ୍ରୀ:ଅ:ରେ

ଆମେରିକାର ଦକ୍ଷିଣ ଭାଗରେ ଆଟଲାଣ୍ଟିକ୍ ମହାସାଗର ଓ ପ୍ରଶାନ୍ତ ମହାସାଗରକୁ ସଂଯୋଗ କରୁଥିବା ଏକ ପ୍ରଣାଳୀର ଆବିଷ୍କାର କରିଥିଲେ । ତାଙ୍କ ନାମାନୁସାରେ ଏହାକୁ ମାଗେଲାନ୍ ପ୍ରଣାଳୀ (Strait of Magelan) ରୂପେ ନାମିତ କରାଯାଇଥିଲା । ଏହି ପ୍ରଣାଳୀ ଦେଇ ସେ ପଶ୍ଚିମ ଦିଗର ବିଶାଳ ଜଳରାଶି ମଧ୍ୟକୁ ପ୍ରବେଶ କରିଥିଲେ । ଏହି ଜଳରାଶି ତାଙ୍କୁ ଏତେ ଶାନ୍ତ ଲାଗିଲା ଯେ ସେ ତାହାକୁ ପ୍ରଶାନ୍ତ ମହାସାଗର (Pacific Ocean) ବୋଲି ନାମିତ କଲେ । ମାଗେଲାନ୍ ପ୍ରଣାଳୀରେ ତାଙ୍କର ସାଣ୍ଟିଆଗୋ ନାମକ ଜାହାଜଟି ଦୁର୍ଘଟଣାଗ୍ରସ୍ତ ହେବାରୁ ଏହାର ଖାଦ୍ୟପାନୀୟକୁ ସାନ୍ ଆଣ୍ଟୋନୀୟ ଜାହାଜକୁ ସ୍ଥାନାନ୍ତରିତ କରି ଚାରିଗୋଟି ଜାହାଜ ସହ ସେ ପୁନର୍ବାର ଯାତ୍ରା ଆରମ୍ଭ କଲେ । ପ୍ରଶାନ୍ତ ମହାସାଗରରେ ଦୀର୍ଘ ୮୯ ଦିନ ଧରି ଜାହାଜଗୁଡ଼ିକ ଭାସି ଚାଲିଲା । ସୁଦୀର୍ଘ ଜଳରାଶି ମଧ୍ୟରେ କେଉଁଠି ହେଲେ କୌଣସି ଭୂଭାଗର ଚିହ୍ନବର୍ଣ୍ଣ ଦୃଷ୍ଟିଗୋଚର ହେଲା ନାହିଁ । କ୍ରମେ ଜାହାଜଗୁଡ଼ିକରୁ ଖାଦ୍ୟ ଓ ପାନୀୟ ଶେଷ ହୋଇଆସିଲା । ଅନେକ ଖାଦ୍ୟପଦାର୍ଥ ନଷ୍ଟ ମଧ୍ୟ ହୋଇଗଲା ଏବଂ ସ୍ପେନ୍‌ରୁ ଆଣିଥିବା ଜଳ ଆଉ ପାନୀୟ ଉପଯୋଗୀ ରହିଲା ନାହିଁ । କ୍ଷୁଧାର ତାଡ଼ନାରେ ନାବିକମାନେ କରତଗୁଣ୍ଡ, ଶୁଷ୍କଚମଡ଼ା ଏବଂ ଏପରିକି ଜାହାଜରେ ଥିବା ଜୀବନ୍ତ ମୂଷାମାନଙ୍କୁ ମାରି ଖାଇବାକୁ ଲାଗିଲେ । ଅଖାଦ୍ୟ ଖାଇ ଅନେକ ରୋଗଗ୍ରସ୍ତ ହୋଇପଡ଼ିଲେ । କ୍ଷୁଧା ଓ ତୃଷାରେ ଅନେକ ପ୍ରାଣ ମଧ୍ୟ ହରାଇଲେ । ପରିଶେଷରେ ସେମାନେ ଏକ ଭୂଭାଗରେ ପହଞ୍ଚି ଟିକିଏ ଆଶ୍ୱସ୍ତ ହେବା ବେଳକୁ ସେଠାକାର ଅଧିବାସୀମାନେ ମାଗେଲାନ୍ ଓ ତାଙ୍କ ସହକର୍ମୀମାନଙ୍କର ଅଧିକାଂଶ ଜିନିଷ ଅପହରଣ କରି ନେଇଗଲେ । ତେଣୁ ସେ ଏହି ଦ୍ୱୀପପୁଞ୍ଜର ନାମ ଦେଲେ ଲାଡ୍ରୋନ୍ ଅର୍ଥାତ୍ ଡକାୟତ ଦ୍ୱୀପପୁଞ୍ଜ (ବର୍ତ୍ତମାନର ମାରିଆନା ଦ୍ୱୀପପୁଞ୍ଜ) । ଶୀଘ୍ର ଏହି ଦ୍ୱୀପପୁଞ୍ଜକୁ ପରିତ୍ୟାଗ କରି ୧୫୨୧ ଖ୍ରୀ:ଅ:ରେ ସେମାନେ ଅନ୍ୟ ଏକ ଦ୍ୱୀପପୁଞ୍ଜ ଆବିଷ୍କାର କଲେ । ଏହାକୁ ସ୍ପେନ୍ ସମ୍ରାଟ ଚାର୍ଲସ-ପଞ୍ଚମଙ୍କ ପୁତ୍ର ଫିଲିପ-ଦ୍ୱିତୀୟଙ୍କ ନାମାନୁସାରେ ଫିଲିପାଇନ୍‌ସ ବୋଲି ନାମିତ କରାଗଲା । ଏଠାର ଅଧିବାସୀମାନେ ଅତ୍ୟନ୍ତ ଆକ୍ରମଣାତ୍ମକ, ହିଂସ୍ର ଓ ନିଷ୍ଠୁର ସ୍ୱଭାବର ଥିଲେ । ସେମାନେ ଏହି ଆଗନ୍ତୁକମାନଙ୍କର ଦ୍ୱୀପରେ ପ୍ରବେଶ କରିବାକୁ ପ୍ରତିରୋଧ କରିବାରୁ ଏକ ସଂଘର୍ଷର ସୂତ୍ରପାତ ହେଲା । ଏଥିରେ ୨୭ ଏପ୍ରିଲ ୧୫୨୧ ଖ୍ରୀ:ଅ:ରେ ମାଗେଲାନ୍‌ଙ୍କ ସହ ତାଙ୍କର ସମସ୍ତ କପ୍ତାନଙ୍କୁ ହତ୍ୟା କରାଗଲା ଏବଂ ୩ଟି ଜାହାଜକୁ ସମ୍ପୂର୍ଣ୍ଣ ନଷ୍ଟ କରିଦିଆଗଲା । ଅବଶିଷ୍ଟ ନାବିକମାନେ ଏକମାତ୍ର ଜାହାଜ ଭିକ୍ଟୋରିଆ (Victoria)କୁ ନେଇ ଦ୍ୱୀପ ଛାଡ଼ି ପଳାୟନ କଲେ ।

ବିନା କୌଣସି କପ୍ତାନରେ ଭିକ୍ଟୋରିଆ ଜାହାଜଟି ତାର ଜଳଯାତ୍ରା ଅବ୍ୟାହତ ରଖି ଫିଲିପାଇନ୍‌ସରୁ ଯାଇ ଆଫ୍ରିକା ମହାଦେଶରେ ପହଞ୍ଚିଲା । ତାପରେ ଏହା ଉତ୍ତମାଶା ଅନ୍ତରୀପକୁ ପ୍ରଦକ୍ଷିଣ କରି ପୁନର୍ବାର ଆଟଲାଣ୍ଟିକ୍ ମହାସାଗରରେ ପ୍ରବେଶ କରି ଦୀର୍ଘ ୩ ବର୍ଷ ପରେ ସେପ୍ଟେମ୍ବର ୧୫୨୨ ଖ୍ରୀ:ଅ:ରେ ୧୮ ଜଣ ୟୁରୋପୀୟ ଓ ୪ ଜଣ କୃଷ୍ଣକାୟ ବ୍ୟକ୍ତିଙ୍କୁ ନେଇ ସେଭିଲ୍ ବନ୍ଦରରେ ପ୍ରବେଶ କରିଥିଲା ।

ଏଣୁ ମାଗେଲାନ୍‌ଙ୍କ ଭିକ୍ଟୋରିଆ ହିଁ ପୃଥିବୀ ଚାରିପଟେ ପ୍ରଦକ୍ଷିଣ କରିଥିବା ପ୍ରଥମ ଜାହାଜର ମାନ୍ୟତା ପାଇଥିଲା ଏବଂ ଏହା ପ୍ରମାଣ କରିଦେଲା ଯେ ନିଶ୍ଚିତ ଭାବେ ପୃଥିବୀ ଗୋଲାକାର ତଥା ଅତିବ ବିଶାଳ ଯଦିଓ ସେ ପର୍ଯ୍ୟନ୍ତ ଏହା ପ୍ରାମାଣିକ ରୂପେ ଜଣାନଥିଲା ।

ଅନ୍ୟାନ୍ୟ ସ୍ପେନୀୟ ଅଭିଯାତ୍ରା (Other Spanish Explorations) :

କୋଲମ୍ବସ୍‌ଙ୍କ ମୃତ୍ୟୁ ପରେ ମଧ୍ୟ ସ୍ପେନୀୟମାନେ ନୂତନ ପୃଥିବୀରେ ଅଧିକରୁ ଅଧିକ ଉପନିବେଶମାନ ସ୍ଥାପନ କରିବାକୁ ଉଦ୍ୟମ ଜାରି ରଖିଥିଲେ । କୋଲମ୍ବସ୍‌ଙ୍କ ଭ୍ରାତା ବାର୍ଥୋଲେମିଓ କୋଲମ୍ବସ୍ ଆମେରିକାରେ ସାଣ୍ଟୋ ଡୋମିଙ୍ଗୋ ନଗର ସ୍ଥାପନ କରିଥିଲେ ଯାହା ୧୫୦୯ ଖ୍ରୀ:ଅରେ ସ୍ପେନ୍ ଦ୍ୱାରା ଅଧିକୃତ ହୋଇଥିଲା । ୧୫୧୧ ଖ୍ରୀ:ଅ:ରେ ପ୍ରତିଷ୍ଠିତ ହୋଇଥିବା ପୁର୍ଟୋରିକୋ, ଜାମାଇକା ଓ କ୍ୟୁବା ସହରଗୁଡ଼ିକ ମଧ୍ୟ ସ୍ପେନ୍ ଅଧିନକୁ ଆସିଥିଲା । ବାଲ୍‌ବୋଆ (Balboa)ଙ୍କ ଦ୍ୱାରା ୧୫୧୩ ଖ୍ରୀ:ଅ:ରେ ପ୍ରଶାନ୍ତ ମହାସାଗର ଆବିଷ୍କୃତ ହୋଇଥିଲା । ସ୍ପେନ୍‌ର ଅଭିଯାତ୍ରୀଗଣ ମେକ୍ସିକୋ ଓ

ଫ୍ଲୋରିଡ଼ାର ଖାଡ଼ିଗୁଡ଼ିକୁ ମଧ୍ୟ ଆବିଷ୍କାର କରିଥିଲେ । ସ୍ପେନୀୟମାନେ ୧୫୧୮ ଖ୍ରୀ:ଅ:ରେ ଆମେରିକାର ବିପୁଳ ସ୍ୱର୍ଣ୍ଣ ଓ ରୌପ୍ୟ ଭଣ୍ଡାରଗୁଡ଼ିକୁ ଅଧିକାର କରି ନେଇଥିଲା । ପିଜାରୋ ନାମକ ଜଣେ ସ୍ପେନୀୟ ଅଭିଯାତ୍ରୀ ଯୋଦ୍ଧା ୧୫୩୫ ଖ୍ରୀ:ଅ:ରେ ଇନ୍‌କା ସାମ୍ରାଜ୍ୟକୁ ଅଧିକାର କରିଥିଲେ । ଏହି ଅଭିଯାତ୍ରାଗୁଡ଼ିକ ଫଳରେ ସ୍ପେନ ନୂତନ ପୃଥିବୀର ଏକ ବିଶାଳ ଭୂଭାଗକୁ ନିଜ ଅଧିନରେ ରଖିପାରିଥିଲା । ୧୫୭୪ ଖ୍ରୀ:ଅ: ବେଳକୁ ନୂତନ ପୃଥିବୀରେ ୨୦୦ ସ୍ପେନୀୟ ସହର ଗଢ଼ିଉଠିଥିଲା ଏବଂ ପ୍ରାୟ ୨ ଲକ୍ଷ ୟୁରୋପୀୟ ଏହି ନଗରଗୁଡ଼ିକରେ ବସବାସ କରୁଥିଲେ । ସେମାନେ ସେଠାରେ ପ୍ରାୟ ୫ ଲକ୍ଷ ଲୋହିତ ଭାରତୀୟମାନଙ୍କୁ ଶାସନ କରୁଥିଲେ । ଅନ୍ୟ ୟୁରୋପୀୟ ଦେଶଗୁଡ଼ିକ ଆମେରିକାକୁ ଅଭିଯାନରେ ବାହାରିଥିଲେ ମଧ୍ୟ ସ୍ପେନ ସେଗୁଡ଼ିକ ମଧ୍ୟରେ ସର୍ବାଗ୍ରେ ଥିଲା ।

ଇଂରେଜ ଅଭିଯାତ୍ରା
(The English Explorations)

ଅନ୍ୟ ୟୁରୋପୀୟ ରାଷ୍ଟ୍ରଗୁଡ଼ିକ ପରି ଖ୍ରୀଷ୍ଟୀୟ ପଞ୍ଚଦଶ ଶତାବ୍ଦୀର ଇଂଲଣ୍ଡ ସମୁଦ୍ର ଅଭିଯାତ୍ରା ପ୍ରତି ଅତି ଆଗ୍ରହୀ ନ ଥିଲା । ଆମେରିକା ଆବିଷ୍କାର ହୋଇସାରିବା ପରେ ୧୪୯୮ ଖ୍ରୀ:ଅ:ରେ ଇଂଲଣ୍ଡ ସମ୍ରାଟ ହେନେରୀ-ସପ୍ତମ ପୃଥିବୀର ପୂର୍ବାଞ୍ଚଳକୁ ଜଳପଥ ଅନ୍ୱେଷଣ କରିବା ପାଇଁ ଜନ୍ କାବୋଟଙ୍କୁ ପ୍ରେରଣ କରିଥିଲେ । କାବୋଟ ତାଙ୍କର ଦୁଇ ପୁତ୍ରଙ୍କ ସହ ଲାବ୍ରାଡରଠାରୁ ଭର୍ଜିନୀୟାକୁ ଜଳପଥ ଆବିଷ୍କାର କରିଥିଲେ । ପ୍ରକୃତରେ ଜନ୍ କାବୋଟ ପ୍ରଥମେ ଉତ୍ତର ଆମେରିକାରେ ପଦାର୍ପଣ କରିଥିଲେ । ସେତେବେଳେ ଇଂଲଣ୍ଡର ନୌଶକ୍ତି ଦୁର୍ବଳଥିବାରୁ ଅଧିକ ସାମୁଦ୍ରିକ ଅଭିଯାନ ହୋଇପାରି ନଥିଲା । ହେନେରୀ-ଅଷ୍ଟମ ଏବଂ ମେରୀ ଟୁଡ଼ରଙ୍କ ସମୟରେ କୌଣସି ସାମୁଦ୍ରିକ ଅଭିଯାନ ହୋଇନଥିଲା । ମାତ୍ର ରାଣୀ ଏଲିଜାବେଥଙ୍କ ଗୌରବମୟ ଶାସନ କାଳରେ ଇଂରେଜମାନଙ୍କ ସାମୁଦ୍ରିକ ଅଭିଯାନରେ ପ୍ରଭୂତ ବିକାଶ ସାଧିତ ହୋଇଥିଲା ।

ଇଂଲଣ୍ଡର ରାଣୀଙ୍କ ରାଜକୀୟ ପୃଷ୍ଠପୋଷକତାରେ ଅନେକ ସାମୁଦ୍ରିକ ଅଭିଯାନମାନ ସମ୍ପନ୍ନ ହୋଇଥିଲା । ୧୫୮୩ ଖ୍ରୀ:ଅ:ରେ ସାର୍ ହମ୍ଫ୍ରୀ ଗିଲବର୍ଟ୍ ସମୁଦ୍ର ଯାତ୍ରାରେ ବାହାରି ନ୍ୟୁଫାଉଣ୍ଡଲାଣ୍ଡରେ ପହଞ୍ଚିବାକୁ ସଫଳ ହୋଇଥିଲେ; ମାତ୍ର ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା । ୧୫୮୪ ଖ୍ରୀ:ଅ:ରେ ସାର୍ ୱାଲ୍‌ଟର୍ ରାଲେଙ୍କୁ ଆମେରିକାରେ ଉପନିବେଶ ସ୍ଥାପନ କରିବାକୁ ଅନୁମତି ପ୍ରଦାନ କରାଯାଇଥିଲା । ସାମୁଦ୍ରିକ ଅଭିଯାନରେ ବାହାରି ସେ ଉତ୍ତର କାରୋଲିନାରେ ପହଞ୍ଚିପାରିଥିଲେ । ସେଠାର ସମଗ୍ର ଭୂଭାଗକୁ ସେ ଇଂଲଣ୍ଡର ରାଣୀଙ୍କ ନାମରେ ଅଧିକାର କଲେ । ସେ ଦକ୍ଷିଣ ଦିଗରେ ଅଗ୍ରସର ହୋଇ ସେଠାର ଭୂଭାଗକୁ ଅଧିକାର କଲେ ଏବଂ ଏହି ଭୂଭାଗକୁ ଭର୍ଜିନ୍ ରାଣୀଙ୍କ ନାମରେ "ଭର୍ଜିନୀୟା" (Verginia) କୁହାଗଲା । ସାର୍ ରିଚାର୍ଡ ଗ୍ରାନ୍‌ଭିଲିଙ୍କୁ ୧୫୮୫ ଖ୍ରୀ:ଅ:ରେ ଏକ ବୃହତ୍ତର ସୈନ୍ୟବାହିନୀ ଏବଂ ୧୦୦ ଲୋକଙ୍କ ସହ ଆମେରିକା ପଠାଗଲା । ସେଠାରେ କିଛି ଅଞ୍ଚଳ ଅଧିକାର କରି ଗ୍ରାନ୍‌ଭିଲି ସେହି ଅଞ୍ଚଳରେ ତାଙ୍କ ସଙ୍ଗରେ ନେଇ କରିଯାଇଥିବା ୧୦୦ ଲୋକଙ୍କୁ ଥଇଥାନ କରି ସ୍ୱଦେଶ ପ୍ରତ୍ୟାବର୍ତ୍ତନ କଲେ । ମାତ୍ର ସେଠାରେ ମୂଳ ଅଧିବାସୀମାନେ ଏହି ଲୋକମାନଙ୍କୁ ଆକ୍ରମଣ କରି ମାରି ପକାଇଥିଲେ । ୧୫୮୭ ଖ୍ରୀ:ଅ:ରେ ଅନ୍ୟ ଏକ ଅଭିଯାନରେ କେତେକ ପରିବାରକୁ ସେଠାକୁ ପ୍ରେରଣ କରାଗଲା । ମାତ୍ର ସେମାନଙ୍କୁ ମଧ୍ୟ ସମାନ ଦଶା ଭୋଗିବାକୁ ପଡ଼ିଲା । ମାତ୍ର ପରବର୍ତ୍ତି କାଳରେ ଏହି ଅଭିଯାନଗୁଡ଼ିକ ଆଧାରରେ ଇଂଲଣ୍ଡ ଏହି ଅଞ୍ଚଳ ଉପରେ ନିଜର ଦାବି ଉପସ୍ଥାପିତ କରିଥିଲା ।

ରାଣୀ ଏଲିଜାବେଥଙ୍କ ମୃତ୍ୟୁ ପରେ ଇଂଲଣ୍ଡରେ ଆଭ୍ୟନ୍ତରୀଣ କନ୍ଦଳ ଲାଗିରହିଥିଲା । ଦେଶର ଅବସ୍ଥା ଶାନ୍ତ ପଡ଼ିବା ପରେ ଇଂଲଣ୍ଡ ସରକାର କିଛି କମ୍ପାନୀଗୁଡ଼ିକୁ ଆମେରିକାର କେତେକ ନିର୍ଦ୍ଦିଷ୍ଟ ଅଞ୍ଚଳରେ ବାଣିଜ୍ୟ ଓ ଉପନିବେଶମାନ ସ୍ଥାପନ କରିବା ପାଇଁ ଅନୁମତିପତ୍ର ପ୍ରଦାନ କରିଥିଲେ । ଏଣୁ କାଳକ୍ରମେ ଆମେରିକାର ନୂତନ ଭୂଭାଗରେ ଇଂରେଜମାନଙ୍କ ଉପନିବେଶମାନ ସ୍ଥାପିତ ହୋଇଥିଲା । ଏଣୁ ଏହା ସ୍ପଷ୍ଟ ଅଟେ ଯେ ଆମେରିକାକୁ ସାମୁଦ୍ରିକ ଅଭିଯାନ ଏବଂ ସେଠାରେ

ଉପନିବେଶ ସ୍ଥାପନ କ୍ଷେତ୍ରରେ ଇଂରେଜମାନେ ସବୁଠାରୁ ପଛରେ କାର୍ଯ୍ୟ ଆରମ୍ଭ କରିଥିଲେ; ମାତ୍ର ସେମାନେ ଉଭୟ ଅଭିଯାତ୍ରା ତଥା ଉପନିବେଶ ସ୍ଥାପନରେ ସର୍ବାପେକ୍ଷା ଅଧିକ ସଫଳ ହୋଇଥିଲେ ।

ଫ୍ରାନ୍‌ସିସ୍ ଡ୍ରେକ୍:୧୫୪୦-୧୫୯୬ ଖ୍ରୀ:ଅ: (Francis Drake : 1540 – 1596 A.D) :

ଇଂଲଣ୍ଡରେ ୧୫୪୦ ଖ୍ରୀ:ଅ:ରେ ଜନ୍ମିତ ଫ୍ରାନ୍‌ସିସ୍ ଡ୍ରେକ ଜଣେ ଜଳଦସ୍ୟୁ ଥିଲେ । ସ୍ପେନ୍ ଓ ପର୍ତ୍ତୁଗାଲ୍‌ର ଧନରତ୍ନପୂର୍ଣ୍ଣ ଜାହାଜଗୁଡ଼ିକରୁ ଧନରତ୍ନ ଅପହରଣ କରିବାରେ କୁଖ୍ୟାତ ଡ୍ରେକ୍‌ଙ୍କୁ "ଇଙ୍ଗ୍‌ଲିସ୍ ସାଗର ଶ୍ୱାନ'' (English Sea Dog) କୁହାଯାଏ । ତାଙ୍କର ଦ୍ରୁତ ଗତିରେ ଦକ୍ଷତାର ସହ ନୌଯାତ୍ରା କରିବାର ନିପୁଣତାକୁ ପ୍ରଥମେ ଇଂଲଣ୍ଡର ପ୍ରଖ୍ୟାତ ରାଣୀ ଏଲିଜାବେଥ୍ ପ୍ରଶଂସା କରିଥିଲେ । ସ୍ପେନ୍ ସହ ଇଂଲଣ୍ଡର ଶତ୍ରୁତା କାରଣରୁ ରାଣୀ ଡ୍ରେକ୍‌ଙ୍କୁ ସ୍ପେନ୍ ଫେରନ୍ତା ଧନରତ୍ନପୂର୍ଣ୍ଣ ଜାହାଜଗୁଡ଼ିକୁ ଲୁଣ୍ଠନ କରିବା ପାଇଁ ଉତ୍ସାହିତ କଲେ । ରାଣୀଙ୍କ ଶୁଭଦୃଷ୍ଟିରେ ଆସିବା ପରେ ସେ ଜାହାଜରେ ପୃଥିବୀ ପରିକ୍ରମା କରିବା ପାଇଁ ଆଗ୍ରହ ପ୍ରକାଶ କଲେ ।

ଅଳ୍ପ କେତୋଟି ଦ୍ରୁତଗାମୀ କ୍ଷୁଦ୍ର ଜାହାଜ ଧରି ଫ୍ରାନ୍‌ସିସ୍ ଡ୍ରେକ୍ ୧୫୭୮ ଖ୍ରୀ:ଅ:ରେ ନୌଯାତ୍ରାରେ ବାହାରି ପ୍ରଥମେ ପେରୁରେ ପହଞ୍ଚିଲେ । ସେଠାରୁ ସେ ଗୋଲଡ଼େନ୍ ହାଇଣ୍ଡ (Golden Hind) ନାମକ ବିଖ୍ୟାତ ଜାହାଜରେ ପ୍ରଶାନ୍ତ ମହାସାଗର ଦେଇ ଯାତ୍ରା ଆରମ୍ଭ କଲେ । ୩ ମାସର କଷ୍ଟସାଧ୍ୟ ଯାତ୍ରା ପରେ ସେ ଇଷ୍ଟ୍‌ଇଣ୍ଡିଜ୍‌ର ସ୍ପାଇସ୍ ଉପକୂଳରେ ପହଞ୍ଚିଲେ । ସେଠାରୁ ଭାରତ ମହାସାଗର ଦେଇ ଜଳଯାତ୍ରା ଅବ୍ୟାହତ ରଖି ଦକ୍ଷିଣ ଆଫ୍ରିକା କୂଳରେ ପହଞ୍ଚିଥିଲେ । ଏହାପରେ ଡ୍ରେକ ଉତ୍ତମାଶା ଅନ୍ତରୀପକୁ ପ୍ରଦକ୍ଷିଣ କରି ଆଟଲାଣ୍ଟିକ୍ ମହାସାଗରରେ ପୁନଃପ୍ରବେଶ କରି ୧୫୮୦ ଖ୍ରୀ:ଅ:ରେ ଇଂଲଣ୍ଡ ପ୍ରତ୍ୟାବର୍ତ୍ତନ କରିଥିଲେ ।

ଏଣୁ ଫ୍ରାନ୍‌ସିସ୍ ଡ୍ରେକ ହେଉଛନ୍ତି ପ୍ରଥମ ନାବିକ ଯେକି ସ୍ୱଦେହରେ ପ୍ରଥମେ ପୃଥିବୀର ଚତୁଃପାର୍ଶ୍ୱରେ ଜଳଭାଗ ଦେଇ ପ୍ରଦକ୍ଷିଣ କରିଥିଲେ । ତାଙ୍କର ଏହି ଅତୁଳନୀୟ ଦୁଃସାହାସିକ କାର୍ଯ୍ୟ ପାଇଁ ଇଂଲଣ୍ଡର ରାଣୀ ଏଲିଜାବେଥ୍ ତାଙ୍କୁ 'ନାଇଟ୍' ଉପାଧିରେ ଭୂଷିତ କରିଥିଲେ । ତାଙ୍କର ଏହି ନୌଯାତ୍ରା ଫଳରେ ଇଂଲଣ୍ଡ ନୌବାଣିଜ୍ୟରେ ଅଗ୍ରଣୀ ହୋଇପାରିଥିଲା ଏବଂ ପରେ ଏକ ବିଶାଳ ସାମ୍ରାଜ୍ୟ ପ୍ରତିଷ୍ଠା କରିବାରେ ସଫଳ ହୋଇଥିଲା, ଯେଉଁଠି କେବେ ବି ସୂର୍ଯ୍ୟ ଅସ୍ତ ହେଉନଥିଲା ।

ଫରାସୀ ଅଭିଯାତ୍ରା
(The French Explorations)

ଆମେରିକାର ଅମାପ ଧନ ସମ୍ପଦ ଫରାସୀମାନଙ୍କୁ ସ୍ପେନ ଓ ପର୍ତ୍ତୁଗାଲ ଅଧିବାସୀଙ୍କ ପରି ସେହି ମହାଦେଶକୁ ଅଭିଯାତ୍ରା କରିବା ପାଇଁ ପ୍ରେରିତ କରିଥିଲା । ଉଚ୍ଚାଭିଳାଷୀ ଫ୍ରାନ୍ସ ସମ୍ରାଟ ଫ୍ରାନ୍‌ସୀସି - ପ୍ରଥମଙ୍କ ରାଜତ୍ୱ କାଳରେ ଫରାସୀମାନେ ପ୍ରାରମ୍ଭିକ ସ୍ତରରେ ସମୁଦ୍ର ଅଭିଯାତ୍ରା ପାଇଁ ଉତ୍ସାହିତ ହୋଇଥିଲେ । ଜିଓଫାନ୍ନି ଭେରାଯାନା (Giofanni Verazana) ୧୫୨୪ ଖ୍ରୀ:ଅ:ରେ ସ୍ପେନୀୟ ସାମୁଦ୍ରିକ ପୋତଗୁଡ଼ିକୁ ନିରୁତ୍ସାହିତ କରିବା ଉଦ୍ଦେଶ୍ୟରେ ଉତ୍ତର ଆମେରିକାରେ ପହଞ୍ଚିଥିଲେ । ବର୍ତ୍ତମାନ ନ୍ୟୁଫାଉଣ୍ଡଲାଣ୍ଡ୍ ରୂପେ ପରିଚିତ ଉତ୍ତର ଆମେରିକାର ଏହି ଭୂଭାଗକୁ ଫରାସୀମାନେ ନିଜର ସମ୍ପତ୍ତି ରୂପେ ଦାବି କରିଥିଲେ । ଏହାର ୧୦ ବର୍ଷ ପରେ ଫ୍ରାନ୍ସର ସମ୍ରାଟ ପୃଥିବୀର ପୂର୍ବାଞ୍ଚଳରେ ଥିବା ଦେଶଗୁଡ଼ିକୁ ସମୁଦ୍ର ପଥ ଆବିଷ୍କାର କରିବା ପାଇଁ କର୍ଟିୟାର (Cartier) ଙ୍କୁ ଅଭିଯାନରେ ପ୍ରେରଣ କରିଥିଲେ । ମାତ୍ର ସେ ତାଙ୍କ ଲକ୍ଷ୍ୟ ହାସଲ କରିପାରି ନଥିଲେ । କିନ୍ତୁ ଏହି ଅଭିଯାତ୍ରାରେ ଯାଇ ସେ ଆମେରିକାର ଲରେନ୍ସ ଓ ଗାସ୍ପୀ ଖାଡିରେ ପହଞ୍ଚି ପାରିଥିଲେ । ଏହି ସମଗ୍ର ଅଞ୍ଚଳକୁ ସେ ଫ୍ରାନ୍ସ ସମ୍ରାଟଙ୍କ ନାମରେ ଅଧିକାର କରିଥିଲେ । ପୁନର୍ବାର ଅନ୍ୟଏକ ନୌଅଭିଯାତ୍ରାରେ ବାହାରି ୧୫୩୫–୩୬ ଖ୍ରୀ:ଅ:ରେ କର୍ଟିୟାର ବର୍ତ୍ତମାନର କ୍ୟୁବେକ୍‌ରେ ପହଞ୍ଚି ପାରିଥିଲେ । କର୍ଟିୟାର ୧୫୪୧ ଖ୍ରୀ:ଅ:ରେ

ସାଗୁନେ (Saguenay) ନଦୀ କୂଳରେ ଏକ ଉପନିବେଶ ସ୍ଥାପନ କରିଥିଲେ । ୧୬୦୮ ଖ୍ରୀ:ଅ:ରେ ଚାମ୍ପଲାନ୍ (Champlain) ଙ୍କ ଦ୍ୱାରା ସେଣ୍ଟ କ୍ରୋଇକ୍ସ, ପୋର୍ଟ ଲୟାଲ୍ ଏବଂ କ୍ୟୁବେକ୍‌ଠାରେ ଫରାସୀ ଉପନିବେଶମାନ ସ୍ଥାପିତ ହୋଇଥିଲା । ଲୁଇସ୍-ଚର୍ତୁଃଦଶଙ୍କ ଶାସନ କାଳରେ ଚାମ୍ପଲାନ୍ ଆମେରିକାର ଅଧିକ ଆଭ୍ୟନ୍ତରକୁ ପ୍ରବେଶ କରି ଓଟ୍ଓ୍ୱା ନଦୀ କୂଳରେ ପହଞ୍ଚିପାରିଥିଲେ ।

ସପ୍ତଦଶ ଶତାବ୍ଦୀର ଅନ୍ତିମପର୍ଯ୍ୟାୟରେ ଅନେକ ଫରାସୀ ଧର୍ମ ପ୍ରଚାରକ ଗ୍ରେଟ୍ ଲେକ୍ ଅଞ୍ଚଳ ମଧ୍ୟ ଦେଇ ସସାତ୍, ମିସିସିପି ଓ ମିଶୋରୀ ଉପତ୍ୟକାରେ ପ୍ରବେଶ କରିଥିଲେ । ଫରାସୀ ଭଗର୍ଣ୍ଣର କାଉଣ୍ଟ ଫ୍ରୋଣ୍ଟେନାକ୍ ସେମାନଙ୍କୁ ଆମେରିକାର ଆହୁରି ଅଧିକ ଆଭ୍ୟନ୍ତରକୁ ଅଭିଯାତ୍ରା ଜାରି ରଖିବା ପାଇଁ ଉତ୍ସାହିତ କରିଥିଲେ । ଫରାସୀ ଧର୍ମଯାଜକ ଏବଂ ଅଭିଯାତ୍ରୀ ଦଳ ୧୬୬୯ ଖ୍ରୀ:ଅ:ରେ ଫକ୍ସ ନଦୀ ଦେଇ ଏହାର ତଳମୁଣ୍ଡରେ ଥିବା ଉଇସ୍କୋନ୍‌ସିନରେ ଏବଂ ମିସିସିପି ନଦୀରେ ଯାଇ ଅର୍କାନାସ୍ ମୁହାଣର ମଧ୍ୟଦେଇ ମେକ୍ସିକୋର ଖାଡ଼ିରେ ପହଞ୍ଚିଥିଲେ । ଏଣୁ ଫରାସୀମାନେ ଆପ୍ପାଲାଚିଆନ ପର୍ବତମାଳାର ପଶ୍ଚିମକୁ ଥିବା ସମଗ୍ର ଅଞ୍ଚଳକୁ ଅଧିକାର କରିନେଲେ ଏବଂ ସେଣ୍ଟ ଲରେନ୍ସଠାରୁ ମେକ୍ସିକୋର ଖାଡ଼ି ପର୍ଯ୍ୟନ୍ତ ଏକ ଜଳପଥର ଅବିଷ୍କାର କଲେ । ଫରାସୀମାନେ ସମଗ୍ର ଆଭ୍ୟନ୍ତରୀୟ ଭୂଭାଗକୁ ଅଧିକାର କରିବା ଫଳରେ ବ୍ରିଟିଶମାନଙ୍କ ସମୁଦ୍ର ଉପକୂଳକୁ ଥିବା ପ୍ରସ୍ତର ରାସ୍ତା ସଙ୍କୁଚିତ ହୋଇଯାଇଥିଲା । ଲେକ୍ ଓଣ୍ଟାରିଓର ମୁହାଣର ଜନୈକ ଧନାଢ଼୍ୟ ଫରାସୀ ବ୍ୟବସାୟୀ ଫୋର୍ଟ ଫ୍ରଣ୍ଟେନାକ୍ ନିର୍ମାଣ କରିଥିଲେ । ୧୬୭୯ ଖ୍ରୀ:ଅ:ରେ ଲେକ୍ ମିଚିଗାନ ଦେଇ ଇଲିନିଓସ୍ ନଦୀର ନିମ୍ନଭାଗରେ ଥିବା ଅଞ୍ଚଳକୁ ଅଭିଯାତ୍ରା କରାଯାଇ ସେଠାରେ ସେଣ୍ଟ ଲୁଇସ୍ ଦୁର୍ଗ ନିର୍ମାଣ କରାଗଲା । ପରବର୍ତ୍ତୀ କାଳରେ ସମଗ୍ର ଉପତ୍ୟକାକୁ ଫ୍ରାନ୍ସର ସମ୍ରାଟଙ୍କ ନାମରେ ଅଧିକୃତ କରାଯାଇ ଏହାକୁ "ଲୁଇସିଆନା" (Louisiana) ନାମ ପ୍ରଦାନ କରାଗଲା । ଏହିପରି ଆମେରିକାର ସର୍ବାପେକ୍ଷା ଅଧିକ ପ୍ରାକୃତିକ ସମ୍ପଦପୂର୍ଣ୍ଣ ଧନଶାଳୀ ଉପତ୍ୟକା ଲୁଇସିଆନା ଫ୍ରାନ୍ସ ନିୟନ୍ତ୍ରଣକୁ ଆସିଯାଇଥିଲା । ଏହି ସମୟରେ ଆମେରିକାର ସମଗ୍ର ପୂର୍ବ ଉପକୂଳ ଇଂରେଜ ଓ ସମଗ୍ର ପଶ୍ଚିମ ଉପକୂଳ ସ୍ପେନୀୟମାନଙ୍କ ଅଧିନରେ ଥିଲା । ଖ୍ରୀଷ୍ଟିୟ ଷୋଡ଼ଶ ଓ ସପ୍ତଦଶ ଶତାବ୍ଦୀରେ ସ୍ପେନୀୟ ବାଣିଜ୍ୟ କାରବାର ଉପରେ ଜଳଦସ୍ୟୁମାନଙ୍କ ଦ୍ୱାରା ଆକ୍ରମଣ କରାଇ ଫ୍ରାନ୍ସ ୱେଷ୍ଟଇଣ୍ଡିଜ୍‌ରେ ନିଜର ଉପନିବେଶ ସ୍ଥାପନ କରିବାରେ ସଫଳ ହୋଇଥିଲା ।

ଏହିପରି ଫ୍ରାନ୍ସ ସମଗ୍ର ମିସିସିପି ଉପତ୍ୟକା ଏବଂ ୱେଷ୍ଟଇଣ୍ଡିଜ୍ ଉପରେ ନିଜର କର୍ତ୍ତୃତ୍ୱ ଜାରି ରଖିପାରିଥିଲା । ଏହି ଅଞ୍ଚଳର ମୃତ୍ତିକା ଖୁବ୍ ଉର୍ବର ଥିଲା ଏବଂ ଚାରାରୋପଣ ପାଇଁ ସମ୍ପୂର୍ଣ୍ଣ ଉପଯୁକ୍ତ ଥିଲା । ଏଥିରୁ ଫ୍ରାନ୍ସକୁ ପ୍ରଚୁର ଲାଭ ମିଳିଥିଲା । ଖ୍ରୀଷ୍ଟୀୟ ଅଷ୍ଟାଦଶ ଶତାବ୍ଦୀ ପର୍ଯ୍ୟନ୍ତ ଏହି ଅଞ୍ଚଳ ଫ୍ରାନ୍ସ ଅଧିନରେ ରହିଥିଲା । ମାତ୍ର ପ୍ୟାରିସ୍ ବୁଝାମଣା ଚୁକ୍ତି ଯୋଗୁ ଫ୍ରାନ୍ସକୁ ଏହି ଅଞ୍ଚଳ ଉତ୍ତର ଆମେରିକାକୁ ସମର୍ପଣ କରିବାକୁ ପଡିଥିଲା । ତଥାପି କେତେକ କ୍ଷୁଦ୍ର ଅଞ୍ଚଳ ଉପରେ ଫ୍ରାନ୍ସର ନିୟନ୍ତ୍ରଣ ରହିଥିଲା ।

ଭୌଗୋଳିକ ଆବିଷ୍କାରଗୁଡ଼ିକର ପ୍ରଭାବ
(Influence of Geographical Discoveries)

(୧) ବିଭିନ୍ନ ଭୌଗୋଳିକ ଆବିଷ୍କାରଗୁଡ଼ିକ ଅନେକ ନୂତନ ୟୁରୋପୀୟ ଉପନିବେଶ ସ୍ଥାପନ କରିବାରେ ସାହାଯ୍ୟ କରିଥିଲା । କିନ୍ତୁ ପରିହାସର କଥା ଯେ ଯେଉଁ ଦେଶର ଅଧିବାସୀମାନେ ନୂତନ ଅଞ୍ଚଳଟିଏ ଆବିଷ୍କାର କରୁଥିଲେ, ସେମାନେ ସେଠାରେ ନିଜର ଉପନିବେଶ ସ୍ଥାପନ କରିବାକୁ ସେପରି ପ୍ରଭାବଶାଳୀ ହୋଇପାରୁନଥିଲେ । ଉଦାହରଣ ସ୍ୱରୂପ ଭାରତକୁ ପ୍ରଥମେ ୧୪୯୮ ଖ୍ରୀ:ଅ:ରେ ପର୍ତ୍ତୁଗୀଜ ଭାସ୍କୋଡ଼ାଗାମା ଜଳପଥ ଆବିଷ୍କାର କଲେ, କିନ୍ତୁ ଇଂରେଜମାନେ ହିଁ ଏଠାରେ ପ୍ରଭାବ ବିସ୍ତାର କରି ଦୀର୍ଘ ୧୯୦ ବର୍ଷ (୧୭୫୭ ଖ୍ର:ଅ:ରୁ ୧୯୪୭ ଖ୍ରୀ:ଅ:) ଶାସନ କଲେ ।

ପର୍ତ୍ତୁଗୀଜମାନେ କେବଳ ଗୋଆ ଦ୍ୱୀପରେ ଆଧିପତ୍ୟ ବିସ୍ତାର କରିଥିଲେ, ଯାହାକି ସ୍ୱାଧୀନ ଭାରତର ସାମରିକ ବାହିନୀ ଦ୍ୱାରା ୧୬ ଡିସେମ୍ବର ୧୯୬୧ ଖ୍ରୀ:ଅ:ରେ ସ୍ୱାଧୀନ ହେଲା । ସେହିପରି ସ୍ପେନୀୟ ପୃଷ୍ଠପୋଷକତାରେ ଖ୍ରୀଷ୍ଟୋଫର୍ କଲମ୍ବସ୍ ୧୪୯୨ ଖ୍ରୀ:ଅ:ରେ ଆମେରିକା ଆବିଷ୍କାର କଲେ, କିନ୍ତୁ ଇଂରେଜମାନେ ସେଠାରେ ଉପନିବେଶ ସ୍ଥାପନ କରି ୧୭୭୬ ଖ୍ରୀ:ଅ: ପର୍ଯ୍ୟନ୍ତ ଶାସନ କଲେ ।

(୨) ଭୌଗୋଳିକ ଆବିଷ୍କାରଗୁଡ଼ିକ ୧୫ଶ ଓ ୧୬ଶ ଶତାବ୍ଦୀର ୟୁରୋପୀୟ ବାଣିଜ୍ୟ ବିପ୍ଳବକୁ ପ୍ରଗତିଶୀଳ କରିଥିଲା । ୟୁରୋପୀୟ ଅର୍ଥନୀତି ଭୂମଧ୍ୟସାଗରୀୟ ସମୁଦ୍ର ବାଣିଜ୍ୟରୁ ଆରମ୍ଭ ହୋଇ ଆଟ୍‌ଲାଣ୍ଟିକ୍ ମହାସାଗର, ଆରବ ସାଗର ଓ ଭାରତ ମହାସାଗର ଅତିକ୍ରମ କରି ଭାରତ, ଇଣ୍ଡୋନେସିଆ ଦ୍ୱୀପସମୂହ, ଆମେରିକା, କାନାଡ଼ା ଓ ଆଫ୍ରିକାକୁ ବ୍ୟାପିଯାଇଥିଲା । ଡୋଭର, ବାହାମା, ଆଲେକ୍‌ଜାଣ୍ଡ୍ରିଆ, ଭେନିସ୍, ଉତ୍ତମାଶା ଅନ୍ତରୀପ, ଜିବ୍ରାଲିଟର, କାଲିକଟ୍, ମୁମ୍ବାଇ, ଚେନ୍ନାଇ, କୋଲକାତା, କରାଚୀ ଓ ପୋଟ୍ ମାଉଥ୍ ପରି ଅନେକ ଗୁରୁତ୍ୱପୂର୍ଣ୍ଣ ପୋତାଶ୍ରୟମାନ ପ୍ରତିଷ୍ଠା କରାଯାଇ ଆନ୍ତର୍ଜାତୀୟ ବ୍ୟବସାୟ ବାଣିଜ୍ୟର ପ୍ରସାର କରାଗଲା । ସର୍ବୋପରି ଏହି ଆବିଷ୍କାର ଫଳରେ ପୃଥିବୀର ବିଭିନ୍ନ ସ୍ଥାନକୁ ଅନେକଗୁଡ଼ିଏ ଜଳପଥର ବିକାଶ ହୋଇପାରିଲା ।

(୩) ୧୬ଶରୁ ୨୦ଶ ଶତାବ୍ଦୀ ମଧ୍ୟରେ ୟୁରୋପକୁ ନୂତନ ରୂପେ ସ୍ଥାପିତ ଉପନିବେଶଗୁଡ଼ିକରୁ ବିପୁଳ ପରିମାଣର ସୁନା, ରୂପା, ହୀରା, ପିତ୍ତଳ, ତମ୍ବା ଇତ୍ୟାଦି ଧାତୁଗୁଡ଼ିକ ସହ ମସଲା ଏବଂ ରେଶମ ବସ୍ତ୍ର ଆଦି ଲୁଣ୍ଠିତ ହେଲା । ଫଳରେ ୟୁରୋପ ସ୍ୱଚ୍ଛଳ ହେବାକୁ ଲାଗିଲା ।

(୪) ନୂତନ ଭୌଗୋଳିକ ଆବିଷ୍କାର ଦ୍ୱାରା ପୃଥିବୀର ବିଭିନ୍ନ ଅଞ୍ଚଳଗୁଡ଼ିକ ମଧ୍ୟରେ ସାଂସ୍କୃତିକ, ରାଜନୈତିକ ଓ ଅର୍ଥନୈତିକ ଭାବର ଆଦାନ ପ୍ରଦାନ ଆରମ୍ଭ ହେଲା ।

(୫) ଉପନିବେଶଗୁଡ଼ିକୁ ଅନ୍ୟ ଦେଶ ପକ୍ଷରୁ ଶାସନ କରାଯାଉଥିବାରୁ ସେଠାକାର ଅଧିବାସୀଙ୍କ ମଧ୍ୟରେ ଜାତୀୟତା ଭାବର ଉଦ୍ରେକ ହୋଇ ବିଦେଶୀ ଶାସନରୁ ନିଜ ରାଷ୍ଟ୍ରକୁ ସ୍ୱାଧୀନ କରିବା ପାଇଁ ମୁକ୍ତି ଆନ୍ଦୋଳନମାନ ଗଢ଼ି ତୋଳିଲା ।

ଆଦର୍ଶ ପ୍ରଶ୍ନାବଳୀ

୧ । ମାର୍କୋପୋଲଙ୍କ ଭ୍ରମଣ ବୃତ୍ତାନ୍ତ ସଂକ୍ଷେପରେ ବର୍ଣ୍ଣନା କର ।

୨ । କଲମ୍ବସ୍‌ଙ୍କ ଭୌଗଳିକ ଆବିଷ୍କାରର ଏକ ବିବରଣୀ ପ୍ରଦାନ କର ।

୩ । ସ୍ୱଦେହରେ ପ୍ରଥମେ ଜଳପଥରେ ପୃଥିବୀ ପରିକ୍ରମା କରିଥିବା ଇଂରେଜ ନାବିକଙ୍କ ବିଷୟରେ ଯାହା ଜାଣ ଲେଖ ।

୪ । ଭାସ୍କୋଡାଗାମା ଓ ଫର୍ଡିନାଣ୍ଡ୍ ମାଗେଲାନ୍‌ଙ୍କ ଜଳଯାତ୍ରାର ବିବରଣୀ ପ୍ରଦାନ କର ।

୫ । ଫରାସୀ ଜଳଯାତ୍ରା ବିଷୟରେ ଆଲୋଚନା କର ।

୬ । ଭୌଗଳିକ ଆବିଷ୍କାରର ପ୍ରଭାବ ଗୁଡିକ ବର୍ଣ୍ଣନା କର ।

❑•❑

অধ্যায় ৪

ଆମେରିକା ବିଜୟ
(THE CONQUESTS OF THE AMERICAS)

ଆମେରିକା ଆବିଷ୍କାର (Discovery of America) :

ପ୍ରକୃତ ପକ୍ଷେ କଲମ୍ବସ୍‌ଙ୍କୁ ଦୁଇଟି କାରଣ ଯୋଗୁ ଆମେରିକାର ଆବିଷ୍କର୍ତ୍ତା କୁହାଯାଇ ନ ପାରେ । ପ୍ରଥମତଃ ବର୍ତ୍ତମାନର ବିଶେଷଜ୍ଞମାନଙ୍କ ମତରେ ପଶ୍ଚିମ ଗୋଲାର୍ଦ୍ଧରେ ପ୍ରଥମେ ପହଞ୍ଚିପାରି ଥିବା ୟୁରୋପୀୟ ଥିଲେ ଭାଇକିଂସ୍ (Vikings) । ସେ ଜଳ ପଥରେ ସମୁଦ୍ର ଯାତ୍ରା କରି ପ୍ରଥମେ ବର୍ତ୍ତମାନର ନ୍ୟୁଫାଉଣ୍ଡଲାଣ୍ଡ, ଲାବ୍ରାଡୋର ଏବଂ ନ୍ୟୁ ଇଂଲଣ୍ଡରେ ପ୍ରାୟ ୧୦୦୦ ଖ୍ରୀ:ଅ ବେଳକୁ ପଦାର୍ପଣ କରିପାରିଥିଲେ । ଦ୍ୱିତୀୟତଃ ମୃତ୍ୟୁ ପର୍ଯ୍ୟନ୍ତ କଲମ୍ବସ୍ ଜାଣି ନଥିଲେ ଯେ "ସେ ନୂତନ ରୂପେ ଆବିଷ୍କାର କରିଥିବା ଭୂଭାଗଟି ପ୍ରକୃତରେ କେଉଁ ଦେଶ ଅଟେ ?" ମାତ୍ର ୧୪୯୨ ଖ୍ରୀ:ଅ:ରେ କଲମ୍ବସ୍ କରିଥିବା ସଫଳ ନୌଯାତ୍ରାରେ "ଯଦିଓ ସେ ନିଜ ଦେଶକୁ ଏସିଆ ମହାଦେଶର ମସଲା ଆଣିପାରି ନଥିଲେ, କିନ୍ତୁ ସେ ସଙ୍ଗରେ ଆଣିଥିବା ସାମାନ୍ୟ ପରିମାଣର ସ୍ୱର୍ଣ୍ଣ ନମୂନା ଏବଂ ଅଳ୍ପକେତେକ ସଂଖ୍ୟକ ଆଦିମ ଅଧିବାସୀ (Red Indian) ୟୁରୋପୀୟମାନଙ୍କ ମଧ୍ୟରେ ସେହି ନୂତନ ଭୂଭାଗରୁ ଅଧିକ ସ୍ୱର୍ଣ୍ଣ ଏବଂ କ୍ରୀତଦାସ ଲାଭ କରିବାର ଆଶାକୁ ଉଜ୍ଜୀବିତ କରିଥିଲା" । ସେମାନେ ମଧ୍ୟ ସେଠାରେ ନିର୍ବିଘ୍ନରେ ଖ୍ରୀଷ୍ଟ ଧର୍ମପ୍ରଚାର କରିବାର ସ୍ୱପ୍ନ ଦେଖିଥିଲେ । ଏହା ସ୍ପେନ୍ ସମ୍ରାଟ ଫର୍ଡିନାଣ୍ଡ ଏବଂ ସାମ୍ରାଜ୍ଞୀ ଇଶାବେଲାଙ୍କ ଦ୍ୱାରା କଲମ୍ବସ୍‌ଙ୍କୁ ଅଧିକ ତିନିଗୋଟି ସମୁଦ୍ରଯାତ୍ରାର ପୃଷ୍ଠପୋଷକତା କରିବାକୁ ଉତ୍ସାହିତ କରିଥିଲା । ଅନ୍ୟ ନାବିକମାନେ ମଧ୍ୟ ଏହି କାରଣରୁ ରାଜ ପୃଷ୍ଠପୋଷକତା ଲାଭ କରି ସେହି ଭୂଭାଗର ମୁଖ୍ୟଅଂଶକୁ ପ୍ରବେଶ କରିପାରିଥିଲେ । ପ୍ରାପ୍ତ ୧୫୦୦ ଖ୍ରୀ:ଅ: ବେଳକୁ ଜଣାପଡ଼ିଥିଲା ଯେ କଲମ୍ବସ୍ ଯେଉଁ ନୂତନ ଭୂଭାଗକୁ ଭ୍ରମାତ୍ମକ ରୂପେ "ଭାରତ" ବୋଲି ଚିହ୍ନିତ କରିଥିଲେ, ତାହା ପ୍ରକୃତରେ ଭାରତ ନଥିଲା ଏବଂ ଏହା ସମ୍ପୂର୍ଣ୍ଣ ରୂପେ ଏକ ନୂତନ ଭୂଭାଗ ଥିଲା ଯାହା ସେ ପର୍ଯ୍ୟନ୍ତ ସମଗ୍ର ୟୁରୋପକୁ ଅଜ୍ଞାତ ଥିଲା । ଏହା ଇଟାଲୀୟ ଭୂଗୋଳବିତ୍ ଆମେରିଗୋ ଭେସ୍‌ପୁଚି (Amerigo Vespucci) ଙ୍କ ଦ୍ୱାରା ବିସ୍ତୃତ ରୂପେ ପ୍ରକାଶିତ ହୋଇଥିଲା । ଭେସ୍‌ପୁଚିଙ୍କ ୧୫୦୪ ଖ୍ରୀ:ଅ:ରେ ପ୍ରକାଶିତ "ମୁଣ୍ଡସ୍ ନୋଭସ୍" ବା "ଏକ ନୂତନ ବିଶ୍ୱ" (Mundus Novus or A New World) ପୁସ୍ତକରୁ ଏହି ନୂତନ ଭୂଖଣ୍ଡ ବିଷୟରେ ସବିଶେଷ ତଥ୍ୟ ଉପଲବ୍ଧ ହୋଇଥିଲା । ପଶ୍ଚିମ ଗୋଲାର୍ଦ୍ଧର ଏହି ନୂତନ ଭୂଖଣ୍ଡକୁ ଆମେରିଗୋ ଭେସପୁଚିଙ୍କର ନାମର ପ୍ରଥମ ଭାଗ ଅନୁଯାୟୀ 'ଆମେରିକା' (America) ନାମରେ ନାମିତ କରାଗଲା ।

ଆମେରିକା ବିଜୟ (Conquest of America) :

ଆମେରିକାର ଆବିଷ୍କାର ହେବା ପରେ ସ୍ପେନୀୟମାନେ କାଳକ୍ରମେ ଜ୍ଞାତ ହେଲେ ଯେ ସେଠାରେ ନିଜ ଦେଶ ଅପେକ୍ଷା ଖୁବ୍ ଅଧିକ ଧନସମ୍ପତ୍ତି ଅଛି । କଲମ୍ବସଙ୍କ ପ୍ରାରମ୍ଭିକ ସ୍ୱଳ୍ପ ସ୍ୱର୍ଣ୍ଣ ନମୁନାରୁ ସ୍ପେନୀୟମାନଙ୍କ ମନରେ ଧାରଣା ଦୃଢ଼ୀଭୂତ ହୋଇଥିଲା ଯେ, ମୁଖ୍ୟ ଭୂଭାଗର କୌଣସି ସ୍ଥାନରେ ସ୍ୱର୍ଣ୍ଣ ଖଣି ବା ପାହାଡ଼ ପରି ପୁଞ୍ଜିଭୂତ ହୋଇ ସ୍ୱର୍ଣ୍ଣ ଅଛି । ଉଡା ଖବରର ପର ଲାଗିଯାଏ । ଏଣୁ ଏହି କାଞ୍ଚନିକ ସମ୍ବାଦରେ ଉତ୍ସାହିତ ହୋଇ କେତେକ ସାହାସୀ ସ୍ପେନୀୟ ଆମେରିକାର ମୁଖ୍ୟ ଭୂଭାଗକୁ ଯାତ୍ରା ଅଭିଯାନ କରିଥିଲେ । ଅସ୍ତ୍ର ବଳରେ ସେମାନେ ପ୍ରଥମ ସମ୍ପତ୍ତିକୁ ହସ୍ତଗତ କରିପାରିଥିଲେ । ସ୍ପେନୀୟ ଯୋଦ୍ଧା ହର୍ନାଣ୍ଡୋ କୋର୍ଟେସ୍ (Hornando Cortes) ୧୫୧୯ ଖ୍ରୀ:ଅ:ରୁ ୧୫୨୧ ଖ୍ରୀ:ଅ:ର ଦୁଇ ବର୍ଷ ମଧ୍ୟରେ ମାତ୍ର ୬୦୦ ସୈନ୍ୟଙ୍କ ନେତୃତ୍ୱ ନେଇ ଏକ ମିଲିୟନ୍ ଜନସଂଖ୍ୟା ବିଶିଷ୍ଟ ମେକ୍ସିକୋର ଆଜ୍‌ଟେକ ସାମ୍ରାଜ୍ୟ (Aztec Empire) କୁ ନିଜ ଅଧିନକୁ ଆଣିପାରିଥିଲେ । ସେ ଆଜ୍‌ଟେକ୍ ସାମ୍ରାଜ୍ୟର ସମୃଦ୍ଧ ରାଜକୋଷର ସମସ୍ତ ସମ୍ପତ୍ତିକୁ ସ୍ପେନ୍‌କୁ ସ୍ଥାନାନ୍ତରିତ କରିଥିଲେ । ଏହାପରେ ୧୫୩୩ ଖ୍ରୀ:ଅ:ରେ ସ୍ପେନୀୟ ଯୋଦ୍ଧା ଫ୍ରାନ୍ସିସ୍କୋ ପିଜାରୋ (Francisco Pizarro) ମାତ୍ର ୧୮୦ ଜଣ ସୈନ୍ୟଙ୍କ ସାହାଯ୍ୟରେ ପେରୁ ବିଜୟ କରି ଇନ୍‌କା (Incas) ମାନଙ୍କର ବିପୁଳ ସ୍ୱର୍ଣ୍ଣଭଣ୍ଡାରକୁ ଲୁଣ୍ଠନ କରିଥିଲେ । କୋର୍ଟେସ୍ ଏବଂ ପିଜାରୋଙ୍କ ସପକ୍ଷରେ କେତେକ କମାଣ ଏବଂ ଅଶ୍ୱ ଅଧିକ ଥିଲା । ମାତ୍ର ସେମାନେ ମୌଳିକ ରୂପେ କେବଳ ଦୁଃସାହାସ, ପ୍ରତାରଣା ଏବଂ ନିଷ୍ଠୁରତା ପାଇଁ ବିଜୟ ହାସଲ କରିପାରିଥିଲେ । "କେବେ ହେଲେ ପୂର୍ବରୁ କିମ୍ବା ଏହାପରେ ଏତେ ଅଳ୍ପ ସଂଖ୍ୟକ ସୈନ୍ୟଙ୍କ ଦ୍ୱାରା ବହୁ ପ୍ରତିକୂଳ ପରିସ୍ଥିତିରେ ସମ୍ମୁଖୀନ ହେବା ସତ୍ତ୍ୱେ ଏପରି ମହାନ ଶାସନ ଗୋଷ୍ଠୀକୁ ପରାଜିତ କରିବାର ଇତିହାସ ଆଜି ପର୍ଯ୍ୟନ୍ତ ଦୃଷ୍ଟିଗୋଚର ହୁଏ ନାହିଁ ।'' ମାତ୍ର ମନୁଷ୍ୟ ଏପରି ବର୍ବର ଏବଂ ବିଚାର ଶୂନ୍ୟ ହେବା କ୍ୱଚିତ ଦେଖିବାକୁ ମିଳିଥାଏ ।

ସ୍ପେନୀୟ ଏବଂ ପର୍ତ୍ତୁଗୀଜମାନଙ୍କ ଆମେରିକା ବିଜୟ ବହୁଳ ରୂପେ ବ୍ୟକ୍ତିଗତ ଅଭିଯାନ ଥିଲା । ଏହି ଅଭିଯାନକାରୀମାନେ ସ୍ପେନ୍ ଶାସକଙ୍କଠାରୁ ଅସୀମ କ୍ଷମତା ପ୍ରାପ୍ତ ହୋଇ ତାଙ୍କ (ଶାସକ) ନାମରେ ଆମେରିକାର ଭୂଭାଗରେ ଯେକୌଣସି କାର୍ଯ୍ୟ କରିବା ପାଇଁ ସ୍ୱୀକୃତି ପ୍ରାପ୍ତ ହୋଇଥିଲେ। ଅଭିଜ୍ଞ ସୈନିକ କିମ୍ବା ନୀତିଶୂନ୍ୟ ଜଳଦସ୍ୟୁମାନଙ୍କ ଦ୍ୱାରା ଆମେରିକାର ଭୂଭାଗରେ ଅଧିକୃତ ହୋଇଥିବା ଅଞ୍ଚଳକୁ ସ୍ପେନ୍ ନିଜର ବିଜିତ ରାଜ୍ୟ ରୂପେ ଦାବୀ କରିଥିଲା। କେନ୍ଦ୍ର ଏବଂ ଦକ୍ଷିଣ ଆମେରିକାରେ ସ୍ପେନ୍‌ର ଦ୍ରୁତ ବିଜୟ, ପରବର୍ତ୍ତି କାଳରେ ଉତ୍ତର ଆମେରିକାର ବ୍ରିଟିଶ ବସତିଗୁଡ଼ିକର ମନ୍ଥର କ୍ରମ ସମ୍ପ୍ରସାରଣର ସମ୍ପୂର୍ଣ୍ଣ ବିପରୀତ ଧର୍ମୀ ଥିଲା। ମେକ୍ସିକୋ, କେନ୍ଦ୍ର ଆମେରିକା ଏବଂ ଦକ୍ଷିଣ ଆମେରିକାର ଉତ୍ତର ଭାଗ ୧୫୪୦ ଖ୍ରୀ:ଅ: ସୁଦ୍ଧା ସ୍ପେନ ଅଧିନକୁ ଆସିଯାଇଥିଲା । ଚିଲି ଏବଂ ଆର୍ଜେଣ୍ଟିନାକୁ ଜୟ କରିବା ପାଇଁ ଭୀଷଣ ଯୁଦ୍ଧର ସମ୍ମୁଖିନ ହେବାକୁ ପଡ଼ିଥିଲା। କାରଣ ସେଠାରେ ପେରୁର ଇନ୍‌କା ଏବଂ ମେକ୍ସିକୋର ଆଜ୍‌ଟେକ୍ ପରି କେନ୍ଦ୍ରୀୟ ଶାସନ ନଥିଲା; ଏଣୁ ଏହାର ମୂଳ ସାଧାରଣ ଅଧିବାସୀମାନେ ବିଦେଶୀ ଆକ୍ରମଣକାରୀଙ୍କୁ ଭୟଙ୍କର ପ୍ରତିରୋଧ କରିଥିଲେ । ବୁଏନେସ୍ ଏରିସ୍ ସହର ୧୫୮୦ ଖ୍ରୀ:ଅ: ପୂର୍ବରୁ ସ୍ପେନୀୟମାନଙ୍କର ଦୃଢ଼ ନିୟନ୍ତ୍ରଣକୁ ଆସି ନଥିଲା। ସ୍ପେନ୍ ଅପେକ୍ଷା ଉଭୟ ଜନସଂଖ୍ୟା ଏବଂ ନୌଶକ୍ତିରେ ଅତି ନିକୃଷ୍ଟ ଥିବା ପର୍ତ୍ତୁଗାଲ ଆମେରିକା ଅଧିକାର ପ୍ରଚେଷ୍ଟାରେ ବ୍ରିଟିଶ୍, ଫ୍ରାନ୍ସ ଓ ଡଚ୍‌ମାନଙ୍କୁ ପଛରେ ପକାଇ ୧୫୪୯ ଖ୍ରୀ:ଅ:ରେ ବ୍ରାଜିଲ୍‌ଠାରେ ଏକ ଉତ୍ତମ ରୂପେ ସ୍ଥାୟୀ ଉପନିବେଶୀୟ ସରକାର ପ୍ରତିଷ୍ଠା କରିପାରିଥିଲେ। ଏହିପରି ଏକ ଶତାବ୍ଦୀରୁ କମ୍ ସମୟ ମଧ୍ୟରେ ଦୁଇ ଉପଦ୍ୱୀପୀୟ ରାଷ୍ଟ୍ରଶକ୍ତି (Iberian Power) – ସ୍ପେନ୍ ଓ ପର୍ତ୍ତୁଗାଲ ସମଗ୍ର ଯୁକ୍ତରାଷ୍ଟ୍ର ଆମେରିକା କ୍ଷେତ୍ରଫଳର ଦୁଇଗୁଣ କ୍ଷେତ୍ରଫଳ ପରିମିତ ଅଞ୍ଚଳର ସାମ୍ରାଜ୍ୟକୁ ଅଧିକାର କରିପାରିଥିଲେ।

ଉପନିବେଶ ଯୁଗର ଆରମ୍ଭ (Beginning of the Era of Colonization) :

ଉଭୟ ସ୍ପେନ୍ ଓ ପର୍ତ୍ତୁଗାଲ୍ ଦ୍ୱାରା ଆରମ୍ଭ କରାଯାଇଥିବା ଉପନିବେଶବାଦ ଏବଂ ଉପନିବେଶ ପ୍ରଶାସନ ବ୍ୟବସ୍ଥାର ଚରିତ୍ର ସମଗ୍ର ଲାଟିନ୍ ଆମେରିକା ଇତିହାସକୁ ଗଭୀର ରୂପେ ପ୍ରଭାବିତ କରିଥିଲା । ଏହା ବିଶେଷ ରୂପେ ସ୍ପେନ୍ ପାଇଁ ସତ୍ୟ



(ୟୁରୋପୀୟ ଦିଗବିଜୟ ସମୟକାଳର ଆମେରିକୀୟ ଦେଶ ସମୂହ)

ଥିଲା । ଏହା ମଧ୍ୟ ତାହାର ପଡ଼ୋଶୀ ପର୍ତ୍ତୁଗାଲ ପାଇଁ ଉଦ୍ଦିଷ୍ଟ ଥିଲା, କାରଣ ୧୫୮୦ ଖ୍ରୀ:ଅ:ରୁ ୧୬୪୦ ଖ୍ରୀ:ଅ: ମଧ୍ୟରେ ଉଭୟ ରାଷ୍ଟ୍ର ଏକକ ସାର୍ବଭୌମ ଅଧିନରେ ଥିଲେ । ସ୍ପେନୀୟ ଉପନିବେଶୀୟ ନୀତି ଥିଲା – ସ୍ୱେଚ୍ଛାଚାରୀ ଏବଂ ପ୍ରଜାହିତୈଷୀ । ଉପନିବେଶ ପ୍ରଶାସନର ସର୍ବୋଚ୍ଚ କର୍ତ୍ତା ଥିଲେ "ବଡ଼ଲାଟ୍" (Viceroy) । ସେ ସ୍ପେନ୍‌ର ରାଜାଙ୍କ ବ୍ୟକ୍ତିଗତ ପ୍ରତିନିଧି ରୂପେ ଉପନିବେଶକୁ ଶାସନ କରୁଥିଲେ । ପ୍ରାରମ୍ଭିକ ଅବସ୍ଥାରେ ଦୁଇ ଜଣ ଭାଇସ୍‌ରାୟ ନିଯୁକ୍ତ ହେଉଥିଲେ – ଜଣେ ମେକ୍ସିକୋ, ନ୍ୟୁସ୍ପେନ୍ ଏବଂ କେନ୍ଦ୍ର ଆମେରିକାର ପ୍ରଶାସକ ଥିବା ବେଳେ ଅନ୍ୟ ଜଣେ ଭାଇସ୍‌ରାୟ ପେରୁର ପ୍ରଶାସକ ଥିଲେ । ଖ୍ରୀଷ୍ଟୀୟ ଅଷ୍ଟାଦଶ ଶତାବ୍ଦୀରେ ନ୍ୟୁଗ୍ରାନେଡ଼ା (ପାନାମା, କଲୋମ୍ବିଆ, ଭେନେଜୁଏଲା ଓ ଇକ୍ୱୋଡର) ପାଇଁ ଜଣେ ଏବଂ ଲା ପ୍ଲାଟା ବା ବୁଏନସ୍‌ଏରିସ୍ ପାଇଁ ଅନ୍ୟ ଜଣେ ଭାଇସ୍‌ରାୟ ନିଯୁକ୍ତ ହେଲେ । ଏହିପରି ନିଯୁକ୍ତି ପ୍ରାପ୍ତ ୪ ଜଣ ଭାଇସ୍‌ରାୟମାନଙ୍କୁ ଅତି ଉତ୍ତମ ବେତନ ପ୍ରଦାନ କରାଯାଉଥିଲା । ସେମାନଙ୍କ ବାର୍ଷିକ ବେତନ ଏକଦା ଦୁଇ ଲକ୍ଷ ପାଉଣ୍ଡରୁ ଅଧିକ ଥିଲା । ଏପରି ଆକର୍ଷଣୀୟ ବେତନ ପ୍ରଦାନର ଉଦ୍ଦେଶ୍ୟ ଥିଲା ଦୁର୍ନୀତିକୁ ପ୍ରତିରୋଧ କରିବା । ଦୁର୍ନୀତି ନିବାରଣ ଏହି ଲକ୍ଷ୍ୟ ପ୍ରାୟ ସମସ୍ତ ଉପନିବେଶ ଗୁଡ଼ିକରେ ହାସଲ କରାଯାଇ ପାରିଥିଲା । ତତ୍ ସଙ୍ଗେ ସଙ୍ଗେ ମାତୃଦେଶର ରାଜାମାନେ ପ୍ରତିଷେଧକ ମୂଳକ ବ୍ୟବସ୍ଥା ସ୍ୱରୂପ ଭାଇସ୍‌ରାୟମାନଙ୍କୁ ମାତ୍ରାଧିକ କ୍ଷମତାଶାଳୀ ହେବାରୁ ବଞ୍ଚିତ କରୁଥିଲେ । ଭାଇସ୍‌ରାୟମାନେ ପ୍ରଦର୍ଶନ କରୁଥିବା କ୍ଷମତା ସ୍ପେନୀୟ ସମ୍ରାଟଙ୍କର ଇଚ୍ଛା ଅନୁରୂପ ଥିଲା । ସେମାନେ ନିଜ ଇଚ୍ଛାରେ କୌଣସି କ୍ଷମତା ପ୍ରୟୋଗ କରିପାରୁ ନଥିଲେ । ଏହି କାରଣ ଯୋଗୁ ସେମାନେ ଏକ ଉପଦେଷ୍ଟା ପରିଷଦ (Audiencia) ର ଉପସ୍ଥିତିକୁ ସହ୍ୟ କରୁଥିଲେ । ଭାଇସ୍‌ରାୟଙ୍କ ନିଷ୍ପତ୍ତି ବିରୁଦ୍ଧରେ ଅପିଲ ପାଇଁ ଏହା ଏକ ବିଚାରାଳୟ ପରିସଂସ୍ଥା ଥିଲା । ଭାଇସରାୟଙ୍କୁ ନ ଜଣାଇ ଉପଦେଷ୍ଟା ପରିଷଦର ସଦସ୍ୟମାନେ ତାଙ୍କର କାର୍ଯ୍ୟକଳାପ ସମ୍ବନ୍ଧୀୟ ତଥ୍ୟ ପ୍ରତ୍ୟେକ୍ଷ ରୂପେ ରାଜାଙ୍କୁ ଅବଗତ କରାଇବାର ଅଧିକାର ପ୍ରାପ୍ତ ହୋଇଥିଲେ । ଭାଇସ୍‌ରାୟଙ୍କ କାର୍ଯ୍ୟକାଳ ସମାପ୍ତ ହେବା ପରେ କିମ୍ବା କେତେକ ସମୟରେ କାର୍ଯ୍ୟକାଳ ମଧ୍ୟରେ ତାଙ୍କୁ ନିଶ୍ଚିତ ରୂପେ ଏକ ଅନୁସନ୍ଧାନର ସମ୍ମୁଖୀନ ହେବାକୁ ପଡୁଥିଲା । ଏହି ସମୟ ମଧ୍ୟରେ ସେମାନଙ୍କ ବିରୁଦ୍ଧରେ ଆଗତ ଅଭିଯୋଗଗୁଡ଼ିକୁ ଜଣେ ରାଜକୀୟ ବିଚାରପତି ଶୁଣାଣି କରନ୍ତି ଏବଂ ଏହି ପ୍ରତ୍ୟେକ ଅଭିଯୋଗକୁ ତାଙ୍କର କାର୍ଯ୍ୟ ସମ୍ପାଦନ କାଳୀନ ଦୁର୍ବ୍ୟବହାର ବା ଚାରିତ୍ରିକ ତ୍ରୁଟି ରୂପେ ପରିଗଣିତ କରାଯାଏ ।

ଗୀର୍ଜାର ଭୂମିକା (The Role of the Church) :

ସ୍ପେନ୍‌ରେ ନିଜର ଆଧିପତ୍ୟ ବିସ୍ତାର କରିଥିବା କାଥୋଲିକ୍ ଖ୍ରୀଷ୍ଟଧର୍ମ ନୂତନ ରୂପେ ଆବିଷ୍କୃତ ଆମେରିକୀୟ ଭୂଭାଗରେ ମଧ୍ୟ ନିଜର ଶ୍ରେଷ୍ଠତ୍ୱ ପ୍ରତିପାଦନ କରିଥିଲା । ସ୍ପେନ୍ ସମ୍ରାଟ ଗୀର୍ଜା ଅଧିକାରୀ ନିଯୁକ୍ତି ଏବଂ ଧର୍ମୀୟ କର ସଂଗ୍ରହ ଅଧିକାରକୁ ନିଜ କ୍ଷମତା ଅର୍ନ୍ତଭୁକ୍ତ କରି ରଖିଥିଲେ । ତାଙ୍କ ଅନୁମତି ବିନା ଆମେରିକାରେ କୌଣସି ଗୀର୍ଜା କିମ୍ବା ଧର୍ମୀୟ ସଂସ୍ଥା ନିର୍ମିତ ହୋଇପାରୁ ନଥିଲା । ଧର୍ମଯାଜକମାନେ ଜନସାଧାରଣଙ୍କୁ ରାଜାଦେଶ ପାଳନ କରିବା ପାଇଁ ଶିକ୍ଷା ପ୍ରଦାନ କରୁଥିଲେ । ଏହା ସହ ସେମାନେ ରାଜାଙ୍କ ପ୍ରତିନିଧିମାନଙ୍କ ପ୍ରତି ଅନୁଗତ୍ୟ ପ୍ରକାଶ କରିବା ସହ କୌଣସି ପ୍ରକାର ରାଜ ବିରୋଧି ଆନ୍ଦୋଳନ କିମ୍ବା ନୂତନ ଆଦର୍ଶରେ ଅନୁପ୍ରାଣିତ ନ ହେବା ପାଇଁ ଉପଦେଶ ପ୍ରାପ୍ତ ହେଉଥିଲେ । ଯେକୌଣସି ଜରୁରୀକାଳୀନ ପରିସ୍ଥିତିରେ ପ୍ରଶାସନକୁ ସାହାଯ୍ୟ କରିବା ପାଇଁ ସ୍ଥାନୀୟ ପ୍ରଶାସନ ରାଜକୀୟ ସମର୍ଥନ ଲାଭ କରିପାରୁଥିଲା । ନିଜର ସମୃଦ୍ଧ ମନ୍ଦିରଗୁଡ଼ିକ ହରାଇ ଲୋହିତ ଭାରତୀୟମାନେ ସେମାନଙ୍କୁ ପରାସ୍ତ କରିଥିବା ୟୁରୋପୀୟମାନଙ୍କର ଧର୍ମ ଗ୍ରହଣ କରିବାକୁ ବାଧ୍ୟ ହୋଇଥିଲେ । ଧର୍ମ ପରିବର୍ତ୍ତନକୁ ନେଇ ଧାର୍ମିକ ଯୁକ୍ତିତର୍କ ହୋଇଥିଲେ ମଧ୍ୟ ଖ୍ରୀଷ୍ଟଧର୍ମ ପ୍ରଚାରକମାନେ "ଲୋହିତ ଭାରତୀୟମାନଙ୍କର ପ୍ରକୃତ ଆତ୍ମାସ୍ଥିତି ସମ୍ପର୍କରେ ପ୍ରଶ୍ନ କରିଥିଲେ ।"

କାଥୋଲିକ ଧର୍ମର ଅନେକ ସଙ୍କେତ ଏବଂ କାଳ୍ପନିକ ତଥ୍ୟ ଲୋହିତ ଭାରତୀୟ ସମାଜକୁ ଗଭୀର ରୂପେ ପ୍ରଭାବିତ କରିଥିଲା । ଏହା ପରିଶେଷରେ ନିଜ ଧର୍ମକୁ ବଞ୍ଚାଇରଖି ଦୁର୍ବିସହ ଜୀବନଯାପନ କରିବା ଅପେକ୍ଷା ବିଜୟୀଶାସକମାନଙ୍କ ଧର୍ମକୁ ଗ୍ରହଣ କରି ସହଜ ଜୀବନ ଯାପନ କରିବା ପାଇଁ ସେମାନଙ୍କୁ ଅନୁପ୍ରାଣିତ କରିଥିଲା ।

ପ୍ରଜାହିତୈଷୀ ସ୍ୱେଚ୍ଛାଚାରୀ ଶାସନ ଏବଂ ବାଣିଜ୍ୟିକ ସାମ୍ରାଜ୍ୟବାଦ (Paternalism and Mercantilism) :

ଉପନିବେଶଗୁଡ଼ିକର ଅର୍ଥନୈତିକ ପ୍ରଶାସନ "ପ୍ରଜାହିତୈଷୀ ସ୍ୱଚ୍ଛାଚାରୀ ଶାସନ" ଚରିତ୍ରର ଥିଲା । ଯେହେତୁ ଉପନିବେଶବାଦ ତତ୍ତ୍ୱ ଅନୁଯାୟୀ ଆମେରିକାର ଅଧିକୃତ ଭୂଭାଗ ମାତୃରାଜ୍ୟ ରାଜାଙ୍କର ବ୍ୟକ୍ତିଗତ ସମ୍ପତ୍ତି ରୂପେ ବିବେଚିତ ହେଉଥିଲା, ତେଣୁ ସେଠାରେ ଏପରି ଶାସନ ବ୍ୟବସ୍ଥା ବ୍ୟତୀତ ଅନ୍ୟ କୌଣସି ପ୍ରକାର ଶାସନର ପ୍ରଚଳନ ଆଶା କରାଯାଉ ନଥିଲା । ଏହା ରାଜାଙ୍କର ବ୍ୟକ୍ତିଗତ ସାମ୍ରାଜ୍ୟ ଥିଲା, ତେଣୁ ସେ ଏହାକୁ ନିଜର ଇଚ୍ଛା ଅନୁଯାୟୀ ପରିଚାଳିତ କରିପାରୁଥିଲେ । ମାତ୍ର ସ୍ପେନୀୟ ଉପନିବେଶଗୁଡ଼ିକର ଅର୍ଥନୈତିକ ପ୍ରଶାସନ ତତ୍‌କାଳିନ ପାଶ୍ଚାତ୍ୟରାଷ୍ଟ୍ରଗୁଡ଼ିକୁ କବଳିତ କରିଥିବା ବାଣିଜ୍ୟକ ସାମ୍ରାଜ୍ୟବାଦର ତତ୍ତ୍ୱ ଅନୁରୂପ ଥିଲା । ବାଣିଜ୍ୟିକ ସାମ୍ରାଜ୍ୟବାଦର ଦାବୀ ଥିଲା ଯେ "ମାତୃଦେଶର ଲାଭ ଅନୁରୂପ ଉପନିବେଶଗୁଡ଼ିକ କାର୍ଯ୍ୟ କରିବା ଉଚିତ୍ । ସେଠାରୁ ସ୍ୱର୍ଣ୍ଣଖଣ୍ଡମାନ ପ୍ରେରିତ ହୋଇ ମାତୃଦେଶ ରାଜକୋଷ ପୂର୍ଣ୍ଣ ହେବା ଦରକାର । ମାତୃଦେଶକୁ ସର୍ବାଙ୍ଗୀନ ରୂପେ ସମୃଦ୍ଧ ତଥା ବିତ୍ତଶାଳୀ ଏବଂ କ୍ଷମତଶାଳୀ କରିବାରେ ଉପନିବେଶ ଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିବା ବାଞ୍ଛନୀୟ" । ଏଣୁ ମେକ୍ସିକୋ ଓ ବୋଲିଭିଆରୁ ବିଭିନ୍ନ ଶିଳ୍ପର କଞ୍ଚାମାଲ ଉପଯୋଗୀ ଖଣିଜ ପଦାର୍ଥ ପ୍ରସ୍ତର ଖଣ୍ଡ ୱେଷ୍ଟଇଣ୍ଡିଜ୍, ମୁଖ୍ୟସ୍ଥଳଭୂମିରୁ ଥିବା ସ୍ପେନୀୟ ଉପନିବେଶ ଓ ବ୍ରାଜିଲ୍‌ରୁ ଚିନି ଏବଂ ବ୍ରାଜିଲ୍‌ରୁ ସଂଗୃହିତ ବିଭିନ୍ନ ବନଜାତ ଦ୍ରବ୍ୟ ତଥା ବ୍ରାଜିଲୀୟ ମୂଲ୍ୟବାନ ଲାଲକାଷ୍ଠ ଖଣ୍ଡମାନ ମାତୃଦେଶକୁ ରପ୍ତାନୀ ହେଉଥିଲା । ଏଥିରୁ ଜଣାପଡ଼େ ଯେ ମାତୃଦେଶ ସରକାର ନିଜର ସ୍ୱାର୍ଥହାସଲ ପାଇଁ ଉପନିବେଶଗୁଡ଼ିକର ଅର୍ଥନୀତିକୁ ପରିଚାଳିତ ତଥା ନିୟନ୍ତ୍ରିତ କରିବାର ଅଧିକାର ପ୍ରାପ୍ତ ହୋଇଥିଲେ । ସଂକ୍ଷେପରେ ଏହା ମାତୃଦେଶ ବଣିକଙ୍କୁ ଉପନିବେଶୀୟ ବାଣିଜ୍ୟର ଏକଚାଟିଆ ଅଧିକାର ପ୍ରଦାନ କରିବା ସହ ଉତ୍ପାଦକମାନଙ୍କ ଉପରେ ନିଷେଧାଜ୍ଞା ଜାରି କରିଥିଲା ।

ନ୍ୟାସୀ ବା ଗୁଣକିର୍ତ୍ତନକାରୀ ବ୍ୟବସ୍ଥା (The Trusteeship or The Encomienda System) :

କାଳକ୍ରମେ ଅନୁଭବ କରାଗଲା ଯେ "ଉପନିବେଶୀୟ ଦେଶଗୁଡ଼ିକର ପ୍ରକୃତ ସମ୍ପଦ ଏହାର ଭୂଭାଗ ଏବଂ ମାନବଶ୍ରମବଳ ଯୋଗାଣ ଶକ୍ତି ଉପରେ ନିର୍ଭରଶୀଳ ଅଟେ'' । ଏହି ଉଭୟକୁ ବିଜୟୀରାଷ୍ଟ୍ର ନିଜ ନିୟନ୍ତ୍ରଣରେ ରଖିଥିଲା । ସ୍ପେନୀୟମାନେ ଆମେରିକୀୟ ଭୂଭାଗରେ କୃଷିର ବିକାଶ ପାଇଁ ନ୍ୟାସୀବ୍ୟବସ୍ଥା (Tristeeship or Encomienda) ପ୍ରଚଳନ କଲେ । ଏହି ବ୍ୟବସ୍ଥା ଫଳରେ ଏକ କୃଷି ଉତ୍ପାଦନ ଏକକକୁ ଜଣେ ନ୍ୟାସୀ ବା ଟ୍ରଷ୍ଟିଙ୍କ ହାତରେ ନ୍ୟସ୍ତ କରାଗଲା । ତାଙ୍କ ତତ୍ତ୍ୱାବଧାନ ଅଧିନରେ ଲୋହିତ ଭାରତୀୟମାନଙ୍କୁ କୃଷି ଶ୍ରମିକ ରୂପେ ସେହି କୃଷି ଉତ୍ପାଦନ ଏକକ ବା କୃଷି ଫାର୍ମରେ ବସତି ସ୍ଥାପନ ପୂର୍ବକ ଅବସ୍ଥାପିତ କରାଗଲା । ତତ୍ତ୍ୱଭିତ୍ତିରେ ବିଚାର କଲେ ଖ୍ରୀଷ୍ଟଧର୍ମରେ ଦୀକ୍ଷିତ ହୋଇ କ୍ରମେ ସଂସ୍କୃତି ସମ୍ପନ୍ନ ହେଉଥିବା ଲୋହିତ ଭାରତୀୟମାନଙ୍କୁ ଏହାଦ୍ୱାରା ଶୋଷଣରୁ ରକ୍ଷା କରାଯାଇପାରିବ ବୋଲି ଯୁକ୍ତି ବଢ଼ାଯାଉଥିବା ବେଳେ, କାର୍ଯ୍ୟ କ୍ଷେତ୍ରରେ ଏହା ସେମାନଙ୍କୁ କୃଷି କ୍ଷେତ୍ର ସହ ବାନ୍ଧି ପକାଇଥିଲା । ସେମାନେ ଟ୍ରଷ୍ଟିକୁ ଶ୍ରମ ଏବଂ କର ପ୍ରଦାନ କରିବାକୁ ବାଧ୍ୟ ଥିଲେ, ଯିଏ (ଟ୍ରଷ୍ଟି) କୃଷିଫାର୍ମକୁ ନିଜର ବ୍ୟକ୍ତିଗତ ସାମ୍ରାଜ୍ୟରୂପେ ବିବେଚନା କରୁଥିଲେ ।

ସାମାଜିକ ସ୍ତରୀକରଣ (Social Stratification) :

ସାମନ୍ତବାଦ ଭିତ୍ତିଭୂମିରୁ ଆସିଥିବା ବିଜୟୀ ୟୁରୋପୀୟମାନେ ଆମେରିକାର ନୂତନ ଭୂଭାଗରେ ଏକ ଅତି ଉତ୍କଟ ଶ୍ରେଣୀର ସ୍ତରୀକୃତ ଆଭିଜାତ୍ୟ ପୂର୍ଣ୍ଣ ସମାଜର ପ୍ରଚଳନ କଲେ । ସାମରିକ ସେନାଧକ୍ଷ, ସମ୍ରାଟଙ୍କ ଦ୍ୱାରା ନିଯୁକ୍ତ ସାଧାରଣ ପ୍ରଶାସନିକ ଅଧିକାରୀ ଏବଂ ଧର୍ମଯାଜକମାନେ ସମାଜର ସର୍ବୋଚ୍ଚ ସ୍ତରରେ ସ୍ଥାପିତ ହେଲେ ।

କ୍ରିଓଲ୍ (Creoles) ମାନେ ଆମେରିକା ଉପନିବେଶୀୟ ସମାଜର ଦ୍ୱିତୀୟ ସ୍ତରରେ ଥିଲେ । ଏମାନେ ସ୍ପେନୀୟ ବା ପର୍ତ୍ତୁଗୀଜୀୟ ବଂଶୀୟଙ୍କର ଆମେରିକାରେ ଜନ୍ମିତ ସନ୍ତାନ ଥିଲେ । ଏହି ଗୋଷ୍ଠୀର ସମ୍ଭ୍ରାନ୍ତ ବ୍ୟକ୍ତିମାନେ ଆମେରିକାର ଅଧିକାଂଶ କୃଷିଜାତ ଏବଂ ବ୍ୟବସାୟିକ ସମ୍ପତ୍ତିଗୁଡ଼ିକର ମାଲିକ ଥିଲେ । ସେମାନେ ନଗର ପରିଷଦ ମାଧ୍ୟମରେ ସ୍ଥାନୀୟ ପ୍ରଶାସନକୁ ନିୟନ୍ତ୍ରଣ କରୁଥିଲେ । ମାତ୍ର ସେମାନଙ୍କୁ ଉଭୟ ଗୀର୍ଜା ଓ ରାଷ୍ଟ୍ରର ଉଚ୍ଚ ପଦବୀରୁ ଦୂରେଇ ରଖାଯାଇ ଥିଲା । ସମ୍ରାଟଙ୍କ ପ୍ରତିନିଧିତ୍ୱ କରୁଥିବା ଉଚ୍ଚ ପ୍ରଶାସନିକ ଅଧିକାରୀମାନଙ୍କ ସହ ତିକ୍ତତା ଯୋଗୁ ଏହି କ୍ରିଓଲ୍ ଗୋଷ୍ଠୀ ଉପନିବେଶୀୟ ସ୍ୱାଧୀନତା ପାଇଁ "ଉପନିବେଶୀୟ ବିଦ୍ରୋହ"ର ନେତୃତ୍ୱ ନେଇଥିଲେ ଏବଂ ଏହି ବିଦ୍ରୋହର ମୁଖ୍ୟ ସୁଫଳଗୁଡ଼ିକ ସେମାନଙ୍କୁ ପ୍ରାପ୍ତ ହୋଇଥିଲା ।

ୟୁରୋପୀୟ ଏବଂ ଲୋହିତ ଭାରତୀୟଙ୍କ ମିଶ୍ରଣରୁ ଆମେରିକୀୟ ଉପନିବେଶର ତୃତୀୟ ସାମାଜିକ ସ୍ତର ବା ଶ୍ରେଣୀର ସୃଷ୍ଟି ହୋଇଥିଲା । ଏହି ମିଶ୍ରଜାତିକୁ ସ୍ପେନୀୟ ଉପନିବେଶରେ ମେଷ୍ଟିଜୋ (Mestizos) କୁହାଯାଉଥିବା ବେଳେ ବ୍ରାଜିଲରେ ଏହି ମିଶ୍ରଜାତି ମାମେଲୁକୋ (Mamelucos) ରୂପେ ପରିଚିତ ହେଉଥିଲେ । ସେମାନଙ୍କୁ "ନୀଚ" ରୂପେ ଦେଖାଯାଉଥିଲା । ସମାଜର ମୁଖ୍ୟ ସ୍ରୋତରେ ଗୃହୀତ ହେବା ପାଇଁ ତଥା ବଞ୍ଚିବାର ସର୍ବନିମ୍ନ ସୁବିଧା ସୁଯୋଗ ପାପ୍ତି ହେବା ପାଇଁ ସେମାନଙ୍କୁ ସଂଘର୍ଷ କରିବାକୁ ପଡ଼ିଥିଲା । ସେମାନେ ତାଙ୍କ ତଳ ଶ୍ରେଣୀର ଅଧିବାସୀମାନଙ୍କୁ ଅଧିକ ଶୋଷଣ କରିଥିଲେ ।

ସମାଜର ଚତୁର୍ଥ ବା ସର୍ବନିମ୍ନ ସ୍ତର ବା ଶ୍ରେଣୀରେ ଆମେରିକାର ମୂଳବାସିନ୍ଦା ଲୋହିତ ଭାରତୀୟମାନେ ଥିଲେ । ସେମାନଙ୍କୁ ପଣ୍ୟଦ୍ରବ୍ୟ ରୂପେ ବ୍ୟବହାର କରାଯାଉଥିଲା । ଆମେରିକା ବିଜୟର ସର୍ବାପେକ୍ଷା ଅଧିକ ଲାଭଦାୟକ ପଣ୍ୟ ଏହି "ଲୋହିତ ଭାରତୀୟ ଗୋଷ୍ଠୀ" ଥିଲେ । ବିରଳ କେତେକଙ୍କୁ ବାଦ ଦେଇ ପ୍ରାୟ ସମସ୍ତ ଲୋହିତ ଭାରତୀୟଙ୍କ ଅବସ୍ଥା ଆପାତତଃ "କ୍ରୀତଦାସ" (Slaves) ସମତୁଲ୍ୟ ଥିଲା । ଲୋହିତ ଭାରତୀୟଙ୍କ ଭାଗ୍ୟ ଅପେକ୍ଷା "ଆଫ୍ରିକୀୟ କ୍ରୀତଦାସ" (African Slaves) ମାନଙ୍କ ଭାଗ୍ୟ ଅଧିକ ଖରାପ ଥିଲା । ଅବଶ୍ୟ ବ୍ରାଜିଲ୍ ଏବଂ ୱେଷ୍ଟଇଣ୍ଡିଜ୍ ବ୍ୟତୀତ ଅନ୍ୟ ଆମେରିକୀୟ ଭୂଭାଗରେ ଆଫ୍ରିକୀୟ କ୍ରୀତଦାସଙ୍କ ସଂଖ୍ୟା ଅପେକ୍ଷାକୃତ କମ୍ ଥିଲା ।

ଉଚ୍ଚମାନବ ମୃତ୍ୟୁହାର (High Rate of Human Mortality) :

ଆମେରିକା ବିଜୟଠାରୁ ଆରମ୍ଭ କରି ଲାଟିନ୍ ଆମେରିକାର ସ୍ୱାଧୀନ ରାଷ୍ଟ୍ରଗୁଡ଼ିକର ଉତ୍ଥାନ ପର୍ଯ୍ୟନ୍ତ ଦୀର୍ଘ ତିନି ଶତାବ୍ଦୀର ସମୟକାଳ ମଧ୍ୟରେ ଆମେରିକା ଅନେକ ବର୍ଣ୍ଣାଢ୍ୟ ଏବଂ ନାଟକୀୟ ଘଟଣାବଳୀ ସହ ଅକଳନୀୟ ମାନବ ଦୁର୍ଦ୍ଦଶାର ଚିତ୍ର ମଧ୍ୟ ଅବଲୋକନ କରିଥିଲା । ଏହି ସମୟକାଳ ମଧ୍ୟରେ ଆମେରିକାରୁ କେବଳ ମାୟା, ଆଜ୍‌ଟେକ୍ ଓ ଇନ୍‌କା ପରି ମହାନ ସଭ୍ୟତାର ଅନ୍ତ ଘଟି ନଥିଲା, ମାତ୍ର ସମଗ୍ର ଆମେରିକାରୁ ସେଠାର ମୌଳିକ ସଂସ୍କୃତିର ସମୂଳ ବିନାଶ ଘଟିଥିଲା । ଲୋହିତ ଭାରତୀୟମାନେ ଏକ ନୂତନ ବିଦେଶୀ ଧର୍ମ ଓ ସଂସ୍କୃତିକୁ ଆପଣାଇ ନେବା ଦ୍ୱାରା ସେମାନଙ୍କ ମଧ୍ୟର ଥିବା ଶକ୍ତିଶାଳୀ ତଥା ଚିରସ୍ଥାୟୀ ସାମ୍ପ୍ରଦାୟିକ ବିଦ୍ୱେଷ ଲୋପ ପାଇଯାଇଥିଲା । ଉପନିବେଶୀୟ ଶାସନ ଦ୍ୱାରା ଶୋଷଣ ଏବଂ ସାମାଜିକ ସ୍ତରୀକରଣର ଏକ ନୂତନ ପ୍ରଜାତୀୟ ତତ୍ତ୍ୱବୋଧ ତତ୍‌କାଳୀନ ଉପନିବେଶୀୟ ଆମେରିକୀୟ ସମାଜ ଉପରେ ଲଦି ଦିଆଯାଇଥିଲା । ପ୍ରଜାତୀୟ ତତ୍ତ୍ୱ ବା ବର୍ଣ୍ଣବୈଷମ୍ୟ ବ୍ୟକ୍ତିବିଶେଷଠାରେ ଥିବା ଶ୍ୱେତପ୍ରଜାତୀ ବା ୟୁରୋପୀୟ ରକ୍ତର ଅନୁପାତକୁ ନେଇ କ୍ରିୟାଶୀଳ ହୋଇଥିଲା । ୟୁରୋପୀୟମାନଙ୍କ ଆମେରିକା ବିଜୟ ସେଠାର ମୂଳ ଅଧିବାସୀଙ୍କ ମୃତ୍ୟୁହାରକୁ ବୃଦ୍ଧି କରିଥିଲା । ୧୪୯୨ ଖ୍ରୀ:ଅରେ ହିସ୍ପାନିଓଲା (Hispaniola) ଦ୍ୱୀପର ଲୋକସଂଖ୍ୟା ପ୍ରାୟ ୨୫୦୦୦୦ ଥିବାବେଳେ ତାହା ୧୫୪୮ ଖ୍ରୀ:ଅ:ରେ ମାତ୍ର ୫୦୦୦କୁ ହ୍ରାସ ପାଇଯାଇଥିଲା । ୫୦ ବର୍ଷ ମଧ୍ୟରେ ଫ୍ଲୋରିଡାରେ ଥିବା ଏକ ମିଲିୟନ୍ ଲୋହିତ ଭାରତୀୟଙ୍କ ସଂଖ୍ୟାର ହ୍ରାସ ଘଟି ତାହା ମାତ୍ର ୫୦୦୦୦ରେ ସୀମିତ ହୋଇଯାଇଥିଲା । ଏହି ହାରରେ ସ୍ପେନୀୟ ଶାସନର ପ୍ରଥମ ଶତାବ୍ଦୀରେ ବିପୁଳ ଜନସଂଖ୍ୟାବିଶିଷ୍ଟ ମେକ୍ସିକୋ ମଧ୍ୟ ଜନଶୂନ୍ୟ ହୋଇପଡ଼ିଥିଲା ।

ଅବଶ୍ୟ ଏପରି ବିପୁଳ ଜୀବନହାନୀ କେବଳ ନୃସଂଶ ଗଣସଂହାର ଦ୍ୱାରା ସମ୍ଭବ ହୋଇ ନଥିଲା । ଅପରନ୍ତୁ ବହୁ ସଂଖ୍ୟକ
ଆମେରିକୀୟ ମୂଳବାସିନ୍ଦା ବସନ୍ତ ଓ ମିଳିମିଳା ଆଦି ମହାମାରୀରେ ଆକ୍ରାନ୍ତ ହୋଇ ମୃତ୍ୟୁ ମୁଖରେ ପଡିଥିଲେ । ଏହି
ରୋଗଗୁଡ଼ିକ ମୌଳିକ ରୂପେ ଆମେରିକାରେ ନଥିଲା । ୟୁରେପୀୟମାନେ ଏହି ମହାମାରୀର ଭୂତାଣୁକୁ ସେମାନଙ୍କ ସଙ୍ଗେ
ଆମେରିକାକୁ ବହନ କରି ଆଣିଥିଲେ । ଏହି ନୂତନ ଭୂତାଣୁ ପ୍ରତି ମୂଳବାସିନ୍ଦାଙ୍କ ଶରୀରରେ ପ୍ରାକୃତିକ ରୋଗ ପ୍ରତିରୋଧକ
ଶକ୍ତି ପ୍ରସ୍ତୁତ ହୋଇଥିବାରୁ ସେମାନେ ବହୁ ସଂଖ୍ୟାରେ ଏଥିରେ ଆକ୍ରାନ୍ତ ହୋଇ ପ୍ରାଣତ୍ୟାଗ କରିଥିଲେ । ମାତ୍ର ଏହା
ଅପେକ୍ଷା ଅଧିକ ନୃଶଂସ ଥିଲା ଅଗଣିତ ମୂଳ ଆମେରିକୀୟ, ବିଦେଶାଗତଙ୍କ ନିର୍ଦ୍ଦୟ କଠିନ ଶ୍ରମଶୋଷଣରୁ ମୃତ୍ୟୁବରଣ
କରିବା । ସେମାନଙ୍କୁ କଠିନ ପରିଶ୍ରମରେ ଦୀର୍ଘକାଳ ପାଇଁ ନିଯୁକ୍ତ କରାଯିବାରୁ ସେମାନେ ଶ୍ରମକ୍ଳାନ୍ତ ଅବସନ୍ନତା ଏବଂ
ଯତ୍ନ ଅଭାବରୁ ଅକାଳରେ ଝଡ଼ି ପଡିଥିଲେ ।

ଏହିପରି ଅଧିକାଂଶ ୟୁରୋପୀୟ ରାଷ୍ଟ୍ର ନୂତନ ରୁପେ ଆବିଷ୍କୃତ ଆମେରିକୀୟ ଭୂଭାଗରେ ଉପନିବେଶମାନ ସ୍ଥାପନ କରି ଲାଭବାନ ହୋଇଥିବା ବେଳେ, ଶ୍ୱେତାଙ୍ଗମାନଙ୍କର ଆମେରିକାରେ ପ୍ରବେଶ ଏହାର ପ୍ରକୃତ ମୌଳିକ ଅଧିବାସୀଙ୍କର ଅସରନ୍ତି ଦୁର୍ବିପାକର କାରଣ ହୋଇଥିଲା ।

ଆଦର୍ଶ ପ୍ରଶ୍ନାବଳୀ

୧ । ଆମେରିକା ବିଜୟ ବିଷୟରେ ଆଲୋଚନା କର ।

୨ । ଆମେରିକାର ସାମାଜିକ ସ୍ତରୀକରଣ ବିଷୟରେ ବର୍ଣ୍ଣନା କର ।

অধ্যায় ৬

ଖଣିଖନନ ଏବଂ ଚାରାରୋପଣ : ଆଫ୍ରିକୀୟ କ୍ରୀତଦାସ

(MININING AND PLANTATION : THE AFRICAN SLAVES)

ସମଗ୍ର ଆମେରିକାର ଭୂଭାଗ ଦୁଇଟି ମହାଦେଶରେ ବିଭକ୍ତ; ଯଥା - ଉତ୍ତର ଆମେରିକା ଏବଂ ଦକ୍ଷିଣ ଆମେରିକା । ଏହା ୧୪୯୨ ଖ୍ରୀ:ଅ:ରେ ଖ୍ରୀଷ୍ଟୋଫର୍ କୋଲମ୍ବସ୍‌ଙ୍କ ଦ୍ୱାରା ଆବିଷ୍କୃତ ହୋଇଥିଲା । ଉତ୍ତର ଆମେରିକାରେ ବର୍ଷକୁ ପ୍ରାୟ ୧୦୦ ଦିନ ତୁଷାରପାତ ହେଉଥିବା ବେଳେ ଦକ୍ଷିଣ ଆମେରିକାରେ ବୃଷ୍ଟିପାତ ଏକ ସାଧାରଣ ଘଟଣା ଅଟେ । ଏଠାରେ ସର୍ବାଧିକ ତାପମାତ୍ରା ୨୧୦ ଡିଗ୍ରୀ ଫାରେନ୍‌ହାଇଟ୍‌ରୁ ୭୦ ଡିଗ୍ରୀ ଫାରେନ୍‌ହାଇଟ୍ ମଧ୍ୟରେ ଥିବା ବେଳେ, ସର୍ବନିମ୍ନ ତାପମାତ୍ରା ୪୦ ଡ଼ିଗ୍ରୀ ଫାରେନହାଇଟ୍‌ରୁ ୨୦ ଡିଗ୍ରୀ ଫାରେନ୍ ହାଇଟ୍ ମଧରେ ଥାଏ ।

ଆମେରିକା ପ୍ରାକୃତିକ ସମ୍ବଳରେ ଭରପୁର ଅଟେ । ଏହାର ପ୍ରାକୃତିକ ସମ୍ବଳ ମୁଖ୍ୟତଃ ଅରଣ୍ୟର ଉଦ୍ଭିଦମଣ୍ଡଳ ଏବଂ ଖଣିଖାଦାନଗୁଡ଼ିକରୁ ପ୍ରାପ୍ତ ହୋଇଥାଏ, ଯାହା ଆମେରିକାକୁ ବିଶେଷ ରୂପେ ସମୃଦ୍ଧ କରିଛି । ଉଦ୍ଭିଦ ମଣ୍ଡଳ ଓ ଖଣିଜ ସମ୍ପଦଗୁଡ଼ିକର ଉପଲବ୍ଧିକୁ ନେଇ ଆମେରିକାକୁ ନିମ୍ନଲିଖିତ ଆଞ୍ଚଳିକ ମଣ୍ଡଳରେ ବିଭକ୍ତ କରାଯାଇପାରେ, ଯଥା :-

(କ) ମଧ୍ୟ ଆଟ୍‌ଲାଣ୍ଟିକ ଅଞ୍ଚଳ (The Middle Atlantic Region) :

ନ୍ୟୁୟର୍କ, ପେନସିଲ୍‌ଭାନିଆ ଏବଂ ଭର୍ଜିନିଆ ମଧ୍ୟ ଆଟ୍‌ଲାଣ୍ଟିକ ଅଞ୍ଚଳର ଅର୍ନ୍ତଭୁକ୍ତ ଅଟେ । ଏହି ଅଞ୍ଚଳର ଭୂଭାଗ ଅତ୍ୟନ୍ତ ଉର୍ବର ଅଟେ, ତେଣୁ ଏଠାରେ ବିଭିନ୍ନ ପ୍ରକାର ପନିପରିବା, ଗହମ, ମକା ଓ ଧୂଆଁପତ୍ର ଆଦି ପ୍ରଚୁର ପରିମାଣରେ ଚାଷ କରାଯାଏ । ଗୋପାଳନ ଏବଂ ଫଳଚାଷ ମଧ୍ୟ ଏଠାରେ ସାଧାରଣ ରୂପେ ପରିଦୃଷ୍ଟ ହୁଏ । ପରବର୍ତ୍ତି କାଳରେ ଏଠାରେ ବିଭିନ୍ନ କଳକାରଖାନା ଗଢ଼ି ଉଠିବା ସହ ଅନେକ ବାଣିଜ୍ୟ କେନ୍ଦ୍ର ନଗରମାନ ବିକଶିତ ହୋଇଥିଲା ।

(ଖ) ନ୍ୟୁଇଂଲଣ୍ଡ ଅଞ୍ଚଳ (The New England Region) :

ଏହି ପାର୍ବତ୍ୟ ଅଞ୍ଚଳର ଜଳବାୟୁ ଏବଂ ମୃତ୍ତିକା କୃଷି ଅନୁପଯୁକ୍ତ ଅଟେ । ଏଠାରେ ମଧ୍ୟ ବିଶେଷ ପ୍ରାକୃତିକ ସମ୍ବଳ ନାହିଁ । ଏଣୁ ବର୍ତ୍ତମାନ ଏଠାରେ ଅନେକ ଲାଭଦାୟକ ଶିଳ୍ପ କେନ୍ଦ୍ରମାନ ସ୍ଥାପିତ ହୋଇଛି ।

(ଗ) ଦକ୍ଷିଣ ଆଟଲାଣ୍ଟିକ ଅଞ୍ଚଳ (The Southern Atlantic Region) :

ଏହ ଅଞ୍ଚଳ ନିମ୍ନ ବିଷୁବ ମଣ୍ଡଳୀୟ ଫସଲ ଉତ୍ପାଦନ ପାଇଁ ଉପଯୁକ୍ତ ଅଟେ । ଏଠାରୁ ମଧ୍ୟ ଅନ୍ୟ କଞ୍ଚାମାଲଗୁଡ଼ିକ ବହୁ ପରିମାଣରେ ଉତ୍ପାଦନ କରାଯାଏ । ଏହି ଅଞ୍ଚଳର ସମୃଦ୍ଧି ଏବଂ ଉର୍ବରତା ଆମେରିକାରେ ପ୍ରତିଷ୍ଠିତ ବିଭିନ୍ନ ଶିଳ୍ପର ବିକାଶ ପାଇଁ ସହଯୋଗ ପ୍ରଦାନ କରେ ।

(ଘ) ପ୍ରଶାନ୍ତ ମହାସାଗରୀୟ ପର୍ବତାଞ୍ଚଳ (The Pacific Mountain Region) :

ଅନେକ ପର୍ବତମାଳାର ଅବସ୍ଥିତି ଯୋଗୁ ଏଠାରେ ଖୁବ ଅଳ୍ପ ସଂଖ୍ୟକ ଜନବସତି ଦେଖାଯାଏ । ମାତ୍ର ଏଠାରେ ଖଣିଜ ସମ୍ପଦ ବହୁଳ ପରିମାଣରେ ଉପଲବ୍ଧ ହୁଏ । ଏଠାରେ ସ୍ୱର୍ଣ୍ଣ, ରୌପ୍ୟ, ତାମ୍ର, ସୀସା ଓ ଦସ୍ତା ଆଦି ଧାତୁର ଖଣିମାନ ଅଛି । ଏହି ଅଞ୍ଚଳରେ ଲବଣାକ୍ତ ହ୍ରଦ ଏବଂ ଘଞ୍ଚ ଅରଣ୍ୟ ଦୃଷ୍ଟି ଗୋଚର ହୁଏ । ପାର୍ବତ୍ୟାଞ୍ଚଳ ଉଚ୍ଚଭାଗର ଅରଣ୍ୟରୁ ଉତ୍ତମମାନର କାଷ୍ଠଗଡ଼ମାନ ସଂଗ୍ରହ କରାଯାଏ । ଏଠାରେ ମଧ୍ୟ ଅନେକ ଫଳ ବଗିଚା ପ୍ରସ୍ତୁତ କରାଯାଇଥିବାର ଦେଖିବାକୁ ମିଳେ । ଦକ୍ଷିଣ ଭାଗରେ ଥିବା ଟେକ୍ସାସ୍ ଓ ଓକ୍ଲାହୋମ୍‌ରେ ଅଳ୍ପ ବୃଷ୍ଟିପାତ ଯୋଗୁ ସେଗୁଡ଼ିକ କୃଷି ଅନୁପଯୁକ୍ତ ଅଟେ । ମାତ୍ର ଏହି ଅଞ୍ଚଳ ଖଣିଜ ସମ୍ପଦରେ ପରିପୂର୍ଣ୍ଣ ଅଟେ ।

(ଙ) ନିମ୍ନ ମିସିସିପି ଉପତ୍ୟକା (The Lower Mississipi Valley) :

ଏହି ଉପତ୍ୟକାର ଉର୍ବର ମୃତ୍ତିକାରେ ଆଖୁ, ଧାନ, ସୋୟାବିନ୍ ଏବଂ କପାଚାଷ ବହୁଳ ରୂପେ କରାଯାଏ । ଏହି ଅଞ୍ଚଳରେ ଅନେକ ଗୁରୁତ୍ୱପୂର୍ଣ୍ଣ ଶିଳ୍ପମାନ ମଧ୍ୟ ପ୍ରତିଷ୍ଠିତ ହୋଇଛି ।

(ଚ) ଓହିଓ ଉପତ୍ୟକା ବା ଊର୍ଦ୍ଧ୍ୱ ମିସିସିପି ଉପତ୍ୟକା
(The Ohio Valley or the upper Mississipi Valley) :

ଏହି ଅଞ୍ଚଳ ଶିଳ୍ପ କ୍ଷେତ୍ରରେ ଅତ୍ୟନ୍ତ ବିକଶିତ ଅଟେ । ଏଠାରେ ପ୍ରତିଷ୍ଠିତ ଶିଳ୍ପଗୁଡ଼ିକ ଯୋଗୁ ଏହି ଅଞ୍ଚଳ ଅତ୍ୟନ୍ତ ସମୃଦ୍ଧ ଅଟେ ।

(ଛ) ଆଭ୍ୟନ୍ତରଣୀୟ ବିସ୍ତୃତ ସମତଳ ଭୂମି (The Interior Great Plains) :

ଏହି ଅଞ୍ଚଳରେ ମକା ଓ ଗହମ ପ୍ରଚୁର ପରିମାଣରେ ଉତ୍ପାଦିତ ହୁଏ । ଏଠାର ମୃର୍ତ୍ତିକା ଅତ୍ୟନ୍ତ ଉର୍ବର ଏବଂ କୃଷି ଅନୁକୂଳ ଅଟେ । ଯଥେଷ୍ଟ ବୃଷ୍ଟିପାତ ମଧ୍ୟ ଏହି ଅଞ୍ଚଳକୁ କୃଷି ଉପଯୁକ୍ତ କରିଛି । ଏଠାରେ ଗୋପାଳନ, ଗୋପ୍ରଜନନ ଏବଂ କୁକୁଡ଼ାପାଳନ ମଧ୍ୟ କରାଯାଏ ।

(ଜ) ଉତ୍ତର ଆମେରିକାର ସମୃଦ୍ଧ ଅଞ୍ଚଳ (The Rich Areas of North America) :

ଉତ୍ତର ଆମେରିକା ଲୌହ, କୋଇଲା, ତାମ୍ର ଓ ଖଣିଜ ତୈଳରେ ଅନ୍ୟ ସମସ୍ତ ମହାଦେଶ ଅପେକ୍ଷା ଅଧିକ ସମୁଦ୍ର ସମୃଦ୍ଧ ଅଟେ । ଏହାର ଉପକୂଳ ମତ୍ସ୍ୟ ସମ୍ପଦରେ ଭରପୂର ଅଟେ । ଏଠାରେ ସେଣ୍ଟ ଲରେନ୍ସ୍, କନିକ୍ଟିକଟ୍, ହଡ୍‌ସନ୍, ଡେଲାୱାର, ସୁସ୍‌କ୍ୱେହାନା, ପୋଟମାକ୍, ଜେମସ୍, ପୀଇ, ଡୀଇ ଓ ସାଭାନ୍ନା ଆଦି ପ୍ରଶସ୍ତ ନଦୀମାନ ପ୍ରବାହିତ ହେଉଥିବାରୁ ମହାଦେଶର ବହୁ ଅଭ୍ୟନ୍ତରକୁ ନଦୀପଥ ଦେଇ ଯାତାୟତ କରି ହୁଏ । ଏହାର ସମୁଦ୍ର ଉପକୂଳରେ ଥିବା ଅନେକ ନିରାପଦ ସାମୁଦ୍ରିକ ଖାଡ଼ି ଏଠାରେ ପ୍ରାରମ୍ଭିକ ଉପନିବେଶଗୁଡ଼ିକ ସ୍ଥାପନାରେ ସହାୟତା କରିଥିଲା । ଏଠାରେ ପ୍ରାୟ ୧୫ ଗୋଟି ପ୍ରାରମ୍ଭିକ ଉପନିବେଶ ଗଢ଼ି ଉଠିଥିଲା, ଯାହା ଆମେରିକାର ଇତିହାସକୁ ବିଭିନ୍ନ ରୂପେ ଗତିଶୀଳ କରିଥିଲା । କାନାଡ଼ାଠାରୁ ମେକ୍ସିକୋ ମଧ୍ୟରେ ୧୩ ଗୋଟି ସ୍ୱତନ୍ତ୍ର ଧରଣର ଉପନିବେଶ ସ୍ଥାପିତ ହୋଇଥିଲା ଯାହାର ନିଜସ୍ୱ ନୂତନ ଚାରିତ୍ରିକତା ଏବଂ ସଂସ୍କୃତି ବିକଶିତ ହୋଇଥିଲା ।

ଆଫ୍ରିକୀୟ କ୍ରୀତଦାସ (The African Slaves) :

ୟୁରୋପୀୟମାନେ ଆମେରିକା ବିଜୟ କରିବା ପରେ ଏଠାରେ ପ୍ରଥମେ ଉପନିବେଶମାନ ସ୍ଥାପନ କରିଥିଲେ। ମାତ୍ର ଏହାର ଉର୍ବର ମୃତ୍ତିକା, ସୁନାବ୍ୟାନଦୀ, କୃଷି ଉପଯୋଗୀ ଜଳସେଚନର ସୁବିଧା, ଉତ୍ତମ ଜଳବାୟୁ ଓ ଆକର୍ଷଣୀୟ ଖଣିଜ ସମ୍ପଦ ସେମାନଙ୍କୁ ଏଠାରେ ସ୍ଥାୟୀ ରୂପେ ବସବାସ କରିବା ପାଇଁ ଅନୁପ୍ରାଣିତ କରିଥିଲା। କିନ୍ତୁ ବିସ୍ତୀର୍ଣ୍ଣ କୃଷିଭୂମି ଏବଂ ବହୁସଂଖ୍ୟକ ଖଣିଜ ସମ୍ପଦପୂର୍ଣ୍ଣ ଖାଦାନଗୁଡ଼ିକରେ କାର୍ଯ୍ୟ କରିବା ପାଇଁ ଏଠାରେ ମାନବ ସମ୍ବଳର ଘୋର ଅଭାବ ଥିଲା। ଉପନିବେଶ ସ୍ଥାପନ କରିବା ବେଳେ ସ୍ପେନୀୟମାନେ କେବଳ ରାଜ୍ୟ ଜୟରେ ମନୋନିବେଶ କରି ସେଠାରେ ସ୍ଥାନୀୟ ଲୋହିତ ଭାରତୀୟମାନଙ୍କ କଲ୍ୟାଣାର୍ଥେ ଅନେକ ପଦକ୍ଷେପ ଗ୍ରହଣ କରିଥିଲେ। ନୂତନ ରୂପେ ଆବିଷ୍କୃତ ଭୂଭାଗରେ ସେମାନେ ତାଙ୍କ ରାଷ୍ଟ୍ରର ଆଇନ, ଭାଷା ଓ ଧର୍ମୀୟ ଆଦର୍ଶକୁ ପ୍ରତିରୋପିତ କରିଥିଲେ। ସ୍ପେନୀୟମାନେ କାଳକ୍ରମେ ନିଜ ସହ ଲୋହିତ ଭାରତୀୟମାନଙ୍କୁ ସମାନ ସ୍ଥାନ ପ୍ରଦାନ କରିଥିଲେ। ଶିକ୍ଷା ପାଇଁ ବିଦ୍ୟାଳୟମାନ ସ୍ଥାପନ କରାଗଲା। ଧର୍ମପ୍ରଚାରକ ମିଶନାରୀମାନେ ଲୋହିତ ଭାରତୀୟମାନଙ୍କୁ ଖ୍ରୀଷ୍ଟଧର୍ମରେ ଦୀକ୍ଷିତ କଲେ ଏବଂ ଅନେକ ଗୀର୍ଜା ନିର୍ମାଣ କରାଇଲେ। କୃଷି ଏବଂ ଚାରାରୋପଣର ଉନ୍ନତ ନୂତନ ପଦ୍ଧତିମାନ ଅନୁସରଣ କରାଗଲା। ଏହା ଫଳରେ ଆମେରିକାର ମୂଳବାସିନ୍ଦାମାନେ ଅନୁଭବ କଲେ ଯେ, "ସ୍ପେନୀୟମାନ ତାଙ୍କର ମୁକ୍ତି ପାଇଁ ଆସିଛନ୍ତି''। ଏହି ମୂଳବାସିନ୍ଦା ସ୍ପେନୀୟମାନଙ୍କ ସହ ସମକକ୍ଷ ମନେ କରି ସେମାନଙ୍କ କ୍ଷେତରେ କୃଷି ଓ ଚାରାରୋପଣ କାର୍ଯ୍ୟରେ ଶ୍ରମିକମାନଙ୍କ ପରି ପରିଶ୍ରମ ନ କରିବାରୁ ସ୍ପେନୀୟମାନଙ୍କୁ ଆଫ୍ରିକାରୁ କ୍ରୀତଦାସ ସଂଗ୍ରହ କରି ସେହି କାର୍ଯ୍ୟ ସମ୍ପାଦନ କରିବାକୁ ପଡ଼ିଲା। ଏଣୁ କ୍ରମେ ଆମେରିକା ମହାଦେଶରେ ଆଫ୍ରିକୀୟ କ୍ରୀତଦାସ ପ୍ରଥାର ପ୍ରବେଶ ଘଟିଲା। ପରେ ଏହା ଆମେରିକା ପାଇଁ ଏକ ବୃହତ୍ ସମସ୍ୟା ହେବା ସହ ଆମେରିକୀୟ ଗୃହଯୁଦ୍ଧର କାରଣ ହୋଇପଡ଼ିଥିଲା।

ଆଫ୍ରିକୀୟ କ୍ରୀତଦାସମାନଙ୍କ ଆବଶ୍ୟକତା (Necessity of African Slaves) :

ଆମେରିକା ମହାଦେଶର ଭୌଗୋଳିକ ସ୍ଥିତି ବିଭିନ୍ନ ଅଞ୍ଚଳରେ ଭିନ୍ନ ଭିନ୍ନ ଥିଲା। ଦକ୍ଷିଣ ଆମେରିକାର ଅର୍ଥନୀତି କୃଷିଭିତ୍ତିକ ଥିଲା ଏବଂ ଏଠାରେ ଶସ୍ତା କୃଷିଶ୍ରମିକମାନଙ୍କର ବହୁଳ ଆବଶ୍ୟକତା ଥିଲା। ସ୍ଥାନୀୟ କୃଷିଶ୍ରମିକମାନଙ୍କ ଅଭାବ ଆଫ୍ରିକୀୟ କ୍ରୀତଦାସ ପ୍ରଥାକୁ ଉତ୍ସାହିତ କରିଥିଲା। କ୍ରୀତଦାସ ପ୍ରଥାକୁ ପ୍ରଥମେ ଭର୍ଜିନୀଆ ପ୍ରଚଳନ କରିଥିଲା। ଅତିଶୀଘ୍ର ଏହା ଅନ୍ୟ ଉପନିବେଶୀୟ ବସତିଗୁଡ଼ିକରେ ଗ୍ରହଣ କରାଗଲା। ମାତ୍ର ମହାଦେଶର ଦକ୍ଷିଣ ଭାଗରେ ଏହି ପ୍ରଥା ଅତ୍ୟନ୍ତ ଲୋକପ୍ରିୟ ଥିଲା।

ନୂତନ ରୂପେ ଆବିଷ୍କୃତ ଭୂଭାଗକୁ ଅମାପ ଧନ ସମ୍ପତ୍ତିର ସନ୍ଧାନ ଆଶାରେ ଆସିଥିବା ଉପନିବେଶବାଦୀ ଓ ବସତିସ୍ଥାପନକାରୀମାନେ ସେଠାରେ ପହଞ୍ଚିବା ପରେ ମାଲିକାନା ହୀନ ବିସ୍ତୃତ ଭୂସମ୍ପତ୍ତିକୁ ନିଜର ସମ୍ପତ୍ତି ରୂପେ ବିବେଚନା କରି ସେହି ସ୍ଥାନରେ ବସବାସ କରି ରହିଗଲେ। ପରବର୍ତ୍ତି କାଳରେ ଏପରି ବାସିନ୍ଦାମାନେ ପରସ୍ପର ସହଯୋଗରେ କୃଷିକ୍ଷେତ୍ରମାନ ପ୍ରସ୍ତୁତ କରି ସେଥିରୁ ଖାଦ୍ୟଶସ୍ୟ, ପନିପରିବା ଓ ଫଳପୁଷ୍ପ ଆଦି ଉତ୍ପାଦନ କରିବା ସହ ସେଠାରେ ନିଜର ବାସଗୃହମାନ ମଧ୍ୟ ନିର୍ମାଣ କଲେ।

ଏପରି ବାସିନ୍ଦାମାନେ ସେମାନଙ୍କୁ କୃଷିକାର୍ଯ୍ୟରେ ସାହାଯ୍ୟ କରିବା ପାଇଁ ଭଡ଼ା ଶ୍ରମିକମାନଙ୍କୁ ଠିକାରେ ଆଣିଥିଲେ। ସେହି ଶ୍ରମିକମାନେ ଅଧିକାଂଶ ରୂପେ ଶ୍ୱେତାଙ୍ଗ ବ୍ୟକ୍ତି ଥିଲେ। ୟୁରୋପର କେତେକ ବ୍ୟକ୍ତି ଆମେରିକା ଆସିବାକୁ ଇଚ୍ଛା ପ୍ରକାଶ କରୁଥିଲେ, କିନ୍ତୁ ସେମାନଙ୍କ ନିକଟରେ ଅର୍ଥ ନ ଥିବାରୁ ଏଠାକୁ ଆସିପାରୁ ନଥିଲେ। ଏଣୁ ଆମେରିକୀୟ ଉପନିବେଶବାସୀଙ୍କ ଦ୍ୱାରା ସେମାନଙ୍କୁ ଗସ୍ତ ଖର୍ଚ୍ଚ ପ୍ରଦାନ ପୂର୍ବକ ଏକ ନିର୍ଦ୍ଦିଷ୍ଟ ସମୟ କାଳ ପାଇଁ କୃଷି କ୍ଷେତ୍ରରେ ନିଯୁକ୍ତି ପ୍ରଦାନ କରାଯାଉଥିଲା। ଦ୍ୱିତୀୟ ଶ୍ରେଣୀର ଠିକା ଶ୍ରମିକମାନେ ଅପରାଧିକ କାର୍ଯ୍ୟରେ ଦୋଷୀ ସାବ୍ୟସ୍ତ ହୋଇ ଦଣ୍ଡ ଭୋଗୁଥିବା ବନ୍ଦୀମାନେ ଥିଲେ। ଏପରି ବ୍ୟକ୍ତିମାନଙ୍କୁ ଇଂଲଣ୍ଡରୁ ଆମେରିକାକୁ ପ୍ରେରଣ କରାଯାଉଥିଲା ଏବଂ ପରବର୍ତ୍ତି

କାଳରେ ସେମାନଙ୍କୁ ସେଠାରେ ବିକ୍ରୀ କରି ଦିଆଯାଉଥିଲା । ତୃତୀୟ ଶ୍ରେଣୀର ଶ୍ରମିକମାନେ ଥିଲେ ୟୁରୋପୀୟ ଦେଶଗୁଡ଼ିକରୁ ଅପହୃତ ବ୍ୟକ୍ତି ଓ ବାଳକମାନେ ଯେଉଁମାନଙ୍କୁ ଆମେରିକାରେ ବିକ୍ରୟ କରି ଦିଆଯାଉଥିଲା । ଆରମ୍ଭରୁ ଏପରି ଶ୍ରମିକମାନଙ୍କୁ ଖରାପ ବ୍ୟବହାର ପ୍ରଦର୍ଶନ କରାଯାଉଥିଲା । ଏଣୁ ଅନେକ କାର୍ଯ୍ୟ ଛାଡ଼ି ଜଙ୍ଗଲକୁ ପଳାୟନ କରୁଥିଲେ କିମ୍ବା ନିର୍ଯ୍ୟାତନା ସହ୍ୟ କରି ନପାରି ମୃତ୍ୟୁବରଣ କରୁଥିଲେ । ଏଣୁ ସର୍ବଦା ଶ୍ରମିକମାନଙ୍କର ଅଭାବ ଅନୁଭୂତ ହେଉଥିଲା ଏବଂ ଏହା ଆଫ୍ରିକୀୟ କ୍ରୀତଦାସ ପ୍ରଥାକୁ ଜନ୍ମ ଦେଇଥିଲା । ନିଗ୍ରୋ କ୍ରୀତଦାସମାନେ ଶସ୍ତା ତଥା ଅଧିକ ଲାଭ ପ୍ରଦାନକାରୀ ଥିଲେ ।

ଡଚ୍‌ମାନେ ଜାହାଜରେ ୧୬୧୯ ଖ୍ରୀ:ଅ:ରେ ଆମେରିକାକୁ ଆଣିଥିବା ୨୧ଜଣ ନିଗ୍ରୋ କ୍ରୀତଦାସଙ୍କୁ ଭର୍ଜିନୀଆ ଉପନିବେଶରେ ବିକ୍ରି କରିବା ସହ ଆମେରିକାରେ "ଆଫ୍ରିକୀୟ କ୍ରୀତଦାସ ପ୍ରଥା"ର ପ୍ରଚଳନ ଆରମ୍ଭ ହୋଇଥିଲା । ଏହି ଉପନିବେଶର ଅଧିବାସୀମାନେ ସେମାନଙ୍କ କାର୍ଯ୍ୟ ସମ୍ପାଦନ ପାଇଁ ନିଗ୍ରୋ କ୍ରୀତଦାସ ଅତ୍ୟନ୍ତ ଶସ୍ତା ତଥା ସୁବିଧାଜନକ ଥିବାର ଅନୁଭବ କଲେ । ଅତିଶୀଘ୍ର ଅନ୍ୟ ଉପନିବେଶଗୁଡ଼ିକ ଭର୍ଜିନୀଆକୁ ଅନୁସରଣ କରି ଆଫ୍ରିକୀୟ କ୍ରୀତଦାସ ବ୍ୟବସାୟକୁ ଉତ୍ସାହିତ କରିଥିଲେ । ୧୬୪୯ ଖ୍ରୀ:ଅ:ରେ ଆମେରିକାର ଉପନିବେଶଗୁଡ଼ିକରେ ମାତ୍ର ୩୦୦ କ୍ରୀତଦାସ ଥିବାବେଳେ ପରବର୍ତ୍ତୀ ଦୁଇ ଦଶନ୍ଧି ମଧ୍ୟରେ ସେମାନଙ୍କ ସଂଖ୍ୟା ୨୦୦୦କୁ ବୃଦ୍ଧି ପାଇଥିଲା । ବ୍ରିଟିଶ ଜାହାଜଗୁଡ଼ିକ ଆଫ୍ରିକାରୁ ସ୍ୱତନ୍ତ୍ର ରୂପେ ନିର୍ମିତ ଜାହାଜରେ ଏକାବେଳକେ ବହୁ ସଂଖ୍ୟକ କ୍ରୀତଦାସମାନଙ୍କୁ ଆଣି ଆମେରିକା ମହାଦେଶରେ ବିକ୍ରି କରୁଥିଲେ ।

ବ୍ରିଟିଶ ସମ୍ରାଟ ୧୬୭୨ ଖ୍ରୀ:ଅ:ରେ ରୟାଲ ଆଫ୍ରିକାନ କମ୍ପାନୀକୁ ଏକଚାଟିଆ ରୂପେ କ୍ରୀତଦାସ ବ୍ୟବସାୟ କରିବାକୁ ଅନୁମତି ପ୍ରଦାନ କରିବାରୁ ଅନ୍ୟ ବ୍ୟବସାୟୀମାନେ ଏହାର ବିରୋଧ କରିଥିଲେ । ଏଣୁ ଏହି ଆଦେଶ ୧୬୯୮ ଖ୍ରୀ:ଅ:ରେ ଅପସାରଣ କରି ନିଆଯାଇଥିଲା । ଦିନକୁ ଦିନ କ୍ରୀତଦାସ ବ୍ୟବସାୟର ଅଭିବୃଦ୍ଧି ଘଟିଥିଲା ଏବଂ ଶିଳ୍ପ ବିପ୍ଲବ ବେଳକୁ ଅମେରିକାର ସମଗ୍ର ଜନସଂଖ୍ୟା ୨.୫ ମିଲିଅନ୍‌ରେ ପହଞ୍ଚିଥିବା ବେଳେ ଏହି ସଂଖ୍ୟାର ୨୦% କେବଳ ନିଗ୍ରୋ କ୍ରୀତଦାସ ଥିଲେ । ନିଗ୍ରୋ କ୍ରୀତଦାସମାନେ ଭର୍ଜିନୀଆ; ଦକ୍ଷିଣ କାରୋଲିନା, ମେରିଲାଣ୍ଡ, ଜର୍ଜିଆ, ଉତ୍ତର କାରୋଲିନା, କେଣ୍ଟୁକୀ ଏବଂ ଡେଲାୱାର୍‌ରେ ବହୁସଂଖ୍ୟାରେ କାର୍ଯ୍ୟ କରୁଥିଲେ ।

କପାଚାଷ ପାଇଁ ଆଫ୍ରିକୀୟ କ୍ରୀତଦାସମାନେ ଆର୍ଥିକ ରୂପେ ଅତ୍ୟନ୍ତ ଶସ୍ତା ଥିଲେ । ମାତ୍ର ୨ ରୁ ୩ ଜଣ କ୍ରୀତଦାସଙ୍କ ସହାୟତାରେ ଶ୍ୱେତାଙ୍ଗ କପାଚାଷୀମାନେ ଶହ ଶହ ଏକକ ଚାଷ ଜମିରୁ ତୁଳା ଉତ୍ପାଦନ କରିପାରୁଥିଲେ । ଫଳରେ ଏହା କ୍ରୀତଦାସ ବ୍ୟବସାୟକୁ ସମୃଦ୍ଧ କରିଥିଲା ଏବଂ ଆମେରିକାର ଦକ୍ଷିଣ ଭାଗରେ ଥିବା ଉପନିବେଶ ବାସୀମାନେ ସମସ୍ତ ସମ୍ଭାବ୍ୟ ଉତ୍ସରୁ କ୍ରୀତଦାସ ସଂଗ୍ରହ କରିବାକୁ ଚେଷ୍ଟା କରିଥିଲେ । ୧୮୦୮ ଖ୍ରୀ:ଅ:ର ପରବର୍ତ୍ତି ସମୟରେ ବିଦେଶରୁ କ୍ରୀତଦାସ ଆମଦାନୀ କରିବା ଆଇନ ବିରୁଦ୍ଧ ହୋଇପଡ଼ିଲା । ଆମେରିକାର ଉତ୍ତରାଞ୍ଚଳର ରାଜ୍ୟଗୁଡ଼ିକରେ ଥିବା ଅନେକ କ୍ରୀତଦାସଙ୍କୁ ଦକ୍ଷିଣାଞ୍ଚଳ ଚାଷୀଙ୍କୁ ବିକ୍ରିସୂତ୍ରରେ ହସ୍ତାନ୍ତର କରାଗଲା । ଏହିପରି ଆମେରିକାର ଦକ୍ଷିଣାଞ୍ଚଳରେ ୧୭୯୦ ଖ୍ରୀ:ଅ: ବେଳକୁ ଥିବା ୮,୦୦,୦୦୦ ସଂଖ୍ୟାର ନିଗ୍ରୋ କ୍ରୀତଦାସଙ୍କ ସଂଖ୍ୟା ୧୮୬୦ ଖ୍ରୀ:ଅ: ବେଳକୁ ୪୦,୦୦,୦୦୦ ସଂଖ୍ୟାରେ ପହଞ୍ଚି ପାରିଥିଲା ।

କ୍ରୀତଦାସ ପ୍ରଥାର ଉଚ୍ଛେଦ (Abolition of Slavery) :

ଆରମ୍ଭରୁ କ୍ରୀତଦାସ ପ୍ରଥାକୁ ଏକ ଆମାନୁଷିକ କାର୍ଯ୍ୟରୂପେ ଅଭିହିତ କରାଯାଉଥିଲା । "ଜଣେ ବ୍ୟକ୍ତିକୁ ଅନ୍ୟ ଜଣେ ବ୍ୟକ୍ତି କ୍ରୀତଦାସ ରୂପେ ବ୍ୟବହାର କରିବା" ମାନବ ଅଧିକାରର ଘୋର ଉଲଙ୍ଘନ ଥିଲା । ବିଶେଷ କରି ଯେଉଁ ଆମେରିକୀୟ ସମାଜର ଆଦର୍ଶ ଥିଲା, "ସ୍ୱାଧୀନତା, ସାମ୍ୟତା ଓ ଗଣତନ୍ତ୍ର" (Freedom, Equality and Demacracy) ସେହି ସମାଜରେ କ୍ରୀତଦାସ ପ୍ରଥାର କୌଣସି ସ୍ଥାନ ନଥିଲା । ମାତ୍ର ଆମେରିକାର ଦକ୍ଷିଣାଞ୍ଚଳରେ ବିକଶିତ ହୋଇଥିବା ଅର୍ଥନୀତି କୃଷିଭିତ୍ତିକ ଥିଲା ଏବଂ କପାଚାଷ ଉପରେ ନିର୍ଭରଶୀଳ ଏହି ଅର୍ଥନୀତି ଶସ୍ତା ଶ୍ରମିକ ସମ୍ବଳ ଉପରେ ଏପରି ନିର୍ଭରଶୀଳ ଥିଲା ଯେ ତାହା ବିନା କ୍ରୀତଦାସରେ ତିଷ୍ଠି ରହିବାର ସମ୍ଭାବନା କ୍ଷୀଣ ଥିଲା । କ୍ରୀତଦାସଙ୍କର ମାଲିକ ତାଙ୍କୁ

ତାଙ୍କର ବ୍ୟକ୍ତିଗତ ସମ୍ପତ୍ତି ରୂପେ ବିବେଚନା କରୁଥିଲେ ଏବଂ ତାଙ୍କର ମାନବାଧିକାରକୁ ସମ୍ପୂର୍ଣ୍ଣ ରୂପେ ହନନ କରୁଥିଲେ । କ୍ରୀତଦାସମାନଙ୍କୁ ପଣ୍ୟଦ୍ରବ୍ୟ ପରି କିଣାବିକା କରାଯାଇ ପାରୁଥିଲା । ଏଣୁ କ୍ରୀତଦାସ ପ୍ରଥାକୁ ଉଚ୍ଛେଦ କରିବା ଅନିବାର୍ଯ୍ୟ ହୋଇପଡ଼ିଥିଲା । ଊନବିଂଶ ଶତାବ୍ଦୀରେ ଏପରି କେତେକ ଘଟଣା ଘଟିଥିଲା, ଯାହା କ୍ରୀତଦାସ ପ୍ରଥାକୁ ଉଚ୍ଛେଦ କରିବାର ପଥ ପରିଷ୍କାର କରିଥିଲା ।

ପ୍ରାରମ୍ଭିକ କ୍ରୀତଦାସ ବିଦ୍ରୋହ (Early Slave Insurrections) :

କ୍ରୀତଦାସମାନଙ୍କୁ ମାଲିକମାନେ ଅତ୍ୟନ୍ତ କ୍ରୂର ବ୍ୟବହାର ପ୍ରଦର୍ଶନ କରୁଥିଲେ । ଫଳରେ ଅନେକ କ୍ରୀତଦାସ ବିଦ୍ରୋହ କରିଥିଲେ । ମାତ୍ର ଏହି ବିଦ୍ରୋହଗୁଡ଼ିକୁ ବଳପୂର୍ବକ ଦମନ କରାଯାଇଥିଲା । ନ୍ୟୁୟର୍କରେ ୧୭୧୨ ଖ୍ରୀ:ଅ:ରେ ପ୍ରଥମ ନିଗ୍ରୋ ବିଦ୍ରୋହ ସଂଘଟିତ ହୋଇଥିଲା । ମାତ୍ର ବଳପୂର୍ବକ ୨୧ ଜଣ ନିଗ୍ରୋ କ୍ରୀତଦାସଙ୍କୁ ହତ୍ୟା କରାଯାଇ ଏହି ବିଦ୍ରୋହକୁ ନିୟନ୍ତ୍ରଣ କରାଯାଇଥିଲା । ଦକ୍ଷିଣ କାରୋଲିନାରେ ୧୭୩୯ ଖ୍ରୀ:ଅ:ରେ ତିନିଗୋଟି କ୍ରୀତଦାସ ଆନ୍ଦୋଳନ ହୋଇଥିଲା । ଏହି ବିଦ୍ରୋହରେ ୩୦ ଜଣ ଶ୍ୱେତାଙ୍ଗ ଏବଂ ୪୦ ଜଣ ନିଗ୍ରୋଙ୍କର ଜୀବନହାନୀ ହୋଇଥିଲା । ଚାର୍ଲେସ୍ ଟାଉନ୍‌ରେ ୧୭୪୦ ଖ୍ରୀ:ଅ:ରେ ୫୦ ଜଣ ନିଗ୍ରୋଙ୍କୁ ଫାଶୀ ପ୍ରଦାନ କରାଯାଇଥିଲା । ନ୍ୟୁୟର୍କରେ ୧୭୪୧ ଖ୍ରୀ:ଅ:ରେ ଅନ୍ୟ ଏକ ନିଗ୍ରୋ କ୍ରୀତଦାସ ବିଦ୍ରୋହ ସଙ୍ଘଟିତ ହୋଇଥିଲା । ଏହିପରି ସମୟ ସମୟକୁ ସଂଘଟିତ ହେଉଥିବା କ୍ରୀତଦାସ ଅଶାନ୍ତି କେତେକ ବୁଦ୍ଧିଜୀବିଙ୍କ ଆତ୍ମାକୁ ଆନ୍ଦୋଳିତ କରିଥିଲା । ଏଣୁ ସେମାନେ କ୍ରୀତଦାସ ପ୍ରଥାର ଉଚ୍ଛେଦ ପାଇଁ ଆନ୍ଦୋଳନ କରିବାକୁ ଉତ୍ସାହିତ ହୋଇଥିଲେ ।

ଉପନିବେଶ ସ୍ଥାପନ ମାଧ୍ୟମରେ କ୍ରୀତଦାସ ପ୍ରଥାର ଉଚ୍ଛେଦ (Abolition of Slavery through Colonization) :

ମିସୋରୀ ଆପୋଷ ବୁଝାମଣା - ୧୮୨୦ ଖ୍ରୀ:ଅ: (The Missouri Compromise - 1820 AD) ଦ୍ୱାରା କ୍ରୀତଦାସ ପ୍ରସଙ୍ଗର ସମାଧାନ ପାଇଁ ପ୍ରଚେଷ୍ଟା କରାଯାଇଥିଲା । ଏହାଦ୍ୱାରା ବିବାଦର ଆପାତଃ ସମାଧାନ ହୋଇଯାଇ ଥିବା ବାହ୍ୟରୂପେ ପ୍ରତୀୟମାନ ହୋଇଥିଲେ ମଧ୍ୟ ପ୍ରକୃତରେ ଅଭ୍ୟନ୍ତରଣୀୟ ବିବାଦ ପୂର୍ବପରି ଲାଗି ରହିଥିଲା । ୧୮୨୬ ଖ୍ରୀ:ଅ:ରେ ପ୍ରାୟ ୧୪୩ ଗୋଟି ସାମାଜିକ ସଂସ୍ଥା ଆଫ୍ରିକୀୟ କ୍ରୀତଦାସ ପ୍ରଥାର ଉଚ୍ଛେଦ ପାଇଁ କାର୍ଯ୍ୟ କରୁଥିଲେ । ୧୮୧୭ ଖ୍ରୀ:ଅ:ରେ ଆମେରିକୀୟ ଉପନିବେଶ ସ୍ଥାପନ ସମାଜ (American Colonization Society) ସ୍ଥାପିତ ହୋଇଥିଲା । ବିଭିନ୍ନ ସମୟରେ ମାଡିସନ୍, ମନ୍‌ରୋ ଓ ଜନ୍ ମାର୍ଶାଲ ଏହାର ସଭାପତି ଥିଲେ । ଏହି ସଂସ୍ଥାର ଲକ୍ଷ୍ୟଥିଲା "ସେମାନେ ଆଫ୍ରିକୀୟ କ୍ରୀତଦାସମାନଙ୍କୁ ପୁନର୍ବାର ଆଫ୍ରିକା ମହାଦେଶକୁ ଫେରାଇ ନେଇ ସେଠାରେ ସେମାନଙ୍କର ଉପନିବେଶ ସ୍ଥାପନ ପୂର୍ବକ ଥଇଥାନ ବ୍ୟବସ୍ଥା କରିବା" । ସେହପରି ୧୮୩୧ ଖ୍ରୀ:ଅ:ରେ ମିସିସିପି ଉପନିବେଶ ସ୍ଥାପନ ସମାଜ (Mississippi Colonization Society) ନାମକ ଅନ୍ୟ ଏକ ସଂସ୍ଥା ମଧ୍ୟ ଏପରି ଲକ୍ଷ୍ୟ ନେଇ ସ୍ଥାପିତ ହୋଇଥିଲା । ଏହି ସଂସ୍ଥାଗୁଡ଼ିକ ସେଭଳି କୌଣସି ଉଲ୍ଲେଖନୀୟ କାର୍ଯ୍ୟ ସମ୍ପାଦିତ କରିପାରି ନଥିଲେ ମଧ୍ୟ ସେମାନଙ୍କ ଦ୍ୱାରା ପ୍ରାୟ ୧୫୦୦୦ ଆଫ୍ରିକୀୟ କ୍ରୀତଦାସ ଆଫ୍ରିକାରେ ପ୍ରତିଷ୍ଠିତ ଉପନିବେଶଗୁଡ଼ିକୁ ସ୍ଥାନାନ୍ତରିତ ହୋଇ ସ୍ୱାଧିନ ଜୀବନଯାପନ କରିପାରିଥିଲେ ।

କ୍ରୀତଦାସ ପ୍ରଥା ବିରୁଦ୍ଧରେ ଆନ୍ଦୋଳନ (The Movement Against Slavery) :

କ୍ୱାକର ବନାମିନ୍ ଲୁଣ୍ଡୀ ୧୮୨୧ ଖ୍ରୀ:ଅ:ରେ ଆଫ୍ରିକୀୟ କ୍ରୀତଦାସ ପ୍ରଥା ପରି ଏକ ଜଘନ୍ୟ ବ୍ୟବସ୍ଥା ବିରୁଦ୍ଧରେ ଜନସମାଜରେ ଜାଗରଣ ସୃଷ୍ଟି କରିବା ପାଇଁ ଏକ "କ୍ରୀତଦାସତ୍ୱ ବିରୋଧି" (Anti-Slavery) ପତ୍ରିକାର ପ୍ରତିଷ୍ଠା କଲେ । ଏହି ପ୍ରତିକାର ସହଯୋଗୀ ସମ୍ପାଦକ ଥିବା ଉତ୍ସାହିତ ବ୍ୟକ୍ତିତ୍ୱ ଉଲିୟମ୍ ଲୟଡ୍ ଗାରିସନ୍ ସ୍ୱାଧିନ ରୂପେ ବୋଷ୍ଟନରୁ "ଦି

ଲିବରେଟର୍" (The Liberator) ନାମକ ଅନ୍ୟ ଏକ "କ୍ରୀତଦାସତ୍ୱ ବିରୋଧି" ପତ୍ରିକାର ପ୍ରକାଶନ କଲେ । ସେ କ୍ରୀତଦାସତ୍ୱ ବିରୁଦ୍ଧରେ ଉଲ୍ଲେଖ କରିଥିଲେ, "ମୁଁ ଏହି ପ୍ରସଙ୍ଗରେ ଇଞ୍ଚେ ହେଲେ ପଛଘୁଞ୍ଚା ଦେବି ନାହିଁ ଏବଂ ମୋତେ ନିଶ୍ଚିତ ରୂପେ ଆପଣ ଶୁଣିବେ'' । ସେ ଯୁକ୍ତି କରିଥିଲେ ଯେ "କ୍ରୀତଦାସମାନଙ୍କୁ ତତ୍‌କ୍ଷଣାତ୍ ମୁକ୍ତି କରିଦେବାକୁ ପଡିବ- ସେମାନେ ତାଙ୍କର ମାଲିକମାନଙ୍କୁ କୌଣସି ଦେୟ ପ୍ରଦାନ କରିବେ ନାହିଁ କିମ୍ବା ସେମାନଙ୍କୁ ଦେଶାନ୍ତର ଯିବାକୁ ହେବ ନାହିଁ'' । ତାଙ୍କ ସହାୟତାରେ ୧୮୩୧ ଖ୍ରୀ:ଅ:ରେ "ନବ ଇଂଲଣ୍ଡ କ୍ରୀତଦାସତ୍ୱ ବିରୋଧୀ ସମାଜ" (New England Anti-Slavery Society) ସଂଗଠିତ ହୋଇଥିଲା । ଗାରିସନ୍, ହ୍ୱିଟଲର, ଯୋଶୁଭା, ଲିଏଭିଙ୍ଗ୍, ପ୍ଲୁସୁର ରାଇଟ୍ ଏବଂ ଅନ୍ୟମାନେ ମିଳିତ ରୂପେ ୧୮୩୩ ଖ୍ରୀ:ଅ:ରେ ଅନ୍ୟ ଏକ ଆମେରିକୀୟ କ୍ରୀତଦାସତ୍ୱ ବିରୋଧୀ ସମାଜ ଗଠନ କରିଥିଲେ । ଫଳରେ କ୍ରୀତଦାସତ୍ୱ ଉଚ୍ଛେଦ ପାଇଁ ଏକ ନୈତିକ ଆନ୍ଦୋଳନର ଆରମ୍ଭ ହୋଇଥିଲା । ଏହାକୁ ଲକ୍ଷ୍ୟ କରି ଉଡ୍‌ବର୍ଣ୍ଣ ଏବଂ ମୋରନ୍ ମନ୍ତବ୍ୟ ପ୍ରଦାନ କରିଥିଲେ, "ଏହି ଆନ୍ଦୋଳନ ଆମେରିକୀୟ ରାଜନୀତି କ୍ଷେତ୍ର ମଧ୍ୟକୁ ଏକ ନୂତନ ଏବଂ କ୍ଷମତାଶାଳୀ ଶକ୍ତିକୁ ସ୍ୱାଗତ କରିଥିଲା, ଯାହା ପରବର୍ତ୍ତି ୩୦ ବର୍ଷର ସାଧାରଣ ଆଲୋଚନା, ରାଜନୈତିକ ଦଳଗୁଡ଼ିକ ମଧ୍ୟସ୍ଥ ବିଭେଦ ଏବଂ ସଂଘମାନଙ୍କ ବିଭାଜନକୁ ନିୟନ୍ତ୍ରିତ କରିବା ପାଇଁ ଉଦ୍ଦିଷ୍ଟ ଅଟେ" ।

କ୍ରୀତଦାସତ୍ୱ ଉଚ୍ଛେଦକାରୀଙ୍କ ପଦ୍ଧତି (The Method of Abolitionist) :

କ୍ରୀତଦାସତ୍ୱ ଉଚ୍ଛେଦକାରୀମାନେ କ୍ରୀତଦାସତ୍ୱ ବିରୋଧୀ ସମାଜ ଗଠନ ମାଧ୍ୟମକୁ ଅସ୍ତ୍ର କରି କ୍ରୀତଦାସ ପ୍ରଥା ପରି ଏକ ଘୃଣ୍ୟବ୍ୟବସ୍ଥା ବିରୁଦ୍ଧରେ ଲଢ଼େଇ କରିଥିଲେ । ଏହି ସଂସ୍ଥାଗୁଡ଼ିକ କ୍ରୀତଦାସ ମାଲିକମାନଙ୍କ ବିରୁଦ୍ଧରେ ଆନ୍ଦୋଳନ ଗଢ଼ି ତୋଳିଥିଲେ । ଫଳରେ କ୍ରୀତଦାସମାନେ ମାଲିକଙ୍କୁ ପରିତ୍ୟାଗ କରି ଚାଲି ଆସିଥିଲେ କିମ୍ବା ମାଲିକମାନେ ଏପରି ଆନ୍ଦୋଳନରେ ବିବ୍ରତ ହୋଇ ନିଜ ପକ୍ଷରୁ କ୍ରୀତଦାସମାନଙ୍କୁ ମୁକ୍ତି କରିଦେଉଥିଲେ । ଆନ୍ଦୋଳନକାରୀମାନେ ମୁଖ୍ୟତଃ ଧାର୍ମିକ ଓ ନୈତିକ ଭିତ୍ତିଭୂମିକୁ ଆଧାର କରି ଜନସାଧାରଣଙ୍କ ମଧ୍ୟରେ କ୍ରୀତଦାସତ୍ୱ ବିରୁଦ୍ଧରେ ଜନଜାଗରଣ ସୃଷ୍ଟି କରୁଥିଲେ । ଦ୍ୱିତୀୟତଃ ଗୀର୍ଜା ମଧ୍ୟ ଏହି ଆନ୍ଦୋଳନକୁ ସମର୍ଥନ ପ୍ରଦାନ କରିଥିଲା । ଧର୍ମଯାଜକମାନେ କ୍ରୀତଦାସତ୍ୱକୁ ନିନ୍ଦା କରିବା ସହ ପ୍ରଶାସନକୁ ଏହି ପ୍ରଥାର ଉଚ୍ଛେଦ ପାଇଁ ଆଇନ ପ୍ରଣୟନ କରିବା ନିମନ୍ତେ ପ୍ରଭାବିତ କରିଥିଲେ ।

ଆନ୍ଦୋଳନରତ ସାମାଜିକ ସ୍ୱେଚ୍ଛାକର୍ମୀମାନେ ଘୋଷଣା କଲେ ଯେ, "ଆମ୍ଭେ କ୍ରୀତଦାସମାନଙ୍କର ମୁକ୍ତି ଏବଂ ମାନବଅଧିକାର ପ୍ରାପ୍ତିର ସାକ୍ଷୀ ରହିବା ପାଇଁ ବଞ୍ଚିରହିବୁ କିମ୍ବା ଏହା ନ ଦେଖିପପାରିଲେ ପରିଶେଷରେ ସହୀଦ୍ ହୋଇଯିବୁ"। ଏହି ଆନ୍ଦୋଳନକାରୀଙ୍କ କାର୍ଯ୍ୟକ୍ରମ ଶ୍ରେଣୀ ସଂଘର୍ଷରେ ପ୍ରତିଫଳିତ ହେଲା । ଶ୍ୱେତାଙ୍ଗମାନେ ଦୁଇ ଭାଗରେ ବିଭକ୍ତ ହୋଇଗଲେ । ଉତ୍ତରାଞ୍ଚଳର ଅଧିବାସୀମାନେ କ୍ରୀତଦାସତ୍ୱ ପ୍ରଥାର ଉଚ୍ଛେଦକୁ ସମର୍ଥନ କରୁଥିଲେ । ମାତ୍ର କ୍ରୀତଦାସ ବ୍ୟବସ୍ଥା ଉପରେ ନିର୍ଭରଶୀଳ ଦକ୍ଷିଣାଞ୍ଚଳ କ୍ରୀତଦାସ ମାଲିକମାନେ ନିଜ ସ୍ୱାର୍ଥ ପାଇଁ ନିଜସ୍ୱ ଯୁକ୍ତିରେ କ୍ରୀତଦାସତ୍ୱ ପ୍ରଥାକୁ ପ୍ରଚଳିତ ରଖିବାକୁ ସମର୍ଥନ କରୁଥିଲେ ।

ଦକ୍ଷିଣ ହାମ୍ପଟନ୍‌ଠାରେ ୧୮୨୧ ଖ୍ରୀ:ଅ:ରେ ଏକ ବିଦ୍ରୋହର ସୂତ୍ରପାତ ହେଲା । ଏଥିରେ ୬୦ ଜଣ ଶ୍ୱେତାଙ୍ଗ ଏବଂ ସେମାନଙ୍କ ପରିବାରବର୍ଗଙ୍କୁ ହତ୍ୟା କରାଯିବା ବେଳେ ପ୍ରାୟ ଏକ ଶହ ନିଗ୍ରୋ ମଧ୍ୟ ନିହତ ହୋଇଥିଲେ । ଏହି ବିଦ୍ରୋହକୁ ଦମନ କରାଗଲା । ଏହି ବିଦ୍ରୋହର ନେତୃତ୍ୱ ଗ୍ରହଣ କରିଥିବା ଟର୍ଣ୍ଣର୍‌ଙ୍କ ସହ ୨୦ ଜଣ ନିଗ୍ରୋଙ୍କର ବିଚାର କରାଯାଇ ସେମାନଙ୍କୁ ପ୍ରାଣଦଣ୍ଡରେ ଦଣ୍ଡିତ କରାଯାଇଥିଲା । ଏହି ଘଟଣା ଦକ୍ଷିଣାଞ୍ଚଳ ଅଧିବାସୀଙ୍କୁ ମଧ୍ୟ ପ୍ରଭାବିତ କରିଥିଲା । ଏହା କିଛି କାଳ ପାଇଁ କ୍ରୀତଦାସ ଏବଂ ମାଲିକଙ୍କ ମଧ୍ୟରେ ଥିବା ସମ୍ପର୍କକୁ ଉତ୍ତେଜିତ ଅବସ୍ଥାକୁ ନେଇଯାଇ ଥିଲା ।

କ୍ରୀତଦାସ ମାଲିକମାନେ କ୍ରୀତଦାସ ଉଚ୍ଛେଦ ସମର୍ଥନକାରୀମାନଙ୍କୁ ଏହି ଉତ୍ତେଜନା ଏବଂ ଗଣହତ୍ୟା ପାଇଁ ଉତ୍ତରଦାୟୀ କରି ସେମାନଙ୍କ ସଙ୍ଗଠନକୁ ବେଆଇନ ଘୋଷିତ କରିବାକୁ ଦାବି କରିଥିଲେ । ଜର୍ଜିଆ ଓ ଭର୍ଜିନୀଆର ରାଜ୍ୟପାଳମାନେ ବୋଷ୍ଟନ୍‌ର ନଗରପାଳଙ୍କୁ କ୍ରୀତଦାସତ୍ୱ ଉଚ୍ଛେଦକାରୀମାନଙ୍କୁ ଦମନ କରିବା ପାଇଁ ନିର୍ଦ୍ଦେଶ ପ୍ରଦାନ

କଲେ । ଗାରିସନ୍‌ଙ୍କୁ ଅପହରଣ କରି ଆଣି ପ୍ରଶାସନ ହସ୍ତରେ ସମର୍ପଣ କରିପାରିବା ବ୍ୟକ୍ତିଙ୍କୁ ୫୦୦୦ ପାଉଣ୍ଡର ପୁରସ୍କାର ରାଶି ପ୍ରଦାନ କରିବା ପାଇଁ ଜର୍ଜିଆର ବିଧେୟକ ଘୋଷଣା କଲା । ରାଜ୍ୟର କ୍ରୀତଦାସ ଆଇନକୁ ଅଧିକ ଶକ୍ତିଶାଳୀ କରାଗଲା । କ୍ରୀତଦାସତ୍ୱ ସପକ୍ଷବାଦୀମାନେ ଯୁକ୍ତି କଲେ ଯେ, "ରାଜନୈତିକ ଓ ସାମାଜିକ ଆନନ୍ଦ ପାଇଁ ସର୍ବଦା କ୍ରୀତଦାସତ୍ୱ ସର୍ବାପେକ୍ଷା ଅଧିକ ଉପଯୁକ୍ତ ବ୍ୟବସ୍ଥା ଅଟେ । ଏକ ରାଜନୈତିକ କୁକାର୍ଯ୍ୟ ହେବା ସତ୍ତ୍ୱେ ଗୃହକ୍ରୀତଦାସତ୍ୱ ଆମ୍ଭ ଗଣତାନ୍ତ୍ରିକ ହର୍ମ୍ୟର ଭିତ୍ତି ପ୍ରସ୍ତର ଅଟେ । କୃଷ୍ଣକାୟମାନେ କ୍ରୀତଦାସତ୍ୱ ପାଇଁ ବିଧି ନିର୍ଦ୍ଦିଷ୍ଟ ଅଟନ୍ତି । ଈଶ୍ୱରଙ୍କ ଇଚ୍ଛା ବିରୁଦ୍ଧରେ କୌଣସି ମନୁଷ୍ୟକୃତ ବ୍ୟବସ୍ଥା ଚିରକାଳ ତିଷ୍ଠି ରହିପାରିବ ନାହିଁ" । ଅନେକ ସମୟରେ କ୍ରୀତଦାସତ୍ୱ ବ୍ୟବସ୍ଥାର ସମର୍ଥକମାନେ ହିଂସାତ୍ମକ ଆନ୍ଦୋଳନମାନ କରିବାକୁ ପଛାଉ ନଥିଲେ । ସେମାନେ କ୍ରୀତଦାସତ୍ୱ ବିରୋଧି ସମ୍ବାଦପତ୍ରକୁ ବିତରଣ ପୂର୍ବରୁ ପୋଡ଼ି ପକାଉଥିଲେ । ଗାରିସନଙ୍କ ପରି କ୍ରୀତଦାସତ୍ୱ ଉଚ୍ଛେଦକାରୀ ସ୍ୱେଚ୍ଛାସେବୀଙ୍କୁ ସେମାନଙ୍କ ଆକ୍ରୋଶର ଶୀକାର ହେବାରୁ ପଡ଼ିଥିଲା ଏବଂ ତାଙ୍କର ବ୍ୟକ୍ତିଗତ ସୁରକ୍ଷା ପାଇଁ ପ୍ରଶାସନ ପକ୍ଷରୁ ତାଙ୍କୁ ବନ୍ଦୀଶାଳରେ ରଖାଯାଇଥିଲା ।

ଏହିପରି ବାଦବିବାଦ ମଧ୍ୟରେ ୧୮୪୮ ଖ୍ରୀ:ଅ:ର ନିର୍ବାଚନ ପରେ ୧୮୫୦ ଖ୍ରୀ:ଅ:ରେ ଉତ୍ତରାଞ୍ଚଳ ଓ ଦକ୍ଷିଣାଞ୍ଚଳ ମଧ୍ୟସ୍ଥ ବିବାଦୀୟ ପ୍ରସଙ୍ଗଗୁଡ଼ିକୁ ନେଇ ଆମେରିକାର କଂଗ୍ରେସ କେତେକ ବୁଝାମଣାର ଉପନୀତ ହୋଇଥିଲା, ଯାହା ସାମୟିକ ରୂପେ କ୍ରୀତଦାସତ୍ୱ ଉଚ୍ଛେଦ ଆନ୍ଦୋଳନକୁ ପ୍ରଶମିତ କରିଥିଲା ।

ଅତିଶୀଘ୍ର କାନ୍‌ସାସ୍-ନେବ୍ରାସ୍କା ବିଲ୍-୧୮୫୪, କାନ୍‌ସାସ ଓ ଲୋକେମ୍ପିସନ୍ ସମ୍ବିଧାନ-୧୮୫୭, ଡ୍ରେଡ୍ ସ୍କଟ ନିଷ୍ପତ୍ତି-୧୮୫୭ ଏବଂ ଜନ୍ ବ୍ରାଉନ୍ ଚଢ଼ାଉ-୧୮୫୮ ଘଟଣାଗୁଡ଼ିକ ପୁର୍ନବାର କ୍ରୀତଦାସତ୍ୱ ପ୍ରଶ୍ନକୁ ଉଜ୍ଜିବିତ କରିଥିଲା, ଯାହା ଆମେରିକାକୁ ଗୃହ ଯୁଦ୍ଧ ଦିଗରେ ପଥ କଢ଼ାଇ ନେଇଥିଲା । ଗୃହଯୁଦ୍ଧର ସମାପ୍ତି ପରେ ଆବ୍ରାହିମ ଲିଙ୍କନ୍‌ଙ୍କ ରାଷ୍ଟ୍ରପତିତ୍ୱ ସମୟ କାଳରେ ଆଇନତଃ କ୍ରୀତଦାସ ପ୍ରଥାର ସଫଳତାର ସହ ଉଚ୍ଛେଦ ହୋଇପାରିଥିଲା ।

ଆଦର୍ଶ ପ୍ରଶ୍ନାବଳୀ

୧ । ଆମେରିକାର ବିଭିନ୍ନ ଆଞ୍ଚଳିକ ମଣ୍ଡଳ ବିଷୟରେ ଆଲୋଚନା କର ।

୨ । ଆଫ୍ରିକୀୟ କ୍ରୀତଦାସମାନଙ୍କର ଆବଶ୍ୟକତା ବିଷୟରେ ବର୍ଣ୍ଣନା କର ।

୩ । କ୍ରୀତାଦାସ ପ୍ରଥା ଉଚ୍ଛେଦ ଆନ୍ଦୋଳନ ଉପରେ ଆଲୋକପାତ କର ।

UNIT - III

ନବଜାଗରଣ

[THE RENAISSANCE]

ଅଧ୍ୟାୟ ୭

ନବଜାଗରଣ

[RENAISSANCE]

ପାଶ୍ଚାତ୍ୟ ଜଗତ ମଧ୍ୟଯୁଗୀୟ ଦର୍ଶନକୁ ଦୀର୍ଘ ଶତାବ୍ଦୀ ଶତାବ୍ଦୀ ଧରି ସହ୍ୟ କରିବା ପରେ ଏହା କ୍ରମଶଃ ଅସହ୍ୟ ହେବାରୁ ୧୫ଶରୁ ୧୬ଶ ଶତାବ୍ଦୀ ମଧ୍ୟରେ ଏହି ଦର୍ଶନର ମୌଳିକ ପରିବର୍ତ୍ତନ ଅବଶମ୍ଭାବି ହୋଇପଡ଼ିଲା, ଯାହାକି ''ପାଶ୍ଚାତ୍ୟ ସଭ୍ୟତାର ନବ ଉନ୍ମେଷା ବା ନବଜାଗରଣ''ରେ ପରିଣତ ହେଲା । ଫରଗୁସନ୍ ବୃନ୍ଙ୍କ ମତରେ, ''ଅଭ୍ୟୁତ୍ଥାନର ଯୁଗ ଏକ ବିପର୍ଯ୍ୟସ୍ତ ପରିସ୍ଥିତି ଥିଲା ଯାହାକି ଅନେକ ମଧ୍ୟଯୁଗୀୟ ବିଶ୍ୱାସକୁ ଏବେ ମଧ୍ୟ ଦୃଢ ରୂପେ ଧରିରଖିଥିଲେ, ମାତ୍ର ଅଧିକାଂଶ କ୍ଷେତ୍ରରେ ଆଧୁନିକତାର ଛାପ ସ୍ପଷ୍ଟ ବାରି ହୋଇପଡ଼ିବା ସଙ୍ଗେ ସଙ୍ଗେ ଅନେକ ସେଗୁଡ଼ିକର ନିଜର ସ୍ୱତନ୍ତ୍ରତା ଜାହିର କରୁଥିଲେ । ଯଦିଓ ଏହା ମଧ୍ୟଯୁଗୀୟ ଓ ଆଧୁନିକ ସମୟ ମଧ୍ୟରେ ଯୋଗସୂତ୍ର ରକ୍ଷା କରୁଥିଲା ତଥାପି ଏହା ସ୍ୱକୀୟ ଭାବେ ସାଂସ୍କୃତିକ, ରାଜନୈତିକ, ସାମାଜିକ ଓ ବୌଦ୍ଧିକ ଅଭ୍ୟୁଥାନର ଏକ ମିଶ୍ରିତ ପରିଭାଷା ଥିଲା'' ।

ଫରାସୀ ଶବ୍ଦ 'ରେନାଁସା' (Renaissance)ର ଇଂରାଜୀ ଅର୍ଥ ହେଲା 'ରିବାର୍ଥ' (Rebirth); ଏଣୁ ଓଡ଼ିଆରେ ଏହାର ଆକ୍ଷରିକ ଅର୍ଥ 'ପୁନର୍ଜନ୍ମ' ହେଲେ ମଧ୍ୟ ଇତିହାସରେ ଏହାକୁ ସଂସ୍କୃତି ଓ ସଭ୍ୟତାର ପୁର୍ନରୁତ୍ଥାନ ବା ନବଜାଗରଣ ବୋଲି ଅଭିହିତ କରାଯାଏ । ପ୍ରସିଦ୍ଧ ଐତିହାସିକ ସେଭିଲ୍ଙ୍କ ମତରେ, ''ନବ ଉନ୍ମେଷା ବା ନବଜାଗରଣ ମଧ୍ୟଯୁଗୀୟ ସଭ୍ୟତାର ତତ୍‌କାଳ ଅନ୍ତ ନୁହେଁ ବରଂ ଏହା ଏକ କ୍ରମବର୍ଦ୍ଧିଷ୍ଣୁ ପରିବର୍ତ୍ତନ ଯାହାକୁ ମଧ୍ୟଯୁଗୀୟ ୟୁରୋପୀୟ ଅପସଂସ୍କୃତିର ଅବକ୍ଷୟ ଓ ଆଧୁନିକ ଯୁଗର ସମସ୍ତ ବୌଦ୍ଧିକ ଜାଗରଣର ଏକ ଘଡ଼ିସନ୍ଧି ସମୟ ବୋଲି କୁହାଯାଇପାରେ ।''

ଏହି ନବଜାଗରଣ ସାଧାରଣ ଜନତାକୁ ସମାଜରେ ଏକ ସମ୍ମାନସ୍ପଦ ଆସନ ଦେଇଥିଲା । ଏହି ସମୟରେ ଜଣେ ନିଜ ପସନ୍ଦର ଧର୍ମ ଓ ବୃତ୍ତି ଅନୁସରଣ କରିପାରୁଥିଲା ଏବଂ ତାହା ପସନ୍ଦ ନ ହେଲେ ସେଥିରୁ ସହଜରେ ଓହରି ମଧ୍ୟ ଆସିପାରୁଥିଲା । ଏହି ସମୟରେ ଜନତାମାନଙ୍କ ମଧ୍ୟରେ ଅନୁସନ୍ଧିତ୍ସା ଓ ଜ୍ଞାନ ପିପାସା ବୃଦ୍ଧି ପାଇଥିଲା । ଏହା ପୂର୍ବରୁ ଲୋକମାନେ ପୋପ୍ଙ୍କ ବାଣୀକୁ ଅନ୍ଧ ଭାବରେ ଅନୁସରଣ କରୁଥିଲେ, କିନ୍ତୁ ସଭ୍ୟତାର ନବ ଅଭ୍ୟୁଥାନରେ ସାଧାରଣ ଲୋକମାନେ ଅଜ୍ଞାନ ଅନ୍ଧାରର ସୁପ୍ତତାରୁ ଜାଗ୍ରତ ହୋଇଉଠିଲେ ତଥା ଭୁଲ୍ ଓ ଠିକ୍ କ'ଣ ସେ ବିଷୟରେ ତର୍ଜମା କଲେ । ଏହି ପରିପ୍ରେକ୍ଷୀରେ ଥେଚରଙ୍କ ଉଲ୍ଲେଖ ପ୍ରଣିଧାନଯୋଗ୍ୟ, ''ନବ ଉନ୍ମେଷା ବ୍ୟକ୍ତିଗତ ଗୁରୁତ୍ୱକୁ ପ୍ରତିପାଦିତ କରିବା ସଙ୍ଗେ ସଙ୍ଗେ ସମାଲୋଚନା ଓ ଜିଜ୍ଞାସାର ଆବଶ୍ୟକତାକୁ ହୃଦୟଙ୍ଗମ କରିଥିଲା ଏବଂ ଦୀର୍ଘକାଳରୁ ପ୍ରଚଳିତ ହୋଇ ଆସିଥିବା ଗୀର୍ଜାଗୁଡ଼ିକର ଆଧିପତ୍ୟକୁ କ୍ରମେ ଦୁର୍ବଳ କରି ଦେଇଥିଲା ।''

ଜଣେ ପ୍ରସିଦ୍ଧ ଐତିହାସିକଙ୍କ ମତରେ, ''ନବଉନ୍ମେଷା ଥିଲା ଏକ ମହାନ ପରିବର୍ତ୍ତନ ଯାହାକି ମଧ୍ୟଯୁଗୀୟ ପ୍ରଗତିହୀନ ୟୁରୋପୀୟ ଅର୍ଥନୀତି ଓ ଅର୍ନ୍ତଦେଶୀୟ ଜାତୀୟତାକୁ ପରିତ୍ୟାଗ କରି, ସେଗୁଡ଼ିକ ସ୍ଥାନରେ ପ୍ରଗତିବାଦୀ, ବ୍ୟକ୍ତିକୈନ୍ଦ୍ରିକ, ବସ୍ତୁବାଦୀ, ଦାସତ୍ୱ ମୁକ୍ତ ଓ ନିଜସ୍ୱ ଅର୍ଥନୀତି ତଥା ଜାତୀୟତାକୁ ପ୍ରତିଷ୍ଠା କରିଥିଲା'' ।

ନବଜାଗରଣର ଇଟାଲୀୟ ପୃଷ୍ଠଭୂମି (The Italian Background of the Renaissance) :

ବିଭିନ୍ନ କାରଣଗୁଡ଼ିକ ଯୋଗୁ ଇଟାଲୀରେ ନବଜାଗରଣର ଅଭ୍ୟୁଦୟ ଘଟିଥିଲା। ସେହି କାରଣଗୁଡ଼ିକ ମଧ୍ୟରୁ ପ୍ରମୁଖ ତିନିଗୋଟି କାରଣ ହେଲା—

(୧) ଇଟାଲୀର ଅତି ପ୍ରଗତିଶୀଳ ନଗର ସମାଜ।

(୨) ପ୍ରାଚୀନ ଅତୀତସହ ଥିବା ଇଟାଲୀର ନିବିଡ଼ ସମ୍ପର୍କ।

(୩) ଇଟାଲୀର ସ୍ୱଚ୍ଛଳ ଆର୍ଥିକ ଅବସ୍ଥା।

ବିଳମ୍ବିତ ମଧ୍ୟଯୁଗରେ ୟୁରୋପର ସର୍ବାପେକ୍ଷା ଅଧିକ ବିକାଶ ଲାଭ କରିଥିବା ସହାରାଞ୍ଚ ସାମାଜିକ ଗୋଷ୍ଠୀ ଇଟାଲୀର ନଗର ରାଜ୍ୟ (City states of Italy) ଗୁଡ଼ିକରେ ବସବାସ କରୁଥିଲେ। ଆଲ୍‌ପ୍‌ସର ଉତ୍ତରରେ ଥିବା ୟୁରୋପୀୟ ସମ୍ଭ୍ରାନ୍ତମାନେ ସାଧାରଣତଃ ଗ୍ରାମାଞ୍ଚଳର ଦୁର୍ଗ ସୌଧଗୁଡ଼ିକରେ ବସବାସ କରୁଥିବା ବେଳେ ଇଟାଲୀର ସମ୍ଭ୍ରାନ୍ତମାନେ ପ୍ରଚଳିତ ପ୍ରଥାନୁଯାୟୀ ନଗରରାଜ୍ୟଗୁଡ଼ିକରେ ବସବାସ କରିବା ସହ ନଗରଗୁଡ଼ିକର ସାଧାରଣ ପ୍ରସଙ୍ଗଗୁଡ଼ିକରେ ଓତଃପ୍ରୋତଃ ରୂପେ ଜଡ଼ିତ ରହୁଥିଲେ। ଅଧିକନ୍ତୁ ଇଟାଲୀର ସମ୍ଭ୍ରାନ୍ତମାନେ ସହରଗୁଡ଼ିକରେ ନିଜର ପ୍ରାସାଦ ନିର୍ମାଣ କରି ବସବାସ କରିବା ଫଳରେ ସେଠାରେ ବାସ କରୁଥିବା ଧନାଢ଼୍ୟ ବଣିକମାନଙ୍କ ସହ ବିନା କୌଣସି ସଂକୋଚରେ ସହଜ ସମ୍ପର୍କ ରକ୍ଷା କରିପାରିଥିଲେ; ଏଣୁ ଉତ୍ତର ୟୁରୋପରେ ବାସ କରୁଥିବା ସମ୍ଭ୍ରାନ୍ତ ଏବଂ ବଣିକମାନଙ୍କ ମଧ୍ୟସ୍ଥ ତୀବ୍ର ପାର୍ଥକ୍ୟତା ଇଟାଲୀର ନଗର ରାଜ୍ୟଗୁଡ଼ିକରେ ପରିଲକ୍ଷିତ ହୋଇ ନଥିଲା। ଏହିପରି ଫ୍ରାନ୍ସ କିମ୍ବା ଜର୍ମାନୀର ସମ୍ଭ୍ରାନ୍ତମାନେ ସେମାନଙ୍କର ଗ୍ରାମାଞ୍ଚଳ ଭୂସମ୍ପତ୍ତିର ଆୟ ଉପରେ ନିର୍ଭର କରୁଥିବା ବେଳେ, ସେଠାରେ ନଗର ନିବାସୀ ପୁଞ୍ଜିପତି (ବୁର୍ଜୁଆ)ମାନେ କେବଳ ବାଣିଜ୍ୟ ବ୍ୟବସାୟର ଆୟ ଉପରେ ନିର୍ଭରଶୀଳ ଥିଲେ। ମାତ୍ର ଇଟାଲୀର ଅନେକ ନଗର ନିବାସୀ ସମ୍ଭ୍ରାନ୍ତମାନେ ବ୍ୟାଙ୍କ ବ୍ୟବସ୍ଥା ପରିଚାଳନା କିମ୍ବା ବ୍ୟବସାୟିକ ସଂସ୍ଥାମାନ ସ୍ଥାପନ କରିଥିବା ବେଳେ ବହୁ ଧନାଢ଼୍ୟ ବ୍ୟବସାୟୀ ପରିବାରମାନେ ମଧ୍ୟ ସମ୍ଭ୍ରାନ୍ତମାନଙ୍କ ଜୀବନଶୈଳୀକୁ ଅନୁକରଣ କରିଥିଲେ। ଫଳରେ ଚତୁର୍ଦ୍ଦଶ ଏବଂ ପଞ୍ଚଦଶ ଶତାବ୍ଦୀ ବେଳକୁ ଇଟାଲୀର ନଗରରାଜ୍ୟଗୁଡ଼ିକରେ ବାସ କରୁଥିବା "ସମ୍ଭ୍ରାନ୍ତ" ଏବଂ "ଉଚ୍ଚଶ୍ରେଣୀର ଧନୀ ପୁଞ୍ଜିପତି ବ୍ୟବସାୟୀ" (ବୁର୍ଜୁଆ)ମାନଙ୍କ ମଧ୍ୟରେ କୌଣସି ବିଶେଷ ପାର୍ଥକ୍ୟ ପରିଲକ୍ଷିତ ହୋଇନଥିଲା। ଉଦାହରଣ ସ୍ୱରୂପ ଏକ ଚିକିତ୍ସକ ପରିବାର ରୂପେ ସୁପରିଚିତ ହୋଇଥିବା ପ୍ରସିଦ୍ଧ ଫ୍ଲୋରେନ୍ସୀୟ ମେଡ଼ିସ୍ ପରିବାର ନିଜର ଉତ୍ତମ ଭାଗ୍ୟାନ୍ୱେଷଣରେ ବ୍ୟାଙ୍କ ପରିଚାଳନା କ୍ଷେତ୍ରରେ ପ୍ରବେଶ କରି ପଞ୍ଚଦଶ ଶତାବ୍ଦୀ ବେଳକୁ ସମ୍ଭ୍ରାନ୍ତମାନଙ୍କ ସମକକ୍ଷ ହୋଇପାରିଥିଲେ। ଶିକ୍ଷା କ୍ଷେତ୍ରରେ ମୌଳିକ ପରିବର୍ତ୍ତନ ଘଟିଥିଲା। ଫଳରେ ସମ୍ଭ୍ରାନ୍ତ ଓ ଧନୀ ବଣିକମାନେ ନିଜ ପିଲାମାନଙ୍କ ଶିକ୍ଷା କେବଳ ବ୍ୟବସାୟ କ୍ଷେତ୍ରରେ ଜଣେ ସଫଳ ବଣିକ ହେବା ପାଇଁ ଆବଶ୍ୟକ ପଡୁଥିବା ପଢ଼ିବା ଓ ସଂଖ୍ୟାଗଣନାରେ ସୀମିତ ନ ରଖି ସର୍ବସାଧାରଣ କ୍ଷେତ୍ରରେ ଉତ୍ତମ ତର୍କ କରିବାର କୌଶଳ ଶିକ୍ଷା ଗ୍ରହଣ କରିବା ପାଇଁ ଉପଯୁକ୍ତ ଶିକ୍ଷକମାନଙ୍କର ଅନୁସନ୍ଧାନ କରିଥିଲେ। ଫଳରେ ଇଟାଲୀରେ ବହୁସଂଖ୍ୟକ ଧର୍ମନିରପେକ୍ଷ ଶିକ୍ଷକମାନଙ୍କର ସୃଷ୍ଟି ହୋଇଥିଲା। ସେମାନେ ଛାତ୍ରମାନଙ୍କୁ ଉପଯୁକ୍ତ ଶିକ୍ଷାପ୍ରଦାନ କରିବା ସହ ଅନେକ ମୂଲ୍ୟବାନ ରାଜନୈତିକ, ନୈତିକ ଏବଂ ସାହିତ୍ୟିକ ଗ୍ରନ୍ଥମାନ ମଧ୍ୟ ରଚନା କରିଥିଲେ। ସେମାନଙ୍କଠାରୁ ଶିକ୍ଷା ଗ୍ରହଣ କରିବା ଦ୍ୱାରା ସୃଷ୍ଟ ଉଚ୍ଚ ଶ୍ରେଣୀର ସମସ୍ତ ୟୁରୋପୀୟ ଧନାଢ଼୍ୟ ନାଗରିକମାନେ ନୂତନ ଆଦର୍ଶ, ସାହିତ୍ୟ ଏବଂ କଳାତ୍ମକ ଅଭିବ୍ୟକ୍ତିଗୁଡ଼ିକୁ ପୃଷ୍ଠପୋଷକତା କରିବା ପାଇଁ ସ୍ୱେଚ୍ଛାକୃତ ରୂପେ ଆଗେଇ ଆସିଥିଲେ।

(ନବଜାଗରଣ ସମୟର ଇଟାଲୀୟ ରାଜ୍ୟସମୂହ, ୧୪୯୪ ଖ୍ରୀ:ଅ:)

ବିଳମ୍ବିତ ମଧ୍ୟଯୁଗୀୟ ଇଟାଲୀ ବୌଦ୍ଧିକ ଏବଂ କଳାତ୍ମକ ନବଜାଗରଣର ଏନ୍ତୁଡ଼ିଶାଳ ହେବାର ଦ୍ୱିତୀୟ କାରଣ ହେଲା ଅନ୍ୟ ସମସ୍ତ ପଶ୍ଚିମ ୟୁରୋପୀୟ ଅଞ୍ଚଳ ଅପେକ୍ଷା ଇଟାଲୀ ପ୍ରାଚୀନ ଅତୀତର ଗୌରବମୟ ପରମ୍ପରାସହ ଅଧିକ ସୁସମ୍ପର୍କ ରଖିପାରିବାରେ ସମର୍ଥ ହେବା । ନଗର ରାଜନୀତିକୁ ସାଫଲ୍ୟମଣ୍ଡିତ କରିବା ପାଇଁ ଆବଶ୍ୟକ ହେଉଥିବା ଶିକ୍ଷା ପ୍ରାଚୀନ ଲାଟିନ୍ ଓ ଗ୍ରୀକ୍ ଗ୍ରନ୍ଥଗୁଡ଼ିକରୁ ପ୍ରାପ୍ତ ହେଉଥିଲା । କାରଣ ରାଜନୀତି ତଥା ରାଜନୈତିକ ଅର୍ଥହୀନ ଆଳଙ୍କାରିକ ଶବ୍ଦାବଳୀଗୁଡ଼ିକ ମଧ୍ୟଯୁଗୀୟ ଅପେକ୍ଷା ଅଧିକତର ରୂପେ ପ୍ରାଚୀନ ସାହିତ୍ୟିକ କଳା ଥିଲା । ଚତୁର୍ଦ୍ଦଶ ଶତାବ୍ଦୀରେ ଅଧିକାଂଶ ସମୟ କାଳ ପାଇଁ ପୋପ୍‌ଙ୍କ କାର୍ଯ୍ୟାଳୟ ଆଭିଗ୍ନନ୍‌କୁ ସ୍ଥାନାନ୍ତରିତ ହେବା ଏବଂ ତତ୍‌ପରେ ୧୩୭୮ ଖ୍ରୀ:ଅ:ରୁ ୧୪୧୫ ଖ୍ରୀ:ଅ: ପର୍ଯ୍ୟନ୍ତ ଦୀର୍ଘକାଳ ଧରି ଚାଲିଥିବା ''ମହାନ ଧର୍ମବିଭାଜନକାରୀ କନ୍ଦଳ'' (Great Schism) ଇଟାଲୀ ଏବଂ ଫ୍ରାନ୍ସ ମଧ୍ୟସ୍ଥ ବିରୋଧକୁ ଶିଖରରେ ପହଞ୍ଚାଇ ଥିଲା । ମାତ୍ର ଚତୁର୍ଦ୍ଦଶ ଶତାବ୍ଦୀରେ ତତ୍କାଳୀନ ପ୍ରଚଳିତ ଶିକ୍ଷା ବ୍ୟବସ୍ଥାକୁ ନେଇ ସମସ୍ତ କ୍ଷେତ୍ରରେ ପ୍ରତିକ୍ରିୟା ଦେଖାଯାଇଥିଲା, ଯାହା ସ୍ୱାଭାବିକ ରୂପେ ଇଟାଲୀୟମାନଙ୍କୁ ଏକ ବିକଳ୍ପ ବ୍ୟବସ୍ଥା ରୂପେ ପ୍ରାଚୀନ ସାହିତ୍ୟିକ ଉତ୍ସଗୁଡ଼ିକୁ ଗ୍ରହଣ କରିବା ପାଇଁ ପ୍ରେରିତ କରିଥିଲା । ପ୍ରାଚୀନ ରୋମାନୀୟ ସାହିତ୍ୟ ଏବଂ ଶିକ୍ଷା ବ୍ୟବସ୍ଥା ଇଟାଲୀରେ ଆଦୃତ ହେବା ପରେ ରୋମାନୀୟ କଳା ଏବଂ ସ୍ଥାପତ୍ୟ ମଧ୍ୟ ଆଦୃତି ଲାଭ କରିଥିଲା । ଏଣୁ ରୋମାନୀୟ ସ୍ଥାପତ୍ୟ ନମୁନାଗୁଡ଼ିକ ଇଟାଲୀୟମାନଙ୍କୁ ଫରାସୀୟ ଗୋଥିକ୍ ଶୈଳୀର ବିକଳ୍ପ ରୂପେ ଆକର୍ଷଣୀୟ ସ୍ଥାପତ୍ୟ ସୃଷ୍ଟି ପାଇଁ ଅନୁପ୍ରାଣିତ କରିଥିଲା । ସେହିପରି ରୋମାନୀୟ ଜ୍ଞାନ ଆହରଣ ଇଟାଲୀୟମାନଙ୍କୁ ଫରାସୀ ଶିକ୍ଷାବ୍ୟବସ୍ଥାର ଏକ ବିକଳ୍ପ ପ୍ରଦାନ କରିଥିଲା ।

ଇଟାଲୀୟ ନବଜାଗରଣର ତୃତୀୟ କାରଣ ଥିଲା ଇଟାଲୀର ତତ୍କାଳୀନ ସ୍ୱଚ୍ଛଳ ଆର୍ଥିକ ଅବସ୍ଥା ଏବଂ ଇଟାଲୀୟ ଧନାଢ୍ୟ ବ୍ୟକ୍ତିମାନଙ୍କର ସ୍ୱେଚ୍ଛାକୃତ ପୃଷ୍ଠପୋଷକତା। ସାମଗ୍ରିକ ରୂପେ ଇଟାଲୀର ତ୍ରୟୋଦଶ ଶତାବ୍ଦୀର ଆର୍ଥିକ ସ୍ୱଚ୍ଛଳତା ଚତୁର୍ଦ୍ଦଶ ଏବଂ ପଞ୍ଚଦଶ ଶତାବ୍ଦୀର ଆର୍ଥିକ ସ୍ୱଚ୍ଛଳତା ଅପେକ୍ଷା ଅଧିକ ଉତ୍ତମ ଥିଲା; ମାତ୍ର ବିଳମ୍ବିତ ମଧ୍ୟଯୁଗୀୟ ଇଟାଲୀ ୟୁରୋପର ଅନ୍ୟାନ୍ୟ ରାଷ୍ଟ୍ରଗୁଡ଼ିକ ଅପେକ୍ଷା ଅଧିକ ବିତ୍ତଶାଳୀ ଥିଲା। ଏଣୁ ଇଟାଲୀୟ ସାହିତ୍ୟିକ ଏବଂ ଶିଳ୍ପୀମାନେ ନିଯୁକ୍ତି ଅନ୍ୱେଷଣରେ ଅନ୍ୟ ରାଷ୍ଟ୍ରକୁ ସ୍ଥାନାନ୍ତରିତ ନ ହୋଇ ନିଜ ଦେଶରେ ରହି ଉଭୟ ସାହିତ୍ୟ ଓ ବିଭିନ୍ନ କଳାକୁ ସମୃଦ୍ଧ କରିଥିଲେ। ଇଟାଲୀରେ ୧୨୫୦ ଖ୍ରୀ:ଅ:ରୁ ପ୍ରାୟ ୧୪୦୦ ବା ୧୪୫୦ ଖ୍ରୀ:ଅ: ମଧ୍ୟସ୍ଥ ସଂସ୍କୃତି ବିକାଶକୁ ନଗର ନିବାସୀ ସାଧାରଣ ନାଗରିକମାନେ ସମର୍ଥନ ପ୍ରଦାନ କରିବା ଆରମ୍ଭ କରିଥିଲେ। ସ୍ଥଳବିଶେଷରେ ବ୍ୟକ୍ତିଗତ ରୂପେ ମଧ୍ୟ ଏପରି ସାଂସ୍କୃତିକ ବିକାଶକୁ ଅନେକ ଧନୀ ନାଗରିକମାନେ ପୃଷ୍ଠପୋଷକତା କରିଥିଲେ। ପ୍ରଥମ ପର୍ଯ୍ୟାୟରେ ବିତ୍ତଶାଳୀ ନଗରଗୁଡ଼ିକ ପରସ୍ପର ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ପୂର୍ବକ ସର୍ବୋତ୍କୃଷ୍ଟ ସର୍ବସାଧାରଣ ବିଶାଳ ତଥା ଆକର୍ଷଣୀୟ ସ୍ମାରକୀଗୁଡ଼ିକର ନିର୍ମାଣ କରିଥିଲେ। ସେମାନେ ମଧ୍ୟ ତାଙ୍କ ନଗର ରାଜ୍ୟକୁ ଗୌରବାନ୍ୱିତ କରୁଥିବା ସାହିତ୍ୟିକମାନଙ୍କୁ ସମସ୍ତ ପ୍ରକାର ସମର୍ଥନ ପ୍ରଦାନ କରୁଥିଲେ। ମାତ୍ର ଯେତେବେଳେ ଅଧିକାଂଶ ଇଟାଲୀୟ ନଗର-ରାଜ୍ୟଗୁଡ଼ିକ ରାଜ ପରିବାରଗୁଡ଼ିକର ବଂଶାନୁକ୍ରମିକ ଶାସନ ଅଧୀନକୁ ଚାଲିଯାଇଥିଲା, ସେତେବେଳେ କଳା, ସ୍ଥାପତ୍ୟ ଓ ସାହିତ୍ୟର ପୃଷ୍ଠପୋଷକତା ରାଜକୀୟ ସମ୍ଭ୍ରାନ୍ତମାନଙ୍କର ଏକଚାଟିଆ ବ୍ୟକ୍ତିଗତ କର୍ତ୍ତୃତ୍ୱକୁ ଚାଲିଯାଇଥିଲା। ଏହି ସମୟରେ ମିଲାନ୍‌ରେ ଭିସ୍କୋଣ୍ଟି ଓ ସଫୋର୍ଜା, ଫ୍ଲୋରେନ୍ସରେ ମେଡ଼ିସି, ଫେରାରାରେ ଇଷ୍ଟେ ଏବଂ ମଣ୍ଟୁଆରେ ଗୋଞ୍ଜାଗାମାନେ ନିଜକୁ ଗୌରବାନ୍ୱିତ କରିବା ପାଇଁ ସେମାନଙ୍କ ରାଜଦରବାରର ଛତ୍ରଛାୟା ତଳେ କଳା ଓ ସାହିତ୍ୟକୁ ପୃଷ୍ଠପୋଷକତା କରିଥିଲେ। ଏହି ପରମ୍ପରାକୁ ଅପେକ୍ଷାକୃତ କ୍ଷୁଦ୍ର ସମ୍ଭ୍ରାନ୍ତ ପରିବାରମାନେ ସୀମିତ ରୂପେ ଅନୁକରଣ କରିଥିଲେ। ୧୪୫୦ ଖ୍ରୀ:ଅ:ରୁ ୧୫୫୦ ଖ୍ରୀ:ଅ: ପର୍ଯ୍ୟନ୍ତ ଇଟାଲୀର ସମ୍ରାଟମାନେ ରୋମର ପୋପ ଥିଲେ ଏବଂ ସେମାନେ ନିଜସ୍ୱ ପୋପ୍ ସାମ୍ରାଜ୍ୟକୁ ସୁଦୃଢ଼ ରଖିପାରିଥିଲେ। ନବଜାଗରଣ ଯୁଗର ପ୍ରସିଦ୍ଧ ପୋପ୍‌ମାନଙ୍କ ମଧ୍ୟରେ ଆଲେକ୍ସଜାଣ୍ଡର-ଷଷ୍ଠ (୧୪୯୨-୧୫୦୩ ଖ୍ରୀ:ଅ:), ଜୁଲିୟସ୍-ଦ୍ୱିତୀୟ (୧୫୦୩-୧୫୧୩ ଖ୍ରୀ:ଅ:) ଏବଂ ଲିଓ-ଦଶମ (୧୫୧୩-୧୫୨୧ ଖ୍ରୀ:ଅ:) ପ୍ରସିଦ୍ଧ ଶିଳ୍ପୀ ଓ ସାହିତ୍ୟିକମାନଙ୍କ ସେବା ଉପଲବ୍ଧ କରିପାରିଥିଲେ। ଏମାନଙ୍କ ଶାସନ କାଳରେ କେତେକ ଦଶନ୍ଧି ଧରି ରୋମ ଅପ୍ରତିଦ୍ୱନ୍ଦ୍ୱୀ ରୂପେ ପାଶ୍ଚାତ୍ୟ ବିଶ୍ୱର କଳାତ୍ମକ ରାଜଧାନୀର ମାନ୍ୟତାକୁ ବଜାଇ ରଖିପାରିଥିଲା।

ନବଜାଗରଣର ସାମାଜିକ ଉତ୍ସ (The Social Roots of Renaissance):

ନିମ୍ନଲିଖିତ ସାମାଜିକ ଉତ୍ସଗୁଡ଼ିକରୁ ନବଜାଗରଣର ଉନ୍ମେଷ ହୋଇଥିଲା–

(୧) କନ୍‌ଷ୍ଟାଣ୍ଟିନୋପଲ୍‌ର ପତନ (Fall of Constantinople) :

ମଧ୍ୟଯୁଗୀୟ ୟୁରୋପରେ କନ୍‌ଷ୍ଟାଣ୍ଟିନୋପଲ୍ ଖ୍ରୀଷ୍ଟଧର୍ମ ଓ ଲଳିତ କଳାର ପ୍ରମୁଖ କେନ୍ଦ୍ରସ୍ଥଳୀ ଥିଲା । ଓଟୋମାନ୍ ତୁର୍କମାନେ ୧୪୫୩ ଖ୍ରୀ:ଅ.ରେ କନ୍‌ଷ୍ଟାଣ୍ଟିନୋପଲ୍ ଉପରେ ବିଜୟ ହାସଲ କରି, ଏଠାରେ ଥିବା ଖ୍ରୀଷ୍ଟିୟ ପଣ୍ଡିତମାନଙ୍କୁ ଅନ୍ୟ ୟୁରୋପୀୟ ଦେଶମାନଙ୍କୁ ପଳାୟନ କରିବାକୁ ବାଧ୍ୟ କରିଥିଲେ । ଏହି ଶାସ୍ତ୍ରଜ୍ଞ ଶରଣାର୍ଥୀମାନଙ୍କର ଶିକ୍ଷା ଓ ପାଣ୍ଡିତ୍ୟର ଗଭୀରତାରେ ୟୁରୋପୀୟମାନେ ଚମକୃତ ହୋଇଥିଲେ । ଐତିହାସିକ ଏ.ଜି. ଗ୍ରାଣ୍ଟଙ୍କ ମତରେ, ''ତୁର୍କୀମାନଙ୍କ ଦ୍ୱାରା ୧୪୫୩ ଖ୍ରୀ:ଅ.ରେ କନ୍‌ଷ୍ଟାଣ୍ଟିନୋପଲ୍ ଅଧିକୃତ ହେବା ଫଳରେ, ଗ୍ରୀକ୍ ପଣ୍ଡିତମାନେ ବାଧ୍ୟ ହୋଇ ଇଟାଲୀକୁ ପଳାୟନ କରିବା ଘଟଣା ନବଜାଗରଣ ଆନ୍ଦୋଳନକୁ ଅଧିକ ଗତିଶୀଳ କଲା ।''

ଗ୍ରୀକ୍ ଓ ଖ୍ରୀଷ୍ଟିୟ ପଣ୍ଡିତମାନେ ପରସ୍ପର ସଂସ୍ପର୍ଶରେ ଆସିବା ବିଷୟରେ ହେସ୍‌ଙ୍କ ମତାମତ ହେଲା, ''ଗ୍ରୀକ୍‌ମାନଙ୍କ ସମ୍ପର୍କରେ ଆସିବାରୁ ୟୁରୋପୀୟମାନେ ଗ୍ରୀକ୍ ଓ ରୋମାନ ଶାସ୍ତ୍ରଗୁଡ଼ିକ ବିଷୟରେ ଅନୁସନ୍ଧିତ୍ସୁ ହୋଇପଡ଼ିଲେ । ଧୈର୍ଯ୍ୟର ସହ ସେମାନେ ସେହି ପ୍ରାଚୀନ ସଂସ୍କୃତିର ଅଧ୍ୟୟନ କରିବା ସଙ୍ଗେ ସଙ୍ଗେ ସେଥିରୁ ସାର ସଂଗ୍ରହ କରି ନିଜର ମଧ୍ୟଯୁଗୀୟ ସ୍ୱଳ୍ପ ଜ୍ଞାନକୁ ପ୍ରବୃଦ୍ଧ କରିଥିଲେ ।''

(୨) ଶାସ୍ତ୍ର ଓ ଦର୍ଶନର ପ୍ରଭାବ (Influence of Treaties and Philosophy):

କନ୍‌ଷ୍ଟାଣ୍ଟିନୋପଲ୍‌ରୁ ଚାଲି ଆସିଥିବା ପଣ୍ଡିତମାନେ ଇଟାଲୀରେ ବସବାସ କରିବାକୁ ଲାଗିଲେ ଏବଂ ସେ ଦେଶର ପଣ୍ଡିତମାନଙ୍କ ସହ ସୁସମ୍ପର୍କ ସ୍ଥାପନ କଲେ । ଇଟାଲୀୟ ପଣ୍ଡିତମାନେ ଗ୍ରୀକ୍ ଓ ଲାଟିନ୍ ଶାସ୍ତ୍ରଗୁଡ଼ିକୁ ଅଧ୍ୟୟନ କରି ସାଧାରଣ ଲୋକଙ୍କ ବୋଧଗମ୍ୟ ପାଇଁ ଇଟାଲୀୟ ଭାଷାକୁ ଭାଷାନ୍ତର କଲେ । ଏହି ଯୁଗର ସମସାମୟିକ ପଣ୍ଡିତମାନଙ୍କ ମଧ୍ୟରେ ପ୍ରେଟାର୍କ, ଦାନ୍ତେ, ଚସର୍, ବ୍ରୁନେ ଏବଂ ଏରାସ୍‌ମସ୍ ଆଦି ପ୍ରମୁଖ ଅଟନ୍ତି । ନବଉନ୍ମେଷା ପାଇଁ ଏମାନଙ୍କ ଯୋଗଦାନ ଚିରସ୍ମରଣୀୟ । ଏହି ବିଚକ୍ଷଣ ପଣ୍ଡିତମାନଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ଜନସାଧାରଣ ଅଜ୍ଞାନ ଓ ଅନ୍ଧବିଶ୍ୱାସରୁ ଦୂରେଇ ଆସି ପ୍ରତ୍ୟେକ ବିଷୟରେ ଅନିସନ୍ଧିତ୍ସୁ ହୋଇଉଠିଲେ ।

(୩) ଧର୍ମୀୟ ଯୁଦ୍ଧର ପ୍ରଭାବ (Influence of Religious war) :

ମଧ୍ୟଯୁଗୀୟ ସମୟକୁ ଧର୍ମଯୁଦ୍ଧର ଯୁଗ କହିଲେ ଅତ୍ୟୁକ୍ତି ହେବ ନାହିଁ । ଅନେକ ଯୋଦ୍ଧା ଏହି ଯୁଦ୍ଧରେ ସାମିଲ ହୋଇଥିଲେ । ମୁଖ୍ୟତଃ ଜେରୁଜେଲମ୍‌ର ଅଧିକାରକୁ ନେଇ ଇସଲାମୀୟ ଓ ଖ୍ରୀଷ୍ଟଧର୍ମାବଲମ୍ବୀମାନଙ୍କ ମଧ୍ୟରେ ତିନିଗୋଟି ପ୍ରଧାନ ଯୁଦ୍ଧ ସଂଘଟିତ ହୋଇଥିଲା । ଏହି ଯୁଦ୍ଧ ପାଇଁ ଗୋଟିଏ ଦେଶର ଖ୍ରୀଷ୍ଟିଆନମାନେ ଅନ୍ୟ ଖ୍ରୀଷ୍ଟିଆନ ଦେଶର ସାହାଯ୍ୟ ପାଇଁ ହାତ ବଢ଼ାଇଥିଲେ । ପରସ୍ପର ସମ୍ପର୍କରେ ଆସିବାରୁ ସେମାନଙ୍କର ଜ୍ଞାନ ଓ ଚିନ୍ତାଧାରାରେ ଅନେକ ଉନ୍ନତି ପରିଲକ୍ଷିତ ହୋଇଥିଲା । ଏଚ୍.ଏ.ଏଲ୍.ଫିସରଙ୍କ ଅନୁଧ୍ୟାନ ଅନୁସାରେ, ''ଗୀର୍ଜା ଏବଂ ଶାସନତନ୍ତ୍ର ମଧ୍ୟରେ ଥିବା ମତଭେଦ ହିଁ ୟୁରୋପୀୟମାନଙ୍କୁ ଧର୍ମ ବିଷୟରେ ଚିନ୍ତା କରିବାକୁ ବାଧ୍ୟ କରିଥିଲା ।'' ଏହି ବିଷୟରେ ଏ.ଜେ. ଗ୍ରାଣ୍ଟ୍ ମତପୋଷଣ କରନ୍ତି, ''ଯେଉଁମାନେ ଦେଖିପାରୁଥିଲେ, ସେମାନଙ୍କ ପାଇଁ ଗୋଟିଏ ନୂତନ ସ୍ୱର୍ଗ ଓ ନୂତନ ପୃଥିବୀର ଆବିର୍ଭାବ ହେଉଥିଲା ।''

(୪) ମୁଦ୍ରଣ ଯନ୍ତ୍ରର ଉଦ୍ଭାବନ (Invention of Printing Press) :

ଆଧୁନିକ ଯୁଗର ଆରମ୍ଭରେ ମୁଦ୍ରଣ ଯନ୍ତ୍ର ଓ କାଗଜର ଉଦ୍ଭାବନ ହେଲା । ଏହା ପୁସ୍ତକ ପ୍ରଣୟନ ଓ ବିତରଣକୁ ସୁଲଭ କରିଦେଲା । ବାଇବେଲ ସହ ଅନେକ ପ୍ରାଚୀନ ଓ ରୋମାନ ପୁସ୍ତକମାନ ଇଂରାଜୀ, ଫରାସୀ ଓ ଜର୍ମାନ ଭାଷାରେ ଅନୁବାଦିତ ହୋଇ ପ୍ରକାଶିତ ହେଲା । ଏଣୁ ସାଧାରଣ ୟୁରୋପୀୟମାନେ ବାଇବେଲ ତଥା ପ୍ଲାଟୋ ଓ ଆରିଷ୍ଟୋଟଲଙ୍କ କୃତିମାନ ପାଠ କରି ଉପକୃତ ହେବାକୁ ଲାଗିଲେ । ମଧ୍ୟଯୁଗରେ ଶିକ୍ଷା କେବଳ ଧର୍ମଯାଜକମାନଙ୍କ ମଧ୍ୟରେ ସୀମିତ ଥିଲା । ଏଣୁ ସେମାନେ ଯାହା କହୁଥିଲେ, ଲୋକମାନେ ତାହାକୁ ନିର୍ବିବାଦରେ ଗ୍ରହଣ କରିବାକୁ ବାଧ୍ୟ ହେଉଥିଲେ । କିନ୍ତୁ ନବ ଉନ୍ମେଷାର ଆଧୁନିକ ଯୁଗରେ ଶିକ୍ଷାର ପ୍ରଗତି ଯୋଗୁଁ ଅଜ୍ଞାନତା ଦୂର ହୋଇଯାଇଥିଲା ଏବଂ ଲୋକମାନେ ପୋପ ଓ ଧର୍ମଯାଜକମାନଙ୍କର କେବଳ ସେହି ବାଣୀକୁ ଗ୍ରହଣ କରୁଥିଲେ, ଯାହାକି ଶାସ୍ତ୍ରଜ୍ଞାନର ଅନୁରୂପ ଥିଲା । ପ୍ରସିଦ୍ଧ ଐତିହାସିକ ହେସ୍‌ଙ୍କ ମତରେ, ''ମୁଦ୍ରଣ ଯନ୍ତ୍ରର ଉଦ୍ଭାବନ ଏବଂ ମୁଦ୍ରିତ ପୁସ୍ତକଗୁଡ଼ିକର ବହୁଳ ପ୍ରସାର, ସାଧାରଣ ଜନତାଙ୍କୁ ସେମାନଙ୍କର ସଂସ୍କୃତି ଓ ପରମ୍ପରା ବିଷୟରେ ସମ୍ୟକ୍ ସଚେତନତା ଆଣିଦେଇଥିଲା । ପୂର୍ବେ ଯେଉଁ ଜ୍ଞାନ କେବଳ ଉଚ୍ଚବର୍ଗ ଓ ଧର୍ମଯାଜକଙ୍କ ମଧ୍ୟରେ ସୀମିତ ଥିଲା, ଏବେ ତାହା ଅଜ୍ଞାନ ଅନ୍ଧକାରରେ ଥିବା ସାଧାରଣ ଓ ସାମାନ୍ୟ ବର୍ଗର ଲୋକମାନଙ୍କୁ ମଧ୍ୟ ଆଲୋକିତ କଲା ।"

(୫) ନୂତନ ଦେଶ ସମୂହର ଆବିଷ୍କାର (Discovery of New Lands) :

ତୁର୍କୀମାନେ ୧୪୫୩ ଖ୍ରୀ:ଅ.ରୁ କନ୍‌ଷ୍ଟାଣ୍ଟିନୋପଲ୍ ଅଧିକାର କଲାପରେ, ଭାରତ ସହ ବ୍ୟବସାୟ କରୁଥିବା ସୌଦାଗରମାନଙ୍କୁ ଲୁଣ୍ଠନ କରିବାକୁ ଲାଗିଗଲେ । ଏହା ଭାରତ ସହ ୟୁରୋପକୁ ଥିବା ବ୍ୟବସାୟିକ ଜଳପଥକୁ ବସ୍ତୁତଃ ବନ୍ଦ କରିଦେଲା, ଫଳରେ ୟୁରୋପୀୟମାନେ ଭାରତକୁ ବିକଳ୍ପ ଜଳପଥ ଆବିଷ୍କାର କରିବା ପାଇଁ ବାଧ୍ୟ ହେଲେ । କଲମ୍ବସ ୧୪୯୨ ଖ୍ରୀ:ଅ.ରେ ଆଟଲାଣ୍ଟିକ୍ ମହାସାଗର ଦେଇ ଏକ ବିପଦସଙ୍କୁଳ ଜଳଯାତ୍ରା କରି ଆମେରିକାରେ

ପହଞ୍ଚିଲେ, ଯାହାକି ୟୁରୋପବାସୀଙ୍କ ପାଇଁ ଏକ ନୂତନ ଭୂଖଣ୍ଡ ଥିଲା । ଏହାକୁ ''ନୂତନ ପୃଥିବୀ'' (New World) ବୋଲି କୁହାଗଲା । ଅପରପକ୍ଷରେ ପର୍ତ୍ତୁଗୀଜ୍ ନାବିକ ଭାସ୍‌କୋଡ଼ିଗାମା ଜଳପଥରେ ଆଫ୍ରିକା ଭୂଭାଗକୁ ପରିକ୍ରମଣ ପୂର୍ବକ ଅତିକ୍ରମ କରି ଭାରତର କାଲିକଟ୍ ବନ୍ଦରରେ ପହଞ୍ଚିପାରିଥିଲେ । ଏହାପରେ ୟୁରୋପୀୟମାନେ ଆଫ୍ରିକା ଓ ଅଷ୍ଟ୍ରେଲିଆ ମହାଦେଶ ମଧ୍ୟ ଆବିଷ୍କାର କଲେ । ସେମାନେ ଏହିସବୁ ଭୂଭାଗର ଅଧିବାସୀଙ୍କ ସହ ବ୍ୟବସାୟିକ ସମ୍ପର୍କ ରକ୍ଷା କରିବା ସଙ୍ଗେ ସଙ୍ଗେ ସେଠାରେ ମଧ୍ୟ ବସବାସ କରିବାକୁ ଆରମ୍ଭ କଲେ । ଏସବୁ ସେମାନଙ୍କ ଜ୍ଞାନ ବର୍ଦ୍ଧନରେ ସହାୟକ ହୋଇଥିଲା । ଏ.ଜେ. ଗ୍ରାଣ୍ଟଙ୍କ ମତରେ, ''ଏହି ନୂତନ ରୂପେ ଆବିଷ୍କୃତ ଭୂଭାଗଗୁଡ଼ିକ କେବଳ ଯେ ଆବିଷ୍କର୍ତ୍ତାମାନଙ୍କୁ ବ୍ୟବସାୟିକ ଅଭିବୃଦ୍ଧି ପାଇଁ ଅନୁପ୍ରାଣିତ କଲା ତାହା ନୁହେଁ ବରଂ ସେମାନେ ଏଠାରେ ଉପନିବେଶମାନ ସ୍ଥାପନ କରି ସେମାନଙ୍କର ଶିକ୍ଷା, ସଂସ୍କୃତି ଓ ଧର୍ମ ପ୍ରସାରରେ ଲାଗିପଡ଼ିଲେ । ଏହାଦ୍ୱାରା ସେମାନେ ୟୁରୋପ ବାହାରେ ଆଉ ଏକ ବିଶାଳ ସାଂସ୍କୃତିକ ୟୁରୋପ ପ୍ରତିଷ୍ଠା କରିବାକୁ ଲକ୍ଷ୍ୟ ରଖିଥିଲେ ।''

(୬) ଉପନିବେଶବାଦ (Colonialism) :

ୟୁରୋପୀୟମାନେ ବିପଦପୂର୍ଣ୍ଣ ନୌଯାତ୍ରା କରି ସେମାନଙ୍କର ବ୍ୟବସାୟିକ ସାମ୍ରାଜ୍ୟର ଅଭିବୃଦ୍ଧି କରିବାକୁ ଚାହିଁଲେ । ସେମାନେ ଭାରତ, ଆଫ୍ରିକା ଓ ଆମେରିକା ସହ ବ୍ୟବସାୟିକ ସମ୍ପର୍କ ରକ୍ଷା କରିବା ସଙ୍ଗେ ସଙ୍ଗେ, ସେସବୁ ଭୂଭାଗରେ ସେମାନଙ୍କ ଉପନିବେଶମାନ ସ୍ଥାପନ କଲେ । ସେମାନେ ଏହିସବୁ ଉପନିବେଶଗୁଡ଼ିକରୁ ଅତି ଶସ୍ତାରେ କଞ୍ଚାମାଲ ସଂଗ୍ରହ କରୁଥିଲେ ଏବଂ ସେଗୁଡ଼ିକରୁ ଉତ୍ପାଦିତ ବ୍ୟବହାର୍ଯ୍ୟ ବସ୍ତୁଗୁଡ଼ିକୁ ସେହିସବୁ ଉପନିବେଶଗୁଡ଼ିକରେ ଅତି ଉଚ୍ଚ ମୂଲ୍ୟରେ ବିକ୍ରି କରୁଥିଲେ । ଏହି ଉପନିବେଶବାଦ ଦ୍ୱାରା ୟୁରୋପୀୟମାନେ ସେହିସବୁ ବିଦେଶୀମାନଙ୍କ ସଂସ୍ପର୍ଶରେ ଆସି ସେମାନଙ୍କ ଦେଶ ବିଷୟରେ ଅନେକ ଜ୍ଞାନ ଆହରଣ କଲେ, ଯାହାକି ନବଉନ୍ମେଷା ଆନ୍ଦୋଳନର ଅଗ୍ରଗତି ପାଇଁ ଅନେକ ସାହାଯ୍ୟ କଲା ।

(୭) ସାମ୍ରାଜ୍ୟବାଦ ବୈଶିଷ୍ଟ୍ୟ (Imperialism Characteristic) :

ୟୁରୋପୀୟମାନେ କେବଳ ଯେ କଞ୍ଚାମାଲ ପାଇଁ ବିଦେଶରେ ଉପନିବେଶମାନ ସ୍ଥାପନ କଲେ, ତାହା ନୁହେଁ, ବରଂ ସେମାନେ ଏହି କଞ୍ଚାମାଲରୁ ଉତ୍ପାଦିତ ସାମଗ୍ରୀମାନଙ୍କ ବ୍ୟବସାୟ ପାଇଁ ଏହିସବୁ ଦେଶରେ ସ୍ଥାୟୀ ବଜାର ବ୍ୟବସ୍ଥା କରିବା ପାଇଁ ଉତ୍ସାହିତ ହେଲେ । ଉପନିବେଶଗୁଡ଼ିକର ଶାସନ ଦାୟିତ୍ୱ ସେହିସବୁ ମୌଳିକ ଦେଶର ଶାସକମାନଙ୍କ ଉପରେ ନ୍ୟସ୍ତ ଥିଲା । ୟୁରୋପୀୟମାନେ ଏହିସବୁ ଉପନିବେଶଗୁଡ଼ିକ ଉପରେ ସେମାନଙ୍କ ପୂର୍ଣ୍ଣ କର୍ତ୍ତୃତ୍ୱ ଜାହିର କରିବାକୁ ଚାହିଁଲେ । ଏଣୁ ସେମାନେ ଦେଶୀୟ ଶାସକମାନଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ହସ୍ତକ୍ଷେପ କରିବାକୁ ଲାଗିଲେ । ଅଧିକାଂଶ କ୍ଷେତ୍ରରେ ୟୁରୋପୀୟମାନେ ''ବିଭାଜିତ କର ଏବଂ ଶାସନ କର–Divide and Rule'' ନୀତିକୁ ଆପଣାଇ ନେଲେ । ବନ୍ଧୁଭାବାପନ୍ନ ରାଜ୍ୟମାନଙ୍କୁ ସେମାନଙ୍କ ଶତ୍ରୁ ରାଜ୍ୟ ବିରୁଦ୍ଧରେ ଆର୍ଥିକ ଓ ସାମରିକ ସାହାଯ୍ୟ କରି କ୍ରମେ ୟୁରୋପୀୟମାନେ ସେ ଦେଶରେ ସେମାନଙ୍କର ଶକ୍ତି ବୃଦ୍ଧି କଲେ । ରାଜ୍ୟ ରାଜ୍ୟ ମଧ୍ୟରେ ଶତ୍ରୁତାର ସୂତ୍ରପାତ କରି ସେମାନେ ଏହାର ଫାଇଦା ଉଠାଇବାକୁ ଲାଗିଲେ । ସମୟକ୍ରମେ ସେମାନେ ଛୋଟ ଛୋଟ ରାଜ୍ୟଗୁଡ଼ିକୁ ଅଧିକାର କରିନେଲେ ଏବଂ ପରେ ଏହାକୁ ଅନ୍ୟ ବିଜିତ ଭୂଖଣ୍ଡ ସହ ମିଶାଇଦେଇ ବିଶାଳ ସାମ୍ରାଜ୍ୟମାନ ପ୍ରତିଷ୍ଠା କରିବାରେ ସକ୍ଷମ ହେଲେ । ଏହି ବିଜିତ ରାଜ୍ୟଗୁଡ଼ିକର ସଂସ୍କୃତିକୁ ଅନୁଧ୍ୟାନ କରିବା ସଙ୍ଗେ ସଙ୍ଗେ ୟୁରୋପୀୟମାନେ ଏଠାରେ ନିଜର ସଂସ୍କୃତି, ସଭ୍ୟତା ଓ ଧର୍ମର ପ୍ରଚାର ତଥା ପ୍ରସାର କରିବାରେ ଲାଗିଲେ । ଏହା ସେମାନଙ୍କର ଜ୍ଞାନର ପରିସୀମାକୁ ଅଧିକ ବ୍ୟାପ୍ତ ଓ ପ୍ରବୃଦ୍ଧ କଲା । ଏହି ବିଷୟରେ ଏ.ଜେ. ଗ୍ରାଣ୍ଟଙ୍କ ଅଭିବ୍ୟକ୍ତି ହେଲା, ''ସାରା ଦୁନିଆକୁ ୟୁରୋପୀୟ ସଂସ୍କୃତି ଓ ସଭ୍ୟତାରେ ପ୍ରବୃଦ୍ଧ କରିବା ହିଁ ନବଜାଗରଣ ଯୁଗର ଏକ ପ୍ରଧାନ ଲକ୍ଷ୍ୟ ଥିଲା ଏବଂ ଏହାହିଁ ମହାଦେଶର ନବଚେତନା, ଦର୍ଶନ ଓ ସଂସ୍କୃତିର ଅଭିବୃଦ୍ଧି ପାଇଁ ଅତ୍ୟନ୍ତ ସହାୟକ ହୋଇଥିଲା ।''

(୮) ମଧ୍ୟବିତ୍ତ ବର୍ଗର ଅବଦାନ (Contribution of the Middle Class Society) :

ନୂତନ ଜଳପଥର ଆବିଷ୍କାର ଏବଂ ଅନେକ ୟୁରୋପୀୟ ଉପନିବେଶ ତଥା ରାଜ୍ୟମାନ ସ୍ଥାପନ କରିବା ଦ୍ୱାରା ୟୁରୋପୀୟମାନେ ଭାରତ, ଆମେରିକା ଓ ଆଫ୍ରିକାରେ ସେମାନଙ୍କର ବାଣିଜ୍ୟ ବ୍ୟବସାୟର ଉତ୍ତରୋତ୍ତର ଉନ୍ନତି କରିପାରିଲେ । ଏହା ବ୍ୟବସାୟୀ, କ୍ଷୁଦ୍ର ଶିଳ୍ପପତି, ସରକାରୀ ପ୍ରଶାସକ, ଆଇନଜୀବୀ, ଚିକିତ୍ସକ ଓ ଶିକ୍ଷାବିତ୍‌ମାନଙ୍କୁ ନେଇ ଗଢ଼ି ଉଠିଥିବା ୟୁରୋପୀୟ ମଧ୍ୟବିତ୍ତ ଶ୍ରେଣୀ ସମାଜର ଉତ୍‌ଥାନ ପାଇଁ ବେଶ୍ ସହାୟକ ହେଲା । ଏହି ବର୍ଗର ଲୋକମାନେ ବିଜ୍ଞାନ, ପ୍ରଶାସନ, ଇତିହାସ, କଳା ଏବଂ ଅନ୍ୟାନ୍ୟ ବିଦ୍ୟା ସମୂହକୁ ପାଠ କରିବା ପାଇଁ ଅତ୍ୟନ୍ତ ଆଗ୍ରହୀ ହୋଇପଡ଼ିଲେ । ଏହି ବର୍ଗର ଲୋକମାନଙ୍କର ଅନେକ ଅବଦାନ ନବଜାଗରଣ ଯୁଗକୁ ପୁଷ୍ଟି କରିଥିଲା ।

(୯) ସାମନ୍ତବାଦର ପତନ ଓ ଶକ୍ତିଶାଳୀ ସାମ୍ରାଜ୍ୟର ଉତ୍‌ଥାନ (Decline of Feudalism and Rise of Powerful Empires) :

ମଧ୍ୟଯୁଗରେ ସାମନ୍ତମାନଙ୍କର ସ୍ଥିତି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିଲା । ସେମାନେ ନିଜର ଦୁର୍ଗମାନଙ୍କରେ ବସବାସ କରୁଥିଲେ ଏବଂ ସେମାନଙ୍କର ସୁଖ, ସୁବିଧା ପାଇଁ ସମ୍ରାଟ ଯଥେଷ୍ଟ ଜାଗିରର ବ୍ୟବସ୍ଥା କରିଥିଲେ । ପ୍ରତିବଦଳରେ ସେମାନେ ସମ୍ରାଟଙ୍କୁ ଯୁଦ୍ଧକାଳୀନ ସାମରିକ ସହାୟତା ପ୍ରଦାନ କରୁଥିଲେ । ସାମନ୍ତମାନଙ୍କର ନିଜର ସୈନ୍ୟ ବଳ ଥିବାବେଳେ, ସମ୍ରାଟମାନଙ୍କର ନିଜର ସ୍ଥାୟୀ ସୈନ୍ୟବାହିନୀ ନଥିଲା । ଏହି ସାମନ୍ତମାନେ ସାଧାରଣତଃ ଅଶିକ୍ଷିତ ଥିଲେ ଏବଂ ସେମାନଙ୍କର ଅଧିକାଂଶ ସମୟ ବିଳାସବ୍ୟସନ ବା ପରସ୍ପର ବିରୁଦ୍ଧରେ ଶତ୍ରୁତା ଓ ଦ୍ୱନ୍ଦ୍ୱ ଯୁଦ୍ଧରେ ଅତିବାହିତ ହେଉଥିଲା । ପରସ୍ପର ମଧ୍ୟରେ ଥିବା ଶତ୍ରୁତା ସେମାନଙ୍କୁ ଦୁର୍ବଳ କରିଦେଇଥିଲା । ଅଧିକନ୍ତୁ ସମ୍ରାଟମାନେ ଆଧୁନିକ ଅସ୍ତ୍ରଶସ୍ତ୍ରରେ ସଜ୍ଜିତ ନିଜସ୍ୱ ସୈନ୍ୟବାହିନୀ ଦ୍ୱାରା ବଳିୟାନ ହୋଇ ସେମାନଙ୍କୁ କବଳିତ କରି ପକାଇଲେ । ଏହି ଶକ୍ତି ସମ୍ମୁଖରେ ସେମାନେ ତିଷ୍ଠିପାରିଲେ ନାହିଁ ଏବଂ ୟୁରୋପରେ ଶକ୍ତିଶାଳୀ ସାମ୍ରାଜ୍ୟମାନ ପ୍ରତିଷ୍ଠା ହେବାପାଇଁ ମାର୍ଗ ପ୍ରଶସ୍ତ ହୋଇଗଲା ।

(୧୦) ଗୀର୍ଜାର ପ୍ରତିପତ୍ତି ହ୍ରାସ (Reduction of the influence of Churches):

ମଧ୍ୟଯୁଗରେ ଗୀର୍ଜୟ ଅନୁଷ୍ଠାନଗୁଡ଼ିକ ଅତି ପ୍ରତିପତ୍ତିଶାଳୀ ଥିଲା । ୟୁରୋପୀୟମାନେ ପୋପଙ୍କ ବାଣୀକୁ ଅନ୍ଧ ଭାବେ ଅନୁସରଣ କରୁଥିଲେ । ଏପରିକି ରାଜା ମହାରାଜାମାନେ ମଧ୍ୟ ଏଥିରୁ ବାଦ ପଡୁନଥିଲେ । ନବଜାଗରଣ ଯୁଗର ଆବିର୍ଭାବରେ ଶକ୍ତିଶାଳୀ ସମ୍ରାଟମାନେ ପୋପଙ୍କ ଆଦେଶକୁ ଅମାନ୍ୟ କରି ସ୍ୱଇଚ୍ଛାରେ କାର୍ଯ୍ୟମାନ କରିବାକୁ ଲାଗିଲେ । ଏହିପରି ଗୀର୍ଜାଗୁଡ଼ିକର ପ୍ରତିପତ୍ତିକୁ ପ୍ରତିହତ କରିବା ହିଁ ନବଜାଗରଣର ପ୍ରଥମ ଓ ପ୍ରଧାନ ପ୍ରତିକ୍ରିୟା ହେଲା । ଏହା କ୍ୟାଥୋଲିକ ଧର୍ମର ମୁଖ୍ୟ ପୋପଙ୍କ ପ୍ରତିପତ୍ତିକୁ ଦୁର୍ବଳ କରିଦେଲା । ସମ୍ରାଟମାନେ ଅନେକ ପଣ୍ଡିତଙ୍କୁ ପୃଷ୍ଠପୋଷକତା କରି ନବଜାଗରଣକୁ ଶକ୍ତିଶାଳୀ କରି ଗଢ଼ି ତୋଳିଲେ ।

(୧୧) ଅର୍ଥନୈତିକ ଉନ୍ନତି (Economic Development) :

ବୈଦେଶିକ ବାଣିଜ୍ୟରୁ ପ୍ରଭୂତ ଅର୍ଥ ସଂଗ୍ରହ କରି ୟୁରୋପ ଅତ୍ୟନ୍ତ ବିତ୍ତଶାଳୀ ହୋଇଉଠିଲା । କଞ୍ଚାମାଲର ସୁଲଭତା ଏବଂ ଉତ୍ପାଦିତ ଦ୍ରବ୍ୟର ବିକ୍ରୟ ଉପନିବେଶଗୁଡ଼ିକରେ ଅତ୍ୟନ୍ତ ଲାଭଦାୟକ ହେବାରୁ ବ୍ୟବସାୟୀମାନେ ୟୁରୋପରେ ସେହି ଦ୍ରବ୍ୟର ଉତ୍ପାଦନ ପାଇଁ ନିଜସ୍ୱ ଶିଳ୍ପସଂସ୍ଥାମାନ ପ୍ରତିଷ୍ଠା କରିବାକୁ ଉତ୍ସାହିତ ହୋଇପଡ଼ିଲେ । ଏହାଦ୍ୱାରା ସାଧାରଣ ଜନତା ଅର୍ଥନୈତିକ ସମସ୍ୟାରୁ ମୁକ୍ତି ପାଇଲା, ଏଣୁ ସେମାନଙ୍କର ଦୃଷ୍ଟି ବର୍ତ୍ତମାନ ବିଜ୍ଞାନ, ଦର୍ଶନ ଓ କଳା ଆଦି କ୍ଷେତ୍ରକୁ ଆକର୍ଷିତ ହେଲା, ଯାହାକି ନବଜାଗରଣ ଆଣିବା ପାଇଁ ଯଥେଷ୍ଟ ସାହାଯ୍ୟ କଲା ।

ଏହିପରି ଉପର ବର୍ଣ୍ଣିତ ସମସ୍ତ କାରଣଗୁଡ଼ିକ ୟୁରୋପରେ ଏକ ଦିଗନ୍ତକାରୀ ଜାଗରଣ ଆଣିବାର ଉତ୍ସରେ ପରିଣତ ହୋଇଥିଲା । ଏହି ନବଜାଗରଣ ଏକ ନବଯୁଗର ଉନ୍ମେଷ ପାଇଁ ମାର୍ଗ ଦର୍ଶନ କରିଥିଲା ।

ନବଜାଗରଣର ମୁଖ୍ୟ ଆଧାର (Chief Basis of Renaissance) :

ନିମ୍ନଲିଖିତ ପ୍ରମୁଖ ଆଧାରଗୁଡ଼ିକ ଉପରେ ୟୁରୋପୀୟ ନବଉନ୍ମେଷ ପର୍ଯ୍ୟବସିତ ଥିଲା–

(୧) ସାହିତ୍ୟିକ ସଂସ୍କୃତି ଓ ଦର୍ଶନର ପ୍ରସାର (Spread of Humanism)

(୨) ସ୍ଥାପତ୍ୟ ବିଦ୍ୟାର ବିକାଶ (Architectural Development)

(୩) ଭାସ୍କର୍ଯ୍ୟ ବିଦ୍ୟାର ବିକାଶ (Sculptural Development)

(୪) ଚିତ୍ରକଳାର ବିକାଶ (Development in Paintings)

(୫) ସଂଗୀତ କଳାର ବିକାଶ (Development in Musics)

(୬) ଜାତୀୟ ବର୍ଣ୍ଣମାଳା ଓ ଭାଷାର ବିକାଶ (Development in National Scripts and Literatures)

(୭) ପୋପ୍‌ଙ୍କୁ ଅସ୍ୱୀକାର କରୁଥିବା ଧର୍ମ(Protestantism)ର ପ୍ରଚଳନ ଓ ଉତ୍‌ଥାନ (Rise of Protestantism)

(୮) ବିଜ୍ଞାନର ଅଗ୍ରଗତି (Advances in Science)

(୯) ନୂତନ ସମୁଦ୍ରପଥର ଆବିଷ୍କାର (Discovery of New Sea Routes)

(୧) ୟୁରୋପରେ ସାହିତ୍ୟିକ ସଂସ୍କୃତି ଓ ଦର୍ଶନର ପ୍ରସାର (Spread of Humanism in Europe) :

ୟୁରୋପର ଜନସାଧାରଣ ନବଜାଗରଣ ସାହିତ୍ୟିକ ସଂସ୍କୃତି ଓ ଦର୍ଶନ ସମ୍ପର୍କରେ ପ୍ରଥମେ ଫ୍ରାନ୍ସେସ୍କୋ ପିଟ୍ରାର୍କା (ପେଟ୍ରାର୍ଚ)ଙ୍କ ମାଧ୍ୟମରେ ଅବଗତ ହୋଇଥିଲେ। ତାଙ୍କର ରଚନାଗୁଡ଼ିକ ସମସାମୟିକ ମାନବବାଦୀ ମନିଷୀମାନଙ୍କୁ ପ୍ରଭାବିତ କରିଥିଲା। ଉଭୟ ଫ୍ଲୋରେନ୍ସନିବାସୀ ଥିବା ଜିଓଭାନ୍ନୀ ବୋକାସିଓ ଓ କୋଲୁସିଓ ସାଲୁତାଟୀ (୧୩୩୧-୧୪୦୬ ଖ୍ରୀ:ଅ:) ତାଙ୍କର ତତ୍‌କାଳୀନ ଶିଷ୍ୟ ଥିଲେ। ସାଲୁତାଟୀ ୧୩୭୫ ଖ୍ରୀ:ଅ:ରୁ ତାଙ୍କର ମୃତ୍ୟୁ ପର୍ଯ୍ୟନ୍ତ ଫ୍ଲୋରେନ୍ସ ନଗରର କୁଳପତି (ମୁଖ୍ୟ ପ୍ରଶାସକ) ଥିଲେ। ଏହି ନଗରରେ ସାହିତ୍ୟ ଓ ଦର୍ଶନର ବିକାଶକୁ ଉତ୍ସାହିତ କରିବା ପାଇଁ ସେ ଅନେକ କାର୍ଯ୍ୟ କରିଥିଲେ। ସେ ସାହିତ୍ୟିକ ଓ ଦର୍ଶନବିତ୍‌ମାନଙ୍କୁ ନିଯୁକ୍ତି ପ୍ରଦାନ କରିବା ସହ ମାନୁଏଲ୍ କ୍ରିସୋଲୋରାସ୍ (୧୩୫୩-୧୪୧୫ ଖ୍ରୀ:ଅ:)ଙ୍କ ପରି ବିଦ୍ୱାନ ବ୍ୟକ୍ତିଙ୍କୁ ଫ୍ଲୋରେନ୍ସକୁ ନିମନ୍ତ୍ରଣ କରିଆଣିଥିଲେ। କ୍ରିସୋଲୋରାସ୍ ତିନିବର୍ଷ (୧୩୯୭-୧୪୦୦ ଖ୍ରୀ:ଅ:) ଧରି ଫ୍ଲେରେନ୍ସରେ ଅନେକ ଛାତ୍ରଙ୍କୁ ଗ୍ରୀକ୍ ଶାସ୍ତ୍ରମାନ ଅଧ୍ୟୟନ କରାଇଥିଲେ। ପରବର୍ତ୍ତୀ କାଳରେ ଏହି ଛାତ୍ରମାନଙ୍କ ମଧ୍ୟରୁ କେତେକଙ୍କ ଦ୍ୱାରା ଅନ୍ୟମାନଙ୍କୁ ଗ୍ରୀକ୍ ଶିକ୍ଷା ପ୍ରଦାନ କରାଯାଇଥିଲା। ଏହିପରି ଫ୍ଲୋରେନ୍ସ ପ୍ରାରମ୍ଭିକ ୟୁରୋପୀୟ ନବଜାଗରଣ ଯୁଗରେ ସାହିତ୍ୟିକ ସଂସ୍କୃତି ଏବଂ ଦର୍ଶନର ଏକ ପ୍ରମୁଖ କେନ୍ଦ୍ର ହୋଇପାରିଥିଲା। ଫ୍ଲେରେନ୍ସରେ କେନ୍ଦ୍ରୀଭୂତ ହୋଇଥିବା ଏହି ସାହିତ୍ୟିକ ସଂସ୍କୃତି ଓ ଦର୍ଶନ ପଞ୍ଚଦଶ ଶତାବ୍ଦୀରେ ସମଗ୍ର ଇଟାଲୀକୁ ଦ୍ରୁତ ଗତିରେ ପରିବ୍ୟାପ୍ତ ହୋଇଯାଇଥିଲା। ଏହା ନବଜାଗରଣ (୧୩୫୦-୧୬୦୦ ଖ୍ରୀ:ଅ:)ର ସର୍ବାପେକ୍ଷା ଅଧିକ ନିର୍ଦ୍ଦିଷ୍ଟ ରୂପେ ପରିଦୃଷ୍ଟ ବୌଦ୍ଧିକ ଆନ୍ଦୋଳନ ରୂପେ ନିଜକୁ ପ୍ରତିଷ୍ଠିତ କରିପାରିଥିଲା। ସାହିତ୍ୟିକ ସଂସ୍କୃତି ଓ ଦର୍ଶନର ପ୍ରସାର ସର୍ବଦା ବିଦ୍ୟାଳୟଗୁଡ଼ିକର ପ୍ରତିଷ୍ଠା ସହ ସମ୍ପର୍କିତ ଅଟେ। ଏପରି ବିଦ୍ୟାଳୟଗୁଡ଼ିକ ପ୍ରତିଷ୍ଠାରେ ମୁଖ୍ୟତଃ ତିନିଜଣ ପ୍ରଭାବଶାଳୀ ଶିକ୍ଷକ ସଂଶ୍ଳିଷ୍ଟ ଥିଲେ। ସେମାନେ ହେଲେ—ଭେନିସ୍, ବୋଲୋଙ୍ଗା ଓ ପଡୁଆରେ ଶିକ୍ଷାଦାନ କରୁଥିବା ସିସେରୋଙ୍କ ସର୍ବୋତ୍ତମ ଛାତ୍ର ଗାସ୍‌ପାରିନୋ ବାର୍ଜିଜ୍ଜା (୧୩୬୦-୧୪୩୦ ଖ୍ରୀ:ଅ:); ପଡୁଆ ଓ ଭେନିସ୍‌ରେ ଶିକ୍ଷାଦାନ କରୁଥିବା ତଥା ମଣ୍ଟୁଆରେ ଏକ ବିଦ୍ୟାଳୟ ପ୍ରତିଷ୍ଠା କରିଥିବା ବାର୍ଜିଜ୍ଜାଙ୍କ ଛାତ୍ର ଭିଟ୍ଟୋରିନୋ-ଡା-ଫେଲ୍‌ଟ୍ରେ (୧୩୭୮-୧୪୪୭ ଖ୍ରୀ:ଅ:) ଏବଂ ଭେନିସ୍, ଭେରୋନା ଓ ଫ୍ଲୋରେନ୍ସରେ ଶିକ୍ଷାଦାନ କରୁଥିବା ତଥା ଫେର୍‌ରାରାଠାରେ ଏକ ବିଦ୍ୟାଳୟ ପ୍ରତିଷ୍ଠା କରିଥିବା ଗୁଆରିନେ-ଡା ଭେରୋନା (୧୩୭୪-୧୪୬୦ ଖ୍ରୀ:ଅ:)। ଏହି ମହାନ ଶିକ୍ଷକତ୍ରୟଙ୍କର ଉଲ୍ଲେଖନୀୟ ଛାତ୍ରମାନଙ୍କ

ମଧ୍ୟରୁ କେତେକ ନଗର-ରାଜ୍ୟର ଶାସକ ହୋଇଥିବା ବେଳେ ଅନ୍ୟମାନେ ପ୍ରସିଦ୍ଧିପ୍ରାପ୍ତ ବିଦ୍ୱାନ ଓ ଶିକ୍ଷକ ହୋଇପାରିଥିଲେ ।

ପଞ୍ଚଦଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ଏହି ସାହିତ୍ୟିକ ସଂସ୍କୃତି ଓ ଦର୍ଶନ ଆନ୍ଦୋଳନ ସ୍ପେନ୍, ଫ୍ରାନ୍ସ, ଜର୍ମାନୀ ଓ ଇଂଲଣ୍ଡ ସହ ପୂର୍ବ ୟୁରୋପର ପ୍ରେଗ୍, ଭିଏନା ଓ ବୁଦାପେଷ୍ଟକୁ ପ୍ରସାରିତ ହୋଇ ସେଠାରେ ପ୍ରତିଷ୍ଠିତ ହୋଇପାରିଥିଲା । ମାତ୍ର ଇଟାଲୀ ବାହାରେ ପ୍ରସାର ଲାଭ କରିଥିବା ଏହି ଦ୍ୱିତୀୟ ପର୍ଯ୍ୟାୟର ସଂସ୍କୃତିକ ବିସ୍ତାରରେ ଜର୍ମାନୀ ଏବଂ ଅନ୍ୟାନ୍ୟ ଦେଶଗୁଡ଼ିକରେ ହୋଇଥିବା ସଂସ୍କାରଗୁଡ଼ିକ ଇଟାଲୀ ନବଜାଗରଣ ସାହିତ୍ୟିକ ସଂସ୍କୃତି ଓ ଦର୍ଶନରୁ ଅନେକ ମାନବବାଦୀ ଧାରଣାର ଶକ୍ତି ଆହରଣ କରିଥିଲା । ଷୋଡ଼ଶ ଶତାବ୍ଦୀର ଧର୍ମୀୟ ବିବାଦଗୁଡ଼ିକରେ ଏହି ସାହିତ୍ୟିକ ସଂସ୍କୃତି ଓ ଦର୍ଶନ ପ୍ରସାରର ପ୍ରଭାବ ବହୁଳ ରୂପେ ଅନୁଭୂତ ହୋଇଥିଲା । କାରଣ ଏହି ବିବାଦଗୁଡ଼ିକରେ ବାଇବେଲ ଓ ଗିର୍ଜାର ପାଦ୍ରୀମାନଙ୍କର କେନ୍ଦ୍ରୀୟ ଭୂମିକା ଅଧିକ ଥିଲା । ମାତ୍ର ଏହାର ପ୍ରଭାବ କଳା, ରାଜନୀତି, ଦର୍ଶନ, ଚିକିତ୍ସା, ଆଇନ ଓ ଗଣିତ ଆଦି ଅନ୍ୟାନ୍ୟ କ୍ଷେତ୍ରକୁ ମଧ୍ୟ ବ୍ୟାପି ଯାଇଥିଲା । ୧୬୦୦ ଖ୍ରୀ:ଅ: ପରବର୍ତ୍ତୀ ସମୟରେ ସାହିତ୍ୟିକ ସଂସ୍କୃତି ଓ ଦର୍ଶନ ଅନ୍ୟ ବୌଦ୍ଧିକ ଆନ୍ଦୋଳନ ସହ ସମିଶ୍ରିତ ହୋଇଯାଇଥିଲା, ଯଦିଓ ଏହାର ଶିକ୍ଷା କାର୍ଯ୍ୟକ୍ରମ ପଶ୍ଚିମ ୟୁରୋପ ଏବଂ ଯୁକ୍ତରାଷ୍ଟ୍ର ଆମେରିକାରେ ବିଂଶ ଶତାବ୍ଦୀ ପର୍ଯ୍ୟନ୍ତ ମଧ୍ୟ ମୁଖ୍ୟ ସ୍ଥାନ ଅଧିକାର କରି ରହିଥିଲା ।

(୨) ସ୍ଥାପତ୍ୟ ବିଦ୍ୟାର ବିକାଶ (Architectural Development) :

ନବଜାଗରଣ ସ୍ଥାପତ୍ୟ ବିଦ୍ୟାର ଭିତ୍ତି ପ୍ରାଚୀନ ଇଟାଲୀୟ ସ୍ଥାପତ୍ୟ କଳା ଆଧାରିତ ଥିଲା । ନୂତନ ପ୍ରାସାଦଗୁଡ଼ିକର ସ୍ଥାପତ୍ୟ ଶୈଳୀ ବିଭିନ୍ନ ଉତ୍ସରୁ ସଂଗ୍ରହ କରାଯାଇଥିବା ସ୍ଥାପତ୍ୟ ଶୈଳୀଗୁଡ଼ିକର ଏକ ଉତ୍କୃଷ୍ଟ ସଂଗ୍ରହ ଥିଲା । ଏଥିରେ ମଧ୍ୟଯୁଗୀୟ ଏବଂ ପ୍ରାଚୀନଯୁଗୀୟ ସ୍ଥାପତ୍ୟର ଏକ ଯୌଗିକରଣ ଥିଲା । ଏହା ଗ୍ରୀକ୍ କିମ୍ବା ଗଥୀୟ (ଜର୍ମାନୀୟ ଗଥ୍ ଜାତୀ ସମ୍ପର୍କୀୟ) ଶ୍ରେଳୀର ନଥିଲା । ମାତ୍ର ଇଟାଲୀୟ ନବଜାଗରଣରେ ଏହାର ସ୍ଥାପତ୍ୟ ରୋମାନୀୟ ଏବଂ ୟୁରୋପର ମଧ୍ୟ ଯୁଗୀୟ ଗୋଲାକାର ଖିଲାଣ ସ୍ଥାପତ୍ୟ (Romanesque)ରୁ ପ୍ରେରଣା ଲାଭ କରିଥିଲା । ଇଟାଲୀରେ ଗ୍ରୀକ୍ କିମ୍ବା ଗୋଥୀୟ ସ୍ଥାପତ୍ୟ ଶୈଳୀ ଆଦୃତ ହୋଇ ନଥିଲା । ଇଟାଲୀୟ ପରମ୍ପରା ସହ ସାଦୃଶ୍ୟ ରକ୍ଷା କରୁଥିବା ରୋମାନେସ୍କ ସ୍ଥାପତ୍ୟ ଏବଂ ଲାଟିନ୍ ସଂସ୍କୃତି ପ୍ରତି ଅତିରିକ୍ତ ଅନୁରକ୍ତି ରୋମାନୀୟ ସ୍ଥାପତ୍ୟ ଶୈଳୀର ପୁର୍ନଉଦ୍ଧାର କରିଥିଲା । ଏଣୁ ନବଜାଗରଣ ଯୁଗର ମହାନ ସ୍ଥପତିମାନେ ରୋମାନେସ୍କ ଗୀର୍ଜା ଏବଂ ମଠଗୁଡ଼ିକର ନିର୍ମାଣ ଶୈଳୀ ଅନୁକରଣରେ ସେମାନଙ୍କର ନୂତନ ନିର୍ମାଣର ନକ୍ସା ପ୍ରସ୍ତୁତ କରିଥିଲେ । ଏଗୁଡ଼ିକୁ ଅଳଙ୍କାରିତ କରିବା ପାଇଁ ପ୍ରାଚୀନ ରୋମର ଧ୍ୱଂସପ୍ରାୟ ସ୍ଥାପତ୍ୟଗୁଡ଼ିକର ଅନୁକରଣ କରାଯାଇଥିଲା ।

ନବଜାଗରଣ ସ୍ଥାପତ୍ୟଗୁଡ଼ିକ ନିଓପ୍ଲାଟୋନିଜମ୍ ପ୍ରଭାବରେ ଇଟାଲୀୟ ନିର୍ମାତାମାନଙ୍କ ଦ୍ୱାରା ସନ୍ତୁଳିତ ତଥା ଉପଯୁକ୍ତ ଅନୁପାତରେ ନିର୍ମିତ ହେଉଥିଲା । ମନୁଷ୍ୟ ଶରୀର ଗଠନର ଉପଯୁକ୍ତ ଅନୁପାତିକତା ସମଗ୍ର ବ୍ରହ୍ମାଣ୍ଡର ସନ୍ତୁଳନତାକୁ ପ୍ରତିଫଳିତ କରେ । ଏଣୁ ଏକ ନିର୍ମାଣର ବିଭିନ୍ନ ଅଂଶଗୁଡ଼ିକର ଗଠନ ତଥା ସାମଗ୍ରିକ ରୂପ ସମଗ୍ର ନିର୍ମାଣ ମଧ୍ୟରେ ପରସ୍ପର ସହ ଉତ୍ତମ ସମ୍ପର୍କ ରକ୍ଷା କରାଯିବା ଏକାନ୍ତ ପ୍ରୟୋଜନ ଅଟେ । ଫଳରେ ଗୋଟିଏ ସୁନ୍ଦର ମନୁଷ୍ୟ ଶରୀରର ଗଠନ ପରି ଏକ ପୂର୍ଣ୍ଣାଙ୍ଗ ନିର୍ମାଣ ମଧ୍ୟ ସୌନ୍ଦର୍ଯ୍ୟପୂର୍ଣ୍ଣ ହୋଇପାରିବ । ନବଜାଗରଣ ଯୁଗ ସ୍ଥାପତ୍ୟର ଏକ ସୁନ୍ଦର ଉଦାହରଣ ହେଲା— ରୋମର ସେଣ୍ଟ୍ ପିଟର ବାସିଲିକା । ଏହା ତତ୍‌କାଳୀନ ମହାନ ସ୍ଥପତି ଡୋନାଟୋ ବ୍ରାମଣ୍ଟେ (୧୪୪୪-୧୫୧୪ ଖ୍ରୀ:ଅ:) ଏବଂ ମାଇକେଲ ଆଞ୍ଜେଲଙ୍କ ନକ୍ସା ଅନୁଯାୟୀ ପୋପ୍ ଜୁଲିଅସ୍-ଦ୍ୱିତୀୟ ତଥା ଲିଓ-ଦଶମଙ୍କ ପୃଷ୍ଠପୋଷକତାରେ ନିର୍ମିତ ହୋଇଥିଲା । ରୋମାନୀୟ ପାନ୍ଥିଅନ୍ ପରି ପ୍ରାଚୀନ ମନ୍ଦିରକୁ ଇଟାଲୀୟ ସ୍ଥପତି ଆଣ୍ଡ୍ରୀଆ ପାଲାଡ଼ିଓ (୧୫୧୮-୧୫୮୦ ଖ୍ରୀ:ଅ:) ନବଜାଗରଣର ନୂତନ ଶୈଳୀରେ ନିର୍ମିତ କରିଥିଲେ । ତାଙ୍କଦ୍ୱାରା ନିର୍ମିତ ସହର ତଳି ସମ୍ଭ୍ରାନ୍ତ ଗୃହଗୁଡ଼ିକ ମଧ୍ୟ ସୁଦୃଶ୍ୟ ସ୍ଥାପତ୍ୟ କଳାର ନମୁନା ଅଟେ ।

(୩) ଭାସ୍କର୍ଯ୍ୟ ବିଦ୍ୟାର ବିକାଶ (Development of Sculpture) :

ଇଟାଲୀୟ ନବଜାଗରଣ ଯୁଗରେ ପ୍ରଥମ କରି ମୁକ୍ତରୂପେ ଦଣ୍ଡାୟମାନ ବିଶାଳ ମୂର୍ତ୍ତିମାନ (Free Standing Statues) ନିର୍ମିତ କରାଗଲା । ପୂର୍ବରୁ ମୂର୍ତ୍ତିଗୁଡ଼ିକ ଗୀର୍ଜାର ସ୍ତମ୍ଭ କିମ୍ବା ଦ୍ୱାରବନ୍ଧ ପାର୍ଶ୍ୱ କାନ୍ଥର ଏକ ଅଂଶ ରୂପେ ଖୋଦିତ ହେଉଥିଲା । ଅଥବା କେତେକ ସ୍ଥଳେ ମୃତ ବ୍ୟକ୍ତିଙ୍କ ସମାଧି ଉପରେ ତାଙ୍କର ମୂର୍ତ୍ତି ରୂପେ ସ୍ଥାପିତ ହେଉଥିଲା । ମୁକ୍ତ ରୂପେ ଦଣ୍ଡାୟମାନ ମୂର୍ତ୍ତି ନିର୍ମାଣ ନବଜାଗରଣ ଭାସ୍କର୍ଯ୍ୟ କଳାକୁ କୌଣସି ଏକ ମୁଖ୍ୟ ସ୍ଥାପତ୍ୟ ନିର୍ମାଣସହ ସମ୍ପର୍କିତ ହୋଇ ରହିବାରୁ ମୁକ୍ତ କରିଦେଇଥିଲା। ଫଳରେ ଏହା ଧର୍ମନିରପେକ୍ଷ ଉଦ୍ଦେଶ୍ୟରେ ବ୍ୟବହୃତ ହେବା ପାଇଁ ଏକ ସ୍ୱତନ୍ତ୍ର ସ୍ଥିତି ପ୍ରାପ୍ତ ହୋଇପାରିଥିଲା।

ଇଟାଲୀୟ ନବଜାଗରଣ ଭାସ୍କର୍ଯ୍ୟ କଳା ଶୃଙ୍ଖଳାରେ ପ୍ରଥମ ମହାନ ଭାସ୍କର୍ଯ୍ୟ ଶିଳ୍ପୀ ଥିଲେ—ଡୋନାଟେଲ୍ଲୋ (୧୩୮୬-୧୪୬୬ ଖ୍ରୀ:ଅ:) । ତାଙ୍କ ଦ୍ୱାରା ପ୍ରସ୍ତୁତ ବ୍ରୋଞ୍ଜ ମୂର୍ତ୍ତିଗୁଡ଼ିକ ମଧ୍ୟରୁ ''ନିହତ ଗୋଲିଆଥ ଉପରେ ବିଜୟୀ ଦର୍ପରେ ଦଣ୍ଡାୟମାନ ଡାଭିଡ୍'', ''ଏକ ପାଦ ଉପରେ ସମଗ୍ର ଓଜନ କେନ୍ଦ୍ରୀଭୂତ କରି ଦଣ୍ଡାୟମାନ ନଗ୍ନ ଡାଭିଡ୍'' ମୂର୍ତ୍ତି ଏବଂ ''ଅଶ୍ୱାରୋହୀ ଗର୍ବୀତ ଯୋଦ୍ଧା ଗାଟ୍ଟାମେଲାଟା'' ମୂର୍ତ୍ତି ଭାସ୍କର୍ଯ୍ୟକଳାର ଅମଳିନ ସ୍ମାରକୀ ହୋଇ ଆଜି ପର୍ଯ୍ୟନ୍ତ ଦଣ୍ଡାୟମାନ ହୋଇ ରହିଛି।

ନିଶ୍ଚିତ ରୂପେ ମାଇକେଲ ଆଞ୍ଜେଲୋ ନବଜାଗରଣ ଯୁଗର ଶ୍ରେଷ୍ଠ ଭାସ୍କର୍ଯ୍ୟ ଶିଳ୍ପୀ ଥିଲେ । ସେ ଈଶ୍ୱରୀୟ ସତ୍ତାର କଳ୍ପନାକୁ ମନୁଷ୍ୟ ମୂର୍ତ୍ତିରେ ଫୁଟାଇବାକୁ ଚେଷ୍ଟା କରି ସୁନ୍ଦର ଭାସ୍କର୍ଯ୍ୟମାନ ନିର୍ମାଣ କରିପାରିଥିଲେ । ତାଙ୍କ କୃତିଗୁଡ଼ିକ ମଧ୍ୟରେ ''ଡାଭିଡ୍'' (୧୫୦୧ ଖ୍ରୀ:ଅ:), ''ମୋଜେସ୍'' (୧୫୧୫ ଖ୍ରୀ:ଅ:) ଏବଂ ''କୁମାରୀ ମେରୀଙ୍କର ମୃତଯିଶୁଙ୍କ ପାଇଁ ଶୋକ'' (Descent from the cross) ଆଦି ଭାସ୍କର୍ଯ୍ୟଗୁଡ଼ିକ ଅତିବ ଜୀବନ୍ତରୂପେ ଖୋଦିତ ହୋଇଛି।

(୪) ଚିତ୍ରକଳାର ବିକାଶ (Development of Painting) :

ବୌଦ୍ଧିକ ଏବଂ ସାହିତ୍ୟିକ ବିକାଶ ପରେ ଇଟାଲୀୟ ନବଜାଗରଣର ସର୍ବାପେକ୍ଷା ଅଧିକ ଦୀର୍ଘସ୍ଥାୟୀ ସଫଳତା କଳା କ୍ଷେତ୍ରରେ ଲାଭ କରାଯାଇପାରିଥିଲା। ସମସ୍ତ କଳାଗୁଡ଼ିକ ମଧ୍ୟରେ ନବଜାଗରଣ ଯୁଗର ଚିତ୍ରକଳାଗୁଡ଼ିକ ସର୍ବୋତ୍କୃଷ୍ଟ ଥିଲା। ପ୍ରାୟ ୧୩୦୦ ଖ୍ରୀ:ଅ:ରେ ଗିଓଟ୍ଟୋ (Giotto)ଙ୍କ ଦ୍ୱାରା ଇଟାଲୀ ଇତିହାସର ଅତ୍ୟନ୍ତ ପ୍ରଭାବଶାଳୀ ଚିତ୍ରକଳାମାନ ରଚନା କରିବା ଆରମ୍ଭ ହୋଇଯାଇଥିଲା । ମାତ୍ର ପଞ୍ଚଦଶ ଶତାବ୍ଦୀ ପର୍ଯ୍ୟନ୍ତ ଇଟାଲୀୟ ଚିତ୍ରକଳା ଏହାର ଅସ୍ତିତ୍ୱକୁ ଜନସାଧାରଣଙ୍କ ମଧ୍ୟରେ ପରିଚିତ କରାଇପାରି ନଥିଲା । ପଞ୍ଚଦଶ ଶତାବ୍ଦୀର ପ୍ରାରମ୍ଭରେ ଆଲୋକର ସରଳ ରୈଖିକ ଗତି ସମ୍ପର୍କିତ ତତ୍ତ୍ୱର ଆବିଷ୍କାର ସହ ଚିତ୍ରକଳାଗୁଡ଼ିକରେ ତ୍ରିଦିଶା ଅନୁଭବ (Three Dimensions sense-3D) ସୃଷ୍ଟି କରାଯିବାର ପ୍ରୟାଶ କରାଯାଇଥିଲା । ପଞ୍ଚଦଶ ଶତାବ୍ଦୀର ଚିତ୍ରକରମାନେ ପ୍ରଥମେ ''ଆଲୋକ ଏବଂ ଛାୟା'' (Light & Shade) ପ୍ରଭାବକୁ ଚିତ୍ରାୟିତ କରିବାର ପ୍ରୟୋଗାତ୍ମକ ପ୍ରଚେଷ୍ଟା କରିଥିଲେ, ଯାହାକୁ ଚିଆରୋସ୍କୁରୋ (Chiaroscuro) ଶୈଳୀ କୁହାଗଲା । ଏହି ପଞ୍ଚଦଶ ଶତାବ୍ଦୀରେ ବ୍ୟକ୍ତିଗତ ସମ୍ପତ୍ତି ବୃଦ୍ଧି ଏବଂ ଆଂଶିକ ଧର୍ମନିରପକ୍ଷ ମନବୃତ୍ତିର ବିକାଶ କଳାକ୍ଷେତ୍ରକୁ ଧାର୍ମିକ ପ୍ରଭାବରୁ କ୍ରମଶଃ ମୁକ୍ତ କରିଦେଇଥିଲା। ଏଣୁ ଚିତ୍ର କଳା ବିଷୟବସ୍ତୁ କ୍ଷେତ୍ରରେ ବାଇବେଲର କାହାଣୀ ବ୍ୟତୀତ ଅନ୍ୟ ଧର୍ମନିରପେକ୍ଷ ପ୍ରସଙ୍ଗଗୁଡ଼ିକୁ ବହୁଳରୂପେ ଚିତ୍ରାୟନ କରାଯାଇଥିଲା । ପଞ୍ଚଦଶ ଶତାବ୍ଦୀରେ ପ୍ରଥମେ ତୈଳ ଚିତ୍ର (Oil Painting) ଅଙ୍କନ କରାଯିବା ମଧ୍ୟ ଆରମ୍ଭ କରାଯାଇଥିଲା। ସମ୍ଭବତଃ ଫ୍ଲାଣ୍ଡରସ୍ (Flanders) ପ୍ରଥମ ତୈଳଚିତ୍ର ପ୍ରସ୍ତୁତ କରିଥିଲେ। ତୈଳଚିତ୍ର ଅନ୍ୟ ଚିତ୍ରାଙ୍କନ ଯଥା ପ୍ରାଚୀର ଚିତ୍ର (Fresco) ପରି ଶୀଘ୍ର ଶୁଷ୍କ ହୋଇପାରୁ ନଥିବାରୁ ସେଗୁଡ଼ିକୁ ଅଙ୍କନ କରିବା ସମୟସାପେକ୍ଷ ଥିଲା। ଏଣୁ ତୈଳଚିତ୍ର ଶିଳ୍ପୀମାନେ ଧୀରେ ସୁସ୍ଥେ ଅଧିକ ସମୟ ନେଇ ନିଖୁଣ ଚିତ୍ର ଅଙ୍କନ ସହ ଆବଶ୍ୟକସ୍ଥଳେ ଅଙ୍କିତ ଅଂଶକୁ ମଧ୍ୟ ପରିବର୍ତ୍ତିତ କରି ଅଧିକ ଗ୍ରହଣୀୟ କରିପାରୁଥିଲେ ।

ପଞ୍ଚଦଶ ଶତାବ୍ଦୀର ଅଧିକାଂଶ ଚିତ୍ରଶିଳ୍ପୀ ଫ୍ଲୋରେନ୍ସୀୟ ଥିଲେ । ମାସାକିଓ (୧୪୦୧-୧୪୨୮ ଖ୍ରୀ:ଅ:) ପ୍ରାକ୍ ଯୌବନ ଅବସ୍ଥାରୁ ଚିତ୍ରକଳା ଅଙ୍କନ କରିବା ଆରମ୍ଭ କରିଥିଲେ। ମାତ୍ର ୨୭ ବର୍ଷରେ ମୃତ୍ୟୁ ବରଣ କରିଥିଲେ ମଧ୍ୟ ମାସାକିଓ (Masaccio)ଙ୍କ ଦ୍ୱାରା ଅଙ୍କିତ ଚିତ୍ରକଳାଗୁଡ଼ିକ ତାଙ୍କ ମୃତ୍ୟୁର ଏକଶତବର୍ଷ ପର୍ଯ୍ୟନ୍ତ ଇଟାଲୀୟ ଚିତ୍ରଶିଳ୍ପୀମାନଙ୍କୁ ଅନୁପ୍ରାଣିତ କରିଥିଲା। ''ପ୍ରକୃତିକୁ ଅନୁକରଣ'' କରିବାର ସଫଳତା ମାସାକିଓଙ୍କୁ ମହାନ କରିଥିଲେ, ଯାହା ନବଜାଗରଣ ଚିତ୍ରକଳାଗୁଡ଼ିକର ମୌଳିକ ମୂଲ୍ୟାୟନର ଆଧାର ହୋଇଥିଲା। ତାଙ୍କର ସୁପ୍ରସିଦ୍ଧ ଚିତ୍ରକଳା ''ତ୍ରିନିଟୀ'' (Trinity)ରେ ପ୍ରାଚୀର ଚିତ୍ର ଏବଂ ଆଲୋକ ଓ ଛାୟା (Chiaroscuro) କୌଶଳ ପ୍ରୟୋଗ କରି ସେ ଚିତ୍ରକଳାରେ ''ପ୍ରକୃତି ଅନୁକରଣ'' ପ୍ରଭାବକୁ ସଫଳତାର ସହ ପ୍ରସ୍ଫୁଟିତ କରିପାରିଛନ୍ତି। ଆଲୋକ ଓ ଛାୟାର ସ୍ୱାଭାବିକ ପରିପ୍ରକାଶରେ ସେ ତାଙ୍କର ''ସ୍ୱର୍ଗୋଦ୍ୟାନରୁ ଆଦାମ୍ ଓ ଇଭ୍‌ଙ୍କ ବହିଷ୍କାର'' (Expulsion of Adam and Eve from the Garden) ଚିତ୍ରକୁ ଏକ ନାଟକୀୟ ତଥା ଗତିଶୀଳ ସ୍ୱରୂପ ପ୍ରଦାନ କରିପାରିଛନ୍ତି। ଏହି ଚିତ୍ରରେ ବାଇବେଲ୍‌ର ବର୍ଣ୍ଣନାନୁରୂପ ବ୍ୟକ୍ତିଗତ ଲଜ୍ଜା ଏବଂ ପାପକର୍ମ ଭାବ ଉଭୟଙ୍କଠାରେ ସ୍ପଷ୍ଟ ରୂପେ ଫୁଟି ଉଠିଛି।

ମାସାକିଓଙ୍କ ଅଙ୍କନ ଶୈଳୀକୁ ପ୍ରତ୍ୟକ୍ଷ ରୂପେ ଅନୁକରଣ କରିଥିବା ଫ୍ଲୋରେନ୍ସର ସୁପରିଚିତ ଚିତ୍ରଶିଳ୍ପୀ ଥିଲେ— ସାଣ୍ଡ୍ରୋ ବୋଟିସେଲ୍ଲୀ (୧୪୪୪-୧୫୧୦ ଖ୍ରୀ:ଅ:)। ସେ ଉଭୟ ଧାର୍ମିକ ଏବଂ ପ୍ରାଚୀନ କଥାବସ୍ତୁକୁ ନେଇ ଚିତ୍ର ଅଙ୍କନ କରିଥିଲେ। ବୋଟିସେଲ୍ଲୀ ନଗ୍ନ ନାରୀ (Female Nude) ଚିତ୍ର ଅଙ୍କନ କରିବାରେ ସିଦ୍ଧହସ୍ତ ଥିଲେ। ସେ ଫ୍ଲୋରେନ୍ସର ନବପ୍ଲାଟୋବାଦୀ (Neoplatonists)ଙ୍କ ତତ୍ତ୍ୱରେ ଅନୁପ୍ରାଣିତ ହୋଇ ନିଜର ଚିତ୍ରକଳାଗୁଡ଼ିକୁ ମୁଖ୍ୟତଃ ଦାର୍ଶନିକ କଥାବସ୍ତୁ ଆଧାରରେ ସଜ୍ଜିତ କରିଥିଲେ। ତାଙ୍କ ପ୍ରଖ୍ୟାତ ଚିତ୍ରକଳା ମଧ୍ୟରେ ''ବସନ୍ତର ରୂପକଥା'' (Allegory of Spring) ଏବଂ ''ଶୁକ୍ରଙ୍କ ଜନ୍ମ'' (The Birth of Venus) ଚିତ୍ର ଦ୍ୱୟରେ ସେ ନବ ପ୍ଲାଟୋନୀୟବାଦ ଧାରଣାର ପ୍ରାଚୀନ ପ୍ରେମ ଦେବୀ, ଭେନସ୍ ବା ଆଫ୍ରୋଡ଼ିଟେଙ୍କୁ ଚିତ୍ରାୟାନ କରିଛନ୍ତି। ପରବର୍ତ୍ତିକାଳରେ ଫେର୍‌ରରାରୁ ଫ୍ଲୋରେନ୍ସକୁ ଆଗମନ କରିଥିବା ତଥା ''ସଂସାରିକ ପ୍ରବୃତ୍ତି ବିରୁଦ୍ଧରେ ଈଶ୍ୱରଙ୍କ ରୋଷ ବାଣୀ'' (Fire and Brimstone Sermons against Worldliness) ପ୍ରଚାର କରୁଥିବା ଧର୍ମଯାଜକ ସାଭୋନାରୋଲାଙ୍କର ସେ ଜଣେ ଅନୁଗାମୀ ହୋଇଥିଲେ ଏବଂ ଏହାପରେ ବୋଟୀସେଲ୍ଲୀ ସମ୍ଭବତଃ ତାଙ୍କରି ପ୍ରଭାବରେ ଆସି ''ରହସ୍ୟମୟ ଯୀଶୁ ଜନ୍ମ'' (Mystic Nativity) ଚିତ୍ର ଅଙ୍କନ କରିଥିଲେ। ଏହା ଗଭୀର ରୂପେ ଆନ୍ଦୋଳିତ କରୁଥିବା ଏକ ଧର୍ମସମ୍ବନ୍ଧୀୟ ଚିତ୍ରକଳା ଅଟେ, ଯେଉଁଥିରେ ସେ ପୃଥିବୀ ଅନ୍ତ ହେବାର କଳ୍ପନାକୁ ଚିତ୍ରାୟିତ କରିଛନ୍ତି। ବୋଟୀସେଲ୍ଲୀଙ୍କର ଅନ୍ତିମ ଦିନଗୁଡ଼ିକ ଅନ୍ଧକାରାଚ୍ଛନ୍ନ ଥିଲା। ବିଶ୍ୱାସ କରାଯାଏ ଯେ ଦାରିଦ୍ରତା କାରଣରୁ ସେ ମୃତ୍ୟୁବରଣ କରିଥିଲେ।

ଲିଓନାର୍ଡୋ-ଡା-ଭିନ୍‌ସି ବୋଧହୁଏ ସର୍ବାପେକ୍ଷା ଅଧିକ ଧୀମାନ ଫ୍ଲୋରେନ୍ସୀୟ ସୃଜନଶୀଳ ବ୍ୟକ୍ତିତ୍ୱ ଥିଲେ। ସେ ଏକାଧାରରେ ଚିତ୍ରଶିଳ୍ପ, ସ୍ଥପତି, ସଙ୍ଗୀତଜ୍ଞ, ଗଣିତଜ୍ଞ, ଯନ୍ତ୍ରୀ ଏବଂ ଉଦ୍ଭାବକ ଥିଲେ। ସେ ୨୫ବର୍ଷ ବୟସରେ ଫ୍ଲୋରେନ୍ସର ଶାସକ ମେଡିସିଙ୍କ ପୃଷ୍ଠପୋଷକତା ଲାଭ କରି ସେଠାରେ ବିଭିନ୍ନ କଳାଶିଳ୍ପର ଏକ ବିପଣୀ ଖୋଲିଥିଲେ। ସେ ଜନୈକ ଆଇନଜୀବୀ ଏବଂ ଜଣେ କୃଷିଜୀବୀ ମହିଳାଙ୍କର ଅବୈଧ ସନ୍ତାନ ଥିଲେ। ଯେକୌଣସି କାର୍ଯ୍ୟକୁ ଅତି ମନ୍ଥର ଭାବେ ସମ୍ପାଦନ କରିବା ତାଙ୍କ ଚରିତ୍ରର ଏକ ବଡ଼ ଦୁର୍ବଳତା ଥିଲା ଏବଂ ସେ କୌଣସି କାର୍ଯ୍ୟକୁ ନିର୍ଦ୍ଦିଷ୍ଟ ସମୟ କାଳ ମଧ୍ୟରେ ସମାପ୍ତ କରିବାରେ କଷ୍ଟ ଅନୁଭବ କରୁଥିଲେ। ଡା-ଭିନ୍‌ସିଙ୍କ ଚିତ୍ରକଳାଗୁଡ଼ିକ ଇଟାଲୀର ଉଚ୍ଚତର ନବଜାଗରଣ (High Renaissance) ସମୟ କାଳର ଅଟେ। ତାଙ୍କ ଦ୍ୱାରା ସୃଷ୍ଟ ପ୍ରସିଦ୍ଧ ଚିତ୍ରକଳାଗୁଡ଼ିକ ମଧ୍ୟରେ ''ପର୍ବତ କୁମାରୀ'' (Virgin of the Rocks) ଚିତ୍ରଟି ଦୁଇଟି ଭାଗରେ ଅଛି। ଏହା ବ୍ୟତୀତ ''ଶେଷ ରାତ୍ରିଭୋଜନ'' (Last Supper) ଏବଂ ''ମୋନାଲିସା'' (Monalisa) ତାଙ୍କ ଦ୍ୱାରା ଅଙ୍କିତ ଅନ୍ୟ ପ୍ରସିଦ୍ଧ ଚିତ୍ର କଳା ଅଟେ।

ଉଚ୍ଚତର ନବଜାଗରଣ ଯୁଗ ୧୪୯୦ ଖ୍ରୀ:ଅ: ବେଳକୁ ଆରମ୍ଭ ହୁଏ। ଏହି ସମୟରେ ବିକଶିତ ହୋଇଥିବା ଭେନୀସୀୟ ଶୈଳୀ କଳାର ମୁଖ୍ୟ କଳାଶିଳ୍ପୀମାନଙ୍କ ମଧ୍ୟରେ ଜିଓଭାନ୍ନୀ ବେଲ୍ଲିନୀ (୧୪୨୬-୧୫୧୬ ଖ୍ରୀ:ଅ:),

ଜିଓର୍ଗୀଓନେ (୧୪୭୮-୧୫୧୦ ଖ୍ରୀ:ଅ:) ଏବଂ ଟିଟିଆନ୍ (୧୪୭୭-୧୫୭୬ ଖ୍ରୀ:ଅ:) ଅନ୍ୟତମ ଥିଲେ। ଏମାନେ ସମସ୍ତେ ବାଣିଜ୍ୟ ସହର ଭେନିସ୍ ନିବାସୀଙ୍କ ବିଳାସପୂର୍ଣ୍ଣ ତଥା ଆନନ୍ଦଦାୟକ ଜୀବନଶୈଳୀର ଚିତ୍ର ଅଙ୍କିତ କରିଥିଲେ। ଅଧିକାଂଶ ଭେନିସ୍ ଚିତ୍ରକାର ଫ୍ଲୋରେନ୍ସ ଶୈଳୀ ଚିତ୍ରକଳାରେ ଥିବା ଦାର୍ଶନିକ ଏବଂ ମନୋବିଜ୍ଞାନ ଧର୍ମୀ କଥାବସ୍ତୁଗୁଡ଼ିକ ବିଷୟରେ ଆଦୌ ଚିନ୍ତା କରି ନଥିଲେ। ସେମାନଙ୍କର ଚିତ୍ରଗୁଡ଼ିକ ମନ ଅପେକ୍ଷା ଇନ୍ଦ୍ରୀୟଗୁଡ଼ିକ ଅଧିକ ତୃପ୍ତି ପ୍ରଦାନ କରୁଥିଲା। ନିଜର ଚିତ୍ରକଳାରେ ସେମାନେ ଭେନିସୀୟ ସୂର୍ଯ୍ୟାସ୍ତ ଏବଂ ପୂର୍ଣ୍ଣିମା ଚନ୍ଦ୍ରର ରୌପ୍ୟାଲୋକରେ ଉଦ୍ଭାସିତ ଜଳରାଶିର ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଜୀବନ୍ତ ରୂପେ ପ୍ରସ୍ଫୁଟିତ କରିପାରିଥିଲେ। ଏହା ସହ ସେମାନେ ଉଜ୍ଜ୍ୱଳ ମଣିମୁକ୍ତା, ବର୍ଣ୍ଣାଢ୍ୟ ରେଶମର ପାଟ ଲୁଗା ତଥା ମଖମଲି ବସ୍ତ୍ର ଏବଂ ଅତ୍ୟନ୍ତ ମନୋରମ ରାଜପ୍ରାସାଦ ପରି କୃତ୍ରିମ ବସ୍ତୁ ତଥା ନିର୍ମାଣଗୁଡ଼ିକୁ ମଧ୍ୟ ସେମାନଙ୍କ ଚିତ୍ରକଳାର ସ୍ଥାନିତ କରିଥିଲେ।

ଉଚ୍ଚତର ନବଜାଗରଣ ଯୁଗର ଅନ୍ୟ ଚିତ୍ରଶିଳ୍ପୀମାନଙ୍କ ମଧ୍ୟରେ ଉର୍ବିନୋର ରାଫେଲ୍ (୧୪୮୩-୧୫୨୦ ଖ୍ରୀ:ଅ:) ଅନ୍ୟତମ ଥିଲେ। ତାଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଥିବା ମହାନ ଚିତ୍ରକଳା ''ବିବାଦୀୟ'' (Disputa)ର କଥାବସ୍ତୁ ସ୍ୱର୍ଗର ଗୀର୍ଜା ଏବଂ ମର୍ତ୍ତ୍ୟର ଗୀର୍ଜା ମଧ୍ୟରେ ଥିବା ଦ୍ୱୈତ ସମ୍ପର୍କକୁ ସୂଚୀତ କରେ। ରାଫେଲ୍ଙ୍କର ''ଏଥେନ୍ସ ବିଦ୍ୟାଳୟ'' (School of Athens) ଚିତ୍ର ପ୍ଲାଟୋନୀୟବାଦୀ ଏବଂ ଆରିଷ୍ଟୋଟଲ୍‌ବାଦୀ ଦର୍ଶନ ମଧ୍ୟରେ ଥିବା ବିବାଦକୁ ଏକ ରୂପ କଥାରେ ପ୍ରତିନିଧିତ୍ୱ କରିଛି। ଏହି ଚିତ୍ରରେ ପ୍ଲାଟୋ (ଲିଓନାର୍ଡ଼ ରୂପେ ଚିତ୍ରିତ) ତାଙ୍କ ଆଦର୍ଶର ଆଧ୍ୟାତ୍ମିକ ଆଧାରକୁ ଊର୍ଦ୍ଧ୍ୱ ଦିଗରେ ନିର୍ଦ୍ଦେଶିତ କରି ସଙ୍କେତ ପ୍ରଦାନ କରୁଥିବା ବେଳେ ଆରିଷ୍ଟୋଟଲ ତାଙ୍କ ପାର୍ଥିବ ସଂସାରର ଭୌତିକ ବସ୍ତୁଗୁଡ଼ିକ ସହଥିବା ଅବିଚ୍ଛେଦ୍ୟ ସମ୍ପର୍କକୁ ନିମ୍ନ ଦିଗରେ ନିର୍ଦ୍ଦେଶିତ କରି ସୂଚୀତ କରିଛନ୍ତି। ରାଫେଲ୍ଙ୍କ ଦ୍ୱାରା ପ୍ରସ୍ତୁତ ମାଡ଼ୋନା (Madonnas)ଗୁଡ଼ିକ ତାଙ୍କୁ ପ୍ରଖ୍ୟାତ କରି ରଖିଛି। ତାଙ୍କର ମାଡୋନାଗୁଡ଼ିକ ଲିଓନାର୍ଡ଼ଙ୍କ ମାଡୋନାଠାରୁ ଅଧିକ ଆକର୍ଷଣୀୟ ଅଟେ।

ଉଚ୍ଚତର ନବଜାଗରଣର ଅନ୍ୟତମ ଶିଳ୍ପୀ ଥିଲେ ଫ୍ଲୋରେନ୍ସର ମାଇକେଲ ଆଞ୍ଜେଲୋ । ଆଞ୍ଜେଲୋ ଜଣେ ଆଦର୍ଶବାଦୀ ଥିଲେ ଏବଂ ସେ ନବ ପ୍ଲାଟୋବାଦରେ ଅନୁପ୍ରାଣିତ ହୋଇଥିଲେ। ତାଙ୍କ ଚିତ୍ରକଳାର କେନ୍ଦ୍ରବିନ୍ଦୁ ଥିଲା ମାନବ ଶରୀର, ଯାହା ତାଙ୍କ ଚିତ୍ରଗୁଡ଼ିକରେ ଅତି ଦକ୍ଷ, ବିଶାଳ ଏବଂ ଆକର୍ଷଣୀୟ ରୂପେ ପ୍ରତିନିଧିତ୍ୱ କରିଥାଏ। ତାଙ୍କ ଦ୍ୱାରା ରୋମର ସିଷ୍ଟିନ୍ ଚାପେଲ (Sistine Chapel)ର ଛାତରେ ଅଙ୍କିତ ''ଆଲୋକ ଓ ଅନ୍ଧାରବିଭାଜନକାରୀ ଈଶ୍ୱର'' (God Dividing the Light from Darkness), ''ଆଦାମ ସୃଷ୍ଟି'' (Creation of Adam) ଏବଂ ''ବନ୍ୟା'' (The Flood) ଚିତ୍ରଗୁଡ଼ିକ ଏହି ଯୁବଚିତ୍ରଶିଳ୍ପୀଙ୍କୁ ପ୍ରାଚୀନ ଗ୍ରୀକ୍ ସୌନ୍ଦର୍ଯ୍ୟବୋଧର ସମସ୍ତ ବିଭାଗଗୁଡ଼ିକଠାରୁ ସମ୍ମାନର ସହ ଦୂରେଇ ରଖିପାରିଥିଲା। ମାତ୍ର ଏହି ଚିତ୍ରାଙ୍କନର ୨୫ବର୍ଷ ପରେ ଯେତେବେଳେ ମାଇକେଲ ଆଞ୍ଜେଲୋ ପୁନର୍ବାର ସେହି ସିଷ୍ଟିନ୍ ଚାପେଲରେ ଚିତ୍ର ଅଙ୍କନ କରିଥିଲେ ସେତେବେଳେ ତାଙ୍କର ଅଙ୍କନ ଶୈଳୀ ନାଟକୀୟ ରୂପେ ସମ୍ପୂର୍ଣ୍ଣ ପରିବର୍ତ୍ତିତ ହୋଇଯାଇଥିଲା। ୧୫୩୬ ଖ୍ରୀ:ଅ:ରେ ତାଙ୍କ ଦ୍ୱାରା ପ୍ରସ୍ତୁତ ''ଶେଷ ବିଚାର'' (Last Judgment) ଚିତ୍ରରେ ସେ ନିଜକୁ ପ୍ରାଚୀନ ଗ୍ରୀକ୍ ଶୈଳୀରୁ ଦୂରେଇ ରଖି ପାରି ନ ଥିଲେ, ଯାହା ତାଙ୍କର ନକାରାତ୍ମକ ପରିକଳ୍ପନାର ପରିପ୍ରକାଶ ଥିଲା।

(୫) ଚିନ୍ତନ ଏବଂ ସାହିତ୍ୟର ନବଜାଗରଣ (The Renaissance of Thought and Literature) :

ଇଟାଲୀୟ ନବଜାଗରଣର ମହାନ ବିଦ୍ୱାନ ଏବଂ ଲେଖକମାନଙ୍କ କୃତିଗୁଡ଼ିକୁ ଅନୁଶୀଳନ କରିବା ବେଳେ ସ୍ୱାଭାବିକ ରୂପେ ଫ୍ରାଙ୍କିସ୍ ପେଟ୍ରାର୍କଙ୍କ ସାହିତ୍ୟ କୃତିଗୁଡ଼ିକୁ ପ୍ରଥମେ ବିଚାର କରିବାକୁ ପଡ଼ିଥାଏ। ବୈଷୟିକ ରୂପେ ଦେଖିବାକୁ ଗଲେ ପେଟ୍ରାର୍କଙ୍କୁ ''ପ୍ରଥମ ନବଜାଗରଣ ମାନବ'' ରୂପେ ପରିଗଣିତ କରିବାକୁ ପଡ଼େ। ସେ ପ୍ରାଚୀନ ଲାଟିନ ସାହିତ୍ୟ କୃତିଗୁଡ଼ିକର ଅନୁସନ୍ଧାନ ପୂର୍ବକ ସେଗୁଡ଼ିକୁ ଲୋକଲୋଚନକୁ ଆଣିପାରିଥିଲେ। ତାଙ୍କ ରଚିତ କବିତାଗୁଡ଼ିକ ତାଙ୍କୁ ସମ୍ପୂର୍ଣ୍ଣ ରୂପେ ନବଜାଗରଣ ସାହିତ୍ୟିକ ଇତିହାସ ମଧ୍ୟକୁ ଟାଣି ନିଏ। ସେ ଇଟାଲୀୟ ବର୍ଣ୍ଣମାଳରେ ଲାଟିନ କବିତାମାନ

ରଚନା କରିଥିଲେ । ସର୍ବୋପରି ଇଟାଲୀୟ ଚର୍ତୁଃଦଶପଦୀ କବିତା, ଯାହା ପରବର୍ତ୍ତୀ କାଳରେ ''ପେଟ୍ରାର୍ଚାନ ଚର୍ତୁଃଦଶପଦୀ'' ରୂପେ ବିବେଚିତ ହୋଇଥିଲା, ତାହାକୁ ସେ ତାଙ୍କର ପ୍ରେୟସୀ ଲୌରା (Laura)ଙ୍କ ପାଇଁ ଜଣେ ଦୁଃସାହାସୀ କବିଙ୍କ ସମ୍ମାନସ୍ପଦ ଶୈଳୀରେ ରଚନା କରିଥିଲେ । ଏହି ଶୈଳୀକୁ ସମ୍ପୂର୍ଣ୍ଣ ନବଜାଗରଣ ଯୁଗରେ ବହୁଳ ରୂପେ ଅନ୍ୟମାନଙ୍କ ଦ୍ୱାରା ଅନୁକରଣ କରାଯାଇଥିଲା । ନବଜାଗରଣ ଯୁଗର ଅନ୍ୟ ସୃଜନଶୀଳ ନଗର ସାହିତ୍ୟିକ ସଂସ୍କୃତି ସମ୍ପନ୍ନ ବ୍ୟକ୍ତିମାନେ ପ୍ରାଚୀନ ପରମ୍ପରାର ସାହିତ୍ୟଗୁଡ଼ିକୁ ଅଧ୍ୟୟନ କରିଥିଲେ । ସେମାନଙ୍କ ମଧ୍ୟରୁ ଅନେକ ବହୁ ଗୁରୁତ୍ୱପୂର୍ଣ୍ଣ ନୂତନ ଲାଟିନ ଗ୍ରନ୍ଥମାନ ଆବିଷ୍କାର କରିଥିଲେ । ମାତ୍ର ସେମାନେ ପ୍ରାଚୀନ ଗ୍ରୀକ୍ ଶାସ୍ତ୍ରଗୁଡ଼ିକୁ ଅଧ୍ୟୟନ କରିବା ଅଧିକ ଗୁରୁତ୍ୱପୂର୍ଣ୍ଣ ଥିଲା । ଏହି ଅଧ୍ୟୟନ ପ୍ରଚେଷ୍ଟାରେ ସେମାନଙ୍କୁ ଖ୍ରୀଷ୍ଟୀୟ ପଞ୍ଚଦଶ ଶତାବ୍ଦୀର ପ୍ରଥମାର୍ଦ୍ଧରେ ଇଟାଲୀକୁ ପଳାଇ ଆସିଥିବା ଅନେକ ବାଯାଣ୍ଟିନୀୟ ବିଦ୍ୱାନମାନେ ସହଯୋଗର ହାତ ବଢ଼ାଇଥିଲେ । ଏହି ଦେଶାନ୍ତରରୁ ଆଗତ ବିଦ୍ୱାନମାନେ ଇଟାଲୀୟମାନଙ୍କୁ ଲାଟିନ୍‌ରେ ଲିଖିତ ଗ୍ରନ୍ଥଗୁଡ଼ିକୁ ଗ୍ରୀକ୍ ଭାଷାରେ ପଠନ କରିବାର ନିର୍ଦ୍ଦେଶାବଳୀଗୁଡ଼ିକ ବିଷୟରେ ସୂଚନାମାନ ପ୍ରଦାନ କରିଥିଲେ । ଏହିପରି ସେମାନଙ୍କର ପୂର୍ବଜମାନଙ୍କ ଦ୍ୱାରା ଆହରଣ କରାଯାଇଥିବା ସାହିତ୍ୟିକ ଜ୍ଞାନକୁ ବାଯାଣ୍ଟିନୀୟ ପଣ୍ଡିତମାନେ ଇଟାଲୀୟମାନଙ୍କୁ ଶିକ୍ଷା ଦେଇଥିଲେ । ଏହା କରିବା ଦ୍ୱାରା ସେମାନେ ଇଟାଲୀୟ ବିଦ୍ୱାନମାନଙ୍କୁ କନ୍‌ଷ୍ଟାଣ୍ଟିନୋପଲ ଏବଂ ଅନ୍ୟ ନିକଟବର୍ତ୍ତୀ ପୂର୍ବ ଭୂଭାଗକୁ ଯାତ୍ରାରେ ଯାଇ ଗ୍ରୀକ୍ ପାଣ୍ଡୁଲିପିମାନ ଅନ୍ୱେଷଣ କରିବାକୁ ଉତ୍ସାହିତ କରିଥିଲେ । ଇଟାଲୀୟ ସାହିତ୍ୟକାର ଜିଓଭାନ୍ନୀ ଔରିସ୍ପା ୧୪୨୩ ଖ୍ରୀ:ଅ:ରେ ଏକାକୀ ୨୩୮ ଗୋଟି ଗ୍ରୀକ୍ ପାଣ୍ଡୁଲିପି ସଂଗ୍ରହ କରିବାରେ ସଫଳ ହୋଇଥିଲେ । ସେଗୁଡ଼ିକ ମଧ୍ୟରେ ସୋଫୋକ୍ଲିସ୍, ୟୁରିପିଡେସ୍ ଏବଂ ଥୁସାଇଡିଡେସ୍‌ଙ୍କ ପାଣ୍ଡୁଲିପିମାନ ମଧ୍ୟ ଅନ୍ତର୍ଭୁକ୍ତ ଥିଲା । ଏହିପରି ଅଧିକାଂଶ ପ୍ରାଚୀନ ଗ୍ରୀକ୍ ଗ୍ରନ୍ଥ ବିଶେଷକରି ପ୍ରସିଦ୍ଧ ଗ୍ରୀକ୍ ନାଟ୍ୟକାର ତଥା ଐତିହାସିକ ପ୍ଲାଟୋଙ୍କର ରଚନାଗୁଡ଼ିକ ପ୍ରଥମ କରି ପାଶ୍ଚାତ୍ୟ ୟୁରୋପକୁ ଉପଲବ୍ଧ ହୋଇପାରିଥିଲା ।

ଲୋରେଞ୍ଜୋ ଭାଲ୍ଲା (୧୪୦୭-୧୪୫୭ ଖ୍ରୀ:ଅ:) ଜଣେ ଉଚ୍ଚ ଶ୍ରେଣୀର ନବଜାଗରଣଯୁଗୀୟ ଚିନ୍ତକ ଥିଲେ । ସେ ବ୍ୟାକରଣ ଏବଂ ଆଳଙ୍କାରିକ ସାହିତ୍ୟରେ ପ୍ରବୀଣ ଥିଲେ । ସେ ପ୍ରାଚୀନ ସାହିତ୍ୟରେ ବର୍ଣ୍ଣିତ ଥିବା ''କନ୍‌ଷ୍ଟାଣ୍ଟିନ୍ ଦାନ'' (Donation of Constantine)କୁ ସେ ଏକ ମଧ୍ୟଯୁଗୀୟ ପ୍ରବଞ୍ଚନା ରୂପେ ପ୍ରମାଣସିଦ୍ଧ କରିଦେଇଥିଲେ । ମାତ୍ର ସେ ପଲିନ୍ ଇପିଷ୍ଟେଲ୍‌ସ୍‌ଙ୍କ ଶିକ୍ଷାକୁ ସମ୍ମାନ ପ୍ରଦର୍ଶନ କରୁଥିଲେ ଏବଂ ତାଙ୍କର ଅନ୍ତିମ ଲକ୍ଷ୍ୟ ସମ୍ପୂର୍ଣ୍ଣ ରୂପେ ନକାରାତ୍ମକ ଥିଲା । ଏଣୁ ତାଙ୍କର ''ନୂତନ ଟେଷ୍ଟାମେଣ୍ଟରଟୀକା'' (Notes on the New Testament)ରେ ସେ ସେଣ୍ଟପଲ୍‌ଙ୍କ ଦ୍ୱାରା ବ୍ୟବହୃତ ଶବ୍ଦଗୁଡ଼ିକର ଆକ୍ଷରିକ ଅର୍ଥକୁ ବୁଝାଇବା ପାଇଁ ନିଜର ଗ୍ରୀକ୍ ବିଶେଷ ଜ୍ଞାନକୁ ବ୍ୟବହାର କରିଛନ୍ତି । କାରଣ ସେ ବିଶ୍ୱାସ କରୁଥିଲେ ଯେ ''ଚତୁର୍ଥ ଶତାବ୍ଦୀର ଲାଟିନ ଭାଷାନ୍ତରୀକରଣ ଟେଷ୍ଟାମେଣ୍ଟର ଅର୍ଥକୁ ଅସ୍ପଷ୍ଟ କରିପକାଇଛି'' । ଏହି ସାହିତ୍ୟିକ କୃତିକୁ ଇଟାଲୀୟ ନବଜାଗରଣ ବୃତ୍ତି ଏବଂ ପରବର୍ତ୍ତୀ ଉତ୍ତର ୟୁରୋପୀୟ ଖ୍ରୀଷ୍ଟୀୟ ସାହିତ୍ୟିକ ସଂସ୍କୃତି ଓ ଦର୍ଶନ ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ କଡ଼ି ରୂପେ ବିବେଚନା କରାଯାଏ ।

ଇଟାଲୀୟ ବୌଦ୍ଧିକ ଚିନ୍ତନକୁ ୧୪୫୦ ଖ୍ରୀ:ଅ:ରୁ ୧୬୦୦ ଖ୍ରୀ:ଅ: ପର୍ଯ୍ୟନ୍ତ ନବ ପ୍ଲାଟୋନୀୟବାଦୀ (Neoplatonists)ମାନେ ପ୍ରଭାବିତ କରି ରଖିଥିଲେ । ସେମାନେ ପ୍ଲାଟୋ, ପ୍ଲୋଟିନସ୍ ଏବଂ ଖ୍ରୀଷ୍ଟଧର୍ମ ସହ ସମ୍ପର୍କିତ ଅନେକ ପ୍ରାଚୀନ ବିଚିତ୍ରବାଦ ଗୁଡ଼ିକର ଚିନ୍ତନକୁ ଏକତ୍ରୀକରଣ କରି ଏକ ନୂତନ ଦର୍ଶନର ଆବିଷ୍କାର କରିଥିଲେ, ଯାହା ''ନବପ୍ଲାଟୋବାଦ'' (Neoplatonism) ଥିଲା । ଏହି ନବପ୍ଲାଟୋବାଦୀମାନଙ୍କ ମଧ୍ୟରେ ମାର୍ସୀଲୋ ଫିସିନୋ (୧୪୩୩-୧୪୯୯ ଖ୍ରୀ:ଅ:) ଏବଂ ଜିଓଭାନ୍ନୀ ପିକୋଡେଲ୍ଲା ମିରାଣ୍ଡୋଲା (୧୪୬୩-୧୪୯୪ ଖ୍ରୀ:ଅ:) ଅନ୍ୟତମ ଥିଲେ । ଉଭୟ କେସିମୋ-ଡି-ମେଡିସ୍‌ଙ୍କ ଦ୍ୱାରା ଫ୍ଲୋରେନ୍ସରେ ପ୍ରତିଷ୍ଠିତ ପ୍ଲାଟୋନୀୟ ଏକାଡେମୀ (Platonic Academy)ର ସଦସ୍ୟ ଥିଲେ । ଏହି ଏକାଡେମିରେ ପ୍ଲାଟୋଙ୍କ ରଚନା ଏବଂ ଦର୍ଶନକୁ ତର୍ଜମା କରାଯାଉଥିଲା । ଫିସିନୋଙ୍କ ଦ୍ୱାରା ପ୍ଲାଟୋଙ୍କ କୃତିଗୁଡ଼ିକୁ ଲାଟିନ୍‌ରୁ ଗ୍ରୀକ୍‌କୁ ଭାଷାନ୍ତର କରାଯାଇଥିଲା । ଫଳରେ ସେଗୁଡ଼ିକ ପଶ୍ଚିମ ୟୁରୋପରେ ବହୁଳ ରୂପେ ପାଠକରାଯାଇ

ପାରିଥିଲା । ଫିସିନୋଙ୍କ ଶିଷ୍ୟ ଜିଓଭାନ୍ନୀ ପିକୋ ଡେଲ୍ଲା ମିରାଣ୍ଡୋଲାଙ୍କ ଦ୍ୱାରା ''ମାନବଙ୍କ ସମ୍ମାନରେ ବକ୍ତୃତା'' (Oration on the Dignity of Man) ନାମକ ଏକ ପ୍ରସିଦ୍ଧ ପୁସ୍ତକ ରଚନା କରାଯାଇଥିଲା ।

ନବଜାଗରଣ ଯୁଗରେ ଇଟାଲୀୟ ମହାନ ରାଜନୈତିକ ଚିନ୍ତକ ଥିଲେ ନିକୋଲୋ ମାକିଆଭେଲି (୧୪୬୯-୧୫୨୭ ଖ୍ରୀ:ଅ:) । ତାଙ୍କର ସାହିତ୍ୟ କୃତିଗୁଡ଼ିକ ମଧ୍ୟରେ ''ଡିସ୍‌କୋର୍ସସେ ଅନ୍ ଲିଭି'' (Discourses on Livy), ବେଲଫାଗୋର (Belfagor), ମନ୍ଦ୍ରାଗୋଲା (Mandragola) ଏବଂ ରାଜପୁତ୍ର (The Prince) ଅନ୍ୟତମ ଅଟେ। ମାକିଆଭେଲିଙ୍କ ବ୍ୟତୀତ ବାଲ୍‌ଡେସାର କାଷ୍ଟିଗ୍ଲିଓନୀଙ୍କ ''ପାରିଷଦ ପୁସ୍ତକ'' (The Book of Courtier : 1516 AD), ଲୁଡୋଭିକେ ଅରିଓଷ୍ଟୋ (୧୪୭୪-୧୫୩୩ ଖ୍ରୀ:ଅ:)ଙ୍କ ''ଓରଲାଣ୍ଡୋଙ୍କ ବାତଳାମି'' (Orlando Furioso : The Madness of Orlando) ଏବଂ ମାଇକେଲ ଆଞ୍ଜେଲ୍‌ଙ୍କ ଅନେକ କବିତାମାନ ନବଜାଗରଣ ଯୁଗର ଅନନ୍ୟ ସାହିତ୍ୟ କୃତିମାନ ଅଟେ।

ନବଜାଗରଣ ଯୁଗର ଚିନ୍ତକଗଣ (The Thought Tanks of the Renaissance) :

ଯେଉଁ ମନିଷୀମାନେ ବହୁ ବାଧାବିଘ୍ନର ସମ୍ମୁଖୀନ ହୋଇ ମଧ୍ୟ ସେମାନଙ୍କ ଅକ୍ଲାନ୍ତ ପରିଶ୍ରମ ବଳରେ ୟୁରୋପୀୟ ନବଉନ୍ମେଷାର ଉପରୋକ୍ତ ଉଦ୍ଦେଶ୍ୟଗୁଡ଼ିକୁ ଫଳବତୀ କରିଥିଲେ, ସେମାନଙ୍କ ମଧ୍ୟରୁ କେତେକ ପ୍ରମୁଖ ଚିନ୍ତକଗଣ ହେଲେ :-

(୧) ଥାର୍ବେଲର୍ଡ୍ : ୧୧୦୦-୧୧୪୦ ଖ୍ରୀ:ଅ: (Therbelord : 1100-1140 AD):

ପ୍ୟାରିସ୍ ବିଶ୍ୱବିଦ୍ୟାଳୟରେ ପାଠ ପଢ଼ାଉଥିବା ଏହି ମନିଷୀଙ୍କ ବକ୍ତବ୍ୟ, ''ଈଶ୍ୱର କହିଛନ୍ତି ବୋଲି ଯେ ଆମେ ଯେକୌଣସି ଚିନ୍ତାଧାରାକୁ ଯୁକ୍ତିଯୁକ୍ତ ମନେ କରିବା, ଏହା ଠିକ୍ ନୁହେଁ'' ପାଇଁ ସେ ଗୀର୍ଜା ଅଧିକାରୀଙ୍କ ରୋଷରେ ଶିକାର ହୋଇଥିଲେ ଏବଂ ଶେଷରେ ବାଧ୍ୟ ହୋଇ ସେ ତାଙ୍କର ଏହି ବକ୍ତବ୍ୟକୁ ପ୍ରତ୍ୟାହାର କରି ନେଇଥିଲେ ।

(୨) ରଗର ବାକୋନ୍ : ୧୨୧୪-୧୨୯୪ ଖ୍ରୀ:ଅ: (Roger Bacon : 1214-1294 AD) :

ଏହି ଇଂରାଜୀ ପଣ୍ଡିତ ଧର୍ମ ଓ ଧର୍ମାନ୍ଧମାନଙ୍କୁ ବିରୋଧ କରି ଗୀର୍ଜାର କାରାଗାରରେ ତାଙ୍କ ଅବଶିଷ୍ଟ ଜୀବନ ବିତାଇବାକୁ ବାଧ୍ୟ ହୋଇଥିଲେ, ଯାହାକୁ ଏଚ୍.ଏ. ଡାଭିସ୍ ''କୁଖ୍ୟାତ ବୌଦ୍ଧିକ ଦୁର୍ଘଟଣା'' ବୋଲି ବର୍ଣ୍ଣନା କରିଛନ୍ତି । କାରଣ ରଗର୍ ବାକନ୍ ଜଣେ ଅସାଧାରଣ ବ୍ୟକ୍ତିତ୍ୱ ଥିଲେ ଏବଂ ତାଙ୍କର ଦୂରଦୃଷ୍ଟି ଅତୁଳନୀୟ ଥିଲା । ତାଙ୍କର ଦୋଷ ଥିଲା ''ରୋଗ ସଇତାନ ଦ୍ୱାରା ନୁହେଁ ବରଂ ରୋଗ ଜୀବାଣୁ ଦ୍ୱାରା ହେଉଛି'' ବୋଲି ଠିକ୍ କଥା କହିବା, ଯାହାକି ଧର୍ମାନ୍ଧମାନଙ୍କୁ ସହ୍ୟ ହୋଇନଥିଲା ।

(୩) ଦାନ୍ତେ : ୧୨୬୫-୧୩୨୧ ଖ୍ରୀ:ଅ: (Dante : 1265-1321 AD) :

ଦାନ୍ତେ

ଫ୍ଲୋରେନ୍‌ସରେ ଜନ୍ମିତ ଏହି ମହାନ୍ କବିଙ୍କ ''ଦି ଡିଭାଇନ୍ କମେଡ଼ି'' (The Divine Comedy) ବା 'ଡିଭାନିଆ କମେଡ଼ିଆ'' ପୁସ୍ତକଟି ଏକ ଅନବଦ୍ୟ ସୃଷ୍ଟି । ଏହି ରଚନାରେ ଜଣେ ପ୍ରେମିକ ତାର ପରଲୋକଗତା ପ୍ରେମିକା ''ବ୍ରେଟିସ୍'' ନିକଟକୁ କିପରି ଏକାକୀ ଯାତ୍ରା କରୁଛି, ତାହାର ଏକ ବିଶଦ ବର୍ଣ୍ଣନା କରାଯାଇଛି । ମଧ୍ୟଯୁଗୀୟ ଜନମାନସରେ ସ୍ୱର୍ଗ ଓ ନର୍କ ମଧ୍ୟରେ ଥିବା ବିଭୀଷିକାମୟ ପାର୍ଥକ୍ୟର ଅନୁଭୂତିକୁ ଏହି ରଚନାରେ ବଡ଼ ଜୀବନ୍ତ ଭାବେ ଉପସ୍ଥାପନା କରାଯାଇଛି । ଯଦିଓ ଇଟାଲୀୟ ଭାଷାରେ ରଚିତ ଏହି ମହାନ କୃତି ଧର୍ମ ଧାରଣା ଉପରେ ପର୍ଯ୍ୟବସିତ, ତଥାପି ଏଥିରେ ଜଣେ ବ୍ୟକ୍ତିର ତାର ପ୍ରେମିକା, ମାତୃଭୂମି ଓ ନିଜ ଜୀବନର ପ୍ରଭୂତ ଘଟଣାବଳୀଗୁଡ଼ିକ ପ୍ରତି ଥିବା ଗଭୀର ପ୍ରେମଭାବର ଅନୁଭୂତିକୁ ଅତି ହୃଦୟସ୍ପର୍ଶୀ

ରୂପେ ଅବତାରଣା କରାଯାଇଛି । ଦାନ୍ତେଙ୍କ ରଚନାଗୁଡ଼ିକରେ କାଳଜୟୀ କବି ଭରଜୀଲଙ୍କ ପ୍ରଭାବ ସ୍ପଷ୍ଟ ବାରିହୋଇପଡ଼େ ଏବଂ ସେ ମଧ୍ୟ ନିର୍ଭୀକ ଭାବେ ତାଙ୍କର ଦର୍ଶନକୁ ନିଜ ରଚନା ମାଧ୍ୟମରେ ଉପସ୍ଥାପନା କରିଛନ୍ତି ।

(୪) ଫ୍ରାନ୍ସିସ୍କୋ ପେଟ୍ରାର୍ଚ : ୧୩୦୪-୧୩୭୪ ଖ୍ରୀ:ଅ: (Francesco Petrarch : 1304-1374 AD) :

ପେଟ୍ରାର୍ଚ

ପେଟ୍ରାର୍ଚ ହିଁ ୟୁରୋପର ଲଳିତ ସାହିତ୍ୟ ଜାଗରଣର ପଥ ପ୍ରଦର୍ଶକ ଥିଲେ । ତାଙ୍କୁ ଏଥିପାଇଁ ''ପ୍ରଥମ ଆଧୁନିକ ମଣିଷ'' ବୋଲି ଅଭିହିତ କରାଯାଏ । ଶାସ୍ତ୍ରୀୟ ଲାଟିନ୍ ସାହିତ୍ୟ ପ୍ରେମରେ ପଡ଼ିଥିବା ଏହି ଦାର୍ଶନିକ ପ୍ରଖ୍ୟାତ ଲାଟିନ୍ ସାହିତ୍ୟିକ ଭରଜୀଲ୍, ସିସେରୋ ଓ ଲିଭିଙ୍କ କୃତିଗୁଡ଼ିକରେ ନୂତନ ଉନ୍ମାଦନା ସୃଷ୍ଟି କରିବା ପାଇଁ କଠିନ ପରିଶ୍ରମ କରିଥିଲେ । ବିଶ୍ୱବିଦ୍ୟାଳୟମାନଙ୍କରେ ଯେଉଁଭଳି ଧର୍ମଶିକ୍ଷା ଦିଆଯାଉଥିଲା ତାହାକୁ ସେ କଟୁ ସମାଲୋଚନା କରିଥିଲେ ।

ସେ ବିଭିନ୍ନ ସୂତ୍ରରୁ ପ୍ରାୟ ୨୦୦ ପର୍ଯ୍ୟନ୍ତ ଲାଟିନ୍ ଓ ଗ୍ରୀକ୍ ପାଣ୍ଡୁଲିପି ସଂଗ୍ରହ କରି, ତାହାର ଗଭୀର ଅଧ୍ୟୟନ ଓ ସେଗୁଡ଼ିକର ସାର ସଂଗ୍ରହରେ ନିଜର ଅଧିକାଂଶ ସମୟକୁ ବିନିଯୋଗ କରିଥିଲେ। ସେ ୟୁରୋପର ନବଜାଗରଣକୁ ଏକ ନିର୍ଦ୍ଦିଷ୍ଟ ରୂପରେଖ ଦେଇ ସଠିକ୍ ମାର୍ଗ ଦର୍ଶନ କରାଇଥିଲେ । ସେଥିପାଇଁ ତାଙ୍କୁ ଯଥାର୍ଥରେ ''ନବଉନ୍ମେଷାର ଜନକ'' (Father of Renaissance) ବୋଲି କୁହାଯାଏ ।

(୫) ଜିଓଭାନି ବୋକାସିଓ : ୧୩୧୩-୧୩୭୫ ଖ୍ରୀ:ଅ: (Giovanni Boccacio : 1313-1375 AD) :



ବୋକାସିଓ

ପେଟ୍ରାର୍ଚଙ୍କର ତେଜସ୍ୱୀ ଶିଷ୍ୟ ବୋକାସିଓ ଗ୍ରୀକଭାଷା ସାହିତ୍ୟରେ ବ୍ୟୁତ୍ପତ୍ତି ଲାଭ କରିଥିଲେ । ସେ ୧୦୦ଟି ଗଳ୍ପ ସନ୍ନିବେଶିତ ''ଦି ଡେକାମେରନ୍'' ପୁସ୍ତକଟିରେ ମର୍ମସ୍ପର୍ଶୀ ବିଦ୍ରୂପ ଭାବକୁ ଏକ ଆଧୁନିକ ଶୈଳୀରେ ଉପସ୍ଥାପନା କରିଥିଲେ । ଗ୍ରୀକ୍ ଇତିହାସ, ଦର୍ଶନ, ଗଣିତ ଓ ରାଜନୀତିର ଅନ୍ତର୍ନିହିତ ଗୁଣାବଳୀକୁ ଲୋକଲୋଚନକୁ ଆଣିବାରେ ବୋକାସିଓଙ୍କ ଉଦ୍ୟମ ପ୍ରଶଂସନୀୟ ଥିଲା । ପ୍ଲାଟୋ, ଆରିଷ୍ଟୋଟଲ୍ ତଥା ଅନ୍ୟ ବହୁ ନାଟ୍ୟକାର ଓ କବିମାନଙ୍କର ରଚନାଗୁଡ଼ିକୁ ସେ ପରିବର୍ତ୍ତିତ ସ୍ଥିତିରେ ଆଧୁନିକ ରୂପରେଖ ଦେଇ ଉପସ୍ଥାପିତ କରିଥିଲେ । ଏହାଦ୍ୱାରା ସେ ମଧ୍ୟଯୁଗରୁ ପ୍ରଚଳିତ ହୋଇଆସୁଥିବା ଜ୍ଞାନକୁ ଆଧୁନିକ ସମାଜୋପଯୋଗୀ କରିପାରିଥିଲେ ।

ଅନେକ ଗ୍ରୀକ୍ ଏବଂ ଲାଟିନ୍ ପାଣ୍ଡୁଲିପିଗୁଡିକ ବିଭିନ୍ନ ଆଞ୍ଚଳିକ ଭାଷାକୁ ଅନୁବାଦିତ ହେବା ଫଳରେ ସାଧାରଣ ଲୋକ ଏହାର ସୁଫଳ ପାଇବାକୁ ଲାଗିଲେ ।

(୬) ଜନ୍ ଗୁଟେନବର୍ଗ : ୧୩୯୫-୧୪୬୮ ଖ୍ରୀ:ଅ:

(Johannes Gensfleisch Zur Laden Zum Gutenberg : 1395-1468 AD) :



ଜନ୍ ଗୁଟେନବର୍ଗ

ଜର୍ମାନୀର ଜନ୍ ଗୁଟେନ୍‌ବର୍ଗ ନିଜ ସହର ମାନିଜ୍‌ଠାରେ ୧୪୫୦ ଖ୍ରୀ:ଅ.ରେ ପ୍ରଥମେ ଗୋଟିଏ ଟାଇପ୍ ମେସିନ୍ ପ୍ରସ୍ତୁତ କରିଥିଲେ । ପରେ ସେ ଏହାକୁ ଏକ ମୁଦ୍ରଣ ଯନ୍ତ୍ରରେ ରୂପାନ୍ତରିତ କରିଥିଲେ ଏବଂ ତାହାଦ୍ୱାରା ୧୪୫୪ ଖ୍ରୀ:ଅ. ବେଳକୁ ସେ ଦୁଇଟି ପୁସ୍ତକ ''ଲେଟର ଅଫ୍ ଇଣ୍ଡଲଜେନ୍ସ୍'' (Letter of Indulgence) ଓ ''ସ୍ମଲ ବାଇବେଲ୍'' (Small Bible) ପ୍ରକାଶ କରିଥିଲେ । ପରେ ପରେ ମୁଦ୍ରଣ କଳା ଇଂଲଣ୍ଡ, ଫ୍ରାନ୍ସ, ଇଟାଲୀ ଓ ଅନ୍ୟାନ୍ୟ ୟୁରୋପୀୟ ଦେଶକୁ ପ୍ରସାରିତ ହୋଇଥିଲା । ଏହାଦ୍ୱାରା

ବହୁ ସଂଖ୍ୟାରେ ଓ ବିଭିନ୍ନ ଭାଷାରେ ପୁସ୍ତକଗୁଡ଼ିକ ମୁଦ୍ରିତ ହୋଇ ପୃଥିବୀର କୋଣ ଅନୁକୋଣକୁ ଜ୍ଞାନ ବିଜ୍ଞାନର ଆଲୋକ
ସଞ୍ଚାରି ଦେଇଥିଲା । ଫଳରେ ନବଉନ୍ମେଷା ଆନ୍ଦୋଳନର ପ୍ରଗତି ପ୍ରଖର ହୋଇପାରିଥିଲା ।

(୭) ଲିଓନାର୍ଦ୍ ଦା ଭିନ୍‌ସି : ୧୪୫୨-୧୫୧୯ ଖ୍ରୀ:ଅ: (Leonardo-da-Vinci : 1452-1519 AD) :

ଲିଓନାର୍ଦ୍-ଦା-ଭିନ୍‌ସି ଏକାଧାରରେ ଜଣେ ଚିତ୍ରକର, ଭାସ୍କର, ସ୍ଥପତି, କବି ଓ ରଚନାକାର, ଗଣିତଜ୍ଞ, ଇଂଜିନିୟର ତଥା ବୈଜ୍ଞାନିକ ଥିଲେ । ସେ ଇଟାଲୀର ଫ୍ଲୋରେନ୍‌ସ ସହରଠାରୁ ଏକଶହ କି.ମି. ଦୂରରେ ଥିବା ଭିନ୍‌ସି ଗ୍ରାମରେ ୧୪୫୨ ଖ୍ରୀ.ଅ.ରେ ଜନ୍ମଗ୍ରହଣ କରିଥିଲେ। ବହୁ ପ୍ରତିଭାଧାରୀ ଏହି ବ୍ୟକ୍ତିଙ୍କୁ ସର୍ବଗୁଣମୟ ବ୍ୟକ୍ତିତ୍ୱ ବା 'Universal man' ରୂପେ ଅଭିହିତ କରାଯାଏ । ତାଙ୍କର ଚିନ୍ତନଧାରା ସମସାମୟିକ ସମାଜର ଚିନ୍ତାଧାରାଠାରୁ ଅନେକ ପ୍ରଗତିଶୀଳ ଥିଲା ।

ତାଙ୍କର ଅଗଣିତ ଚିତ୍ରକଳା ମଧ୍ୟରେ "ଦି ଭିର୍ଜିନ ଅଫ୍ ଦି ରକ୍‌ସ" (୧୪୭୮ ଖ୍ରୀ:ଅ:), "ଦି ଲାଷ୍ଟ ସପର୍" (୧୪୯୪ ଖ୍ରୀ:ଅ:) ଓ "ମୋନାଲିସା" ଅନ୍ୟତମ । ୧୪୯୪ ଖ୍ରୀ:ଅ. ପରେ ସେ ନିର୍ମାଣ କାର୍ଯ୍ୟରେ ମନୋନିବେଶ କରି କିଛିଦିନ ପରେ ମୁଖ୍ୟ ଇଞ୍ଜିନିୟର ହୋଇପାରିଥିଲେ । ଫ୍ରାନ୍‌ସର ଶାସକ ଫ୍ରାନ୍‌ସିସ-ପ୍ରଥମଙ୍କ ଦ୍ୱାରା ନିମନ୍ତ୍ରିତ ହୋଇ ସେ ୧୫୧୬ ଖ୍ରୀ:ଅ:ରେ ପ୍ୟାରିସ୍ ଚାଲିଯାଇଥିଲେ । ଏଠାରେ କାର୍ଯ୍ୟରତ ଥିବାବେଳେ ଏକ ଫରାସୀ ଦୁର୍ଗରେ ସେ ୧୫୧୯ ଖ୍ରୀ:ଅ:ରେ ଶେଷନିଃଶ୍ୱାସ ତ୍ୟାଗ କରିଥିଲେ ।

(୮) ସାର୍ ଥୋମାସ୍ ମୋରେ : ୧୪୫୫-୧୫୩୫ ଖ୍ରୀ:ଅ: (Sir Thomas More : 1455-1535 AD) :

ଇଂଲଣ୍ଡର ପ୍ରଖ୍ୟାତ ଲେଖକ ସାର୍ ଥୋମାସ୍ ମୋରେ ତାଙ୍କ ପ୍ରସିଦ୍ଧ ପୁସ୍ତକ "ୟୁଟୋପିଆ" ପାଇଁ ବିଖ୍ୟାତ ଅଟନ୍ତି । ୟୁରୋପୀୟ ଦେଶମାନଙ୍କ ଯେଉଁ ମନିଷୀମାନେ ନବଜାଗରଣରେ ଅଂଶଗ୍ରହଣ କରିଥିଲେ, ସେମାନଙ୍କ ମଧ୍ୟରେ ମୋରେ ଅନ୍ୟତମ ।

(୯) ନିକୋଲାସ୍ ମାକିଆଭେଲି : ୧୪୬୯-୧୫୨୭ ଖ୍ରୀ:ଅ: (Niccolo Machiavelli : 1469-1527 AD) :

ମାକିଆଭେଲି

ଇଟାଲୀର ଫ୍ଲୋରେନ୍‌ସ ନଗରୀରେ ଜନ୍ମିତ ନିକୋଲାସ୍ ମାକିଆଭେଲିଙ୍କର ରଚନାଗୁଡ଼ିକ ଜୀବନର ମୂଲ୍ୟବୋଧ ଓ ଧାର୍ମିକ ଅନୁଶୀଳନର ପରିପନ୍ଥୀ ଥିଲା, ଯାହାକି ତାଙ୍କର "ଦି ପ୍ରିନ୍‌ସ" ପୁସ୍ତକରୁ ସ୍ପଷ୍ଟ ଅନୁମେୟ ହୁଏ । ସେ ସମୟର ଇଟାଲୀ ରାଜନୀତି ଓ କୂଟନୀତିକୁ ଅତି ନିକଟରୁ ଅନୁଧ୍ୟାନ କରି ସେ ଏହି ସିଦ୍ଧାନ୍ତରେ ଉପନୀତ ହୋଇଥିଲେ ଯେ "ନିର୍ଦ୍ଦିଷ୍ଟ ଏକ ଲକ୍ଷ୍ୟ ହାସଲ ପାଇଁ ଦରକାର ପଡିଲେ ଯେକୌଣସି ଜଘନ୍ୟ ପନ୍ଥା ଅନୁସରଣ କରାଯାଇପାରେ । ଜଣେ ଶାସକ ସବୁ ସମୟରେ ନୈତିକତା ଓ ଆଦର୍ଶକୁ ଅବଲମ୍ବନ ନ କରି ଆବଶ୍ୟକ ପଡ଼ିଲେ ଅସତ୍ ଉପାୟ ମଧ୍ୟ ପ୍ରୟୋଗ କରି ନିଜର ଲକ୍ଷ୍ୟ ହାସଲ କରିବାରେ କୌଣସି ବାଧା ନାହିଁ" ବୋଲି ମତବ୍ୟକ୍ତ କରିଥିଲେ ।

ତାଙ୍କ ନାମାନୁସାରେ ପ୍ରଚଳିତ ଶବ୍ଦ "ମାକିଆଭେଲିଆନ୍" (Machaivellian)ର ରାଜନୈତିକ ଅର୍ଥ ହେଲା, 'ଧୂର୍ତ୍ତ ଓ ଶଠ'; କିନ୍ତୁ ଐତିହାସିକମାନେ ଏହାକୁ "ଅନୈତିକ କାର୍ଯ୍ୟ" ବୋଲି ଅଭିହିତ କରନ୍ତି । ଆଧୁନିକ ମଣିଷ ଅନ୍ୟ ଜଣେ ବ୍ୟକ୍ତିକୁ ବିନା କାରଣରେ ହତ୍ୟା କରିବାକୁ ମଧ୍ୟ "Machiavellian Principle"ର ଆଶ୍ରୟ ନେବାକୁ କୁଣ୍ଠିତ ହୁଏ ନାହିଁ । ଜୀବନରେ କୌଣସି ଲକ୍ଷ୍ୟ ହାସଲ ପାଇଁ ଏପରି ଅନୈତିକ ପନ୍ଥା କେବେବି ଯୁକ୍ତିଯୁକ୍ତ ନୁହେଁ ।

(୧୦) ନିକୋଲାସ୍ କୋପରନିକସ୍ : ୧୪୭୩-୧୫୪୩ ଖ୍ରୀ:ଅ:(Nicholas Copernicus : 1473-1543 AD) :

ପୋଲାଣ୍ଡରେ ଜନ୍ମିତ ନିକୋଲାସ୍ କୋପରନିକସ୍ ଆଲୋକବିଦ୍ୟା ଓ ଗଣିତ ଅଧ୍ୟୟନ ପାଇଁ କ୍ରାକାଓ ବିଶ୍ୱବିଦ୍ୟାଳୟରେ ଭର୍ତ୍ତି ହୋଇଥିଲେ । ତାପରେ ସେ ଇଟାଲୀ ଚାଲିଆସି ଗୀର୍ଜା ନିୟମର ଅଧ୍ୟୟନ କଲେ ।

କୋପରନିକସ୍‌ଙ୍କୁ ଆଧୁନିକ ଜ୍ୟୋତିର୍ବିଜ୍ଞାନର ପ୍ରତିଷ୍ଠାତା ବୋଲି ଅଭିହିତ କରାଯାଏ । କାରଣ ସେ ଟୋଲେମି ଓ ପ୍ଲାଟୋଙ୍କ ଯୁଗରୁ ଯାହା ବିଶ୍ୱାସ କରାଯାଉଥିଲା–"ପୃଥିବୀ ସ୍ଥିର ଏବଂ ଗ୍ରହନକ୍ଷତ୍ରମାନେ ପୃଥିବୀ ଚାରିପଟେ ଘୁରୁଛନ୍ତି" ତାହାକୁ ଖଣ୍ଡନ କରି "ପୃଥିବୀ ଓ ଅନ୍ୟାନ୍ୟ ଗ୍ରହମାନେ ସୂର୍ଯ୍ୟ ଚାରିପାଖରେ ଘୁରୁଛନ୍ତି" ବୋଲି ମତଦେଇ "ଡି ରିଭୋଲୁସନିବସ୍" ପୁସ୍ତକ ରଚନା କରିଥିଲେ । ମାତ୍ର ଏହି ପୁସ୍ତକର ପ୍ରକାଶନ ଦାୟିତ୍ୱ ନେଇଥିବା ତାଙ୍କର ବନ୍ଧୁ

ଧର୍ମଯାଜକ ମୂଳ ଲେଖାକୁ ବିକୃତ କରି ''ଡ଼ି ରିଭୋଲୁସନିବସ୍ ଅର୍ବିଅସ ସିଲେଷ୍ଟିଅମ୍'' ରୂପେ ପ୍ରକାଶିତ କରିଥିଲେ । ସେ ଜଣେ ନୈଷ୍ଠିକ ପାଦ୍ରୀ ହେବା ସଙ୍ଗେ ସଙ୍ଗେ ଜଣେ ବୈଜ୍ଞାନିକ ଓ ଉତ୍ତମ ଚିକିତ୍ସକ ମଧ୍ୟ ଥିଲେ ।

(୧୧) ମାଇକେଲ ଆଞ୍ଜେଲୋ ବୁଓନାରୋତି : ୧୪୭୫-୧୫୬୪ ଖ୍ରୀ:ଅ: (Michelangelo Buonaroti : 1475-1564 AD) :

ଇଟାଲୀର କାପ୍ରେସି ନଗରର ନଗରପାଳ ଲୁଡ଼ୋଭିକୋ ବୁଓନାରୋତିଙ୍କ କୁଳ ଉଜ୍ଜ୍ୱଳ କରି ୧୪୭୫ ଖ୍ରୀ:ଅ:ରେ ମାଇକେଲ ଆଞ୍ଜେଲୋ ଜନ୍ମଗ୍ରହଣ କରିଥିଲେ । ପିତାଙ୍କ ନାପସନ୍ଦ ସତ୍ତ୍ୱେ ମାଇକେଲ ଚିତ୍ରକଳା ପ୍ରତି ଆକୃଷ୍ଟ ହୋଇପଡ଼ନ୍ତି ଏବଂ ୧୩ ବର୍ଷ ବୟସରେ ସେ ଫ୍ଲୋରେନ୍ସ୍ଲାଇନ୍‌ଠାରେ ଶିଳ୍ପୀ ଓ ଚିତ୍ରକାରମାନଙ୍କର ଏକ କର୍ମଶାଳାରେ ଯୋଗ ଦିଅନ୍ତି । ତପ୍ରରେ ସେ ଏକ ସ୍ଥାପତ୍ୟ ବିଦ୍ୟାଳୟରେ ଅଧ୍ୟୟନରତ ହୋଇଥିଲେ । ସ୍ଥାପତ୍ୟ ବିଦ୍ୟାଳୟରୁ ଶିକ୍ଷା ସମାପ୍ତ କରିସାରିବା ସମୟକୁ ସେ ଏକାଧାରରେ ଜଣେ ଚିତ୍ରକର, ସ୍ଥପତି, ନିର୍ମାତା ଏବଂ କବି ହୋଇସାରିଥିଲେ ।

ତାଙ୍କର କୃତିମାନଙ୍କ ମଧ୍ୟରେ ''ମାଡ଼ୋନା'' (୧୪୯୬ ଖ୍ରୀ:ଅ.) ଏବଂ ''ଡାଭିଡ୍''ଙ୍କ ମୂର୍ତ୍ତି, ଭାଟିକାନ ସିଷ୍ଟିନ ଚାପେଲ ଛାତର ଚିତ୍ର ପରିକଳ୍ପନା ଏବଂ ଭାଟିକାନ୍ ଚାପେଲର ''ଦି ଲାଷ୍ଟ ଜଜ୍‌ମେଣ୍ଟ'' ଚିତ୍ର ଅନ୍ୟତମ ।

ଜୀବନର ଅନ୍ତିମ ସମୟ ପର୍ଯ୍ୟନ୍ତ ସେ ସୃଜନାତ୍ମକ କଳାରେ ମଗ୍ନ ହୋଇ ୮୯ ବର୍ଷ ବୟସରେ ୧୫୬୪ ଖ୍ରୀ:ଅ.ରେ ଇହଲୀଳା ସମ୍ବରଣ କରିଥିଲେ ।

(୧୨) ରାଫେଲ୍ : ୧୪୮୩-୧୫୨୦ ଖ୍ରୀ:ଅ: (Raphael : 1483-1520 AD) :

ଇଟାଲୀର ରାଫେଲ୍ ସାନ୍‌ଜିଓ ନବଜାଗରଣ ଯୁଗର ଜଣେ ପ୍ରସିଦ୍ଧ ଚିତ୍ରକାର ଓ ସ୍ଥପତି ଥିଲେ । ଉତ୍ତର-ପୂର୍ବ ଇଟାଲୀର ଅରବିନୋ ସହରରେ ୧୪୮୩ ଖ୍ରୀ:ଅ:ରେ ଜନ୍ମିତ ଏହି ମନିଷୀଙ୍କ ପିତା ହିଁ ତାଙ୍କର ପ୍ରଥମ ଗୁରୁ ଥିଲେ । ପରେ ସେ ଫ୍ଲୋରେନ୍ସ ଯାତ୍ରା କରି ସେଠାରେ ଲିଓନାର୍ଡ୍ ଓ ମାଇକେଲ୍ ଆଞ୍ଜେଲୋଙ୍କର କଳାକୃତିଗୁଡ଼ିକୁ ଅଧ୍ୟୟନ କରିଥିଲେ । ତାଙ୍କର ଚିତ୍ରକଳା ମଧ୍ୟରେ "ମାଡ଼ୋନା" (The Virgin Mary) ଅନ୍ୟତମ । ତାଙ୍କର ଚିତ୍ରକଳା ଶୈଳୀରେ ମୁଗ୍ଧ ହୋଇ ରୋମର ପୋପ୍ ଜୁଲିୟସ୍ ଦ୍ୱିତୀୟ ତାଙ୍କୁ ଭାଟିକାନ ଗୀର୍ଜାର କୋଠରୀଗୁଡ଼ିକୁ ଚିତ୍ରକଳାରେ ସଜ୍ଜିତ କରିବା ପାଇଁ ନିମନ୍ତ୍ରିତ କରିଥିଲେ । ଭାଟିକାନ୍ କାନ୍ଥରେ ଅଙ୍କିତ ''ଦି ସ୍କୁଲ ଅଫ୍ ଏଥେନସ୍'' ଓ ''ଦି ଡିସ୍‌ପୁଟା'' ଚିତ୍ରଦ୍ୱୟ ଅଦ୍ୟାବଧି ଅତି ପ୍ରସିଦ୍ଧ ପ୍ରାଚୀର ଚିତ୍ର ଅଟେ ।

ରାଫେଲ୍ ଭାଟିକାନ୍‌ରେ ମାଇକେଲ୍ ଆଞ୍ଜେଲୋଙ୍କ ସହକର୍ମୀ ଥିଲେ ଏବଂ ସେ ଆଞ୍ଜେଲଙ୍କଠାରୁ ବିଶେଷ କରି ମନୁଷ୍ୟର ମୁଖ, ଶରୀରାକୃତି, ନାଶା ଓ ଅଙ୍ଗପ୍ରତ୍ୟଙ୍ଗରେ ଜୀବନ୍ତ ଭାବାବେଶ ଫୁଟାଇବାର କଳା ଶିକ୍ଷା କରିଥିଲେ ।

ସ୍ଥାପତ୍ୟ ପାଇଁ ପ୍ରସିଦ୍ଧ ରାଫେଲ ରୋମର ପିଟରସ୍ ବାସିଲିକାର ମୁଖ୍ୟ ସ୍ଥପତି ରୂପେ ଅବସ୍ଥାପିତ ଥିବାବେଳେ, ମାତ୍ର ୩୭ ବର୍ଷ ବୟସରେ ପରଲୋକ ଗମନ କରିଥିଲେ । ତଥାପି ଏହି ସ୍ୱଳ୍ପ ସମୟ ମଧ୍ୟରେ ତାଙ୍କର କାଳଜୟୀ ସୃଜନଶୀଳତା ତାଙ୍କୁ ଚିରସ୍ମରଣୀୟ କରିପାରିଛି ।

(୧୩) ମାର୍ଟିନ ଲୁଥର୍ : ୧୪୮୩-୧୫୪୬ ଖ୍ରୀ:ଅ: (Martin Luther : 1483-1546 AD) :

ଜର୍ମାନୀର ଏକ କୃଷକ ପରିବାରରେ ଜନ୍ମଗ୍ରହଣ କରିଥିବା ମାର୍ଟିନ ଲୁଥର ପ୍ରଥମେ ଇର୍ଫଟ୍ ଗୀର୍ଜାରେ ପାଦ୍ରୀ ଥିଲେ । ୧୫୧୦ ଖ୍ରୀ:ଅ:ରେ ସେ ରୋମକୁ ଏକ ଗସ୍ତରେ ଯାଇ ସେଠାରେ ପୋପ୍‌ଙ୍କ ଦ୍ୱାରା କରାଯାଉଥିବା ଦୁର୍ନୀତିର ଚାକ୍ଷୁସ ପ୍ରମାଣ ପାଇଥିଲେ । ଏହା ତାଙ୍କୁ କାଥୋଲିକ୍ ଗୀର୍ଜା ବିରୁଦ୍ଧରେ ବିଦ୍ରୋହ କରିବା ପାଇଁ ବାଧ୍ୟ କରିଥିଲା । ସେ ନୂତନ ଟେଷ୍ଟାମେଣ୍ଟକୁ ଜର୍ମାନୀରେ ଅନୁବାଦ କରି ତାହାର ପ୍ରଚାର ଓ ପ୍ରସାର କରାଇଲେ । ତାଙ୍କରି ପ୍ରୟାସରେ ଖ୍ରୀଷ୍ଟଧର୍ମ କ୍ୟାଥୋଲିକ୍ ଓ ପ୍ରୋଟେଷ୍ଟାଣ୍ଟ ଏହିପରି ଦୁଇଟି ସମ୍ପ୍ରଦାୟରେ ବିଭକ୍ତ ହୋଇଯାଇଥିଲା । ଅଧିକାଂଶ ଯୁକ୍ତିବାଦୀ ଜନତା ପ୍ରୋଟେଷ୍ଟାଣ୍ଟ ସମ୍ପ୍ରଦାୟକୁ ସମର୍ଥନ କରିବା ପୂର୍ବକ ନବଜାଗରଣ ଆନ୍ଦୋଳନକୁ ପୂର୍ଣ୍ଣ ସହଯୋଗ କରିଥିଲେ ।

(୧୪) ଫ୍ରାଙ୍କୋଇସ୍ ରାବେଲାଇସ୍ : ୧୪୯୦-୧୫୫୩ ଖ୍ରୀ:ଅ: (Francois Rabelais : 1490-1553 AD) :

ଫ୍ରାନ୍‌ସଠାରେ ଜନ୍ମିତ ଫ୍ରାଙ୍କୋଇସ୍ ରାବେଲାଇସ୍ ତାଙ୍କର ସମସାମୟିକ ଲେଖକ ଓ ଦାର୍ଶନିକମାନଙ୍କ ମଧ୍ୟରେ ପ୍ରସିଦ୍ଧି ଲାଭ କରିଥିଲେ । ତାଙ୍କର ସୃଜନଶୀଳ ପ୍ରବନ୍ଧମାନ ନବଜାଗରଣ ଆନ୍ଦୋଳନକୁ ଋଦ୍ଧିମନ୍ତ କରିଥିଲା ।

(୧୫) ଖ୍ରୀଷ୍ଟୋଫର୍ କଲମ୍ବସ୍ : ୧୪୫୧-୧୫୦୬ ଖ୍ରୀ:ଅ: (Christopher Columbus : 1451-1506) :

ନବଜାଗରଣର ଅନ୍ୟତମ କାରଣ ଥିଲା ନୂତନ ସମୁଦ୍ର ପଥ ଓ ଭୂଖଣ୍ଡର ଆବିଷ୍କାର । ସମୁଦ୍ରଯାତ୍ରାରେ ଆଗ୍ରହୀ ଦୁଃସାହସୀ ନାବିକ ଖ୍ରୀଷ୍ଟୋଫର କଲମ୍ବସ୍ ଜେନୋଆଠାରେ ଜନ୍ମଗ୍ରହଣ କରିଥିଲେ ମଧ୍ୟ ପରେ ସ୍ପେନ୍‌କୁ ଚାଲିଆସି ବସବାସ କରିଥିଲେ । ତୁର୍କମାନେ କନ୍‌ଷ୍ଟାଣ୍ଟିନୋପେଲ୍ ଅଧିକାର କରିନେଇ ୟୁରୋପ ସହ ଭାରତକୁ ସଂଯୋଗ କରୁଥିବା ଜଳପଥକୁ ୟୁରୋପୀୟମାନଙ୍କ ପାଇଁ ବନ୍ଦ କରିଦେଲେ, ଏଣୁ ୟୁରୋପୀୟ ବଣିକମାନେ ଭାରତକୁ ଏକ ବିକଳ୍ପ ସମୁଦ୍ରପଥ ଆବିଷ୍କାର ପାଇଁ ସେମାନଙ୍କ ରାଜାଙ୍କୁ ଅନୁରୋଧ କଲେ । ସ୍ପେନ୍‌ର ଶାସକ ଫର୍ଡ଼ିନାଣ୍ଡ ଓ ରାଣୀ ଇସାବେଲାଙ୍କ ପୃଷ୍ଠପୋଷକତାରେ ଗୋଲାକାର ପୃଥିବୀର ପଶ୍ଚିମ ଦିଗକୁ ଯାତ୍ରା କରି ଭାରତରେ ପହଞ୍ଚିପାରିବାର ବିଶ୍ୱାସ କରି ଅଗଷ୍ଟ ୩ ତାରିଖ, ୧୪୯୨ ଖ୍ରୀ:ଅ:ରେ କଲମ୍ବସ୍ ଆଟଲାଣ୍ଟିକ୍ ମହାସାଗରରେ ନୌଯାତ୍ରା କରି ଦୀର୍ଘ ଦୁଇ ମାସ ୧୦ଦିନ ପରେ ଅକ୍ଟୋବର ୧୨ ତାରିଖ ୧୪୯୨ ଖ୍ରୀ:ଅ.ରେ ଆମେରିକାର ବାହାମା ଦ୍ୱୀପପୁଞ୍ଜରେ ପହଞ୍ଚିଲେ । କିନ୍ତୁ ସେ ଭାରତୀୟ ଭୂଖଣ୍ଡରେ ପହଞ୍ଚିଯାଇଛନ୍ତି ବୋଲି ଭାବିଥିଲେ ଏବଂ ସେଠାକାର ଅଧିବାସୀଙ୍କୁ ଲୋହିତ ଭାରତୀୟ (Red Indians) ବୋଲି ଅଭିହିତ କରିଥିଲେ । ପରେ ସେ ଆହୁରି ତିନିଥର ପଶ୍ଚିମ ଦିଗକୁ ନୌଯାତ୍ରା କରି ୱେଷ୍ଟଇଣ୍ଡିଜ, କେନ୍ଦ୍ର ଆମେରିକା, ଭେନ୍‌ଜୁଏଲା, କ୍ୟୁବା ଓ ହାଇତି ଆଦି ଭୂଖଣ୍ଡମାନ ଆବିଷ୍କାର କଲେ; କିନ୍ତୁ ୧୫୦୬ ଖ୍ରୀ:ଅ.ରେ ତାଙ୍କ ମୃତ୍ୟୁ ପର୍ଯ୍ୟନ୍ତ ସେ ପ୍ରକୃତ ଭାରତରେ ପହଞ୍ଚି ପାରିନଥିଲେ ମଧ୍ୟ ବିଶ୍ୱାସ କରିଚାଲିଥିଲେ ଯେ "ସେ ଯେଉଁ ଦେଶରେ ପହଞ୍ଚିଛନ୍ତି ତାହା ଭାରତ ଅଟେ" ।

(୧୬) ଭାସକୋଡ଼ାଗାମା : ୧୪୬୦-୧୫୨୪ ଖ୍ରୀ:ଅ: (Vasco-de-Gama : 1460-1524 AD) :

ଭାସ୍‌କୋଡ଼ାଗାମାଙ୍କ ପିତା ପର୍ତ୍ତୁଗାଲ ଶାସକଙ୍କର ଜଣେ ପାରିଷଦ ଥିଲେ । କିନ୍ତୁ ପୁତ୍ର ଭାସ୍‌କୋଡ଼ାଗାମାଙ୍କର ସମୁଦ୍ରଯାତ୍ରା ଏକ ବିଳାସ ଥିଲା । ପର୍ତ୍ତୁଗାଲ ଶାସକଙ୍କ ପୃଷ୍ଠପୋଷକତାରେ ୧୪୯୭ ଖ୍ରୀ:ଅ:ରେ ଭାସ୍‌କୋଡ଼ାଗାମା ଚାରିଗୋଟି ଜାହାଜରେ ଭାରତ ଅଭିମୁଖେ ଯାତ୍ରା କରିଥିଲେ । ପ୍ରଥମେ ସେ ଆଫ୍ରିକା ମହାଦେଶର ଉତ୍ତମାଶା ଅନ୍ତରୀପରେ ପହଞ୍ଚିଥିଲେ ଏବଂ ସେଠାରୁ ଆରବସାଗର ମଧ୍ୟଦେଇ ଯାତ୍ରା କରି ମେ ୨୦ ତାରିଖ ୧୪୯୮ ଖ୍ରୀ:ଅ:ରେ ଭାରତର ମାଲାବାର ଉପକୂଳରେ ଥିବା କାଲିକଟ୍ ବନ୍ଦରରେ ପହଞ୍ଚିଥିଲେ । କାଲିକଟ୍‌ର ହିନ୍ଦୁ ଶାସକ ଜାମୋରିନ୍‌ଙ୍କୁ ସାକ୍ଷାତ କରି ସେ ଭାରତ ସହ ପର୍ତ୍ତୁଗାଲ୍‌ର ବାଣିଜ୍ୟିକ ସମ୍ପର୍କ ସ୍ଥାପନ କରିଥିଲେ । ଏହି ନୂତନ ଜଳପଥ ଆବିଷ୍କାର ଦ୍ୱାରା ଇଉରୋପୀୟ ନବଜାଗରଣ ଭାରତୀୟ ସଂସ୍କୃତି ଓ ଦର୍ଶନର ପ୍ରଭାବରେ ଅତ୍ୟନ୍ତ ପ୍ରଗତିଶୀଳ ହୋଇପଡ଼ିଥିଲା ।

(୧୭) ଫିଲିପ୍ ଜିଓର୍ଦାନୋ ବ୍ରୁନୋ : ୧୫୪୮-୧୬୦୦ ଖ୍ରୀ:ଅ:
(Filippo Giordano Bruno : 1548-1600 AD) :

ଫିଲିପ୍ ଜିଓର୍ଦାନୋ ବ୍ରୁନୋ

ଫିଲିପ୍ ଜିଓର୍ଦାନୋ ବ୍ରୁନୋ ଦକ୍ଷିଣ ଇଟାଲୀଠାରେ ଜନ୍ମଗ୍ରହଣ କରିଥିଲେ । ମାତ୍ର ୧୫ ବର୍ଷ ବୟସରେ ଡୋମିନିକାନ୍ ଗୀର୍ଜାରେ ଜଣେ ଧର୍ମଯାଜକର ଜୀବନ ଆରମ୍ଭ କରିଥିଲେ । କିନ୍ତୁ ତାଙ୍କର ଅସୀମ ଧୀଶକ୍ତି ଓ ଜିଜ୍ଞାସା ତାଙ୍କ ପ୍ରତିଭାକୁ ଏକ ଧର୍ମଯାଜକର ଖୋଳପା ମଧ୍ୟରେ ଆବଦ୍ଧ ରଖିବାକୁ ଅସମର୍ଥ ହୋଇଥିଲା । ସେ କୋପରନିକସ୍, ଲିଓନାର୍ଡ଼ୋ ଡ଼ା ଭିନ୍‌ସି, ରଗର୍ ବେକନ, ସରଭେଟସ୍ ଆଦିଙ୍କ କୃତିଗୁଡ଼ିକୁ ଗଭୀର ଭାବେ ଅଧ୍ୟୟନ କରିଥିଲେ ଏବଂ ତାଙ୍କର ଅତୁଳନୀୟ ମେଧାଶକ୍ତି ଦ୍ୱାରା ସେ ଭବିଷ୍ୟତର ବିଜ୍ଞାନ ସମ୍ପର୍କରେ ସେସମୟରେ ସଠିକ୍ ରୂପେ ପୂର୍ବସୂଚନା ପ୍ରଦାନ କରିପାରିଥିଲେ । ସଂକ୍ଷେପରେ ବ୍ରୁନୋଙ୍କର ବିଶ୍ୱତତ୍ତ୍ୱ ସଂକ୍ରାନ୍ତ ବକ୍ତବ୍ୟଗୁଡ଼ିକ ହେଲା–(କ) ବିଶ୍ୱଜଗତ ଅସୀମ ଓ ଅନନ୍ତ, ତେଣୁ ତାର କେନ୍ଦ୍ର କିଏ ବା ତାର ଶେଷ ସୀମା କେଉଁଠି ଏସବୁ କହିବା ନିରର୍ଥକ (ଖ) ସୂର୍ଯ୍ୟ ଏକ ନକ୍ଷତ୍ର, ଏହାର ଚତୁଃପାର୍ଶ୍ୱରେ ଆବର୍ତ୍ତନ କରୁଥିବା ଗ୍ରହଗୁଡ଼ିକୁନେଇ ସୌରଜଗତ ଗଢ଼ିଉଠିଛି (ଗ) ଅନ୍ୟାନ୍ୟ ନକ୍ଷତ୍ରଗୁଡ଼ିକର ମଧ୍ୟ ସୂର୍ଯ୍ୟ ଭଳି ଗ୍ରହ ପରିବାର ଥାଇପାରେ (ଘ) ସମସ୍ତ ଗ୍ରହ ଓ ନକ୍ଷତ୍ରମାନଙ୍କର ଦୁଇ ପ୍ରକାରର ଗତି ଅଛି; ଯଥା :- ନିଜର ଅକ୍ଷ ଚାରିପାଖରେ ଦୈନିକ ଘୂର୍ଣ୍ଣନ ଓ କକ୍ଷପଥରେ ବାର୍ଷିକ ପରିକ୍ରମଣ (ଙ) ଗ୍ରହ, ନକ୍ଷତ୍ର ଓ ଉପଗ୍ରହଗୁଡ଼ିକର ଅବସ୍ଥିତି ପ୍ରତିଦିନ ପରିବର୍ତ୍ତନଶୀଳ ଇତ୍ୟାଦି ।

ଏହାଛଡ଼ା ବ୍ରୁନୋ ଖ୍ରୀଷ୍ଟୀୟ ମତାବଲମ୍ବୀମାନେ ବିଶ୍ୱସ କରୁଥିବା ଅନେକ ଅଲୌକିକ ଘଟଣାବଳୀଗୁଡ଼ିକୁ ଯଥା– "ପବିତ୍ର ଆତ୍ମାର ପ୍ରଭାବରେ କୁମାରୀ ମେରୀ (Virgin Mary)ଙ୍କର ଗର୍ଭରୁ ଯୀଶୁଙ୍କ ଆବିର୍ଭାବ ହେବା ଓ କ୍ରୁଶବିଦ୍ଧ ହୋଇ ମୃତ୍ୟୁବରଣ କରିବା ପରେ ଅବିଶ୍ୱାସୀମାନଙ୍କ ମଧ୍ୟରେ ବିଶ୍ୱାସ ଜନ୍ମାଇବା ପାଇଁ ଯୀଶୁଙ୍କ ପବିତ୍ର ଆତ୍ମାର ପୁନରୁତ୍‌ଥାନ (Resurrection)" ଆଦିକୁ ବିଜ୍ଞାନ ସମ୍ମତଭାବେ ପ୍ରମାଣ କରାଯିବା ସପକ୍ଷରେ ଯୁକ୍ତି ଉପସ୍ଥାପିତ କରିଥିଲେ ।

ଏହିସବୁ କାରଣରୁ ତାଙ୍କୁ ରୁଢ଼ିବାଦୀ ଗୀର୍ଜା କର୍ତ୍ତୃପକ୍ଷଙ୍କ ରୋଷର ଶୀକାର ହେବାକୁ ପଡ଼ିଥିଲା । ଫଳରେ ସେ ୟୁରୋପୀୟ ନବଜାଗରଣ ଯୁଗରେ ହିଁ ଦେଶତ୍ୟାଗୀ ହୋଇ ଫ୍ରାନ୍‌ସ, ଲଣ୍ଡନ ଓ ଜର୍ମାନୀ ଆଦି ଦେଶରେ ସହରକୁ ସହର ଓ ବିଶ୍ୱବିଦ୍ୟାଳୟରୁ ବିଶ୍ୱବିଦ୍ୟାଳୟ ଘୁରି ବୁଲିଲେ । ଶେଷରେ ସେ ଏକ ଷଡ଼ଯନ୍ତ୍ରର ଶୀକାର ହୋଇ ଭେନିସ୍‌ଠାରେ ନିଜ ଦେଶର ଧର୍ମଯାଜକମାନଙ୍କ ଦ୍ୱାରା ୧୫୯୨ ଖ୍ରୀ:ଅ:ରେ ବନ୍ଦୀ ହେଲେ । ଆଠବର୍ଷର ଦୀର୍ଘ ବିଚାର ପରେ ଫେବୃୟାରୀ ୧୭ ତାରିଖ ୧୬୦୦ ଖ୍ରୀ:ଅ.ରେ ତାଙ୍କୁ ସର୍ବସମ୍ମୁଖରେ ରୋମର ବଧଭୂମିରେ ପ୍ରଜ୍ୱଳିତ ଅଗ୍ନିରେ ଦଗ୍ଧକରି ହତ୍ୟା କରାଯାଇଥିଲା ।

(୧୮) ଗାଲିଲିଓ ଗାଲିଲି ୧୫୬୪-୧୬୪୨ ଖ୍ରୀ:ଅ: (Galileo Galilei : 1564-1642 AD) :

ଇଟାଲୀର ପିସା ସହରରେ ଗାଲିଲିଓ ଗାଲିଲିଙ୍କର ଜନ୍ମ । ଆଧୁନିକ ଜ୍ୟୋର୍ତିବିଜ୍ଞାନ, ଗଣିତ, ପଦାର୍ଥ ବିଜ୍ଞାନ କ୍ଷେତ୍ରରେ ଗାଲିଲିଓ ଅନେକ ଉଦ୍ଭାବନ କରିଥିଲେ । ତାଙ୍କଦ୍ୱାରା ଦୋଳକ ନିୟମ (Law of Pendulum) ଓ ପତିତ ବସ୍ତୁର ନିୟମ (Law of Falling Bodies) ପ୍ରବର୍ତ୍ତିତ ହୋଇଥିଲା । ସେ ଦୂରବୀକ୍ଷଣ ଯନ୍ତ୍ର ଉଦ୍ଭାବନ କରି ପୃଥିବୀର ପରିକ୍ରମଣ ଓ ଆବର୍ତ୍ତନ ସମ୍ବନ୍ଧୀୟ କୋପରନିକସ୍‌ଙ୍କ ଅନୁମାନକୁ ସତ୍ୟ ବୋଲି ପ୍ରମାଣିତ କରିଥିଲେ । କିନ୍ତୁ ତାହାହିଁ ତାଙ୍କ ପାଇଁ କାଳ ହେଲା ଏବଂ ସେଥିପାଇଁ ରୋମୀୟ କ୍ୟାଥୋଲିକ୍ ଗୀର୍ଜା ଦ୍ୱାରା ସେ ଦଣ୍ଡିତ ହୋଇ କାରାବରଣ କଲେ । ଅନେକ ବର୍ଷ ପରେ କାରାଗାରରୁ ମୁକ୍ତିଲାଭ କରିଲା ବେଳକୁ ତାଙ୍କର ଦୃଷ୍ଟି ଓ ଶ୍ରବଣ ଶକ୍ତିର ଆଂଶିକ ହାନୀ ଘଟିଥିଲା । ଜ୍ୟୋର୍ତିବିଜ୍ଞାନର ଆକାଶରେ ଏକ ଉଜ୍ଜ୍ୱଳ ତାରକା ରୂପେ ଚିରଦିନ ଜାଜ୍ୱଲ୍ୟମାନ ଏହି ମନିଷୀଙ୍କ ୧୬୪୨ ଖ୍ରୀ:ଅ:ରେ ଫ୍ଲୋରେନ୍‌ସଠାରେ ମହାପ୍ରାୟାଣ ଘଟିଥିଲା ।

(୧୯) ଉଇଲିୟମ୍ ହାର୍ଭେ : ୧୫୭୮-୧୬୫୭ ଖ୍ରୀ:ଅ: (William Harvey : 1578-1657 AD) :

ମନୁଷ୍ୟ ଶରୀରର ରକ୍ତ ସଞ୍ଚାଳନ ବିଷୟରେ ପ୍ରଥମେ ମାଇକେଲ୍ ସର୍‌ଭିଟସ୍ (୧୫୧୧-୧୫୫୩ ଖ୍ରୀ:ଅ.) ଅଧ୍ୟୟନ ଆରମ୍ଭ କରିଥିଲେ । ଏହି ସ୍ପେନୀୟ ଚିକିତ୍ସକ ପ୍ରଥମେ ଫୁସ୍‌ଫୁସ୍‌ର ରକ୍ତ ସଞ୍ଚାଳନ ପ୍ରକ୍ରିୟା ଆବିଷ୍କାର କରିଥିଲେ । ସେ ତାଙ୍କର ଭୌଗୋଳିକ ଜ୍ଞାନର ପରିଚୟ ଦେବାକୁ ଯାଇ ଖ୍ରୀଷ୍ଟୀୟ ଧର୍ମଯାଜକଙ୍କ ରୋଷ ଦୃଷ୍ଟିରେ ପଡ଼ିଥିଲେ । ଏଥିପାଇଁ ତାଙ୍କୁ ୧୫୫୩ ଖ୍ରୀ:ଅ:ରେ ଅଗ୍ନିରେ ଦଗ୍ଧ କରିଦିଆଯାଇଥିଲା ।

ସରଭିଟସ୍‌ଙ୍କର ମନୁଷ୍ୟ ଶରୀରର ରକ୍ତ ସଞ୍ଚାଳନ ସମ୍ବନ୍ଧୀୟ ଏହି ଅସମ୍ପୂର୍ଣ୍ଣ କାର୍ଯ୍ୟକୁ ଇଂରାଜୀ ଚିକିତ୍ସକ ଉଇଲିୟମ୍ ହାର୍ଭେ ସମ୍ପୂର୍ଣ୍ଣ କରିଥିଲେ । ସେ ଶରୀରରେ ଧମନୀ, ଶିରା ଏବଂ ହୃଦୟ ମଧ୍ୟଦେଇ କିପରି ରକ୍ତ ସଞ୍ଚାଳନ ହେଉଛି ତାହା ଆବିଷ୍କାର କରିଥିଲେ ।

ହାର୍ଭେ ମଧ୍ୟ ମାନବ ଭୃଣର ବିକାଶ ସମ୍ବନ୍ଧୀୟ ବୈଜ୍ଞାନିକ ତଥ୍ୟକୁ ଆବିଷ୍କାର କରିଥିଲେ ।

ଯେଉଁ ଇଟାଲୀରେ ସରଭିଟସ୍‌ଙ୍କୁ ଅଗ୍ନିରେ ଦଗ୍ଧ କରି ହତ୍ୟା କରାଯାଇଥିଲା, ସେହି ଇଟାଲୀର ପଡୁଆ ବିଶ୍ୱବିଦ୍ୟାଳୟରେ ହାର୍ଭେ ଚିକିତ୍ସା ବିଜ୍ଞାନ ଅଧ୍ୟୟନ କରି ସରଭିଟସ୍‌ଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିଥିଲେ । ସେଠାରେ ହାର୍ଭେ ଶରୀର ବିଜ୍ଞାନୀ (Anatomist) ଫାବ୍ରିସିଅସ୍‌ଙ୍କ ତତ୍ତ୍ୱାବଧାନରେ ଅଧ୍ୟୟନ କରିଥିବାରୁ ନିଜକୁ ଗର୍ବିତ ଅନୁଭବ କରୁଥିଲେ, କାରଣ ତାଙ୍କର ସେହି ଶିକ୍ଷକ ମାନବ ଶରୀରର ଶିରାମାନଙ୍କରେ ଥିବା କପାଟିକା (value)ଗୁଡ଼ିକର କାର୍ଯ୍ୟପ୍ରଣାଳୀ ଆବିଷ୍କାର କରିଥିଲେ ।


ନିଉଟନ୍

(୨୦) ସାର୍ ଆଇଜାକ୍ ନିଉଟନ୍ : ୧୬୪୨-୧୭୨୭ ଖ୍ରୀ:ଅ:

(Sir Isaac Newton : 1642-1727 AD) :

ସାର୍ ଆଇଜାକ୍ ନିଉଟନ୍ ନବଜାଗରଣ ଯୁଗର ଜଣେ ପ୍ରତିଷ୍ଠିତ ଗଣିତଜ୍ଞ ଥିଲେ । ସେ କ୍ୟାମ୍ବ୍ରିଜ ବିଶ୍ୱବିଦ୍ୟାଳୟର ଟ୍ରିନିଟ୍ ମହାବିଦ୍ୟାଳୟରେ ଅଧ୍ୟୟନ କରୁଥିଲେ ।

ନିଉଟନ୍ ଇନ୍ଦ୍ରଧନୁ ସୃଷ୍ଟିର ବୈଜ୍ଞାନିକ କାରଣ ଆବିଷ୍କାର କରିଥିଲେ । ପୃଥିବୀର ମାଧ୍ୟାକର୍ଷଣ ଶକ୍ତିର ଆବିଷ୍କାର ତାଙ୍କୁ ଚିରକାଳ ପାଇଁ ଅମର କରି ରଖିଛି ।

ନବଜାଗରଣର ମାନବ ସମାଜକୁ ଅବଦାନ (Contribution of Renaissance to Humankind) :

ୟୁରୋପୀୟ ନବଜାଗରଣ ସମାଜର ସବୁ ବର୍ଗର ଜନସାଧାରଣଙ୍କ ସମସ୍ତ କ୍ଷେତ୍ରରେ ପ୍ରଗତି ଆଣି ଦେଇଥିଲା । ଏହା ବ୍ୟକ୍ତିତ୍ୱର ଗୁରୁତ୍ୱକୁ ଅତି ମାତ୍ରାରେ ବୃଦ୍ଧି କରିଥିଲା । ଜନସାଧାରଣଙ୍କୁ ବାକ୍ ସ୍ୱାଧୀନତା ଓ ବୃତ୍ତି ଅନ୍ୱେଷଣର ସ୍ୱାଧୀନତା ପ୍ରାପ୍ତି ହୋଇଥିଲା । ସାହିତ୍ୟ, କଳା, ସ୍ଥାପତ୍ୟ ଏବଂ ବିଜ୍ଞାନ ଆଦି ସମସ୍ତ କ୍ଷେତ୍ରରେ ପ୍ରଭୂତ ଉନ୍ନତି ସାଧିତ ହୋଇଥିଲା । ମନୁଷ୍ୟ ଆଉ ପ୍ରଚଳିତ କୁସଂସ୍କାରର ବଶବର୍ତ୍ତୀ ହୋଇ ରହିପାରିଲା ନାହିଁ । କଳାକାରମାନେ ସେମାନଙ୍କ ପ୍ରତିଭାକୁ ଗୀର୍ଜା ଓ ପ୍ରାସାଦମାନଙ୍କ ଗାତ୍ରରେ ଫୁଟାଇ ପାରିଲେ । ଫଳରେ ରକ୍ଷଣଶୀଳ ସାଧାରଣ ମଣିଷ ଆଧୁନିକ ଚିନ୍ତାଧାରାକୁ ଆପଣେଇନେଇଥିଲା । ବୈଜ୍ଞାନିକ ଚିନ୍ତାଧାରା ମନୁଷ୍ୟର କାର୍ଯ୍ୟଧାରାକୁ ନିୟନ୍ତ୍ରଣ କଲା । ମୁଦ୍ରଣ କଳାର ବିକାଶ ଜନସାଧାରଣଙ୍କ ଜ୍ଞାନର ସୀମା ସରହଦକୁ ବ୍ୟାପକ କଲା । ବିଭିନ୍ନ ଜଳପଥର ଆବିଷ୍କାର ବାଣିଜ୍ୟ ବ୍ୟବସାୟର ଦ୍ୱାର ଉନ୍ମୁକ୍ତ କରି ବିଶେଷ କରି ମଧ୍ୟବିତ୍ତ ବର୍ଗଙ୍କୁ ଅତି ସ୍ୱଚ୍ଛଳ କଲା । ଆଧୁନିକ ଆଗ୍ନେୟଶାସ୍ତ୍ରରେ ସଜ୍ଜିତ ହୋଇ ରାଜା ମହାରାଜାମାନେ ସାମନ୍ତବାଦକୁ ଧ୍ୱଂସ କରି ବିଶାଳ ସାମ୍ରାଜ୍ୟମାନ ସ୍ଥାପନ କଲେ । ଖ୍ରୀଷ୍ଟିଆନମାନେ ଦୁଇଟି ସମ୍ପ୍ରଦାୟରେ ବିଭକ୍ତ ହୋଇଯିବାରୁ ରୁଢ଼ିବାଦୀ କ୍ୟାଥୋଲିକ୍ ଗୀର୍ଜାର ଏକକ ପ୍ରାଧାନ୍ୟ ହ୍ରାସ ପାଇଲା । ଶକ୍ତିଶାଳୀ ସମ୍ରାଟମାନେ ମଧ୍ୟ ଗୀର୍ଜାଗୁଡ଼ିକର ଅନୈତିକ ଓ ଅଯୌକ୍ତିକ ଆଦେଶକୁ ଅମାନ୍ୟ କରି ନିଜ ଇଚ୍ଛାରେ କାର୍ଯ୍ୟ କରିବାକୁ ଲାଗିବାରୁ ଗୀର୍ଜାମାନଙ୍କର ଗୁରୁତ୍ୱ ଅଧିକ କ୍ଷୁର୍ଣ୍ଣ ହୋଇଥିଲା ।

ନବଜାଗରଣର କୁଫଳ (Demerits of Renaissance) :

ଚନ୍ଦ୍ରରେ କଳଙ୍କ ପରି ଏହି ନବଜାଗରଣର ମଧ୍ୟ କେତେକ ଅନ୍ଧକାରଛନ୍ନ ଦିଗ ଥିଲା । ସମ୍ରାଟମାନେ ଶକ୍ତିଶାଳୀ ହେବା ଫଳରେ ସେମାନେ ସ୍ୱେଚ୍ଛାଚାରୀ ଓ ଅତ୍ୟାଚାରୀ ହୋଇପଡ଼ିଲେ, ଯାହାକି ପରବର୍ତ୍ତୀ ସମୟରେ ଫ୍ରାନ୍ସରେ ୧୭୮୯ ଖ୍ରୀ:ଅ: ଏକ ବିଶାଳ ବିପ୍ଲବର ରୂପ ନେଇଥିଲା । ଶାସକମାନେ ସେମାନଙ୍କ କୌଣସି ନୈତିକ ଦାୟିତ୍ୱ ଥିବାର ହୃଦୟଙ୍ଗମ କଲେ ନାହିଁ । ସେମାନେ ନିଜକୁ ସର୍ବେସର୍ବା ଓ ସର୍ବଶକ୍ତିସମ୍ପନ୍ନ ମନେକରି ନିଜର ଇଚ୍ଛା ପ୍ରଜା ଓ ପ୍ରତିଦ୍ୱନ୍ଦ୍ୱୀମାନଙ୍କ ଉପରେ ଜାହିର କରିବାକୁ ଲାଗିଲେ। ଏହି ଅବସ୍ଥାର ସ୍ପଷ୍ଟ ଚିତ୍ର ମେକିଆଭେଲିଙ୍କ ''ଦି ପ୍ରିନ୍ସ'' ରଚନାରେ ଅତି ଜୀବନ୍ତ ଭାବରେ ବର୍ଣ୍ଣନା କରାଯାଇଛି ।

ସାମଗ୍ରିକ ଅନୁଶୀଳନରୁ ୟୁରୋପୀୟ ସାଂସ୍କୃତିକ ନବଜାଗରଣକୁ ଆଧୁନିକ ମାନବ ସଭ୍ୟତାର ଉଷାକାଳ ରୂପେ ଅଭିହିତ କରାଯାଇଥାଏ। ଏହି ସମୟକାଳରେ ପରିଦୃଷ୍ଟ ହୋଇଥିବା ସାମାଜିକ, ଅର୍ଥନୈତିକ, ଧାର୍ମିକ, ବୈଜ୍ଞାନିକ ଏବଂ ରାଜନୈତିକ ବିକାଶଗୁଡ଼ିକ ଆଧୁନିକ ପଶ୍ଚାତ ଜଗତର ଉତ୍ଥାନକୁ ଏକ ନବଦିଗନ୍ତ ପ୍ରଦାନ କରିଥିଲା।

ଆଦର୍ଶ ପ୍ରଶ୍ନାବଳୀ

୧. ନବଜାଗରଣ କହିଲେ କ'ଣ ? ଏହାର କାରଣ ଗୁଡିକୁ ବିଷଦ ରୂପେ ବର୍ଣ୍ଣନା କର ।

୨. ନବଜାଗରଣର ଇଟାଲୀୟ ପୃଷ୍ଠଭୂମି ବିଷୟରେ ଆଲୋଚନା କର।

୩. ନବଜାଗରଣର ସାମାଜିକ ଉତ୍ସଗୁଡ଼ିକର ବର୍ଣ୍ଣନା କର।

୪. ନବଜାଗରଣର ମୁଖ୍ୟ ଆଧାରଗୁଡ଼ିକ ବର୍ଣ୍ଣନା କର।

୫. ୟୁରୋପୀୟ ନବଉନ୍ମେଷର ପ୍ରମୁଖ ମନିଷୀମାନଙ୍କ ମଧ୍ୟରୁ ପାଞ୍ଚଜଣଙ୍କ ବିଷୟରେ ଯାହା ଜାଣ ଲେଖ।

୬. ନବଜାଗରଣର ଫଳାଫଳ ସଂକ୍ଷେପରେ ବର୍ଣ୍ଣନା କର ।

UNIT - IV

ଧର୍ମସଂସ୍କାର

[THE REFORMATION]

অধ্যায় ৮

ଧର୍ମ ସଂସ୍କାର

[THE REFORMATION]

ୟୁରୋପୀୟମାନେ ମୁଖ୍ୟତଃ ଖ୍ରୀଷ୍ଟଧର୍ମାବଲମ୍ବୀ ଅଟନ୍ତି । ଏହି ଧର୍ମ ପ୍ରଥମରୁ ଅତ୍ୟନ୍ତ ସରଳ ଥିଲା ଏବଂ ଏହାର ପ୍ରଚାରକମାନେ ଅତ୍ୟନ୍ତ ନିଷ୍ପାପର ସାଧାରଣ ଜୀବନ ଅତିବାହିତ କରୁଥିଲେ । କିନ୍ତୁ କ୍ରମେ ଧର୍ମଯାଜକମାନେ ଏହାକୁ ଜଟୀଳ କରି ପକାଇଲେ । ମଧ୍ୟଯୁଗୀୟ ରୋମାନ୍ କାଥୋଲିକ୍ ଗୀର୍ଜାର ମୁଖ୍ୟ ପୋପ୍ ନିଜକୁ ଈଶ୍ୱରଙ୍କର ପ୍ରତିନିଧି ବୋଲି ପ୍ରଚାର କଲେ । ତାଙ୍କ ଅଧସ୍ତନ ଧର୍ମଯାଜକମାନେ ମଧ୍ୟ ପୋପ୍‌ଙ୍କର ପଦାଙ୍କ ଅନୁସରଣ କଲେ ଏବଂ ସେମାନେ ଯାହା କହୁଛନ୍ତି ତାହା ଈଶ୍ୱରଙ୍କ ବାଣୀ ବୋଲି ଲୋକମାନଙ୍କୁ ଧାରଣା ଦେଲେ । ଆଧୁନିକ ନବଜାଗରଣର ଯୁଗ ଆରମ୍ଭ ହେବା ପୂର୍ବରୁ ଲୋକମାନେ ଧର୍ମୀୟ ପ୍ରଭାବରେ ନିୟନ୍ତ୍ରିତ ହେଉଥିଲେ ଏବଂ ଧର୍ମଯାଜକମାନଙ୍କର ବାଣୀକୁ ଅନ୍ଧ ଭାବେ ଅନୁସରଣ କରୁଥିଲେ । କିନ୍ତୁ ନବଜାଗରଣ ଆନ୍ଦୋଳନର ଉନ୍ମେଷ ଫଳରେ ବାଇବେଲ୍ ଆଦି ଧର୍ମ ପୁସ୍ତକମାନ ହିବ୍ରୁ ଓ ଲାଟିନ୍ ଭାଷାରୁ ବିଭିନ୍ନ ଆଞ୍ଚଳିକ ଭାଷାରେ ଅନୁବାଦିତ ହୋଇ ବହୁଳ ପ୍ରସାରିତ ହେବା ଫଳରେ ସାଧାରଣ ଲୋକ ଧର୍ମଗ୍ରନ୍ଥଗୁଡ଼ିକର ପ୍ରକୃତ ଭାବ ଓ ଭାଷା ବିଷୟରେ ଅବଗତ ହେଲେ । ଫଳରେ ପୋପ୍ ଓ ତାଙ୍କର କର୍ମଚାରୀମାନଙ୍କ ଦ୍ୱାରା ଧର୍ମ ନାମରେ ହେଉଥିବା ଦୁର୍ନୀତି, ଅନ୍ୟାୟ ଏବଂ ଅତ୍ୟାଚାର ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବାକୁ ଆରମ୍ଭ କଲେ । ଧର୍ମରକ୍ଷକମାନଙ୍କର ଭୋଗବିଳାସମୟ ଜୀବନ ଚର୍ଚ୍ଚା ଓ ରାଜ୍ୟ ଶାସନରେ ଅଯଥା ହସ୍ତକ୍ଷେପକୁ ଜନସାଧାରଣ ଘୃଣା ଚକ୍ଷୁରେ ଦେଖିବାକୁ ଲାଗିଲେ । ଦେଶର ଶାସକମାନେ ମଧ୍ୟ ପୋପଙ୍କ ପ୍ରତିପତ୍ତିରେ ଅତିଷ୍ଠ ହୋଇପଡ଼ିଥିଲେ, ଏଣୁ ସେମାନେ ମଧ୍ୟ ଜନସାଧାରଣଙ୍କୁ ପୋପ୍‌ଙ୍କ ବିରୁଦ୍ଧରେ ସମର୍ଥନ କଲେ । ଏହା ମଧ୍ୟଯୁଗୀୟ ଖ୍ରୀଷ୍ଟଧର୍ମର ସଂସ୍କାର ପାଇଁ ପଥ ପରିଷ୍କାର କଲା । ଖ୍ରୀଷ୍ଟିୟ ୧୫ଶ ଶତାବ୍ଦୀର ଧର୍ମସଂସ୍କାର ମୁଖ୍ୟତଃ ପୋପ୍‌ଙ୍କର ପ୍ରତିପତ୍ତି ହ୍ରାସ, ଜାତୀୟ ଗୀର୍ଜା ସ୍ଥାପନ ଓ ଜନସାଧାରଣଙ୍କର ସ୍ୱାଧୀନ ଧର୍ମାଚାରଣ ଆଦି ବିତର୍କିତ ବିଷୟଗୁଡ଼ିକ ଉପରେ ପର୍ଯ୍ୟବସିତ ଥିଲା ।

ଧର୍ମସଂସ୍କାର ଆନ୍ଦୋଳନର ଉତ୍ପତ୍ତି ଓ ଅଗ୍ରଗତି(Origin and Course of the Reformation Movement) :

ନବଜାଗରଣର ଜନଚେତନା ବ୍ୟତୀତ ନିମ୍ନଲିଖିତ ଅନ୍ୟ କେତେଗୁଡ଼ିଏ ପ୍ରମୁଖ କାରଣ ଯୋଗୁ ୟୁରୋପରେ ଧର୍ମସଂସ୍କାର ଆନ୍ଦୋଳନ ଆରମ୍ଭ ହୋଇ କ୍ରମଗତିଶୀଳ ହୋଇଥଲା, ଯଥା :—

(୧) ଗୀର୍ଜା ପରିଚାଳନାରେ ଦୁର୍ନୀତି (Curruption in Church Management) :

ପ୍ରଥମେ ପୋପ୍ ଏବଂ ଅନ୍ୟ ଧର୍ମଯାଜକମାନେ ଅତି ପବିତ୍ର ଓ ସରଳ ଜୀବନଯାପନ କରୁଥଲେ । ସେମାନେ ସର୍ବଦା କେବଳ ଧର୍ମଚର୍ଚ୍ଚାରେ ବ୍ୟସ୍ତ ରହୁଥିଲେ । କିନ୍ତୁ ୧୫ଶ ଶତାବ୍ଦୀର ଶେଷ ଏବଂ ୧୬ଶ ଶତାବ୍ଦୀର ପ୍ରାରମ୍ଭ ସମୟକୁ

ଧର୍ମଯାଜକମାନଙ୍କ ଜୀବନ ଅତି ମାତ୍ରାରେ ବିଳାଶପୂର୍ଣ୍ଣ ଏବଂ ଦୁର୍ନୀତିଗ୍ରସ୍ତ ହୋଇଯାଇଥିଲା । ସେମାନେ ନିଜକୁ ଈଶ୍ୱରଙ୍କର ଦୂତ ବା ପ୍ରତିନିଧି ରୂପେ ସର୍ବସାଧାରଣଙ୍କ ନିକଟରେ ଉପସ୍ଥାପିତ କରୁଥିଲେ ଏବଂ ଈଶ୍ୱରଙ୍କ ବ୍ୟତୀତ ଅନ୍ୟ କାହା ପାଖରେ ସେମାନେ ଉତ୍ତରଦାୟୀ ନୁହଁନ୍ତି ବୋଲି ପ୍ରଚାର କରୁଥିଲେ । ନୈତିକତା ବୋଲି ସେମାନଙ୍କ ପାଖରେ କିଛି ନଥିଲା । ଅପର୍ଯ୍ୟାପ୍ତ ଧନସମ୍ପତ୍ତିରେ ସ୍ୱଚ୍ଛଳ ହୋଇ ସେମାନେ ବିଳାସବ୍ୟସନରେ କାଳାତିପାତ କରି ଧର୍ମଚର୍ଚ୍ଚାକୁ ଏକାବେଳକେ ଭୁଲି ବସିଥିଲେ ।

ପୋପ୍ ଧର୍ମୀୟ ମୁଖ୍ୟ ହେବା ସଙ୍ଗେ ସଙ୍ଗେ ରୋମର ଶାସକ ମଧ୍ୟ ଥିଲେ । ତାଙ୍କର ରାଜନୀତିରେ ସକ୍ରିୟ ହେବା ଜନସାଧାରଣଙ୍କ ଧର୍ମୀୟ ବିଶ୍ୱାସ ଉପରେ ପ୍ରତିକୂଳ ପ୍ରଭାବ ପକାଇଲା । ପୋପ୍ ନିଜେ ଏକ ବିରାଟ ସେନାବାହିନୀର ପରିଚାଳନା କରି ତାଙ୍କର ପ୍ରତିଦ୍ୱନ୍ଦ୍ୱୀମାନଙ୍କୁ ପ୍ରତିହତ କଲେ । ସବୁଆଡ଼େ ପୋପ୍‌ଙ୍କର ଗୁପ୍ତଚରମାନେ ଘୁରି ବୁଲିଲେ ଏବଂ ଯାହାକୁ ଧର୍ମଦ୍ରୋହୀ ବୋଲି ସନ୍ଦେହ କଲେ, ସଙ୍ଗେ ସଙ୍ଗେ ପୋପଙ୍କୁ ସୂଚିତ କଲେ । ଏହି କାରଣରୁ କେତେକ ରାଜ୍ୟର ଶାସକମାନଙ୍କୁ ମଧ୍ୟ ଖ୍ରୀଷ୍ଟିୟ ସମାଜରୁ ବାସନ୍ଦ କରାଗଲା । ଏପରିକି କେତେକଙ୍କୁ ମଧ୍ୟ ଗାଦିଚ୍ୟୁତ କରିବାକୁ ପୋପ୍ ପଛାଇଲେ ନାହିଁ ।

ପୋପ୍ ରୋମାନ୍ କାଥୋଲିକ୍ ଧର୍ମପୁସ୍ତକରେ ନିଜର ସ୍ୱାର୍ଥ ସାଧନ ପାଇଁ କେତେକ ନୂତନ ନିୟମମାନ ପ୍ରଚଳନ କଲେ । କେତେଜଣ ପୋପ୍ ଯଥା ଆଲେକଜାଣ୍ଡାର ଷଷ୍ଠ (୧୪୯୨-୧୫୦୩ ଖ୍ରୀ:ଅ:), ଜୁଲିୟସ ଦ୍ୱିତୀୟ (୧୫୦୩-୧୫୧୩ ଖ୍ରୀ:ଅ:) ଓ ଲିଓ-ଦଶମ (୧୫୧୩-୧୫୨୧ ଖ୍ରୀ:ଅ:) ପ୍ରଚଳିତ ଧାର୍ମିକ ରୀତିନୀତିରେ କିଛି ସଂସ୍କାର ମଧ୍ୟ ଆଣିଥିଲେ । ଅପରନ୍ତୁ ରୋମର ସେଣ୍ଟପିଟର୍ସ ଗୀର୍ଜାର ରକ୍ଷଣାବେକ୍ଷଣ ପାଇଁ ଅର୍ଥ ଯୋଗାଡ଼ କରିବା ପାଇଁ କେତେକ ଅନୈତିକ ଉପାୟ ଅବଲମ୍ବନ କରି ଲିଓ-ଦଶମ ଏକ ନୂତନ ସମସ୍ୟାକୁ ଆମନ୍ତ୍ରଣ କରିଥିଲା । ସେ ଅର୍ଥ ପାଇଁ ଗୀର୍ଜାରେ କେତେଗୁଡ଼ିଏ ନୂତନ ପଦବୀର ସୃଷ୍ଟିକରି, ସେଗୁଡ଼ିକରେ ବସ୍ତୁତଃ ଅଧିକ ଅର୍ଥ ଉତ୍କୋଚ ଦେଇପାରୁଥିବା ବ୍ୟକ୍ତିଙ୍କୁ ନିଯୁକ୍ତି ପ୍ରଦାନ କଲେ । ଏପରି ମଧ୍ୟ ହେଲା ଯେ ପାପ କରିଥିବା ବ୍ୟକ୍ତି ଗୀର୍ଜାକୁ ଆସି ତାଙ୍କର ଦୋଷ ସ୍ୱୀକାର ନକରି ଅର୍ଥ ବିନିମୟରେ ପୋପ୍‌ଙ୍କଠାରୁ ତାଙ୍କର ପାପକ୍ଷମା କରାଗଲା ବୋଲି ପ୍ରମାଣପତ୍ର ହାସଲ କରିପାରିଲେ । ଏହିସବୁ ଦୁର୍ନୀତି ବିରୁଦ୍ଧରେ ଏରାସମସ୍ ଓ ଜନ୍ ୱ୍ୟକ୍ଲିଫ୍ ଆଦି ବିଦ୍ୱାନମାନେ ସ୍ୱର ଉତ୍ତୋଳନ କଲେ । ପୋପ୍‌ଙ୍କ ଧର୍ମୀୟ ସ୍ୱେଚ୍ଛାଚାରିତା, ଅର୍ଥ ଅପବ୍ୟୟ ଏବଂ ଅନୈତିକ କାର୍ଯ୍ୟ ବିରୁଦ୍ଧରେ ମାର୍ଟିନ ଲୁଥର ପ୍ରତିବାଦର ସ୍ୱର ଉତ୍ତୋଳନ କଲେ, ଯାହା କ୍ରମେ ରୋମାନ୍ କାଥୋଲିକ୍ ଗୀର୍ଜା ପାଇଁ ଘାତକ ସିଦ୍ଧ ହେଲା ।

(୨) ନବଜାଗରଣ (Renaissance) :

ଆଧୁନିକ ଯୁଗର ଅଭ୍ୟୁଦୟରେ ସର୍ବସାଧାରଣଙ୍କ ଚେତନାରେ ନୂତନ ଜ୍ଞାନ ବିଜ୍ଞାନ ସହ ଅନୁସନ୍ଧିତ୍ସା ଏବଂ ଅନ୍ଧବିଶ୍ୱାସକୁ ବିରୋଧ କରିବାର ମନୋବୃତ୍ତି ଜାଗ୍ରତ ହୋଇଥିଲା । ଅନେକ ବୁଦ୍ଧିଜୀବି ଗୀର୍ଜାଗୁଡ଼ିକର ଦୁର୍ନୀତି ସମୂହକୁ ସେମାନଙ୍କର ଲେଖନୀ ମାଧ୍ୟମରେ ଲୋକଲୋଚନକୁ ଆଣିପାରିଥିଲେ । ମାର୍ଟିନ ଲୁଥରଙ୍କ ଦ୍ୱାରା ଜର୍ମାନୀରେ ଅନୁବାଦିତ ନୂତନ ଟେଷ୍ଟାମେଣ୍ଟ ଏବଂ ଏରାସ୍‌ମସଙ୍କ ରଚିତ, ''ଇନ୍ ପ୍ରେଜ୍ ଅଫ୍ ଫୋଲି'' (In Praise of Folly) ଓ ହଗ୍‌ଟୋନଙ୍କ ''ଲେଟରସ୍ ଅଫ୍ ଆନ୍ ଅବସକ୍ୟୁର ମ୍ୟାନ୍'' (Letters of an Obscure Man) ସର୍ବସାଧାରଣଙ୍କୁ ପୋପ୍ ଓ ଅନ୍ୟ ଧର୍ମଯାଜକମାନଙ୍କ ପ୍ରତି ବିତସ୍ପୃହ ହେବାକୁ ପ୍ରୋତ୍ସାହିତ କରିଥିଲା ।

(୩) ଧର୍ମୀୟ ଅନ୍ଧବିଶ୍ୱାସର ପରିସମାପ୍ତି (End of Religious Superstitions):

ଅନ୍ୟ ଧର୍ମ ସମୂହ ପରି ୟୁରୋପର ଖ୍ରୀଷ୍ଟଧର୍ମ ମଧ୍ୟ ପ୍ରଥମେ ଖୁବ୍ ସରଳ ଏବଂ ପବିତ୍ର ଥିଲା । କିନ୍ତୁ ମଧ୍ୟଯୁଗ ବେଳକୁ ଏହା ବଡ଼ ଜଟିଳ ଓ କଳୁଷିତ ହୋଇପଡ଼ିଥିଲା । ପୋପ୍ ଏବଂ ତାଙ୍କର ଅଧସ୍ତନ ଧର୍ମଯାଜକମାନେ ଦୁର୍ନୀତିପୂର୍ଣ୍ଣ ତଥା ବିଳାସମୟ ଜୀବନଯାପନ କରିବାକୁ ଲାଗିଲେ । ପୋପ୍ ଧର୍ମୀୟ କାର୍ଯ୍ୟାନୁଷ୍ଠାନକୁ ଗୌଣ କରି ରାଜନୀତିରେ ଅଧିକ

ମନୋନିବେଶ କଲେ । ଏପରିକି ସେ ଧର୍ମର ଦ୍ୱାହି ଦେଇ ରାଜ୍ୟର ଶାସକମାନଙ୍କୁ ମଧ୍ୟ ଭୟଭୀତ କରାଇଲେ, ଯାହା ଶାସକମାନଙ୍କୁ ପୋପ ବିରୋଧୀ କରିପକାଇଥିଲା ।

(୪) ଜାତୀୟତାଭାବର ଉଦ୍ରେକ (Rise of Nationalism) :

ପୋପ୍ ଏବଂ ତାଙ୍କର ଅନୁଗାମୀ ଧର୍ମଯାଜକମାନେ ନିଜକୁ ଈଶ୍ୱରଙ୍କ ପ୍ରତିନିଧି ଭାବେ ଉପସ୍ଥାପିତ କରି ନାନା ପ୍ରକାର ଦୁର୍ନୀତି ଓ ଭୋଗବିଳାସରେ ମଜ୍ଜି ରହିବା ଫଳରେ ସାଧାରଣ ଲୋକଙ୍କର ଚକ୍ଷୁଶୂଳ ହୋଇପଡ଼ିଲେ । ନବଜାଗରଣ ଆନ୍ଦୋଳନ ଯୋଗୁଁ ସର୍ବସାଧାରଣରେ ଜାତୀୟତାଭାବର ଉଦ୍ରେକ ହେବାରୁ, ଜନସାଧାରଣ ନିଜ ଦେଶମାତୃକା ପ୍ରତି ଅଧିକ ବିଶ୍ୱାସଭାଜନ ହେବାକୁ ଚେଷ୍ଟା କଲେ । ଏଣୁ ସେମାନେ ଦେଶ ଶାସନରେ ଧର୍ମଯାଜକମାନଙ୍କ ହସ୍ତକ୍ଷେପକୁ ସହଜରେ ବରଦାସ୍ତ କରିବାକୁ ରାଜି ହେଲେ ନାହିଁ । ଏହାଛଡ଼ା ଧର୍ମଯାଜକମାନଙ୍କର ଭୋଗବିଳାସପ୍ରିୟ ଜୀବନଚର୍ଚ୍ଚା ଏବଂ ରକ୍ଷଣଶୀଳତା, ସେମାନଙ୍କର ଆଧ୍ୟାତ୍ମିକ ଉତ୍ଥାନର ଅନ୍ତରାୟ ବୋଲି ଜନସାଧାରଣ ମନେକଲେ । ଐତିହାସିକ ଥାଚରଙ୍କ ମତରେ, ''ସେମାନେ ପୋପ୍‌ଙ୍କର ଉଭୟ ଧର୍ମୀୟ ଓ ରାଜନୈତିକ ପ୍ରତିପତ୍ତିରୁ ନିଜକୁ ମୁକ୍ତ ରଖିବାକୁ ଇଚ୍ଛା କଲେ ।''

(୫) ଅର୍ଥନୈତିକ କାରଣ (Economic Cause) :

ପୂର୍ବରୁ ଖ୍ରୀଷ୍ଟଧର୍ମାବଲମ୍ବୀ ନିଜ ଆୟର ଏକ ଦଶମାଂଶ ରୋମ୍‌ର କାଥୋଲିକ୍ ଗୀର୍ଜାକୁ "ଧର୍ମଯାଜକୀୟ କର'' ଭାବେ ଦେଇଆସୁଥିଲେ । ଏହାଛଡ଼ା ଧର୍ମଯାଜକମାନେ ବିଭିନ୍ନ ଧାର୍ମିକ କର୍ମ କର୍ମାଣି ସମ୍ପାଦନ ଓ ଉପହାର ଗ୍ରହଣ ମାଧ୍ୟମରେ ମଧ୍ୟ ଅନେକ ଅର୍ଥ ଠୁଳ କରିପାରୁଥିଲେ । ପୋପ୍ ନିଜର ସ୍ୱାର୍ଥ ପାଇଁ ସାଧାରଣ ଲୋକଙ୍କଠାରୁ ଅନ୍ୟାନ୍ୟ ଅନେକ କର ଆଦାୟ କରିବା ସଙ୍ଗେ ସଙ୍ଗେ ଗୀର୍ଜାର ବିଭିନ୍ନ ପଦପଦବୀରେ ନିଯୁକ୍ତି ପାଇଁ ଅତ୍ୟଧିକ ଉତ୍କୋଚ ଗ୍ରହଣ କରୁଥିଲେ । ଧନାଢ୍ୟ ଧର୍ମଯାଜକମାନେ ବିଳାସବ୍ୟସନରେ ବ୍ୟସ୍ତରହି ଧର୍ମଚର୍ଚ୍ଚାକୁ ଅବହେଳା କରିବାକୁ ଲାଗିଲେ । ଆଧୁନିକ ଜୀବନଚର୍ଯ୍ୟା ଅନୁସରଣ କରୁଥିବା ଜନସାଧାରଣ ଓ ଶାସକମାନଙ୍କର ମଧ୍ୟଯୁଗୀୟ ଲୋକମାନଙ୍କଠାରୁ ଅପେକ୍ଷାକୃତ ଭାବେ ଅଧିକ ଅର୍ଥ ଆବଶ୍ୟକ ହେଉଥିଲା । ଏଣୁ ସେମାନେ ଗୀର୍ଜାରେ ଗଚ୍ଛିତ ଧନ ସର୍ବସାଧାରଣଙ୍କ ଉନ୍ନତିମୂଳକ କାର୍ଯ୍ୟରେ ବିନିଯୋଗ ହେବା ସପକ୍ଷରେ ଥିଲେ; କିନ୍ତୁ ଧର୍ମଯାଜକମାନେ ତାହାର ବିରୁଦ୍ଧାଚରଣ କଲେ । ଫଳରେ ଧର୍ମସଂସ୍କାର ଏକ ଜନଜାଗରଣ ତଥା ଜନ ବିଦ୍ରୋହର ରୂପ ନେଲା ।

(୬) ରାଜନୈତିକ କାରଣ (Political Cause) :

ଯଦିଓ ଧର୍ମସଂସ୍କାର ଏକ ଧର୍ମୀୟ ଆନ୍ଦୋଳନ ରୂପେ ଆରମ୍ଭ ହୋଇଥିଲା, ତଥାପି ଏହା ଉପରେ ସେ ସମୟର ରାଜନୀତି ଓ ବୌଦ୍ଧିକ ବିକାଶର ପ୍ରଭାବ ସୁଦୂରପ୍ରସାରୀ ଥିଲା । ରୋମ୍‌ର କାଥୋଲିକ୍ ଗୀର୍ଜା ଅନୁଷ୍ଠାନ ଅତ୍ୟନ୍ତ ସୁସଂଗଠିତ ଥିଲା ଏବଂ ପୋପ୍‌ଙ୍କ ପ୍ରତିପତ୍ତି ସମସ୍ତ ଗୀର୍ଜାଗୁଡ଼ିକ ଉପରେ ବଳବତ୍ତର ରହିଥିଲା । ସେ ଲୋକଙ୍କ ଉପରେ ଧର୍ମଯାଜକୀୟ ବୃତ୍ତି କର (Tithe) ଏବଂ ପଶ୍ଚାତାପ କର (Repentance Tax) ବହୁଳ ଭାବେ ଲାଗୁ କରୁଥିଲେ । ଏହି କରଗୁଡ଼ିକ ଶାସକମାନଙ୍କ ଦ୍ୱାରା ଆଦାୟ କରାଯାଇ ପୋପଙ୍କ ରାଜକୋଷରେ ଜମା କରାଯାଉଥିଲା । ପୋପ୍‌ଙ୍କର ଏହି ଅତିରିକ୍ତ ଅର୍ଥ ଲାଳସା ଉଭୟ ଜନସାଧାରଣ ଓ ଶାସକଙ୍କ ନିକଟରେ ତାଙ୍କୁ ଅପ୍ରିୟ କରିଥିଲା ।

ଷୋଡ଼ଶ ଶତାବ୍ଦୀର ଆରମ୍ଭରେ ପୋପ୍ ଧର୍ମୀୟ ବ୍ୟାପାର ସହ ରାଜନୈତିକ ବ୍ୟାପାରରେ ମଧ୍ୟ ହସ୍ତକ୍ଷେପ କରିବାକୁ ଲାଗିଲେ । କାରଣ ସେତେବେଳକୁ ରୋମ୍‌ର କାଥୋଲିକ୍ ଗୀର୍ଜା ଅନୁଷ୍ଠାନ ପ୍ରକୃତରେ କହିବାକୁ ଗଲେ "ଏକ ରାଜ୍ୟ ମଧ୍ୟରେ ଆଉ ଗୋଟିଏ ରାଜ୍ୟ''ର ମାନ୍ୟତା ପାଇସାରିଥିଲା । ଗୀର୍ଜା କର୍ମଚାରୀଙ୍କ ଅଧୀନରେ ଏକ ବୃହତ୍ ନିଃଶୁଳ୍କ ଜାଗୀର ଥିଲା । ଗୀର୍ଜାର ନିଜସ୍ୱ ବିଚାରାଳୟରେ ସମସ୍ତ ଧର୍ମୀୟ ଅପରାଧର ବିଚାର କରାଯାଇ ଦଣ୍ଡ ବିଧାନ ମଧ୍ୟ କରାଯାଉଥିଲା । ପୋପ୍ ଏବଂ ଧର୍ମଯାଜକମାନେ ସମ୍ରାଟଙ୍କର କ୍ଷମତା ପରିସର ବାହାରେ ରହୁଥିଲେ ଏବଂ ଶାସକମାନଙ୍କ ଆଧିପତ୍ୟକୁ ଅବଜ୍ଞା କରୁଥିଲେ ।

ମାତ୍ର ୧୩୭୮ ଖ୍ରୀ:ଅ:ରେ ପୋପ୍‌ଙ୍କର ଅଧିକାର ବିଭାଜିତ ହୋଇଗଲା । ଜଣେ ପୋପ୍ ରୋମ୍‌ରେ ରହିଲେ ଏବଂ ଅନ୍ୟ ଜଣେ ଆଭିଗନନ୍‌ରେ ଅବସ୍ଥାପିତ ହେଲେ । ଏହା ରୋମ୍‌ର ଏକଚ୍ଛତ୍ରବାଦୀ ପୋପ୍‌ଙ୍କ ପ୍ରତିପତ୍ତିକୁ ନ୍ୟୂନ କଲା । ଏଣୁ ଜର୍ମାନୀରେ ଧର୍ମୀୟ ସଂସ୍କାର କ୍ଷିପ୍ରତର ହେଲା । ୧୬ଶ ଶତାବ୍ଦୀ ୟୁରୋପରେ ଶକ୍ତିଶାଳୀ ସମ୍ରାଟମାନଙ୍କର ଆବିର୍ଭାବ ଜନମାନସରେ ଜାତୀୟତା ଭାବର ଉଦ୍ରେକ କରାଇଲା । ଦେଶର ସମସ୍ତ ଗୀର୍ଜାଗୁଡ଼ିକ ଉପରେ ଥିବା ପୋପ୍‌ଙ୍କର ପ୍ରତିପତ୍ତି ସର୍ବସାଧାରଣଙ୍କ ଜାତୀୟତାଭାବ ଉପରେ ପ୍ରତିକୂଳ ପ୍ରଭାବ ପକାଉଥିବା କଥା ସମସ୍ତେ ହୃଦୟଙ୍ଗମ କରିବାକୁ ଲାଗିଲେ । ଶକ୍ତିଶାଳୀ ସମ୍ରାଟମାନେ ଗୀର୍ଜା ଏବଂ ଏହାର ସମ୍ପତ୍ତି ଉପରେ ନିଜର ଆଧିପତ୍ୟ ବିସ୍ତାର କରିବାକୁ ଚାହିଁଲେ । ସେମାନେ ପୋପ୍‌ଙ୍କ ରାଜନୈତିକ ହସ୍ତକ୍ଷେପକୁ ବିରୋଧ କଲେ ଏବଂ ତାଙ୍କର ଧାର୍ମିକ ଦେୟ ହସ୍ତାନ୍ତରକୁ ବନ୍ଦ କରିଦେଲେ । ଏଥିପାଇଁ ସେମାନଙ୍କୁ ଦେଶପ୍ରେମୀ ଜନତାଙ୍କର ପୂର୍ଣ୍ଣ ସହାୟତା ମିଳିଲା । କ୍ରମେ ପ୍ରତ୍ୟେକ ଦେଶ ନିଜ ରାଷ୍ଟ୍ରରେ ଜାତୀୟ ଗୀର୍ଜାମାନ ସ୍ଥାପନ କଲେ ଏବଂ ସେହି ଦେଶର ସମ୍ରାଟ ସେହିସବୁ ଗୀର୍ଜାମାନଙ୍କର ମୁଖ୍ୟ ରହିଲେ । ଏଣୁ ଧର୍ମୀୟ ସଂସ୍କାର ବ୍ୟବସ୍ଥା ଶାସକମାନଙ୍କ ନେତୃତ୍ୱରେ ସହଜ ହୋଇପାରିଲା ।

ଧର୍ମ ସଂସ୍କାର ଆନ୍ଦୋଳନର ପ୍ରସାର (Spread of Reformation Movement) :

ସ୍ଥୂଳତଃ ଦେଖିବାକୁ ଗଲେ ପୋପ୍‌ଙ୍କର ପାପକ୍ଷମା ପ୍ରମାଣପତ୍ର (Letter of Indulgence) ବିକ୍ରି ଏବଂ ଏହାର ପ୍ରତିବାଦରେ ମାର୍ଟିନ ଲୁଥରଙ୍କର ପୋପ୍ ବିରୋଧି ୯୫ ଗୋଟି ଧର୍ମସୂତ୍ର ନିୟମର ପ୍ରଚଳନ ଧର୍ମସଂସ୍କାର ପ୍ରକ୍ରିୟାର ତତ୍‌କାଳ କାରଣ ଥିଲା । ଅବଶ୍ୟ ଏହି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ସେ ସମୟର ରାଜନୀତି, ନବଜାଗରଣ ଆନ୍ଦୋଳନ, ଅର୍ଥନୀତି ଓ ସର୍ବସାଧାରଣଙ୍କ ଜାତୀୟତାବାଦୀ ମନୋଭାବର ପ୍ରଭାବକୁ ଅସ୍ୱୀକାର କରାଯାଇ ନପାରେ । ଧର୍ମସଂସ୍କାର ଆନ୍ଦୋଳନର ପ୍ରସାରର ମୁଖ୍ୟ ଘଟଣାବଳୀଗୁଡ଼ିକ ନିମ୍ନୋକ୍ତ ରୂପେ ଥିଲା :-

ଲୁଥରିୟ ମତବାଦ
(Lutheranism)


ମାର୍ଟିନ ଲୁଥର

ମାର୍ଟିନ ଲୁଥର ୧୪୮୩ ଖ୍ରୀ:ଅ:ରେ ଜର୍ମାନୀର ସାକ୍ସୋନୀ ଗ୍ରାମରେ ଏକ କୃଷକ ପରିବାରରେ ଜନ୍ମଗ୍ରହଣ କରିଥିଲେ । ସେ ତାଙ୍କର ପ୍ରାଥମିକ ଓ ମାଧ୍ୟମିକ ଶିକ୍ଷା ସମାପ୍ତ କରିବାପରେ ଇରଫଟ୍ ବିଶ୍ୱବିଦ୍ୟାଳୟରେ ଆଇନ ଏବଂ ଧର୍ମତତ୍ତ୍ୱ ଅଧ୍ୟୟନ କଲେ । ୧୫୦୫ ଖ୍ରୀ:ଅ:ରେ ସେ ଅଗଷ୍ଟନ୍ ମତବାଦର ସନ୍ନ୍ୟାସୀ ହେଲେ । କିନ୍ତୁ ୧୫୦୮ ଖ୍ରୀ:ଅ.ରେ ତାଙ୍କୁ ବ୍ରାଣ୍ଡେନ୍‌ବର୍ଗ ବିଶ୍ୱବିଦ୍ୟାଳୟର ଧର୍ମତତ୍ତ୍ୱ ଓ ଦର୍ଶନର ପ୍ରଧାପକ ରୂପେ ନିଯୁକ୍ତ କରାଗଲା । ଏଠାରେ ସେ ବାଇବେଲ୍‌ର ତତ୍ତ୍ୱକୁ ଗଭୀର ଅନୁଧ୍ୟାନ କରି ଜାଣିପାରିଲେ ଯେ ଗୀର୍ଜାଗୁଡ଼ିକରେ ଅନେକ ଧର୍ମବିରୋଧୀ ଆଚରଣ ଅନୁସରଣ କରାଯାଉଛି । ଅଧିକ ଅନୁସନ୍ଧାନ ପାଇଁ ସେ ୧୫୧୦ ଖ୍ରୀ:ଅ:ରେ ରୋମ୍‌ରେ ମୁଖ୍ୟ କାଥୋଲିକ୍ ଗୀର୍ଜାକୁ ଗସ୍ତ କଲେ । ସେଠାରେ ଚାଲିଥିବା ପୋପ୍‌ଙ୍କ ଦୁର୍ନୀତି ଦେଖି ସେ ଭୀଷଣ ମର୍ମାହତ ହେଲେ । ୧୫୧୭ ଖ୍ରୀ:ଅ:ରେ ଟେଟ୍‌ଜେଲ୍ ନାମକ ପୋପ୍‌ଙ୍କର ଜଣେ ପ୍ରତିନିଧି ସେଣ୍ଟ୍ ପିଟରସ୍ର ଗୀର୍ଜାର ପୁନରୁଦ୍ଧାର ପାଇଁ ଜର୍ମାନୀରେ କ୍ଷମାପତ୍ର ବିକ୍ରୟ କରି ଅର୍ଥସଂଗ୍ରହ କରିବା ଲୁଥରଙ୍କ ଚକ୍ଷୁଶୂଳ ହୋଇଥିଲା । ପାପର ଗୁରୁତ୍ୱ ଅନୁସାରେ କ୍ଷମାପତ୍ରର ମୂଲ୍ୟାଙ୍କନ ହେଉଥିଲା । ଅଧିକ ପାପ କ୍ଷମା କରିବା ନିମନ୍ତେ ଅଧିକ ଅର୍ଥ ଆବଶ୍ୟକ ନୀତିକୁ ଲୁଥର ସହଜରେ ଗ୍ରହଣ କରିପାରିନଥିଲେ । ଗୀର୍ଜାଗୁଡ଼ିକରେ ହେଉଥିବା ବ୍ୟାପକ ଦୁର୍ନୀତି ବିରୁଦ୍ଧରେ ସେ ସ୍ୱର ଉତ୍ତୋଳନ କଲେ । ପୋପ୍‌ଙ୍କର କର୍ତ୍ତୃତ୍ୱ ବିରୁଦ୍ଧରେ ସଂଗ୍ରାମ କରି ସେ "ବିରୁଦ୍ଧବାଦୀ

ମତବାଦ'' (Protestanism) ବା ଲୁଥରୀୟ ମତବାଦ (Lutheranism)ର ପ୍ରଚଳନ କଲେ ଏବଂ ତାଙ୍କର ଅନୁଗାମୀମାନଙ୍କୁ "ବିରୁଦ୍ଧବାଦୀ'' (Protestant) ବୋଲି ଅଭିହିତ କରାଗଲା । ଐତିହାସିକ ହାୟସ୍‌ଙ୍କ ମତରେ, ''ପୋପ୍‌ଙ୍କର କ୍ଷମାପତ୍ର ବ୍ୟବସାୟ ବିରୁଦ୍ଧରେ ୧୫୧୭ ଖ୍ରୀ:ଅ:ରେ ଲୁଥରଙ୍କ ପ୍ରଚଳିତ ୯୫ ଗୋଟି ଧର୍ମୀୟ ଯୁକ୍ତି ଜର୍ମାନୀରେ ଏକ ସାମୂହିକ ଗଣ ଆନ୍ଦୋଳନର ସୂତ୍ରପାତ କରି ଧର୍ମବିରୁଦ୍ଧବାଦୀ ଗୀର୍ଜା (Protestant Church) ପ୍ରତିଷ୍ଠାକୁ ମାର୍ଗ ଦର୍ଶନ ପ୍ରଦାନ କରିଥିଲା'' ।

ଲୁଥରଙ୍କୁ ଉଭୟ ପୋପ୍ ଏବଂ ସମ୍ରାଟ ଚାର୍ଲସ୍-ପଞ୍ଚମ ଈଶ୍ୱର ବିଦ୍ୱେଷୀ ଘୋଷଣା କଲେ । ରାଜ୍ୟ ଦ୍ୱାରା ତାଙ୍କୁ ପ୍ରଦାନ କରାଯାଉଥିବା ସୁରକ୍ଷା ପ୍ରତିହାର କରିନିଆଗଲା ଏବଂ ତାଙ୍କଦ୍ୱାରା ଲିଖିତ ସମସ୍ତ ପୁସ୍ତକକୁ ନିଷିଦ୍ଧ ଘୋଷଣା କରାଗଲା । ଡାୟେଟ୍ ଅଫ୍ ୱର୍ମସ୍ (Diet of Worms) ମଧ୍ୟ ଲୁଥରଙ୍କୁ ପୋପ୍ ବିଦ୍ୱେଷୀ କାର୍ଯ୍ୟକଳାପରୁ ନିବୃତ୍ତ ହେବାକୁ ପ୍ରବର୍ତ୍ତାଇଲା । କିନ୍ତୁ ଲୁଥର ସେହି ସମୟରେ ସେଠାରେ ଉପସ୍ଥିତ ରହି ସେ କୌଣସି ଧର୍ମବିରୋଧୀ କାର୍ଯ୍ୟ କରୁନାହାଁନ୍ତି ବୋଲି ଯୁକ୍ତି କରିଥିଲେ; ମାତ୍ର ତାଙ୍କୁ ଈଶ୍ୱର ବିଦ୍ୱେଷୀ ବୋଲି ଘୋଷଣା କରି ୧୫୨୦ ଖ୍ରୀ:ଅ:ରେ ଲୁଥରଙ୍କୁ ପୋପ୍ ଲିଓ-ଦଶମ ଧର୍ମୀୟ ସମାଜରୁ ବାସନ୍ଦ କଲେ ବୋଲି ଏକ ଘୋଷଣାପତ୍ର ଜାରି କରିଥିଲେ । ଏଥିରେ କ୍ରୋଧାନ୍ୱିତ ହୋଇ ଲୁଥର ବ୍ରାଣ୍ଡେନବର୍ଗର ଜନଗହଳିପୂର୍ଣ୍ଣ ବଜାରରେ ସର୍ବସମ୍ମୁଖରେ ସେହି ଆଦେଶନାମାକୁ ଅଗ୍ନିଦଗ୍ଧ କଲେ ବୋଲି ଏକ ଘୋଷଣା ପତ୍ର ଜାରି କରିଥିଲେ । କିନ୍ତୁ ସେଠାରେ ତାଙ୍କର ଜୀବନ ପ୍ରତି ବିପଦ ଥିବାର ମନେକରି ସେ ତାଙ୍କର ଜନ୍ମସ୍ଥାନ ସାକ୍ସୋନୀରେ ଫ୍ରେଡ଼ରିକଙ୍କ ଆଶ୍ରୟ ନେବାକୁ ପଳାୟନ କଲେ, ଫଳରେ ସମ୍ରାଟ ଚାର୍ଲସ-ପଞ୍ଚମ ତାଙ୍କର ସମସ୍ତ ସମ୍ପତ୍ତିକୁ ବାଜ୍ୟାପ୍ତ କରିଦେଲେ ।

ପୋପ୍‌ଙ୍କ ଦୁର୍ନୀତିକୁ ତଥ୍ୟ ପ୍ରମାଣ ସହ ଲୁଥର ଏକ ତର୍କଭିତ୍ତିକ ପୁସ୍ତକ ରୂପେ ପ୍ରକାଶ କଲେ । ଜନସାଧାରଣ ଏହି ପୁସ୍ତକକୁ ପାଠ କରିବା ପରେ ସେମାନେ ବହୁଳ ଭାବେ ପ୍ରଭାବିତ ହୋଇ ଲୁଥରଙ୍କୁ ସମର୍ଥନ କଲେ ଏବଂ ତାଙ୍କର ଧର୍ମ ଦର୍ଶନକୁ ଗ୍ରହଣ କରିବାକୁ ଲାଗିଲେ । ୧୫୨୨ ଖ୍ରୀ:ଅ:ରେ ଲୁଥର ବାଇବେଲକୁ ଜର୍ମାନୀରେ ଅନୁବାଦ କରିବା ଫଳରେ ସାଧାରଣ ଜନତା ଏହାର ଅର୍ଥ ବୁଝିପାରିଥିଲେ, ଫଳରେ ଧର୍ମଯାଜକମାନେ ବାଇବେଲର ଦ୍ୱାହି ଦେଇ କରୁଥିବା ଦୁର୍ନୀତିର ଅବସାନ ଘଟିଥିଲା ।

ପ୍ରୋଟେଷ୍ଟାଣ୍ଟ ଧର୍ମର ଉତ୍‌ଥାନରେ ରୋମୀୟ କାଥୋଲିକ୍ ଏବଂ ପ୍ରୋଟେଷ୍ଟାଣ୍ଟମାନଙ୍କ ମଧ୍ୟରେ ରକ୍ତାକ୍ତ ସଂଘର୍ଷର ସୂତ୍ରପାତ ହେଲା । ୧୫୨୯ ଖ୍ରୀ:ଅ:ରେ ଦକ୍ଷିଣ ଜର୍ମାନୀର କୃଷକମାନେ କାଥୋଲିକ୍ ଶାସକଙ୍କ ବିରୁଦ୍ଧରେ ଆନ୍ଦୋଳନ କଲେ ଏବଂ କାଥୋଲିକ୍ ଗୀର୍ଜାର ଦେୟ ଦେବା ବନ୍ଦ କରିଦେଲେ । ଲୁଥର ଏହି ରକ୍ତପାତର ବିରୁଦ୍ଧରେ ଥିଲେ । ସେ ମଧ୍ୟ ଏହି ବିଦ୍ରୋହ କାଳେ ତାଙ୍କ ମତବାଦର ପ୍ରସାରରେ ବାଧା ସୃଷ୍ଟି କରିବ ତାହା ସନ୍ଦେହ କରି ଅତ୍ୟନ୍ତ ସ୍ୱାର୍ଥପର ଭାବେ ତାଙ୍କୁ ସମର୍ଥନ କରୁଥିବା ଆନ୍ଦୋଳନକୁ ପ୍ରତିହତ କରିବା ପାଇଁ ଶାସକମାନଙ୍କୁ ପତ୍ର ଲେଖିଥିଲେ । ସେମାନେ ବଡ଼ ନିର୍ଦ୍ଦୟ ଭାବରେ ଅନେକ କୃଷକଙ୍କୁ ହତ୍ୟାକରି ଏହି ଆନ୍ଦୋଳନର ଅବସାନ ଘଟାଇଥିଲେ । ଫଳରେ ଲୁଥର୍ ସମାଜର ନିମ୍ନବର୍ଗର ସହାନୁଭୂତି ହରାଇଥିଲେ ଏବଂ ଅନେକ ବନ୍ଧୁଭାବାପନ୍ନ ଶାସକମାନେ ମଧ୍ୟ ତାଙ୍କୁ ଘୃଣାଚକ୍ଷୁରେ ଦେଖିଲେ । ମାର୍ଟିନ ଲୁଥର୍ ଏହି ବ୍ୟସ୍ତବହୁଳ ଧର୍ମୀୟ ଯୁଦ୍ଧରେ ଆତଙ୍କିତ ଜୀବନକୁ ନେଇ ଏକ ସ୍ଥାନରୁ ଅନ୍ୟ ସ୍ଥାନକୁ ଗସ୍ତ ଅବ୍ୟାହତ ରଖି ଶେଷରେ ୧୫୪୬ ଖ୍ରୀ:ଅ:ରେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ ।

ମାର୍ଟିନ ଲୁଥରଙ୍କ ପ୍ରଚାରିତ ବାଣୀ (The Preacings of Martin Luther) :

ଅନେକ ଧର୍ମପୁସ୍ତକ ଏବଂ ବାଇବେଲକୁ ଗଭୀର ଅଧ୍ୟୟନ କରିବା ପରେ ମାର୍ଟିନ ଲୁଥର ୯୫ ଗୋଟି ଧର୍ମାର୍ଥ ସୂତ୍ରରେ ଉପନୀତ ହୋଇଥିଲେ । ସେଗୁଡ଼ିକ ମଧ୍ୟରୁ ପ୍ରଧାନ ୭ଗୋଟିର ମର୍ମ ହେଲା–

(୧) ନିର୍ବାଣ ପାଇଁ ଲୋକ ଦେଖାଣିଆ ଉପବାସ, ଅନୁତାପ ଓ ତୀର୍ଥଯାତ୍ରା ଆଦି କରିବା ନିରର୍ଥକ ।

(୨) ଲୁଥର କ୍ଷମାପତ୍ର ବିକ୍ରିର ବିରୋଧୀ ଥିଲେ କାରଣ ତାଙ୍କ ମତରେ ଏହାଦ୍ୱାରା ପ୍ରକୃତରେ ନିର୍ବାଣ ପ୍ରାପ୍ତି ହୁଏ ନାହିଁ । ସେ କହୁଥିଲେ, ''ବିଶ୍ୱାସ ହେଉଛି ଗୋଟିଏ ସେତୁ, ଯଦି ଜଣଙ୍କର ପ୍ରଭୁଙ୍କଠାରେ ଅଖଣ୍ଡ ବିଶ୍ୱାସ ଥାଏ, ତାଙ୍କର ଶତ ଦୁର୍ବଳତା ଥିବା ସତ୍ତ୍ୱେ ମଧ୍ୟ ପ୍ରଭୁ ତାଙ୍କୁ ରକ୍ଷା କରିଥାନ୍ତି ।''

(୩) ଖ୍ରୀଷ୍ଟଧର୍ମରେ ଦୀକ୍ଷିତ ହେବାପରେ ପ୍ରତ୍ୟେକ ଜଣେ ଜଣେ ପାଦ୍ରି ହୋଇଯାନ୍ତି, ଏଣୁ ପାଦ୍ରି ବା ଧର୍ମଯାଜକମାନଙ୍କୁ ମଧ୍ୟ ବିବାହ ପାଇଁ ଅନୁମତି ମିଳିବା ଉଚିତ୍ ।

(୪) ଲୁଥର ଅନେକଗୁଡ଼ିଏ ଧର୍ମୀୟ ଉତ୍ସବ ପାଳନ କରିବାର ବିରୋଧାଚରଣ କରୁଥିଲେ । ତାଙ୍କ ମତରେ ଜନ୍ମ, ପଶ୍ଚାତାପ ଓ ମୃତ୍ୟୁ ଭଳି ଅଳ୍ପ କେତେକ ଉତ୍ସବ ପାଳନ କରିବା ଉଚିତ୍ ।

(୫) ଲୁଥରଙ୍କ ମତରେ ଈଶ୍ୱର ଉଭୟ ପୃଥିବୀ ଏବଂ ସ୍ୱର୍ଗକୁ ସମାନ ଭାବେ ଭଲ ପାଆନ୍ତି । ଏଣୁ ନିର୍ବାଣ ପାଇଁ ପାର୍ଥିବ ଜୀବନରୁ ମୁକ୍ତି ଅନ୍ୱେଷଣ କରିବା ବାଞ୍ଛନୀୟ ନୁହେଁ । ମାନବସେବା ତଥା ନିଜର କର୍ତ୍ତବ୍ୟକୁ ନିଷ୍ଠାର ସହ କରିପାରିଲେ ମନୁଷ୍ୟ ସାଂସାରିକ ଜୀବନଯାପନ କରି ମଧ୍ୟ ନିର୍ବାଣ ପାଇପାରିବ ।

(୬) ପ୍ରଚଳିତ ଧର୍ମୀୟ କର୍ତ୍ତୃତ୍ୱକୁ ଲୁଥର ବିରୋଧ କରୁଥିଲେ ଏବଂ ସେ ଜାତୀୟତାବାଦୀ ଗୀର୍ଜା ସ୍ଥାପନ ସପକ୍ଷରେ ବିଶ୍ୱାସ କରୁଥିଲେ । ସେ ଧର୍ମ କ୍ଷେତ୍ରରେ ପୋପଙ୍କ ନିଜସ୍ୱ ନିୟମ ପରିବର୍ତ୍ତେ ବାଇବେଲ ଲିଖିତ ନିୟମ ପ୍ରଚଳନ କରିବାକୁ ଚାହୁଁଥିଲେ ।

(୭) ଲୁଥର ତାଙ୍କର ମତବାଦକୁ ଦେଶର ଶାନ୍ତିଶୃଙ୍ଖଳା ଅକ୍ଷୁର୍ଣ୍ଣ ରଖି ସୌହାର୍ଦ୍ଦ୍ୟପୂର୍ଣ୍ଣ ପରିବେଶରେ ପ୍ରସାର କରିବାକୁ ଚାହୁଁଥିଲେ ।

ଲୁଥରୀୟ ମତବାଦର ପ୍ରସାର (Spread of Lutheranism) :

(୧) ପ୍ରଥମ ସ୍ପାଇର ଧର୍ମ ସମ୍ମିଳନୀ; ୧୫୨୬ ଖ୍ରୀ:ଅ:
(First Holy Empire Conference of Spier; 1526 AD) :

୧୫୨୬ ଖ୍ରୀ:ଅ: ବେଳକୁ ବିଭିନ୍ନ ଶାସକମାନେ ପୋପ୍ ଗୋଷ୍ଠୀ ଏବଂ ଲୁଥର ଗୋଷ୍ଠୀ ରୂପେ ବିଭାଜିତ ହୋଇଯାଇଥିଲେ । ଏଣୁ ୧ମ ସ୍ପାଇର ପବିତ୍ର ସାମ୍ରାଜ୍ୟ (Holy Empire) ସମ୍ମିଳନୀର ଫଳାଫଳ କିଛି ନିର୍ଣ୍ଣାୟକ ହୋଇପାରିଲା ନାହିଁ ।

(୨) ଦ୍ୱିତୀୟ ସ୍ପାଇର ଧର୍ମ ସମ୍ମିଳନୀ; ୧୫୨୯ ଖ୍ରୀ:ଅ:
(Second Holy Empire Conference of Spier; 1529 AD) :

ଏହି ସମ୍ମିଳନୀରେ ସମ୍ରାଟ ଚାର୍ଲସ ପଞ୍ଚମଙ୍କ ଯୋଗୁଁ କାଥୋଲିକ୍ ଓ ପ୍ରୋଟେଷ୍ଟାଣ୍ଟମାନଙ୍କ ମଧ୍ୟରେ ପ୍ରବଳ ମତଭେଦ ଦେଖାଦେଲା । କାରଣ ଚାର୍ଲସ୍ କାଥୋଲିକ୍‌ମାନଙ୍କୁ ଅନ୍ଧ ଭାବେ ସମର୍ଥନ କଲେ ଏବଂ ଡାୟଟ୍ ଅଫ୍ ୱର୍ମସ (Diet of Worms)ର ପ୍ରସ୍ତାବକୁ ସ୍ୱୀକୃତି ଦିଆଯାଇ ଧର୍ମସଂସ୍କାର ଆନ୍ଦୋଳନକୁ ପ୍ରତିହତ କରିବା ପାଇଁ ପ୍ରଭାବିତ କରାଗଲା । ଲୁଥରଙ୍କ ବନ୍ଧୁ ଫିଲିପ୍ ମେଲାନ୍‌ଚଥୋନ୍ ଦୁଇ ସମ୍ପ୍ରଦାୟ ମଧ୍ୟରେ ସହଯୋଗ ପ୍ରତିଷ୍ଠା ପାଇଁ ପ୍ରସ୍ତାବ ଦେଇ ବିଫଳ ହେଲେ । ବସ୍ତୁତଃ ତାଙ୍କର ପ୍ରସ୍ତାବକୁ ସମ୍ପୂର୍ଣ୍ଣ ରୂପେ ପ୍ରତ୍ୟାଖ୍ୟାନ କରାଯାଇଥିଲା । ଐତିହାସିକ ଡବ୍ଲ୍ୟୁ. ଷ୍ଟବସ୍‌ଙ୍କ ବର୍ଣ୍ଣନା ଅନୁସାରେ, ''ସ୍ପାଇର ସମ୍ମିଳନୀର ଏହି ନିଷ୍ପତ୍ତି ବିରୁଦ୍ଧରେ ଲୁଥରଙ୍କର ସମର୍ଥକମାନେ ଲୌକିକତା ଦୃଷ୍ଟିରୁ ପ୍ରତିବାଦ କରିବାରୁ, ସେମାନଙ୍କୁ ବିରୁଦ୍ଧବାଦୀ (Protestant) ଆଖ୍ୟା ଦିଆଗଲା ।''

(୩) ସ୍ମାଲ୍‌କାଲ୍‌ଡ଼ାନ୍ ସଂଘ; ୧୫୩୧ ଖ୍ରୀ:ଅ: (League of Schmalkaldan, 1513 AD) :

ସମ୍ରାଟ ଚାର୍ଲସ୍ ପଞ୍ଚମଙ୍କର କୋପରୁ ନିଜକୁ ସୁରକ୍ଷିତ ରଖିବା ପାଇଁ ପ୍ରୋଟେଷ୍ଟାଣ୍ଟ୍‌ମାନେ ୧୫୩୧ ଖ୍ରୀ:ଅ:ରେ ସାକ୍ସୋନୀ, ବ୍ରାଣ୍ଡେନ୍‌ବର୍ଗ, ହେସ୍ ଇତ୍ୟାଦିଙ୍କୁ ନେଇ ସ୍ମାଲ୍‌କାଲଡ଼ାନ୍ ସଂଘ (League of Schmalkaldan) ଗଠନ କଲେ । ଏହି ସମୟରେ ଚାର୍ଲସ୍ ଇଟାଲୀ ବିପକ୍ଷରେ ଯୁଦ୍ଧରତ ହେବାରୁ ଏହି ସଂଘର କାର୍ଯ୍ୟକଳାପକୁ ପ୍ରତିହତ କରିପାରିଲେ ନାହିଁ । ଫଳରେ ଜର୍ମାନୀରେ ଲୁଥରୀୟ ମତବାଦର ପ୍ରସାର ପାଇଁ କ୍ଷେତ୍ର ପ୍ରସ୍ତୁତ ହୋଇଗଲା ।

(୪) ଟ୍ରେଣ୍ଟ୍ ସମ୍ମିଳନୀ; ୧୫୪୬ ଖ୍ରୀ:ଅ: (Trent Conference, 1546 AD) :

ସ୍ମାଲକାଲଡ଼ନ୍ ସଂଘ କାର୍ଯ୍ୟକାରୀ ହେବାର ୧୫ ବର୍ଷ ପରେ ଚାର୍ଲସ-ପଞ୍ଚମ ଏହାକୁ ପ୍ରତିହିତ କରିବା ପାଇଁ ବଦ୍ଧପରିକର ହେଲେ । ୧୫୪୬ ଖ୍ରୀ:ଅ:ରେ ଲୁଥରଙ୍କ ଦେହତ୍ୟାଗ ସମୟକୁ ତାଙ୍କ ଅନୁଗାମୀମାନଙ୍କ ମଧ୍ୟରେ ବିଭେଦ ସୃଷ୍ଟି ହୋଇସାରିଥିଲା । ଏହାର ସୁଯୋଗ ନେଇ ଚାର୍ଲସ୍-ପଞ୍ଚମ ପ୍ରୋଟେଷ୍ଟାଣ୍ଟ୍‌ମାନଙ୍କ ବିରୁଦ୍ଧରେ ଯୁଦ୍ଧ ଘୋଷଣା କରି ସେଥିରେ ସଫଳ ହେଲେ । ଏହା ଜର୍ମାନୀରେ ଚାର୍ଲସ୍-ପଞ୍ଚମଙ୍କ ପ୍ରଭାବ ବୃଦ୍ଧି କଲା, ମାତ୍ର ଏହା ଜର୍ମାନୀରେ ଗୃହଯୁଦ୍ଧର ସୂତ୍ରପାତ କଲା, ଯାହାକି ୧୫୫୫ ଖ୍ରୀ:ଅ: ପର୍ଯ୍ୟନ୍ତ ଲାଗି ରହିଲା ।

ପୋପ୍ ମଧ୍ୟ ଚାର୍ଲସ୍ ପଞ୍ଚମଙ୍କ ଶକ୍ତି ବୃଦ୍ଧିର ସପକ୍ଷରେ ନଥିଲେ । ଏଣୁ ସେ ୧୫୪୬ ଖ୍ରୀ:ଅ:ରେ ଟ୍ରେଣ୍ଟ୍ ସମ୍ମିଳନୀ (Assembly at Trent) ଆହୁତ କଲେ । ଏଥିରେ ଉଭୟ କାଥୋଲିକ୍ ଏବଂ ପ୍ରୋଟେଷ୍ଟାଣ୍ଟ୍‌ମାନଙ୍କୁ ଯୋଗଦେବା ପାଇଁ ନିମନ୍ତ୍ରଣ କରାଗଲା ମାତ୍ର କୌଣସି ଏକ ବିଶେଷ କାରଣରୁ ପୋପ୍ ଏଥିରେ ଯୋଗ ନ ଦେବାରୁ ଏହାକୁ ସ୍ଥଗିତ ରଖିବା ପାଇଁ ପ୍ରସ୍ତାବ ଦିଆଗଲା । ଏହାର ସୁଯୋଗ ନେଇ ଚାର୍ଲସ୍ ପଞ୍ଚମ, ଏହି ସମ୍ମିଳନୀରେ ପ୍ରୋଟେଷ୍ଟାଣ୍ଟ୍‌ମାନଙ୍କ ପ୍ରତି କିଛି କୋହଳ ମନୋଭାବ ପୋଷଣ କରି ଏକ ମଧ୍ୟବର୍ତ୍ତୀକାଳୀନ (Interim) ସମାଧାନ ଘୋଷଣା କଲେ । କିନ୍ତୁ ଚାର୍ଲସ୍-ପଞ୍ଚମଙ୍କ ସମାଧାନର ସର୍ତ୍ତାବଳୀ ଉଭୟ କାଥୋଲିକ୍ ଓ ପ୍ରୋଟେଷ୍ଟାଣ୍ଟ୍‌ମାନଙ୍କୁ କ୍ରୋଧାନ୍ୱିତ କଲା ଏବଂ ଉଭୟ ଚାର୍ଲସ୍‌ଙ୍କୁ ପ୍ରବଳ ଭାବରେ ବିରୋଧ କଲେ । ଫଳରେ ସେ ଜର୍ମାନୀ ଛାଡ଼ି ଚାଲିଯିବାକୁ ବାଧ୍ୟ ହେଲେ ।

(୫) ଅଗସ୍‌ବର୍ଗ ବୁଝାମଣା; ୧୫୫୫ ଖ୍ରୀ:ଅ: (Treaty of Augsburg, 1555 AD) :

ଚାର୍ଲସ୍ ପଞ୍ଚମ ଜର୍ମାନୀରୁ ପଳାୟନ କରିବା ପରେ ତାଙ୍କ ଭ୍ରାତା ଫର୍ଡ଼ିନାଣ୍ଡ୍ ପ୍ରୋଟେଷ୍ଟାଣ୍ଟ୍‌ମାନଙ୍କୁ ନେଇ ପିସୁ ସମ୍ମିଳନୀ (Convention of Pissue)ରେ ଏକ ମଧ୍ୟବର୍ତ୍ତୀକାଳୀନ ନିଷ୍ପତ୍ତି ଘୋଷଣା କଲେ । ଏହି ନିଷ୍ପତ୍ତି ପରେ ଅଗସ୍‌ବର୍ଗ ଚୁକ୍ତି (Treaty of Augusburg) ଭାବେ ୧୫୫୫ ଖ୍ରୀ:ଅ:ରେ ସ୍ୱାକ୍ଷରିତ ହୋଇ ୟୁରୋପରେ ସ୍ଥାୟୀ ଶାନ୍ତି ପ୍ରତିଷ୍ଠା କରିଥିଲା । ଏହି ଚୁକ୍ତିରେ ନିମ୍ନଲିଖିତ ନିୟମମାନ ସନ୍ନିବେଶିତ ହୋଇଥିଲା–

(କ) ଜର୍ମାନୀ ଉପରେ କୌଣସି ଧର୍ମକୁ ଲଦିଦେବାର ମାନସିକତାକୁ ପରିହାର କରାଗଲା ଏବଂ ପ୍ରତ୍ୟେକ ରାଜ୍ୟକୁ ସ୍ୱାଧୀନ ଭାବେ ତାହାର ପସନ୍ଦ ଅନୁସାରେ ଧର୍ମାଚାରଣ ପାଇଁ ମୁକ୍ତ କରିଦିଆଗଲା । ଯଦି କୌଣସି ବ୍ୟକ୍ତିବିଶେଷ ସେ ବସବାସ କରୁଥିବା ରାଜ୍ୟର ଧର୍ମକୁ ଗ୍ରହଣ କରିବା ପାଇଁ କୁଣ୍ଠାବୋଧ କରନ୍ତି, ତାହେଲେ ତାଙ୍କୁ ସ୍ୱେଚ୍ଛାରେ ସେ ଦେଶଛାଡ଼ି ଯେଉଁ ଦେଶରେ ତାଙ୍କ ପସନ୍ଦର ଧର୍ମ ଅବଲମ୍ବନ କରାଯାଉଛି ସେଠାକୁ ଚାଲିଯାଇ ବସବାସ କରିବାକୁ ଅନୁମତି ଦିଆଗଲା ।

(ଖ) ଏଣୁ ବର୍ତ୍ତମାନ ଜର୍ମାନୀରେ କେବଳ ଦୁଇଟି ଧର୍ମ ରହିଲା–ରୋମୀୟ କାଥୋଲିକ୍ ଏବଂ ପ୍ରୋଟେଷ୍ଟାଣ୍ଟ୍ । ଯେଉଁ ରାଜ୍ୟରେ ଏହି ଦୁଇଟିରୁ କୌଣସିଟି ନଥିଲା, ସେଗୁଡ଼ିକୁ ଏହି ବୁଝାମଣାର ଅନ୍ତର୍ଭୁକ୍ତ କରାଗଲା ନାହିଁ । ଏଣୁ ପ୍ରୋଟେଷ୍ଟାଣ୍ଟ୍ ଧର୍ମ ବୈଧ ଘୋଷିତ ହୋଇଗଲା ।

(ଗ) କାଥୋଲିକ୍ ଗୀର୍ଜାର କେତେକ ସ୍ଥାବର ସମ୍ପତ୍ତିକୁ ପ୍ରୋଟେଷ୍ଟାଣ୍ଟ୍‌ମାନେ ଦଖଲ କରି ନିଜ ଅଧିନକୁ ଆଣିବା ପରେ ତାହାର ରକ୍ଷଣାବେକ୍ଷଣ ଦାୟିତ୍ୱ ବହନ କରିଥିଲେ ।

(ଘ) ଏହି ବୁଝାମଣାର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସର୍ତ୍ତ ହେଲା "ଧର୍ମମଣ୍ଡଳୀ ସମ୍ପର୍କୀୟ ସଂରକ୍ଷଣ'' । ଏହାଫଳରେ ଯଦି କୌଣସି କାଥୋଲିକ୍ ପାଦ୍ରୀ ପ୍ରୋଟେଷ୍ଟାଣ୍ଟ୍ ମତବାଦକୁ ଗ୍ରହଣ କଲେ ତେବେ ତାଙ୍କୁ କାଥୋଲିକ୍ ସଂସ୍ଥାରେ ଅବସ୍ଥାପିତ ଥିବା ବେଳର ପଦବୀର ସମସ୍ତ ସୁବିଧା ସୁଯୋଗ ହରାଇବାକୁ ପଡ଼ିଲା ।

ଅଗସ୍‌ବର୍ଗ ବୁଝାମଣାର ଦୁର୍ବଳତା (Shortcomings of the Treaty of Augusburg) :

(କ) ଜନସାଧାରଣଙ୍କ ବଦଳରେ ଶାସକମାନଙ୍କୁ ରାଜ୍ୟର ଧର୍ମ ନିର୍ବାଚନ କରିବାର କ୍ଷମତା ପ୍ରଦାନ କରାଯାଇଥିଲା ।

(ଖ) ପୋପ୍‌ଙ୍କ ବଦଳରେ ଶାସକମାନଙ୍କୁ ଧର୍ମ ଆଚରଣ ସମ୍ବନ୍ଧୀୟ ଅଧିକାର ପାଇଁ କ୍ଷମତା ପ୍ରଦାନ କରାଯାଇଥିଲା ।

(ଗ) ରୋମୀୟ କାଥୋଲିକ୍‌ମାନଙ୍କର ବିପୁଳ ସମ୍ପତ୍ତି ସେମାନଙ୍କ ଅଧିନସ୍ଥ ହୋଇ ରହିଲା ।

ଉପରୋକ୍ତ ଘଟଣାବଳୀରୁ ଏହି ସିଦ୍ଧାନ୍ତ ମିଳେ ଯେ ଲୁଥରୀୟବାଦର ପ୍ରଚାର ଏବଂ ପ୍ରସାର ମାର୍ଟିନ ଲୁଥରଙ୍କର ବ୍ୟକ୍ତିତ୍ୱ, ସମସାମୟିକ ରାଜନୀତି; ନବଜାଗରଣ ଆନ୍ଦୋଳନ ଓ ଜର୍ମାନ ରାଜପରିବାର ସଦସ୍ୟମାନଙ୍କର ସହଯୋଗ ଫଳରେ ସମ୍ଭବ ହୋଇଥିଲା ।

(୬) ଇଂଲଣ୍ଡରେ ଇଂରେଜ ଗୀର୍ଜାର ଅଭ୍ୟୁଦୟ (Emergence of Anglican Church in England) :

ଅଷ୍ଟମ ହେନେରୀଙ୍କ ରାଜତ୍ୱ ପୂର୍ବରୁ ଇଂଲଣ୍ଡର ଜନ୍ କୋଲେଟ୍ ଓ ଥୋମାସ୍ ମୁର୍ ଆଦି ଗୀର୍ଜା ବିରୁଦ୍ଧରେ ପ୍ରଚାର ଆରମ୍ଭ କରିଦେଇଥିଲେ । ଏଡ଼ୱାର୍ଡ଼ ପ୍ରଥମ ଓ ଦ୍ୱିତୀୟ ମଧ୍ୟ ସେମାନଙ୍କ ରାଜତ୍ୱ କାଳରେ ପୋପ୍‌ଙ୍କ ପ୍ରତିପତ୍ତି ହ୍ରାସ କରିବାକୁ ଚାହିଁଥିଲେ । ଏସବୁ ସତ୍ତ୍ୱେ ଅଷ୍ଟମ ହେନେରୀଙ୍କ ରାଜତ୍ୱ କାଳରେ ତାଙ୍କର ପୋପ୍‌ଙ୍କ ସହ ମନାନ୍ତର ହେବା ପର୍ଯ୍ୟନ୍ତ କାଥୋଲିକ୍ ଚର୍ଚ୍ଚର ପ୍ରଭାବ ଇଂରେଜ ସାମ୍ରାଜ୍ୟ ଉପରେ ବଳବତ୍ତର ରହିଥିଲା ।

(୭) ହେନେରୀ-ଅଷ୍ଟମ ଏବଂ ବିବାହ ବିଚ୍ଛେଦ ସମସ୍ୟା (Henry-VIII and Problem of Divorce) :

୧୬ଶ ଶତାବ୍ଦୀ ବେଳକୁ ଇଂଲଣ୍ଡରେ ଅନ୍ୟ ୟୁରୋପୀୟ ଦେଶମାନଙ୍କ ପରି କାଥୋଲିକ ଧର୍ମର ବହୁଳ ପ୍ରଚଳନ ଥିଲା । ୧୫ଶ ଶତାବ୍ଦୀର ଶେଷ ଭାଗରେ ଏଠାରେ ଟ୍ୟୁଡ଼ର୍ ରାଜବଂଶର ରାଜତ୍ୱ ଆରମ୍ଭ ହୋଇଥିଲା । ଅଷ୍ଟମ ହେନେରୀଙ୍କ (୧୫୦୯-୧୫୪୭ ଖ୍ରୀ:ଅ:) ରାଜତ୍ୱର ଆରମ୍ଭରେ ତାଙ୍କର ପୋପ୍‌ଙ୍କ ସହ ସୁସମ୍ପର୍କ ଥିଲା । ଏପରିକି ସେ ପୋପ୍‌ଙ୍କ ଅଧିକାର ସପକ୍ଷରେ ଏକ ପୁସ୍ତକ ରଚନା କରି ତାଙ୍କଠାରୁ ଧର୍ମରକ୍ଷକ (Defender of the Faith) ଉପାଧି ମଧ୍ୟ ହାସଲ କରିଥିଲେ । କିନ୍ତୁ ହେନେରୀ ଅଷ୍ଟମ ତାଙ୍କଠାରୁ ୫ ବର୍ଷ ବଡ଼ ବିଧବା ଭ୍ରାତୃଷପତ୍ନୀ କାଥେରିନ୍‌ଙ୍କୁ ବିବାହ କରି ତାଙ୍କଠାରୁ କୌଣସି ପୁତ୍ର ସନ୍ତାନ ନ ପାଇବାରୁ ବିବାହ ବିଚ୍ଛେଦ ପାଇଁ ୧୫୨୭ ଖ୍ରୀ:ଅ:ରେ ପାଦ୍ରୀ ୱୁଲସେଙ୍କ ମାଧ୍ୟମରେ ପୋପ୍‌ଙ୍କ ନିକଟରୁ ଅନୁମତି ପାଇବାରେ ବିଫଳ ହେବାପରେ, ସେ ପୋପ୍ ବିରୋଧୀ ହୋଇଯାଇଥିଲେ । କାଥେରିନ୍ ସ୍ପେନ୍‌ର ଶାସକ ଚାର୍ଲସ୍-ପଞ୍ଚମଙ୍କ ଝିଆରୀ ଥିବାରୁ ପୋପ୍ ଏପରି କରିବାକୁ ବାଧ୍ୟ ହୋଇଥିଲେ । ମାତ୍ର ହେନେରୀ-ଅଷ୍ଟମ ସେତେବେଳକୁ ତାଙ୍କ ରାଜସଭାର ସୁନ୍ଦରୀ କର୍ମଚାରୀ ଆନି ବୋଲେନ୍‌ଙ୍କ ପ୍ରେମରେ ପଡ଼ିଯାଇଥିଲେ । ଏହି ସମୟକୁ ଲୁଥରଙ୍କ ପ୍ରୋଟେଷ୍ଟାଣ୍ଟ ମତବାଦ ମଧ୍ୟ ଇଂଲଣ୍ଡରେ କେମ୍ବ୍ରିଜ ଓ ଅକ୍ସଫୋର୍ଡ଼ ସ୍କୁଲର ବୁଦ୍ଧିଜୀବୀମାନଙ୍କୁ ପ୍ରଭାବିତ କରିସାରିଥିଲା । ଇରାସ୍‌ମସ୍‌ଙ୍କ ରଚନାବଳୀରେ ଇଂରେଜମାନେ ଉଦ୍‌ବୁଦ୍ଧ ହୋଇ ପୋପ୍ ତଥା କାଥୋଲିକ୍ ଗୀର୍ଜାର ବିରୁଦ୍ଧାଚରଣ କରିବା

ଆରମ୍ଭ କରି ଦେଇଥିଲେ । ଏହାର ସୁଯୋଗ ନେଇ ହେନେରୀ-ଅଷ୍ଟମ ବ୍ରିଟିଶ ସଂସଦରେ ୧୫୩୨ ଖ୍ରୀ:ଅ:ରେ ପୋପଙ୍କ ନିକଟକୁ ଅର୍ଥ ପଠାଇବା ଅନୈତିକ କାର୍ଯ୍ୟ ବୋଲି ଏକ ବିଲ୍ ମଞ୍ଜୁର କରାଇ ନେଲେ । ସେହି ବର୍ଷ ସେ ପୋପଙ୍କ ନିକଟକୁ କୌଣସି ଧାର୍ମିକ ନିବେଦନ ପଠାଇବାକୁ ମଧ୍ୟ ନିଷିଦ୍ଧ କରିଦେଲେ । କ୍ରାମରଙ୍କୁ କାଣ୍ଟରବରୀ ଗୀର୍ଜାର ଆର୍ଚ୍ଚ ବିଶପ୍ ରୂପେ ନିଯୁକ୍ତ କରି ହେନେରୀ-ଅଷ୍ଟମ ଇଂଲଣ୍ଡର ସମସ୍ତ ଗୀର୍ଜାଗୁଡ଼ିକୁ ଜାତୀୟ ଗୀର୍ଜାର ମାନ୍ୟତା ପ୍ରଦାନ କଲେ । କ୍ରାମର୍ ହେନେରୀ-ଅଷ୍ଟମଙ୍କଠାରୁ କାଥେରିନ୍‌ଙ୍କ ବିବାହ ବିଚ୍ଛେଦ କରାଇ, ଆନି ବୋଲେନ୍‌ଙ୍କ ସଙ୍ଗେ ବିବାହ ସମ୍ପନ୍ନ କଲେ । ଏଣୁ ପୋପ୍ ଏହି ବିବାହକୁ ଅସିଦ୍ଧ ଘୋଷଣା କରି ସେମାନଙ୍କୁ ଧର୍ମୀୟ ବାସନ୍ଦ କଲେ । ଏହା ହେନେରୀ-ଅଷ୍ଟମଙ୍କୁ ଈର୍ଷାନ୍ୱିତ କଲା ଏବଂ ସେ ଏଥିପାଇଁ ଇଂଲଣ୍ଡର ସମସ୍ତ ଧର୍ମପୁସ୍ତକ ଓ ପ୍ରାର୍ଥନା ସଙ୍ଗୀତରୁ ପୋପଙ୍କ ନାମ ହଟାଇଦେଲେ ।

ପରେ ଇଂଲଣ୍ଡର ପଞ୍ଚମ ସଂସଦୀୟ ସଭାରେ ହେନେରୀ-ଅଷ୍ଟମ ଓ ଆନି ବୋଲେନ୍‌ଙ୍କ ବିବାହକୁ ସ୍ୱୀକୃତି ମିଳିଲା ଏବଂ କାଥେରିନ୍‌ଙ୍କ ସଙ୍ଗେ ବିବାହ ବିଚ୍ଛେଦକୁ ଆଇନସିଦ୍ଧ କରାଗଲା । ୧୫୩୪ ଖ୍ରୀ:ଅ:ରେ ବ୍ରିଟିଶ୍ ସଂସଦରେ ଆକ୍ଟ ଅଫ୍ ସୁପ୍ରିମାସି (Act of Supremacy) ବିଲ୍ ଗ୍ରହଣ ଫଳରେ ହେନେରୀ-ଅଷ୍ଟମ ଇଂରେଜ ଗୀର୍ଜାର ମୁଖ୍ୟ ଘୋଷିତ ହେଲେ । ଯେଉଁ ଗୀର୍ଜାଗୁଡ଼ିକରେ ଦୁର୍ନୀତି ହେଉଥିବାର ସୂଚନା ମିଳିଲା, ସେଗୁଡ଼ିକର ସମସ୍ତ ସମ୍ପତ୍ତିକୁ ବାଜ୍ୟାପ୍ତି କରାଗଲା । ଜନ୍ ଫିସରଙ୍କ ପରି ଯେଉଁ ପାଦ୍ରୀମାନେ ଧର୍ମ କ୍ଷେତ୍ରରେ ତାଙ୍କର ପ୍ରତିପତ୍ତିକୁ ଅସ୍ୱୀକାର କଲେ, ସେମାନଙ୍କୁ ମୃତ୍ୟୁଦଣ୍ଡ ଦିଆଗଲା । ୧୫୩୯ ଖ୍ରୀ:ଅ:ରେ ତାଙ୍କଦ୍ୱାରା ସଂସଦରେ ଆକ୍ଟ ଅଫ୍ ସିକ୍ସ (Act of Six) ବିଲ୍‌ଟି ଗୃହୀତ ହେଲା । ଫଳରେ ଯେଉଁମାନେ ସମ୍ରାଟଙ୍କୁ ବିରୋଧ କଲେ, ପୋପଙ୍କଠାରେ ବିଶ୍ୱାସ ରଖିଲେ ଏବଂ ଯେଉଁ ଧର୍ମୀୟ ସ୍ଥଳଗୁଡ଼ିକରେ ଧର୍ମଯାଜକମାନଙ୍କର ବ୍ୟାପକ ଦୁର୍ନୀତି ଚାଲିଥିଲା, ସେମାନଙ୍କୁ କଠୋର ଦଣ୍ଡ ମିଳିବା ସଙ୍ଗେ ସଙ୍ଗେ ସେମାନଙ୍କର ସମସ୍ତ ସମ୍ପତ୍ତିକୁ ବାଜ୍ୟାପ୍ତି କରାଗଲା । ଏହି ଗୀର୍ଜାଗୁଡ଼ିକର ଅଚଳାଚଳ ସମ୍ପତ୍ତିରେ ରାଜକୋଷ ପୂର୍ଣ୍ଣ ହେବାକୁ ଲାଗିଲା ।

ଏହିପରି ହେନେରୀ-ଅଷ୍ଟମ ଇଂଲଣ୍ଡର ଗୀର୍ଜୀୟ ଅନୁଷ୍ଠାନକୁ ଇଂରେଜୀକରଣ କରିପାରିଥିଲେ । ଯାହା ପ୍ରକୃତପକ୍ଷେ ବିଶୁଦ୍ଧ କାଥୋଲିକ୍ କିମ୍ବା ପ୍ରୋଟେଷ୍ଟାଣ୍ଟ୍ ନଥିଲା ।

(୮) ଏଡ୍‌ୱାର୍ଡ୍-ଷଷ୍ଠ (୧୫୪୭-୧୫୫୩ ଖ୍ରୀ:ଅ:)ଙ୍କ ଶାସନ କାଳର ଧର୍ମସଂସ୍କାର

(Reformation during the Reign of Edward VI) :

ହେନେରୀ-ଅଷ୍ଟମଙ୍କ ପରେ ତାଙ୍କର ୯ ବର୍ଷର ନାବାଳକ ପୁତ୍ର ଏଡ୍‌ୱାର୍ଡ୍-ଷଷ୍ଠ ସିଂହାସନ ଆରୋହଣ କରିଥିଲେ । ଏହି ବାଳକ ସମ୍ରାଟଙ୍କୁ ପ୍ରଥମେ ସୋମରସେଟ୍ (୧୫୪୭-୧୫୫୧ ଖ୍ରୀ:ଅ:) ଏବଂ ପରେ ନରଥମ୍ବରଲାଣ୍ଡ୍ (୧୫୫୧-୧୫୫୩ ଖ୍ରୀ:ଅ:) ରାଜପ୍ରତିନିଧି ରୂପେ ଶାସନ କାର୍ଯ୍ୟରେ ସହାୟତା କଲେ ।

ସୋମରସେଟ୍ ଆର୍ଚ୍ଚ ବିଶପ୍ କ୍ରାମରଙ୍କ ସହଯୋଗରେ ଚର୍ଚ୍ଚରେ ସଜ୍ଜିତ ସମସ୍ତ ପୋପ୍ ସମ୍ବନ୍ଧୀୟ ଚିତ୍ରକଳା ଓ ପ୍ରତିକୃତିଗୁଡ଼ିକୁ ନଷ୍ଟ କରିଦେଲେ । ୧୫୪୯ ଖ୍ରୀ:ଅ:ରେ କ୍ରାମର୍ ଇଂରାଜୀରେ ଏକ ସାଧାରଣ ପ୍ରାର୍ଥନା ପୁସ୍ତକ (English Bible of Common Prayer) ପ୍ରଚଳନ କଲେ । ୧୫୫୨ ଖ୍ରୀ:ଅ:ରେ ସେ ମାର୍ଟିନ ଲୁଥର ଓ ଜନ୍ କାଲଭିନ୍‌ଙ୍କ ଧର୍ମତତ୍ତ୍ୱଗୁଡ଼ିକ ସମ୍ମିଶ୍ରଣରେ ''ଫର୍ଟି-ଟୁ ଆର୍ଟିକଲସ୍ ଅଫ୍ ରିଲିଜିଅନ୍'' (Forty-two Articles of Religion) ପ୍ରଚଳନ କଲେ । ଯାହାକୁ ଦ୍ୱିତୀୟ ପ୍ରାର୍ଥନା ପୁସ୍ତକ (Second Book of Prayer) କୁହାଗଲା । ଏହାପରେ ସମସ୍ତ ପୂଜାର୍ଚ୍ଚନା ଓ ପ୍ରାର୍ଥନା ଲାଟିନ୍ ପରିବର୍ତ୍ତେ ଇଂରାଜୀ ଭାଷାରେ କରାଗଲା ।

୧୫୫୧ ଖ୍ରୀ:ଅ:ରେ ଆର୍ଲ ଅଫ୍ ୱାରଓ୍ୱିକ୍‌ଙ୍କ ଷଡ଼ଯନ୍ତ୍ର ଫଳରେ ସୋମରସେଟ୍ ନିହତ ହେଲେ ଏବଂ ୱାରଓ୍ୱିକ୍ ଡ୍ୟୁକ୍ ଅଫ୍ ନରଥମ୍ବରଲାଣ୍ଡ ରୂପେ ୧୫ ବର୍ଷୀୟ ସମ୍ରାଟ ଏଡ଼ୱାର୍ଡ଼-ଷଷ୍ଠଙ୍କ ରାଜପ୍ରତିନିଧି ହେଲେ । ସେ ପ୍ରୋଟେଷ୍ଟାଣ୍ଟ ଧର୍ମରେ କେତେକ ସଂସ୍କାର ଆଣିଥିଲେ । ଏଡ଼ୱାର୍ଡ଼-ଷଷ୍ଠଙ୍କ ମୃତ୍ୟୁ ୧୫୫୩ ଖ୍ରୀ:ଅ:ରେ ହେଲା ଏବଂ ପରବର୍ତ୍ତୀ ଶାସିକା ମେରୀ ଟ୍ୟୁଡ଼ରଙ୍କୁ ବିରୋଧ କରିବାରୁ ନରଥମ୍ବରଲାଣ୍ଡଙ୍କୁ ହତ୍ୟା କରାଗଲା ।

(୯) ମେରୀ ଟ୍ୟୁଡ଼ର (୧୫୫୩-୧୫୫୮ ଖ୍ରୀ:ଅ:)ଙ୍କ ଧର୍ମନୀତି (Religious Policy of Mery Tuder) :

ମେରୀ ଟ୍ୟୁଡ଼ର ଜଣେ ନୈଷ୍ଠିକ କାଥୋଲିକ୍ ଥିଲେ । ତାଙ୍କ ସ୍ୱାମୀ ସ୍ପେନ୍‌ର ସମ୍ରାଟ୍ ଫିଲିପ୍-ଦ୍ୱିତୀୟ ମଧ୍ୟ କାଥୋଲିକ୍ ଧର୍ମରେ ଅତ୍ୟନ୍ତ ବିଶ୍ୱାସ ରଖୁଥିଲେ । ଏଣୁ ମେରୀ ବ୍ରିଟିଶ ସାମ୍ରାଜ୍ୟ ଦ୍ୱାରା ୧୫୨୯ ଖ୍ରୀ:ଅ:ରୁ ୧୫୫୩ ଖ୍ରୀ:ଅ: ପର୍ଯ୍ୟନ୍ତ କାଥୋଲିକ୍ ଧର୍ମ ଉପରେ ହୋଇଥିବା ସମସ୍ତ ଅନ୍ୟାୟ ଅତ୍ୟାଚାରର ପ୍ରତିକାର ପାଇଁ ପ୍ରତିଶ୍ରୁତିବଦ୍ଧ ହେଲେ । ମେରୀ, ଏଡ଼ୱାର୍ଡ଼-ଚତୁର୍ଥଙ୍କ ସମୟ ପର୍ଯ୍ୟନ୍ତ ମଞ୍ଜୁରିପ୍ରାପ୍ତ ସମସ୍ତ ପୋପ୍ ବିରୋଧୀ ଆଇନକୁ ରଦ୍ଦ କରିଦେଲେ ଏବଂ ନିଲମ୍ବିତ ହୋଇଥିବା ସମସ୍ତ କାଥୋଲିକ୍ ପାଦ୍ରୀମାନଙ୍କୁ ପୁନଃନିଯୁକ୍ତି ଦେଇ ପୋପ୍‌ଙ୍କର ପ୍ରାଧାନ୍ୟକୁ ପ୍ରତିଷ୍ଠା କଲେ । ପ୍ରୋଟେଷ୍ଟାଣ୍ଟମାନଙ୍କ ଉପରେ ମାତ୍ରାଧିକ ଅତ୍ୟାଚାର କରାଗଲା ଏବଂ ୩୦୦ରୁ ଅଧିକ ପ୍ରୋଟେଷ୍ଟାଣ୍ଟଙ୍କୁ ମୃତ୍ୟୁଦଣ୍ଡରେ ଦଣ୍ଡିତ କରାଗଲା । ୧୫୫୫ ଖ୍ରୀ:ଅ:ରେ ଲାଟିମାର୍ ଓ ରିଡ଼ଲେଙ୍କୁ ଅକ୍ସଫୋର୍ଡ଼ଠାରେ ଦଗ୍ଧ କରାଗଲା ଏବଂ ୧୫୫୬ ଖ୍ରୀ:ଅ:ରେ କ୍ରାମରଙ୍କୁ ମଧ୍ୟ ଅଗ୍ନିସମାଧି ଦିଆଗଲା । ଏହିସବୁ ଅତ୍ୟାଚାର ତାଙ୍କୁ ରକ୍ତପିପାସୁ ମେରୀ (Bloody Mary) ଭାବେ ଇତିହାସରେ କୁଖ୍ୟାତ କରିଛି । ଏତେସବୁ ଅତ୍ୟାଚାର ସତ୍ତ୍ୱେ ସେ ସନ୍ତୁଷ୍ଟ ନ ହୋଇ ଦିନକୁ ଦିନ ଅଧିକ ପ୍ରୋଟେଷ୍ଟାଣ୍ଟମାନଙ୍କୁ ହତ୍ୟା କରିବାକୁ ଲାଗିଲେ କିନ୍ତୁ ପ୍ରୋଟେଷ୍ଟାଣ୍ଟମାନଙ୍କ ସୌଭାଗ୍ୟକୁ ଅଳ୍ପଦିନରେ ୧୫୫୮ ଖ୍ରୀ:ଅ:ରେ ମେରୀ ଟ୍ୟୁଡ଼ରଙ୍କ ଦେହାନ୍ତ ହୋଇଗଲା ।

(୧୦) ଏଲିଜାବେଥ ଟ୍ୟୁଡ଼ର୍ (୧୫୫୮-୧୬୦୩ ଖ୍ରୀ:ଅ:)ଙ୍କ ଧର୍ମନୀତି (Religious Policy of Elizabeth Tudor) :

ଏଲିଜାବେଥ୍ ଥିଲେ ହେନେରୀ-ଅଷ୍ଟମ ଏବଂ ଆନି ବୋଲେନ୍‌ଙ୍କ କନ୍ୟା । ସେ ପ୍ରୋଟେଷ୍ଟାଣ୍ଟ ଧର୍ମକୁ ଭଲ ପାଉଥିଲେ ମଧ୍ୟ କାଥୋଲିକ୍‌ମାନଙ୍କୁ ଅସନ୍ତୁଷ୍ଟ କରିବାକୁ ଚାହୁଁନଥିଲେ । ଜଣେ ବୁଦ୍ଧିମତୀ, ଦକ୍ଷ ତଥା ଦୂରଦୃଷ୍ଟିସମ୍ପନ୍ନା ଶାସିକା ଭାବେ ତାଙ୍କର ସୁନାମ ଥିଲା । ତାଙ୍କର ଚତୁର ରାଜନୀତି ତତ୍‌କାଳୀନ ଧର୍ମୀୟ ଅସହିଷ୍ଣୁତାକୁ ଅନେକ ପରିମାଣରେ ପ୍ରଶମିତ କରିଦେଇଥିଲା । ସେ କ୍ରାମରଙ୍କ ୪୨ ସୂତ୍ରୀ ପ୍ରାର୍ଥନା ପୁସ୍ତକର କିଛି ସଂଶୋଧନ କରି ତାକୁ ୩୯ ସୂତ୍ରରେ ସୀମିତ ରଖି ପୁନଃପ୍ରଚଳନ କରିଥିଲେ । ମେରୀ ଟ୍ୟୁଡ଼ରଙ୍କ ଏତେ ଅତ୍ୟାଚାର ସତ୍ତ୍ୱେ ପ୍ରୋଟେଷ୍ଟାଣ୍ଟବାଦର ସମ୍ପୂର୍ଣ୍ଣ ବିନାଶ ଘଟିନଥିଲା ଏବଂ ଏହା ଏଲିଜାବେଥ୍‌ଙ୍କ ଶାସନ କାଳରେ ପୂର୍ଣ୍ଣ ବିକଶିତ ହେବାର ସୁଯୋଗ ପାଇଲା । ଏଲିଜାବେଥ୍ ୧୫୫୮ ଖ୍ରୀ:ଅ:ରେ ସଂସଦରେ 'ଆକ୍ଟ ଅଫ୍ ଇଉନିଫରମିଟି' (Act of Uniformity) ବିଲ୍ ମଞ୍ଜୁରୀ କରାଇ ନେଇ ସମସ୍ତ ନାଗରିକମାନଙ୍କ ପାଇଁ ସମାନ ଧର୍ମ ଆଚରଣର ବ୍ୟବସ୍ଥା କଲେ । କେବଳ ଇଂରେଜୀୟ ଗୀର୍ଜାର ଧର୍ମାନୁଶରଣ ବ୍ୟତୀତ ଅନ୍ୟ ସବୁ ପୂଜା ପଦ୍ଧତିକୁ ନିଷିଦ୍ଧ କରାଗଲା ଏବଂ ''କୋର୍ଟ ଅଫ୍ ହାଇକମିଶନ୍'' (Court of High Commission) ପରି ବିଶେଷ ବିଚାରାଳୟ ସ୍ଥାପନ କରାଯାଇ ନାସ୍ତିକ ଓ ପାପୀମାନଙ୍କୁ ଦଣ୍ଡ ପ୍ରଦାନ କରାଗଲା । ଯେଉଁ କାଥୋଲିକ୍‌ମାନେ ଏହାର ବିରୋଧ କଲେ ସେମାନଙ୍କୁ ଦୃଢ଼ ହସ୍ତରେ ଦମନ କରାଗଲା । ଏଣୁ ରୋମ୍‌ର ପୋପ୍ ଏଥିରେ କ୍ଷୁବ୍ଧ ହୋଇ ୧୫୭୦ ଖ୍ରୀ:ଅ:ରେ ଏଲିଜାବେଥ୍‌ଙ୍କୁ ଧର୍ମୀୟ ବାସନ୍ଦ କଲେ । କିନ୍ତୁ ସେ ଏହାକୁ ଦୃଢ଼ତାର ସହ ସମ୍ମୁଖୀନ ହୋଇ ବହୁବର୍ଷ ଧରି ଇଂଲଣ୍ଡରେ ଚାଲିଥିବା ଧର୍ମୀୟ ଅସ୍ଥିରତାକୁ ଦୂର କରି ଇଂରେଜୀୟ ଗୀର୍ଜାର ସ୍ଥିତିକୁ ଦୃଢ଼ କରିଥିଲେ ଏବଂ ଜନସାଧାରଣଙ୍କୁ ଏକ ଗ୍ରହଣୀୟ ଧର୍ମସଂସ୍କାର ଦେଇପାରିଥିଲେ ।

(ୟୁରୋପରେ ଧାର୍ମିକ ସ୍ଥିତି, ୧୫୬୦ ଖ୍ରୀ:ଅ:)

କାଲ୍ଭିନୀୟବାଦ

(Clavinism)



ଜନ୍ କାଲ୍ଭିନ

ଜନ୍ କାଲ୍ଭିନ ୧୫୦୯ ଖ୍ରୀ:ଅ:ରେ ଫ୍ରାନ୍ସର କୋଏନସ୍ଠାରେ ଜନ୍ମଗ୍ରହଣ କରିଥିଲେ । ପ୍ରଥମେ ସେ ପ୍ୟାରିସ୍ ବିଶ୍ୱବିଦ୍ୟାଳୟରେ ଧର୍ମତତ୍ତ୍ୱ ଅଧ୍ୟୟନ କରି ପିତାଙ୍କ ଇଚ୍ଛା ଅନୁସାରେ ଜଣେ ପାଦ୍ରୀ ହେବାକୁ ଚେଷ୍ଟା କରିଥିଲେ । ପରେ ତାଙ୍କର ପିତା ତାଙ୍କୁ ଓରଲିଆସ୍ ବିଶ୍ୱବିଦ୍ୟାଳୟକୁ ଆଇନ ପଢ଼ିବା ପାଇଁ ପଠାଇଥିଲେ । କିନ୍ତୁ ହଠାତ୍ ୧୫୩୩ ଖ୍ରୀ:ଅ:ରେ କାଲଭିନ୍ ସ୍ୱଇଚ୍ଛାରେ ମାର୍ଟିନ ଲୁଥରଙ୍କ ନୂତନ ମତବାଦରେ ଅନୁପ୍ରାଣିତ ହୋଇ ଏକ ସରଳ, ଶୁଦ୍ଧ ଓ ପବିତ୍ର ପ୍ରୋଟେଷ୍ଟାଣ୍ଟର ଜୀବନଯାପନ କଲେ । କ୍ରମେ ତାଙ୍କର ଅନୁଗାମୀମାନଙ୍କ ସଂଖ୍ୟା ବୃଦ୍ଧି ପାଇଲା ଏବଂ ଜର୍ମାନୀ ପରି ଫ୍ରାନ୍ସରେ ମଧ୍ୟ ଦୁଇଟି ଖ୍ରୀଷ୍ଟୀୟ ସମ୍ପ୍ରଦାୟର ସୃଷ୍ଟି ହେଲା । ଲୁଥରଙ୍କ ପରି ସେ ମଧ୍ୟ ପୋପ୍ ଓ ତାଙ୍କର ଅନୁଗାମୀମାନଙ୍କର ଦୁର୍ନୀତିକୁ ଘୃଣା କରୁଥିଲେ । କିନ୍ତୁ ଫ୍ରାନ୍ସର ଶାସକ ଫ୍ରାନ୍ସିସ-ପ୍ରଥମ ତାଙ୍କ ରାଜ୍ୟରେ ଧାର୍ମିକ ବିଭାଜନ ସପକ୍ଷରେ ନଥିଲେ । ତେଣୁ ସେ କାଲ୍ଭିନ୍ଙ୍କ ପ୍ରଚାରକୁ ବିରୋଧ କଲେ । କାଲଭିନ୍ ଫ୍ରାନ୍ସରୁ ସ୍ୱିଜରଲ୍ୟାଣ୍ଡକୁ ଆଶ୍ରୟ ପାଇଁ ପଳାୟନ କଲେ । ସେଠାରେ ସେ ଜୁଙ୍ଗ୍ଲିଙ୍କ ଧର୍ମସଂସ୍କାର ସଂସ୍ପର୍ଶରେ ଆସିଲେ । ସର୍ବସାଧାରଣଙ୍କ ଅବଗତି ପାଇଁ ସେ ''ଇନ୍‌ଷ୍ଟିଚ୍ୟୁଟସ୍ ଅଫ୍ ଖ୍ରୀଷ୍ଟିଆନ୍ ରିଲିଜିଅନ୍'' (Institutes of Christian Religion) ନାମକ ପୁସ୍ତକ ରଚନା କଲେ । ଏହା ତର୍କ ଉପରେ ଆଧାରିତ ଥିଲା ଏବଂ ଜନସାଧାରଣଙ୍କୁ ମାତ୍ରାଧିକ ଭାବେ ପ୍ରଭାବିତ କଲା । କାଲ୍ଭିନ୍ ଏହି ପୁସ୍ତକକୁ ଫ୍ରାନ୍ସିସ-ପ୍ରଥମଙ୍କୁ ଉତ୍ସର୍ଗ କରି ତାହାଦ୍ୱାରା ତାଙ୍କୁ ପ୍ରୋଟେଷ୍ଟାଣ୍ଟ୍ ଧର୍ମାନୁରାଗୀ କରିବାକୁ ଚେଷ୍ଟା କରି ବିଫଳ ହେଲେ ।

୧୫୩୬ ଖ୍ରୀ:ଅ:ରେ କାଲଭିନ୍ ଜେନେଭାଠାରେ ତାଙ୍କ ମତବାଦର ପ୍ରଚାର କରି ପ୍ରଥମେ ପ୍ରଥମେ ଅତ୍ୟନ୍ତ ଲୋକପ୍ରିୟ ହେଲେ । କିନ୍ତୁ ଏହି ମତବାଦର କଠୋର ନୈତିକ ଆଚରଣ ଏବଂ ସେଥିରୁ ବିଚ୍ୟୁତ ହେଲେ ନିର୍ମମ ଦଣ୍ଡର ବ୍ୟବସ୍ଥା, କାଲଭିନ୍ଙ୍କ ଅନୁଗାମୀମାନଙ୍କ ମଧ୍ୟରେ ଗଭୀର ଅସନ୍ତୋଷ ସୃଷ୍ଟି କଲା । ଫଳରେ ତାଙ୍କୁ ୧୫୩୮ ଖ୍ରୀ:ଅ:ରେ ଜେନେଭା ତ୍ୟାଗ କରିବାକୁ ପଡ଼ିଲା । ଏହାର ସୁଯୋଗ ନେଇ କାଥୋଲିକ୍‌ମାନେ ପୁନର୍ବାର ସୁଇଜରଲ୍ୟାଣ୍ଡରେ ସେମାନଙ୍କର ପ୍ରଭାବ ବିସ୍ତାର କରିବାକୁ ଲାଗିଲେ । କାଲଭିନ୍ ଜେନେଭା ଛାଡ଼ିବା ପୂର୍ବରୁ ସେଠାରେ ଦୂର ଦୂରାନ୍ତରୁ ଉଚ୍ଚଶିକ୍ଷା ପାଇଁ ଆସୁଥିବା ଛାତ୍ରଛାତ୍ରୀଙ୍କ ପାଇଁ ଏକ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରିବାକୁ ପ୍ରଯତ୍ନ କରିଥିଲେ । ତାହା ୧୫୩୯ ଖ୍ରୀ:ଅ:ରେ ଫଳବତୀ ହୋଇଥିଲା ଏବଂ ଏହାର ଶ୍ରେୟ କାଲ୍ଭିନ୍ଙ୍କୁ ପ୍ରାପ୍ତ ହୋଇଥିଲା । କାଥୋଲିକ୍‌ମାନଙ୍କ ପ୍ରାଦୁର୍ଭାବରେ ଅତିଷ୍ଠ ହୋଇ କାଲ୍ଭିନ୍ଙ୍କ ଅନୁଗାମୀମାନେ ତାଙ୍କୁ ପୁନର୍ବାର ଜେନେଭାକୁ ନିମନ୍ତ୍ରଣ କରିଥିଲେ। ଏଣୁ ୧୫୪୧ ଖ୍ରୀ:ଅ:ରେ ସେ ଜେନେଭାକୁ ପ୍ରତ୍ୟାବର୍ତ୍ତନ କରି ତାଙ୍କର କଠିନ ପରିଶ୍ରମ ଓ ଅଧ୍ୟବସାୟ ବଳରେ ଏହାକୁ ପ୍ରୋଟେଷ୍ଟାଣ୍ଟ୍ ଧର୍ମର ପ୍ରମୁଖ କେନ୍ଦ୍ର ରୂପେ ଗଢ଼ି ତୋଳିଥିଲେ । ଏହି ଉତ୍ସର୍ଗୀକୃତ ଜୀବନ ପାଇଁ ତାଙ୍କୁ ''ପ୍ରୋଟେଷ୍ଟାଣ୍ଟ୍ ପୋପ୍'' ବୋଲି ଅଭିହିତ କରାଯାଏ। ସେ ଈଶ୍ୱରଙ୍କୁ ସର୍ବବ୍ୟାପୀ ଏବଂ ସର୍ବଶକ୍ତିମାନ ରୂପେ ଅଭିହିତ କରୁଥିଲେ । ସ୍ୱଳ୍ପ ସମୟ ମଧ୍ୟରେ ତାଙ୍କର ଖ୍ୟାତି ଓ ପ୍ରତିପତ୍ତି ୟୁରୋପ ମହାଦେଶର ଅନେକ ରାଷ୍ଟ୍ରକୁ ବ୍ୟାପିଯାଇଥିଲା। ଫ୍ରାନ୍ସ, ଇଂଲଣ୍ଡ, ସ୍କଟ୍‌ଲାଣ୍ଡ ଓ ହଲାଣ୍ଡର ପ୍ରପୀଡ଼ିତ ତଥା ଦଣ୍ଡିତ ପ୍ରୋଟେଷ୍ଟାଣ୍ଟ୍‌ମାନଙ୍କ ପାଇଁ ଜେନେଭା ଏକ ନିରାପଦ ଆଶ୍ରୟସ୍ଥଳୀର ମାନ୍ୟତା ପାଇଥିଲା। ୧୫୬୪ ଖ୍ରୀ:ଅ:ରେ କାଲଭିନ୍ଙ୍କ କର୍ମବହୁଳ ଜୀବନର ଅବସାନ ଘଟିଥିଲା ।

କାଲ୍‌ଭିନୀୟ ମତବାଦର ସାରତତ୍ତ୍ୱ ଓ ତାହାର ପ୍ରଭାବ (Principles of Calvinism and its Influence):

ୟୁରୋପ ବହୁଳ ଭାବେ କାଲ୍‌ଭିନୀୟ ତତ୍ତ୍ୱ ଦ୍ୱାରା ପ୍ରଭାବିତ ହୋଇଥିଲା । କାଲଭିନ୍‌ଙ୍କ ଦ୍ୱାରା ପ୍ରଚଳିତ ମତବାଦର ସାରତତ୍ତ୍ୱଗୁଡ଼ିକ ହେଲା–

(୧) ଈଶ୍ୱର ଏବଂ ବାଇବେଲକୁ ଗଭୀର ଭାବେ ବିଶ୍ୱାସ କରିବା ।

(୨) କାଲଭିନ୍ ନିଜର ବଳିଷ୍ଠ ଚରିତ୍ର ବଳରେ କାଥୋଲିକ୍‌ମାନଙ୍କୁ ଦୃଢ଼ତାର ସହ ସମ୍ମୁଖୀନ ହୋଇପାରୁଥିଲେ । ଲୁଥରୀୟ ମତବାଦ ଦୁର୍ବଳ ହୋଇ ଆସୁଥିବା ବେଳେ କାଲଭିନ୍ ସେଥିରେ ଶକ୍ତିସଞ୍ଚାର କରିଥିଲେ ।

(୩) କାଲଭିନ୍ ଗୀର୍ଜା ପ୍ରଶାସନରେ ଲୋକତାନ୍ତ୍ରିକ ବ୍ୟବସ୍ଥାର ପକ୍ଷପାତୀ ଥିଲେ । ପ୍ରାଚୀନ ଧର୍ମବାଦ (Presbyterianism) ଲୋକତନ୍ତ୍ରର ମୂଳଦୁଆ ଥିଲା, ଏଣୁ କାଲଭିନ୍ ଏହାକୁ ଯଥେଷ୍ଟ ସମ୍ମାନ ଦେଉଥିଲେ । କାଲଭିନୀୟ ମତବାଦରେ କୌଣସି ଧର୍ମୀୟ ସମସ୍ୟାର ସମାଧାନ ପାଇଁ ଧର୍ମଯାଜକମାନଙ୍କ ବ୍ୟତୀତ ସମାଜର ଅନ୍ୟ ବ୍ୟକ୍ତିବିଶେଷଙ୍କୁ ମଧ୍ୟ ସଂପୃକ୍ତ କରାଯାଉଥିଲା ।

(୪) କାଲଭିନୀୟମାନେ ସେମାନଙ୍କର ଅନୁଗାମୀମାନଙ୍କୁ ସତ୍ୟ ପଥ ଅନୁସରଣ କରିବା ଏବଂ ଅଧର୍ମକୁ ବିରୋଧ କରିବା ପାଇଁ ପ୍ରବର୍ତ୍ତାଉଥିଲେ । ଏହା ସେମାନଙ୍କ ମଧ୍ୟରେ ପ୍ରେମ ଓ ଉତ୍ସର୍ଗୀକୃତ ଭାବକୁ ଜାଗ୍ରତ କରି ସମସ୍ତ ପ୍ରତିବନ୍ଧକୁ ଅତିକ୍ରମ କରିବା ପାଇଁ ପ୍ରେରଣା ଯୋଗାଉଥିଲା ।

(୫) ହଲାଣ୍ଡର ପ୍ରୋଟେଷ୍ଟାଣ୍ଟ୍‌ମାନଙ୍କ ମଧ୍ୟରେ କାଲଭିନୀୟ ମତବାଦ ନୂତନ ପ୍ରେରଣା ଓ ସାହସ ଉଦ୍ରେକ କଲା । ସେମାନେ ଧର୍ମ ପାଇଁ ନିଜକୁ ଉତ୍ସର୍ଗ କରିବାକୁ ବଦ୍ଧପରିକର ହୋଇ ହଲାଣ୍ଡର ଶାସକ ଫିଲିପ୍-ଦ୍ୱିତୀୟଙ୍କ ବିରୁଦ୍ଧରେ ବିପ୍ଳବ କଲେ, ଫଳରେ ସେଠାରେ ଏକ ସାଧାରଣତନ୍ତ୍ରର ପ୍ରତିଷ୍ଠା ହୋଇପାରିଲା ।

(୬) ସ୍କଟଲାଣ୍ଡର ପାଦ୍ରି ଜନ୍ ନୋଆକ୍ସ, କାଲ୍‌ଭିନୀୟ ମତବାଦ ଦ୍ୱାରା ଅନୁପ୍ରାଣିତ ହୋଇ ତାହାରି ତତ୍ତ୍ୱ ଉପରେ ଆଧାରିତ ପ୍ରାଚୀନ ଧର୍ମ ମତବାଦ (Presbyterianism) ପ୍ରତିଷ୍ଠା କଲେ । ସେ ସମୟରେ ମେରୀ ଷ୍ଟୁଆର୍ଟଙ୍କ ପ୍ରତିନିଧି ମେରୀ ଗେଇଜ୍ ସ୍କଟ୍‌ଲାଣ୍ଡର ଶାସିକା ଥିଲେ । ସେ ଫରାସୀ ସେନାବାହିନୀ ସାହାଯ୍ୟରେ ବିଦ୍ରୋହୀ ନୋଆକ୍ସଙ୍କୁ ଆକ୍ରମଣ କଲେ, କିନ୍ତୁ ନୋଆକ୍ସଙ୍କୁ ରାଣୀ ଏଲିଜାବେଥ ସମର୍ଥନ କରିବାରୁ ବିଦ୍ରୋହ ଦମନ କରିବାରେ ମେରୀ ଅକୃତକାର୍ଯ୍ୟ ହେଲେ । ଶେଷରେ ପ୍ରାଚୀନ ଧର୍ମବାଦ ହିଁ ସ୍କଟ୍‌ଲ୍ୟାଣ୍ଡର ଜାତୀୟ ଧର୍ମ ରୂପେ ଘୋଷିତ ହେଲା ।

(୭) କାଲଭିନୀୟ ମତବାଦ ଇଂଲଣ୍ଡର ପ୍ରୋଟେଷ୍ଟାଣ୍ଟ୍‌ମାନଙ୍କୁ ମଧ୍ୟ ପ୍ରଭାବିତ କରିଥିଲା । ବିଶୁଦ୍ଧ ଧର୍ମାବଲମ୍ବୀ (Puritans)ମାନେ ଷ୍ଟୁଆର୍ଟ୍ ବଂଶୀୟ ରାଜତ୍ୱର ସ୍ୱେଚ୍ଛାଚାରୀ ଶାସନ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରି ସେମାନଙ୍କର ପ୍ରଜାପୀଡ଼ନ ଓ ସ୍ୱେଚ୍ଛଚାରିତାକୁ ପ୍ରତିରୋଧ କରିଥିଲେ ।

(୮) କାଲଭିନୀୟ ମତବାଦର ପ୍ରଭାବରେ ଫ୍ରାନ୍ସର ହଗ୍‌ନଟ୍‌ମାନଙ୍କୁ ସେମାନଙ୍କର ସ୍ୱେଚ୍ଛାଚାରୀ ଶାସନ ପାଇଁ ଦୀର୍ଘ ସଂଘର୍ଷର ସମ୍ମୁଖୀନ ହେବାକୁ ପଡ଼ିଥିଲା ।

(୯) କାଲ୍‌ଭିନୀୟ ଧର୍ମବାଦ "ପରିଶ୍ରମ କରି ଅର୍ଥ ଉପାର୍ଜନ କରିବାକୁ'' ଅଧିକ ଗୁରୁତ୍ୱ ଦେଇଥିଲା । ସେମାନେ ଜନସାଧାରଣଙ୍କୁ ସ୍ୱାଧୀନଚେତା ହୋଇ ଧର୍ମ ଓ ବିଜ୍ଞାନ ବିଷୟରେ ଅଧ୍ୟୟନ କରିବା ପାଇଁ ପ୍ରବର୍ତ୍ତାଉଥିଲେ । ଏହା ଶିକ୍ଷାର ପ୍ରସାର କରିବାରେ ସହାୟକ ହେଲା ।

(୧୦) ୧୫୫୫ ଖ୍ରୀ:ଅ:ରେ ଅଗ୍‌ସବର୍ଗ ଚୁକ୍ତି ବୁଝାମଣା ଅନୁସାରେ ଜର୍ମାନୀରେ କେବଳ କାଥୋଲିକ୍ ଓ ପ୍ରୋଟେଷ୍ଟାଣ୍ଟ୍ ଧର୍ମକୁ ରାଷ୍ଟ୍ର ଧର୍ମର ମାନ୍ୟତା ମିଳିଥିଲା । କାଲ୍‌ଭିନୀୟ ଧର୍ମକୁ ଅନ୍ତର୍ଭୁକ୍ତ ନ କରିବାରୁ ଏହା ସେମାନଙ୍କୁ କ୍ଷୁବ୍ଧ କରିଥିଲା । ଏହା ତ୍ରିଂଶବର୍ଷୀୟ ଧର୍ମଯୁଦ୍ଧ (Thirty Years' War)ର ସୂତ୍ରପାତ କରିଥିଲା ଏବଂ ଶେଷରେ କାଲଭିନୀୟବାଦକୁ ଜର୍ମାନୀରେ ରାଷ୍ଟ୍ରୀୟ ସ୍ୱୀକୃତି ମିଳିଥିଲା ।

(୧୧) କାଲ୍‌ଭିନୀୟ ମତବାଦ ଗୀର୍ଜା ଏବଂ ରାଷ୍ଟ୍ରକୁ ପୃଥକ କରି ଉଭୟଙ୍କୁ ସ୍ୱତନ୍ତ୍ର କରିଦେଲା । ଶାସକ ନିଜର ଧର୍ମ ପ୍ରଜାମାନଙ୍କ ଉପରେ ଲଦିଦେବାର ଅଧିକାର ହରାଇଲେ ଏବଂ ସେ ମଧ୍ୟ ଗୀର୍ଜାର କାର୍ଯ୍ୟାବଳୀରେ ନିଜକୁ ସମ୍ପୃକ୍ତ କଲେ ନାହିଁ ।

ଯୁଙ୍ଗ୍‌ଲିଆନୀବାଦ
(Zwinglianism)


ହୁଲଡ୍ରିଚ୍ ଯୁଙ୍ଗଲି

ହୁଲଡ୍ରିଚ୍ ଯୁଙ୍ଗଲି (Huldrych Zwingli) ୧୪୮୪ ଖ୍ରୀ:ଅ: ଜାନୁୟାରୀ ୧ ତାରିଖରେ ସ୍ୱିଜରଲ୍ୟାଣ୍ଡରେ ଜନ୍ମଗ୍ରହଣ କରିଥିଲେ । ସେ ଭିଏନା ଏବଂ ବନ୍ ବିଶ୍ୱବିଦ୍ୟାଳୟରୁ ଶିକ୍ଷାଗ୍ରହଣ ପରେ ଜଣେ ପାଦ୍ରୀର ଜୀବନକୁ ବାଛିନେଲେ । ପ୍ରାରମ୍ଭରୁ ସେ ଜଣେ ଉଦାର ପ୍ରକୃତିର ବ୍ୟକ୍ତି ଥିଲେ । ପ୍ରାଚୀନ ଧର୍ମଗ୍ରନ୍ଥମାନ ଅଧ୍ୟୟନ କରିବା ଫଳରେ ସେ ଖ୍ରୀଷ୍ଟଧର୍ମର ମୌଳିକ ତତ୍ତ୍ୱଗୁଡ଼ିକ ବିଷୟରେ ଅବଗତ ହେଲେ । ମାର୍ଟିନ୍ ଲୁଥରଙ୍କ ପରି ସେ ମଧ୍ୟ ପୋପ୍‌ଙ୍କ କ୍ଷମାପତ୍ର ବ୍ୟବସାୟର ବିରୁଦ୍ଧାଚରଣ କରିଥିଲେ ଏବଂ ଗୀର୍ଜାଗୁଡ଼ିକର ଦୁର୍ନୀତିକୁ ଲୋକଲୋଚନକୁ ଆଣିଥିଲେ । ସେ ଯୁରିଚ୍‌ର ଧର୍ମଯାଜକ ହେବାପରେ ଧର୍ମସଂସ୍କାର ପ୍ରକ୍ରିୟାର ଆରମ୍ଭ କଲେ । ସେତେବେଳେ ଯୁରିଚ ସ୍ୱିଜରଲ୍ୟାଣ୍ଡର ଧାର୍ମିକ କେନ୍ଦ୍ରସ୍ଥଳ ଥିଲା । ଏଣୁ ଯୁଙ୍ଗ୍‌ଲି ତାଙ୍କର ଧର୍ମସଂସ୍କାର କାର୍ଯ୍ୟରେ କୃତକାର୍ଯ୍ୟ ହେବା ସଙ୍ଗେ ସଙ୍ଗେ ତାଙ୍କର ଅନେକ ଅନୁଗାମୀ ସୃଷ୍ଟି କରିପାରିଥିଲେ ।

ଯୁଙ୍ଗଲି ସାମନ୍ତବାଦୀୟ ସମ୍ବିଧାନକୁ ସଂଶୋଧନ କରିବାକୁ ଚାହିଁବାରୁ ତାଙ୍କୁ ରାଜନୈତିକ ଶତ୍ରୁତାର ସମ୍ମୁଖୀନ ହେବାକୁ ପଡ଼ିଲା । ତାଙ୍କର ଧର୍ମମତ ଲୁଥରୀୟ ମତବାଦଠାରୁ ଅଧିକ ବିପ୍ଳବାତ୍ମକ ଥିଲା, କାରଣ ସେ ସମ୍ପୂର୍ଣ୍ଣ ଧର୍ମୀୟ ସ୍ୱାଧୀନତାରେ ବିଶ୍ୱାସ କରୁଥିଲେ । ସେ କ୍ଷମାପତ୍ର, ଉପବାସ, ସନ୍ଥପୂଜା ଓ ପୋପ୍‌ଙ୍କୁ ଧର୍ମୀୟ କର ଦେବା ଆଦିକୁ ବିରୋଧ କରୁଥିଲେ । ସେ ମଧ୍ୟ ପୂଜାର୍ଚ୍ଚନା, ଧର୍ମାନ୍ଧତା ଓ ଅନ୍ଧବିଶ୍ୱାସଗୁଡ଼ିକୁ ଅନାଦର କରୁଥିଲେ । ତାଙ୍କ ଧର୍ମବାଦରେ ବିଶ୍ୱାସ କରୁନଥିବା ଅନେକ ବ୍ୟକ୍ତି ତାଙ୍କର ଶତ୍ରୁ ହୋଇଗଲେ । ଏଣୁ କାଥୋଲିକ୍ ଓ ଯୁଙ୍ଗ୍‌ଲିଆନୀ ମତବାଦୀମାନଙ୍କ ମଧ୍ୟରେ ଗୃହଯୁଦ୍ଧ ଲାଗିଗଲା । ୧୫୩୧ ଖ୍ରୀ:ଅ:ରେ କାପେଲ୍‌ଠାରେ ଏକ ଭୟଙ୍କର ସମ୍ମୁଖ ଯୁଦ୍ଧରେ ତାଙ୍କର ଅନେକ ଅନୁଗାମୀମାନଙ୍କ ସଙ୍ଗେ ଅଲ୍‌ରିଚ ଯୁଙ୍ଗଲି ନିହତ ହେଲେ । ଶେଷରେ ସୁଇଜରଲାଣ୍ଡଠାରେ ଅଗ୍‌ସବର୍ଗ ରାଜିନାମା ପରି ଏକ ରାଜିନାମା ସ୍ୱାକ୍ଷରିତ ହେଲା । ଫଳରେ ପ୍ରତି ରାଜ୍ୟକୁ ସ୍ୱାଧୀନ ଭାବେ ଧର୍ମାଚରଣ ପାଇଁ ଅନୁମତି ମିଳିଲା ।

ଧର୍ମ ସଂସ୍କାରର ଫଳାଫଳ (Result of Reformation) :

ପଞ୍ଚଦଶ ଶତାବ୍ଦୀରେ ୟୁରୋପ ମହାଦେଶରେ ସଙ୍ଗଠିତ ହୋଇଥିବା ଧର୍ମସଂସ୍କାର ସେ କାଳର ସମାଜ ଉପରେ ଅନେକ ପ୍ରଭାବ ପକାଇଥିଲା । ଏହାର ଫଳାଫଳ ଭଲ ଓ ମନ୍ଦର ଏକ ମିଶ୍ରଣ ଥିଲା । ସୁଗୁଣ ଓ ଦୁର୍ଗୁଣ ବିଚାରରେ ଏହାର ଫଳାଫଳକୁ ନିମ୍ନଲିଖିତ ରୂପେ ବର୍ଣ୍ଣନା କରାଯାଇପାରେ :—

୧) କାଥୋଲିକ୍ ଖ୍ରୀଷ୍ଟଧର୍ମ ଆଧିପତ୍ୟର କ୍ଷୁର୍ଣ୍ଣତା (Fall of Monopoly of Catholic Christianity) :

ୟୁରୋପ ମହାଦେଶରେ ଏକାଧିପତ୍ୟ ବିସ୍ତାର କରିଥିବା ଖ୍ରୀଷ୍ଟଧର୍ମର ପ୍ରାଧାନ୍ୟ କ୍ଷୁର୍ଣ୍ଣ ହୋଇଥିଲା । ଏହା କାଥୋଲିକ୍ ଓ ପ୍ରୋଟେଷ୍ଟାଣ୍ଟ୍ ରୂପେ ଦୁଇଟି ଶକ୍ତିଶାଳୀ ଗୋଷ୍ଠୀରେ ବିଭକ୍ତ ହୋଇଗଲା । ଏଣୁ ଧର୍ମସଂସ୍କାର ଆନ୍ଦୋଳନ ୟୁରୋପର ଧାର୍ମିକ ସମସ୍ୟାର ସମାଧାନ କରିବା ପରିବର୍ତ୍ତେ ସମାଜକୁ ବିଭିନ୍ନ ଧର୍ମଗୋଷ୍ଠୀରେ ବିଭାଜିତ କରିଦେଲା । କାଥୋଲିକ୍ ଓ

ପ୍ରୋଟେଷ୍ଟାଣ୍ଟ୍ ବ୍ୟତୀତ ଲୁଥରିୟବାଦ, କାଲ୍‌ଭିନୀୟବାଦ, ୟୁଙ୍ଗ୍‌ଲିଆନୀବାଦ, ପ୍ରାଚୀନ ଧର୍ମବାଦ ଓ ଯୀଶୁ ଅନୁଗାମୀ (Jesuit's order) ଇତ୍ୟାଦି ଧର୍ମଗୋଷ୍ଠୀର ଉତ୍‌ଥାନ ହୋଇଥିଲା।

ମାତ୍ର ଏହାଫଳରେ ପୋପ୍ ଏବଂ ତାଙ୍କର ଅନୁଗାମୀମାନଙ୍କର ବର୍ବର ଧାର୍ମିକ ଶାସନର ଅନ୍ତ ଘଟିଥିଲା। ଜନସାଧାରଣ ସେମାନଙ୍କର ନିଜ ଇଚ୍ଛା ଓ ସୁବିଧା ଅନୁସାରେ ଯେକୌଣସି ଧର୍ମ ଆଚରଣ କରିବାର ସ୍ୱଚ୍ଛନ୍ଦତା ଲାଭ କଲେ। ପ୍ରାରମ୍ଭରୁ ଏହି ଧର୍ମାବଲମ୍ବୀମାନଙ୍କ ମଧ୍ୟରେ ଧାର୍ମିକ ସହନଶୀଳତାର ଘୋର ଅଭାବ ଥିଲା ଏବଂ ଏହା କାଥୋଲିକ୍ ଓ ପ୍ରୋଟେଷ୍ଟାଣ୍ଟମାନଙ୍କ ମଧ୍ୟରେ ଧାର୍ମିକ ଯୁଦ୍ଧର କାରଣ ହୋଇପଡ଼ିଲା। ଅନ୍ୟ ଧର୍ମଗୋଷ୍ଠୀଗୁଡ଼ିକ ମଧ୍ୟ ଏଥିରୁ ବାଦ ପଡ଼ିଲେ ନାହିଁ। ଏଥିପାଇଁ ଜର୍ମାନୀରେ ତିରିଶ ବର୍ଷ ଯୁଦ୍ଧର ସୂତ୍ରପାତ ହୋଇ ପରେ ଏହା ସମଗ୍ର ୟୁରୋପ ମହାଦେଶକୁ ସମ୍ପ୍ରସାରିତ ହୋଇଯାଇଥିଲା।

୨) ଜାତୀୟତାବାଦର ଉଦ୍ରେକ (Rise of Nationality) :

ଧର୍ମସଂସ୍କାର ପୋପ୍‌ଙ୍କର କର୍ତ୍ତୃତ୍ୱକୁ ପରାହତ କରି ସମ୍ରାଟମାନଙ୍କର ଆଧିପତ୍ୟକୁ ଗୁରୁତ୍ୱ ଦେଲା। ଫଳରେ ପ୍ରତି ରାଷ୍ଟ୍ର ତାହାର ସ୍ୱତନ୍ତ୍ରତାର ଏକ ସୀମା ନିର୍ଦ୍ଧାରଣ କରିପାରିଲା। ଏକ ନିର୍ଦ୍ଦିଷ୍ଟ ରାଷ୍ଟ୍ରର ନାଗରିକମାନେ ସେହି ରାଷ୍ଟ୍ର ଓ ତାହାର ସମ୍ରାଟଙ୍କ ପ୍ରତି ଆନୁଗତ୍ୟ ପ୍ରକାଶ କରି ନିଜର ରାଷ୍ଟ୍ରକୁ ସମୃଦ୍ଧ କରିବା ପାଇଁ ଚେଷ୍ଟିତ ହେଲେ।

୩) ସାମ୍ରାଜ୍ୟବାଦର ଉତ୍‌ଥାନ (Rise of Imperialism) :

ଧର୍ମସଂସ୍କାର ପୂର୍ବରୁ ସମଗ୍ର ୟୁରୋପରେ ପୋପ୍ ଉଭୟ ରାଜନୈତିକ ଓ ଧାର୍ମିକ ମୁଖ୍ୟ ଥିଲେ। ଧର୍ମସଂସ୍କାର ଫଳରେ ତାଙ୍କ ଅଧିକାରରେ ଅଙ୍କୁଶ ଲାଗିଗଲା ଏବଂ ରାଷ୍ଟ୍ରର ଶାସନରେ ସେ ଗୌଣ ହୋଇପଡ଼ିଲେ। ସମ୍ରାଟ ଓ ରାଜାମାନଙ୍କର ଶାସନ କ୍ଷମତା ବୃଦ୍ଧି ପାଇଲା ଏବଂ ସେମାନେ ନିଜ ରାଜ୍ୟର ସମସ୍ୟା ସମାଧାନରେ ସ୍ୱାଧୀନ ହୋଇପାରିଲେ। ପୋପ୍‌ଙ୍କ କାଥୋଲିକ୍ ସାମ୍ରାଜ୍ୟର ପତନ ଘଟିଲା।

୪) ଶିକ୍ଷାର ପ୍ରସାର (Spread of Education) :

ସାଧାରଣ ଜନତାଙ୍କ ମଧ୍ୟରେ ଶିକ୍ଷାର ପ୍ରସାରରେ ଧର୍ମସଂସ୍କାର ଆନ୍ଦୋଳନ ସହାୟକ ହୋଇଥିଲା। ପ୍ରାଚୀନ ହିବ୍ରୁ ଭାଷାରୁ ବାଇବେଲ୍‌କୁ ସରଳ ରାଷ୍ଟ୍ରୀୟ ଭାଷାରେ ଅନୁବାଦ କରାଯିବାରୁ ଜନସାଧାରଣଙ୍କର ଏହା ବୋଧଗମ୍ୟ ହୋଇପାରିଲା। ଫଳରେ ସେମାନେ ବହୁଳ ରୂପେ ବାଇବେଲ୍‌କୁ ଅଧ୍ୟୟନ କରିବା ସଙ୍ଗେ ସଙ୍ଗେ ଅର୍ଥନୀତି, ଦର୍ଶନ, ରାଜନୀତି ଏବଂ କଳା, ସଂସ୍କୃତି ଆଦି ପ୍ରତି ଆକୃଷ୍ଟ ହେଲେ। ଏହା ଗଣ ଶିକ୍ଷାରେ ଉନ୍ନତି ଆଣିଲା। ଏଣୁ ସମାଜରେ ସାଧାରଣ ଶିକ୍ଷିତବର୍ଗଙ୍କର ସଂଖ୍ୟା ବୃଦ୍ଧି ପାଇଲା। ପାଦ୍ରୀ ଓ ପୁରୋହିତଙ୍କର ଶିକ୍ଷାକ୍ଷେତ୍ରରେ ଥିବା ଏକାଧିପତ୍ୟତାର ଅନ୍ତ ଘଟିଲା।

୫) ବିଜ୍ଞାନ, କଳା ଓ ସଂସ୍କୃତିର ଅବକ୍ଷୟ (Decline of Science, Art and Culture) :

ଧାର୍ମିକ ସଂସ୍କାର ଅପକାରିତାକୁ ବିଚାରକୁ ଆଣିଲେ ଦେଖାଯାଏ ଯେ ଏହାର ରୁଢ଼ିବାଦୀ ଚିନ୍ତାଧାରା, ୟୁରୋପର ସଂସ୍କୃତି, କଳା ଓ ବିଜ୍ଞାନକୁ ଶକ୍ତ ଧକ୍କା ପହଞ୍ଚାଇଥିଲା। ମୌଳବାଦୀ ବିଚାରର ଶୀକାର ହୋଇ ଅନେକ ବୈଜ୍ଞାନିକ ଓ ଦାର୍ଶନିକମାନଙ୍କୁ ଅନ୍ୟାୟରେ ଦଣ୍ଡ ଭୋଗିବାକୁ ପଡ଼ିଥିଲା। ନିଜର ଦିଗ୍‌ଦର୍ଶୀ ବିଚାରଧାରା ଓ ପାଣ୍ଡିତ୍ୟ ପାଇଁ ପୁରସ୍କୃତ ହେବା ବଦଳରେ ଜିଓନାର୍ଦ୍ଦେ ବୃନୋ ଏବଂ ମାଇକେଲ୍ ସରଭିଟସ୍‌ଙ୍କ ପରି ଜ୍ଞାନୀ, ଗୁଣୀ ଏବଂ ବୈଜ୍ଞାନିକ ଚିନ୍ତାଧାରାର ମହାତ୍ମାମାନଙ୍କୁ ଅତ୍ୟନ୍ତ ଅମାନୁଷିକ ରୂପେ ଜୀବନ୍ତ ଦଗ୍ଧ କରାଯାଇଥିଲା। ଧର୍ମ ପାଇଁ ବିଭିନ୍ନ ଗୋଷ୍ଠୀ ଅନେକ ଗୃହ ଯୁଦ୍ଧରେ ସମ୍ପୃକ୍ତ ହୋଇ ରାଷ୍ଟ୍ରର ସମ୍ବଳ ଓ ସମୟ ନଷ୍ଟ କରିବାରୁ ବିଜ୍ଞାନ, କଳା ଏବଂ ସଂସ୍କୃତର ବିକାଶରେ ବାଧା ସୃଷ୍ଟି ହୋଇଥିଲା।

୬) ଇଂଲଣ୍ଡରେ ଧାର୍ମିକ ଆଶ୍ରୟସ୍ଥଳ ବନ୍ଦ କରିବାର ଫଳାଫଳ (Consequences of the closure of Religious sheiters) :

ଇଂଲଣ୍ଡରେ ଧର୍ମସଂସ୍କାର ଯୋଗୁ ଅନେକଗୁଡ଼ିଏ ଧାର୍ମିକ ଆଶ୍ରୟ ସ୍ଥଳକୁ ବନ୍ଦ କରିଦିଆଗଲା। ଏଠାରେ ଆଶ୍ରୟ ନେଇଥିବା ଦରିଦ୍ର, ପତିତ, ଅସହାୟ ଏବଂ ବାସଚ୍ୟୁତମାନେ ରାଜରାସ୍ତାକୁ ବିତାଡ଼ିତ ହେଲେ। ସେମାନେ କ୍ଷୁଧାରେ ଆତୁର ହୋଇ ଭିକ୍ଷାବୃତ୍ତି ଏବଂ ଚୋରି ତସ୍କରୀ ଆଦି କରିବାକୁ ବାଧ୍ୟ ହେଲେ। ଫଳରେ ସମାଜରେ ଅପରାଧର ମାତ୍ରା ବୃଦ୍ଧି ପାଇଲା। ବିନା ଥଇଥାନ ବ୍ୟବସ୍ଥାରେ ଏପରି ନିରାଶ୍ରୟମାନଙ୍କୁ ବାସଚ୍ୟୁତ କରିବା ଫଳରେ ଇଂଲଣ୍ଡରେ ଧର୍ମସଂସ୍କାର ଆନ୍ଦୋଳନ ସମାଲୋଚିତ ହୋଇଥିଲା।

ମୁଖ୍ୟତଃ ଦୁର୍ନୀତିପୂର୍ଣ୍ଣ କାଥୋଲିକ୍ ଧର୍ମରେ ସଂସ୍କାର ଆଣିବାକୁ ଯାଇ ମୂଳ ଖ୍ରୀଷ୍ଟଧର୍ମ ଅନେକଗୁଡ଼ିଏ ସମ୍ପ୍ରଦାୟରେ ବିଭକ୍ତ ହୋଇଗଲା । ମୂଳ କାଥୋଲିକ୍ ଧର୍ମ ମଧ୍ୟ ପରିସ୍ଥିତିକୁ ଦେଖି ନିଜର ଅନେକଗୁଡ଼ିଏ ଧର୍ମସଂସ୍କାର ଆଣିଲା । ଫଳରେ କୌଣସି ଏକ ଧର୍ମର ଏକାଧିପତ୍ୟ ରହିଲା ନାହିଁ। ଅଧିକନ୍ତୁ ଧର୍ମ ଧର୍ମ ମଧ୍ୟରେ ସହନଶୀଳତା ଓ ସୌହାର୍ଦ୍ଦ୍ୟର ଘୋର ଅଭାବ ଦେଖାଦେଲା । ଗୋଟିଏ ଧର୍ମୀୟ ଗୋଷ୍ଠୀ ଅନ୍ୟକୁ ଭର୍ତ୍ସନା ଓ ସମାଲୋଚନା କରିବାକୁ ଲାଗିଲେ ଏବଂ ସେଗୁଡ଼ିକ ମଧ୍ୟରେ କେବେବି ଏକତା ଆସିପାରିଲା ନାହିଁ ।

ଆଦର୍ଶ ପ୍ରଶ୍ନାବଳୀ

୧. ଧର୍ମସଂସ୍କାର ଆନ୍ଦୋଳନର କାରଣମାନଙ୍କ ବିଷୟରେ ଆଲୋଚନା କର ।

୨. ୟୁରୋପରେ ହୋଇଥିବା ଧର୍ମସଂସ୍କାର ଆନ୍ଦୋଳନର ଗତି ବିଷୟରେ ଆଲୋଚନା କର।

୩. ମାର୍ଟିନ ଲୁଥର ଓ ତାଙ୍କ ପ୍ରବର୍ତ୍ତିତ ମତବାଦ ଉପରେ ସମ୍ୟକ ଆଲୋଚନା କର ।

୪. କାଲଭିନୀୟ ମତବାଦର ସାରତତ୍ତ୍ୱ ଓ ତତ୍କାଳ ସମାଜ ଉପରେ ତାହାର ପ୍ରଭାବ ବିଷୟରେ ବର୍ଣ୍ଣନା କର ।

୫. ୟୁଙ୍ଗଲିଆନୀୟବାଦ (Zwinglianism) ଉପରେ ଆଲୋକ ପାତ କର ।

୬. ଧର୍ମ ସଂସ୍କାର ଆଲୋଚନାର ଫଳାଫଳ କ'ଣ ଥିଲା ?

□□□

অধ্যায ୯

ଯୁରୋପୀୟ ରାଷ୍ଟ୍ର ବ୍ୟବସ୍ଥାର ଉତ୍‌ଥାନ

[EMERGENCE OF EUROPEAN STATE SYSTEM]

ଆଧୁନିକ ସଭ୍ୟତାର ଅଭ୍ୟୁଥାନ ବ୍ୟକ୍ତି ତଥା ସମାଜର ସ୍ୱାଧୀନ ପରିସରକୁ ବ୍ୟାପକ ଭାବେ ପ୍ରସାରିତ କଲା । ମଧ୍ୟଯୁଗୀୟ ବିପର୍ଯ୍ୟସ୍ତ ସାମନ୍ତବାଦ, ଏକ ଗୋଷ୍ଠୀ, ଏକ ଜାତି ଓ ଏକ ଧର୍ମାବଲମ୍ବୀ ଲୋକମାନଙ୍କୁ ସଂଘବଦ୍ଧ ଭାବେ ଏକତ୍ର କରିପାରିଲା ନାହିଁ । କ୍ରମେ ୧୫ଶ ଓ ୧୬ଶ ଶତାବ୍ଦୀ ବେଳକୁ ଯୁରୋପର ସାଧାରଣ ଜନତା ଜାତୀୟତାବାଦରେ ଅନୁପ୍ରାଣିତ ହୋଇ ସାମନ୍ତବାଦ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବାକୁ ଲାଗିଲେ । ଜାତୀୟ ରାଷ୍ଟ୍ରବ୍ୟବସ୍ଥାର ଉତ୍‌ଥାନ ସାମନ୍ତବାଦଯୁଗର ବିଶୃଙ୍ଖଳ ପରିସ୍ଥିତିର ଅବସାନ ଘଟାଇ ଦେଶଗୁଡ଼ିକୁ ଅର୍ଥନୈତିକ ପ୍ରଗତି ପଥରେ ଆଗେଇନେଲା। ଏପରି ରାଷ୍ଟ୍ର ବ୍ୟବସ୍ଥା ସମାନ ସଂସ୍କୃତିସମ୍ପନ୍ନ ଜନସାଧାରଣଙ୍କୁ ଐକ୍ୟବଦ୍ଧ କରି ସେମାନଙ୍କ ମଧ୍ୟରେ ଜାତୀୟତାଭାବ ଜାଗ୍ରତ କରିଥିଲା ।

ରୋମ୍ ସାମ୍ରାଜ୍ୟ ଏବଂ ପୋପଙ୍କର ପ୍ରତିପତ୍ତିର ଅବସାନ ଗଣଶକ୍ତିର ଅଭ୍ୟୁଥାନର କାରଣ ହୋଇଥିଲା । କ୍ରମେ ଜାତୀୟ ରାଷ୍ଟ୍ରବ୍ୟବସ୍ଥାରେ ପ୍ରଜାତାନ୍ତ୍ରିକ ଆନ୍ଦୋଳନର ସୂତ୍ରପାତ ହୋଇ ସାମନ୍ତବାଦର ବିଲୋପ ହେଲା । କୃଷକ ଏବଂ କ୍ରୀତଦାସମାନେ ବିଦ୍ରୋହୀ ହୋଇଉଠିଲେ । ମାତ୍ର ସେମାନଙ୍କ ଆନ୍ଦୋଳନ ସଂଘବଦ୍ଧତା ଅଭାବରୁ ବିଫଳ ହୋଇଯାଇଥିଲା । ସାମନ୍ତମାନେ ନିଜ ନିଜ ମଧ୍ୟରେ କଳହରେ ବ୍ୟସ୍ତ ରହି ରାଷ୍ଟ୍ରର ଜାତୀୟତା କଥା ଭୁଲିଯାଇଥିଲେ, ମାତ୍ର ସାଧାରଣ ଜନଜାଗୃତି ଜାତୀୟତା ଭାବଧାରାର ଉନ୍ମେଷ କରି ଶକ୍ତିଶାଳୀ ସାମ୍ରାଜ୍ୟ ବ୍ୟବସ୍ଥାର ଉତ୍‌ଥାନରେ ସାହାଯ୍ୟ କରିଥିଲା ।

ଆଧୁନିକ ଜାତୀୟ ରାଷ୍ଟ୍ର ବ୍ୟବସ୍ଥା ପରିକଳ୍ପନାର ବୀଜ ଇଟାଲୀର ମାକିଆଭେଲି, ଫ୍ରାନ୍‌ସର ବୋଡ଼ିନ୍, ଇଂଲଣ୍ଡର ହୋବସ୍‌ଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇ ଯୁରୋପର ଉର୍ବର ରାଜନୈତିକ କ୍ଷେତ୍ରରେ ବପନ କରାଯାଇଥିଲା । ଫଳସ୍ୱରୂପ ପ୍ରଥମେ ଆଠଗୋଟି ଜାତୀୟ ରାଷ୍ଟ୍ରର ଉତ୍‌ଥାନ ହୋଇପାରିଥିଲା । ସେଗୁଡ଼ିକ ହେଲେ–ସ୍ପେନ୍, ଫ୍ରାନ୍ସ, ଇଂଲଣ୍ଡ, ଋଷିଆ, ଅଷ୍ଟ୍ରିଆ, ପ୍ରୁସିଆ, ପର୍ତ୍ତୁଗାଲ୍ ଓ ସ୍ୱିଡ଼େନ୍ । ଏହାର ଅନେକ କାଳ ପରେ, ୧୮୭୧ ଖ୍ରୀ:ଅ:ରେ ଇଟାଲୀ ଓ ଜର୍ମାନୀ ଜାତୀୟ ରାଷ୍ଟ୍ରରେ ପରିଣତ ହୋଇଥିଲେ; କିନ୍ତୁ ଏହି ଦୁଇ ରାଷ୍ଟ୍ର ଯେଉଁ ସଂଘର୍ଷ ମଧ୍ୟ ଦେଇ ଜାତୀୟ ରାଷ୍ଟ୍ରକୁ ଉନ୍ନୀତ ହେଲେ ତାହା ଇତିହାସରେ ଉଲ୍ଲେଖନୀୟ ।

ଯୁରୋପୀୟ ରାଷ୍ଟ୍ରବ୍ୟବସ୍ଥାର ନୀତି (Principles of European State System) :

କେନ୍ଦ୍ର ଯୁରୋପ ତଥା ବିଶେଷକରି ଜର୍ମାନୀରେ ପ୍ରଭୂତ ଧନ ଜୀବନର କ୍ଷତି କରିଥିବା ତ୍ରିଂଶବର୍ଷୀୟ ଯୁଦ୍ଧ (The Thirty Years' War)ର ଅନ୍ତ 'ୱେଷ୍ଟଫାଲିଆ ଶାନ୍ତିଚୁକ୍ତି' ସ୍ୱାକ୍ଷରିତ ହେବା ସହ ପରିସମାପ୍ତ ହୋଇଥିଲା। ଏହି ଯୁଦ୍ଧରେ ଲକ୍ଷ ଲକ୍ଷ ଲୋକଙ୍କ ଜୀବନହାନୀ ଘଟିଥିଲା। ଏପରି ଅନ୍ୟ କୌଣସି ଭୟଙ୍କର ଯୁଦ୍ଧ ଅଷ୍ଟାଦଶ ଶତାବ୍ଦୀର ଶେଷଭାଗରେ

ହୋଇଥିବା ନେପୋଲିୟନୀୟ ବିବାଦ ଏବଂ ପ୍ରଥମ ବିଶ୍ୱଯୁଦ୍ଧ (୧୯୧୪-୧୯୧୮ ଖ୍ରୀ:ଅ:) ପର୍ଯ୍ୟନ୍ତ ସମଗ୍ର ବିଶ୍ୱରେ ଦେଖାଦେଇ ନ ଥିଲା। ତ୍ରିଂଶବର୍ଷୀୟ ଯୁଦ୍ଧ ଆଂଶିକ ରୂପେ ଶାସକ ରାଜବଂଶୀୟ ଉଚ୍ଚାଭିଳାଷ ଏବଂ ଆଂଶିକ ରୂପେ ଧର୍ମୀୟ କାରଣରୁ ସଂଘଟିତ ହୋଇଥିଲା। ଏହା ପବିତ୍ର ରୋମାନୀୟ ସାମ୍ରାଜ୍ୟରେ ଉତ୍ପନ୍ନ ହୋଇଥିବା ପ୍ରୋଟେଷ୍ଟାଣ୍ଟ ଏବଂ କାଥୋଲିକ୍‌ମାନଙ୍କ ମଧ୍ୟସ୍ଥ କ୍ଷମତା ସନ୍ତୁଳନତାକୁ ନେଇ ଆରମ୍ଭ ହୋଇଥିଲା। ଯୁଦ୍ଧର ଏକଶତାବ୍ଦୀ ପୂର୍ବରୁ ବିବାଦୀୟ ହୋଇଆସୁଥିବା ମୁଖ୍ୟ ସମସ୍ୟା, ଯାହା ଏହି ଯୁଦ୍ଧ ପାଇଁ ଦାୟୀ ଥିଲା, ତାହାହେଲା—"ସ୍ଥାନୀୟ ଶାସକ କେଉଁ ନୀତିର ଆଧାରରେ ରାଜ୍ୟର ଧର୍ମ ପାଳନ କରିବା ପାଇଁ ନିର୍ଣ୍ଣୟ ନେବେ ?" ସମୟକ୍ରମେ ଯେତେବେଳେ ବିବାହ, ଉତ୍ତରାଧିକାରୀତ୍ୱ କିମ୍ବା ମୃତ୍ୟୁଯୋଗୁ ଶାସକ ରାଜବଂଶର ପରିବର୍ତ୍ତନ ଘଟୁଥିଲା ସେତେବେଳେ ପ୍ରୋଟେଷ୍ଟାଣ୍ଟ ଶାସିତ ରାଜ୍ୟଗୁଡ଼ିକ ପୁର୍ନବାର କାଥୋଲିକ କରଣ ହୋଇଥିବାର ଭୟ ସୃଷ୍ଟି ହୋଇଥିଲା। ତ୍ରିଂଶବର୍ଷୀୟ ଯୁଦ୍ଧ ମଧ୍ୟ ହାପ୍‌ସ୍‌ବର୍ଗ ରାଜବଂଶର କ୍ଷମତାକୁ କେନ୍ଦ୍ର ୟୁରୋପରେ ସୀମିତ ରଖିବା ପାଇଁ ପ୍ରଚେଷ୍ଟା କରିଥିଲା ଏବଂ ଏହାର "ସାର୍ବଜନୀନ ସାମ୍ରାଜ୍ୟବାଦୀ" (Universal Monarchy) ଦାବୀକୁ ପ୍ରତିହତ କରିଥିଲା।

ୟୁରୋପରେ ୧୬୪୮ ଖ୍ରୀ:ଅ: ପରେ ଏକ ନୂତନ ରାଷ୍ଟ୍ରବ୍ୟବସ୍ଥାର ଉତ୍ଥାନ ହୋଇଥିଲା। ଏହା ମଧ୍ୟ ପବିତ୍ର ରୋମାନୀୟ ସାମ୍ରାଜ୍ୟର ଏକ ନୂତନ ସମ୍ବିଧାନର ପ୍ରଚଳନ କରାଇଥିଲା। ଏହି ରାଷ୍ଟ୍ରବ୍ୟବସ୍ଥାର ନୀତି ଅଧିକାଂଶ ରୂପେ ବିଳମ୍ବିତ ଅଷ୍ଟାଦଶ ଶତାବ୍ଦୀ ପର୍ଯ୍ୟନ୍ତ ୟୁରୋପରେ ପ୍ରଚଳିତ ଥିଲା। ଏହି ସମୟକାଳ ମଧ୍ୟରେ ମୁଖ୍ୟତଃ ଦୁଇପ୍ରକାର ରାଷ୍ଟ୍ରବ୍ୟବସ୍ଥା ପ୍ରଚଳିତ ଥିଲା, ଯଥା—ସାଧାରଣତନ୍ତ୍ର (Republic) ଏବଂ ନିରଙ୍କୁଶ ସମ୍ରାଜ୍ୟବାଦ (Absolute Monarchy)। ମାତ୍ର ବସ୍ତୁତଃ ସମସ୍ତ ରାଷ୍ଟ୍ରଗୁଡ଼ିକ ନୂତନ ରାଷ୍ଟ୍ର ବ୍ୟବସ୍ଥାକୁ ଗ୍ରହଣ କରିଥିଲେ, ଯାହାର ତିନିଗୋଟି ମୁଖ୍ୟ ନୀତି ଥିଲା, ଯଥା—

(୧) ସାର୍ବଭୌମ ନୀତି (The Principle of Sovereignty),

(୨) ରାଷ୍ଟ୍ରକାରଣ ନୀତି (Reason of State or Raison d'etat) ଏବଂ

(୩) ବଂଶାନୁକ୍ରମିକ ନାର୍ଯ୍ୟ ଅଧିକାର ନୀତି (Dynasitc Legitimacy Principle)।

(୧) ସାର୍ବଭୌମ (Sovereignty) :

ସାର୍ବଭୌମ ଅର୍ଥ ହେଲା ଏକ ନିର୍ଦ୍ଦିଷ୍ଟ ଅଞ୍ଚଳ ଏବଂ ଏହାର ଅଧିବାସୀଙ୍କ ଉପରେ ଥିବା ରାଷ୍ଟ୍ରର ସର୍ବୋଚ୍ଚ ଅଧିକାର। ରାଷ୍ଟ୍ରର କ୍ଷମତା ଜଣେ 'ରାଜା' ବା ଏକ 'ସଂସଦ ବା ଏକ 'ରାଷ୍ଟ୍ରୀୟ ଅଧିକାରୀ ଅମଲାତନ୍ତ୍ର' ଦ୍ୱାରା ପ୍ରତିନିଧିତ୍ୱ କରାଯାଇପାରେ। ରାଜାଙ୍କ ବ୍ୟତୀତ ରାଷ୍ଟ୍ର ନିଜସ୍ୱ ରୂପେ ଜନସାଧାରଣଙ୍କ ଆଇନଗତ କ୍ଷମତାର ପ୍ରତିନିଧିତ୍ୱ କରିପାରିବା ଏହି ରାଷ୍ଟ୍ରବ୍ୟବସ୍ଥାର ବୈଶିଷ୍ଟ୍ୟ ଅଟେ।

(୨) ରାଷ୍ଟ୍ର କାରଣ (Reason of State) :

'ରାଷ୍ଟ୍ର କାରଣ' ନୀତି 'ସାର୍ବଭୌମ' ନୀତିର ନିକଟତମ ନୀତି ହେଲେ ମଧ୍ୟ ଦୁହେଁ ସମାନ ନୁହଁନ୍ତି। 'ରାଷ୍ଟ୍ରକାରଣ' ନୀତିର ରାଷ୍ଟ୍ରୀୟ ବ୍ୟବସ୍ଥାରେ ରାଷ୍ଟ୍ର ସ୍ୱାର୍ଥକୁ ସର୍ବୋଚ୍ଚ ପ୍ରାଥମିକତା ପ୍ରଦାନ କରାଯାଏ। ଏପରିକି ନୈତିକ ଏବଂ ଧର୍ମୀୟ ପ୍ରସଙ୍ଗ ମଧ୍ୟ ଏଠାରେ ରାଷ୍ଟ୍ର ସ୍ୱାର୍ଥଠାରୁ ଗୌଣ ଅଟେ। ରାଷ୍ଟ୍ରମଧ୍ୟସ୍ଥ ଗୃହ ଯୁଦ୍ଧ ଏବଂ ବାହାର ଦୁନିଆରେ ରାଷ୍ଟ୍ରର ସୌଭାଗ୍ୟକୁ ଏହି ନୀତିରେ ପ୍ରମୁଖତା ପ୍ରଦାନ କରାଯାଏ। 'ରାଷ୍ଟ୍ରକାରଣ' ନୀତିକୁ ଅଧିକାଂଶ ସମୟରେ ରାଷ୍ଟ୍ରର ଆଞ୍ଚଳିକ ସମ୍ପ୍ରସାରଣ ଉଦ୍ଦେଶ୍ୟରେ ବ୍ୟବହାର କରାଯାଏ।

(୩) ବଂଶାନୁକ୍ରମ ନାର୍ଯ୍ୟ ଅଧିକାର ନୀତି (Dynastic Legitimacy Principle) :

ରାଷ୍ଟ୍ର ବ୍ୟବସ୍ଥାର ଅନ୍ୟ ଏକ ନୀତି ହେଲା ବଂଶାନୁକ୍ରମିକ ନାର୍ଯ୍ୟ ଅଧିକାର ନୀତି। ପ୍ରାରମ୍ଭିକ ଆଧୁନିକ ଯୁଗରେ ଏକ ରାଜବଂଶକୁ ବଂଶାନୁକ୍ରମିକ ଅଧିକାର ସୂତ୍ରରେ ରାଜ୍ୟଶାସନ କରିବାକୁ ନୀତିଗତ ରୂପେ ସ୍ୱୀକୃତି ପ୍ରଦାନ କରାଯାଉଥିଲା।

'ବଂଶାନୁକ୍ରମିକ ନାର୍ଯ୍ୟ ଅଧିକାର ନୀତି' ବିଳମ୍ବିତ ଅଷ୍ଟାଦଶ ଶତାବ୍ଦୀ ପର୍ଯ୍ୟନ୍ତ ଅଧିକାଂଶ ରୂପେ ଯୁକ୍ତିଯୁକ୍ତ ଥିଲା। ଲୋକପ୍ରିୟ 'ସାର୍ବଭୌମ ନୀତି'କୁ ସମସ୍ତ ରାଷ୍ଟ୍ରଗୁଡ଼ିକ ଆଦରି ନେବାରୁ କ୍ରମଶଃ ଏହି ବ୍ୟବସ୍ଥାର ପତନ ହୋଇଥିଲା।

ୟୁରୋପୀୟ ରାଷ୍ଟ୍ର ବ୍ୟବସ୍ଥା ସୃଷ୍ଟି ହେବାର କାରଣ (Causes of Origin of European State System) :

(୧) ଧର୍ମଯୁଦ୍ଧ (Holy War) :

ଖ୍ରୀଷ୍ଟୀୟ ଓ ଇସଲାମ୍ ଧର୍ମାବଲମ୍ବୀମାନଙ୍କ ମଧ୍ୟରେ ଅନେକ ମଧ୍ୟଯୁଗୀୟ ଧର୍ମଯୁଦ୍ଧ (୧୦୯୬-୧୦୯୯ ଖ୍ରୀ:ଅ.ରେ ପ୍ରଥମ, ୧୧୪୭ ଖ୍ରୀ:ଅ.ରେ ଦ୍ୱିତୀୟ, ୧୧୮୯ ଖ୍ରୀ:ଅ.ରେ ତୃତୀୟ ଓ ୧୨୦୨-୧୨୦୪ ଖ୍ରୀ:ଅ.ରେ ଚତୁର୍ଥ) ସଙ୍ଗଠିତ ହୋଇଥିଲା । ମୁସଲମାନମାନଙ୍କର ଏହି କ୍ରମାନ୍ୱୟ ଆକ୍ରମଣ ୟୁରୋପୀୟ ସମ୍ପ୍ରଦାୟ ମଧ୍ୟରେ ଐକ୍ୟବଦ୍ଧତା, ଭ୍ରାତୃତ୍ୱଭାବ, ସମଭାବପନ୍ନତା, ଜାତୀୟତା ଓ ଦେଶପ୍ରେମ ଭାବ ଜାଗ୍ରତ କରିଥିଲା । ଫଳରେ ସେମାନେ ଯବନମାନଙ୍କର ଆକ୍ରମଣକୁ ପ୍ରତିହତ କରି ନିଜ ଧର୍ମ ଓ ରାଷ୍ଟ୍ରର ରକ୍ଷା କରିପାରିଥିଲେ ।

(୨) ସ୍ୱାଧୀନ ସାମ୍ରାଜ୍ୟ (Independent Kingdoms) :

ଜନସାଧାରଣ ସର୍ବଦା ସଂଘବଦ୍ଧ ହୋଇ ପ୍ରତିକୂଳ ପରିସ୍ଥିତିର ସମ୍ମୁଖୀନ ହୋଇପାରୁନଥିଲେ ଏଥିପାଇଁ ଏକ ନେତୃତ୍ୱର ଆବଶ୍ୟକତା ହେଉଥିଲା । ଏଣୁ ସେମାନେ ଜଣକୁ ସମ୍ରାଟ ରୂପେ ନିର୍ବାଚିତ କରି ତାଙ୍କଦ୍ୱାରା ଶାସିତ ହେବାକୁ ଲାଗିଲେ ଏବଂ ସେ ମଧ୍ୟ ରାଷ୍ଟ୍ରକୁ ଶତ୍ରୁ ଆକ୍ରମଣରୁ ରକ୍ଷା କରିବାର ଦାୟିତ୍ୱ ବହନ କଲେ ।

(୩) ନବଜାଗରଣ (Renaissance) :

ୟୁରୋପୀୟ ନବଜାଗରଣ ଜନସାଧାରଣଙ୍କ ମଧ୍ୟରେ ଜାତୀୟତାଭାବର ଉଦ୍ରେକ କଲା । ଜନସାଧାରଣ ନିଜ ଦେଶର ଲେଖକ, ଦାର୍ଶନିକ, କଳାକାର, ସ୍ଥପତି ଓ ବୈଜ୍ଞାନିକମାନଙ୍କର କୃତିଗୁଡ଼ିକୁ ଦେଶ ତଥା ଜାତିର ଗୌରବ ଭାବେ ଗ୍ରହଣ କରି ଜାତୀୟତାରେ ଉଦ୍‌ବୁଦ୍ଧ ହେଲେ ।

(୪) ଧର୍ମସଂସ୍କାର (Reformation) :

୧୫ଶ ଓ ୧୬ଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ମାର୍ଟିନ ଲୁଥରଙ୍କ ମାଧ୍ୟମରେ ପୋପ୍‌ଙ୍କ ଦୁର୍ନୀତି ଓ ସ୍ୱେଚ୍ଛାଚାରିତା ବିରୁଦ୍ଧରେ ସ୍ୱର ଉତ୍ତୋଳନ କରାଗଲା । ଏହାଫଳରେ ସମ୍ରାଟ ଓ ପୋପ୍‌ଙ୍କ ମଧ୍ୟରେ ଥିବା ସମ୍ପର୍କରେ ତିକ୍ତତା ଆସିଥିଲା । ସମ୍ରାଟଙ୍କ ଦ୍ୱାରା ପୋପ୍‌ଙ୍କ ରାଜନୈତିକ ପ୍ରତିପତ୍ତି ସମ୍ପୂର୍ଣ୍ଣ ରୂପେ କ୍ଷୁର୍ଣ୍ଣ କରାଯାଇଥିଲା । ସମ୍ରାଟମାନେ ନିଜ ନିଜର ରାଷ୍ଟ୍ରମାନଙ୍କରେ, ଜାତୀୟ ଗୀର୍ଜାମାନ ସ୍ଥାପନ କରି ତାହାର ପୂର୍ଣ୍ଣ ପରିଚାଳନା ଦାୟିତ୍ୱ ଗ୍ରହଣ କରିଥିଲେ । ଏହାଦ୍ୱାରା ସେମାନଙ୍କ ହସ୍ତରେ ରାଜ୍ୟ ଶାସନ ତଥା ଧର୍ମୀୟ ବ୍ୟାପାର ଉଭୟ ଦାୟିତ୍ୱ ନ୍ୟସ୍ତ ହୋଇଥିଲା । ଏଣୁ ସେମାନେ ନିର୍ଦ୍ୱନ୍ଦ୍ୱରେ ରାଷ୍ଟ୍ରର ପ୍ରଶାସନ, ସଂସ୍କୃତି, କଳା, ଧର୍ମ ଓ ଅର୍ଥନୀତି ଆଦି ସମସ୍ତ କ୍ଷେତ୍ରରେ ଉନ୍ନତି ଆଣିପାରିଥିଲେ ।

(୫) ଭାଷା ଓ ସାହିତ୍ୟର ଉନ୍ନତି (Development of Language and Literature) :

ଗ୍ରୀକ୍ ଓ ଲାଟିନ୍ ଭାଷା ବ୍ୟତୀତ ଲୋକମାନେ ସେମାନଙ୍କ ନିଜ ନିଜର ମାତୃଭାଷାର ଉନ୍ନତି କରିବାକୁ ଲାଗିଲେ । ଗୁଟେନ୍‌ବର୍ଗଙ୍କ ମୁଦ୍ରଣ ଯନ୍ତ୍ର ଦ୍ୱାରା ବିଭିନ୍ନ ଭାଷାରେ ଅନେକ ପୁସ୍ତକ ପ୍ରକାଶିତ ହୋଇ ଏହି କାର୍ଯ୍ୟରେ ଦ୍ରୁତ ପ୍ରଗତି ଆଣିଲା । ଏହି ରଚନାବଳୀଗୁଡ଼ିକ ଜନମାନସରେ ସ୍ୱଭାଷା, ସ୍ୱଦେଶ ଓ ସ୍ୱଧର୍ମ ବିଷୟରେ ଗଭୀର ଛାପ ପକାଇ ସ୍ୱଦେଶପ୍ରେମ ଜାଗ୍ରତ କରାଇଲା । ମାକିଆଭେଲି, ସେକସ୍‌ପିୟର, ବାକନ୍ ଓ ଚସର୍ ଆଦି ମନିଷୀମାନଙ୍କର ସୃଜନଶୀଳ ସାହିତ୍ୟ ଜନସାଧାରଣଙ୍କୁ ଜାତୀୟ ରାଷ୍ଟ୍ର ଗଠନ ପାଇଁ ପ୍ରେରଣା ଦେଲା ।

(୬) ଅର୍ଥନୀତି (Economy) :

ସାମନ୍ତବାଦର ବିଲୋପ ଘଟିବାରୁ କୃଷକମାନେ ନିଜ ଜମିର ମାଲିକ ହୋଇପାରିଲେ । ସେମାନେ ବିଭିନ୍ନ ପ୍ରକାର କୃଷିକର୍ମରେ ମନୋନିବେଶ କରି ସ୍ୱଚ୍ଛନ୍ଦରେ ନିଜ ପରିବାରର ପ୍ରତିପୋଷଣ କରିପାରିବା ସହ ସମସ୍ତ ପରିବାର ବର୍ଗଙ୍କୁ ଖୁସିରେ ରଖିପାରିଲେ । ଦେଶରେ ନାନା ପ୍ରକାରର କୁଟୀର ଶିଳ୍ପର ବିକାଶ ଘଟିବାରୁ ସାଧାରଣ ଜନତାଙ୍କର ଆର୍ଥିକ ଅବସ୍ଥା କ୍ରମେ ସ୍ୱଚ୍ଛଳ ହେବାକୁ ଲାଗିଲା । ସମ୍ରାଟମାନେ ଜନସାଧାରଣଙ୍କ ପାଇଁ ମୁକ୍ତ ବାଣିଜ୍ୟ ବ୍ୟବସ୍ଥାର ପ୍ରଚଳନ କରିବା ଫଳରେ ଦେଶର ଅର୍ଥନୈତିକ ପ୍ରଗତି ଆରମ୍ଭ ହୋଇଗଲା । ଅନ୍ତର୍ଦେଶୀୟ ଓ ବର୍ହିବାଣିଜ୍ୟର ଉନ୍ନତି ମଧ୍ୟବିତ୍ତ ସମାଜର ଅର୍ଥନୀତିରେ ସୁଧାର ଆଣିଥିଲା । ସବୁବର୍ଗର ଲୋକଙ୍କ ଆର୍ଥିକ ଉନ୍ନତି ଜାତୀୟତାବାଦୀ ରାଷ୍ଟ୍ର ପ୍ରତି ଲୋକଙ୍କ ପ୍ରତିବଦ୍ଧତାକୁ ସୁଦୃଢ଼ କରିଥିଲା ।

ଉପରୋକ୍ତ କାରଣଗୁଡ଼ିକ ଯୋଗୁ ୟୁରୋପରେ ନିମ୍ନଲିଖିତ ପ୍ରମୁଖ ଜାତୀୟତାବାଦୀ ରାଷ୍ଟ୍ରମାନ ପ୍ରତିଷ୍ଠିତ ହୋଇପାରିଥିଲା–

(୧) ସ୍ପେନ୍
(SPAIN)

ପଞ୍ଚଦଶ ଶତାବ୍ଦୀ ବେଳକୁ ଆରାଗନ୍ ବଂଶୀୟ ସମ୍ରାଟ ଫର୍ଡ଼ିନାଣ୍ଡ୍ (୧୪୭୯-୧୫୧୬ ଖ୍ରୀ:ଅ:) ସ୍ପେନ୍‌କୁ ଶାସନ କରୁଥିଲେ । ସେ ୧୪୯୨ ଖ୍ରୀ:ଅ.ରେ କାଷ୍ଟିଲ୍‌ର ରାଜକୁମାରୀ ଇଶାବେଲାଙ୍କୁ ବିବାହ କରି ସ୍ପେନକୁ ଆହୁରି ଶକ୍ତିଶାଳୀ କରିପାରିଥିଲେ । ଫଳରେ ସେ ସହଜରେ ମୁସଲିମ୍ ଅଧିକୃତ ଗ୍ରାନାଡ଼ା ଓ ଖ୍ରୀଷ୍ଟିଆନ୍ ଅଧିକୃତ ନାଭାରେ ରାଜ୍ୟଦ୍ୱୟକୁ ଅଧିକାର କରି ସ୍ପେନ୍‌ରେ ମିଶ୍ରଣ କଲେ । ଏହା ସ୍ପେନୀୟମାନଙ୍କର ଦେଶପ୍ରୀତି ଓ ଭ୍ରାତୃତ୍ୱଭାବକୁ ସମୃଦ୍ଧି କରିଥିଲା । ଫର୍ଡ଼ିନାଣ୍ଡ୍ ମଧ୍ୟବିତ୍ତ ବର୍ଗର ଶ୍ରଦ୍ଧାର ପାତ୍ର ହୋଇ ସେମାନଙ୍କର ଅକପଟ ସହଯୋଗ ଲାଭ କରିଥିଲେ । ସେ ଏକ ଶକ୍ତିଶାଳୀ ଜାତୀୟ ଓ କେନ୍ଦ୍ରୀୟ ପ୍ରଶାସନ ପ୍ରତିଷ୍ଠା କରିଥିଲେ । ସେ ମଧ୍ୟ ପୋପ୍‌ଙ୍କଠାରୁ ଧର୍ମୀୟ ବିଚାର ଓ ଦଣ୍ଡ ଦେବାର କ୍ଷମତା ଲାଭ କରି ଜିଉ (ଇହୁଦି), ମୁସଲିମ୍ ଏବଂ ଧର୍ମଦ୍ରୋହୀ ଖ୍ରୀଷ୍ଟିଆନ୍‌ମାନଙ୍କୁ ଦୃଢ଼ ହସ୍ତରେ ଦମନ କରି ସମସ୍ତ ସ୍ପେନ୍‌କୁ ଶୃଙ୍ଖଳିତ ଓ ସୁଶାସିତ କରିପାରିଥିଲେ ।

ନିଜର ତିନି ଦୁହିତାଙ୍କୁ ଶକ୍ତିଶାଳୀ ପଡ଼ୋଶୀ ରାଜ୍ୟମାନଙ୍କର ଶାସକଙ୍କ ସହ ବୈବାହିକ ସୂତ୍ରରେ ଆବଦ୍ଧ କରି ଫର୍ଡ଼ିନାଣ୍ଡ୍ ସ୍ପେନ୍‌ର ବୈଦେଶିକ ନୀତିକୁ ସୁଦୃଢ଼ କରିଥିଲେ ଫଳରେ ପର୍ତ୍ତୁଗାଲ, ଅଷ୍ଟ୍ରିଆ ଓ ଇଂଲଣ୍ଡ ତାଙ୍କର ବନ୍ଧୁ ରାଷ୍ଟ୍ରରେ ପରିଣତ ହୋଇଗଲେ ଏବଂ ଏହି ଶକ୍ତିଶାଳୀ ରାଷ୍ଟ୍ରକୁ ଅନ୍ୟମାନେ ଆକ୍ରମଣ କରିବାକୁ ସାହସ କଲେ ନାହିଁ ।

ଫର୍ଡ଼ିନାଣ୍ଡଙ୍କ ଶାସନ କାଳରେ କଲମ୍ବସ୍‌ଙ୍କ ପରି ନାବିକମାନେ ରାଜ୍ୟ ପୃଷ୍ଠପୋଷକତା ଲାଭ କରି ସାଗର ପାରି ଆମେରିକା ମହାଦେଶ ଆବିଷ୍କାର କରି ସେଠାରେ ସ୍ପେନ୍‌ର ଉପନିବେଶମାନ ସ୍ଥାପନ କରିବାକୁ ସକ୍ଷମ ହୋଇଥିଲେ, ଯାହାକି ଦେଶ ବାହାରେ ସ୍ପେନ୍‌ର ଗୌରବ ବୃଦ୍ଧି କରିଥିଲା ।

ଫର୍ଡ଼ିନାଣ୍ଡଙ୍କ ଶାସନ କାଳର ସୁଶୃଙ୍ଖଳିତ ପ୍ରଶାସନ, ସଶକ୍ତ ରାଜଶକ୍ତି, ସୁଦୃଢ଼ ଅର୍ଥନୀତି, ସଫଳ ବୈଦେଶିକ ନୀତି ଏବଂ ସମୃଦ୍ଧ ଉପନିବେଶବାଦକୁ ନେଇ ସ୍ପେନ୍ ଗୌରବର ଶିଖର ଦେଶରେ ପହଞ୍ଚି ପାରିଥିଲା ।

ୟୁରୋପର ତ୍ରିଂଶବର୍ଷୀୟ ସମର : ୧୬୧୮-୧୬୪୮ ଖ୍ରୀ:ଅ:

(Thirty years' war : 1618 A.D. - 1648 A.D.)

୧୫୫୫ ଖ୍ରୀ:ଅ:ର୍ ଅଗସବର୍ଗ ରାଜିନାମା ଜର୍ମାନରେ ସମ୍ପୂର୍ଣ୍ଣ ଧର୍ମୀୟ ବୁଝାମଣା ଆଣିପାରିନଥିଲା । ନବଜାଗରଣ ଆନ୍ଦୋଳନ ସମଗ୍ର ଖ୍ରୀଷ୍ଟିଆନ ସମାଜକୁ କାଥୋଲିକ୍, ପ୍ରୋଟେଷ୍ଟାଣ୍ଟ, କାଲ୍‌ଭିନୀୟ, ପ୍ୟୁରିଟାନ୍ ଓ ପ୍ରେସ୍‌ବାଇଟେରିୟାନ୍

ଭଳି ବିଭିନ୍ନ ସମ୍ପ୍ରଦାୟରେ ବିଭକ୍ତ କରିଦେଲା । ମାର୍ଟିନ୍ ଲୁଥରଙ୍କ ପ୍ରୋଟେଷ୍ଟାଣ୍ଟ୍ ମତବାଦ ଧର୍ମଠାରୁ ରାଜନୀତିକୁ ଅଲଗା କରିଦେଲା । ଏଣୁ ରୋମୀୟ ପୋପ୍‌ଙ୍କର ରାଜ୍ୟ ଶାସନ କ୍ଷେତ୍ରରେ ଥିବା ପ୍ରତିପତ୍ତି କ୍ଷୁର୍ଣ୍ଣ ହେଲା । ୟୁରୋପର ସମସ୍ତ ରାଜା ମହାରାଜାମାନେ ନିଜ ନିଜ ସାମ୍ରାଜ୍ୟର ଗୀର୍ଜାମାନଙ୍କର ମୁଖ୍ୟ ହେଲେ ।

ଲୁଥରଙ୍କ ଜନ୍ମଭୂମି ଜର୍ମାନୀ ହେଲେ ମଧ୍ୟ ଏହାର ସବୁ ଅଧିବାସୀମାନେ ପ୍ରୋଟେଷ୍ଟାଣ୍ଟ୍ ମତବାଦକୁ ଗ୍ରହଣ କରିନଥିଲେ । ଉତ୍ତର ଜର୍ମାନୀ କାଥୋଲିକ୍ ବହୁଳ ଥିବାବେଳେ ଦକ୍ଷିଣ ଜର୍ମାନୀରେ ପ୍ରୋଟେଷ୍ଟାଣ୍ଟମାନେ ବହୁଳ ଭାବେ ବସବାସ କରୁଥିଲେ । ଏହି ଦୁଇ ସମ୍ପ୍ରଦାୟ ମଧ୍ୟରେ ଧାର୍ମିକ ଅସହିଷ୍ଣୁତା ଯୋଗୁଁ ପରସ୍ପର ମଧ୍ୟରେ ସର୍ବଦା ଶତ୍ରୁତା ଲାଗି ରହିଥିଲା । ଏହା ଜର୍ମାନ ସଂସ୍କୃତି ଓ ସଭ୍ୟତାର ଅଧୋଗତି ସଙ୍ଗେ ସଙ୍ଗେ ଦେଶର ବାଣିଜ୍ୟ ବ୍ୟବସାୟକୁ ମଧ୍ୟ ନିମ୍ନାଭିମୁଖୀ କରିଥିଲା । ଜମିଦାରମାନଙ୍କ ଅତ୍ୟାଚାର ଯୋଗୁଁ କୃଷକମାନଙ୍କ ଅବସ୍ଥା ଦିନକୁ ଦିନ ଶୋଚନୀୟ ହେବାକୁ ଲାଗିଲା ଏବଂ କୃଷିକାର୍ଯ୍ୟର ଅବନତି ଘଟିଲା । ଏହି ଅବ୍ୟବସ୍ଥା ମଧ୍ୟରେ ୧୬୧୮ ଖ୍ରୀ:ଅ:ରେ ୟୁରୋପର ତ୍ରିଂଶବର୍ଷୀୟ ଯୁଦ୍ଧର ଘନାଘଟା ପରିସ୍ଥିତିକୁ ଅଧିକ ଜଟୀଳ କରିପକାଇଥିଲା । ମୁଖ୍ୟତଃ ଏହାକୁ ଜର୍ମାନର ଏକ ଗୃହଯୁଦ୍ଧ କହିଲେ ଅତ୍ୟୁକ୍ତି ହେବ ନାହିଁ । ଏହି ଯୁଦ୍ଧ ଧର୍ମୀୟ କାରଣରୁ ଆରମ୍ଭ ହୋଇଥିଲେ ହେଁ ପରେ ଏହା ଏକ ରାଜନୈତିକ ରୂପ ନେଇ କ୍ରମେ ଜର୍ମାନରୁ ସମ୍ପୂର୍ଣ୍ଣ ୟୁରୋପକୁ ବ୍ୟାପିଯାଇଥିଲା । ଏହି ଯୁଦ୍ଧରେ ପ୍ରଭୂତ ଧନଜୀବନର କ୍ଷୟକ୍ଷତି ଘଟିଥିଲା । ଯୁଦ୍ଧରେ ଅଷ୍ଟ୍ରିଆ, ଡେନ୍‌ମାର୍କ, ସ୍ୱିଡ଼େନ୍, ଫ୍ରାନ୍ସ, ସ୍ପେନ୍ ଓ ହଲାଣ୍ଡ୍ ଅଂଶଗ୍ରହଣ କରିଥିଲେ ହେଁ ଜର୍ମାନୀ ଓ ବୋହେମିଆ ହିଁ ଗୁରୁତର ଅର୍ଥନୈତିକ ସଙ୍କଟର ସମ୍ମୁଖୀନ ହୋଇଥିଲେ । ଯୁଦ୍ଧର ଅନେକ କାରଣ ଥିଲା ମାତ୍ର ଏହାର ପ୍ରମୁଖ ଲକ୍ଷ୍ୟ ଦୁଇଟି ହେଲା:—

(୧) ସ୍ପେନ୍‌ର ହାପସ୍‌ବର୍ଗ ରାଜବଂଶ ଏବଂ ଫ୍ରାନ୍ସର ବୋରବନ୍ ରାଜବଂଶ ମଧ୍ୟରେ କିଏ ପ୍ରାଧାନ୍ୟ ପାଇବ ?

(୨) ଜନସାଧାରଣ ରୋମାନ୍ କାଥୋଲିକ୍ ବା ପ୍ରୋଟେଷ୍ଟାଣ୍ଟ୍ ଅଥବା ଉଭୟ ଧର୍ମ କେଉଁଟିକୁ ଅନୁସରଣ କରିବେ ?

ତ୍ରିଂଶବର୍ଷୀୟ ଯୁଦ୍ଧର କାରଣ (Causes of Thirty years' War) :

ସପ୍ତଦଶ ଶତାବ୍ଦୀରେ ତ୍ରିଂଶବର୍ଷୀୟ ଯୁଦ୍ଧ ଏକ ପ୍ରମୁଖ ଘଟଣା ଥିଲା । ଏହାର କାରଣଗୁଡ଼ିକୁ ମୁଖ୍ୟତଃ ତିନି ଭାଗରେ ବିଭକ୍ତ କରାଯାଇପାରେ, ଯଥା—

(୧) ଧର୍ମୀୟ କାରଣ ସମୂହ (Religious Causes)

(୨) ରାଜନୈତିକ କାରଣ ସମୂହ (Political Causes)

(୩) ତତ୍‌କାଳ କାରଣ ସମୂହ (Immediate Causes)

(୧) ଧର୍ମୀୟ କାରଣ ସମୂହ (Religious Causes) :

ପ୍ରାରମ୍ଭରୁ କାଥୋଲିକ୍ ଓ ପ୍ରୋଟେଷ୍ଟାଣ୍ଟମାନଙ୍କ ମଧ୍ୟରେ ଥିବା ଧାର୍ମିକ ବିଦ୍ୱେଷ ହିଁ ତ୍ରିଂଶବର୍ଷୀୟ ସମରର ମୁଖ୍ୟ କାରଣ ଥିଲା । ପରେ ରାଜନୈତିକ ସ୍ୱାର୍ଥ ଏହି ରକ୍ତାକ୍ତ ସଂଘର୍ଷରେ ପ୍ରମୁଖ ଭୂମିକା ଗ୍ରହଣ କଲା ଏବଂ ଶେଷ ପର୍ଯ୍ୟନ୍ତ ଏହାର ଗୁରୁତ୍ୱ ଉପଲବ୍ଧ କରାଯାଇଥିଲା । ଧର୍ମୀୟ କାରଣଗୁଡ଼ିକ ମଧ୍ୟରେ ଉଲ୍ଲେଖନୀୟ କାରଣଗୁଡ଼ିକ ହେଲା:—

(କ) କାଥୋଲିକ୍ ଓ ପ୍ରୋଟେଷ୍ଟାଣ୍ଟମାନଙ୍କ ମଧ୍ୟରେ ଥିବା ଅନ୍ତର୍ଦ୍ୱନ୍ଦ୍ୱ (Rivalry between Catholics and Protestants) : ପ୍ରଥମରୁ କେବଳ ରୋମୀୟ କାଥୋଲିକ୍ ଧର୍ମ ସମଗ୍ର ୟୁରୋପରେ ପ୍ରଚଳିତ ହେଉଥିଲା । ପ୍ରୋଟେଷ୍ଟାଣ୍ଟ୍ ମତବାଦର ପ୍ରଚଳନ ଫଳରେ ରୁଢ଼ିବାଦୀ କାଥୋଲିକ୍‌ମାନଙ୍କର ପ୍ରଭାବ ହ୍ରାସ ପାଇବାକୁ ଲାଗିଲା । ଏଣୁ ସେମାନେ ନିଜ ଧର୍ମର ହୃତ ଗୌରବକୁ ଉଦ୍ଧାର କରିବା ପାଇଁ ଆବଶ୍ୟକୀୟ ଧର୍ମ ସଂସ୍କାରର ବ୍ୟବସ୍ଥା କଲେ । ଫଳରେ

ଦୁଇ ସମ୍ପ୍ରଦାୟ ମଧ୍ୟରେ ଈର୍ଷାଭାବ ଜାତ ହୋଇ ପରସ୍ପର ମଧ୍ୟରେ ତିକ୍ତତା ବୃଦ୍ଧି ପାଇଲା । ଏହା କ୍ରମେ ଦୁଇ ପ୍ରତିଦ୍ୱନ୍ଦ୍ୱିଙ୍କ ମଧ୍ୟରେ ଯୁଦ୍ଧର ସୂତ୍ରପାତ କଲା ।

(ଖ) ଅଗସ୍‌ବର୍ଗ ବୁଝାମଣା ପ୍ରତି ବିଦ୍ୱେଷ ଭାବ (Opposition to Augsberg Treaty) : ଅଗସ୍‌ବର୍ଗ ବୁଝାମଣାର ସର୍ତ୍ତାନୁସାରେ ଉଭୟ କାଥୋଲିକ୍ ଓ ପ୍ରୋଟେଷ୍ଟାଣ୍ଟ୍ ଧର୍ମାବଲମ୍ବୀମାନଙ୍କ ପ୍ରତି ଅନେକ କ୍ଷେତ୍ରରେ କୋହଳ ମନୋଭାବ ପୋଷଣ କରାଗଲା, କିନ୍ତୁ ଏଥିରେ ଅନ୍ୟ କୌଣସି ଧର୍ମାବଲମ୍ବୀମାନଙ୍କ ପାଇଁ କୌଣସି ବ୍ୟବସ୍ଥା କରାଗଲା ନାହିଁ । ଏଣୁ ଅନ୍ୟ ଧର୍ମାବଲମ୍ବୀ ବିଶେଷ କରି କାଲ୍‌ଭିନୀୟ ମତାବଲମ୍ବୀମାନେ ଅସନ୍ତୁଷ୍ଟ ହୋଇ ନିଜ ଧର୍ମର ପ୍ରତିପତ୍ତି ପାଇଁ ତ୍ରିଂଶବର୍ଷୀୟ ଯୁଦ୍ଧର ଆଶ୍ରୟ ନେଲେ ।

(ଗ) ରୋମୀୟ କାଥୋଲିକ୍‌ମାନଙ୍କ ଦ୍ୱାରା ପ୍ରୋଟେଷ୍ଟାଣ୍ଟ୍‌ମାନଙ୍କୁ ପୀଡ଼ନ (Torture of Protestants by Catholics) : ୟୁରୋପର ଅଧିକାଂଶ ଦେଶର ଶାସକମାନେ କାଥୋଲିକ୍ ଥିଲେ । ଫ୍ରାନ୍ସ ଓ ସ୍ପେନ୍ କାଥୋଲିକ୍ ରାଷ୍ଟ୍ର ଥିଲା । ସ୍ପେନ୍ ମଧ୍ୟ ହଲାଣ୍ଡ ଓ ଅନ୍ୟ କେତେଗୁଡ଼ିଏ ଦେଶକୁ ଶାସନ କରୁଥିଲା । ସ୍ପେନ୍ ତାର ଅଧିନସ୍ଥ ଦେଶଗୁଡ଼ିକ ଉପରେ କାଥୋଲିକ୍ ଧର୍ମକୁ ଲଦି ଦେବାକୁ ଚାହୁଁଥିଲା । ଚାର୍ଲସ୍ ପଞ୍ଚମ ଏବଂ ତାଙ୍କର ଉତ୍ତରାଧିକାରୀ ଫିଲିପ୍-ଦ୍ୱିତୀୟ ବଳ ପ୍ରୟୋଗ ପୂର୍ବକ ପ୍ରୋଟେଷ୍ଟାଣ୍ଟ୍‌ମାନଙ୍କୁ ହତ୍ୟା କରି ସେମାନଙ୍କୁ ଦମନ କରିବାକୁ ଲାଗିଲେ । ଏହି ସମ୍ରାଟମାନେ ପ୍ରୋଟେଷ୍ଟାଣ୍ଟ୍‌ମାନଙ୍କୁ ଧର୍ମଦ୍ରୋହୀ ଆଖ୍ୟା ଦେଇ ସେମାନଙ୍କ ପାଇଁ ଅନେକ ପ୍ରତିବନ୍ଧକ ସୃଷ୍ଟି କରିବା ସଙ୍ଗେ ସଙ୍ଗେ ବହୁ ବ୍ୟକ୍ତିଙ୍କୁ ମୃତ୍ୟୁଦଣ୍ଡରେ ଦଣ୍ଡିତ କଲେ । ଏହା ପ୍ରୋଟେଷ୍ଟାଣ୍ଟ୍‌ମାନଙ୍କୁ ବିବ୍ରତ କରିପକାଇଲା ଓ ଶେଷରେ କାଥୋଲିକ୍‌ମାନଙ୍କ ବିରୁଦ୍ଧରେ ସଂଘର୍ଷ କରିବା ପାଇଁ ସେମାନଙ୍କୁ ବାଧ୍ୟ କଲା ।

(ଘ) ପ୍ରତିକାରମୂଳକ ସଂସ୍କାର (Counter Reformation) : ପ୍ରୋଟେଷ୍ଟାଣ୍ଟ୍ ମତବାଦର ପ୍ରଗତିଶୀଳ ଧର୍ମାଚାରଣରେ ବିବ୍ରତ ହୋଇ ରୁଢ଼ିବାଦୀ କାଥୋଲିକ୍‌ମାନେ ତାଙ୍କ ଧର୍ମରେ ଥିବା କୁସଂସ୍କାର ଓ ଅପ୍ରିୟ ଧର୍ମବାଦଗୁଡ଼ିକୁ ମାର୍ଜିତ କରିବାକୁ ଚେଷ୍ଟା କଲେ । ଫଳରେ କାଥୋଲିକ୍ ଧର୍ମ କ୍ରମେ ପୁନର୍ବାର ଲୋକପ୍ରିୟ ହେବାକୁ ଲାଗିଲା । ଏହା ପ୍ରୋଟେଷ୍ଟାଣ୍ଟ୍‌ମାନଙ୍କୁ ନିଜ ଧର୍ମର ସ୍ୱାର୍ଥରକ୍ଷା ପାଇଁ ବିଦ୍ରୋହ କରିବାକୁ ବାଧ୍ୟ କଲା ।

(ଙ) ରୋମୀୟ କାଥୋଲିକ୍ ଗୀର୍ଜାର ସମ୍ପତ୍ତିକୁ ନେଇ ବିବାଦ (Dispute for properties of Roman Catholic Church) : ଅଗସ୍‌ବର୍ଗ ବୁଝାମଣାର ସର୍ତ୍ତାନୁସାରେ ପ୍ରୋଟେଷ୍ଟାଣ୍ଟ୍‌ମାନେ ଜାନୁୟାରୀ ୧୫୫୨ ଖ୍ରୀ:ଅ: ପୂର୍ବରୁ ଅଧିକାର କରି ନେଇଥିବା ରୋମୀୟ କାଥୋଲିକ୍ ଗୀର୍ଜାର ସମ୍ପତ୍ତିଗୁଡ଼ିକୁ ସେମାନଙ୍କୁ ଫେରାଇ ଦେବା କଥା । ଏହି ସର୍ତ୍ତ ଉଭୟ ସମ୍ପ୍ରଦାୟ ମଧ୍ୟରେ ଉତ୍ତେଜନା ସୃଷ୍ଟି କରିଥିଲା କାରଣ କାଥୋଲିକ୍‌ମାନେ ନିଜ ସମ୍ପତ୍ତି ଫେରି ପାଇବା ପାଇଁ ଆଶାୟୀ ଥିବାବେଳେ ପ୍ରୋଟେଷ୍ଟାଣ୍ଟ୍‌ମାନେ ତାହା ଫେରାଇବା ପାଇଁ ଆଦୌ ଆଗ୍ରହୀ ନଥିଲେ । ଏଣୁ ଅଗସ୍‌ବର୍ଗ ବୁଝାମଣା ସର୍ତ୍ତକୁ କାର୍ଯ୍ୟକାରୀ କରିବା ପାଇଁ ଉଭୟଙ୍କ ମଧ୍ୟରେ ଯୁଦ୍ଧ ଅବଶ୍ୟମ୍ଭାବୀ ହୋଇପଡ଼ିଲା ।

(୨) ରାଜନୈତିକ କାରଣ ସମୂହ (Political Causes) :

ସପ୍ତଦଶ ଶତାବ୍ଦୀରେ ଜର୍ମାନୀ ପ୍ରାୟ ୩୦୦ଟି ରାଜ୍ୟରେ ବିଭକ୍ତ ହୋଇ ବିଭିନ୍ନ ଶାସକମାନଙ୍କ ଦ୍ୱାରା ଶାସିତ ହେଉଥିଲା, କିନ୍ତୁ ସେମାନେ ପବିତ୍ର ରୋମୀୟ ସାମ୍ରାଜ୍ୟ (Holy Roman Empire) ବୋଲି ଗୋଟିଏ ରାଜ୍ୟଗୋଷ୍ଠୀ ରୂପେ ପରିଚିତ ହେଉଥିଲେ । ୧୪୩୮ ଖ୍ରୀ:ଅ:ରୁ ୧୬୧୯ ଖ୍ରୀ:ଅ: ପର୍ଯ୍ୟନ୍ତ ସର୍ବଦା ହାବସ୍‌ବର୍ଗ ରାଜବଂଶର ସମ୍ରାଟମାନେ ପବିତ୍ର ରୋମୀୟ ସାମ୍ରାଜ୍ୟର ମୁଖ୍ୟ ରୂପେ ନିର୍ବାଚିତ ହୋଇଆସୁଥିଲେ । ଏହି ସମ୍ରାଟ ମଧ୍ୟ ଅଷ୍ଟ୍ରିଆ, ହଙ୍ଗେରୀ ଓ ବୋହେମିଆ ରାଜ୍ୟର ମୁଖ୍ୟ ରୂପେ କାର୍ଯ୍ୟ କରୁଥିଲେ । ହବସ୍‌ବର୍ଗ ରାଜବଂଶର ସମ୍ରାଟମାନେ କାଥୋଲିକ୍ ଧର୍ମାବଲମ୍ବୀ ଥିବାବେଳେ ବୋହେମିଆର ଜନସାଧାରଣ ପ୍ରୋଟେଷ୍ଟାଣ୍ଟ୍ ଥିଲେ । ଏଣୁ ସେମାନେ ୧୬୧୯ ଖ୍ରୀ:ଅ:ରେ ହାବସ୍‌ବର୍ଗ ବଂଶୀୟ ସମ୍ରାଟଙ୍କ ମୃତ୍ୟୁ ପରେ ଜଣେ ପ୍ରୋଟେଷ୍ଟାଣ୍ଟ୍ ମତାବଲମ୍ବୀ ସମ୍ରାଟଙ୍କୁ ବୋହେମିଆର ସିଂହାସନରେ ଅଭିଷିକ୍ତ କରିବାକୁ ଚାହିଁଲେ ।

ଫ୍ରାନ୍ସର ସମ୍ରାଟ ଲୁଇ-ତ୍ରୟୋଦଶ ଓ ତାଙ୍କ ଉତ୍ତରାଧିକାରୀ ଲୁଇ-ଚତୁର୍ଦ୍ଦଶ ହାବସ୍‌ବର୍ଗ ରାଜତ୍ୱକୁ ଅପମାନ କରିବା ପାଇଁ ନିଜ ସାମ୍ରାଜ୍ୟକୁ ରାଇନ୍ ନଦୀର ତୀର ପର୍ଯ୍ୟନ୍ତ ବିସ୍ତାର କରି ଜର୍ମାନୀ ଉପରେ ନିଜର ଆଧିପତ୍ୟ ଜାହିର କରିବାକୁ ଚାହୁଁଥିଲେ ।

ଏହାଛଡ଼ା ସୁଇଡ଼େନ୍ ବାଲଟିକ୍ ସାଗର ଓ ଡେନ୍‌ମାର୍କ ଉତ୍ତରସାଗର ଉପରେ ନିଜ ନିଜର ଆଧିପତ୍ୟ ପ୍ରତିଷ୍ଠା କରିବାକୁ ଉଦ୍ୟମରତ ଥିଲେ ।

ନିଶ୍ଚିତ ରୂପେ ତ୍ରିଂଶବର୍ଷୀୟ ସମର ଜର୍ମାନୀ ଅଧିବାସୀଙ୍କ ମଧ୍ୟରେ ଥିବା ଧାର୍ମିକ ବିଦ୍ୱେଷରୁ ଆରମ୍ଭ ହୋଇଥିଲା, କିନ୍ତୁ ୟୁରୋପର ସମସ୍ତ ରାଜନୈତିକ ଶକ୍ତି ଏହି ଯୁଦ୍ଧରେ ଧର୍ମକୁ ନିଜ ନିଜର ସ୍ୱାର୍ଥ ସାଧନର ଏକ ଅସ୍ତ୍ର ରୂପେ ବ୍ୟବହାର କରିଥିଲେ । ଜର୍ମାନୀର ଏହି ଗୃହଯୁଦ୍ଧ ଶେଷରେ ଦୁଇଟି ରାଜନୈତିକ ଗୋଷ୍ଠୀର କନ୍ଦଳରେ ସୀମାବଦ୍ଧ ହୋଇଯାଇଥିଲା । ଯଥା ଫ୍ରାନ୍ସରେ ବରବୋନ୍ ଗୋଷ୍ଠୀ ଓ ଅଷ୍ଟ୍ରିଆର ହାବସ୍‌ବର୍ଗ ଗୋଷ୍ଠୀ । ଏହି ଦୁଇ ରାଜବଂଶ ଜର୍ମାନୀ ଉପରେ ପରସ୍ପରର ଆଧିପତ୍ୟ ସାବ୍ୟସ୍ତ କରିବା ପାଇଁ ଦ୍ୱନ୍ଦ ଯୁଦ୍ଧରେ ଅବତୀର୍ଣ୍ଣ ହୋଇଥିଲେ ।

(୩) ତତ୍‌କାଳ କାରଣ ସମୂହ (Immediate Causes) :

ଅଷ୍ଟ୍ରିଆ ବିରୁଦ୍ଧରେ ବୋହେମିଆର ବିଦ୍ରୋହ ହିଁ ତ୍ରିଂଶବର୍ଷୀୟ ଯୁଦ୍ଧର ପ୍ରଥମ ତତ୍‌କାଳ କାରଣ ଥିଲା । ପ୍ରୋଟେଷ୍ଟାଣ୍ଟ ମତାବଲମ୍ବୀ ସମ୍ରାଟ ରୋଡ଼ୋଲଫ୍ ମାଥିଅସ୍‌ଙ୍କ ସମୟରେ ଜର୍ମାନୀ ରୋମାନ୍ କାଥୋଲିକ୍ ସାମ୍ରାଜ୍ୟ ଅଧୀନକୁ ଚାଲିଗଲା । ଏଣୁ ପ୍ରୋଟେଷ୍ଟାଣ୍ଟମାନେ ଇଲେକ୍ଟର ଫ୍ରେଡ଼େରିକ୍‌ଙ୍କ ନେତୃତ୍ୱରେ ''ପ୍ରୋଟେଷ୍ଟାଣ୍ଟ ଲିଗ୍''ର ସ୍ଥାପନ କଲେ । ଏହାର ବିକଳ୍ପ ରୂପେ ଜର୍ମାନୀର କାଥୋଲିକ୍‌ମାନେ ବାଭାରିଆର ଶାସକ ମାକ୍ସିମିଲାନ୍‌ଙ୍କ ପୃଷ୍ଠପୋଷକତାରେ ''କାଥୋଲିକ୍ ଲିଗ୍'' ପ୍ରତିଷ୍ଠା କଲେ । ଏହିପରି ୧୬୧୮ ଖ୍ରୀ:ଅ:ରେ ତ୍ରିଂଶବର୍ଷୀୟ ସମରର ଆରମ୍ଭ ହେବା ପୂର୍ବରୁ ଜର୍ମାନୀ ଦୁଇଟି ପ୍ରତିଦ୍ୱନ୍ଦ୍ୱୀ ଗୋଷ୍ଠୀରେ ବିଭକ୍ତ ହୋଇ ଯାଇ ଅତ୍ୟନ୍ତ ଉତ୍ତେଜନା ପ୍ରବଣ ହୋଇପଡ଼ିଥିଲା ।

ରୋଡ଼ୋଲଫ୍‌ଙ୍କ ଉତ୍ତରାଧିକାରୀ ଫର୍ଦ୍ଦିନାଣ୍ଡ-ଦ୍ୱିତୀୟ ଜଣେ ନୈଷ୍ଠିକ କାଥୋଲିକ୍ ଥିଲେ । ସେ ବୋହେମିଆର ପ୍ରୋଟେଷ୍ଟାଣ୍ଟମାନଙ୍କୁ ଆଇନସିଦ୍ଧ ଭାବେ କାଥୋଲିକ୍ ଧର୍ମାବଲମ୍ବୀ କରିବା ପାଇଁ ଇଚ୍ଛାକରି କେତେକ ଆଦେଶନାମା ଜାରି କଲେ । ସମ୍ରାଟଙ୍କର ଏପରି ଧର୍ମାନ୍ତକରଣ ନୀତି ପ୍ରୋଟେଷ୍ଟାଣ୍ଟମାନଙ୍କ ମନରେ ଅସନ୍ତୋଷର ବହ୍ନି ଜାଳିଦେଲା । ପ୍ରୋଟେଷ୍ଟାଣ୍ଟମାନଙ୍କୁ ଭୟଭୀତ କରିବା ପାଇଁ ସମ୍ରାଟ ସେମାନଙ୍କର ଏକ ଗୀର୍ଜା ଏବଂ ଏକ ପରିଷଦକୁ ଭାଙ୍ଗିଦେଲେ । ଏଥିରେ ଉତ୍‌କ୍ଷିପ୍ତ ହୋଇ ପ୍ରୋଟେଷ୍ଟାଣ୍ଟମାନେ ବୋହେମିଆର ରାଜଧାନୀ ପ୍ରେଗ୍‌ର ଦୁର୍ଗରେ ବଳପୂର୍ବକ ପ୍ରବେଶ କରି ସେଠାରେ କାର୍ଯ୍ୟରତ କେତେକ ରାଜକର୍ମଚାରୀଙ୍କୁ ଝରକା ଦେଇ ବାହାରକୁ ଫିଙ୍ଗିଦେଲେ । ଏହା ଫର୍ଦ୍ଦିନାଣ୍ଡ-ଦ୍ୱିତୀୟଙ୍କ ପାଇଁ ଏକ ସତର୍କ ଘଣ୍ଟି ଥିଲା, ତେଣୁ ସେ ପ୍ରୋଟେଷ୍ଟାଣ୍ଟମାନଙ୍କୁ ସମୂଳେ ବିନାଶ କରିବା ପାଇଁ ଏକ ବିସ୍ତୃତ ଯୋଜନା କଲେ । ଏହାର ସୂଚନା ପାଇ ପ୍ରୋଟେଷ୍ଟାଣ୍ଟମାନେ ନିଜର ସୁରକ୍ଷା ପାଇଁ ପାଲାଟିନାଟ୍‌ର ରାଜକୁମାର ଫ୍ରେଡ଼୍‌ରିକ୍‌ଙ୍କୁ ବୋହେମିଆର ସିଂହାସନରେ ଅଭିଷିକ୍ତ କଲେ । ଏହା ଫର୍ଦ୍ଦିନାଣ୍ଡଙ୍କୁ ପ୍ରତିଶୋଧପରାୟଣ କରି ୧୬୧୮ ଖ୍ରୀ:ଅ:ରେ ବୋହେମିଆ ବିରୁଦ୍ଧରେ ଯୁଦ୍ଧ ଘୋଷଣା କରିବା ସହ ତ୍ରିଂଶବର୍ଷୀୟ ସମରର ଅୟମାରମ୍ଭ ହୋଇଥିଲା ।

ତ୍ରିଂଶବର୍ଷୀୟ ସମରର ଘଟଣାବଳୀ (Course of Thirty years' War) :

ଏହି ସମରର ଘଟଣାବଳୀଗୁଡ଼ିକ ମୁଖ୍ୟତଃ ଚାରୋଟି ପର୍ଯ୍ୟାୟରେ ବର୍ଣ୍ଣନା କରାଯାଇପାରେ–

(କ) ପ୍ରଥମ ପର୍ଯ୍ୟାୟ ସମର : ବୋହେମିଆର ସମର ୧୬୧୮-୧୬୨୪ ଖ୍ରୀ:ଅ:
(First phase War : Bohemian War, 1618-1624 AD) :

ବୋହେମିଆର ନୂତନ ଶାସକ ତଥା ପାଲାଟି ନେଟ୍‌ର ଇଲେକ୍ଟର ଫ୍ରେଡ଼େରିକ୍ ଜର୍ମାନ ରାଷ୍ଟ୍ରମାନଙ୍କ ପକ୍ଷରୁ କୌଣସି ସାମରିକ ସାହାଯ୍ୟ ନ ପାଇବାରୁ ନିଜର ଶ୍ୱଶୁର ତଥା ଇଂଲଣ୍ଡର ସମ୍ରାଟ ଜେମସ୍-ପ୍ରଥମଙ୍କୁ ତତ୍‌କ୍ଷଣାତ୍ ସାମରିକ

ସାହାଯ୍ୟ ପାଇଁ ଅନୁରୋଧ କଲେ, ମାତ୍ର ଜେମସ୍-ପ୍ରଥମ ନିଜ ସାମ୍ରାଜ୍ୟର ଅର୍ନ୍ତ ସମସ୍ୟାରେ ଛନ୍ଦି ହୋଇପଡ଼ିଥିବାରୁ ଫ୍ରେଡ଼େରିକ୍‌ଙ୍କୁ ଠିକ୍ ସମୟରେ ସାହାଯ୍ୟ କରିପାରିଲେ ନାହିଁ । ଏଣୁ ବୋହେମିଆର ପ୍ରୋଟେଷ୍ଟାଣ୍ଟ ଲିଗ୍‌ର ସଭାପତି ରୂପେ ଏକାକୀ ଫ୍ରେଡ଼େରିକ୍‌ଙ୍କୁ ବାଭାରିଆର ଶାସକ ମାକ୍ସମିଲାନ୍ ଓ ରୋମାନ୍ କାଥୋଲିକ୍ ସମ୍ରାଟ ଫର୍ଡ଼ିନାଣ୍ଡ-ଦ୍ୱିତୀୟଙ୍କ ମିଳିତ ବାହିନୀର ସମ୍ମୁଖୀନ ହେବାକୁ ପଡ଼ିଲା । ବାଭାରିଆର ମିଳିତ ବାହିନୀର ସେନାଧ୍ୟକ୍ଷ କାଉଣ୍ଟଟିଲ୍ଲୀ ୧୬୨୦ ଖ୍ରୀ:ଅ:ରେ ହ୍ୱାଇଟ୍‌ହିଲ୍ ସମର କ୍ଷେତ୍ରରେ ମାତ୍ର ଏକ ଘଣ୍ଟାର ଯୁଦ୍ଧରେ ସହଜରେ ଫ୍ରେଡ଼େରିକ୍‌ଙ୍କୁ ପରାସ୍ତ କଲେ । ପରାଜିତ ଫ୍ରେଡ଼େରିକ୍ ହଲାଣ୍ଡ ଦିଗକୁ ପଳାୟନ କଲେ । ବାଭାରିଆର ଶାସକ ଏହି ସୁଯୋଗରେ ଫ୍ରେଡ଼େରିକଙ୍କ ରାଜ୍ୟ ପାଲାଟିନେଟ୍‌ର ଉପର ଅଂଶକୁ ଦଖଲ କରିନେଲେ । ସେ ବୋହେମିଆର ସବୁ ପ୍ରୋଟେଷ୍ଟାଣ୍ଟ ନେତାମାନଙ୍କ ସମ୍ପତ୍ତିକୁ ବାଜ୍ୟାପ୍ତି କରିଦେଲେ ଏବଂ ଅନେକ ନେତୃସ୍ଥାନୀୟ ବ୍ୟକ୍ତିଙ୍କୁ ପ୍ରାଣଦଣ୍ଡ ଦେଲେ । ବୋହେମିଆର ଅଧିବାସୀମାନଙ୍କୁ ବଳପୂର୍ବକ କାଥୋଲିକ୍ ଧର୍ମରେ ଦୀକ୍ଷିତ କରାଯାଇ ସେଠାରେ ହାପସ୍‌ବର୍ଗ ରାଜବଂଶର ପ୍ରାଧାନ୍ୟକୁ ପୁନଃ ପ୍ରତିଷ୍ଠା କରାଗଲା । ମାକ୍ସମିଲାନ୍‌ଙ୍କୁ ପୁରସ୍କାର ସ୍ୱରୂପ ପାଲାଟିନେଟ୍ ରାଜ୍ୟର ଇଲେକ୍ଟର ନିଯୁକ୍ତ କରାଯାଇ ପବିତ୍ର ରୋମାନ୍ କାଥୋଲିକ୍ ସାମ୍ରାଜ୍ୟର ସମ୍ରାଟଙ୍କୁ ନିର୍ବାଚିତ କରିବାର ଅଧିକାର ଦିଆଗଲା ।

କାଥୋଲିକ୍‌ମାନଙ୍କର ଏହି ବିଜୟରେ ଉତ୍ସାହିତ ହୋଇ ସ୍ପେନ୍‌ର ନୂତନ ଶାସକ ତଥା ଫର୍ଡ଼ିନାଣ୍ଡ-ଦ୍ୱିତୀୟଙ୍କ ସମ୍ପର୍କୀୟ ଭାଇ ଫିଲିପ୍-ଚତୁର୍ଥ ହଲାଣ୍ଡ ମଧ୍ୟଦେଇ ସୈନ୍ୟଚାଳନା କରି ପ୍ରଥମେ ହଲାଣ୍ଡର ବ୍ରାଇଡ୍ ସହରକୁ ଅବରୋଧ କରିବା ପରେ ୧୬୨୨ ଖ୍ରୀ:ଅ:ରେ ନିମ୍ନ ପାଲାଟିନେଟ୍‌କୁ ଅଧିକାର କରିନେଲେ । ଫଳରେ ଫ୍ରେଡ଼େରିକ୍ ସମ୍ପୂର୍ଣ୍ଣ ରୂପେ ରାଜ୍ୟହରା ହୋଇପଡ଼ିଲେ । କାଥୋଲିକ୍‌ମାନଙ୍କର ଏହି ଉତ୍‌ଥାନ ପ୍ରୋଟେଷ୍ଟାଣ୍ଟମାନଙ୍କୁ ଶଙ୍କିତ କଲା । ଏଣୁ ଫ୍ରାନ୍ସ ଓ ଜର୍ମାନୀର ପ୍ରୋଟେଷ୍ଟାଣ୍ଟ ଶାସକମାନେ ମିଳିତ ଭାବେ ହଲାଣ୍ଡକୁ ସ୍ପେନ୍ ଓ ଅଷ୍ଟ୍ରିଆର ମିଳତ ବାହିନୀ ବିରୁଦ୍ଧରେ ସାହାଯ୍ୟ କରିବା ପାଇଁ ପ୍ରସ୍ତୁତ ହେଲେ ।

(ଖ) ଦ୍ୱିତୀୟ ପର୍ଯ୍ୟାୟ ସମର : ଡେନ୍‌ମାର୍କ ଯୁଦ୍ଧ ୧୬୨୫-୧୬୨୯ ଖ୍ରୀ:ଅ:
(Second Phase War : Denmark War, 1625-1629 AD) :

ସମ୍ରାଟ ଫର୍ଡ଼ିନାଣ୍ଡ-ଦ୍ୱିତୀୟ ଜର୍ମାନର ପ୍ରୋଟେଷ୍ଟାଣ୍ଟମାନଙ୍କୁ କୌଣସି ସ୍ୱାଧୀନତା ନଦେଇ ଦମନ କରିବାକୁ ଚାହିଁବାରୁ ସେମାନେ ସର୍ବଦା ଆତଙ୍କିତ ହୋଇ ରହିଥିଲେ । ଏଣୁ ଏଥିରୁ ମୁକ୍ତି ପାଇବା ପାଇଁ ସେମାନେ ଡେନ୍‌ମାର୍କର ଶାସକ ଖ୍ରୀଷ୍ଟିଆନ୍-ଚତୁର୍ଥଙ୍କ ସାହାଯ୍ୟ ଭିକ୍ଷା କଲେ । ଖ୍ରୀଷ୍ଟିଆନ୍-ଚତୁର୍ଥ ଡେନମାର୍କ ସହ ନରୱେର ମଧ୍ୟ ଶାସକ ଥିଲେ ଏବଂ ସେ ଉତ୍ତର ସାଗର ଉପରେ ନିଜର ଆଧିପତ୍ୟ ବିସ୍ତାର କରିବାକୁ ଚାହୁଁଥିଲେ । ଏଣୁ ସେ ଆଂଶିକ ଭାବେ ଧର୍ମ ଏବଂ ବିଶେଷ ରୂପେ ନିଜର ସ୍ୱାର୍ଥ ସାଧନ ପାଇଁ ଅନୁପ୍ରାଣିତ ହୋଇ ପ୍ରୋଟେଷ୍ଟାଣ୍ଟମାନଙ୍କ ସପକ୍ଷରେ ଯୁଦ୍ଧ କରିବା ପାଇଁ ସମ୍ମତ ହୋଇଗଲେ । ଏହି ଯୁଦ୍ଧ ପାଇଁ ସେ ଇଂଲଣ୍ଡର ତତ୍‌କାଳୀନ ସମ୍ରାଟ ଚାର୍ଲସ-ପ୍ରଥମ ଏବଂ ଜର୍ମାନର ପ୍ରୋଟେଷ୍ଟାଣ୍ଟ ଓ କାଲଭିନୀୟ ମତାବଲମ୍ବୀ ଶାସକମାନଙ୍କର ସହାୟତା ପ୍ରାପ୍ତ ହେଲେ । ଏହି ଶକ୍ତିମାନଙ୍କପକ୍ଷରୁ ସାହାଯ୍ୟ ପାଇ ଖ୍ରୀଷ୍ଟିଆନ୍-ଚତୁର୍ଥ ଫର୍ଡ଼ିନାଣ୍ଡଙ୍କ ବାଭାରିଆ ବାହିନୀ ବିରୁଦ୍ଧରେ ଉତ୍ତର ଜର୍ମାନ ଆକ୍ରମଣ କଲେ ।

ସେତେବେଳେ ଫର୍ଡ଼ିନାଣ୍ଡଙ୍କ ଅଧିନରେ ଦକ୍ଷ ସେନାପତି ୱାଲେନ୍‌ଷ୍ଟେନ୍ କାର୍ଯ୍ୟରତ ଥିଲେ । ତାଙ୍କର ଜନ୍ମ ବୋହେମିଆର ଏକ ପ୍ରୋଟେଷ୍ଟାଣ୍ଟ ପରିବାରରେ ହୋଇଥିଲା; କିନ୍ତୁ ପରେ ସେ କାଥୋଲିକ୍ ଧର୍ମାବଲମ୍ବୀ ହୋଇଯାଇ ନିଜକୁ ରୋମ ସମ୍ରାଟଙ୍କ ସେବାରେ ନିୟୋଜିତ କରିଥିଲେ । ସେ ଜଣେ ଦକ୍ଷ ସୈନିକ ହେବା ସଙ୍ଗେ ସଙ୍ଗେ ଜଣେ ଉତ୍ତମ ସଂଗଠକ ମଧ୍ୟ ଥିଲେ । ୱାଲେନ୍‌ଷ୍ଟେନ୍ ଏବଂ କାଉଣ୍ଟ ଟିଲ୍ଲୀଙ୍କ ବାହିନୀ ଖ୍ରୀଷ୍ଟିଆନ୍-ଚତୁର୍ଥଙ୍କ ମିଳିତ ସେନାବାହିନୀକୁ ଧ୍ୱଂସବିଧ୍ୱଂସ କରିଦେଲେ । ଏହି ବିଜୟରେ ଉତ୍‌ଫୁଲ୍ଲିତ ଫର୍ଡ଼ିନାଣ୍ଡ-ଦ୍ୱିତୀୟ କାଥୋଲିକ୍ ଲିଗ୍ ଦ୍ୱାରା ପ୍ରଭାବିତ ହୋଇ ୧୬୨୯ ଖ୍ରୀ:ଅ:ରେ ପ୍ରତ୍ୟର୍ପଣ ଆଦେଶ (Edict of Restitution) ଘୋଷଣା କଲେ । ଏହାଫଳରେ ସମସ୍ତ ଗୀର୍ଜାର

ଭୂସମ୍ପତ୍ତିକୁ ସର୍ବସାଧାରଣ ବୋଲି ଘୋଷିତ କରାଗଲା ଏବଂ ଅଗସ୍‌ବର୍ଗ ଚୁକ୍ତିକୁ କାର୍ଯ୍ୟକାରୀ କରି କାଥୋଲିକ୍ ଗୀର୍ଜାଗୁଡ଼ିକର ସମ୍ପତ୍ତିକୁ ପୁନର୍ଦ୍ଧାର କରାଗଲା । ଏହି ଆଦେଶନାମାକୁ ତତ୍‌କ୍ଷଣାତ୍ କାର୍ଯ୍ୟକାରୀ କରି କାଥୋଲିକ୍‌ମାନେ ମାଗ୍‌ଡ଼େବର୍ଗ ଓ ବ୍ରେମେନ୍ ପରି ବହୁ ବଡ଼ ବଡ଼ ଗୀର୍ଜାର ସମ୍ପତ୍ତିକୁ ଅଧିକାର କଲେ । ସେନାଧ୍ୟକ୍ଷ ୱାଲେନ୍‌ଷ୍ଟେନ୍ ଏହି ଆଦେଶନାମାକୁ ବିରୋଧ କରିବାରୁ କାଥୋଲିକ୍‌ମାନଙ୍କ ପ୍ରରୋଚନାରେ ଫର୍ଡ଼ିନାଣ୍ଡ୍ ତାଙ୍କୁ ବରଖାସ୍ତ କରିଦେଲେ । ପ୍ରୋଟେଷ୍ଟାଣ୍ଟ୍‌ମାନେ ଏହି ଆଦେଶନାମା ବିରୁଦ୍ଧରେ ସ୍ୱର ଉତ୍ତୋଳନ କରି ମଧ୍ୟ ନିରାଶ ହୋଇଥିଲେ ।

ଇଂଲଣ୍ଡର ସମ୍ରାଟ ଚାର୍ଲସ୍-ପ୍ରଥମ ନିଜର ଭଗ୍ନିପତି ଫ୍ରେଡ଼ରିକ୍‌ଙ୍କୁ ପୁନର୍ବାର ବୋହେମିଆ ରାଜସିଂହାସନରେ ଅଭିଷିକ୍ତ କରିବା ପାଇଁ ଆଶାକରି ଡେନ୍‌ମାର୍କର ଶାସକଙ୍କୁ ସ୍ପେନ୍ ବିରୁଦ୍ଧରେ ସାମରିକ ସହାୟତା ଦେଲେ । ସେ ସାର୍ ଏଡ଼ୱାର୍ଡ଼ ସେସିଲ୍‌ଙ୍କ ନେତୃତ୍ୱରେ ଆମେରିକାରୁ ସ୍ପେନ୍‌କୁ ଆସୁଥିବା ଧନରତ୍ନପୂର୍ଣ୍ଣ ଜାହାଜମାନଙ୍କୁ ଲୁଣ୍ଠନ କରିବା ପାଇଁ କାର୍ଡ଼ିଜ ବନ୍ଦରକୁ ଏକ ନୌବାହିନୀ ପଠାଇଲେ । କିନ୍ତୁ ବ୍ରିଟିଶ ସୈନ୍ୟମାନେ ଏତେ ଅବ୍ୟବସ୍ଥିତ ଓ ଦାୟିତ୍ୱହୀନ ଥିଲେ ଯେ ସେମାନେ ଏହି ଅଭିଯାନରେ ନିଜ ଖାଦ୍ୟପେୟର ମଧ୍ୟ ଠିକ୍ ରୂପେ ବ୍ୟବସ୍ଥା କରିନଥିଲେ । ସେମାନେ କୌଣସି ଧନସମ୍ପଦ ଲୁଣ୍ଠନ ତ କରିପାରିଲେ ନାହିଁ, ବରଂ ସ୍ପେନ୍‌ଠାରୁ ଦୟନୀୟ ରୂପେ ପରାଜୟ ଭୋଗିବା ସଙ୍ଗେ ସଙ୍ଗେ ଅନେକ ବ୍ରିଟିଶ ସୈନ୍ୟ ଅନାହାରରେ ଆଟଲାଣ୍ଟିକ୍ ଉପକୂଳରେ ଶେଷନିଃଶ୍ୱାସ ତ୍ୟାଗ କଲେ ।

ଇତ୍ୟବସରରେ ଚାର୍ଲସ୍-ପ୍ରଥମ, ଫ୍ରାନ୍ସ ସମ୍ରାଟ ଲୁଇ-ତ୍ରୟୋଦଶଙ୍କ ଭଗ୍ନୀ ହେଟେରିଆ ମାରିଆଙ୍କୁ ବିବାହ କଲେ ଏବଂ ଫରାସୀ ମନ୍ତ୍ରୀ ରାଇଚେଲ୍ୟୁ ସ୍ପେନ୍ ସହ ଇଂଲଣ୍ଡର ଶାନ୍ତି ବୁଝାମଣା କରାଇଲେ । ବିବାହର ପ୍ରଥମ ଚୁକ୍ତି ଥିଲା ଯେ ଚାର୍ଲସ୍-୧ମ ଇଂଲଣ୍ଡରେ କାଥୋଲିକ୍‌ମାନଙ୍କୁ ସବୁପ୍ରକାର ସୁବିଧା ସୁଯୋଗ ଦେବେ ଏବଂ ଦ୍ୱିତୀୟ ଚୁକ୍ତି ଥିଲା ଯେ ଫରାସୀ ପ୍ରୋଟେଷ୍ଟାଣ୍ଟ୍‌ମାନଙ୍କ ବିରୁଦ୍ଧରେ ଲଢ଼ିବା ପାଇଁ ଚାର୍ଲସ ପ୍ରଥମ ବ୍ରିଟିଶ୍ ନୌଜାହାଜଗୁଡ଼ିକୁ ମୁତୟନ କରିବେ । ଏହି ଅସମ୍ମାନୀୟ ଚୁକ୍ତିଗୁଡ଼ିକରେ କ୍ରୋଧାନ୍ୱିତ ହୋଇ ଚାର୍ଲସ ତାଙ୍କ ପତ୍ନୀଙ୍କ ଫରାସୀ ପରିଚାରିକାମାନଙ୍କୁ ଇଂଲଣ୍ଡରୁ ବହିଷ୍କାର କରିଦେଇଥିଲେ ।

ଚାର୍ଲସ୍-ପ୍ରଥମଙ୍କ ପ୍ରଧାନମନ୍ତ୍ରୀ ଥିଲେ ବକିଂହାମ୍ ଏବଂ ସ୍ପେନ୍‌ର କାର୍ଡ଼ିଜଠାରେ ହୋଇଥିବା ଯୁଦ୍ଧର ଉତ୍ତରଦାୟିତ୍ୱ ତାଙ୍କ ଉପରେ ନ୍ୟସ୍ତ କରାଯାଇଥଲା । ତାଙ୍କର ମଧ୍ୟ ଫରାସୀ ମନ୍ତ୍ରୀ ରାଇଚେଲ୍ୟୁଙ୍କ ସହ ବ୍ୟକ୍ତିଗତ ମନାନ୍ତର ଥିଲା । ଏଣୁ ସେ ଫ୍ରାନ୍ସ ସହ ହୋଇଥିବା ବୈବାହିକ ଚୁକ୍ତିକୁ ଇଂଲଣ୍ଡରେ କାର୍ଯ୍ୟକାରୀ କରାଇ ଦେଇନଥିଲେ । ଏହି ପରିସ୍ଥିତିରେ ଇଂଲଣ୍ଡ ସହ ଫ୍ରାନ୍ସର ୧୬୨୭ ଖ୍ରୀ:ଅ:ରେ ଯୁଦ୍ଧ ହେଲା । ବକିଂହାମ୍ ଫ୍ରାନ୍ସର ବିସ୍‌କେ ଉପସାଗରରେ ଥିବା ଲା-ରୋଚେଲ ବନ୍ଦରକୁ ଅଧିକାର କରିବା ପାଇଁ ଯୋଜନା କରି ତାଙ୍କର ନୌବେଳା ସହ ପ୍ରଥମେ ''ରି'' ଦ୍ୱୀପରେ ଅବତରଣ କଲେ । ମାତ୍ର ଚତୁର ଫରାସୀ ସୈନ୍ୟମାନେ ସଙ୍ଗେ ସଙ୍ଗେ ସେହି ଦ୍ୱୀପ ଉପରେ ଆକ୍ରମଣ କରି ବକିଂହାମ୍‌ଙ୍କୁ ଇଂଲଣ୍ଡ ପ୍ରତ୍ୟାବର୍ତ୍ତନ ପାଇଁ ବାଧ୍ୟ କରିଥିଲେ ।

ଏହି ପରାଜୟର ପ୍ରତିଶୋଧ ନେବାପାଇଁ ୧୬୨୮ ଖ୍ରୀ:ଅ:ରେ ବକିଂହାମ୍ ''ରି'' ଦ୍ୱୀପକୁ ଉଦ୍ଧାର କରିବା ପାଇଁ ପୁନର୍ବାର ଏକ ଅଭିଯାନରେ ବାହାରିଲେ । ମାତ୍ର ସେ ସମୟରେ ବ୍ରିଟିଶ ସରକାରଙ୍କର ସ୍ଥାୟୀ ସୈନ୍ୟବାହିନୀ ନ ଥିବାରୁ ତାଙ୍କ ପାଖରେ ଅଧିକ ସାମରିକ ସାହାଯ୍ୟ ପହଞ୍ଚିପାରିଲା ନାହିଁ । ଏଣୁ ସେ ଏହି ଅଭିଯାନରେ ପରାସ୍ତ ହୋଇଥିଲେ । ଏହା ସେହି ବାହିନୀର ସମସ୍ତଙ୍କୁ ଗ୍ଲାନି ପହଞ୍ଚାଇଥିଲା । କିନ୍ତୁ ଅଧିକ ଦୁଃଖର ବିଷୟ ଥିଲା ଯେ ଫେଲଟନ୍ ନାମକ ଜଣେ ବିଷାଦଗ୍ରସ୍ତ ପ୍ୟୁରିଟାନ୍ ଧର୍ମାବଲମ୍ବୀ ସାମରିକ ଅଫିସର୍ ବକିଂହାମ୍‌ଙ୍କୁ ୧୬୨୮ ଖ୍ରୀ:ଅ:ରେ ହତ୍ୟା କରିଥିଲେ ।

ଏହିସବୁ ଘଟଣାବଳୀରେ ବିତସ୍ପୃହ ହୋଇ ଡେନ୍‌ମାର୍କର ଶାସକ ଖ୍ରୀଷ୍ଟିଆନ୍-ଚତୁର୍ଥ ସମ୍ରାଟ ଫର୍ଡ଼ିନାଣ୍ଡଙ୍କ ସହ ଲୁବେକ୍ ବୁଝାମଣା ଚୁକ୍ତି ସ୍ୱାକ୍ଷର କରିଥିଲେ । ଏହାର ସର୍ତ୍ତାନୁସାରେ ଖ୍ରୀଷ୍ଟିଆନ୍-ଚତୁର୍ଥ ଜେଟ୍‌ଲାଣ୍ଡ, ସେଲସ୍‌ୱିଗ୍ ଓ ହୋଲଷ୍ଟେନ୍ ଉପରେ ତାଙ୍କର ଆଧିପତ୍ୟ ଫେରିପାଇଲେ ମଧ୍ୟ ତାଙ୍କ ପରିବାର ସଦସ୍ୟଙ୍କ ଅଧିନରେ ଥିବା ଅନେକ କାଥୋଲିକ୍ ଗୀର୍ଜାର ଅଧିକାର ସତ୍ତ୍ୱ ହରାଇଥିଲେ ।

ବକିଂହାମ୍‌ଙ୍କ ମୃତ୍ୟୁ ପରେ ଚାର୍ଲସ-ପ୍ରଥମ ଆଉ ଯୁଦ୍ଧ କରିବାକୁ ଚାହିଁଲେ ନାହିଁ । ସେ ତ୍ରିଂଶବର୍ଷୀୟ ସମରର ବିଭୀଷିକାରୁ ନିଜକୁ ଦୂରେଇ ଆଣି ୧୬୨୯ ଖ୍ରୀ:ଅ:ରେ ଫ୍ରାନ୍ସ ସହ ଓ ୧୬୩୦ ଖ୍ରୀ:ଅ:ରେ ସ୍ପେନ୍ ସହ ଶାନ୍ତିଚୁକ୍ତି କଲେ ।

ଏଣୁ ତ୍ରିଂଶବର୍ଷୀୟ ସମରର ପ୍ରଥମ ଦୁଇ ପର୍ଯ୍ୟାୟରେ ପ୍ରୋଟେଷ୍ଟାଣ୍ଟ୍‌ମାନଙ୍କର ଦୟନୀୟ ପରାଜୟ ହୋଇଥିଲା । ବୋହେମିଆର ପ୍ରୋଟେଷ୍ଟାଣ୍ଟ୍‌ମାନେ ଧ୍ୱଂସବିଧ୍ୱଂସ ହୋଇଗଲେ ଏବଂ ପାଲାଟିନେଟ୍ କାଥୋଲିକ୍‌ମାନଙ୍କ ନିୟନ୍ତ୍ରଣକୁ ଚାଲିଗଲା । ଡେନମାର୍କର ଶାସକଙ୍କର ପରାଜୟ ଘଟି ସେଠାର ଗୀର୍ଜାଗୁଡ଼ିକର ସମ୍ପତ୍ତିକୁ ଅକ୍ତିୟାର କରି ନିଆଯାଇଥିଲା । ମୋଟ ଉପରେ ପ୍ରୋଟେଷ୍ଟାଣ୍ଟ୍‌ମାନଙ୍କ ଉପରେ ଏହା କାଥୋଲିକ୍‌ମାନଙ୍କର ସମ୍ପୂର୍ଣ୍ଣ ବିଜୟ ଥିଲା ।

(ଗ) ତୃତୀୟ ପର୍ଯ୍ୟାୟ ସମର : ସୁଇଡ଼େନ୍ ଯୁଦ୍ଧ ୧୬୩୦-୧୬୩୫ ଖ୍ରୀ:ଅ:

(Third Phase War : Swidish War, 1630-1635 AD) :

୧୬୩୦ ଖ୍ରୀ:ଅ: ପୂର୍ବରୁ ଜର୍ମାନୀରେ ପ୍ରୋଟେଷ୍ଟାଣ୍ଟ୍‌ମାନଙ୍କ ଅବସ୍ଥା ଦୟନୀୟ ହୋଇଯାଇଥିଲା । ଏପରି ପରିସ୍ଥିତିରେ ସେମାନେ ସୁଇଡ଼େନ୍‌ର ପ୍ରୋଟେଷ୍ଟାଣ୍ଟ୍ ଶାସକ ଗୁଷ୍ଟାଭସ୍ ଆଡ଼ୋଲଫସ୍‌ଙ୍କୁ ପରିସ୍ଥିତି ବିଷୟରେ ସମ୍ୟକ୍ ଭାବେ ଅବଗତ କରାଇଲେ । ଗୁଷ୍ଟଭସ୍ ୨୭ ବର୍ଷ ବୟସରେ ୧୬୧୧ ଖ୍ରୀ:ଅ:ରେ ସୁଇଡ଼େନ୍‌ର ସିଂହାସନ ଆରୋହଣ କରିଥିଲେ । ସେ ଜଣେ ସୁଦକ୍ଷ ସେନାପତି, ସୁପ୍ରଶାସକ ଓ ସୁନାମଧନ୍ୟ କୁଟନୀତିଜ୍ଞ ଥିଲେ । ସେ ଡେନ୍‌ମାର୍କ, ପୋଲାଣ୍ଡ ଓ ରଷିଆ ବିରୁଦ୍ଧରେ ଅନେକ ଯୁଦ୍ଧରେ ଅବତୀର୍ଣ୍ଣ ହୋଇ ଇଷ୍ଟୋନିଆ ଓ ଫିନ୍‌ଲ୍ୟାଣ୍ଡ ପରି କେତେକ ରାଜ୍ୟ ମଧ୍ୟ ଅଧିକାର କରିପାରିଥିଲେ । ପୋଲାଣ୍ଡକୁ ପରାସ୍ତ କରି ସେ ବାଲଟିକ୍ ଉପକୂଳର ପ୍ରଦେଶଗୁଡ଼ିକୁ ଅଧିକାର କରିପାରିଥିଲେ । ତାଙ୍କର ଏକ ବିଶାଳ, ପ୍ରଶିକ୍ଷିତ, ସୁସଙ୍ଗଠିତ ଓ ସୁଶୃଙ୍ଖଳ ସେନାବାହିନୀ ଥିଲା । ସେ ପ୍ରୋଟେଷ୍ଟାଣ୍ଟ୍‌ମାନଙ୍କ ସ୍ୱାର୍ଥରକ୍ଷା, ନିଜର ସାମ୍ରାଜ୍ୟ ବିସ୍ତାର, ବାଲଟିକ୍ ଅଞ୍ଚଳରେ ପ୍ରଭାବ ବିସ୍ତାର, ହାପସ୍‌ବର୍ଗ ରାଜବଂଶର ପ୍ରତିପତ୍ତିକୁ କ୍ଷୁର୍ଣ୍ଣ ଏବଂ ୟୁରୋପରେ କ୍ଷମତାର ସଠିକ୍ ସନ୍ତୁଳନ ରକ୍ଷା କରିବା ପାଇଁ ତ୍ରିଂଶବର୍ଷୀୟ ସମରରେ ଭାଗ ନେବାକୁ ୧୬୩୨ ଖ୍ରୀ:ଅ:ରେ ଆଗ୍ରହୀ ହେଲେ । ସେ ମଧ୍ୟ ନିଜ ରାଷ୍ଟ୍ରର ବାଣିଜ୍ୟ ବ୍ୟବସାୟକୁ ୟୁରୋପରେ ପ୍ରସାର କରିବାକୁ ଇଚ୍ଛା କରୁଥିଲେ, ଏଣୁ ଏହି ମହାଦେଶରେ ଚାଲିଥିବା ତ୍ରିଂଶବର୍ଷୀୟ ଯୁଦ୍ଧ ମାଧ୍ୟମରେ ନିଜ ପ୍ରତିପତ୍ତି ପ୍ରତିଷ୍ଠା ପାଇଁ ଯତ୍ନବାନ ହୋଇଥିଲେ ।

ସେ ସମୟରେ କାର୍ଡ଼ିନାଲ ରିଚେଲ୍ୟୁ ଫ୍ରାନ୍ସର ପ୍ରଧାନମନ୍ତ୍ରୀ ଥିଲେ । ଯଦିଓ ସେ ଏବଂ ତାଙ୍କର ସମ୍ରାଟ କାଥୋଲିକ୍ ଥିଲେ, କିନ୍ତୁ ସେମାନେ ୟୁରୋପରେ ହାପ୍‌ସବର୍ଗ ରାଜବଂଶର ପ୍ରତିପତ୍ତିକୁ ସହ୍ୟ କରିପାରୁନଥିଲେ । ଏହି ରାଜବଂଶର ପତନ ପାଇଁ ସେମାନେ ଗୁଷ୍ଟାଭସ୍‌ଙ୍କ ସଙ୍ଗେ ଏକ ଚୁକ୍ତିନାମା ସ୍ୱାକ୍ଷର କରି ତାଙ୍କୁ ସାମରିକ ଅଭିଯାନ ପାଇଁ ଯଥେଷ୍ଟ ଆର୍ଥିକ ସହାୟତା ଯୋଗାଇଦେଲେ ।

୧୬୩୦ ଖ୍ରୀ:ଅ:ରେ ଗୁଷ୍ଟାଭସ୍ ଉତ୍ତର ଜର୍ମାନର କେତେକ ଅଞ୍ଚଳରେ ନିଜର ଆଧିପତ୍ୟ ପ୍ରତିଷ୍ଠା କଲେ । ପ୍ରଥମେ ପ୍ରଥମେ ଜର୍ମାନୀର ପ୍ରୋଟେଷ୍ଟାଣ୍ଟ୍ ଶାସକମାନେ ତାଙ୍କୁ ବିଶେଷ ସହଯୋଗ କଲେ ନାହିଁ । ଏହାର ସୁଯୋଗ ନେଇ କାଥୋଲିକ୍ ସେନାଧ୍ୟକ୍ଷ କାଉଣ୍ଟ୍ ଟିଲ୍ଲୀ ଏକ ପ୍ରୋଟେଷ୍ଟାଣ୍ଟ୍ ଦୁର୍ଗ ଅଧିକାର କରି ତାହାକୁ ଧ୍ୱଂସ କରିଦେଲେ ଏବଂ ପ୍ରାୟ କୋଡ଼ିଏ ହଜାରରୁ ଅଧିକ ପ୍ରୋଟେଷ୍ଟାଣ୍ଟ୍‌ମାନଙ୍କୁ ନିର୍ମମ ଭାବେ ହତ୍ୟା କଲେ । ଏହି ଧ୍ୱଂସ ଓ ଗଣହତ୍ୟା ପ୍ରୋଟେଷ୍ଟାଣ୍ଟ୍ ଶାସକମାନଙ୍କୁ ଉଦ୍‌ବେଳିତ କଲା ଏବଂ ସେମାନେ ପରିସ୍ଥିତିର ଦୃଢ଼ ମୁକାବିଲା କରିବା ପାଇଁ ଗୁଷ୍ଟାଭସ୍‌ଙ୍କୁ ସାହାଯ୍ୟ କରିବାକୁ ଆଗେଇ ଆସିଲେ । ଏହି ଶାସକମାନଙ୍କର ସହଯୋଗରେ ୧୬୩୧ ଖ୍ରୀ:ଅ:ରେ ଗୁଷ୍ଟାଭସ୍ ବ୍ରେଟେନ୍‌ଫିଲ୍ଡ଼ ଯୁଦ୍ଧକ୍ଷେତ୍ରରେ ଟିଲ୍ଲୀଙ୍କୁ ପରାସ୍ତ କଲେ । ଏହି ବିଜୟରେ ଉତ୍ସାହିତ ହୋଇ ଗୁଷ୍ଟାଭସ୍ କିଛିଦିନ ପରେ କାଥୋଲିକ୍‌ମାନଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ରାଜ୍ୟ ବାଭାରିଆକୁ ଆକ୍ରମଣ କଲେ । ଏହି ଭୟଙ୍କର ଯୁଦ୍ଧରେ ଟିଲ୍ଲୀ ନିହତ ହେଲେ । ଏହାପରେ ଗୁଷ୍ଟାଭସ୍ ଅଷ୍ଟ୍ରିଆ ଅଭିମୁଖେ ଅଗ୍ରସର ହେଲେ । ଏପରି ପରିଣାମରେ ଭୟଭୀତ ହୋଇ ସମ୍ରାଟ ଫର୍ଡ଼ିନାଣ୍ଡ୍ ଗୁଷ୍ଟାଭସ୍‌ଙ୍କ

ବିଜୟ ଅଭିଯାନକୁ ପ୍ରତିହିତ କରିବା ପାଇଁ ପୂର୍ବରୁ ତାଙ୍କ ଦ୍ୱାରା ବହିଷ୍କୃତ ହେଇଥିବା ଦୁର୍ଦ୍ଧର୍ଷ ସେନାନାୟକ ୱାଲେନ୍‌ଷ୍ଟେନ୍‌ଙ୍କୁ ପୁନର୍ବାର ସେନାବାହିନୀର ନେତୃତ୍ୱ ନେବା ପାଇଁ ନିମନ୍ତ୍ରଣ କଲେ ।

ୱାଲେନ୍‌ଷ୍ଟେନ୍ ଅନେକଗୁଡ଼ିଏ କଠିନ ସର୍ତ୍ତ ଯାହାକି ତାଙ୍କୁ ପ୍ରାୟତଃ ସମଗ୍ର ଜର୍ମାନର ସମ୍ରାଟ କରିପାରିବା ଭଳି ରାଜିନାମାରେ ଯୁଦ୍ଧ ପରିଚାଳନା କରିବା ପାଇଁ ସମ୍ମତ ହେଲେ । ଅନନ୍ୟୋପାୟ ହୋଇ ଫର୍ଡ଼ିନାଣ୍ଡ୍ ଏହି ଚୁକ୍ତି ସ୍ୱାକ୍ଷର କରି ତାଙ୍କୁ ଏକ ଶକ୍ତିଶାଳୀ ସେନାବାହିନୀ ସହ ଗୁଷ୍ଟାଭସ୍‌ଙ୍କ ସଙ୍ଗେ ଯୁଦ୍ଧ ପାଇଁ ପ୍ରେରଣ କଲେ । ୧୬୩୨ଖ୍ରୀ:ଅ:ରେ ଉଭୟଙ୍କ ମଧ୍ୟରେ ଲୁଟ୍‌ଜେନଠାରେ ରକ୍ତାକ୍ତ ସଂଘର୍ଷ ଆରମ୍ଭ ହେଲା । ନଭେମ୍ବର ମାସର ଏହି ଯୁଦ୍ଧରେ ହଠାତ୍ ଘନ କୁଝଟିକା ଦ୍ୱାରା ସୂର୍ଯ୍ୟ ରଶ୍ମି ଆବୃତ ହୋଇପଡ଼ିବାରୁ ଗୁଷ୍ଟାଭସ୍ ପଥବଣା ହୋଇଗଲେ । ଏହି ସୁଯୋଗରେ ଶତ୍ରୁମାନେ ବିଜୟ ଦିଗକୁ ଅଗ୍ରସର ହେଉଥିବା ଗୁଷ୍ଟାଭସଙ୍କୁ ନିହତ କରି ତାଙ୍କର ପ୍ରୋଟେଷ୍ଟାଣ୍ଟ୍ ଲିଗ୍‌କୁ ପୁନଃ ପ୍ରତିଷ୍ଠା କରିବାର ସ୍ୱପ୍ନକୁ ଅଙ୍କେ ଧୂଳିସାତ୍ କରିଦେଇଥିଲେ । ତାଙ୍କର ମୃତ୍ୟୁ ପରେ ମଧ୍ୟ ତାଙ୍କ ଉତ୍ସାହି ବାହିନୀ ଯୁଦ୍ଧ ଜାରି ରଖିଥିଲା । କିନ୍ତୁ ସଫଳ ନେତୃତ୍ୱ ଅଭାବରୁ ବିଶୃଙ୍ଖଳିତ ବାହିନୀକୁ ନରଡ଼ିଜେନ୍ ଯୁଦ୍ଧରେ ଫରାସୀମାନେ ପରାସ୍ତ କଲେ ।

ଗୁଷ୍ଟାଭସ୍‌ଙ୍କ ମୃତ୍ୟୁପରେ ପରେ ଫେବୃୟାରୀ ୧୬୩୪ ଖ୍ରୀ:ଅ:ରେ ୱାଲେନ୍‌ଷ୍ଟେନ୍‌ଙ୍କୁ ମଧ୍ୟ ଫର୍ଡ଼ିନାଣ୍ଡ୍‌ଙ୍କ କାଥୋଲିକ୍ ଅନୁଚରମାନେ ହତ୍ୟା କରିଥିଲେ । କାରଣ ସେ ବଞ୍ଚି ରହିଥିଲେ ପ୍ରାକ୍ ଯୁଦ୍ଧ ସର୍ତ୍ତାନୁସାରେ ସମଗ୍ର ଜର୍ମାନର ଅଧିପତି ହୋଇଥାନ୍ତେ । ଆହୁରି ମଧ୍ୟ ଏହି ଯୁଦ୍ଧ ପରେ ପରେ ଫର୍ଡିନାଣ୍ଡ ପ୍ରୋଟେଷ୍ଟାଣ୍ଟ୍‌ମାନଙ୍କ ସଙ୍ଗେ ଏକ ଶାନ୍ତି ଚୁକ୍ତି କରିବାକୁ ମନସ୍ଥ କରିଥିଲେ ଯାହାକି କାଥୋଲିକ୍‌ମାନଙ୍କୁ ଅସନ୍ତୁଷ୍ଟ କରିଥିଲା ।

ଉଭୟ ପକ୍ଷ ଦୀର୍ଘଦିନର ଯୁଦ୍ଧରେ ଅତିଷ୍ଠ ହୋଇ ୧୬୩୫ ଖ୍ରୀ:ଅ:ରେ ପ୍ରେଗ୍ ଶାନ୍ତିଚୁକ୍ତିରେ ଉପନୀତ ହେଲେ । ଏହି ଶାନ୍ତିଚୁକ୍ତିରେ କାଲଭିନୀୟମାନଙ୍କୁ ପୁନର୍ବାର ଅଗସ୍‌ବର୍ଗ ବୁଝାମଣା ପରି ଉପେକ୍ଷା କରାଯାଇଥିଲା ।

ଯାହାହେଲେ ବି ଏହି ଚୁକ୍ତିନାମା ପରେ ଧର୍ମ ଯୁଦ୍ଧର ଅବସାନ ହୋଇଥାନ୍ତା, ଯଦି ଏହା ଫ୍ରାନ୍ସର ପ୍ରଧାନମନ୍ତ୍ରୀ ରିଚେଲ୍ୟୁଙ୍କ ଦ୍ୱାରା ନିଜ ସ୍ୱାର୍ଥ ପାଇଁ ବ୍ୟବହୃତ ହୋଇନଥାନ୍ତା । ଏହା ପରଠାରୁ ଏହି ଯୁଦ୍ଧ ସମ୍ପୂର୍ଣ୍ଣ ରୂପେ ରାଜନୀତିକରଣ ହୋଇଯାଇ ଅଷ୍ଟ୍ରିଆ-ଜର୍ମାନୀର ହାପସ୍‌ବର୍ଗ ରାଜବଂଶ ଓ ଫ୍ରାନ୍ସର ବୋରବନ୍ ରାଜବଂଶର ଅର୍ନ୍ତଦ୍ୱନ୍ଦ୍ୱରେ ପରିଣତ ହେଲା ଏବଂ ଏହା ୧୬୪୮ ଖ୍ରୀ:ଅ: ପର୍ଯ୍ୟନ୍ତ ଦୀର୍ଘ ୧୬ ବର୍ଷ କାଳ ଧରି ଚାଲିଥିଲା ।

(ଘ) ଚତୁର୍ଥ ପର୍ଯ୍ୟାୟ ସମର : ଫରାସୀ ଯୁଦ୍ଧ କାଳ ୧୬୩୫-୧୬୪୮ ଖ୍ରୀ:ଅ:
(Fourth Phase War, French War, 1635-1648 AD) :

ହାପସ୍‌ବର୍ଗ ରାଜବଂଶର ୟୁରୋପରେ ଥିବା ପ୍ରତିପତ୍ତିକୁ ଗୌଣ କରିବା ପାଇଁ ଗୁଷ୍ଟାଭସ୍‌ଙ୍କ ସହିତ ରିଚେଲ୍ୟୁ କରିଥିବା ଚୁକ୍ତି ଫଳପ୍ରଦ ନ ହେବାରୁ ଫ୍ରାନ୍ସ ପ୍ରୋଟେଷ୍ଟାଣ୍ଟ୍‌ମାନଙ୍କ ପକ୍ଷରୁ ତ୍ରିଂଶବର୍ଷୀୟ ସମରରେ ପ୍ରତ୍ୟକ୍ଷ ରୂପେ ଲମ୍ଫ ଦେବାକୁ ଚିନ୍ତା କଲା । ଯୁଦ୍ଧ ଘୋଷଣା ପୂର୍ବରୁ ଧୂରୀଣ କୂଟନୀତିଜ୍ଞ ରିଚେଲ୍ୟୁ ସୁଇଡ଼େନ୍, ହଲାଣ୍ଡ ଓ ସାଭୋଏ ସଙ୍ଗେ ବୁଝାମଣା ଚୁକ୍ତିମାନ ସମ୍ପାଦନ କଲେ । ତାଙ୍କ ଯୋଜନା ଅନୁସାରେ ହଲାଣ୍ଡ ସ୍ପେନୀୟ ନେଦରଲ୍ୟାଣ୍ଡକୁ ଆକ୍ରମଣ କରିବା କଥା, କିନ୍ତୁ ଏହା କାର୍ଯ୍ୟକାରୀ ନ ହେବାରୁ ଫ୍ରାନ୍ସ ୧୬୩୫ ଖ୍ରୀ:ଅ:ରେ ସ୍ପେନର ହାପସ୍‌ବର୍ଗ ଶାସକଙ୍କ ବିରୁଦ୍ଧରେ ଯୁଦ୍ଧ ଘୋଷଣା କଲା । ପ୍ରାରମ୍ଭରେ ଫ୍ରାନ୍ସକୁ ସେପରି କୌଣସି ସଫଳତା ମିଳିନଥିଲା, ବରଂ ସ୍ପେନ୍ ୧୬୩୬ ଖ୍ରୀ:ଅ:ରେ ଉତ୍ତର ଫ୍ରାନ୍ସ ଓ ୧୬୩୭ ଖ୍ରୀ:ଅ:ରେ ଦକ୍ଷିଣ ଫ୍ରାନ୍ସ ଉପରେ ଆକ୍ରମଣ କରି ପ୍ୟାରିସ୍ ନିକଟବର୍ତ୍ତୀ ଅଞ୍ଚଳ ପର୍ଯ୍ୟନ୍ତ ଅଗ୍ରସର ହୋଇଆସିଥିଲା । ମାତ୍ର ଫରାସୀ ବାହିନୀ ସାହସ ସଞ୍ଚୟ କରି ସ୍ପେନ୍‌ବାହିନୀକୁ ଶକ୍ତ ପ୍ରତିରୋଧ କରିବା ସଙ୍ଗେ ସଙ୍ଗେ ସେମାନଙ୍କୁ ନେଦରଲାଣ୍ଡ, ରାଇନ୍, ଉତ୍ତର ଇଟାଲୀ ଓ ଦକ୍ଷିଣ ଫ୍ରାନ୍ସରୁ ହଟାଇଦେବା ସହ ୧୬୩୭ ଖ୍ରୀ:ଅ:ରେ ଆରଟୋଇଜ ଓ ୧୬୪୨ ଖ୍ରୀ:ଅ:ରେ ରୋଜିଲନ୍ ଅଧିକାର କରିନେଇଥିଲା । ୧୬୪୮ ଖ୍ରୀ:ଅ: ବେଳକୁ ସ୍ପେନ ସଙ୍କଟରେ ପଡ଼ିଯାଇଥିଲା, କାରଣ ସେତେବେଳକୁ ଫରାସୀ ବାହିନୀ ସହାୟତାରେ ହଲାଣ୍ଡ ସ୍ପେନୀୟ ନେଦରଲ୍ୟାଣ୍ଡ୍ ବା ବେଲଜିୟମକୁ ଅଧିକାର କରିସାରିଥିଲା । ଅପରପକ୍ଷରେ

ପର୍ତ୍ତୁଗାଲ୍ ସ୍ପେନ୍‌ର ଶାସକ ଫିଲିପ-ଚତୁର୍ଥଙ୍କ ବିରୁଦ୍ଧରେ ବିଦ୍ରୋହ କରି ନିଜର ସ୍ୱାଧୀନତା ଘୋଷଣା କରିବା ସଙ୍ଗେ ସଙ୍ଗେ ଜନ୍-ଚତୁର୍ଥଙ୍କୁ ନିଜର ଶାସକ ରୂପେ ନିର୍ବାଚିତ କରିଥିଲା। ୧୬୪୭ ଖ୍ରୀ:ଅ:ରେ ରାଇଚେଲ୍ୟୁଙ୍କ ମୃତ୍ୟୁ ଘଟିବାରୁ ମାଜାରିନ୍ ଫ୍ରାନ୍ସର ପ୍ରଧାନମନ୍ତ୍ରୀ ହେଲେ। ସେ ରାଇଚେଲ୍ୟୁଙ୍କ ପଦାଙ୍କ ଅନୁସରଣ କରି ଯୁଦ୍ଧ କରି ଚାଲିଲେ। ତାଙ୍କ ଆଦେଶରେ ଫରାସୀ ବାହିନୀ ରାକ୍ରୋଇ ଯୁଦ୍ଧକ୍ଷେତ୍ରରେ ସ୍ପେନୀୟ ବାହିନୀକୁ ପରାସ୍ତ କଲେ।

ଅନ୍ୟପକ୍ଷରେ ସମ୍ରାଟ ଫର୍ଡ଼ିନାଣ୍ଡ୍ ଓ ତାଙ୍କର ସମର୍ଥକ ବାଭାରିଆର ଶାସକ ମାକ୍ସମିଲାନ୍ ତ୍ରିଂଶବର୍ଷୀୟ ସମରର ଶେଷ ପର୍ଯ୍ୟାୟରେ ଜର୍ମାନୀର ପ୍ରୋଟେଷ୍ଟାଣ୍ଟ୍ ଓ ସୁଇଡ଼େନ୍‌ର ମିଳିତ ବାହିନୀ ବିରୁଦ୍ଧରେ ସଫଳ ହେଲେ। କିନ୍ତୁ ୧୬୪୮ ଖ୍ରୀ:ଅ:ରେ ଫ୍ରାନ୍ସର ଏକ ବିଶାଳ ସୈନ୍ୟବାହିନୀ ଜର୍ମାନୀର ପ୍ରୋଟେଷ୍ଟାଣ୍ଟ୍ ବାହିନୀ ଓ ସ୍ୱିଡ଼େନର ବାହିନୀକୁ ସହାୟତା କରିବା ପାଇଁ ପଠାଇବାରୁ, ଏହି ତ୍ରିଶକ୍ତି ମିଳିତ ବାହିନୀ ରୋମାନ୍ କାଥୋଲିକ୍ ସମ୍ରାଟଙ୍କୁ ପରାସ୍ତ କଲା। ଏହି ପରାଜୟ ଫଳରେ ଫର୍ଡ଼ିନାଣ୍ଡ୍‌ଙ୍କ ରାଜଧାନୀ ଭିଏନା ପ୍ରତି ବିପଦ ମାଡ଼ି ଆସିଲା। ବର୍ତ୍ତମାନ ସମ୍ରାଟଙ୍କର ହୃଦୟଙ୍ଗମ ହେଲା ଯେ ସେ ପୁନର୍ବାର ୟୁରୋପୀୟ ବିରୋଧି ରାଷ୍ଟ୍ରମାନଙ୍କ ସଙ୍ଗେ ଯୁଦ୍ଧ କରିବା ପାଇଁ ଅସମର୍ଥ। ୟୁରୋପୀୟ ରାଷ୍ଟ୍ରମାନେ ମଧ୍ୟ ୩୦ ବର୍ଷ ଧରି ଯୁଦ୍ଧରେ ବ୍ୟାପୃତ ରହି କ୍ଳାନ୍ତ ହୋଇପଡ଼ିଥିଲେ। ଏଣୁ ଉଭୟ ପକ୍ଷ ପ୍ରସିଦ୍ଧ ୱେଷ୍ଟ୍‌ଫାଲିଆ ବୁଝାମଣା ଚୁକ୍ତି ସମ୍ପାଦନ କରି ଏହି ଦୀର୍ଘ ୩୦ ବର୍ଷର (୧୬୧୮-୧୬୪୮ ଖ୍ରୀ:ଅ:) ଘଟଣାବହୁଳ ଯୁଦ୍ଧର ଅବସାନ ଘଟାଇଥିଲେ।

ତ୍ରିଂଶବର୍ଷୀୟ ସମରର ଫଳାଫଳ (Result of Thirty years' War) :

ତ୍ରିଂଶବର୍ଷୀୟ ସମର ଯାହାକି ୧୬୧୮ ଖ୍ରୀ:ଅ:ରେ ଏକ ଧର୍ମଯୁଦ୍ଧ ଭାବେ ଆରମ୍ଭ ହୋଇଥିଲା, ପରେ ତାହା ଏକ ରାଜନୈତିକ ସମରରେ ପରିଣତ ହୋଇଯାଇଥିଲା। ଯଦିଓ ଏହି ଯୁଦ୍ଧ ସମଗ୍ର ୟୁରୋପରେ ବିଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ ସମୟରେ ସଂଗଠିତ ହୋଇଥିଲା ତଥାପି ଏହାର ଅଧିକାଂଶ ଯୁଦ୍ଧଗୁଡ଼ିକ ମୁଖ୍ୟତଃ ଜର୍ମାନୀ ଭୂମିରେ ହୋଇଥିଲା କହିଲେ ଅତ୍ୟୁକ୍ତି ହେବ ନାହିଁ। ଏହି ଯୁଦ୍ଧରେ ୟୁରୋପର ବହୁ ସୈନ୍ୟ ନିହତ ହେବା ସଙ୍ଗେ ସଙ୍ଗେ ଏହାର ଅର୍ଥନୀତି ମଧ୍ୟ ଭୁଷୁଡ଼ି ପଡ଼ିଥିଲା। ବିଶେଷ କରି ଜର୍ମାନୀର ଦୁଇ-ତୃତୀୟାଂଶ ଜନସଂଖ୍ୟା ଏହି ଯୁଦ୍ଧ କାରଣରୁ ନିଶ୍ଚିହ୍ନ ହୋଇଯାଇଥିଲା।

ଶିକ୍ଷା, ସଂସ୍କୃତି, କଳା, ବାଣିଜ୍ୟ, ଶିଳ୍ପ ଏବଂ କୃଷି ତ୍ରିଂଶବର୍ଷୀୟ ସମର ଯୋଗୁଁ ୟୁରୋପରୁ ପ୍ରାୟ ନିଶ୍ଚିହ୍ନ ହୋଇଗଲା। ଫଳରେ ଅଶିକ୍ଷା, ଅପସଂସ୍କୃତି ଓ ଦାରିଦ୍ର୍ୟର କଷାଘାତରେ ଜନସାଧାରଣ ନିଷ୍ପେସିତ ହୋଇଯାଇଥିଲେ।

ଏହି ଯୁଦ୍ଧ ହେତୁ ପ୍ରୁସିଆ ରାଜ୍ୟର ସୃଷ୍ଟି ହେଲା, ଯାହା ପରବର୍ତ୍ତୀ କାଳରେ ଜର୍ମାନୀ ରାଜ୍ୟ ସମୂହର ଏକତ୍ରୀକରଣ ପାଇଁ ନେତୃତ୍ୱ ନେଇଥିଲା।

ଏହି ଯୁଦ୍ଧରେ ନିଷ୍ପେସିତ ଓ ଅତ୍ୟାଚାରିତ ହୋଇ ଅନେକ କାଥୋଲିକ୍ ଓ ପ୍ରୋଟେଷ୍ଟାଣ୍ଟ୍ ଧର୍ମାବଲମ୍ବୀମାନେ ସବୁଦିନ ପାଇଁ ୟୁରୋପ ଛାଡ଼ି ଅନ୍ୟ ସ୍ଥାନକୁ ଶାନ୍ତିରେ ବସବାସ କରିବା ପାଇଁ ଚାଲିଯାଇଥିଲେ। ଏହା ଉପନିବେଶ ସ୍ଥାପନ ଓ ବାଣିଜ୍ୟ ବ୍ୟବସାୟରେ ଉନ୍ନତି ଆଣିଥିଲା।

ଏହି ଯୁଦ୍ଧରୁ ବିଭିନ୍ନ ନୂତନ ବିବାଦର ଉତ୍ପତ୍ତି ହୋଇ ଉଭୟ ବିଜେତା ଓ ବିଜିତମାନଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ସୃଷ୍ଟି କରିଥିଲା। ଏହା ସ୍ପେନର ପ୍ରତିପତ୍ତିକୁ ସବୁଦିନ ପାଇଁ ପ୍ରତିହିତ କରି ଚାରିଆଡ଼େ ଅରାଜକତା ଓ ଲୁଣ୍ଠନର ବାତାବରଣ ସୃଷ୍ଟି କରିଥିଲା। ସେତେବେଳେ କେଉଁଠାରେ ବି ସାଧାରଣ ଧନ ଜୀବନ ସୁରକ୍ଷିତ ନଥିଲା। କେବଳ ସୈନିକର ପେଶା ହିଁ ସୁରକ୍ଷିତ ଜୀବିକା ଥିଲା ଏବଂ ସୈନିକ କହିଲେ ଜଣେ ଡକାୟତ ଓ ନରହନ୍ତାକୁ ହିଁ ବୁଝାଉଥିଲା।

କହିବାକୁ ଗଲେ ତ୍ରିଂଶ ବର୍ଷୀୟ ସମର ଆଧୁନିକ ଯୁଗର ସବୁଠାରୁ ମର୍ମନ୍ତୁଦ ଯୁଦ୍ଧ ଥିଲା। ଏହି ଯୁଦ୍ଧ ସେହି ସମୟର ୟୁରୋପୀୟମାନଙ୍କ ପାଇଁ ମହାମାରୀ ଏବଂ ଦୁର୍ଭିକ୍ଷକୁ ଆମନ୍ତ୍ରଣ କରି ଶହ ଶହ ସବୁଜ ସୁନ୍ଦର ଗ୍ରାମଗୁଡ଼ିକୁ ନିଷ୍ଫଳା ମରୁଭୂମି ଓ ଅଟ୍ଟାଳିକାମୟ ସହରକୁ ପରିତ୍ୟକ୍ତ ତଥା ଜନମାନବ ଶୂନ୍ୟ ଖଣ୍ଡହରରେ ପରିଣତ କରି ଶ୍ରୀହୀନ କରିପକାଇଥିଲା।

(ତ୍ରିଂଶବର୍ଷୀୟ ସମରାନ୍ତେ ୟୁରୋପ, ୧୬୪୮ ଖ୍ରୀ:ଅ:)

ଏହି ତିରିଶ ବର୍ଷର ଯୁଦ୍ଧ ପ୍ରକୃତରେ ୟୁରୋପ ପାଇଁ ଏକ ଅନାବଶ୍ୟକ ଘଟଣାପ୍ରବାହ ଥିଲା । ଯୁଦ୍ଧ ମାତ୍ରେ ହିଁ ବିନାଶ । ଏଣୁ କୌଣସି ବି ଯୁଦ୍ଧ ମାନବ ସମାଜ ପାଇଁ ହିତକାରୀ ନୁହେଁ ।

ସ୍ପେନ୍‌ର ପରାଜୟର କାରଣ (Causes of the Defeat of Spain) :

ନିମ୍ନଲିଖିତ କାରଣଗୁଡ଼ିକ ଯୋଗୁଁ ତ୍ରିଂଶବର୍ଷୀୟ ସମରରେ ସ୍ପେନ୍ ପରାଜୟ ବରଣ କରିଥିଲା :–

(୧) ସ୍ପେନ୍‌ର ଉଚ୍ଚାଭିଳାଷ (High Aspiration of Spain) : ସ୍ପେନ୍‌ର ହାପସ୍‌ବର୍ଗ ବଂଶୀୟ ଶାସକମାନେ ଅସମ୍ଭବ ରୂପେ ଉଚ୍ଚାଭିଳାଷୀ ଥିଲେ । ସେମାନଙ୍କର ସାମ୍ରାଜ୍ୟବାଦ ପିପାସା ନିଜ ପାଇଁ କାଳ ହୋଇଥିଲା । ୧୬ଶ ଶତାବ୍ଦୀର ପ୍ରଥମାର୍ଦ୍ଧରେ ୟୁରୋପରେ ସ୍ପେନ୍ ସାମ୍ରାଜ୍ୟ ଏତେ ବିଶାଳ ଥିଲା ଯେ ତାହାକୁ ଦକ୍ଷତାର ସହ ଶାସନ କରିବା ଅତ୍ୟନ୍ତ କଷ୍ଟକର ଥିଲା । ଏହାଛଡ଼ା ସ୍ପେନର ଶାସକମାନେ ଦୁର୍ବଳ ଓ ଅପରିପକ୍ୱ ଥିଲେ । ଏକ ବିଶାଳ ସାମ୍ରାଜ୍ୟକୁ ସୁଶାସନ ଦେବାପାଇଁ ଆବଶ୍ୟକ ହେଉଥିବା ଦୂରଦୃଷ୍ଟିର ଘୋର ଅଭାବ ସେମାନଙ୍କ ନିକଟରେ ପରିଲକ୍ଷିତ ହୋଇଥିଲା ।

(୨) ଜାତୀୟ ଐକ୍ୟର ଅଭାବ (Lack of National Unity) : ବିଶାଳ ସ୍ପେନ୍ ସାମ୍ରାଜ୍ୟର ବିଭିନ୍ନ ଅଞ୍ଚଳରେ ଭିନ୍ନ ଭିନ୍ନ ଜାତି ଓ ଧର୍ମର ଲୋକ ବାସ କରୁଥିଲେ । ସେମାନଙ୍କ ସାମାଜିକ, ଐତିହାସିକ, ଅର୍ଥନୈତିକ, ଧାର୍ମିକ ଓ ରାଜନୈତିକ ଆଚାର ବ୍ୟବହାରରେ ଅନେକ ତାରତମ୍ୟ ଥିଲା, ଫଳରେ ଏହି ବିଶାଳ ସାମ୍ରାଜ୍ୟରେ ସର୍ବ ଗ୍ରହଣୀୟ ଏକକ ଜାତୀୟତା ଭାବ ଉଦ୍ରେକ ହୋଇପାରିନଥିଲା ।

(୩) ଜଟୀଳ ସମସ୍ୟା (Difficult Challenges) : ସ୍ପେନ୍‌ର ଶାସକମାନଙ୍କୁ ଶତ୍ରୁପକ୍ଷ ଦ୍ୱାରା ସୃଷ୍ଟି କରାଯାଉଥିବା ଅନେକ ଜଟିଳ ସମସ୍ୟାଗୁଡ଼ିକର ସମ୍ମୁଖୀନ ହେବାକୁ ପଡୁଥିଲା । ସେଗୁଡ଼ିକ ମଧ୍ୟରୁ ତୁର୍କୀମାନଙ୍କ ସହ ଯୁଦ୍ଧ, ନବଜାଗରଣ ଆନ୍ଦୋଳନ, ବିଦେଶୀମାନଙ୍କର ବିରୋଧ ଏବଂ କଠିନ ଅର୍ଥନୈତିକ ସମସ୍ୟା ଅନ୍ୟତମ । ସ୍ପେନ୍ ଏହିସବୁ ସମସ୍ୟାଗୁଡ଼ିକରେ ଜଡ଼ିତ ହେବା ସଙ୍ଗେ ସଙ୍ଗେ, ଅନେକ ସ୍ୱକୀୟ ସମସ୍ୟା ଜାଲରେ ମଧ୍ୟ ଛନ୍ଦି ହୋଇପଡ଼ିଥିଲା ।

(୪) ସାମାଜିକ ଅସମାନତା (Social Inequalities) : ସ୍ପେନ୍‌ର ସମସ୍ତ ସାମାଜିକ ଓ ଅର୍ଥନୈତିକ ଅଧିକାର ମାନ କେବଳ ରାଜା ଓ ତାଙ୍କର ପାରିଷଦମାନଙ୍କ ମଧ୍ୟରେ ସୀମିତ ଥିଲା । ସମାଜର ନିମ୍ନବର୍ଗଙ୍କର ଅବସ୍ଥା ବଡ଼ ଦୟନୀୟ ଥିଲା । ଏଣୁ ସ୍ପେନ୍‌ର ସମାଜ ବିନ୍ୟାସରେ ଆଦୌ ସନ୍ତୁଳନ ନଥିଲା । ଏହା ସର୍ବଦା ନିମ୍ନବର୍ଗର ଲୋକମାନଙ୍କୁ ଆନ୍ଦୋଳନ କରିବା ପାଇଁ ଉତ୍ତେଜିତ କରୁଥିଲା । ଏଣୁ ସ୍ପେନ୍‌କୁ ସୁଦୃଢ଼ କରିବା ପାଇଁ ଆବଶ୍ୟକତା ଥିବା ସାମାଜିକ ଏକତାର ଘୋର ଅଭାବ ପରିଲକ୍ଷିତ ହୋଇଥିଲା ।

(୫) ଫିଲିପ୍ ଦ୍ୱିତୀୟଙ୍କର ଦୁର୍ବଳ ଉତ୍ତରାଧିକାରୀ (Weak Successers of Filip II) : ଉଭୟ ଫିଲିପ୍-ତୃତୀୟ ଏବଂ ଫିଲିପ୍-ଚତୁର୍ଥ ବିଶାଳ ସ୍ପେନ ସାମ୍ରାଜ୍ୟର ସୁରକ୍ଷା ପାଇଁ ଅକ୍ଷମ ଥିଲେ । ଫିଲିପ୍-ଦ୍ୱିତୀୟଙ୍କ ଏହି ଉତ୍ତରାଧିକାରୀମାନଙ୍କ ଶାସନ କାଳରେ ବିଭିନ୍ନ କାରଣରୁ ସ୍ପେନ୍ ସାମ୍ରାଜ୍ୟ ଖଣ୍ଡ ବିଖଣ୍ଡିତ ହେବାକୁ ଲାଗିଲା । ୧୬୪୦ ଖ୍ରୀ:ଅ:ରେ ପର୍ତ୍ତୁଗାଲ ସ୍ପେନ୍ ଅଧିନରୁ ସ୍ୱାଧୀନ ହୋଇଯିବାରୁ, ପର୍ତ୍ତୁଗାଲ ପାଇଁ ଫିଲିପ୍-ଦ୍ୱିତୀୟ ପ୍ରଣୟନ କରିଥିବା ନୀତି ବିଫଳ ହୋଇଯାଇଥିଲା ।

(୬) ତ୍ରିଂଶବର୍ଷୀୟ ସମରର ମର୍ମନ୍ତୁଦ ଫଳାଫଳ (Devastating Result of Thrity Years' War) : ସ୍ପେନ୍ ଶାସକମାନଙ୍କର ଅପରିଣାମଦର୍ଶିତାରୁ ଦେଶକୁ ବହୁ ସମୟରେ ଅନେକ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଲା । ଫିଲିପ୍-ଚତୁର୍ଥ (୧୬୨୧-୧୬୬୫ ଖ୍ରୀ:ଅ:)ଙ୍କ ରାଜତ୍ୱ କାଳରେ ସ୍ପେନ୍ ତ୍ରିଂଶବର୍ଷୀୟ ସମରରେ ପ୍ରଭୂତ କ୍ଷତିଗ୍ରସ୍ତ ହୋଇ ବହୁଳ ରୂପେ ଋଣଗ୍ରସ୍ତ ହୋଇପଡ଼ିଥିଲା । ଏହା ଦେଶର ମୁଦ୍ରାସ୍ଫୀତିକୁ ଅକଳ୍ପନୀୟ ଭାବେ ବୃଦ୍ଧି କରିଥିଲା । ଅଧିକନ୍ତୁ ସ୍ପେନ୍‌ର ପରାଜୟ ତାହାର ଗୌରବକୁ କ୍ଷୁର୍ଣ୍ଣ କରିଥିଲା ।

(୭) ସ୍ପେନ୍ ଜନସଂଖ୍ୟାର କ୍ଷୟ (Reduction in Spain Population): ସମ୍ରାଟ ଫର୍ଡ଼ିନାଣ୍ଡ ଓ ସାମ୍ରାଜ୍ଞୀ ଇଶାବେଲାଙ୍କ ସମୟରୁ ସ୍ପେନୀୟମାନେ ଯୁଦ୍ଧ ଆରମ୍ଭ କରି ୧୬୪୮ ଖ୍ରୀ:ଅ:ରେ ତ୍ରିଂଶବର୍ଷୀୟ ସମରର ଅବ୍ୟାହତି ପରେ ମଧ୍ୟ ୧୬୫୯ ଖ୍ରୀ:ଅ:ର ପ୍ୟାରେନ୍ସ ବୁଝାମଣା ଚୁକ୍ତି ସମ୍ପନ୍ନ ହେବା ପର୍ଯ୍ୟନ୍ତ ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ସମରରେ ବ୍ୟାପୃତ ରହିଥିଲେ । ଏହିସବୁ ଯୁଦ୍ଧରେ ବିପୁଳ ଅର୍ଥର ଅପବ୍ୟୟ ସଙ୍ଗେ ଅନେକ ଦୁର୍ମୂଲ୍ୟ ମାନବ ଜୀବନର ମଧ୍ୟ କ୍ଷୟ ଘଟିଥିଲା । ଆହୁରି ମଧ୍ୟ ସ୍ପେନ୍‌ରେ ବସବାସ କରୁଥିବା ମୁର୍ ଓ ଜୀଉମାନଙ୍କୁ ସମ୍ରାଟ ବଳପୂର୍ବକ ଦେଶରୁ ବହିଷ୍କାର କରି ଦେବାରୁ ସେମାନେ ବାଧ୍ୟ ହୋଇ ଦକ୍ଷିଣ ଆମେରିକାର ଉପନିବେଶମାନଙ୍କୁ ପଳାୟନ କରିଥିଲେ । ଏହି ଉଭୟ କାରଣରୁ ସ୍ପେନ୍‌ର ଜନସଂଖ୍ୟା ଅତି ମାତ୍ରାରେ ହ୍ରାସ ପାଇଥିଲା ।

(୮) ବିଳାସବ୍ୟସନ ପ୍ରିୟତା (Luxurious Life style) : ସ୍ପେନ୍ ଦକ୍ଷିଣ ଆମେରିକାର ଉପନିବେଶଗୁଡ଼ିକରୁ ବିପୁଳ ଧନରତ୍ନ ସଂଗ୍ରହ କରୁଥିଲା । ମାତ୍ର ଏହାର ସୁଫଳ ସର୍ବସାଧାରଣଙ୍କୁ ପ୍ରାପ୍ତ ନହୋଇ କେବଳ ସମ୍ରାଟ ଓ ରାଜପାରିଷଦଙ୍କ ମଧ୍ୟରେ ସୀମିତ ରହୁଥିଲା । ଏଣୁ ଉଚ୍ଚବର୍ଗର ଲୋକମାନେ କୌଣସି ପରିଶ୍ରମ ନ କରି ଏହି ଧନରତ୍ନରେ ବିଳାସପୂର୍ଣ୍ଣ ଜୀବନ ଅତିବାହିତ କରିବାକୁ ଲାଗିଲେ ।

(୯) ତ୍ରୁଟିପୂର୍ଣ୍ଣ ରାଜସ୍ୱ ନୀତି (Defective Revenue Policy) : ସ୍ପେନ୍‌ର ରାଜସ୍ୱ ନୀତି ବଡ଼ କଠୋର ଏବଂ ତ୍ରୁଟିପୂର୍ଣ୍ଣ ଥିଲା । ଶାସକମାନେ କୃଷି, ଶିଳ୍ପ ଓ ବାଣିଜ୍ୟର ଉନ୍ନତି ପାଇଁ କୌଣସି ପଦକ୍ଷେପ ନେଉନଥିଲେ । ଏଣୁ ଅର୍ଥନୀତିରେ ଦ୍ରୁତ ଅବନତି ଘଟି ସ୍ପେନ୍‌ର ବିକାଶରେ ଅନ୍ତରାୟ ସୃଷ୍ଟି କରିଥିଲା ଏବଂ ପ୍ରତ୍ୟକ୍ଷ ଭାବେ ଏହା ଶାସକମାନଙ୍କର ଅସଫଳତାର କାରଣ ହୋଇଥିଲା ।

ସାମଗ୍ରିକ ଭାବେ ଦେଖିବାକୁ ଗଲେ ରୋମାନ୍ କାଥୋଲିକ୍ ଧର୍ମକୁ ପ୍ରସାରିତ କରିବା ପାଇଁ ସ୍ପେନ୍‌ର ଶାସକମାନେ ଯେଉଁ ସାମ୍ରାଜ୍ୟବାଦ ନୀତି ଅନୁସରଣ କଲେ, ତାହାହିଁ ତ୍ରିଂଶବର୍ଷୀୟ ସମରରେ ସେମାନଙ୍କର ବିଫଳତାର ମୂଳ କାରଣ ହେଲା ।

ୱେଷ୍ଟଫାଲିଆ (ବୁଝାମଣା ଚୁକ୍ତି) ସନ୍ଧିପତ୍ର : ୧୬୪୮ ଖ୍ରୀ:ଅ: (Westfalia Treaty : 1648 AD) :

ଯଦିଓ ୧୬୪୮ ଖ୍ରୀ:ଅ:ର ୱେଷ୍ଟଫାଲିଆ ଶାନ୍ତିଚୁକ୍ତି ତ୍ରିଂଶବର୍ଷିୟ ସମରରେ ଯୁଦ୍ଧରତ ରାଷ୍ଟ୍ରମାନଙ୍କ ମଧ୍ୟରେ ସମ୍ପୂର୍ଣ୍ଣ ଧାର୍ମିକ ଏକତା ପ୍ରତିଷ୍ଠା କରିପାରିନଥିଲା, ତଥାପି ୟୁରୋପ ଇତିହାସରେ ଏହାର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଜର୍ମାନୀରେ ଚାଲିଥିବା ଧର୍ମ ବିଦ୍ୱେଷକୁ ଏହା ବହୁ ମାତ୍ରାରେ ପ୍ରଶମିତ କରିଥିଲା । ଏହା ୟୁରୋପ ଓ ଜର୍ମାନୀ ମଧ୍ୟରେ ଏକ ନୂତନ ରାଜନୈତିକ ପ୍ରାଚୀର ସୃଷ୍ଟି କରିଥିଲା । ଏହି ରାଜିନାମା ଫଳରେ ଫ୍ରାନ୍ସ ଓ ସ୍ୱିଡ଼େନ୍ କ୍ଷତିପୂରଣ ସ୍ୱରୂପ ଜର୍ମାନୀର ଅନେକଗୁଡ଼ିଏ ରାଜ୍ୟ ପ୍ରାପ୍ତ ହୋଇ ସବୁଠାରୁ ବେଶୀ ଲାଭାନ୍ୱିତ ହୋଇଥିଲେ । ଏହି ବୁଝାମଣାର ପ୍ରମୁଖ ଚୁକ୍ତିଗୁଡ଼ିକ ହେଲା–

(୧) ଅଷ୍ଟ୍ରିଆ, ହଙ୍ଗେରୀ ଓ ବୋହେମିଆର ଶାସନଭାର ଫର୍ଡ଼ିନାଣ୍ଡଙ୍କ ହାତରେ ରହିଲା; କିନ୍ତୁ ଜର୍ମାନୀ ଉପରେ ଥିବା ତାଙ୍କର ଅଧିକାରକୁ କ୍ଷୁର୍ଣ୍ଣ କରାଗଲା ।

(୨) ପବିତ୍ର ରୋମୀୟ ସାମ୍ରାଜ୍ୟର ବାହ୍ୟ ରୂପରେଖ ଠିକ୍ ରହିଲେ ମଧ୍ୟ ତାହାର ସଦସ୍ୟ ରାଷ୍ଟ୍ରମାନଙ୍କୁ ସେମାନଙ୍କର ସାର୍ବଭୌମତ୍ୱ ସାବ୍ୟସ୍ତ କରିବାର ଅଧିକାର ପ୍ରଦାନ କରାଗଲା । ପ୍ରତ୍ୟେକ ରାଷ୍ଟ୍ର ନିଜ ଇଚ୍ଛାରେ ସମ୍ରାଟଙ୍କ ବ୍ୟତୀତ ଅନ୍ୟ ରାଷ୍ଟ୍ରମାନଙ୍କ ସଙ୍ଗେ ଯୁଦ୍ଧ ବା ବୁଝାମଣା କରିବାର ଅଧିକାରପ୍ରାପ୍ତ ହେଲେ ।

(୩) ପ୍ରତ୍ୟେକ ଜର୍ମାନ ଶାସକ ଅନ୍ୟ ଯେକୌଣସି ଦେଶ ସହିତ ସାଂସ୍କୃତିକ ଓ ରାଜନୈତିକ ସମ୍ପର୍କ ରକ୍ଷା କରିବା ପାଇଁ ଅଧିକାର ପାଇଲେ ।

(୪) ପାଲାଟିନେଟ୍ ରାଷ୍ଟ୍ରକୁ ଦୁଇ ଭାଗରେ ବିଭକ୍ତ କରିଦିଆଗଲା । ନିଲମ୍ବିତ ହୋଇଥିବା ରାଜା ଫ୍ରେଡ୍ରେରିକ୍‌ଙ୍କ ପୁତ୍ର ଚାର୍ଲସ ଲୁଇସ୍‌ଙ୍କୁ ଅଷ୍ଟମ ଇଲେକ୍ଟର ରୂପେ ପାଲାଟିନେଟ୍‌ର ଏକ ଅର୍ଦ୍ଧକରେ ଅବସ୍ଥାପିତ କରାଗଲା ।

(୫) ପାଲାଟିନେଟ୍‌ର ଅପର ଅର୍ଦ୍ଧେକ ଉପରେ ବାଭାରିଆର ଶାସକଙ୍କୁ ତାଙ୍କର ଆଧିପତ୍ୟ ଜାରି ରଖିବାକୁ ସୁଯୋଗ ଦିଆଗଲା ।

(୬) ବ୍ରାଣ୍ଡେନ୍‌ବର୍ଗ ରାଷ୍ଟ୍ରକୁ ସମ୍ପ୍ରସାରିତ କରି ପ୍ରୁସିଆ ନାମରେ ନାମିତ କରାଗଲା, ଯାହାକି ପରବର୍ତ୍ତୀ ସମୟରେ ଜର୍ମାନୀ ରାଷ୍ଟ୍ର ସମୂହର ଏକତ୍ରିକରଣର ପୃଷ୍ଠଭୂମି ହୋଇଥିଲା । ଏହିପରି ଜର୍ମାନୀ ସ୍ଥୁଳତଃ ଏକ ରାଷ୍ଟ୍ରଗୋଷ୍ଠୀରେ ପରିଗଣିତ ହେଲା ।

(୭) ଏହି ବୁଝାମଣା ସର୍ତ୍ତାନୁସାରେ ଦକ୍ଷିଣ ଓ ପଶ୍ଚିମ ଜର୍ମାନୀରେ କାଥୋଲିକ୍ ଏବଂ ଉତ୍ତର ଜର୍ମାନୀରେ ପ୍ରୋଟେଷ୍ଟାଣ୍ଟ୍‌ମାନଙ୍କୁ ନିଜ ନିଜର ମତବାଦର ପ୍ରଚାର ଓ ପ୍ରସାର କରିବା ପାଇଁ ଅନୁମତି ଦିଆଗଲା । ଏହା ମଧ୍ୟ ସ୍ଥିରୀକୃତ ହେଲା ଯେ ୧ ଜାନୁଆରୀ ୧୬୨୪ ଖ୍ରୀ:ଅ: ପୂର୍ବରୁ କାଥୋଲିକ୍ ଓ ପ୍ରୋଟେଷ୍ଟାଣ୍ଟ୍‌ମାନଙ୍କ ଦ୍ୱାରା ଯେଉଁ ଯେଉଁ ଗୀର୍ଜା ସମ୍ପତ୍ତି ଉପରେ, ଯାହାର ଅଧିକାର ଥିଲା ତାହା ବଳବତ୍ତର ରହିବ । ପ୍ରୋଟେଷ୍ଟାଣ୍ଟ୍‌ମାନଙ୍କୁ ପ୍ରଦତ୍ତ ସମସ୍ତ ସୁବିଧା ସୁଯୋଗ କାଥୋଲିକ୍‌ମାନଙ୍କୁ ମଧ୍ୟ ପ୍ରାପ୍ତ ହେଲା । ଏହାଛଡ଼ା ଅଗସ୍‌ବର୍ଗର ବୁଝାମଣାକୁ ସଂଶୋଧନ କରାଯାଇ ସେଥିରେ କାଲ୍‌ଭିନୀୟ ମତାବଲମ୍ବୀମାନଙ୍କୁ ଉପଯୁକ୍ତ ମାନ୍ୟତା ଦିଆଗଲା ଏବଂ ସେମାନେ ଅନ୍ୟ ମତାବଲମ୍ବୀମାନଙ୍କ ପରି ସ୍ୱାଧୀନ ଭାବେ ନିଜର ଧର୍ମାଚରଣ ପାଇଁ ଅଧିକାରପ୍ରାପ୍ତ ହେଲେ ।

(୮) ୱେଷ୍ଟ୍‌ଫାଲିଆ ଚୁକ୍ତି ଅନୁସାରେ ପ୍ରତି ଧାର୍ମିକ ବିଚାରାଳୟରେ ସମାନ ସଂଖ୍ୟକ କାଥୋଲିକ୍ ଓ ପ୍ରୋଟେଷ୍ଟାଣ୍ଟ୍ ବିଚାରପତିମାନଙ୍କୁ ଅବସ୍ଥାପିତ କରିବାର ବ୍ୟବସ୍ଥା ରହିଲା ।

(୯) ଫ୍ରାନ୍ସର ଦାବି ଅନୁସାରେ ମେଟଜ୍, ଟଉଲ୍ ଓ ଭରଡ଼ନ୍ ଉପରେ ତାହାର ଅଧିକାରକୁ ମାନ୍ୟତା ମିଳିଲା, କିନ୍ତୁ ଜର୍ମାନୀ ସହର ଷ୍ଟ୍ରାସ୍‌ବର୍ଗକୁ ସ୍ୱତନ୍ତ୍ର କରି ଦିଆଗଲା ।

(୧୦) ସ୍ୱିଡ଼େନ୍‌କୁ ବାଲଟିକ୍ ସମୁଦ୍ର, ପଶ୍ଚିମ ପୋମେରାନିଆ ଓ ବ୍ରେମେନ୍‌ର ହସ୍ତାନ୍ତର କରାଗଲା । ଏହା କେନ୍ଦ୍ର ୟୁରୋପରେ ଅଷ୍ଟ୍ରିଆର ପ୍ରତିପତ୍ତିକୁ ହ୍ରାସ କରିବା ପାଇଁ ଏକ ସଫଳ ପଦକ୍ଷେପ ଥିଲା ।

(୧୧) ଉତ୍ତର ନେଦରଲାଣ୍ଡ୍ ଓ ସୁଇଜରଲାଣ୍ଡ୍‌କୁ ଦୁଇଟି ସ୍ୱାଧୀନ ରାଷ୍ଟ୍ରର ମାନ୍ୟତା ପ୍ରଦାନ କରାଯାଇ, ସେଗୁଡ଼ିକୁ ସ୍ପେନ୍ ଅଧିନରୁ ମୁକ୍ତ କରିଦିଆଗଲା ।

(୧୨) ଏହି ଚୁକ୍ତି ବଳରେ ଫ୍ରାନ୍ସ ଓ ସୁଇଡ଼େନ୍‌କୁ ଜର୍ମାନୀ ଡାଏଟ୍ ପାଇଁ ନିଜ ନିଜର ପ୍ରତିନିଧି ପଠାଇବାର ଅଧିକାର ମିଳିଲା । ଫଳରେ ଉଭୟ ଦେଶ ଜର୍ମାନୀ ବ୍ୟାପାରରେ ସେମାନଙ୍କ ପ୍ରଭାବକୁ ଅନୁଭୂତ କରିବାର ସୁଯୋଗ ପାଇଲେ ।

ଐତିହାସିକ ଗ୍ରାଣ୍ଟଙ୍କ ମତରେ, "ୱେଷ୍ଟ୍‌ଫାଲିଆର ଶାନ୍ତିଚୁକ୍ତି ଜର୍ମାନୀର ଉତ୍‌ଥାନକୁ ପ୍ରତିହିତ କରିବା ବେଳେ ସୁଇଡ଼େନର ଉତ୍‌ଥାନକୁ ଊର୍ଦ୍ଧ୍ୱଗାମୀ କରିଥିଲା" ।

ୱେଷ୍ଟ୍‌ଫାଲିଆ ଶାନ୍ତିଚୁକ୍ତିର ଗୁରୁତ୍ୱ (Importance of Westfalia Treaty) :

୧୬୪୮ ଖ୍ରୀ:ଅ:ର ଏହି ଚୁକ୍ତି ଫଳରେ ୟୁରୋପର ଧାର୍ମିକ ବିବାଦର ଅନ୍ତ ଘଟି ରାଜନୈତିକ ବିପ୍ଳବର ସୂତ୍ରପାତ ହୋଇଥିଲା । ଏହି ଚୁକ୍ତିର ଗୁରୁତ୍ୱପୂର୍ଣ୍ଣ ଦିଗଗୁଡ଼ିକ ହେଲା–

(୧) ଏହି ଚୁକ୍ତି ଫଳରେ ୟୁରୋପରେ ଦେଖାଦେଇଥିବା ଧାର୍ମିକ ସମସ୍ୟାର ସମାଧାନ ଘଟି ଏଥିପାଇଁ ଆରମ୍ଭ ହୋଇଥିବା ତ୍ରିଂଶବର୍ଷୀୟ ସମରର ଅବସାନ ଘଟିଥିଲା ।

(୨) ୱେଷ୍ଟ୍‌ଫାଲିଆ ଚୁକ୍ତି ଦ୍ୱାରା ୟୁରୋପରେ ହାପସ୍‌ବର୍ଗ ରାଜବଂଶର ଗୁରୁତ୍ୱ ହ୍ରାସ ପାଇ ଫ୍ରାନ୍ସର ବୋରବନ୍ ରାଜବଂଶର ପ୍ରାଧାନ୍ୟ ବୃଦ୍ଧି ପାଇଥିଲା ।

(୩) ଏହା ୟୁରୋପରେ ଧାର୍ମିକ ସହନଶୀଳତା ବୃଦ୍ଧି କରିଥିଲା । ଏହାପରେ ୟୁରୋପରୁ ଧାର୍ମିକ ସମସ୍ୟା ଦୂର ହୋଇ କେବଳ ଆର୍ଥିକ ଓ ରାଜନୈତିକ ସମସ୍ୟାମାନ ମୁଣ୍ଡ ଟେକିଥିଲା ।

(୪) ଏହି ଚୁକ୍ତି ଫଳରେ ୟୁରୋପରେ କ୍ଷମତାର ଏକ ସନ୍ତୁଳିତ ବାତାବରଣ ସୃଷ୍ଟି ହୋଇପାରିଥିଲା । ଏହା ସ୍ପେନ୍, ଅଷ୍ଟ୍ରିଆ, ଫ୍ରାନ୍ସ, ସୁଇଡେ଼ନ୍ ଓ ବ୍ରାଣ୍ଡେନ୍‌ବର୍ଗର ରାଜନୈତିକ ଓ ଭୌଗୋଳିକ ସ୍ଥିତିରେ ଏପରି ପରିବର୍ତ୍ତନ ଆଣିଲା, ଯାହାଫଳରେ କେହି ଜଣେ ହେଲେ ୟୁରୋପରେ ଏକାକୀ ନିଜର ପ୍ରଭୁତ୍ୱ ପ୍ରଦର୍ଶନ କରିପାରିଲେ ନାହିଁ ।

(୫) ଏହି ଚୁକ୍ତି ଫଳରେ ପବିତ୍ର ରୋମୀୟ ସାମ୍ରାଜ୍ୟର ଗୁରୁତ୍ୱ ହ୍ରାସ ପାଇଲା, କାରଣ ଏହାପରେ ଜର୍ମାନ ରାଷ୍ଟ୍ରସମୂହ ସ୍ୱତନ୍ତ୍ର ହୋଇଗଲେ । ଫ୍ରାନ୍ସ ଜର୍ମାନୀ ଡାଏଟ୍‌କୁ ତାର ପ୍ରତିନିଧି ପ୍ରେରଣ କରିବାର ଅଧିକାର ପ୍ରାପ୍ତ ହୋଇ ପ୍ରଭାବଶାଳୀ ହେଲା ।

(୬) ହାପସ୍‌ବର୍ଗ ରାଜବଂଶର ପ୍ରତିପତ୍ତି ହ୍ରାସ ପାଇବାରୁ ସୁଇଡେ଼ନ୍‌ର ଗୁରୁତ୍ୱ ବୃଦ୍ଧି ପାଇଲା । ପୁନଶ୍ଚ ଏହା ମଧ୍ୟ ଫ୍ରାନ୍ସ ପରି ଜର୍ମାନ ଡାଏଟ୍‌କୁ ତାର ପ୍ରତିନିଧି ପ୍ରେରଣ କରି, ସେହି ଦେଶର ବ୍ୟାପାରରେ ନିଜର ପ୍ରଭାବ ବିସ୍ତାର କରିପାରିଲା ।

(୭) ତ୍ରିଂଶବର୍ଷିୟ ସମରର ଭୟାବହତା, ଜନକ୍ଷୟ, ଶିକ୍ଷା, ସଂସ୍କୃତି ଓ ବାଣିଜ୍ୟର ଅବକ୍ଷୟକୁ ଲକ୍ଷ୍ୟ କରି ୱେଷ୍ଟ୍‌ଫାଲିଆ ଶାନ୍ତିଚୁକ୍ତିରେ ଅଂଶଗ୍ରହଣ କରିଥିବା ଶକ୍ତିମାନେ ଭବିଷ୍ୟତର ଯୁଦ୍ଧ ଯେପରି ସମାଜ ଓ ଜନସାଧାରଣଙ୍କ ଉପରେ ସବୁଠାରୁ କମ୍ ପ୍ରଭାବ ପକାଇବ ସେ ବିଷୟରେ ନିଜ ନିଜର ସୁଚିନ୍ତିତ ସର୍ତ୍ତାବଳୀମାନ ଉପସ୍ଥାପନ କଲେ । ଏଣୁ ଏକ "ଆର୍ନ୍ତଜାତୀୟ ସମର ସଂହିତା''ର ଆବଶ୍ୟକତା ଅନୁଭୂତ ହେଲା । ହଲାଣ୍ଡର ହୁଗୋ ଗ୍ରୋଟିଅସ୍ ''ଯୁଦ୍ଧ ଓ ଶାନ୍ତିର ନିୟମ'' (On Law of War and Peace) ନାମକ ଏକ ପୁସ୍ତକ ରଚନା କଲେ । ଏହି ପୁସ୍ତକର ଅଧ୍ୟୟନ ଫଳରେ ସାଧାରଣ ଲୋକ ଯୁଦ୍ଧରେ ଆହତ ବ୍ୟକ୍ତିମାନଙ୍କର ଦୁଃଖ, ନିହତ ବ୍ୟକ୍ତିମାନଙ୍କ ଅନାଥ ଶିଶୁ ଓ ପରିବାର କ୍ଲେଶ ତଥା ଯୁଦ୍ଧର ଭୟାବହତାର ପ୍ରଭାବରେ ଉତ୍ପୀଡ଼ିତ ନିରୀହ ଦେଶବାସୀଙ୍କ ମଙ୍ଗଳାର୍ଥେ ଏକ "ଆର୍ନ୍ତଦେଶୀୟ ଯୁଦ୍ଧ ସଂହିତା''ର ପ୍ରଚଳନ କଲେ ।

ଏଣୁ ୱେଷ୍ଟ୍‌ଫାଲିଆ ଚୁକ୍ତିନାମା ''ଆର୍ନ୍ତଜାତୀୟ ଯୁଦ୍ଧସଂହିତା'' ଏବଂ ''ଧାର୍ମିକ ସହନଶୀଳତା ମୂଳସୂତ୍ର''ର
ଦିଗ୍‌ଦର୍ଶନ କରାଇଥିଲା ।
ପ୍ରତିଷ୍ଠାତା ରୂପେ ମାନବ ସଭ୍ୟତାକୁ ଏକ ନୂତନ ପ୍ରୁସିଆରେ ପରିଣତ ହୋଇଥିଲା । ପରେ
(୮) ବ୍ରାଣ୍ଡେନ୍‌ବର୍ଗର ଗୁରୁତ୍ୱ ବୃଦ୍ଧି ପାଇ ଏହା ସମ୍ପ୍ରସାରିତ ରୂପେ ଏକତ୍ରୀକରଣରେ ବିରାଟ "ଜର୍ମାନୀ
ଏହାର ଧୂରିଣ ଚାନ୍‌ସେଲର ବିସ୍‌ମାର୍କଙ୍କ ନେତୃତ୍ୱରେ ସମସ୍ତ ଜର୍ମାନ ରାଷ୍ଟ୍ରଗୋଷ୍ଠୀର
ସାମ୍ରାଜ୍ୟ''ର ପ୍ରତିଷ୍ଠା ହୋଇଥିଲା । ତାହାର ନୌଶକ୍ତିକୁ ସମୃଦ୍ଧ କରିଥିଲା ।
(୯) ଏହି ଚୁକ୍ତି ଫଳରେ ହଲାଣ୍ଡ୍ ଏକ ସ୍ୱତନ୍ତ୍ର ରାଷ୍ଟ୍ରର ମାନ୍ୟତା ପାଇ, ହୋଇଥିଲା ।
ଏହି ଶକ୍ତିଶାଳୀ ନୌବହର ପ୍ରଭାବ ପରବର୍ତ୍ତୀ ୟୁରୋପରେ ବେଶ୍ ଅନୁଭୂତ ରାଜନୈତିକ
(୧୦) ଏହି ଚୁକ୍ତି ଆଭ୍ୟନ୍ତରଣୀୟ ସମସ୍ୟାଗୁଡ଼ିକର ସମାଧାନ କରିବା ସଙ୍ଗେ ସଙ୍ଗେ ଆଧୁନିକ ସମୟରେ ପ୍ରସ୍ତୁତ ହୋଇଥିବା
ବ୍ୟବସ୍ଥାକୁ ଜନ୍ମ ଦେଇଥିଲା । ଐତିହାସିକମାନେ ବିଶ୍ୱାସ କରନ୍ତି ଯେ ୱେଷ୍ଟ୍‌ଫାଲିଆ ଚୁକ୍ତିନାମା
ୟୁରୋପର ମାନଚିତ୍ର ୧୭୮୯ ଖ୍ରୀ:ଅ: ଫରାସୀ ବିପ୍ଳବ ପର୍ଯ୍ୟନ୍ତ ପ୍ରଚଳିତ ଥିଲା । ରାଜନୈତିକ ବ୍ୟବସ୍ଥାର
ଏଣୁ ୱେଷ୍ଟ୍‌ଫାଲିଆର ଏହି ଶାନ୍ତିଚୁକ୍ତି ଧାର୍ମିକ ସହନଶୀଳତା, ବିଶ୍ୱଶାନ୍ତି ଓ ଆର୍ନ୍ତଜାତୀୟ କରିପାରିଥିଲା । ଏହା
ଭିତ୍ତି ସ୍ଥାପନ କରି ନିରୀହ ମାନବ ସମାଜକୁ ଅନାବଶ୍ୟକ ଯୁଦ୍ଧ ଘନଘଟାର ଦୁର୍ଦ୍ଦଶାରୁ ରକ୍ଷା
ପ୍ରକୃତରେ ସମାଜ କଲ୍ୟାଣ ପାଇଁ ଇତିହାସରେ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିଥିଲା ।

(୨) ଫ୍ରାନ୍ସ
(FRANCE)

ଦୀର୍ଘ ୧୧୬ ବର୍ଷ ପରେ ୧୪୫୩ ଖ୍ରୀ:ଅ: ରେ ଇଂଲଣ୍ଡ ସହ ଫ୍ରାନ୍ସର ''ଶତବର୍ଷର ଯୁଦ୍ଧ'' (୧୩୩୭-୧୪୫୩ ଖ୍ରୀ:ଅ:)ର ଅବସାନ ଘଟିଲା । ଏହି ଯୁଦ୍ଧରେ ଜଣେ ୧୯ ବର୍ଷିୟା ଫରାସୀ ତରୁଣୀ ''ଜୋଆନ୍ ଅଫ୍ ଆର୍କ'' (୧୪୧୨-୧୪୩୧ ଖ୍ରୀ:ଅ:)ଙ୍କର ଅଭୂତପୂର୍ବ ସାହସ ଯୋଗୁଁ ଆଶ୍ଚର୍ଯ୍ୟଜନକ ରୂପେ ଫ୍ରାନ୍ସ ବିଜୟୀ ହୋଇପାରିଥିଲା । ତତ୍‌ପରେ ଚାର୍ଲସ ସପ୍ତମ (୧୪୨୨-୧୪୬୧ ଖ୍ରୀ:ଅ:) ଫ୍ରାନ୍ସର ଜନସାଧାରଣଙ୍କ ସହଯୋଗରେ ଶକ୍ତିଶାଳୀ ହୋଇ ସାମନ୍ତ ରାଜାମାନଙ୍କୁ ସାମରିକ ଦାୟିତ୍ୱମୁକ୍ତ କରିଦେଲେ । ସେ ନିଜେ ଏକ ସାମରିକ ବାହିନୀ ପରିଚାଳନା କରି ଅଧସ୍ତନ ସାମନ୍ତମାନଙ୍କୁ ନିୟନ୍ତ୍ରଣରେ ରଖିଲେ ।

ଏହାପରେ ଲୁଇ ଏକାଦଶ (୧୪୬୧-୧୪୮୩ ଖ୍ରୀ:ଅ:) ରାଜତ୍ୱ କଲେ । ସେ ବୁର୍ଗୁଣ୍ଡି ଓ ପ୍ରୋଭେନସ୍ ରାଜ୍ୟକୁ 'ସତ୍ତ୍ୱଲୋପ ନୀତି' (Policy of Lapse) ଦ୍ୱାରା ୧୪୭୭ ଖ୍ରୀ:ଅ:ରେ ଫ୍ରାନ୍ସରେ ମିଶାଇଦେଲେ ।

ଚାର୍ଲସ୍-ଅଷ୍ଟମ (୧୪୮୩-୧୪୯୮ ଖ୍ରୀ:ଅ:) ବ୍ରିଟାନିକୁ ଫ୍ରାନ୍ସ ସହ ସଂଯୁକ୍ତ କରି ୧୪୯୮ ଖ୍ରୀ:ଅ:ରେ ଫ୍ରାନ୍ସର ସମ୍ପୂର୍ଣ୍ଣ ସମ୍ମିଶ୍ରଣକୁ ପୂର୍ଣ୍ଣାଙ୍ଗ କରିଥିଲେ ।

ପ୍ରାରମ୍ଭିକ ଆଧୁନିକ ୟୁରୋପୀୟ ଯୁଗର 'ଫ୍ରାନ୍ସ ସାମ୍ରାଜ୍ୟ' ୟୁରୋପୀୟ ନବଜାଗରଣ (୧୫୦୦-୧୫୫୦ ଖ୍ରୀ:ଅ:) ଠାରୁ ଫରାସୀ ବିପ୍ଳବ (୧୭୮୯-୧୮୦୪ ଖ୍ରୀ:ଅ:) ପର୍ଯ୍ୟନ୍ତ ମୁଖ୍ୟ କାପେତୀୟ ରାଜବଂଶ (Capetian cadet)ର ଏକ ଶାଖା ଥିବା ବୁରବୋଁ ରାଜବଂଶ (House of Bourbon) ଦ୍ୱାରା ଶାସିତ ହୋଇଥିଲା। ଏହାକୁ ଫ୍ରାନ୍ସର ପ୍ରାଚୀନ ରାଜତ୍ୱ (Ancient Regiman) କାଳ କୁହାଯାଏ। ତତ୍‌କାଳୀକ ଫ୍ରାନ୍ସ ରାଜ୍ୟର ପରିସୀମା ପ୍ରାୟ ଆଧୁନିକ ଫ୍ରାନ୍ସର ପରିସୀମାସହ ସମାନ ଥିଲା। ଅଧିକନ୍ତୁ ଏହା ଅଧୀନରେ ଦରିଆପାରି ଫରାସୀ ଉପନିବେଶଗୁଡ଼ିକ ମଧ୍ୟ ଶାସିତ ହେଉଥିଲା। ଏହି ସମୟ କାଳର ଫ୍ରାନ୍ସ ଶାସକମାନଙ୍କ ମଧ୍ୟରେ ଲୁଇ ଚତୁର୍ଦ୍ଦଶ (Louis XIV) ଅନ୍ୟତମ ଥିଲେ। ତାଙ୍କ ଦୀର୍ଘ ୭୨ ବର୍ଷର ଶାସନକାଳ (୧୬୪୩-୧୭୧୫ ଖ୍ରୀ:ଅ:) ଫ୍ରାନ୍ସ ଶାସନ ଇତିହାସର ଯେକୌଣସି ଜଣେ ସମ୍ରାଟଙ୍କର ଦୀର୍ଘତମ ଶାସନକାଳ ଥିଲା। ସେ ରାଜ୍ୟରୁ ମଧ୍ୟଯୁଗୀୟ ସାମନ୍ତବାଦକୁ ବିଲୋପ କରି ଜଣେ ନିରଙ୍କୁଶ ସମ୍ରାଟଙ୍କ ଅଧୀନରେ ଏକ "କେନ୍ଦ୍ରୀୟ ରାଜ୍ୟବ୍ୟବସ୍ଥା'' (Centralised State System)ର ପ୍ରତିଷ୍ଠା କରିଥିଲେ ଯାହା ଫରାସୀ ବିପ୍ଳବ ଶେଷ ହେବା ପର୍ଯ୍ୟନ୍ତ ତିଷ୍ଠି ରହିଥିଲା।

ଫରାସୀ ରାଷ୍ଟ୍ର ବିପ୍ଳବ ଓ ବୌଦ୍ଧିକ ପ୍ରବାହ
(French Revolution (1789) & the Intellectual currents) :

ଫରାସୀ ରାଷ୍ଟ୍ରବିପ୍ଳବର କାରଣଗୁଡ଼ିକ ଯେପରି ଗୁରୁତ୍ୱପୂର୍ଣ୍ଣ ଏହାର ଫଳାଫଳ ସେତିକି ପରିମାଣରେ ଯୁଗାନ୍ତକାରୀ ଓ ମହତ୍ତ୍ୱପୂର୍ଣ୍ଣ । ୧୭୮୯ ମସିହାରେ ଘଟିଥିବା ବିପ୍ଳବର ଗତି ଏପରି ବିଚିତ୍ର ଆକାର ଧାରଣ କରିଥିଲା ଯେ ଆଧୁନିକ ମାନବ ସଭ୍ୟତାରେ ଏହା ଏକ ରୋମାଞ୍ଚକର ଘଟଣା ବୋଲି ସ୍ୱୀକାର୍ଯ୍ୟ ହେଲା । ବିପ୍ଳବର ଘଟଣା ପ୍ରବାହ ଭବିଷ୍ୟତ ଯୁଗ ଉପରେ ଗଭୀର ରେଖାପାତ କରିଥିଲା କାରଣ, ଗତି ଓ ପରିଣାମ ସବୁ ଦୃଷ୍ଟିରୁ ଫରାସୀ ବିପ୍ଳବ ଥିଲା ତାତ୍ପର୍ଯ୍ୟପୂର୍ଣ୍ଣ ଓ ବିଶ୍ୱ ଇତିହାସରେ ମର୍ଯ୍ୟାଦାବନ୍ତ । ଫରାସୀ ରାଷ୍ଟ୍ରବିପ୍ଳବର ପୂର୍ବବର୍ତ୍ତୀ ସମୟକୁ ''ପୁରାତନ ଅମଳ ବା ରାଜତ୍ୱ'' ବା (Ancient Regime) ବୋଲି ବର୍ଣ୍ଣନା କରାଯାଏ । ସେହି ସମୟର ଅବସାନ ଘଟାଇବା ଦିଗରେ ଏହି ବିପ୍ଳବ ଫରାସୀ ଅଧିବାସୀମାନଙ୍କୁ ପ୍ରେରଣା ଯୋଗାଇ ଦେଇଥିଲା । ଅନେକ କାରଣ ପାଇଁ ଫରାସୀ ରାଷ୍ଟ୍ରବିପ୍ଳବ ସଂଘଟିତ ହୋଇଥିଲା । ସେହି କାରଣଗୁଡ଼ିକୁ ରାଜନୈତିକ, ସାମାଜିକ, ଅର୍ଥନୈତିକ, ବୌଦ୍ଧିକ ଓ ବହିଃ ପ୍ରଭାବିତ କାରଣ ରୂପେ ବ୍ୟାଖ୍ୟା କରାଯାଇଅଛି ।

ରାଜନୈତିକ ପୃଷ୍ଠଭୂମି (Political Back drop):

ଫ୍ରାନ୍ସର ରାଜନୈତିକ ଅବସ୍ଥା, ଶାସନ ବ୍ୟବସ୍ଥା ଓ ଦୁର୍ବଳ ରାଜତନ୍ତ୍ର ଏହି ଯୁଗାନ୍ତକାରୀ ବିପ୍ଳବର ଏକ ମୁଖ୍ୟ କାରଣ ଥିଲା । ଫ୍ରାନ୍ସରେ ବୁରବୋଁ (Bourbon) ରାଜବଂଶର ନିରଙ୍କୁଶ ରାଜତନ୍ତ୍ର ପ୍ରଚଳିତ ଥିଲା । ମୁଖ୍ୟତଃ, ଫରାସୀ ବିପ୍ଳବ ନିରଙ୍କୁଶ ରାଜତନ୍ତ୍ର ବିରୋଧରେ ଏକ ରାଜନୈତିକ ବିଦ୍ରୋହ । ପ୍ରଜାମାନଙ୍କର ବ୍ୟକ୍ତିଗତ ମୁକ୍ତି ଓ ରାଜନୈତିକ ଅଧିକାର ସାବ୍ୟସ୍ତ କରିବା ଥିଲା ବିପ୍ଳବୀମାନଙ୍କର ଲକ୍ଷ୍ୟ । ବୁରବୋଁ (Bourbon) ରାଜବଂଶର ସ୍ୱେଚ୍ଛାଚାର, ଅନୀତି, କୁଶାସନ ବିପକ୍ଷରେ ଫରାସୀ ଜାତିର ପୁଞ୍ଜିଭୂତ ଅସନ୍ତୋଷ ଥିଲା ବିପ୍ଳବର ମୁଖ୍ୟ ଆଧାର । ରାଜା ଥିଲେ ରାଷ୍ଟ୍ରମୁଖ୍ୟ, ଶାସନ ମୁଖ୍ୟ, ବିଚାର ବିଭାଗ ମୁଖ୍ୟ ଓ ସେନାବାହିନୀର ସର୍ବୋଚ୍ଚ ସେନାଧ୍ୟକ୍ଷ । ତାଙ୍କର ବାକ୍ୟ ଦେଶର ନିୟମ ଓ ତାଙ୍କର ଆଦେଶ ଅଲଙ୍ଘନୀୟ ନିର୍ଦ୍ଦେଶ ଥିଲା । ତାଙ୍କର କ୍ଷମତା ସଂପୂର୍ଣ୍ଣ ଓ ସାର୍ବଭୌମ ଈଶ୍ୱରପ୍ରଦତ୍ତ ଅଧିକାର (Divine right theory of kingship) । ଉକ୍ତ ମତାନୁସାରେ ରାଜାମାନଙ୍କର କାର୍ଯ୍ୟକଳାପ ପାଇଁ ସେ କେବଳ ଭଗବାନଙ୍କ ପାଖରେ ଦାୟୀ ରହୁଥିଲେ । କ୍ରମାଗତ ଭାବେ ରାଜାମାନଙ୍କର ଅକଥନୀୟ ଅତ୍ୟାଚାର ପ୍ରଜାମାନଙ୍କୁ ଉଚ୍ଛୃଙ୍ଖଳ ହେବାକୁ ବାଧ୍ୟ କରିଥିଲା । ଯଦିଚ ରାଜା ଷୋଡ଼ଶ ଲୁଇଙ୍କ ରାଜତ୍ୱ କାଳରେ ବିପ୍ଳବ ସଂଘଟିତ ହେଲା ତଥାପି ତାଙ୍କର ପୂର୍ବବର୍ତ୍ତୀ ଦୁଇଜଣ ରାଜାଙ୍କ ରାଜତ୍ୱ ଉପରେ ଆଲୋଚନା କରିବା ନିତାନ୍ତ ଆବଶ୍ୟକ । ସେହି ଦୁଇଜଣ ରାଜା ହେଲେ ଚତୁର୍ଦ୍ଦଶ ଲୁଇ ଓ ପଞ୍ଚଦଶ ଲୁଇ ।

ଚତୁର୍ଦ୍ଦଶ ଲୁଇ (Louis XIV) :

ଫ୍ରାନ୍ସର ଚତୁର୍ଦ୍ଦଶ ଲୁଇ ଇଉରୋପ ଇତିହାସରେ ମହାନ ରାଜା ବା Grand Monarch ରୂପେ ପରିଚିତ । ତାଙ୍କ ସମୟରେ ସମଗ୍ର ଇଉରୋପ ମହାଦେଶରେ ସେ ଥିଲେ ଜଣେ ଅନନ୍ୟ ବ୍ୟକ୍ତିତ୍ୱ । ପିତାଙ୍କର ମୃତ୍ୟୁ ପରେ ମାତ୍ର ପାଞ୍ଚବର୍ଷ ବୟସରେ ୧୬୩୪ ଖ୍ରୀଷ୍ଟାବ୍ଦରେ ସେ ସିଂହାସନ ଆରୋହଣ କରିଥିଲେ । ତାଙ୍କର ଅଭିଭାବକ ଭାବେ ଫ୍ରାନ୍ସର ଜଣେ ବିଚକ୍ଷଣ ମନ୍ତ୍ରୀ କାର୍ଡ଼ିନାଲ ମ୍ୟାଜାରିନ୍ (Cardinal Mazarin) ଶାସନକାର୍ଯ୍ୟ ଚଳାଉଥିଲେ । ସେ ଜଣେ ଦକ୍ଷ ଓ ଦୂରଦୃଷ୍ଟିସଂପନ୍ନ ବ୍ୟକ୍ତି ଥିଲେ । ସେ ସମ୍ଭ୍ରାନ୍ତମାନଙ୍କ କ୍ଷମତା ଉପରେ ଅନେକ କଟକଣା ଜାରି କରିଥିଲେ ସୁଦ୍ଧା ଜନପ୍ରତିନିଧିମୂଳକ ବିଚାର ଅନୁଷ୍ଠାନଗୁଡ଼ିକ (Parliament) ହାତରୁ କ୍ଷମତା କାଢ଼ିନେଇ ମସ୍ତବଡ଼ ଭୁଲ୍ କରିଥିଲେ । ସମ୍ଭ୍ରାନ୍ତମାନଙ୍କର ତଥା ନାଗରିକମାନଙ୍କର କ୍ଷମତା ହ୍ରାସ ହେବାଦ୍ୱାରା ସେ ରାଜତନ୍ତ୍ରକୁ ଅଧିକତର ସୁଦୃଢ଼ କରିବାକୁ ବାଧ୍ୟ ହୋଇଥିଲେ । ତାଙ୍କର ହଠାତ୍ ବିୟୋଗ ଘଟିବା ବେଳକୁ ଚତୁର୍ଦ୍ଦଶ ଲୁଇଙ୍କ ବୟସ ମାତ୍ର ୨୩ ବର୍ଷ ହୋଇଥିଲା । ରାଜା

Louis XIV

ମନ୍ତ୍ରୀଙ୍କ ମୃତ୍ୟୁ ପରେ ନିଜ ହାତରେ ସମସ୍ତ କ୍ଷମତାକୁ କେନ୍ଦ୍ରୀଭୂତ କରି ରାଜ୍ୟ ଶାସନ କରିବାକୁ ଲାଗିଲେ । ୧୭୧୫ ଖ୍ରୀଷ୍ଟାବ୍ଦରେ ତାଙ୍କ ମୃତ୍ୟୁ ପର୍ଯ୍ୟନ୍ତ ଚତୁର୍ଦ୍ଦଶ ଲୁଇ ଫ୍ରାନ୍‌ସର ନିରଙ୍କୁଶ ସ୍ୱେଚ୍ଛାଚାରୀ ରାଜା ଭାବେ ଶାସନ ଚଳାଇଥିଲେ ।

ଚତୁର୍ଦ୍ଦଶ ଲୁଇ ଜଣେ ସବଳକାୟ, କର୍ମଦକ୍ଷ, ଅସାଧାରଣ ବ୍ୟକ୍ତି ଥିଲେ । ସମଗ୍ର ଇଉରୋପ ମହାଦେଶରେ ଫ୍ରାନ୍‌ସର ମର୍ଯ୍ୟାଦା ବଢ଼ାଇବା ତାଙ୍କର ଏକମାତ୍ର ଲକ୍ଷ୍ୟ ଥିଲା । ସେହି ଲକ୍ଷ୍ୟ ପୂରଣ କରିବା ପାଇଁ ସେ ଅଦମ୍ୟ ଉଦ୍ୟମ ଚଳାଇଥିଲେ । ଅନ୍ୟପକ୍ଷରେ ସେ ଜଣେ ଅତ୍ୟନ୍ତ ଅବିବେକୀ ଓ ଜିଦ୍‌ଖୋର ବ୍ୟକ୍ତି ଥିଲେ । ଯାହା ସେ ନିଜେ ଭଲ ବୋଲି ଭାବୁଥିଲେ ତାହା ମନ୍ଦ ହେଲେ ମଧ୍ୟ ସେଥିରେ ସେ ଅଟଳ ହୋଇ ରହୁଥିଲେ । କ୍ରମେ ଚତୁର୍ଦ୍ଦଶ ଲୁଇଙ୍କର ବ୍ୟକ୍ତିକୈନ୍ଦ୍ରିକ ଦୋଷତ୍ରୁଟିଗୁଡ଼ିକ ପଦାରେ ପଡ଼ିଯାଇଥିଲା । ନିଜର କ୍ଷମତା, ମର୍ଯ୍ୟାଦା ଓ ଗୌରବ ବୃଦ୍ଧି ପାଇଁ ପ୍ରଜାମାନଙ୍କ ସ୍ୱାର୍ଥକୁ ବଳି ଦେବାକୁ ପଡ଼ିଥିଲା । ଇଉରୋପ ମହାଦେଶରେ ଲୁଇଙ୍କର ଦୋଷ ଦୁର୍ବଳତାଗୁଡ଼ିକ ଧରାପଡ଼ିଗଲା । ରାଜାଙ୍କର ମନ୍ଦ ନୀତି ପାଇଁ ଫ୍ରାନ୍‌ସ ଦେଶ ଅଧୋଗତି ପଥରେ ଆଗେଇ ଚାଲିଲା । ଭବିଷ୍ୟତ ବିପର୍ଯ୍ୟୟର ମାର୍ଗ ଉନ୍ମୁକ୍ତ ହୋଇଗଲା । ରାଜାଙ୍କର ଅବିଚାର ନୀତିଗୁଡ଼ିକ ରାଜତନ୍ତ୍ର ପ୍ରତି ବିପଦସଙ୍କେତ ବହନ କଲା ଓ ଫରାସୀ ବିପ୍ଳବର ପୃଷ୍ଠଭୂମି ପ୍ରସ୍ତୁତ କରାଯାଇପାରିଲା ।

ମହାନ ରାଜା ଚତୁର୍ଦ୍ଦଶ ଲୁଇଙ୍କ ଧାରଣା ବଦ୍ଧମୂଳ ହେଲା ଯେ ସେ ଈଶ୍ୱରଙ୍କ ପ୍ରେରିତ ଦୂତ ଏବଂ ତାଙ୍କର ଅଧିକାର ଈଶ୍ୱର ପ୍ରଦତ୍ତ । ସେ ହୃଦୟଙ୍ଗମ କରିପାରିଲେ ନାହିଁ ଯେ ନବଚେତନାର ଆରମ୍ଭ କାଳରେ ତାଙ୍କର ଏପରି ବିଶ୍ୱାସ ପ୍ରଜାମାନଙ୍କୁ ସନ୍ତୁଷ୍ଟ କରିପାରିବ ନାହିଁ । ଈଶ୍ୱରଙ୍କ ସ୍ଥିତି ସଂପର୍କରେ ସନ୍ଦେହ ଜାତ ହେଉଥିବା ବେଳେ ଜଣେ ସ୍ୱେଚ୍ଛାଚାରୀ ରାଜାଙ୍କୁ ଈଶ୍ୱରଙ୍କ ପ୍ରେରିତ ଦୂତ ବୋଲି ଗ୍ରହଣ କରିବାକୁ ବିଜ୍ଞ ବ୍ୟକ୍ତିମାନେ ପ୍ରସ୍ତୁତ ନଥିଲେ । ବୋସୁଏତ୍‌ଙ୍କ ଦ୍ୱାରା ପ୍ରଭାବିତ ହୋଇ ଚତୁର୍ଦ୍ଦଶ ଲୁଇ କେବଳ ଈଶ୍ୱରଙ୍କ ନିକଟରେ ସେ ଦାୟୀ ଏବଂ ଅନ୍ୟ କାହାରି ନିକଟରେ ନୁହେଁ ବୋଲି ଘୋଷଣା କଲେ । ଏହି ଧାରଣାରୁ ଜନ୍ମଲାଭ କରିଥିଲା ପ୍ରସିଦ୍ଧ ଉକ୍ତି ''ମୁଁ ହେଉଛି ରାଷ୍ଟ୍ର'' (I am the State) । ଏହି ନୀତିକୁ ପାଥେୟ କରି ଲୁଇ କେନ୍ଦ୍ରୀୟ ଶାସନକୁ ସୁଦୃଢ଼ କରିଥିଲେ । ରାଜା ଶାସନ କଳର କେନ୍ଦ୍ରବିନ୍ଦୁ ହୋଇ ରହିଲେ । ସେ ନିଜେ ଥିଲେ ପ୍ରଧାନମନ୍ତ୍ରୀ ଏବଂ ଅନ୍ୟ ମନ୍ତ୍ରୀମାନେ ଥିଲେ ତାଙ୍କର ଆଜ୍ଞାଧୀନ ଭୃତ୍ୟ । ସେମାନେ ରାଜାଙ୍କ ଆଦେଶ ପାଳନ କରୁଥିଲେ । ରାଜ୍ୟର ଦୂରଦୂରାନ୍ତ ଅଞ୍ଚଳଗୁଡ଼ିକର ଶାସନ ପାଇଁ ସ୍ଥାନୀୟ ଶାସନକର୍ତ୍ତାମାନଙ୍କୁ ନିଯୁକ୍ତ କରି ସେମାନଙ୍କୁ ନିଜ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟତ୍ତ କରି ରଖିଥିଲେ । ମାତ୍ର ଯେତେବେଳେ ଲୁଇ ଶାରୀରିକ ଓ ମାନସିକ ଅବସ୍ଥା ହରାଇବସିଲେ ସେତେବେଳେ ପ୍ରାଦେଶିକ ଶାସକମାନେ ବିଶୃଙ୍ଖଳିତ ହୋଇଉଠିଲେ । ଆତ୍ମକୈନ୍ଦ୍ରିକ ଶାସନ ଭୁଶୁଡ଼ି ପଡ଼ିଲା ।

ଅନ୍ୟ ଏକ କାର୍ଯ୍ୟ ପାଇଁ ଚତୁର୍ଦ୍ଦଶ ଲୁଇ ରାଜତନ୍ତ୍ର ପାଇଁ ବିପଦକୁ ଆହ୍ୱାନ କଲେ । ତାହା ଥିଲା ଭର୍ସାଇ ପ୍ରାସାଦ ନିର୍ମାଣ (Palace of Versailes) । ପ୍ୟାରିସ୍ ଥିଲା ଫ୍ରାନ୍‌ସର ରାଜଧାନୀ । ସେହି ରାଜଧାନୀର କେନ୍ଦ୍ରସ୍ଥଳରେ ଥିଲା ରାଜପ୍ରାସାଦ ଏବଂ ରାଜକୀୟ କାର୍ଯ୍ୟାଳୟ । ''ଐଶୀ ଅଧିକାର'' ଦର୍ଶନରେ ବିଶ୍ୱାସ ରଖି ରାଜା ଭାବିଲେ ଯେ ଈଶ୍ୱରଙ୍କ ପ୍ରତିନିଧି ଭାବେ ସାଧାରଣ ଲୋକଙ୍କ ଗହଣରେ ବାସ କରିବାରେ ତାଙ୍କର ମର୍ଯ୍ୟାଦାହାନି ଘଟିବ । ଜନାକୀର୍ଣ୍ଣ ପ୍ୟାରିସ ନଗରରେ ଚଳନ୍ତି ଈଶ୍ୱର ରୂପେ ଚଳପ୍ରଚଳ କରିବା ତାଙ୍କର ବୋକାମିର ପରିଚୟ ମାତ୍ର । ଲୋକମାନଙ୍କୁ ସାକ୍ଷାତ ଦେଲେ ରାଜାଙ୍କ ପ୍ରତି ଭୟ ଓ ସମ୍ମାନ କମିଯାଇପାରେ ବୋଲି ସେ ଚିନ୍ତା କଲେ । ଏହିପରି ଅନେକ ଧାରଣାର ଶିକାର ହୋଇ ଭର୍ସାଇ ପ୍ରାସାଦ ଓ ସହର ନିର୍ମାଣ କରିବା ପାଇଁ ଚତୁର୍ଦ୍ଦଶ ଲୁଇ ଆଦେଶ ଦେଲେ । ପ୍ୟାରିସ ନଗରୀ ନିକଟରୁ ପ୍ରାୟ ୧୨ ମାଇଲ ଦୂରରେ ପତିତ ଜମି ଉପରେ ଭର୍ସାଇ ପ୍ରାସାଦ ଓ ନଗର ନିର୍ମାଣ କରାଗଲା । ମର୍ମର ପ୍ରତିମୂର୍ତ୍ତି ପ୍ରଭୃତି ଦ୍ୱାରା ସୁଶୋଭିତ ଭର୍ସାଇ ସହର ଅବିଳମ୍ବେ ଇଉରୋପ ମହାଦେଶର ଏକ ସୌନ୍ଦର୍ଯ୍ୟ ସ୍ଥଳୀ ରୂପେ ଖ୍ୟାତିଲାଭ କଲା । ରାଜପ୍ରାସାଦ ମଧ୍ୟରେ ନିର୍ମିତ ହୋଇଥିବା ଦର୍ପଣ କକ୍ଷ (Hall of Mirror) ଚମକପ୍ରଦ ସୌନ୍ଦର୍ଯ୍ୟ ଧାରଣ କରି 'ମହାନ୍ ରାଜା'ଙ୍କର

ଦରବାର କକ୍ଷ ଭାବରେ ବ୍ୟବହାର ହେଲା ଏବଂ ଇଉରୋପ ମହାଦେଶର ସମସ୍ତ ରାଜଦରବାରଗୁଡ଼ିକ ମଧ୍ୟରେ ସର୍ବଶ୍ରେଷ୍ଠ ଦରବାର ବୋଲି ବିବେଚିତ ହେବାକୁ ଲାଗିଲା । ରାଜା ଏବଂ ରାଜପରିବାର ପ୍ୟାରିସ୍‌ରୁ ଆସି ଭର୍ସାଇଠାରେ ବାସ କଲେ । ମନ୍ତ୍ରୀ ଏବଂ ରାଜକର୍ମଚାରୀମାନେ ଗ୍ରହରାଜି ଭାବେ ସୂର୍ଯ୍ୟ ରୂପକ ରାଜାଙ୍କ ଚାରିପାଖରେ ବସବାସ କରିବାକୁ ରାଜପ୍ରାସାଦରେ ସ୍ଥାନ ପାଇଲେ । ଫଳରେ ଭର୍ସାଇ ପ୍ରାସାଦ କେବଳ ଶାସନ କାର୍ଯ୍ୟର କେନ୍ଦ୍ର ହେଲାନାହିଁ ସେଥିସହ ସମ୍ଭ୍ରାନ୍ତମାନଙ୍କର ବିଳାସ କେନ୍ଦ୍ରରେ ମଧ୍ୟ ପରିଣତ ହେଲା । ପ୍ରମୋଦ ନଗରୀ ଭର୍ସାଇ ଇଉରୋପୀୟ ନରପତିମାନଙ୍କ ଈର୍ଷାର ବିଷୟ ହେଲା । ସେଠାରୁ ଆରମ୍ଭ ହେଲା ଆଭିଜାତ ସଂପ୍ରଦାୟର ବିଳାସ ଶୈଳୀ, ଆଚାର ବ୍ୟବହାର ଓ ଆଡ଼ମ୍ବରପୂର୍ଣ୍ଣ ରୁଚି ।

ମହାନ ରାଜା ଚତୁର୍ଦ୍ଦଶ ଲୁଇ ଜାଣିପାରିଲେ ନାହିଁ ଭର୍ସାଇ ସ୍ଥାପନ ଦ୍ୱାରା ପ୍ରଜାମାନଙ୍କ ମନରେ କିପରି ପ୍ରତିକ୍ରିୟା ସୃଷ୍ଟି ହେବ । ଶେଷରେ ଲୋକଙ୍କ ଦୃଷ୍ଟିରେ ସମ୍ଭ୍ରାନ୍ତମାନେ ଗୋଟିଏ ପ୍ରକାର ପରାଙ୍ଗପୁଷ୍ଟ ସଂପ୍ରଦାୟ (Parasitic) ରୂପେ ଗଣ୍ୟ ହେଲେ । କୌଣସି କାର୍ଯ୍ୟ ନ କରି ପ୍ରଜାଙ୍କ ଅର୍ଥରେ ଜଘନ୍ୟ ଭୋଗବିଳାସ ମଧ୍ୟରେ ସମ୍ଭ୍ରାନ୍ତମାନେ ରାଜାଙ୍କ ସହିତ ମିଶି ସମୟ ଅତିବାହିତ କଲେ । ଏହିପରି ଅପରିଣାମଦର୍ଶିତା ନୀତି ଯୋଗୁଁ ରାଜକୋଷର କ୍ଷତି ହେଲା । ପ୍ରଜାଙ୍କର ଅର୍ଥରେ ବିଳାସବ୍ୟସନ, ଅତିଥି ଚର୍ଚ୍ଚା, ରାଜକୀୟ ଆଡ଼ମ୍ବର ଓ ନୃତ୍ୟବାଦ୍ୟ ଲାଗି ରହିବା ଫଳରେ ଅର୍ଥନୈତିକ ଅଧପତନ ହେଲା ଏବଂ ଭର୍ସାଇ ହେଲା ଫରାସୀ ଜାତିର ଆର୍ଥିକ ଦୁର୍ଗତି ପାଇଁ ଅନ୍ୟତମ କାରଣ ।

ସର୍ବଶେଷରେ ଭର୍ସାଇକୁ ରାଜଧାନୀ ଅପସରଣ କରିବା ଦ୍ୱାରା ରାଜା ଓ ପ୍ରଜାଙ୍କ ମଧ୍ୟରେ ବ୍ୟବଧାନ ବଢ଼ିଲା । ପ୍ରଜାଙ୍କର ପ୍ରକୃତ ଅବସ୍ଥା ପାଖରୁ ଶାସନକଳ ଦୂରେଇଯିବା ଦ୍ୱାରା ରାଜାଙ୍କର ମର୍ଯ୍ୟାଦା ବୃଦ୍ଧି କରିବା ପାଇଁ ଯେଉଁ ଭର୍ସାଇ ପ୍ରାସାଦ ନିର୍ମାଣ କରାଯାଇଥିଲା ତାହା ପ୍ରଜାମାନଙ୍କର ପ୍ରଧାନ ଶରବ୍ୟ ବସ୍ତୁ ହୋଇଉଠିଲା .... ରକ୍ତପିପାସୁ ଜନତା ଭର୍ସାଇ ପ୍ରାସାଦ ଉପରେ ଆକ୍ରମଣ କରି ରାଜା ଓ ରାଣୀଙ୍କୁ ବଳପୂର୍ବକ ପ୍ୟାରିସକୁ ଟାଣିନେଇଗଲେ । ରାଜଶକ୍ତି ଚିରଦିନ ପାଇଁ ଭୂମିଶାୟୀ ହେଲା ।

ଚତୁର୍ଦ୍ଦଶ ଲୁଇଙ୍କର ବୈଦେଶିକ ଯୁଦ୍ଧମାନ ପରୋକ୍ଷ ଭାବେ ଫରାସୀ ବିପ୍ଳବ ପାଇଁ ଇନ୍ଧନ ଯୋଗାଇଥିଲା । ତାଙ୍କର ଆଶା ପୂରଣ କରିବା ପାଇଁ ଲୁଇ ''ଅଧିକାର ସମର୍ପଣ ଯୁଦ୍ଧ'' (War of Devolution), ଡଚ୍ ଯୁଦ୍ଧ (Dutch War), ଅଗସ୍‌ବାର୍ଗ-ସଂଘଯୁଦ୍ଧ ବା (War of the League of Augusberg)ଗୁଡ଼ିକ ସଂଘଟିତ କରିଥିଲେ । ଏହି ଯୁଦ୍ଧଗୁଡ଼ିକ ଫଳରେ ଫରାସୀ ରାଜକୋଷରୁ ଅନେକ ଅର୍ଥ ବ୍ୟୟ କରାଯାଇଥିଲା । ଅନେକ ଫରାସୀ ସୈନ୍ୟଙ୍କ ପ୍ରାଣହାନି ଘଟିଥିଲା । ତଥାପି ରାଜାଙ୍କର ଯୁଦ୍ଧପିପାସା ଲୀନ ହୋଇନଥିଲା ଏବଂ ପୁଣି ସେ ସ୍ପେନୀୟ ଉତ୍ତରାଧିକାର ଯୁଦ୍ଧ ବା (War of Spanish Succession)ରେ ୧୭୦୨ଠାରୁ ୧୭୧୩ ପର୍ଯ୍ୟନ୍ତ ଲିପ୍ତ ହେଲେ । ଏହିସବୁ ଯୁଦ୍ଧ ଦ୍ୱାରା ବୁରବୌଁ ରାଜବଂଶର ଇଉରୋପ ମହାଦେଶରେ ମର୍ଯ୍ୟାଦା ବଢ଼ିଲା ସତ୍ୟ, କିନ୍ତୁ ଯୁଦ୍ଧର ଖର୍ଚ୍ଚ ବହନ କରିବାକୁ ଯାଇ ଫରାସୀ ଜାତିକୁ କରଭାରରେ ପଙ୍ଗୁ ହେବାକୁ ପଡ଼ିଲା । ୧୭୧୫ ଖ୍ରୀଷ୍ଟାବ୍ଦରେ ଚତୁର୍ଦ୍ଦଶ ଲୁଇ ମୃତ୍ୟୁବରଣ କଲେ । ତାଙ୍କର ଉତ୍ତରାଧିକାରୀ ଭାବେ ତାଙ୍କର ପ୍ରପୌତ୍ର ସିଂହାସନ ଆରୋହଣ କରି ପଞ୍ଚଦଶ ଲୁଇ ନାମରେ ପ୍ରଖ୍ୟାତ ହେଲେ ।

ପଞ୍ଚଦଶ ଲୁଇ (Louis XV) :

୧୭୧୫ ଖ୍ରୀଷ୍ଟାବ୍ଦରେ ସିଂହାସନ ଆରୋହଣ କଲାବେଳେ ପଞ୍ଚଦଶ ଲୁଇ ମାତ୍ର ପାଞ୍ଚ ବର୍ଷ ବୟସ୍କ ଥିଲେ । ସେ ବୁରବୌଁ ରାଜବଂଶର ଏକ କଳଙ୍କ ରୂପେ କୁଖ୍ୟାତି ଲାଭ କରିଥିଲେ । ଚତୁର୍ଦ୍ଦଶ ଲୁଇଙ୍କ ନିକଟରେ ଥିବା ବୁଦ୍ଧି, ସାହସ ଓ କର୍ମନିଷ୍ଠା ଇତ୍ୟାଦି ଗୁଣ ପଞ୍ଚଦଶ ଲୁଇଙ୍କ ନିକଟରେ ନଥିଲା । ସେ ବିଚକ୍ଷଣ ବୁଦ୍ଧିସମ୍ପନ୍ନ ବ୍ୟକ୍ତିମାନଙ୍କୁ ମନ୍ତ୍ରୀ ରୂପେ ନିଯୁକ୍ତ ନ କରି କେତେଜଣ ଦୁଷ୍ଟବୁଦ୍ଧିସଂପନ୍ନା ଗୃହକର୍ତ୍ତ୍ରୀଙ୍କ ପରାମର୍ଶରେ ରାଜକାର୍ଯ୍ୟ ଚଳାଇବାକୁ ଆରମ୍ଭ କଲେ । ସେମାନଙ୍କ ମଧ୍ୟରେ Madam De Berry and Madam de Pompadour ଅନ୍ୟତମ ।

ପଞ୍ଚଦଶ ଲୁଇଙ୍କ ଶାସନ କାଳରେ ଭର୍ସାଇ ନଗର ଫ୍ରାନ୍‌ସର ରାଜଧାନୀ ରୂପେ ପରିଚିତ ନହୋଇ ଏକ ପ୍ରମୋଦ ନଗରୀ ରୂପେ ବିବେଚିତ ହେଲା । ରାଜା ରାଜକାର୍ଯ୍ୟ କରିବା ପାଇଁ ରାଜପ୍ରାସାଦରୁ ପ୍ରାୟ ବାହାରିଲେ ନାହିଁ । ଅଦୂରଦର୍ଶୀ, ଶ୍ରମକାତର, ଅମିତବ୍ୟୟୀ, ଇନ୍ଦ୍ରିୟାସକ୍ତ ପଞ୍ଚଦଶ ଲୁଇ ବିଳାସବ୍ୟସନରେ ବୁଡ଼ି ରହିଲେ । କର୍ମଚାରୀମାନେ ମଧ୍ୟ ସେହି ନଗରୀର ବିଳାସବ୍ୟସନରେ ମଜ୍ଜିଗଲେ । ଗୋଟିଏ ସମସ୍ୟାବହୁଳ ରାଷ୍ଟ୍ରର ଶାସନ ପାଇଁ ଭର୍ସାଇ ପ୍ରାସାଦ ସମର୍ଥ ହେଲା ନାହିଁ । ଦେଶର ରାଜଧାନୀ ଦେଶବାସୀଙ୍କର ସର୍ବାଧିକ ଘୃଣ୍ୟ ନଗରୀରେ ପରିଣତ ହେଲା ।

ପଞ୍ଚଦଶ ଲୁଇ ମଧ୍ୟ ଯୁଦ୍ଧଖୋର ଥିଲେ । ଶାସନତନ୍ତ୍ରର ଅଧୋଗତି ଘଟୁଥିବାବେଳେ ସେ ଅନେକଗୁଡ଼ିଏ ଯୁଦ୍ଧରେ ଲିପ୍ତ ରହିଲେ । ପୋଲିସ୍ ନିର୍ବାଚନ ଯୁଦ୍ଧ (War of the Polish Election) ଅଷ୍ଟ୍ରିୟ ଉତ୍ତରାଧିକାର ଯୁଦ୍ଧ (War of Austrian Succession) ଏବଂ ସପ୍ତବର୍ଷବ୍ୟାପୀ ଯୁଦ୍ଧ (Seven Year's War) ଗୁଡ଼ିକ ପାଇଁ ପଞ୍ଚଦଶ ଲୁଇଙ୍କ ରାଜକୋଷ ଶୂନ୍ୟ ହୋଇଗଲା । ବିଭିନ୍ନ ପ୍ରକାରର କରଭାର ପାଇଁ ପ୍ରଜାମାନଙ୍କର ଅର୍ଥନୈତିକ ମେରୁଦଣ୍ଡ ଭାଙ୍ଗିପଡ଼ିଲା । ଦରିଦ୍ର ପ୍ରଜାମାନଙ୍କ ଦୁଃଖଦୁର୍ଦ୍ଦଶା ପ୍ରତି କେହି ଦୃଷ୍ଟି ଦେଲେ ନାହିଁ । ପଞ୍ଚଦଶ ଲୁଇ ଶାସନ କାଳର ଅନ୍ତିମ ସମୟରେ ହୃଦୟଙ୍ଗମ କରିପାରିଲେ ଯେ ଫରାସୀ ରାଜତନ୍ତ୍ର ପ୍ରତି ଭୟାବହ ବିପଦ ମାଡ଼ିଆସିଲାଣି । ତେଣୁ ସେ ମୃତ୍ୟୁ ସମୟରେ ଉଚ୍ଚାରଣ କରିଥିଲେ ଯେ ''ମୋ ପରେ ମହାପ୍ଳାବନ'' (After me the Deluge) । ପଞ୍ଚଦଶ ଲୁଇ ଲୋକଲୋଚନରେ ଏତେ ଘୃଣ୍ୟ ହୋଇପଡ଼ିଥିଲେ ଯେ ଶ୍ମଶାନକୁ ତାଙ୍କ ଶବାଧାର ନେଲାବେଳେ ଦର୍ଶକ ଏବଂ ମଦ୍ୟପମାନେ ଅଶ୍ଳୀଳ ଭାଷାରେ ଚିତ୍କାର କରି ତାଙ୍କ ଶବ ପ୍ରତି ଅସମ୍ମାନ କରିଥିଲେ ।

ଷୋଡ଼ଶ ଲୁଇ (Louis XVI) :

Louis XVI

ପଞ୍ଚଦଶ ଲୁଇଙ୍କ ମୃତ୍ୟୁ ପରେ ତାଙ୍କ ନାତି ଷୋଡ଼ଶ ଲୁଇ ୧୭୭୪ ଖ୍ରୀଷ୍ଟାବ୍ଦରେ ସିଂହାସନ ଆରୋହଣ କଲେ । ସେତେବେଳକୁ ତାଙ୍କ ବୟସ ହୋଇଥିଲା ମାତ୍ର ୨୦ ବର୍ଷ । ଶାସନଭାର ଗ୍ରହଣ କରିବା ସମୟରେ ସେ ଶଙ୍କିତ ଅବସ୍ଥାରେ କହିଥିଲେ, ''ହେ ଭଗବାନ ମୋ ଉପରେ କିପରି ଗୁରୁଭାର ଏବଂ ସେମାନେ ମୋତେ କିଛି ଶିକ୍ଷା ଦେଇନାହାନ୍ତି'' । ଷୋଡ଼ଶ ଲୁଇ ଜଣେ ଧୀର, ଶାନ୍ତ ଶିଷ୍ଟ, ନମ୍ର ବ୍ୟକ୍ତି ଥିଲେ । ଚତୁର୍ଦ୍ଦଶ ଲୁଇଙ୍କ ଭଳି ସେ ଦକ୍ଷ ନଥିଲେ କିମ୍ବା ପଞ୍ଚଦଶ ଲୁଇଙ୍କ ଭଳି ଅବାନ୍ତର ଜିଦ୍‌ଖୋର ନଥିଲେ । ଫ୍ରାନ୍‌ସର ଏହିପରି ସମସ୍ୟାବହୁଳ ସମୟର ମୁକାବିଲା କରିବା ପାଇଁ ତାଙ୍କର ସାହସ ଓ ଦକ୍ଷତା ନଥିଲା ବରଂ ପ୍ରଜାମାନଙ୍କର ମଙ୍ଗଳ କାମନା କରି ସେ ଶାସନ ଚଳାଇବାକୁ ଇଚ୍ଛାପ୍ରକାଶ କରିଥିଲେ । ତାଙ୍କର ମାନସିକ ଦୃଢ଼ତା ନଥିବା ହେତୁ ସେ ଅନ୍ୟମାନଙ୍କ ବୁଦ୍ଧିରେ ପରିଚାଳିତ ହେଉଥିଲେ । ବିଭିନ୍ନ ବ୍ୟକ୍ତିଙ୍କର ଚାପରେ ସେ ବାରମ୍ବାର ନିଜେ ନିଜର ମତ ପରିବର୍ତ୍ତନ କରିବାକୁ ବାଧ୍ୟ ହେଉଥିଲେ । ସ୍ୱାର୍ଥପର ସମ୍ଭ୍ରାନ୍ତ ଗୋଷ୍ଠୀ ଓ କ୍ଷମତାଶାଳୀ ସଭାସଦମାନଙ୍କ ପ୍ରଭାବ ଓ ପ୍ରରୋଚନାରେ ସେ ଶାସନ କାର୍ଯ୍ୟ ଚଳାଇବା ଫଳରେ ଅନେକ ପ୍ରଜାହିତକର କାର୍ଯ୍ୟ କରିପାରିଲେ ନାହିଁ । ସମୟର ସ୍ରୋତରେ ସେ ଭାସିଯିବାକୁ ବେଶୀ ପସନ୍ଦ କରୁଥିଲେ । ୧୭୭୪ ଖ୍ରୀଷ୍ଟାବ୍ଦଠାରୁ ୧୭୯୨ ପର୍ଯ୍ୟନ୍ତ ଷୋଡ଼ଶ ଲୁଇଙ୍କର ରାଜତ୍ୱ କାଳ ବୁରବୋଁ ରାଜବଂଶର ଏକ କୌତୂହଳ ଏବଂ ରୋମାଞ୍ଚକର ଘଟଣାବହୁଳ ଅଧ୍ୟାୟ ରୂପେ ଇଉରୋପ ଇତିହାସରେ ବର୍ଣ୍ଣନା କରାଯାଇଅଛି । ତାଙ୍କର ଦୋଷ ନଥାଇ ସୁଦ୍ଧା ତ୍ରୁଟିପୂର୍ଣ୍ଣ ଶାସନ ପରିଚାଳନା ସକାଶେ ମୁକୁଟମଣ୍ଡିତ ରାଜଶିର ଗିଲୋଟିନ ଦ୍ୱାରା ଦଣ୍ଡିତ ହେବାପାଇଁ ପଥ ସୁଗମ ହୋଇସାରିଥିଲା । ପୂର୍ବପୁରୁଷମାନଙ୍କର ଅବାରିତ ଅପକର୍ମର ପ୍ରାୟଶ୍ଚିତ ସ୍ୱରୂପ ଷୋଡ଼ଶ ଲୁଇ ବିପ୍ଳବର ଆହ୍ୱାନ କ୍ରମେ ମୁଣ୍ଡଦାନ କରିବାକୁ ବାଧ୍ୟ ହୋଇଥିଲେ ।

ରାଣୀ ମେରୀ ଏଣ୍ଟୋଇନେଟ୍ (Marie Antoinatte) :

Marie Antoinette

ରାଜା ଷୋଡ଼ଶ ଲୁଇଙ୍କ ପତ୍ନୀ ମେରୀ ଏଣ୍ଟୋଇନେଟ୍ ଫରାସୀ ରାଷ୍ଟ୍ର ବିପ୍ଳବର ପଟଭୂମିରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ । ଅଷ୍ଟ୍ରିଆ ସାମ୍ରାଜ୍ୟର ସାମ୍ରାଜ୍ଞୀ ମେରିଆ ଟେରେସା (Maria Teresa)ଙ୍କ କନ୍ୟା ଏଣ୍ଟୋଇନେଟ ମାତାଙ୍କର କୌଣସି ଗୁଣ ଦ୍ୱାରା ପ୍ରଭାବିତ ହୋଇପାରିନଥିଲେ । ଫ୍ରାନ୍ସ ଦେଶର ରାଣୀ ହୋଇ ମଧ୍ୟ ସେ ଫ୍ରାନ୍ସ ଦେଶ ଓ ଫରାସୀ ଜାତିକୁ ମନେ ମନେ ଘୃଣା କରୁଥିଲେ । ନିଜ ସ୍ୱାମୀଙ୍କୁ ମଧ୍ୟ ସେ ସମ୍ମାନ କରୁନଥିଲେ । ରାଜାଙ୍କର ସରଳତାର ସୁଯୋଗ ନେଇ ସେ ଶାସନ କାର୍ଯ୍ୟରେ ଯେଉଁ ପ୍ରକାର ହସ୍ତକ୍ଷେପ କରିଥିଲେ ତାହା ଷୋଡ଼ଶ ଲୁଇଙ୍କ ପ୍ରତି ଯେ କେବଳ ଏକ ଧକ୍କା ଥିଲା ତା ନୁହେଁ, ବରଂ ସମଗ୍ର ରାଷ୍ଟ୍ର ପାଇଁ ଦୁର୍ଭାଗ୍ୟଜନକ ହୋଇଥିଲା । ତାଙ୍କର ଅହଂଭାବ, ଦେଶବାସୀଙ୍କ ପ୍ରତି ତାଚ୍ଛଲ୍ୟ ଜ୍ଞାନ ପ୍ରଭୃତି ଦୁର୍ଗୁଣମାନ କ୍ରମେ ଫ୍ରାନ୍ସର ପ୍ରଜାମାନେ ହୃଦୟଙ୍ଗମ କରିଥିଲେ । ପ୍ରଜାଙ୍କର ଅସନ୍ତୋଷ କ୍ରନ୍ଦନ ଧ୍ୱନି ପ୍ରତି ସେ ବଧିର ରହିଲେ । ଭଲମନ୍ଦ ବିଚାର ନ କରି ସେ ଦୁର୍ବଳଚେତା ସ୍ୱାମୀଙ୍କୁ ନିଜର ମତାମତ ଦ୍ୱାରା ପ୍ରଭାବିତ କରିବା ଫଳରେ ରାଜା ନିଜର ସମ୍ମାନ ହରାଇବସିଲେ । ପ୍ରସିଦ୍ଧ ବିପ୍ଳବୀ ନେତା ମୀରାବ୍ୟୁ କହିଥିଲେ, ''ରାଜାଙ୍କର ଏକମାତ୍ର ଜଣେ ପୁରୁଷ ଅଛନ୍ତି–ତାଙ୍କର ସ୍ତ୍ରୀ'' ତାଙ୍କ ସ୍ୱାମୀଙ୍କୁ ସେ ସମ୍ବୋଧନ କରୁଥାନ୍ତି (My Poor man) ''ମୋର ବିଚରା ସ୍ୱାମୀ'' । ଯେତେବେଳେ ରାଜତନ୍ତ୍ର ପ୍ରତି ବିପଦ ଘନେଇ ଆସିଲା ରାଣୀ ମେରୀ ଏଣ୍ଟୋଇନେଟ୍ ଦେଶ ବିରୋଧରେ ଷଡ଼ଯନ୍ତ୍ର ଆରମ୍ଭ କଲେ । କ୍ରମେ ପ୍ରଜାମାନଙ୍କର ଘୃଣା ତାଙ୍କ ପ୍ରତି ବିରାଟ ଆକାର ଧାରଣା କରିଥିଲା । ରାଣୀଙ୍କ ପାଇଁ ବିଚରା ଷୋଡ଼ଶ ଲୁଇ ଗିଲୋଟିନରେ ବସିବାକୁ ବାଧ୍ୟ ହୋଇଥିଲେ ।

ରାଜତନ୍ତ୍ର (Imperialism) : ବ୍ୟକ୍ତିକୈନ୍ଦ୍ରିକ ବୁରବୋଁ ଶାସନ କାଳରେ ରାଜା ହିଁ ଥିଲେ ଶାସନକର୍ତ୍ତା, ଆଇନପ୍ରଣେତା ଓ ସର୍ବୋଚ୍ଚ ବିଚାରକର୍ତ୍ତା । ଫଳରେ ସ୍ୱେଚ୍ଛାଚାରିତା ହିଁ ଶାସନର ପ୍ରଚଳିତ ବ୍ୟବସ୍ଥା । କର୍ମଚାରୀମାନେ ବେତନ ପାଇଁ କାମ କଲେ ନାହିଁ, ବିଚାରକମାନେ ନ୍ୟାୟ ଦେବାକୁ ଅଯଥାରେ ବିଳମ୍ବ କଲେ । ସରକାର ଦାୟିତ୍ୱ ଗ୍ରହଣ ନକରି ସ୍ୱେଚ୍ଛାଚାର ଶାସନ କରିବାକୁ ଲାଗିଲେ ।

ବିପ୍ଳବର ଅବ୍ୟବହିତ ପୂର୍ବରୁ ସମସ୍ତ ଦେଶ କେତେଗୁଡ଼ିଏ ପ୍ରଦେଶରେ ଓ ପ୍ରତ୍ୟେକ ପ୍ରଦେଶ କେତେଗୁଡ଼ିଏ ଜିଲ୍ଲାରେ ବିଭକ୍ତ ହୋଇଥିଲା । ଧର୍ମୀୟ ଜିଲ୍ଲା, ବିଚାର ବିଭାଗୀୟ ଜିଲ୍ଲା ଓ ଶିକ୍ଷା ବିଭାଗୀୟ ଜିଲ୍ଲା – ଜିଲ୍ଲାଗୁଡ଼ିକ ଶାସନ ପାଇଁ ନିର୍ଦ୍ଦିଷ୍ଟ ଆଇନ କାନୁନ୍ ନଥିଲା । ପୃଥକ୍ ପୃଥକ୍ ଜିଲ୍ଲା ପାଇଁ ପୃଥକ୍ ପୃଥକ୍ ନିୟମ ଥିଲା । ଗୋଟିଏ ସ୍ଥାନର ଆଇନ ଏପରିକି ମାପ ଓ ଓଜନ, ଶୁଳ୍କ ଓ ପଣ୍ୟକର ଏବଂ ମୁଦ୍ରା ପ୍ରଚଳନର ବ୍ୟବସ୍ଥା ଅନ୍ୟ ସ୍ଥାନ ପାଇଁ ଉଦ୍ଦିଷ୍ଟ ନଥାଏ । ପ୍ରାକ୍-ବିପ୍ଳବର ସର୍ବାଧିକ ଅପ୍ରିୟ ଓ ଭୟପ୍ରଦ ବ୍ୟବସ୍ଥାର ନାମ ଥିଲା Letter de Cachet । ଫଳରେ ଯେକୌଣସି ବ୍ୟକ୍ତିଙ୍କୁ ବିନା ବିଚାରରେ ବର୍ଷ ବର୍ଷ ଧରି କାରାଗାର ମଧ୍ୟରେ ଆବଦ୍ଧ ରଖାଯାଉଥିଲା । ଚିନ୍ତାଶୀଳ ବ୍ୟକ୍ତିଙ୍କୁ ସାମାନ୍ୟ ସମାଲୋଚନା ପାଇଁ ଜେଲଦଣ୍ଡ ଭୋଗିବାକୁ ପଡୁଥିଲା । ପୁରୁଣା ଅମଳ ଧ୍ୱଂସ କରି ନୂତନ ଆଲୋକର ସନ୍ଧାନ ପାଇବା ପାଇଁ ପ୍ରଜାମାନେ ରାଜତନ୍ତ୍ର ବିରୋଧରେ ସ୍ୱର ଉତ୍ତୋଳନ କଲେ । ଏହି ପ୍ରକାରର ରାଜନୈତିକ କାରଣ ସହିତ ସାମାଜିକ ତଥା ଅର୍ଥନୈତିକ କାରଣଗୁଡ଼ିକ ଫରାସୀ ରାଷ୍ଟ୍ରବିପ୍ଳବ ପାଇଁ ପଥ ପରିଷ୍କାର କରିପାରିଥିଲା ।

ସାମାଜିକ ଅବସ୍ଥା (Social Condition) : ଫ୍ରାନ୍ସର ସାମାଜିକ ଅବସ୍ଥା ଦୟନୀୟ ଥିଲା । ମଧ୍ୟଯୁଗୀୟ ଢାଞ୍ଚାରେ, କ୍ଷମତା ଓ ଅଧିକାର ଭିତ୍ତିରେ ଫରାସୀ ସମାଜ ବିଭିନ୍ନ ଶ୍ରେଣୀରେ ବିଭକ୍ତ ହୋଇଥିଲା । ଗତାନୁଗତିକ ଶ୍ରେଣୀବିଭାଗ

ଦ୍ୱାରା ଶୋଷକ ଓ ଶୋଷିତ, ସୁବିଧାଭୋଗୀ ଓ ଦୁଃସ୍ଥ ଶ୍ରେଣୀ ମଧ୍ୟରେ ପାର୍ଥକ୍ୟ କ୍ରମେ ବଢ଼ିଚାଲିଥିଲା । ସମାଜରେ ଐକ୍ୟଭାବ ଆଦୌ ନଥିଲା । ମୁଖ୍ୟତଃ, ଫରାସୀ ସମାଜ ତିନିଗୋଟି ଗୋଷ୍ଠୀରେ ବିଭକ୍ତ ଥିଲା ।

ପ୍ରଥମ ଗୋଷ୍ଠୀରେ ମର୍ଯ୍ୟାଦାପ୍ରାପ୍ତ ଧର୍ମଯାଜକ ବା ପୁରୋହିତ ସଂପ୍ରଦାୟ । (The Clergy) ଏହି ସଂପ୍ରଦାୟକୁ ପ୍ରଥମ ଶ୍ରେଣୀ ବା (First Estate) କୁହାଯାଇଥାଏ । ପ୍ରତିପତ୍ତିଶାଳୀ ସାମନ୍ତ ଗୋଷ୍ଠୀ ଦ୍ୱିତୀୟ ଶ୍ରେଣୀଭୁକ୍ତ ଥିଲେ । ସେମାନଙ୍କୁ (Second Estate) ବା (The Nobles) କୁହାଯାଏ । ତୃତୀୟ ଶ୍ରେଣୀ ବା (Third Estate) ଅନ୍ତର୍ଭୁକ୍ତ ହୋଇଥିଲେ ଜନସାଧାରଣ (The Commons) । ପ୍ରଥମ ଦୁଇଟି ଗୋଷ୍ଠୀ ଥିଲେ ସୁବିଧାଭୋଗୀ (Privileged Class) ମାତ୍ର ସେମାନଙ୍କର ମୋଟ ଜନସଂଖ୍ୟା ୨ ଲକ୍ଷ ୫୦ ହଜାର ଅର୍ଥାତ୍ ସର୍ବମୋଟ ଜନସଂଖ୍ୟାର ଏକ ପ୍ରତିଶତ ମାତ୍ର । ଅପରପକ୍ଷରେ ଫ୍ରାନ୍ସ ଦେଶବାସୀଙ୍କ ମଧ୍ୟରେ ଶତକଡ଼ା ଅନେଶତ ଭାଗ ତୃତୀୟ ଶ୍ରେଣୀ ସୁବିଧାବଞ୍ଚିତ (Under previleged) ଗୋଷ୍ଠୀ ଥିଲେ । ସେମାନେ ମୁଖ୍ୟତଃ ଦରିଦ୍ର ଓ ଦୁସ୍ଥ । ଏହି ଶ୍ରେଣୀବିଭାଗ କୌଣସି ପ୍ରକାରର ସାମାଜିକ ନୀତି ଓ ଆଦର୍ଶ ଉପରେ ଗଠିତ ହୋଇନଥିଲା । ଉପରୋକ୍ତ ତିନି ଗୋଷ୍ଠୀର କାର୍ଯ୍ୟ ସଂପର୍କରେ ଫରାସୀ ପ୍ରବାଦ ଅଛି–ସମ୍ଭ୍ରାନ୍ତମାନେ ଯୁଦ୍ଧ କରନ୍ତି, ପୁରୋହିତମାନେ ପ୍ରାର୍ଥନା କରନ୍ତି, ଲୋକମାନେ କର ଦିଅନ୍ତି (Nobles fight, Clergy pray, the People pay) । ଧର୍ମଯାଜକମାନେ ପ୍ରଥମ ଶ୍ରେଣୀ ନାମରେ କଥିତ ହେଉଥିଲେ ହେଁ ସମ୍ଭ୍ରାନ୍ତମାନେ ଅଧିକତର କ୍ଷମତାଶାଳୀ ଥିଲେ । ସମ୍ଭ୍ରାନ୍ତମାନେ କ୍ଷମତାପନ୍ନ ଓ ବିଭବଶାଳୀ ହୋଇ ମଧ୍ୟ ସମାଜର ଏକ ଅଦରକାରୀ ଓ ଅବାଞ୍ଛିତ ଗୋଷ୍ଠୀ ରୂପେ ବିବେଚିତ ହେଉଥିଲେ । ଧର୍ମ କ୍ଷେତ୍ରରେ ପୁରୋହିତମାନେ ସମାଜକୁ ଅନ୍ଧବିଶ୍ୱାସ ଦ୍ୱାରା ପ୍ରଭାବିତ କରୁଥିଲେ ହେଁ ଅନେକେ ସେଥିମଧ୍ୟରୁ ଦରିଦ୍ର ଥିଲେ । ବସ୍ତୁତଃ ଫ୍ରାନ୍ସର ସମାଜ ଏକ ମଧ୍ୟଯୁଗୀୟ ସାମନ୍ତବାଦୀ, ଏକଛତ୍ରବାଦୀ ରାଜତନ୍ତ୍ରର ପରିଚାୟକ ଥିଲା । ସମଗ୍ର ଇଉରୋପରେ ସାମନ୍ତବାଦର ପତନ ଘଟୁଥିଲାବେଳେ ଫ୍ରାନ୍ସରେ ରାଜତନ୍ତ୍ର ସହିତ ସାମନ୍ତବାଦର ଏହି ବିଚିତ୍ର ସହାବସ୍ଥାନ ଏକ ଐତିହାସିକ ବିଡ଼ମ୍ବନା ଥିଲା ।

ଧର୍ମଯାଜକ ଶ୍ରେଣୀ (Clergy) :

ମଧ୍ୟଯୁଗୀୟ ସମାଜରେ ଧର୍ମଯାଜକ ବା ପୁରୋହିତ ଶ୍ରେଣୀର ବହୁଳ ଚାହିଦା ଥିଲା କାରଣ ମଧ୍ୟଯୁଗକୁ ''ବିଶ୍ୱାସର ଯୁଗ'' କୁହାଯାଉଥିଲା । ରାଜା, ପ୍ରଜା, ଧନୀ, ଦରିଦ୍ର ସମସ୍ତେ ଧର୍ମୀୟ କ୍ରିୟାକାଣ୍ଡ ଉପରେ ଗଭୀର ବିଶ୍ୱାସ ରଖିଥିଲେ । ଦେଶର ଓ ନିଜର ମଙ୍ଗଳ ପାଇଁ ସମସ୍ତେ ପୁରୋହିତମାନଙ୍କୁ ପ୍ରାର୍ଥନା ଓ ଧର୍ମପାଳନ କାର୍ଯ୍ୟରେ ମାନୁଥିଲେ । ଗୀର୍ଜା ପ୍ରତି ଲୋକମାନଙ୍କର ଭକ୍ତି ଥିଲା । ଯାଜକ ସମ୍ପ୍ରଦାୟ ଥିଲେ ଧର୍ମ ଓ ଗୀର୍ଜାର ମୁଖପାତ୍ର । ପ୍ରାର୍ଥନା ଥିଲା ଧର୍ମୀୟ କର୍ତ୍ତବ୍ୟ ଓ ପ୍ରାର୍ଥନାର ଉପକାରିତା ଉପରେ କାହାର ସନ୍ଦେହ ନଥିଲା । ଏମାନେ ଫରାସୀ ସମାଜର ପ୍ରଥମ ଶ୍ରେଣୀ (First Estate) ଏବଂ ଏମାନଙ୍କର ମୋଟସଂଖ୍ୟା ୧୩୦,୦୦୦ ଥିଲା । ଫ୍ରାନ୍ସର ଏକ-ପଞ୍ଚମାଂଶ ଜମି ଗୀର୍ଜା କର୍ତ୍ତୃତ୍ୱରେ ଥିଲା । ଏହି ଜମିର ଆୟ ବ୍ୟତୀତ ଯାଜକମାନେ ଧର୍ମକର (Tithe) ଆଦାୟ କରୁଥିଲେ । ଏହାଛଡ଼ା ପ୍ରତ୍ୟେକ ଗୀର୍ଜାରେ ଥିଲା ବିପୁଳ ସଞ୍ଚିତ ଧନ । ସାଧାରଣ ଲୋକେ ଗୀର୍ଜା ଓ ଯାଜକମାନଙ୍କୁ ଯଥାସମ୍ଭବ ଅର୍ଥ ଦାନ କରୁଥିଲେ । ଅନେକ ଯାଜକ ସେହି ସଞ୍ଚିତ ଧନକୁ ନିଜର ସୁଖ ସ୍ୱାଚ୍ଛନ୍ଦ୍ୟ ପାଇଁ ବ୍ୟୟ କରୁଥିଲେ । ଆସକ୍ତି କ୍ରମେ ଯାଜକମାନଙ୍କର ପବିତ୍ର ଜୀବନଯାପନ କ୍ଷେତ୍ରରେ ଅନ୍ତରାୟ ସୃଷ୍ଟି କରିଥିଲା । ସାଂସାରିକ ସୁଖଭୋଗ ଓ ଆନନ୍ଦଉଲ୍ଲାସ ମଧ୍ୟରେ ପୁରୋହିତ ସମ୍ପ୍ରଦାୟର ନୈତିକ ଅଧଃପତନ ଦେଖିବାକୁ ମିଳିଥିଲା । ଧର୍ମ ନାମରେ ଅର୍ଥ ଶୋଷଣ ଥିଲା ଗୀର୍ଜାଗୁଡ଼ିକର ପ୍ରଧାନ ତ୍ରୁଟି । ବୌଦ୍ଧିକ ଚେତନା ଯୁଗରେ ଯେତେବେଳେ ଈଶ୍ୱରଙ୍କ ଅସ୍ତିତ୍ୱ ଉପରେ ସନ୍ଦେହ ପ୍ରକାଶ ପାଇଲା ଚିନ୍ତାଶୀଳ ବ୍ୟକ୍ତିମାନେ ଗୀର୍ଜାର କାର୍ଯ୍ୟକଳାପ ପ୍ରତି ବିଦ୍ରୂପ କଲେ । ପ୍ରଚାର କରାଗଲା ଯେ ଯାଜକ ଗୋଷ୍ଠୀ ଏକ ପ୍ରକାରର ସାମାଜିକ ପରାନ୍ନଭୋଜୀ ଗୋଷ୍ଠୀ ଏବଂ ସମାଜକୁ ଶୋଷଣ କରିବାରେ ଲାଗିଛନ୍ତି । କେହି କେହି ପୁରୋହିତମାନଙ୍କୁ ଅପବିତ୍ର ଛଳନାକାରୀ ବୋଲି ସମାଲୋଚନା କରିବାକୁ ଆରମ୍ଭ କଲେ ।

ବିପ୍ଳବର ଅବ୍ୟବହିତ ପୂର୍ବରୁ ଧର୍ମଯାଜକ ଶ୍ରେଣୀ ପୁଣି ଦୁଇ ଭାଗରେ ବିଭକ୍ତ ହୋଇଯାଇଥିଲା–ଯଥା ଉଚ୍ଚତର ଯାଜକ ଓ ନିମ୍ନଯାଜକ । ଆର୍କ ବିଶପ ଓ ବିଶପ ପ୍ରଭୃତି ଉଚ୍ଚପଦସ୍ଥ ଯାଜକମାନେ ସମ୍ଭ୍ରାନ୍ତମାନଙ୍କ ପରି ଆଡ଼ମ୍ବରପୂର୍ଣ୍ଣ ଜୀବନଯାପନ କରୁଥିଲେ । ସେମାନଙ୍କର ଅପର୍ଯ୍ୟାପ୍ତ ଭୂ-ସମ୍ପତ୍ତି ଓ ଆର୍ଥିକ ସମ୍ପତ୍ତି ଥିଲା । ଫରାସୀ ସମ୍ରାଟଙ୍କ ଅନୁକମ୍ପା ବଳରେ ସେମାନେ ସ୍ୱତନ୍ତ୍ର ଅଧିକାର ମାନ ଉପଭୋଗ କରୁଥିଲେ । ଫ୍ରାନ୍ସର ସର୍ବମୋଟ କୃଷି ଭୂମିର ଏକ-ପଞ୍ଚମାଂଶ ଜମିଗୁଡ଼ିକ ଏହିମାନେ ଦଖଲ କରି ଉପଭୋଗ କରୁଥିଲେ । ପ୍ରାଚୁର୍ଯ୍ୟ ମଧ୍ୟରେ ଏମାନେ ଏପରି ଭାବରେ ବୁଡ଼ି ରହିଥିଲେ ଯେ ଆଧ୍ୟାତ୍ମିକ ଜୀବନକୁ ସଂପୂର୍ଣ୍ଣ ରୂପେ ଭୁଲିଯାଇଥିଲେ । ଈଶ୍ୱର ଭକ୍ତି ପାଇଁ ଯେଉଁପରି ଗୁଣାବଳୀ ଆବଶ୍ୟକ ତାହା ନଥାଇ ମଧ୍ୟ ଏମାନେ ଗୀର୍ଜାର ଅଧିପତି ହୋଇଥିଲେ । ଏମାନେ କ୍ରମେ ଏତେ ପରିମାଣରେ ଅତ୍ୟାଚାର ଓ ଅନାଚାରରେ ବୁଡ଼ି ରହିଥିଲେ ଯେ ନିଜେ ଷୋଡ଼ଶ ଲୁଇ ଦୁଃଖରେ କହି ପକାଇଥିଲେ "ଅନ୍ତତଃ ପକ୍ଷେ ଆମେ ପ୍ୟାରିସର ଆର୍କବିଶପ ଭାବେ ଏପରି ଜଣକୁ ପାଇବା ଆବଶ୍ୟକ ଯେ କି ଈଶ୍ୱରଙ୍କୁ ବିଶ୍ୱାସ କରୁଥିବେ ।" ପୃଷ୍ଠପୋଷକ ରାଜାଙ୍କର ଯାଜକମାନଙ୍କ ଉପରେ ଏପରି ଧାରଣା ଥିବା ସମୟରେ ପ୍ରଗତିବାଦୀମାନେ କିପରି ଦୃଷ୍ଟିରେ ଯାଜକମାନଙ୍କୁ ଗ୍ରହଣ କରୁଥିଲେ ତାହା ସହଜରେ ଅନୁମେୟ । ଚରିତ୍ର ଦୃଷ୍ଟିରୁ ଆଲୋଚନା କଲେ ଜଣାଯାଏ ଯେ ଯାଜକମାନେ ପାପାସକ୍ତ ଥିଲେ । ଫଳରେ ଯାଜକ ଶ୍ରେଣୀ ଏକ ବିଷୟାସକ୍ତ ଗୋଷ୍ଠୀ ରୂପେ ପରିଗଣିତ ହୋଇଥିଲେ ।

ନିମ୍ନ ଯାଜକମାନେ ବିପଥଗାମୀ ହୋଇପଡ଼ିଥିଲେ ହେଁ ସେମାନେ ଉଚ୍ଚ ଯାଜକମାନଙ୍କ ତୁଳନାରେ ଅନେକ ମାର୍ଜିତ ଥିଲେ କାରଣ ଏମାନଙ୍କ ମଧ୍ୟରୁ ଅନେକ କୃଷକ ପରିବାରର ସନ୍ତାନ ଥିଲେ । ଏମାନଙ୍କର ଆୟ ନଗଣ୍ୟ ଥିଲା ଏବଂ ଅନେକେ ଦରିଦ୍ର ମଧ୍ୟ ଥିଲେ। ନିଜର ଅଭାବ ଅସୁବିଧା ପାଇଁ ଉଚ୍ଚ ଯାଜକମାନଙ୍କ ପ୍ରତି ଈର୍ଷାପରାୟଣ ହେଉଥିଲେ ଏବଂ ସେମାନଙ୍କୁ ବିଦ୍ୱେଷ କରୁଥିଲେ । କ୍ରମେ ଏହି ଶ୍ରେଣୀର ଯାଜକମାନେ ଲୋକଙ୍କର ଆସ୍ଥା ହରାଇବସିଲେ । କାରଣ ଏମାନେ ଶିକ୍ଷିତ ନଥିଲେ ଏବଂ ଅତ୍ୟଧିକ ପରିମାଣରେ ଧର୍ମାନ୍ଧ ହୋଇଯାଇଥିଲେ । ଯାଜକ ହୋଇଥିବାରୁ ଏମାନଙ୍କର ଗର୍ବ ଓ ଅହଂଭାବର ସୀମା ନଥିଲା । ଫଳରେ ଏମାନେ ମଧ୍ୟ ଜନଅସନ୍ତୋଷର ଶିକାର ହୋଇଥିଲେ । ମାତ୍ର ବିପ୍ଳବ ସମୟରେ ନିମ୍ନ ଯାଜକମାନେ ଦରିଦ୍ର ଜନସାଧାରଣଙ୍କ ପ୍ରତି ସହାନୁଭୂତି ଦେଖାଇଥିଲେ । ନିଜ ଗୋଷ୍ଠୀ ମଧ୍ୟରେ ସଂସ୍କାର ଆଣିବା ପାଇଁ ଅନେକ ଆଗ୍ରହ ଦେଖାଇଥିଲେ, ଏପରିକି ନିମ୍ନ ଯାଜକମାନଙ୍କ ମଧ୍ୟରୁ ଅନେକ ବ୍ୟକ୍ତି ବିପ୍ଳବୀମାନଙ୍କ ସହିତ ହାତ ମିଳାଇଥିଲେ ଓ ଗୀର୍ଜାର ପତନ ପାଇଁ କାର୍ଯ୍ୟ କରିଥିଲେ । ସଂକ୍ଷେପରେ କହିବାକୁ ଗଲେ ପୁରୋହିତ ଗୋଷ୍ଠୀର ଅଜ୍ଞତା ଓ ଲାଭ, ପାର୍ଥିବ ସୁଖଭୋଗ ଓ ଅନାଚାର, ଅନ୍ଧବିଶ୍ୱାସ ଓ ଅହଂଭାବ ପ୍ରଭୃତି କାରଣ ପାଇଁ ଦେଶବାସୀ କ୍ରମେ କ୍ରମେ ଗୀର୍ଜାର ଧର୍ମୀୟ ମହତ୍ତ୍ୱ ଉପରେ ବିଶ୍ୱାସ ହରାଇଥିଲେ । ଶେଷରେ ବିପ୍ଳବର ବହ୍ନି ଯେତେବେଳେ ଜଳି ଉଠିଲା ସମ୍ଭ୍ରାନ୍ତମାନଙ୍କ ପରି ଗୀର୍ଜାଧିପତିମାନେ ମଧ୍ୟ ସେଥିରେ ବଳି ପଡ଼ିଥିଲେ ।

ସମ୍ଭ୍ରାନ୍ତ ଶ୍ରେଣୀ (Nobility) :

ଇଉରୋପ ମହାଦେଶରେ ଯେଉଁ ସାମନ୍ତ ପ୍ରଥା (Feudal System) ପ୍ରଚଳିତ ଥିଲା ସେହି ପ୍ରଥା ମଧ୍ୟରୁ କାଳକ୍ରମେ ଏହି ସମ୍ଭ୍ରାନ୍ତ ଗୋଷ୍ଠୀର ଉତ୍ପତ୍ତି ଘଟିଥିଲା । ଚାର୍ଲମେନ (Charlgemen)ଙ୍କର ସାମ୍ରାଜ୍ୟ ଲୋପ ପାଇବା ପରେ ଘୋର ଅରାଜକତା ଦେଖାଯାଇଥିଲା । ଫଳରେ କ୍ଷୁଦ୍ର କ୍ଷୁଦ୍ର ରାଜାମାନଙ୍କର ଅଭ୍ୟୁଦୟ ଘଟିଥିଲା, ଦୁର୍ବଳ ଓ ଦରିଦ୍ର ଲୋକମାନେ ଦସ୍ୟୁ ଓ ଶତ୍ରୁମାନଙ୍କ କବଳରୁ ରକ୍ଷା ପାଇବା ପାଇଁ ସ୍ଥାନୀୟ ବଳଶାଳୀ ଲୋକଙ୍କ ଉପରେ ନିର୍ଭର କରବାକୁ ବାଧ୍ୟ ହୋଇଥିଲେ । କୃଷକମାନେ ସେହି ବଳଶାଳୀ ଲୋକଙ୍କ ସହିତ ଚୁକ୍ତିବଦ୍ଧ ହେଲେ ଯେ ଯୁଦ୍ଧ ସମୟରେ ସେମାନେ (କୃଷକ) ବଳଶାଳୀ ଲୋକଙ୍କୁ ରାଜାଙ୍କ ପାଇଁ ସାହାଯ୍ୟ କରିବେ । ଏହି ପ୍ରକାରର ଅବସ୍ଥା ମଧ୍ୟରେ ମଧ୍ୟଯୁଗୀୟ ଇଉରୋପରେ ସାମନ୍ତ ପ୍ରଥାର ଉତ୍ପତ୍ତି ଘଟିଥିଲା । ଜନସାଧାରଣଙ୍କ ସ୍ୱାର୍ଥରକ୍ଷା କରିବା ପାଇଁ ବଳଶାଳୀମାନେ ସାମନ୍ତ ଭାବରେ କାର୍ଯ୍ୟ କରି ସମାଜରେ କ୍ରମେ ପ୍ରତିପତ୍ତି ବିସ୍ତାର କରିବସିଥିଲେ । ପ୍ରଥମେ ଫ୍ରାନ୍ସ ଦେଶରେ ହିଁ ଫିଉଡ଼ାଲ ବା ସାମନ୍ତପ୍ରଥାର

ଅଭ୍ୟୁଦୟ ଘଟିଥିଲା । ସେହି ଦେଶରେ ପୁଣି ସେହି ପ୍ରଥାର ବିଲୋପ ସାଧନ ଘଟିଥିଲା । ସାମନ୍ତମାନେ ନୋବେଲ ଓ ବ୍ୟାରେନ ପ୍ରଭୃତି ନାମରେ ପରିଚିତ ହୋଇଥିଲେ । ସେମାନେ ନିଜର ରହିବା ପାଇଁ ସୁଦୃଢ଼ ପ୍ରାସାଦମାନ ନିର୍ମାଣ କରିଥିଲେ । ପ୍ରଜାମାନେ ସେମାନଙ୍କ ଭୂମିରେ ବିନା ପାରିଶ୍ରମିକରେ କାମ କରିବାକୁ ବାଧ୍ୟ ହେଉଥିଲେ । ପ୍ରଜାମାନେ ସେମାନଙ୍କୁ ସେମାନଙ୍କର ଚାହିଦା ଅନୁଯାୟୀ ଅର୍ଥ ଦାନ ମଧ୍ୟ କରିବାକୁ ବାଧ୍ୟ ହେଉଥିଲେ । ସାମନ୍ତମାନଙ୍କ ପାଇଁ ଯୁଦ୍ଧ କରିବାକୁ ପ୍ରଜାମାନେ ଚୁକ୍ତିବଦ୍ଧ ହେଉଥିଲେ । ଏସବୁର ପ୍ରତିବଦଳରେ ସାମନ୍ତମାନେ ପ୍ରଜାମାନଙ୍କୁ ବାହ୍ୟ ଆକ୍ରମଣରୁ ରକ୍ଷା କରୁଥିଲେ, ବିପଦ ବେଳେ ଆଶ୍ରୟ ଦେଉଥିଲେ ଓ ନିଜ ଅଞ୍ଚଳରେ ଶାନ୍ତିଶୃଙ୍ଖଳା ରକ୍ଷା କରୁଥିଲେ । କାଳକ୍ରମେ ଅବସ୍ଥା ବଦଳିଯାଇଥିଲା । ରାଜତନ୍ତ୍ରର ଉତ୍‌ଥାନ ଘଟିଥିଲା । ରାଜାମାନଙ୍କର ସୈନ୍ୟମାନେ ଦେଶରକ୍ଷା କରିବା ଦାୟିତ୍ୱ ବହନ କଲେ । ଫଳରେ ସାମନ୍ତମାନେ ପୂର୍ବେ ଯାହା କରୁଥିଲେ ତାହା କରିବାକୁ ପଡ଼ିଲା ନାହିଁ । ଅଥଚ ସାମନ୍ତମାନଙ୍କର ଦାୟାଦ ରୂପେ ସମ୍ଭ୍ରାନ୍ତମାନେ ସେମାନଙ୍କର ପୂର୍ବପୁରୁଷର ସମସ୍ତ ପ୍ରକାର ସୁବିଧା ସୁଯୋଗ, କ୍ଷମତା ଓ ଖ୍ୟାତି ଭୋଗ କରିବାକୁ ଲାଗିଲେ । ସେମାନଙ୍କର କୌଣସି ପ୍ରକାରର ଆବଶ୍ୟକତା ଉପଲବ୍ଧି ହେଉନଥିଲେ ହେଁ ସେମାନଙ୍କ ନିକଟରେ ଅର୍ଥବଳ ଥିଲା ଏବଂ ସେମାନେ ସମସ୍ତ ପ୍ରକାରର ଅଧିକାର ଉପଭୋଗ କରୁଥିଲେ ।

ଅଷ୍ଟାଦଶ ଶତାବ୍ଦୀରେ ଫ୍ରାନ୍‌ସରେ ଅଭିଜାତ ସମ୍ପ୍ରଦାୟ ଦ୍ୱାରା ଦେଶର କୌଣସି ଉପକାର ସାଧିତ ହେଉନଥିଲା ଏବଂ ସେମାନଙ୍କର ସାମାଜିକ ଭୂମିକା ନଗଣ୍ୟ ଥିଲା । ତଥାପି ସେମାନେ ଥିଲେ ଶୋଷକ ଶ୍ରେଣୀ । 'ମହାନ ରାଜା' ଚତୁର୍ଦ୍ଦଶ ଲୁଇ ସେମାନଙ୍କଠାରୁ ସବୁ ପ୍ରକାର କ୍ଷମତା କାଢ଼ିନେଇ ନିଜ ହାତରେ କେନ୍ଦ୍ରୀଭୂତ କରିଥିଲେ । ଦେଶର ବରିଷ୍ଠ ପ୍ରଭାବଶାଳୀ ସମ୍ଭ୍ରାନ୍ତମାନଙ୍କୁ ଭର୍ସାଇଠାରେ ସଭାସଦ ଭାବେ ନିଯୁକ୍ତି ଦେବା ଫଳରେ ସେହି ସମ୍ଭ୍ରାନ୍ତମାନେ ନିଜ ନିଜ ଅଞ୍ଚଳରେ ଲୋକମାନଙ୍କ ସହିତ ସମସ୍ତ ପ୍ରକାରର ସମ୍ପର୍କ ଛିନ୍ନ କଲେ । ଫଳରେ ସମ୍ଭ୍ରାନ୍ତମାନଙ୍କର ଆଞ୍ଚଳିକ ପ୍ରଭାବ ଲୋପ ପାଇଗଲା । ବୌଦ୍ଧିକ ଚେତନା ଯୁଗରେ ଚିନ୍ତାଶୀଳ ବ୍ୟକ୍ତିମାନେ ସମ୍ଭ୍ରାନ୍ତ ବ୍ୟକ୍ତିମାନଙ୍କୁ 'ସମାଜର ଅବାଞ୍ଛିତ ଗୋଷ୍ଠୀ' ବୋଲି ବର୍ଣ୍ଣନା କରିବାକୁ ଲାଗିଲେ । ସମାଜର ଉପକାର ନକରି ସେମାନେ ସାମାଜିକ ମର୍ଯ୍ୟାଦା ଭୋଗ କରୁଛନ୍ତି, ଗର୍ବ, ଅହଂ ଓ ଔଦ୍ଧତ୍ୟ ଇତ୍ୟାଦି ଗୁଣରେ ଭୂଷିତ ହୋଇ ପ୍ରଜାମାନଙ୍କୁ ହେୟ ଓ ତୁଚ୍ଛ ଜ୍ଞାନ କରୁଛନ୍ତି ବୋଲି ଚିନ୍ତାଶୀଳ ବ୍ୟକ୍ତିମାନେ ଆଲୋଚନା କଲେ । ଅଧିକାଂଶ ସମ୍ଭ୍ରାନ୍ତ ଜନ୍ମାଧିକାର ବଳରେ ସମ୍ଭ୍ରାନ୍ତ ବୋଲାଉଥିଲେ । ସେମାନେ ବଂଶାନୁକ୍ରମିକ ପଦପଦବୀ ଓ ଭୂସମ୍ପତ୍ତି ଭୋଗ କରୁଥିଲେ । ସେମାନଙ୍କୁ ଦରବାରୀ ସାମନ୍ତ (Court Nobles) ଆଖ୍ୟା ଦିଆଯାଇଥିଲା । ଦରବାରୀ ସାମନ୍ତମାନଙ୍କର ସଂଖ୍ୟା କମ୍ ଥିଲା; କିନ୍ତୁ ସେମାନେ ଐଶ୍ୱର୍ଯ୍ୟଶାଳୀ ଥିଲେ ଏବଂ ଭର୍ସାଇ ପ୍ରାସାଦରେ ବାସ କରୁଥିଲେ ତଥା ରାଜକୃପା ଉପଭୋଗ କରୁଥିଲେ । ନିଜ ଅଞ୍ଚଳଠାରୁ ବହୁ ଦୂରରେ ରହି ନିଜ ଅଞ୍ଚଳର ସମସ୍ୟା ବୁଝିବାକୁ ଓ ତାହାର ଯତ୍ନ ନେବାକୁ ସେମାନଙ୍କର ସମୟ ନଥିଲା । ସେମାନେ କ୍ଷମତାପ୍ରାପ୍ତ ପ୍ରତିନିଧିମାନଙ୍କ ମାଧ୍ୟମରେ କର ଆଦାୟ କରୁଥିଲେ । ପ୍ରଜାମାନେ ନିର୍ଯ୍ୟାତିତ ଓ ଅତ୍ୟାଚାରିତ ହେଉଥିଲେ । ଏହି ଶ୍ରେଣୀର ସମ୍ଭ୍ରାନ୍ତମାନେ ସମସ୍ତଙ୍କର ଈର୍ଷାର ପାତ୍ର ଥିଲେ । ଅନ୍ୟପକ୍ଷରେ ଜନ୍ମଗତ ତଥା ରାଜକୀୟ ପଦପଦବୀ ଭୂଷିତ ସମ୍ଭ୍ରାନ୍ତମାନେ ଦରବାରଠାରୁ ବହୁ ଦୂରରେ ରହି ଗ୍ରାମାଞ୍ଚଳରେ ବାସ କରୁଥିଲେ । ରାଜା ସେମାନଙ୍କୁ ଜାଣିବାର ଅବକାଶ ମଧ୍ୟ ନଥିଲା । ସେମାନେ ରାଜକୃପା, ସାହାଯ୍ୟ ଓ ସହାନୁଭୂତିରୁ ବଞ୍ଚିତ ଥିଲେ । ସେହି ପ୍ରକାରର ସମ୍ଭ୍ରାନ୍ତ ବା ସାମନ୍ତମାନେ ସମାଜରେ ପ୍ରାଦେଶିକ ସାମନ୍ତ (Provincial Nobles) ଭାବେ ପରିଚିତ ଥିଲେ । ସୈନ୍ୟବାହିନୀରେ ଦରବାରୀ ସାମନ୍ତମାନେ ନିଯୁକ୍ତି ପାଉଥିଲେ ଏବଂ ପ୍ରାଦେଶିକ ସାମନ୍ତମାନେ ସେଥିରୁ ବଞ୍ଚିତ ହେଉଥିଲେ । ପ୍ରାଦେଶିକ ସାମନ୍ତମାନେ କ୍ରମେ ଦରବାରୀ ସାମନ୍ତମାନଙ୍କୁ ଘୃଣା କରିବା ଆରମ୍ଭ କରିଥିଲେ ।

ଏହିସବୁ କାରଣଗୁଡ଼ିକ ପାଇଁ ଦିନକୁ ଦିନ ରାଜତନ୍ତ୍ର ଦୁର୍ବଳ ହୋଇପଡୁଥିଲା । ସମ୍ଭ୍ରାନ୍ତ ଶ୍ରେଣୀର ଲୋକମାନେ କ୍ରମେ କ୍ଷମତାର ଅପବ୍ୟବହାର କରୁଥିଲେ, ମନମୁଖୀ କାର୍ଯ୍ୟ କରିବା ଦ୍ୱାରା ଶାସନ କଳକୁ କଳୁଷିତ କରୁଥିଲେ । ଫରାସୀ

ସମ୍ରାଟ ତଥାପି ସମ୍ଭ୍ରାନ୍ତମାନଙ୍କୁ ଅସନ୍ତୁଷ୍ଟ କରୁନଥିଲେ । ମାତ୍ର ସମୟକ୍ରମେ ପରିବର୍ତ୍ତିତ ସମାଜରେ ମଣ୍ଟେସ୍କ୍ୟୁ (Montesquie)ଙ୍କ ପରି କେତେକ ଚିନ୍ତାଶୀଳ ସମ୍ଭ୍ରାନ୍ତ ଅନ୍ୟ ସମ୍ଭ୍ରାନ୍ତମାନଙ୍କର କାର୍ଯ୍ୟକଳାପକୁ ଘୃଣା କରିଥିଲେ । ଯେତେବେଳେ ବିପ୍ଳବ ଅବଶ୍ୟମ୍ଭାବୀ ବୋଲି ଜଣାଗଲା ସେତେବେଳେ ସାଧାରଣ ସମ୍ଭ୍ରାନ୍ତମାନେ ଜନସାଧାରଣଙ୍କ ଦାବି ପ୍ରତି ସମର୍ଥନ ଜଣାଇଥିଲେ । ତେଣୁ ଅଷ୍ଟାଦଶ ଶତାବ୍ଦୀର ସମ୍ଭ୍ରାନ୍ତମାନେ ସମାଜରେ ଘୃଣାର ପାତ୍ର ହୋଇପଡ଼ିଥିଲେ । ଅହେତୁକ ଏବଂ ଅବାଞ୍ଛିତ ଗୋଷ୍ଠୀ ରୂପେ ନିନ୍ଦିତ ହୋଇଥିଲେ । ପୁରୁଣାକାଳିଆ ଅବାନ୍ତର ଅଧିକାର ଉପଭୋଗ କରୁଥିବାରୁ ପ୍ରଜାମାନେ ସେମାନଙ୍କ ପ୍ରତି ହିଂସାପରାୟଣ ହୋଇପଡ଼ିଥିଲେ । ରାଷ୍ଟ୍ରବିପ୍ଳବ ସମୟରେ ସ୍ୱେଚ୍ଛାଚାରୀ ରାଜତନ୍ତ୍ର ପରି ଅନାଚାରୀ ସମ୍ଭ୍ରାନ୍ତବାଦ ମଧ୍ୟ ଧ୍ୱଂସମୁଖରେ ପଡ଼ିଥିଲା । ଫ୍ରାନ୍ସରେ ସମ୍ଭ୍ରାନ୍ତଶ୍ରେଣୀ (Nobility Class)ର ବିଲୋପ ସାଧନ ଘଟିଥିଲା ।

ସାଧାରଣ ପ୍ରଜା (Common People : Third Estate) :

ଫ୍ରାନ୍ସ ଦେଶର ସମୁହ ଜନସଂଖ୍ୟାର ୯୯ ଭାଗ ତୃତୀୟ ଶ୍ରେଣୀର ପ୍ରଜାମାନେ (Third Estate) ଥିଲେ। ଏହିମାନେ ହିଁ ଥିଲେ ଫରାସୀ ଜାତି । ମାତ୍ର ସେମାନଙ୍କର କୌଣସି ରାଜନୈତିକ ବା ସାମାଜିକ ଅଧିକାର ନଥିଲା । ଅଧିକାଂଶ ଥିଲେ କୃଷକ, କାରିଗର, ଶ୍ରମଶିଳ୍ପୀ ଓ ଶ୍ରମିକ । ସମାଜର ସ୍ୱଚ୍ଛଳ ବ୍ୟବସ୍ଥା ସମ୍ପନ୍ନ ବିତ୍ତଶାଳୀ ବ୍ୟବସାୟୀ, ଶିଳ୍ପପତି, ଓକିଲ, ଶିକ୍ଷକ ବୁଦ୍ଧିଜୀବୀ ଇତ୍ୟାଦି ସମାଜର ବୁର୍ଜୁଆ (Bourgeosie) ଗୋଷ୍ଠୀର ଅନ୍ତର୍ଭୁକ୍ତ ଥିଲେ । ଯୋଗ୍ୟତା ବୁଦ୍ଧିମତା, କାର୍ଯ୍ୟଦକ୍ଷତା, ଜ୍ଞାନ ଓ କୃତିତ୍ୱରେ ସମ୍ଭ୍ରାନ୍ତମାନଙ୍କଠାରୁ କୌଣସି ଗୁଣରେ କମ୍ ନଥିଲେ ସୁଦ୍ଧା ସେମାନେ ସୁବିଧା ଭୋଗରୁ ବଞ୍ଚିତ ଥିଲେ । ସେମାନେ ଉପସ୍ଥିତ ସାମାଜିକ ବ୍ୟବସ୍ଥାକୁ ଘୃଣା କରୁଥିଲେ ।

କୃଷକମାନଙ୍କର ଅସନ୍ତୋଷର ପ୍ରଧାନ କାରଣ ଥିଲା ଯେ ଭୂମି ଉପରେ ସେମାନଙ୍କର ଅଧିକାର ସ୍ୱତ୍ୱ ଅନିଶ୍ଚିତ ଥିଲା । କାରଣ ଭୂମିର ମାଲିକ ଥିଲେ ସାମନ୍ତମାନେ । ମୋନଙ୍କର ଦୟା ଉପରେ କୃଷକମାନଙ୍କୁ ବଞ୍ଚିବାକୁ ପଡୁଥିଲା । ଭୂମିହୀନ କୃଷକମାନଙ୍କର ଅବସ୍ଥା ଅତୀବ ଶୋଚନୀୟ ଥିଲା । ପ୍ରତିଦିନ ଅନ୍ୟମାନଙ୍କ ଜମିରେ କାମ ନ କଲେ ସେମାନଙ୍କୁ ଖାଇବାକୁ ଦାନା ମିଳୁନଥିଲା । ଏପରି ଅବସ୍ଥାରେ ଲୋକମାନଙ୍କୁ ମଧ୍ୟ ନାନା ପ୍ରକାରର କର ଦେବାକୁ ପଡୁଥିଲା । ପରିଶ୍ରମ ଓ ଦୁଃଖକଷ୍ଟ ମଧ୍ୟରେ ଏମାନେ ଅକାଳେ ମୃତ୍ୟୁବରଣ କରୁଥିଲେ । ଦରିଦ୍ର କୃଷକ ଓ ଭୂମିହୀନ ପ୍ରଜାମାନଙ୍କ ପରିଶ୍ରମ ଉପରେ ଜାତିର ଆର୍ଥିକ ଜୀବନ ଓ ଦେଶର ସମୃଦ୍ଧି ନିର୍ଭର କରୁଥିଲେ ହେଁ ସେମାନଙ୍କ ସୁଖ ଦୁଃଖ ପାଇଁ ଦୂରବେଁ ରାଜାମାନଙ୍କର ତଥା ସାମନ୍ତମାନଙ୍କର ଦୃଷ୍ଟି ନଥିଲା । ସେମାନଙ୍କ ପାଇଁ କୌଣସି କର୍ମନିଯୁକ୍ତିର ବାଟ ନଥିଲା । ପ୍ରତିଭା ଓ ଦକ୍ଷତା ଥିଲେ ସୁଦ୍ଧା କୃଷକର ସନ୍ତାନ ପାଇଁ ସରକାରୀ ଚାକିରୀର ଦ୍ୱାର ବନ୍ଦ ଥିଲା । ଫ୍ରାନ୍ସର ପ୍ରତ୍ୟେକ ରାଜାଙ୍କ ସମୟରେ କ୍ରମେ କୃଷକମାନଙ୍କର ଅବସ୍ଥା ଖରାପ ହେବାକୁ ଲାଗିଲା । ରାଜତନ୍ତ୍ରର ବ୍ୟୟଭାର ବଢ଼ି ଚାଲିଥିଲା ବେଳେ କୃଷକମାନଙ୍କର କରଭାର ମଧ୍ୟ ବଢ଼ି ଚାଲିଲା । ସାମନ୍ତମାନଙ୍କର କେତେଗୁଡ଼ିଏ ଏକଚାଟିଆ ଅଧିକାର ଥିଲା ଯାହାକି ପ୍ରଜାମାନେ ପୂରଣ କରିବାକୁ ବାଧ୍ୟ ହେଉଥିଲେ । ବାଧ୍ୟତାମୂଳକ ଶ୍ରମ (Corvee), ବେଠି ଓ ବେଗାରି (Benalites), ସାମନ୍ତମାନଙ୍କ କଳକାରଖାନାରେ ପ୍ରଜା ତାର ଅଙ୍ଗୁର ବା ଗହମ ବାଧ୍ୟ ହୋଇ ପେଶିବା ବା ମଦର ଏକଚାଟିଆ ଅଧିକାର (Banvin), ଶିକାର ଅଧିକାର (Hunting right) ଇତ୍ୟାଦି ସାମନ୍ତମାନଙ୍କର ଅଧିକାରକୁ ପ୍ରଜାମାନେ ବିରୋଧ କରୁଥିଲେ ହେଁ ତାହା ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିପାରୁ ନଥିଲେ । ଶିକାର ଅଧିକାରକୁ ଚାଷୀମାନେ ବହୁଳଭାବେ ଘୃଣା କରୁଥିଲେ କାରଣ ଶିକାର କଲା ସମୟରେ ସମ୍ଭ୍ରାନ୍ତମାନେ ଚାଷୀର ଶସ୍ୟକ୍ଷେତ୍ର ନଷ୍ଟ କରି ପକାଉଥିଲେ । ଏହିପରି ଭାବେ ଫରାସୀ କୃଷକ ଶ୍ରେଣୀ ଟିକସ୍ ଦେବାଠାରୁ ଆରମ୍ଭ କରି ନାନା ପ୍ରକାରର ଅତ୍ୟାଚାରର ଶିକାର ହେଉଥିଲେ । ପ୍ରଜାମାନଙ୍କର ଅର୍ଥନୈତିକ ଅବସ୍ଥା କ୍ରମେ ଏତେ ଦୁର୍ବଳ ହୋଇପଡ଼ିଲା ଯେ ପ୍ରତ୍ୟେକ ଦଶଜଣ ବ୍ୟକ୍ତିଙ୍କ ମଧ୍ୟରୁ ନଅଜଣ କ୍ଷୁଧାରେ ମୃତ୍ୟୁବରଣ କଲେ । କୃଷକମାନେ ଏପରି ଅସହାୟ ଅବସ୍ଥାରେ ଥିବାରୁ ସେମାନଙ୍କର କୌଣସି ସଂଗଠନ ନଥିଲା । ଅନ୍ୟାୟ ବିରୋଧରେ ସ୍ୱର ଉତ୍ତୋଳନ କରିବାକୁ ସେମାନଙ୍କର ସାହସ ନଥିଲା ।

ସଙ୍ଗତିସମ୍ପନ୍ନ ଓ ସ୍ୱଚ୍ଛଳ କୃଷକ ପରିବାରଗୁଡ଼ିକୁ ନେଇ ମଧ୍ୟବିତ୍ତ ଶ୍ରେଣୀର ଉତ୍ପତ୍ତି ଘଟିଲା । ସେଥିସଙ୍ଗେ ନିମ୍ନ ବର୍ଗ ସମ୍ଭ୍ରାନ୍ତ ଶ୍ରେଣୀର ସମ୍ବଳହୀନ ଓ ଋଣଗ୍ରସ୍ତ ପରିବାରଗୁଡ଼ିକର ଅସନ୍ତୁଷ୍ଟ ଗୋଷ୍ଠୀ ଏହି ନୂତନ ମଧ୍ୟବିତ୍ତ ଶ୍ରେଣୀରେ ଯୋଗ ଦେଲେ । ମଧ୍ୟବିତ୍ତମାନେ ନୂଆ ନୂଆ ବୃତ୍ତି ଦ୍ୱାରା ସେମାନଙ୍କର ଜୀବିକା ଅର୍ଜନ କଲେ । ବୌଦ୍ଧିକ ବିକାଶ ଯୁଗର ନୂତନ ବିଷୟମାନଙ୍କରେ ଜ୍ଞାନଲାଭ କରି ଶିକ୍ଷକ, ଚିକିତ୍ସକ, ବୈଜ୍ଞାନିକ, ଆଇନଜୀବୀ ଭାବେ କାର୍ଯ୍ୟ କରିବାକୁ ଆରମ୍ଭ କଲେ । ଦେଶରେ ବାଣିଜ୍ୟ ବ୍ୟବସାୟ ବଢ଼ିବା ଫଳରେ ଦୋକାନୀ ବଣିକ ଓ ବ୍ୟବସାୟୀମାନଙ୍କର ସଂଖ୍ୟା ବଢ଼ିଲା । ନୂଆ ନୂଆ ଯନ୍ତ୍ରପାତିର ପ୍ରଚଳନ ହେବା ସଙ୍ଗେ ସଙ୍ଗେ ଯାନ୍ତ୍ରିକ କାରିଗର ଓ ଅଭିଜ୍ଞ କୁଶଳୀ ଶିଳ୍ପୀମାନଙ୍କର ଚାହିଦା ବଢ଼ିବାରେ ଲାଗିଲା । ଅନ୍ୟ ପକ୍ଷରେ ରାଜା ଏବଂ ସେମାନଙ୍କର ପାରିଷଦବର୍ଗ ବୃତ୍ତିଗତ ଜୀବିକା ଅର୍ଜନ କରୁଥିବା ଶ୍ରେଣୀର ଲୋକଙ୍କୁ ଘୃଣାଚକ୍ଷୁରେ ଦେଖୁଥିବା ହେତୁ ସେମାନେ ଏକତ୍ରିତ ହୋଇ ଏକ ନୂଆ ଶ୍ରେଣୀଭୁକ୍ତ ହେଲେ । ଏହି ନୂତନ ଶ୍ରେଣୀ 'ମଧ୍ୟବିତ୍ତ ଶ୍ରେଣୀ' (Middle Class) ନାମରେ ଅବିହିତ ହେଲେ । ମଧ୍ୟବିତ୍ତ ସମ୍ପ୍ରଦାୟ ଦରିଦ୍ର ନଥିଲେ । ଦରିଦ୍ର କୃଷକମାନଙ୍କ ଭଳି ସେମାନଙ୍କୁ ଦିନରାତି କାମ କରିବାକୁ ପଡୁନଥିଲା । ଅଥଚ ସେମାନେ ସମ୍ଭ୍ରାନ୍ତମାନଙ୍କ ଭଳି ଭୋଗବିଳାସର ସ୍ୱପ୍ନ ଦେଖିପାରୁନଥିଲେ । ସଂକ୍ଷେପରେ କହିବାକୁ ଗଲେ ମଧ୍ୟବିତ୍ତ ଶ୍ରେଣୀର ଲୋକମାନେ ଦାରିଦ୍ର୍ୟର କଷାଘାତ ଭୋଗୁନଥିଲେ କିମ୍ବା ବିଳାସବ୍ୟସନ ପାଇଁ ଅର୍ଥ ପାଉନଥିଲେ । ମାତ୍ର ସେମାନଙ୍କ ନିକଟରେ ବୁଦ୍ଧି ଥିଲା । ସେମାନେ ଶିକ୍ଷିତ, ସଚେତନ ଓ ପ୍ରଗତିପନ୍ଥୀ ଥିଲେ । ସେମାନେ କର ଭାରରେ ଉତ୍ପୀଡ଼ିତ ହେଉନଥିଲେ କିମ୍ବା ରାଜକୀୟ ସମ୍ମାନ ମଧ୍ୟ ପାଉନଥିଲେ । କାଳକ୍ରମେ ସେମାନଙ୍କ ମଧ୍ୟରେ ସଚେତନତା ବଢ଼ିଚାଲିଲା । ନିଜର ଦକ୍ଷତା, ବୁଦ୍ଧି ଓ ଯୋଗ୍ୟତା ସକାଶେ ସେମାନଙ୍କର ଅହଂଭାବ ବଢ଼ିବାକୁ ଲାଗିଲା । ସେମାନେ ବିଶ୍ଳେଷଣ କରି ଜାଣିପାରିଲେ ଯେ ''ବାସ୍ତବିକ ସମ୍ଭ୍ରାନ୍ତମାନେ ଅପଦାର୍ଥ, ଅଯୋଗ୍ୟ ଓ ଅଶିକ୍ଷିତ ଏବଂ ଯାଜକମାନେ ଅଜ୍ଞ, ମୂର୍ଖ ଓ ଅନ୍ଧବିଶ୍ୱାସୀ''। ତେଣୁ ଉଭୟ ସୁବିଧାଭୋଗୀ ଗୋଷ୍ଠୀଙ୍କ ପ୍ରତି ଘୃଣାଭାବ ପ୍ରଦର୍ଶନ କଲେ । ''ସମାଜର କୌଣସି ପ୍ରକାରର ଉପକାର ନ କରି ଉକ୍ତ ଶ୍ରେଣୀର ଲୋକେ କାହିଁକି ରାଜକୀୟ ସୁବିଧା ଓ ସ୍ୱୀକୃତି ପାଇ ଶୋଷକ ରୂପେ କାର୍ଯ୍ୟ କରିବେ ?'' ବୋଲି ମଧ୍ୟବିତ୍ତମାନେ ପ୍ରଶ୍ନ କଲେ । ଫଳରେ ସେମାନେ ସେମାନଙ୍କର ମୁକ୍ତି ଓ ଅଧିକାର ଦାବି କରିବାକୁ ଉଚିତ ବୋଲି ଭାବିଲେ । କ୍ରମେ କଳୁଷିତ ରାଜତନ୍ତ୍ର ବିରୁଦ୍ଧରେ ବିଷ ଉଦ୍‌ଗାର କରିବାରେ ଲାଗିଲେ । ଚାହୁଁ ଚାହୁଁ ରାଜତନ୍ତ୍ରର ପ୍ରଚଳିତ ରୀତିନୀତି ଅନ୍ୟାୟ ଓ ଦୁର୍ନୀତି ଶାସନତନ୍ତ୍ରର ଅପାରଗତା, ବିଚାର ବିଭାଗର ବିଶୃଙ୍ଖଳା ଓ କଠୋର ଦଣ୍ଡବ୍ୟବସ୍ଥା ମନମୁଖୀ ଆଇନ୍‌କାନୁନ୍ ଓ ମଧ୍ୟଯୁଗୀୟ ସମସ୍ତ ପ୍ରଥାଗୁଡ଼ିକ ବିରୁଦ୍ଧରେ ମଧ୍ୟବିତ୍ତମାନେ ବିଦ୍ରୋହୀ ହୋଇ ଉଠିଲେ । ଫରାସୀ ରାଷ୍ଟ୍ର ବିପ୍ଳବର ମହାନ ଦାର୍ଶନିକମାନଙ୍କର ତତ୍ତ୍ୱଗୁଡ଼ିକ ମଧ୍ୟବିତ୍ତମାନଙ୍କ ମନକୁ ଛୁଇଁଥିଲା । ଫଳରେ ସେମାନେ ବିପ୍ଳବର ବହ୍ନି ଜଳାଇବା ପାଇଁ ସବୁ ପ୍ରକାରର ଇନ୍ଧନ ଯୋଗାଇ ଦେଇଥିଲେ । ତେଣୁ ଫରାସୀ ରାଜତନ୍ତ୍ର ଯେତେବେଳେ ଅଧୋଗତିର ଶେଷସୀମାରେ ପହଞ୍ଚିଲା ସେତେବେଳେ ସେମାନେ ରାଜା, ସମ୍ଭ୍ରାନ୍ତ ଓ ଧର୍ମଯାଜକମାନଙ୍କ ବିରୋଧରେ ଅସ୍ତ୍ରଧାରଣ କଲେ । ନିଜର ଜ୍ଞାନ, ବୁଦ୍ଧି, ବିବେକ ଓ ସାହସ ବଳରେ ଏମାନେ ପୁରାତନ ବ୍ୟବସ୍ଥାକୁ ଧ୍ୱଂସ କରି ନୂତନ ସମାଜ ଗଠନ କରିବାକୁ ସାହସ କରିଥିଲେ ।

ଏହିପରି ଭାବେ ଫରାସୀ ସମାଜ ବହୁ ଶ୍ରେଣୀରେ ବିଭକ୍ତ ଥିଲା । ଈର୍ଷା, ଘୃଣା, ସନ୍ଦେହ ସବୁ ସ୍ତରରେ ପୂରି ରହିଥିଲା । ଯଥାର୍ଥରେ କୁହାଯାଇଛି ଯେ ''ଶ୍ରେଣୀ ବିରୁଦ୍ଧରେ ଶ୍ରେଣୀ ଏବଂ ଗୋଷ୍ଠୀ ବିରୁଦ୍ଧରେ ଗୋଷ୍ଠୀ ବିଭକ୍ତ'', ("Class was divided against class group against group.") ହୋଇଥିଲା ।

ବୌଦ୍ଧିକ ବା ତାତ୍ତ୍ୱିକ କାରଣ (Intellectual or theory of Ideas) : ରାଜନୈତିକ ଅସ୍ଥିରତା ମଧ୍ୟରେ ବିପ୍ଳବର ବହ୍ନି ଜଳି ଉଠିବା ପୂର୍ବରୁ ଫ୍ରାନ୍ସରେ ଏକ ବୌଦ୍ଧିକ ବିପ୍ଳବ ଦେଖାଦେଇଥିଲା । ଦାର୍ଶନିକ, ବୁଦ୍ଧିଜୀବୀ, କବି, ଲେଖକ, ଅର୍ଥନୀତିଜ୍ଞ ଓ ରାଜନୀତିଜ୍ଞମାନଙ୍କ ଲେଖାରେ ତତ୍କାଳୀନ ସମାଜ ଓ ଶାସନରେ ଥିବା ଅସାମଞ୍ଜସ୍ୟ ଦୁର୍ନୀତି, ଅନ୍ୟାୟ, ଅତ୍ୟାଚାର, ଦୁର୍ବଳତା ବିରୋଧରେ ସ୍ୱର ଉତ୍ତୋଳନ ହୋଇଥିଲା । ଜନସାଧାରଣଙ୍କ ମନରେ ସୃଷ୍ଟି ହୋଇଥିବା

ଅଶାନ୍ତି, ଅସନ୍ତୁଷ୍ଟ, ବିରକ୍ତି ଓ ଘୃଣା ଭାବକୁ ତତ୍‌କାଳୀନ ଦାର୍ଶନିକମାନେ ଲୋକଲୋଚନକୁ ଆଣିବା ସଙ୍ଗେ ସଙ୍ଗେ ନୂତନ ସଂସ୍କାରମୂଳକ ଚିନ୍ତାଧାରା ଓ ମତବାଦର ପ୍ରଚାର କରି ଦେଶରେ ଏକ ବୈପ୍ଳବିକ ପରିବେଶ ସୃଷ୍ଟି କରିଥିଲେ। ଦାର୍ଶନିକମାନଙ୍କ ଦ୍ୱାରା ହିଁ ଫରାସୀ ବିପ୍ଳବର ପ୍ରସ୍ତୁତିପର୍ବ ସମାହିତ ହୋଇଥିଲା । ଅଷ୍ଟାଦଶ ଶତାବ୍ଦୀର ଦାର୍ଶନିକମାନଙ୍କ ମଧ୍ୟରେ ତିନିଜଣ ମହାନ ବ୍ୟକ୍ତିଙ୍କ ନାମ ସ୍ମରଣୀୟ ହୋଇ ରହିଛି । ସେହି ତିନିଜଣ ଦାର୍ଶନିକ ଥିଲେ ମଣ୍ଟେସ୍କ୍ୟୁ, ଭଲ୍‌ଟେୟାର ଓ ରଷୋ । ସେମାନଙ୍କ ଚିନ୍ତାଧାରା ଭବିଷ୍ୟତ ବିପ୍ଳବୀମାନଙ୍କର ଆୟୁଧରେ ପରିଣତ ହୋଇଥିଲା ।

ମଣ୍ଟେସ୍କ୍ୟୁ (Montesquieu) :

ଚାର୍ଲସ ଲୁଇ.ଡି. ସେକଲାଣ୍ଡ ଫରାସୀ ବିପ୍ଳବରେ ଠିକ୍ ଏକଶତ ବର୍ଷ ପୂର୍ବେ ଅର୍ଥାତ୍ ୧୬୮୯ ଖ୍ରୀଷ୍ଟାବ୍ଦରେ ଫ୍ରାନ୍ସ ଦେଶରେ ଜନ୍ମଗ୍ରହଣ କରିଥିଲେ । ଇତିହାସରେ ସେ ବ୍ୟାରେନ୍ ମଣ୍ଟେସ୍କ୍ୟୁ ନାମରେ ବେଶ୍ ପରିଚିତ । ୧୭୫୫ ଖ୍ରୀଷ୍ଟାବ୍ଦରେ ତାଙ୍କର ମୃତ୍ୟୁ ହୋଇଥିଲା । ସମ୍ଭ୍ରାନ୍ତ ବଂଶରେ ଜନ୍ମଗ୍ରହଣ କରିଥିବାରୁ ସୁଖ ଓ ପ୍ରାଚୁର୍ଯ୍ୟ ମଧ୍ୟରେ ତାଙ୍କର ଜୀବନକାଳ ବିତିଥିଲା । ଆଇନ ବିଦ୍ୟାରେ ଡିଗ୍ରୀ ହାସଲ କରି ସେ ବିଚାର ବିଭାଗରେ ନିଯୁକ୍ତି ପାଇଥିଲେ । ମାତ୍ର ମୁଖ୍ୟ ବିଚାରପତି ଥିବା ସତ୍ତ୍ୱେ ସେ ତାଙ୍କ ପଦତ୍ୟାଗ କରିଥିଲେ ଏବଂ ବୈପ୍ଳବିକ ଲେଖନୀ ଚାଳନା କରିଥିଲେ । ସେ ତାଙ୍କର ପ୍ରଥମ ପୁସ୍ତକ Persian Letter ମାତ୍ର ୩୨ ବର୍ଷ ବୟସରେ ପ୍ରକାଶ କରିଥିଲେ । ମଣ୍ଟେସ୍କ୍ୟୁ ନିଜ ଦେଶବାସୀଙ୍କ କଥା ଜନୈକ 'କଳ୍ପିତ ପାରସ୍ୟ ଭ୍ରମଣକାରୀ'ଙ୍କ ନାମରେ ଏହି ପୁସ୍ତକରେ ବର୍ଣ୍ଣନା କରି ମୁକ୍ତ ଭାବେ ନିଜର ମତାମତ ଦେଇପାରିଥିଲେ । ଶିକ୍ଷିତ ବୁଦ୍ଧିଜୀବୀମାନେ ଏହି ପୁସ୍ତକକୁ କୌତୂହଳ ସହ ପାଠ କରିବା ସଙ୍ଗେ ସଙ୍ଗେ ସେଥିରେ ଥିବା ଗୂଢ଼ ମର୍ମ ବୁଝିପାରିଥିଲେ । ଇଂରେଜ ଲେଖକ John Lockeଙ୍କ ରାଜନୈତିକ ଦର୍ଶନ ତାଙ୍କୁ ବିଶେଷ ପରିମାଣରେ ପ୍ରଭାବିତ କରିପାରିଥିଲା । ୧୭୪୮ ମସିହାରେ ମଣ୍ଟେସ୍କ୍ୟୁ ତାଙ୍କର ସୁପ୍ରସିଦ୍ଧ ଗ୍ରନ୍ଥ 'ଆଇନର ଆତ୍ମା' (Spirit of the Law)ରେ ଆଇନର ତାତ୍ପର୍ଯ୍ୟ ପ୍ରକାଶ କରିଥିଲେ । ମଣ୍ଟେସ୍କ୍ୟୁ ପଞ୍ଚଦଶ ଲୁଇଙ୍କର ଆତ୍ମକୈନ୍ଦ୍ରିକ ସ୍ୱୈର ଶାସନକୁ କଡ଼ାକଡ଼ି ଭାବେ ସମାଲୋଚନା କରିଥିଲେ । ତାଙ୍କ କେନ୍ଦ୍ରୀଭୂତ ଶାସନ ମାନବ ସଭ୍ୟତାର ପରିପନ୍ଥୀ ବୋଲି ଘୋଷଣା କରିଥିଲେ ଏବଂ କ୍ଷମତାର ପୃଥକୀକରଣ ବା (Separation of Power) ଉପରେ ଗୁରୁତ୍ୱ ଦେଲେ । ସେ ଯୁକ୍ତି କରିଥିଲେ ଯେ ଶାସନ ବ୍ୟବସ୍ଥା ତିନି ଭାଗରେ ବିଭକ୍ତ ହେବା ଉଚିତ; ଯଥା–ବ୍ୟବସ୍ଥାପକ ବିଭାଗ (Legislative), କାର୍ଯ୍ୟନିର୍ବାହୀ (Executive) ବିଭାଗ ଓ ବିଚାର ବିଭାଗ (Judiciary) । ଯେଉଁମାନେ ଆଇନ ପ୍ରଣୟନ କରିବେ ସେମାନେ ଆଇନକୁ କାର୍ଯ୍ୟକାରୀ କରିପାରିବେ ନାହିଁ । ଯେଉଁମାନେ ଆଇନକୁ କାର୍ଯ୍ୟକାରୀ କରିବା ପାଇଁ ଶାସନ ଭାର ଗ୍ରହଣ କରିବେ ସେମାନେ ବିଚାରପତି ଭାବେ କାର୍ଯ୍ୟ କରିପାରିବେ ନାହିଁ ଏବଂ କେବଳ ବିଚାରପତିମାନେ ହିଁ ଆଇନଭଙ୍ଗକାରୀଙ୍କ ପ୍ରତି ଦଣ୍ଡ ବିଧାନ କରିପାରିବେ । ଅନ୍ୟ ଭାଷାରେ ବ୍ୟବସ୍ଥାପକ ଆଇନ ତିଆରି କରିବେ, ଶାସନ ବିଭାଗ ଆଇନ ପ୍ରୟୋଗ ବା କାର୍ଯ୍ୟକାରୀ କରିବେ ଓ ବିଚାରପତିମାନେ ଆଇନଗୁଡ଼ିକ ଯଥାର୍ଥ ଭାବରେ ପ୍ରୟୋଗ କରାଯାଉଛି କି ନାହିଁ ତାହା ବିଚାର କରିବେ । ଫଳରେ ଶାସନରେ ସମତା ରକ୍ଷା କରାଯାଇପାରିବ ବୋଲି ସେ ଯୁକ୍ତି କରିଥିଲେ । ତାଙ୍କର ତତ୍ତ୍ୱମାନ ତତ୍‌କାଳୀନ ଫରାସୀ ସ୍ୱୈର ଶାସନ ମୂଳରେ କୁଠାରଘାତ କରିଥିଲା । ରାଜକୀୟ ସ୍ୱେଚ୍ଛାତନ୍ତ୍ର ପରିବର୍ତ୍ତେ ସାମ୍ବିଧାନିକ ଶାସନତନ୍ତ୍ର ପ୍ରତିଷ୍ଠା କରିବା ପାଇଁ କ୍ରମେ ଜନସାଧାରଣ ସଚେତନ ହୋଇଉଠିଥିଲେ ।

ଭଲ୍‌ଟେୟାର (Voltaire) :

ଫ୍ରଙ୍କୋୟ-ମେରୀ ଅରୁଏତ୍ (Francois Marie Arouet) ଭଲ୍‌ଟେୟାର ନାମରେ ପ୍ରସିଦ୍ଧ । ସେ ୧୬୯୪ ଖ୍ରୀଷ୍ଟାବ୍ଦରେ ଜନ୍ମଗ୍ରହଣ କରିଥିଲେ ଏବଂ ଫରାସୀ ବିପ୍ଳବର ମାତ୍ର ୧୧ ବର୍ଷ ପୂର୍ବେ ୧୭୭୮ରେ ମୃତ୍ୟୁବରଣ କରିଥିଲେ । ଭଲ୍‌ଟେୟାର ବା ଭୋଲ୍‌ଟାୟାର ଥିଲା ତାଙ୍କର ଲେଖକ ନାମ । ସେ ଏକ ବହୁମୁଖୀ ପ୍ରତିଭା ଥିଲେ । କବି, ଐତିହାସିକ, ଦାର୍ଶନିକ, ନାଟ୍ୟକାର, ବୈଜ୍ଞାନିକ, ସାମ୍ବାଦିକ ଓ ସର୍ବୋପରି ବ୍ୟଙ୍ଗ ବିଦ୍ରୂପକାରୀ ରଙ୍ଗ ରସିକ ଭାବେ ସେ ସମସାମୟିକ

ଇଉରୋପୀୟ ସଭ୍ୟତା ଉପରେ ଯଥେଷ୍ଟ ପ୍ରଭାବ ପକାଇଥିଲେ । ତାଙ୍କ ଯୁଗକୁ 'ଭଲ୍‌ଟାୟାର ଯୁଗ' ବୋଲି କୁହାଯାଉଥିଲା । ଲୋକମାନେ ତାଙ୍କୁ "King Voltaire" ବୋଲି କହୁଥିଲେ । ତାଙ୍କର ଲେଖାଗୁଡ଼ିକରେ ଶାସନ, ସମାଜ ଓ ଧର୍ମର ସମସ୍ତ ଦିଗ ସମ୍ପର୍କରେ ବର୍ଣ୍ଣନା କରାଯାଇଥିଲେ ହେଁ ଚର୍ଚ୍ଚ ବିରୋଧରେ ବ୍ୟଙ୍ଗ ବିଦ୍ରୂପ ମୁଖ୍ୟ ଥିଲା । ତାଙ୍କ ମତରେ ''ଚର୍ଚ୍ଚ ଥିଲା କ୍ରମକ୍ଷୟପ୍ରାପ୍ତ ଅନ୍ଧବିଶ୍ୱାସର ଦୁର୍ବଳ ବନ୍ଧନ, ସ୍ୱାଧୀନ ଚିନ୍ତାଧାରାର ବୈରୀ, ନିରୀହ ବ୍ୟକ୍ତିମାନଙ୍କର ଉତ୍ପୀଡ଼କ'' । ଏହି ପ୍ରକାରର ବ୍ୟଙ୍ଗଲେଖା ପାଇଁ ତାଙ୍କୁ ଦେଶରୁ ନିର୍ବାସନ ଦଣ୍ଡ ଦିଆଯାଇଥିଲା । ସେ ଫ୍ରାନ୍‌ସ ବାହାରେ ବହୁତ ସମ୍ମାନ ପାଇଥିଲେ । ପ୍ରୁସିଆର ରାଜା ତାଙ୍କ ଦରବାରରେ ଭୋଲ୍‌ଟାୟାରଙ୍କୁ ସମ୍ମାନିତ ଅତିଥି ରୂପେ ସ୍ଥାନ ଦେଇଥିଲେ ।

ବାହାରେ ରହି ଭଲ୍‌ଟେୟାର ଗୀର୍ଜାର ଅଭେଦ୍ୟ ଦୁର୍ଗ ଉପରେ ଆକ୍ରମଣ କରିଥିଲେ । ଯାଜକ ଶ୍ରେଣୀର ଛଳନା ଓ ଗୀର୍ଜାର ଅନୀତି ଉପରେ ପ୍ରବଳ ବିଦ୍ରୂପ କରି ସେ ଲୋକଙ୍କର ଦୃଷ୍ଟି ଆକର୍ଷଣ କରିଥିଲେ । ଦମ୍ଭ ସହକାରେ ସେ କହିଥିଲେ ''ସମସ୍ତ ପୁରୋହିତ ପ୍ରତାରକ'' । ସେ ଈଶ୍ୱରଙ୍କୁ ଅସ୍ୱୀକାର କରିନଥିଲେ କିମ୍ବା ରାଜତନ୍ତ୍ରର ଉଚ୍ଛେଦ କଥା କହିନଥିଲେ । ସେ ଚାହିଁଥିଲେ ଯେ ''ଈଶ୍ୱର ବିଶ୍ୱାସ ବା ରାଜା ବିଶ୍ୱାସ ପ୍ରଥାସବୁ ମୂଳରେ ଯୁକ୍ତିଯୁକ୍ତ ଏବଂ ଯୁକ୍ତିସିଦ୍ଧ ଅର୍ଥ ରହିବା ଉଚିତ'' । ଗୀର୍ଜାଗୁଡ଼ିକର ଚିରାଚରିତ ପ୍ରଥା ବିରୋଧରେ ଆଘାତ କରି ସେ ରାଜତନ୍ତ୍ରର ମଧ୍ୟ କ୍ଷତି କରିଥିଲେ । ଏହି ପ୍ରକାରର ଦର୍ଶନ ମଧ୍ୟରେ ଫରାସୀ ବିପ୍ଳବର ବୀଜ ଅଙ୍କୁରିତ ହୋଇଥିଲା । ସମାଜରେ ଥିବା ଦୋଷ ଦୁର୍ବଳତା ଓ ଅସଙ୍ଗତିଗୁଡ଼ିକ ଲୋକଲୋଚନକୁ ଆସିପାରିଥିଲା ।

ରଷୋ (Rousseau) :

Jean Jacques Rousseau ୧୭୧୨ ଖ୍ରୀଷ୍ଟାବ୍ଦରେ ଜେନେଭା ସହରରେ ଜନ୍ମଗ୍ରହଣ କରିଥିଲେ । ରଷୋ ଥିଲେ ସମ୍ପୂର୍ଣ୍ଣ ବିପ୍ଳବର ବାର୍ତ୍ତାବହ । ସେ ଚାହୁଁଥିଲେ ''ସମାଜର ପୁଙ୍ଖାନୁପୁଙ୍ଖ ପୁନର୍ଗଠନ'' । ଏହି ମହାନ ବ୍ୟକ୍ତିଙ୍କର ଚିନ୍ତାଧାରା ଦ୍ୱାରା ବିବେକ ଯୁଗର ପରିଣତି ଘଟିଲା ବିପ୍ଳବ ଯୁଗରେ । ନିଜର ଭାବପ୍ରବଣତା ବଳରେ ସେ ଫରାସୀ ଜାତିକୁ ଭାବପ୍ରବଣ କରିଦେଇଥିଲେ । ରଷୋ ଥିଲେ ମନୁଷ୍ୟ ଜାତିର ପ୍ରଖ୍ୟାତ ଚିନ୍ତାନାୟକମାନଙ୍କ ମଧ୍ୟରେ ଅନ୍ୟତମ । ରାଜନୈତିକ ଦର୍ଶନ ମଧ୍ୟରେ ଏକ ଯୁଗାନ୍ତକାରୀ ପରିବର୍ତ୍ତନ ପାଇଁ ସାମାଜିକ ଅନ୍ଧକାର ମଧ୍ୟରେ ସେ ଆଲୋକ ପ୍ରଦାନ କରିଥିଲେ ।

ଜନ୍ମ ସମୟଠାରୁ ମୃତ୍ୟୁ (୧୭୭୮) ପର୍ଯ୍ୟନ୍ତ ସାରା ଜୀବନ ସେ ହତଭାଗ୍ୟ ଥିଲେ । ଜନୈକ ଘଡ଼ି କାରିଗରର ପୁତ୍ର ରୂପେ ଜନ୍ମଲାଭ କରି ଜନ୍ମର ଅଳ୍ପ କେତେ କାଳ ପରେ ମାତାଙ୍କୁ ହରାଇଥିଲେ । ଅଳ୍ପ ବୟସରେ ତାଙ୍କ ପିତା ତାଙ୍କୁ ଛାଡ଼ି କୁଆଡ଼େ ପଳାଯାଇଥିଲେ । ମାତ୍ର ୧୨ ବର୍ଷ ବୟସରୁ ରଷୋଙ୍କୁ ନିଜର ଜୀବନ ଧାରଣ କରିବା ପାଇଁ ସଂଘର୍ଷ କରିବାକୁ ପଡ଼ିଥିଲା । ୧୬ ବର୍ଷ ବୟସରେ ସେ ଜେନେଭା ସହର ଛାଡ଼ି ଗୃହହୀନ ଓ କର୍ମହୀନ ଭାବେ ଏଣେତେଣେ ଜୀବିକା ଅର୍ଜନ ଉଦ୍ଦେଶ୍ୟରେ ବୁଲିବାକୁ ଲାଗିଲେ । କୌଣସି ପ୍ରଭୁଙ୍କ ଅଧୀନରେ କାମ କରିବାକୁ ସେ ଆଦୌ ଇଚ୍ଛା କରିନଥିଲେ । ସ୍ୱଭାବତଃ କ୍ଷଣକୋପୀ ଥିବାରୁ ଓ କାମ ପାଇଁ ଧୈର୍ଯ୍ୟ ନ ଥିବାରୁ ସେ ପ୍ରାୟ ସବୁ ସ୍ଥାନରେ ଓ ସବୁ ପ୍ରକାର କାର୍ଯ୍ୟରେ ବିଫଳ ହୋଇଥିଲେ । ସେ କ୍ରମେ ଏକ ବିଶୃଙ୍ଖଳ ବ୍ୟକ୍ତି ବୋଲି କୁଖ୍ୟାତି ଅର୍ଜନ କରିବାକୁ ଲାଗିଲେ । ମାତ୍ର ସେ ଥିଲେ ଜଣେ ଅସାଧାରଣ ପ୍ରତିଭାସମ୍ପନ୍ନ ବ୍ୟକ୍ତିବିଶେଷ ।

ମନୁଷ୍ୟ ସମାଜକୁ ସ୍ୱାଭାବିକ ଅବସ୍ଥାରେ ଅସ୍ୱାଭାବିକ ରଷୋ ଦେଖିବାକୁ ଚାହିଁଥିଲେ । ଆତ୍ମନିୟନ୍ତ୍ରଣ କରିବାକୁ ନିଜେ ଅସମର୍ଥ ଥିବାବେଳେ ସେ ପୁଣି ମନୁଷ୍ୟର ରାଜନୈତିକ ଓ ସାମାଜିକ ଅବସ୍ଥାକୁ ସୁନିୟନ୍ତ୍ରଣ କରିବାକୁ ଚେଷ୍ଟା କରିଥିଲେ । ଏହାହିଁ ତାଙ୍କ ଜୀବନର ବୈଚିତ୍ର୍ୟ । ତାଙ୍କର ବ୍ୟକ୍ତିଗତ ଜୀବନ ଅପେକ୍ଷା ଅଧିକତର ରୂପେ ତାଙ୍କର ଚିନ୍ତନଧାରା ହିଁ ରଷୋଙ୍କୁ ମହାନ କରିଛି । ସେ ଥିଲେ ଜଣେ ପ୍ରକୃତି ପୂଜକ । ପ୍ରାକୃତିକ ମନୁଷ୍ୟର ସ୍ୱଭାବଗତ ପବିତ୍ରତା ଉପରେ ତାଙ୍କର ଅଧିକ ବିଶ୍ୱାସ ଥିଲା । ତାଙ୍କ ଚିନ୍ତାଧାରା ଥିଲା ନୂତନ ଓ ମୌଳିକ, ପ୍ରେରଣାପୂର୍ଣ୍ଣ ଓ ଉତ୍ତେଜନାପ୍ରଦ । ପୁରାତନ ସମାଜର ସମାଧି ଉପରେ ରଷୋ ଗୋଟିଏ ନୂତନ ସମାଜ କଳ୍ପନା କରିଥିଲେ ଯେଉଁ ସମାଜରେ ''ପ୍ରତ୍ୟେକ

ମନୁଷ୍ୟ ନିଜର ହେବ ପ୍ରଭୁ ଓ ସମସ୍ତ ମନୁଷ୍ୟ ଭୋଗ କରିବେ ମୁକ୍ତି, ସାମ୍ୟ ଓ ଭ୍ରାତୃତ୍ୱ'' । ଯେଉଁ ପ୍ରଭୁତ୍ୱ ଓ ରାଜତନ୍ତ୍ରକୁ ଭଲ୍‌ଟେୟାର ସମ୍ମାନ କରିଥିଲେ ରଷୋ ତାହାକୁ ସମ୍ପୂର୍ଣ୍ଣ ଭାବେ ଘୃଣା କରିଥିଲେ ଓ ତା'ର ଧ୍ୱଂସ ସାଧନ ପାଇଁ ମାର୍ଗ ପ୍ରସ୍ତୁତ କରିଥିଲେ । ତାଙ୍କର ଭାଷାରେ, ଭାବରେ, ଲେଖାରେ, ଚିନ୍ତାରେ ଫୁଟି ଉଠିଥିଲା ବିପ୍ଳବର ସ୍ୱର । ସେ ଜନତାକୁ ପୁରୁଣା ସାମାଜିକ ବନ୍ଧନକୁ ଛିଣ୍ଡାଇଦେବା ("to sweep away the fabric of society") ପାଇଁ ଆହ୍ୱାନ ଦେଇଥିଲେ । ରଷୋଙ୍କର ପ୍ରଥମ ପ୍ରସିଦ୍ଧ ପ୍ରବନ୍ଧର ନାମ ଥିଲା "କଳା ଓ ବିଜ୍ଞାନ ଉପରେ ଆଲୋଚନା'' (Discourse on Arts and Sciences)। ସେଥିରେ ରଷୋ କହିଥିଲେ ଯେ ''କଳା ଓ ବିଜ୍ଞାନ ଯେତିକି ମାତ୍ରାରେ ଅଗ୍ରଗତି କଲା ମନୁଷ୍ୟର ମନ ଓ ବୁଦ୍ଧି ସେତିକି ମାତ୍ରାରେ ବିକୃତ ହେଲା'' । ''ପ୍ରକୃତିକୁ ଫେରିଯାଅ" ସେ ପ୍ରବନ୍ଧର ମୂଳମନ୍ତ୍ର ।

ରଷୋଙ୍କର ପରବର୍ତ୍ତୀ ପ୍ରସିଦ୍ଧ ରଚନା ଥିଲା ବା ''ମନୁଷ୍ୟ ମନୁଷ୍ୟ ମଧ୍ୟରେ ଅସମତା ସୃଷ୍ଟିର ତତ୍ତ୍ୱ'' (Discourse on the origin of inequality among men)। ଭବିଷ୍ୟତର ସାମ୍ୟବାଦ ନୀତି ପ୍ରତି ଏହି ଲେଖାଥିଲା ଜନ୍ମସୂଚକ ଧ୍ୱନି । ୧୭୬୧ ଖ୍ରୀଷ୍ଟାବ୍ଦରେ ରଷୋଙ୍କର ପ୍ରସିଦ୍ଧ ଗ୍ରନ୍ଥ ''ସାମାଜିକ ଚୁକ୍ତି'' (The Social Contract) ପ୍ରକାଶ ପାଇଲା । ଏହି ଗ୍ରନ୍ଥର ପ୍ରାରମ୍ଭରେ ସେ ଦର୍ଶାଇଥିଲେ ଯେ ''ମନୁଷ୍ୟ ମୁକ୍ତ ଅବସ୍ଥାରେ ଜନ୍ମଲାଭ କରେ ମାତ୍ର ସର୍ବତ୍ର ଶିକୁଳିରେ ବନ୍ଦୀ ହୋଇ ରହେ'' (Man is born free but everywhere he is in chains) । ଏହା ମନୁଷ୍ୟ ପ୍ରକୃତି ରାଜ୍ୟର ସ୍ୱାଧୀନତା ଓ ସୁବିଧା ପୁନଃ ଉପଭୋଗ କରିବା ନିମିତ୍ତ ଏକ ସାମାଜିକ ଚୁକ୍ତି ଥିଲା । ଏହି ଚୁକ୍ତିରୁ ସର୍ବସାଧାରଣ ଇଚ୍ଛା (general will) ସୃଷ୍ଟି ହେଲା । ସେ ପୁଣି କହିଲେ ଯେ ''ମନୁଷ୍ୟ ମନୁଷ୍ୟ ମଧ୍ୟରେ ହୋଇଥିବା ଚୁକ୍ତି ହେଉଛି ରାଷ୍ଟ୍ରର ଭିତ୍ତିଭୂମି; ଜନସାଧାରଣଙ୍କ ହସ୍ତରେ ନ୍ୟସ୍ତ ରହିଛି ରାଷ୍ଟ୍ରର ସାର୍ବଭୌମତ୍ୱ ଏବଂ ସର୍ବସାଧାରଣ ଇଚ୍ଛା ହେଉଛି ଆଇନର ଉତ୍ସ । ଯାହା ସମସ୍ତଙ୍କର ମଙ୍ଗଳ ସାଧନ ପାଇଁ ଉଦ୍ଦିଷ୍ଟ ତାହାହିଁ ହେବ ଆଇନ । ମୁକ୍ତି ଓ ଅଧିକାର ହେବ ବ୍ୟକ୍ତିବିଶେଷର ଆବଶ୍ୟକତା । ସମସ୍ତଙ୍କର ହିତ ଉଦ୍ଦେଶ୍ୟରେ କାର୍ଯ୍ୟ କରିବା ହେଉଛି ଦେଶବାସୀଙ୍କ ଦ୍ୱାରା ଗଠିତ ସରକାର ଓ ଶାସନ ବ୍ୟବସ୍ଥାର ଦାୟିତ୍ୱ ।'' ତାଙ୍କ ଦର୍ଶନ ତତ୍ତ୍ୱର ମୂଳ ଆଧାର ହେଲା ଯେ ''ମଣିଷର ସମାନ ଅଧିକାର ଉପରେ ଯେଉଁସବୁ ଅନୁଷ୍ଠାନ ପ୍ରତିବନ୍ଧକ ସୃଷ୍ଟି କରେ ତାହାର ବିନାଶ ହେବା ଆବଶ୍ୟକ''। ତାଙ୍କର ଏହିସବୁ ପ୍ରଗତିଶୀଳ ଭାବନା ତତ୍‌କାଳୀନ ଫରାସୀ ଜନମାନସକୁ ଓ ପରବର୍ତ୍ତୀ କାଳରେ ପୃଥିବୀରେ ବୌଦ୍ଧିକ ଚିନ୍ତାଧାରାକୁ ବିଶେଷ ଭାବେ ଆଲୋଡ଼ିତ ଓ ପ୍ରଭାବିତ କରିଥିଲା । ରଷୋଙ୍କ ପ୍ରଦତ୍ତ ପ୍ରଧାନ ତିନୋଟି ଶବ୍ଦ–'ମୁକ୍ତି, ସାମ୍ୟ ଓ ଭ୍ରାତୃତ୍ୱ' (Liberty, equality and fraternity) ବିପ୍ଳବର ପ୍ରଧାନ ଧ୍ୱନି ରୂପେ କାର୍ଯ୍ୟ କରିଥିଲା ।

ଅନ୍ୟ ମନିଷୀଗଣ :

ଉପରୋକ୍ତ ତିନିଜଣ ଦାର୍ଶନିକମାନଙ୍କ ବ୍ୟତୀତ ଅନେକ ଚିନ୍ତାଶୀଳ ବ୍ୟକ୍ତି ନିଜସ୍ୱ ରଚନା ଦ୍ୱାରା ଫ୍ରାନ୍‌ସକୁ ବହୁ ଭାବରେ ପ୍ରଭାବିତ କରିଥିଲେ । ଜ୍ଞାନକୋଷ ଲେଖକମଣ୍ଡଳୀ (Encyclopaediatist) ଏବଂ ଅନ୍ୟ ଯେଉଁ ସମସ୍ତ ଚିନ୍ତାଶୀଳ ବ୍ୟକ୍ତି ବିପ୍ଳବକୁ ତ୍ୱରାନ୍ୱିତ କରାଇଥିଲେ, ସେମାନଙ୍କ ମଧ୍ୟରେ ପ୍ରମୁଖ ଥିଲେ- ଡାଇଡେରଟ (Diderot), ଡି. ଆଲେମ୍ବର୍ଟ (D Alembert), ହେଲଭିଟା (Helvita), ଡି ହେଲବାଚ (D' Holbach), ଆବେ-ଡି-ରାଇନାଲ (AbbedeRaynal), ଆବେ-ଡି-ମାବଲୀ (Abbe-de Mably) ପ୍ରଭୃତି ସମାଲୋଚକ ଓ ଦାର୍ଶନିକ । ଏତଦ୍‌ବ୍ୟତୀତ ଅନ୍ୟ ଏକ ଲେଖକ ଗୋଷ୍ଠୀ ଫିଜିଓକ୍ରାଟ (Physiocrat) ରୂପେ ପରିଚିତ ଥିଲେ । ସେମାନେ ଫ୍ରାନ୍‌ସର ଅର୍ଥନୀତିକ ବ୍ୟବସ୍ଥା ଓ ନୀତି ଉପରେ ଆଲୋଚନାମୂଳକ ଲେଖାମାନ ପ୍ରକାଶ କରୁଥିଲେ । ଏହିପରି ଭାବରେ ଦାର୍ଶନିକ ଓ ଲେଖକମାନେ ଜନମାନସରେ ଯଥେଷ୍ଟ ପ୍ରଭାବ ପକାଇପାରିଥିଲେ । ଏମାନେ ସମସ୍ତେ ପୁରାତନ ସାମାଜିକ ବ୍ୟବସ୍ଥା ବିରୋଧରେ କ୍ଷୋଭ ପ୍ରକାଶ କରିବା ସଙ୍ଗେ ସଙ୍ଗେ ରାଷ୍ଟ୍ର ଓ ସମାଜର ବ୍ୟାପକ ପରିବର୍ତ୍ତନ ଚାହିଁଥିଲେ ।

ଅର୍ଥନୈତିକ କାରଣ (Economic Cause) :

ବିପ୍ଳବର ଅନେକ କାରଣ ବିଦ୍ୟମାନ ଥିଲେ ହେଁ ବାସ୍ତବ ପକ୍ଷରେ ବିପ୍ଳବ ବହ୍ନି ପ୍ରଜ୍ଜ୍ୱଳିତ ହୋଇଉଠିଥିଲା ଅର୍ଥନୈତିକ କାରଣଗୁଡ଼ିକ ମଧ୍ୟରୁ । ପ୍ରଜାମାନଙ୍କର ଅର୍ଥନୀତିକ ବିପର୍ଯ୍ୟୟ ବିପ୍ଳବକୁ ତ୍ୱରାନ୍ୱିତ କରିଥିଲା । ଲେଖକମାନଙ୍କ ଦ୍ୱାରା ପ୍ରସ୍ତୁତ ବୈପ୍ଳବିକ ବାରୁଦ ସ୍ତୂପରେ ଫ୍ରାନ୍ସର ଅର୍ଥନୀତିକ ଅବସ୍ଥା ଅଗ୍ନିସଂଯୋଗ କରିଥିଲା ("The train that was laid by Philosophy was fired by finance.") । ଫ୍ରାନ୍ସର ଅର୍ଥନୀତିକ ଅବସ୍ଥା ଶୋଚନୀୟ ଓ ବିପଜ୍ଜନକ ପରିସ୍ଥିତିରେ ପହଞ୍ଚିଥିଲା । ଚତୁର୍ଦ୍ଦଶ ଲୁଇଙ୍କ ବୈଦେଶିକ ଯୁଦ୍ଧ, ପଞ୍ଚଦଶ ଲୁଇଙ୍କର ଅପବ୍ୟୟ ଫ୍ରାନ୍ସର ଆର୍ଥିକ ସ୍ଥିତିକୁ ଏକ ଜଟିଳ ଅବସ୍ଥାରେ ପହଞ୍ଚାଇଥିଲା । ଫ୍ରାନ୍ସର ରାଜା ରଣଗ୍ରସ୍ତ ହୋଇପଡ଼ିଥିଲେ । ଦେଶର ଆୟର ପଚାଶ ଭାଗ ରାଷ୍ଟ୍ରୀୟ ରଣର ସୁଧ ବାବଦକୁ ପରିଶୋଧ କରାଯାଉଥିଲା । ଆୟ ଅପେକ୍ଷା ବ୍ୟୟ ସବୁ ସମୟରେ ଅଧିକ ହେଉଥିବାରୁ ନିଅଣ୍ଟ ଭରଣା କରିବାକୁ ପୁଣିଥରେ ରଣ କରିବାକୁ ପଡୁଥିଲା । ଷୋଡ଼ଶ ଲୁଇଙ୍କ ୧୨ ବର୍ଷ ଶାସନ କାଳ ମଧ୍ୟରେ ଜାତୀୟ ରଣ ବଢ଼ି ୬୦୦,୦୦୦,୦୦୦ (୬୦ କୋଟି) ଡଲାରରେ ପହଞ୍ଚିସାରିଥିଲା । ରାଷ୍ଟ୍ରର ଶୂନ୍ୟ ରାଜକୋଷକୁ ରାଷ୍ଟ୍ରର ଗରିବ ପ୍ରଜାଙ୍କଠାରୁ ରାଜସ୍ୱ ସଂଗ୍ରହ ଦ୍ୱାରା ପୂରଣ କରିବା ପାଇଁ ରାଜା ଷୋଡ଼ଶ ଲୁଇ ଯେତେବେଳେ ଉଦ୍ୟମ କଲେ ସେଥିମଧ୍ୟରୁ ହିଁ ବିପ୍ଳବ ପାଇଁ ଅଗ୍ନିସ୍ଫୁଲିଙ୍ଗ ଛିଟିକି ପଡ଼ିଥିଲା ।

ରାଜାମାନେ ବିଶ୍ୱାସ କରୁଥିଲେ ଯେ ଫରାସୀ ଜାତିଠାରୁ ସଂଗୃହୀତ ରାଜସ୍ୱ ହେଉଛି ରାଜାଙ୍କର ବ୍ୟକ୍ତିଗତ ଆୟ । ସେମାନେ ଆୟ ବ୍ୟୟ ଅଟକଳ ବା ବଜେଟ ବୋଲି କିଛି ପ୍ରସ୍ତୁତ କରୁନଥିଲେ । ରାଜାଙ୍କ ଆବଶ୍ୟକତା ଅନୁସାରେ ମନୋମୁଖୀ କର ଆଦାୟ କରୁଥିଲେ । ସରକାରଙ୍କର ଚାହିଦା ଅନୁସାରେ ପ୍ରଜାମାନଙ୍କ ଉପରେ କରଧାର୍ଯ୍ୟ କରାଯାଉଥିଲା । ଏପରି ଦୂରବସ୍ଥାକୁ ସୁଧାରିବା ପାଇଁ ଷୋଡ଼ଶ ଲୁଇ ଅନେକ ପଦକ୍ଷେପ ନେଇଥିଲେ । ସେ ଅଭିଜ୍ଞ ବ୍ୟକ୍ତିମାନଙ୍କୁ ନିଜର ଅର୍ଥମନ୍ତ୍ରୀ ରୂପେ ନିଯୁକ୍ତ କରି ଅର୍ଥନୀତିକ ଅବସ୍ଥାର ପରିବର୍ତ୍ତନ ଆଣିବା ପାଇଁ ଚେଷ୍ଟା କରିଥିଲେ । ଶାସନର ପ୍ରାକ୍ କାଳରେ ଷୋଡ଼ଶ ଲୁଇ ତୁର୍ଗୋ (Turgot)ଙ୍କୁ ଅର୍ଥମନ୍ତ୍ରୀ ରୂପେ ନିଯୁକ୍ତ କରିଥିଲେ । ସେ ଜଣେ ବାସ୍ତବବାଦୀ, ଦୂରଦୃଷ୍ଟିସଂପନ୍ନ ଅର୍ଥନୀତିଜ୍ଞ ଥିଲେ । ସେ ଦୁଇଟି ନୀତି ପ୍ରଣୟନ କରିଥିଲେ । ବ୍ୟୟ ସଙ୍କୋଚନ ତଥା ଅବାଧ ଶିଳ୍ପ, ବାଣିଜ୍ୟ ଓ ବ୍ୟବସାୟ ମାଧ୍ୟମରେ ଜାତୀୟ ସଂପତ୍ତିର ଅଭିବୃଦ୍ଧି ସହିତ ରାଜସ୍ୱ ବୃଦ୍ଧି ପାଇଁ ସେ ଚେଷ୍ଟା କରିଥିଲେ । କିନ୍ତୁ ତାଙ୍କର ବହୁ ଶତ୍ରୁ ସୃଷ୍ଟି ହୋଇଥିଲେ । ରାଣୀ ଆନ୍ତୋନି-ଏତଙ୍କ ପ୍ରରୋଚନାରେ ଷୋଡ଼ଶ ଲୁଇ ତାଙ୍କୁ ବରଖାସ୍ତ କଲେ । ତୁର୍ଗୋଙ୍କ ପରେ ନେକର (Necker) ୧୭୭୬-୮୧ ଖ୍ରୀ:ଅ: ପର୍ଯ୍ୟନ୍ତ ରାଜସ୍ୱ ବିଭାଗ ଦାୟିତ୍ୱ ନେଲେ । ତୁର୍ଗୋଙ୍କ ପରି ନେକର ମଧ୍ୟ ବ୍ୟୟ ସଙ୍କୋଚ କରିବାକୁ ଚେଷ୍ଟା କଲେ । ସଙ୍ଗେ ସଙ୍ଗେ ତାଙ୍କ ବିରୋଧରେ ସ୍ୱର ଉତ୍ତୋଳନ କରାଗଲା । ରାଜା ତାଙ୍କୁ ମଧ୍ୟ ବରଖାସ୍ତ କଲେ । ନେକର ରାଷ୍ଟ୍ରର ଆୟ ବ୍ୟୟର ହିସାବ ପ୍ରକାଶ କରିଥିଲେ । ଫଳରେ ଜନସାଧାରଣ ଦେଶର ଅର୍ଥନୀତିର ଏକ ନିଖୁଣ ଚିତ୍ର ପାଇପାରିଥିଲେ । ନେକରଙ୍କ ପରେ ଅର୍ଥ ବିଭାଗ ଦାୟିତ୍ୱ ଗ୍ରହଣ କରିଥିବା କାଲୋନ (Calouno) ଚିନ୍ତା କଲେ ଯେ ଦେଶରେ ଅଧିକ କର ବସାଇପାରିବେ ନାହିଁ ଏବଂ ବ୍ୟୟସଙ୍କୋଚ କଲେ ସମ୍ଭ୍ରାନ୍ତ ଶ୍ରେଣୀ ବିଦ୍ରୋହ କରିବେ । ତେଣୁ ସେ ସ୍ଥିର କଲେ ଯେ ଫ୍ରାନ୍ସ ସରକାର ତିଷ୍ଠି ରହିବାକୁ ହେଲେ ରଣ କରିବାକୁ ପଡ଼ିବ। "ରଣ କରିବାକୁ ହେଲେ ବ୍ୟକ୍ତିକୁ ନିଜେ ଧନୀ ବୋଲି ଖର୍ଚ୍ଚ ମାଧ୍ୟମରେ ପ୍ରମାଣ ଦେବାକୁ ପଡ଼ିବ" (A man who wishes to borrow must appear to be rich and to appear rich he must dazzle by spending freely.) । ଏ ପ୍ରକାରର ଅପରିଣାମଦର୍ଶିତା ପାଇଁ ଫରାସୀ ରାଷ୍ଟ୍ରର ରଣଭାର ମାତ୍ର ତିନିବର୍ଷ ମଧ୍ୟରେ ଦ୍ୱିଗୁଣିତ ହୋଇଯାଇଥିଲା । ଫ୍ରାନ୍ସ ସରକାରଙ୍କୁ ରଣ ଦେବାକୁ କେହି ଇଚ୍ଛା ପ୍ରକାଶ କଲେ ନାହିଁ । ଅନ୍ୟ ଉପାୟ ନଦେଖି ସମ୍ଭ୍ରାନ୍ତ ପରିଷଦ (Assembly of Notables) ସଭାକୁ ଆହ୍ୱାନ କରି ଶ୍ରେଣୀ ନିର୍ବିଶେଷରେ ଏକ ସାଧାରଣ ଟିକସ ବସାଇବାକୁ ଚିନ୍ତା କରାଯାଇଥିଲା । ଏ ପ୍ରକାରର ଚିନ୍ତାଧାରାକୁ ମଧ୍ୟ ସମସ୍ତେ ବିରୋଧ କଲେ । Assembly of Notablesକୁ ରାଜା ଭାଙ୍ଗି ଦେଇ ନେକର (Necker)ଙ୍କୁ ପୁନଃ ନିଯୁକ୍ତି ଦେଲେ । ଆର୍ଥିକ ସଙ୍କଟରୁ ମୁକ୍ତି ପାଇବା ନିମିତ୍ତ ପ୍ରୋଟେଷ୍ଟାଣ୍ଟମାନଙ୍କୁ ନାଗରିକ ଅଧିକାର

ଦେଲେ । ପୁରୋହିତ, ଧର୍ମଯାଜକ, ଦାର୍ଶନିକ ଏପରିକି ରାଣୀଙ୍କଠାରୁ ମଧ୍ୟ ଋଣ ଗ୍ରହଣ ପାଇଁ ଆବେଦନ କଲେ । ନୂତନ ଜରୁରୀକାଳୀନ ଟିକସ ଆଦାୟ କରିବାକୁ ଚିନ୍ତା କଲେ । ପ୍ୟାରିସ୍ ପାର୍ଲିଆମେଣ୍ଟ କୌଣସି ପ୍ରକାର ଟିକସ ବ୍ୟବସ୍ଥାକୁ ଅନୁମୋଦନ କଲା ନାହିଁ । ଏ ପଦକ୍ଷେପକୁ ଦମନ କରିବାକୁ ସବୁ ପ୍ରକାରର ଚେଷ୍ଟା କରି ରାଜା ବିଫଳ ହେଲେ । ପ୍ରତ୍ୟେକ ସ୍ତରରୁ ଜାତୀୟ ପରିଷଦ ଡକାଇବାକୁ ଦାବି ହେଲା । ଷୋଡ଼ଶ ଲୁଇ ସବୁ ଚେଷ୍ଟାରେ ବିଫଳ ହୋଇ ଜାତୀୟ ପରିଷଦ (States General) ଆହ୍ୱାନ କଲେ । ରାଜାଙ୍କର ଉଦ୍ଦେଶ୍ୟ ଥିଲା ଯେ କର ସଂଗ୍ରହ କରିବାକୁ States General ତାଙ୍କୁ ସାହାଯ୍ୟ କରିବେ । ଉତ୍ତେଜନା ମଧ୍ୟରେ ୧୭୮୯ ଖ୍ରୀ:ଅ: ମେ ମାସ ପାଞ୍ଚ ତାରିଖ ଦିନ ଯଥା ସମୟରେ ଜାତୀୟ ପରିଷଦ ପ୍ରତିନିଧି ସଭା ବସିଲା, ମାତ୍ର ସେତେବେଳକୁ ପ୍ରତିନିଧିମାନେ ଏତେ ଉତ୍ତ୍ୟକ୍ତ ହୋଇପଡ଼ିଥିଲେ ଯେ ସେମାନେ ଜନସାଧାରଣଙ୍କ ଉପରେ ଅଧିକ କର ବସାଇବାକୁ ଏକମତ ହେଲେ ନାହିଁ । ଯୁକ୍ତି କରାଗଲା ଯେ ସାଧାରଣ ପ୍ରଜା ନିଜସ୍ୱ ଆୟର ଶତକଡ଼ା ଅଶିଭାଗ କର ଆକାରରେ ରାଜାଙ୍କୁ, ଗିର୍ଜା ଓ ଯାଜକମାନଙ୍କୁ, ସମ୍ଭ୍ରାନ୍ତମାନଙ୍କୁ ସାମନ୍ତ ପାଉଣା ଦେଉଥିବାରୁ ଅଧିକ କର ବସାଇବା ସମ୍ଭବ ନୁହେଁ । ଅପରପକ୍ଷରେ ଜାତୀୟ ପରିଷଦର ସଦସ୍ୟମାନେ ଏପରି କାର୍ଯ୍ୟ ଆରମ୍ଭ କଲେ ଯାହା ଫଳରେ ଅବିଳମ୍ବେ ଫ୍ରାନ୍ସ ଦେଶ ବିପ୍ଳବରେ ଝାସ ଦେଲା । ପୁରାତନ ଅମଳରେ ଯେଉଁ ଅର୍ଥନୈତିକ ବ୍ୟବସ୍ଥାମାନ ଦେଶବାସୀଙ୍କୁ ଦରିଦ୍ରରୁ ଦରିଦ୍ରତର କରିପକାଇଥିଲା, ବିପ୍ଳବ ହେବାରୁ ସେସବୁର ବିଲୟ ଘଟିଲା।

ବୈଦେଶିକ ପ୍ରଭାବ (Foreign Influence) :

ଫରାସୀ ବିପ୍ଳବର ଗତି ଓ ପ୍ରଗତି ଉପରେ ବୈଦେଶିକ ପ୍ରଭାବ ପଡ଼ିଥିଲା । ଗୋଟିଏ ଘଟଣାର ପ୍ରଭାବ ପରୋକ୍ଷ ଥିଲାବେଳେ ଅନ୍ୟ ଘଟଣାଟି ପ୍ରତ୍ୟକ୍ଷ ଥିଲା । ଇଂଲଣ୍ଡରେ ୧୬୮୮ ମସିହାରେ ଘଟିଥିବା "ଗୌରବମୟ ବିପ୍ଳବ" (Glorious Revolution) ପ୍ରଥମ ଘଟଣା ଥିବା ସ୍ଥଳେ "ଆମେରିକୀୟ ସ୍ୱାଧୀନତା ସଂଗ୍ରାମ" (American War of Indpendence) ଦ୍ୱିତୀୟ ଘଟଣା ଥିଲା, ଯାହାର ପ୍ରଭାବ ଫରାସୀ ରାଷ୍ଟ୍ର ଉପରେ ଯଥେଷ୍ଟ ପରିମାଣରେ ପଡ଼ିଥିଲା । ଫରାସୀ ବିପ୍ଳବର ୧୩ ବର୍ଷ ପୂର୍ବେ ଘଟିଥିବା ଆମେରିକୀୟ ସ୍ୱାଧୀନତା ସଂଗ୍ରାମରେ ଫ୍ରାନ୍ସର ସୈନ୍ୟମାନେ ଇଂଲଣ୍ଡ ବିରୁଦ୍ଧରେ ଯୁଦ୍ଧ କରିଥିଲେ । ସେହି ସୈନ୍ୟମାନଙ୍କର ନେତୃତ୍ୱ ନେଇଥିଲେ ଲା-ଫାୟେତ୍ (La Fayette) । ଆମେରିକୀୟମାନେ ସଂଗ୍ରାମରେ ଜୟଯୁକ୍ତ ହୋଇ ଏକ ନୂତନ ପୃଥିବୀ ପ୍ରତିଷ୍ଠା କଲେ । ଫରାସୀ ସୈନ୍ୟମାନେ ନିଜ ଦେଶକୁ ପ୍ରତ୍ୟାବର୍ତ୍ତନ କରିବା ପରେ ଆମେରିକାରେ ଦେଖାଯାଇଥିବା ସାଧାରଣତନ୍ତ୍ରର ମହତ୍ତ୍ୱ ବିଷୟରେ ନାନା ପ୍ରକାର କଥା ପ୍ରଚାର କଲେ । କ୍ରମେ କ୍ରମେ ଗଳ୍ପ ଆକାରରେ ମାନବିକ ଅଧିକାର ଏବଂ ସ୍ୱାଧୀନତା ସଂପର୍କରେ ଅନେକ ବିବରଣୀ ଚାରିଦିଗକୁ ବ୍ୟାପିଗଲା । ଫଳରେ ଫରାସୀମାନେ ସ୍ୱାଧୀନତାର ସ୍ୱାଦ ଚାଖିବାକୁ ବ୍ୟାକୁଳ ହୋଇଉଠିଲେ ଏବଂ ବିପ୍ଳବର ବହ୍ନିରେ ଝାସ ଦେଲେ । ବିପ୍ଳବ ଆରମ୍ଭ ହେଲା । ଫ୍ରାନ୍ସରେ ରାଜତନ୍ତ୍ରର ବିଲୋପ ହେଲା । ନୂତନ ସମ୍ବିଧାନ ପ୍ରଣୟନ କରାଗଲା । ମାନବିକ ଅଧିକାର ଘୋଷଣା କରାଗଲା–ପୁରାତନର ସମାଧି ଉପରେ ନୂତନତ୍ୱ ଜନ୍ମଗ୍ରହଣ କଲା ।

ପ୍ରତିନିଧି ସଭା (Estates General) :

୧୭୮୯ ମସିହା ମେ ମାସ ୫ ତାରିଖ ଦିନ ଉଦ୍ଦୀପନା ଓ ଉନ୍ମାଦନା ମଧ୍ୟରେ ପ୍ରତିନିଧି ସଭାର ଅଧିବେଶନ ବସିଲା । ଏହାର ଆହ୍ୱାନ କରିଥିବାରୁ ସଭ୍ୟମାନେ ରାଜାଙ୍କ ନିକଟରେ କୃତଜ୍ଞତା ଜ୍ଞାପନ କରିବା ସଙ୍ଗେ ସଙ୍ଗେ ଏକ ନୂତନ ପରିବର୍ତ୍ତିତ ସାମ୍ରାଜ୍ୟର କଳ୍ପନାରେ ବିଭୋର ହୋଇପଡ଼ିଥିଲେ । ପ୍ରତ୍ୟେକ ନିର୍ବାଚିତ ପ୍ରତିନିଧିମାନେ ନିଜ ନିଜ ନିର୍ବାଚନ ମଣ୍ଡଳୀର ଅଭାବ, ଅସୁବିଧା, ଆବଶ୍ୟକତା ଓ ଗଠନମୂଳକ କାର୍ଯ୍ୟର ଗୋଟିଏ ଗୋଟିଏ ଚିଠା ଓ ଆବେଦନ ପତ୍ର ସାଙ୍ଗରେ ଆଣିଥିଲେ । ସେହି ଚିଠା କାହିର (Cahier) ରୂପେ ପରିଚିତ ଅଟେ । ପ୍ରତିନିଧି ସଭାର ପ୍ରଥମ କକ୍ଷରେ ୩୦୮ ଜଣ ଧର୍ମଯାଜକ, ଦ୍ୱିତୀୟ କକ୍ଷରେ ୨୮୫ ଜଣ ସମ୍ଭ୍ରାନ୍ତ ଓ ତୃତୀୟ କକ୍ଷରେ ୬୨୧ ଜଣ ଜନସାଧାରଣଙ୍କ

ପ୍ରତିନିଧି ଥିଲେ । ପ୍ରତିନିଧି ସଭା ଉଦ୍‌ଘାଟନ କରି ରାଜା ଷୋଡ଼ଶ ଲୁଇ ତିନିଗୋଟି ଯାକ କକ୍ଷର ଏକ ମିଳିତ ଅଧିବେଶନରେ ତାଙ୍କର ପ୍ରାରମ୍ଭିକ ଭାଷଣ ପ୍ରଦାନ କଲେ । ସେହି ଭାଷଣରୁ କୌଣସି ପ୍ରକାରର ସୂଚନା ମିଳିଲା ନାହିଁ । ତାଙ୍କ ପରେ ଅର୍ଥମନ୍ତ୍ରୀ ନେକର ଫ୍ରାନ୍‌ସ ଦେଶର ଶୋଚନୀୟ ଆର୍ଥିକ ଅବସ୍ଥା ବିଷୟରେ ବର୍ଣ୍ଣନା କରି ଗୋଟିଏ ବିବରଣୀ ପାଠ କଲେ । ରାଜା, ରାଣୀ ଓ ମନ୍ତ୍ରୀମାନେ ସଭାକକ୍ଷରୁ ବିଦାୟ ନେଲେ । ସମ୍ଭ୍ରାନ୍ତ ଓ ଧର୍ମଯାଜକମାନେ ନିଜ ନିଜ କକ୍ଷକୁ ପ୍ରତ୍ୟାବର୍ତ୍ତନ କଲେ । ସଭାକକ୍ଷରେ ରହିଗଲେ କେବଳ ସାଧାରଣ ପ୍ରଜାଙ୍କର ପ୍ରତିନିଧିମାନେ ।

୧୭୫ ବର୍ଷର ବ୍ୟବଧାନ ପରେ ଏହି ପାର୍ଲିଆମେଣ୍ଟ ଆହ୍ୱାନ କରାଯାଇଥିବାରୁ ଏହାର କାର୍ଯ୍ୟକଳାପ ସଂପର୍କରେ କାହାରି କିଛି ଧାରଣା ନଥିଲା । କାହାରି ହେଲେ ନେତା ନଥିଲେ । କେବଳ ସମସ୍ତଙ୍କ ନିକଟରେ ଗୋଟିଏ ଗୋଟିଏ ଦାବିପତ୍ର ଥିଲା । ସମ୍ମୁଖରେ କୌଣସି କାର୍ଯ୍ୟସୂଚୀ ନ ଥିବାରୁ ପ୍ରତିନିଧିମାନେ ତାଙ୍କ ମନକୁ ଯାହା ଆସିଲା ତାହାରି ଉପରେ ଆଲୋଚନା ଆରମ୍ଭ କରିଦେଲେ । ଗୋଟିଏ ଯଥାର୍ଥ ପ୍ରଶ୍ନ ଉତ୍‌ଥାପନ କରାହେଲା—ପ୍ରତିନିଧି ସଭା ଗୋଟିଏ କକ୍ଷରେ ବସିବ ବା ତିନୋଟି ପୃଥକ କକ୍ଷରେ ବସିବ, ଯଦି କକ୍ଷ ସଂଖ୍ୟା ଅନୁଯାୟୀ ଭୋଟ ଗ୍ରହଣ କରାଯିବ ତେବେ ନିଶ୍ଚିତ ଭାବେ ଯାଜକ ଏବଂ ସମ୍ଭ୍ରାନ୍ତମାନେ ମିଳିତ ଭାବେ ପ୍ରଜା ପ୍ରତିନିଧିମାନଙ୍କ ସ୍ୱାର୍ଥ ବିରୋଧରେ ଭୋଟ ଦେବେ ବୋଲି ଆଶଙ୍କା ମଧ୍ୟ କରାଗଲା । ଯଦି କକ୍ଷ ସଂଖ୍ୟା ଅନୁସାରେ ନୀତି ନିର୍ଦ୍ଧାରଣ କରାଯିବ ତେବେ ଜନପ୍ରତିନିଧି ସଭାର ମୂଲ୍ୟ କ'ଣ? ଏହିସବୁ ପ୍ରଶ୍ନକୁ ବିଚାରକୁ ନେଇ ତୃତୀୟ କକ୍ଷର ସଭ୍ୟମାନେ ପ୍ରତିନିଧି ସଭା (States General)ର ପୁନର୍ଗଠନ କରିବା ପାଇଁ ଦାବି ଜଣାଇଲେ । ଏହି ଦାବୀ ମଧ୍ୟରୁ ଫରାସୀ ରାଷ୍ଟ୍ର ବିପ୍ଳବର ସୃଷ୍ଟି ହେଲା । ଦିନ ପରେ ଦିନ ଗଲା ଆଲୋଚନା ସରଗରମ ହେଲା । ଶେଷରେ ପୁରୋହିତ କକ୍ଷ ଓ ସମ୍ଭ୍ରାନ୍ତ କକ୍ଷର ସଭ୍ୟମାନଙ୍କୁ ଜନପ୍ରତିନିଧିମାନେ ଚରମ ଆହ୍ୱାନ କଲେ । ତୃତୀୟ କକ୍ଷର ଶେଷ ଆହ୍ୱାନ ଜୁନ୍ ୧୨ ତାରିଖ ବୋଲି ଧାର୍ଯ୍ୟ କରାଗଲା । ଜୁନ୍ ୧୩ ତାରିଖ ଦିନ ପ୍ରଥମ କକ୍ଷର କେତେଜଣ ନିମ୍ନତର ଯାଜକ ନିଜର ଧର୍ମ, ବୁଦ୍ଧି ଓ ବିବେକ ଦ୍ୱାରା ପରିଚାଳିତ ହୋଇ ତୃତୀୟ କକ୍ଷକୁ ଆସି ଆସନ ଗ୍ରହଣ କଲେ । ସେମାନଙ୍କ ମଧ୍ୟରେ ଲିସେଭେ (Lecesve), ବାଲାର୍ଡ (Ballard) ଏବଂ ଜାଲେଟ (Jallet) ଅଗ୍ରଗାମୀ ଥିଲେ । ତୃତୀୟକକ୍ଷ ପ୍ରତିନିଧିମାନେ ଦୃଢ଼ରୁ ଦୃଢ଼ତର ପଦକ୍ଷେପ ଗ୍ରହଣ କରିବାକୁ ସୁଯୋଗ ପାଇଲେ । ଜୁନ୍ ୧୭ ତାରିଖ ଦିନ ସେ କକ୍ଷର ସମସ୍ତ ସଭ୍ୟମାନେ ଏକ ସ୍ୱରରେ ପ୍ରତିନିଧି ସଭାକୁ ଜାତୀୟ ସଭାରେ ପରିଣତ କଲେ । ତାହା ଫ୍ରାନ୍‌ସର ଜାତୀୟ ସଭା (National Assembly) ରୂପେ ଖ୍ୟାତି ଅର୍ଜନ କଲା । ସେମାନେ ଘୋଷଣା କଲେ ଯେ ଜାତୀୟ ସଭା ବାସ୍ତବ କ୍ଷେତ୍ରରେ ଫ୍ରାନ୍‌ସର ଏକମାତ୍ର ବ୍ୟବସ୍ଥାପକ ସଭା ବା ପାର୍ଲିଆମେଣ୍ଟ ।

ଜାତୀୟ ସଭା (National Assembly) :

ପ୍ରଜା ପ୍ରତିନିଧିମାନେ ପ୍ରଥମ ବୈପ୍ଳବିକ ପଦକ୍ଷେପ ଗ୍ରହଣ କରିବା ପରେ ଭୟାତୁର ଧର୍ମଯାଜକମାନେ ସଂଖ୍ୟାଗରିଷ୍ଠ ମତରେ ସେମାନଙ୍କ ପ୍ରଥମ କକ୍ଷକୁ ଭାଙ୍ଗିଦେଇ ଜାତୀୟ ସଭାରେ ଯୋଗଦେଲେ । ମାତ୍ର ସମ୍ଭ୍ରାନ୍ତମାନେ ଧର୍ମଯାଜକମାନଙ୍କ ପଦାଙ୍କ ଅନୁସରଣ କରିବାକୁ ନିଜର ସମ୍ମାନହାନି ବୋଲି ବିଚାର କଲେ । ସେମାନଙ୍କ ପ୍ରରୋଚନାରେ ରାଜା ମଧ୍ୟ ଜାତୀୟ ସଭାକୁ ବିରୋଧ କଲେ । ଫଳରେ ଜୁନ୍ ମାସ ୨୦ ତାରିଖ ଦିନ ରାଜା ଜାତୀୟ ସଭାର କକ୍ଷ ଦ୍ୱାର ବନ୍ଦ କରିଦେବାକୁ ଆଦେଶ ଦେଲେ । ଜାତୀୟ କକ୍ଷ ସୈନ୍ୟ ଘେର ମଧ୍ୟରେ ରହିଲା । ରାଜାଙ୍କର ଏପରି ଏକଛତ୍ରବାଦ ଓ ଅମାନୁଷିକ କାର୍ଯ୍ୟକଳାପକୁ ପ୍ରତିନିଧିମାନେ ନାପସନ୍ଦ କଲେ । କ୍ରମେ ସେମାନେ ଉତ୍ୟକ୍ତ ହୋଇଉଠିଲେ । ସେହି ମୁହୂର୍ତ୍ତର ପ୍ରବଳ ଉତ୍ତେଜନା ମଧ୍ୟରେ ପ୍ରଜାପ୍ରତିନିଧିମାନେ ନିକଟବର୍ତ୍ତୀ ଗୋଟିଏ ଟେନିସ କୋର୍ଟ (Tennis Court) ମଧ୍ୟରେ ଉପନୀତ ହେଲେ । ପ୍ରତ୍ୟେକ ସେମାନଙ୍କର ଦକ୍ଷିଣ ହସ୍ତକୁ ଊର୍ଦ୍ଧ୍ୱକୁ ଉଠାଇ ଶପଥ ନେଲେ ଯେ "ଯେପର୍ଯ୍ୟନ୍ତ ଫ୍ରାନ୍‌ସ ପାଇଁ ଗୋଟିଏ ସମ୍ବିଧାନ ପ୍ରଣୟନ ନ କରିଛନ୍ତି ସେ ପର୍ଯ୍ୟନ୍ତ ସେମାନଙ୍କର ଜାତୀୟ ସଭା ଭଙ୍ଗାଯାଇପାରିବ ନାହିଁ ।" ଏହି ଶପଥ "ଟେନିସ୍ ପ୍ରାଙ୍ଗଣ ଶପଥ" (Tennis Court Oath) ରୂପେ ପ୍ରସିଦ୍ଧ ।

ସେହି ଶପଥ ଉତ୍ସବରେ ବେଲୀ (Bailly) ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ । ସମ୍ବିଧାନ ପ୍ରଣୟନ କରିବା ପାଇଁ ମୁନିର (Mounier) ପ୍ରସ୍ତାବ ଦେଇଥିଲେ ।

ଜୁନ୍ ୨୩ ତାରିଖ ଦିନ ପ୍ରସ୍ତାବିତ ଜାତୀୟ ସଭାରେ ଷୋଡ଼ଶ ଲୁଇ ଘୋଷଣା କଲେ ଯେ ତିନି ଶ୍ରେଣୀ ଭିନ୍ନ ଭିନ୍ନ ଗୃହରେ ମିଳିତ ହେବେ ଏବଂ କେବଳ କର ଟିକସ୍ ବ୍ୟବସ୍ଥା ଉପରେ ଆଲୋଚନା କରିବେ । ମାତ୍ର ସମ୍ବିଧାନ, ସାମନ୍ତମାନଙ୍କର ସଂପତ୍ତି, ଅଭିଜାତ ଶ୍ରେଣୀର ପଦପଦବୀ ଓ ଅଧିକାର ଉପରେ ଆଲୋଚନା କରିପାରିବେ ନାହିଁ । ଘୋଷଣା ପରେ ରାଜା ଓ ତାଙ୍କ ପଛେ ପଛେ ସମ୍ଭ୍ରାନ୍ତ ଓ ଯାଜକମାନେ ଶିଥିଳ ହୋଇ କକ୍ଷତ୍ୟାଗ କଲେ । ତୃତୀୟ କକ୍ଷର ସଭ୍ୟମାନେ ନିଜ ସ୍ଥାନରେ ଅଟଳ ଭାବରେ ବସି ରହିଲେ । ସେପରି ସମୟରେ ରାଜାଙ୍କର ଜଣେ ବାର୍ତ୍ତାବହ ସମସ୍ତଙ୍କୁ ସେ ଗୃହ ଛାଡ଼ି ଚାଲିଯିବାକୁ ଆଦେଶ ଦେଲେ । ସେହି ଉତ୍ତେଜନାପୂର୍ଣ୍ଣ ମୁହୂର୍ତ୍ତରେ ମିରାବୁ (Mirabeau) ଛିଡ଼ା ହୋଇ ଘୋଷଣା କଲେ ଯେ, ''ଯାଅ ତୁମ ପ୍ରଭୁଙ୍କୁ କୁହ ଯେ ଦେଶବାସୀମାନଙ୍କ ଇଚ୍ଛା ବଳରେ ଆମେ ଏଠାରେ ରହିଛୁ ଏବଂ କେବଳ ସଂଗୀନ ମୁନ ବ୍ୟତୀତ ଆଉ କିଏ ଆମକୁ ଏଠାରୁ ବିତାଡ଼ିତ କରିପାରିବ ନାହିଁ" । ରାଜା ଏହା ଶୁଣିବା ପରେ କହିଥିଲେ, "ଅତି ଉତ୍ତମ ସେମାନେ ଥାନ୍ତୁ" ("Very well let them stay") । ଜୁନ୍ ୨୭ ତାରିଖ ଦିନ ଷୋଡ଼ଶ ଲୁଇ ନିଜର ପୂର୍ବ ଆଦେଶ ପ୍ରତ୍ୟାହାର କରି ନେଇ ପ୍ରତିନିଧି ସଭାର ତିନୋଟି କକ୍ଷକୁ ଗୋଟିଏ ଗୃହ ଆକାରରେ ବସିବାକୁ ଆଦେଶ ଦେଲେ । ଫଳରେ ଏହି ଘୋଷଣା ହେଲା ''ରାଜାଙ୍କର ଅନ୍ୟ ଏକ ପରାଜୟ'' । ଜାତୀୟ ସଭା ଫ୍ରାନ୍ସ ପାଇଁ ସମ୍ବିଧାନ ପ୍ରଣୟନ କାର୍ଯ୍ୟ ଆରମ୍ଭ କଲା । ଏହି ନୂତନ କାର୍ଯ୍ୟ ଗ୍ରହଣ କରିଥିବାରୁ ଜାତୀୟ ଆସେମ୍ବ୍ଲିର ନାମକରଣ "ଜାତୀୟ ସମ୍ବିଧାନ ସଭା" (National Constituent Assembly) ରଖାଗଲା । ରାଜା ଓ ଅଭିଜାତ ଗୋଷ୍ଠୀ ଉପରେ ସାଧାରଣ ଜନତାଙ୍କର ଏହା ହେଲା ଏକ ବୈପ୍ଳବିକ ବିଜୟ । ଏଥି ସଙ୍ଗେ ସଙ୍ଗେ ଫରାସୀ ରାଜନୀତି ଏକ ଜଟିଳ ଅବସ୍ଥା ଧାରଣ କଲା । ରାଜା ଷୋଡ଼ଶ ଲୁଇ ସାଧାରଣ ପ୍ରଜାଙ୍କ ପାଇଁ ଜାତୀୟ ସଭାରେ ଦୁର୍ବଳତା ପ୍ରକାଶ କଲାବେଳେ ରାଜଦରବାରରେ ସମ୍ଭ୍ରାନ୍ତମାନେ ପ୍ରଜାମାନଙ୍କ ପାଇଁ ପୂର୍ବପରି କଠୋର ହୋଇ ରହିଲେ । ୧୭୮୯ ମସିହା ଜୁଲାଇ ମାସ ଆରମ୍ଭ ସମୟରେ ଦେଖାଗଲା ଯେ ଦୂରବର୍ତ୍ତୀ ସୀମାନ୍ତ ସୈନ୍ୟଛାଉଣିରୁ ସୈନ୍ୟମାନେ ପ୍ୟାରିସ ଅଭିମୁଖେ ଆସିବାକୁ ଆରମ୍ଭ କଲେଣି । ତାହା ଉପଲବ୍ଧି କରି ପ୍ରତିନିଧିମାନେ କ୍ରମେ ଶଙ୍କିତ ହେବାକୁ ଲାଗିଲେ । ସୈନ୍ୟମାନଙ୍କ ତରଫରୁ ଏବଂ ପ୍ରଜାଙ୍କ ତରଫରୁ ରାଜାଙ୍କ ପ୍ରତି ଭୟ ପ୍ରଦର୍ଶନ କରାଗଲା ।

ବାସ୍ତିଲ ଦୁର୍ଗର ପତନ (Fall of Bastille) :



Fall of Bastille

ରାଜତନ୍ତ୍ର ଏବଂ ଜାତୀୟ ସଭା ମଧ୍ୟରେ ତିକ୍ତତା ବଢ଼ିବା ସଙ୍ଗେ ସଙ୍ଗେ ଜନାକୀର୍ଣ୍ଣ ପ୍ୟାରିସ ନଗରୀ ରାଜନୈତିକ ଉତ୍ତେଜନାରେ ସରଗରମ ହୋଇଉଠିଥାଏ । ଆସେମ୍ବ୍ଲିର ସଭ୍ୟମାନେ ଭର୍ସାଇଠାରେ ସମବେତ ହୋଇ କାର୍ଯ୍ୟ କରୁଥିଲେ ହେଁ ପ୍ୟାରିସଠାରେ ରହୁଥିଲେ । ଫଳରେ ପ୍ୟାରିସର ଜନସାଧାରଣଙ୍କୁ ଉତ୍ତେଜିତ କରିବାକୁ ସୁଯୋଗ ପାଉଥିଲେ । ରାଜଧାନୀ ପ୍ୟାରିସଠାରେ ଗୁପ୍ତ ଭାବେ ବିପ୍ଳବୀ ସଙ୍ଗଠନମାନ, ବୈଦେଶିକ ଗୁପ୍ତଚର ବିଦ୍ରୋହୀ ଆନ୍ଦୋଳନକାରୀ ଏବଂ ବୁରବୋଁ ରାଜବଂଶ ଶତ୍ରୁମାନେ ନାନା ପ୍ରକାରର ଷଡ଼ଯନ୍ତ୍ର ଆରମ୍ଭ କରିଥିଲେ । ଉଗ୍ରପନ୍ଥୀ

ବିପ୍ଳବୀମାନେ ପୁରାତନ ବ୍ୟବସ୍ଥାଗୁଡ଼ିକ ଭାଙ୍ଗିଦେବା ପାଇଁ ତତ୍ପର ହୋଇଉଠିଥିଲେ । ମଧ୍ୟବିତ୍ତ ବୁଦ୍ଧିଜୀବୀମାନେ ପରିବର୍ତ୍ତନ ଆଣିବାକୁ ବ୍ୟଗ୍ର ହୋଇଉଠିଥିଲେ । ପଥପ୍ରାନ୍ତରେ ସଭାମାନ ସଂଗଠିତ ହେବାକୁ ଲାଗିଥାଏ । ଜନସାଧାରଣ ହିଂସାମୁଖୀ ହୋଇପଡ଼ିଥିଲେ । ଷୋଡ଼ଶ ଲୁଇଙ୍କର ଭ୍ରାତୃଷ୍ପୁତ୍ର ଅରଲିନ୍ସ (Duke of Orleans) ରାଜାଙ୍କର ପ୍ରଧାନ ଶତ୍ରୁ ରୂପେ ଗୋପନରେ କାର୍ଯ୍ୟ କରିବାକୁ ଲାଗିଲେ । Duke of Orleansଙ୍କର ପ୍ୟାରିସଠାରେ ଥିବା ପ୍ରାସାଦ ବିରୋଧୀ ଆନ୍ଦୋଳନକାରୀମାନଙ୍କର ମିଳନ କ୍ଷେତ୍ର ଥିଲା । ଚାହୁଁ ଚାହୁଁ ଅରାଜକତା ବ୍ୟାପିବାକୁ ଲାଗିଲା । ସେତେବେଳକୁ କ୍ୟାମିଲ ଦେଶମୋଲିନ୍ (Camille Desmouline) ନାମକ ଜଣେ ଉଗ୍ର ବିପ୍ଳବୀ ତାଙ୍କର ଉତ୍ତେଜନାପୂର୍ଣ୍ଣ ଭାଷଣ ମାଧ୍ୟମରେ ଜନସାଧାରଣଙ୍କୁ ହିଂସାକାଣ୍ଡ ଘଟାଇବା ନିମନ୍ତେ ଉତ୍ତେଜିତ କଲେ । ପଥପ୍ରାନ୍ତରର ସଭାଗୁଡ଼ିକରେ କ୍ଷୁଧିତ କୃଷକଙ୍କଠାରୁ ଆରମ୍ଭ କରି ରକ୍ତପିପାସୁ ଆତତାୟୀମାନଙ୍କ ପର୍ଯ୍ୟନ୍ତ ସବୁ ପ୍ରକାରର ଲୋକମାନେ କ୍ୟାମିଲ ଦେଶମୋଲିନଙ୍କ ଭାଷଣ ଦ୍ୱାରା ପ୍ରଭାବିତ ହୋଇ ଉତ୍ତେଜିତ ହୋଇପଡ଼ିଥିଲେ । ଦେଶମୋଲିନ କହିଥିଲେ, "The beast has fallen to snare, Let us strike it down. Never victors have offered a richer pray"— ଭର୍ସାଇ ଉପକଣ୍ଠରେ ସୈନ୍ୟ ସମାବେଶ ସଂପୂର୍ଣ୍ଣ ହେଲା ବେଳକୁ ପ୍ୟାରିସ ନଗରୀ ହିଂସ୍ର ହୋଇଉଠିଥିଲା ।

ପ୍ୟାରିସ ସହରରେ ସେତେବେଳକୁ ଉତ୍କଟ ଖାଦ୍ୟାଭାବ ଦେଖାଦେଇଥିଲା । ଦୁର୍ଭିକ୍ଷର ଆଶଙ୍କାରେ ନାଗରିକମାନେ ବିଚଳିତ ହୋଇଉଠିଥିଲେ । ବିପ୍ଳବୀମାନେ ଦୁର୍ଭିକ୍ଷ ପାଇଁ ରାଜାଙ୍କୁ ଦାୟୀ କଲେ । ରାଣୀଙ୍କର ଭୋଗବିଳାସ ଓ ସମ୍ଭ୍ରାନ୍ତମାନଙ୍କର ବିବେକହୀନ ବ୍ୟୟ ବିଷୟରେ ଏକ ନିଖୁଣ ଚିତ୍ର ଲୋକଲୋଚନରେ ଉପସ୍ଥାପିତ ହୋଇପାରିଥିଲା । ଅନ୍ୟପକ୍ଷରେ ସରକାରଙ୍କ ପକ୍ଷରୁ ଲୋକମାନଙ୍କର ଦୁର୍ଦ୍ଦଶା ପ୍ରତି କୌଣସି ପ୍ରକାରର ପଦକ୍ଷେପ ନିଆଯାଇନଥିବାରୁ ଲୋକେ କ୍ରୋଧାନ୍ୱିତ ହୋଇଉଠିଲେ । ଜୁଲାଇ ୧୨ ତାରିଖ ଦିନ ଦେଶମୋଲିନ ପ୍ୟାରିସସ୍ଥିତ ପ୍ରାସାଦ (Palais Royal) ମଧ୍ୟରେ ଥିବା ଗୋଟିଏ ଟେବୁଲ ଉପରେ ଛିଡ଼ା ହୋଇ ପାଟି କଲେ ''ଅସ୍ତ୍ର ଧାରଣ କର, ଅସ୍ତ୍ର ଧାରଣ କର ।'' ଏହି ପ୍ରକାର ଅବସ୍ଥା ବେଳେ ରାଜା ତାଙ୍କ ଅର୍ଥମନ୍ତ୍ରୀ Neckerଙ୍କୁ ବରଖାସ୍ତ କଲେ । ଭର୍ସାଇ ରାଜଦରବାରରେ ସେ ଥିଲେ ଏକମାତ୍ର ବ୍ୟକ୍ତି ଯେ ପ୍ରଜାଙ୍କ ପ୍ରତି ସମବେଦନଶୀଳ ଥିଲେ । ତାଙ୍କର ବରଖାସ୍ତ ଖବର କ୍ରମେ ବ୍ୟାପିଗଲା । ରକ୍ତମୁଖୀ ପ୍ରଜାମାନେ ରାଜାଙ୍କର ଏପରି କାର୍ଯ୍ୟକୁ ଘୃଣା କଲେ ଏବଂ ନେକରଙ୍କ ପତନକୁ ସେମାନେ ବିପ୍ଳବର ଏକ ଆୟୁଧ ରୂପେ ବ୍ୟବହାର କଲେ । ଜୁଲାଇ ମାସ ୧୪ ତାରିଖ ଦିନ ପ୍ୟାରିସ୍ ନଗରୀର ସବୁଦିଗରୁ ସହସ୍ର ସହସ୍ର ନରନାରୀ ଗୋଟିଏ ନିର୍ଦ୍ଦିଷ୍ଟ ଦିଗକୁ ଆଗେଇ ଆସିଲେ । ସମସ୍ତଙ୍କର ଗନ୍ତବ୍ୟସ୍ଥଳୀ ଥିଲା ପ୍ୟାରିସ ନଗରର ଗୋଟିଏ କୋଣରେ ଦଣ୍ଡାୟମାନ ଥିବା ବାସ୍ତିଲ ଦୁର୍ଗ । ଏହି ଦୁର୍ଗ ବୁରବୋଁ ରାଜବଂଶର ଅତ୍ୟାଚାର ଓ ସ୍ୱେଚ୍ଛାଚାରର ନମୁନା ବୋଲି ପରିଗଣିତ ହେଉଥିଲା । ସେହି ଦୁର୍ଗରେ ରାଜଦ୍ରୋହୀ ରୂପେ ସନ୍ଦେହ କରାଯାଉଥିବା ବ୍ୟକ୍ତିମାନଙ୍କୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ବନ୍ଦୀ ରୂପେ ରଖାଯାଉଥିଲା । ସେହି ଦୁର୍ଗର ନାମ ଶୁଣିଲେ ଲୋକଙ୍କ ମନରେ ଆତଙ୍କ ସୃଷ୍ଟି ହେଉଥିଲା । ସହସ୍ର ସଂଖ୍ୟାର ଲୋକେ କ୍ରମେ ବାସ୍ତିଲ ଦୁର୍ଗ ଦଖଲ କଲେ । ଚାହୁଁ ଚାହୁଁ ବାସ୍ତିଲ ଦୁର୍ଗ ଧୂଳିସାତ୍ ହେଲା । ଦୁର୍ଗର ଗଭର୍ଣ୍ଣର ଦି ଲନେ (De launay) ଏବଂ ଦୁର୍ଗରକ୍ଷୀମାନଙ୍କୁ ନିର୍ଦ୍ଦୟ ଭାବରେ ହତ୍ୟା କରାଗଲା । ବାସ୍ତିଲ ଦୁର୍ଗର ପତନ ସଙ୍ଗେ ସଙ୍ଗେ ଫ୍ରାନ୍ସରେ ସ୍ୱେଚ୍ଛାଚାରୀ ରାଜତନ୍ତ୍ରର ପତନ ଘଟିଥିଲା । ଇଂଲଣ୍ଡର ବିଶିଷ୍ଟ ରାଜନୀତିଜ୍ଞ ଚାର୍ଲସ ଜେମସ୍ ଫକ୍ସ (Charles James Fox)ଙ୍କ ମତରେ ''ସେହି ଘଟଣା ସର୍ବଦା ଘଟିଥିବା ସମସ୍ତ ପ୍ରକାର ଘଟଣା ମଧ୍ୟରେ ସର୍ବପ୍ରଧାନ ଓ ଅତ୍ୟୁତ୍ତମ'' ଥିଲା । ବାସ୍ତିଲ ଦୁର୍ଗର ପତନ ଫରାସୀ ଜାତି ପାଇଁ ଏକ ଐତିହାସିକ ଘଟଣା ଭାବେ ବର୍ଣ୍ଣନା କରାଯାଇଛି । ଜୁଲାଇ ୧୪ ତାରିଖ ଅର୍ଥାତ୍ ବାସ୍ତିଲ ଦୁର୍ଗର ଧ୍ୱଂସ ଦିବସ ଭବିଷ୍ୟତରେ ହେଲା ଫ୍ରାନ୍ସ ଦେଶର ''ଜାତୀୟ ଦିବସ'' । ବୁର୍ବୋଁ ବଂଶର ଧଳା ପତାକା ପରିବର୍ତ୍ତେ ଏକ ନୂତନ ତ୍ରିରଙ୍ଗ ପତାକା (ଲାଲ, ଧଳା ଓ ନୀଳ) ପ୍ରଚଳନ କରାଗଲା । ଜାତୀୟରକ୍ଷୀ ବାହିନୀ ଗଠନ ହେଲା । ତିନିଦିନ ପରେ ଷୋଡ଼ଶ ଲୁଇ ପ୍ୟାରିସ୍ ନଗରକୁ ଆସି ପରିବର୍ତ୍ତିତ ବ୍ୟବସ୍ଥାଗୁଡ଼ିକୁ ଅନୁମୋଦନ କଲେ । ଏହା ଷୋଡ଼ଶ ଲୁଇଙ୍କର ପ୍ୟାରିସ ଜନତାଙ୍କ ନିକଟରେ ଥିଲା ଆତ୍ମସମର୍ପଣ ।

ଏହି ଘଟଣାର ପ୍ରଭାବ କ୍ରମେ ଫ୍ରାନ୍ସର ସବୁ ସହରକୁ ବ୍ୟାପିଗଲା । ପ୍ରତ୍ୟେକ ସହରରେ ପୌର ସରକାର ଓ ଜାତୀୟ ରକ୍ଷାବାହିନୀ ଗଠିତ ହେଲା । ଗ୍ରାମର କୃଷକମାନେ ପ୍ରଭାବିତ ହୋଇ ଗ୍ରାମମାନଙ୍କରେ ସମ୍ଭ୍ରାନ୍ତମାନଙ୍କର ପ୍ରାୟ ୪୦ ହଜାର ଗ୍ରାମ୍ୟ ପ୍ରାସାଦ ଉପରେ ଆକ୍ରମଣ କଲେ । ସେଠାରେ ଥିବା କାଗଜପତ୍ର ଓ ଶସ୍ୟାଗାରରେ ଅଗ୍ନି ସଂଯୋଗ କଲେ । ଏପରି ବିପ୍ଳବ ଦେଖାଦେବାରେ ରାଜକର୍ମଚାରୀମାନେ ଆତ୍ମଗୋପନ କରିବାକୁ ଲାଗିଲେ । ଶାସନ ଅଚଳ ହୋଇପଡ଼ିଲା । ରାଜ୍ୟରେ ତାଣ୍ଡବଲୀଳା ଚାଲିଲା । ମିରାବୁ ଏସବୁ କାର୍ଯ୍ୟକୁ ଉତ୍ସାହିତ କରିଥିଲେ । "The nation must have its victims or being unsatisfied it will destroy everything." । ସାମନ୍ତବାଦର ବିଲୋପ ହେଲା । ଏକ ମହାନ ସାମାଜିକ ବିପ୍ଳବ ଫଳବତୀ ହେଲା । ସାମାଜିକ ଶ୍ରେଣୀବିଭାଗ ଲୋପ ହେବା ସଙ୍ଗେ ସଙ୍ଗେ ମାନବ ମାନବ ଭିତରେ ସମତା ଘୋଷଣା କରାଗଲା । ଷୋଡ଼ଶ ଲୁଇଙ୍କୁ ''ଫରାସୀ ମୁକ୍ତିର ପୁର୍ନପ୍ରତିଷ୍ଠାତା'' ("Restorer of French Liberty") ସମ୍ମାନରେ ଭୂଷିତ କରାଗଲା, ରାଜା ଓ ସମ୍ଭ୍ରାନ୍ତମାନଙ୍କର ଅଧିକାର ଓ ମଧ୍ୟଯୁଗୀୟ ଶୋଷଣ ନୀତି ବିଲୋପ କରି ଦେଶବାସୀଙ୍କ ମୁକ୍ତି, ସମତା ଓ ଅଧିକାର ପ୍ରତିଷ୍ଠା ପାଇଁ ଆଇନ ପ୍ରଣୟନ ଆରମ୍ଭ ହେଲା । ଅଗଷ୍ଟ ମାସ ୪ ତାରିଖ ରାତ୍ରିରେ ଏ ପ୍ରକାରର ଆଇନ ପ୍ରଣୟନ ପ୍ରକ୍ରିୟା ଆରମ୍ଭ ହୋଇଥିବାରୁ ସେହି ରାତ୍ରିଟି ଫରାସୀ ରାଷ୍ଟ୍ର ବିପ୍ଳବର ଏକ ଅବିସ୍ମରଣୀୟ ରଜନୀ ରୂପେ ଗଣ୍ୟ ହୋଇଛି ।

ମାନବ ଅଧିକାର ଘୋଷଣା (Declaration of Human Right) :

ଅଗଷ୍ଟ ମାସ ୧୨ ତାରିଖ ଦିନ ଜାତୀୟ ସମ୍ବିଧାନ ସଭା ନୂତନ ସମ୍ବିଧାନର ପ୍ରସ୍ତାବନା (Preamble) ଘୋଷଣା କଲା ସେହି ପ୍ରସ୍ତାବନା ''ମାନବୀୟ ଅଧିକାର ଘୋଷଣାନାମା'' ରୂପେ ପ୍ରସିଦ୍ଧ (Declaration of human right), ପ୍ରସ୍ତାବନା (Preamble)ରେ କୁହାଯାଇଥିଲା, "For all men for all times, for every country, and as an example to the whole world all men being born equal should have equal right" । ଉକ୍ତ ଇସ୍ତାହାରରେ ୧୭ ଦଫା ସମ୍ବଳିତ ପ୍ରସ୍ତାବ ମାଧ୍ୟମରେ ଘୋଷଣା କରାଗଲା ଯେ ମଣିଷ ସ୍ୱାଧୀନ ଓ ସମସ୍ତଙ୍କର ସମାନ ଅଧିକାର ଅଛି । (Men are born and remain free and are equal in rights) । ଜନସାଧାରଣ ହେଉଛନ୍ତି ସାର୍ବଭୌମ ଶକ୍ତିର ଅଧିକାରୀ, ଦେଶର ଆଇନକାନୁନ୍ ଜନସାଧାରଣଙ୍କ ଇଚ୍ଛାର ପରିପ୍ରକାଶ ମାତ୍ର । ବ୍ୟକ୍ତି ସ୍ୱାଧୀନତା, ବାକ୍ ସ୍ୱାଧୀନତା, ସମ୍ବାଦପତ୍ର ସ୍ୱାଧୀନତା ଇତ୍ୟାଦି ଅଧିକାର ମଣିଷର ପ୍ରକୃତିଦତ୍ତ ଅଧିକାର । ପୁଣି ପ୍ରସ୍ତାବନାରେ କୁହାଯାଇଛି ଯେ, "A society has no constitution if rights are not guaranteed nor power separated" । ଏହି ଘୋଷଣାନାମା, ମନୁଷ୍ୟକୁ ବ୍ୟାପକ ସ୍ୱାଧୀନତା ଦେବା ସଙ୍ଗେ ସଙ୍ଗେ ସେମାନଙ୍କର ଆଶାକୁ ବହୁଗୁଣିତ କରିଦେଲା । ଏହି ମାନବୀୟ ଅଧିକାର ହେଉଛି, ''ସମସ୍ତ ମନୁଷ୍ୟ, ସବୁ ସମୟ, ପ୍ରତ୍ୟେକ ଦେଶ ଏବଂ ସମଗ୍ର ବିଶ୍ୱ ପ୍ରତି ଏକ ଆଦର୍ଶ'' ବସ୍ତୁତଃ ଏହି ଘୋଷଣା ସାର୍ବଜନୀନ ମୁକ୍ତି ଉଦ୍ଦେଶ୍ୟରେ ଫରାସୀ ରାଷ୍ଟ୍ର ବିପ୍ଳବର ମନୁଷ୍ୟ ଜାତି ପ୍ରତି ଗୋଟିଏ ଆହ୍ୱାନ ଏବଂ ପୁରାତନ ଶାସନ ('Old Regime')ର ମୃତ୍ୟୁ ଫଳକ । (The declaration was the death certificate of the old regime) ।

ଭର୍ସାଇଲକୁ ମହିଳାଙ୍କ ବିକ୍ଷୋଭ ଶୋଭାଯାତ୍ରା (March of Women to Versailles) :

ବାସ୍ତିଲ ଦୁର୍ଗର ପତନ, ହିଂସାତ୍ମକ ବିପ୍ଳବର ଅଗ୍ରଗତି ଏବଂ ମାନବୀୟ ଅଧିକାର ଘୋଷଣା ଇତ୍ୟାଦି ଘଟଣାକୁ ଅନୁଧ୍ୟାନ କରିବା ପରେ ରାଜା ଷୋଡ଼ଶ ଲୁଇ ଏବଂ ତାଙ୍କ ଦରବାରର ଆତଙ୍କିତ ସାମନ୍ତମାନେ ଜାତୀୟ ସଭା ବିରୋଧରେ ଷଡ଼ଯନ୍ତ୍ର କରିବାକୁ ତତ୍ପର ହୋଇପଡ଼ିଲେ । ପୁରୋହିତମାନେ ସେମାନଙ୍କର ଅଧିକାର ଫେରି ପାଇବାକୁ ବ୍ୟଗ୍ର ହୋଇଉଠିଲେ । ବିପ୍ଳବ ନଗରୀ ପ୍ୟାରିସର ଜନସାଧାରଣଙ୍କୁ ଦମନ କରିବାକୁ ସେମାନେ ପ୍ରସ୍ତୁତି ପର୍ବ ଆରମ୍ଭ କରିଦେଲେ । ରାଣୀ ମେରି ଏଣ୍ଟୋଇନେଟ୍ ଦୃଢ଼ ହସ୍ତରେ ବିପ୍ଳବ ଦମନ କରିବାକୁ ଷୋଡ଼ଶ ଲୁଇଙ୍କୁ ପରାମର୍ଶ ଦେଲେ । ଫଳସ୍ୱରୂପ

ଅନୁରକ୍ତ ସୈନ୍ୟମାନଙ୍କୁ ପୁନର୍ବାର ଭର୍ସାଇ ସହରକୁ ଆସିବା ପାଇଁ ଆଦେଶ ଦିଆଗଲା । ତାହା ଦେଖି ଜନରବ ବ୍ୟାପିଗଲା ଯେ ବିପ୍ଳବ ଦମନ ନିମନ୍ତେ ରାଜା ବଳ ପ୍ରୟୋଗ କରିବେ । ଅନ୍ୟ ଦିଗରେ ପ୍ରତ୍ୟାବର୍ତ୍ତିତ ସୈନ୍ୟମାନଙ୍କୁ ଅପ୍ୟାୟିତ କରିବା ପାଇଁ ରାଜପ୍ରାସାଦରେ ଭୋଜିର ଆୟୋଜନ କରାଗଲା । ଏ ଖବର ବ୍ୟାପିଯିବା ଫଳରେ ଲୋକେ ଉତ୍ୟକ୍ତ ହୋଇଉଠିଲେ । ଠିକ୍ ଏହି ସମୟରେ ରାଣୀଙ୍କର ବ୍ୟବହାରରେ ସମସ୍ତେ କ୍ଷୁବ୍ଧ ହୋଇପଡ଼ିଲେ । ରାଣୀ ଥରେ ସଭାସଦ୍‌ଙ୍କୁ ଲୋକମାନଙ୍କର ଉତ୍ତେଜିତ ହେବାର କାରଣ ସଂପର୍କରେ ପଚାରିଲେ । ଯେତେବେଳେ ସେ ଜାଣିବାକୁ ପାଇଲେ ଯେ, ‘‘ଲୋକଙ୍କ ଘରେ ରୋଟି ନାହିଁ’’ । ଏହାଶୁଣି ରାଣୀ କହିପକାଇଥିଲେ ‘‘ରୋଟି ନାହିଁ ତ ସେମାନେ ପିଠା ଖାଆନ୍ତୁ । "Let them eat cake." – ଏହାଶୁଣି କ୍ରୋଧାନ୍ୱିତ ପ୍ରଜାମାନେ ରାଜା ଓ ରାଣୀଙ୍କୁ ଉଚିତ ଶିକ୍ଷା ଦେବାଲାଗି ପ୍ରସ୍ତୁତ ହେଲେ ।

ଅକ୍ଟୋବର ମାସ ପାଞ୍ଚ ତାରିଖ ଦିନ ସହସ୍ର ସହସ୍ର ଦରିଦ୍ର ଓ ଛିନ୍ନବସ୍ତ୍ର ପରିହିତା ନାରୀ ଏବଂ ସେମାନଙ୍କ ସହିତ ନାରୀ ବେଶଧାରୀ ଶତ ଶତ ପୁରୁଷ ଗୋଟିଏ ବିରାଟ ଅଶୋଭନୀୟ ପଟୁଆରରେ ପ୍ୟାରିସ୍ ସହରକୁ ଯାତ୍ରା ଆରମ୍ଭ କଲେ । ରାସ୍ତାରେ ସେମାନେ ବିଭିନ୍ନ ପ୍ରକାରର ବିକଟ ଧ୍ୱନିମାନ ଦେଇ ଚିତ୍କାର କରି ଭର୍ସାଇ ସହର ଦିଗକୁ ଅଗ୍ରସର ହେଲେ । ସନ୍ଧ୍ୟା ସୁଦ୍ଧା ସେମାନେ ଭର୍ସାଇଠାରେ ପହଞ୍ଚି ରାଜପ୍ରାସାଦ ସମ୍ମୁଖରେ ଉପସ୍ଥିତ ହୋଇ ଆକ୍ରମଣର ଆୟୋଜନ କଲେ । ପରଦିନ ପ୍ରାତଃ ସମୟରେ ଭର୍ସାଇ ପ୍ରାସାଦର ମୁଖ୍ୟ ଦ୍ୱାର ଭାଙ୍ଗି ପ୍ରାସାଦ ଭିତରେ ପ୍ରବେଶ କଲେ । ରାଜା ନିଜେ ପରିବାରବର୍ଗଙ୍କ ସହିତ ବାଲକୋନି ଉପରେ ଉପସ୍ଥିତ ହୋଇ ପ୍ରଜାମାନଙ୍କୁ ଖାଦ୍ୟ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଲେ । ବିପ୍ଳବୀମାନେ ରାଜାଙ୍କୁ ପ୍ୟାରିସ ସହରକୁ ସେମାନଙ୍କ ସହିତ ଯିବାକୁ ବାଧ କଲେ । ଶେଷରେ ଅନ୍ୟ ଉପାୟ ନ ପାଇ ରାଜା ପରିବାରର ସମସ୍ତ ସଦସ୍ୟଙ୍କ ସହ ବିପ୍ଳବୀଙ୍କ ଗହଣରେ ପ୍ୟାରିସ ଯାତ୍ରା କଲେ । ଗୋଟିଏ ଚାରିଚକିଆ ଘୋଡ଼ାଗାଡ଼ିରେ ରାଜା, ରାଣୀ ଏବଂ ସେମାନଙ୍କ ସନ୍ତାନମାନେ ଅଗ୍ରସର ହେଲେ । କୋଳାହଳ, ବୀଭତ୍ସ ଧ୍ୱନି ଓ ଅବିରତ ଗାଳିବର୍ଷଣ ମଧ୍ୟରେ ରାଜପରିବାରର ସେହି ଯାତ୍ରା ଏକ ଲୋମହର୍ଷଣକାରୀ ଚମକପ୍ରଦ ଘଟଣା ହୋଇ ରହିଲା । ମହିଳାମାନେ ଚିତ୍କାର କରୁଥିଲେ, “ଆମେ ରୋଟି ତିଆରି କଲାବାଲା, ରୋଟି ତିଆରି କଲାବାଲାର ସ୍ତ୍ରୀ ଓ ରୋଟି ତିଆରି କରିବାବାଲାର ପିଲାକୁ ଆଣିଛୁ’’ ("We have brought the baker, the baker's wife and the baker's son"), “ଏବେ ଆମକୁ ରୋଟି ମିଳିବ ।’’ ଫରାସୀ ରାଜାଙ୍କର ଭର୍ସାଇ ତ୍ୟାଗ ଥିଲା ସେଠାରୁ ରାଜବଂଶର ଶେଷ ବିଦାୟ । ପ୍ୟାରିସ ସହରରେ ରାଜପରିବାର ବସ୍ତୁତଃ ଜନସାଧାରଣଙ୍କ ବନ୍ଦୀ ରୂପେ ଅବସ୍ଥାନ କଲେ । ରାଜାଙ୍କ ସହିତ ଜାତୀୟ ସଭା ମଧ୍ୟ ସେଠାକୁ ସ୍ଥାନାନ୍ତରିତ ହେଲା । ଜନସାଧାରଣଙ୍କ ତୀକ୍ଷ୍ଣ ଦୃଷ୍ଟି ମଧ୍ୟରେ ଏବଂ ଏକ ଅସହାୟ ପରିବେଶ ମଧ୍ୟରେ ଲୋକପ୍ରତିନିଧିମାନେ ଭୟଭୀତ ଭାବରେ କାର୍ଯ୍ୟ କରିବାକୁ ଲାଗିଲେ । ଏହି ପ୍ରକାରର ପ୍ରତିକୂଳ ପରିସ୍ଥିତି ମଧ୍ୟରେ ଶାସନ କାର୍ଯ୍ୟ ଚାଲିଲା ।

ଫ୍ରାନ୍‌ସର ନୂତନ ସମ୍ବିଧାନ (New Constitution of France) :

ଜାତୀୟ ସମ୍ବିଧାନ ସଭାର କାର୍ଯ୍ୟ (Work of National Constituent Assembly) :

ସମସ୍ତ ପ୍ରକାରର ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ଜାତୀୟ ଆସେମ୍ବ୍ଲି ଗୋଟିକ ପରେ ଗୋଟିଏ ସାମ୍ବିଧାନିକ ବ୍ୟବସ୍ଥା ପ୍ରଣୟନ କରିବାରେ ତତ୍ପର ହୋଇଉଠିଥିଲା । ଏହି ଆସେମ୍ବ୍ଲିକୁ ମଧ୍ୟ ସମ୍ବିଧାନ ପ୍ରଣୟନକାରୀ ଆସେମ୍ବ୍ଲି ବୋଲି କୁହାଯାଏ । ୧୭୯୧ ମସିହାରେ ଏହି ଆସେମ୍ବ୍ଲି ଏକ ସଂପୂର୍ଣ୍ଣ ସମ୍ବିଧାନ ପ୍ରସ୍ତୁତ କରିଥିଲା । ପୃଥିବୀରେ ଯେତେ ପ୍ରକାରର ବିଧାୟକ ସଭା ଦେଖାଯାଉଛି ସେଥିମଧ୍ୟରୁ ଫ୍ରାନ୍‌ସ ଦେଶର ଏହି ସମ୍ବିଧାନ ସଭା ତା’ର ଯୁଗାନ୍ତକାରୀ କାର୍ଯ୍ୟମାନ ପାଇଁ ପ୍ରସିଦ୍ଧି ଲାଭ କରିଅଛି । ୧୭୮୯ ମସିହାଠାରୁ ଆରମ୍ଭ କରି ୧୭୯୧ ମସିହା ମଧ୍ୟରେ ଫ୍ରାନ୍‌ସ ପୁରାତନ ରାଜନୈତିକ, ସାମାଜିକ ଓ ଅର୍ଥନୈତିକ ବ୍ୟବସ୍ଥାଗୁଡ଼ିକୁ ବାତିଲ କରି ନୂତନ ବ୍ୟବସ୍ଥାମାନ ପ୍ରତିଷ୍ଠା କରିଥିଲା । ଫରାସୀମାନଙ୍କ ପାଇଁ ଏଗୁଡ଼ିକ ଥିଲା ସାଫଲ୍ୟମଣ୍ଡିତ ଅବଦାନ ।

ନୂତନ ସମ୍ବିଧାନ ଅନୁଯାୟୀ ଶାସନ ପଦ୍ଧତିର ବିଭାଗ ଗଠିତ ହେଲା ଅର୍ଥାତ୍ କାର୍ଯ୍ୟକାରୀ ବା ଶାସକୀୟ ବିଭାଗ (Executive), ବ୍ୟବସ୍ଥାପକ ବା ଆଇନ ପ୍ରଣୟନ ବିଭାଗ (Legislative) ଏବଂ ବିଚାର ବା ନ୍ୟାୟବିଭାଗ ବା (Judiciary) । ମଣ୍ଟେସ୍କ୍ୟୁଙ୍କ ପ୍ରଦତ୍ତ କ୍ଷମତା ପୃଥକୀକରଣ (Separation of Power) ନୀତିକୁ ବାସ୍ତବ ରୂପ ଦିଆଯାଇଥିଲା । ରାଜାଙ୍କ ହସ୍ତରେ ଶାସକୀୟ କ୍ଷମତା ନ୍ୟସ୍ତ ରହିଲା । ମାତ୍ର ତାଙ୍କ କ୍ଷମତା ସୀମିତ ରହିଲା । ସେ ନାମକୁ ମାତ୍ର ରାଜା ହୋଇ ରହିଲେ । ତାଙ୍କ ଉପାଧି ମଧ୍ୟ ବଦଳାଇ ଦିଆଗଲା । ''ଫ୍ରାନ୍ସ ଦେଶର ରାଜା'' ନାମରେ ସେ ପରିଚିତ ନ ହୋଇ ସେ ''ଫରାସୀମାନଙ୍କର ରାଜା'' ବୋଲି କଥିତ ହେଲେ । ସୈନ୍ୟବାହିନୀ ଓ ଶାସନକାର୍ଯ୍ୟର ମୁଖ୍ୟ ଭାବେ କାର୍ଯ୍ୟ କରିବାକୁ ତାଙ୍କୁ ସାମ୍ବିଧାନିକ ଅଧିକାର ଦିଆହେଲା । ମନ୍ତ୍ରୀ, ସେନାପତି, ପ୍ରଶାସକ ଏବଂ ରାଷ୍ଟ୍ରଦୂତମାନଙ୍କୁ ସେ ନିଯୁକ୍ତି ଦେଲେ । ରାଜା ଆଇନ ପ୍ରଣୟନ କରିବା କ୍ଷମତାରୁ ବଞ୍ଚିତ ହେଲେ । ବ୍ୟବସ୍ଥାପକ ସଭାର ଅନୁମୋଦନ କ୍ରମେ ଯୁଦ୍ଧ ଘୋଷଣା କରିବା କ୍ଷମତା ରାଜାଙ୍କର ରହିଲା । ଆସେମ୍ବ୍ଲିର ସଭ୍ୟମାନଙ୍କ ମଧ୍ୟରୁ ମନ୍ତ୍ରୀ ନିଯୁକ୍ତ ନ ହେବାର ବ୍ୟବସ୍ଥା ମଧ୍ୟ ସମ୍ବିଧାନରେ ରହିଲା । ନୂତନ ସମ୍ବିଧାନ ଅନୁଯାୟୀ ରାଜାଙ୍କର ବାର୍ଷିକ ବ୍ୟୟ ୨,୫୦,୦୦,୦୦୦ ଫ୍ରାଙ୍କ ମଧ୍ୟରେ ସୀମିତ ରହିଲା । ପ୍ରଜାଙ୍କ ଉପରେ କୌଣସି ପ୍ରକାର କର ବସାଇବା କ୍ଷମତା ଏଣିକି ରାଜାଙ୍କ ହାତରେ ରହିଲା ନାହିଁ । ସ୍ଥାନୀୟ ଶାସନ କ୍ଷେତ୍ରରେ ମଧ୍ୟ ରାଜାଙ୍କ ପ୍ରତିପତ୍ତି ଲୋପ କରିଦିଆଗଲା । ଏହି ପ୍ରକାରର ପରିବର୍ତ୍ତନ ଫଳରେ ରାଜତନ୍ତ୍ରର ବିଲୋପ ସାଧନ ପରେ ''ସାମ୍ବିଧାନିକ ଓ ସୀମିତ ରାଜତନ୍ତ୍ର'' ପ୍ରତିଷ୍ଠିତ ହେଲା ।

ଆଇନ ପ୍ରଣୟନ କ୍ଷମତା ଏକକକ୍ଷ ବିଶିଷ୍ଟ ଗୋଟିଏ ବ୍ୟବସ୍ଥାପକ ସଭା ହାତରେ ନ୍ୟସ୍ତ କରାଗଲା । ଦ୍ୱିତୀୟକକ୍ଷର ଆବଶ୍ୟକତା ନାହିଁ ବୋଲି କୁହାଗଲା । ସାର୍ବଜନୀନ ସାବାଳକ ଭୋଟ ପ୍ରଥା ପ୍ରଚଳନ ନକରି ଭୋଟ ଦେବା ଅଧିକାର ସୀମାବଦ୍ଧ କରାଗଲା । ସେହି ବ୍ୟବସ୍ଥାପକ ସଭାର ସଭ୍ୟ ସଂଖ୍ୟା ୭୪୫ ରଖାଗଲା । ସେମାନେ ସରକାରଙ୍କୁ ସମ୍ପତ୍ତି କର ଦେଉଥିବା ଭୋଟରମାନଙ୍କ ଦ୍ୱାରା ନିର୍ବାଚିତ ହୋଇଥିଲେ । ଯେଉଁମାନେ ୫୦ ଲିଭର ବା ତା'ଠାରୁ ଅଧିକ ଟିକସ୍ ଦେଉଥିଲେ ସେମାନେ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିପାରୁଥିଲେ । ଦେଶରେ ଦୁଇ ପ୍ରକାରର ନାଗରିକ ସୃଷ୍ଟି ହୋଇଥିଲେ; ଯଥା–ସକ୍ରିୟ (Active-400,000) ଓ ନିଷ୍କ୍ରିୟ (Passive) । ଦରିଦ୍ରମାନଙ୍କୁ ନିଷ୍କ୍ରିୟ ଭୋଟର ରୂପେ ଗ୍ରହଣ କରାଯାଇଥିଲା ଯେଉଁମାନଙ୍କର ସଂଖ୍ୟା (୩୦,୦୦,୦୦୦) ଥିଲା । ଦେଶର ସମସ୍ତ ପ୍ରକାର ଆଇନ ବ୍ୟବସ୍ଥା ସଭାରେ ଅନୁମୋଦିତ ହେବାପରେ ରାଜାଙ୍କ ସ୍ୱୀକୃତି ପାଇଁ ପଠାଯାଉଥିଲା । ଏହାର ବିନା ଅନୁମୋଦନରେ କୌଣସି ପ୍ରକାରର କର ବସାଯାଇପାରିବ ନାହିଁ ବୋଲି ସମ୍ବିଧାନରେ ବ୍ୟବସ୍ଥା ରଖାଯାଇଥିଲା ।

ସମ୍ବିଧାନ ବିଚାର ବିଭାଗରେ ବୈପ୍ଳବିକ ପରିବର୍ତ୍ତନ ଘଟାଇଥିଲା । ପୂର୍ବରୁ ବିଚାରପତି ପଦ ବିକ୍ରି ଓ ବଂଶାନୁକ୍ରମିକ ଭାବେ ଉପଭୋଗ କରିବାର ବ୍ୟବସ୍ଥା ଥିଲା । ନୂତନ ସମ୍ବିଧାନରେ ଏହି ବ୍ୟବସ୍ଥାର ବିଲୋପ ସାଧନ କରି ତଳୁ ଉପର ପର୍ଯ୍ୟନ୍ତ ସମସ୍ତ ବିଚାରପତି ଭୋଟରମାନଙ୍କ ଦ୍ୱାରା ନିର୍ବାଚିତ ହେବାର ବ୍ୟବସ୍ଥା ପ୍ରଚଳନ କରାଯାଇଥିଲା । ସେହି ବିଚାରପତିମାନଙ୍କର କାର୍ଯ୍ୟକାଳ ୨ ବର୍ଷରୁ ୪ ବର୍ଷ ପର୍ଯ୍ୟନ୍ତ ସୀମିତ ଥିଲା । ପ୍ରଥମ ଥର ପାଇଁ ଫୌଜଦାରୀ ବିଚାରାଳୟରେ ଜୁରୀପ୍ରଥା ପ୍ରଚଳନ କରାଗଲା ।

ବ୍ୟବସ୍ଥାପକ ସଭା ପ୍ରାଦେଶିକ ଶାସନ ବ୍ୟବସ୍ଥା କ୍ଷେତ୍ରରେ ଏକ ସମ୍ପୂର୍ଣ୍ଣ ବୈପ୍ଳବିକ ପରିବର୍ତ୍ତନ ଆଣିଥିଲା । ପୂର୍ବରୁ ଥିବା ୩୨ଟି ପ୍ରାଦେଶିକ ଶାସନ ସଂଗଠନକୁ ଭାଙ୍ଗିଦିଆଗଲା ଓ ପ୍ରାଦେଶିକ ଶାସନକର୍ତ୍ତା (Intendant) ପଦକୁ ଲୋପ କରିଦିଆଗଲା । ଫ୍ରାନ୍ସ ଦେଶକୁ ୮୩ ଗୋଟି ପ୍ରାଦେଶିକ ବିଭାଗରେ ବିଭକ୍ତ କରାଗଲା । ପ୍ରତ୍ୟେକ ବିଭାଗର ଆୟତନ ଓ ଲୋକସଂଖ୍ୟା ଊଣା ଅଧିକେ ଅନ୍ୟ ବିଭାଗଗୁଡ଼ିକର ଆୟତନ ଓ ଲୋକସଂଖ୍ୟା ସହିତ ସମାନ ରହିଲା । ପ୍ରତ୍ୟେକ ପ୍ରଦେଶକୁ (department)କୁ କେତେକ ଆରୋଣ୍ଡିଜମେଣ୍ଟ (Arrondisement) ଓ ପ୍ରତ୍ୟେକ ଆରୋଣ୍ଡିଜମେଣ୍ଟକୁ କେତେଗୁଡ଼ିଏ ଜିଲ୍ଲାରେ (Canton) ବିଭକ୍ତ କରାଗଲା । ଜିଲ୍ଲା (Canton)ଗୁଡ଼ିକୁ କେତେକ ଅଞ୍ଚଳ (Commune)ରେ

ବିଭକ୍ତ କରାଗଲା । ସେହି Commune ବା Municipalityର ଶାସନକର୍ତ୍ତାମାନେ ସ୍ଥାନୀୟ ନାଗରିକମାନଙ୍କ ଦ୍ୱାରା ନିର୍ବାଚିତ ହେଲେ । ସେମାନଙ୍କୁ ସାହାଯ୍ୟ କରିବା ପାଇଁ ସ୍ଥାନୀୟ ପରିଷଦମାନ ଗଠିତ ହେଲା । ପୂର୍ବରୁ ଫ୍ରାନ୍ସରେ ଥିବା ଏକକେନ୍ଦ୍ରିକ ଶାସନର ସମ୍ପୂର୍ଣ୍ଣ ବିଲୋପ ସାଧନ କରାଯାଇ ଶାସନ କ୍ଷେତ୍ରରେ ବିକେନ୍ଦ୍ରୀକରଣ କରାଗଲା । ପୂର୍ବରୁ ଥିବା ପ୍ରଦେଶ ଓ ସ୍ଥାନୀୟ ଶାସନରେ ସମ୍ରାଟଙ୍କର ପ୍ରତିନିଧି ସଭା ଦ୍ୱାରା ନିଯୁକ୍ତ ପଦାଧିକାରୀମାନଙ୍କ ଦ୍ୱାରା ଶାସନ ପରିଚାଳନା କରାଗଲା; ମାତ୍ର ସେମାନଙ୍କ ଉପରେ କେନ୍ଦ୍ରର କୌଣସି କ୍ଷମତା ରହିଲା ନାହିଁ । ଶାସନର ବିକେନ୍ଦ୍ରୀକରଣ ନୂତନ ସମ୍ବିଧାନରେ ବ୍ୟାପକ ଭାବେ ଗ୍ରହଣ କରାଯାଇଥିଲା ।

ଶାସନ କ୍ଷେତ୍ରରେ ଜାତୀୟ ସମ୍ବିଧାନ ସଭାର ଅନେକ ସଂସ୍କାରମୂଳକ ପରିବର୍ତ୍ତନ ଆକର୍ଷଣୀୟ ଥିଲେ ମଧ୍ୟ ଅବାସ୍ତବ ଥିଲା ବୋଲି ସମାଲୋଚନା କରାଯାଇଛି । ନିର୍ବାଚିତ ଶାସନକର୍ତ୍ତା ଓ ବିଚାରପତିମାନେ ଲୋକପ୍ରିୟ ହେଲେ ମଧ୍ୟ ସୁଦକ୍ଷ ଓ ଅଭିଜ୍ଞ ହେବେ ବୋଲି ପ୍ରମାଣ ନଥିଲା । ଅନଭିଜ୍ଞ ଅଥଚ ନିର୍ବାଚିତ ସ୍ଥାନୀୟ ଶାସନକର୍ତ୍ତାମାନେ ଯଥାର୍ଥ ଭାବେ ଶାସନ କରିପାରିଲେ ନାହିଁ । ଫଳରେ ସେମାନଙ୍କର ଦୁର୍ବଳତାର ସୁଯୋଗ ନେଇ ଲୋକେ ଶାସନ ଶୃଙ୍ଖଳା ଓ ଆଇନ୍‌କାନୁନ୍ ପ୍ରତି ଭୟ କଲେ ନାହିଁ । ବିପ୍ଳବକାଳୀନ ଅରାଜକତା ବଢ଼ି ଚାଲିଲା । ବିପ୍ଳବରେ କ୍ରମବର୍ଦ୍ଧମାନ ଅଶାନ୍ତି ଓ ବିଶୃଙ୍ଖଳା ବିରୋଧରେ ଶେଷରେ ପ୍ରତିକ୍ରିୟା ପ୍ରକାଶ ପାଇଲା । ଲୋକେ ଅତିଷ୍ଠ ଅବସ୍ଥାରେ ସୁଦୃଢ଼ ଆଇନ ଶୃଙ୍ଖଳା ପ୍ରତି ଇଚ୍ଛା ପ୍ରକାଶ କଲେ । ଏହି ମାନସିକ ପ୍ରତିକ୍ରିୟା ମଧ୍ୟରୁ ନେପୋଲିୟନ ବୋନାପାର୍ଟଙ୍କର ଉତ୍‌ଥାନ ପାଇଁ ମାର୍ଗ ସୁଗମ ହୋଇଥିଲା । ନାଗରିକମାନଙ୍କୁ Active ଓ Passive ରୂପେ ବିଭକ୍ତିକରଣ ମାନବିକ ଅଧିକାର ଅବମାନନା ବ୍ୟତୀତ ଅନ୍ୟ କିଛି ନଥିଲା ।

ଜାତୀୟ ସମ୍ବିଧାନ ସଭାର ଅନ୍ୟ ଏକ ମହତ୍ତ୍ୱପୂର୍ଣ୍ଣ କୃତିତ୍ୱ ଥିଲା ଅର୍ଥନୈତିକ ସଂସ୍କାର । ରାଜତନ୍ତ୍ରର ପତନ କାଳରେ ଫରାସୀ ଅର୍ଥନୀତି ବିପର୍ଯ୍ୟସ୍ତ ଅବସ୍ଥାକୁ ଆସିଯାଇଥିଲା । ଜାତୀୟ ସଭା ସେହି ଶୂନ୍ୟ ରାଜକୋଷ ଯୋଗୁଁ ଅଧିକତର ସମସ୍ୟାର ସମ୍ମୁଖୀନ ହେଲା । ଲୋକେ ରାଜସ୍ୱ ଦେବାକୁ ଚିନ୍ତା ମଧ୍ୟ କଲେ ନାହିଁ । ଏ ପ୍ରକାର ଶୋଚନୀୟ ଅବସ୍ଥାରେ ଜାତୀୟ ସଭା, ଶୂନ୍ୟ ରାଜକୋଷ ପରିପୂର୍ଣ୍ଣ କରିବା ପାଇଁ ବଳିଷ୍ଠ ପଦକ୍ଷେପ ନେଲେ । ଗୀର୍ଜାଗୁଡ଼ିକ ସେତେବେଳେ ସର୍ବମୋଟ କୃଷି ଉପଯୋଗୀ ଭୂମିର ଏକ ପଞ୍ଚମାଂଶ ବ୍ୟବହାର କରିଥିଲେ । ସମ୍ବିଧାନ ଅନୁସାରେ ସେହିସବୁ ସମ୍ପତ୍ତି ବାଜ୍ୟାପ୍ତ କରାଗଲା ଏବଂ ତାହାକୁ ସରକାରୀ ଭୂମିରେ ପରିଣତ କରାଗଲା । ସେହି ଭୂମିକୁ ବନ୍ଧକ ରୂପେ ବିବେଚନା କରି ବନ୍ଧକ ବିନିମୟରେ କାଗଜ ମୁଦ୍ରା ପ୍ରଚଳନ କରାଗଲା । ଏହି କାଗଜ ନୋଟକୁ ଆସାଇନାଟ ଆସିଗ୍‌ନାଟ (Assignat) ବୋଲି କୁହାଗଲା । ଏହା ମଧ୍ୟ ସ୍ଥିର କରାଗଲା ଯେ ଆସିଗ୍‌ନାଟ (Assignat)ର ଅଧିକାରୀ ତା ବଦଳରେ ସୁନା ଦାବୀ କରିପାରିବେ ନାହିଁ ମାତ୍ର ଗୀର୍ଜା ସମ୍ପତ୍ତି କିଣିପାରିବେ । ପ୍ରଥମେ Assignat ସୀମିତ ପରିମାଣରେ ପ୍ରଚଳିତ ହେଲା । ଏହାର ମୂଲ୍ୟ ଫ୍ରାଙ୍କର ମୂଲ୍ୟ ସହିତ ସମାନ ଥିଲା । ଗୀର୍ଜା ସମ୍ପତ୍ତି ବାଜ୍ୟାପ୍ତ କରିବା ସଂପର୍କରେ ପ୍ରସ୍ତାବ ଜଣେ ବିଶପ (Tallayrand) ଉତ୍‌ଥାପନ କରିଥିଲେ ଯାହା ସର୍ବସମ୍ମତି କ୍ରମେ ଗ୍ରହଣ କରାଯାଇଥିଲା ।

୧୭୯୦ ମସିହାରେ ଦେଖାଗଲା ଯେ ଗୀର୍ଜାର ସମ୍ପତ୍ତି ଅପହରଣ କରିବା ଫଳରେ ଦେଶରେ ଗୋଟିଏ ପ୍ରକାର ଧର୍ମସଙ୍କଟ ଉପୁଜିଥିଲା । ଧର୍ମଯାଜକମାନେ ଭୂମି ବାଜ୍ୟାପ୍ତ ହେବାପରେ ଜୀବିକା ଉପାର୍ଜନ କରିପାରିଲେ ନାହିଁ । ଅବସ୍ଥା ଦୃଷ୍ଟିରୁ ସମ୍ବିଧାନ ସଭା ସ୍ଥିର କଲେ ଯେ ଧର୍ମଯାଜକମାନଙ୍କୁ ରାଜକୋଷରୁ ନିୟମିତ ଦରମା ଦିଆଯିବ । ଧର୍ମଯାଜକମାନେ ଗୀର୍ଜା ଗୃହର କର୍ମଚାରୀ ଭାବେ କାର୍ଯ୍ୟ କରିବେ ବୋଲି ସ୍ଥିର କରାଗଲା । ଜାତୀୟ ସମ୍ବିଧାନ ସଭା ୧୭୯୦ ମସିହା ଜୁଲାଇ ମାସରେ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ଆଇନ ପ୍ରଣୟନ କଲେ । ତାହାର ନାମ ପୁରୋହିତମାନଙ୍କ ନିମିତ୍ତ ସାମାଜିକ ସମ୍ବିଧାନ (Civil Constitution of the Clergy) । ଏହି ସମ୍ବିଧାନରେ ପୂର୍ବରୁ ଥିବା ୧୪୩ ଗୋଟି ଧର୍ମ ଜିଲ୍ଲା(Diocesses) ସଂଖ୍ୟାକୁ କମାଇ ୮୩ରେ ରଖାଗଲା । ପ୍ରତି ପ୍ରଦେଶ (department) ପାଇଁ ଜଣେ ଜଣେ ବିଶପ ରହିଲେ । ବିଶପ ବା

ପୂଜକମାନେ ଭୋଟଦାତାଙ୍କ ଦ୍ୱାରା ନିର୍ବାଚିତ ହେବେ ଓ ସରକାରଙ୍କଠାରୁ ମାସିକ ଦରମା ପାଇବେ ବୋଲି ସ୍ଥିର କରାହେଲା । ଫଳରେ ଗୀର୍ଜା ଓ ପୁରୋହିତ ସଂପ୍ରଦାୟ ସରକାରଙ୍କର ପୂର୍ଣ୍ଣ ନିୟନ୍ତ୍ରଣରେ ରହିଲା । ଫ୍ରାନ୍ସରେ ଧର୍ମ ବ୍ୟାପାରରେ କ୍ୟାଥଲିକ ଜଗତର ଧର୍ମଗୁରୁ ମହାମାନ୍ୟ ପୋପଙ୍କ ପ୍ରଭୁତ୍ୱ ହ୍ରାସ କରିଦିଆଗଲା । ପ୍ରତ୍ୟେକ ଦିଗରୁ ବିଚାର କଲେ ପୁରୋହିତ ସମ୍ପ୍ରଦାୟ ପାଇଁ ପ୍ରଣୀତ ଏହି ସମ୍ବିଧାନ ଗୋଟିଏ ଦୁଃସାହସିକ ପଦକ୍ଷେପ ଅଟେ । ଅନ୍ୟପକ୍ଷରେ ଅନେକ ଧର୍ମଭୀରୁ "କ୍ୟାଥଲିକମାନଙ୍କ ପାଇଁ ଏହି ନିୟମ ଭୟଙ୍କର ଓ ଦୁର୍ଭାଗ୍ୟଜନକ ବୋଲି ବ୍ୟାଖ୍ୟା କଲେ" । ୧୭୯୦ ମସିହା ଶେଷ ବେଳକୁ ସମ୍ବିଧାନ ସଭା ପୁଣି ଗୋଟିଏ ଆଦେଶନାମା ଜାରୀ କଲା । ଫ୍ରାନ୍ସର ସବୁ ଧର୍ମଯାଜକଙ୍କୁ ନବପ୍ରଣୀତ ପୁରୋହିତ ସମ୍ବିଧାନ ପ୍ରତି ଆନୁଗତ୍ୟ ପ୍ରକାଶ କରି ଶପଥ ନେବାକୁ ବାଧ କରାହେଲା । ଏହି ଆଦେଶନାମାକୁ ଅନୁମୋଦନ କରିବାକୁ ରାଜାଙ୍କୁ ବାଧ କରାଯାଇଥିଲା । ରାଜା ଭୟରେ ନୂତନ ଆଦେଶନାମାରେ ଦସ୍ତଖତ କଲେ । ଅନ୍ୟ ଦିଗରେ ପୋପ ଏ ପ୍ରକାର ପଦକ୍ଷେପକୁ ପ୍ରତ୍ୟାଖ୍ୟାନ କରିବା ପାଇଁ ଧର୍ମଯାଜକମାନଙ୍କୁ ଆହ୍ୱାନ ଦେଲେ । ଯେଉଁ ଧର୍ମଯାଜକ ସରକାରଙ୍କ ଭୟରେ ଶପଥ ନେଲେ ସେମାନଙ୍କୁ ପୋପ୍‌ଙ୍କ ଦ୍ୱାରା ଗୋଷ୍ଠୀଚ୍ୟୁତ କରାଗଲା । ଯେଉଁମାନେ ଶପଥ ନ ନେଲେ ସମ୍ବିଧାନ ସେମାନଙ୍କୁ ସରକାରଙ୍କ ପକ୍ଷରୁ ଆଇନ ବିରୋଧି ଧର୍ମଯାଜକ ରୂପେ ଘୋଷଣା କଲା (Non Juring Clergy) । ଆଇନ ବିରୋଧି ଯାଜକମାନେ ସରକାରଙ୍କର ଚକ୍ଷୁଶୂଳ ହେବା ସଙ୍ଗେ ସଙ୍ଗେ ନିର୍ଯ୍ୟାତନାର ଶିକାର ହେଲେ । କୁହାଯାଏ ଯେ ସମ୍ବିଧାନ ସଭା ଦ୍ୱାରା ପ୍ରଣୀତ ସବୁ ଆଇନଗୁଡ଼ିକ ମଧ୍ୟରେ ପୁରୋହିତମାନଙ୍କ ପାଇଁ ପ୍ରଯୋଗ କରାଯାଇଥିବା ଆଇନ ଅଧିକ ତ୍ରୁଟିପୂର୍ଣ୍ଣ ଥିଲା ଏବଂ ଏହି କାରଣରୁ ନିମ୍ନଶ୍ରେଣୀ ବିପ୍ଳବକୁ ଆରମ୍ଭରୁ ସମର୍ଥନ କରୁଥିବା ପୂଜକମାନେ କ୍ରମେ ଏହାର ବିରୋଧ କଲେ ।

ଏ ପ୍ରକାରର ଘଟଣାବଳୀ ମଧ୍ୟରେ ଜାତୀୟ ସମ୍ବିଧାନ ସଭା ଫ୍ରାନ୍ସ ଦେଶ ପାଇଁ ନୂତନ ସମ୍ବିଧାନ ପ୍ରଣୟନ କଲା । ସେହି ସମ୍ବିଧାନ ଅନୁଯାୟୀ ନିର୍ବାଚନ ପାଇଁ ପ୍ରସ୍ତୁତି ଚାଲିଲା । ଠିକ୍ ସେହି ସମୟରେ ଦୁଇଟି ଘଟଣା ଘଟିଗଲା । ଯେଉଁ ଘଟଣା ଯୋଗୁଁ ବିପ୍ଳବର ଗତି ପ୍ରଭାବିତ ହେଲା। ସେ ସମୟରେ ବିପ୍ଳବର ଅଗ୍ରଗଣ୍ୟ ନେତା ମିରାବୁଙ୍କର ମୃତ୍ୟୁ ଘଟିଲା ଏବଂ ରାଜପରିବାର ଦେଶଛାଡ଼ି ବାହାରକୁ ପଳାୟନ କଲେ ।

ରାଜାଙ୍କର କ୍ଷମତା ସଙ୍କୋଚନ ସହିତ ପୁରୋହିତ ଗୋଷ୍ଠୀଙ୍କର ନାଗରିକ ସମ୍ବିଧାନଜନିତ ଅପମାନ ଯୋଗୁ ବିବେକର ତାଡ଼ନାରେ ବ୍ୟଥିତ ହୋଇ ଷୋଡ଼ଶ ଲୁଇଙ୍କୁ ଫ୍ରାନ୍ସ ପରିତ୍ୟାଗ କରିବାକୁ କେତେକ ସାମନ୍ତ ଓ ରାଣୀ ଏଣ୍ଟୋଇନେଟ୍ ପ୍ରସ୍ତାବ ଦେଇଥିଲେ । ରାଜା ସେହି ପ୍ରସ୍ତାବରେ ରାଜି ହୋଇ ୧୭୯୧ ମସିହା ଜୁନ୍ ମାସ ୨୦ ତାରିଖରେ ତାଙ୍କ ପରିବାରବର୍ଗଙ୍କ ସହ ଛଦ୍ମବେଶରେ ଗୋଟିଏ ବୃହଦାକାର ଘୋଡ଼ାଗାଡ଼ିରେ ଅନ୍ଧକାର ମଧ୍ୟରେ ପଳାୟନ କଲେ । ମାତ୍ର ଭାରନେସ (Varennes) ନାମକ ସ୍ଥାନରେ ଘୋଡ଼ା ଗାଡ଼ିଟି ଧରାପଡ଼ିଗଲା । ଗାଡ଼ି ମଧ୍ୟରେ ବସିଥିବା ଛଦ୍ମବେଶୀ ରାଜା ଓ ରାଣୀଙ୍କୁ ଲୋକେ ଚିହ୍ନିପାରିଲେ । ରାଜା ବାଧ ହୋଇଥିଲେ ଫେରିବାକୁ । ଫେରନ୍ତା ପଥରେ ରାଜପରିବାର, ବିଦ୍ରୂପ, ତାଚ୍ଛଲ୍ୟ, ଅପମାନ ଏବଂ ଲାଞ୍ଛନାର ଶରବ୍ୟ ହୋଇପଡ଼ିଥିଲା । ତା ପରଦିନ ଅର୍ଥାତ୍ ଜୁନ୍ ୨୧ ତାରିଖ ଦିନ ରାଜାଙ୍କର ସମସ୍ତ କ୍ଷମତାକୁ ଉଚ୍ଛେଦ କରାଗଲା । ରାଜା ଜଣେ ଷଡ଼ଯନ୍ତ୍ରକାରୀ ଓ ଦେଶଦ୍ରୋହୀ ରୂପେ ବିବେଚିତ ହେଲେ । ରାଜାଙ୍କ ଉପରେ ସମସ୍ତଙ୍କର ବିଶ୍ୱାସ ତୁଟିଗଲା । ସିଂହାସନର ମର୍ଯ୍ୟାଦା କ୍ଷୁର୍ଣ୍ଣ ହେଲା । ରାଜା ନୂତନ ସମ୍ବିଧାନ ପ୍ରତି ନିଜର ଆନୁଗତ୍ୟ ପ୍ରକାଶ କରି ଶପଥ ଗ୍ରହଣ କଲେ । ରାଜାଙ୍କୁ ପୁନଃସ୍ଥାପନ କରାଗଲା ।

ଜାତୀୟ ସଭା ମାତ୍ର ୨ ବର୍ଷ ୬ ମାସ ମଧ୍ୟରେ ବହୁ ଉଲ୍ଲେଖନୀୟ କାର୍ଯ୍ୟ କରିଥିଲା । ଧର୍ମ କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ କରି ଗଣତନ୍ତ୍ରର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ଏକ ନୂତନ ସମାଜର ସ୍ୱାଦ ଚାଖିବା ପାଇଁ ଜନସାଧାରଣ ସୁଯୋଗ ପାଇଥିଲେ । ନୂତନ ସମ୍ବିଧାନ ବ୍ୟବସ୍ଥା ଅନୁଯାୟୀ ନିର୍ବାଚନ ହେଲା ଏବଂ ୧୭୯୧ ଖ୍ରୀ:ଅ: ଅକ୍ଟୋବର ମାସ ୧ ତାରିଖରେ ନବନିର୍ବାଚିତ ବ୍ୟବସ୍ଥାପକ ସଭା (Legislative Assembly) ଦେଶର ପରିଚାଳନା ଦାୟିତ୍ୱ ଗ୍ରହଣ କଲା।

ବ୍ୟବସ୍ଥାପକ ସଭା (ଅକ୍ଟୋବର ୧୭୯୧-ସେପ୍ଟେମ୍ବର ୧୭୯୨)

(Legislative Assembly or Constituent assembly) :

ଜାତୀୟ ଆସେମ୍ବ୍ଲି ଦ୍ୱାରା ପ୍ରସ୍ତୁତ ନୂତନ ସମ୍ବିଧାନ ବହୁ ଆଶା ଓ ଉଦ୍ଦୀପନା ମଧ୍ୟରେ ୧୭୯୧ ଖ୍ରୀ:ଅ: ଅକ୍ଟୋବର ୧ ତାରିଖ ଦିନ କାର୍ଯ୍ୟକାରୀ ହେଲା । ନବନିର୍ବାଚିତ ବ୍ୟବସ୍ଥାପକ ସଭାର ସଦସ୍ୟମାନେ ଅଳ୍ପବୟସ୍କ ଥିଲେ । ସେମାନଙ୍କର ରାଜନୈତିକ ବ୍ୟାପାରରେ କୌଣସି ପ୍ରକାରର ଅଭିଜ୍ଞତା ନଥିଲା କହିଲେ ଚଳେ । ସେମାନଙ୍କ ମଧ୍ୟରୁ ଅନେକେ ଉଗ୍ରପନ୍ଥୀ ଥିଲେ । ସେମାନଙ୍କ ସଂଖ୍ୟା ୭୪୫ । ଅଧିକାଂଶ ଥିଲେ ବୁଦ୍ଧିଜୀବୀ ବା ଆଇନଜ୍ଞ । ରାଜନୈତିକ ଆଦର୍ଶବାଦ ବା ବିଚାରଧାରା ଅନୁଯାୟୀ ସଦସ୍ୟମାନେ ଭିନ୍ନ ଭିନ୍ନ ଦଳରେ ବିଭକ୍ତ ଥିଲେ ଏବଂ ବିଭିନ୍ନ ନେତାଙ୍କ ଦ୍ୱାରା ପରିଚାଳିତ ହେଉଥିଲେ। ନୂତନ ଆଦର୍ଶରେ ଅନୁପ୍ରାଣିତ ଏହି ସଭ୍ୟମାନେ ଜାତୀୟ ଆସେମ୍ବ୍ଲି ପରି ରାଜତନ୍ତ୍ରର ସମର୍ଥକ ଥିଲେ । ବ୍ୟବସ୍ଥାପକ ସଭା ବସିଲା । ସଭାଗୃହ ମଧ୍ୟରେ ଦେଖାଗଲା ଯେ ସେହି ସଭ୍ୟମାନେ ଚାରିଗୋଟି ଦଳରେ ଅନ୍ତର୍ଭୁକ୍ତ । ସେମାନଙ୍କର ନୀତି ଓ ଆଦର୍ଶ ସମ୍ପୂର୍ଣ୍ଣ ଭିନ୍ନ ଭିନ୍ନ ।

ପ୍ରଥମ ଦଳରେ ଥିବା ସଭ୍ୟମାନେ ବିଶ୍ୱାସ କରୁଥିଲେ ଯେ ବିପ୍ଳବ ଅନେକ ଦୂର ଆଗେଇଯାଇଛି ଏବଂ ଏଣିକି ଦେଶରେ ସ୍ଥିରତା ଆବଶ୍ୟକ । ସେମାନେ ସାମ୍ବିଧାନିକ ରୀତିରେ ପ୍ରତ୍ୟେକ ପ୍ରକାରର ସ୍ଥିରତା ଚାହିଁଥିଲେ । ତେଣୁ ଏହି ଦଳର ସଦସ୍ୟମାନଙ୍କୁ ସମ୍ବିଧାନବାଦୀ (Constitutionalist) ବୋଲି ଆଖ୍ୟା ଦିଆଗଲା । ସେମାନେ ସଭାଗୃହରେ ବାଚସ୍ପତିଙ୍କର ଦକ୍ଷିଣ ହସ୍ତ ଦିଗରେ ଆସନ ଅଳଙ୍କୃତ କରୁଥିଲେ । ତେଣୁ ଏମାନଙ୍କୁ ଦକ୍ଷିଣପନ୍ଥୀ ବା Rightist ବୋଲି ଗ୍ରହଣ କରାଯାଇଥିଲା । ଦ୍ୱିତୀୟ ଦଳର ସଦସ୍ୟମାନେ ବାଚସ୍ପତିଙ୍କ ବାମହସ୍ତ ଦିଗରେ ଆସନ ଗ୍ରହଣ କଲେ । ଏମାନଙ୍କୁ ବାମପନ୍ଥୀ (Leftist) କୁହାଗଲା । ଏମାନେ ଥିଲେ ଚରମ ଉଗ୍ରପନ୍ଥୀ । ସେମାନେ ବିପ୍ଳବକୁ ଆହୁରି ଆଗେଇ ନେବାକୁ ଇଚ୍ଛା କରୁଥିଲେ । ବାମପନ୍ଥୀ ସଦସ୍ୟମାନେ ସଂଗଠିତ ହୋଇ ଦଳୀୟ ଚିନ୍ତାଧାରାକୁ ବାସ୍ତବ ରୂପ ଦେବାପାଇଁ ବଦ୍ଧପରିକର ହେଲେ । ଏହି ମତବାଦର ସଦସ୍ୟ ଜ୍ୟାକୋବିନ୍ (Jacobins) ନାମରେ ପରିଚିତ ହେଲେ । ଦେଶର ଚାରିଆଡ଼େ ସେମାନଙ୍କର ସଂଗଠନ ଥିଲା ଏବଂ ସେମାନଙ୍କର ପ୍ରଭାବ ଯଥେଷ୍ଟ ଥିଲା । ବ୍ୟବସ୍ଥାପକ ସଭାଗୃହ ମଧ୍ୟରେ ଏମାନଙ୍କୁ ପର୍ବତ ବା (Mountains) ମଧ୍ୟ କୁହାଯାଉଥିଲା । ତୃତୀୟ ଦଳର ସଦସ୍ୟମାନଙ୍କୁ ଜିରୋଣ୍ଡିଷ୍ଟ (Jirondist) ବୋଲି କୁହାଯାଉଥିଲା । ସେମାନେ ମଧ୍ୟ ବାମ ଦିଗରେ ଆସନ ଗ୍ରହଣ କରୁଥିଲେ । ପ୍ରଥମ ଅବସ୍ଥାରେ Jirondistମାନେ Jacobinsଙ୍କ ସହିତ ମିଳିମିଶି କାର୍ଯ୍ୟ କରୁଥିଲେ; କିନ୍ତୁ କ୍ରମେ ସେମାନଙ୍କ ମଧ୍ୟରେ ପାର୍ଥକ୍ୟ ଦେଖାଦେଇଥିଲା ଏବଂ ସେମାନେ ଏକ ସ୍ୱତନ୍ତ୍ର ଗୋଷ୍ଠୀ ଭାବେ କାର୍ଯ୍ୟ ଆରମ୍ଭ କରିଥିଲେ । Jirondistମାନଙ୍କ ବୁଦ୍ଧିଦାତା ଥିଲେ Brissot । ବିପ୍ଳବର ଭୟାବହ ଘଡ଼ିସନ୍ଧି ବେଳେ ଏହିମାନେ ହିଁ ଫ୍ରାନ୍ସ ଦେଶରେ ସାଧାରଣତନ୍ତ୍ର ପ୍ରତିଷ୍ଠା କରିବା ଲାଗି ଏବଂ ଇଉରୋପୀୟ ଯୁଦ୍ଧ ପାଇଁ ମାର୍ଗ ପ୍ରସ୍ତୁତ କରିଥିଲେ । Brissotଙ୍କ ସହ Madam Roland ଏହି ଗୋଷ୍ଠୀକୁ ବୁଦ୍ଧି ଓ ଦିଗ୍‌ଦର୍ଶନ ଦେଉଥିଲେ । ଚତୁର୍ଥ ଗୋଷ୍ଠୀରେ ନରମପନ୍ଥୀ ସଦସ୍ୟମାନେ କାର୍ଯ୍ୟ କରୁଥିଲେ । ସେମାନେ ଅଧିକାଂଶ ସମୟରେ ନିରପେକ୍ଷ ରହୁଥିଲେ ।

ବ୍ୟବସ୍ଥାପକ ସଭାର ଏହିପରି ଅବସ୍ଥା ବେଳେ ଚରମପନ୍ଥୀ ବିପ୍ଳବୀମାନେ ପ୍ୟାରିସର ଜନସାଧାରଣଙ୍କ ମଧ୍ୟରେ ସବୁ ସ୍ଥାନରେ ବିପ୍ଳବୀ ସମିତିମାନ ଗଠନ କରୁଥିଲେ । ଏହି ସମିତି (Revolutionary Club)ଗୁଡ଼ିକୁ ଉତ୍ତେଜିତ କରୁଥିଲେ ବିପ୍ଳବୀ ନେତାମାନେ । ସେମାନେ ପ୍ରଚାରପତ୍ର ବା ସମ୍ବାଦପତ୍ର ମାଧ୍ୟମରେ ଲୋକଙ୍କ ମନରେ ଭାବପ୍ରବଣତା ସୃଷ୍ଟି କରୁଥିଲେ । ପଥପ୍ରାନ୍ତର ସଭାଗୁଡ଼ିକରେ ବିପ୍ଳବୀମାନଙ୍କୁ ପରିଚାଳିତ କରୁଥିଲେ । ସେହିସବୁ Clubଗୁଡ଼ିକ ମଧ୍ୟରେ Jacobin Club ସର୍ବପ୍ରଥମ ଥିଲା । ଅନ୍ୟ ଗୋଟିଏ ଚରମପନ୍ଥୀ ସଂଗଠନର ନାମ ଥିଲା Corderlier Club । ବାଜ୍ୟାପ୍ତ ହୋଇଥିବା ଗୋଟିଏ ମଠର ନାମ ଅନୁସାରେ ସେହି Clubର ନାମକରଣ କରାଯାଇଥିଲା । ଏହି ସଂଗଠନର ସଭ୍ୟମାନେ ମାନବିକ ଅଧିକାର ଉପରେ ସର୍ବପ୍ରଥମ ଗୁରୁତ୍ୱ ଦେଇଥିଲେ ।

ଜ୍ୟାକୋବିନ୍ କ୍ଲବ୍ (Jacobin Club) :


Rabaspierre

ବିପ୍ଲବର ଦ୍ୱିତୀୟ ପର୍ଯ୍ୟାୟ ରାଜନୀତିରେ ଆସେମ୍ବ୍ଲି ଭିତରେ ଓ ବାହାରେ ଜ୍ୟାକୋବିନ୍ କ୍ଲବ ଏକ ମୁଖ୍ୟ ଅଂଶଗ୍ରହଣ କରିଥିଲା । ଏହି ସଂଗଠନ ପଥପ୍ରାନ୍ତର ସଭାଗୁଡ଼ିକ ମାଧ୍ୟମରେ ରାଜନୈତିକ ପ୍ରଶ୍ନ ଉପରେ ଆଲୋଚନା କରି ଜନମତକୁ ପ୍ରଭାବିତ କରୁଥିଲା । କ୍ରମେ ସମଗ୍ର ଫ୍ରାନ୍ସରେ ଏହି ସଂଗଠନର ବିସ୍ତାର ଲାଭ କରିଥିଲା । ଫ୍ରାନ୍ସରେ ଜ୍ୟାକୋବିନ ସଂଗଠନର ୨୦୦୦ ଶାଖା ଥିଲା । ଫ୍ରାନ୍ସର ଭାଗ୍ୟ ନିୟନ୍ତ୍ରଣ କରିବା ଦିଗରେ Jacobin Clubର ଭୂମିକା ଅତୁଳନୀୟ ଥିଲା । କ୍ରମେ ରକ୍ଷଣଶୀଳ ନେତୃବୃନ୍ଦ ଅପସରିଗଲେ ଓ ଚରମପନ୍ଥୀମାନେ ଏହାର ନେତୃତ୍ୱ ଅଧିକାର କରିନେଲେ । ନିଜର ଲକ୍ଷ୍ୟ ହାସଲ ପାଇଁ ଉଚିତ, ଅନୁଚିତ, ନ୍ୟାୟ, ଅନ୍ୟାୟ ବିଷୟରେ କୌଣସି ବିଚାର ନ କରି ହିଂସା ଓ ଶକ୍ତି ପ୍ରୟୋଗକୁ ଜ୍ୟାକୋବିନମାନେ ନିଜର ପନ୍ଥା ରୂପେ ଗ୍ରହଣ କରିନେଇଥିଲେ । ସମ୍ବିଧାନ ଅନୁଯାୟୀ ଗଠିତ ବ୍ୟବସ୍ଥା ସଭା ଏହି ଚରମପନ୍ଥୀ ସଂଗଠନ ଦ୍ୱାରା ଭୟଭୀତ ଓ ବଶୀଭୂତ ହୋଇ କାର୍ଯ୍ୟ କରୁଥିଲେ । ଜ୍ୟାକୋବିନମାନଙ୍କର ସର୍ବଶ୍ରେଷ୍ଠ ନେତା ଥିଲେ ରବେସପିଅର (Rabaspierre) ।

କର୍ଡଲିଅର କ୍ଲବ୍ (Cordilier Club) :

କର୍ଡ଼ଲିଅର କ୍ଲବର ସଭ୍ୟମାନେ ଜ୍ୟାକୋବିନମାନଙ୍କ ଅପେକ୍ଷା ଅଧିକ ହିଂସାବାଦୀ ଓ ଚରମପନ୍ଥୀ ଥିଲେ । ସମାଜର ନିମ୍ନ ଶ୍ରେଣୀର ସଭ୍ୟମାନଙ୍କୁ ନେଇ ଏହା ଗଠିତ ହୋଇଥିଲା । ପ୍ୟାରିସର ଶ୍ରମିକ ଗୋଷ୍ଠୀ ଉପରେ ଏହାର ପ୍ରଭାବ ଅଧିକ ଥିଲା । ଏମାନେ ଉଗ୍ର ଗଣତନ୍ତ୍ରବାଦୀ ଓ ସାଧାରଣତନ୍ତ୍ରବାଦୀ ଥିଲେ । ଏହା ପ୍ୟାରିସର ଏକ ବିପ୍ଳବୀ ସଂଗଠନ ଥିଲା ଏବଂ ପ୍ୟାରିସ ମଧ୍ୟରେ ଏହା ସୀମାବଦ୍ଧ ହୋଇଥିଲା । ଜ୍ୟାକୋବିନ ସଂଗଠନ ଭଳି ଏହାର ପ୍ରଭାବ ପରିବ୍ୟାପ୍ତ ନଥିଲା । ଦାନ୍ତନ ଏହି ସଂଗଠନର ନେତା ଥିଲେ । ଜନମତ ଏମାନଙ୍କ ଦ୍ୱାରା ପରିଚାଳିତ ଓ ପ୍ରଭାବିତ ହେଉଥିଲା । ବ୍ୟବସ୍ଥା ସଭାକୁ ପ୍ରଭାବିତ କରି ଏମାନେ ରଖିଥିଲେ । ସଭ୍ୟମାନେ ମୁକ୍ତିର ସଙ୍କେତ ରୂପେ ନାଲିଟୋପି bonnet rouge ପିନ୍ଧୁଥିଲେ ।

ଜିରଣ୍ଡିଷ୍ଟ୍ (Jirondist) :

Madame Roland

ଜିରଣ୍ଡ ପ୍ରଦେଶରୁ ଆସିଥିବା ନେତାମାନଙ୍କ ଦ୍ୱାରା ପ୍ରଭାବିତ ହୋଇଥିବା ଅନ୍ୟ ଏକ ପ୍ରଭାବଶାଳୀ ସଂଗଠନ ଫ୍ରାନ୍ସ ରାଜନୀତିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା । ସେହି ସଂଗଠନର ନାମ Jirondist ରଖାଯାଇଥିଲା । ଜିରଣ୍ଡିଷ୍ଟ ବିପ୍ଳବୀ ଚରମପନ୍ଥୀ ଓ ସାଧାରଣତନ୍ତ୍ରବାଦୀ ଥିଲେ । ସଭାଗୃହରେ ସେମାନେ Jacobinମାନଙ୍କ ସହିତ ଆସନ ଗ୍ରହଣ କରୁଥିଲେ । ଭାବପ୍ରବଣ କଳ୍ପନା ବିଳାସିନୀ Madam Roland ସେମାନଙ୍କର ପ୍ରଧାନ ନେତ୍ରୀ ଥିଲେ । ସେହି ସଂଗଠନରେ ବାସ୍ତବଧର୍ମୀ ରାଜନୀତିଜ୍ଞ ନଥିଲେ । ବର୍ଷକ ମଧ୍ୟରେ ଜିରଣ୍ଡିଷ୍ଟମାନେ ରାଜତନ୍ତ୍ରର ପତନ ଘଟାଇବା ସଙ୍ଗେ ସଙ୍ଗେ ଦେଶକୁ ଏକ ଦୀର୍ଘଦିନ ବ୍ୟାପୀ ବୈଦେଶିକ ଯୁଦ୍ଧରେ ସମ୍ପୃକ୍ତ କରାଇଥିଲେ ।

ଫଳରେ ବିରୋଧୀ ଏବଂ ଆଦର୍ଶଗତ ମତପାର୍ଥକ୍ୟ ଥିବା ଗୋଷ୍ଠୀଗୁଡ଼ିକୁ ନେଇ ଫ୍ରାନ୍ସର ରାଜନୀତିକ ପୃଷ୍ଠଭୂମି ବିପ୍ଳବର ଦ୍ୱିତୀୟ ପର୍ଯ୍ୟାୟ ସୃଷ୍ଟି କରିଥିଲା ।

ବ୍ୟବସ୍ଥା ସଭାର କାର୍ଯ୍ୟ (Duties of the Legislative Assembly) : ବ୍ୟବସ୍ଥା ସଭା ପ୍ରଥମ ଅବସ୍ଥାରେ ଧର୍ମ ସମସ୍ୟା ଉପରେ ସୃଷ୍ଟି ହୋଇଥିବା ଗୃହଯୁଦ୍ଧର ମୁକାବିଲା କରିବା ପାଇଁ ଏବଂ ବିଦ୍ରୋହୀ ପୁରୋହିତ

ଗୋଷ୍ଠୀଙ୍କୁ ନିୟନ୍ତ୍ରଣ କରିବା ପାଇଁ ଗୋଟିଏ ନିର୍ଦ୍ଦେଶନାମା ଜାରି କରିଥିଲା । ଏହି ନିର୍ଦ୍ଦେଶନାମାରେ ପୁରୋହିତ ଗୋଷ୍ଠୀଗୁଡ଼ିକୁ ସମ୍ବିଧାନ ପ୍ରତି ଆନୁଗତ୍ୟ ପ୍ରକାଶ କରି ଶପଥ ଗ୍ରହଣ କରିବାକୁ କୁହାଯାଇଥିଲା । ଯେଉଁମାନେ ଏହି ନିର୍ଦ୍ଦେଶନାମାକୁ ଗ୍ରହଣ ନ କଲେ ସେମାନଙ୍କର ଦରମା, ଭତ୍ତା ଓ ଅନ୍ୟାନ୍ୟ ସମସ୍ତ ବୃତ୍ତି ଉଚ୍ଛେଦ କରି ଦିଆଯାଇଥିଲା । ଫଳରେ ବିଦ୍ରୋହ ତୀବ୍ରତର ହେବାର ଆଶଙ୍କା କରାଯାଇଥିଲା । ଷୋଡ଼ଶ ଲୁଇ ଏହି ନିର୍ଦ୍ଦେଶନାମାକୁ ନାପସନ୍ଦ କରି ନିଜର ଭିଟୋ ପ୍ରୟୋଗ ଦ୍ୱାରା ଅକାମୀ କରିଦେଇଥିଲେ । ଏହି ପଦକ୍ଷେପ ରାଜାଙ୍କର ଜନମତ ପ୍ରତି ଅବମାନନା ବୋଲି ବିବେଚିତ ହେଲା । ବ୍ୟବସ୍ଥା ସଭା ଅନ୍ୟ ଦୁଇଟି ନିର୍ଦ୍ଦେଶ ଦେଇଥିଲା, ରାଜା ସେହି ଦୁଇଟିଯାକ ମଧ୍ୟ ଅଗ୍ରାହ୍ୟ କରିଦେବା ଫଳରେ ସମ୍ବିଧାନ ପ୍ରତି ତାଙ୍କର ଆନୁଗତ୍ୟ ନାହିଁ ବୋଲି ଜନମତ ସୃଷ୍ଟି ହେବାକୁ ଲାଗିଲା । କ୍ରମେ ବ୍ୟବସ୍ଥା ସଭା, ବିପ୍ଳବ ବିରୋଧୀ ପୁରୋହିତ ଗୋଷ୍ଠୀ ଓ ଦେଶତ୍ୟାଗୀମାନଙ୍କ ବିରୁଦ୍ଧରେ ବୈଦେଶିକ ଶତ୍ରୁମାନେ ଯୁଦ୍ଧର ଡାକରା ଦେଇଥିଲେ । କାରଣ ରାଜତନ୍ତ୍ର ପ୍ରଚଳିତ ହେଉଥିବା ଦେଶଗୁଡ଼ିକ ଚିନ୍ତା କରିଥିଲେ ଯେ ନୂତନ ଦର୍ଶନ ଉପରେ ପର୍ଯ୍ୟବସିତ ଏହି ବୈପ୍ଳବିକ ଗଣତନ୍ତ୍ର ସେମାନଙ୍କ ଦେଶଗୁଡ଼ିକୁ ବ୍ୟାପୀ ତାଙ୍କର କ୍ଷତି ଘଟାଇପାରେ । ବିପ୍ଳବୀମାନଙ୍କର ପ୍ରଚାରଧର୍ମୀ କାର୍ଯ୍ୟକଳାପକୁ ଇଉରୋପୀୟ ଶାସକଗୋଷ୍ଠୀ ସନ୍ଦେହ କରିବାକୁ ଆରମ୍ଭ କଲେ । କ୍ରମେ ବିପ୍ଳବର ଭୟ ସେମାନଙ୍କୁ ଗ୍ରାସ କରିବା ଫଳରେ ସେହିସବୁ ଦେଶଗୁଡ଼ିକ ଏକତ୍ରିତ ହେବାରେ ତତ୍ପର ହୋଇଉଠିଥିଲେ । ଦେଶତ୍ୟାଗୀମାନେ ଇଉରୋପର ବିଭିନ୍ନ ରାଜପରିବାରରେ ଆଶ୍ରୟ ନେଇଥିଲେ । ସେମାନଙ୍କୁ ଫେରାଇ ଦେବାକୁ କହିବାରୁ Austria ଇତ୍ୟାଦି କେତେକ ଦେଶ ଫ୍ରାନ୍‌ସ ବିରୁଦ୍ଧରେ ଯୁଦ୍ଧ କରିବା ପାଇଁ ପ୍ରସ୍ତୁତ ହୋଇଥିଲା । ଫ୍ରାନ୍‌ସର ଜନସାଧାରଣ ଅଷ୍ଟ୍ରିଆ ବିରୋଧରେ ବିଶୋଦ୍‌ଗାର କରିବାକୁ ଆରମ୍ଭ କଲେ । ଫ୍ରାନ୍‌ସ ଅଷ୍ଟ୍ରିଆକୁ କୈଫିୟତ ତଲବ କରି ଏକ ଚରମପତ୍ର ପଠାଇଲା । ଅଷ୍ଟ୍ରିଆ ଏହାକୁ ଭ୍ରୂକ୍ଷେପ କଲା ନାହିଁ । ଫଳରେ ଫ୍ରାନ୍‌ସର ଆସେମ୍ବ୍ଲିରେ ସମସ୍ତେ ଅଷ୍ଟ୍ରିଆ ବିରୁଦ୍ଧରେ ଯୁଦ୍ଧ ଘୋଷଣା କରିବାକୁ ସ୍ଥିର କଲେ । ଫ୍ରାନ୍‌ସ ଅଷ୍ଟ୍ରିଆ ବିରୁଦ୍ଧରେ ୧୭୯୨ ମସିହା ଅପ୍ରେଲ ୨୦ ତାରିଖ ଦିନ ଯୁଦ୍ଧ ଘୋଷଣା କଲା । ୧୮୧୫ ମସିହାରେ ୱାଟରଲୁ ଯୁଦ୍ଧରେ ଏହାର ପରିସମାପ୍ତି ଘଟିଥିଲା । ଯୁଦ୍ଧର ପରିଣତି ଫ୍ରାନ୍‌ସର ପ୍ରତିକୂଳ ଥିଲା । ସୈନ୍ୟବାହିନୀର ଦୁର୍ବଳତା, ଖାଦ୍ୟ ଓ ଯୁଦ୍ଧୋପକରଣର ସ୍ୱଳ୍ପତା, ଜୀର୍ଣ୍ଣ ଦୁର୍ଗଗୁଡ଼ିକର ପୁନରୁଦ୍ଧାର ଓ ରକ୍ଷଣାବେକ୍ଷଣର ଅଭାବ ଇତ୍ୟାଦି କାରଣଗୁଡ଼ିକ ପାଇଁ ଫରାସୀମାନଙ୍କୁ ପରାଜୟ ସ୍ୱୀକାର କରିବାକୁ ପଡ଼ିଥିଲା । ଯୁଦ୍ଧ ବିପର୍ଯ୍ୟୟ ସାଙ୍ଗକୁ ଧର୍ମ ପ୍ରଶ୍ନ ଉପରେ ଗୃହଯୁଦ୍ଧ ବ୍ୟାପକ ଆକାର ଧାରଣ କଲା । ଏହି ପରିସ୍ଥିତିର ମୁକାବିଲା କରିବାକୁ ବ୍ୟବସ୍ଥା ସଭା ଦୁଇଟି ପ୍ରସ୍ତାବ ଗ୍ରହଣ କଲା । ସେଥିମଧ୍ୟରୁ ପ୍ୟାରିସ ପାଇଁ ୨୦ ହଜାର ସୈନ୍ୟବିଶିଷ୍ଟ ଏକ ସ୍ୱତନ୍ତ୍ର ସେନାବାହିନୀ ଗଠନ କରିବା ପ୍ରଥମ ପ୍ରସ୍ତାବ ଥିଲା ଏବଂ ଅନ୍ୟଟି ସମ୍ବିଧାନ ପ୍ରତି ଆନୁଗତ୍ୟ ପ୍ରକାଶ କରିନଥିବା ପୁରୋହିତ ଗୋଷ୍ଠୀକୁ ଉପନିବେଶକୁ ପଠାଇବା । ସହସ୍ରାଧିକ ଲୋକ ଲାଲ ଟୋପି ପିନ୍ଧି, ବିଭିନ୍ନ ପ୍ରକାରର ଅସ୍ତ୍ର ଧାରଣ କରି ଟୁଇଲେରୀ ରାଜପ୍ରାସାଦର ମୁଖ୍ୟଦ୍ୱାର ଭାଙ୍ଗି ଭିତରେ ପ୍ରବେଶ କଲେ । ଷୋଡ଼ଶ ଲୁଇ ଉତ୍ତ୍ୟକ୍ତ ଜନତାଙ୍କୁ କୌଣସି ପ୍ରତିଶ୍ରୁତି ଦେଲେ ନାହିଁ । ଜନସାଧାରଣ ରାଜାଙ୍କୁ ଅପମାନିତ କରି ଫେରିଗଲେ ।

ବ୍ରୁନ୍ସୱଇକ ଡ୍ୟୁକଙ୍କ ଘୋଷଣା
(Declaration of Duke of Brunswick) :

ଫ୍ରାନ୍‌ସ ଯୁଦ୍ଧ ଘୋଷଣା ବେଳକୁ ଅଷ୍ଟ୍ରିଆର ରାଜା ଥିଲେ Francis-II. ସେ ଏବଂ ପ୍ରୁସିଆର ରାଜା ଦ୍ୱିତୀୟ ଫ୍ରେଡ଼େରିକ ଉଇଲିୟମ୍ ମିଳିତ ଭାବେ ୮୦ ସହସ୍ର ସୈନ୍ୟ ସହ ଫ୍ରାନ୍‌ସ ବିରୋଧରେ ଯୁଦ୍ଧ ଆରମ୍ଭ କଲେ । ସେହି ଘଡ଼ିସନ୍ଧି ମୁହୂର୍ତ୍ତରେ ଫରାସୀ ଜାତିର ପ୍ରାଣରେ ଏକ ଭୟର ଛାୟା ଖେଳିଗଲା । ମାତୃଭୂମିର ରକ୍ଷା ପାଇଁ ସମଗ୍ର ଜାତି ଏକଜୁଟ ହେଲେ । ଜାତୀୟ ରକ୍ଷାବାହିନୀର ସେନାପତି ଭାବରେ ବିପ୍ଳବୀ

Francis II



Fredrick William II

ଲେଫାୟତ ସୈନ୍ୟଚାଳନା ଦାୟିତ୍ୱ ଗ୍ରହଣ କଲେ । ଦେଶାତ୍ମବୋଧ ମନ୍ତ୍ରରେ ଫରାସୀ ଜାତି କ୍ରମେ ଅନୁପ୍ରାଣିତ ହେଲେ । ସମର ସଙ୍ଗୀତ ଗାନ କରି ସୈନ୍ୟମାନେ କ୍ରମେ ଅଗ୍ରସର ହେଲେ । ସମର ସଙ୍ଗୀତ କ୍ରମେ ଜାତୀୟ ସଙ୍ଗୀତରେ ପରିଣତ ହେଲା । ଫରାସୀମାନଙ୍କ ପାଖରେ ଅସ୍ତ୍ରଶସ୍ତ୍ରର ଅଭାବ ଥିଲା । ଫଳରେ ଯୁଦ୍ଧର ଆରମ୍ଭ ସମୟରେ ଫରାସୀମାନେ ପରାଜୟ ସ୍ୱୀକାର କଲେ । ଦେଶର ପୂର୍ବ ସୀମାନ୍ତରେ ଶତ୍ରୁପକ୍ଷର ସେନାପତି ବ୍ରୁନସଉଇକ୍ (Duke of Brunswick) ସହଜରେ ସୀମା ଅତିକ୍ରମ କରି ପ୍ୟାରିସ ଅଭିମୁଖେ ଯାତ୍ରା କରିବାକୁ ପ୍ରସ୍ତୁତ ହେଲେ । ପ୍ୟାରିସରେ ଆତଙ୍କ ଖେଳିଗଲା । କ୍ରମେ ଫରାସୀମାନଙ୍କର ରାଜା ଓ ରାଣୀଙ୍କ ଉପରେ କ୍ରୋଧ ବଢ଼ିଲା । କ୍ରୋଧାନ୍ୱିତ ଜନତା ଜୁନ୍ ମାସ ୨୦ ତାରିଖରେ ରାଜପ୍ରାସାଦରେ ପ୍ରବେଶ କଲେ ।

ଏହି ଘଟଣାର ଫଳସ୍ୱରୂପ ୧୭୯୨ ମସିହା ଜୁଲାଇ ମାସ ୨୫ ତାରିଖ ଦିନ ବ୍ରୁନସଉଇକ (Brunswick) ଫରାସୀ ଜାତି ଉଦ୍ଦେଶ୍ୟରେ ଗୋଟିଏ ଚରମପତ୍ର ଘୋଷଣା କଲେ । ସେ ଧମକ ଦେଲେ ଯେ ଫ୍ରାନ୍ସ ଦେଶର ରାଜବଂଶର ଯେକୌଣସି ବ୍ୟକ୍ତିଙ୍କ ପ୍ରତି ଯଦି ଜନତା କୌଣସି ପ୍ରକାରର ହିଂସା ଆଚରଣ କରନ୍ତି ତାହାହେଲେ ଅଷ୍ଟ୍ରିଆ ଓ ପ୍ରୁସିଆର ମିଳିତ ସୈନ୍ୟବାହିନୀ ପ୍ୟାରିସ ନଗରୀକୁ ଧ୍ୱଂସ କରିଦେବେ । ବ୍ରୁନସ୍‌ଉଇକ୍ ଭାବିଥିଲେ ଯେ ଏପରି ଧମକ ଚମକ ବଳରେ ସେ ଫରାସୀ ରାଜବଂଶକୁ ସୁରକ୍ଷା ପ୍ରଦାନ କରିବେ; ମାତ୍ର ଫଳ ତାଙ୍କ ପାଇଁ ବିପରୀତ ହେଲା । ତାଙ୍କର ସତର୍କବାଣୀ ରାଜପରିବାର ପାଇଁ ମୃତ୍ୟୁଘଣ୍ଟିରେ ପରିଣତ ହେଲା ।

ଅଗଷ୍ଟ ୧୦, ୧୭୯୨ ବିଦ୍ରୋହ (Revolt of 10th August, 1792) :

ବ୍ରୁନସ୍‌ଉଇକ୍ ଘୋଷଣାର ପ୍ରତିକ୍ରିୟା ସ୍ୱରୂପ ସହସା ପ୍ୟାରିସ ସହର ଏକ ଉପଦ୍ରୁତ ଅଞ୍ଚଳରେ ପରିଣତ ହେଲା । ଅଗଷ୍ଟ ମାସ ୯ ତାରିଖ ଏବଂ ୧୦ ତାରିଖ ଦୁଇଟି ଦିନରେ ଉତ୍ତ୍ୟକ୍ତ ଜନତା ରାଜତନ୍ତ୍ର ବିରୋଧରେ ବିଦ୍ରୋହ ଆରମ୍ଭ କଲେ । ଉଗ୍ରପନ୍ଥୀମାନେ ଗୋଟିଏ ବୈପ୍ଳବିକ ସମିତି (Revolutionary Committee) ଗଠନ କଲେ । ଦିନ ୧୦ଟା ସମୟରେ ବିକ୍ଷୁବ୍ଧ ଜନତା ଟୁଇଲେରୀ ଦୁର୍ଗ ଆକ୍ରମଣ କଲେ । ରାଜା ଓ ରାଜପରିବାର ଦୁର୍ଗ ପରିତ୍ୟାଗ କରି ବ୍ୟବସ୍ଥା ସଭାର ସାହାଯ୍ୟପ୍ରାର୍ଥୀ ହୋଇ ଏକ କ୍ଷୁଦ୍ର କକ୍ଷରେ ଅବସ୍ଥାନ କଲେ । ବିପ୍ଳବୀ ଏବଂ ପ୍ରାସାଦର ରକ୍ଷୀମାନଙ୍କ ମଧ୍ୟରେ ପ୍ରବଳ ସଂଘର୍ଷ ହେଲା । ଷୋଡ଼ଶ ଲୁଇ ଗୋଳାବର୍ଷଣ ବନ୍ଦ କରିବା ପାଇଁ ନିର୍ଦ୍ଦେଶ ଦେଲେ । ରକ୍ତପିପାସୁ ହିଂସ୍ର ଜନତା ୮୦୦ ରକ୍ଷୀଙ୍କୁ ହତ୍ୟା କଲେ । ଫରାସୀ ବିପ୍ଳବୀମାନଙ୍କ ମଧ୍ୟରୁ ଅନେକ ମୃତ୍ୟୁବରଣ କଲେ । ମୃତ୍ୟୁସଂଖ୍ୟା ୫୦୦୦କୁ ବୃଦ୍ଧି ପାଇଲା । ଟୁଇଲେରୀ ଦୁର୍ଗ ଏକ ଧ୍ୱଂସସ୍ତୂପରେ ପରିଣତ ହେଲା । ବ୍ୟବସ୍ଥା ସଭାର ଆଲୋଚନା ପରେ ବିଦ୍ରୋହୀମାନଙ୍କର ନିର୍ଦ୍ଦେଶାନୁଯାୟୀ ରାଜା ଅସ୍ଥାୟୀ ଭାବେ ଗାଦିଚ୍ୟୁତ ହେଲେ । ପ୍ୟାରିସର ପୌରସଭା ହାତରେ ରାଜାଙ୍କୁ ସମର୍ପଣ କରାହେଲା । ରାଜା ଟେମ୍ପଲ ଦୁର୍ଗରେ ବନ୍ଦୀ ହେଲେ । ରାଜାଙ୍କ ସିଂହାସନଚ୍ୟୁତ ପ୍ରଶ୍ନ ଉପରେ ଆଲୋଚନା କରି ନିଷ୍ପତ୍ତି ନେବା ନିମିତ୍ତ ଏକ ଜାତୀୟ ମହାସଭା (National Convention) ଡକାଯିବା ପାଇଁ ସ୍ଥିର କରାଗଲା । **୧୭୯୨ ଖ୍ରୀ:ଅ: ଅଗଷ୍ଟ ୧୦ ତାରିଖ ଦିନ ଫ୍ରାନ୍ସ ଏକ ଗଣତନ୍ତ୍ର ରାଷ୍ଟ୍ର ହେଲା** ଏବଂ ଏହିଦିନକୁ ରାଜତନ୍ତ୍ରର ଅନ୍ତିମ ଦିବସ ରୂପେ ଘୋଷଣା କରାଗଲା ।

ସେପ୍ଟେମ୍ବର ଗଣହତ୍ୟା (September Massacre) :

ଫ୍ରାନ୍ସରେ ରାଜତନ୍ତ୍ର ଅବସାନର ୯ ଦିନ ପରେ ଅଗଷ୍ଟ ୧୯ ତାରିଖ ଦିନ ୨୦,୦୦୦ ଅଷ୍ଟ୍ରିଆ ସୈନ୍ୟ, ୪୨,୦୦୦ ପ୍ରୁସିଆ ସୈନ୍ୟ ଓ ୮,୦୦୦ ଦେଶତ୍ୟାଗୀ ଫ୍ରାନ୍ସ ଅଭିମୁଖେ ଅଭିଯାନ ଆରମ୍ଭ କଲେ । ଅଗଷ୍ଟ ୨୨ ତାରିଖରେ ଲଙ୍ଗୱି (Longwy) ଏବଂ ସେପ୍ଟେମ୍ବର ୨ ତାରିଖ ଦିନ ଭରଦୁଁ (Verdun)ର ପତନ ହେଲା–ଭରଦୁଁର ପତନ

ଘଟିବା ପରେ ରାଜଧାନୀ ପ୍ୟାରିସରେ ରାଜାଙ୍କର ସମର୍ଥକମାନଙ୍କୁ ହତ୍ୟା କରାଗଲା । ସେପ୍ଟେମ୍ବର ୨ ତାରିଖଠାରୁ ସେପ୍ଟେମ୍ବର ୫ ତାରିଖ ପର୍ଯ୍ୟନ୍ତ ଅବାରିତ ନରହତ୍ୟା ଚାଲିଲା । ଅନେକ ସାମନ୍ତ, ପୁରୋହିତ ଓ ସନ୍ଦେହୀ ବ୍ୟକ୍ତିମାନଙ୍କୁ ହତ୍ୟା କରାଗଲା । ଏହି ଗଣହତ୍ୟା ଫରାସୀ ରାଷ୍ଟ୍ରବିପ୍ଳବର ଏକ କଳଙ୍କମୟ ଅଧ୍ୟାୟ ଥିଲା । ଫଳରେ ଫ୍ରାନ୍ସରେ ଜ୍ୟାକୋବିନ୍ ଏବଂ ଜିରଣ୍ଡିଷ୍ଟମାନଙ୍କ ମଧ୍ୟରେ ଥିବା ପାର୍ଥକ୍ୟ ବୃଦ୍ଧି ପାଇବାରେ ଲାଗିଲା । ଆଭ୍ୟନ୍ତରୀଣ ବିଦ୍ରୋହୀମାନଙ୍କୁ ହତ୍ୟା କରିସାରିବା ପରେ ଜ୍ୟାକୋବିନ୍‌ମାନେ ବୈଦେଶିକ ଶତ୍ରୁର ମୁକାବିଲା କରିବା ନିମିତ୍ତ ସୈନ୍ୟ ସଜାଗ କରିବାରେ ଲାଗିପଡ଼ିଲେ । ସମଗ୍ର ଇଉରୋପକୁ ବିସ୍ମିତ କରି ୧୭୯୨ ମସିହା ସେପ୍ଟେମ୍ବର ୨୦ ତାରିଖ ଦିନ ବିପ୍ଳବୀ ସୈନ୍ୟବାହିନୀ ଭାଲମି (Valmy) ଠାରେ ପ୍ରୁସିଆର ସୈନ୍ୟବାହିନୀ ଉପରେ ବିଜୟ ହାସଲ କଲେ । ଫରାସୀ ସୈନ୍ୟବାହିନୀର ଆତ୍ମବିଶ୍ୱାସ ଦୃଢ଼ ହେଲା । ଏହି ବିଜୟ ଯୁଦ୍ଧର ଗତି ପରିବର୍ତ୍ତନ କରିଦେବା ସଙ୍ଗେ ସଙ୍ଗେ ଫରାସୀ ଜାତିକୁ ଏକ ନୂତନ ଉଦ୍ଦୀପନା ଦେଇଥିଲା । ଜାତୀୟ ମହାସଭା କାର୍ଯ୍ୟଭାର ଗ୍ରହଣ କରି ପ୍ରଥମ ଅଧିବେଶନ ପାଇଁ ପ୍ରସ୍ତୁତ ହେଲା ।

ଜାତୀୟ କନଭେନସନ ଓ ଆତଙ୍କରାଜ (National Convention and the Reign of Terror) :

ଫରାସୀ ବିପ୍ଳବର ରୋମାଞ୍ଚକାରୀ ଇତିହାସରେ ଜାତୀୟ କନଭେନସନ୍ ବା ଜାତୀୟ ମହାସଭାର ଭୂମିକା ଓ କାର୍ଯ୍ୟାବଳୀ ଏକ ଚାଞ୍ଚଲ୍ୟପୂର୍ଣ୍ଣ ଓ ଉଲ୍ଲେଖନୀୟ ପରିଚ୍ଛେଦ ହୋଇ ରହିଅଛି । ଫ୍ରାନ୍ସର ଏକ ସଙ୍କଟମୟ ମୁହୂର୍ତ୍ତରେ ଜାତୀୟ ମହାସଭା ତା'ର କାର୍ଯ୍ୟ ଆରମ୍ଭ କରିଥିଲା । ଏହାର ସମସ୍ୟା ଥିଲା ଅସୀମ, ସମ୍ବଳ ଥିଲା ସୀମିତ ଓ ଶକ୍ତି ଥିଲା ସନ୍ଦେହଜନକ । କନଭେନସନ, ଶାସନଭାର ଗ୍ରହଣ କରିବା ସଙ୍ଗେ ସଙ୍ଗେ ଫ୍ରାନ୍ସ ଦେଶରେ ରାଜତନ୍ତ୍ରର ଲୋପ ପାଇବା କଥା ଘୋଷଣା କଲା । ଏଥିସହ ସେପ୍ଟେମ୍ବର ୨୨ ତାରିଖଠାରୁ ସାଧାରଣତନ୍ତ୍ରର ପ୍ରଥମ ବର୍ଷ ଆରମ୍ଭ ହେଲା ବୋଲି ମଧ୍ୟ ଘୋଷଣା କରାଯାଇଥିଲା । ପରେ ପରେ ସମ୍ଭ୍ରାନ୍ତମାନଙ୍କୁ ଚିରଦିନ ପାଇଁ ଦେଶରୁ ବହିଷ୍କାର କରି ରାଜା ଷୋଡ଼ଶ ଲୁଇଙ୍କର ବିଚାର ହେବ ବୋଲି ଘୋଷଣା କରାଯାଇଥିଲା । ଏତଦ୍‌ବ୍ୟତୀତ କ୍ଷମତାର ବିକେନ୍ଦ୍ରୀକରଣ ହେତୁ ପ୍ରଶାସନିକ ଅବ୍ୟବସ୍ଥାର ସମାଧାନ, ଏକ ସୁଦୃଢ଼ ସରକାର ଗଠନ, ଜାତୀୟ ସଭା ଦ୍ୱାରା ଆରମ୍ଭ ହୋଇଥିବା ସାମାଜିକ ଓ ଅର୍ଥନୈତିକ ସଂସ୍କାରଗୁଡ଼ିକୁ ସୂଚାରୁ ରୂପେ କାର୍ଯ୍ୟକାରୀ କରିବା ଏବଂ ଏକ ନୂତନ ସମ୍ବିଧାନ ପ୍ରସ୍ତୁତ କରିବା ଇତ୍ୟାଦି ଅନେକ କାର୍ଯ୍ୟ କରିବାକୁ ଜାତୀୟ କନଭେନସନକୁ ପଡ଼ିଥିଲା ।

ଜାତୀୟ କନଭେନସନ କକ୍ଷର ଦକ୍ଷିଣ ଭାଗରେ ପ୍ରାୟ ଦୁଇଶହ ଜିରଣ୍ଡିଷ୍ଟ ବସୁଥିଲେ । ସେମାନେ ଗଣତାନ୍ତ୍ରିକ ସାଧାରଣତନ୍ତ୍ରରେ ବିଶ୍ୱାସ କରୁଥିଲେ । କକ୍ଷର ବାମ ପାର୍ଶ୍ୱରେ ପ୍ରାୟ ଏକଶହ ଚରମ ଉଗ୍ରପନ୍ଥୀ ଜ୍ୟାକୋବିନମାନେ ବସୁଥିଲେ । ଏହିମାନଙ୍କ ମଧ୍ୟଭାଗରେ କନଭେନସନର ସଂଖ୍ୟାଧିକ ସଦସ୍ୟ ବସୁଥିଲେ । ଏମାନଙ୍କୁ Plain ବା ସମତଳ ଭୂମି ବୋଲି କୁହାଯାଉଥିଲା । ଏମାନଙ୍କର କୌଣସି ଆଦର୍ଶ ବା ନୀତି ନଥିଲା । ଭୟରେ ଏମାନେ ଜ୍ୟାକୋବିନମାନଙ୍କୁ ସମର୍ଥନ କରୁଥିଲେ ।

ଷୋଡ଼ଶ ଲୁଇଙ୍କ ବିଚାର ଓ ମୃତ୍ୟୁଦଣ୍ଡ (Trial of Louis XVI and his Death Sentence) :

ଷୋଡ଼ଶ ଲୁଇଙ୍କ ଭାଗ୍ୟ ନିର୍ଣ୍ଣୟ କରିବା ଥିଲା ଜାତୀୟ କନଭେନସନର ପ୍ରଥମ କାର୍ଯ୍ୟ । ପ୍ରାସାଦ ମଧ୍ୟରୁ ଉଦ୍ଧାର କରାଯାଇଥିବା କାଗଜପତ୍ରରୁ ଜଣାପଡ଼ିଲା ଯେ ରାଜା ଜାତୀୟ ସମ୍ବିଧାନ ସଭାରେ କେତେକ ସଭ୍ୟଙ୍କୁ ଉତ୍କୋଚ ଦେଇ ନିଜ ସପକ୍ଷରେ ରଖିଥିଲେ । ଏହି କାଗଜରୁ ଆହୁରି ମଧ୍ୟ ପ୍ରମାଣ ମିଳିଥିଲା ଯେ ରାଜା ଷୋଡ଼ଶ ଲୁଇ ନିଜ ଦେଶ ବିରୋଧରେ ବିଦେଶୀ ଶକ୍ତିମାନଙ୍କ ସହିତ ଷଡ଼ଯନ୍ତ୍ର କରୁଥିଲେ । ଏହିସବୁ ଗୁରୁତର ଅପରାଧ ଯୋଗୁଁ ଡିସେମ୍ବର ମାସରେ କନଭେନସନ ଦ୍ୱାରା ରାଜାଙ୍କର ବିଚାର କରାଗଲା । ସଭାଗୃହରେ ମୃତ୍ୟୁଦଣ୍ଡ ସପକ୍ଷରେ ୩୮୭ ଜଣ ସଦସ୍ୟ ମତ ଦେବା ସ୍ଥଳେ ୩୩୪ ଜଣ ବିପକ୍ଷରେ ମତ ପ୍ରଦାନ କରିଥିଲେ । ମୃତ୍ୟୁଦଣ୍ଡ ସପକ୍ଷରେ ମତ ଦେଇଥିବା ବ୍ୟକ୍ତିମାନଙ୍କ ମଧ୍ୟରେ

Louis XVI

ଷୋଡ଼ଶ ଲୁଇଙ୍କର ସମ୍ପର୍କୀୟ ଭାଇ ଡିଉକ୍ ଅଫ୍ ଅର୍ଲିୟାନସ ମଧ୍ୟ ମତ ପ୍ରଦାନ କରିଥିଲେ । ବହୁ ବାଦାନୁବାଦ ପରେ ଅବଶେଷରେ ୧୭୯୩ ମସିହା ଜାନୁୟାରୀ ମାସ ୨୧ ତାରିଖ ଦିନ ଫ୍ରାନ୍‌ସର ମହାନ ବୁର୍‌ବୋଁ ଏବଂ ରାଜା ଷୋଡ଼ଶ ଲୁଇଙ୍କୁ ଗିଲୋଟିନ ଦ୍ୱାରା ନିଧନ କରାଗଲା । ଯେଉଁ ସ୍ଥାନରେ ରାଜା ପଞ୍ଚଦଶ ଲୁଇଙ୍କ ପ୍ରତିମୂର୍ତ୍ତି ରଖାଯାଇଥିଲା ସେହିସ୍ଥାନ ନିକଟରେ ଷୋଡ଼ଶ ଲୁଇଙ୍କ ଲାଗି ଗିଲୋଟିନ୍ ସ୍ଥାପିତ ହେଲା । ପୂର୍ବାହ୍ନ ଦଶଟା ସମୟରେ ରାଜା ଗିଲୋଟିନ୍ ଉପରକୁ ଉଠିଗଲେ ଏବଂ ଉଚ୍ଚସ୍ୱରରେ କହିଥିଲେ, "Gentlemen I am innocent of that of which I am accused let my blood assure the happiness of French" ଭଦ୍ରବ୍ୟକ୍ତିଗଣ ! ଯେଉଁ ବିଷୟରେ ମୋତେ ଅଭିଯୁକ୍ତ କରାଯାଇଛି ସେଥିରେ ମୁଁ ନିର୍ଦ୍ଦୋଷ । ମୋର ରକ୍ତ ଦ୍ୱାରା ଫରାସୀ ଜାତିର ସୁଖ ନିଶ୍ଚିତ ହେଉ । ଅନ୍ୟ କିଛି କହିବା ପୂର୍ବରୁ ପ୍ରଚଣ୍ଡ ବାଦ୍ୟ ଧ୍ୱନି ମଧ୍ୟରେ ରାଜାଙ୍କୁ ଗିଲୋଟିନ ତଳେ ଶୁଆଇ ଦିଆଗଲା ଓ ଶିରଚ୍ଛେଦନ କରାଗଲା ।

ଇଉରୋପୀୟ ଯୁଦ୍ଧ (The Europian War) :

ଷୋଡ଼ଶ ଲୁଇଙ୍କ ନିଧନ ଇଉରୋପୀୟ ରାଜତନ୍ତ୍ର ପ୍ରତି ଏକ ଚରମ ଧକ୍କା ଥିଲା । ଇଉରୋପୀୟ ରାଜାମାନଙ୍କ ମଧ୍ୟରେ ଏକ ଚାଞ୍ଚଲ୍ୟ ସୃଷ୍ଟି ହୋଇଥିଲା । ସେମାନେ ନିଜ ପ୍ରତି ବିପଦର ଆଶଙ୍କାରେ ଆତଙ୍କିତ ହେଲେ । ସେମାନଙ୍କ ଦେଶ ମଧ୍ୟରେ ଥିବା ଅସନ୍ତୁଷ୍ଟ ଗୋଷ୍ଠୀ ଉତ୍ତେଜିତ ଓ ସକ୍ରିୟ ହୋଇଉଠିବା ଦେଖି ରାଜାମାନେ ଫରାସୀ ଜାତିର ଶତ୍ରୁ ରୂପେ କାର୍ଯ୍ୟ କରିବାକୁ ସ୍ଥିର କଲେ । ଅଷ୍ଟ୍ରିଆ, ପ୍ରୁସିଆ ସହିତ ଇଂଲଣ୍ଡ, ଋଷିଆ, ସ୍ପେନ, ହଲାଣ୍ଡ, ଇଟାଲୀ ଓ ଜର୍ମାନ ରାଜ୍ୟଗୁଡ଼ିକ ଯୋଗଦେଲେ । ରାଜାଙ୍କ ହତ୍ୟା ବିରୋଧରେ ଯୁଦ୍ଧ ଆରମ୍ଭ ହେଲା ବୋଲି କୁହାଗଲା । ଇଉରୋପ ମହାଦେଶର ରାଜଶକ୍ତିମାନଙ୍କର ଏପରି ମିଳନ ଫ୍ରାନ୍‌ସ ପ୍ରତି ଦାରୁଣ ବିପଦ ସୃଷ୍ଟି କରିଥିଲା । ଏହି ରାଜଶକ୍ତିମାନଙ୍କର ମିଳନକୁ ପ୍ରଥମ ଇଉରୋପୀୟ ମିଳିତ ଶକ୍ତି ମେଣ୍ଟ (୧୭୯୩) ବୋଲି କୁହାଯାଏ ।

ଏ ପ୍ରକାରର ଘଡ଼ିସନ୍ଧି ମୁହୂର୍ତ୍ତରେ କେତେକ ସ୍ଥାନରେ ଜାତୀୟ କନଭେନସନ୍ ବିପକ୍ଷରେ ବିଦ୍ରୋହ ଦେଖାଦେଲା । ଲକ୍ଷାଧିକ କୃଷକ ଏକଜୁଟ ହୋଇ ଭେଣ୍ଡି (Vendee) ନାମକ ସ୍ଥାନରେ ସାଧାରଣତନ୍ତ୍ର ବିରୋଧରେ ସ୍ୱର ଉତ୍ତୋଳନ କଲେ । ରାଜହତ୍ୟାକାରୀ ଓ ଧର୍ମଦ୍ରୋହୀ ସରକାରଙ୍କ ପ୍ରତି ସେମାନେ ଅବଜ୍ଞା ପ୍ରକାଶ କଲେ । କ୍ରମେ ଏ ପ୍ରକାରର ବିଦ୍ରୋହ ଅନ୍ୟ ସ୍ଥାନକୁ ବ୍ୟାପିଗଲା । ଏହି ସମୟରେ ଫରାସୀ ସୈନ୍ୟବାହିନୀର ସର୍ବୋଚ୍ଚ ସେନାପତି ଡ୍ୟୁ ମୋରିଏଜ୍ କନଭେନସନ୍ ବିରୋଧରେ ଷଡ଼ଯନ୍ତ୍ର କରି ଦେଶଦ୍ରୋହୀ ଭାବରେ ପଳାଇଯାଇ ଶତ୍ରୁପକ୍ଷ ସହିତ ଯୋଗ ଦେଲେ । ମିଳିତ ଶତ୍ରୁପକ୍ଷର ସୈନ୍ୟମାନେ ବେଲ୍‌ଜିୟମ୍ ଓ ରାଇନ୍ ଅଞ୍ଚଳ ଅଧିକାର କରି ପ୍ୟାରିସ ଦିଗକୁ ଅଗ୍ରସର ହେଲେ । କନଭେନସନ ଅଦ୍ଭୁତ ଦକ୍ଷତା ପ୍ରଦର୍ଶନ କରି ଶତ୍ରୁମାନଙ୍କ ବିରୋଧରେ ଜାତୀୟ ସଂଗ୍ରାମ ଚଳାଇଲେ । କାରନାଟ୍ ନାମକ ଜଣେ ବିଚକ୍ଷଣ ନେତାଙ୍କ ତତ୍ତ୍ୱାବଧାନରେ ଓ ଜ୍ୟାକୋବିନ୍ ଦଳର ପୂର୍ଣ୍ଣ ସହାୟତାରେ ଫ୍ରାନ୍‌ସରେ ଏକ ବିରାଟ ସୈନ୍ୟବାହିନୀ ଗଢ଼ିଉଠିଲା । ୧୭୯୩ ମସିହା ଫେବୃୟାରୀ ମାସରେ ବାଧ୍ୟତାମୂଳକ ଭାବେ ଅର୍ଦ୍ଧନିୟୁତ ସୈନ୍ୟ ସଂଗ୍ରହ ନିମନ୍ତେ ଆଇନ ଜାରି କରାହେଲା । ଗୋଟିଏ ଜାତୀୟ ବାହିନୀ ଗଠନ କରିବାକୁ ସ୍ଥିର କରାହେଲା । ମୋରେ, ପିଚେଗ୍ରୁ ଓ ଜୌର୍ଡ଼ାନ୍ ପ୍ରଭୃତି ସେନାଧ୍ୟକ୍ଷମାନେ ଅପୂର୍ବ ବୀରତ୍ୱ ସହ ଶତ୍ରୁପକ୍ଷର ମୁକାବିଲା କଲେ । ଫରାସୀ ଜାତି କ୍ରମେ ଅସ୍ତ୍ର ସଜ୍ଜିତ ଜାତିରେ ପରିଣତ ହେଲା । ଦେଶ ମଧ୍ୟରେ ବିପ୍ଲବ ଦମନ କରିବାକୁ କନଭେନସନ ପଦକ୍ଷେପ ଗ୍ରହଣ କଲା । ପ୍ରଜାମାନେ ଲାଭେଣ୍ଡିନ ଲିଓଁ, ମାର୍ସାଲ ଓ ବୋର୍ଦୋ (La Vendee, Lyons, Marsailles and Bordeaux) ଇତ୍ୟାଦି ସ୍ଥାନରେ ବିପ୍ଳବର ସ୍ୱର ଉତ୍ତୋଳନ କଲେ । ସେମାନଙ୍କୁ ଦମନ କରିବାକୁ ଜାତୀୟ ବାହିନୀ ଅଗ୍ରସର ହେଲା । ବପ୍ଳବୀମାନଙ୍କ ମଧ୍ୟରେ ନେତୃତ୍ୱ,

ମିଳିତ କାର୍ଯ୍ୟସୂଚୀ ଓ ସମନ୍ୱୟର ଅଭାବ ହେତୁ ଜାତୀୟ ବାହିନୀ ଗୋଟିକ ପରେ ଗୋଟିଏ ସହର ଅଧିକାର କଲା ଏବଂ ବିପ୍ଳବୀମାନେ ଆତ୍ମସମର୍ପଣ କଲେ । ବ୍ରିଟିଶ ଅବରୁଦ୍ଧ ଟୁଲୋଁ (Taulon) ଯୁବ ସେନାପତି ନେପୋଲିୟନଙ୍କ ଦ୍ୱାରା ଉଦ୍ଧାର କରାହେଲା । ଫଳରେ ଆଭ୍ୟନ୍ତରୀଣ ବିଦ୍ରୋହ ଦେଶର ସଙ୍କଟ ଓ ବିଶୃଙ୍ଖଳା ସୃଷ୍ଟି କରିବା ସଙ୍ଗେ ସଙ୍ଗେ ଶକ୍ତିବ୍ୟୟ ଓ ଅର୍ଥ ଅପଚୟ ଘଟାଇଲା ।

ବୈଦେଶିକ ଆକ୍ରମଣ ସାଙ୍ଗକୁ ରାଜନୀତିକ ଗୋଷ୍ଠୀ କନ୍ଦଳ ଜାତୀୟ ପରିଷଦ ପାଇଁ ଏକ ପ୍ରତିବନ୍ଧକ ସୃଷ୍ଟି କରିଥିଲା । ଜ୍ୟାକୋବିନ୍ ଓ ଜିରଣ୍ଡିଷ୍ଟ୍‌ମାନଙ୍କ ମଧ୍ୟରେ ମତପାର୍ଥକ୍ୟ ଶତ୍ରୁତା ଓ ଗୋଷ୍ଠୀବିବାଦ ଘନୀଭୂତ ହୋଇ ଏକ ବିସ୍ଫୋରକ ପରିସ୍ଥିତି ଉପୁଜିଥିଲା । ଜିରଣ୍ଡିଷ୍ଟମାନେ ‘‘ସେପ୍ଟେମ୍ବର ଗଣହତ୍ୟା’’ର ଦୋଷୀମାନଙ୍କୁ ଦଣ୍ଡବିଧାନ କରିବାକୁ ବିଶେଷତଃ ମାରାଟଙ୍କୁ ଉପଯୁକ୍ତ ଦଣ୍ଡ ଦେବାକୁ ଦାବି କରିଥିଲେ । ମାରାଟ ବିପ୍ଳବୀ ବିଚାରାଳୟର ସମ୍ମୁଖୀନ ହୋଇଥିଲେ ମାତ୍ର ଦୋଷମୁକ୍ତ ହୋଇଥିଲେ । ଜ୍ୟାକୋବିନମାନଙ୍କର ନେତା ଓ ସେନାଧକ୍ଷ Demouriz ଶତ୍ରୁ ଶିବିରରେ ଯୋଗଦେବା ପରେ ଜିରଣ୍ଡିଷ୍ଟମାନଙ୍କର ସାହସ ଓ ମନୋବଳ ଭାଙ୍ଗିଯାଇଥିଲା । ମାରାଟ ଜିରଣ୍ଡିଷ୍ଟମାନଙ୍କୁ ସମୂଳେ ବିନାଶ କରିବାକୁ ବଦ୍ଧପରିକର ହେଲେ । ଦୁଇଗୋଷ୍ଠୀ ମଧ୍ୟରେ ବୁଝାମଣା କରିବା ପାଇଁ ଡାଣ୍ଟନ ମଧ୍ୟସ୍ଥତା କରି ବିଫଳ ହୋଇଥିଲେ ଏବଂ ନିଜ ପାଇଁ ଅନେକ ଶତ୍ରୁ ସୃଷ୍ଟି କରିଥିଲେ । ଗୋଷ୍ଠୀ କନ୍ଦଳ କ୍ରମେ ଘନୀଭୂତ ହେଲା । ଫ୍ରାନ୍ସର ରାଜନୀତିକ ଆକାଶରେ ବିପଦର ବାଦଲ ଘେରିଗଲା ।

ଜାତୀୟ କନଭେନ୍‌ସନ୍‌ର ଶାସନ ବ୍ୟବସ୍ଥା (Administration of the National Convention) :


Jean-Paul Marat

ଗୁରୁତର ବିପଦର ମୁକାବିଲା ଲାଗି କନଭେନସନର ପ୍ରତିନିଧିମାନେ ଶାସନ ବ୍ୟବସ୍ଥାକୁ ସୁଦୃଢ଼ କରିବାକୁ ସ୍ଥିର କଲେ । ୧୭୯୩ ମସିହା ବସନ୍ତ କାଳରେ ଦେଶର ସର୍ବାଧିକ ପ୍ରଶାସନିକ କ୍ଷମତା ହାସଲ କରିବାକୁ ମୁଷ୍ଟିମେୟ ସଭ୍ୟଙ୍କୁ ନେଇ ସାଧାରଣ ସୁରକ୍ଷା ସମିତି (Committee of Public Safety) ଗଠନ କରାଗଲା । କାରନଟ୍, ରବସ୍‌ପିୟର ଓ ମେଷ୍ଟଜାଷ୍ଟ ପ୍ରଭୃତି ନେତାମାନେ ଏହି ସମିତିରେ ସଭ୍ୟ ରୂପେ କାର୍ଯ୍ୟ କଲେ । ସମଗ୍ର ଦେଶରେ ସେମାନେ ଶାସନକାର୍ଯ୍ୟ ପରିଚାଳନା କଲେ । ବୈଦେଶିକ ନୀତି, ସାମରିକ ନୀତି ଓ ବିଦ୍ରୋହ ଦମନ କରିବା ପ୍ରଭୃତି କାର୍ଯ୍ୟ ସେମାନଙ୍କ ହସ୍ତରେ ନ୍ୟସ୍ତ ରହିଲା । ବାସ୍ତବ କ୍ଷେତ୍ରରେ ଏହି ୧୨ ଜଣିଆ ସମିତି ଫ୍ରାନ୍ସ ଦେଶର ଭାଗ୍ୟ ନିୟନ୍ତ୍ରଣ କଲା । ସାଧାରଣ ସୁରକ୍ଷା ସମିତିର ପ୍ରଥମ କାର୍ଯ୍ୟ ହେଲା ବିପ୍ଳବର ଆଭ୍ୟନ୍ତରୀଣ ଶତ୍ରୁମାନଙ୍କୁ ବିନାଶ କରିବା । ସେମାନେ ଅତ୍ୟନ୍ତ ନିର୍ଦ୍ଦୟ ଭାବରେ କାର୍ଯ୍ୟ କରିବାକୁ ଅଗ୍ରସର ହେବାରୁ ଆତଙ୍କରାଜ ସୃଷ୍ଟି ହେଲା (Reign of Terror) । ୧୭୯୩ ମସିହା ଗ୍ରୀଷ୍ମଋତୁରେ ଆରମ୍ଭ ହୋଇ ୧୭୯୪ ମସିହା ଗ୍ରୀଷ୍ମଋତୁ ପର୍ଯ୍ୟନ୍ତ ଏହି ଆତଙ୍କରାଜ ଫ୍ରାନ୍ସ ଦେଶକୁ ବିଚଳିତ କରିପକାଇଥିଲା । ସମଗ୍ର ଫରାସୀ ବିପ୍ଳବର ଇତିହାସରେ ଏହି ସମୟଟି ଏକ କଳଙ୍କମୟ ଅଧ୍ୟାୟ ବୋଲି ବର୍ଣ୍ଣନା କରାଯାଇଅଛି । କେହି କେହି ଏହି ଆତଙ୍କରାଜକୁ ବିପ୍ଳବର କେନ୍ଦ୍ରବିନ୍ଦୁ ବୋଲି କହିଥାନ୍ତି । ଅନ୍ୟପକ୍ଷରେ ଆଭ୍ୟନ୍ତରୀଣ ବିପଦମୁଖରୁ ଫରାସୀ ଜାତିକୁ ରକ୍ଷା କରିବା ଏବଂ ସେମାନଙ୍କୁ ବୈଦେଶିକ ଆକ୍ରମଣ ବିରୁଦ୍ଧରେ ଏକତାବଦ୍ଧ କରିବା ଏହି ଆତଙ୍କରାଜର ମୂଳ ଲକ୍ଷ୍ୟ ଥିଲା । ଦେଶକୁ ଏହି ଆଶୁ ବିପଦରୁ ଉଦ୍ଧାର କରିବା ପାଇଁ ଜରୁରୀକାଳୀନ କ୍ଳେଶ ଓ ଯନ୍ତ୍ରଣାର ଏକଛତ୍ରବାଦ ସରକାର ବଦ୍ଧପରିକର ହୋଇଉଠିଲେ । ମାରାଟ କହିଥିଲେ—"Let us be terrible in order to dispense the people from being terrible. We must establish a despotism of liberty in order to suppress the despotism of kings."

ଉପରୋକ୍ତ ଚିନ୍ତାଧାରାରେ ଉଦ୍‌ବୁଦ୍ଧ ହୋଇ ଜାତୀୟ କନ୍‌ଭେନସନ ବା ଜାତୀୟ ମହାସଭା କେତେଗୁଡ଼ିଏ କମିଟି ବା ସମିତି ଗଠନ କଲା । ସେଗୁଡ଼ିକ ହେଲା–ସାଧାରଣ ସୁରକ୍ଷା ସମିତି (Committee of Public Safety), ସାଧାରଣ ନିରାପତ୍ତା ସମିତି (Committee of General Security) ଏବଂ ବୈପ୍ଳବିକ ନ୍ୟାୟସଭା (Revolutionary Tribunal) ପ୍ରଥମ ସମିତି ଦେଶଦ୍ରୋହୀମାନଙ୍କୁ ଉଚିତ୍ ଶାସ୍ତି ଦେବା ଓ ସେମାନଙ୍କୁ ଗିଲୋଟିନ୍‌କୁ ପଠାଇବା, ଶତ୍ରୁମାନଙ୍କ ବିରୋଧରେ ସୈନ୍ୟ ପଠାଇବା, ବ୍ୟକ୍ତି ସ୍ୱାଧୀନତା ପାଇଁ ଚେଷ୍ଟା କରିବା ଇତ୍ୟାଦି କାର୍ଯ୍ୟ ତୁଲାଇଥିଲା । ଏହି ସମିତି କ୍ରମେ ଏତେ ପରିମାଣରେ ଭୟଭୀତ କରାଇଥିଲା ଯେ ଜାତୀୟ ମହାସଭା ମଧ୍ୟ ଭୟ କରିବାକୁ ବାଧ୍ୟ ହୋଇଥିଲା । ସାଧାରଣ ନିରାପତ୍ତା ସମିତିର ପ୍ରଧାନ କାର୍ଯ୍ୟ ହେଲା ପୋଲିସ ବିଭାଗ ପରି ଆଇନଶୃଙ୍ଖଳା ରକ୍ଷା କରିବା ଏବଂ ସାଧାରଣତନ୍ତ୍ରର ଶତ୍ରୁମାନଙ୍କର ବିଚାର କରି ଦଣ୍ଡବିଧାନ କରିବା । ବିପ୍ଳବୀ ଅଦାଲତ ନିରାପତ୍ତା ସମିତି ଅଧୀନରେ କାର୍ଯ୍ୟ କରିବାକୁ ସ୍ଥିର କରାଗଲା । ବିପ୍ଳବୀ ଅଦାଲତ ଏକ ଅସାଧାରଣ ଜରୁରୀକାଳୀନ ଫୌଜଦାରୀ ବିଚାରାଳୟ ଥିଲା । ଡାଣ୍ଟନ୍‌ଙ୍କ ପ୍ରସ୍ତାବ ଅନୁଯାୟୀ ଏହା ଗଠିତ ହୋଇଥିଲା । ସାଧାରଣତନ୍ତ୍ର ପ୍ରତି ଅନୁରକ୍ତ ନଥିବା ବ୍ୟକ୍ତି, ରାଜତନ୍ତ୍ରର ସମର୍ଥକ ଦେଶଦ୍ରୋହୀ ଷଡ଼ଯନ୍ତ୍ରକାରୀମାନଙ୍କର ଦ୍ରୁତ ବିଚାର କରିବା ଉଦ୍ଦେଶ୍ୟରେ ଏହି ନ୍ୟାୟାଳୟ ପ୍ରତିଷ୍ଠା କରାଯାଇଥିଲା ।

ଗୃହଶତ୍ରୁମାନଙ୍କୁ, ଦେଶ ଓ ସରକାର ବିରୁଦ୍ଧରେ କାର୍ଯ୍ୟ କରୁଥିବା ବ୍ୟକ୍ତି ଓ ସଂଗଠନମାନଙ୍କୁ ଚିହ୍ନିତ ଓ ଦମନ କରିବା ଉଦ୍ଦେଶ୍ୟରେ ଜାତୀୟ ମହାସଭା କେତେକ ଜରୁରୀକାଳୀନ ଆଇନ ପ୍ରଣୟନ କଲା । ଏହି ଆଇନକୁ ଅବିଶ୍ୱାସ ଆଇନ 'Law of Suspect' ବୋଲି ନାମ ରଖାଯାଇଥିଲା । ଏହି ଆଇନର ପରିସର ଅତି ବ୍ୟାପକ ଥିଲା । କହିବାକୁ ଗଲେ ପ୍ରାୟ ପ୍ରତ୍ୟେକ ବ୍ୟକ୍ତି ଏହି ଆଇନର ପରିସର ମଧ୍ୟକୁ ଆସିଯାଉଥିଲେ । ରାଜା ଓ ରାଜତନ୍ତ୍ର ସମ୍ପର୍କୀୟ ଓ ସମର୍ଥକ, ବିପ୍ଳବ ସପକ୍ଷରେ କାର୍ଯ୍ୟ କରୁନଥିବା ବ୍ୟକ୍ତି ପ୍ରତ୍ୟେକ ଏହି ଆଇନର ପରିସରଭୁକ୍ତ ହେଉଥିଲେ । ଏହି ଆଇନ ବଳରେ ଫ୍ରାନ୍‌ସରେ ହଜାର ହଜାର ଲୋକଙ୍କୁ ଗିରଫ କରାଯାଇ ବିପ୍ଳବୀ ଅଦାଲତରେ ବିଚାର କରି ମୃତ୍ୟୁଦଣ୍ଡ ଦିଆଯାଉଥିଲା । ଏହି ଆଇନ ପ୍ରୟୋଗ ଫଳରେ ଆତଙ୍କରାଜ ପ୍ରକୃତପକ୍ଷେ ଗିଲୋଟିନ ରାଜରେ ପରିଣତ ହେଲା । କେବଳ ପ୍ୟାରିସ ସହରରେ ମାତ୍ର ଏକବର୍ଷ ମଧ୍ୟରେ ୫୦୦ ବ୍ୟକ୍ତିଙ୍କୁ ଗିଲୋଟିନ ତଳେ ହତ୍ୟା କରାଗଲା । ଅନେକ ସ୍ଥାନରେ ବୈପ୍ଳବିକ ନ୍ୟାୟ ସଭାମାନ ଗଠନ କରାଯାଇ ଯାହାକୁ ନାହିଁ ତାହାକୁ ମାରି ଦିଆଗଲା । କୌଣସି କୌଣସି ସ୍ଥାନରେ ବିପ୍ଳବୀମାନଙ୍କୁ ନଦୀଗର୍ଭକୁ ନିକ୍ଷେପ କରାଗଲା–କ୍ରମେ ଆତଙ୍କରାଜ ଅନ୍ୟ ପ୍ରଦେଶଗୁଡ଼ିକୁ ବ୍ୟାପିଗଲା । ସମଗ୍ର ଫ୍ରାନ୍‌ସରେ ଆତଙ୍କରାଜର ଏକ ବିଭିଷୀକା ଖେଳିଗଲା ।



Charlotte Corday

ଏହିପରି ହତ୍ୟାକାଣ୍ଡ ଚାଲିଥିଲା ବେଳେ ବିପ୍ଳବୀ ଗୋଷ୍ଠୀଗୁଡ଼ିକ ନିଜ ନିଜ ମଧ୍ୟରେ କଳହ କରି ନିଜ ନିଜକୁ ନିପାତ କରିବାକୁ ଲାଗିଲେ । ଜିରୋଣ୍ଡିଷ୍ଟମାନେ ଆତଙ୍କର ବିରୋଧ କରୁଛନ୍ତି ବୋଲି ସନ୍ଦେହ କରି ପ୍ୟାରିସର ଉପଦ୍ରବୀ ଜନତା ସେମାନଙ୍କୁ ଦମନ କରିବାକୁ ଆରମ୍ଭ କଲେ । ଜିରୋଣ୍ଡିଷ୍ଟ୍ ସମର୍ଥକ ଚାର୍ଲୋଟି କାର୍ଡ଼େ ନାମକ ଜଣେ ମହିଳା ମାରାଟଙ୍କୁ ହତ୍ୟା କଲେ । ୧୭୯୩ ମସିହାରେ ଅକ୍ଟୋବର ମାସରେ ବ୍ରିଶୋଟ୍, ଭାରଜନିଅଡ଼୍ ପ୍ରଭୃତି ପ୍ରଖ୍ୟାତ ନେତାମାନଙ୍କୁ ଗିଲୋଟିନକୁ ପଠାଗଲା । ୧୭୯୪ ମସିହା ଆରମ୍ଭରେ ଦାନ୍ତେ ଓ ରବସପିୟରଙ୍କ ଅନୁଗାମୀମାନେ ଅନେକ ବିପ୍ଳବୀଙ୍କୁ ହତ୍ୟା କଲେ । ୧୭୯୪ ମସିହା ଏପ୍ରିଲ ୫ ତାରିଖ ଦିନ ଦାନ୍ତେଙ୍କ ମୁଣ୍ଡଚ୍ଛେଦ କରାଗଲା । ଦାନ୍ତେଁଙ୍କ ପତନ ପରେ ରବସ୍‌ପିୟର ଏକଚ୍ଛତ୍ର ଶାସକ ଭାବେ କାର୍ଯ୍ୟ କଲେ । ସେଥିସହ ଆତଙ୍କରାଜ ଚରମସୀମାରେ ପହଞ୍ଚିଲା । ହିଂସାକାଣ୍ଡ ବ୍ୟାପକ ହେଲା ।

ରବସ୍‌ପିୟର ଜାତୀୟ ସୁରକ୍ଷା ସମିତିର ସର୍ବେସର୍ବା ହୋଇ କାର୍ଯ୍ୟ କଲେ । ରଷୋଙ୍କ ଦର୍ଶନରେ ଅନୁପ୍ରାଣିତ ହୋଇ ସେ ସମସ୍ତଙ୍କ ମଧ୍ୟରେ ସମ୍ପତ୍ତିର ସମବଣ୍ଟନ କଥା ଚିନ୍ତା କଲେ । ଦେଶଦ୍ରୋହୀ ଓ ଦେଶତ୍ୟାଗୀମାନଙ୍କର ଧନସମ୍ପତ୍ତି ବାଜ୍ୟାପ୍ତ କରି ଭୂମିହୀନମାନଙ୍କ ମଧ୍ୟରେ ବଣ୍ଟନ କରିବା ପାଇଁ ଚିନ୍ତା କରିବା ଫଳରେ ତାଙ୍କର କାର୍ଯ୍ୟକଳାପକୁ କନଭେନସନ୍‌ର ସଭ୍ୟମାନେ ସହ୍ୟ କରିପାରିଲେ ନାହିଁ । ତାହାଦେଖି ରବସ୍‌ପିୟର ଆଇନ କଲେ ଯେ କନଭେନସନର ଯେକୌଣସି ସଦସ୍ୟଙ୍କୁ ବୈପ୍ଳବିକ ନ୍ୟାୟ ସଭା ଆଗରେ ବିଚାର ନିମନ୍ତେ ହାଜର ହେବାକୁ ପଡ଼ିବ । ଶେଷରେ ସଦସ୍ୟମାନେ ତାଙ୍କୁ ବେଆଇନ ବ୍ୟକ୍ତି ବୋଲି ଘୋଷଣା କରି ୧୭୯୪ ମସିହା ଜୁଲାଇ ୨୮ ତାରିଖ ଦିନ ତାଙ୍କୁ ଗିଲୋଟିନ ତଳକୁ ପଠାଇଲେ । ରବସପିୟରଙ୍କ ମୃତ୍ୟୁ ପରେ ଫ୍ରାନ୍‌ସରେ ଆତଙ୍କରାଜର ଅବସାନ ଘଟିଲା । କ୍ରମେ ବିପ୍ଳବ ବହ୍ନି ଆପେ ଆପେ ଲିଭିବାରେ ଲାଗିଲା । ଆତଙ୍କରାଜ ପରିସମାପ୍ତି ପରେ କନଭେନସନର ସଦସ୍ୟମାନେ ନିଶ୍ଚିନ୍ତ ହେଲେ । କନଭେନସନର ସଦସ୍ୟମାନେ ସମ୍ବିଧାନ ପ୍ରଣୟନ କରିବା ପାଇଁ ଲାଗିପଡ଼ିଲେ ।

ସମ୍ବିଧାନ (The Constitution) :

ରାଜା ଗାଦିଚ୍ୟୁତ ହେବାପରେ ନୂତନ ସମ୍ବିଧାନ ପ୍ରଣୟନ କରାଯାଇଥିଲେ ସୁଦ୍ଧା ବିଦେଶୀ ଆକ୍ରମଣ ଓ ଆତଙ୍କରାଜ ଫଳରେ ସମ୍ବିଧାନକୁ କାର୍ଯ୍ୟକାରୀ କରାଯାଇପାରିଲା ନାହିଁ । ୧୭୯୩ରେ ସେହି ସମ୍ବିଧାନ ପ୍ରଣୀତ ହୋଇଥିବାରୁ ସେହି ସମ୍ବିଧାନର ନାମ ପ୍ରଥମବର୍ଷର ସମ୍ବିଧାନ (Constitution of the year one) ବୋଲି ଆଖ୍ୟା ଦିଆଯାଇଥିଲା । ଆତଙ୍କରାଜ ସମାପ୍ତ ହେବାପରେ କନଭେନସନ ଆଉ ଏକ ସମ୍ବିଧାନ ପ୍ରସ୍ତୁତ କଲା, ତାହାର ନାମ ତୃତୀୟ ବର୍ଷର ସମ୍ବିଧାନ (Constitution of the year three) ବୋଲି କୁହାଗଲା । ଏହି ସମ୍ବିଧାନ ଅନୁଯାୟୀ ସାର୍ବଜନୀନ ସାବାଳକ ଭୋଟପ୍ରଥା ଉଚ୍ଛେଦ କରାଗଲା । ଯେଉଁମାନଙ୍କର କିଛି ସମ୍ପତ୍ତି ଥିଲା ସେମାନଙ୍କୁ ଭୋଟ ଅଧିକାର ଦିଆଗଲା । ଜାତୀୟ ପ୍ରତିନିଧି ସଭାକୁ ଦୁଇଟି କକ୍ଷରେ ବିଭକ୍ତ କରାଗଲା । ପ୍ରଥମ ବା ନିମ୍ନ କକ୍ଷରେ ସଭ୍ୟସଂଖ୍ୟା ୫୦୦ରେ ସୀମିତ କରାଗଲା ଏବଂ ଏହାର ନାମକରଣ (Council of five hundred) କରାଗଲା । ତିରିଶ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କ ବ୍ୟକ୍ତିମାନେ ଏଥିରେ ସଭ୍ୟ ହୋଇପାରିଲେ । ଦ୍ୱିତୀୟ କକ୍ଷରେ ବୟୋଜ୍ୟେଷ୍ଠ ଓ ପ୍ରବୀଣ ବ୍ୟକ୍ତିମାନେ ରହିଲେ । ସେମାନଙ୍କର ସଭ୍ୟସଂଖ୍ୟା ୨୫୦ରେ ସୀମିତ କରାଗଲା । ଏହି କକ୍ଷକୁ ବୟୋଜ୍ୟେଷ୍ଠ ପରିଷଦ ବା Council of Elders ବୋଲି କୁହାଗଲା । ନିମ୍ନକକ୍ଷ ହାତରେ ଆଇନ ପ୍ରଣୟନ କ୍ଷମତା ରହିଲା ଏବଂ ଦ୍ୱିତୀୟ କକ୍ଷ ତାହା ଅନୁମୋଦନ କରିବାର ବ୍ୟବସ୍ଥା କରାଗଲା । ଶାସନ କ୍ଷମତା ପାଞ୍ଚଜଣ ବ୍ୟକ୍ତିବିଶିଷ୍ଟ ଗୋଟିଏ ପରିଚାଳକ ମଣ୍ଡଳ (Directory) ହାତରେ ନ୍ୟସ୍ତ କରାଗଲା । ଏହି ମଣ୍ଡଳର ସଭ୍ୟମାନେ ଉଭୟ କକ୍ଷର ସଦସ୍ୟଙ୍କ ଦ୍ୱାରା ନିର୍ବାଚିତ ହେଲେ । ପାଞ୍ଚଜଣଙ୍କ ମଧ୍ୟରୁ ଜଣେଲେଖେ ସଭ୍ୟ ପ୍ରତ୍ୟେକ ବର୍ଷ ଅବସର ନେଲେ । ଏହି ମଣ୍ଡଳ ଫ୍ରାନ୍‌ସର Executive କ୍ଷମତା ଉପଭୋଗ କଲେ । ଏହି ସମ୍ବିଧାନ ୧୭୯୫ ମସିହା ଅକ୍ଟୋବର ମାସରେ ଗୃହୀତ ହେଲା ।

ଚରମପନ୍ଥୀମାନେ ସମ୍ବିଧାନକୁ ପ୍ରତିକ୍ରିୟାଶୀଳ ବୋଲି ଆଖ୍ୟା ଦେଲେ । ଉତ୍ତ୍ୟକ୍ତ ଜନତାଙ୍କ ଭୟରେ ଜାତୀୟ କନ୍‌ଭେନସନର ସଭ୍ୟମାନେ ବୈପ୍ଳବିକ ପଦକ୍ଷେପ ନେବାକୁ ବାଧ୍ୟ ହୋଇଥିଲେ । କନଭେନସନ ଏପରି ରକ୍ଷଣଶୀଳ ସମ୍ବିଧାନ ପ୍ରଣୟନ କରିବା ଦେଖି ପ୍ୟାରିସ ସହରର ଜନତା ଉତ୍ତେଜିତ ହୋଇଥିଲେ । ରାଜତନ୍ତ୍ରବାଦୀ, ଉଗ୍ରପନ୍ଥୀ ଉପଦ୍ରବୀମାନେ ଜନତାଙ୍କ ସହିତ ଯୋଗଦେଲେ । ୧୭୯୫ ଅକ୍ଟୋବର ମାସ ୫ ତାରିଖ ଦିନ କନଭେନସନ ବିରୋଧରେ ବିକ୍ଷୋଭ ଆୟୋଜନ କରାଗଲା । ଟୁଇଲେରୀଠାରେ କନଭେନସନ କକ୍ଷ ଦିଗକୁ ବିପ୍ଳବୀମାନେ ଆକ୍ରମଣ କରିବା ପାଇଁ ଅଗ୍ରସର ହେଲେ । ଟୁଇଲେରୀ ରକ୍ଷା କରିବା ଦାୟିତ୍ୱରେ ଜଣେ ଯୁବ ସାମରିକ କର୍ମଚାରୀ ଥା'ନ୍ତି । ତାଙ୍କର ନାମ ନେପୋଲିୟନ ବୋନାପାର୍ଟ । ସେହି ୨୫ ବର୍ଷ ବୟସ୍କ ଯୁବକ ୪୦ ଗୋଟି କମାଣ ରଖି କନଭେନସନ କକ୍ଷର ଚାରିପାଖରେ ଘେରି ରହିଲେ । ଉଚ୍ଛୃଙ୍ଖଳ ଜନତା କନଭେନସନ ଉପରେ ଆକ୍ରମଣ କରିବାକୁ ଆଗେଇ ଆସିବାରୁ ନେପୋଲିୟନ ସୈନ୍ୟମାନଙ୍କୁ ଗୋଳାବର୍ଷଣ କରିବାକୁ ଆଦେଶ ଦେଲେ । ମାତ୍ର ଦୁଇଘଣ୍ଟା ମଧ୍ୟରେ ସବୁ ବିପ୍ଳବର

(ଫ୍ରାନ୍ସ, ୧୭୮୯ ଖ୍ରୀ:ଅ:, "ପ୍ରଶାସନସମୂହ")

ଅବସାନ ଘଟିଲା । ପ୍ରାୟ ଚାରିଶହ ବିପ୍ଳବୀ ପ୍ରାଣ ହରାଇଲେ । ଫରାସୀ ବିପ୍ଳବର ଅବସାନ ଘଟିବା ସଙ୍ଗେ ସଙ୍ଗେ ନେପୋଲିୟନଙ୍କର ଉତ୍‌ଥାନ ଘଟିଥିଲା । ବିପ୍ଳବ ନାମରେ ଚାଲିଥିବା ବିଶୃଙ୍ଖଳା ସମାପ୍ତ ହେଲା । ଜଣେ ନିରଙ୍କୁଶ ଅଧିନାୟକଙ୍କର ଫ୍ରାନ୍‌ସର ଶାସନ ଦିଗ୍‌ବଳୟରେ ଆବିର୍ଭାବ ହେଲା । ୧୭୯୫ ମସିହା ଅକ୍ଟୋବର ୨୬ ତାରିଖ ଦିନ ଜାତୀୟ କନଭେନସନ ଭଙ୍ଗ ହେଲା ଏବଂ ନୂତନ ସମ୍ବିଧାନ ଅନୁଯାୟୀ ଅକ୍ଟୋବର ୨୭ ତାରିଖ ଦିନ ପାଞ୍ଚଜଣ ବ୍ୟକ୍ତିବିଶିଷ୍ଟ ଡାଇରେକ୍ଟରୀ ଫ୍ରାନ୍‌ସର ଶାସନଭାର ଗ୍ରହଣ କଲା ।

କନ୍‌ଭେନସନର କୃତିତ୍ୱ (Achievement of the Convention) :

ବୈଦେଶିକ ଆକ୍ରମଣ ଓ ଆଭ୍ୟନ୍ତରୀଣ ସମସ୍ୟା ସତ୍ତ୍ୱେ ଜାତୀୟ କନଭେନସନ ଅନେକ କାର୍ଯ୍ୟ କରି ଫରାସୀ ସାଧାରଣତନ୍ତ୍ରକୁ ଦୃଢ଼ୀଭୂତ କରିଥିଲା । ଦେଶରେ ଗୋଟିଏ ଜାତୀୟ ଶିକ୍ଷାପଦ୍ଧତି ପ୍ରଚଳନ କରାହେଲା । ଫରାସୀ ଭାଷାକୁ ଶିକ୍ଷାର ମାଧ୍ୟମ ରୂପେ ବାଧ୍ୟତାମୂଳକ କରାଗଲା । ସମସ୍ତ ଦେଶରେ ଏକବିଧ ଆଇନ ସଂହିତା ପ୍ରଚଳନ ନିମନ୍ତେ ଉଦ୍ୟମ ଆରମ୍ଭ ହେଲା । ଆଇନ ସଂହିତାର ସାମାଜିକ ସଂସ୍କାରଗୁଡ଼ିକୁ ଆଇନଗତ ସ୍ୱୀକୃତି ଦିଆଗଲା । ଋଣଗ୍ରସ୍ତ ପ୍ରଜାମାନଙ୍କୁ ଜେଲରୁ ମୁକ୍ତି ମିଳିଲା । ଉପନିବେଶଗୁଡ଼ିକରୁ ନିଗ୍ରୋ ଦାସତ୍ୱ ପ୍ରଥା ଲୋପ କରାଗଲା । ସମ୍ପତ୍ତି ଉପରେ ପୁରୁଷମାନଙ୍କ ପରି ନାରୀମାନଙ୍କର ଅଧିକାର ସମାନ ବୋଲି ଘୋଷଣା କରାଗଲା । ସମ୍ପତ୍ତି ଉପରେ ଜ୍ୟେଷ୍ଠପୁତ୍ରର ଅଧିକାର ସଙ୍ଗେ ଅନ୍ୟ ପୁତ୍ରମାନଙ୍କର ଅଧିକାରକୁ ସ୍ୱୀକୃତି ମିଳିଲା । ବାଣିଜ୍ୟ ବ୍ୟବସାୟ କ୍ଷେତ୍ରରେ ଏକବିଧ ନିୟମ ପ୍ରଚଳିତ ହେଲା । ଓଜନ ଓ ମାପ ପ୍ରଣାଳୀ ଚାରିଆଡ଼େ ସମାନ ହେଲା ଏବଂ ମେଟ୍ରିକ ପ୍ରଥା Metric System ପ୍ରଚଳନ କରାଗଲା ।

ଧର୍ମ କ୍ଷେତ୍ରରେ କନଭେନସନ୍ ମଧ୍ୟ ବୈପ୍ଳବିକ ପରିବର୍ତ୍ତନ ଆଣିଥିଲା । ପ୍ରଚଳିତ ଧର୍ମ ପ୍ରତି ବିଦ୍ୱେଷ ଭାବ ପୋଷଣ କରି ଜାତୀୟତା ବାଦକୁ ଧର୍ମୀୟ ସମ୍ମାନ ଦେବାକୁ ପ୍ରୟାସ କରାଗଲା । ଗୀର୍ଜାଗୁଡ଼ିକୁ ବିବେକର ମନ୍ଦିର ବୋଲି ଗଣାଗଲା (Tample of Reasons) ରବସପିୟେର ଏକଛତ୍ରବାଦ ଶାସକ ହେବାପରେ ନାସ୍ତିବାଦ ଓ ବିବେକ ଉପାସନା ପରିବର୍ତ୍ତେ ସର୍ବଶକ୍ତିମାନ ପରମେଶ୍ୱରଙ୍କ ପ୍ରତି ବିଶ୍ୱାସ ରଖିବା ଲାଗି ଆଇନ୍ କରିଥିଲେ । ରବସପିୟେରଙ୍କ ପରେ ଧର୍ମ କ୍ଷେତ୍ରରେ କନଭେନ୍‌ସନ୍ କୋହଳ ନୀତି ଅବଲମ୍ବନ କରିଥିଲା । ଧର୍ମକୁ ସରକାରୀ ବ୍ୟାପାର ବୋଲି ଗ୍ରହଣ କରାନଯାଇ ବ୍ୟକ୍ତିଗତ ବ୍ୟାପାର ବୋଲି କୁହାଗଲା । ଧର୍ମଯାଜକମାନଙ୍କ ପ୍ରତି କ୍ରମେ ସହନଶୀଳ ମନୋଭାବ ଦେଖାଯାଇଥିଲା । ସେମାନଙ୍କୁ ଗୀର୍ଜାଗୁଡ଼ିକୁ ଫେରାଇ ଦିଆଯାଇଥିଲା । ସବୁ ଧର୍ମ ପ୍ରତି ନିରପେକ୍ଷ ଦୃଷ୍ଟି ଦିଆଯିବ ବୋଲି କନଭେନସନ୍ ଘୋଷଣା କରିଥିଲା ।

କନଭେନସନ୍ ଗୋଟିଏ ନୂତନ କ୍ୟାଲେଣ୍ଡର ପ୍ରଚଳନ ପ୍ରଥମେ ଫ୍ରାନ୍‌ସରେ ଆରମ୍ଭ କରିଥିଲା । ଗୋଟିଏ ବର୍ଷକୁ ୧୨ ମାସ ଏବଂ ପ୍ରତ୍ୟେକ ମାସକୁ ତିନୋଟି ସପ୍ତାହରେ ବିଭକ୍ତ କରାଯାଇଥିଲା – ସପ୍ତାହର ପ୍ରତ୍ୟେକ ଦଶମ ଦିନଟିକୁ ଛୁଟିଦିନ ବୋଲି ଘୋଷଣା କରାଯାଇଥିଲା । ଫଳରେ ରବିବାର ଦିନଟି ପ୍ରାର୍ଥନା ଦିବସ ରୂପେ ପାଉଥିବା ଗୁରୁତ୍ୱ ଲୋପ ପାଇଲା । ୩୦ ଦିନ ବିଶିଷ୍ଟ ୧୨ ମାସ ଶେଷରେ ବଳକା ପାଞ୍ଚଦିନକୁ ଜାତୀୟ ଛୁଟିଦିନ ବୋଲି ଘୋଷଣା କରାହେଲା । ଏହି ନୂତନ କ୍ୟାଲେଣ୍ଡର ବା ଦିନପଞ୍ଜିକା ୧୭୯୨ ମସିହା ସେପ୍ଟେମ୍ବର ୨୨ ତାରିଖ ଦିନ ପ୍ରଥମେ ପ୍ରଚଳନ ଆରମ୍ଭ ହୋଇଥିଲା ।

ଅର୍ଥନୈତିକ କ୍ଷେତ୍ରରେ ପରିବର୍ତ୍ତନ ମଧ୍ୟ ଅଣାଯାଇଥିଲା । ଦେଶତ୍ୟାଗୀ ସାମନ୍ତମାନଙ୍କର ସମ୍ପତ୍ତିଗୁଡ଼ିକୁ ବାଜ୍ୟାପ୍ତ କରାଯାଇ ନାଗରିକମାନଙ୍କ ଅଧିକାରଭୁକ୍ତ କରାଗଲା । ସମ୍ଭ୍ରାନ୍ତମାନଙ୍କର ପରିତ୍ୟକ୍ତ ଜମିକୁ ଖଣ୍ଡ ଖଣ୍ଡ କରି ସୁଲଭ ମୂଲ୍ୟରେ ବିକ୍ରୟ କରାଗଲା । ପ୍ରଜାମାନଙ୍କର ଉପକାର ନିମନ୍ତେ ଖାଦ୍ୟଶସ୍ୟ ଓ ଅନ୍ୟାନ୍ୟ ଆବଶ୍ୟକ ପଦାର୍ଥଗୁଡ଼ିକର ଦର ଧାର୍ଯ୍ୟ କରାଗଲା । ଆତଙ୍କରାଜ ପରେ ଫରାସୀ ଜାତି ଆଶ୍ୱସ୍ତି ଲାଭ କରିଥିଲେ । ବୈପ୍ଳବିକ ନ୍ୟାୟ ସଭା ପ୍ରଭୃତି ସଂସ୍ଥାଗୁଡ଼ିକୁ ଉଠାଇ ଦିଆଯାଇଥିଲା । ଗଣତନ୍ତ୍ର ମୂଲ୍ୟବୋଧ ଉପରେ ଗୁରୁତ୍ୱ ଦିଆଯାଇଥିଲା ।

ବୈଦେଶିକ ଯୁଦ୍ଧ (The Foreign War) :

ଇଉରୋପୀୟ ମିଳିତ ଶକ୍ତି ଫ୍ରାନ୍‌ସ ବିରୁଦ୍ଧରେ ଯୁଦ୍ଧ ଘୋଷଣା କଲାପରେ ଫରାସୀମାନେ ସାଧାରଣତନ୍ତ୍ର ରକ୍ଷା କରିବା ପାଇଁ ଅଦ୍ଭୁତ ଉନ୍ମାଦନା ସହ ଯୁଦ୍ଧକ୍ଷେତ୍ରକୁ ଯାଇ ମିଳିତ ଶକ୍ତି ସୈନ୍ୟବାହିନୀକୁ ମୁକାବିଲା କରିଥିଲେ । ସମ୍ଭ୍ରାନ୍ତ କୁଳରେ ଜନ୍ମଗ୍ରହଣ କରିଥିବା ସୈନ୍ୟମାନେ ସେନାପତି ଭାବେ ଫ୍ରାନ୍‌ସର ସୈନ୍ୟବାହିନୀକୁ ପରିଚାଳନା କରିଥିଲେ । ପୁରାତନ ଇଉରୋପୀୟ ସୈନ୍ୟବାହିନୀ ଅପେକ୍ଷା ଫରାସୀ ଜାତୀୟ ବାହିନୀ ଅଧିକତର ସୁଦକ୍ଷ ବୋଲି ପ୍ରମାଣିତ ହେଲା । ୧୭୯୪ ଓ ୧୭୯୫ ମସିହା ଆରମ୍ଭ ବେଳକୁ ମିଳିତ ଶକ୍ତିର ସୈନ୍ୟମାନେ ଫରାସୀ ସୈନ୍ୟମାନଙ୍କ ଦ୍ୱାରା ପରାଜୟ ସ୍ୱୀକାର କରିଥିଲେ । କ୍ରମେ ଇଉରୋପୀୟ ଶକ୍ତିମେଣ୍ଟ ଭାଙ୍ଗିଯିବାକୁ ବସିଲା । ସ୍ପେନ ଦେଶର ବୁର୍ବୋ ରାଜା ଚତୁର୍ଥ ଚାର୍ଲସ ଫରାସୀ ସାଧାରଣତନ୍ତ୍ର ସହିତ ସନ୍ଧି କରିବାକୁ ବାଧ୍ୟ ହେଲେ । ପ୍ରୁସିଆ ରାଇନ ଅଞ୍ଚଳରେ ଫ୍ରାନ୍‌ସର ହସ୍ତକ୍ଷେପକୁ ସ୍ୱୀକୃତି ଦେଲା ଏବଂ (Treaty of Balse 1795) ସନ୍ଧି ସ୍ଥାପନ କଲା । ଫରାସୀ ସୈନ୍ୟବାହିନୀ ବେଲଜିୟମ ଓ ରାଇନ୍ ନଦୀ ତୀରବର୍ତ୍ତୀ ଅଞ୍ଚଳ ଦଖଲ କରିନେଲେ । ହଲାଣ୍ଡର ରାଜା ପଞ୍ଚମ ଉଇଲିୟମଙ୍କୁ ଗାଦିଚ୍ୟୁତ କରି ଏକ ସାଧାରଣତନ୍ତ୍ର (Bataviam Republic) ପ୍ରତିଷ୍ଠା କଲେ । ଇଂଲଣ୍ଡ, ଅଷ୍ଟ୍ରିଆ ଓ ସାର୍ଡ଼ିନିଆ ବ୍ୟତୀତ ଫ୍ରାନ୍‌ସର ଅନ୍ୟ ଶତ୍ରୁମାନେ ପରାଜିତ ହେଲେ । ବାସ୍ତବ କ୍ଷେତ୍ରରେ ଜାତୀୟ କନଭେନସନ୍ ଓ ସାଧାରଣ ନିରାପତ୍ତା ସମିତି ଦେଶକୁ ଏକ ମହାନ ବିପତ୍ତିରୁ ରକ୍ଷା କରିବା ନିମିତ୍ତ ଅସୀମ ଧୈର୍ଯ୍ୟ, ସାହସ ଓ ଦୃଢ଼ତା ପ୍ରଦର୍ଶନ କରିଥିଲେ । ନେପୋଲିୟନ କ୍ଷମତା ହାସଲ କଲେ । ଫରାସୀ ବିପ୍ଳବର ଅବସାନ ଘଟିଲା ସତ୍ୟ; କିନ୍ତୁ ବିପ୍ଳବର ଆଦର୍ଶମାନ ଚିରନ୍ତନ ରୂପ ଧାରଣ କରିଥିଲା । ସେହି ଆଦର୍ଶର ପ୍ରେରଣା ମଧ୍ୟରୁ ଆଧୁନିକ ଯୁଗର ରାଜନୈତିକ ମୁକ୍ତି, ସାମାଜିକ ସମତା ଓ ଦେଶାତ୍ମବୋଧକ ଜାତୀୟତା ଆତ୍ମପ୍ରକାଶ କଲା ।

ନିର୍ଦ୍ଦେଶକ ମଣ୍ଡଳୀ (The Directory) :

ଜାତୀୟ କନଭେନସନ ଦ୍ୱାରା ପ୍ରଣୀତ ସମ୍ବିଧାନ ଅନୁଯାୟୀ ୧୭୯୫ ମସିହା ଅକ୍ଟୋବର ମାସ ୨୭ ତାରିଖଠାରୁ ୧୭୯୯ ମସିହା ନଭେମ୍ବର ୧୯ ତାରିଖ ପର୍ଯ୍ୟନ୍ତ ଚାରିବର୍ଷ ପାଇଁ ଫରାସୀ ସାଧାରଣତନ୍ତ୍ର ଶାସନଭାର ପାଞ୍ଚଜଣ ସଭ୍ୟ ବିଶିଷ୍ଟ ଏକ ନିର୍ଦ୍ଦେଶକ ମଣ୍ଡଳୀ (Directory)ଙ୍କୁ ନ୍ୟସ୍ତ କରାଯାଇଥିଲା । ନିର୍ଦ୍ଦେଶକ ମଣ୍ଡଳୀର ଶାସନ ଫ୍ରାନ୍‌ସ ଇତିହାସରେ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିପାରିଥିଲା । ସେତେବେଳକୁ ଫ୍ରାନ୍‌ସରେ ଆପାତତଃ ଶାନ୍ତି ବିରାଜମାନ କରିଥିଲେ ମଧ୍ୟ ଅନେକ ଜାତୀୟ ସମସ୍ୟା ଓ ସାମାଜିକ ବିଶୃଙ୍ଖଳା ଫ୍ରାନ୍‌ସର ଶାସନତନ୍ତ୍ରକୁ ଅସ୍ଥିର କରିଦେଇଥିଲା । ଆତଙ୍କରାଜ ପରେ ପରେ ଫ୍ରାନ୍‌ସ ଦୁର୍ବଳ ଓ ଅବଶ ହୋଇପଡ଼ିଥିଲା । ଇଉରୋପୀୟ ଶକ୍ତି ମେଣ୍ଟ ଭାଙ୍ଗିଯାଇଥିଲେ ହେଁ ଇଂଲଣ୍ଡ, ଅଷ୍ଟ୍ରିଆ, ସାର୍ଡ଼ିନିଆ ଓ ଅନେକ କ୍ଷୁଦ୍ର କ୍ଷୁଦ୍ର ଜର୍ମାନ ରାଜ୍ୟଗୁଡ଼ିକ ଫ୍ରାନ୍‌ସ ସାଧାରଣତନ୍ତ୍ର ବିରୋଧରେ ଯୁଦ୍ଧରତ ଥିଲେ । ତେଣୁ ସେହି ଶକ୍ତିଗୁଡ଼ିକ ବିପକ୍ଷରେ ଯୁଦ୍ଧ ପରିଚାଳନା କରିବା ନୂତନ ସରକାରଙ୍କର ପ୍ରଧାନ କାର୍ଯ୍ୟ ଥିଲା । ସେତେବେଳକୁ ଫରାସୀମାନେ ଅଷ୍ଟ୍ରିଆ, ନେଦରଲାଣ୍ଡ ବା ଆଧୁନିକ ବେଲଜିୟମକୁ ଅଧିକାର କରି ଫ୍ରାନ୍‌ସ ସହିତ ମିଶାଇ ଦେଇଥିଲେ; ମାତ୍ର ଅଷ୍ଟ୍ରିଆ ସେଥିରେ ରାଜି ନଥିବାରୁ ଯୁଦ୍ଧ ବନ୍ଦ ହୋଇନଥିଲା ।

ଆଭ୍ୟନ୍ତରୀଣ ନୀତି (Internal Policy) : ନିର୍ଦ୍ଦେଶକ ମଣ୍ଡଳୀକୁ ଫ୍ରାନ୍‌ସର ଆଭ୍ୟନ୍ତରୀଣ ବ୍ୟାପାରରେ ଅନେକଗୁଡ଼ିଏ ସମସ୍ୟାକୁ ମୁକାବିଲା କରିବାକୁ ପଡ଼ିଥିଲା । ଦକ୍ଷିଣ ଫ୍ରାନ୍‌ସରେ ଧର୍ମ ନାମରେ ଅତ୍ୟାଚାର କରୁଥିବା ଗୋଟିଏ ଗୋଷ୍ଠୀ (The Companies of Jesus), ମଧ୍ୟ ଫ୍ରାନ୍‌ସରେ ଆତତାୟୀମାନଙ୍କ ଲୁଣ୍ଠନ ଓ ଅତ୍ୟାଚାର, ବାବୁଫଙ୍କ ନେତୃତ୍ୱରେ ପରିଚାଳିତ ରାଜନୀତିକ ଗୋଷ୍ଠୀ, ବ୍ୟବସ୍ଥାପକ ମଧ୍ୟରେ କ୍ଲିଚିଆନ ଦଳ (ଯେଉଁମାନେ ସାଧାରଣତନ୍ତ୍ରର ପତନ କାମନା କରୁଥିଲେ) ଇତ୍ୟାଦି ଗୁଡ଼ିଏ ସମସ୍ୟା ନୂତନ ସରକାରଙ୍କ ପ୍ରତି ଏକ ଆହ୍ୱାନ ଥିଲା । ଉପରୋକ୍ତ ବିଭେଦକାରୀ ଶତ୍ରୁମାନଙ୍କୁ ଦମନ କରିବା ପାଇଁ ନିର୍ଦ୍ଦେଶକ ମଣ୍ଡଳୀ General Hocheଙ୍କୁ ନିଯୁକ୍ତ କଲେ । ଉତ୍ତମ ବୁଝାମଣା ନୀତି ଏବଂ ଆବଶ୍ୟକ ସ୍ଥଳେ ବଳ ପ୍ରୟୋଗ କରି ହୋଚ Companies of Jesus ଏବଂ ବାବୁଫଙ୍କ ଚରମପନ୍ଥୀ ଦଳଗୁଡ଼ିକୁ ଦମନ

କରିବାରେ ସମର୍ଥ ହୋଇପାରିଥିଲେ । ୧୭୯୭ ମସିହାରେ ବାବୁଫଙ୍କୁ ମୃତ୍ୟୁଦଣ୍ଡ ଦିଆହୋଇଥିଲା । ବ୍ୟବସ୍ଥା ସଭାରେ ଥିବା ଷଡ଼ଯନ୍ତ୍ରକାରୀ ରାଜଭକ୍ତ ସଭ୍ୟମାନଙ୍କୁ ଦମନ କରିବା ଉଦ୍ଦେଶ୍ୟରେ ନିର୍ଦ୍ଦେଶକ ମଣ୍ଡଳୀ ଅନ୍ୟାୟ ଭାବେ ସମ୍ବିଧାନ ବହିର୍ଭୂତ କାର୍ଯ୍ୟକରି ସୈନ୍ୟମାନଙ୍କ ହସ୍ତରେ ୫୫ ଜଣ ସଭ୍ୟଙ୍କୁ ଅର୍ପଣ କରିଥିଲେ । ସେମାନଙ୍କୁ ଦେଶ ପରିତ୍ୟାଗ କରିବାକୁ ଆଦେଶ ଦିଆଯାଇଥିଲା ।

Jean Nicolas (Barras)

ଫ୍ରାନ୍ସର ଅର୍ଥନୀତିକ ଅଧୋପତନ, ନିର୍ଦ୍ଦେଶକ ମଣ୍ଡଳୀ ପ୍ରତି ଅନ୍ୟ ଏକ ବିପଦ ଥିଲା । ଫ୍ରାନ୍ସର କାଗଜ ମୁଦ୍ରା 'Assignat'ର ଦ୍ରୁତ ମୂଲ୍ୟହ୍ରାସ ଘଟିଥିଲା ଏବଂ ୧୭୯୭ ମସିହାରେ ୧୦୦ Assignat ବିନିମୟରେ ମାତ୍ର ୧ ଫ୍ରାଙ୍କ ମିଳୁଥିଲା । ତା' ସାଙ୍ଗକୁ ନିର୍ଦ୍ଦେଶକ ମଣ୍ଡଳୀର ସଭ୍ୟମାନଙ୍କର ଅତ୍ୟଧିକ ଖର୍ଚ୍ଚ, ସୈନ୍ୟବାହିନୀର ରକ୍ଷଣାବେକ୍ଷଣ ଓ ଭରଣପୋଷଣ ପ୍ୟାରିସର ଜନସାଧାରଣଙ୍କୁ ମାଗଣା ଖାଦ୍ୟଯୋଗାଣ ଇତ୍ୟାଦି ପଦକ୍ଷେପଗୁଡ଼ିକ ଫ୍ରାନ୍ସର ଅର୍ଥନୈତିକ ମେରୁଦଣ୍ଡ ଭାଙ୍ଗି ଦେଇଥିଲା । ଏପରି ଅବସ୍ଥା ବେଳେ ୧୭୯୭ ମସିହାରେ ନିର୍ଦ୍ଦେଶକ ମଣ୍ଡଳୀ ସରକାରଙ୍କୁ ଦେବାଳିଆ ବୋଲି ଘୋଷଣା କରିବାକୁ ବାଧ୍ୟ ହୋଇଥିଲେ । ସମସ୍ତ ଦେୟ ପରିଶୋଧ ଓ Assignat ପ୍ରଚଳନକୁ ବନ୍ଦ କରି ଦିଆଯାଇ ଏକ ନୂତନ ମୁଦ୍ରାର ପ୍ରଚଳନ କରାଯାଇଥିଲା । ଏଥିପାଇଁ ସାଧାରଣ ଲୋକଙ୍କ ଅବସ୍ଥା ଶୋଚନୀୟ ହୋଇଉଠିଲା । ନିର୍ଦ୍ଦେଶକ ମଣ୍ଡଳୀ ସଭ୍ୟମାନଙ୍କର ଲୋକପ୍ରିୟତା ହ୍ରାସ ପାଇବାରେ ଲାଗିଲା । ନିର୍ଦ୍ଦେଶକମଣ୍ଡଳୀ ଅଧୀନରେ ଶାସନ ଏକ ତ୍ରୁଟିପୂର୍ଣ୍ଣ ଏବଂ ଦୁର୍ନୀତିଗ୍ରସ୍ତ ଶାସନ ଥିଲା ବୋଲି ଆଲୋଚନା କରାଯାଉଥିଲା । ସଭ୍ୟମାନଙ୍କ ମଧ୍ୟରେ କିମ୍ବା ସମଗ୍ର ଫ୍ରାନ୍ସରେ ସୁଦକ୍ଷ ନେତା ନଥିଲେ । ପ୍ରଧାନ ନେତା ବାରାସ୍ (Barras)ଙ୍କର କୌଣସି ରାଜନୈତିକ ଆଦର୍ଶ ବା ନୀତି ନଥିଲା । ସଭ୍ୟମାନେ କିମ୍ବା ସରକାରଙ୍କ କର୍ମଚାରୀମାନେ ଯଦି କୌଣସି ପ୍ରକାରର ସମାଲୋଚନା କରୁଥିଲେ ସେମାନଙ୍କୁ ଅନ୍ୟାୟ ଭାବେ ବରଖାସ୍ତ କରିଦିଆଯାଉଥିଲା । ସେମାନଙ୍କ ବିପକ୍ଷରେ ଯାଉଥିବା ନିର୍ବାଚନଗୁଡ଼ିକୁ ବାତିଲ କରିଦିଆଯାଉଥିଲା । ସେଥିପାଇଁ ବିଶିଷ୍ଟ ଐତିହାସିକ Raiker ଯଥାର୍ଥରେ କହିଛନ୍ତି ଯେ The rule of the Directors proved to be one of the most vicious Government that France had ever endured.

ବୈଦେଶିକ ନୀତି (The Foreign Policy) : ନିର୍ଦ୍ଦେଶକମଣ୍ଡଳୀର କାର୍ଯ୍ୟକଳାପ ଆଭ୍ୟନ୍ତରୀଣ ବ୍ୟାପାରରେ ପ୍ରଶଂସନୀୟ ହୋଇନଥିଲେ ହେଁ ବୈଦେଶିକ ନୀତିରେ ଯଶ ଅର୍ଜନ କରିପାରିଥିଲା । କାରନଟ୍‌ଙ୍କର ପରେ ଜଣେ ସୁଦକ୍ଷ ସାମରିକ ସଂଗଠକ ନେପୋଲିୟନ ବୋନାପାର୍ଟ ପ୍ରଥମ ମିଳିତ ଶକ୍ତିମେଣ୍ଟକୁ ଧ୍ୱଂସ କରିବାକୁ ବଦ୍ଧପରିକର ହୋଇଥିଲେ । ଅଷ୍ଟ୍ରିଆ, ଇଂଲଣ୍ଡ ଓ ସାର୍ଡ଼ିନିଆ ସହିତ ଚାଲିଥିବା ଯୁଦ୍ଧର ସମାପ୍ତି ଘଟାଇବା ଉଦ୍ଦେଶ୍ୟରେ ସାମରିକ ବିଶେଷଜ୍ଞମାନେ ଏକ ଦ୍ୱିମୁଖୀ ଆକ୍ରମଣର ପରିକଳ୍ପନା କରିଥିଲେ । ଯୋଜନା ଅନୁଯାୟୀ ପ୍ରଥମ ସୈନ୍ୟବାହିନୀ ଦକ୍ଷିଣ ଜର୍ମାନୀର Black Forest ମଧ୍ୟଦେଇ ଜୋର୍ଡ଼ାନ (Jourdan) ଏବଂ ମୋରେ (Morean)ଙ୍କ ନେତୃତ୍ୱରେ ଅଗ୍ରସର ହେଲେ ଏବଂ ଅନ୍ୟ ବାହିନୀଟି ନେପୋଲିୟନଙ୍କ ନେତୃତ୍ୱରେ ଆଲପସର ଦକ୍ଷିଣ ଦିଗରେ ଅଗ୍ରସର ହୋଇ ଇଟାଲୀରେ ଅଷ୍ଟ୍ରିଆ ଓ ସାର୍ଡ଼ିନିଆକୁ ପରାସ୍ତ କରିବାକୁ ଅଗ୍ରସର ହେଲା । ନେପୋଲିୟନ ଏହି ଅଭିଯାନରେ ବିଶେଷ ଦକ୍ଷତା ପ୍ରଦର୍ଶନ କରି ଅଷ୍ଟ୍ରିଆ ଓ ସାର୍ଡ଼ିନିଆକୁ ପରାଜିତ କରିଥିଲେ । ପରେ ସେମାନଙ୍କ ସହିତ କାମ୍ପୋ-ଫରମିଓ ଚୁକ୍ତି (Treaty of Campo Formio 1797) ସମ୍ପାଦନ କଲେ ଏବଂ ଇଉରୋପରେ ନିଜର ପ୍ରାଧାନ୍ୟ ବିସ୍ତାର କରିବା ଦିଗରେ ସୁଯୋଗ ପାଇଥିଲେ । ସାର୍ଡ଼ିନିଆ ପରାଜୟ ପରେ ନେପୋଲିୟନଙ୍କୁ ଇଂଲଣ୍ଡ ବିରୁଦ୍ଧରେ ଯୁଦ୍ଧ ଆରମ୍ଭ କରିବାକୁ ନିର୍ଦ୍ଦେଶକମଣ୍ଡଳୀ ପରାମର୍ଶ ଦେଇଥିଲେ । ଇଂଲଣ୍ଡ ଏକ ନୌଶକ୍ତି ଏବଂ ଫ୍ରାନ୍ସ ଏକ ଭୂଶକ୍ତି ହୋଇଥିବାରୁ ସିଧାସଳଖ ଯୁଦ୍ଧ ପରିଚାଳନା କରିବାକୁ ନେପୋଲିୟନ

ମନ ବଳାଇନଥିଲେ । ଏଣୁ ଇଂଲଣ୍ଡକୁ ଧ୍ୱଂସ କରିବା ଉଦ୍ଦେଶ୍ୟରେ ଇଂଲଣ୍ଡର ଉପନିବେଶ ଉପରେ ଆକ୍ରମଣ କରିବାକୁ ସ୍ଥିର କରି ମିଶର ଦେଶ ଅଭିଯାନ ୧୭୯୮ ମସିହାରେ ଆରମ୍ଭ କଲେ । ମାତ୍ର ବିଫଳ ହୋଇ ନିଜ ଦେଶକୁ ପ୍ରତ୍ୟାବର୍ତ୍ତନ କଲେ ।


Napoleon Bonaparte

ନେପୋଲିୟନ ପ୍ରତ୍ୟାବର୍ତ୍ତନ କରିବା ସମୟରେ ଫ୍ରାନ୍ସର ଅବସ୍ଥା ଶୋଚନୀୟ ହୋଇପଡ଼ିଥିଲା । ନିର୍ଦ୍ଦେଶକମାନେ ଜୟ କରିଥିବା ଅଞ୍ଚଳମାନଙ୍କରେ ମନଇଚ୍ଛା ସାଧାରଣତନ୍ତ୍ର ପ୍ରତିଷ୍ଠା କରିବା ଦ୍ୱାରା ବୈଦେଶିକ ଶକ୍ତିମାନେ ସନ୍ଦେହ କଲେ । ନେପୋଲିୟନଙ୍କ ଦ୍ୱାରା ଇଟାଲୀରେ ସିସାଲ ପାଇନ ସାଧାରଣତନ୍ତ୍ର (Cisalpine Republic) ଓ ଜେନୋଆଠାରେ ଲିଗୁରିଆନ ସାଧାରଣତନ୍ତ୍ର (Ligurian Republic) ପ୍ରତିଷ୍ଠା ହୋଇଥିଲା । ଏଥି ସଙ୍ଗେ ସଙ୍ଗେ ରୋମରେ Roman Republic, ସ୍ୱିଜରଲାଣ୍ଡରେ Helvelian Republic ଏବଂ ନେପଲସ୍ ଓ ସିସିଲିରେ Parthenopean Republic ପ୍ରତିଷ୍ଠା କରାଇଥିଲେ । ନିର୍ଦ୍ଦେଶକମଣ୍ଡଳୀଙ୍କ ନେତୃତ୍ୱରେ ନପୋଲିୟନଙ୍କର କୃତିତ୍ୱ ଫଳରେ ଇଉରୋପ ମହାଦେଶରେ ସାଧାରଣତନ୍ତ୍ରଗୁଡ଼ିକ ପ୍ରତିଷ୍ଠା ହେବା ଫଳରେ ବୈଦେଶିକ ଶକ୍ତିମାନେ ଫ୍ରାନ୍ସ ଉପରେ ଈର୍ଷାପରାୟଣ ହୋଇଉଠିଲେ । ନେପୋଲିୟନଙ୍କର ମିଶର ବିପର୍ଯ୍ୟୟ ଓ ଅନୁପସ୍ଥିତିର ସୁଯୋଗ ନେଇ ଫ୍ରାନ୍ସ ବିରୁଦ୍ଧରେ ଇଂଲଣ୍ଡର ପ୍ରୋତ୍ସାହନରେ ଇଉରୋପୀୟ ଦ୍ୱିତୀୟ ମିଳିତ ଶକ୍ତି ମେଣ୍ଟ ଗଠନ କରାଯାଇଥିଲା । ଏହି ମେଣ୍ଟ ଇଟାଲୀରେ ଗଠିତ ସାଧାରଣତନ୍ତ୍ରଗୁଡ଼ିକୁ ଧ୍ୱଂସ କରିବା ସଙ୍ଗେ ସଙ୍ଗେ ନେପୋଲିୟନଙ୍କର ପ୍ରଥମ ଅଭିଯାନର ସମସ୍ତ କୃତିତ୍ୱ କ୍ଷୁଣ୍ଣ କରିଥିଲା । ବୈଦେଶିକ ସଙ୍କଟ ସହିତ ନିର୍ଦ୍ଦେଶକମାନଙ୍କର କୁଶାସନ, ଦୁର୍ନୀତି ଓ ଅମିତବ୍ୟୟିତା ଏକ ଆର୍ଥିକ ସଙ୍କଟ ସୃଷ୍ଟି କରିଥିଲା । ଫ୍ରାନ୍ସରେ ଏବଂ ଫ୍ରାନ୍ସ ବାହାରେ ନିର୍ଦ୍ଦେଶକମାନେ ନିନ୍ଦିତ ହୋଇଥିଲେ । ଏହି ଘଡ଼ିସନ୍ଧି ମୁହୂର୍ତ୍ତରେ ଫରାସୀମାନେ ଏକ ମୁକ୍ତିଦାତାର ଅପେକ୍ଷାରେ ଥିଲେ । ଅସାଧାରଣ ସେନାନାୟକ ନେପୋଲିୟନଙ୍କ ଆବିର୍ଭାବ ହେବାପରେ ଫରାସୀ ଜାତି ତାଙ୍କୁ ଦେଶର ଗୌରବର ପ୍ରତୀକ ଭାବେ ସମ୍ମାନ ଦେଲେ । ନେପୋଲିୟନଙ୍କର ଶାସନ ଦିଗ୍‌ବଳୟରେ ଆଗମନ ନିର୍ଦ୍ଦେଶକମଣ୍ଡଳୀ ପାଇଁ ମୃତ୍ୟୁଘଣ୍ଟି ସଦୃଶ ଥିଲା । ଦୁଇଜଣ ନିର୍ଦ୍ଦେଶକ ବାରା Baras ଓ ଆବେସିଜ୍ Abbesieyesଙ୍କ ସହାୟତାରେ ନେପୋଲିୟନ ୧୭୯୯ ମସିହା ନଭେମ୍ବର ୧୦ ତାରିଖ ଦିନ ଏକ ସାମରିକ ବିଦ୍ରୋହ ଦ୍ୱାରା ନିର୍ଦ୍ଦେଶକମଣ୍ଡଳୀ (Directory)ର ପତନ ଘଟାଇ ଏକ ନୂତନ ସମ୍ବିଧାନ ପ୍ରଚଳନ କଲେ । ଏହି ବିଦ୍ରୋହ (Coup de etat of 19th Brumaire) ରୂପେ ପ୍ରସିଦ୍ଧିଲାଭ କରିଅଛି । ନେପୋଲିୟନ ଫ୍ରାନ୍ସର ପ୍ରଥମ କନସଲ ରୂପେ କାର୍ଯ୍ୟଭାର ଗ୍ରହଣ କଲେ ।

ନେପୋଲିୟନ ବୋନାପାର୍ଟ (Napoleon Bonaparte) :

ଉତ୍ଥାନ ଓ କ୍ଷମତା ଲାଭ (Rise of Napoleon Bonaparte)

ବିଶ୍ୱ ଇତିହାସର ପ୍ରଖ୍ୟାତ ମହାବୀର ଓ ଯୋଦ୍ଧାମାନଙ୍କ ମଧ୍ୟରେ ଜାଜ୍ୱଲ୍ୟମାନ ହୋଇ ଉଠିଥିବା ନେପୋଲିୟନ ବୋନାପାର୍ଟ ଖ୍ୟାତିର ଶୀର୍ଷ ସୀମାରେ ଉପନୀତ ହେଲାପରେ କଥା ଛଳରେ ଥରେ କହିଥିଲେ, "ମୁଁ ଜନ୍ମରେ କର୍ସିକୀୟ, ଗୃହୀତ ଭାବେ ଫରାସୀ ଏବଂ କୃତିତ୍ୱ ବଳରେ ସମ୍ରାଟ" । ଜଣେ ଦିଗ୍‌ବିଜୟୀ ବୀର ଭାବରେ ସେ ପ୍ରାଚୀନ କାଳର ଆଲେକଜାଣ୍ଡାର ଓ ଜୁଲିୟାସ ସିଜରଙ୍କ ସହିତ ତୁଳନୀୟ । ଜଣେ ଦିଗ୍‌ବିଜୟୀ ବୀର, ସୁଦକ୍ଷ ସେନାଧକ୍ଷ, ଯୋଗ୍ୟ ସ୍ୱୈରଶାସକ, ଦକ୍ଷ ରାଷ୍ଟ୍ରନୀତିଜ୍ଞ ଓ ଦୂରଦର୍ଶୀ ସଂସ୍କାରକ ରୂପେ ପୃଥିବୀ ଇତିହାସରେ ସେ ଏକ ସ୍ୱତନ୍ତ୍ର ସ୍ଥାନର ଅଧିକାରୀ ହୋଇ ୧୭୯୯ଠାରୁ ୧୮୧୪ ମସିହା ପର୍ଯ୍ୟନ୍ତ ସମୟର ବ୍ୟବଧାନକୁ ନେପୋଲିୟନ ଯୁଗ ରୂପେ ଅଭିହିତ

କରାଇପାରିଥିଲେ । ଏହି ସମୟର ଇଉରୋପ ଇତିହାସ ହେଉଛି ଫ୍ରାନ୍ସର ଇତିହାସ ଓ ଫ୍ରାନ୍ସର ଇତିହାସ ହେଉଛି ନେପୋଲିୟନ ବୋନାପାର୍ଟଙ୍କ ଜୀବନୀ ଓ କାର୍ଯ୍ୟାବଳୀ ।


Charlo Maria

ଫ୍ରାନ୍ସର ପୂର୍ବ ଦିଗରେ ଓ ଇଟାଲୀର ପଶ୍ଚିମ ଦିଗରେ ଭୂମଧ୍ୟସାଗର ମଧ୍ୟରେ ଥିବା କର୍ସିକା ଦ୍ୱୀପର ଆଜାସିଓ ନାମକ ସ୍ଥାନରେ ୧୭୬୯ ମସିହା ଅଗଷ୍ଟ ମାସ ୧୫ ତାରିଖ ଦିନ ନେପୋଲିୟନ ଏକ ଦରିଦ୍ର ସମ୍ଭ୍ରାନ୍ତ ପରିବାରରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ପିତାଙ୍କ ନାମ କାର୍ଲୋ ବା ଚାର୍ଲସ ବୋନାପାର୍ଟ (Charlo or Charles) ଏବଂ ମାତାଙ୍କ ନାମ ଲେଟିଜିୟା (Latizia) । ତାଙ୍କ ଜନ୍ମର ଅଳ୍ପଦିନ ପୂର୍ବରୁ ଫ୍ରାନ୍ସ ଜେନୋଆଠାରୁ କର୍ସିକା ଦ୍ୱୀପ କିଣି ନେଇଥିଲା । ତେଣୁ ଦୈବକ୍ରମେ ନେପୋଲିୟନ୍ ଫ୍ରାନ୍ସ ଦେଶର ଅଧିବାସୀ ହେଲେ; ମାତ୍ର ତାଙ୍କ ଧମନୀରେ ଥିଲା ଇଟାଲୀୟ ରକ୍ତ । ନେପୋଲିୟନଙ୍କ ପିତା ଜଣେ ବିଳାସପ୍ରିୟ ଆଇନ ବ୍ୟବସାୟୀ ଥିଲେ । ମାତା Latiziaଙ୍କ ବିଚକ୍ଷଣ ବୁଦ୍ଧି ଥିଲା । ସୁଖ ବା ଦୁଃଖରେ ସେ ଆଦୌ ବିଚଳିତ ହେଉନଥିଲେ । ଏହି ମହିଳା ଦିନେ ରାଜାମାନଙ୍କର ଜନନୀ ରୂପେ ବିଶ୍ୱ ଦରବାରରେ ପରିଚିତ ହେବେ କେହି ସ୍ୱପ୍ନରେ ସୁଦ୍ଧା ଚିନ୍ତା କରିନଥିଲେ । ତାଙ୍କର ୧୩ ଜଣ ସନ୍ତାନସନ୍ତତି ମଧ୍ୟରୁ ୮ ଜଣ ଜୀବିତ ଥିଲେ । ସେମାନଙ୍କ ମଧ୍ୟରୁ ୫ ଜଣ ପୁତ୍ର ଓ ୩ ଜଣ କନ୍ୟା । ନେପୋଲିୟନ ପିତାମାତାଙ୍କର ଦ୍ୱିତୀୟ ପୁତ୍ର ଥିଲେ । କାର୍ଲେ ବୋନାପାର୍ଟ କର୍ସିକାର ଫରାସୀ ଶାସନକର୍ତ୍ତାଙ୍କ କୃପା ବଳରେ ନିଜର ପ୍ରଥମ ଦୁଇ ପୁତ୍ର ଯୋଶେଫ ଓ ନେପୋଲିୟନଙ୍କୁ ଫ୍ରାନ୍ସ ଦେଶର ଗୋଟିଏ ବିଦ୍ୟାଳୟରେ ଅଧ୍ୟୟନ ପାଇଁ ନାମ ଲେଖାଇ ପାରିଥିଲେ । ଫ୍ରାନ୍ସ ଦେଶରେ ପହଞ୍ଚି ଚପଳମତି ବାଳକ ନେପୋଲିୟନ ନିଜକୁ ଜଣେ ବିଦେଶୀ ବୋଲି ଭାବିଥିଲେ । ସହପାଠୀ ଫରାସୀ ସମ୍ଭ୍ରାନ୍ତମାନଙ୍କ ପୁତ୍ରମାନେ ନେପୋଲିୟନଙ୍କୁ ତାଙ୍କର ଦାରିଦ୍ର୍ୟ ପାଇଁ ଏବଂ ବିଦେଶୀ ଭାଷା ପାଇଁ ଘୃଣା କରୁଥିଲେ । ମାତ୍ର ଶିକ୍ଷକମାନେ ତାଙ୍କର ଗାମ୍ଭୀର୍ଯ୍ୟ ଓ ସହନଶକ୍ତି ଦେଖି ଆଶ୍ଚର୍ଯ୍ୟ ହେଉଥିଲେ । ଜଣେ ଶିକ୍ଷକ ସେତେବେଳେ କହିଥିଲେ ଏହି ବାଳକଟି ଶକ୍ତ ସ୍ଫଟିକ ପଥରରେ ଗଠିତ; କିନ୍ତୁ ଏହାମଧ୍ୟରେ ରହିଛି ଆଗ୍ନେୟଗିରି । ବିଦ୍ୟାଳୟରେ ପାଠ ଶେଷ ହେବାପରେ ନେପୋଲିୟନ ପାଞ୍ଚବର୍ଷ ପାଇଁ ବ୍ରିଏନ ନାମକ ସ୍ଥାନରେ ଗୋଟିଏ ସାମରିକ କଲେଜରେ ଓ ତାପରେ ପ୍ୟାରିସଠାରେ ଥିବା ସାମରିକ ଏକାଡ଼େମୀରେ ଅଧ୍ୟୟନ କରିଥିଲେ । ପ୍ୟାରିସଠାରେ ପଢୁଥିଲା ବେଳେ ୧୭୮୫ ମସିହାରେ ତାଙ୍କ ପିତାଙ୍କର ମୃତ୍ୟୁ ଘଟିଥିଲା । କର୍ସିକାରେ ଥିବା ମାତା ଏବଂ ଅନ୍ୟାନ୍ୟ ଭାଇ ଭଉଣୀମାନଙ୍କୁ ଦାରିଦ୍ର୍ୟର କଷାଘାତ ଭୋଗିବାକୁ ପଡ଼ିଥିଲା । ବଡ଼ଭାଇ ଯୋଶେଫ ଅଯୋଗ୍ୟ ଥିବାରୁ ନେପୋଲିୟନ ହିଁ ପରିବାରର ସମସ୍ତ ଦାୟିତ୍ୱ ବହନ କରିଥିଲେ । ତେଣୁ ବାଧ୍ୟହୋଇ ମାତ୍ର ୧୬ ବର୍ଷ ବୟସରେ ୧୭୮୫ ମସିହାରେ ନେପୋଲିୟନ ଫରାସୀ କମାଣ ବାହିନୀର ଜଣେ ସ୍ୱଳ୍ପ ବେତନଭୋଗୀ ସବଲେଫ୍‌ଟନାଣ୍ଟ ପଦବୀରେ ଯୋଗ ଦେଲେ । ସେ ଭଲଟେୟାର ଓ ରଷୋ ପ୍ରଭୃତି ମନିଷୀମାନଙ୍କ ପୁସ୍ତକ ପଢ଼ି ବିପ୍ଳବ ସଂପର୍କରେ ପ୍ରଭାବିତ ହୋଇଥିଲେ । ସେ ବହୁ ଦେଶ ବିଦେଶର ଭୌଗୋଳିକ ସ୍ଥିତି ଓ ଇତିହାସ ସଂପର୍କରେ ଜ୍ଞାନ ଅର୍ଜନ କରିଥିଲେ । ଇତିହାସ ତାଙ୍କର ପ୍ରିୟ ବିଷୟ ଥିଲା । ତାଙ୍କ ମତରେ ଇତିହାସ ହେଉଛି, "The torch of truth, the destroyer of prejudices" । ସେ କର୍ସିକାର ସ୍ୱାଧୀନତା ପାଇଁ ବ୍ୟାକୁଳ ହେଉଥିଲେ । ସୈନ୍ୟଛାଉଣୀରୁ ସମୟେ ସମୟେ ପଳାଇ ଆସି ନେପୋଲିୟନ କର୍ସିକା ଦ୍ୱୀପକୁ ଯାଉଥିଲେ ଏବଂ ନିଜ ପରିବାର ସଦସ୍ୟଙ୍କ ଅସହାୟ ଅବସ୍ଥା ଦେଖି ଦୁଃଖ ପ୍ରକାଶ କରୁଥିଲେ । ୧୭୮୯ ମସିହାର ମହାନ ବିପ୍ଳବ ନେପୋଲିୟନଙ୍କ ଭାଗ୍ୟ ପରିବର୍ତ୍ତନ କରିଥିଲା । ବିପ୍ଳବର ନୀତି ଓ ଆଦର୍ଶ ଦ୍ୱାରା ସେ ପ୍ରୋତ୍ସାହିତ ହୋଇଥିଲେ ହେଁ ହିଂସାକାଣ୍ଡ ପ୍ରତି ବିତୃଷ୍ଣ

Maria Letizia

ଥିଲେ । ଜଣେ ସୈନିକ ଭାବରେ ଉପଦ୍ରବୀ ଜନତାର ଉଶୃଙ୍ଖଳ ବ୍ୟବହାରକୁ ସେ ବରଦାସ୍ତ କରୁନଥିଲେ । ୧୭୯୨ ମସିହାରେ କର୍ସିକାରେ ବିପ୍ଳବର ଧ୍ୱନି ଶୁଣାଯିବା ପରେ ନେପୋଲିୟନ କର୍ସିକାକୁ ଫେରିଆସିଲେ ଏବଂ ନେତା ପାଓଲିଙ୍କ ବିରୁଦ୍ଧାଚରଣ କଲେ । ସେ ସେଠାରେ ଜ୍ୟାକୋବିନମାନଙ୍କ ସହ ଯୋଗ ଦେଇଥିଲେ । ଫଳରେ ପାଓଲି ବୋନାପାର୍ଟ ପରିବାରକୁ ଏକ କୁଖ୍ୟାତ ବଂଶ ବୋଲି ଘୋଷଣା କଲେ । ନେପୋଲିୟନ ବାଧହୋଇ ପରିବାରର ସମସ୍ତ ସଦସ୍ୟଙ୍କୁ ନେଇ ଫ୍ରାନ୍‌ସ ପଳାଇ ଆସିଲେ । ସେହିଦିନଠାରୁ ସେ ନିଜକୁ ଜଣେ ଫରାସୀ ବୋଲି ଘୋଷଣା କଲେ ।

ସାମରିକ କୃତିତ୍ୱ (Military Achievement) : ନେପୋଲିୟନ ଫରାସୀ ସୈନ୍ୟବାହିନୀରେ ୧୭୯୩ ମସିହାରେ ଯୋଗଦେଲେ ଏବଂ ନିସ୍ (Nice) ନାମକ ସ୍ଥାନରେ କାର୍ଯ୍ୟ ଆରମ୍ଭ କଲେ । ସେତେବେଳକୁ ଫ୍ରାନ୍‌ସର ରକ୍ଷଣଶୀଳମାନେ ସାଧାରଣତନ୍ତ୍ରର ପତନ ପରେ ଅନେକ ସ୍ଥାନରେ ବିଦ୍ରୋହ ଆରମ୍ଭ କରିଥିଲେ । ସେମାନେ ବ୍ରିଟିଶ ସୈନ୍ୟମାନଙ୍କୁ Toulon ସହରକୁ ଆମନ୍ତ୍ରଣ କରି ଆଣିଥିଲେ । ୧୭୯୩ ମସିହା ଡିସେମ୍ବର ମାସରେ ନେପୋଲିୟନ ସେହି ବିଦ୍ରୋହକୁ ଦମନ କରିବା ପାଇଁ ତୁଲୋଁ (Toulon) ଯାତ୍ରା କଲେ ଏବଂ ଇଂରେଜମାନଙ୍କୁ ତୁଲୋଁ ବନ୍ଦରରୁ ବିତାଡ଼ିତ କରି ସାଧାରଣତନ୍ତ୍ରର ମର୍ଯ୍ୟାଦା ଅକ୍ଷୁଣ୍ଣ ରଖିଲେ । ତୁଲୋଁ ଯୁଦ୍ଧ ନେପୋଲିୟନଙ୍କର ବ୍ରିଟିଶ ଜାତି ସହିତ ପ୍ରଥମ ଯୁଦ୍ଧ । ୧୭୯୫ ମସିହାରେ ନେପୋଲିୟନ ଜାତୀୟ କନଭେନସନକୁ ରକ୍ଷା କରି ସାମରିକ ଶୃଙ୍ଖଳା ଜ୍ଞାନ ଓ ସାହସର ପରିଚୟ ଦେଲେ । ଦେଶର ସର୍ବୋଚ୍ଚ ଶାସକମାନେ ତାଙ୍କ ଉପରେ ସନ୍ତୁଷ୍ଟ ହୋଇ ଫରାସୀ ସେନାବାହିନୀର ସେନାଧ୍ୟକ୍ଷ ରୂପେ ନିଯୁକ୍ତ କଲେ ଓ ପ୍ୟାରିସ ଆଭ୍ୟନ୍ତରୀଣ ଦାୟିତ୍ୱ ଦେଲେ । ନେପୋଲିୟନ ଚିନ୍ତା କଲେ ଯେ ପ୍ୟାରିସ ସହର ତାଙ୍କ ପାଇଁ ନିରାପଦ ନୁହେଁ । ତେଣୁ ଡାଇରେକ୍ଟରମାନଙ୍କୁ ଇଟାଲୀ ଅଭିଯାନରେ ଯିବାପାଇଁ ଅନୁମତି ମାଗିଲେ । ଶାସକମାନେ ତାଙ୍କର ଅନୁରୋଧ କ୍ରମେ ତାଙ୍କୁ ଇଟାଲୀ ଅଭିଯାନର ଦାୟିତ୍ୱ ଦେଲେ । ସେହିଦିନଠାରୁ ନେପୋଲିୟନଙ୍କର ଭାଗ୍ୟର ପରିବର୍ତ୍ତନ ଘଟିଲା । ୧୭୯୬ ମସିହାରେ ୨୭ ବର୍ଷ ବୟସରେ ସେ ଯୋଶେଫିନ ନାମକ ଜଣେ ସୁନ୍ଦରୀ ବିଧବାଙ୍କୁ ବିବାହ କଲେ । ସେହି ବିବାହ ପରେ ତାଙ୍କ ଜୀବନରେ ଉନ୍ନତି ଘଟିଥିଲା ।

ନେପୋଲିୟନ ୧୭୯୬ ମସିହା ମାର୍ଚ୍ଚ ମାସ ୨୭ ତାରିଖ ଦିନ ଇଟାଲୀ ବାହିନୀର ନେତୃତ୍ୱ ଗ୍ରହଣ କଲେ । ଇଟାଲୀ ବାହିନୀରେ ଅନେକ ବୟସ୍କ ଓ ଅଭିଜ୍ଞ, ଅନେକ ଯୁଦ୍ଧରେ କୃତିତ୍ୱ ଯଶଲାଭ କରିଥିବା ସେନାପତିମାନେ ଯୁବସେନାପତି ନେପୋଲିୟନଙ୍କୁ ଗ୍ରହଣ କରିବାକୁ ପ୍ରସ୍ତୁତ ନଥିଲେ । ମାତ୍ର ନେପୋଲିୟନଙ୍କର ଯାଦୁକରୀ ପ୍ରଭାବ ସେମାନଙ୍କର ଧାରଣାକୁ ଭ୍ରାନ୍ତ ପ୍ରମାଣିତ କଲା । କ୍ରମେ ଇଟାଲୀ ବାହିନୀ ଏକ ଶ୍ରେଷ୍ଠ ସାମରିକ ବାହିନୀରେ ପରିଣତ ହେଲା । ସେତେବେଳେ ଅଷ୍ଟ୍ରିଆର ସୈନ୍ୟମାନେ ଇଟାଲୀରେ ବ୍ୟାପି ରହିଥାନ୍ତି । ଇଉରୋପର ଶକ୍ତି ମେଣ୍ଟର ମୁଖ୍ୟ ଅଂଶୀଦାର ଭାବେ ଅଷ୍ଟ୍ରିଆର ସମ୍ରାଟ ଫ୍ରାନ୍‌ସ ବିରୁଦ୍ଧରେ ପ୍ରବଳ ସଂଗ୍ରାମ ଚଳାଇଥାନ୍ତି । ନେପୋଲିୟନ ଶତ୍ରୁପକ୍ଷକୁ ପରାହତ କରିବା ପାଇଁ ଚମକପ୍ରଦ କୌଶଳମାନ ଗ୍ରହଣ କଲେ । ଅଲଂଘ୍ୟ ଆଲପସ ପର୍ବତମାଳାର ଅଗାଧ ତୁଷାର ରାଶି ଭେଦକରି ସେ ଅତର୍କିତ ଭାବେ ଶତ୍ରୁପକ୍ଷକୁ ଆକ୍ରମଣ କରି ବିଜୟ ଲାଭ କଲେ । ସାର୍ଡ଼ିନିଆର ସୈନ୍ୟମାନଙ୍କୁ ପରାସ୍ତ କରି ଉତ୍ତର ଇଟାଲୀର ପ୍ରତ୍ୟେକ ଦୁର୍ଗ ଅଧିକାର କରିନେଲେ । ଆର୍କୋଲା ନାମକ ଯୁଦ୍ଧକ୍ଷେତ୍ରରେ ନିଜର ଜୀବନକୁ ବିପନ୍ନ କରି ସେ ବିଜୟ ହାସଲ କରିଥିଲେ (Battle of Arcola) । ଜଣେ ଅନାମଧେୟ କର୍ସିକୀୟ ଇଟାଲୀର ଆଡ଼ମ୍ବରପୂର୍ଣ୍ଣ ରାଜପ୍ରାସାଦଗୁଡ଼ିକରେ ଶୟନ କରିବା ସୁଯୋଗ ପାଇ ନେପୋଲିୟନ ଆନନ୍ଦରେ ଅଧିର ହୋଇପଡ଼ିଥିଲେ । ଫରାସୀ ସୈନ୍ୟମାନେ କ୍ରମେ ତାଙ୍କୁ ମହାନ ବୀର ରୂପେ ଘୋଷଣା କରିବା ସଙ୍ଗେ ସଙ୍ଗେ ତାଙ୍କ ଅଧୀନରେ ଯୁଦ୍ଧ କରିବାକୁ ଗର୍ବ ଅନୁଭବ କଲେ । ସୈନ୍ୟମାନେ ଫରାସୀ ସରକାରଙ୍କ ଆଦେଶ ନମାନି ନେପୋଲିୟନଙ୍କର ନିର୍ଦ୍ଦେଶ ଅନୁସାରେ କାମ କଲେ । ନେପୋଲିୟନ ନିଜ ସୈନ୍ୟମାନଙ୍କ ମନରେ ନୂତନ ପ୍ରେରଣା ଓ ଉନ୍ମାଦନା ସୃଷ୍ଟି କରିପାରିଥିଲେ । ସୈନ୍ୟମାନଙ୍କୁ ଉଦ୍‌ବୋଧନ ଦେଇ ସେ କହୁଥିଲେ–''ମୁଁ ତୁମମାନଙ୍କୁ ପୃଥିବୀର ସର୍ବୋତ୍ତମ ଉର୍ବର ଉପତ୍ୟକାଗୁଡ଼ିକୁ ନେଇଯିବି'' ।



Brutus

ନେପୋଲିୟନ ଏହି ପ୍ରକାରର ନୂତନ କୌଶଳ ପ୍ରୟୋଗ କରି ସାର୍ଡ଼ିନିଆକୁ ପରାସ୍ତ କଲେ ଏବଂ Savoy ଏବଂ Nice ନାମକ ସ୍ଥାନଦ୍ୱୟ ଛଡ଼ାଇ ନେଇ ଫରାସୀ ସାଧାରଣତନ୍ତ୍ର ସହିତ ମିଶାଇଦେଲେ । ସେପ୍ଟେମ୍ବର ୧୭୯୬ର ବାସାନା ଯୁଦ୍ଧ ପରେ ନେପୋଲିୟନ ମୋଡ଼େନା, ରିଜିଓ, ବୋଲେନା ଏବଂ ଫେରାରା ରାଜ୍ୟଗୁଡ଼ିକୁ ନେଇ ଗ୍ରାନସ୍ପାଡ଼େନ୍ ସାଧାରଣତନ୍ତ୍ର (Granspaden Republic) ଗଠନ କଲେ । ମାଣ୍ଟୁରିଆର ପତନ ପରେ ସେ ରୋମ ଆକ୍ରମଣ କଲେ ଏବଂ ପୋପଙ୍କୁ ଟୋଲେଣ୍ଟିଓ ଚୁକ୍ତି (Treaty of Tolentio) ସ୍ୱାକ୍ଷର କରିବାକୁ ବାଧ୍ୟ କଲେ । ଏହି ଚୁକ୍ତି ଅନୁଯାୟୀ ପୋପ ଇଂରେଜମାନଙ୍କୁ ତାଙ୍କ ରାଜ୍ୟର (ରୋମର) ବନ୍ଦରଗୁଡ଼ିକରେ ପ୍ରବେଶ କରିବାକୁ ଅନୁମତି ଦେବେ ନାହିଁ ବୋଲି ସ୍ୱୀକାର କଲେ ଏବଂ ଗ୍ରାନସ୍ପାଡ଼େନ ସାଧାରଣତନ୍ତ୍ରକୁ ମଧ୍ୟ ସ୍ୱୀକାର କଲେ । ଅଭିରାନନ ଉପରେ ଫରାସୀ ଅଧିକାର ମାନିନେଲେ । ପୋପ୍ ୩୦ ନିୟୁତ ମୁଦ୍ରା ୫ ଶହ ପାଣ୍ଡୁଲିପି ଓ ୧ ଶହ ଅମୂଲ୍ୟ ପ୍ରାଚୀନ ଚିତ୍ରକଳା ସାମଗ୍ରୀ ନେପୋଲିୟନଙ୍କ ହସ୍ତରେ ଅର୍ପଣ କଲେ । ସେହି ଅମୂଲ୍ୟ ପ୍ରାଚୀନ ଚିତ୍ରକଳା ମଧ୍ୟରେ (Junious Brutus)ଙ୍କର ବ୍ରୋଞ୍ଜ ନିର୍ମିତ ଆବକ୍ଷ ପ୍ରତିମୂର୍ତ୍ତି ମଧ୍ୟ ଥିଲା । ପରେ ପରେ ନେପୋଲିୟନ ଜେନୋଆରେ ଥିବା ସ୍ୱେଚ୍ଛାଚାରୀ ସମ୍ଭ୍ରାନ୍ତତନ୍ତ୍ରର ପତନ ଘଟାଇ ସେଠାରେ ଫ୍ରାନ୍ସର ଅନୁକରଣରେ (Ligurian Republic) ଲିଗୁରିଆନ ସାଧାରଣତନ୍ତ୍ର ଗଠନ କଲେ । ଇଟାଲୀରେ ଲୋମ୍ବାର୍ଡ଼ି ଗ୍ରାନସପାଡ଼େନ ସାଧାରଣତନ୍ତ୍ର, ଭେନେସିଆର କିଛି ଅଂଶ ଏବଂ ସ୍ୱିଜରଲାଣ୍ଡକୁ ନେଇ ନେପୋଲିୟନ ଇତିହାସ ପ୍ରସିଦ୍ଧ ସିସାଲ ପାଇନ (Cisalpine Republic) ପ୍ରତିଷ୍ଠା କଲେ । ତାହା ତାଙ୍କର ସର୍ବଶ୍ରେଷ୍ଠ ରାଜନୈତିକ କୃତି ଥିଲା ।

ଏହାପରେ ଅଦମ୍ୟ ଉତ୍ସାହ ଓ ଉଦ୍ଦୀପନା ମଧ୍ୟରେ Young Corporal ନେପୋଲିୟନ ଅଷ୍ଟ୍ରିଆ ସାମ୍ରାଜ୍ୟର ରାଜଧାନୀ ଭିଏନା ଅଭିମୁଖେ ସୈନ୍ୟଚାଳନା କଲେ । ଫରାସୀ ସୈନ୍ୟମାନଙ୍କ ପ୍ରବେଶ ଅଷ୍ଟ୍ରିଆ ସମ୍ରାଟଙ୍କୁ ଭୟଭୀତ କରାଇଥିଲା । ଫଳରେ ଅଷ୍ଟ୍ରିଆ ସମ୍ରାଟ ନେପୋଲିୟନଙ୍କ ସହିତ ସନ୍ଧି କରିବାକୁ ବାଧ୍ୟ ହୋଇଥିଲେ । ୧୭୯୭ ମସିହା ଅକ୍ଟୋବର ମାସରେ ନେପୋଲିୟନ ଏବଂ ଅଷ୍ଟ୍ରିଆ ସମ୍ରାଟଙ୍କ ମଧ୍ୟରେ କାମ୍ପୋ-ଫୋରମିଓ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା । ଚୁକ୍ତି ଅନୁସାରେ ଅଷ୍ଟ୍ରିଆ ବେଲଜିୟମ୍‌ରେ ତାର ଆଇନଗତ ଅଧିକାରକୁ ପରିତ୍ୟାଗ କଲା ଓ ଫ୍ରାନ୍ସର ବେଲଜିୟମ ଅଧିକାରକୁ ସ୍ୱୀକୃତି ଦେଲା । ରାଇନ ନଦୀର ବାମପାର୍ଶ୍ୱ ଅଞ୍ଚଳ (Trier, Mainz, Palatinte) ଫ୍ରାନ୍ସକୁ ସମର୍ପଣ କଲା ଓ ରାଇନ ନଦୀକୁ ଫ୍ରାନସର ସୀମାରେଖା ରୂପେ ସ୍ୱୀକାର କଲା । ଲୋମ୍ବାର୍ଡ଼ିରେ ନିଜର ଦାବୀ ଫ୍ରାନ୍ସକୁ ଅର୍ପଣ କରିବା ସଙ୍ଗେ ସଙ୍ଗେ ନେପୋଲିୟନଙ୍କ ଦ୍ୱାରା ଗଠିତ ସିସାଲପାଇନ ସାଧାରଣତନ୍ତ୍ରକୁ ସ୍ୱୀକୃତି ପ୍ରଦାନ କଲା । ପ୍ରତିବଦଳରେ ଅଷ୍ଟ୍ରିଆ, ଭେନିସ୍, ଇଷ୍ଟ୍ରିଆ ଓ ଡାଲମାଟିଆ ପାଇଲା । ଅଷ୍ଟ୍ରିଆ ଏକ ଆଡ୍ରିଆଟିକ୍ ଶକ୍ତି ରୂପେ ପ୍ରତିଷ୍ଠିତ ହେଲା । ଏହିସବୁ ବିଜୟ ଦ୍ୱାରା ନେପୋଲିୟନ ଖଣ୍ଡ ବିଖଣ୍ଡିତ ଇଟାଲୀର ରାଜନୈତିକ ମାନଚିତ୍ରକୁ ସମ୍ପୂର୍ଣ୍ଣ ଭାବେ ବଦଳାଇଦେଲେ । ଫଳରେ କାମ୍ପୋଫୋରିମିଓ ଚୁକ୍ତି ନେପୋଲିୟନଙ୍କର କୂଟନୀତିକ ଦକ୍ଷତାର ପରିଚୟ ପ୍ରଦାନ କଲା । ସେ ଯୁଦ୍ଧକ୍ଷେତ୍ରରେ ନିଜର ପ୍ରାଧାନ୍ୟ ପ୍ରତିଷ୍ଠା କରିବା ସଙ୍ଗେ ସଙ୍ଗେ କୂଟନୀତି କ୍ଷେତ୍ରରେ ଅସାମାନ୍ୟ ବିଚକ୍ଷଣତାର ପରିଚୟ ଦେଇଥିଲେ । ଏହା ତାଙ୍କର ବହୁମୁଖୀ ପ୍ରତିଭାର ଗୋଟିଏ ଉଦାହରଣ । ପ୍ରଥମ ଇଟାଲୀ ଅଭିଯାନ ନେପୋଲିୟନଙ୍କର ଏକ ମହାନ ସାମରିକ କୃତିତ୍ୱ ଅଟେ । ଅଠରମାସ ଅଭିଯାନ ମଧ୍ୟରେ ସେ ୧୮ଟି ବୃହତ୍ ଓ ୬୫ଟି କ୍ଷୁଦ୍ର ଯୁଦ୍ଧରେ ଅଂଶଗ୍ରହଣ କରି ବିଜୟୀ ହୋଇଥିଲେ ଏବଂ ତଦାନୀନ୍ତନ ଇଉରୋପର ସର୍ବାଗ୍ରଗଣ୍ୟ ଯୋଦ୍ଧା ରୂପେ ପରିଚିତ ହେଲେ । ପ୍ରଥମ ଇଉରୋପୀୟ ଶକ୍ତିମେଣ୍ଟର ଅବସାନ ଘଟିଲା । ଫ୍ରାନ୍ସରେ ଆବାଳ ବୃଦ୍ଧବନିତା ତାଙ୍କୁ ଉଚ୍ଚ ପ୍ରଶଂସା କଲେ । ଶାସନକର୍ତ୍ତା ଡାଇରେକ୍ଟରମାନେ ତାଙ୍କୁ ଭୟ କଲେ । ୧୭୯୭ ଶେଷ ବେଳକୁ ନେପୋଲିୟନ ପ୍ରତ୍ୟାବର୍ତ୍ତନ ପୂର୍ବରୁ ଡାଇରେକ୍ଟରମାନଙ୍କୁ କ୍ଷମତାଚ୍ୟୁତ କରିବା ଲାଗି ରାଜତନ୍ତ୍ର ସପକ୍ଷବାଦୀମାନେ ଷଡ଼ଯନ୍ତ୍ର ଆରମ୍ଭ କରିଥିଲେ । ନେପୋଲିୟନ ସୈନ୍ୟ ପ୍ରେରଣ

କରି ସେହି ବିଦ୍ରୋହୀମାନଙ୍କୁ ଦମନ କରିଥିଲେ ଏବଂ ସରକାରଙ୍କୁ ବିପଦରୁ ରକ୍ଷା କରିଥିଲେ । ନେପୋଲିୟନ ସ୍ୱଦେଶକୁ ପ୍ରତ୍ୟାବର୍ତ୍ତନ କଲେ । ପଥପ୍ରାନ୍ତରେ ତାଙ୍କୁ ଅସଂଖ୍ୟ ନରନାରୀ ବିପୁଳ ସମ୍ବର୍ଦ୍ଧନା ଦେଲେ । ଡାଇରେକ୍ଟରମାନେ ସର୍ବସାଧାରଣଙ୍କ ସମ୍ମୁଖରେ ତାଙ୍କୁ ସମ୍ମାନ ପ୍ରଦର୍ଶନ କଲେ ।

ମିଶର ଅଭିଯାନ, ୧୭୯୮ (Misar Expedition, 1798) : ପ୍ରଥମ ଇଉରୋପୀୟ ଶକ୍ତିମେଣ୍ଟର ଅବସାନ ପରେ ଏକମାତ୍ର ଶକ୍ତି ଇଂଲଣ୍ଡ ବିରୁଦ୍ଧରେ ଏକ ସମ୍ପୂର୍ଣ୍ଣ ଧରଣର ଯୋଜନା ନେପୋଲିୟନ ଆରମ୍ଭ କଲେ । ନେପୋଲିୟନ ହୃଦ୍‌ବୋଧ କଲେ ଯେ କ୍ଷୁଦ୍ର ଦ୍ୱୀପ ଇଂଲଣ୍ଡର ଶକ୍ତି ତାହାର ସୁଦୂରବିସ୍ତାରୀ ସାମ୍ରାଜ୍ୟ ଉପରେ ନିର୍ଭର କରୁଥିଲା । ସେହି ସାମ୍ରାଜ୍ୟ ମଧ୍ୟରେ ଭାରତ ସୁବୃହତ୍ ଧନଶାଳୀ ଦେଶ ଥିଲା । ତେଣୁ ସେ ଭାରତ ଜୟ କରିବା ପାଇଁ ପରିକଳ୍ପନା କଲେ । ସାମାନ୍ୟ ଜଣେ ସେନାପତି ଭାବେ ନେପୋଲିୟନ ଯେଉଁ ପ୍ରକାରର ସ୍ୱପ୍ନ ଦେଖୁଥିଲେ ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରାଇଥିଲା । ସେ ଭାବିପାରିଲେ ଯେ ଇଉରୋପ ମହାଦେଶ ତାଙ୍କ ପାଇଁ ଗୋଟିଏ କ୍ଷୁଦ୍ର କ୍ରୀଡ଼ାଭୂମି ଅଟେ । ଅପରପକ୍ଷରେ ପ୍ରାଚ୍ୟ ଦିଗ୍‌ବିଜୟ ଦ୍ୱାରା ସେ ନିଜ ବୀରତ୍ୱର ପରିଚୟ ଦେଇପାରିବେ ବୋଲି ଭାବିପାରିଥିଲେ । ସେ ଗ୍ରୀକ୍ ବୀର ଆଲେକଜାଣ୍ଡାରଙ୍କ ପଦାଙ୍କ ଅନୁସରଣ କରି ଭାରତ ଆକ୍ରମଣ ପାଇଁ ପଶ୍ଚିମ ଏସିଆ ଓ ମିଶର ମଧ୍ୟଦେଇ ଯିବାକୁ କରିବାକୁ ସ୍ଥିର କଲେ । ଭୂମଧ୍ୟସାଗର ଅତିକ୍ରମ କରି ଅତି ସହଜରେ ମିଶର ଦେଶ ଜୟ କରିପାରିବେ ବୋଲି ଆଶାବାଦୀ ହୋଇଉଠିଲେ । ନିର୍ଦ୍ଦେଶକମାନେ ଏହି ଯୋଜନାକୁ ସ୍ୱୀକୃତି ପ୍ରଦାନ କଲେ କାରଣ ସେମାନେ ନେପୋଲିୟନଙ୍କର ପ୍ୟାରିସରେ ଉପସ୍ଥିତି ଚାହୁଁନଥିଲେ । ସମ୍ବର୍ଦ୍ଧନା ସଭାରେ ନିର୍ଦ୍ଦେଶକ ବାରାସ ତାଙ୍କୁ ଆଲିଙ୍ଗନ କରି କହିଥିଲେ "Go and capture the giant Corsair that infesto the sea" । ୧୭୯୮ ମସିହା ମେ ମାସ ୧୯ ତାରିଖ ଦିନ ନେପୋଲିୟନ ତାଙ୍କର ପ୍ରସିଦ୍ଧ ମିଶର ଅଭିଯାନ ଆରମ୍ଭ କରିଥିଲେ । ସେ ତାଙ୍କ ସେନାବାହିନୀରେ ୪୦୦ ନୌପୋତ, ୩୮୦୦୦ ସୈନ୍ୟ ଓ ୧୭୫ ଜଣ ବେସାମରିକ ବିଶେଷଜ୍ଞ ଯେଉଁମାନଙ୍କ ମଧ୍ୟରେ ଭୂଗୋଳ ବିଶାରଦ, ଜ୍ୟୋତିର୍ବିଜ୍ଞାନୀ, ଖଣିତତ୍ତ୍ୱବିତ୍, ରସାୟନବିତ୍, ଚିକିତ୍ସାବିଜ୍ଞାନୀ, ପ୍ରତ୍ନତତ୍ତ୍ୱବିତ୍, ଇଞ୍ଜିନିୟର, ପ୍ରାଚ୍ୟ ବିଦ୍ୟାବିତ୍, ଅର୍ଥନୀତିଜ୍ଞ, କବି ଓ ଚିତ୍ରକର ଇତ୍ୟାଦି ନେଇ ଯାତ୍ରା ଆରମ୍ଭ କରିଥିଲେ । ଏହି ଅଭିଯାନ କେବଳ ସାମରିକ ଅଭିଯାନ ନଥିଲା । ଅନେକ ଦୃଷ୍ଟିରୁ ଏହା ଏକ ସାଂସ୍କୃତିକ ଅଭିଯାନ । ଫରାସୀ ରଣପୋତଗୁଡ଼ିକ ଭୂମଧ୍ୟସାଗର ଅତିକ୍ରମ କରି ନୀଳନଦୀ ମୁହାଣରେ ଥିବା ମିଶର ଦେଶର ଆଲେକଜାଣ୍ଡ୍ରିୟା ବନ୍ଦରରେ ପହଞ୍ଚିଲା । ଜାହାଜଗୁଡ଼ିକ ସେଠାରେ ରଖି ନେପୋଲିୟନ ମରୁଭୂମି ମଧ୍ୟରେ ସୈନ୍ୟଚାଳନା କରି ନୀଳନଦୀର ଉପତ୍ୟକା ଅତିକ୍ରମ କଲେ ଏବଂ ସେଠାକାର ଅଧିବାସୀ ମାମେଲୁକ (Mameluck)ମାନଙ୍କୁ ୧୭୯୮ ମସିହା ଜୁଲାଇ ମାସରେ ପିରାମିଡ଼ ଯୁଦ୍ଧରେ ପରାସ୍ତ କଲେ (Battle of Pyramid) । ନେପୋଲିୟନଙ୍କର ମିଶର ଅଭିଯାନ ପ୍ରତିହତ କରିବା ପାଇଁ ଆଡ଼ମିରାଲ ନେଲସନ୍‌ଙ୍କ ନେତୃତ୍ୱରେ ଏକ ବ୍ରିଟିଶ ସୈନ୍ୟବାହିନୀ ଭୂମଧ୍ୟସାଗରରେ ପ୍ରବେଶ କରିଥିଲା । କିନ୍ତୁ ପ୍ରତିକୂଳ ପାଗ ଏବଂ ସାମୁଦ୍ରିକ ଝଡ଼ ହେତୁ ଆଧୁନିକ ଯୁଗର ଶ୍ରେଷ୍ଠ ସେନାଧ୍ୟକ୍ଷ ଏବଂ ଶ୍ରେଷ୍ଠ ନୌସେନାଧ୍ୟକ୍ଷଙ୍କ ମଧ୍ୟରେ ଭେଟାଭେଟି ହୋଇପାରିନଥିଲା । ପିରାମିଡ଼ ଯୁଦ୍ଧ ପୂର୍ବରୁ ନେପୋଲିୟନ ଫରାସୀ ସୈନ୍ୟମାନଙ୍କୁ ପ୍ରେରଣା ଦେବା ଉଦ୍ଦେଶ୍ୟରେ କହିଥିଲେ ଯେ ''ପିରାମିଡ଼ ଦେଶର ଶିଖର ଦେଶରୁ ଚାରିସହସ୍ର ବର୍ଷ ସମୟ ସେମାନଙ୍କର ସାହସର ସାକ୍ଷୀ ହେବାଲାଗି ଅପେକ୍ଷା କରିଛି ।'' "Soldiers, from the summit of these pyramids forty centuries look down upon you" । ସେହି ଯୁଦ୍ଧ ପିରାମିଡ଼ଗୁଡ଼ିକର ନିମ୍ନଭୂମିରେ ହୋଇଥିବାରୁ ଏହି ଯୁଦ୍ଧକୁ ପିରାମିଡ଼ ଯୁଦ୍ଧ ବୋଲି କୁହାଯାଏ । ଯୁଦ୍ଧ ଜୟ ପରେ ନେପୋଲିୟନ ମିଶର ରାଜଧାନୀ କାଇରୋ ନଗରୀରେ ପ୍ରବେଶ କଲେ । ସେଠାରେ ସେ ମୁସଲମାନ ଅଧିବାସୀମାନଙ୍କ ନୈତିକ ସମର୍ଥନ ପାଇବାକୁ ଉଦ୍ୟମ କରିଥିଲେ ଓ ସେମାନଙ୍କ ଧର୍ମକୁ ସମ୍ମାନ ଦେଇଥିଲେ । ସେମାନଙ୍କ ପାଇଁ ଗୋଟିଏ ମସଜିଦ୍ ନିର୍ମାଣ କରିବେ ବୋଲି ଛଳନା କରିଥିଲେ । କାଇରୋଠାରୁ ଦୂରଦୂରାନ୍ତ ଅଞ୍ଚଳ ଅଧିକାର କରିବା ଲାଗି ଯୋଜନା ପ୍ରସ୍ତୁତ କଲେ ।

ବ୍ରିଟିଶ ଆଡ଼ମିରାଲ ନେଲସନ୍ ନେପୋଲିୟନଙ୍କୁ ଭୂମଧ୍ୟସାଗରରେ ଅନ୍ୱେଷଣ କରି ଆଲେକଜାଣ୍ଡ୍ରିଆଠାରେ ଉପସ୍ଥିତ ହେଲେ ଓ ୧୭୯୮ ମସିହା ଅଗଷ୍ଟ ୧ ତାରିଖ ଦିନ ନୀଳ ନଦୀ ମୁହାଣରେ ଥିବା ଫରାସୀ ଜାହାଜଗୁଡ଼ିକୁ ଆକ୍ରମଣ କରି ସେଗୁଡ଼ିକୁ ଧ୍ୱଂସ କରିଦେଲେ; ମାତ୍ର ୪ଟି ଜାହାଜ କୌଣସି ପ୍ରକାରରେ ରକ୍ଷା ପାଇଯାଇଥିଲା । ଏହା ନୀଳନଦୀ ନୌଯୁଦ୍ଧ ନାମରେ ଇତିହାସ ପ୍ରଖ୍ୟାତ (Naval Battle of the Nile) ।. ନେପୋଲିୟନଙ୍କର ସମସ୍ତ ଯୋଜନା ବ୍ୟର୍ଥ ହୋଇଯାଇଥିଲା । ନେପୋଲିୟନ ମିଶରଠାରୁ ଅନ୍ୟତ୍ର ଯିବାପାଇଁ କିମ୍ବା ନିଜ ଦେଶକୁ ସୈନ୍ୟ ଫେରାଇ ନେବାଲାଗି ସମର୍ଥନ ହେଲେ ନାହିଁ । ତେଣେ ମିଶର ମରୁଭୂମିର ଅସହ୍ୟ ଉତ୍ତାପ, ଧର୍ମାନ୍ଧ ମୁସଲମାନମାନଙ୍କର ଶତ୍ରୁତା ଓ ଖାଦ୍ୟାଭାବ ଇତ୍ୟାଦି କାରଣ ଯୋଗୁଁ ତାଙ୍କ ସୈନ୍ୟମାନେ ବହୁସଂଖ୍ୟାରେ ପ୍ରାଣ ହରାଇବାକୁ ଲାଗିଲେ । ସୈନ୍ୟମାନଙ୍କ ମଧ୍ୟରେ ବିଦ୍ରୋହ ଚିନ୍ତା ପ୍ରକାଶ ପାଇଲା । ଏପରି ପ୍ରତିକୂଳ ପରିସ୍ଥିତିରେ ସେ ହତୋତ୍ସାହ ନହୋଇ ଅଧିକ ଦୃଢ଼ତା ଓ କର୍ମନିଷ୍ଠତା ପ୍ରଦର୍ଶନ କରିଥିଲେ । ଫ୍ରାନ୍ସ ଦେଶରୁ ସାହାଯ୍ୟ ପାଇବା ଆଶାରେ ସେଠାରେ ଅପେକ୍ଷା କଲେ । ସେହି ଅପେକ୍ଷା କାଳ ମଧ୍ୟରେ ସେ ସାଙ୍ଗରେ ଆଣିଥିବା ବିଦ୍ୱାନମାନଙ୍କୁ ଗବେଷଣା କାର୍ଯ୍ୟରେ ନିଯୁକ୍ତ କଲେ । ସେହି ସମୟରେ ଜଣେ ଫରାସୀ ଇଞ୍ଜିନିୟର ରୋସେଟା ନାମକ ସ୍ଥାନରେ ଖଣ୍ଡେ ତ୍ରୈଭାଷିକ ଶିଳାଲିପି ଆବିଷ୍କାର କରି ପ୍ରାଚୀନ ମିଶରର ଆଦିଲିପିର ଅର୍ଥ ବୁଝିବା ଲାଗି ପଥ ପ୍ରସ୍ତୁତ କରିଥିଲେ । ପରେ ନେପୋଲିୟନ ନିଜେ ସୁଏଜ ନାମକ ସ୍ଥାନ ପରିଦର୍ଶନ କରି ସେଠାରେ ଲୋପ ପାଇଯାଇଥିବା ଗୋଟିଏ ଜଳପଥର ସନ୍ଧାନ ପାଇଥିଲେ । ତାଙ୍କ ଆବିଷ୍କାରର ୫୦ ବର୍ଷ ପରେ ସେହିଠାରେ ନୂତନ ସୁଏଜ କେନାଲ ଖୋଦନ କରାଗଲା । ଏହା ନେପୋଲିୟନଙ୍କ ଆବିଷ୍କାର ଓ ଦୂରଦୃଷ୍ଟିର ଫଳ ଅଟେ ।

ସେତେବେଳେ ତୁର୍କୀ ଇଂଲଣ୍ଡର ପ୍ରରୋଚନାରେ ଫ୍ରାନ୍ସ ବିରୁଦ୍ଧରେ ଯୁଦ୍ଧ ଘୋଷଣା କଲା ଓ ସିରିଆ ମଧ୍ୟଦେଇ ଏକ ସୈନ୍ୟବାହିନୀ ମିଶରକୁ ପ୍ରେରଣ କଲା । ନେପୋଲିୟନ ତାଙ୍କର ହତୋତ୍ସାହ ସୈନ୍ୟମାନଙ୍କୁ ସଂଗଠିତ କରି ସିରିଆ ଆକ୍ରମଣ କରିବା ପାଇଁ ପ୍ରସ୍ତୁତ ହେଲେ । ଯୋଜନା ପ୍ରସ୍ତୁତ କଲେ ଯେ ଆକରଠାରୁ (Acre) ଦାମାସ୍କସ (Damascus) ଦେଇ ବନ୍ଧୁଭାବାପନ୍ନ ପର୍ସିଆ ଯିବେ ଓ ସେଠାରୁ ସିନ୍ଧୁ ଉପତ୍ୟକା ଅଞ୍ଚଳରେ ପ୍ରବେଶ କରି ଭାରତରେ ଟିପୁ ସୁଲତାନଙ୍କୁ ତାଙ୍କ ଇଂରେଜ ବିରୋଧୀ କାର୍ଯ୍ୟରେ ସାହାଯ୍ୟ ଓ ସହଯୋଗ କରିବେ । ଏହାଛଡ଼ା ସେ ତୁରସ୍କ ଆକ୍ରମଣ କରି ରାଜଧାନୀ କନ୍‌ଷ୍ଟାଣ୍ଟିନୋପେଲ ଅଧିକାର କରିପାରିବେ ବୋଲି ମଧ୍ୟ ସ୍ଥିର କଲେ । କନ୍‌ଷ୍ଟାଣ୍ଟିନୋପେଲଠାରୁ ଇଉରୋପ ମଧ୍ୟ ଦେଇ ସ୍ଥଳପଥରେ ନିଜ ଦେଶକୁ ଫେରିବେ ବୋଲି ମଧ୍ୟ ଚିନ୍ତା କଲେ । ଯୋଜନା ପ୍ରସ୍ତୁତ କଲାପରେ ସେ ସିରିଆ ଦିଗରେ ସୈନ୍ୟଚାଳନା କଲେ । ବାଲୁକା ପ୍ରାନ୍ତରର ଅସହ୍ୟ ଉତ୍ତାପ ଓ ଜଳକଷ୍ଟ ମଧ୍ୟଦେଇ ନେପୋଲିୟନଙ୍କର ରୋଗାକ୍ରାନ୍ତ ସୈନ୍ୟମାନେ ବହୁ କଷ୍ଟରେ ଆକର (Acre) ବନ୍ଦର ନଗରୀଠାରେ ପହଞ୍ଚିଲେ । ପ୍ରବଳ ରୌଦ୍ରତାପରେ ଖାଦ୍ୟ ପାନୀୟର ଅଭାବ ପ୍ଲେଗର ଭୀଷଣ ପ୍ରକୋପରେ ଭୂପତିତ ହେଉଥିବା ବନ୍ଧୁମାନଙ୍କ କରୁଣ ମୃତ୍ୟୁ ଦେଖି ଦେଖି ମାତ୍ର ୨୦ ଦିନ ମଧ୍ୟରେ ୫୦୦ ମାଇଲ ପଥ ଅତିକ୍ରମ କରି ଶେଷରେ ଅବୁକରବେଠାରେ ପହଞ୍ଚିଲେ । ସେଠାରେ ଗୋଟିଏ ଶକ୍ତିଶାଳୀ ତୁର୍କବାହିନୀକୁ ନିପାତ କରିପାରିଥିଲେ । ଏହି ଯୁଦ୍ଧରେ ପ୍ରାୟ ୧୦,୦୦୦ ସୈନ୍ୟ ନିହତ ହୋଇଥିଲେ । ନେପୋଲିୟନ ନିଜେ ଅବୁକରବେ ଘଟଣା ସମ୍ପର୍କରେ କହିଥିଲେ ଯେ, "It is one of the finest I have ever witnessed." । ସେଠାରୁ ଅଗ୍ରସର ହୋଇ ନେପୋଲିୟନ କାଇରୋଠାରେ ପହଞ୍ଚିଲେ ।

କାଇରୋଠାରେ ପହଞ୍ଚି ନେପୋଲିୟନ ଶୁଣିବାକୁ ପାଇଲେ ଯେ ଫ୍ରାନ୍ସ ବିପକ୍ଷରେ ଇଉରୋପୀୟ ଶକ୍ତିମାନେ ପୁଣିଥରେ ମେଣ୍ଟ ଗଠନ କରିଛନ୍ତି ଏବଂ ଫ୍ରାନ୍ସଠାରୁ ଶତ୍ରୁମାନେ ଇଟାଲୀକୁ ଛଡ଼ାଇ ନେଇଯାଇଛନ୍ତି । ଦୁର୍ବଳ ଡାଇରେକ୍ଟରମାନେ ସମସ୍ୟାର ସମ୍ମୁଖୀନ ହେବାପାଇଁ ଅସମର୍ଥ ହୋଇପଡ଼ିଛନ୍ତି । ଇଉରୋପରେ ପୁଣିଥରେ ମିଳିତ ଶକ୍ତିମେଣ୍ଟ (ଦ୍ୱିତୀୟ ମିଳିତ ଶକ୍ତିମେଣ୍ଟ) ଗଠନ କରାଯାଇଛି । ଏହିସବୁ ପରିସ୍ଥିତିକୁ ବିଚାର କରି ନେପୋଲିୟନ ଫ୍ରାନ୍ସ ଫେରିଯିବାକୁ ସ୍ଥିର କଲେ । ମିଶର ସୈନ୍ୟବାହିନୀର ଦାୟିତ୍ୱ କ୍ଳେବର (Kleber)ଙ୍କ ହସ୍ତରେ ନ୍ୟସ୍ତ କରି ୧୭୯୯ ମସିହା ଅଗଷ୍ଟ ୨୧

ତାରିଖ ଦିନ ଅଙ୍କ କେତେକ ଅନୁଚର ଏବଂ କେତେଜଣ ବନ୍ଧୁଙ୍କ ଗହଣରେ ଖଣ୍ଡିଏ କ୍ଷୁଦ୍ର ତରୀରେ ଭୂମଧ୍ୟସାଗର ମଧ୍ୟଦେଇ ଅଜ୍ଞାତ ଭାବରେ ପ୍ରତ୍ୟାବର୍ତ୍ତନ କଲେ । ବହୁ କଷ୍ଟ ପରେ ସେ ନିଜ ଦେଶରେ ପହଞ୍ଚିଲେ । ତାଙ୍କ ମିଶର ଅଭିଯାନ ବସ୍ତୁତଃ ବ୍ୟର୍ଥ ହୋଇଥିଲା ଅଥଚ ତାଙ୍କର ବୀରତ୍ୱ କାହାଣୀ ସମଗ୍ର ଫରାସୀ ଜାତିକୁ ମୁଗ୍ଧ କରିସାରିଥିଲା । ତାଙ୍କ ପ୍ରତ୍ୟାବର୍ତ୍ତନରେ ସମଗ୍ର ଜାତି ଆନନ୍ଦ ଉଲ୍ଲାସରେ ଅଧୀର ହୋଇଉଠିଲା । ଡାଇରେକ୍ଟରମାନେ ଶଙ୍କିତ ହୋଇପଡ଼ିଲେ । ଇଉରୋପୀୟ ଶକ୍ତିମେଣ୍ଟର ପୁନର୍ବାର ଆକ୍ରମଣ ଓ ଡାଇରେକ୍ଟରୀମାନଙ୍କ ଅପାରଗତା ଯୋଗୁଁ ଫରାସୀ ଜାତି ତାଙ୍କୁ ଦେଶର ରକ୍ଷାକର୍ତ୍ତା ବୋଲି ଭାବି ନେଇଥିଲେ । ସମୁଦ୍ରକୂଳରୁ ପ୍ୟାରିସ ପର୍ଯ୍ୟନ୍ତ ଯାତ୍ରାପଥରେ ଅସଂଖ୍ୟ ନରନାରୀ ତାଙ୍କ ପ୍ରତି ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ ଓ ବିଶାଳ ଶୋଭାଯାତ୍ରାରେ ତାଙ୍କୁ ରାଜଧାନୀକୁ ପାଛୋଟି ନେଇଥିଲେ । ସେହି ଦୁଃସମୟରେ ଅନେକ ତାଙ୍କୁ ଜଣେ ଯୁଗପୁରୁଷ ବୋଲି ଗ୍ରହଣ କରିଥିଲେ ।

Emmanuel Joseph Sieyes

ଡାଇରେକ୍ଟରମାନେ ବିଦେଶୀ ଶତ୍ରୁର ମୁକାବିଲା ପାଇଁ ଅସମର୍ଥ ଥିଲେ । ଦୁର୍ନୀତି କଳଙ୍କରେ ସେମାନେ ବୁଡ଼ି ରହିଥିଲେ । ଉନ୍ନତିମୂଳକ କାର୍ଯ୍ୟ ନିମନ୍ତେ ସେମାନଙ୍କର ଦକ୍ଷତା ବା ଦୂରଦୃଷ୍ଟି ନଥିଲା । ଏହିସବୁ ଦୋଷତ୍ରୁଟିଗୁଡ଼ିକ ନେପୋଲିୟନଙ୍କ ପାଇଁ ସୁବର୍ଣ୍ଣ ସୁଯୋଗ ଥିଲା । ସେ ଫ୍ରାନ୍ସରେ ପହଞ୍ଚିବାର ତିନି ସପ୍ତାହ ପରେ ୧୭୯୯ ମସିହା ନଭେମ୍ବର ମାସ ୯-୧୦ ତାରିଖ ଦିନ ସାୟେସ୍ ନାମକ ଜଣେ ନିର୍ଦ୍ଦେଶକ (Siayes) ଏବଂ ବୈଦେଶିକ ବ୍ୟାପାର ମନ୍ତ୍ରୀ ଟାଲିରାଣ୍ଡ (Talleyrand)ଙ୍କ ସହିତ ଷଡ଼ଯନ୍ତ୍ର କରି ବିଶ୍ୱସ୍ତ ସୈନ୍ୟମାନଙ୍କୁ ନେଇ ବ୍ୟବସ୍ଥାପକ ସଭାର ଉଭୟ କକ୍ଷକୁ ଅବରୋଧ କଲେ । ଡାଇରେକ୍ଟରମାନଙ୍କୁ କ୍ଷମତା ତ୍ୟାଗ କରିବାକୁ ବାଧ୍ୟ କଲେ । ନିଜେ ନିମ୍ନକକ୍ଷ (Council of Five Hundreds) ଭିତରେ ପ୍ରବେଶ କରି ସଦସ୍ୟମାନଙ୍କୁ ଉଦ୍‌ବୋଧନ ଦେବାକୁ ଚେଷ୍ଟା କଲେ । ସଦସ୍ୟମାନେ ତାଙ୍କୁ ସ୍ୱେଚ୍ଛାଚାରୀ ବୋଲି ଭର୍ତ୍ସନା କରିବା ସଙ୍ଗେ ସଙ୍ଗେ ବେଆଇନ ବ୍ୟକ୍ତି ବୋଲି ଘୋଷଣା କଲେ । ନେପୋଲିୟନଙ୍କ ସଶସ୍ତ୍ର ସୈନ୍ୟମାନେ କକ୍ଷ ମଧ୍ୟକୁ ପ୍ରବେଶ କରିବା ଦେଖି ସଦସ୍ୟମାନେ ଭୟରେ ପଳାୟନ କଲେ । ସେହିଦିନ ମଧ୍ୟରାତ୍ରରେ ସେମାନଙ୍କ ମଧ୍ୟରୁ କେତେଜଣଙ୍କୁ ବଳପୂର୍ବକ ସଭାସ୍ଥଳକୁ ଅଣାଗଲା ଓ ସେମାନେ ସମ୍ବିଧାନ ପରିବର୍ତ୍ତନ ଲାଗି ତିନିଜଣ କନସଲଙ୍କ ହସ୍ତରେ ଶାସନ ଦାୟିତ୍ୱ ଅର୍ପଣ କଲେ । ସେହି ତିନିଜଣ କନସଲ ହେଲେ ଆବିସାୟେସ, ଡ୍ୟୁକସ୍ ଓ ନେପୋଲିୟନ ବୋନାପାର୍ଟ (Abbe Sieyes, Ducos and Napoleon) । କନସଲମାନଙ୍କୁ ସମ୍ବିଧାନ ପ୍ରସ୍ତୁତ କରିବା ପାଇଁ ଦାୟିତ୍ୱ ଦେଇ କେତେଗୁଡ଼ିଏ କମିଟି ଗଠନ କରାଯାଇଥିଲା । ବ୍ୟବସ୍ଥାପକ ସଭା ୮ ମାସ ପାଇଁ ବନ୍ଦ କରି ଦିଆଗଲା । କନସଲମାନେ ସାଧାରଣତନ୍ତ୍ର ପ୍ରତି ନିଜର ବିଶ୍ୱସ୍ତତା ଓ ଦେଶର ସ୍ୱାଧୀନତା ଓ ପ୍ରତିନିଧିମୂଳକ ଶାସନ ବ୍ୟବସ୍ଥା ପ୍ରଚଳନ ପାଇଁ ପ୍ରତିଶ୍ରୁତି ଦେଲେ । ତା ପରଦିନ ସମସ୍ତେ ପ୍ୟାରିସ ପ୍ରତ୍ୟାବର୍ତ୍ତନ କଲେ । ବ୍ରୁଏମାର ସଶସ୍ତ୍ର ବିପ୍ଳବ ଦ୍ୱାରା ନେପୋଲିୟନ ଫ୍ରାନ୍ସର ସର୍ବୋଚ୍ଚ ରାଜନୀତିକ କ୍ଷମତା ଅଧିକାର କଲେ । ବାସ୍ତବ ପକ୍ଷରେ ନେପୋଲିୟନଙ୍କର ଏ ପ୍ରକାର କାର୍ଯ୍ୟ ଥିଲା ବଳପୂର୍ବକ କ୍ଷମତା ଅଧିକାର କରିବାର ଗୋଟିଏ ଜ୍ୱଳନ୍ତ ଉଦାହରଣ ।



Maurice Talleyrand

୧୭୯୯ର ସମ୍ବିଧାନ : ନିର୍ଦ୍ଦେଶକମଣ୍ଡଳୀର ପତନ ପରେ ଫ୍ରାନ୍‌ସରେ Abbe Siayesଙ୍କ ଦ୍ୱାରା ପ୍ରଣୀତ ଓ ନେପୋଲିୟନଙ୍କ ଦ୍ୱାରା ସଂଶୋଧିତ ଏକ ନୂତନ ସମ୍ବିଧାନ କାର୍ଯ୍ୟକାରୀ ହେଲା । ଏହା କନସୁଲାର ସମ୍ବିଧାନ ବା ଅଷ୍ଟମ ବର୍ଷର ସମ୍ବିଧାନ (Constitution of the Year VIII) ରୂପେ ପରିଚିତ । ଏହି ସମ୍ବିଧାନ ଅନୁଯାୟୀ ତିନିଜଣ

କନସଲ ରାଷ୍ଟ୍ରର ମୁଖ୍ୟ ରୂପେ ଦଶବର୍ଷ ପାଇଁ ନିର୍ବାଚିତ ହେଲେ । ସେମାନଙ୍କର ପୁନଃ ନିର୍ବାଚନର ବ୍ୟବସ୍ଥା ମଧ୍ୟ ଥିଲା । ସେମାନଙ୍କ ମଧ୍ୟରୁ ନେପୋଲିୟନ ପ୍ରଥମ କନସଲ ରୂପେ ନିର୍ବାଚିତ ହେଲେ । ତାଙ୍କୁ ଅସୀମ କ୍ଷମତା ଦିଆଗଲା । ଅନ୍ୟ ଦୁଇଜଣ କନସଲ ତାଙ୍କୁ ସାହାଯ୍ୟ କରିବାକୁ ସ୍ଥିର କରାଗଲା । ପ୍ରଥମ କନସଲ ମନ୍ତ୍ରୀ, ଶାସନ ବିଭାଗୀୟ କର୍ମକର୍ତ୍ତା ଓ ବିଚାରପତିମାନଙ୍କୁ ନିଯୁକ୍ତ କରିବାର କ୍ଷମତା ପାଇଲେ । ସେ ହେଲେ ଫରାସୀ ସୈନ୍ୟବାହିନୀର ସର୍ବୋଚ୍ଚ ସେନାପତି । ଦେଶର ସ୍ଥାନୀୟ ଶାସନ ମଧ୍ୟ ତାଙ୍କ ଆଦେଶରେ ପରିଚାଳିତ ହେଲା । ବୈଦେଶିକ ବ୍ୟାପାର ସେ ନିୟନ୍ତ୍ରଣ କଲେ । ବ୍ୟବସ୍ଥାପକ ସଭା ଓ ପରିଷଦ ତାଙ୍କ ଦ୍ୱାରା ଗଠିତ ହେଲା । ପ୍ରଥମ କନସଲ ଆଇନ ପ୍ରସ୍ତାବନା ଗୃହ (Council of State)ର ସଭାପତି ହେଲେ । ଅନ୍ୟ ଦୁଇଜଣ କନସଲମାନଙ୍କ ସହିତ ପ୍ରସ୍ତାବନା ଗୃହର ସଭ୍ୟମାନଙ୍କୁ ସେ ମନୋନୀତ କରୁଥିଲେ । ସିନେଟର ସଦସ୍ୟମାନେ ମଧ୍ୟ ପ୍ରଥମ କନସଲଙ୍କ ଦ୍ୱାରା ମନୋନୀତ ହେଉଥିଲେ । ପ୍ରଥମ କନସଲଙ୍କର ବିନା ଅନୁମୋଦନରେ କୌଣସି ଆଇନ ପ୍ରସ୍ତାବିତ, ଆଲୋଚିତ କିମ୍ବା ଗୃହୀତ ହେବାର ନିୟମ ମଧ୍ୟ ନଥିଲା । ଫଳରେ ନେପୋଲିୟନଙ୍କର କ୍ଷମତା ୧୭୯୧ ମସିହାର ସମ୍ବିଧାନ ଅନ୍ତର୍ଭୁକ୍ତ ଷୋଡ଼ଶ ଲୁଇଙ୍କର କ୍ଷମତାଠାରୁ ବ୍ୟାପକ ଓ ବିସ୍ତୃତ ଥିଲା ।

ଦେଶର ଆଇନ ପ୍ରଣୟନ କାର୍ଯ୍ୟ ୪ଟି ଗୃହ ମାଧ୍ୟମରେ ହେବାର ବ୍ୟବସ୍ଥା ହେଲା ସେଗୁଡ଼ିକ ହେଲା The Council of State, the Tribunate, the Legislative Body ଏବଂ The Senate । Council of Stateରେ ଆଇନ ପ୍ରସ୍ତାବ ଆଗତ ହେଉଥିଲା । Tribunateରେ ଏହା ଉପରେ ଆଲୋଚନା ହେଉଥିଲା । Legislative Bodyରେ କୌଣସି ପ୍ରକାରର ଆଲୋଚନା ନହୋଇ ପ୍ରସ୍ତାବଗୁଡ଼ିକ ମଞ୍ଜୁର କିମ୍ବା ନାମଞ୍ଜୁର ହେଉଥିଲା । ସେ ପ୍ରକାରର ବ୍ୟବସ୍ଥା ହୋଇଥିବାରୁ ଏହାକୁ ମୂକ ବ୍ୟବସ୍ଥା ସଭା Dumb Legislative Assembly ବୋଲି କୁହାଯାଏ । ଉପରସ୍ଥ ତିନୋଟି ଗୃହର ଅନୁମୋଦନ ପରେ ଆଇନ ପ୍ରସ୍ତାବ ସିନେଟକୁ ଯାଉଥିଲା । କନସଲମାନଙ୍କ ଅନୁମୋଦନ ପରେ ଏହା ଆଇନରେ ପରିଣତ ହେଉଥିଲା । Council of Stateର ସଭ୍ୟମାନେ କନସଲମାନଙ୍କ ଦ୍ୱାରା ମନୋନୀତ ହେଉଥିଲେ । ଏହି ସଂସ୍ଥା ଶାସନ ସମ୍ବନ୍ଧୀୟ ବିଚାରାଳୟ ରୂପେ କାର୍ଯ୍ୟ କରୁଥିଲା । ସମସ୍ତ ପ୍ରକାରର ଆଇନ ପ୍ରସ୍ତାବନା ଏହାର ଅଧିକାର ଥିଲା । ଏକ ନିର୍ବାଚନ ପ୍ରଥା ଅନୁଯାୟୀ ଏକ ଜାତୀୟ ତାଲିକା ପ୍ରସ୍ତୁତ ହେଉଥିଲା ଓ ତାହା ମଧ୍ୟରୁ କନସଲମାନେ ୧୦୦ ସଭ୍ୟ ବିଶିଷ୍ଟ Tribunate ଏବଂ ୩୦୦ ଜଣ ସଭ୍ୟ ବିଶିଷ୍ଟ Legislative Bodyର ସଭ୍ୟମାନଙ୍କୁ ମନୋନୀତ କରୁଥିଲେ । ୮୦ ଜଣ ଆଜୀବନ ସଭ୍ୟଙ୍କୁ ନେଇ ଗଠିତ ସିନେଟ୍‌ର ସଭ୍ୟମାନେ କନସଲମାନଙ୍କୁ ନିର୍ବାଚିତ କରୁଥିଲେ । ଏହି ପ୍ରକାରର ବ୍ୟବସ୍ଥାଗୁଡ଼ିକୁ ଅନୁଧ୍ୟାନ କଲେ ଦେଖାଯାଏ ଯେ ଏହି ସମ୍ବିଧାନ ଏକ ସାମରିକ ଏକଛତ୍ରବାଦକୁ ଗଣତାନ୍ତ୍ରିକ ବ୍ୟବସ୍ଥାର ଅନ୍ତରାଳରେ ସୁରକ୍ଷିତ କରିଥିଲା । କୁହାଯାଇଥାଏ ବୁରବୋଁ ରାଜାମାନଙ୍କ ନିରଙ୍କୁଶ ଶାସନ ପରି ନେପୋଲିୟନ ମଧ୍ୟ ନିରଙ୍କୁଶ ଶାସନ ଆରମ୍ଭ କଲେ । ମାତ୍ର ବୁରବୋଁ ଶାସନ ପଛରେ ଜନସମର୍ଥନ ନଥିବା ବେଳେ ନେପୋଲିୟନଙ୍କ ଶାସନ ପଛରେ ଜନସମର୍ଥନ ଥିଲା । ନେପୋଲିୟନଙ୍କ ଶାସନ କାଳରେ ସାଧାରଣ ପରିବାରରେ ଜନ୍ମିଥିବା ବ୍ୟକ୍ତିମାନେ ନିଜ ନିଜ ପ୍ରତିଭା ଓ ଯୋଗ୍ୟତା ବଳରେ ଉଚ୍ଚ ପଦପଦବୀରେ ନିଯୁକ୍ତ ହେଉଥିଲେ । ତାଙ୍କ ଶାସନ କାଳରେ କର୍ମଦକ୍ଷତା, ବ୍ୟକ୍ତିଗତ ନିଷ୍ଠା, ପରିଶ୍ରମ ଶକ୍ତି ଓ ସାଧୁତା ଉପରେ ଗୁରୁତ୍ୱ ଦିଆଯାଉଥିଲା ।

ପ୍ରଥମ କନସଲ୍ ନେପୋଲିୟନ (Work as First Consul) :

ନେପୋଲିୟନ ପ୍ରଥମ କନସଲ୍ ହେବାପରେ ଫ୍ରାନ୍ସ ଇତିହାସରେ ଏକ ନୂତନ ଅଧ୍ୟାୟ ଆରମ୍ଭ ହେଲା । ଫରାସୀ ସାଧାରଣତନ୍ତ୍ରର ସର୍ବୋଚ୍ଚ ଶାସନକର୍ତ୍ତା ବା ପ୍ରଥମ କନସଲ ଭାବେ ନେପୋଲିୟନ ୧୭୯୯ରୁ ୧୮୦୪ ପର୍ଯ୍ୟନ୍ତ ଶାସନ କରିଥିଲେ । ସେହି ସମୟ ମଧ୍ୟରେ ସେ ତାଙ୍କ ଅସାଧାରଣ ପ୍ରତିଭାର ପରିଚୟ ଦେଇଥିଲେ । ତାଙ୍କର ବୈଦେଶିକ ନୀତି ଏବଂ ଆଭ୍ୟନ୍ତରୀଣ ଶାସନ ଏହି ଉଭୟ କ୍ଷେତ୍ରରେ ସେ ଆଶ୍ଚର୍ଯ୍ୟଜନକ ସାଫଲ୍ୟ ହାସଲ କରିଥିଲେ ।

ଇଉରୋପୀୟ ଯୁଦ୍ଧ : ଦ୍ୱିତୀୟ ଇଟାଲୀ ଅଭିଯାନ, ୧୮୦୦

(The European War : Second Expedition of Italy, 1800 A.D.) :

୧୭୯୮ ମସିହାରେ ଫ୍ରାନ୍‌ସ ବିରୋଧରେ ''ଦ୍ୱିତୀୟ ଶକ୍ତିମେଣ୍ଟ'' ଗଠିତ ହୋଇସାରିଥାଏ । ଶତ୍ରୁମାନେ ନେପୋଲିୟନଙ୍କ ପ୍ରଥମ ଇଟାଲୀ ଅଭିଯାନ ପରେ କ୍ୟାମ୍ପୋର୍ଫୋମୀୟ ସନ୍ଧି କରିବାକୁ ବାଧ୍ୟ ହୋଇଥିଲେ ହେଁ କ୍ରମେ ସେ ସନ୍ଧି ସେମାନେ ଅଗ୍ରାହ୍ୟ କରିଦେଇଥିଲେ । ନେପୋଲିୟନ ମିଶରରେ ଥିବାବେଳେ ତାଙ୍କ ଅନୁପସ୍ଥିତିର ସୁଯୋଗ ନେଇ ଫ୍ରାନ୍‌ସ ବିରୁଦ୍ଧରେ ଇଂଲଣ୍ଡ, ଅଷ୍ଟ୍ରିଆ, ଋଷିଆ, ନେପଲସ୍, ପର୍ତ୍ତୁଗାଲ ଓ ତୁରସ୍କ ବା ତୁର୍କୀ ଇତ୍ୟାଦି ଦେଶଗୁଡ଼ିକ ଦ୍ୱିତୀୟ ଶକ୍ତିମେଣ୍ଟ ଗଠନ କରିଥିଲେ । ଇଂଲଣ୍ଡ ଓ ଋଷିଆର ମିଳିତ ସୈନ୍ୟବାହିନୀ ହଲାଣ୍ଡ ଆକ୍ରମଣ କରିଥିଲାବେଳେ ଅଷ୍ଟ୍ରିଆ ଓ ଋଷିଆର ମିଳିତ ସୈନ୍ୟବାହିନୀ ଇଟାଲୀର ବିଭିନ୍ନ ଅଞ୍ଚଳ ଅଧିକାର କରିଥିଲେ । ଅଷ୍ଟ୍ରିଆର ଗୋଟିଏ ସୈନ୍ୟବାହିନୀ ରାଇନ ଅଞ୍ଚଳରେ ଥିଲା ଓ ଜେନେରାଲ ମେଲା (Melas)ଙ୍କ ନେତୃତ୍ୱରେ ଅନ୍ୟ ଗୋଟିଏ ବାହିନୀ ଫରାସୀମାନଙ୍କୁ ଇଟାଲୀରୁ ବହିଷ୍କୃତ କରି ଫରାସୀ ଜେନେରାଲଙ୍କୁ ଜେନୋଆଠାରେ ଅବରୋଧ କରି ରଖିଥିଲା । ଏହି ସ୍ଥିତିର ମୁକାବିଲା ଓ ପରିବର୍ତ୍ତନ ନିମିତ୍ତ ନେପୋଲିୟନଙ୍କର ଦ୍ୱିତୀୟ ଇଟାଲୀ ଅଭିଯାନ ୧୮୦୦ ମସିହାରେ ଆରମ୍ଭ ହେଲା । ପ୍ରଥମ ଇଟାଲୀ ଅଭିଯାନ ଗତିପଥ ନେପୋଲିୟନ ବଦଳାଇ ସିଧା ଆଲପସ୍ ପର୍ବତମାଳାର ଉପରିଭାଗ ଦେଇ ଯିବାପାଇଁ ଦୁଃସାହସିକ ପଦକ୍ଷେପ ନେଲେ । କାର୍ଥେଜୀୟ ସେନାପତି ହାନ୍ନିବାଲ ଯେପରି ଆଲପସ ପର୍ବତମାଳା ଆରୋହଣ କରି ଇଟାଲୀରେ ପଦାର୍ପଣ କରିଥିଲେ ନେପୋଲିୟନ ମଧ୍ୟ ସେହିପରି ଭାବରେ ସେହି ଉତ୍ତୁଙ୍ଗ ବରଫାବୃତ୍ତ ସେଣ୍ଟ ବର୍ଣ୍ଣାର୍ଡ଼ ଗିରିପଥ ମଧ୍ୟଦେଇ ବଡ଼ କାଠଗଣ୍ଡି ଖୋଳ ମଧ୍ୟରେ କମାଣ ଓ ଅସ୍ତ୍ରଶସ୍ତ୍ର ଘୋଷାରି ଘୋଷାରି ୪୦,୦୦୦ ସୈନ୍ୟଙ୍କ ସହ ଇଟାଲୀରେ ପ୍ରବେଶ କଲେ । ସାମରିକ ଇତିହାସରେ ତାଙ୍କର ସେହି କାର୍ଯ୍ୟ ଗୋଟିଏ ଅସ୍ୱାଭାବିକ ଘଟଣା ରୂପେ ବିବେଚିତ ହୋଇଛି । ଇଟାଲୀରେ ପ୍ରବେଶ କରି ତାଙ୍କ ସୈନ୍ୟମାନେ ଶତ୍ରୁପକ୍ଷଙ୍କୁ ବାରମ୍ବାର ପରାସ୍ତ କଲେ । ଶେଷରେ ୧୮୦୦ ମସିହା ଜୁନ୍ ମାସ ୧୪ ତାରିଖ ଦିନ ନେପୋଲିୟନ ମୋରେଙ୍ଗୋ (Battle of Morengo) ନାମକ ଯୁଦ୍ଧରେ ଅଷ୍ଟ୍ରିଆର ସୈନ୍ୟମାନଙ୍କୁ ଶୋଚନୀୟ ଭାବେ ପରାସ୍ତ କଲେ । ସେଠାରୁ ସେ ମିଲାନ ଯାଇଥିଲେ । ଇଟାଲୀର ଯେଉଁସବୁ ଅଞ୍ଚଳ ଶତ୍ରୁମାନେ ଅଧିକାର କରିନେଇଥିଲେ; ମାତ୍ର ଦୁଇଟି ମାସ ମଧ୍ୟରେ ନେପୋଲିୟନ ସେହି ସ୍ଥାନଗୁଡ଼ିକୁ ନିଜ ଅଧୀନକୁ ଫେରାଇ ଆଣିପାରିଥିଲେ । ଅନ୍ୟତ୍ର ଫରାସୀ ସେନାପତି ମୋରୋ (Moreau) ଡିସେମ୍ବର ମାସରେ ଜର୍ମାନୀର ହୋହେନଲିଣ୍ଡେନ ନାମକ ସ୍ଥାନରେ ଅଷ୍ଟ୍ରିଆର ସୈନ୍ୟମାନଙ୍କୁ ପରାସ୍ତ କଲେ । ସେଠାରୁ ସୈନ୍ୟଚାଳନା କରି ଅଷ୍ଟ୍ରିଆ ରାଜଧାନୀ ଭିଏନା ସହରର ମାତ୍ର ୭୧ ମାଇଲ ଦୂରରେ ପହଞ୍ଚିଗଲେ । ତାହା ଦେଖି ଅଷ୍ଟ୍ରିଆ ସମ୍ରାଟ ଫରାସୀମାନଙ୍କ ସହ ସନ୍ଧି କରିବା ପାଇଁ ରାଜି ହେଲେ । ୧୮୦୧ ମସିହା ଫେବୃୟାରୀ ମାସରେ ଫ୍ରାନ୍‌ସ ଓ ଅଷ୍ଟ୍ରିଆ ମଧ୍ୟରେ ଲୁନେଭିଲଠାରେ ସନ୍ଧି ସ୍ୱାକ୍ଷରିତ ହେଲା (Peace of Lunevilla) । ଏଥିରେ ଫ୍ରାନସ ଦ୍ୱାରା ପ୍ରତିଷ୍ଠିତ ବାଟାଭିଆନ, ହେଲଭେଟିକ୍ ଓ ସିସାଲ ପାଇନ ସାଧାରଣତନ୍ତ୍ରଗୁଡ଼ିକୁ ଅଷ୍ଟ୍ରିଆ ସ୍ୱୀକୃତି ଦେଲା । ବେଲଜିୟମ ଓ ରାଇନ ନଦୀର ବାମପାର୍ଶ୍ୱରେ ଥିବା ଅଞ୍ଚଳଗୁଡ଼ିକ ଉପରେ ଫରାସୀ ଅଧିକାର ସ୍ୱୀକାର କରାଗଲା । ନେପୋଲିୟନ ଇଟାଲୀ ପୁନରୁଦ୍ଧାର କରିବା ସଙ୍ଗେ ସଙ୍ଗେ ଦ୍ୱିତୀୟ ଶକ୍ତିମେଣ୍ଟ ଧ୍ୱଂସ କରିଦେଲେ । ଋଷିଆର ଅର୍ଦ୍ଧପାଗଳ ସମ୍ରାଟ ପଲଙ୍କୁ ଇଉରୋପୀୟ ଶକ୍ତିମେଣ୍ଟରୁ ବାହାର କରି ନେବାକୁ ସଫଳ ହେଲେ ଏବଂ ଋଷିଆ, ପ୍ରୁସିଆ, ସୁଇଡ଼େନ୍ ଓ ଡେନମାର୍କ ଦେଶଗୁଡ଼ିକୁ ନେଇ ଗୋଟିଏ ନିରପେକ୍ଷ ଗୋଷ୍ଠୀ ଗଠନ କଲେ ଏବଂ ସେହି ଗୋଷ୍ଠୀକୁ ଇଂଲଣ୍ଡ ବିରୋଧରେ ବିନିଯୋଗ କରିବା ଦିଗରେ ସଫଳ ହେଲେ । ଫଳରେ ଇଂଲଣ୍ଡ ୧୮୦୨ ମସିହା ମାର୍ଚ୍ଚ ମାସରେ ଆମେନ୍ ନାମକ ସ୍ଥାନରେ ସନ୍ଧି କଲେ (Peace of Amiens) । ସନ୍ଧି ଅନୁଯାୟୀ ଇଂଲଣ୍ଡ ଫ୍ରାନ୍‌ସର ସାଧାରଣତନ୍ତ୍ରକୁ ସ୍ୱୀକୃତି ଦେଲା । ସିଂହଳ ଓ ତ୍ରିନିଦାଦ ବ୍ୟତୀତ ସ୍ପେନ, ହଲାଣ୍ଡ ଓ ଫ୍ରାନ୍‌ସର ଉପନିବେଶଗୁଡ଼ିକୁ ଫେରସ୍ତ ଦେଲା । ଏହି ସନ୍ଧି ବଳରେ ଇଉରୋପରେ ମାତ୍ର ଏକ ବର୍ଷ ପାଇଁ ଶାନ୍ତି ପ୍ରତିଷ୍ଠିତ ହୋଇପାରିଥିଲା । ନେପୋଲିୟନ ନିଜର ସାମ୍ରାଜ୍ୟ ବିସ୍ତାର କରିବା ଉଦ୍ଦେଶ୍ୟରେ ଏବଂ ଇଂଲଣ୍ଡକୁ ପରାସ୍ତ କରିବା ଉଦ୍ଦେଶ୍ୟରେ ଏକ ବିଶାଳ ନୌ-ବହର ଗଠନ କରିବାକୁ ଉଦ୍ୟମ କଲେ ।



(ନେପୋଲିୟନଙ୍କ ଫ୍ରେଞ୍ଚ ସାମ୍ରାଜ୍ୟ, ୧୮୧୨ ଖ୍ରୀ:ଅ:)

ଆଭ୍ୟନ୍ତରୀଣ ଶାସନ : ୧୭୯୯-୧୮୦୪ (The Internal Administration : 1799-1804 A.D.) :

ଯୁଦ୍ଧକ୍ଷେତ୍ରରେ ଅସାଧାରଣ କୃତିତ୍ୱ ପ୍ରଦର୍ଶନ କରିଥିବା ନେପୋଲିୟନ ବୋନାପାର୍ଟ କେବଳ ଜଣେ ସୁଦକ୍ଷ ସମରବିଶାରଦ, ସେନାନାୟକ ଏବଂ ଦିଗ୍‌ବିଜୟୀ ବୀର ନଥିଲେ; ସେ ଏକାଧାରରେ ଥିଲେ ଜଣେ ମହାନ ଶାସକ ଓ ରାଷ୍ଟ୍ରନୀତିଜ୍ଞ । ତାଙ୍କ ରାଜନୈତିକ ଅଧିକାରମାନ କ୍ଷଣସ୍ଥାୟୀ ହେଲାବେଳେ ସଂସ୍କାରମୂଳକ କୃତିତ୍ୱମାନ ଚିରସ୍ଥାୟୀ ଆକାର ଧାରଣ କରିଥିଲା । ଫ୍ରାନ୍‌ସ ଦେଶକୁ ସେ ଏକ ଆଧୁନିକ ରୂପସଜ୍ଜାରେ ସୁଚାରୁ ରୂପେ ସଜାଇଥିଲେ । ଆଭ୍ୟନ୍ତରୀଣ ଶାସନ କ୍ଷେତ୍ରରେ ଅନେକ ପରିବର୍ତ୍ତନ ଆଣି ସେ ପୃଥିବୀର ଜଣେ ଶ୍ରେଷ୍ଠ ଶାସକ ରୂପେ ବିବେଚିତ ହୋଇପାରିଛନ୍ତି । ତାଙ୍କ କୃତ ଶାସନ ବ୍ୟବସ୍ଥା ଓ ସଂସ୍କାର ମଧ୍ୟରୁ ଅନେକ ସ୍ଥାୟୀ କାଳଜୟୀ, ସୁସଜ୍ଜିତ, ସୁଗଠିତ ଓ ମହାନ ଥିଲା ।

ସାମ୍ୟନୀତି (Principle of Equality) :

ପ୍ରଥମେ ନେପୋଲିୟନ ସମସ୍ତ କର୍ମଚାରୀମାନଙ୍କୁ ସୁଦକ୍ଷ ଓ ସଚ୍ଚୋଟ ଭାବରେ କାମ କରିବାକୁ ବାଧ୍ୟ କରିଥିଲେ । ପ୍ରତ୍ୟେକ ଫରାସୀ କର୍ମଚାରୀମାନଙ୍କୁ ଦୁର୍ନୀତି ମୁକ୍ତ କରିବାକୁ ସେ କଡ଼ା ଦୃଷ୍ଟି ଦେଇଥିଲେ । ଠିକାଦାର ଓ ବ୍ୟବସାୟୀମାନଙ୍କୁ ଅଧିକ ଲାଭ ଉଠାଇବା ଅଭ୍ୟାସରୁ ନିବର୍ତ୍ତାଇଥିଲେ । ସୁଦକ୍ଷ କର୍ମଚାରୀମାନଙ୍କ ପଦୋନ୍ନତି ଓ ଠକ କର୍ମଚାରୀମାନଙ୍କର ବହିଷ୍କାର ଉପରେ ସେ ଗୁରୁତ୍ୱ ଦେଉଥିଲେ । ଶାସନକଳକୁ ବଳିଷ୍ଠ ଓ ସୁଦୃଢ଼ କରି ସେ ଦେଶର ଉନ୍ନତି ପ୍ରତି ଦୃଷ୍ଟି ଦେଲେ । ଫରାସୀ ବିପ୍ଳବର ସାମାଜିକ ପରିବର୍ତ୍ତନଗୁଡ଼ିକ ଦୃଢ଼ୀଭୂତ କରିଥିଲେ । ବିପ୍ଳବର ପ୍ରଧାନ ସ୍ଲୋଗାନ ମୁକ୍ତି, ସାମ୍ୟ ଓ ମୈତ୍ରୀ ମଧ୍ୟରୁ ମୁକ୍ତି ବା Libertyକୁ ପରିତ୍ୟାଗ କରି ସାମ୍ୟ ବା Equalityକୁ ପ୍ରାଧାନ୍ୟ ଦେଇଥିଲେ । ତାଙ୍କ ମତରେ, "What the French People want is equality not liberty" । ତେଣୁ ସମାଜରୁ ସମସ୍ତ ପ୍ରକାରର ସ୍ୱତନ୍ତ୍ର ଅଧିକାର ଓ ପାର୍ଥକ୍ୟ ଲୋପ କରିଥିଲେ । ଧନୀ, ଦରିଦ୍ର, ସମ୍ଭ୍ରାନ୍ତ, କୃଷକ ଇତ୍ୟାଦି ସାମାଜିକ ଗୋଷ୍ଠୀ ମଧ୍ୟରେ ଥିବା ପାର୍ଥକ୍ୟ ସେ ଉଠାଇ ଦେଇଥିଲେ । ନେପୋଲିୟନଙ୍କର ଆଇନ ଆଗରେ ସମସ୍ତ ନାଗରିକ ସମାନ ହେଲେ । ପ୍ରତ୍ୟେକ ବ୍ୟକ୍ତିର ପ୍ରତିଭା ବିକାଶ ପ୍ରତି ସେ ଦୃଷ୍ଟି ଦେଲେ । ଧର୍ମ, ଜାତି, ବର୍ଣ୍ଣ, ଶ୍ରେଣୀ ନିର୍ବିଶେଷରେ ସମସ୍ତଙ୍କୁ ଯୋଗ୍ୟତା ଭିତ୍ତିରେ ନିଯୁକ୍ତି ଦିଆଗଲା । ମାସେନା, ଅଗୁରୁ, ମୁରାଟ ଇତ୍ୟାଦି ସେନାଧକ୍ଷ ଓ କର୍ମଚାରୀମାନେ ନିମ୍ନଶ୍ରେଣୀରେ ଜନ୍ମଗ୍ରହଣ କରିଥିଲେ ହେଁ ଉଚ୍ଚ ପଦପଦବୀକୁ ଉତ୍ତୀର୍ଣ୍ଣ ହୋଇଥିଲେ । ପ୍ରତିଭାସମ୍ପନ୍ନ ବ୍ୟକ୍ତିମାନଙ୍କୁ ନେଇ ଗୋଟିଏ ନୂତନ ଗୋଷ୍ଠୀ ଗଢ଼ି ତୋଳିଲେ । ସେହି ଗୋଷ୍ଠୀର ନାମ ରହିଲା Legion of Honour । ଜନ୍ମ, ଧର୍ମ ଓ ଶ୍ରେଣୀ ନିର୍ବିଶେଷରେ ଯେଉଁ ଫରାସୀମାନେ ନିଜ ନିଜ ପ୍ରତିଭାର ପରିଚୟ ଦେଇପାରିଲେ ସେହିମାନେ ଏହି ସମ୍ମାନ ସେନାର (Legion of Honour) ସଭ୍ୟ ବୋଲି ବିବେଚିତ ହେଲେ । କବି, ଲେଖକ, ଜ୍ଞାନୀ, ବିଦ୍ୱାନ, ଉଦ୍ଭାବକ, ବୈଜ୍ଞାନିକ, ଶିଳ୍ପୀ, ଚିତ୍ରକର, ଗାୟକ, ସଙ୍ଗୀତଜ୍ଞ ଇତ୍ୟାଦି ଗୋଷ୍ଠୀଗୁଡ଼ିକର ଶ୍ରେଷ୍ଠ ବ୍ୟକ୍ତିମାନଙ୍କୁ ରାଷ୍ଟ୍ର ଦ୍ୱାରା ସମ୍ମାନ ଓ ସାହାଯ୍ୟ ପ୍ରଦାନ କରାଗଲା । ବିପ୍ଳବର ଅନ୍ୟତମ ଧ୍ୱନି ଭ୍ରାତୃତ୍ୱକୁ କାର୍ଯ୍ୟକାରୀ କରିବା ଉଦ୍ଦେଶ୍ୟରେ ଫରାସୀମାନଙ୍କ ମନରେ ପରସ୍ପର ପ୍ରତି ଭ୍ରାତୃତ୍ୱ ଭାବ ଉଦ୍ରେକ କରି ସେ ଜାତୀୟ ଐକ୍ୟ ଓ ଉନ୍ମାଦନା ସୃଷ୍ଟି କରିଥିଲେ । ସେହି ପ୍ରେରଣା ବଳରେ ତାଙ୍କ ସୈନ୍ୟମାନେ ଇଉରୋପର ଅନ୍ୟ ଶକ୍ତିମାନଙ୍କୁ ପରାସ୍ତ କରିବାକୁ ସମର୍ଥ ହୋଇପାରିଥିଲେ ।

ଶକ୍ତିଶାଳୀ କେନ୍ଦ୍ର ସରକାର (Powerful Central Administration) :

ନେପୋଲିୟନ ଏକ ସୁଦକ୍ଷ ଶାସକ ହିସାବରେ ଫ୍ରାନ୍‌ସରେ ଏକ ଶକ୍ତିଶାଳୀ କେନ୍ଦ୍ର ଶାସନ ପ୍ରତିଷ୍ଠା କରିଥିଲେ । ୧୭୯୧ ମସିହା ସମ୍ବିଧାନ ଅନୁଯାୟୀ ପ୍ରତିଷ୍ଠିତ ପ୍ରାଦେଶିକ ଶାସନ ସଂସ୍ଥାଗୁଡ଼ିକ ଅପରିବର୍ତ୍ତିତ ରହିଲା । କେନ୍ଦ୍ର ସରକାରଙ୍କ ହାତରେ କ୍ଷମତା ପୁଞ୍ଜୀଭୂତ କରି ସେ ନିଜେ ତାର କେନ୍ଦ୍ରବିନ୍ଦୁ ହୋଇରହିଲେ । ସ୍ଥାନୀୟ ବ୍ୟବସ୍ଥା ସଭା (Local Council) ଗୁଡ଼ିକୁ ସଙ୍କୁଚିତ କରି ଦିଆଯାଇ ସେଗୁଡ଼ିକର ଗଠନ ପ୍ରଣାଳୀରେ ପରିବର୍ତ୍ତନ କରାଗଲା । ନିର୍ବାଚନ ପଦ୍ଧତି ସ୍ଥାନରେ ମନୋନୟନ ବ୍ୟବସ୍ଥା ପ୍ରଚଳିତ ହେଲା । ସ୍ଥାନୀୟ କର୍ମକର୍ତ୍ତାଗଣ, ଯଥା–ଡିପାର୍ଟମେଣ୍ଟର ପ୍ରିଫେକ୍ଟ, ଆରୋଣ୍ଡାଇଜମେଣ୍ଟର

ସବପ୍ରିଫେକଟ୍, କମ୍ୟୁନ୍‌ର ମେୟର, ପ୍ରତ୍ୟେକେ ପ୍ରଥମ କନସଲଙ୍କ ଦ୍ୱାରା ମନୋନୀତ ହେଲେ ଏବଂ ସେମାନେ ସବୁବେଳେ ତାଙ୍କ ପାଖରେ ଦାୟୀ ରହିଲେ । ପ୍ରାଦେଶିକ ପୁଲିସ ସଂସ୍ଥା କେନ୍ଦ୍ର ସରକାରଙ୍କର ନିୟନ୍ତ୍ରଣାଧୀନ ହେଲା । ବିଚାରପତିମାନଙ୍କର ନିର୍ବାଚନ ବ୍ୟବସ୍ଥାକୁ ରଦ୍ଦ କରି ଦିଆଯାଇ ସେମାନଙ୍କୁ ମନୋନୀତ କରିବା ବ୍ୟବସ୍ଥା କରାଗଲା । ଟିକସ ଓ କର ଆଦାୟ କ୍ଷମତା ପ୍ରାଦେଶିକ ଶାସନ ହାତରୁ କାଢ଼ି ନିଆଯାଇ କେନ୍ଦ୍ର ସରକାରଙ୍କ ଅଧୀନରେ ରଖାଗଲା । ଏପରି ପରିବର୍ତ୍ତନ ଫଳରେ କେନ୍ଦ୍ର ସରକାରଙ୍କର କ୍ଷମତା ପ୍ରାଦେଶିକ ଶାସନ କ୍ଷେତ୍ରରେ ଦୃଢ଼ୀଭୂତ ହେଲା । ଶାସନର କାର୍ଯ୍ୟଦକ୍ଷତା ବୃଦ୍ଧି ପାଇଲା । ଦେଶରେ ଶାନ୍ତିଶୃଙ୍ଖଳା ପ୍ରତିଷ୍ଠା ସହଜ ହେଲା; କିନ୍ତୁ ସ୍ୱାୟତ୍ତ ଶାସନ ଧାରଣାର ବିଲୋପ ସାଧନ ହେଲା ।

ଅର୍ଥନୈତିକ ସଂସ୍କାର (Economic Reformation) :

ଦେଶର ଓ ଫରାସୀ ଜାତିର ଉନ୍ନତି କରିବା ତଥା ଶାସନ କ୍ଷେତ୍ରରେ ଦୃଢ଼ତା ଆଣିବା ପାଇଁ ଅର୍ଥନୀତିର ପ୍ରାଧାନ୍ୟକୁ ନେପୋଲିୟନ ଉପଲବଧି କରି ତାଙ୍କର ଉଦ୍ୟମ ଆରମ୍ଭ କରିଥିଲେ । ପ୍ରଥମେ ସେ ଆଭ୍ୟନ୍ତରୀଣ ବ୍ୟୟମାନ ସଙ୍କୁଚିତ କଲେ । ଦୁର୍ନୀତିର ମୂଳ ଉତ୍ପାଟନ ଲାଗି ଉତ୍କୋଚ ନେଉଥିବା କର୍ମଚାରୀମାନଙ୍କୁ ଚାକିରୀରୁ ଅନ୍ତର କଲେ । ବିଦେଶରେ ଥିବା ଫରାସୀ ଅଧିକୃତ ଅଞ୍ଚଳଗୁଡ଼ିକରୁ ଅର୍ଥ ଆଦାୟ କରି ସେ ସାମରିକ ବ୍ୟୟ ତୁଲାଇଲେ । ପୁରାତନ ଟିକସ ଓ କରଗୁଡ଼ିକୁ ପୁନଃ ଅନୁଧ୍ୟାନ କରି ଆଦାୟ କରାଗଲା । ଟିକସ ଫାଙ୍କୁଥିବା ବ୍ୟକ୍ତିମାନଙ୍କୁ ଦଣ୍ଡବିଧାନ କରାଗଲା । ମାତ୍ର ସାଧାରଣ ଲୋକମାନଙ୍କ ଉପରେ କୌଣସି ପ୍ରକାରର ନୂତନ କର ବସାଇନଥିଲେ ।

ଅର୍ଥର ଆଦାନ ପ୍ରଦାନ କାର୍ଯ୍ୟ ଓ ଧନ ସଞ୍ଚୟର ନିୟମିତ ହିସାବ ନିକାଶ ନିମନ୍ତେ ଏକ ବ୍ୟାଙ୍କର ଆବଶ୍ୟକତା ସମ୍ପର୍କରେ ସେ ହୃଦୟଙ୍ଗମ କରିଥିଲେ । ବ୍ୟାଙ୍କର ଉପକାରିତାକୁ ବିଚାର କରି, ନେପୋଲିୟନ ୧୮୦୦ ମସିହାରେ ଫ୍ରାନ୍‌ସରେ ଗୋଟିଏ ବ୍ୟାଙ୍କ ପ୍ରତିଷ୍ଠା କଲେ । ସେହି ବ୍ୟାଙ୍କର ନାମ ଫ୍ରାନ୍‌ସ ଦେଶର ବ୍ୟାଙ୍କ (Bank of France) ବୋଲି ରଖାଗଲା । ସଞ୍ଚୟ ମାଧ୍ୟମରେ ପୁଞ୍ଜି ସଂଗ୍ରହ କରିବା ଓ ଅଳ୍ପ ସୁଧରେ ଶିଳ୍ପୋଦ୍ୟୋଗୀମାନଙ୍କୁ ପୁଞ୍ଜି ଯୋଗାଇ ଦେଇ ଶିଳ୍ପର ଉନ୍ନତି ସାଧନ ପାଇଁ ଋଣ ଯୋଗାଇଦେବା ଇତ୍ୟାଦି ଏହି ବ୍ୟାଙ୍କର ପ୍ରଧାନ କର୍ତ୍ତବ୍ୟ ଥିଲା । ଏହି ବ୍ୟାଙ୍କ ପ୍ରତିଷ୍ଠା ଦ୍ୱାରା ସେ ନିଜକୁ ଜଣେ ଆଧୁନିକ ରାଷ୍ଟ୍ରନୀତିଜ୍ଞ ରୂପେ ସମଗ୍ର ଇଉରୋପରେ ପରିଚିତ କରାଇଥିଲେ । ତାଙ୍କ ପ୍ରତିଷ୍ଠିତ ବ୍ୟାଙ୍କ ଦେଶର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ କରିବା ଦିଗରେ ସାହାଯ୍ୟ କରିଥିଲା ।

ଗମନାଗମନ ଓ ଦ୍ରବ୍ୟ ପରିବହନ ସୁବିଧା ନିମିତ୍ତ ସେ ବହୁ ରାଜପଥ ନିର୍ମାଣ କରିଥିଲେ । ଫ୍ରାନସର ବନ୍ଦରଗୁଡ଼ିକର ଉନ୍ନତି କରିବା ଦିଗରେ ଅର୍ଥବ୍ୟୟ କରିଥିଲେ । ଅନେକଗୁଡ଼ିଏ କେନାଲ ଖୋଳାଇଥିଲେ । ସେ ପ୍ୟାରିସ ଓ ଇଟାଲୀକୁ ସଂଯୋଗ କରି ଆଲପାଇନ ରାଜପଥ ନିର୍ମାଣ କରିଥିଲେ । ଫ୍ରାନ୍‌ସରେ ସମ୍ଭାର ବିନିମୟ କେନ୍ଦ୍ର ବା ଫଟକା ବଜାର (Stock Exchange) ନିର୍ମାଣ କରିଥିଲେ ।

ବେକାରୀ ଦୂରୀକରଣ ନିମନ୍ତେ ନେପୋଲିୟନ ଯଥାସାଧ୍ୟ ଚେଷ୍ଟା କରିଥିଲେ । ଫ୍ରାନ୍‌ସର ବେକାର ଯୁବକମାନଙ୍କୁ କର୍ମ ଯୋଗାଣ ଉଦ୍ଦେଶ୍ୟରେ ଏକ ଯୋଜନା ପ୍ରସ୍ତୁତ କଲେ । ଏହି ଯୋଜନା ଅନୁଯାୟୀ ପ୍ୟାରିସକୁ ଇଉରୋପର ସର୍ବଶ୍ରେଷ୍ଠ ସୌନ୍ଦର୍ଯ୍ୟମୟୀ ନଗରୀ ରୂପେ ଗଢ଼ି ତୋଳିବା ସଙ୍ଗେ ସଙ୍ଗେ ବେକାର ଯୁବକମାନଙ୍କୁ କର୍ମସଂସ୍ଥାନ ଯୋଗାଇ ଦେବା ଏବଂ ସେମାନଙ୍କର ଅର୍ଥନୈତିକ ଅବସ୍ଥାର ଉନ୍ନତି ଘଟାଇବା ତାଙ୍କର ଲକ୍ଷ୍ୟ ଥିଲା । ଏହି ନଗରୀ ନିର୍ମାଣ କାର୍ଯ୍ୟରେ ଅନେକ ଅର୍ଥ ବ୍ୟୟ କରାଯାଇଥିଲା । ଇଟାଲୀ ପ୍ରଭୃତି ଦୂରଦୂରାନ୍ତର ସହରମାନଙ୍କରୁ ଅଣାଯାଇଥିବା ଭାସ୍କର୍ଯ୍ୟ କୀର୍ତ୍ତି ଓ କଳା କାର୍ଯ୍ୟଗୁଡ଼ିକ ନଗରର ନାନା ସ୍ଥାନରେ ରଖାଯାଇ ପ୍ୟାରିସର ସୌନ୍ଦର୍ଯ୍ୟ ବୃଦ୍ଧି କାର୍ଯ୍ୟ ଫଳରେ ପ୍ୟାରିସ ଇଉରୋପର ଶ୍ରେଷ୍ଠ ସୌନ୍ଦର୍ଯ୍ୟ ନଗରୀ ରୂପେ ପରିଗଣିତ ହେବା ସଙ୍ଗେ ସଙ୍ଗେ ପ୍ୟାରିସର ବେକାରୀ ସମସ୍ୟା ଦୂର ହୋଇଯାଇଥିଲା ଏବଂ ପ୍ୟାରିସର ଲୋକସଂଖ୍ୟା ଦ୍ୱିଗୁଣିତ ହୋଇଥିଲା । ଅର୍ଥନୈତିକ କ୍ଷେତ୍ରରେ ନେପୋଲିୟନଙ୍କର ଏଭଳି ପଦକ୍ଷେପ ଫ୍ରାନ୍‌ସର ପ୍ରଧାନ ଶତ୍ରୁ ଇଂଲଣ୍ଡକୁ ବିଚଳିତ କରି ଦେଇଥିଲା ।

ଧର୍ମ ସମ୍ବନ୍ଧୀୟ ବିବାଦର ସମାଧାନ (Settlement of Religious Conflict) :

ବିପ୍ଳବ ସମୟରେ ନାସ୍ତିବାଦୀ ଚରମପନ୍ଥୀ ନେତାମାନେ ଆଇନ ଦ୍ୱାରା କ୍ୟାଥଲିକ ଗୀର୍ଜାର ପ୍ରାଧାନ୍ୟ ଉପରେ ପ୍ରଚଣ୍ଡ ଆଘାତ ଦେଇଥିଲେ । ଗୀର୍ଜାଗୁଡ଼ିକର ଭୂସମ୍ପତ୍ତି ବାଜ୍ୟାପ୍ତ କରିବା ସଙ୍ଗେ ସଙ୍ଗେ ଯାଜକମାନଙ୍କୁ ସେମାନଙ୍କ ପାଇଁ ପ୍ରସ୍ତୁତ ହୋଇଥିବା ସମ୍ବିଧାନ ପ୍ରତି ଆନୁଗତ୍ୟ ପ୍ରକାଶ କରିବାକୁ ବାଧ୍ୟ କରାଯାଇଥିଲା । ଫଳରେ ଯାଜକମାନଙ୍କର ସ୍ୱାଧୀନତା କ୍ଷୁଣ୍ଣ ହୋଇଥିବାରୁ ସେମାନେ ଅସନ୍ତୁଷ୍ଟ ହୋଇଥିଲେ । ଫଳରେ ଫରାସୀ ସାଧାରଣତନ୍ତ୍ର ଓ ପ୍ରତିଷ୍ଠିତ ଗୀର୍ଜା ମଧ୍ୟରେ ପ୍ରବଳ ବିବାଦ ଦେଖାଦେଇଥିଲା । ପୁରୋହିତ ଗୋଷ୍ଠୀ ମଧ୍ୟ ଦୁଇଭାଗରେ ବିଭକ୍ତ ହୋଇଯାଇଥିଲେ । ଧର୍ମବିଶ୍ୱାସୀ କୃଷକ ସମ୍ପ୍ରଦାୟ ଉପରେ ପୋପଙ୍କର ପ୍ରଭାବ କମିବାକୁ ଲାଗିଲା । ପୋପ ଫରାସୀ ଯାଜକମାନଙ୍କୁ ସରକାରୀ ଆଦେଶ ମାନିବା ପାଇଁ ମନା କରିଦେଲେ । ସେହି ପରିପ୍ରେକ୍ଷୀରେ ଗୋଟିଏ ପକ୍ଷରେ ଧର୍ମଗୁରୁ ପୋପ୍ ଓ ଅନ୍ୟ ପକ୍ଷରେ ଜାତୀୟ ସରକାର ଏହି ଉଭୟଙ୍କ ମଧ୍ୟରେ ବିବାଦ ଦେଖି ଲୋକେ କେଉଁ ପକ୍ଷ ଗ୍ରହଣ କରିବେ ତାହା ଠିକ୍ କରିପାରିଲେ ନାହିଁ । ନେପୋଲିୟନ ଦୁଇଗୋଷ୍ଠୀ ମଧ୍ୟରେ ସୁସମ୍ପର୍କ ପ୍ରତିଷ୍ଠା କରି ନିଜର ଶାସନକୁ ଦୃଢ଼ୀଭୂତ କରିବା, ଜନସାଧାରଣଙ୍କର ସମର୍ଥନ ଲାଭ କରିବା, ଧର୍ମପୀଠଗୁଡ଼ିକ ଉପରେ ରାଷ୍ଟ୍ରର ପ୍ରାଧାନ୍ୟ ପୁନଃସ୍ଥାପନ କରିବା ଓ ଦେଶର ଧର୍ମ ବ୍ୟାପାରରେ ବିବାଦ ଲୋପ କରିବା ପାଇଁ ଆଗ୍ରହ ପ୍ରକାଶ କରିଥିଲେ । ଧର୍ମବିଶ୍ୱାସୀ ନଥିଲେ ହେଁ ସେ ଥରେ କହିଥିଲେ ଯେ, "ଲୋକମାନେ କହିବେ ଯେ ମୁଁ ଜଣେ ପୋପ୍ ଭକ୍ତ କ୍ୟାଥଲିକ୍ – ମୁଁ କିଛି ନୁହେଁ – ମିଶର ଦେଶରେ ଥିବାବେଳେ ମୁଁ ଥିଲି ମୁସଲମାନ, ଏଠାରେ ଲୋକଙ୍କ ମଙ୍ଗଳ ପାଇଁ ମୁଁ ହେବି ଜଣେ କ୍ୟାଥଲିକ୍ ।" ନେପୋଲିୟନଙ୍କ ପାଇଁ ଧର୍ମ ତେଣୁ ଥିଲା ଏକ ଦରକାରୀ ଅସ୍ତ୍ର । ସେ ସ୍ଥିର କଲେ ଲୋକଙ୍କର ଗୋଟିଏ ଧର୍ମ ରହିବା ଆବଶ୍ୟକ ଏବଂ ସେହି ଧର୍ମ ସରକାରଙ୍କର ନିୟନ୍ତ୍ରଣାଧୀନ ହେବା ମଧ୍ୟ ବିଧେୟ । ତେଣୁ ସେ ଗୀର୍ଜା ସହିତ ଶାନ୍ତି ସ୍ଥାପନ କରିବାକୁ ସ୍ଥିର କଲେ । ଶେଷରେ ଅନେକ ବାଦାନୁବାଦ ପରେ ୧୮୦୧ ମସିହାରେ ପୋପ ସପ୍ତମ ପାୟାସ Pope Pius VIIଙ୍କ ସହିତ ଗୋଟିଏ ଚୁକ୍ତି ସ୍ୱାକ୍ଷରିତ ହେଲା । ସେହି ଚୁକ୍ତି "Concordat" ବା ମିତ୍ରତା ସ୍ଥାପନ ନାମରେ ପ୍ରସିଦ୍ଧ । ଏହି ସର୍ତ୍ତ ଅନୁଯାୟୀ ପୋପ ଫରାସୀ ସରକାରଙ୍କ ଦ୍ୱାରା ବାଜ୍ୟାପ୍ତ ହୋଇଥିବା ଗୀର୍ଜା ସମ୍ପତ୍ତି ପ୍ରକ୍ରିୟାକୁ ସ୍ୱୀକାର କଲେ । ଅନ୍ୟପକ୍ଷରେ ସରକାର ଯାଜକମାନଙ୍କୁ ଦରମା ଦେବାପାଇଁ ରାଜି ହେଲେ । ପ୍ରଥମ କନସଲ ବିଶପମାନଙ୍କୁ ମନୋନୀତ କରିବେ ଓ ପୋପ ସେମାନଙ୍କୁ ସେହି ପଦରେ ଅଧିଷ୍ଠିତ କରିବେ ବୋଲି ସ୍ଥିର କରାଗଲା । ବିଶପମାନେ ସାଧାରଣ ଯାଜକମାନଙ୍କୁ ନିଯୁକ୍ତି ଦେବାର ମଧ୍ୟ ସ୍ଥିର କରାହେଲା । ଏହି ଚୁକ୍ତି ଅନୁଯାୟୀ ଫ୍ରାନ୍ସରେ କ୍ୟାଥଲିକ ଗୀର୍ଜାଗୁଡ଼ିକ ସରକାରଙ୍କର ସ୍ୱୀକୃତି ପାଇଲା ଏବଂ ଜାତୀୟ ସରକାର ଧର୍ମ ଉପରେ କର୍ତ୍ତୃତ୍ୱ ଜାହିର କଲେ । ପୋପଙ୍କର ପ୍ରାଧାନ୍ୟକୁ ସ୍ୱୀକାର କରିବା ଓ କ୍ୟାଥୋଲିକ ଧର୍ମକୁ ରାଷ୍ଟ୍ରର ଧର୍ମ ରୂପେ ଗ୍ରହଣ କରିବା ଦ୍ୱାରା କ୍ୟାଥୋଲିକମାନେ ସନ୍ତୁଷ୍ଟ ହେଲେ । ଧର୍ମ ସମ୍ପର୍କରେ ଉପୁଜିଥିବା ବିଶୃଙ୍ଖଳା ଓ ସଂଘର୍ଷର ପରିସମାପ୍ତି ଘଟିଲା । ୧୮୦୧ ମସିହାର ଏକ ଚୁକ୍ତି ଏକ ଶତାବ୍ଦୀ ପାଇଁ ଫରାସୀ ରାଷ୍ଟ୍ର ଓ ଗୀର୍ଜା ମଧ୍ୟରେ ସୁସମ୍ପର୍କ ରକ୍ଷା ଲାଗି ସମର୍ଥ ହୋଇଥିଲା । ସେଥିରୁ ନେପୋଲିୟନଙ୍କ ଦୂରଦୃଷ୍ଟିର ପ୍ରମାଣ ମିଳେ ।

ନେପୋଲିୟନଙ୍କ ଆଇନବିଧି (Code Napoleon) :

ନେପୋଲିୟନଙ୍କ ଦ୍ୱାରା ପ୍ରଣୀତ ସଂହିତା ତାଙ୍କ ଶାସନ କାଳର ଫରାସୀ ଜାତିକୁ ଅନ୍ୟ ଏକ ଅବଦାନ ଅଟେ । ଫ୍ରାନ୍ସ ଦେଶକୁ ଆଧୁନିକ ସାମାଜିକ ଆକାର ଦେବାଲାଗି ତାହା ଥିଲା ଗୋଟିଏ ଯଥାର୍ଥ ପଦକ୍ଷେପ । ନେପୋଲିୟନଙ୍କ ନିଜ ଭାଷାରେ, "My real glory is not my having won forty battles, what will never be effaced what will endure for ever is my civil code."

ଫ୍ରାନ୍ସର ତତ୍‌କାଳୀନ ଆଇନ ବ୍ୟବସ୍ଥା ବିଶୃଙ୍ଖଳିତ ଥିଲା । ଦେଶରେ ୨୮୫ ପ୍ରକାରର ପରସ୍ପର ବିରୋଧି ନିୟମକାନୁନ ପ୍ରଚଳିତ ହେଉଥିଲା । ଗୋଟିଏ ପ୍ରକାରର ଅପରାଧ ପାଇଁ ନାନା ପ୍ରକାରର ଦଣ୍ଡ ବ୍ୟବସ୍ଥା ଥିଲା । ସାମାଜିକ ଅଧିକାର ଓ ଜମିଜମା ସଂପର୍କୀୟ ନିୟମ ସ୍ଥାନରୁ ସ୍ଥାନ ପୃଥକ ଥିଲା । ବିପ୍ଳବ କାଳରେ ଜାତୀୟ ପରିଷଦ ଗୋଟିଏ ପ୍ରକାରର ଆଇନ ପ୍ରଣୟନ କରିବାକୁ ଚେଷ୍ଟା କରିଥିଲେ ହେଁ ତାହା କାର୍ଯ୍ୟକାରୀ ହୋଇପାରିନଥିଲା । କ୍ଷମତା ଅଧିକାର ପରେ ଏହି ସମସ୍ୟାର ସମାଧାନ ଲାଗି ନେପୋଲିୟନ ତୁରନ୍ତ କାର୍ଯ୍ୟ ଆରମ୍ଭ କଲେ । ବିଚକ୍ଷଣ ଆଇନଜ୍ଞମାନଙ୍କୁ ନେଇ

ଗୋଟିଏ ଏକବିଧ ସଂହିତା ପ୍ରସ୍ତୁତ କରିବା ପାଇଁ ଏକ କମିଟି ଗଠନ କଲେ । ନେପୋଲିୟନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ନିର୍ଦ୍ଦେଶ କ୍ରମେ ଆଇନଜ୍ଞମାନେ ଗୋଟିଏ କୋଡ୍ ୧୮୦୪ ମସିହାରେ ପ୍ରସ୍ତୁତ କରିଥିଲେ । ୧୮୦୪ ମସିହାରେ ଏହି କୋଡ୍ କାର୍ଯ୍ୟକାରୀ ହେଲା ଓ ସେହିଦିନଠାରୁ ୧୯୦୫ ମସିହା ପର୍ଯ୍ୟନ୍ତ ଫ୍ରାନ୍ସରେ ପ୍ରଚଳିତ ଥିଲା । ଉକ୍ତ ସଂହିତା ମୁଖ୍ୟତଃ ୩ ଭାଗରେ ବିଭକ୍ତ ହୋଇଥିଲା । ଯଥା–ଦେୱାନୀ ଆଇନ (Civil Code), ଫୌଜଦାରୀ ଆଇନ (Criminal Code) ଏବଂ ବାଣିଜ୍ୟ ଆଇନ (Commercial Code) ।

ନେପୋଲିୟନଙ୍କ କୋଡ୍ ଲୋକମାନଙ୍କ ପାଇଁ ସରଳ ଓ ସହଜ ଥିଲା । ଅଭିଜ୍ଞତା ଓ ସାଧାରଣ ଜ୍ଞାନ ପ୍ରୟୋଗ ଦ୍ୱାରା ଏହି ସଂହିତା ରଚିତ ହୋଇଥିଲା । ଆଦର୍ଶ ଓ ଦର୍ଶନ ପରିବର୍ତ୍ତେ ଲୋକଙ୍କର ବାସ୍ତବ ଆବଶ୍ୟକତା ଉପରେ ନେପୋଲିୟନ ଗୁରୁତ୍ୱ ଦେଇଥିଲେ । ସେହି କୋଡ୍‌ରେ ସାମାଜିକ ଓ ଧର୍ମଗତ ବିଶ୍ୱାସ ଦୃଷ୍ଟିରୁ କୌଣସି ପ୍ରକାରର ଅଯୌକ୍ତିକ ଓ ଅବାନ୍ତର ପ୍ରଥା କିମ୍ବା ଭ୍ରାନ୍ତ ଧାରଣାକୁ ସ୍ଥାନ ଦିଆଯାଇନଥିଲା । ଏହା ମଧ୍ୟ ଧର୍ମ ସ୍ୱାଧୀନତା, ସାମାଜିକ ସମାନତା, ସମାନ ଉତ୍ତରାଧିକାର, ବ୍ୟକ୍ତି ସ୍ୱାଧୀନତା ଓ ପାରିବାରିକ ଶୃଙ୍ଖଳା ଉପରେ ପର୍ଯ୍ୟବସିତ ଥିଲା । ପାରିବାରିକ ମୂଲ୍ୟବୋଧ, ପରିବାରରେ ପିତାଙ୍କର ପ୍ରାଧାନ୍ୟ, ବ୍ୟକ୍ତିଗତ ସମ୍ପତ୍ତିର ପବିତ୍ରତା, ଆଇନସମ୍ମତ ବିବାହ ଓ ତ୍ୟାଗପତ୍ର ଇତ୍ୟାଦି ଏହାର ଅନ୍ତର୍ଭୁକ୍ତ ଥିଲା । ବ୍ୟକ୍ତିଗତ ସମ୍ପତ୍ତି ଉପରେ ନାଗରିକମାନଙ୍କର ଅଧିକାର ନ୍ୟାୟଗତ ଭାବେ ପ୍ରତିଷ୍ଠିତ ହେଲା । ପିତାଙ୍କର ମୃତ୍ୟୁ ପରେ ଉତ୍ତରାଧିକାର ସୂତ୍ରରେ ଦାୟାଦମାନେ ସଂପତ୍ତିର ସମାନ ଅଂଶ ପାଇଲେ । କୃଷିଭୃତ୍ୟ ବା ସର୍ଫମାନଙ୍କୁ ମୁକ୍ତି ଦିଆଯାଇ ସେମାନଙ୍କୁ ନାଗରିକତ୍ୱ ପ୍ରଦାନ କରାଗଲା । ସାମନ୍ତପ୍ରଥା ଉଚ୍ଛେଦ କରାଗଲା ।

ନେପୋଲିୟନଙ୍କର ଆଇନ ସଂହିତାରେ ପୂର୍ବକାଳରୁ ପ୍ରଚଳିତ ଥିବା କଠୋର ଦଣ୍ଡବିଧାନଗୁଡ଼ିକର କୌଣସି ପରିବର୍ତ୍ତନ କରାଯାଇନଥିଲା । ସମାଜରେ ନାରୀମାନଙ୍କୁ ପୁରୁଷମାନଙ୍କ ସହିତ ସମାନ କରାଯାଇନଥିଲା । ଏଗୁଡ଼ିକ ସଂହିତାର ପ୍ରଧାନ ତ୍ରୁଟି ବୋଲି ଆଲୋଚନା କରାଯାଏ । ଏହାସତ୍ତ୍ୱେ ନେପୋଲିୟନଙ୍କ ଆଇନ ସଂହିତା ତାଙ୍କୁ ଅମର କରି ରଖିପାରିଛି ଏଥିରେ ସନ୍ଦେହ ନାହିଁ । ଏହା ସର୍ବସମ୍ମତି କ୍ରମେ ଏକ ପ୍ରଗତିଶୀଳ ଓ ଆଧୁନିକ ବିଧି ଅଟେ । ଏହି ଆଇନ ସଂହିତା ପାଇଁ ନେପୋଲିୟନଙ୍କୁ ଦ୍ୱିତୀୟ ଜାଷ୍ଟିନିଆନ ବୋଲି କୁହାଯାଇଛି ।

ଶିକ୍ଷା ସଂସ୍କାର (Educational Reform) :

ଫ୍ରାନ୍ସ ଦେଶରେ ଗୋଟିଏ ସୁଚିନ୍ତିତ ଜାତୀୟ ଶିକ୍ଷା ବ୍ୟବସ୍ଥା ପ୍ରଚଳନ କରି ନାଗରିକମାନଙ୍କର ବ୍ୟକ୍ତିତ୍ୱର ବିକାଶକୁ ନିୟନ୍ତ୍ରଣ କରିବା କନସଲ ରୂପେ ନେପୋଲିୟନ ବୋନାପାର୍ଟଙ୍କର ଅନ୍ୟ ଏକ କୃତିତ୍ୱ । ଫରାସୀ ବିପ୍ଳବର ମହାନ ବ୍ୟକ୍ତିମାନେ ପ୍ରସ୍ତୁତ କରିଥିବା ଶିକ୍ଷାନୀତିକୁ ମୂଳଭିତ୍ତି କରି ସେ ତାଙ୍କର ଶିକ୍ଷାପଦ୍ଧତି ପ୍ରସ୍ତୁତ କରିଥିଲେ । ଦେଶର ଶିକ୍ଷା ବିଭାଗକୁ କେତୋଟି ନିର୍ଦ୍ଦିଷ୍ଟ ସ୍ତରରେ ବିଭକ୍ତ କଲେ । ପ୍ରଥମେ ପ୍ରାଥମିକ ସ୍ତରରେ ବିଦ୍ୟାଳୟଗୁଡ଼ିକ ସ୍ଥାନୀୟ ଅଧିବାସୀମାନଙ୍କ ଦ୍ୱାରା ରକ୍ଷଣାବେକ୍ଷଣ କରିବା ବ୍ୟବସ୍ଥା କରାଗଲା । ଜିଲ୍ଲା ଓ ମହକୁମାର ପ୍ରିଫେକ୍ଟମାନେ ସେହି ସ୍କୁଲଗୁଡ଼ିକ ନିୟମିତ ଭାବେ ପରିଦର୍ଶନ କରିବେ ବୋଲି ନିୟମ ରହିଲା । ମାଧ୍ୟମିକ ସ୍ତରରେ ବିଦ୍ୟାଳୟଗୁଡ଼ିକ ଘରୋଇ ଅଥବା ସରକାରୀ ପ୍ରଚେଷ୍ଟାରେ ସ୍ଥାପନ କରାଯାଇଥିଲା । ସେଥିରେ ଫରାସୀ ଲାଟିନ୍ ଭାଷା ଓ ପ୍ରାଥମିକ ବିଜ୍ଞାନ ପ୍ରଭୃତି ଶିକ୍ଷା ଦିଆଯିବାର ବ୍ୟବସ୍ଥା କରାଗଲା । ସେହି ସ୍କୁଲଗୁଡ଼ିକ ସରକାରଙ୍କର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରଖାଯାଇଥିଲା । ବଡ଼ ବଡ଼ ସହରମାନଙ୍କରେ Lycess ବା Public School ସ୍ଥାପିତ କରାଗଲା । ହାଇସ୍କୁଲଗୁଡ଼ିକରେ ଉଚ୍ଚତର ଶିକ୍ଷାଦାନ ନିମନ୍ତେ ବ୍ୟବସ୍ଥା କରାଗଲା । ହାଇସ୍କୁଲର ଶିକ୍ଷକମାନେ ରାଷ୍ଟ୍ର ଦ୍ୱାରା ନିଯୁକ୍ତ ହେଲେ । ବୈଷୟିକ ଓ ଶିଳ୍ପ ବିଜ୍ଞାନୀୟ, ପ୍ରଶାସନିକ ଓ ସାମରିକ ଶିକ୍ଷା ନିମନ୍ତେ ସ୍ୱତନ୍ତ୍ର ବିଦ୍ୟାଳୟମାନ ସ୍ଥାପନ କରାଯାଇ ସେଗୁଡ଼ିକୁ ସରକାରଙ୍କ ତତ୍ତ୍ୱାବଧାନରେ ରଖାଗଲା (Technical School, Civil Service School and Military School etc.) । ଶିକ୍ଷକମାନଙ୍କୁ ତାଲିମ ଦେବାଲାଗି ପ୍ୟାରିସଠାରେ ଶିକ୍ଷକ ପ୍ରଶିକ୍ଷଣ ବିଦ୍ୟାଳୟ (Normal School) ପ୍ରତିଷ୍ଠା କରାଯାଇଥିଲା । ନୂତନ ଶିକ୍ଷାନୀତି ଓ ଶିକ୍ଷାନୁଷ୍ଠାନଗୁଡ଼ିକୁ ନିୟନ୍ତ୍ରଣ କରିବା ଲାଗି ଗୋଟିଏ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରାଯାଇଥିଲା । ତାହାର ନାମ ଫ୍ରାନ୍ସ ଦେଶର ବିଶ୍ୱବିଦ୍ୟାଳୟ (The University of France) ରଖାଯାଇଥିଲା । ସମଗ୍ର ଦେଶରେ ଏକ ପ୍ରକାରର ଶିକ୍ଷାନୀତିକୁ କାର୍ଯ୍ୟକାରୀ କରିବା ଦାୟିତ୍ୱ ବିଶ୍ୱବିଦ୍ୟାଳୟ ହାତରେ ନ୍ୟସ୍ତ କରାଯାଇଥିଲା । ବିଶ୍ୱବିଦ୍ୟାଳୟର କର୍ମକର୍ତ୍ତାମାନେ ପ୍ରଥମ

କନସଲଙ୍କ ଦ୍ୱାରା ନିଯୁକ୍ତ ହେଲେ । ବିଶ୍ୱବିଦ୍ୟାଳୟର ଅନୁମତି ଓ ସ୍ୱୀକୃତି ବିନା କୌଣସିଠାରେ ନୂତନ ବିଦ୍ୟାଳୟ ସ୍ଥାପନ କରାଯାଇପାରିବ ନାହିଁ ବୋଲି ମଧ୍ୟ ନିୟମ ହେଲା । ଫରାସୀ ଲାଟିନ ଭାଷା, ରୋମୀୟ କ୍ୟାଥୋଲିକ ଚର୍ଚ୍ଚର ନୀତି ଓ ନିୟମ ପ୍ରତି ସମ୍ମାନ, ରାଷ୍ଟ୍ରମୁଖ୍ୟଙ୍କ ପ୍ରତି ଅନୁରକ୍ତି ଓ ବିଶ୍ୱସ୍ତତା, ଇତିହାସ ଓ ଗଣିତ ପ୍ରଭୃତି ପାଠ୍ୟକ୍ରମର ଅନ୍ତର୍ଭୁକ୍ତ ଥିଲା । ସମ୍ବଳର ଅଭାବରୁ ତାଙ୍କର ବ୍ୟାପକ ଶିକ୍ଷା ଯୋଜନା ସମ୍ପୂର୍ଣ୍ଣ ଭାବେ ସଫଳ ନହେଲେ ମଧ୍ୟ ତାଙ୍କ ଶିକ୍ଷାନୀତି ଦେଶର ଭବିଷ୍ୟତ ବିକାଶ ନିମନ୍ତେ ଦିଗ୍‌ଦର୍ଶନ ଦେଇଥିଲା ।

କଳା ଓ ସାହିତ୍ୟର ବିକାଶ (Progress in Art and Literature) :

କଳା ଓ ସାହିତ୍ୟର ଉନ୍ନତି, ସଫଳ ଶାସନର ପ୍ରତୀକ ବୋଲି ନେପୋଲିୟନ ହୃଦୟଙ୍ଗମ କରିଥିଲେ । ତେଣୁ ସେ କଳା ଓ ସାହିତ୍ୟର ବିକାଶ ଦିଗରେ ଉଦ୍ୟମ କରିଥିଲେ । ରାଷ୍ଟ୍ରୀୟ ପ୍ରୋତ୍ସାହନ ଓ ସାହାଯ୍ୟ ଯୋଗାଇ ଦିଆଯାଇଥିଲା । ଚିତ୍ରକର, ଭାସ୍କର୍ଯ୍ୟ, ସାହିତ୍ୟିକ, ସଙ୍ଗୀତଜ୍ଞ, ସ୍ଥପତି ଓ ଅନ୍ୟାନ୍ୟ କଳାକାରମାନଙ୍କ ମଧ୍ୟରୁ ଶ୍ରେଷ୍ଠ ଦଶଜଣଙ୍କର ଏକ ତାଲିକା ପ୍ରସ୍ତୁତ କରାଯାଇ ସେମାନଙ୍କୁ ରାଷ୍ଟ୍ରୀୟ ସାହାଯ୍ୟ ଯୋଗାଇ ଦେବାକୁ ସେ ନିର୍ଦ୍ଦେଶ ଦେଇଥିଲେ । ଅନେକ ମତ ପ୍ରଦାନ କରିଛନ୍ତି ଯେ ନିଜ ଶାସନର ସ୍ଥିତି ହାସଲ ନିମିତ୍ତ କଳା ସାହିତ୍ୟକୁ ଏକ ମାଧ୍ୟମ ରୂପେ ବ୍ୟବହାର କରିବା ଥିଲା ତାଙ୍କର ଅନ୍ତର୍ନିହିତ ଉଦ୍ଦେଶ୍ୟ । ସମସ୍ତ ପ୍ରକାରର ପ୍ରୋତ୍ସାହନ ସତ୍ତ୍ୱେ ଫରାସୀ ସାହିତ୍ୟ ତତ୍‌କାଳୀନ ଜର୍ମାନୀ ସାହିତ୍ୟର ସମକକ୍ଷ ହୋଇପାରିନଥିଲା ।

କୃତିତ୍ୱ (Achievements):

ପ୍ରଥମ କନସଲ ହିସାବରେ ନେପୋଲିୟନଙ୍କ କାର୍ଯ୍ୟାବଳୀ ପାଇଁ ତାଙ୍କୁ ପୃଥିବୀ ଇତିହାସରେ ଏକ ଶ୍ରେଷ୍ଠ ଓ ସଫଳ ଶାସକର ସ୍ଥାନ ଦିଆଯାଇଅଛି । ତାଙ୍କର ଶାସନ ସଂଗଠନ, ଧର୍ମ ସମାଧାନ, ଆଇନ ପ୍ରଣୟନ, ସାମାଜିକ ସଂସ୍କାର ଏବଂ ନୂତନ ଶିକ୍ଷାନୀତି ପ୍ରଣୟନ ଇତ୍ୟାଦି ଏକ ବିଶୃଙ୍ଖଳିତ ଦେଶକୁ ଶୃଙ୍ଖଳିତ କରିବା ସଙ୍ଗେ ସଙ୍ଗେ ଅଭୁତପୂର୍ବ ଅର୍ଥନୀତିକ ପ୍ରଗତି ଓ ସାମାଜିକ ସ୍ଥିରତା ପ୍ରତିଷ୍ଠା କରିପାରିଥିଲା । ତାଙ୍କର ଶାସନ ସଂସ୍କାର ପୁରାତନ ବ୍ୟବସ୍ଥା ଓ ନୂତନ ବୈପ୍ଳବିକ ଚିନ୍ତାଧାରା ମଧ୍ୟରେ ସମନ୍ୱୟ ସୃଷ୍ଟି କରିପାରିଥିଲା । ତାଙ୍କ କାର୍ଯ୍ୟ ଦ୍ୱାରା ମଧ୍ୟବିତ୍ତ, ଶ୍ରମିକ, କୃଷକ, ସୈନିକ, ବ୍ୟବସାୟୀ, ବଣିକ, କ୍ୟାଥଲିକ ସବୁ ଶ୍ରେଣୀର ଲୋକମାନେ ଉପକୃତ ହୋଇଥିଲେ । ପ୍ରକୃତପକ୍ଷରେ ସେ ଶତ୍ରୁମାନଙ୍କୁ ପରାସ୍ତ କରି ବିପ୍ଳବର ସଂସ୍କାରଗୁଡ଼ିକୁ ସୁରକ୍ଷିତ କରିଥିଲେ । ନିଜ ଗୌରବରେ ସେ କନସଲ ରୂପେ ଫରାସୀ ଜାତିକୁ ଗୌରବାନ୍ୱିତ କରିଥିଲେ । ଏହିସବୁ କାର୍ଯ୍ୟାବଳୀରୁ ବିଚାର କଲେ ତାଙ୍କର ମନ୍ତବ୍ୟ, "I am the Revolution" ବହୁ ଅଂଶରେ ସତ୍ୟ ବୋଲି ଅନୁମିତ ହୁଏ । ଅନ୍ୟ କେତେକ ତାଙ୍କର ସମାଲୋଚନା କରି ତାଙ୍କୁ ବିପ୍ଳବର ଧ୍ୱଂସକାରୀ "Destroyer of the Revolution" ବୋଲି କହନ୍ତି କାରଣ ଫରାସୀ ବିପ୍ଳବର ତିନୋଟି ଶକ୍ତିଶାଳୀ ନୀତି ମୁକ୍ତି, ସାମ୍ୟ ଓ ମୈତ୍ରୀ Liberty, Equality and Fraternity ମଧ୍ୟରୁ ମୁକ୍ତି (Liberty) ନୀତିକୁ ବାଦ୍ ଦେଇ ଅନ୍ୟ ଦୁଇଟି ନୀତିକୁ ଗ୍ରହଣ କରିଥିଲେ । ସମାଲୋଚନାର ଦୃଷ୍ଟିକୋଣରୁ ଯାହା କୁହାଗଲେ ମଧ୍ୟ ନେପୋଲିୟନ ଜଣେ ଶ୍ରେଷ୍ଠ ଶାସକ ଥିଲେ ଏଥିରେ ଦ୍ୱିମତ ନାହିଁ ।

କନସଲରୁ ସମ୍ରାଟ (From Consul to Emperor) : ଦେଶବାସୀଙ୍କ ଅହେତୁକ ସମର୍ଥନ ଦେଖି ୧୮୦୨ ମସିହାରେ ଗଣ ଭୋଟ ଦ୍ୱାରା ନେପୋଲିୟନ ନିଜକୁ ସାରା ଜୀବନ ଲାଗି କନସଲ ପଦରେ ଅଧିଷ୍ଠିତ କଲେ, "Consul for life" । କ୍ରମେ ସେ ବହୁତ ଆଶାବାଦୀ ହୋଇଉଠିଲେ । ଯେଉଁ ବିପ୍ଳବ ମଧ୍ୟରୁ ସେ ପୃଥିବୀ ଇତିହାସରେ ସ୍ଥାନ ପାଇପାରିଥିଲେ ସେହି ବିପ୍ଳବର ଶ୍ରେଷ୍ଠ ଅବଦାନ ସାଧାରଣତନ୍ତ୍ରକୁ ସେ ହତ୍ୟା ମଧ୍ୟ କରିଥିଲେ ଏବଂ ନିଜର ମସ୍ତକକୁ ମୁକୁଟ ମଣ୍ଡିତ କରିବାକୁ ପଦକ୍ଷେପ ଗ୍ରହଣ କରିଥିଲେ । ନେପୋଲିୟନ ନିଜେ ଥରେ କହିଥିଲେ, "I found the corwn of France lying on the ground and I picked it up with my sword". ଏହି ଉକ୍ତିକୁ ବାସ୍ତବତାରେ ପରିଣତ କରିବାକୁ ୧୮୦୪ ମସିହାରେ ସେ ନିଜକୁ ସମ୍ରାଟ ପଦବୀରେ ଅଧିଷ୍ଠିତ କରାଇଥିଲେ । ତାଙ୍କଦ୍ୱାରା ଗଠିତ ନାମକୁ ମାତ୍ର ସିନେଟ (Senate) ଦ୍ୱାରା ଅନୁମୋଦିତ ହେବାପରେ ଗଣଭୋଟ ସାହାଯ୍ୟରେ ନେପୋଲିୟନଙ୍କୁ ସମ୍ରାଟ କରିବା ପ୍ରସ୍ତାବ ଗୃହୀତ ହୋଇଥିଲା ଏବଂ ୧୮୦୪ ମସିହା ଡିସେମ୍ବର ୨ ତାରିଖ ଦିନ ତାଙ୍କର ସମ୍ରାଟ ରୂପେ ରାଜ୍ୟାଭିଷେକ ପର୍ବ ଅନୁଷ୍ଠିତ ହୋଇଥିଲା । ରୋମରୁ ପୋପ ଆସିଲେ ଏବଂ ଉତ୍ସବରେ ନେପୋଲିୟନଙ୍କୁ ରାଜମୁକୁଟ ପରିଧାନ କରାଇଦେବା

ସମୟରେ, ନେପୋଲିୟନ ପୋପଙ୍କ ହାତରୁ ରାଜମୁକୁଟ ଛଡ଼ାଇ ନେଇ ନିଜର ଦୁଇ ହାତରେ ମୁକୁଟ ମଣ୍ଡିତ କଲେ । ତଦ୍ୱାରା ସେ ଜଣାଇଦେଲେ ଯେ ତାଙ୍କ ମୁକୁଟ ବଂଶଗତ ରାଜମୁକୁଟ ନୁହେଁ, ତାହା ହେଉଛି ବ୍ୟକ୍ତିଗତ ଭାବେ ତାଙ୍କ ଉପାର୍ଜିତ । ନେପୋଲିୟନ ସାମ୍ରାଜ୍ୟର ଭିତ୍ତିପ୍ରସ୍ତର ସ୍ଥାପନ ସେ ନିଜେ କରିଥିଲେ । ବ୍ରୁମାଏର ସାମରିକ ବିଦ୍ରୋହକୁ ଗ୍ରହଣ କଲାପରି ଫରାସୀମାନେ ଏହି ପରିବର୍ତ୍ତନକୁ ମଧ୍ୟ ଗ୍ରହଣ କରିଥିଲେ । ପରିବର୍ତ୍ତନଶୀଳ ଇତିହାସର ଏକ ଆଶ୍ଚର୍ଯ୍ୟଜନକ ଘଟଣାକ୍ରମେ ଫରାସୀ ସାଧାରଣତନ୍ତ୍ରର ସମାଧି ଉପରେ ନେପୋଲିୟନଙ୍କର ବିଶାଳ ସାମ୍ରାଜ୍ୟ ସ୍ଥାପିତ ହୋଇଥିଲା।

(୩) ଇଂଲଣ୍ଡ
(ENGLAND)

ଇଂଲଣ୍ଡ ଓ ଫ୍ରାନ୍ସ ମଧ୍ୟରେ ଦୀର୍ଘଦିନର ଲାଗି ରହିଥିବା ଯୁଦ୍ଧରେ ଇଂଲଣ୍ଡର ପ୍ରଭୂତ ଶକ୍ତି ଓ ସମ୍ମାନର କ୍ଷୟ ଘଟିଲା । ଏହି ଦୀର୍ଘ ଯୁଦ୍ଧକୁ ''ଶତବର୍ଷର ଯୁଦ୍ଧ'' ("Hundred Years' War") ବୋଲି କୁହାଯାଏ, ଯାହାକି ଇଂଲଣ୍ଡରେ ଏକ ବିପର୍ଯ୍ୟସ୍ତ ଅବସ୍ଥା ସୃଷ୍ଟି କରିଥିଲା । ଏହି ସମୟର ହେନେରୀ-ଷଷ୍ଠ (୧୪୨୨-୧୪୬୧ ଖ୍ରୀ:ଅ:), ଏଡ୍‌ୱାର୍ଡ଼-ଚତୁର୍ଥ (୧୪୬୧-୧୪୮୩ ଖ୍ରୀ:ଅ:) ଓ ରିଚାର୍ଡ଼-ତୃତୀୟ (୧୪୮୩-୧୪୮୫ ଖ୍ରୀ:ଅ:) ଆଦି ଶାସକମାନେ ଅତ୍ୟନ୍ତ ଦୁର୍ବଳ ଥିଲେ । ସେମାନଙ୍କ ଶାସନ ସମୟରେ ସାମନ୍ତମାନେ ନିଜ ନିଜ ମଧ୍ୟରେ ଯୁଦ୍ଧ (War of Roses) ରେ ବ୍ୟାପୃତ ହୋଇ ଅନେକ ହତାହତ ହେଲେ । ଚତୁଃପାର୍ଶ୍ୱରେ ଅନେକ ଷଡ଼ଯନ୍ତ୍ରର ସୂତ୍ରପାତ ହେଲା । ଏହାର ସୁଯୋଗ ନେଇ ଆର୍ଥର ଟ୍ୟୁଡ଼ାର୍ ରାଜବଂଶର ହେନେରୀ-ସପ୍ତମ ୧୪୮୫ ଖ୍ରୀ:ଅ:ରେ ରିଚାର୍ଡ଼-ତୃତୀୟଙ୍କୁ ନିହତ କରି ଇଂଲଣ୍ଡର ସିଂହାସନ ଆରୋହଣ କଲେ । ସେ ଜଣେ ଶକ୍ତିଶାଳୀ ସମ୍ରାଟ ଥିଲେ । ବିଦ୍ରୋହୀ ସାମନ୍ତମାନଙ୍କୁ ଦୃଢ଼ ହସ୍ତରେ ଦମନ କରି ହେନେରୀ ଏକ ଶକ୍ତିଶାଳୀ ବ୍ରିଟିଶ ସାମ୍ରାଜ୍ୟ ସ୍ଥାପନ କଲେ । ଉଭୟ 'ପାର୍ଲାମେଣ୍ଟ' ଓ 'ହାଉସ୍ ଅଫ୍ କମନସ୍' ବଡ଼ ଦୁର୍ବଳ ଥିବାରୁ ସେ ୧୪୮୫-୧୫୦୯ ଖ୍ରୀ:ଅ: ପର୍ଯ୍ୟନ୍ତ ନିଜ ଇଚ୍ଛାରେ ଶାସନ ଚଳାଇ ଇଂଲଣ୍ଡର ପ୍ରଭୂତ ଉନ୍ନତି ସାଧନ କରିବା ସଙ୍ଗେ ସଙ୍ଗେ ତାହାର ହୃତଗୌରବ ଓ ଜାତୀୟତାକୁ ଫେରାଇ ଆଣିଥିଲେ । ତାଙ୍କ ପରେ ହେନେରୀ-ଅଷ୍ଟମ (୧୫୦୯-୧୫୪୭ ଖ୍ରୀ:ଅ:) ପ୍ରଗତିର ସେହି ଧାରାକୁ ବଜାୟ ରଖିଲେ । ସେ ଆଉ ଏକ ପାଦ ଆଗକୁ ଯାଇ ୧୫୩୫ ଖ୍ରୀ:ଅ:ରେ ଆବେଦନ ଆଇନ (Act of Appeals) ଧାରା ଜାହିର କରି ଇଂଲଣ୍ଡ ସାମ୍ରାଜ୍ୟକୁ ରୋମର ପୋପ୍‌ଙ୍କ ଧର୍ମୀୟ ପ୍ରତିପତ୍ତିରୁ ଅଲଗା କରିଦେଲେ । ଫଳରେ ସେ ଇଂଲଣ୍ଡ ଜାତୀୟ ଗୀର୍ଜାର ମୁଖ୍ୟ ହେଲେ ।

ହେନେରୀ-ଅଷ୍ଟମଙ୍କ ଦୁହିତା ଏଲିଜାବେଥ୍ (୧୫୫୮-୧୬୦୩ ଖ୍ରୀ:ଅ:)ଙ୍କ ରାଜତ୍ୱ କାଳକୁ ଇଂଲଣ୍ଡ ଇତିହାସର ''ସୁବର୍ଣ୍ଣଯୁଗ'' କୁହାଯାଏ । ସେ ଖ୍ରୀଷ୍ଟଧର୍ମର ବିଭାଜିତ ରାଜନୀତିରୁ ନିଜକୁ ଦୂରେଇ ରଖିବା ପାଇଁ କୌଣସି ରାଜକୁମାରଙ୍କୁ ବିବାହ ନକରି ''ଅବିବାହିତା ସାମ୍ରାଜ୍ଞୀ'' (Virgin Queen) ରୂପେ ରାଜ୍ୟ ଶାସନ କରିଥିଲେ । ୧୫୫୯ ଖ୍ରୀ:ଅ:ରେ ସେ ''ଏକକ ସମାନତା ଆଇନ'' ('Act of Uniformity') ଧାରା ପ୍ରଚଳନ କରି ପୋପ୍‌ଙ୍କର ଇଂଲଣ୍ଡ ସମ୍ପର୍କୀୟ ସମସ୍ତ ହସ୍ତକ୍ଷେପକୁ ବାରଣ କରିଦେଲେ । ତାଙ୍କ ସମୟରେ ବ୍ରିଟିଶ ନୌଶକ୍ତିର ବିଶେଷ ଉନ୍ନତି ହୋଇଥିଲା । ସେ ବୈଦେଶିକ ବାଣିଜ୍ୟ ଓ ଉପନିବେଶବାଦକୁ ପ୍ରୋତ୍ସାହିତ କରିଥିଲେ । ତାଙ୍କଦ୍ୱାରା 'ଇଷ୍ଟ୍‌ଇଣ୍ଡିଆ କମ୍ପାନୀ' (ଏସିଆ ଦେଶ ସମୂହ ପାଇଁ), 'ମସ୍କୋଭି କମ୍ପାନୀ' (ଋଷିଆ ଅଞ୍ଚଳ ପାଇଁ) ଏବଂ 'ଲାଭେଣ୍ଟ କମ୍ପାନୀ' (ଭୂମଧ୍ୟସାଗରୀୟ ଦେଶସମୂହ ପାଇଁ) ଗଠିତ ହୋଇଥିଲା । ଇଷ୍ଟ୍‌ଇଣ୍ଡିଆ କମ୍ପାନୀ ଦ୍ୱାରା ଭାରତରେ ଉପନିବେଶ ଓ ବାଣିଜ୍ୟିକ ସାମ୍ରାଜ୍ୟ ସ୍ଥାପନ କରାଯାଇ ପରେ ତାହାକୁ ସାମ୍ରାଜ୍ୟ ବିସ୍ତାରର ଆୟୁଧରେ ରୂପାନ୍ତରିତ କରାଯାଇଥିଲା । ଏହାଦ୍ୱାରା ସେମାନେ ଭାରତକୁ ଦୀର୍ଘ ୧୯୦ ବର୍ଷ ଧରି ଶାସନ କରିଥିଲେ ।

ଏଲିଜାବେଥ୍‌ଙ୍କ ଶାସନ କାଳରେ ଅନେକ କବି, ନାଟ୍ୟକାର ଓ ଗୀତିକାର ଇଂଲଣ୍ଡକୁ ସ୍ୱକୀୟ ରଚନାବଳୀ ଦ୍ୱାରା ଗୌରବାନ୍ୱିତ କରିଥିଲେ । ସେହି ସମୟର ସେକ୍‌ସପିଅର, ମାର୍‌ଲୋ, ଏଡ଼ମଣ୍ଡ୍ ଓ ଫ୍ଲେଚରଙ୍କ କୃତିଗୁଡ଼ିକୁ ଚିରଦିନ ଜନମାନସରେ ଉଦ୍‌ଜୀବିତ ରହିବ ।

ଏଲିଜାବେଥ୍ ହିଁ ବ୍ରିଟିଶ ଜାତୀୟତାବାଦକୁ ସମଗ୍ର ବିଶ୍ୱରେ ପରିଚିତ କରାଇପାରିଥିଲେ ।

ଏଲିଜାବେଥ୍‌ଙ୍କୁ ପୋପ ପାୟସ ପଞ୍ଚମଙ୍କ ବହିଷ୍କାର ଆଦେଶନାମା (Bull of Ex-communication issued by Pope Pius V to Elizabeth, 1570 A.D.) :

୧୫୭୦ ଖ୍ରୀ:ଅ:ରେ ପୋପ୍ ପାୟସ ପଞ୍ଚମ ଏଲିଜାବେଥ୍‌ଙ୍କୁ ବିଧର୍ମୀ ବୋଲି ଘୋଷଣା କରି ଖ୍ରୀଷ୍ଟିଆନ୍ ଧର୍ମ ସମାଜରୁ ବହିଷ୍କାର କଲେ। ଏହାଦ୍ୱାରା କ୍ୟାଥୋଲିକ୍ ପ୍ରଜାମାନଙ୍କୁ ଏଲିଜାବେଥ୍‌ଙ୍କ ପ୍ରତି ଆନୁଗତ୍ୟ ପ୍ରଦର୍ଶନ କରିବାରେ ଆଉ ବାଧ୍ୟବାଧକତା ରହିଲା ନାହିଁ। ରକ୍ଷଣଶୀଳ କ୍ୟାଥୋଲିକ୍‌ମାନେ ତାଙ୍କୁ ଶତ୍ରୁ ରୂପେ ବିବେଚନା କରି ତାଙ୍କ ବିରୁଦ୍ଧରେ ପରମ ଉତ୍ସାହରେ ଷଡ଼ଯନ୍ତ୍ରରେ ଲିପ୍ତ ରହିଲେ। ପରିସ୍ଥିତି ଅତ୍ୟନ୍ତ ବିପଦପୂର୍ଣ୍ଣ ହୋଇଉଠିଥିଲା।

ରିଡ଼ୋଲଫି ଷଡ଼ଯନ୍ତ୍ର, ୧୫୭୧ ଖ୍ରୀ:ଅ: (Ridolfi Plot, 1571 A.D.) :



Roberto Ridolfi
(1531–1612 A.D.)

ଏଲିଜାବେଥ୍‌ଙ୍କ ବିରୋଧରେ ସ୍ପେନ ସହିତ ମେରୀ ଷଡ଼ଯନ୍ତ୍ର ଜାରି ରଖିଥିଲେ। ଏହି ଷଡ଼ଯନ୍ତ୍ରରେ ମେରୀଙ୍କର ପ୍ରଧାନ ସହାୟକ ଥିଲେ ପୋପ୍‌ଙ୍କ ଜନୈକ ପ୍ରତିନିଧି ଇଟାଲୀର ଅଧିବାସୀ ରିଡ଼ୋଲଫି ଏବଂ ଡ୍ୟୁକ୍ ଅଫ୍ ନରଫୋକ୍। ଏହି ଷଡ଼ଯନ୍ତ୍ରର ସଫଳତା ନିମନ୍ତେ ରିଡ଼ୋଲଫି ପୋପ୍‌ଙ୍କର ଆଶୀର୍ବାଦ ପାଇବା ନିମନ୍ତେ ରୋମ ଯାତ୍ରା କରିଥିଲେ। ରୋମରୁ ସେ ସ୍ପେନ ଯାଇଥିଲେ। ସେଠାରେ ସେ ସ୍ପେନ୍ କାଉନସିଲକୁ ଏହି ଷଡ଼ଯନ୍ତ୍ରର ଯୋଜନା ବିଷୟରେ ପ୍ରସ୍ତାବ ଦେଇଥିଲେ ଯେ ପ୍ରଥମ ପଦକ୍ଷେପ ସ୍ୱରୂପ ନେଦରଲାଣ୍ଡ ଆଡୁ ସ୍ପେନୀୟ ସେନାଧ୍ୟକ୍ଷ ଡିଉକ୍ ଅଫ୍ ଆଲଭା ଇଂଲଣ୍ଡ ଆକ୍ରମଣ କରିବେ। ମାତ୍ର ଏହି ପ୍ରସ୍ତାବ ବିଷୟରେ ଫିଲିପ୍ ଅତି ମନ୍ଥର ଗତିରେ ଆଲୋଚନା କରୁଥିବା ସମୟରେ ଏଲିଜାବେଥ୍‌ଙ୍କ ସୁଦକ୍ଷ ମନ୍ତ୍ରୀ ସେସିଲ୍ ଏହି ଷଡ଼ଯନ୍ତ୍ର ବିଷୟରେ ସୂଚନା ପାଇଯାଇଥିଲେ, ଯାହାଦ୍ୱାରା ଏହି ଷଡ଼ଯନ୍ତ୍ର ପଣ୍ଡ ହୋଇଯାଇଥିଲା। ଏଲିଜାବେଥ୍‌ଙ୍କର ତୃତୀୟ ସଂସଦ (Third Parliament)ର ଅଧିବେଶନରେ ଏଲିଜାବେଥ୍‌ଙ୍କ ବିରୋଧରେ ପୋପ୍‌ଙ୍କ ବହିଷ୍କାର ଆଦେଶନାମା, ରିଡ଼ୋଲଫି ଷଡ଼ଯନ୍ତ୍ର, ଉତ୍ତର ଇଂଲଣ୍ଡର ବିଦ୍ରୋହ ଇତ୍ୟାଦି ବିଶଦ ଭାବରେ ଆଲୋଚିତ ହୋଇଥିଲା। ଏହାପରେ ୧୫୭୧ ଖ୍ରୀ:ଅ:ରେ ତୃତୀୟ ସଂସଦ ଏକ ଆଇନ ପ୍ରଣୟନ କରିଥିଲା। ଏହି ଆଇନ ଦ୍ୱାରା ଯଦି କୌଣସି ଇଂରେଜ ବ୍ୟକ୍ତି ଇଂଲଣ୍ଡରେ ପୋପଙ୍କର ବହିଷ୍କାର ଆଦେଶନାମା ପ୍ରକାଶ ବା ଉଲ୍ଲେଖ କରେ, ତେବେ ତାହା ଏକ ଗୁରୁତର ରାଜଦ୍ରୋହ ଭାବରେ ବିବେଚିତ ହେବ। ସ୍ପେନର ରାଜଦୂତଙ୍କୁ ଇଂଲଣ୍ଡରୁ ବହିଷ୍କାର କରାଯାଇଥିଲା। ଡିଉକ୍ ଅଫ୍ ନରଫୋକ୍‌ଙ୍କର ରାଜଦ୍ରୋହ ଅପରାଧର ବିଚାର କରାଯାଇ ତାଙ୍କୁ ମୃତ୍ୟୁଦଣ୍ଡରେ ଦଣ୍ଡିତ କରାଯାଇଥିଲା। ଏହାବ୍ୟତୀତ ୧୫୭୨ ଖ୍ରୀ:ଅ:ରେ ମେରୀଙ୍କୁ ମୃତ୍ୟୁଦଣ୍ଡରେ ଦଣ୍ଡିତ କରାଯିବା ନିମନ୍ତେ ସଂସଦର ଦାବିକୁ ଏଲିଜାବେଥ୍ ଅଗ୍ରାହ୍ୟ କରିଦେଇଥିଲେ। ମେରୀଙ୍କୁ ନଜରବନ୍ଦୀ ରୂପେ ରଖାଯାଇଥିଲା।

ବ୍ଲୋଇସ୍ ସନ୍ଧି, ଏପ୍ରିଲ ୧୫୭୨ ଖ୍ରୀ:ଅ: (Treaty of Blois, April 1572 A.D.) :

ସ୍ପେନୀୟମାନଙ୍କ ସହିତ ଇଂରେଜ କ୍ୟାଥୋଲିକମାନେ ଯେଉଁ ଷଡ଼ଯନ୍ତ୍ର ରଚନା କରିଥିଲେ ସେଥିରେ ଇଂଲଣ୍ଡର ମନ୍ତ୍ରୀ ସେସିଲ୍ ଆତଙ୍କିତ ହୋଇ ଫ୍ରାନ୍ସ ସହିତ ସୁସମ୍ପର୍କ ରକ୍ଷା କରିବା ନିମନ୍ତେ ଉଦ୍ୟମ କରିଥିଲେ। ସେସିଲ୍‌ଙ୍କ ଉଦ୍ୟମ ଯୋଗୁ ଫ୍ରାନ୍ସ ସହିତ ଇଂଲଣ୍ଡ ଏପ୍ରିଲ ୧୫୭୨ ଖ୍ରୀ:ଅ:ରେ ବ୍ଲୋଇସ୍ ସନ୍ଧି ସ୍ୱାକ୍ଷର କରିଥିଲା। ଏହି ସନ୍ଧିର ସର୍ତ୍ତାନୁଯାୟୀ ଇଂଲଣ୍ଡ ସ୍ପେନ୍ ବିରୁଦ୍ଧରେ ନେଦରଲ୍ୟାଣ୍ଡକୁ ସହାୟତା କରିବା ନିମନ୍ତେ ଫ୍ରାନ୍ସ ସହିତ ଯୋଗ ଦେଇଥିଲା। ଯଦିଓ ଏହି ସନ୍ଧିର ମାତ୍ର ଚାରିମାସ ପରେ ଅଗଷ୍ଟ ୧୫୭୨ ଖ୍ରୀ:ଅ:ରେ ଫ୍ରାନ୍ସର ରାଜମାତା କ୍ୟାଥେରାଇନ୍ ଡି ମେଡ଼ିସି (Catherine de Medici)ଙ୍କ ନିର୍ଦ୍ଦେଶ କ୍ରମେ ହଜାର ହଜାର ସଂଖ୍ୟକ ପ୍ରୋଟେଷ୍ଟାଣ୍ଟ (ହ୍ୟୁନଟସ୍)ମାନଙ୍କୁ ଫ୍ରାନ୍ସର ରାଜରାସ୍ତାରେ 'ସେଣ୍ଟ ବାର୍ଥଲୋମିଓ ଦିବସ' ପାଳନ ଅବସରରେ ହତ୍ୟା କରାଗଲା। ତଥାପି ଇଂଲଣ୍ଡର ଫ୍ରାନ୍ସ ସହିତ ସୁସମ୍ପର୍କ ବଳବତ୍ତର ରହିଥିଲା। ଏହି ଘଟଣାକୁ ''ସେଣ୍ଟ ବାର୍ଥଲୋମିଉ ଗଣସଂହାର'' (Massacre of St. Bartholomew) ନାମରେ ପରିଚିତ ଅଟେ।

Catherine de' Medici
(1519–1589 A.D.)

ପୂର୍ବରୁ କ୍ୟାଥୋଲିକ ଧର୍ମର ପ୍ରସାର କରିବା ନିମନ୍ତେ ଇଗ୍ନାସିଅସ୍ ଲୋୟଲାଙ୍କ ଦ୍ୱାରା ଜେସୁଟ ସଂଘ (Order of the Jesuits) ପ୍ରତିଷ୍ଠା କରାଯାଇଥିବା ବିଷୟ ଆଲୋଚନା କରାଯାଇଛି। ଜେସୁଟସ୍ (ଜେସୁଟ ସଂଘର କର୍ମୀ)ମାନେ ବିଭିନ୍ନ ଦେଶ ଗସ୍ତକରି ପ୍ରୋଟେଷ୍ଟାଣ୍ଟ ଧର୍ମାବଲମ୍ବୀମାନଙ୍କୁ ପୁନର୍ବାର କ୍ୟାଥୋଲିକ ଧର୍ମରେ ଦୀକ୍ଷିତ କରାଇବା ଲାଗି ଉଦ୍ୟମ କରୁଥିଲେ। ୧୫୫୮ ଖ୍ରୀ:ଅ:ରେ ଏଲିଜାବେଥ୍ ସିଂହାସନ ଆରୋହଣ କରିବା ପରେ ଇଂଲଣ୍ଡରେ ପ୍ରୋଟେଷ୍ଟାଣ୍ଟ ଧର୍ମ ପୁନଃ ପ୍ରତିଷ୍ଠା କରିବା ଦ୍ୱାରା ଜେସୁଟମାନେ ଇଂରେଜମାନଙ୍କୁ ପୁନର୍ବାର କ୍ୟାଥୋଲିକ ଧର୍ମରେ ଦୀକ୍ଷିତ କରାଇବା ଲାଗି ତତ୍ପରତା ପ୍ରକାଶ କରିଥିଲେ। ୧୫୬୮ ଖ୍ରୀ:ଅ:ରେ ଇଂରେଜ ଜେସୁଟମାନଙ୍କୁ ଏହି ବିଷୟରେ ପ୍ରଶିକ୍ଷଣ ଦେବା ନିମନ୍ତେ ରୋମ ଏବଂ ଦୁଆଇଠାରେ ଦୁଇଟି ବିଦ୍ୟାଳୟ ପ୍ରତିଷ୍ଠା କରାଯାଇଥିଲା। ଏହିସବୁ ବିଦ୍ୟାଳୟରୁ ପ୍ରଶିକ୍ଷିତ ହୋଇଥିବା ଏକ ଜେସୁଟସ୍ ଦଳ ଇଂଲଣ୍ଡରେ ସର୍ବପ୍ରଥମେ ୧୫୭୪ ଖ୍ରୀ:ଅ:ରେ ପଦାର୍ପଣ କରିଥିଲା। ୧୫୮୦ ଖ୍ରୀ:ଅ:ରେ ଆହୁରି ଏକ ଜେସୁଟସ୍ ଦଳ ଏଡ୍‌ମଣ୍ଡ୍ ଚାମ୍ପିଅନ (Edmund Campion) ଏବଂ ରବର୍ଟ ପାର୍ସନସ୍ (Robert Parsons)ଙ୍କ ନେତୃତ୍ୱରେ ଇଂଲଣ୍ଡକୁ ଆସିଥିଲେ ଏବଂ କ୍ୟାଥୋଲିକ୍ ଧର୍ମର ପ୍ରସାର ନିମନ୍ତେ ପ୍ରଚଣ୍ଡ ଉଦ୍ୟମ କରିଥିଲେ। ଏହି ଜେସୁଟମାନେ ଅତ୍ୟନ୍ତ ଦୁଃସାହସୀ ଥିଲେ। ନିଜର ଆଦର୍ଶର ପ୍ରତିଷ୍ଠା ନିମନ୍ତେ ସେମାନେ ଯେଭଳି ଭାବରେ ଲାଞ୍ଛନା ଏବଂ ମୃତ୍ୟୁକୁ ବରଣ କରୁଥିଲେ, ତାହା ବାସ୍ତବିକ ପ୍ରଶଂସନୀୟ ଥିଲା। ୧୫୭୦ ଖ୍ରୀ:ଅ:ରେ ପୋପ୍ ଏଲିଜାବେଥ୍‌ଙ୍କୁ ଖ୍ରୀଷ୍ଟିଆନ ସମାଜରୁ ବହିଷ୍କାର କରିବା ସହିତ ଯେଉଁ ଘୋଷଣାନାମା ପ୍ରକାଶ କରିଥିଲେ, ତାହାଦ୍ୱାରା ନିଷ୍ଠାପର କ୍ୟାଥୋଲିକମାନେ ଏଲିଜାବେଥ୍‌ଙ୍କ ବିରୁଦ୍ଧରେ ଷଡ଼ଯନ୍ତ୍ର କରିବାକୁ ଉତ୍ସାହିତ ହୋଇ ବିଭିନ୍ନ ଷଡ଼ଯନ୍ତ୍ରମୂଳକ କାର୍ଯ୍ୟକଳାପରେ ନିୟୋଜିତ ହୋଇଥିଲେ। ଏଥିନିମନ୍ତେ ୧୫୭୧ ଖ୍ରୀ:ଅ:ରେ ରାଜଦ୍ରୋହ ଆଇନର ପରିସର ବ୍ୟାପକ କରାଯାଇ ପ୍ରୋଟେଷ୍ଟାଣ୍ଟ ଧର୍ମାବଲମ୍ବୀମାନଙ୍କୁ ପୁନର୍ବାର କ୍ୟାଥୋଲିକ ଧର୍ମରେ ଦୀକ୍ଷିତ କରାଇବା ଉଦ୍ୟମରେ ସଂଶ୍ଳିଷ୍ଟ ଥିବା କ୍ୟାଥୋଲିକ୍‌ମାନଙ୍କୁ ରାଜଦ୍ରୋହ ଅପରାଧରେ ଅଭିଯୁକ୍ତ କରିବାର ବ୍ୟବସ୍ଥା କରାଯାଇଥିଲା। ଏହି ପ୍ରକାର କାର୍ଯ୍ୟରେ ଜେସୁଟମାନେ ଜଡ଼ିତ ଥିବା ହେତୁ ଏଡ଼ମଣ୍ଡ ଚମ୍ପିଆନ୍‌ଙ୍କ ସମେତ ଅନେକ ଜେସୁଟଙ୍କୁ ରାଜଦ୍ରୋହ ଅପରାଧରେ ଅଭିଯୁକ୍ତ କରାଯାଇ ମୃତ୍ୟୁଦଣ୍ଡ ପ୍ରଦାନ କରାଯାଇଥିଲା। କିନ୍ତୁ ରବର୍ଟ ପାରସନ୍ ଚତୁରତାର ସହିତ ଇଂଲଣ୍ଡରୁ ପଳାୟନ କରି ଫିଲିପ୍ ଦ୍ୱିତୀୟ ଏବଂ ପୋପ୍‌ଙ୍କ ସହ ମିଶି ଏଲିଜାବେଥ୍‌ଙ୍କୁ ହତ୍ୟା କରିବା ଲାଗି ଏକ ଷଡ଼ଯନ୍ତ୍ର ରଚନା କରିଥିଲେ। ଏହି ଷଡ଼ଯନ୍ତ୍ରରେ ଚେଶାୟାର ନିବାସୀ ଫ୍ରାନସିସ୍ ଥ୍ରକମର୍ଟନ(Francis Throckmortan)



St. Edmund Campion
(1540–1581 A.D.

Robert Parson
(1546–1610 A.D.)



Sir Francis Welsingham
(1532–1590 A.D.)

ନାମକ ଜଣେ ବ୍ୟକ୍ତି ମଧ୍ୟ ସଂଶ୍ଳିଷ୍ଟ ଥିଲେ । ମାତ୍ର ଏଲିଜାବେଥ୍‌ଙ୍କ ସୁଯୋଗ୍ୟ ମନ୍ତ୍ରୀ ସେସିଲି ଏବଂ ୱେଲ୍‌ସିଂହାମ ଏ ସମ୍ପର୍କରେ ପୂର୍ବରୁ ସୂଚନା ପାଇ ସତର୍କତାମୂଳକ ବ୍ୟବସ୍ଥା ଗ୍ରହଣ କରିବା ଫଳରେ ପୂର୍ବର ଷଡ଼ଯନ୍ତ୍ର ପରି ଏହି ଷଡ଼ଯନ୍ତ୍ର ମଧ୍ୟ ବିଫଳ ହୋଇଥିଲା। ଏହାପରେ ଡିସେମ୍ବର ୧୫୮୩ ଖ୍ରୀ:ଅ:ରେ ଥ୍ରକମର୍ଟନଙ୍କୁ ଗିରଫ କରାଯାଇ ମୃତ୍ୟୁଦଣ୍ଡରେ ଦଣ୍ଡିତ କରାଯାଇଥିଲା।

(୩) ଏଲିଜାବେଥ୍ ଏବଂ ଫିଲିପ୍ ଦ୍ୱିତୀୟ (Elizabeth and Philip II) :

ଏଲିଜାବେଥ୍ ତାଙ୍କ ବିରୋଧରେ ହୋଇଥିବା ଷଡ଼ଯନ୍ତ୍ରକୁ ପ୍ରତିହିତ କରିବାକୁ ସକ୍ଷମ ହୋଇଥିଲେ ମଧ୍ୟ ତାଙ୍କର ଏବଂ ପ୍ରୋଟେଷ୍ଟାଣ୍ଟମାନଙ୍କର ସଙ୍କଟ କ୍ରମଶଃ ଘନୀଭୂତ ହେବାରେ ଲାଗିଲା। ନେଦରଲ୍ୟାଣ୍ଡରେ ସ୍ପେନ ସମ୍ରାଟ ଫିଲିପ୍ ଦ୍ୱିତୀୟଙ୍କ ବିରୋଧରେ ଯେଉଁ ବିଦ୍ରୋହ ସଂଘଟିତ ହୋଇଥିଲା, ସେହି ବିଷୟରେ ପୂର୍ବରୁ ଆଲୋଚନା କରାଯାଇଛି। ୧୫୭୬ ଖ୍ରୀ:ଅ:ରୁ ପୂର୍ବ ବର୍ଣ୍ଣିତ ସମୁଦ୍ର ଭିକ୍ଷୁ (Sea-beggers)ମାନେ ଏହି ବିଦ୍ରୋହରେ ଯୋଗଦେବା ଫଳରେ ଏହା ଭୟଙ୍କର ଆକାର ଧାରଣ କରିଥିଲା। ଏହି ସମୁଦ୍ର-ଭିକ୍ଷୁମାନେ ଡଚ୍ ବନ୍ଦର ବ୍ରିଲ୍ ଉପରେ ଆକ୍ରମଣ କରି ତାହାକୁ ଅଧିକାର କରିନେବା ପରେ ନେଦରଲ୍ୟାଣ୍ଡର ଉତ୍ତରାଞ୍ଚଳ (ଯାହାକି ବର୍ତ୍ତମାନ ହଲାଣ୍ଡ ନାମରେ ପରିଚିତ)ର ଅଧିବାସୀମାନେ ଅରେଞ୍ଜ (Orange) ବଂଶର ଯୁବରାଜ ଦେଶଭକ୍ତ ଉଇଲିୟମ୍ ଦି ସାଇଲେଣ୍ଟଙ୍କ ନେତୃତ୍ୱରେ ପ୍ରକାଶ୍ୟ ବିଦ୍ରୋହ ଘୋଷଣା କରିଥିଲେ । ଏହାର ପାଞ୍ଚବର୍ଷ ମଧ୍ୟରେ ଏହି ବିଦ୍ରୋହ କ୍ୟାଥୋଲିକ୍ ପ୍ରଭାବିତ ନେଦରଲ୍ୟାଣ୍ଡର ଦକ୍ଷିଣାଞ୍ଚଳ (ବର୍ତ୍ତମାନର ବେଲଜିୟମ୍)କୁ ମଧ୍ୟ ପ୍ରସାରିତ ହୋଇଥିଲା । ଏଥିରେ ଫିଲିପ୍ ଦ୍ୱିତୀୟ ଆତଙ୍କିତ ହୋଇପଡ଼ିଥିଲେ, କାରଣ ନେଦରଲ୍ୟାଣ୍ଡରୁ ତାଙ୍କର କର୍ତ୍ତୃତ୍ୱ ସମ୍ପୂର୍ଣ୍ଣ ବିଲୋପ ହୋଇଯିବ ବୋଲି ସେ ଆଶଙ୍କା ପ୍ରକାଶ କରିଥିଲେ । ମାତ୍ର ୧୫୭୮ ଖ୍ରୀ:ଅ:ରୁ ଏହି ପରିସ୍ଥିତିରେ ପରିବର୍ତ୍ତନ ଆସିଥିଲା । ଏହି ବିଦ୍ରୋହକୁ ସ୍ପେନର ଦକ୍ଷ ସେନାଧ୍ୟକ୍ଷ ଆଲେକଜାଣ୍ଡାର ଅଫ୍ ପାର୍ମା ଦମନ କରିବାରେ ସକ୍ଷମ ହୋଇଥିଲେ ଏବଂ ପୁନର୍ବାର ନେଦରଲ୍ୟାଣ୍ଡକୁ ଅଧିକାର କରିବାକୁ ଲାଗିଲେ । ପରିସ୍ଥିତିର ଏହି ପଟ୍ଟ ପରିବର୍ତ୍ତନରେ ପ୍ରୋଟେଷ୍ଟାଣ୍ଟ ଧର୍ମାବଲମ୍ବୀ ଇଂରେଜମାନେ ଉଦବିଗ୍ନତା ପ୍ରକାଶ କରି ଇଂଲଣ୍ଡ ଏଥିରେ ପ୍ରତ୍ୟକ୍ଷ ଭାବରେ ହସ୍ତକ୍ଷେପ କରୁ ବୋଲି ମତ ପ୍ରଦାନ କରିଥିଲେ । କିନ୍ତୁ ଏଲିଜାବେଥ୍ ପ୍ରୋଟେଷ୍ଟାଣ୍ଟମାନଙ୍କର ଏହି ପ୍ରସ୍ତାବରେ ନିଜର ସମ୍ମତି ଦେଇ ନ ଥିଲେ। ଏଲିଜାବେଥ୍ ଗୋପନରେ ନେଦରଲ୍ୟାଣ୍ଡର ଅଧିବାସୀମାନଙ୍କୁ ସାହାଯ୍ୟ ପ୍ରଦାନ କରି ଉତ୍ସାହିତ କରୁଥିଲେ ମଧ୍ୟ ସ୍ପେନ ସହ ସଂଘର୍ଷକୁ ଏଡ଼ାଇବା ନିମନ୍ତେ ସେମାନଙ୍କୁ ଖୋଲାଖୋଲି ସାହାଯ୍ୟ କରିବା ପାଇଁ ଇଚ୍ଛା କରି ନ ଥିଲେ।

Alexander of Parma
(1545-1592 A.D.)

ଉଇଲିୟମ୍ ଅଫ୍ ଅରେଞ୍ଜଙ୍କ ହତ୍ୟା (Assassination of William of Orange) :

ଠିକ୍ ଏହି ସମୟରେ ୧୫୮୪ ଖ୍ରୀ:ଅ:ରେ ଏକ ଦୁଃଖଦ ଘଟଣା ଘଟିଥିଲା, ଯାହାକି ଉଭୟ ସେସିଲ ଏବଂ ୱାଲସିଂହାମଙ୍କୁ ଚିନ୍ତାଗ୍ରସ୍ତ କରାଇଥିଲା, କାରଣ ନେଦରଲ୍ୟାଣ୍ଡରେ ପ୍ରୋଟେଷ୍ଟାଣ୍ଟମାନଙ୍କର ନେତା ଉଇଲିୟମ୍ ଅଫ୍ ଅରେଞ୍ଜଙ୍କୁ ସ୍ପେନର ଶାସକଙ୍କ ନିର୍ଦ୍ଦେଶରେ ହତ୍ୟା କରାଯାଇଥିଲା। ଏହି ମର୍ମନ୍ତୁଦ ମୃତ୍ୟୁ ଘଟଣା ପ୍ରତ୍ୟେକ ଇଂରେଜ ବ୍ୟକ୍ତିଙ୍କ ମନ ମଧ୍ୟରେ ଗୋଟିଏ ଭାବନା ସୃଷ୍ଟି କରିଥିଲା ଯେ ହୁଏତ ଏହାପରେ ଏଲିଜାବେଥଙ୍କର ପାଳି ପଡ଼ିବ । ତେଣୁ ପ୍ରୋଟେଷ୍ଟାଣ୍ଟ ଧର୍ମାବଲମ୍ବୀ ବ୍ୟକ୍ତିମାନଙ୍କ ଦ୍ୱାରା ଇଂଲଣ୍ଡ ସାମ୍ରାଜ୍ଞୀଙ୍କର ଖାସ୍ ରାଜକୀୟ କର୍ମଚାରୀମାନଙ୍କ ପ୍ରତି ହେବାକୁ ଯାଉଥିବା ଏହିପରି ହିଂସ୍ର କାର୍ଯ୍ୟାବଳୀ ତଥା ଏପରି ଉଦ୍ୟମର ପ୍ରତିରୋଧ ତଥା ପ୍ରତିଶୋଧ ନେବା ନିମନ୍ତେ ଏକ 'ଜାତୀୟ ସଂଗଠନ' (National Association) ୧୫୮୪ ଖ୍ରୀ:ଅ:ରେ ଗଠନ କରାଯାଇଥିଲା। ୧୫୮୫ ଖ୍ରୀ:ଅ:ରେ ସଂସଦ (Parliament) ଏହି ଜାତୀୟ ସଂଗଠନକୁ ସ୍ୱୀକୃତି ପ୍ରଦାନ କରିଥିଲା। ସଂସଦ ଦ୍ୱାରା ଅନୁମୋଦିତ ହୋଇଥିବା ଅନ୍ୟ ଏକ ଆଇନ ଦ୍ୱାରା ଜେସୁଟ୍‌ମାନଙ୍କୁ ବହିଷ୍କାର କରାଯିବା ସହିତ ଯଦି କୌଣସି ଜଣେ ଜେସୁଟ୍‌କୁ କିଏ ମଧ୍ୟ ଆଶ୍ରୟ ଦିଅନ୍ତି, ତେବେ ତାହା ଏକ ଗୁରୁତର ଅପରାଧ

ଭାବରେ ବିବେଚନା କରାଯିବାର ବ୍ୟବସ୍ଥା ରହିଲା। ଉଇଲିୟମ୍ ଅଫ୍ ଅରେଞ୍ଜଙ୍କର ମୃତ୍ୟୁ ପରେ ଡଚ୍‌ମାନେ ଶକ୍ତିହୀନ ହୋଇପଡ଼ିବାରୁ ଫିଲିପ୍ ଦ୍ୱିତୀୟଙ୍କର ଇଂଲଣ୍ଡ ଆକ୍ରମଣ କରିବାରେ ଆଉ ପ୍ରତିବନ୍ଧକ ରହିଲା ନାହିଁ।

ଏଲିଜାବେଥ୍‌ଙ୍କ ବିବାହ ପ୍ରସ୍ତାବ (Marriage Proposal of Elizabeth) :

୧୫୮୪ ଖ୍ରୀ:ଅ:ରେ ଫ୍ରାନ୍ସରେ ମଧ୍ୟ ଏକ ଉଦବେଗପୂର୍ଣ୍ଣ ପରିସ୍ଥିତି ସୃଷ୍ଟି ହୋଇଥିଲା। ଯେପରି ଫ୍ରାନ୍ସ ଏବଂ ସ୍ପେନ ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ପ୍ରତିଷ୍ଠା ହୋଇ ନ ପାରିବ। ସେହି ଦିଗରେ ଏଲିଜାବେଥ୍ ସର୍ବଦା ଉଦ୍ୟମ ଜାରି ରଖିଥିଲେ। ୧୫୭୦ ଖ୍ରୀ:ଅ: ପୂର୍ବରୁ ଫ୍ରାନ୍ସକୁ ତାହାର ନିଜର ଆଭ୍ୟନ୍ତରୀଣ ବ୍ୟାପାରରେ ଜଡ଼ିତ ରଖିବା ନିମନ୍ତେ ଏଲିଜାବେଥ୍ ଯେଉଁ ଉପାୟ ଗ୍ରହଣ କରୁଥିଲେ ତାହାକୁ ୧୫୭୦ ଖ୍ରୀ:ଅ: ପରେ ପରିତ୍ୟାଗ କରିଥିଲେ। ୧୫୭୦ ଖ୍ରୀ:ଅ: ପରେ ସେ ଫରାସୀ ଯୁବରାଜଙ୍କୁ ବିବାହର ପ୍ରସ୍ତାବ ଦେଇ ବୈବାହିକ ସଂପର୍କ ମାଧ୍ୟମରେ ଫ୍ରାନ୍ସ ସହିତ ବନ୍ଧୁତ୍ୱପୂର୍ଣ୍ଣ ସଂପର୍କ ସ୍ଥାପନ କରିବା ଦିଗରେ ଚେଷ୍ଟା କରିଥିଲେ। ତେଣୁ ସେ ୧୫୭୦ ଖ୍ରୀ:ଅ: ଏବଂ ୧୫୭୧ ଖ୍ରୀ:ଅ: ମଧ୍ୟରେ ପ୍ରଥମେ ଫ୍ରାନ୍ସ ଶାସକଙ୍କର ଭାଇ ହେନେରୀ ଓ ଡିଉକ୍ ଅଫ୍ ଅଞ୍ଜୁଙ୍କୁ ବିବାହ କରିବା ନିମନ୍ତେ ପ୍ରସ୍ତାବ ଦେଇଥିଲେ। ୧୫୭୨ ଖ୍ରୀ:ଅ:ରେ ଫ୍ରାନ୍ସର ଶାସକ ଏବଂ ତାଙ୍କ ମାତାଙ୍କ ନିର୍ଦ୍ଦେଶରେ ''ସେଣ୍ଟ ବାର୍ଥଲୋମିଓ ଦିବସ'' ଅବସରରେ ହୋଇଥିବା ଗଣହତ୍ୟା ସତ୍ତ୍ୱେ ଏଲିଜାବେଥ୍ ଫରାସୀ ଯୁବରାଜଙ୍କ ସହ ତାଙ୍କର ବିବାହ ପ୍ରସ୍ତାବ ରଦ୍ଦ କରି ନ ଥିଲେ। ବରଞ୍ଚ ଏହାପରେ ସେ ଡିଉକ୍ ଅଫ୍ ଆଲେନକନ୍ ନାମକ ଅନ୍ୟ ଜଣେ ଫରାସୀ ଯୁବରାଜ ଯିଏକି ପରବର୍ତ୍ତୀ କାଳରେ ଡିଉକ୍ ଅଫ୍ ଅଞ୍ଜୁ ନାମରେ ପରିଚିତ ହୋଇଥିଲେ। ତାଙ୍କ ସହିତ ବିବାହ ପ୍ରସ୍ତାବ ଦେଇଥିଲେ। କିନ୍ତୁ ପ୍ରକୃତରେ କୌଣସି ଫରାସୀ ଯୁବରାଜଙ୍କୁ ବିବାହ କରିବା ତାଙ୍କର ଉଦ୍ଦେଶ୍ୟ ନ ଥିଲା। ଏହା ତାଙ୍କର ଛଳନାପୂର୍ଣ୍ଣ କୂଟନୈତିକ ଚାଲ ଥିଲା। ନିଜର ଗୁପ୍ତ ଉଦ୍ଦେଶ୍ୟକୁ ଚରିତାର୍ଥ କରିବା ନିମନ୍ତେ ଏହିପରି ପ୍ରବଞ୍ଚନାର ଆଶ୍ରୟ ନେଇ ସେ ୧୫୭୨ ଖ୍ରୀ:ଅ:ଠାରୁ ପ୍ରାୟ ଏକ ଦଶନ୍ଧି ଧରି ଫ୍ରାନ୍ସକୁ ପ୍ରତାରିତ କରି ରଖିଥିଲେ। କିନ୍ତୁ ୧୫୮୪ ଖ୍ରୀ:ଅ:ରେ ଫ୍ରାନ୍ସ ସିଂହାସନର ଭାବୀ ଉତ୍ତରାଧିକାରୀ ଡିଉକ୍ ଅଫ୍ ଅଞ୍ଜୁଙ୍କ ମୃତ୍ୟୁ ପରେ ଫରାସୀ ପ୍ରୋଟେଷ୍ଟାଣ୍ଟମାନଙ୍କ ନେତା ଡିଉକ୍ ଅଫ୍ ନାଭେର୍ ଫ୍ରାନ୍ସ ସିଂହାସନ ଭାବୀ ଉତ୍ତରାଧିକାରୀ ରୂପେ ସ୍ୱୀକୃତି ପାଇବା ଦ୍ୱାରା ଏଲିଜାବେଥ୍‌ଙ୍କ ନିମନ୍ତେ ସମସ୍ୟା ସୃଷ୍ଟି ହୋଇଥିଲା। କାରଣ ଚରମପନ୍ଥୀ ଫରାସୀ କ୍ୟାଥୋଲିକ୍‌ମାନେ ହେନେରୀ ଅଫ୍ ନାଭେରଙ୍କୁ ଫ୍ରାନ୍ସ ସିଂହାସନର ଭାବୀ ଉତ୍ତରାଧିକାରୀ ଭାବରେ ସ୍ୱୀକାର କରିବା ନିମନ୍ତେ ପ୍ରସ୍ତୁତ ନ ଥିଲେ। ତେଣୁ ସେମାନେ ଡୁଉକ୍ ଅଫ୍ ଗାଇସ୍‌ଙ୍କ ନେତୃତ୍ୱରେ ହେନେରୀ ଅଫ୍ ନାଭେରଙ୍କୁ ବିରୋଧ କରିବା ନିମନ୍ତେ ସଙ୍କଳ୍ପବଦ୍ଧ ହୋଇ ଫିଲିପ୍ ଦ୍ୱିତୀୟଙ୍କ ସହ ବନ୍ଧୁତ୍ୱପୂର୍ଣ୍ଣ ସଂପର୍କ ସ୍ଥାପନ କଲେ। ଏହାଦ୍ୱାରା ଇଂଲଣ୍ଡ ଭବିଷ୍ୟତରେ କେଉଁ ପ୍ରକାର ବିପଦର ସମ୍ମୁଖୀନ ହେବ ତାହା ସୁସ୍ପଷ୍ଟ ହୋଇଯାଇଥିଲା।

ଏତଦ୍‌ବ୍ୟତୀତ ଫିଲିପ୍ ଦ୍ୱିତୀୟ ମଧ୍ୟ ଇଂଲଣ୍ଡ ଆକ୍ରମଣ କରିବା ନିମନ୍ତେ ମନସ୍ଥ କରିସାରିଥିଲେ। ପୂର୍ବରୁ ପ୍ରୋଟେଷ୍ଟାଣ୍ଟ ଧର୍ମାବଲମ୍ବୀ ଏଲିଜାବେଥ୍‌ଙ୍କୁ ଗାଦିଚ୍ୟୁତ କରି ମେରୀଙ୍କୁ ଇଂଲଣ୍ଡର ସିଂହାସନରେ ଅଧିଷ୍ଠିତ କରାଇବାର ସମସ୍ତ ଷଡ଼ଯନ୍ତ୍ର ବିଫଳ ହୋଇଯାଇଥିଲା। ଏହାଛଡ଼ା ୧୫୭୦ ଖ୍ରୀ:ଅ:ରୁ ଡ୍ରେକ୍ ଏବଂ ଅନ୍ୟାନ୍ୟ ଇଂରେଜ ନାବିକ ଓ ଜଳଦସ୍ୟୁମାନେ ଯେଉଁଭଳି ଭାବରେ ଏଲିଜାବେଥ୍‌ଙ୍କର ସମର୍ଥନ ପାଇ ସ୍ପେନୀୟ ଉପନିବେଶ ପଶ୍ଚିମ ଭାରତୀୟ ଦ୍ୱୀପପୁଞ୍ଜ ସ୍ପେନୀୟ ଉପନିବେଶଗୁଡ଼ିକୁ ଲୁଣ୍ଠନ କରୁଥିଲେ, ତାହା ଫିଲିପ ଦ୍ୱିତୀୟଙ୍କୁ ଉତ୍ୟକ୍ତ କରିଥିଲା।

ଲିସେଷ୍ଟର ଏବଂ ନେଦରଲ୍ୟାଣ୍ଡ (Licester and Netherlands, 1585-87 A.D.) :

ଏହି ପରିପ୍ରେକ୍ଷୀରେ ସ୍ପେନ୍ ଏବଂ ଇଂଲଣ୍ଡ ମଧ୍ୟରେ ସଂଘର୍ଷ ଅନିବାର୍ଯ୍ୟ ହୋଇପଡ଼ିଥିଲା। ଏଲିଜାବେଥ୍ ଖୋଲାଖୋଲି ଭାବରେ ନେଦରଲ୍ୟାଣ୍ଡର ବିଦ୍ରୋହୀମାନଙ୍କୁ ସାହାଯ୍ୟ ଦେବାରେ ଆଉ ଦ୍ୱିଧା ନ କରି ୧୫୮୫ ଖ୍ରୀ:ଅ:ରେ ଏକହଜାର ଅଶ୍ୱାରୋହୀ ଏବଂ ପାଞ୍ଚହଜାର ପଦାତିକ ସୈନ୍ୟବିଶିଷ୍ଟ ଏକ ସେନାବାହିନୀ ଲିସେଷ୍ଟରଙ୍କ ଅଧିନାୟକତ୍ୱରେ ସେଠାକୁ

ପ୍ରେରଣ କରିଥିଲେ । ୧୫୮୬ ଖ୍ରୀ:ଅ:ରେ ଏଲିଜାବେଥ୍‌ଙ୍କର ବିନା ଅନୁମୋଦନରେ ଲିସେଷ୍ଟର ନେଦରଲ୍ୟାଣ୍ଡର ଗଭର୍ଣ୍ଣର ଉପାଧି ଧାରଣ କରିଥିଲେ । ଯଦିଓ ତାଙ୍କର ଏହି କାର୍ଯ୍ୟ ଦ୍ୱାରା ଏଲିଜାବେଥ୍ କ୍ଷୁବ୍ଧ ହୋଇଥିଲେ, ତଥାପି ସେ ଲିସେଷ୍ଟରଙ୍କୁ ଏହି ଉପାଧି ଧାରଣ କରିବାକୁ ଅନୁମତି ଦେଇଥିଲେ । କିନ୍ତୁ ଅତିଶୀଘ୍ର ଲିସେଷ୍ଟର ସମସ୍ୟା ଘେରରେ ଛନ୍ଦି ହୋଇପଡ଼ିଥିଲେ । ସେ ଡଚ୍ ଏବଂ ଫ୍ଲେମିଙ୍ଗସ୍‌ମାନଙ୍କ କଳହରେ ନିଜକୁ ଜଡ଼ିତ କରି ପକାଇଥିଲେ । ସେ ଶତ୍ରୁରାଷ୍ଟ୍ର ସ୍ପେନ୍ ସହିତ ବାଣିଜ୍ୟିକ ସମ୍ପର୍କ ଛିନ୍ନ କରିବା ନିମନ୍ତେ ଏକ ଆଇନ ପ୍ରସ୍ତୁତ କରିଥିଲେ; କିନ୍ତୁ ଏହାକୁ କାର୍ଯ୍ୟକାରୀ କରିପାରି ନ ଥିଲେ । କାରଣ ଏହି ଆଇନ କାର୍ଯ୍ୟକାରୀ ହୋଇଥିଲେ କେବଳ ସ୍ପେନ ଯେ କ୍ଷତିଗ୍ରସ୍ତ ହୋଇଥାନ୍ତା ତାହାନୁହେଁ ବରଂ ନେଦରଲ୍ୟାଣ୍ଡର ବର୍ହିବାଣିଜ୍ୟ ମଧ୍ୟ କ୍ଷତିଗ୍ରସ୍ତ ହୋଇଥାନ୍ତା । ନେଦରଲ୍ୟାଣ୍ଡରେ ଲିସେଷ୍ଟର୍ ଅତ୍ୟନ୍ତ ଅପ୍ରିୟ ହୋଇପଡ଼ିଥିଲେ । ଦୁଇଜଣ ବିଶ୍ୱାସଘାତକ ଇଂରେଜ ବ୍ୟକ୍ତିଙ୍କ ଦ୍ୱାରା ଜୁଟ୍‌ଫେନ (Zutphen) ଅଞ୍ଚଳର ସମର୍ପଣ ଘଟଣା ଲିସେଷ୍ଟରଙ୍କ ଅପ୍ରିୟତା ବୃଦ୍ଧି କରିଥିଲା । ଏହି ଜୁଟଫେନ୍ ଅଭିଯାନରେ ବିଶିଷ୍ଟ ଇଂରେଜ କବି ସାର୍ ଫିଲିପ୍ ସିଡ଼ନି ବୀରତ୍ୱ ସହକାରେ ମୃତ୍ୟୁବରଣ କରିଥିଲେ । କିନ୍ତୁ ଏହି ଘଟଣା ବ୍ୟତୀତ ଏହି ଅଭିଯାନର ସେପରି କିଛି ଗୁରୁତ୍ୱ ନାହିଁ । ୧୫୮୭ ଖ୍ରୀ:ଅ:ରେ ସ୍ଲୁଇସ୍ (Sluys)କୁ ମୁକ୍ତ କରିବାରେ ସେ ବିଫଳ ହୋଇଥିଲେ । ଏହାପରେ ଅସୁସ୍ଥ ହୋଇପଡ଼ିବାରୁ ସେ ଇଂଲଣ୍ଡ ପ୍ରତ୍ୟାବର୍ତ୍ତନ କରି ମୃତ୍ୟୁବରଣ କରିଥିଲେ । ଏହି ଅଭିଯାନରେ ଏଲିଜାବେଥ୍‌ଙ୍କର ଅଠର ମାସର ରାଜସ୍ୱ ବ୍ୟୟ ହୋଇଥିଲା ।

ବାବିଙ୍ଗଟନ୍ ଷଡ଼ଯନ୍ତ୍ର, ୧୫୮୬ ଖ୍ରୀ:ଅ: (The Babington Plot, 1586 A.D.) :

ପୂର୍ବରୁ ସ୍କଟରାଣୀ ମେରୀଙ୍କୁ ବନ୍ଦୀ କରାଯିବା ବିଷୟ ଆଲୋଚନା କରାଯାଇଛି । ବନ୍ଦିନୀ ହୋଇଥିଲେ ମଧ୍ୟ ମେରୀଙ୍କର ଇଂଲଣ୍ଡର ସାମ୍ରାଜ୍ଞୀ ହେବାର ସ୍ୱପ୍ନ ଧୂଳିସାତ୍ ହୋଇ ନ ଥିଲା । କେତେକ ସମ୍ଭ୍ରାନ୍ତ ବଂଶୀୟ କ୍ୟାଥୋଲିକ୍ ଏଲିଜାବେଥ୍‌ଙ୍କୁ ହତ୍ୟାକରି ମେରୀଙ୍କୁ ଇଂଲଣ୍ଡର ରାଜସିଂହାସନରେ ଅଧିଷ୍ଠିତ କରାଇବା ଲାଗି ଆନ୍ଥୋନୀ ବାବିଙ୍ଗଟନ୍ ଏବଂ ଫାଦର ବାଲାଡ଼ଙ୍କ ନେତୃତ୍ୱରେ ଏକ ଷଡ଼ଯନ୍ତ୍ର ରଚନା କରିଥିଲେ । ବାବିଙ୍ଗଟନ୍ ସ୍କଟରାଣୀ ମେରୀଙ୍କ ସହିତ ଏହି ଷଡ଼ଯନ୍ତ୍ର ସମ୍ବନ୍ଧରେ ଗୋପନରେ ପତ୍ରାଳାପ କରୁଥିଲେ । ମାତ୍ର ୱେଲସିଂହାମଙ୍କର ଗୁପ୍ତଚରମାନେ ମେରୀଙ୍କର ଅନୁଗତ ଭୃତ୍ୟ ଜିଫୋର୍ଡ (Gifford)କୁ ପ୍ରଲୋଭିତ କରି ଏହି ଷଡ଼ଯନ୍ତ୍ର ସମ୍ବନ୍ଧୀୟ ପତ୍ର ହାସଲ କରିଥିଲେ । ଏହି ପତ୍ରଗୁଡ଼ିକୁ ୱେଲସିଂହାମ୍ ଏଲିଜାବେଥ୍‌ଙ୍କୁ ପ୍ରଦାନ କରିଥିଲେ । ଗୋଟିଏ ପତ୍ରରେ ଏଲିଜାବେଥ୍‌ଙ୍କୁ ହତ୍ୟା କରାଯିବା ନିମନ୍ତେ ପ୍ରସ୍ତୁତ ହୋଇଥିବା ଯୋଜନା ବିଷୟରେ ମେରୀ ଜ୍ଞାତ ଥିବାର ଜଣାଯାଇଥିଲା । ବାବିଙ୍ଗଟନ୍‌ଙ୍କ ସମେତ ତେରଜଣ ଷଡ଼ଯନ୍ତ୍ରକାରୀଙ୍କୁ ଗିରଫ କରାଯାଇଥିଲା ।

ମେରୀଙ୍କ ବିଚାର, ୧୫୮୬ ଖ୍ରୀ:ଅ: (Trial of Mary, 1586 A.D.) :

ତେରଜଣ ଷଡ଼ଯନ୍ତ୍ରକାରୀଙ୍କୁ ମୃତ୍ୟୁଦଣ୍ଡ ଦିଆଯାଇଥିଲା । ଏହାପରେ ଫୋଥରିଙ୍ଗହେ ଦୁର୍ଗ (Fothringhay Castle)ରେ ଏହି ଷଡ଼ଯନ୍ତ୍ରରେ ମେରୀ ସାମିଲ ଥିବା ଅଭିଯୋଗରେ ତାଙ୍କର ବିଚାର କରାଯାଇଥିଲା । ଏହି ବିଚାରରେ ମେରୀ ଦୋଷୀ ସାବ୍ୟସ୍ତ ହୋଇଥିଲେ । ସଂସଦର ଦୁଇଟିଯାକ ସଦନ ତାଙ୍କୁ ମୃତ୍ୟୁଦଣ୍ଡ ଦେବାଲାଗି ସର୍ବସମ୍ମତି କ୍ରମେ ଏଲିଜାବେଥଙ୍କ ନିକଟରେ ଏକ ଆବେଦନ ପତ୍ର ଉପସ୍ଥାପନ କରିବା ହେତୁ ୧୫୭୧ ଖ୍ରୀ:ଅ:ର ରିଡୋଲଫି ଷଡ଼ଯନ୍ତ୍ର ଅଭିଯୋଗରେ ମେରୀଙ୍କ ମୃତ୍ୟୁଦଣ୍ଡକୁ ଅଗ୍ରାହ୍ୟ କରି ଦେଇଥିବା ଏଲିଜାବେଥ୍ ଏଥର ମେରୀଙ୍କ ମୃତ୍ୟୁ ଦଣ୍ଡାଦେଶରେ ସ୍ୱାକ୍ଷର କରିଥିଲେ । ଫେବୃୟାରୀ ୮ ତାରିଖ ୧୫୮୭ ଖ୍ରୀ:ଅ:ରେ ସ୍କଟରାଣୀ ମେରୀଙ୍କର ଶିରଚ୍ଛେଦ କରାଯାଇଥିଲା । ମୃତ୍ୟୁଦଣ୍ଡ ପାଇବା ପୂର୍ବରୁ ମେରୀ ୧୫୮୬ ଖ୍ରୀ:ଅ:ରେ ନିଜର ଇଚ୍ଛାପତ୍ରରେ ପୁତ୍ର ଜେମସଙ୍କ ପରିବର୍ତ୍ତେ ଫିଲିପ୍ ଦ୍ୱିତୀୟଙ୍କୁ ଇଂଲଣ୍ଡ ସିଂହାସନ ନିମନ୍ତେ ତାଙ୍କର ଉତ୍ତରାଧିକାରୀ ଭାବରେ ଉଲ୍ଲେଖ କରିଥିଲେ । ୧୫୮୭ ଖ୍ରୀ:ଅ:ରେ ମେରୀଙ୍କ ମୃତ୍ୟୁ ପରେ ଇଂଲଣ୍ଡ ସିଂହାସନ ପ୍ରତି ଥିବା ପ୍ରଚଣ୍ଡ ଆସକ୍ତି ଫିଲିପ୍‌ଙ୍କୁ ପ୍ରଲୁବ୍ଧ କରିଥିଲା । ତେଣୁ ଅବିଳମ୍ବେ ସେ ଇଂଲଣ୍ଡ ଆକ୍ରମଣ କରିବା ନିମନ୍ତେ ମନ ସ୍ଥିର କରିଥିଲେ ।

ଫିଲିପ୍‌ଙ୍କର ଇଂଲଣ୍ଡ ଆକ୍ରମଣ କରିବାର ଘୋଷଣା ସମଗ୍ର ଇଉରୋପକୁ ସ୍ତବ୍ଧ ଚକିତ କରିଦେଇଥିଲା। ଏହି ଯୁଦ୍ଧରେ ଇଂଲଣ୍ଡର ପତନ ଯେ ନିଧାର୍ଯ୍ୟ, ସେଥିରେ କାହାରି ସନ୍ଦେହ ନ ଥିଲା। ଏମିତିକି ଇଂଲଣ୍ଡର ଦୁଃସାହସିକ ତଥା ସ୍ୱଦେଶବତ୍ସଳ ନାବିକମାନେ ମଧ୍ୟ ଭୟରେ ଆତଙ୍କିତ ହୋଇପଡ଼ିଥିଲେ। କାରଣ ସେହି ସମୟରେ ଫିଲିପ୍ ଦ୍ୱିତୀୟ ସମଗ୍ର ବିଶ୍ୱରେ ସବୁଠାରୁ ଶକ୍ତିଶାଳୀ ସମ୍ରାଟ ଭାବରେ ପରିଚିତ ଥିଲେ। ଇଟାଲୀ ଉପରେ ସେ ଆଧିପତ୍ୟ ବିସ୍ତାର କରିଥିଲେ। ପର୍ତ୍ତୁଗାଲକୁ ମଧ୍ୟ ୧୫୮୦ ଖ୍ରୀ:ଅ:ରେ ସେ ଅଧିକାର କରିଥିଲେ। ପବିତ୍ର ରୋମ ସମ୍ରାଟ ତାଙ୍କର ସମ୍ପର୍କୀୟ ଭାଇ ଥିଲେ। ସେହି ସମୟରେ ଫ୍ରାନ୍ସରେ ଚାଲିଥିବା ଗୃହଯୁଦ୍ଧର ସବୁଠାରୁ ପ୍ରତିପତ୍ତିଶାଳୀ ପକ୍ଷ ତାଙ୍କର ସାହାଯ୍ୟ ପ୍ରାର୍ଥୀ ଥିଲେ। ତାଙ୍କର ସେନାଧକ୍ଷ ଡିଉକ୍ ଅଫ୍ ପାର୍ମା ଜଣେ ପ୍ରତିଭାସମ୍ପନ୍ନ ସେନାଧକ୍ଷ ଥିଲେ। ସ୍ପେନର ସେନାବାହିନୀ ସମଗ୍ର ଇଉରୋପରେ ଦୁର୍ଜେୟ ବୋଲି ପରିଚିତ ଥିଲେ। ୧୫୭୧ ଖ୍ରୀ:ଅ:ରେ ତୁର୍କୀର ନୌବାହିନୀକୁ ଲୋପାଣ୍ଟୋଠାରେ ପରାସ୍ତ କରିବା ଦ୍ୱାରା ତାଙ୍କର ନୌବାହିନୀ ମଧ୍ୟ ନିଜର ଦକ୍ଷତା ପ୍ରତିପାଦିତ କରିପାରିଥିଲା। ଏସବୁ ବ୍ୟତୀତ ଫିଲିପ୍ ବିପୁଳ ଐଶ୍ୱର୍ଯ୍ୟର ଅଧିକାରୀ ଥିଲେ। ଯେଉଁ ସମୟରେ ଫିଲିପ୍ ଅତୁଳନୀୟ ଐଶ୍ୱର୍ଯ୍ୟ ଏବଂ କ୍ଷମତାର ପ୍ରଭୂତ ଅଧିକାରୀ ଥିଲେ, ସେହି ସମୟରେ ଇଂଲଣ୍ଡ ନିକଟରେ ଏକ ସୁଗଠିତ ସୈନ୍ୟବାହିନୀ ମଧ୍ୟ ନ ଥିଲା। ତେଣୁ କେବଳ ଜଳଦସ୍ୟୁମାନେ ବ୍ୟବହାର କରୁଥିବା କ୍ଷୁଦ୍ର ନୌକାଗୁଡ଼ିକୁ ସମ୍ବଳ କରି ଶକ୍ତିଶାଳୀ ଫିଲିପ୍‌ଙ୍କର ଆକ୍ରମଣର ମୁକାବିଲା କରିବା ସମସ୍ତଙ୍କ ପକ୍ଷେ ଅଚିନ୍ତନୀୟ ଥିଲା।

(୪) ସ୍ପେନୀୟ ନୌଭେଳା (The Spanish Armada) :


Sir Francis Drake (1540–1596 A.D.)

ଫିଲିପ୍ ଦ୍ୱିତୀୟ ଇଂଲଣ୍ଡ ଆକ୍ରମଣ କରିବା ନିମନ୍ତେ ଏକ ବିଶାଳ ନୌଭେଳା ପ୍ରେରଣ କରିବା ନିମନ୍ତେ ଯୋଜନା କରିଥିଲେ। ଏହି ବିଶାଳ ନୌଭେଳା ୧୫୮୭ ଖ୍ରୀ:ଅ: ଗ୍ରୀଷ୍ମଋତୁରେ ଇଂଲଣ୍ଡ ଯାତ୍ରା କରିବା ନିମନ୍ତେ ସ୍ଥିର କରାଯାଇଥିଲା। ତେଣୁ ଏଥିନିମନ୍ତେ ୧୫୮୭ ଖ୍ରୀ:ଅ: ବସନ୍ତ ଋତୁରୁ ନୂତନ ଜାହାଜ ନିର୍ମାଣ ଓ ଖାଦ୍ୟ ସାମଗ୍ରୀ ତଥା ଅନ୍ୟାନ୍ୟ ସାଜସରଞ୍ଜାମ ଇତ୍ୟାଦିର ସଂଗ୍ରହ କାର୍ଯ୍ୟ ଆରମ୍ଭ ହୋଇଥିଲା। ଏତଦ୍‌ବ୍ୟତୀତ ବିଭିନ୍ନ ସ୍ଥାନରେ ଥିବା ସ୍ପେନୀୟ ଜାହାଜଗୁଡ଼ିକ କ୍ୟାଡ଼ିଜ୍ ଏବଂ ଲିସବନ୍ ବନ୍ଦରରେ ଆସି ଏକଜୁଟ ହେବାକୁ ଲାଗିଲେ। ମାତ୍ର ସ୍ପେନୀୟମାନେ ଏହି ବିଶାଳ ନୌଜାହାଜ ପ୍ରସ୍ତୁତିରେ ପୁରା ମାତ୍ରାରେ ବ୍ୟସ୍ତ ଥିବା ସମୟରେ ଏପ୍ରିଲ ମାସ ୧୫୮୭ ଖ୍ରୀ:ଅ:ରେ ଦୁଃସାହାସିକ ଇଂରେଜ ନାବିକ ସାର୍ ଫ୍ରାନସିସ୍ ଡ୍ରେକ୍ କେତେକ ଇଂରେଜ ଜାହାଜ ସହ କ୍ୟାଡ଼ିଜ ବନ୍ଦର ମଧ୍ୟରେ ଅଚାନକ ପ୍ରବେଶ କରି ଅନେକଗୁଡ଼ିଏ ସ୍ପେନୀୟ ଜାହାଜରେ ଅଗ୍ନି ସଂଯୋଗ କରି ସେଗୁଡ଼ିକୁ ଧ୍ୱଂସ କରିଦେଲେ। ଏହି ଘଟଣାରେ ଡ୍ରେକ ଗର୍ବର ସହ ଘୋଷଣା କରିଥିଲେ, ''ସ୍ପେନ୍ ରାଜାଙ୍କ ଦାଢ଼ିରେ ନିଆଁ ଲଗାଇ ଦେଇଛି।''


The Spanish Armada

ଡ୍ରେକଙ୍କର ଏହି କାର୍ଯ୍ୟ ଯୋଗୁ ଫିଲିପ୍‌ଙ୍କ ଯୋଜନା ନିର୍ଦ୍ଦିଷ୍ଟ ସମୟରେ କାର୍ଯ୍ୟକାରୀ ହୋଇପାରି ନ ଥିଲା। ତେଣୁ ଫିଲିପ୍ ବାଧହୋଇ ଆଗାମୀ ବର୍ଷ ନିମନ୍ତେ ଏହି ଯୋଜନାକୁ ସ୍ଥଗିତ ରଖିଥିଲେ।

ମେ ମାସ ୧୫୮୮ ଖ୍ରୀ:ଅ:ରେ ଏହି ସ୍ପେନୀୟ ନୌଭେଳା (The Spanish Armada) ଇଂଲଣ୍ଡ ଅଭିମୁଖେ ଯାତ୍ରା କରିଥିଲା। ସ୍ୱଳ୍ପ ସାମରିକ ଅଭିଜ୍ଞତା ଥିବା ତଥା ସାମୁଦ୍ରିକ ଯୁଦ୍ଧ ବିଷୟରେ ଅନଭିଜ୍ଞ ଥିବା ସ୍ପେନର ବିଶିଷ୍ଟ ସାମନ୍ତ ଡ୍ୟୁକ୍ ଅଫ୍ ମେଡ଼ିନା ସିଡ଼ୋନିୟ(Duke of Medina Sidonia) ଏହି ନୌଭେଳାର ସେନାପତି ଥିଲେ। ଏହି ନୌଭେଳାରେ ଏକହଜାର



Duke of Medina Sidonia
(1550-1615 A.D.)

ଟନ୍ ବିଶିଷ୍ଟ ୭ଟି ଏବଂ ପ୍ରାୟ ହାରାହାରି ୫୫୦ ଟନ୍ ବିଶିଷ୍ଟ ୭୦ଟି ଯୁଦ୍ଧ ଜାହାଜ ସହ ସର୍ବମୋଟ ୧୩୦ଟି ଜାହାଜ ଏବଂ ୨୪୦୦ଟି ବନ୍ଧୁକ ଥିଲା। ଏସବୁ ବ୍ୟତୀତ ଏଥିରେ ଉଣେଇଶ ହଜାର ସୈନିକ ଏବଂ ଆଠ ହଜାର ନାବିକ ମଧ୍ୟ ଥିଲେ। ଏହି ନୌଭେଳାର ଅତିକାୟ ଜାହାଜଗୁଡ଼ିକ ଦୂରରୁ ଗୋଟିଏ ଗୋଟିଏ ଭାସମାନ ଦୁର୍ଗ ପରି ଜଣାଯାଉଥିଲା। ମାତ୍ର ଅତ୍ୟନ୍ତ ପରିତାପର ବିଷୟ ଯେ ଏହି ନୌଭେଳାରେ ନୌଯୁଦ୍ଧ ଉପଯୋଗୀ ଅସ୍ତ୍ରଶସ୍ତ୍ର ନ ଥିଲା କିମ୍ବା ଆବଶ୍ୟକ ସଂଖ୍ୟକ ନାବିକ ନ ଥିଲେ। ଏହି ଜାହାଜଗୁଡ଼ିକରେ ଗଚ୍ଛିତ ଥିବା ଅସ୍ତ୍ରଶସ୍ତ୍ରଗୁଡ଼ିକ ମୁଖ୍ୟତଃ ସ୍ଥଳଯୁଦ୍ଧ ନିମନ୍ତେ ଉଦ୍ଦିଷ୍ଟ ଥିବାବେଳେ ଏଥିରେ ନାବିକମାନଙ୍କ ଅପେକ୍ଷା ଅଧିକ ସଂଖ୍ୟାରେ ସୈନିକ ଥିଲେ। ବସ୍ତୁତଃ ଏହି ସ୍ପେନୀୟ ନୌଭେଳା ସ୍ଥଳ କିମ୍ବା ଜଳଯୁଦ୍ଧ କୌଣସିଟି ପାଇଁ ଉପଯୁକ୍ତ ନ ଥିଲା। ଫିଲିପ୍ ସେନାଧ୍ୟକ୍ଷ ଡିଉକ୍ ଅଫ୍ ପାର୍ମାଙ୍କ ଅଧିନାୟକତ୍ୱରେ ନେଦରଲ୍ୟାଣ୍ଡରେ ଥିବା ୩୦,୦୦୦ ସୈନ୍ୟଙ୍କ ସହାୟତାରେ ଇଂଲଣ୍ଡ ଆକ୍ରମଣ କରିବାର ଯୋଜନା କରିଥିଲେ। ଏହି ସୈନ୍ୟବାହିନୀକୁ କ୍ଷୁଦ୍ର କ୍ଷୁଦ୍ର ନୌକା ବିଶିଷ୍ଟ ଏକ ନୌଭେଳା ସହାୟତାରେ ଇଂଲଣ୍ଡ ଉପକୂଳକୁ ଅତିକ୍ରମ କରାଇ ଦେବାର ବ୍ୟବସ୍ଥା କରାଯାଇଥିଲା। ଏହି କାର୍ଯ୍ୟକୁ ନିର୍ବିଘ୍ନରେ ସମ୍ପନ୍ନ ହେବା ପର୍ଯ୍ୟନ୍ତ ଇଂଲିଶ ପ୍ରଣାଳୀକୁ ସଂପୂର୍ଣ୍ଣ ଭାବରେ ନିୟନ୍ତ୍ରଣରେ ରଖିବା ଏହି ବିଶାଳ ନୌଭେଳାର ଦାୟିତ୍ୱ ଥିଲା।

ଇତିମଧ୍ୟରେ ସ୍ପେନ୍ ଆକ୍ରମଣର ମୁକାବିଲା କରିବା ନିମନ୍ତେ ଇଂରେଜମାନେ ପ୍ରସ୍ତୁତ ହୋଇସାରିଥିଲେ। ଅବଶ୍ୟ ସେହି ସମୟରେ ଇଂଲଣ୍ଡର ବିଧିବଦ୍ଧ ସୁସଂଗଠିତ ସୈନ୍ୟବାହିନୀ ନ ଥିଲା। ତେଣୁ ଯୁଦ୍ଧ ନିମନ୍ତେ ମୁଷ୍ଟିମେୟ ଦେଶରକ୍ଷୀ ସୈନ୍ୟ ଏବଂ ସ୍ୱେଚ୍ଛାସେବକ ବାହିନୀକୁ ସଂଗଠିତ କରି ଆବଶ୍ୟକୀୟ ରଣକୌଶଳ ତାଲିମ ଦେବାର ବ୍ୟବସ୍ଥା କରାଯାଇଥିଲା। କିନ୍ତୁ ଏହି କତିପୟ ସୈନ୍ୟମାନଙ୍କୁ ନେଇ ଡିଉକ୍ ଅଫ୍ ପାର୍ମାଙ୍କର ତିରିଶ ହଜାର ସୈନ୍ୟବିଶିଷ୍ଟ ସୁଦକ୍ଷ ସୈନ୍ୟବାହିନୀର ଉଚିତ ମୁକାବିଲା କରିବା ସହଜସାଧ୍ୟ ନ ଥିଲା। ଏହି ପରିପ୍ରେକ୍ଷୀରେ ନୌବାହିନୀ ଜାହାଜଗୁଡ଼ିକ ଉପରେ ନିର୍ଭର କରିବା ଇଂଲଣ୍ଡ ପକ୍ଷରେ ଏକମାତ୍ର ରାସ୍ତା ଥିଲା। ସେହି ସମୟରେ ଇଂରେଜ ନୌବାହିନୀର ସମୁଦାୟ ୧୯୭ଟି ଜାହାଜ ମଧ୍ୟରୁ ଏଲିଜାବେଥ୍ଙ୍କ ନୌବାହିନୀର ୪ଟି ସୁବିଶାଳ ଏବଂ ୩୦ଟି କ୍ଷୁଦ୍ର ଜାହାଜ ବ୍ୟତୀତ ଅନ୍ୟଗୁଡ଼ିକ କ୍ଷୁଦ୍ର ବାଣିଜ୍ୟ ଜାହାଜ ଓ ଜଳଦସ୍ୟୁମାନେ ବ୍ୟବହାର କରୁଥିବା ନୌକା ହୋଇଥିବାରୁ ଯୁଦ୍ଧ ଅନୁପୋଯୋଗୀ ଥିଲେ। ଏହାବ୍ୟତୀତ ଇଂରେଜମାନଙ୍କ ନୌବହରରେ ମାତ୍ର ୧୫,୦୦୦ ନାବିକ ଥିବା ସମୟରେ ସ୍ପେନୀୟ ନୌଭେଳାରେ ଥିବା ନାବିକ ଏବଂ ସୈନ୍ୟମାନଙ୍କର ସଂଖ୍ୟା ୨୭,୦୦୦ ଥିଲା। ତେବେ ଉଭୟ ଦେଶର ନାବିକମାନଙ୍କ ସଂଖ୍ୟାରେ ଯଥେଷ୍ଟ ତାରତମ୍ୟ ଥିବା ସତ୍ତ୍ୱେ ଇଂରେଜମାନଙ୍କ ଜାହାଜରେ ଅଧିକ ଉନ୍ନତ ଧରଣର ବନ୍ଧୁକ ଥିଲା। ବନ୍ଧୁକ ଚାଳନା ଏବଂ ନୌଯୁଦ୍ଧ କୌଶଳରେ ଇଂରେଜମାନେ ସ୍ପେନୀୟମାନଙ୍କ ଅପେକ୍ଷା ଅଧିକ ପାରଙ୍ଗମ ଥିଲେ। ଏହାବ୍ୟତୀତ ନୌବହରର ଦାୟିତ୍ୱ ନୌଯୁଦ୍ଧରେ ଅଭିଜ୍ଞ ବ୍ୟକ୍ତିମାନଙ୍କ ଉପରେ ନ୍ୟସ୍ତ ଥିଲା। ଏଲିଜାବେଥ୍ ନୌସେନାଧ୍ୟକ୍ଷ ଭାବରେ ଲର୍ଡ ଥୋମାସ୍ ହୋୱାର୍ଡ ଏବଂ ଉପନୌସେନାଧ୍ୟକ୍ଷ ଭାବରେ ଡ୍ରେକଙ୍କୁ ନିଯୁକ୍ତି ଦେଇଥିଲେ।

Lord Thomas Howard
(1561–1626 A.D.)

ଯୁଦ୍ଧ ନିମନ୍ତେ ଇଂଲଣ୍ଡର ସମସ୍ତ ପ୍ରସ୍ତୁତି ମେ ମାସ ସୁଦ୍ଧା ସଂପୂର୍ଣ୍ଣ ହୋଇଯାଇଥିଲା। କେବଳ ଇଂରେଜମାନେ ସ୍ପେନୀୟ ନୌଭେଳାର ଆଗମନକୁ ଅପେକ୍ଷା କରି ରହିଥିଲେ।

ଇଂଲଣ୍ଡର ନୌବାହିନୀକୁ ଦୁଇଭାଗରେ ବିଭକ୍ତ କରାଯାଇଥିଲା। ପ୍ରଥମ ଭାଗରେ ୪୦ଟି ଜାହାଜ ବିଶିଷ୍ଟ ଏକ ନୌବହରକୁ ପାର୍ମାଙ୍କ ଗତିବିଧି ଲକ୍ଷ୍ୟ କରିବା ପାଇଁ ଡୋଭର ପ୍ରଣାଳୀରେ ଏବଂ ଅନ୍ୟଟିକୁ ସ୍ପେନୀୟ ନୌଭେଳା ଇଂଲିଶ ପ୍ରଣାଳୀରେ ପ୍ରବେଶ କରିବା ମାତ୍ରକେ ତାହାର ପ୍ରତିରୋଧ କରିବା ପାଇଁ ପ୍ଲାଇମାଉଥ୍ ବନ୍ଦରରେ ଅବସ୍ଥାପିତ କରାଯାଇଥିଲା। ନୌସେନାଧ୍ୟକ୍ଷ ଲର୍ଡ ହୋୱାର୍ଡ ଏବଂ ଉପସେନାଧ୍ୟକ୍ଷ ଡ୍ରେକ ଅନ୍ୟାନ୍ୟ ଅଭିଜ୍ଞ ନାବିକମାନଙ୍କ ସହ ପ୍ଲାଇମାଉଥ୍ ବନ୍ଦରରେ ଉପସ୍ଥିତ ରହି ସ୍ପେନୀୟ ନୌଭେଳାର ଗତିବିଧି ଲକ୍ଷ୍ୟ କରୁଥିଲେ। ପରିଶେଷରେ ଇଂରେଜମାନଙ୍କର ସମସ୍ତ ପ୍ରତୀକ୍ଷାର ଅବସାନ ଘଟାଇ ଜୁଲାଇ ୧୯ ତାରିଖ ୧୫୮୮ ଖ୍ରୀ:ଅ:ରେ ସ୍ପେନୀୟ ନୌଭେଳା ଦୃଷ୍ଟିଗୋଚର ହେଲା ଏବଂ କ୍ରମେ ଇଂଲିଶ ପ୍ରଣାଳୀ ଅଭିମୁଖେ ଅଗ୍ରସର ହେବାକୁ ଲାଗିଲା। ସେହି ସମୟରେ ପବନର ପ୍ରତିକୂଳ ପାଗ ହେତୁ ଇଂରେଜ ଜାହାଜଗୁଡ଼ିକ ପ୍ଲାଇମାଉଥ ବନ୍ଦରରେ ଆବଦ୍ଧ ହୋଇ ରହିଥିଲେ କାରଣ ପ୍ଲାଇମାଉଥ ବନ୍ଦର ପରିତ୍ୟାଗ କରିବା ସେମାନଙ୍କ ପକ୍ଷରେ ସମ୍ଭବପର ନ ଥିଲା। ଏହି ପ୍ରତିକୂଳ ପରିସ୍ଥିତିରେ ସ୍ପେନୀୟମାନେ ଇଂରେଜମାନଙ୍କୁ ଅତି ସହଜରେ ଆକ୍ରମଣ କରିପାରିଥାନ୍ତେ। ମାତ୍ର ଦୁର୍ଭାଗ୍ୟକୁ ସ୍ପେନୀୟମାନେ ଏହି ସୁଯୋଗକୁ ହାତଛଡ଼ା କରିଦେଇ ଇଂଲିଶ ପ୍ରଣାଳୀ ଅଭିମୁଖେ ଅଗ୍ରସର ହେବାରୁ ଇଂରେଜମାନଙ୍କ ପ୍ରତି ଥିବା ବିପଦର ଆଶଙ୍କା ଟଳିଯାଇଥିଲା। ତେଣୁ ଇଂରେଜମାନେ ଏହାର ସୁଯୋଗ ନେଇ ଅବିଳମ୍ବେ ପବନର ପ୍ରତିକୂଳ ଗତି ସତ୍ତ୍ୱେ ସେହି ଜୁଲାଇ ୧୯ ତାରିଖ ରାତିରେ ପ୍ଲାଇମାଉଥ୍ ବନ୍ଦର ପରିତ୍ୟାଗ କରି ସ୍ପେନୀୟ ନୌଭେଳାର ପଶ୍ଚାଦ୍‌ଧାବନ କରି ଏହା ଉପରେ ଆକ୍ରମଣ ଆରମ୍ଭ କରିଦେଲେ। କିନ୍ତୁ ଏହି ନୌଯୁଦ୍ଧରେ ଇଂରେଜମାନେ ସ୍ପେନୀୟ ନୌଭେଳାର ନିକଟବର୍ତ୍ତୀ ନ ହୋଇ ଦୂରତ୍ୱ ରକ୍ଷା କରି ଯୁଦ୍ଧ କରିବା ଦ୍ୱାରା ସ୍ପେନୀୟମାନଙ୍କୁ ଇଂରେଜମାନଙ୍କ ପ୍ରତି ଆକ୍ରମଣ କରିବାର ସୁଯୋଗ ମିଳି ନ ଥିଲା। ଇଂରେଜମାନେ ପଶ୍ଚାଦ ଭାଗରୁ ଆକ୍ରମଣ କରି ସ୍ପେନୀୟ ନୌଭେଳାର ଗୋଟିଏ ଗୋଟିଏ କରି ଅନେକ ଜାହାଜକୁ ନଷ୍ଟ କରିଦେବା ସହିତ ସେମାନଙ୍କୁ ବ୍ୟତିବ୍ୟସ୍ତ କରି ପକାଇଥିଲେ। ଜୁଲାଇ ୨୦ ତାରିଖରେ ସ୍ପେନୀୟ ନୌଭେଳା ଇଂଲିଶ ପ୍ରଣାଳୀରେ ପ୍ରବେଶ କରିବାଠାରୁ ଆରମ୍ଭ କରି ୨୬ ତାରିଖରେ ଏହା କାଲାଏସ୍ ବନ୍ଦରରେ ଆଶ୍ରୟ ନେବା ପର୍ଯ୍ୟନ୍ତ ଦୁଇ ଦେଶ ମଧ୍ୟରେ ଇଂଲିଶ ପ୍ରଣାଳୀରେ ସପ୍ତାହବ୍ୟାପୀ ଯେଉଁ ଯୁଦ୍ଧ ଚାଲିଲା, ସେଥିରେ ସ୍ପେନୀୟ ନୌଭେଳାର ଅଜସ୍ର କ୍ଷତି ଘଟିଥିଲା।

ସ୍ପେନୀୟ ନୌଭେଳା କାଲାଏସ୍ ବନ୍ଦରରେ ପହଞ୍ଚିବା କ୍ଷଣି ପୂର୍ବ ଯୋଜନା ଅନୁଯାୟୀ ଡିଉକ୍ ଅଫ୍ ମେଡ଼ିନା ସିଡ଼ୋନିୟା, ଡିଉକ୍ ଅଫ୍ ପାର୍ମାଙ୍କ ସହ ଯୋଗାଯୋଗ ସ୍ଥାପନ କରିବା ନିମନ୍ତେ ଉଦ୍ୟମ କରିଲେ। କିନ୍ତୁ ସେମାନଙ୍କ ମଧ୍ୟରେ ଯୋଗାଯୋଗ ସ୍ଥାପିତ ହେବା ପୂର୍ବରୁ ୨୮ ତାରିଖ ରାତ୍ରିରେ ଇଂରେଜମାନେ ଜ୍ୱଳନ ସାମଗ୍ରୀ ବୋଝେଇ ଆଠଟି ଜାହାଜରେ ଅଗ୍ନି ସଂଯୋଗ କରି ସ୍ପେନୀୟ ଜାହାଜର ବ୍ୟୂହ ମଧ୍ୟକୁ ପ୍ରେରଣ କରିଥିଲେ। ଏଥିରେ ଭୟଭୀତ ହୋଇ ସ୍ପେନୀୟମାନେ ବ୍ୟୂହ ଭଙ୍ଗ କରି ବିଭିନ୍ନ ଆଡ଼େ ପଳାୟନ କରିବାକୁ ଲାଗିଲେ। ଏହି ସୁଯୋଗରେ ଇଂରେଜମାନଙ୍କ ପକ୍ଷରୁ ସେମାନଙ୍କ ଉପରେ ଆକ୍ରମଣ ଆରମ୍ଭ ହୋଇଗଲା। ଜାହାଜଗୁଡ଼ିକ ବିକ୍ଷିପ୍ତ ହୋଇପଡ଼ିଥିବା ଯୋଗୁ ସ୍ପେନୀୟମାନେ ଇଂରେଜମାନଙ୍କର ଅତର୍କିତ ଆକ୍ରମଣର ମୁକାବିଲା କରିବାରେ ସକ୍ଷମ ହୋଇପାରି ନ ଥିଲେ।

ଗ୍ରେଭଲାଇନସ ଯୁଦ୍ଧ (The Battle of Gravelines; 1588 A.D.) :

ଜୁଲାଇ ୨୯ ତାରିଖ ଦିନ ସ୍ପେନ ଓ ଇଂଲଣ୍ଡ ଦୁଇପକ୍ଷ ମଧ୍ୟରେ ଗ୍ରେଭ୍‌ଲାଇନସ୍‌ଠାରେ ଭୟଙ୍କର ଯୁଦ୍ଧ ହୋଇଥିଲା। ପୁଣି ଥରେ ବାୟୁ ପ୍ରବାହର ଗତି ଇଂଲଣ୍ଡ ପକ୍ଷରେ ଅନୁକୂଳ ଥିଲା। ବିପରୀତ ଦିଗରୁ ବାୟୁ ପ୍ରଖର ଗତିରେ ପ୍ରବାହିତ ହେବାଯୋଗୁ ସ୍ପେନୀୟମାନଙ୍କ ପକ୍ଷରେ ଦୀର୍ଘ ସମୟ ଧରି ଯୁଦ୍ଧ କରିବା ସମ୍ଭବ ହୋଇପାରି ନ ଥିଲା। ତେଣୁ ମାତ୍ର ୮ ଘଣ୍ଟା ମଧ୍ୟରେ ମେଡ଼ିନା ସିଡ଼ୋନିୟା ବାୟୁ ପ୍ରବାହିତ ହେଉଥିବା ଦିଗରେ ରହି ଯୁଦ୍ଧ କରୁଥିବା ଇଂରେଜ ନାବିକମାନଙ୍କର ଆକ୍ରମଣର ମୁକାବିଲା କରିବା ନିମନ୍ତେ ଅସମର୍ଥ ହୋଇ ଜାହାଜଗୁଡ଼ିକ ସହିତ ଉତ୍ତର ଆଡ଼କୁ ପଳାୟନ କରିବା

ନିମନ୍ତେ ବାଧ୍ୟ ହୋଇଥିଲେ । ଇଂଲିଶ ପ୍ରଣାଳୀ ଦିଗରେ ସେମାନଙ୍କର ପ୍ରତ୍ୟାବର୍ତ୍ତନ ବିପଦଜନକ ହେବାର ଆଶଙ୍କା ଥିବାରୁ ଇଂରେଜମାନେ ଉତ୍ତର ସାଗର ପର୍ଯ୍ୟନ୍ତ ସ୍ପେନୀୟମାନଙ୍କର ପଶ୍ଚାତଧାବନ କରିଥିଲେ । କିନ୍ତୁ ସେତେବେଳକୁ ଆଉ ସ୍ପେନୀୟ ନୌବେଳାର ପ୍ରତ୍ୟାବର୍ତ୍ତନ କରିବାର ସମ୍ଭାବନା ନ ଥିଲା । କାରଣ ସୁବିଶାଳ ଜାହାଜଗୁଡ଼ିକ ସେତେବେଳକୁ ଛିନ୍ନଭିନ୍ନ ହୋଇଯାଇଥିଲା । ଏହାଛଡ଼ା ଅସ୍ତ୍ରଶସ୍ତ୍ର ମଧ୍ୟ ସଂପୂର୍ଣ୍ଣ ଭାବରେ ସରିଯାଇଥିଲା । ଦୁର୍ଭାଗ୍ୟକୁ ଏହିପରି ଅବସ୍ଥାରେ ଏକ ପ୍ରଳୟଙ୍କାରୀ ବାତ୍ୟା ପ୍ରବାହିତ ହୋଇ ସ୍ପେନୀୟ ନୌବେଳାକୁ ସଂପୂର୍ଣ୍ଣ ବିପର୍ଯ୍ୟସ୍ତ କରିଦେଲା । ତେଣୁ ଏହିଭଳି ପରିସ୍ଥିତିରେ ସ୍ପେନୀୟମାନଙ୍କ ପକ୍ଷରେ ଆୟରଲାଣ୍ଡ୍ ଏବଂ ସ୍କଟଲ୍ୟାଣ୍ଡର ଉପକୂଳ ଦେଇ ସ୍ପେନକୁ ପ୍ରତ୍ୟାବର୍ତ୍ତନ କରିବା ଛଡ଼ା ଅନ୍ୟ କୌଣସି ବିକଳ୍ପ ନ ଥିଲା । ସ୍ପେନକୁ ପ୍ରତ୍ୟାବର୍ତ୍ତନ କରୁଥିବା ସମୟରେ ବହୁସଂଖ୍ୟକ ଜାହାଜ ଧ୍ୱଂସ ହୋଇଯିବା ସହିତ ବହୁସଂଖ୍ୟକ ସ୍ପେନୀୟ ସୈନିକ ଅତି ଅସହାୟ ଅବସ୍ଥାରେ ମୃତ୍ୟୁବରଣ କରିଥିଲେ । ସ୍ପେନୀୟ ନୌବେଳା ସ୍ପେନରେ ପହଞ୍ଚିବା ବେଳକୁ ସେଥିରେ ମାତ୍ର ୫୩ଟି ଜାହାଜ ଅବଶିଷ୍ଟ ଥିଲା ଏବଂ ଏକ-ତୃତୀୟାଂଶ ସୈନ୍ୟ ଜୀବିତ ଥିଲେ । ଅପରପକ୍ଷରେ ଏହି ଯୁଦ୍ଧରେ ଇଂରେଜମାନଙ୍କର କ୍ଷୟକ୍ଷତି ଅତି ନଗଣ୍ୟ ଥିଲା । ମାତ୍ର ୬୦ ଜଣ ଇଂରେଜଙ୍କର ପ୍ରାଣହାନୀ ଘଟିଥିଲା । କୌଣସି ଗୋଟିଏ ହେଲେ ଇଂରେଜ ଜାହାଜ କ୍ଷତିଗ୍ରସ୍ତ ହୋଇ ନ ଥିଲା ।


John Hokins
(1532–1595 A.D.)

ସେହି ସମୟରେ ଲୋକମାନଙ୍କ ମଧ୍ୟରେ ଏକ ଭ୍ରାନ୍ତ ଧାରଣା ସୃଷ୍ଟି ହୋଇଥିଲା ଯେ ସ୍ପେନୀୟ ନୌବେଳାର ଏହି ଶୋଚନୀୟ ବିପର୍ଯ୍ୟୟ ଦୈବୀ କୋପ ଯୋଗୁଁ ହୋଇଛି । ଏଲିଜାବେଥ ମଧ୍ୟ ଏହି ଭ୍ରାନ୍ତ ଧାରଣାରେ ବିଶ୍ୱାସ କରିଥିଲେ । ତେଣୁ ତାଙ୍କ ନିର୍ଦ୍ଦେଶରେ ନୌବେଳା ବିଜୟ ପରେ ଏକ ସ୍ୱତନ୍ତ୍ର ପଦକ ନିର୍ମିତ ହୋଇ ସେଥିରେ ଇଶ୍ୱର ପ୍ରେରିତ ବାତ୍ୟା ଦ୍ୱାରା ନୌବେଳା ଛିନ୍ନଭିନ୍ନ ହୋଇଯାଇଥିବା ବିଷୟ ଉଲ୍ଲେଖ କରାଯାଇଥିଲା । କିନ୍ତୁ ବାସ୍ତବରେ ପ୍ରଳୟଙ୍କାରୀ ବାତ୍ୟା ହେବାର ଯଥେଷ୍ଟ ପୂର୍ବରୁ ସ୍ପେନୀୟ ନୌବେଳାର ପରାଜୟ ହୋଇସାରିଥିଲା । ଇଂରେଜମାନେ ସାଗର ବକ୍ଷରେ ବିକ୍ଷିପ୍ତ ରୂପେ ବିଚରଣ କରିବା ପୂର୍ବକ ଦୁଃସାହାସିକ ଜଳଦସ୍ୟୁ ବୃତ୍ତିକୁ ଅବଲମ୍ବନ କରି ଯେଉଁ ନୌଯୁଦ୍ଧ କୌଶଳ ଶିଖିଥିଲେ ତାହାହିଁ ସେମାନଙ୍କୁ ବିଜୟର ସ୍ୱାଦ ଚଖାଇଥିଲା । ଏହାବ୍ୟତୀତ ସାମୁଦ୍ରିକ ଯୁଦ୍ଧରେ ଶତ୍ରୁଠାରୁ ଦୂରରେ ରହି ଇଂରେଜମାନେ ଯୁଦ୍ଧ କରିବା ଯୋଗୁ ସ୍ପେନୀୟ ନୌବେଳାର ପରାଜୟ ଘଟିଥିଲା । ଏହି ପ୍ରକାର ଯୁଦ୍ଧ କୌଶଳରେ ସ୍ପେନୀୟମାନେ ସଂପୂର୍ଣ୍ଣ ଅନଭିଜ୍ଞ ଥିଲେ । ତେଣୁ ସ୍ପେନୀୟ ନୌବେଳାରେ ବହୁସଂଖ୍ୟକ ବନ୍ଧୁକ ଏବଂ ସୈନ୍ୟ ଥିଲେ ମଧ୍ୟ ସ୍ପେନୀୟମାନେ ପରାଜିତ ହୋଇଥିଲେ । ଏହାଛଡ଼ା ଫିଲିପ୍ ଦ୍ୱିତୀୟ ମଧ୍ୟ ନୌସେନାଧ୍ୟକ୍ଷ ସାନ୍ତାକ୍ରୁଜଙ୍କ ପରିବର୍ତ୍ତେ ସମୁଦ୍ର ସମ୍ବନ୍ଧୀୟ ବିଷୟରେ ସଂପୂର୍ଣ୍ଣ ଅଜ୍ଞ ଥିବା ବିଶିଷ୍ଟ ସାମନ୍ତ ମେଡ଼ିନା ସିଡ୍ରୋନିୟାଙ୍କୁ ନୌବେଳାର ଅଧ୍ୟକ୍ଷ ରୂପେ ନିଯୁକ୍ତ କରି ଏକ ମାରାତ୍ମକ ଭୁଲ କରିଥିଲେ । ମୁଖ୍ୟତଃ ମେଡ଼ିନା ସିଡ୍ରୋନିୟାଙ୍କ ଅପାରଗତା ତଥା ଅନଭିଜ୍ଞତା ହେତୁ ନୌବେଳା ଯାତ୍ରା ଆରମ୍ଭ କରିବା ନିମନ୍ତେ ବହୁ ବିଳମ୍ବ ହୋଇଥିଲା; କାରଣ ଫେବୃୟାରୀ ମାସରେ ହେବାକୁ ଥିବା ଏହି ଯାତ୍ରା ମେ ମାସରେ ଆରମ୍ଭ ହୋଇଥିଲା । ଅପରପକ୍ଷରେ ଇଂଲଣ୍ଡର ନୌସେନାଧ୍ୟକ୍ଷ ଲର୍ଡ ହେଓ୍ୱାର୍ଡ ଅତ୍ୟନ୍ତ ବିଚକ୍ଷଣ ବ୍ୟକ୍ତି ଥିଲେ । ଆହୁରି ମଧ୍ୟ ହୋଓ୍ୱାର୍ଡଙ୍କୁ ଯୁଦ୍ଧରେ ଡ୍ରେକ, ହକିନସ୍ ଏବଂ ଫୋବ୍ରିସରଙ୍କ ପରି ଦୁଃସାହସୀତଥା ଅଭିଜ୍ଞ ନାବିକମାନେ ସହାୟତା ପ୍ରଦାନ କରୁଥିଲେ ।

ସ୍ପେନୀୟ ନୌବେଳାର ଶୋଚନୀୟ ପରାଜୟ ଇତିହାସରେ ଏକ ଉଲ୍ଲେଖନୀୟ ଘଟଣା ଅଟେ । କାରଣ ଦୀର୍ଘ ସମୟ ଧରି ଯେଉଁ ବହିଃଶତ୍ରୁର ଆକ୍ରମଣ ଇଂଲଣ୍ଡକୁ ଆତଙ୍କିତ କରି ରଖିଥିଲା, ତାହାର ପରିସମାପ୍ତି ଏହିଠାରୁ ହିଁ ହୋଇଥିଲା । ଅପ୍ରତିଦ୍ୱନ୍ଦୀ ନୌଶକ୍ତି ଭାବରେ ସ୍ପେନରେ ଯେଉଁ ସୁନାମ ତଥା ପ୍ରତିଷ୍ଠା ଥିଲା, ତାହାର ମଧ୍ୟ ଅବସାନ ଘଟିଥିଲା । ସମଗ୍ର ଇଉରୋପରେ ଆଧିପତ୍ୟ ବିସ୍ତାର ତଥା ପ୍ରୋଟେଷ୍ଟାଣ୍ଟ ଧର୍ମର ସଂପୂର୍ଣ୍ଣ ଧ୍ୱଂସ ସାଧନ କରିବା ନିମନ୍ତେ ସ୍ପେନ ଯେଉଁ ଆଶା

ପୋଷଣ କରିଥିଲା, ତାହା ମଧ୍ୟ ସଂପୂର୍ଣ୍ଣ ହୋଇପାରିଲା ନାହିଁ। ଏହାବ୍ୟତୀତ ଆମେରିକା ସହିତ ସ୍ପେନ୍ ବାଣିଜ୍ୟ କ୍ଷେତ୍ରରେ ଯେଉଁ ଏକଚାଟିଆ ଅଧିକାର ଉପଭୋଗ କରୁଥିଲା, ତାହାର ମଧ୍ୟ ଏହିଠାରୁ ପରିସମାପ୍ତି ଘଟିଥିଲା। ଏହାଦ୍ୱାରା ଆମେରିକା ସହ ଇଂଲଣ୍ଡ ସମେତ ଅନ୍ୟ ଇଉରୋପୀୟ ଦେଶଗୁଡ଼ିକ ବାଣିଜ୍ୟ କରିବା ଲାଗି ସୁଯୋଗ ପାଇପାରିଥିଲେ। ଏହି ଯୁଦ୍ଧ ପରେ ଇଂଲଣ୍ଡର ପ୍ରତିପତ୍ତି ସମଗ୍ର ଇଉରୋପରେ ବୃଦ୍ଧି ପାଇବା ସହିତ ଏଲିଜାବେଥ୍‌ଙ୍କର ପ୍ରାଧାନ୍ୟ ମଧ୍ୟ ବୃଦ୍ଧି ପାଇଥିଲା।

୧୬୦୩ ଖ୍ରୀ:ଅ: ମାର୍ଚ୍ଚ ମାସରେ ସତୁରୀ ବର୍ଷ ବୟସରେ ଏଲିଜାବେଥ ସ୍ୱଳ୍ପକାଳୀନ ଅସୁସ୍ଥତା ଭୋଗି ମୃତ୍ୟୁବରଣ କରିଥିଲେ । ତାଙ୍କ ମୃତ୍ୟୁପରେ ସ୍କଟରାଣୀ ମେରୀଙ୍କର ପୁତ୍ର ''ଜେମସ୍ ଷଷ୍ଠ'' ନାମ ପରିବର୍ତ୍ତନ କରି ''ଜେମସ୍ ପ୍ରଥମ'' ଭାବରେ ଇଂଲଣ୍ଡ ସିଂହାସନ ଆରୋହଣ କରିଥିଲେ। ଏଲିଜବେଥ୍‌ଙ୍କର ମୃତ୍ୟୁ ପରେ ଇଂଲଣ୍ଡ ଇତିହାସରେ ଟ୍ୟୁଡ଼ର ଯୁଗର ଅବସାନ ଘଟିବା ସହିତ ଷ୍ଟୁଆର୍ଟ ରାଜବଂଶର ଅଭ୍ୟୁଦୟ ଘଟିଥିଲା। ଏହି ଷ୍ଟୁଆର୍ଟ ରାଜବଂଶର ଶାସନ ସମୟରୁ ଇଂରେଜମାନେ ଜାତୀୟ ସ୍ୱାୟତ୍ତ ଶାସନ ପ୍ରତିଷ୍ଠା କରିବା ନିମନ୍ତେ ଉଦ୍ୟମ ଆରମ୍ଭ କରିଥିଲେ ।

ଜେମ୍ସ ପ୍ରଥମ – ସଂସଦ ସହିତ ସମ୍ପର୍କ (James I – Relation with Parliament) :



James–I
(1566–1625A.D.)

ଇଂଲଣ୍ଡର ସାମ୍ରାଜ୍ଞୀ ଏଲିଜାବେଥ୍‌ଙ୍କର ମୃତ୍ୟୁ ସହିତ ୧୬୦୩ ଖ୍ରୀ:ଅ:ରେ ଟ୍ୟୁଡ଼ର ରାଜବଂଶ ଶାସନର ଅନ୍ତ ଘଟିଥିଲା; କାରଣ ତାଙ୍କର ଉତ୍ତରାଧିକାରୀ ଭାବରେ ସ୍କଟ୍‌ରାଣୀ ମେରୀଙ୍କର ପୁତ୍ର ତଥା ସ୍କଟ୍‌ଲ୍ୟାଣ୍ଡ୍‌ର ଶାସକ ଷ୍ଟୁଆର୍ଟ ବଂଶୀୟ ଜେମସ୍ ଷଷ୍ଠ, ଜେମସ୍ ପ୍ରଥମ ଭାବରେ ଇଂଲଣ୍ଡର ସିଂହାସନ ଅଳଙ୍କୃତ କରିଥିଲେ। ଜେମସ୍ ପ୍ରଥମ ଉଭୟ ଇଂଲଣ୍ଡ ଏବଂ ସ୍କଟ୍‌ଲ୍ୟାଣ୍ଡ୍‌କୁ ଶାସନ କରିବାକୁ ଲାଗିଲେ।

ଷ୍ଟୁଆର୍ଟ ରାଜବଂଶର ପ୍ରଥମ ଶାସକ ଜେମସ୍ ପ୍ରଥମ ଅତ୍ୟନ୍ତ ବିଦ୍ୱାନ ବ୍ୟକ୍ତି ଥିଲେ। ୱାର୍‌ନର (Warner)ଙ୍କ ମତରେ, ''ଜେମସ୍ ଇଂଲଣ୍ଡ ସିଂହାସନ ଅଧିକାର କରିଥିବା ବ୍ୟକ୍ତିମାନଙ୍କ ମଧ୍ୟରେ ସର୍ବାପେକ୍ଷା ବିଦ୍ୱାନ ବ୍ୟକ୍ତି ଥିଲେ ।'' କିନ୍ତୁ ବିଦ୍ୱାନ ହେବା ସତ୍ତ୍ୱେ ସେ ଅତ୍ୟନ୍ତ ଜିଦ୍‌ଖୋର, ଅଭିମାନୀ ତଥା ତର୍କପ୍ରିୟ ଥିଲେ। ତାଙ୍କର ଏହି ପରସ୍ପର ବିରୋଧୀ ସ୍ୱଭାବ ହେତୁ ଫ୍ରାନ୍ସର ସମ୍ରାଟ ହେନେରୀ ତାଙ୍କୁ ''ଖ୍ରୀଷ୍ଟିଆନ ଜଗତର ସର୍ବଶ୍ରେଷ୍ଠ ନିର୍ବୋଧ'' ବୋଲି ଅଭିହିତ କରିଥିଲେ।

ଜେମସ୍ ପ୍ରଥମଙ୍କର ସିଂହାସନ ଆରୋହଣ ସହିତ ଇଂଲଣ୍ଡ ଇତିହାସରେ ଏକ ନୂତନ ଯୁଗର ସୂତ୍ରପାତ ହେଲା। ଉଭୟ ରାଜା ଏବଂ ସଂସଦ (Parliament) ଶାସନ କ୍ଷେତ୍ରରେ ସର୍ବୋଚ୍ଚ କ୍ଷମତା ଦାବୀ କରି ଏକ ସାମ୍ବିଧାନିକ ସଂଘର୍ଷରେ ଅବତୀର୍ଣ୍ଣ ହୋଇଥିଲେ। ଏହି ସାମ୍ବିଧାନିକ ସଂଘର୍ଷ କ୍ରମେ ଗୁରୁତର ହୋଇ ସାମରିକ ସଂଘର୍ଷରେ ପରିଣତ ହୋଇଥିଲା। ଅବଶ୍ୟ ଷ୍ଟୁଆର୍ଟ ଯୁଗର ଶେଷ ଆଡ଼କୁ ଏହି ବିବାଦର ସମାଧାନ ଘଟିଥିଲା।

ଶାସକ ଏବଂ ସଂସଦ ମଧ୍ୟରେ ସଂଘର୍ଷର ପ୍ରକୃତ କାରଣ (The Original Cause of conflict between the King and the Parliament) :

ଟିଉଡର୍ ଯୁଗର ଶାସନ ଉଭୟ ରାଜତନ୍ତ୍ରର ଶକ୍ତି ଏବଂ ଜନସାଧାରଣଙ୍କ ସହଯୋଗର ଏକ ଚମତ୍କାର ସମନ୍ୱୟ ଥିଲା। ଏହି ଦୁଇ ଶକ୍ତି ପରସ୍ପରର ପରିପୂରକ ଥିଲେ। ତେଣୁ ଏହି ଦୁଇ ଶକ୍ତି ମଧ୍ୟରେ ସଂଘର୍ଷର ପ୍ରଶ୍ନ ଉଠି ନ ଥିଲା। ଟିଉଡରମାନେ ପରମାଧିକାର କ୍ଷମତା ପ୍ରବର୍ତ୍ତନ କରିବା ଯୋଗୁ ନିରଙ୍କୁଶ କ୍ଷମତା ଉପଭୋଗ କରିବା ନିମନ୍ତେ ସମର୍ଥ ହୋଇଥିଲେ ସତ୍ୟ, କିନ୍ତୁ ଶାସନର ଗଠନ ପ୍ରଣାଳୀ ଅପରିବର୍ତ୍ତନୀୟ ଥିଲା । କେବଳ ମାତ୍ର ଯେଉଁ ପରମ୍ପରାଗୁଡ଼ିକର ଭିତ୍ତିଭୂମି ଉପରେ ଶାସନ ପଦ୍ଧତି ପ୍ରତିଷ୍ଠିତ ହୋଇଥିଲା, ସେଗୁଡ଼ିକରେ କିଛି ମାତ୍ରାରେ ପରିବର୍ତ୍ତନ ଅଣାଯାଇଥିଲା । ଏହି

କାରଣରୁ ରାଜାଙ୍କର ପରମାଧିକାର କ୍ଷମତାର ନୈତିକ ସୀମା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇ ନ ଥିଲା; ବରଂ ଏହି ପରମାଧିକାର କ୍ଷମତା ପ୍ରୟୋଗ ପ୍ରତି ଜନସାଧାରଣଙ୍କର ପରୋକ୍ଷ ସମ୍ମତି ଥିଲା।

ସାଧାରଣତଃ ସାମ୍ବିଧାନିକ ପରମ୍ପରାଗୁଡ଼ିକ ଉପସ୍ଥିତ ପରିସ୍ଥିତି ଦ୍ୱାରା ସୃଷ୍ଟ ଭାବଧାରାରୁ ସୃଷ୍ଟି ହୋଇଥାଏ। ପରିସ୍ଥିତିରେ ପରିବର୍ତ୍ତନ ଘଟିଲେ ଭାବଧାରାର ମଧ୍ୟ ପରିବର୍ତ୍ତନ ଘଟିଥାଏ ଏବଂ ସେହି ପରିପ୍ରେକ୍ଷୀରେ ପରମ୍ପରାଗୁଡ଼ିକର ମଧ୍ୟ ପରିବର୍ତ୍ତନ ଘଟିଥାଏ। ଷ୍ଟୁଆର୍ଟ ରାଜବଂଶ ଇଂଲଣ୍ଡ ସିଂହାସନରେ ଅଧିଷ୍ଠିତ ହେବାର କିଛିକାଳ ପୂର୍ବରୁ ପରିସ୍ଥିତିରେ କେତେକ ପରିବର୍ତ୍ତନ ପରିଲକ୍ଷିତ ହୋଇଥିଲା। ଟିଉଡ଼ର ରାଜବଂଶର ଶାସନ ସମୟରେ ସୁଦୃଢ଼ ରାଜତନ୍ତ୍ରର ଆବଶ୍ୟକତା ଥିବାରୁ ଇଂରେଜମାନେ ରାଜତନ୍ତ୍ରର ପ୍ରଧାନ ସମର୍ଥକ ହୋଇଉଠିଥିଲେ। ଏହାଛଡ଼ା ସେହି ସମୟରେ ଦେଶ ପ୍ରତି ବାହ୍ୟଶତ୍ରୁ ଆକ୍ରମଣର ଆଶଙ୍କା ଥିବାରୁ ଜନସାଧାରଣ ରାଜତନ୍ତ୍ରକୁ ଦୃଢ଼ ସମର୍ଥନ ଦେଇଥିଲେ। ତେଣୁ ରାଜା ଶାସନ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଅଧିକାର କରିବା ସହିତ ସଂସଦ ମଧ୍ୟ ତାଙ୍କର କର୍ତ୍ତୃତ୍ୱକୁ ଗ୍ରହଣ କରି ନେଇଥିଲା, ମାତ୍ର ଟିଉଡର ରାଜବଂଶର ଶାସନର ଅନ୍ତ ହେବା ପୂର୍ବରୁ ଦେଶରେ ଆଭ୍ୟନ୍ତରୀଣ ଶାନ୍ତି ଶୃଙ୍ଖଳା ପ୍ରତିଷ୍ଠିତ ହୋଇସାରିଥିଲା ଏବଂ ବାହ୍ୟଶତ୍ରୁ ଆକ୍ରମଣର ଆଶଙ୍କା ରହି ନ ଥିବା ଦୃଷ୍ଟିରୁ ଯେଉଁ ନୂତନ ପରିସ୍ଥିତି ସୃଷ୍ଟି ହୋଇଥିଲା, ସେଥିରେ ସୁଦୃଢ଼ ରାଜତନ୍ତ୍ରର ଆବଶ୍ୟକତା ଅନୁଭୂତ ହେଉ ନ ଥିଲା। ତେଣୁ ଜନସାଧାରଣଙ୍କର ରାଜତନ୍ତ୍ର ପ୍ରତି ଆନୁଗତ୍ୟ ପ୍ରଦର୍ଶନ କରିବା ନିମନ୍ତେ ଅବକାଶ ନ ଥିଲା। କିନ୍ତୁ ପରିତାପର ବିଷୟ ଯେ ଷ୍ଟୁଆର୍ଟ ବଂଶର ପ୍ରଥମ ଦୁଇଜଣ ରାଜା କିମ୍ବା ସେମାନଙ୍କର ପ୍ରଜାମାନେ କେହି ମଧ୍ୟ ଏହି ପରିବର୍ତ୍ତିତ ନୂତନ ପରିସ୍ଥିତିରେ ଏକ ନୂତନ ସାମ୍ବିଧାନିକ ବୁଝାମଣା ନିମନ୍ତେ ଯେ ଉଦ୍ୟମ କରାଯିବା ଆବଶ୍ୟକ, ତାହା ହୃଦୟଙ୍ଗମ କରିପାରି ନ ଥିଲେ।

ଟିଉଡର୍ ଯୁଗରେ ହୋଇଥିବା ଧର୍ମସଂସ୍କାର ଆନ୍ଦୋଳନ ଏବଂ ନବଜାଗରଣର ପ୍ରଭାବ ଦ୍ୱାରା ଇଂରେଜମାନଙ୍କ ମଧ୍ୟରେ ସ୍ୱାଧୀନ ଚିନ୍ତାଧାରାର ଉନ୍ମେଷ ଘଟିଥିଲା ଏବଂ ରାଜତନ୍ତ୍ର ପ୍ରତି ଅନୁରକ୍ତି କ୍ରମଶଃ ଦୁର୍ବଳ ହୋଇପଡ଼ିଥିଲା। ଟିଉଡର୍ ଯୁଗରେ ଧର୍ମସଂସ୍କାର ଆନ୍ଦୋଳନ ହେତୁ ଅର୍ଥନୈତିକ କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ସଂଘଟିତ ହୋଇଥିଲା। ବ୍ୟବସାୟ ଓ ବାଣିଜ୍ୟ କ୍ଷେତ୍ରରେ ଅଭିବୃଦ୍ଧି ସାଧନ ହେବା ଯୋଗୁ ମଧ୍ୟବିତ୍ତ ସମ୍ପ୍ରଦାୟ କ୍ରମଶଃ ବିତ୍ତଶାଳୀ ହୋଇଉଠିଥିଲେ। ମଧ୍ୟବିତ୍ତ ସମ୍ପ୍ରଦାୟର ଆର୍ଥିକ ଅଭିବୃଦ୍ଧି ଘଟିବା ହେତୁ ପ୍ରତିପତ୍ତି ମଧ୍ୟ ବୃଦ୍ଧି ପାଇଥିଲା ଏବଂ ସେମାନେ ଏହି ସୁଯୋଗରେ କମନସ୍ ସଭା (House of Commons)ରେ ପ୍ରଭାବ ବିସ୍ତାର କରି ଅଧିକ ରାଜନୈତିକ କ୍ଷମତା ହାସଲ କରିବା ପାଇଁ ଚେଷ୍ଟିତ ହେଲେ। ସପ୍ତଦଶ ଶତାବ୍ଦୀରେ ଇଂରେଜମାନଙ୍କର ରାଜନୈତିକ ସ୍ୱାଧୀନତା ନିମନ୍ତେ ରାଜା ଏବଂ ସଂସଦ ମଧ୍ୟରେ ଯେଉଁ ସଂଘର୍ଷ ଘଟିଥିଲା, ସେଥିରେ ମଧ୍ୟବିତ୍ତ ସମ୍ପ୍ରଦାୟ ହିଁ କମନସ୍ ସଭାର ନେତୃତ୍ୱ ଗ୍ରହଣ କରିଥିଲେ।

ବୈଦେଶିକ ଶତ୍ରୁ ଆକ୍ରମଣର ଆଶଙ୍କା ଦୂରୀଭୂତ ହେବା ପରେ ପରେ ସଂସଦର ରାଜତନ୍ତ୍ର ପ୍ରତି ବିରୋଧାଭାବାପନ୍ନ ମନୋବୃତ୍ତି ଜାଗ୍ରତ ହୋଇଥିଲା। ଏମିତିକି ସାମ୍ରାଜ୍ଞୀ ଏଲିଜାବେଥ୍ ଯିଏକି ଇଂଲଣ୍ଡକୁ ଏକ ସଙ୍କଟମୟ ପରିସ୍ଥିତିରୁ ଉଦ୍ଧାର କରି ଇଂଲଣ୍ଡ ଇତିହାସରେ ଏକ ଗୌରବମୟ ଅଧ୍ୟାୟର ସୂତ୍ରପାତ କରାଇଥିଲେ, ତାଙ୍କୁ ମଧ୍ୟ ସଂସଦ ବିରୋଧ କରିବାକୁ ପଶ୍ଚାତ୍‌ପଦ ହୋଇ ନ ଥିଲା। ଅବଶ୍ୟ ଏଲିଜାବେଥ୍‌ଙ୍କର ଶାସନ ସମୟରେ ସଂସଦ ରାଜନୈତିକ କ୍ଷମତା ହାସଲ କରିବା ନିମନ୍ତେ ବିଶେଷ ଭାବରେ ଉଦ୍ୟମ କରି ନ ଥିଲା। ଏଲିଜାବେଥ୍‌ଙ୍କ ବୟସ ତଥା ନାରୀ ଜାତି ପ୍ରତି ସମ୍ମାନ ପ୍ରଦର୍ଶନ କରି ସଂସଦ ଏହି ଉଦ୍ୟମରୁ ବିରତ ହୋଇଥିଲା ବୋଲି ସଂସଦମାନେ ଜେମସ୍‌ଙ୍କୁ ବିରୋଧ କରିବା ବେଳେ ଘୋଷଣା କରିଥିଲେ। କିନ୍ତୁ ଏହା ସତ୍ୟ ଯେ ଟିଉଡ଼ର୍‌ମାନଙ୍କ ପ୍ରତି ଇଂରେଜମାନେ ଆନୁଗତ୍ୟ ପ୍ରକାଶ କରୁଥିବାରୁ ରାଜତନ୍ତ୍ରର ବିରୋଧ କରି ନ ଥିଲେ। ଏହାଛଡ଼ା ଟିଉଡର୍‌ମାନେ ଦେଶୀୟ ରାଜବଂଶଜ ହୋଇଥିବାରୁ ଇଂରେଜମାନଙ୍କର ବିଶ୍ୱାସଭାଜନ ହୋଇପାରିଥିଲେ। ମାତ୍ର ଷ୍ଟୁଆର୍ଟମାନେ ବିଦେଶୀ ହୋଇଥିବାରୁ ଇଂରେଜମାନେ ସେମାନଙ୍କ ପ୍ରତି ଆନୁଗତ୍ୟ ପ୍ରକାଶ କରିପାରିଲେ ନାହିଁ। ତେଣୁ ଷ୍ଟୁଆର୍ଟମାନେ କ୍ଷମତାକୁ ଆସିବା ମାତ୍ରକେ ସଂସଦ ବିରୋଧର ସମ୍ମୁଖୀନ ହେବା ଏକ ସ୍ୱାଭାବିକ ଘଟଣା ଥିଲା।

ଇଂଲଣ୍ଡରେ ନୂତନ ଷ୍ଟୁଆର୍ଟ ବଂଶର ପ୍ରଥମ ଶାସକ ଥିଲେ ଜେମସ୍ ପ୍ରଥମ। ସେ ଜଣେ ବିଦ୍ୱାନ ବ୍ୟକ୍ତି ଥିଲେ। ଧର୍ମତତ୍ତ୍ୱରେ ମଧ୍ୟ ତାଙ୍କର ଅଗାଧ ଜ୍ଞାନ ଥିଲା। ସେ ଜଣେ ସୃଜନଶୀଳ ଲେଖକ ମଧ୍ୟ ଥିଲେ। ସେ ଶାନ୍ତି ନୀତିରେ ବିଶ୍ୱାସ କରୁଥିଲେ। ମାତ୍ର ତାଙ୍କଠାରେ ପ୍ରଶାସନିକ ଦକ୍ଷତାର ଘୋର ଅଭାବ ଥିଲା। ସେ ପୁସ୍ତକ ଅଧ୍ୟୟନ କରି ଗଭୀର ପାଣ୍ଡିତ୍ୟ ଅର୍ଜନ କରିଥିଲେ, ମାତ୍ର ତାଙ୍କଠାରେ ସାଧାରଣ ଜ୍ଞାନର ଘୋର ଅଭାବ ଥିଲା। ଇଂରେଜମାନଙ୍କର ଚିନ୍ତାଧାରା ତଥା ରୀତିନୀତି ବିଷୟରେ ସଂପୂର୍ଣ୍ଣ ଅଜ୍ଞ ଥିଲେ।

ଜେମସ୍ ପ୍ରଥମ ଇଂଲଣ୍ଡ ରାଜସିଂହାସନ ଅଳଙ୍କୃତ କରି ଆନନ୍ଦରେ ଆତ୍ମହରା ହୋଇପଡ଼ିଥିଲେ, କାରଣ ସ୍କଟ୍‌ଲାଣ୍ଡ ପରି ଏକ ଦରିଦ୍ର ଦେଶର ଶାସକ ଇଂଲଣ୍ଡ ପରି ଏକ ଐଶ୍ୱର୍ଯ୍ୟଶାଳୀ ଦେଶର ଶାସକ ପଦ ଅଳଙ୍କୃତ କରିବା ନିଶ୍ଚିତ ଭାବରେ ଏକ ଚମତ୍କାରିତା ଥିଲା। ଏହାବ୍ୟତୀତ ଇଂଲଣ୍ଡରେ ପ୍ରଚଳିତ ପରମାଧିକାର ବ୍ୟବସ୍ଥା ବା ଦୈବୀଦତ୍ତ ଅଧିକାର ସମ୍ବନ୍ଧୀୟ ନୀତି ଦ୍ୱାରା ସେ ନିରଙ୍କୁଶ କ୍ଷମତା ଭୋଗ କରିପାରିବେ ବୋଲି ଆଶାନ୍ୱିତ ହୋଇପଡ଼ିଥିଲେ। ସେ ଏହି ପରମାଧିକାର ସମ୍ବନ୍ଧରେ ମଧ୍ୟ ଏକ ପୁସ୍ତକ ରଚନା କରିଥିଲେ। ହେନେରୀ ଅଷ୍ଟମ ତାଙ୍କର ଜ୍ୟେଷ୍ଠା ଭଗିନୀ ମାର୍ଗାରେଟ୍‌ଙ୍କର ଉତ୍ତରାଧିକାରୀମାନଙ୍କର ଦାବିକୁ ଅଗ୍ରାହ୍ୟ କରି କନିଷ୍ଠା ଭଗିନୀ ମେରୀଙ୍କ ଉତ୍ତରାଧିକାରୀମାନଙ୍କୁ ଇଂଲଣ୍ଡ ସିଂହାସନରେ ଭାବୀ ଉତ୍ତରାଧିକାରୀ ଭାବରେ ମନୋନୀତ କରିଥିଲେ। ତାଙ୍କର ଏହି ନିଷ୍ପତ୍ତିକୁ ସଂସଦ ମଧ୍ୟ ଅନୁମୋଦନ କରିଥିଲା। ଏହାଦ୍ୱାରା ଜେମସ୍ ଇଂଲଣ୍ଡ ସିଂହାସନର ଉତ୍ତରାଧିକାରରୁ ବଞ୍ଚିତ ହୋଇଥିଲେ। ମାତ୍ର ହେନେରୀ ଓ ସଂସଦର ଏହି ନିଷ୍ପତ୍ତି ବିରୋଧରେ ପ୍ରବଳ ଜନମତ ସୃଷ୍ଟି ହେବାରୁ ବାଧ୍ୟହୋଇ ଏଥିରେ ପରିବର୍ତ୍ତନ ଅଣାଯାଇ ଜେମସ୍ ଜ୍ୟେଷ୍ଠ ଅଂଶ ରୂପେ ଇଂଲଣ୍ଡ ସିଂହାସନର ଭାବୀ ଉତ୍ତରାଧିକାରୀ ଭାବରେ ସ୍ୱୀକୃତି ଲାଭ କଲେ। ଏହି ସ୍ୱୀକୃତି ଦ୍ୱାରା "ରାଜାଙ୍କର ଦୈବୀ ଅଧିକାର ସମ୍ବନ୍ଧୀୟ ନୀତି" ଦୃଢ଼ ଭାବରେ କାର୍ଯ୍ୟକାରୀ ହେଲା ବୋଲି ଜେମସ୍‌ଙ୍କର ମନରେ ଏକ ଧାରଣା ସୃଷ୍ଟି ହୋଇଥିଲା। ଏହାଦ୍ୱାରା ସଂସଦର ଶକ୍ତି ମଧ୍ୟ ପରାହତ ହେଲା ବୋଲି ଜେମସ୍ ଚିନ୍ତା କରିଥିଲେ। ଜେମସ୍ ଇଂଲଣ୍ଡରେ ନିରଙ୍କୁଶ କ୍ଷମତା ଉପଭୋଗ କରିବାର ଯେଉଁ ଆଶା ପୋଷଣ ଥିଲେ ତାହାର ସଫଳ ରୂପାୟନ ହୋଇପାରି ନ ଥିଲା। ରାଜତ୍ୱର ପ୍ରାରମ୍ଭରୁ ତାଙ୍କୁ ବହୁ ବାଧାବିଘ୍ନର ସମ୍ମୁଖୀନ ହେବାକୁ ପଡ଼ିଥିଲା।

କ୍ୟାଥୋଲିକ୍ ଏବଂ ପିଉରିଟାନ୍‌ମାନଙ୍କର ବିରୋଧ(Opposition of the Catholics and Puritans) :

କ୍ୟାଥୋଲିକ୍ ଏବଂ ପିଉରିଟାନ୍‌ମାନେ ଜେମସ୍ ପ୍ରଥମଙ୍କର ପ୍ରଚଣ୍ଡ ବିରୋଧୀ ହୋଇଉଠିଥିଲେ। ଅବଶ୍ୟ ଜେମସ୍ ସିଂହାସନ ଆରୋହଣ କରିବା ସମୟରେ ଏହି ଦୁଇ ସମ୍ପ୍ରଦାୟ ଆନନ୍ଦିତ ହୋଇଥିଲେ। ଯେହେତୁ ଜେମସ୍‌ଙ୍କର ମାତା ଏବଂ ପିତା ଉଭୟେ କ୍ୟାଥୋଲିକ୍ ଥିଲେ। ତେଣୁ ଜେମସ୍ କ୍ୟାଥୋଲିକ୍ ଧର୍ମ ମତବାଦକୁ ନିଶ୍ଚିତ ଭାବରେ ସମର୍ଥନ କରିବେ ବୋଲି କ୍ୟାଥୋଲିକମାନଙ୍କର ଆଶା ଥିଲା। ସ୍କଟ୍‌ଲାଣ୍ଡରେ ସେହି ସମୟରେ ପିଉରିଟାନ ଧର୍ମ ମତବାଦ ବିଶେଷ ଭାବରେ ପ୍ରସାରିତ ହୋଇଥିବା ଦୃଷ୍ଟିରୁ ପିଉରିଟାନ୍‌ମାନେ ଜେମସ୍‌ଙ୍କର ପୃଷ୍ଠପୋଷକତା ଲାଭ କରିପାରିବେ ବୋଲି ଆଶା କରିଥିଲେ। ମାତ୍ର କ୍ୟାଥୋଲିକ୍‌ମାନଙ୍କର ପୋପ୍‌ଙ୍କ ପ୍ରତି ଆନୁଗତ୍ୟ ଏବଂ ପିଉରିଟାନ୍‌ମାନଙ୍କର ଚର୍ଚ୍ଚରେ ଗଣତାନ୍ତ୍ରିକ ଶାସନ ପ୍ରଚଳନ କରିବାର ଉଦ୍ଦେଶ୍ୟ ଥିବା ଦୃଷ୍ଟିରୁ ଜେମସ୍ ସେମାନଙ୍କୁ ସମର୍ଥ କରିପାରି ନ ଥିଲେ। କାରଣ ସେମାନଙ୍କୁ ସମର୍ଥନ କରିଲେ ରାଜାଙ୍କର କ୍ଷମତା କ୍ଷୁର୍ଣ୍ଣ ହୋଇଯିବ ବୋଲି ଜେମସ୍ ଆଶଙ୍କା କରିଥିଲେ।

Lady Arbella Stuart
(1575–1615 A.D.)

କ୍ୟାଥୋଲିକ୍‌ମାନେ ଜେମସ୍‌ଙ୍କ ଉପରେ କ୍ଷୁବ୍ଧ ହୋଇ ତାଙ୍କ ବିରୁଦ୍ଧରେ ଷଡ଼ଯନ୍ତ୍ରରେ ଲିପ୍ତ ହେଲେ। କ୍ୟାଥୋଲିକ୍‌ମାନେ ରଚିଥିବା ପ୍ରଥମ ଷଡ଼ଯନ୍ତ୍ରରେ ଜେମସ୍‌ଙ୍କୁ ଗ୍ରୀନଉଇଚ୍ ସହରଠାରୁ ଅପହରଣ କରିନେବା ଏବଂ ସରକାରୀ କାରାଗାରକୁ ଅଧିକାର କରିନେବା

ଯୋଜନା ଥିଲା। କିନ୍ତୁ ରାଜାଙ୍କର କର୍ମଚାରୀମାନେ ପୂର୍ବରୁ ଏହି ଷଡ଼ଯନ୍ତ୍ର ବିଷୟରେ ସୂଚନା ପାଇ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରିବା ହେତୁ କ୍ୟାଥୋଲିକ୍‌ମାନଙ୍କର ଯୋଜନା ପଣ୍ଡ ହୋଇଯାଇଥିଲା। ଏହି ଷଡ଼ଯନ୍ତ୍ରରେ ସଂପୃକ୍ତ ଥିବା ଜନୈକ ବ୍ୟକ୍ତି ରାଜାଙ୍କ ବିରୁଦ୍ଧରେ ଆଉ ଗୋଟିଏ ଷଡ଼ଯନ୍ତ୍ର ରଚନା କରାଯାଇଥିବାର ସୂଚନା ଦେଇଥିଲେ। ତାଙ୍କର ସୂଚନାରୁ ମାର୍ଗାରେଟ୍ ଟିଉଡରଙ୍କର ବଂଶଧର ଆରାବେଲା ନାମ୍ନୀ ଜଣେ ମହିଳାଙ୍କୁ ସ୍ପେନ ସରକାରଙ୍କ ସହାୟତାରେ ଇଂଲଣ୍ଡ ସିଂହାସନରେ ଅଧିଷ୍ଠିତ କରାଇବା ନିମନ୍ତେ ଯୋଜନା ପ୍ରସ୍ତୁତ ହୋଇଥିଲା ବୋଲି ସରକାରୀ କର୍ମଚାରୀମାନଙ୍କର ସନ୍ଦେହ ହୋଇଥିଲା। କିନ୍ତୁ ବାସ୍ତବରେ ଏହି ଷଡ଼ଯନ୍ତ୍ରର ସତ୍ୟତା ବିଷୟରେ ବିଶେଷ ତଥ୍ୟ ଜଣାଯାଏ ନାହିଁ।


Sir Walter Raleigh
(1554–1618 A.D.)

ଅବଶ୍ୟ ଏହି ଷଡ଼ଯନ୍ତ୍ରରେ ସଂପୃକ୍ତ ଥିବା ଅଭିଯୋଗରେ ରାଣୀ ଏଲିଜାବେଥ୍‌ଙ୍କର ପ୍ରିୟପାତ୍ର ତଥା ଏକାଧାରରେ ସୁପ୍ରସିଦ୍ଧ କବି, ଲେଖକ, ଆବିଷ୍କାରକ, ନାବିକ ଓ ଯୋଦ୍ଧା ସାର୍ ୱାଲଟର୍ ରାଲେଙ୍କୁ ଟାୱାର ଭିତରେ ବନ୍ଦୀ କରାଯାଇଥିଲା। ଏଠାରେ ବନ୍ଦୀ ଥିବା ଅବସ୍ଥାରେ ରାଲେ ତାଙ୍କର ବିଖ୍ୟାତ ଐତିହାସିକ ଗ୍ରନ୍ଥ ''ବିଶ୍ୱ ଇତିହାସ'' (History of the World) ରଚନା କରିଥିଲେ। ତେର ବର୍ଷର ବନ୍ଦୀ ଜୀବନ ଅତିବାହିତ କରିବା ପରେ ରାଲେ ତାଙ୍କୁ ଆଉଥରେ ସମୁଦ୍ର ବିଜୟ କରିବାକୁ ସୁଯୋଗ ଦେବା ନିମନ୍ତେ ପ୍ରସ୍ତାବ ଦେଇଥିଲେ। କାରଣ ସେ ଇଂଲଣ୍ଡର ଶାସକଙ୍କ ନିମନ୍ତେ ଅରିନୋକା ନଦୀ ଅବବାହିକାରେ ନିଶ୍ଚିତ ଭାବରେ ଏକ ସୁନାଖଣି ଆବିଷ୍କାର କରିପାରିବେ ବୋଲି ଆଶାପୋଷଣ କରିଥିଲେ। ଜେମସ୍‌ଙ୍କର ସୁନା ପ୍ରତି ଅତି ତୀବ୍ର ଲାଳସା ଥିଲା। ତେଣୁ ସୁନା ପାଇବାର ଲାଳସାରେ ସେ ରାଲେଙ୍କୁ ମୁକ୍ତି ଦେଇଥିଲେ। ୬୫ ବର୍ଷ ବୟସ୍କ ରାଲେ ୧୬୧୭ ଖ୍ରୀ:ଅ:ରେ ଜୀବନର ଶେଷ ଦୁଃସାହାସିକ ସାମୁଦ୍ରିକ ଅଭିଯାନରେ ବାହାରିଥିଲେ। ମାତ୍ର ଏହି ଅଭିଯାନ ବିଫଳ ହୋଇଥିଲା, କାରଣ ସୁନାଖଣି ଥିବା ନିର୍ଦ୍ଦିଷ୍ଟ ସ୍ଥାନକୁ ରାଲେ ଠାବ କରିପାରିଲେ ନାହିଁ। ଏତଦ୍‌ବ୍ୟତୀତ ସ୍ପେନୀୟମାନଙ୍କ ସହ ଏକ ଭୟଙ୍କର ସଂଘର୍ଷରେ ଜଡ଼ିତ ହୋଇପଡ଼ି ପରିଶେଷରେ ଭଗ୍ନ ମନୋରଥ ଓ ଭଗ୍ନସ୍ୱାସ୍ଥ୍ୟ ନେଇ ରାଲେ ଇଂଲଣ୍ଡକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ସୁନାଖଣି ଆବିଷ୍କାର କରି ନ ପାରିବାରୁ ରାଲେ ପୁନର୍ବାର ଟାୱାର ଭିତରେ ବନ୍ଦୀ ହୋଇଥିଲେ। ରାଲେଙ୍କର ଦଳ ସହିତ ସ୍ପେନୀୟମାନଙ୍କ ହୋଇଥିବା ସଂଘର୍ଷରେ ସ୍ପେନୀୟମାନଙ୍କର ବିଶେଷ କ୍ଷତି ଘଟିଥିଲା, ତେଣୁ ସ୍ପେନ ସରକାର ରାଲେଙ୍କ ପ୍ରତି କ୍ଷୁବ୍ଧ ହୋଇ ତାଙ୍କୁ ଦଣ୍ଡିତ କରିବା ନିମନ୍ତେ ଜେମସ୍‌ଙ୍କ ନିକଟରେ ଦାବୀ କରିଥିଲେ। ସେହି ସମୟରେ ଜେମସ୍ ତାଙ୍କର ପୁତ୍ର ଚାର୍ଲସ୍‌ଙ୍କ ସହିତ ସ୍ପେନ ରାଜକୁମାରୀଙ୍କ ସହିତ ବିବାହ ଦେବା ନିମନ୍ତେ ଉଦ୍ୟମ କରୁଥିଲେ, ତେଣୁ ସ୍ପେନକୁ ସନ୍ତୁଷ୍ଟ କରିବା ପାଇଁ ଜେମସ୍ ସ୍ପେନ ସରକାରଙ୍କ ଦାବୀକୁ ଗ୍ରହଣ କରିନେଇ ୧୫ ବର୍ଷ ପୂର୍ବର ତଥାକଥିତ ରାଜଦ୍ରୋହ ଅଭିଯୋଗରେ ୧୬୧୮ ଖ୍ରୀ:ଅ:ରେ ରାଲେଙ୍କୁ ମୃତ୍ୟୁଦଣ୍ଡ ପ୍ରଦାନ କରିଥିଲେ।

Robert Catesby
(1572–1605 A.D.)

ବାରୁଦ ଷଡ଼ଯନ୍ତ୍ର, ୧୬୦୫ ଖ୍ରୀ:ଅ: (Gun Powder Plot, 1605 A.D.) :

୧୬୦୫ ଖ୍ରୀ:ଅ:ରେ ଜେମସ୍‌ଙ୍କ ବିରୋଧରେ କ୍ୟାଥୋଲିକ୍‌ମାନେ ରଚିଥିବା ଷଡ଼ଯନ୍ତ୍ର ''ବାରୁଦ ଷଡ଼ଯନ୍ତ୍ର'' ନାମରେ ଅଭିହିତ। ରବର୍ଟ କାଟେସ୍‌ବି (Robert Catesby) ଏହି ଷଡ଼ଯନ୍ତ୍ରର ସୂତ୍ରଧର ଥିଲେ। ଷଡ଼ଯନ୍ତ୍ରକାରୀମାନଙ୍କର ଉଦ୍ଦେଶ୍ୟ ଥିଲା ଯେ ରାଜା ଏବଂ ସଂସଦର ଉଭୟ ସଭାର ସଦସ୍ୟମାନେ ଲର୍ଡସ ସଭା କକ୍ଷରେ ଏକ ଅଧିବେଶନରେ ମିଳିତ ହୋଇଥିବା ବେଳେ ବାରୁଦ ଦ୍ୱାରା ବିସ୍ଫୋରଣ ଘଟାଇ ଏହି କକ୍ଷଟିକୁ ଧ୍ୱଂସ କରିଦେବେ। ଏହି ଯୋଜନାର ସଫଳ ରୂପାୟନ

Guy Fawkes
(1570–1606 A.D.)

ନିମନ୍ତେ ଲର୍ଡସ ସଭା କକ୍ଷର ତଳେ ଏକ ପ୍ରକୋଷ୍ଠ ଭଡ଼ା ନେଇ ଷଡ଼ଯନ୍ତ୍ରକାରୀମାନେ ସେଠାରେ ବିପୁଳ ପରିମାଣରେ ବାରୁଦ ଜମା କରି ରଖିଥିଲେ। ମାତ୍ର ମିଳିତ ଅଧିବେଶନର ପୂର୍ବଦିନ ରାତିରେ ଏହି ଷଡ଼ଯନ୍ତ୍ର ବିଷୟରେ ସରକାରୀ କର୍ମଚାରୀମାନେ ଅବଗତ ହେବା ଫଳରେ ଏହି ଷଡ଼ଯନ୍ତ୍ରଟି ବିଫଳ ହୋଇଥିଲା। ମୁଖ୍ୟ ଷଡ଼ଯନ୍ତ୍ରକାରୀ ରବର୍ଟ କାଟେସବି ଏବଂ ଗାଏ ଫକ୍ସ ସମେତ ଅନ୍ୟ ବହୁ ଷଡ଼ଯନ୍ତ୍ରକାରୀ ସରକାରୀ କର୍ମଚାରୀଙ୍କ ସହ ସଂଘର୍ଷରେ ନିହତ ହୋଇଥିଲେ ଏବଂ ଧରାପଡ଼ିଥିବା ଅନ୍ୟ କେତେକଙ୍କୁ ମୃତ୍ୟୁଦଣ୍ଡରେ ଦଣ୍ଡିତ କରାଯାଇଥିଲା। ଏହା ପରଠାରୁ ସରକାର କ୍ୟାଥୋଲିକମାନଙ୍କ ପ୍ରତି ଅତ୍ୟନ୍ତ କଠୋରତାର ସହ ବ୍ୟବହାର କରିଥିଲେ।

ପିଉରିଟାନ୍‌ମାନଙ୍କର ବିରୋଧ (Opposition of the Puritans) :

ପିଉରିଟାନମାନେ ଜେମସ୍‌ଙ୍କର ସମର୍ଥନ ଲାଭ କରି ନ ପାରି ତାଙ୍କର ବିରୋଧୀ ହୋଇଉଠିଥିଲେ। ଏଲିଜାବେଥ୍‌ଙ୍କ ଶାସନ ସମୟରେ ଏହି ପିଉରିଟାନମାନଙ୍କର ଇଂଲଣ୍ଡରେ ଅଭ୍ୟୁଦୟ ହୋଇଥିଲା। ପିଉରିଟାନ୍‌ମାନେ କାଲଭିନ୍‌ଙ୍କ ଉଗ୍ର ଧର୍ମନୀତି ଗ୍ରହଣ କରିଥିଲେ। କାଲଭିନ୍‌ଙ୍କ ଦ୍ୱାରା ପ୍ରବର୍ତ୍ତିତ ଧର୍ମନୀତିକୁ ଅନୁସରଣ କରି ଜାତୀୟ ଚର୍ଚ୍ଚରେ ସଂସ୍କାର ପ୍ରଚଳନ କରିବା ଏମାନଙ୍କର ଲକ୍ଷ୍ୟ ଥିଲା। ଏଣୁ ଜାତୀୟ ଚର୍ଚ୍ଚରେ ପ୍ରଚଳିତ କେତେକ ବିଧିବିଧାନକୁ ପିଉରିଟାନମାନେ ପ୍ରଚଣ୍ଡ ବିରୋଧ କରୁଥିଲେ। ଏହାବ୍ୟତୀତ ଚର୍ଚ୍ଚରୁ 'ବିଶପ୍' ପଦ ଉଚ୍ଛେଦ କରିବା ଏମାନଙ୍କର ଉଦ୍ଦେଶ୍ୟ ଥିଲା। ଚର୍ଚ୍ଚରେ ପ୍ରତିନିଧିମୂଳକ ଶାସନ ପ୍ରଚଳନ କରିବା ନିମନ୍ତେ ଏମାନେ ଚାହିଁଥିଲେ। ପିଉରିଟାନ୍‌ମାନଙ୍କର ଏହି ନୀତି ଯୋଗୁ ଏଲିଜାବେଥ ସେମାନଙ୍କ ଉପରେ କ୍ଷୁବ୍ଧ ହୋଇଥିଲେ। ଏହି ନୀତି ଯୋଗୁ ଜାତୀୟ ଏକତା ନଷ୍ଟ ହେବାର ଆଶଙ୍କା କରି ଏଲିଜାବେଥ ସେମାନଙ୍କୁ ଦୃଢ଼ ହସ୍ତରେ ଦମନ କରିବା ନିମନ୍ତେ ସ୍ଥିର କରିଥିଲେ। ସମୟକ୍ରମେ ପିଉରିଟାନମାନେ ବିଭିନ୍ନ ଗୋଷ୍ଠୀରେ ବିଭକ୍ତ ହୋଇଥିଲେ। ବିଭାଜିତ ହୋଇଥିବା ଗୋଷ୍ଠୀମାନଙ୍କ ମଧ୍ୟରୁ ପ୍ରେସ୍‌ବାଇଟେରିଆନ୍ ଏବଂ ଇଣ୍ଡିପେଣ୍ଡେଣ୍ଟ୍‌ମାନଙ୍କ ନାମ ବିଶେଷ ପ୍ରଣିଧାନଯୋଗ୍ୟ। ପ୍ରେସ୍‌ବାଇଟେରିଆନ୍‌ମାନେ ଜାତୀୟ ଚର୍ଚ୍ଚରେ ପ୍ରଜାତାନ୍ତ୍ରିକ ଏବଂ ପ୍ରତିନିଧିମୂଳକ ଶାସନର ପ୍ରଚଳନ କରିବା ସହିତ ସେମାନଙ୍କର ଧର୍ମନୀତିଗୁଡ଼ିକ ଯେପରି ଦୃଢ଼ ଭାବରେ ପାଳିତ ହେବ ସେଥିନିମନ୍ତେ ଉଦ୍ୟମ କରୁଥିଲେ। ଇଣ୍ଡିପେଣ୍ଡେଣ୍ଟ ଗୋଷ୍ଠୀ ଧର୍ମ ବ୍ୟାପାରରେ ପ୍ରେସ୍‌ବାଇଟେରିଆନ୍‌ମାନଙ୍କ ପରି ଅସହନଶୀଳ ନ ଥିଲେ ମଧ୍ୟ ଚର୍ଚ୍ଚ ଏବଂ ଶାସନ କ୍ଷେତ୍ରରେ ସେମାନଙ୍କର ନୀତି ଅନୁସୃତ ହେବା ସପକ୍ଷରେ ଥିଲେ। ଏମାନଙ୍କର ପ୍ରକୃତ ଗଣତାନ୍ତ୍ରିକ ଶାସନ ପ୍ରଚଳନ କରିବା ଉଦ୍ଦେଶ୍ୟ ଥିଲା। ପ୍ରାଥମିକ ଅବସ୍ଥାରେ ଏମାନେ ବ୍ରାଉନିଷ୍ଟ୍ ବା ସେପାରେଟିଷ୍ଟ୍ ଏବଂ ପରେ ଇଣ୍ଡିପେଣ୍ଡେଣ୍ଟ୍ ନାମରେ ପ୍ରସିଦ୍ଧ ହୋଇଥିଲେ। ଆଧୁନିକ ଯୁଗରେ ଏମାନେ କଂଗ୍ରିଗେସନାଲିଷ୍ଟ ନାମରେ ପରିରିତ ହୋଇଥିଲେ।

ଜେମସ୍‌ଙ୍କ ଶାସନର ପ୍ରାରମ୍ଭରେ ପ୍ରେସ୍‌ବାଇଟେରିଆନ ଗୋଷ୍ଠୀ ସମଗ୍ର ପିଉରିଟାନ୍ ଗୋଷ୍ଠୀର ନେତୃତ୍ୱ ନେଇଥିଲା। ଏମାନେ ପିଉରିଟାନ୍‌ମାନଙ୍କ ମଧ୍ୟରେ ସଂଖ୍ୟାଗରିଷ୍ଠ ଥିଲେ। ପିଉରିଟାନ୍ ସମ୍ପ୍ରଦାୟରେ ସେପାରେଟିଷ୍ଟ୍‌ମାନଙ୍କର ପ୍ରତିପତ୍ତି ନ ଥିଲା। ଜେମସ୍‌ଙ୍କ ଶାସନ ସମୟରେ ପ୍ରେସ୍‌ବାଇଟେରିଆନ୍‌ମାନେ ଜାତୀୟ ଚର୍ଚ୍ଚର ସଦସ୍ୟ ଥିଲେ। ଜାତୀୟ ଚର୍ଚ୍ଚକୁ ବିରୋଧ କରିବା ଅପେକ୍ଷା ଜାତୀୟ ଚର୍ଚ୍ଚର ସଦସ୍ୟ ଥାଇ ଅଣପିଉରିଟାନ୍‌ମାନଙ୍କୁ ନିଜ ମତବାଦ ଦ୍ୱାରା ପ୍ରଭାବିତ କରିବା ଅଧିକ ଫଳପ୍ରଦ ହେବ ବୋଲି ପ୍ରେସ୍‌ବାଇଟେରିଆନ୍‌ମାନେ ଚିନ୍ତା କରିଥିଲେ। ଏହାମଧ୍ୟରେ ଜାତୀୟ ଚର୍ଚ୍ଚରେ ଆଙ୍ଗ୍ଲିକାନ୍ ବା ହାଇଚର୍ଚ୍ଚ ଦଳ ନାମକ ଅନ୍ୟ ଏକ ପ୍ରୋଟେଷ୍ଟାଣ୍ଟ ସମ୍ପ୍ରଦାୟର ଉତ୍ପତ୍ତି ହେଲା। ସେହି ସମୟରେ ଏମାନେ ଆରମିନିଆନ ନାମରେ ପରିଚିତ ହୋଇଥିଲେ। ଏହି ଆଙ୍ଗ୍ଲିଆନ୍ ସମ୍ପ୍ରଦାୟ ପିଉରିଟାନ୍‌ମାନଙ୍କ ଧର୍ମମତର ବିରୋଧ ମତ ପ୍ରସାର କରି ପ୍ରେସ୍‌ବାଇଟେରିଆନ୍‌ଙ୍କୁ ବିଶେଷକରି "ରାଜନୀତି କ୍ଷେତ୍ରରେ ରାଜାଙ୍କର ଦୈବୀଦତ୍ତ ଅଧିକାର ନୀତି"ର ଦୃଢ଼ ସମର୍ଥନ

କରିବା ପାଇଁ ପ୍ରବର୍ତ୍ତାଇଥିଲେ। ଚର୍ଚ୍ଚ ଶାସନରେ ବିଶପ୍‌ମାନଙ୍କର କ୍ଷମତା ଅକ୍ଷୁର୍ଣ୍ଣ ରଖିବା ସେମାନଙ୍କର ନୀତି ଥିଲା। ଆଙ୍ଗ୍ଲିକାନ୍‌ମାନଙ୍କର ଏହି ନୀତି ସେମାନଙ୍କୁ ସ୍ୱାଭାବିକ ଭାବରେ ରାଜାଙ୍କର ସମର୍ଥନ ଲାଭ କରାଇଥିଲା।

ହାମ୍ପଟନ୍ କୋର୍ଟ ସମ୍ମିଳନୀ, ୧୬୦୪ ଖ୍ରୀ:ଅ: (Hampton Court Conference, 1604 A.D.) :

ଜେମସ୍‌ଙ୍କ ସିଂହାସନ ଆରୋହଣ ପରେ ପିଉରିଟାନ୍‌ମାନେ ଜାତୀୟ ଚର୍ଚ୍ଚରେ ସେମାନଙ୍କର ଧର୍ମମତ ଅନୁଯାୟୀ କେତେକ ସଂସ୍କାର ପ୍ରଚଳନ କରାଇବା ନିମନ୍ତେ ଯେଉଁ ''ମିଲେନାରୀ ପତ୍ର'' ମାଧ୍ୟମରେ ପ୍ରସ୍ତାବ ଉପସ୍ଥାପିତ କରିଥିଲେ, ତାହାକୁ ସହାନୁଭୂତି ସହ ବିଚାର କରିବେ ବୋଲି ଜେମସ୍ ପ୍ରତିଶ୍ରୁତି ଦେଇଥିଲେ। ଏଥିନିମନ୍ତେ ହାମ୍ପଟନ୍ କୋର୍ଟଠାରେ ଏକ ସମ୍ମିଳନୀ ୧୬୦୪ ଖ୍ରୀ:ଅ:ରେ ଅନୁଷ୍ଠିତ ହୋଇଥିଲା। କିନ୍ତୁ ଏହି ସମ୍ମିଳନୀରେ କୌଣସି ଗୋଟିଏ ପ୍ରସଙ୍ଗର ମଧ୍ୟ ସମାଧାନ ହୋଇପାରି ନ ଥିଲା। ଜାତୀୟ ଚର୍ଚ୍ଚରେ ଥିବା ବିଶପ୍ ପଦବୀର ଉଚ୍ଛେଦ ସାଧନ କରିବା ପିଉରିଟାନମାନଙ୍କର ମୁଖ୍ୟ ଦାବୀ ଥିଲା। କିନ୍ତୁ ଜେମସ୍ କାଳେ ବିଶପ ପଦବୀ ଉଚ୍ଛେଦ ହୋଇଗଲେ, ରାଜତନ୍ତ୍ର ଦୁର୍ବଳ ହୋଇପଡ଼ିବ ବୋଲି ଆଶଙ୍କା କରି ସେମାନଙ୍କର ଦାବୀକୁ ସମ୍ପୂର୍ଣ୍ଣ ଭାବରେ ଅଗ୍ରାହ୍ୟ କରିଦେଇଥିଲେ। ଏହି ହାମ୍ପଟନ୍ କୋର୍ଟ ସମ୍ମିଳନୀ ବିଫଳ ହୋଇଯାଇଥିଲା ସତ, କିନ୍ତୁ ଏହି ସମ୍ମିଳନୀରେ ବାଇବେଲର ନୂତନ ଅନୁବାଦ ନିମନ୍ତେ ଜେମସ୍ ଯେଉଁ ପଦକ୍ଷେପ ନେଇଥିଲେ ତାହା ତାତ୍ପର୍ଯ୍ୟପୂର୍ଣ୍ଣ ଥିଲା। ବାଇବେଲର ଅନୁବାଦ ନିମନ୍ତେ ଜେମସ୍ ଏକ କମିଟି ଗଠନ କରିଥିଲେ। ବାଇବେଲର ନୂତନ ପ୍ରାମାଣିକ ଅନୁବାଦ ୧୬୧୧ ଖ୍ରୀ:ଅ:ରେ ପ୍ରକାଶିତ ହୋଇଥିଲା। ହାମ୍ପଟନ୍ କୋର୍ଟ ସମ୍ମିଳନୀର ବିଫଳତା ହେତୁ ପିଉରିଟାନମାନେ ଜେମସ୍‌ଙ୍କର ବିରୋଧୀ ହୋଇଉଠିଥିଲେ। ସେମାନେ ଶାସକ ଏବଂ ସଂସଦ ମଧ୍ୟରେ ହୋଇଥିବା ସଂଘର୍ଷରେ ଜେମସ୍‌ଙ୍କର ମୁଖ୍ୟ ପ୍ରତିପକ୍ଷ ଭାବରେ ଉଭା ହୋଇଥିଲେ।

ଦୟନୀୟ ଅର୍ଥନୈତିକ ଅବସ୍ଥା (Miserable Economic Condition) :

ଦେଶର ତତ୍କାଳୀନ ଦୟନୀୟ ଅର୍ଥନୈତିକ ଅବସ୍ଥା ଜେମସ୍ ଏବଂ ସଂସଦ ମଧ୍ୟରେ ବିବାଦର ଅନ୍ୟତମ କାରଣ ଥିଲା। ଜେମସ୍ ଶାସନ ଦାୟିତ୍ୱ ଗ୍ରହଣ କରିବା ପୂର୍ବରୁ ଇଂଲଣ୍ଡର ଆର୍ଥିକ ପରିସ୍ଥିତି ଶୋଚନୀୟ ହୋଇପଡ଼ିଥିଲା। କ୍ରମାଗତ ଭାବରେ ଜିନିଷପତ୍ରର ଦରଦାମ ବୃଦ୍ଧି ପାଉଥିବାରୁ ପୂର୍ବ ଆୟରେ ଶାସନ କାର୍ଯ୍ୟ ପରିଚାଳନା କରିବା ଏକ ପ୍ରକାର ଅସମ୍ଭବ ହୋଇପଡ଼ିଥିଲା। ଉଦାହରଣ ସ୍ୱରୂପ, ୧୫୦୦ ଖ୍ରୀ:ଅ:ରେ ''ଷ୍ଟାର ଚାମ୍ବର ବିଚାରାଳୟ''ର ଯେଉଁ ଭୋଜି ନିମନ୍ତେ ୨ ପାଉଣ୍ଡ ଅର୍ଥ ବ୍ୟୟ କରିବାକୁ ପଡୁଥିଲା ୧୬୦୦ ଖ୍ରୀ:ଅ:ରେ ସେହି ଭୋଜି ନିମନ୍ତେ ୨୦ ପାଉଣ୍ଡ ଅର୍ଥ ବ୍ୟୟ କରିବାକୁ ପଡ଼ିଲା। ଏଲିଜାବେଥ୍‌ଙ୍କ ଶାସନ ସମୟରେ ଏହି ପରିସ୍ଥିତି ଆରମ୍ଭ ହୋଇଥିଲା ଏବଂ ସେ ମିତବ୍ୟୟିତା ଅବଲମ୍ବନ କରି ଏହି ପରିସ୍ଥିତିର ସମ୍ମୁଖୀନ ହୋଇଥିଲେ। ଏହାବ୍ୟତୀତ ଇଂରେଜ ନାବିକମାନେ ସ୍ପେନୀୟମାନଙ୍କୁ ଲୁଣ୍ଠନ କରି ଦେଶକୁ ଯେଉଁ ଧନସମ୍ପତ୍ତି ଆଣୁଥିଲେ, ସେଥିପାଇଁ ଏଲିଜାବେଥ୍‌ଙ୍କୁ ବେଶୀ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ି ନ ଥିଲା। ତେଣୁ ସେ କର ବୃଦ୍ଧି କରିବାର ଆବଶ୍ୟକତା ଅନୁଭବ କରି ନ ଥିଲେ। ଇଂରେଜମାନେ ଦେଶର ଏହି ଶୋଚନୀୟ ଆର୍ଥିକ ଅବସ୍ଥା ସଂପର୍କରେ ବିଶେଷ ଭାବରେ ସଚେତନ ହୋଇପାରି ନ ଥିଲେ। ଏହିଭଳି ପରିସ୍ଥିତିରେ ଜେମସ୍‌ଙ୍କ ନିମନ୍ତେ ବ୍ୟୟ ସଙ୍କୋଚନ କରିବା ଏକାନ୍ତ ଆବଶ୍ୟକ ଥିଲା। କିନ୍ତୁ ପରିତାପର ବିଷୟ ଯେ ଜେମସ୍ ଏହି ପରିସ୍ଥିତିକୁ ବୁଝିବା ପରିବର୍ତ୍ତେ ନିଜର ବଦ୍‌ଖର୍ଚ୍ଚୀ ସ୍ୱଭାବ ହେତୁ ପରିସ୍ଥିତିକୁ ଆହୁରି ଜଟିଳ କରି ପକାଇଲେ। ଆର୍ଥିକ ସ୍ଥିତିରେ ଉନ୍ନତି ଆଣିବା ନିମନ୍ତେ ଜେମସ୍ କର ବୃଦ୍ଧି କରିବା ଭିନ୍ନ ଅନ୍ୟ କୌଣସି ବିକଳ୍ପ ପାଇଲେ ନାହିଁ। ଜେମସ୍ କରବୃଦ୍ଧି କରିବା ନିମନ୍ତେ ଉଦ୍ୟମ ଆରମ୍ଭ କରିବା ମାତ୍ରକେ ତାଙ୍କର ସଂସଦ ସହ ସଂଘର୍ଷ ଆରମ୍ଭ ହୋଇଥିଲା।

ବୈଦେଶିକ ନୀତି (Foreign Policy) :

ଜେମସ୍‌ଙ୍କର ବୈଦେଶିକ ନୀତି ମଧ୍ୟ ରାଜା ଏବଂ ସଂସଦ ମଧ୍ୟରେ ହୋଇଥିବା ସଂଘର୍ଷର ଅନ୍ୟତମ କାରଣ ଥିଲା। ଜେମସ୍ ତ୍ରିଂଶବର୍ଷ ବ୍ୟାପୀ ଯୁଦ୍ଧରେ ସ୍ୱୀୟ ଜାମାତା ପାଲାଟିନେଟ୍‌ର ଇଲେକ୍ଟର ଫ୍ରେଡେରିକ ଓ ସମଧର୍ମାବଲମ୍ବୀ



(ଟୁଡୋରମାନଙ୍କ ଅଧିନସ୍ଥ ଇଂଲଣ୍ଡ ଏବଂ ୱେଲେସ୍ : ୧୪୮୫-୧୬୦୩ ଖ୍ରୀ:ଅ:)

ପ୍ରୋଟେଷ୍ଟାଣ୍ଟମାନଙ୍କର ପକ୍ଷ ସମର୍ଥନ ନ କରି ସ୍ପେନ ସହ ବନ୍ଧୁତ୍ୱପୂର୍ଣ୍ଣ ସଂପର୍କ ପ୍ରତିଷ୍ଠା କରି ଯୁଦ୍ଧର ଶାନ୍ତିପୂର୍ଣ୍ଣ ସମାଧାନ କରିବା ନିମନ୍ତେ ଉଦ୍ୟମ କରିବାରୁ ସଂସଦରେ ଥିବା ପିଉରିଟାନ୍ ସଦସ୍ୟମାନେ ତାଙ୍କର ପ୍ରବଳ ବିରୋଧୀ ହୋଇଉଠିଲେ। ଜେମସ୍ ବୈଦେଶିକ ବ୍ୟାପାର କ୍ଷେତ୍ରରେ ସଂସଦର ହସ୍ତକ୍ଷେପକୁ ସହ୍ୟ କରିବାକୁ ପ୍ରସ୍ତୁତ ନ ଥିବାବେଳେ ପିଉରିଟାନ୍‌ମାନେ ତାଙ୍କର ବୈଦେଶିକ ନୀତିକୁ ସମାଲୋଚନା କରିବାରୁ ସେମାନଙ୍କ ମଧ୍ୟରେ ସଂଘର୍ଷ ଅନିବାର୍ଯ୍ୟ ହୋଇପଡ଼ିଥିଲା।

ଏହିସବୁ କାରଣରୁ ଜେମସ୍ ପ୍ରଥମ ଏବଂ ତାଙ୍କର ସଂସଦଗୁଡ଼ିକ ମଧ୍ୟରେ ଯେଉଁ ସଂଘର୍ଷ ଘଟିଥିଲା, ତାହାର ଅନ୍ତରାଳରେ ଏକ ଗୁରୁତ୍ୱପୂର୍ଣ୍ଣ ସାମ୍ବିଧାନିକ ପ୍ରଶ୍ନ ଜଡ଼ିତ ଥିଲା ଯେ ପ୍ରକୃତରେ ରାଜା ଏବଂ ସଂସଦ ମଧ୍ୟରୁ କିଏ ସାର୍ବଭୌମ କ୍ଷମତାର ଅଧିକାରୀ ଅଟନ୍ତି ? କାରଣ ଉଭୟ ରାଜା ଏବଂ ସଂସଦ ଏକ ସମୟରେ ସାର୍ବଭୌମ କ୍ଷମତାର ଅଧିକାରୀ ହେବା ନିମନ୍ତେ ଦାବୀ ଉପସ୍ଥାପିତ କରିଥିଲେ। ଜେମସ୍ ପ୍ରଥମ ''ଦୈବୀଦତ୍ତ ଅଧିକାର''ରେ ବିଶ୍ୱାସ କରୁଥିବା ହେତୁ ସଂସଦ ଏହାକୁ ବିରୋଧ କରି ଶାସନ କ୍ଷେତ୍ରରେ ଅଧିକ କ୍ଷମତା ଦାବୀ କରିବା ଫଳରେ ରାଜା ଏବଂ ସଂସଦ ମଧ୍ୟରେ ସଂଘର୍ଷ ଅନିବାର୍ଯ୍ୟ ହୋଇପଡ଼ିଥିଲା।

ଜେମସ୍ ପ୍ରଥମ ଏବଂ ତାଙ୍କର ପ୍ରଥମ ସଂସଦ (James I and his First Parliament) :

ଉଭୟ ଶାସକ ଏବଂ ସଂସଦ ସାର୍ବଭୌମ କ୍ଷମତାର ଅଧିକାରୀ ହେବା ନିମନ୍ତେ ଦାବୀ ଉପସ୍ଥାପନ କରୁଥିବାରୁ ସଂସଦକୁ ନିଜ ନିୟନ୍ତ୍ରଣରେ ରଖିବା ଜେମସ୍‌ଙ୍କ ପକ୍ଷରେ କଷ୍ଟକର ବ୍ୟାପାର ହୋଇପଡ଼ିଥିଲା। ଜେମସ୍‌ଙ୍କ ଦ୍ୱାରା ରାଜତ୍ୱର ୧୬୦୪ ଖ୍ରୀ:ଅ:ରେ ଆହୂତ ହୋଇଥିବା ପ୍ରଥମ ସଂସଦର ପ୍ରଥମ ଅଧିବେଶନରୁ ହିଁ ବିବାଦ ଆରମ୍ଭ ହୋଇଥିଲା। ଇତିମଧ୍ୟରେ ଜେମସ୍ ଏକ ଘୋଷଣଶପତ୍ର ପ୍ରକାଶ କରିଥିଲେ। ଏହି ଘୋଷଣାପତ୍ରରେ ନବନିର୍ବାଚିତ ସଦସ୍ୟମାନଙ୍କର ଯୋଗ୍ୟତା ଏବଂ ନିର୍ବାଚନ ସଂକ୍ରାନ୍ତୀୟ ସମସ୍ତ ବିବାଦୀୟ ପ୍ରଶ୍ନଗୁଡ଼ିକର ବିଚାର କରିବାର ଦାୟିତ୍ୱ ''ଚାନସେରୀ ନ୍ୟାୟାଳୟ'' ଉପରେ ଅର୍ପଣ କରାଯାଇଥିଲା। ଜେମସ୍‌ଙ୍କର ନିର୍ଦ୍ଦେଶ ଅନୁଯାୟୀ ପ୍ରଥମ ସଂସଦ ପ୍ରଥମ ଅଧିବେଶନରେ ମିଳିତ ହେବା ପୂର୍ବରୁ ଚାନସେରୀ ନ୍ୟାୟାଳୟ ଏହି ସଂସଦକୁ ନିର୍ବାଚିତ ହୋଇଥିବା ଗଡ଼ଉଇନ୍ ନାମକ ଜନୈକ ସଦସ୍ୟଙ୍କ ବିରୁଦ୍ଧରେ ଆଗତ ଅଭିଯୋଗକୁ ବିଚାର କରି ତାଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ ଏବଂ ତାଙ୍କ ନିର୍ବାଚନକୁ ଅବୈଧ ଘୋଷଣା କରିଥିଲେ। ଜେମସ୍ କମନସ୍ ସଭାର ସଦସ୍ୟମାନଙ୍କର ଯୋଗ୍ୟତା ଏବଂ ନିର୍ବାଚନ ସଂକ୍ରାନ୍ତୀୟ ପ୍ରଶ୍ନର ବିଚାର କରିବାର ଦାୟିତ୍ୱ ସେହି ସଭା ଉପରେ ନ୍ୟସ୍ତ ନ କରି ଚାନ୍‌ସେରୀ ନ୍ୟାୟାଳୟ ଉପରେ ନ୍ୟସ୍ତ କରିଥିବାରୁ ଏଥିରେ ସଦସ୍ୟମାନେ ଅପମାନିତ ବୋଧ କରିଥିଲେ। ସଂସଦ ପ୍ରଥମ ଅଧିବେଶନରେ ମିଳିତ ହେବାପରେ ବିବାଦର ଆରମ୍ଭ ହୋଇଥିଲା। କମନସ୍ ସଭା ଜେମସ୍‌ଙ୍କର ଏହି କାର୍ଯ୍ୟର ଦୃଢ଼ ପ୍ରତିବାଦ କରିବା ସହିତ ତାହାର ସଦସ୍ୟମାନଙ୍କର ନିର୍ବାଚନ ସଂକ୍ରାନ୍ତୀୟ ବିବାଦର ବିଚାର କରିବା ନିମନ୍ତେ ତାହାକୁ ଅଧିକାର ଦେବାକୁ ଦାବୀ ଉପସ୍ଥାପନ କରିଥିଲା। ଏହା ପରେ ପରେ ରାଜା ଏବଂ କମନସ୍ ସଭା ମଧ୍ୟରେ ସଂସଦର ସ୍ୱାଧୀକାର ନେଇ ମଧ୍ୟ ବିବାଦ ଉପୁଜିଥିଲା। ''ସଂସଦ ଉପଭୋଗ କରୁଥିବା ତାହାର ସମସ୍ତ ସ୍ୱାଧୀକାର ରାଜାଙ୍କଠାରୁ ସୃଷ୍ଟ ଏବଂ ତାଙ୍କଦ୍ୱାରା ପ୍ରଦତ୍ତ'' ବୋଲି ଜେମସ୍ ମନ୍ତବ୍ୟ ଦେବାବେଳେ ସଂସଦ, ''ସଦସ୍ୟମାନଙ୍କର ସମସ୍ତ ସ୍ୱାଧୀକାର ଏବଂ ସ୍ୱାଧୀନତା ସେମାନଙ୍କର ବଂଶାନୁକ୍ରମିକ ଅଧିକାର ଏବଂ ତାହା ଭୂସମ୍ପତ୍ତି ଓ ଅନ୍ୟାନ୍ୟ ବସ୍ତୁଗତ ଅଧିକାରଠାରୁ କୌଣସି ଗୁଣରେ ନ୍ୟୂନ ନୁହେଁ'' ବୋଲି ଯୁକ୍ତି କରିଥିଲା। ବହୁ ବାଦାନୁବାଦ ପରେ ଜେମସ୍ ସଂସଦର ଦାବୀକୁ ଗ୍ରହଣ କରିଥିଲେ। ମାତ୍ର ତାଙ୍କର କ୍ଷମତାକୁ ସଙ୍କୁଚିତ କରିବା ଭଳି ଦେଶରେ କୌଣସି ଆଇନ୍ କାନୁନ୍ ରହିଛି ବୋଲି ହୃଦୟଙ୍ଗମ କରିବା ସପକ୍ଷରେ ନ ଥିଲେ।

୧୬୧୦ ଖ୍ରୀ:ଅ:ରେ ଏହି ସଂସଦର ଚତୁର୍ଥ ଅଧିବେଶନରେ କେତେକ ପ୍ରଶ୍ନ ନେଇ ରାଜା ଏବଂ ସଂସଦ ମଧ୍ୟରେ ବିବାଦ ଉପୁଜି ସେମାନଙ୍କ ମଧ୍ୟରେ ସମ୍ପର୍କ ଆହୁରି ତିକ୍ତ ହୋଇଯାଇଥିଲା। ଜେମସ୍ ସଂସଦର ଅନୁମତି ନ ନେଇ ରାଜାଙ୍କ ପରମାଧିକାର ନିୟମ ବଳରେ କେତେକ ଦ୍ରବ୍ୟ ଉପରେ ଯେଉଁ ଅତିରିକ୍ତ ଶୁଳ୍କ (Imposition) ଧାର୍ଯ୍ୟ କରିଥିଲେ, ତାହାକୁ

ନେଇ ଏହି ଅଧିବେଶନରେ ବିବାଦ ଉପୁଜିଥିଲା। ଜେମସ୍ ସିଂହାସନ ଆରୋହଣ କରିବା ପରେ ପ୍ରଥମ ସଂସଦ ତାଙ୍କୁ ଟନେଜ୍ ଓ ପାଉଣ୍ଡେଜ୍ ଆଜୀବନ ଆଦାୟ କରିବା ନିମନ୍ତେ କ୍ଷମତା ଦେବା ନିୟମ ଥିଲା। ଏହି ନିୟମ ଅନୁଯାୟୀ ଜେମସ୍ ସଂସଦଠାରୁ ଟନେଜ୍ ଏବଂ ପାଉଣ୍ଡେଜ ଆଦାୟ କରିବାର ଅଧିକାର ପାଇଥିଲେ। ମାତ୍ର ଏଥିରୁ ହେଉଥିବା ଆୟ ତାଙ୍କ ରାଜକୀୟ ବ୍ୟୟ ପାଇଁ ଯଥେଷ୍ଟ ନ ଥିଲା। ଜେମସ୍ ରାଜତ୍ୱର ଦୁଇବର୍ଷ ମଧ୍ୟରେ ଶୋଚନୀୟ ଆର୍ଥିକ ଦୁର୍ଗତିର ସମ୍ମୁଖୀନ ହୋଇ ଟନେଜ୍ ଓ ପାଉଣ୍ଡେଜ୍‌ର ନିର୍ଦ୍ଧାରିତ ଶୁଳ୍କ ବ୍ୟତୀତ ଅନ୍ୟ ଏକ ଅତିରିକ୍ତ ଶୁଳ୍କ ଆଦାୟ କରିବା ନିମନ୍ତେ ସ୍ଥିର କରିଥିଲେ। ତେଣୁ ସେ ଆମଦାନୀ ହେଉଥିବା ଅନେକଗୁଡ଼ିଏ ଦ୍ରବ୍ୟ ଉପରେ ଅତିରିକ୍ତ ଶୁଳ୍କ ଧାର୍ଯ୍ୟ କରିଥିଲେ।

ଜନ ବେଟସ୍‌ଙ୍କ ମୋକଦ୍ଦମା (John Beat's Case) :

ଜେମସ୍‌ଙ୍କର ନୂତନ ଅତିରିକ୍ତ କର ଆଦାୟର ନିଷ୍ପତ୍ତି ହେତୁ ଦେଶକୁ ଆମଦାନୀ ହେଉଥିବା ପ୍ରତ୍ୟେକ ଏକଶହ ପାଉଣ୍ଡ କରାଣ୍ଟ (Currant) ବା ଅଙ୍ଗୁର ଜାତୀୟ ଏକ ଫଳ ଉପରେ ୫ ଶିଲିଂ କରି ଯେଉଁ ଅତିରିକ୍ତ ଶୁଳ୍କ ଧାର୍ଯ୍ୟ କରାଯାଇଥିଲା, ତାହା ଦେବାକୁ ଅସମ୍ମତି ପ୍ରକାଶ କରି ଲଣ୍ଡନ ନିବାସୀ ଜନ ବେଟସ୍ (John Beats) ନାମକ ଜନୈକ ବ୍ୟବସାୟୀ ଏକ୍ସଚେକର ନ୍ୟାୟାଳୟ (Court of Exchequer)ରେ ରାଜାଙ୍କ କାର୍ଯ୍ୟ ବିରୁଦ୍ଧରେ ଆବେଦନ କରିଥିଲେ। କିନ୍ତୁ ବିଚାରପତିମାନେ ସର୍ବସମ୍ମତି କ୍ରମେ ଜେମସ୍‌ଙ୍କ କାର୍ଯ୍ୟକୁ ସମର୍ଥନ କରି ନ୍ୟାୟ ଦେବା ଫଳରେ ବେଟସ୍ ଏହି ଅତିରିକ୍ତ ଶୁଳ୍କ ଦେବାପାଇଁ ବାଧ୍ୟ ହୋଇଥିଲେ।

ଜନ ବେଟସ୍‌ଙ୍କ ମୋକଦ୍ଦମାରେ ବିଚାରପତିମାନଙ୍କର ସମର୍ଥନ ଲାଭକରି ଜେମସ୍ ଅନ୍ୟ କେତେକ ଦ୍ରବ୍ୟ ଉପରେ ଅତିରିକ୍ତ ଶୁଳ୍କ ଧାର୍ଯ୍ୟ କରିବା ପାଇଁ ଉତ୍ସାହିତ ହୋଇଥିଲେ। ୧୬୦୮ ଖ୍ରୀ:ଅ:ରେ ପ୍ରବର୍ତ୍ତିତ ଶୁଳ୍କର ହାର ପରିବର୍ତ୍ତନ କରାଯାଇ ଏକ ନୂତନ ଶୁଳ୍କ ହାରର ପୁସ୍ତିକା ମଧ୍ୟ ପ୍ରବର୍ତ୍ତନ କରାଯାଇଥିଲା। ଏହାକୁ କେନ୍ଦ୍ରକରି ପ୍ରଥମ ସଂସଦର ଚତୁର୍ଥ ଅଧିବେଶନରେ ଏକ ତୁମୂଳ ଆଲୋଡ଼ନ ସୃଷ୍ଟି ହୋଇଥିଲା। କମନସ୍ ସଭାର ଅନୁମୋଦନ ବିନା ଟନେଜ୍ ଏବଂ ପାଉଣ୍ଡେଜ୍‌ର ନିର୍ଦ୍ଧାରିତ ଶୁଳ୍କ ବ୍ୟତୀତ ଅନ୍ୟ କୌଣସି ଶୁଳ୍କ ଆଦାୟ କରିବାର କ୍ଷମତା ରାଜାଙ୍କର ନାହିଁ ବୋଲି ମତ ପ୍ରଦାନ କରି କମନସ୍ ସଭା ଜେମସ୍‌ଙ୍କର ଏହି କାର୍ଯ୍ୟର ପ୍ରତିବାଦ କରିଲା। ଇଂଲଣ୍ଡର ତତ୍‌କାଳୀନ ବୈଦେଶିକ ବାଣିଜ୍ୟରେ ଯେଉଁପରି ଦ୍ରୁତ ଅଭିବୃଦ୍ଧି ସାଧନ ଘଟିବାରେ ଲାଗିଥିଲା ସେଥିରେ, ନିରଙ୍କୁଶ କ୍ଷମତା ମିଳିଲେ ରାଜାଙ୍କୁ ଅତିରିକ୍ତ ଶୁଳ୍କରୁ ଆସୁଥିବା ଆୟରୁ ନିଜର ସମସ୍ତ ବ୍ୟୟ ବହନ କରିବାକୁ ସମର୍ଥ ହୋଇ ସଂସଦ ଉପରେ ରାଜା ଆଉ ନିର୍ଭରଶୀଳ ହେବେ ନାହିଁ ବୋଲି ଆଶଙ୍କା ପ୍ରକାଶ କରି ସଂସଦ ତାଙ୍କ କାର୍ଯ୍ୟର ଦୃଢ଼ ପ୍ରତିରୋଧ କରିବା ପାଇଁ ସ୍ଥିର କରିଥିଲା। କିନ୍ତୁ ଚତୁର୍ଥ ଅଧିବେଶନରେ ଏହି ପ୍ରସଙ୍ଗର କୌଣସି ସମାଧାନ ହୋଇପାରି ନ ଥିଲା। ଏହି ପ୍ରସଙ୍ଗ ଦୀର୍ଘ ୩୦ ବର୍ଷ ଧରି ଅମୀମାଂସିତ ହୋଇ ରହିଥିଲା ଏବଂ ପ୍ରତ୍ୟେକ ସଂସଦରେ ରାଜାଙ୍କୁ ଏହି କାରଣରୁ ବିରୋଧର ସମ୍ମୁଖୀନ ହେବାକୁ ପଡୁଥିଲା।

ରାଜକୀୟ ଘୋଷଣା ଦ୍ୱାରା ଇଂଲଣ୍ଡର ଶୁଳ୍କର ପରିମାଣ ହ୍ରାସ ବା ବୃଦ୍ଧି କରିବାର କ୍ଷମତା ରାଜାଙ୍କର ଥିଲା। ଅତୀତରୁ ଏହି ପରମ୍ପରା ଇଂଲଣ୍ଡରେ ପ୍ରଚଳିତ ଜେମସ୍‌ଙ୍କର ପୂର୍ବବର୍ତ୍ତୀ ଶାସକମାନେ ଏହି କ୍ଷମତା ପ୍ରୟୋଗ କରିଆସିଥିଲେ। ତେଣୁ ପରମ୍ପରା ଦୃଷ୍ଟିରୁ ରାଜାଙ୍କର କାର୍ଯ୍ୟ ନିଃସନ୍ଦେହରେ ନ୍ୟାୟସଙ୍ଗତ ଥିଲା। କିନ୍ତୁ ଜେମସ୍‌ଙ୍କର ପୂର୍ବବର୍ତ୍ତୀ ଶାସକମାନେ ଯେଉଁ ଉଦ୍ଦେଶ୍ୟରେ ଏହି କ୍ଷମତା ପ୍ରୟୋଗ କରି ଆସୁଥିଲେ, ଜେମସ୍‌ଙ୍କର ସେହି ଉଦ୍ଦେଶ୍ୟ ଏଥିରେ ନ ଥିଲା। ଜେମସ୍‌ଙ୍କର ପୂର୍ବବର୍ତ୍ତୀ ଶାସକମାନେ ନିଜ ଦେଶର ବ୍ୟବସାୟ ବାଣିଜ୍ୟକୁ ନିୟନ୍ତ୍ରଣରେ ରଖି ତାହାର ଅଭିବୃଦ୍ଧି ସାଧନ କରିବା ଲକ୍ଷ୍ୟ ଥିବାବେଳେ, ଜେମସ୍‌ଙ୍କର ଏକମାତ୍ର ଲକ୍ଷ୍ୟ ଥିଲା କୌଣସି ପ୍ରକାରରେ ଅତିରିକ୍ତ ଶୁଳ୍କଧାର୍ଯ୍ୟ କରି ନିଜର ଆୟ ବୃଦ୍ଧି କରିବା। ତେଣୁ ଏହି ପରିପ୍ରେକ୍ଷୀରେ ଜେମସ୍‌ଙ୍କର କାର୍ଯ୍ୟକୁ ବିଚାର କଲେ ନିଃସନ୍ଦେହରେ କୁହାଯିବ ଯେ ସେ ପାରମ୍ପରିକ ସାମ୍ବିଧାନିକ ବହିର୍ଭୂତ କ୍ଷମତା ପ୍ରୟୋଗ କରିଥିଲେ। ମାତ୍ର ବିଚାରପତିମାନେ ତାଙ୍କର ଉଦ୍ଦେଶ୍ୟକୁ ବିଚାର ନ କରି, କେବଳ ତାଙ୍କର କାର୍ଯ୍ୟକୁ ବିଚାର କରି ଏହା ପରମ୍ପରାସମ୍ମତ ହୋଇଥିବା ଦୃଷ୍ଟିରୁ ତାଙ୍କ ସପକ୍ଷରେ ରାୟ ଦେଇଥିଲେ।

ଦ୍ୱିତୀୟ ସଂସଦ (The Second Parliament) :

ଜେମସ୍ ୧୬୧୧ ଖ୍ରୀ:ଅ:ରେ ତାଙ୍କର ପ୍ରଥମ ସଂସଦକୁ ଭାଙ୍ଗି ଦେଇଥିଲେ। ପ୍ରଥମ ସଂସଦ ସହ ତାଙ୍କର ତିକ୍ତ ଅନୁଭୂତି ହୋଇଥିବା ହେତୁ ଜେମସ୍ ଆଉ ଏକ ସଂସଦ ଆହୂତ କରିବା ନିମନ୍ତେ ଏକାନ୍ତ ଭାବରେ ଅନାଗ୍ରହୀ ଥିଲେ। ମାତ୍ର ଆର୍ଥିକ ପରିସ୍ଥିତି ଶୋଚନୀୟ ହୋଇପଡ଼ିବାରୁ ସେ ବାଧ୍ୟହୋଇ ଦ୍ୱିତୀୟ ସଂସଦ ଆହ୍ୱାନ କରିଥିଲେ। ଏପ୍ରିଲ ମାସ ୧୬୧୪ ଖ୍ରୀ:ଅ:ରେ ଏହି ଦ୍ୱିତୀୟ ସଂସଦ ମିଳିତ ହୋଇଥିଲା। ତାଙ୍କର ବନ୍ଧୁମାନେ ଏହି ଦ୍ୱିତୀୟ ସଂସଦର ସଦସ୍ୟମାନଙ୍କୁ ପ୍ରଭାବିତ କରି ତାଙ୍କର ଅଭିଳଷିତ କାର୍ଯ୍ୟ କରାଇ ନେବେ ବୋଲି ପୂର୍ବରୁ ଯେଉଁ ପ୍ରତିଶ୍ରୁତି ଦେଇଥିଲେ, ସେଥିରେ ବିଫଳ ହେବାରୁ, ଜେମସ୍ଙ୍କୁ ଦ୍ୱିତୀୟ ସଂସଦରେ ପ୍ରବଳ ବିରୋଧର ସମ୍ମୁଖୀନ ହେବାକୁ ପଡ଼ିଥିଲା। ସଂସଦର ସଦସ୍ୟମାନେ ସଂସଦର ଅନୁମୋଦନ ବିନା ଅତିରିକ୍ତ ଶୁଳ୍କ (Imposition) ଧାର୍ଯ୍ୟ କରିବାର ଅଧିକାର ରାଜାଙ୍କର ନାହିଁ ବୋଲି ମତବ୍ୟକ୍ତ କରିବା ସଙ୍ଗେ ସଙ୍ଗେ ସେମାନଙ୍କର ଆପତ୍ତି ଅଭିଯୋଗର ବିଚାର ନ ହେଲେ ସେମାନେ ରାଜାଙ୍କୁ ଅର୍ଥ ମଞ୍ଜୁର କରିବେ ନାହିଁ ବୋଲି ସ୍ପଷ୍ଟ ଭାବରେ ଘୋଷଣା କଲେ। ସଦସ୍ୟମାନେ ଅର୍ଥ ମଞ୍ଜୁର କରିବା ପୂର୍ବରୁ ସେମାନଙ୍କର ଆପତ୍ତି ଅଭିଯୋଗଗୁଡ଼ିକର ବିଚାର ପାଇଁ ଦାବୀ କରିବା ଫଳରେ ଜେମସ୍ ଅତ୍ୟନ୍ତ କ୍ଷୁବ୍ଧ ହୋଇ ମାତ୍ର ଦୁଇମାସ ପରେ ଅର୍ଥାତ୍ ସେହି ବର୍ଷ ଜୁନ୍ ମାସରେ ଏହି ଦ୍ୱିତୀୟ ସଂସଦକୁ ଭାଙ୍ଗିଦେଲେ। ଏହାବ୍ୟତୀତ ଏଲିଜାବେଥ୍ଙ୍କର ନୀତିର ଅନୁକରଣରେ ସଂସଦର ଚାରିଜଣ ସଦସ୍ୟଙ୍କୁ ଅସଦାଚରଣ ଅଭିଯୋଗରେ ବନ୍ଦୀ କରିଥିଲେ। ଏହି ଦ୍ୱିତୀୟ ସଂସଦ କୌଣସି କାର୍ଯ୍ୟ କିମ୍ବା ଆଇନ ପ୍ରଣୟନ କରି ନ ଥିବା ଦୃଷ୍ଟିରୁ ଏହାକୁ ''ନିଷ୍ଫଳ ସଂସଦ'' (Addled Parliament) ବୋଲି ଅଭିହିତ କରାଯାଏ।

ତୃତୀୟ ସଂସଦ, ୧୬୨୧ ଖ୍ରୀ:ଅ: (Third Parliament, 1621 A.D.) :

ଜେମସ୍ଙ୍କ ଦ୍ୱାରା ୧୬୨୧ ଖ୍ରୀ:ଅ:ରେ ତୃତୀୟ ସଂସଦ ଆହୂତ ହୋଇଥିଲା। ଇତିମଧ୍ୟରେ ବାଣିଜ୍ୟର ଦ୍ରୁତ ଅଭିବୃଦ୍ଧି ଘଟିବା ଦ୍ୱାରା ଶୁଳ୍କରୁ ଆଦାୟ ହେଉଥିବା ଅର୍ଥର ପରିମାଣ ଅତ୍ୟଧିକ ବୃଦ୍ଧି ପାଇଥିଲା। ତେଣୁ ଏହି ଶୁଳ୍କ ଆଦାୟରୁ ହେଉଥିବା ଆୟ ସାହାଯ୍ୟରେ ଜେମସ୍ ଶାସନ କାର୍ଯ୍ୟ ପରିଚାଳନା କରିବାରେ ସକ୍ଷମ ହେବାଦ୍ୱାରା ଦ୍ୱିତୀୟ ସଂସଦ ଭଙ୍ଗ କରିବା ପରେ ଆଉ ସଂସଦ ଆହ୍ୱାନ କରିବାର ଆବଶ୍ୟକତା ଅନୁଭବ କରି ନ ଥିଲେ। ମାତ୍ର ଦ୍ୱିତୀୟ ସଂସଦର ସହାୟତା ବିନା ଦୀର୍ଘ ସାତବର୍ଷ କାଳ ଶାସନ କରିବା ପରେ ଯେତେବେଳେ ଯୁଦ୍ଧର ଆୟୋଜନ ନିମନ୍ତେ ଅର୍ଥର ଆବଶ୍ୟକତା ପଡ଼ିଲା, ସେତେବେଳେ ସେ ତୃତୀୟ ସଂସଦ ଆହୂତ କରିବା ନିମନ୍ତେ ବାଧ୍ୟ ହୋଇଥିଲେ। ଇଂରେଜମାନଙ୍କର ଦାବୀ ସତ୍ତ୍ୱେ ଜେମସ୍ ସ୍ୱିୟ ଜାମାତା ତଥା ଜର୍ମାନୀର ପ୍ରୋଟେଷ୍ଟାଣ୍ଟ ଦଳର ମୁଖ୍ୟ ପାଲାଟିନେଟ୍‌ର ଇଲେକ୍ଟର ଫ୍ରେଡ଼ରିକ୍ ପଞ୍ଚମଙ୍କ ପକ୍ଷଭୁକ୍ତ ହୋଇ ତିରିଶ ବର୍ଷ ବ୍ୟାପୀ ଯୁଦ୍ଧରେ ଯୋଗ ନ ଦେଇ ତାଙ୍କର ପ୍ରତିପକ୍ଷ ଶକ୍ତିଶାଳୀ କ୍ୟାଥୋଲିକ୍ ଦେଶ ସ୍ପେନ୍ ସହ ବନ୍ଧୁତ୍ୱପୂର୍ଣ୍ଣ ସଂପର୍କ ପ୍ରତିଷ୍ଠା କରି ଏହି ବିବାଦର ସମାଧାନ ଶାନ୍ତିପୂର୍ଣ୍ଣ ଉପାୟରେ କରିବା ନିମନ୍ତେ ଉଦ୍ୟମ କରିଥିଲେ। ମାତ୍ର ବିବାଦର ଶାନ୍ତିପୂର୍ଣ୍ଣ ସମାଧାନ ନିମନ୍ତେ ତାଙ୍କର ଉଦ୍ୟମ ଜାରି ରହିଥିବା ସମୟରେ ୧୬୨୦ ଖ୍ରୀ:ଅ:ରେ ସ୍ପେନ ଯେତେବେଳେ ପାଲାଟିନେଟ୍ ଆକ୍ରମଣ କଲା, ସେଥିରେ ସେ କ୍ଷୁବ୍ଧ ହୋଇ ଯୁଦ୍ଧ କରିବା ନିମନ୍ତେ ସ୍ଥିର କରିଥିଲେ। ଏହି ଯୁଦ୍ଧର ପ୍ରସ୍ତୁତି ନିମନ୍ତେ ଆବଶ୍ୟକୀୟ ଅର୍ଥ ଯୋଗାଇ ଦେବାକୁ ସେ ତୃତୀୟ ସଂସଦ ଆହ୍ୱାନ କରିଥିଲେ।

ପୂର୍ବରୁ ଜେମସ୍ଙ୍କର କାର୍ଯ୍ୟକଳାପ ଯୋଗୁଁ ସଂସଦର ସଦସ୍ୟମାନେ ତାଙ୍କ ଉପରେ କ୍ରୋଧାନ୍ୱିତ ହୋଇ ରହିଥିଲେ। କାରଣ ଯେଉଁଭଳି ଭାବରେ ସେ ନିଜର ସ୍ୱାର୍ଥ ଜଡ଼ିତ ଥିବା ଦୁଇଟି ମୋକଦ୍ଦମାରେ ବିଚାରପତିମାନଙ୍କୁ ପ୍ରଭାବିତ କରିବା ନିମନ୍ତେ ଉଦ୍ୟମ କରିଥିଲେ ସେଥିରେ ତାଙ୍କ ପ୍ରତି ସଦସ୍ୟମାନଙ୍କ ମନରେ କ୍ରୋଧ ଜାତ ହୋଇଥିଲା। ୧୬୧୫ ଖ୍ରୀ:ଅ:ରେ ପିଚାମ୍ ନାମକ ଜନୈକ ପିଉରିଟାନ ଧର୍ମାଚାର୍ଯ୍ୟଙ୍କ ବିରୋଧରେ ଆଗତ ହୋଇଥିବା ଏକ ମିଥ୍ୟା ମୋକଦ୍ଦମାର ବିଚାର ଚାଲିଥିବା ସମୟରେ ଜେମସ୍ ବିଚାରପତିମାନଙ୍କୁ ଏ ସଂପର୍କରେ ତାଙ୍କ ସହିତ ପୃଥକ୍ ଭାବରେ ପରାମର୍ଶ କରିବା ନିମନ୍ତେ ଆଦେଶ ଦେଇଥିଲେ। ମୁଖ୍ୟ ବିଚାରପତିଙ୍କ ବ୍ୟତୀତ ଅନ୍ୟ ବିଚାରପତିମାନେ ଆଦେଶ ମାନି ତାଙ୍କ ସହ ପରାମର୍ଶ

କରିଥିଲେ। ମୁଖ୍ୟ ବିଚାରପତି କୋକ୍ ରାଜାଙ୍କର ଆଦେଶର ପ୍ରତିବାଦ କରିଥିଲେ ଏବଂ ପରେ ପିଚାମ୍‌ଙ୍କ ବିରୁଦ୍ଧରେ ଆଗତ ଅଭିଯୋଗର କୌଣସି ବିଚାରଯୋଗ୍ୟ ପ୍ରମାଣ ନାହିଁ ବୋଲି ମତ ଦେଇଥିଲେ। ୧୬୧୬ ଖ୍ରୀ:ଅ:ରେ ''ନିର୍ଦ୍ଦିଷ୍ଟ ଯାଜକୀୟ ବୃତ୍ତିଧାରୀ ବ୍ୟକ୍ତିଙ୍କ ଅନୁପସ୍ଥିତିରେ ଯାଜକୀୟ ବୃତ୍ତିର କାର୍ଯ୍ୟକାଳ'' ସଂପର୍କୀୟ ଏକ ମୋକଦ୍ଦମାର ବିଚାର ଚାଲିଥିବା ସମୟରେ ପୁନର୍ବାର ଜେମସ୍ ବିଚାରପତିମାନଙ୍କୁ ତାଙ୍କ ସହ ଏହି ସଂକ୍ରାନ୍ତରେ ପରାମର୍ଶ କରିବା ଲାଗି ଆଦେଶ ଦେଇଥିଲେ। ମାତ୍ର ବିଚାରପତିମାନେ ଏହି ଆଦେଶକୁ ଗ୍ରହଣ ନ କରିବା ଫଳରେ ଜେମସ୍ ସେମାନଙ୍କୁ ଭର୍ତ୍ସନା କରିଥିଲେ। ଅବଶ୍ୟ ପରେ ମୁଖ୍ୟ ବିଚାରପତିଙ୍କ ବ୍ୟତୀତ ଅନ୍ୟ ବିଚାରପତିମାନେ ରାଜାଙ୍କର ଆଦେଶ ପାଳନ କରିବାକୁ ସମ୍ମତ ହୋଇଥିଲେ। ମାତ୍ର ମୁଖ୍ୟ ବିଚାରପତି କୋକ୍ ରାଜାଙ୍କର କାର୍ଯ୍ୟ ଆଇନବିରୋଧୀ ଏବଂ ବିଚାରପତି ଭାବରେ ତାଙ୍କର ବିବେକ ଅନୁମୋଦିତ ନ୍ୟାୟ ଦେବେ ବୋଲି ମତବ୍ୟକ୍ତ କରିଥିଲେ। ଏହାପରେ କୋକ୍‌ଙ୍କୁ ମୁଖ୍ୟ ବିଚାରପତି ପଦବୀରୁ ବହିଷ୍କାର କରାଯାଇଥିଲା। ଅବଶ୍ୟ ଏହି କ୍ଷେତ୍ରରେ ଇଂଲଣ୍ଡର ଐତିହାସିକ ପରମ୍ପରା ରାଜାଙ୍କ ସପକ୍ଷରେ ଥିଲା, କାରଣ ଏହି ପ୍ରକାର ପ୍ରଥା ଇଂଲଣ୍ଡରେ ପ୍ରଚଳିତ ଥିଲା। ଜେମସ୍‌ଙ୍କର ପୂର୍ବବର୍ତ୍ତୀ ଶାସକମାନେ ବିଚାରପତିମାନଙ୍କ ସହ ପରାମର୍ଶ କରୁଥିଲେ। ଲର୍ଡସ ସଭା ଅନେକ ଥର ଏହି ପ୍ରକାର ପରାମର୍ଶ କରିଥିଲା। ଏପରିକି ନିଜେ କୋକ୍ ମଧ୍ୟ ପୂର୍ବରୁ ରାଜାଙ୍କର ପ୍ରତିନିଧି ଭାବରେ ବିଚାରପତିମାନଙ୍କ ସହିତ ପରାମର୍ଶ କରିଥିଲେ। ମାତ୍ର ଜେମସ୍ ଯେଉଁଭଳି ଭାବରେ ଏହି କ୍ଷମତା ପ୍ରୟୋଗ କରିବାକୁ ଉଦ୍ୟମ କରିଥିଲେ, ତାହା ପ୍ରଚଳିତ ପ୍ରଥାଠାରୁ ସମ୍ପୂର୍ଣ୍ଣ ଅଲଗା ଥିଲା। ଅବଶ୍ୟ ବିଚାରପତିମାନେ ପରାମର୍ଶ ଦେଇପାରନ୍ତି, କିନ୍ତୁ ସେମାନେ ସାଧାରଣ ଆଇନ ପରାମର୍ଶଦାତା ନୁହଁନ୍ତି। ସେମାନେ କେତେକ କ୍ଷେତ୍ରରେ ଆଇନ ପ୍ରଣୟନ ମଧ୍ୟ କରନ୍ତି। ଆଇନର ଅର୍ଥ ତଥା ବାଖ୍ୟା ନିର୍ଣ୍ଣୟ କରିବାର ଦାୟିତ୍ୱ ମଧ୍ୟ ସେମାନଙ୍କଠାରେ ନ୍ୟସ୍ତ ଥିଲା। ଆଇନ ସମ୍ବନ୍ଧୀୟ କୌଣସି ବ୍ୟାପାରରେ ସନ୍ଦେହ ସୃଷ୍ଟି ହେଲେ କିମ୍ବା ନିଜ କାର୍ଯ୍ୟର ବୈଧାନିକ ସୀମା ବିଷୟରେ ଅବହିତ ହୋଇ ସେହି ଅନୁସାରେ କାର୍ଯ୍ୟ କରିବା ନିମନ୍ତେ ବିଚାରପତିମାନଙ୍କର ପରାମର୍ଶ ଦେବା ଅପରାଧ ନୁହେଁ। ରାଜାଙ୍କର ବିଚାରପତିମାନଙ୍କୁ ବହିଷ୍କାର କରିବାର କ୍ଷମତା ଥିବାବେଳେ ସେ ପରାମର୍ଶ କରିବାର ଛଳନା କରି ସେମାନଙ୍କୁ କୌଣସି ମୋକଦ୍ଦମା ସଂକ୍ରାନ୍ତରେ ପ୍ରଭାବିତ କରିବା ନିମନ୍ତେ ହୀନ ଉଦ୍ୟମ କରିବା ନିଃସନ୍ଦେହରେ ବିପଦଜନକ ଅଟେ। ରାଜାଙ୍କର ଏହିଭଳି ପଦକ୍ଷେପ ଦ୍ୱାରା ପଦଚ୍ୟୁତ ହେବା ଭୟରେ ବିଚାରପତିମାନେ ସ୍ୱାଧୀନ, ନିର୍ଭୀକ ତଥା ନିରପେକ୍ଷ ନ୍ୟାୟଦାନ କରିବାରୁ ବିରତ ରହିବାକୁ ବାଧ୍ୟ ହେବେ। ଷ୍ଟୁଆର୍ଟ ରାଜାମାନେ ଏହିପରି ଭାବରେ କ୍ଷମତାର ଅପପ୍ରୟୋଗ କରିବା ଦ୍ୱାରା ସାମ୍ବିଧାନିକ ସଂଘର୍ଷ ଅବଶ୍ୟମ୍ଭାବୀ ହୋଇପଡ଼ିଥିଲା। ଅବଶେଷରେ ଅନ୍ୟାନ୍ୟ ସାମ୍ବିଧାନିକ ପ୍ରଶ୍ନ ସହ ଏହି ପ୍ରଶ୍ନର ସମାଧାନ ହୋଇ ସଂଘର୍ଷର ଅନ୍ତ ଘଟିଥିଲା ଏବଂ ଇଂଲଣ୍ଡରେ ସ୍ୱାଧୀନ ତଥା ନିରପେକ୍ଷ ବିଚାର ବିଭାଗ ପ୍ରତିଷ୍ଠା ସମ୍ଭବ ହୋଇପାରିଥିଲା। ବିଚାର ବିଭାଗ କାର୍ଯ୍ୟରେ ଏହିପରି ଅଯଥା ହସ୍ତକ୍ଷେପ କରିବା ବ୍ୟତୀତ ଜେମସ୍ ସ୍ପେନ୍ ରାଜଦୂତ ଗୋଣ୍ଡୋମାରଙ୍କୁ ଇଂଲଣ୍ଡ ରାଜଦରବାରରେ ପ୍ରଭାବ ବିସ୍ତାର କରିବାକୁ ପ୍ରଶୟ ଦେବା, ତାଙ୍କ ଇଙ୍ଗିତରେ ଏଲିଜାବେଥ୍ ଯୁଗର ବିଶିଷ୍ଟ ବ୍ୟକ୍ତି ସାର୍ ୱାଲଟର୍ ରାଲେଙ୍କୁ ମୃତ୍ୟୁଦଣ୍ଡ ପ୍ରଦାନ କରିବା ତଥା ତିରିଶ ବର୍ଷବ୍ୟାପୀ ଯୁଦ୍ଧରେ ଯୋଗଦାନ କରିବାକୁ ଅନାଗ୍ରହ ପ୍ରକାଶ କରିବା ହେତୁ ମଧ୍ୟ ତାଙ୍କ ପ୍ରତି ସଂସଦର ସଦସ୍ୟମାନେ ଅସନ୍ତୁଷ୍ଟ ଥିଲେ।

ଏହିଭଳି ପରିସ୍ଥିତିରେ ଜେମସ୍ ପାଲାଟିନେଟ୍‌କୁ ସ୍ପେନ ଅଧିନରୁ ମୁକ୍ତ କରିବା ନିମନ୍ତେ ଯେଉଁ ପରିମାଣରେ ଅର୍ଥ ଆବଶ୍ୟକ କରୁଥିଲେ, ସଂସଦ ତାହାକୁ ମଞ୍ଜୁର କରିବାକୁ କୁଣ୍ଠିତ ହେବା ସ୍ୱାଭାବିକ ଥିଲା। ଜେମସ୍ ଯୁଦ୍ଧ ପ୍ରସ୍ତୁତି ନିମନ୍ତେ ସଂସଦକୁ ୫୦୦,୦୦୦ ପାଉଣ୍ଡ ଅର୍ଥ ମଞ୍ଜୁର କରିବା ନିମନ୍ତେ ଆବେଦନ କରିଥିବା ବେଳେ, ସଂସଦ ମାତ୍ର ୧,୬୦,୦୦୦ ପାଉଣ୍ଡ ଅର୍ଥ ମଞ୍ଜୁର କରି ତାଙ୍କ ବିରୋଧରେ ଥିବା ଆପତ୍ତି ଅଭିଯୋଗଗୁଡ଼ିକର ବିଚାର କରିବା ପାଇଁ ଦାବୀ କଲା ଏବଂ ଏକାଧିକାର ପ୍ରଦାନ କ୍ଷେତ୍ରରେ ସେ କ୍ଷମତାର ଯେଉଁଭଳି ଅପପ୍ରୟୋଗ କରିବାରେ ଲାଗିଥିଲେ, ସର୍ବପ୍ରଥମେ ସେହି ପ୍ରଶ୍ନ ଉତ୍ଥାପନ କଲା। ସଂସଦର ବିନା ଅନୁମୋଦନରେ ଯେଉଁସବୁ ଉପାୟରେ ଜେମସ୍ ଅର୍ଥ ସଂଗ୍ରହ କରିବାରେ ଲାଗିଥିଲେ,

ତନ୍ମଧ୍ୟରୁ ଏହା ଅନ୍ୟତମ ଥିଲା। କିନ୍ତୁ ଏହି କ୍ଷେତ୍ରରେ କ୍ଷମତାର ଅପବ୍ୟବହାର କରି ସେ ଯେପରି ଅର୍ଥ ସଂଗ୍ରହ କରିବାର ଉଦ୍ୟମ କରୁଥିଲେ, ସେଥିରେ ସଂସଦ ଅତ୍ୟନ୍ତ କ୍ଷୁବ୍ଧ ହୋଇଥିଲା। ଏହି ସଂସଦରେ ଅବଶ୍ୟ ଏକାଧିକାର ପ୍ରଦାନ ବିରୁଦ୍ଧରେ କୌଣସି ଆଇନ ପ୍ରଣୟନ କରାଯାଇ ନ ଥିଲା। ମାତ୍ର ସଂସଦ ଏକାଧିକାର ଉପଭୋଗ କରୁଥିବା ମୋମ୍ପସନ ନାମକ ଜନୈକ ବ୍ୟକ୍ତିଙ୍କ ପ୍ରତି ଦଣ୍ଡବିଧାନ କରିବା ନିମନ୍ତେ ସଂକଳ୍ପବଦ୍ଧ ହୋଇ ଏହି ଉଦ୍ଦେଶ୍ୟରେ ''ମହାଭିଯୋଗ'' (Impeachment) ପଦ୍ଧତିର ପୁନଃ ପ୍ରଚଳନ ନିମନ୍ତେ ଉଦ୍ୟମ କରିଥିଲା।

ଚତୁର୍ଦ୍ଦଶ ଶତାବ୍ଦୀରେ ରାଜାଙ୍କ କାର୍ଯ୍ୟକଳାପକୁ ନିୟନ୍ତ୍ରଣ କରିବା ନିମନ୍ତେ ଏହି ''ମହାଭିଯୋଗ'' ବ୍ୟବସ୍ଥାର ସୃଷ୍ଟି ହୋଇଥିଲା। ରାଜାଙ୍କର ସଂସଦ ବିରୋଧୀ ନୀତିର ପ୍ରତିରୋଧ କରିବା ତଥା ତାଙ୍କୁ ଏଥିରୁ ନିବୃତ୍ତ କରାଇବା ନିମନ୍ତେ ମଧ୍ୟଯୁଗରେ ଏହା ସର୍ବୋତ୍ତମ ବ୍ୟବସ୍ଥା ଥିଲା। ସୀମିତ ରାଜତନ୍ତ୍ର ପ୍ରତିଷ୍ଠା ଲାଗି ଏହାକୁ ଏକ ଉଦ୍ୟମ କହିଲେ ଅତ୍ୟୁକ୍ତି ହେବନାହିଁ। ରାଜାଙ୍କୁ କୌଣସି ଅନୈତିକ କାର୍ଯ୍ୟ ନିମନ୍ତେ ଦାୟୀ କରି ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ କରିବା ଅତ୍ୟନ୍ତ କଷ୍ଟସାଧ୍ୟ ବ୍ୟାପାର ଥିଲା। କାରଣ ଏହାଦ୍ୱାରା ବିପ୍ଳବ କିମ୍ବା ଅର୍ନ୍ତଯୁଦ୍ଧର ସୂତ୍ରପାତ ହେବାର ସମ୍ଭାବନା ଥିଲା। ତେଣୁ ରାଜାଙ୍କର ଆଦେଶକୁ କାର୍ଯ୍ୟକାରୀ କରୁଥିବା ମନ୍ତ୍ରୀମାନଙ୍କୁ ରାଜାଙ୍କ କାର୍ଯ୍ୟ ନିମନ୍ତେ ଦାୟୀ କରି ଓ ସେମାନଙ୍କ ପ୍ରତି ଦଣ୍ଡବିଧାନ କରି ରାଜାଙ୍କୁ ଉକ୍ତ କାର୍ଯ୍ୟରୁ ବିରତ କରାଇବାର ଯୋଜନା କରାଯାଇଥିଲା। ଏହି ଉଦ୍ଦେଶ୍ୟର ପରିପୂରଣ ନିମନ୍ତେ ମହାଭିଯୋଗ ବ୍ୟବସ୍ଥା ଉଦ୍ଦିଷ୍ଟ ଥିଲା। ଏହାକୁ ଏକ ଆୟୁଧ ଭାବରେ ପ୍ରୟୋଗ କରି ସଂସଦ ମନ୍ତ୍ରୀମାନଙ୍କୁ ତାହାଠାରେ ଉତ୍ତରଦାୟୀ ରଖି ଦାୟିତ୍ୱହୀନ ଏବଂ ସ୍ୱେଚ୍ଛାଚାରୀ ରାଜାଙ୍କ କାର୍ଯ୍ୟରେ ବାଧା ସୃଷ୍ଟି କରିପାରିଲା। ଏହି ବ୍ୟବସ୍ଥା ଆଧୁନିକ ମନ୍ତ୍ରୀମଣ୍ଡଳୀୟ ଶାସନ ବ୍ୟବସ୍ଥା ପରି ମନ୍ତ୍ରୀମଣ୍ଡଳୀୟ ଉତ୍ତରଦାୟିତ୍ୱ ତତ୍ତ୍ୱ ଉପରେ ପ୍ରତିଷ୍ଠିତ ଥିଲା। କିନ୍ତୁ ଉତ୍ପତ୍ତି ଏବଂ ବିଶେଷତ୍ୱ ଦୃଷ୍ଟିରୁ ଏହି ଦୁଇଗୋଟି ବ୍ୟବସ୍ଥାର କାର୍ଯ୍ୟକାରିତାରେ ଫରକ ପରିଲକ୍ଷିତ ହୁଏ। ବାହ୍ୟ ଦୃଷ୍ଟିକୋଣରୁ ଆଧୁନିକ ମନ୍ତ୍ରୀମଣ୍ଡଳ ରାଜାଙ୍କ ନିକଟରେ ଉତ୍ତରଦାୟୀ ଥିବାବେଳେ ସଂସଦ ନିକଟରେ ପରୋକ୍ଷ ଭାବରେ ଉତ୍ତରଦାୟୀ ଥିଲେ। କିନ୍ତୁ ମଧ୍ୟଯୁଗରେ ମହାଭିଯୋଗ ବ୍ୟବସ୍ଥା ଦ୍ୱାରା ମନ୍ତ୍ରୀମାନେ ସଂସଦ ନିକଟରେ ପ୍ରତ୍ୟକ୍ଷ ଭାବରେ ଦାୟୀ ଥିଲେ। ମହାଭିଯୋଗ ବ୍ୟବସ୍ଥାରେ ଫୌଜଦାରୀ ମୋକଦ୍ଦମା ଅନୁରୂପ କାର୍ଯ୍ୟବିଧି ଅନୁସରଣ ହେଉଥିଲା। କମନ୍‌ସ ସଭା ମନ୍ତ୍ରୀମାନଙ୍କ ବିରୋଧରେ ଅଭିଯୋଗ ଆଗତ କରୁଥିଲା ଏବଂ ଲର୍ଡସ ସଭା ନ୍ୟାୟାଳୟ ଭାବରେ ଅଭିଯୋଗଗୁଡ଼ିକର ବିଚାର କରି ଅଭିଯୁକ୍ତ ମନ୍ତ୍ରୀମାନଙ୍କୁ ଦୋଷୀ ସାବ୍ୟସ୍ତ କରି ଦଣ୍ଡବିଧାନ କରୁଥିଲା କିମ୍ବା ପ୍ରମାଣ ଅଭାବରୁ ଖଲାସ କରିଦେଉଥିଲା। ଏହିଭଳି ଭାବରେ ମଧ୍ୟଯୁଗରେ ମନ୍ତ୍ରୀମାନେ ସଂସଦ ନିକଟରେ ପ୍ରତ୍ୟକ୍ଷ ଭାବରେ ଉତ୍ତରଦାୟୀ ରହିଥିଲେ।

ରାଜା ଏବଂ ସଂସଦ ମଧ୍ୟରେ ପଞ୍ଚଦଶ ଶତାବ୍ଦୀର ମଧ୍ୟଭାଗରୁ ଆଉ ସେହିଭଳି ଗୁରୁତର ମତଭେଦ ଉପୁଜି ନ ଥିବାରୁ ମହାଭିଯୋଗ ବ୍ୟବସ୍ଥାର ଆବଶ୍ୟକତା ଅନୁଭୂତ ହେଲା ନାହିଁ। ତେଣୁ ମହାଭିଯୋଗ ବ୍ୟବସ୍ଥାକୁ ସ୍ଥଗିତ ରଖାଯାଇଥିଲା। ଯଦି କୌଣସି କର୍ମଚାରୀଙ୍କ ପ୍ରତି ଦଣ୍ଡବିଧାନ କରିବାର ଆବଶ୍ୟକତା ହେଉଥିଲା, ତାହାଲେ ମହାଭିଯୋଗ ବ୍ୟବସ୍ଥା ପରିବର୍ତ୍ତେ ''ଆଟେଣ୍ଡର୍ ବିଧେୟକ'' (Bill of Attainder) ଆଗତ କରିବାର ବ୍ୟବସ୍ଥା ହୋଇଥିଲା। ଏହି ବ୍ୟବସ୍ଥା ଅନୁଯାୟୀ ଅଭିଯୁକ୍ତ କର୍ମଚାରୀଙ୍କୁ ଦୋଷୀ ଘୋଷଣା କରି ଏବଂ ତାଙ୍କ ବିରୁଦ୍ଧରେ ଏକ ନିର୍ଦ୍ଦିଷ୍ଟ ଦଣ୍ଡର ବ୍ୟବସ୍ଥା କରି ଏକ ପ୍ରସ୍ତାବ ବିଧେୟକ ଆକାରରେ ଆଗତ କରାଯାଉଥିଲା। ''ଆଟେଣ୍ଡର ବିଧେୟକ'' ନାମରେ ପ୍ରଣୀତ ଏହି ବିଧେୟକଟି ସଂସଦର ଉଭୟ ସଭାରେ ଗୃହୀତ ହୋଇ ରାଜାଙ୍କ ସ୍ୱୀକୃତି ପାଇଲେ ଆଇନରେ ପରିଣତ ହେଉଥିଲା ଏବଂ ଏହି ଆଇନର ବ୍ୟବସ୍ଥା ଅନୁଯାୟୀ ଦଣ୍ଡ ଉକ୍ତ କର୍ମଚାରୀଙ୍କୁ ଭୋଗ କରବିାକୁ ପଡୁଥିଲା। ମହାଭିଯୋଗ ବ୍ୟବସ୍ଥାଠାରୁ ଆଟେଣ୍ଡର ବିଧେୟକ ଅଧିକ ସୁବିଧାଜନକ ଥିଲା ଏବଂ ଅତି ଅଳ୍ପ ସମୟ ମଧ୍ୟରେ ଏହା କାର୍ଯ୍ୟକାରୀ ହୋଇପାରୁଥିଲା। କାରଣ ମହାଭିଯୋଗ ବ୍ୟବସ୍ଥାରେ ଅଭିଯୁକ୍ତ ବ୍ୟକ୍ତିର ଦୋଷ ପ୍ରମାଣ କରିବା ନିମନ୍ତେ ସାଧାରଣ ବିଚାରାଳୟର ପନ୍ଥା ସଦୃଶ ଯେଉଁସବୁ ପନ୍ଥା ଅନୁସରଣ କରାଯାଉଥିଲା ଆଟେଣ୍ଡର ବିଧେୟକ ନିମନ୍ତେ ସେସବୁର ଆବଶ୍ୟକତା ନ ଥିଲା।

ରାଜାଙ୍କ ସହିତ ସଂସଦର ବିବାଦ ସମୟରେ ମହାଭିଯୋଗ ବ୍ୟବସ୍ଥା ଅନୁସୃତ ହେଉଥିଲା କାରଣ ରାଜାଙ୍କୁ କୌଣସି କାର୍ଯ୍ୟ କରିବା ନିମନ୍ତେ ବାଧ କରିବା ନିମିତ୍ତ ଏହାକୁ ସଂସଦ ଅସ୍ତ୍ର ରୂପରେ ପ୍ରୟୋଗ କରୁଥିଲା । ଅନ୍ୟପକ୍ଷରେ ରାଜାଙ୍କର ସମ୍ମତି ନ ମିଳିଲେ ଆଟେଣ୍ଡର ବିଧେୟକ ଆଇନରେ ପରିଣତ ହୋଇପାରୁ ନ ଥିଲା । ତେଣୁ ରାଜା ଏବଂ ସଂସଦ ମଧ୍ୟରେ ସୁସମ୍ପର୍କ ଥିବା ସମୟରେ ହିଁ କେବଳ ଏହାର ପ୍ରଚଳନ ଥିଲା । ସପ୍ତଦଶ ଶତାବ୍ଦୀର ପ୍ରାରମ୍ଭରେ ରାଜା ଏବଂ ସଂସଦ ମଧ୍ୟରେ ବିବାଦର ସୂତ୍ରପାତ ହେବାମାତ୍ରେ ଆଟେଣ୍ଡର ବିଧେୟକର ବିଲୋପ ଘଟି ମହାଭିଯୋଗ ବ୍ୟବସ୍ଥାର ପୁନଃପ୍ରଚଳନ ହେଲା ।

Lionel Cramfield
(1575–1645 A.D.)

ଏହି ତୃତୀୟ ସଂସଦରେ ମୋମ୍ପସନ୍‌ଙ୍କ ବିରୁଦ୍ଧରେ ସର୍ବପ୍ରଥମେ ମହାଭିଯୋଗ କରାଯାଇ ତାଙ୍କ ପ୍ରତି ଦଣ୍ଡବିଧାନ କରାଯାଇଥିଲା । ମୋମ୍ପସନ୍‌ଙ୍କ ପରେ ତାଙ୍କର ସହକର୍ମୀ ମିଚେଲ୍ ଏବଂ ଦୁର୍ନୀତି ଅଭିଯୋଗରେ ଡକ୍ଟର ଲାୟନେଲ କ୍ରାନ୍ ଫିଲଡ୍ ନାମକ ଜନୈକ ବିଶପ ଏବଂ ଜନ ବେନେଟ ନାମକ ଜନୈକ ବିଚାରପତି ଏହି ବ୍ୟବସ୍ଥାରେ ଦଣ୍ଡିତ ହୋଇଥିଲେ । ଏହାପରେ ଉଚ୍ଚପଦସ୍ଥ ରାଜକର୍ମଚାରୀଙ୍କ ବିରୁଦ୍ଧରେ ଏହି ଅସ୍ତ୍ର ପ୍ରୟୋଗ କରିବା ନିମନ୍ତେ ବେଶୀ ବିଳମ୍ବ ଲାଗି ନ ଥିଲା । ଏହି ମହାଭିଯୋଗ ତତ୍କାଳୀନ ଲର୍ଡ ଚାନସେଲର ଫ୍ରାନସିସ୍ ବେକନ୍‌ଙ୍କ ପରି ପ୍ରଭାବଶାଳୀ ବ୍ୟକ୍ତିଙ୍କ ବିରୁଦ୍ଧରେ ଆଗତ କରିବାର ବ୍ୟବସ୍ଥା ହୋଇଥିଲା । ନ୍ୟାୟାଳୟରେ ଜନୈକ ବ୍ୟକ୍ତିଙ୍କ ବିଚାରାଧୀନ ଥିବା ଏକ ମୋକଦ୍ଦମାର ଫଇସଲା ନିମନ୍ତେ ତାଙ୍କଠାରୁ ଉତ୍କୋଚ ଗ୍ରହଣ କରିଥିବାର ଅଭିଯୋଗରେ ବେକନ୍‌ଙ୍କୁ ଅଭିଯୁକ୍ତ କରାଯାଇଥିଲା । ଏହି ଅଭିଯୋଗ ନିମନ୍ତେ ସେ ଲର୍ଡସ ସଭା ଦ୍ୱାରା ବିଚାରର ସମ୍ମୁଖୀନ ହୋଇଥିଲେ ଏବଂ ବିଚାରରେ ତାଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇ ତାଙ୍କୁ ଅର୍ଥଦଣ୍ଡ ତଥା ଜେଲଦଣ୍ଡରେ ଦଣ୍ଡିତ କରାଯାଇଥିଲା । ଯଦିଓ ରାଜା ତାଙ୍କୁ କାରାଗାରରୁ ମୁକ୍ତ କରିଥିଲେ, କିନ୍ତୁ କାର୍ଯ୍ୟରୁ ଅନ୍ତର କରିବାକୁ ବାଧ ହୋଇଥିଲେ । ଏହିପରି ଭାବରେ ସଂସଦ ମହାଭିଯୋଗ ବ୍ୟବସ୍ଥା ଅନୁଯାୟୀ ଅସଦାଚରଣ ଅଭିଯୋଗରେ ରାଜାଙ୍କର ମନ୍ତ୍ରୀ ଏବଂ କର୍ମଚାରୀଙ୍କ ପ୍ରତି ଦଣ୍ଡବିଧାନ କରିବାର ଅଧିକାର ଜାହିର କରିଥିଲା ।



Francis Bekon
(1561–1626 A.D.)

ଜେମସ୍ ଯୁଦ୍ଧ ପ୍ରସ୍ତୁତି ନିମନ୍ତେ ଆବଶ୍ୟକୀୟ ଅର୍ଥ ନିମନ୍ତେ ଯେଉଁ ଆବେଦନ କରିଥିଲେ ସେଥିପ୍ରତି ସଂସଦ ଆଦୌ କର୍ଣ୍ଣପାତ ନ କରି କେବଳ ତାଙ୍କର ଦୋଷତ୍ରୁଟିକୁ ସମାଲୋଚନା କରିବାରେ ଲିପ୍ତ ରହିବା ଦ୍ୱାରା ସେ କ୍ଷୁବ୍ଧ ହୋଇ ମେ ମାସରେ ଏହାର ବୈଠକ ମୁଲତବି ରଖିବା ନିମନ୍ତେ ନିଷ୍ପତ୍ତି ନେଇଥିଲେ ଏବଂ ନଭେମ୍ବର ମାସରେ ପୁନର୍ବାର ମିଳିତ ହେବାପାଇଁ ନିର୍ଦ୍ଦେଶ ଦେଇଥିଲେ । ଇତିମଧ୍ୟରେ ଜେମସ୍ ତାଙ୍କ ପୁତ୍ର ଚାର୍ଲସଙ୍କୁ ସ୍ପେନ୍‌ର ରାଜକନ୍ୟାଙ୍କ ସହ ବିବାହ ଦେଇ ସ୍ପେନ ସହ ବନ୍ଧୁତ୍ୱପୂର୍ଣ୍ଣ ସଂପର୍କ ପ୍ରତିଷ୍ଠା କରି ପାଲାଟିନେଟ୍‌କୁ ସ୍ପେନ୍ ନିୟନ୍ତ୍ରଣରୁ ମୁକ୍ତ କରିବା ଲାଗି ଯେଉଁ ଉଦ୍ୟମ କରୁଥିଲେ, ସେଥିରେ ସେ ବିଶେଷ ସଫଳ ହୋଇ ନ ଥିଲେ । ଏଣୁ ଜେମସ୍ ସଂସଦ ପୁନର୍ବାର ବୈଠକରେ ମିଳିତ ହେବା ସଙ୍ଗେ ସଙ୍ଗେ ଜେମସ୍ ଯୁଦ୍ଧର ପ୍ରସ୍ତୁତି ନିମନ୍ତେ ୯୦୦,୦୦୦ ପାଉଣ୍ଡ ମଞ୍ଜୁର କରାଇବାକୁ ସଂସଦକୁ ଆବେଦନ କଲେ । ମାତ୍ର କ୍ୟାଥୋଲିକ୍ ରାଷ୍ଟ୍ର ସ୍ପେନ ସହ ବୈବାହିକ ସମ୍ପର୍କ ସ୍ଥାପନ କରିବା ନିମନ୍ତେ ଜେମସ୍ ଯେପରି ଆଗ୍ରହ ପ୍ରକାଶ କରୁଥିଲେ, ସେଥିରେ ସଦସ୍ୟମାନେ ତାଙ୍କ ପ୍ରତି କ୍ଷୁବ୍ଧ ହେଉଥିଲେ । ସମସ୍ତ ଅନାଗ୍ରହ ସତ୍ତ୍ୱେ ସଂସଦ ମାତ୍ର ୮୦,୦୦୦

ପାଉଣ୍ଡ ମଞ୍ଜୁର କରି ରାଜାଙ୍କଠାରେ ଉପସ୍ଥାପନ କରିବା ନିମନ୍ତେ ଆବେଦନ ପତ୍ର ପ୍ରସ୍ତୁତ କଲା। ଏହି ଆବେଦନ ପତ୍ରରେ ଜେମସ୍‌ଙ୍କ ଉପରୋକ୍ତ ବୈବାହିକ ଉଦ୍ୟମର ଦୃଢ଼ ପ୍ରତିବାଦ କରିବା ସହିତ କ୍ୟାଥୋଲିକ୍‌ମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଏବଂ କୌଣସି ଏକ ପ୍ରୋଟେଷ୍ଟାଣ୍ଟ୍ ରାଜପରିବାରର ରାଜକନ୍ୟାଙ୍କ ସହ ଚାର୍ଲସଙ୍କୁ ବିବାହ ଦେବାପାଇଁ ପ୍ରସ୍ତାବ ଦିଆଯାଇଥିଲା। ଜେମସ୍‌ଙ୍କ ଦୃଢ଼ ଧାରଣା ଥିଲା ଯେ ଧାର୍ମିକ ଏବଂ ବୈଦେଶିକ ନୀତି ରାଜାଙ୍କର ପରମାଧିକାର କ୍ଷମତାର ପରିସରଭୁକ୍ତ ଅଟେ; ସୁତରାଂ ଏହି କ୍ଷେତ୍ରରେ ସଦସ୍ୟମାନଙ୍କର ହସ୍ତକ୍ଷେପ ତାଙ୍କୁ ଅସହ୍ୟବୋଧ ହୋଇଥିଲା। ତେଣୁ ସେ କମନସ୍ ସଭାର ବାଚସ୍ପତିଙ୍କୁ ଏକ ପତ୍ର ଲେଖି ସଦସ୍ୟମାନଙ୍କୁ ଏହିସବୁ କ୍ଷେତ୍ରରେ ହସ୍ତକ୍ଷେପ ନ କରିବା ପାଇଁ ଚେତାଇ ଦେବା ସଙ୍ଗେ ସଙ୍ଗେ ଏ ପ୍ରକାର ଆଚରଣର ପୁନରାବୃତ୍ତି ଘଟିଲେ ସଦସ୍ୟମାନଙ୍କୁ କଠୋର ଦଣ୍ଡରେ ଦଣ୍ଡିତ କରିବେ ବୋଲି ସୂଚନା ଦେଇଥିଲେ। ମାତ୍ର ସଦସ୍ୟମାନେ ରାଜାଙ୍କର ଚେତାବନୀ ପ୍ରତି ଆଦୌ ଭ୍ରୂକ୍ଷେପ ନ କରି ରାଜା, ରାଷ୍ଟ୍ର ତଥା ଚର୍ଚ୍ଚ ସଂପର୍କିତ ସମସ୍ତ ବିଷୟ ଆଲୋଚନା କରିବା ନିମନ୍ତେ ସେମାନଙ୍କର ବାକ୍ ସ୍ୱାଧୀନତା ରହିଛି ଏବଂ ଏଗୁଡ଼ିକ ସେମାନଙ୍କର ଆଲୋଚନା ପରିସରଭୁକ୍ତ ବୋଲି ସ୍ପଷ୍ଟ ଭାବରେ ଘୋଷଣା କରିବା ସହିତ ଏହାର ଦୃଢ଼ ପ୍ରତିବାଦ କରିଲେ। ସଦସ୍ୟମାନଙ୍କର ଏହିଭଳି ଆଚରଣରେ ଜେମସ୍ ଅତ୍ୟନ୍ତ କ୍ରୋଧାନ୍ୱିତ ହୋଇ କମନସ୍ ସଭାର କାର୍ଯ୍ୟବିଧି ବିବରଣୀ ପୁସ୍ତକ ମଗାଇଆଣି ପ୍ରତିବାଦ ଲିପିବଦ୍ଧ ପୃଷ୍ଠାଟିକୁ ସ୍ୱହସ୍ତରେ ଚିରି ନଷ୍ଟ କରିଦେଲେ ଏବଂ ସାର ଏଡୱାର୍ଡ କୋକ୍‌ଙ୍କ ସମେତ ତିନିଜଣ ସଦସ୍ୟଙ୍କୁ ବନ୍ଦୀ କରିବା ନିମନ୍ତେ ନିର୍ଦ୍ଦେଶ ଦେଲେ। ସଂସଦକୁ ପ୍ରଥମେ ସ୍ଥଗିତ ରଖାଯାଇ ପରେ ୧୬ ଜାନୁଆରୀ, ୧୬୨୨ ଖ୍ରୀ:ଅ:ରେ ଭାଙ୍ଗି ଦିଆଯାଇଥିଲା।

ଚତୁର୍ଥ ସଂସଦ (Fourth Parliament) :

ଏହି ତୃତୀୟ ସଂସଦ ଭଙ୍ଗ ହେବାପରେ ଆଉ ସଂସଦ ଆହ୍ୱାନ କରିବା ଜେମସଙ୍କର ଉଦ୍ଦେଶ୍ୟ ନ ଥିଲା। କିନ୍ତୁ ସ୍ପେନ୍ ବିରୁଦ୍ଧରେ ଯୁଦ୍ଧ ଘୋଷଣା କରିବା ପାଇଁ ନିଷ୍ପତ୍ତି ନେବା ଫଳରେ ସେ ଅର୍ଥ ପାଇଁ ପୁନର୍ବାର ୧୬୨୪ ଖ୍ରୀ:ଅ:ରେ ଚତୁର୍ଥ ସଂସଦ ଆହ୍ୱାନ କରିବା ନିମନ୍ତେ ବାଧ ହୋଇଥିଲେ। ସ୍ପେନ୍ ସହ ବୈବାହିକ ସଂପର୍କ ପ୍ରତିଷ୍ଠା କରିବା ଲାଗି ଜେମସ୍‌ଙ୍କ ଉଦ୍ୟମ ଇତିମଧ୍ୟରେ ବ୍ୟର୍ଥ ହୋଇଯାଇଥିଲା। ଅବଶେଷରେ ଜେମସ୍ ସ୍ପେନ୍ ସହ ଯୁଦ୍ଧ ଘୋଷଣା କରିବା ନିମନ୍ତେ ସ୍ଥିର କରିଥିଲେ। ସ୍ପେନ୍ ସହ ଯୁଦ୍ଧ ହିଁ ସଂସଦର ଏକାନ୍ତ ଅଭିଳାଷ ଥିଲା। ଏହି କାରଣରୁ ରାଜା ଏବଂ ସଂସଦ ମଧ୍ୟରେ ଥିବା ସଂପର୍କରେ ତିକ୍ତତା ଅନେକାଂଶରେ ହ୍ରାସ ପାଇଥିଲା। ଜେମସ୍ ସଂସଦଠାରେ ଯେଉଁ ପରିମାଣରେ ଅର୍ଥ ପାଇଁ ଆବେଦନ କରିଥିଲେ, ତାହା ମଞ୍ଜୁର ହୋଇ ନ ଥିଲେ ମଧ୍ୟ ସଂସଦ ପୂର୍ବାପେକ୍ଷା ବହୁ ଅଧିକ ଅର୍ଥ ମଞ୍ଜୁର କରିଥିଲା। କିନ୍ତୁ ଏହା ପରେ ପରେ ଏହି ଚତୁର୍ଥ ସଂସଦ ପୂର୍ବ ସଂସଦର ପନ୍ଥା ଅନୁସରଣ କରି ଲର୍ଡ ଟ୍ରେଜେରର ଅର୍ଲ ଅଫ୍ ମିଡିଲସେକସ୍‌ଙ୍କ ପ୍ରତି ମହାଭିଯୋଗ ବ୍ୟବସ୍ଥା ଅନୁଯାୟୀ ଦଣ୍ଡବିଧାନ କରିଲା ଏବଂ ରାଜାଙ୍କର ଏକାଧିକାର ପ୍ରଦାନ କ୍ଷମତାକୁ ଅବୈଧ ଘୋଷଣା କରି ଏକ ସଂବିଧି ପ୍ରଣୟନ କରିଲା। ୧୬୨୪ ଖ୍ରୀ:ଅ:ରେ ଜେମସ୍ ଚତୁର୍ଥ ସଂସଦକୁ ଭାଙ୍ଗିଦେଇଥିଲେ। ଏହାପରେ ୨୭ ମାର୍ଚ୍ଚ ୧୬୨୫ ଖ୍ରୀ:ଅ:ରେ ଜେମସ୍‌ଙ୍କ ମୃତ୍ୟୁ ହୋଇଥିଲା।

ଜେମସ୍ ତାଙ୍କର ଶାସନ କାଳ ମଧ୍ୟରେ ଅନେକ ଜଟିଳ ସମସ୍ୟାର ସମ୍ମୁଖୀନ ହୋଇଥିଲେ। ତାଙ୍କ ଶାସନ ସମୟରେ ହିଁ ରାଜା ଏବଂ ସଂସଦ ମଧ୍ୟରେ କଳହର ସୂତ୍ରପାତ ହୋଇ ଉଭୟଙ୍କ ସଂପର୍କରେ ତିକ୍ତତା ତଥା ଶିଥିଳତା ଦେଖାଦେଇଥିଲା ଏବଂ ପରୋକ୍ଷରେ ଏହା ସଂସଦକୁ ଶକ୍ତିଶାଳୀ କରିଥିଲା। ଜେମସ୍‌ଙ୍କ ଶାସନ ସମୟ ଇଂଲଣ୍ଡର ସଂସଦୀୟ ଇତିହାସରେ ଏକ ଅବିସ୍ମରଣୀୟ ଅଧ୍ୟାୟ ଥିଲା।

ଚାର୍ଲସ୍ ପ୍ରଥମ, ଗୃହଯୁଦ୍ଧ (Charles I, Civil War) :



Charles–I
(1600–1649 A.D.)

୧୬୨୫ ଖ୍ରୀ:ଅ:ର ପ୍ରାରମ୍ଭରେ ଜେମସ୍ ପ୍ରଥମଙ୍କର ମୃତ୍ୟୁ ପରେ ତାଙ୍କ ପୁତ୍ର ଚାର୍ଲସ୍ ପ୍ରଥମ ଇଂଲଣ୍ଡର ରାଜସିଂହାସନ ଅଲଙ୍କୃତ କରିଥିଲେ। ସିଂହାସନ ଆରୋହଣ ସମୟରେ ଚାର୍ଲସ୍ ଜଣେ ସୌମ୍ୟ ଦର୍ଶନ ଏବଂ ବଳିଷ୍ଠ ଯୁବକ ଥିଲେ। ନିଜର ଅମାୟିକ ବ୍ୟବହାର ଦ୍ୱାରା ସେ ପତ୍ନୀ, ସନ୍ତାନସନ୍ତତି ଏବଂ ଆତ୍ମୀୟସ୍ୱଜନଙ୍କର ଅତ୍ୟନ୍ତ ପ୍ରିୟପାତ୍ର ହୋଇପାରିଥିଲେ। ତାଙ୍କର କଳା ଓ ସାହିତ୍ୟ ପ୍ରତି ପ୍ରଗାଢ଼ ଅନୁରାଗ ଥିଲା। ମାତ୍ର ଅନେକ ସୁଗୁଣର ଅଧିକାରୀ ହୋଇଥିଲେ ମଧ୍ୟ ନିଜର ଚାରିତ୍ରିକ ତ୍ରୁଟି ନିମନ୍ତେ ଏକ ଉତ୍ତମ ଶାସକ ହେବାର ଯୋଗ୍ୟତାରୁ ବଞ୍ଚିତ ହୋଇଥିଲେ। ନିଜର ମିଥ୍ୟା ଅହମିକାର ବଶବର୍ତ୍ତୀ ହୋଇ ସେ ଅନ୍ୟମାନଙ୍କ ପ୍ରତି ବିତୃଷ୍ଣା ଭାବ ପ୍ରକାଶ କରୁଥିଲେ। ଅହଙ୍କାରୀ ହୋଇଥିବା ଦୃଷ୍ଟିରୁ ସେ ଅନ୍ୟମାନଙ୍କ ସହିତ କଥାବାର୍ତ୍ତା କରିବା ଏବଂ ନିଜର ମନୋଭାବ ଅକୁଣ୍ଠିତ ଚିତ୍ତରେ ପ୍ରକାଶ କରିବାକୁ ସର୍ବଦା କୁଣ୍ଠିତ ହେଉଥିଲେ। ଏହି ଚାରିତ୍ରିକ ତ୍ରୁଟି ସଂସଦ ଏବଂ ତାଙ୍କ ମଧ୍ୟରେ ଉତ୍ତମ ସମ୍ପର୍କ ପ୍ରତିଷ୍ଠା କରିବାରେ ପ୍ରଧାନ ଅନ୍ତରାୟ ହୋଇଥିଲା। ପ୍ରତିଶ୍ରୁତି ଦେଇ ତାକୁ ରକ୍ଷା କରୁ ନ ଥିବାରୁ ସେ କାହାରି ବିଶ୍ୱାସର ପାତ୍ର ମଧ୍ୟ ହୋଇପାରି ନ ଥିଲେ। ଯଦି ସେ ଦୂରଦୃଷ୍ଟିସମ୍ପନ୍ନ ତଥା ବିଚାର ଶକ୍ତିର ଅଧିକାରୀ ହୋଇପାରିଥାନ୍ତେ, ତାହାଲେ ସେ ତାଙ୍କ ପିତା ଜେମସ୍ ପ୍ରଥମଙ୍କର ଅପରିଣାମଦର୍ଶିତା ତଥା ଜିଦ୍‌ଖୋର ମନୋଭାବ ହେତୁ ଦେଶରେ ଯେଉଁ ଜଟିଳ ପରିସ୍ଥିତି ସୃଷ୍ଟି ହୋଇଥିଲା, ତାହାକୁ ନିଶ୍ଚିତ ଭାବରେ ହୃଦୟଙ୍ଗମ କରିବାକୁ ସମର୍ଥ ହୋଇଥାନ୍ତେ। ମାତ୍ର ପିତାଙ୍କର ଏହି ଗୁଣ ତାଙ୍କ ନିକଟରେ ଆହୁରି ଅଧିକ ମାତ୍ରାରେ ଥିବାରୁ ପରିସ୍ଥିତି ଅଳ୍ପ ସମୟ ମଧ୍ୟରେ ଅଧିକ ଗୁରୁତର ଆକାର ଧାରଣ କରିଥିଲା ଏବଂ ସେଥିରୁ ରକ୍ଷା ପାଇବା ପାଇଁ ସେ ସମର୍ଥ ହୋଇପାରି ନ ଥିଲେ। ଗୁଆଟକିନ୍‌ଙ୍କ ଭାଷାରେ, ''ସମସ୍ୟା ମଧ୍ୟକୁ ପ୍ରବେଶ କରିବାକୁ ଜେମସ୍‌ଙ୍କର ଦକ୍ଷତା ଥିଲା; କିନ୍ତୁ ନିଜର ବିଚକ୍ଷଣତା ଯୋଗୁଁ ବିପଦଠାରୁ ଦୂରେଇ ରହିଥିଲେ। ସେ ଜାହାଜଟିକୁ ଜଳମଗ୍ନ ଶୈଳ ଦିଗକୁ କେବଳ ମାତ୍ର ଆଗେଇ ନେଇଥିଲେ। ଜାହାଜଟିକୁ ଧ୍ୱଂସ କରିବାକୁ ତାଙ୍କ ପୁତ୍ରଙ୍କ ପାଇଁ ଛାଡ଼ିଯାଇଥିଲେ।'' ନିଜର ଚାରିତ୍ରିକ ଦୋଷତ୍ରୁଟି ବ୍ୟତୀତ ଡିଉକ୍ ଅଫ୍ ବକ୍କିମହାମ୍‌ଙ୍କ ପରି ଜଣେ ଅଯୋଗ୍ୟ ବ୍ୟକ୍ତିଙ୍କ ଉପରେ ସମସ୍ତ ଦାୟିତ୍ୱ ନ୍ୟସ୍ତ କରି ଚାର୍ଲସ ଗୁରୁତର ଦୁର୍ଗତିର ସମ୍ମୁଖୀନ ହୋଇଥିଲେ। ଡିଉକ୍ ଅଫ୍ ବକ୍କିମହାମଙ୍କର ଯୁଦ୍ଧ ପରିଚାଳନା କ୍ଷେତ୍ରରେ ଅପାରଗତା ଯୋଗୁ ସଂସଦ ରାଜାଙ୍କୁ ସମାଲୋଚନା କରିବା ଏବଂ ରାଜାଙ୍କ କାର୍ଯ୍ୟରେ ହସ୍ତକ୍ଷେପ କରିବା ପାଇଁ ସୁଯୋଗ ପାଇଥିଲା।

ପ୍ରଥମ ସଂସଦ (First Parliament, 1625 A.D.) :

ଚାର୍ଲସ ସିଂହାସନ ଆରୋହଣ କରିବା ପରେ ସ୍ପେନ୍ ବିରୋଧରେ ଯୁଦ୍ଧ ଜାରି ରଖିବା ନିମନ୍ତେ ଯୋଜନା ପ୍ରସ୍ତୁତ କରିଥିଲେ। ଏହି ଯୁଦ୍ଧ ପ୍ରତି ଇଂରେଜମାନଙ୍କର ବିପୁଳ ସମର୍ଥନ ଥିଲା। ତେଣୁ ଚାର୍ଲସ ସିଂହାସନ ଆରୋହଣ କରିବାର ମାତ୍ର ତିନିମାସ ମଧ୍ୟରେ ପ୍ରଥମ ସଂସଦ ଆହ୍ୱାନ କରିଥିଲେ। ସେ ଯୁଦ୍ଧ ପାଇଁ ସଂସଦ ନିକଟରେ ୭,୦୦,୦୦୦ ପାଉଣ୍ଡ ପାଇଁ ଆବେଦନ କରିଥିବା ବେଳେ ସଂସଦ ମାତ୍ର ୧,୪୦,୦୦୦ ପାଉଣ୍ଡ ମଞ୍ଜୁର କରି ତାଙ୍କ ବିରୋଧରେ ଥିବା ତାହାର ଅଭିଯୋଗଗୁଡ଼ିକର ପ୍ରତିକାର କରିବ ବୋଲି ଏକ ପ୍ରସ୍ତାବରେ ଘୋଷଣା କରିଲା। ଚାର୍ଲସଙ୍କ ଧର୍ମନୀତି ନିମନ୍ତେ ସଂସଦରେ ଥିବା ପିଉରିଟାନ୍ ସଦସ୍ୟମାନଙ୍କର ତାଙ୍କ ପ୍ରତି ଘୋର ସନ୍ଦେହ ସୃଷ୍ଟି ହୋଇଥିଲା। ସେ ଆର୍ଙ୍ଗ୍ଲିକାନ୍ ସମ୍ପ୍ରଦାୟର ଧର୍ମମତ ଗ୍ରହଣ କରିଥିଲେ ମଧ୍ୟ କ୍ୟାଥୋଲିକମାନଙ୍କ ପ୍ରତି ସହାନୁଭୂତିଶୀଳ ମନୋଭାବ ପୋଷଣ କରୁଥିବାରୁ ପିଉରିଟାନ୍ ସଦସ୍ୟମାନେ ପ୍ରୋଟେଷ୍ଟାଣ୍ଟ ଧର୍ମମତ ପ୍ରତି ବିପଦ ଆଶଙ୍କା କରି

କ୍ରୋଧାନ୍ୱିତ ହୋଇପଡ଼ିଥିଲେ। ତେଣୁ ଏହି ପରିସ୍ଥିତିରେ ଯୁଦ୍ଧ ପାଇଁ ରାଜାଙ୍କର ଉତ୍ସାହ ସଂସଦଠାରେ କୌଣସି ଆଗ୍ରହ ସୃଷ୍ଟି କରିପାରି ନ ଥିଲା। ରାଜାଙ୍କ ଯୁଦ୍ଧ ଯୋଜନା ପ୍ରତି ସଂସଦ କୌଣସି ଗୁରୁତ୍ୱ ନ ଦେଇ ତାଙ୍କର ଅନ୍ୟାୟ କାର୍ଯ୍ୟର ବିରୋଧ କରିବା ନିମନ୍ତେ ଅଧିକ ତତ୍ପରତା ପ୍ରକାଶ କରିଥିଲା।

ଇଂଲଣ୍ଡରେ ସିଂହାସନ ଆରୋହଣ କରିବା ପରେ ପ୍ରଥମ ସଂସଦ ରାଜାଙ୍କୁ ଆଜୀବନ ଟନେଜ୍ ଏବଂ ପାଉଣ୍ଡେଜ୍ ଆଦାୟ କରିବା ନିମନ୍ତେ କ୍ଷମତା ଅର୍ପଣ କରିବାର ନିୟମ ପ୍ରଚଳିତ ଥିଲା। ମାତ୍ର ଚାର୍ଲସ ସିଂହାସନ ଆରୋହଣ କରିବା ପରେ ପ୍ରଥମ ସଂସଦ ତାଙ୍କୁ ଏକବର୍ଷ ପାଇଁ ଏହି କ୍ଷମତା ପ୍ରଦାନ କଲା। ଏହା ପରେ ପରେ ସଂସଦ କ୍ୟାଥୋଲିକମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନିମନ୍ତେ ତାଙ୍କ ନିକଟରେ ଦାବୀ ଉପସ୍ଥାପନ କଲା ଏବଂ ଆଙ୍ଗ୍ଲିକାନ୍ ସମ୍ପ୍ରଦାୟକୁ ସମର୍ଥନ କରୁଥିବା ହେତୁ ତାଙ୍କ କାର୍ଯ୍ୟର ନିନ୍ଦା କରିଲା। ପୁନର୍ବାର ଅର୍ଥ ନିମନ୍ତେ ରାଜା ସଂସଦ ନିକଟରେ ଆବେଦନ କଲେ। କିନ୍ତୁ ସଂସଦ ଏଥିପ୍ରତି କର୍ଣ୍ଣପାତ ନ କରି ଡିଉକ୍ ଅଫ୍ ବକିଂମହାମ ଏବଂ ରାଜାଙ୍କର ଅନ୍ୟାନ୍ୟ ପରାମର୍ଶଦାତାମାନଙ୍କର କାର୍ଯ୍ୟକଳାପର ତୀବ୍ର ସମାଲୋଚନା କରିବାରୁ ଚାର୍ଲସ ଅତ୍ୟନ୍ତ କ୍ଷୁବ୍ଧ ହୋଇଥିଲେ। ତେଣୁ ସଂସଦ ତାଙ୍କୁ ଟନେଜ୍ ଓ ପାଉଣ୍ଡେଜ୍ ଆଦାୟ କରିବାର କ୍ଷମତା ଅର୍ପଣ କରିବା ପୂର୍ବରୁ ଏହାକୁ ଭାଙ୍ଗିଦେଲେ।

ଦ୍ୱିତୀୟ ସଂସଦ (Second Parliament, 1626 A.D.) :



**John Eliot
(1592–1632 A.D.)**

ଅର୍ଥର ତୀବ୍ର ଆବଶ୍ୟକତା ଅନୁଭୂତ ହେବାରୁ ଚାର୍ଲସଙ୍କୁ ବାଧ୍ୟହୋଇ ଦ୍ୱିତୀୟ ସଂସଦ ଫେବୃୟାରୀ ୧୬୨୬ ଖ୍ରୀ:ଅ:ରେ ଆହ୍ୱାନ କରିବାକୁ ପଡ଼ିଥିଲା। ପ୍ରଥମ ସଂସଦ ଅପେକ୍ଷା ଦ୍ୱିତୀୟ ସଂସଦ ରାଜାଙ୍କ ପ୍ରତି ଅଧିକ ବିଦ୍ୱେଷ ଭାବ ପୋଷଣ କରିଥିଲା। ଦ୍ୱିତୀୟ ସଂସଦ ଆରମ୍ଭ ହେବା ମାତ୍ରକେ ଜନ୍ ଇଲିଅଟ୍ (John Eliot)ଙ୍କ ନେତୃତ୍ୱରେ ଏହା ରାଜାଙ୍କର ଅତି ପ୍ରିୟ ମନ୍ତ୍ରୀ ଡିଉକ୍ ଅଫ୍ ବକିଂମହାମ୍‌ଙ୍କ ବିରୋଧରେ ମହାଭିଯୋଗ ପ୍ରସ୍ତାବ ଆଗତ କରିବା ନିମନ୍ତେ ଉଦ୍ୟତ ହେଲା। ଇଂରେଜମାନେ କାଡ଼ିଜ ଅଭିଯାନରେ ଯେଉଁ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲେ, ସେଥିନିମନ୍ତେ ସଂସଦ ଡିଉକ୍ ଅଫ୍ ବକିଂମହାମ୍‌ଙ୍କୁ ଦାୟୀ କରିଲା। ଜନ୍ ଇଲିଅଟ୍ ଡିଉକ୍ ଅଫ୍ ବକିଂମହାମ୍‌ଙ୍କ ବିରୁଦ୍ଧରେ ଅଭିଯୋଗ ଆଣି ମନ୍ତବ୍ୟ ଦେଇଥିଲେ, ''ଯୁଦ୍ଧରେ ବା ଶତ୍ରୁ ଦ୍ୱାରା ବା ଆକସ୍ମିକ ଭାବରେ ନୁହେଁ; କିନ୍ତୁ ଆମର ଜାହାଜ ସବୁ ଜଳମଗ୍ନ ହୋଇଛି ଏବଂ ଲୋକମାନେ ମୃତ୍ୟୁମୁଖରେ ପଡ଼ିଛନ୍ତି।'' ଇଲିଅଟ୍‌ଙ୍କର ଏହି ଅଭିଯୋଗରେ ଚାର୍ଲସ ସମ୍ମତ ହେଲେ ନାହିଁ। ଚାଲର୍ସ କମନସ୍ ସଭାର ସଦସ୍ୟମାନଙ୍କୁ ସ୍ପଷ୍ଟ ଭାବରେ ଜଣାଇଦେଲେ ଯେ



**Dudley Digges
(1583–1639 A.D.)**

ରାଜାଙ୍କୁ ବିନା ଦ୍ୱିଧାରେ ଅର୍ଥ ମଞ୍ଜୁର କରିବା ସଂସଦର ପ୍ରଥମ କାର୍ଯ୍ୟ ଅଟେ ଏବଂ ସେହି କାର୍ଯ୍ୟ ନ କରି ସଂସଦ ଯଦି ତାଙ୍କର ପଦସ୍ଥ ରାଜକର୍ମଚାରୀ ବିଶେଷ କରି ଡିଉକ୍ ଅଫ୍ ବକିଂମହାମ୍‌ଙ୍କ ପରି ବିଶ୍ୱସ୍ତ ଭୃତ୍ୟଙ୍କ କାର୍ଯ୍ୟର ସମାଲୋଚନା କରିବାକୁ ଚାହିଁଲେ; ସେଥିନିମନ୍ତେ ସେ ଅନୁମତି ଦେବେ ନାହିଁ। ଡିଉକ୍ ଅଫ୍ ବକିଂମହାମ୍ ଯେଉଁ କାର୍ଯ୍ୟ ପାଇଁ ଅଭିଯୁକ୍ତ ହୋଇଛନ୍ତି, ଯେହେତୁ ସେହି କାର୍ଯ୍ୟ ତାଙ୍କ ନିର୍ଦ୍ଦେଶରେ ହୋଇଛି, ସେଥିପାଇଁ ଡିଉକଙ୍କୁ ଦାୟୀ କରିବା ଉଚିତ ନୁହେଁ ବୋଲି ଚାର୍ଲସ ସଂସଦର ସଦସ୍ୟମାନଙ୍କୁ ଚେତାଇ ଦେଇଥିଲେ। କିନ୍ତୁ ଏଥିରେ ସଂସଦ ସନ୍ତୁଷ୍ଟ ହୋଇ ନ ଥିଲା। ଅଧିକନ୍ତୁ ଉଚ୍ଚପଦସ୍ଥ ରାଜକର୍ମଚାରୀ ଯଦି କୌଣସି ଅନ୍ୟାୟ କାର୍ଯ୍ୟ କରନ୍ତି, ତାହାଲେ ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନିମନ୍ତେ ସଂସଦ ପଶ୍ଚାତପଦ ହେବ ନାହିଁ ବୋଲି ଘୋଷଣା କଲା। ଡିଉକ୍ ଅଫ୍ ବକିଂମହାମ୍‌ଙ୍କ ବିରୁଦ୍ଧରେ ଆଗତ ମହାଭିଯୋଗ ପ୍ରସ୍ତାବ ମେ ମାସ

୮ ତାରିଖ ଦିନ କମନସ୍ ସଭାରୁ ଲର୍ଡସ ସଭାକୁ ପ୍ରେରିତ ହେଲା। ଏହି ଘଟଣା ପରେ ଚାର୍ଲସ ଏହି କାର୍ଯ୍ୟର ନେତୃତ୍ୱ ନେଇଥିବା ହେତୁ ଜନ୍ ଇଲିଅଟ୍ ଏବଂ ଡୁଡ୍‌ଲେ ଡିଗସ୍ (Dudley Digges) ନାମକ ଦୁଇଜଣ ସଭ୍ୟଙ୍କୁ କାରାରୁଦ୍ଧ କରିବା ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ। ଏହି ରାଜାଦେଶ ବିରୁଦ୍ଧରେ କମନସ୍ ସଭା ଦୃଢ଼ ପ୍ରତିବାଦ ଜଣାଇଲା ଏବଂ ତାହାର ସଦସ୍ୟମାନଙ୍କୁ ମୁକ୍ତ ନ କଲେ କୌଣସି କାର୍ଯ୍ୟ କରିବ ନାହିଁ ବୋଲିଏକ ପ୍ରସ୍ତାବ ଗ୍ରହଣ କରିଲା। ଚାର୍ଲସ ବାଧ୍ୟ ହୋଇ ଦୁଇଜଣ ସଦସ୍ୟଙ୍କୁ ମୁକ୍ତ କରିଦେଲେ, ମାତ୍ର ଏହାପରେ କମନସ୍ ସଭା ଡିଉକ୍ ଅଫ୍ ବକିଂହାମ୍‌ଙ୍କୁ ବହିଷ୍କାର ନ କରିଲେ ରାଜାଙ୍କୁ କୌଣସି ପ୍ରକାର ଅର୍ଥ ମଞ୍ଜୁର କରିବ ନାହିଁ ବୋଲି ଆଉ ଏକ ପ୍ରସ୍ତାବ ଗ୍ରହଣ କରିଲା। ତେଣୁ ଚାର୍ଲସ ବାଧ୍ୟ ହୋଇ ଜୁନ୍ ୧୫ ତାରିଖରେ ଏହି ସଂସଦକୁ ଭାଙ୍ଗିଦେଲେ।

ସଂସଦର କାର୍ଯ୍ୟରେ କ୍ଷୁବ୍ଧ ହୋଇ ରାଜା ସଂସଦକୁ ଭାଙ୍ଗିଦେଲେ ସତ୍ୟ; କିନ୍ତୁ କର ଆଦାୟ କରିବା ନିମନ୍ତେ ସଂସଦଠାରୁ କ୍ଷମତା ପାଇ ନ ଥିବାରୁ ଶାସନର ଆନୁଷଙ୍ଗିକ ବ୍ୟୟ ଭାର ବହନ କରିବା ନିମନ୍ତେ ଆଉ ସମର୍ଥ ହୋଇପାରିଲେ ନାହିଁ। ଦୈନନ୍ଦିନ ଶାସନ ନିମନ୍ତେ ଆବଶ୍ୟକୀୟ ଅର୍ଥ ଯୋଗାଡ଼ ହୋଇପାରୁ ନ ଥିବା ସମୟରେ ସ୍ପେନ୍ ସହିତ ଯୁଦ୍ଧ ସାଙ୍ଗକୁ ୧୬୨୭ ଖ୍ରୀ:ଅ:ରେ ଯେତେବେଳେ ଫ୍ରାନ୍ସ ସହିତ ଯୁଦ୍ଧର ସୂତ୍ରପାତ ହେଲା, ସେତେବେଳେ ଚାର୍ଲସ୍ ଶୋଚନୀୟ ଆର୍ଥିକ ଦୁର୍ଗତିର ସମ୍ମୁଖୀନ ହେଲେ। ତେଣୁ ସେ ପିତାଙ୍କ ପରି ଅର୍ଥ ଆଦାୟ କରିବା ନିମନ୍ତେ ବିଭିନ୍ନ ଉପାୟ ଅବଲମ୍ବନ କରିଲେ। ସେ ସଂସଦର ବିନା ଅନୁମୋଦନରେ ଟନେଜ୍ ଓ ପାଉଣ୍ଡେଜ୍ ଆଦାୟ କରିବାକୁ ଲାଗିଲେ। ସେ ସ୍ୱେଚ୍ଛାକୃତ ଦାନ ସଂଗ୍ରହ କରିବା ସହିତ ବାଧ୍ୟତାମୂଳକ ଭାବରେ ଋଣ ମଧ୍ୟ ଆଦାୟ କରିବାକୁ ଲାଗିଲେ। ଏହି ଭାବରେ ଅର୍ଥ ସଂଗ୍ରହ କରିବାକୁ ଚେଷ୍ଟା କରିଲେ ମଧ୍ୟ ଆବଶ୍ୟକ ପରିମାଣର ଅର୍ଥ ଆଦାୟ ହୋଇପାରିଲା ନାହିଁ, ବରଂ ଏହା ବିରୁଦ୍ଧରେ ପ୍ରବଳ ଜନମତ ସୃଷ୍ଟି ହେଲା। ବିଶେଷ ଭାବରେ ଚାର୍ଲସ ବାଧ୍ୟତାମୂଳକ ଋଣ ଯେଉଁପରି ସଂଗ୍ରହ କରିବାକୁ ଉଦ୍ୟମ କରିଲେ ଜନସାଧାରଣ ତାହାର ବିରୋଧ କରିଲେ ଏବଂ ଏହି ପ୍ରକାର ଋଣ ଦେବା ନିମନ୍ତେ ଅନିଚ୍ଛା ପ୍ରକାଶ କଲେ ଏଭଳି ସଙ୍କଟଜନକ ପରିସ୍ଥିତିରେ ଚାର୍ଲସ୍ ବାଧ୍ୟତାମୂଳକ ଋଣକୁ ବୈଧ ବୋଲି ମନ୍ତବ୍ୟ ଦେଇ ଏହି ସଂକ୍ରାନ୍ତରେ ଏକ ଘୋଷଣାପତ୍ର ପ୍ରକାଶ କରିବା ପାଇଁ ବିଚାରପତିମାନଙ୍କୁ ବାଧ୍ୟ କଲେ। ମାତ୍ର ବିଚାରପତିମାନେ ଏଥିରେ ଅସମ୍ମତି ପ୍ରକାଶ କରିଲେ। ତେଣୁ ସେ କ୍ଷୁବ୍ଧ ହୋଇ ମୁଖ୍ୟ ବିଚାରପତିଙ୍କୁ ବହିଷ୍କାର କଲେ। ଋଣ ସଂଗ୍ରହ କରିବା ଅତ୍ୟନ୍ତ କଷ୍ଟକର ହୋଇପଡ଼ିଲା। ଏମିତିକି ଲୋକମାନଙ୍କୁ ବନ୍ଦୀ କରି କିମ୍ବା ସୈନ୍ୟବାହିନୀରେ କାର୍ଯ୍ୟ କରିବା ନିମନ୍ତେ ବାଧ୍ୟ କରି ମଧ୍ୟ ସେ ଋଣ ସଂଗ୍ରହ କରିବାରେ ସଫଳ ହୋଇପାରିଲେ ନାହିଁ।

ପାଞ୍ଚ ନାଇଟ୍‌ଙ୍କ ମୋକଦ୍ଦମା (Five Knight's Case) :

ଏହି ବାଧ୍ୟତାମୂଳକ ଋଣ ସଂକ୍ରାନ୍ତରେ ଏକ ମୋକଦ୍ଦମା ଆଗତ କରାଯାଇଥିଲା। ଏହି ମୋକଦ୍ଦମାଟି ଡାର୍ନେଲ୍‌ଙ୍କ ମୋକଦ୍ଦମା ବା ପାଞ୍ଚ ନାଇଟ୍‌ଙ୍କ ମୋକଦ୍ଦମା ନାମରେ ଅଭିହିତ। ଡାର୍ନେଲଙ୍କ ସମେତ ପାଞ୍ଚଜଣ ନାଇଟ୍ ବାଧ୍ୟତାମୂଳକ ଋଣ ଦେବା ପାଇଁ ଅନିଚ୍ଛୁକ ହେବାରୁ ସେମାନଙ୍କୁ ବନ୍ଦୀ କରାଯାଇଥିଲା। ଏଥିପାଇଁ ବନ୍ଦୀ ହୋଇଥିବା ପାଞ୍ଚଜଣ ନାଇଟ୍ ''ବନ୍ଦୀ ଉପସ୍ଥାପନ'' (Habeas Corpus) ନିମନ୍ତେ ରାଜାଙ୍କ ବିଚାରାଳୟରେ ନ୍ୟାୟ ପ୍ରାର୍ଥନା (Writ) କରିଥିଲେ ଏବଂ ଏହାର କାରଣ ସ୍ୱରୂପ ଜେଲରକ୍ଷକ ଜଣାଇଥିଲେ ଯେ, ରାଜାଙ୍କର ବିଶେଷ ଆଜ୍ଞା ବଳରେ ସେମାନଙ୍କୁ ବନ୍ଦୀ କରାଯାଇଛି। ମାତ୍ର ନାଇଟମାନଙ୍କର ଓକିଲମାନେ ଏହାକୁ ଗ୍ରହଣ କରିପାରିଲେ ନାହିଁ। ଯଦିଓ ରାଜା ଏବଂ ତାଙ୍କର କାଉନସିଲ୍ (Council)ର ବନ୍ଦୀ କରିବା ନିମନ୍ତେ ଅଧିକାର ରହିଛି ବୋଲି ସେମାନଙ୍କର ହୃଦବୋଧ ହୋଇଥିଲା। ତଥାପି ଯେଉଁ ନିର୍ଦ୍ଦିଷ୍ଟ କାରଣରୁ ବନ୍ଦୀ କରାଯାଇଛି ତାହା ଜଣାଇବା ପାଇଁ ସେମାନେ ଦାବୀ କଲେ ଏବଂ ନିଜର ଯୁକ୍ତି ସପକ୍ଷରେ 'ମହାସନନ୍ଦ' (Magna Carta) ଏବଂ ଅନ୍ୟାନ୍ୟ ଆଇନର ଉଦାହରଣ ଦେଇଥିଲେ। ଏହାର ପ୍ରତ୍ୟୁତ୍ତରରେ ରାଜାଙ୍କ ପକ୍ଷର ଓକିଲମାନେ ଦେଶର

ସ୍ୱାର୍ଥ ଦୃଷ୍ଟିରୁ ରାଜା ସମସ୍ତ କ୍ଷେତ୍ରରେ କାରଣ ଦର୍ଶାଇବା ନିମନ୍ତେ ବାଧ୍ୟ ନୁହଁନ୍ତି ବୋଲି ଯୁକ୍ତି କରିଥିଲେ । ବିଚାରପତିମାନେ ମଧ୍ୟ ଏହି ଯୁକ୍ତିକୁ ଗ୍ରହଣ କରି ରାଜା ଉଚିତ୍ କାର୍ଯ୍ୟ କରିଛନ୍ତି ବୋଲି ରାୟ ଦେଇଥିଲେ ।

ଅବଶ୍ୟ ଐତିହାସିକ ଦୃଷ୍ଟିକୋଣରୁ ବିଚାରପତିମାନଙ୍କର ନିଷ୍ପତ୍ତି ଆଇନସଙ୍ଗତ ଥିଲା; କାରଣ କୌଣସି କାରଣ ନ ଦର୍ଶାଇ ପରମାଧିକାର କ୍ଷମତା ବଳରେ ଗିରଫ କରିବା କିମ୍ବା ବନ୍ଦୀ କରିବାର କ୍ଷମତା ରାଜାଙ୍କର ଥିଲା । ମହାସନନ୍ଦ ସତ୍ତ୍ୱେ ଅବାଧରେ ଚାର୍ଲସଙ୍କ ପୂର୍ବବର୍ତ୍ତୀ ରାଜାମାନେ ଏହି କ୍ଷମତା ପ୍ରୟୋଗ କରି ଆସିଥିଲେ । ତେଣୁ ରାଜାଙ୍କର ଏହି କ୍ଷମତା ପ୍ରୟୋଗ ବିଷୟରେ ଏ ପର୍ଯ୍ୟନ୍ତ କୌଣସି ବାଦାନୁବାଦ ଉପୁଜି ନ ଥିଲା । ସୁତରାଂ ରାଜାଙ୍କର ଏହି ପରମାଧିକାର କ୍ଷମତାକୁ ବିରୋଧ କରି ଏବଂ ରାଜାଙ୍କୁ ନିର୍ଦ୍ଦିଷ୍ଟ କାରଣ ଜଣାଇବାକୁ ବାଧ୍ୟକରି ଡାର୍ନେଲଙ୍କ ଓକିଲମାନେ ଐତିହାସିକ ଦୃଷ୍ଟିକୋଣରୁ ଏକ ନୂତନ ସାମ୍ବିଧାନିକ ଦାବୀ ଉପସ୍ଥାପିତ କରିଲେ । ଅନ୍ୟ ଅର୍ଥରେ କହିଲେ ସେମାନେ ରାଜାଙ୍କର ପରମାଧିକାର କ୍ଷମତାକୁ ସୀମିତ କରିବା ପାଇଁ ଚାହିଁଥିଲେ । ଡାର୍ନେଲଙ୍କ ଓକିଲମାନଙ୍କର ଏହି ଦାବୀରେ କୌଣସି ନୂତନତ୍ୱ ନ ଥିଲା । କାରଣ ରାଜାଙ୍କର କ୍ଷମତାର ପରିସୀମାକୁ ସୀମିତ ରଖିବା ନିମନ୍ତେ ଯେତେସବୁ ଚେଷ୍ଟା କରାଯାଉଥିଲା, ଏହି ଦାବୀ ଥିଲା ତାର କ୍ରମ ପରିଣତି । ପ୍ରଚଳିତ ପରମ୍ପରା ଦୃଷ୍ଟିରୁ ରାଜାଙ୍କର କାର୍ଯ୍ୟ ଆଇନ ଅନୁମୋଦିତ ହୋଇଥିଲେ ମଧ୍ୟ ପରିବର୍ତ୍ତିତ ପରିସ୍ଥିତିରେ ଏହା ଅବୈଧାନିକ ଏବଂ ଅଣସାମ୍ବିଧାନିକ ବୋଲି ପରିଗଣିତ ହେଲା ।

ତୃତୀୟ ସଂସଦ (Third Parliament, 1628 A.D.) :

ଚାର୍ଲସ ରାଜସ୍ୱ ଆଦାୟ କରିବା ପାଇଁ ବିଭିନ୍ନ ପ୍ରକାର ଉପାୟ ଅବଲମ୍ବନ କରି ମଧ୍ୟ ବୈଦେଶିକ ଯୁଦ୍ଧର ବ୍ୟୟଭାର ତୁଲାଇବା ପାଇଁ ଅସମର୍ଥ ହୋଇପଡ଼ିଲେ । ତେଣୁ ସେ ତୃତୀୟ ସଂସଦ ଆହ୍ୱାନ କରିବା ନିମନ୍ତେ ସ୍ଥିର କରିଥିଲେ । ୧୬୨୮ ଖ୍ରୀ:ଅ: ମାର୍ଚ୍ଚ ମାସରେ ଏହି ତୃତୀୟ ସଂସଦ ଆହୂତ ହୋଇଥିଲା । ଚାର୍ଲସଙ୍କର କାର୍ଯ୍ୟ ପାଇଁ ଦେଶରେ ତାଙ୍କ ପ୍ରତି ଯେଉଁ ବିଦ୍ୱେଷ ଭାବ ପ୍ରକାଶ ପାଉଥିଲା, ସେଥିରେ ତାଙ୍କ ସମର୍ଥକମାନେ ସଂସଦକୁ ନିର୍ବାଚିତ ହୋଇପାରି ନ ଥିଲେ । ସଂସଦ ମିଳିତ ହେବା ମାତ୍ରକେ ରାଜାଙ୍କ ନିକଟରେ କେତେକ ଦାବୀ ଉପସ୍ଥାପିତ କରାଗଲା । ସଂସଦ ରାଜାଙ୍କର ଧମକ ସତ୍ତ୍ୱେ ତାଙ୍କ ବିରୋଧରେ ଥିବା ଅଭିଯୋଗଗୁଡ଼ିକର ଆଲୋଚନା ପାଇଁ ଦାବୀ କଲା ଏବଂ ଏହି ଅଭିଯୋଗଗୁଡ଼ିକର ବିଚାର ନ ହେବା ପର୍ଯ୍ୟନ୍ତ ତାଙ୍କୁ କୌଣସି ଅର୍ଥ ମଞ୍ଜୁର କରିବ ନାହିଁ ବୋଲି ଜଣାଇଦେଲା । ସଂସଦ ପୂର୍ବପରି ମନ୍ତ୍ରୀମାନଙ୍କ ବିରୋଧରେ ଅଭିଯୋଗ ଆଗତ କରି ରାଜାଙ୍କୁ ପରୋକ୍ଷ ଭାବରେ ଅଭିଯୁକ୍ତ କରିବା ପରିବର୍ତ୍ତେ ପ୍ରତ୍ୟକ୍ଷ ଭାବରେ ଅଭିଯୁକ୍ତ କଲା । ଚାର୍ଲସ୍ ଯେଉଁଭଳି ଭାବରେ ତାଙ୍କୁ ସୁହାଇଲା ଭଳି ସମ୍ବିଧାନର ବାଖ୍ୟା କରି ନିରଙ୍କୁଶ ଶାସନ ପ୍ରତିଷ୍ଠା କରିବାରେ ଚେଷ୍ଟିତ ଥିଲେ, ସେଥିରେ ଇଂରେଜମାନେ ଆତଙ୍କିତ ହୋଇପଡ଼ିଥିଲେ । ବିଶେଷ ଭାବରେ ଅବୈଧ ଉପାୟରେ କରଧାର୍ଯ୍ୟ କରିବା (Illegal Taxation), ସ୍ୱେଚ୍ଛାଚାରୀ ଭାବରେ ଲୋକଙ୍କୁ ବନ୍ଦୀ କରିବା (Arbitrary Imprisonment), ବ୍ୟକ୍ତିବିଶେଷଙ୍କ ଗୃହରେ ସୈନ୍ୟମାନଙ୍କୁ ଅବସ୍ଥାପିତ କରିବା (Biletting of Soldiers in Private Houses) ଏବଂ ସାମରିକ ଆଇନ ଦ୍ୱାରା ଦଣ୍ଡ ବିଧାନ କରିବା (Punishment by Marital Law) ଇତ୍ୟାଦି କେତେକ କାର୍ଯ୍ୟ ଜନସାଧାରଣଙ୍କ ମଧ୍ୟରେ ଗଭୀର ଅସନ୍ତୋଷ ସୃଷ୍ଟି କରିଥିଲା । ସଂସଦ ରାଜାଙ୍କୁ ଏଥିରୁ ନିବୃତ୍ତ ହେବାପାଇଁ ଅନୁରୋଧ କରି ଏକ 'ଆବେଦନ ପତ୍ର' (Petition) ତାଙ୍କ ନିକଟରେ ଉପସ୍ଥାପିତ କଲା । ଏହା 'ଅଧିକାର ନିମନ୍ତେ ଆବେଦନ' (Petition of Rights) ନାମରେ ଅଭିହିତ ଅଟେ । ଏଥିରେ ନିମ୍ନୋକ୍ତ ଅଧିକାରଗୁଡ଼ିକ ଉଲ୍ଲେଖ କରାଯାଇଥିଲା–

(୧) ସଂସଦର ବିନା ଅନୁମୋଦନରେ କୌଣସି ବ୍ୟକ୍ତିଙ୍କୁ ଦାନ, ଋଣ, ସ୍ୱେଚ୍ଛାଦାନ, କର ଏବଂ ସେହି ପ୍ରକାର କୌଣସି ଅର୍ଥଦେବା ନିମନ୍ତେ ବାଧ୍ୟ କରାନଯିବା ଏବଂ କୌଣସି ବ୍ୟକ୍ତି ଏହା ଦେବାପାଇଁ ଅନିଚ୍ଛା ପ୍ରକାଶ କଲେ ତାଙ୍କ ଉପରେ ଅତ୍ୟାଚାର କରାଯିବ ନାହିଁ;

(୨) କୌଣସି ସ୍ୱାଧୀନ ନାଗରିକଙ୍କୁ ଆଇନ ଅନୁମୋଦିତ ବ୍ୟବସ୍ଥା ବ୍ୟତୀତ ଅନ୍ୟ କୌଣସି ଉପାୟରେ ବନ୍ଦୀ କରାନଯିବା, କିମ୍ବା ଆଇନ ଦର୍ଶାଇ ନ ପାରିବା ଭଳି କୌଣସି ଅଭିଯୋଗ ଆଣି ରାଜାଙ୍କ ନିର୍ଦ୍ଦେଶରେ କୌଣସି ବ୍ୟକ୍ତିଙ୍କୁ ଅଟକ ରଖାଯିବ ନାହିଁ;

(୩) ସୈନ୍ୟମାନଙ୍କୁ କୌଣସି ବ୍ୟକ୍ତିବିଶେଷଙ୍କ ଗୃହରେ ଅବସ୍ଥାପିତ କରାଯିବ ନାହିଁ;

(୪) ସାମରିକ ଆଇନ ଶାନ୍ତି ସମୟରେ ଲାଗୁ କରାଯିବ ନାହିଁ;

(୫) ସାମରିକ ଆଇନ ବଳରେ ଦଣ୍ଡାଦେଶ ଦେବା କାର୍ଯ୍ୟ ବନ୍ଦ କରାଯିବ।

ଏହାର ପ୍ରତ୍ୟୁତ୍ତରରେ ୧୬୨୮ ଖ୍ରୀ:ଅ: ଜୁନ୍ ୨ ତାରିଖରେ ଚାର୍ଲସ୍ କହିଲେ, ''ରାଜ୍ୟରେ ଆଇନ ଏବଂ ପ୍ରଚଳିତ ପରମ୍ପରା ଅନୁସାରେ ସଠିକ୍ କାର୍ଯ୍ୟ କରିବା ତାଙ୍କର ଇଚ୍ଛା। ଆଇନଗୁଡ଼ିକ ସଠିକ ଭାବରେ କାର୍ଯ୍ୟକାରୀ ହେବ। ସେମାନଙ୍କର ଉଚିତ ଅଧିକାର ଏବଂ ସ୍ୱାତନ୍ତ୍ର୍ୟ ପ୍ରତି ଅଣଦେଖା କରାଯାଇ ସେମାନଙ୍କ ପ୍ରତି ଅନ୍ୟାୟ ଓ ଅତ୍ୟାଚାର ହୋଇଛି ବୋଲି ପ୍ରଜାମାନଙ୍କର ଅଭିଯୋଗ କରିବାର ଆଉ ଅବକାଶ ରହିବ ନାହିଁ। ସେ ତାଙ୍କର ପରମାଧିକାର କ୍ଷମତା ଜାହିର କରିବା ପାଇଁ ଯେପରି ବାଧ୍ୟ, ସେହିପରି ଏଗୁଡ଼ିକ ବଜାୟ ରଖିବା ପାଇଁ ମଧ୍ୟ ବାଧ୍ୟ।'' ମାତ୍ର କେତେକ ନିର୍ଦ୍ଦିଷ୍ଟ ଅବୈଧ କାର୍ଯ୍ୟରୁ ରାଜାଙ୍କୁ ବିରତ ହେବାପାଇଁ ''ଅଧିକାର ନିମନ୍ତେ ଆବେଦନ ପତ୍ର''ରେ ଯେଉଁ ଅନୁରୋଧ କରାଯାଇଥିଲା ସେ ସଂକ୍ରାନ୍ତରେ ସେ ସ୍ପଷ୍ଟ ଭାବରେ ମତ ପ୍ରଦାନ କରିନଥିବାରୁ, କମନସ୍ ସଭା ତାଙ୍କର ଏହି ଉତ୍ତରରେ ସନ୍ତୁଷ୍ଟ ହେଲା ନାହିଁ। ଚାର୍ଲସ ଏହି ''ଅଧିକାର ନିମନ୍ତେ ଆବେଦନ ପତ୍ର''କୁ ଅନୁମୋଦନ ନ ଦେବା ନିମନ୍ତେ ଅନେକ ଚେଷ୍ଟା କରି ବିଫଳ ହେଲେ ଏବଂ ପରିଶେଷରେ ଏହାକୁ ସ୍ୱୀକୃତି ଦେଲେ।

ଏହି ''ଅଧିକାର ନିମନ୍ତେ ଆବେଦନ ପତ୍ର'' ଏକ ମହାନ ଐତିହାସିକ ଏବଂ ସାମ୍ବିଧାନିକ ଦଲିଲ୍ ଥିଲା। ମହାସନନ୍ଦ (Magna Carta) ଏବଂ ପରବର୍ତ୍ତୀ ସମୟର ବିଲ୍ ଅଫ୍ ରାଇଟସ୍ (Bill of Rights) ପରି ଗୁରୁତ୍ୱ ଏଥିରେ ଦେଖିବାକୁ ମିଳେ ନାହିଁ। ଇଂଲଣ୍ଡର ଅନ୍ୟାନ୍ୟ ସାମ୍ବିଧାନିକ ଦଲିଲ ପରି ଏହା ସେତେଟା ପ୍ରାଞ୍ଜଳ, ସୁସ୍ପଷ୍ଟ ଏବଂ ସଂକ୍ଷିପ୍ତ ନୁହେଁ। କିନ୍ତୁ ମହାସନନ୍ଦ ପରେ ଇଂରେଜ ଇତିହାସରେ ଏହା ଦ୍ୱିତୀୟ ପ୍ରମୁଖ ଦଲିଲ ଥିଲା। ସ୍ଥୂଳତଃ ମହାସନନ୍ଦ ଏବଂ ଏହା ମଧ୍ୟରେ ବିଶେଷ ପାର୍ଥକ୍ୟ ଦେଖାଯାଏ ନାହିଁ। ଯେଉଁସବୁ ବ୍ୟବସ୍ଥା ମାନିବା ନିମନ୍ତେ ''ମହାସନନ୍ଦ''ରେ ବାଧ୍ୟ କରାଯାଇଥିଲା, ସେଗୁଡ଼ିକ ଦେଶର ପୂର୍ବ ପ୍ରଚଳିତ ଆଇନ ଥିଲା। ମାତ୍ର ରାଜା ସେଗୁଡ଼ିକୁ ଅବଜ୍ଞା କରି କାର୍ଯ୍ୟ କରୁଥିବାରୁ ଏବଂ ତାଙ୍କର ଉତ୍ତରାଧିକାରୀମାନେ ସେଗୁଡ଼ିକୁ ଭବିଷ୍ୟତରେ ଯେପରି ପାଳନ କରିବେ ତାହାକୁ ନିଶ୍ଚୟ କରିବା ପାଇଁ ତାଙ୍କୁ ମହାସନନ୍ଦରେ ପ୍ରତିଶ୍ରୁତିବଦ୍ଧ ହେବାକୁ ପଡ଼ିଥିଲା। ''ଅଧିକାର ନିମନ୍ତେ ଆବେଦନ ପତ୍ର''ରେ ମଧ୍ୟ ଅନୁରୂପ ପଦକ୍ଷେପ ନିଆଯାଇଥିଲା।

ରାଜା ଏବଂ ସଂସଦ ମଧ୍ୟରେ ସପ୍ତଦଶ ଶତାବ୍ଦୀରେ ହୋଇଥିବା ସଂଘର୍ଷ ଦୃଷ୍ଟିରୁ ''ଅଧିକାର ନିମନ୍ତେ ଆବେଦନ ପତ୍ର'' ନିଶ୍ଚିତ ରୂପେ ଏକ ନୂତନ ସାମ୍ବିଧାନିକ ପଦକ୍ଷେପ ଥିଲା ବୋଲି ନିଃସନ୍ଦେହରେ କୁହାଯାଇପାରେ, କାରଣ ଏଥିରେ ରାଜାଙ୍କର ''ପରମାଧିକାର କ୍ଷମତା'' ଏବଂ ''ଆଇନର ପରିସର'' ନିର୍ଦ୍ଧାରଣ କରିବା ନିମନ୍ତେ ପଦକ୍ଷେପ ନିଆଯାଇଥିଲା। ଏହି ଆବେଦନ ପତ୍ରର ଉଦ୍ଦେଶ୍ୟ ହେଉଛି କେଉଁ କ୍ଷେତ୍ରରେ କେବଳ ''ପରମାଧିକାର କ୍ଷମତା'' ବଳରେ ଏବଂ କେଉଁ କ୍ଷେତ୍ରରେ କେବଳ ''ଆଇନ'' ଦ୍ୱାରା ଶାସନ କରାଯିବ, ତାହା ନିର୍ଦ୍ଧାରଣ କରିବା। ଏକଥା ସତ୍ୟ ଯେ ଶାସନର ପ୍ରତ୍ୟେକ କ୍ଷେତ୍ରରେ ପରମାଧିକାର କ୍ଷମତା ଏବଂ ଆଇନର ପରିସର ନିର୍ଦ୍ଧାରଣ କରିବା ନିମନ୍ତେ ଆବେଦନ ପତ୍ରରେ ଉଦ୍ୟମ କରାଯାଇ ନ ଥିଲା। ରାଜାଙ୍କର ପରମାଧିକାର କ୍ଷମତାକୁ ଯେଉଁ କେତେକ ନିର୍ଦ୍ଦିଷ୍ଟ କ୍ଷେତ୍ରରେ ସୀମିତ ରଖିବା ନିମନ୍ତେ ଏଥିରେ ଚେଷ୍ଟା କରାଯାଇଥିଲା, ସେହି ପରିପ୍ରେକ୍ଷୀରେ ଏହାକୁ ରାଷ୍ଟ୍ରର ସାର୍ବଭୌମ କ୍ଷମତା ରାଜାଙ୍କଠାରୁ ସଂସଦକୁ ସ୍ଥାନାନ୍ତରିତ ହେବା କ୍ଷେତ୍ରରେ ପ୍ରଥମ ପଦକ୍ଷେପ କହିଲେ କିଛି ଅତ୍ୟୁକ୍ତି ହେବନାହିଁ। ରାଜାଙ୍କର ଯେଉଁସବୁ କାର୍ଯ୍ୟ

ବିରୋଧରେ ସଂସଦ ଏଥିରେ ଅଭିଯୋଗ ଆଣିଥିଲା, ସେ ସମସ୍ତ କାର୍ଯ୍ୟ ରାଜା ତାଙ୍କର ପରମାଧିକାର କ୍ଷମତା ପ୍ରୟୋଗ କରି କହିଥିଲେ। ତେଣୁ ଏହା ସୁସ୍ପଷ୍ଟ ଯେ ରାଜା ପରମାଧିକାର କ୍ଷମତାର ଅଧିକାରୀ ହୋଇଥିବା ଦୃଷ୍ଟିରୁ ସେହି ସବୁ କ୍ଷେତ୍ରରେ ଆଇନକୁ ଗୁରୁତ୍ୱ ଦେଉ ନ ଥିଲେ। ଅବଶ୍ୟ ସେହି ସବୁ କ୍ଷେତ୍ରରେ ରାଜାମାନେ ସେପର୍ଯ୍ୟନ୍ତ ପରମାଧିକାର କ୍ଷମତା ପ୍ରୟୋଗ କରିଆସିଥିଲେ ଏବଂ ଏଥିନିମନ୍ତେ ଅତୀତରେ କୌଣସି ବିବାଦ ଉପୁଜି ନ ଥିଲା। ମାତ୍ର ଏହାପରଠାରୁ ସେହି ସବୁ କ୍ଷେତ୍ରରେ ରାଜା ପରମାଧିକାର କ୍ଷମତା ପ୍ରୟୋଗରୁ ବିରତ ରହିବା ପାଇଁ ଏବଂ ଆଇନ ଦ୍ୱାରା ପରିଚାଳିତ ହେବାପାଇଁ ସଂସଦ ତାଙ୍କୁ ବାଧ କଲା। ତେଣୁ ରାଜାଙ୍କର ସାର୍ବଭୌମ କ୍ଷମତା ଏହି ଅଧିକାର ନିମନ୍ତେ ଆବେଦନ ପତ୍ର ଦ୍ୱାରା କ୍ଷୁର୍ଣ୍ଣ ହେଲା।

ଚାର୍ଲସ୍‌ଙ୍କ ରାଜତ୍ୱର ତୃତୀୟ ସଂସଦରେ କେବଳ ଯେ ରାଜାଙ୍କଠାରୁ ସଂସଦକୁ ସାର୍ବଭୌମ କ୍ଷମତା ହସ୍ତାନ୍ତର ପାଇଁ ପ୍ରଥମ ପଦକ୍ଷେପ ନିଆଯାଉଥିଲା ତାହା ନୁହେଁ, ବରଂ ବିପ୍ଳବ ନିମନ୍ତେ ଏଥିରେ ପ୍ରଥମ ପଦକ୍ଷେପ ନିଆଯାଉଥିଲା। ଚାର୍ଲସ୍ ଆବେଦନ ପତ୍ର ଗ୍ରହଣ କରି ମଧ୍ୟ ସଂସଦକୁ ସନ୍ତୁଷ୍ଟ କରିପାରିଲେ ନାହିଁ। ଅବଶ୍ୟ ଆବେଦନ ପତ୍ର ଗ୍ରହଣ କରିଥିବା ହେତୁ ସଂସଦ ରାଜାଙ୍କ ପ୍ରତି କୃତଜ୍ଞତା ଜ୍ଞାପନ କରି ତାଙ୍କୁ ପାଞ୍ଚୋଟି ସହାୟକ ପାଣ୍ଠି ମଞ୍ଜୁର କରିଥିଲା। କିନ୍ତୁ ତାହାପରେ ସଂସଦ ପୁନର୍ବାର ରାଜାଙ୍କ କାର୍ଯ୍ୟର ବିରୋଧ କଲା। ପୁନର୍ବାର ସଂସଦ ବକିଂହାମ୍‌ଙ୍କ ବିରୁଦ୍ଧରେ ମହାଭିଯୋଗ ଆଗତ କରିବା ନିମନ୍ତେ ପ୍ରସ୍ତୁତ ହେଲା। ରାଜା ଅବୈଧ ଉପାୟରେ ଟନେଜ୍ ଏବଂ ପାଉଣ୍ଡେଜ୍ ଆଦାୟ କରୁଥିବା ହେତୁ ତାହାର ବିରୋଧ କଲା। ତେଣୁ ବାଧହୋଇ ରାଜା ଏହି ଅଧିବେଶନକୁ ସ୍ଥଗିତ ରଖିଲେ। ବକିଂହାମ୍ ସଂସଦ ସ୍ଥଗିତ ଥିବା ଅବସ୍ଥାରେ ଅସନ୍ତୁଷ୍ଟ କର୍ମଚାରୀ ଫେଲ୍‌ଟନ୍‌ଙ୍କ ଦ୍ୱାରା ନିହତ ହେଲେ। ବକିଂହାମଙ୍କ ମୃତ୍ୟୁରେ ଲଣ୍ଡନ ସହର ଉତ୍ସବମୁଖର ହୋଇଉଠିଥିଲା। ରି ଦ୍ୱୀପ ଅଭିମୁଖରେ ପ୍ରେରଣ କରାଯାଇଥିବା ଅଭିଯାନ ବିଫଳ ହେବାପରେ ଇଂଲଣ୍ଡର ବୈଦେଶିକ ନୀତିରେ ପରିବର୍ତ୍ତନ ଆସିବା ସହିତ ଯୁଦ୍ଧର ମଧ୍ୟ ଅବସାନ ଘଟିଲା। ମାତ୍ର ସଂସଦର ମନୋଭାବରେ କୌଣସି ପରିବର୍ତ୍ତନ ଘଟିଲା ନାହିଁ। ସ୍ଥଗିତ ହେବାର ଛଅମାସ ପରେ ସଂସଦ ଯେତେବେଳେ ଏକ ନୂତନ ଅଧିବେଶନରେ ମିଳିତ ହେଲା, ପୁନର୍ବାର ରାଜାଙ୍କ ବିରୋଧରେ ଏହା ଅଭିଯୋଗ ଆଗତ କରିଥିଲା। ତେଣୁ ରାଜା ଏହି ଅଧିବେଶନକୁ ସ୍ୱଳ୍ପକାଳ ନିମନ୍ତେ ସ୍ଥଗିତ ରଖିଥିଲେ। ସଂସଦ ପୁନର୍ବାର ଅଧିବେଶନରେ ମିଳିତ ହେବାମାତ୍ରେ, ତା'ର ବିରୋଧୀ ମନୋଭାବ ଲକ୍ଷ୍ୟକରି ରାଜା ପୁନର୍ବାର ଅଧିବେଶନକୁ ସ୍ଥଗିତ ରଖିବା ନିମନ୍ତେ ଉଦ୍ୟମ କଲେ। ମାତ୍ର ଏହି ଥରକ ସଦସ୍ୟମାନେ ସଂସଦର ଅଧିବେଶନକୁ ସ୍ଥଗିତ ରଖିବା ନିମନ୍ତେ ରାଜାଙ୍କର ଆଦେଶକୁ ଅବଜ୍ଞା କରି ବାଚସ୍ପତିଙ୍କୁ ବଳପୂର୍ବକ ତାଙ୍କ ଆସ୍ଥାନରେ ବସାଇ ରଖି ଜନ ଇଲିଅଟ୍ ନାମକ ଜନୈକ ସଦସ୍ୟ ଆଗତ କରିଥିବା ତିନୋଟି ପ୍ରସ୍ତାବ ମାର୍ଚ୍ଚ ୨, ୧୬୨୯ ଖ୍ରୀ:ଅ:ରେ ଗ୍ରହଣ କରାଇନେଲେ। ମାତ୍ର ଆଇନ ଏବଂ ପ୍ରଚଳିତ ପରମ୍ପରା ଅନୁଯାୟୀ ସଦସ୍ୟମାନଙ୍କର ଏହି ପ୍ରକାର କାର୍ଯ୍ୟଧାରାକୁ ଯୁକ୍ତିଯୁକ୍ତ ବୋଲି କହିହେବ ନାହିଁ। ସେହି ତିନୋଟି ପ୍ରସ୍ତାବ ହେଉଛି :–

(୧) କ୍ୟାଥୋଲିକ୍ ବା ଆରମିନିଆନ୍ ସମ୍ପ୍ରଦାୟର ଧର୍ମତତ୍ତ୍ୱ ଉପରେ ପର୍ଯ୍ୟବେସିତ ହାଇଚର୍ଚ୍ଚ ପାର୍ଟିର ଧର୍ମତତ୍ତ୍ୱ ଅନୁଯାୟୀ ଇଂଲଣ୍ଡର ଧର୍ମନୀତିରେ କୌଣସି ପରିବର୍ତ୍ତନ ଆଣିବା ଅବୈଧ ବୋଲି ଘୋଷଣା କରାଯାଇଥିଲା।

(୨) ସଂସଦର ବିନା ଅନୁମୋଦନରେ ଟନେଜ୍ ଏବଂ ପାଉଣ୍ଡେଜ୍ ଆଦାୟ କରିବା କାର୍ଯ୍ୟକୁ ବିରୋଧ କରାଯାଇଥିଲା।

(୩) ଯେଉଁ ବ୍ୟକ୍ତି ଉକ୍ତ ଅବୈଧାନିକ କର ପ୍ରଦାନ କରୁଛନ୍ତି ସେମାନଙ୍କୁ ଦେଶଦ୍ରୋହୀ ବୋଲି ଅଭିହିତ କରାଗଲା।

ସାମ୍ବିଧାନିକ ପନ୍ଥାରେ କୌଣସି କାର୍ଯ୍ୟ ସାଧିତ ନ ହୋଇପାରିଲେ ହିଂସାତ୍ମକ ମାର୍ଗ ଦ୍ୱାରା ଏହାକୁ ସାଧନ କରିବାକୁ ବିପ୍ଳବ କୁହାଯାଏ। ତେଣୁ ଏହି ଦୃଷ୍ଟିରୁ ସଂସଦର ଉପରୋକ୍ତ କାର୍ଯ୍ୟ ନିଃସନ୍ଦେହରେ ବିପ୍ଳବ ଦିଗରେ ପ୍ରଥମ ପଦକ୍ଷେପ ଥିଲା। ସଂସଦ ସହିତ ଚାର୍ଲସ୍‌ଙ୍କ ସଂପର୍କ ତିକ୍ତ ହୋଇଉଠିବା ଦ୍ୱାରା ସେ ଆଉ ସଂସଦର ସହଯୋଗରେ ଶାସନ ପରିଚାଳନା

ନ କରି ନିଜେ ଶାସନ ପରିଚାଳନା କରିବେ ବୋଲି ନିଷ୍ପତ୍ତି ନେଇ ସଂସଦକୁ ଭାଙ୍ଗିଦେଲେ । ଏହାପୂର୍ବରୁ ବିଶିଷ୍ଟ ସାଂସଦ ଜନ ଇଲିଅଟ୍‌ଙ୍କ ସମେତ ନଅଜଣ ସଦସ୍ୟଙ୍କୁ କାରାରୁଦ୍ଧ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ବନ୍ଦୀ ଅବସ୍ଥାରେ ୧୬୩୨ ଖ୍ରୀ:ଅ:ରେ ଜନ୍ ଇଲିଅଟ୍‌ଙ୍କର ମୃତ୍ୟୁ ହୋଇଥିଲା ।

ବୈଦେଶିକ ନୀତି (Foreign Policy) :

Henrieta Maria
(1609–1669 A.D.)

୧୬୨୫ ଖ୍ରୀ:ଅ:ରେ ଚାର୍ଲସ୍ ପ୍ରଥମ ସିଂହାସନ ଆରୋହଣ କରିଲା ବେଳକୁ କ୍ୟାଥୋଲିକ୍ ଏବଂ ପ୍ରୋଟେଷ୍ଟାଣ୍ଟଙ୍କ ମଧ୍ୟରେ ଯୁଦ୍ଧ ଜାରି ରହିଥିଲା । ପ୍ରୋଟେଷ୍ଟାଣ୍ଟମାନେ ଯୁଦ୍ଧରେ ଦୟନୀୟ ଭାବରେ ପରାସ୍ତ ହେଲେ ମଧ୍ୟ ଯୁଦ୍ଧରୁ ବିରତ ହୋଇନଥିଲେ । ପାଲାଟିନେଟ୍‌କୁ କ୍ୟାଥୋଲିକ୍‌ମାନଙ୍କ ନିୟନ୍ତ୍ରଣରୁ ମୁକ୍ତ କରିବା ଏବଂ ଜର୍ମାନୀରେ ପ୍ରୋଟେଷ୍ଟାଣ୍ଟମାନଙ୍କ ସୁରକ୍ଷା ନିମନ୍ତେ ଉଦ୍ୟମ କରିଲେ ସଂସଦ ସନ୍ତୁଷ୍ଟ ହେବ ଏବଂ ସେ ନିଜେ ଇଂଲଣ୍ଡରେ ଲୋକପ୍ରିୟତା ହାସଲ କରିପାରିବେ ବୋଲି ଚିନ୍ତାକରି ଚାର୍ଲସ୍ ପ୍ରଥମ ସ୍ପେନ୍ ବିରୁଦ୍ଧରେ ଯୁଦ୍ଧ ଜାରି ରଖିବେ ବୋଲି ନିଷ୍ପତ୍ତି ନେଇଥିଲେ । ଏହି ଉଦ୍ଦେଶ୍ୟରେ ସେ ଫ୍ରାନ୍ସ ସହିତ ବନ୍ଧୁତା ସ୍ଥାପନ କରିବା ପାଇଁ ଚେଷ୍ଟା କରିଥିଲେ ଏବଂ ଫ୍ରାନ୍ସର ରାଜକୁମାରୀ ହେନେରିଟା ମାରିଆଙ୍କୁ ବିବାହ କରିଥିଲେ । ଏହାବ୍ୟତୀତ ସେ ଡେନମାର୍କର ପ୍ରୋଟେଷ୍ଟାଣ୍ଟ ଶାସକଙ୍କୁ ଜର୍ମାନୀର ପ୍ରୋଟେଷ୍ଟାଣ୍ଟମାନଙ୍କ ସପକ୍ଷରେ ଯୁଦ୍ଧ କରିବା ନିମିତ୍ତ ଆର୍ଥିକ ସାହାଯ୍ୟ ଦେବା ନିମନ୍ତେ ପ୍ରତିଶ୍ରୁତି ଦେଇଥିଲେ ।

ଚାର୍ଲସ୍‌ଙ୍କ ଯୋଜନା ଯଦି ବାସ୍ତବ ରୂପାୟନ ନେଇପାରିଥାନ୍ତା, ତାହେଲେ ପ୍ରୋଟେଷ୍ଟାଣ୍ଟମାନେ ନିଶ୍ଚିତ ଭାବରେ ସୁରକ୍ଷିତ ହୋଇପାରିଥାନ୍ତେ, ମାତ୍ର ଯୁଦ୍ଧ ପାଇଁ ଆବଶ୍ୟକ ହେଉଥିବା ଅର୍ଥ ସଂସଦଠାରୁ ପୁରା ମଞ୍ଜୁର ନ ହେବାଯୋଗୁ ସେ ଯୋଜନାଗୁଡ଼ିକୁ କାର୍ଯ୍ୟକାରୀ କରିବାରେ ସମର୍ଥ ହୋଇପାରି ନ ଥିଲେ । ସୈନ୍ୟ ସଂଗ୍ରହ କରିବା ତାଙ୍କ ପକ୍ଷରେ ସମ୍ପୂର୍ଣ୍ଣ ଅସମ୍ଭବ ହୋଇପଡ଼ିଲା । ତେଣୁ ୧୬୨୫ ଖ୍ରୀ:ଅ:ରେ କ୍ୟାଡ଼ିଜ୍ ଅଭିଯାନ ବିଫଳ ହୋଇଥିଲା । ସ୍ପେନୀୟ ବନ୍ଦରଗୁଡ଼ିକୁ ଆକ୍ରମଣ କଲେ ସ୍ପେନ୍ ବାଧ୍ୟହୋଇ ପାଲାଟିନେଟ୍‌କୁ ମୁକ୍ତ କରିଦେବ ବୋଲି ଚିନ୍ତାକରି ଚାର୍ଲସ ଏହି ଯେଉଁ ଯୋଜନା କରିଥିଲେ । ସେହି ଅନୁସାରେ କାର୍ଯ୍ୟ କରିବା ସମ୍ଭବ ହୋଇପାରିଲା ନାହିଁ । ସଂସଦଠାରୁ ଆବଶ୍ୟକ ହେଉଥିବା ସମସ୍ତ ଅର୍ଥ ମଞ୍ଜୁରୀ ନ ମିଳିବା ହେତୁ ଡେନମାର୍କର ଶାସକଙ୍କୁ ତାଙ୍କର ପ୍ରତିଶ୍ରୁତି ଅନୁଯାୟୀ ଅର୍ଥ ଦେବା ନିମନ୍ତେ ଅକ୍ଷମ ହୋଇପଡ଼ିଲେ ଏବଂ ଏହାଦ୍ୱାରା ଡେନମାର୍କର ଶାସକ କ୍ୟାଥୋଲିକମାନଙ୍କ ଦ୍ୱାରା ୧୬୨୬ ଖ୍ରୀ:ଅ:ରେ ଲୁଟର ଯୁଦ୍ଧକ୍ଷେତ୍ରରେ ଶୋଚନୀୟ ଭାବେ ପରାସ୍ତ ହୋଇଥିଲେ । ଏହାଦ୍ୱାରା ତିରିଶି ବର୍ଷବ୍ୟାପୀ ଯୁଦ୍ଧରେ ଚାର୍ଲସ୍‌ଙ୍କ ପକ୍ଷରୁ କୌଣସି ଭୂମିକା ଗ୍ରହଣ କରିବା ସମ୍ଭବ ହୋଇପାରି ନ ଥିଲା ।

ଏହି ସମୟରେ ଚାର୍ଲସ୍‌ଙ୍କର ଫ୍ରାନ୍ସ ସହ ବିବାଦ ଆରମ୍ଭ ହୋଇଥିଲା, ଯାହାଦ୍ୱାରା ସେ ତିରିଶ ବର୍ଷ ବ୍ୟାପୀ ଯୁଦ୍ଧ ସାଙ୍ଗକୁ ଫ୍ରାନ୍ସ ସହ ଏକ ଯୁଦ୍ଧରେ ଜଡ଼ିତ ହୋଇଥିଲେ । ଚାର୍ଲସ୍ ସିଂହାସନ ଆରୋହଣ କରିବା ପରେ ଫ୍ରାନ୍ସର ରାଜକୁମାରୀ ହେନେରିଟା ମାରିଆଙ୍କୁ ବିବାହ କରିଥିଲେ । ଏହି ବୈବାହିକ ସଂପର୍କ ସ୍ଥାପିତ ହେବା ସମୟରେ ଫ୍ରାନ୍ସ ଏବଂ ଇଂଲଣ୍ଡ ମଧ୍ୟରେ ଯେଉଁ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା, ସେଥିରେ ଚାର୍ଲସ୍ ଇଂଲଣ୍ଡରେ ରୋମାନ୍ କ୍ୟାଥୋଲିକ୍‌ମାନଙ୍କୁ କେତେକ ସୁବିଧା ସୁଯୋଗ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ । କିନ୍ତୁ ତାଙ୍କ ପିତା ଜେମସ୍ ମୃତ୍ୟୁ ପୂର୍ବରୁ ଫ୍ରାନ୍ସକୁ ଦେଇଥିବା ପ୍ରତିଶ୍ରୁତି ଅନୁଯାୟୀ ଚାର୍ଲସ ଫ୍ରାନ୍ସକୁ ଯେଉଁସବୁ ଯୁଦ୍ଧ ଜାହାଜ ଉଧାର ସୂତ୍ରରେ ଦେଇଥିଲେ, ସେଗୁଡ଼ିକୁ ଫ୍ରାନ୍ସ ଫରାସୀ ପ୍ରୋଟେଷ୍ଟାଣ୍ଟମାନଙ୍କୁ ଦମନ କରିବା କାର୍ଯ୍ୟରେ ନିୟୋଜିତ କରିବା ଫଳରେ ଇଂଲଣ୍ଡର ପିଉରିଟାନ୍‌ମାନେ ଅତିଶୟ କ୍ଷୁବ୍ଧ ହୋଇଥିଲେ । ଏହିଭଳି ଜଟିଳ ପରିସ୍ଥିତିରେ ବିବାହ ଚୁକ୍ତିର ସର୍ତ୍ତ ପାଳନ କରିବା ଚାର୍ଲସ୍‌ଙ୍କ ପକ୍ଷେ ଆଉ ସମ୍ଭବ ହୋଇନଥିଲା ।

ଦୁଇ ଦେଶ ମଧ୍ୟରେ ସଂପର୍କରେ ତିକ୍ତତା ବୃଦ୍ଧି ପାଇ ପରିଶେଷରେ ଉଭୟଙ୍କ ମଧ୍ୟରେ ଏକ ଯୁଦ୍ଧ ସଂଘଟିତ ହୋଇଥିଲା। ଏହି ଯୁଦ୍ଧରେ ବିସ୍କେ ଉପସାଗରସ୍ଥିତ ରୀ ଦ୍ୱୀପ ଆକ୍ରମଣ କରିବାକୁ ଇଂରେଜମାନଙ୍କ ପକ୍ଷରୁ ପ୍ରଥମେ ଉଦ୍ୟମ ହୋଇଥିଲା। ଡିଉକ୍ ଅଫ୍ ବକ୍‌ଙ୍ଗମହାମ ରୀ ଦ୍ୱୀପ ଅଭିଯାନର ନେତୃତ୍ୱ ନେଇଥିଲେ। ମାତ୍ର ଏହି ଅଭିଯାନ ବିଫଳ ହୋଇଥିଲା ଏବଂ ଡିଉକ୍ ଅଫ୍ ବକ୍‌ଙ୍ଗମହାମ ଇଂଲଣ୍ଡକୁ ପ୍ରତ୍ୟାବର୍ତ୍ତନ କରିବାକୁ ବାଧ୍ୟ ହୋଇଥିଲେ। ଏହାପରେ ଫ୍ରାନ୍ସ ବିରୁଦ୍ଧରେ ଅନ୍ୟ ଏକ ଅଭିଯାନ ନିମନ୍ତେ ପ୍ରସ୍ତୁତ ହେଉଥିବା ବେଳେ ୧୬୨୮ ଖ୍ରୀ:ଅ:ରେ ଫେଲ୍‌ଟନ୍ ନାମକ ଜଣେ ଆତତାୟୀ ଦ୍ୱାରା ବକ୍‌ଙ୍ଗମହାମ୍ ନିହତ ହୋଇଥିଲେ।

ଏହାପରେ ଚାର୍ଲସ ଅନ୍ୟ କୌଣସି ଯୁଦ୍ଧରେ ଅଂଶଗ୍ରହଣ କରି ନ ଥିଲେ କାରଣ ସେ ଅତିଶୟ ଋଣଗ୍ରସ୍ତ ହୋଇପଡ଼ିଥିଲେ। ସଂସଦ ସହିତ ତାଙ୍କର ସଂପର୍କ ତିକ୍ତ ହୋଇଥିବା ଦୃଷ୍ଟିରୁ ସଂସଦଠାରୁ ଅର୍ଥ ମଞ୍ଜୁରୀ ମିଳିବା କଷ୍ଟକର ହୋଇପଡ଼ିଥିଲା। ସଂସଦ ସହିତ ଗୁରୁତର ମତଭେଦ ଦୃଷ୍ଟିରୁ ସେ ସଂସଦର ସହାୟତା ବିନା ଶାସନ କାର୍ଯ୍ୟ ପରିଚାଳନା କରିବା ନିମନ୍ତେ ସ୍ଥିର କରିଥିଲେ। ଏଥିନିମନ୍ତେ ଯୁଦ୍ଧରୁ ନିବୃତ୍ତ ରହିବା ଏବଂ ବ୍ୟୟ ସଙ୍କୋଚନ କରିବା ତାଙ୍କ ପକ୍ଷରେ ଏକାନ୍ତ ଅପରିହାର୍ଯ୍ୟ ହୋଇପଡ଼ିଥିଲା। ସଂସଦ ସହିତ ବିବାଦ ହେତୁ ଇଂଲଣ୍ଡ ପକ୍ଷରେ ତିରିଶ ବର୍ଷ ବ୍ୟାପୀ ଯୁଦ୍ଧରେ ଅଂଶଗ୍ରହଣ କରିବା ସମ୍ଭବ ହୋଇପାରି ନ ଥିଲା। ଏଥିସହିତ ଜର୍ମାନୀରେ ପ୍ରୋଟେଷ୍ଟାଣ୍ଟ୍‌ମାନଙ୍କୁ ଦୁର୍ଗତିର ସମ୍ମୁଖୀନ ହେବାକୁ ପଡ଼ିଥିଲା।

ଏଗାର ବର୍ଷୀୟ ଆତଙ୍କରାଜ ଏବଂ ତାହାର ପତନ, ୧୬୨୯-୧୬୪୨ ଖ୍ରୀ:ଅ:
(Eleven Years' Tyranny and its downfall, 1629-1642 A.D.) :

ତୃତୀୟ ସଂସଦକୁ ଭାଙ୍ଗି ଦେବାପରେ ଚାର୍ଲସ୍ ଦୀର୍ଘ ୧୧ ବର୍ଷ ପର୍ଯ୍ୟନ୍ତ ସଂସଦ ବିନା ଦେଶର ଶାସନ କାର୍ଯ୍ୟ ପରିଚାଳନା କରିଲେ। ସେ ଉଇଲିୟମ୍ ଲାଉଡ୍ (William Laud) ଏବଂ ଟମାସ୍ ଓ୍ୱେଣ୍ଟ୍‌ୱାର୍ଥ (Thomas Wentworth) ନାମକ ଦୁଇଜଣ ପରାମର୍ଶଦାତାଙ୍କ ସହାୟତାରେ ଶାସନ କାର୍ଯ୍ୟ ପରିଚାଳନା କଲେ। ଚାର୍ଲସ୍ ସଂସଦକୁ ଆଦୌ ଆହ୍ୱାନ ନ କରି ବ୍ୟକ୍ତିଗତ ସ୍ତରରେ ନିରବଚ୍ଛିନ୍ନ ଭାବରେ ଦୀର୍ଘ ୧୧ ବର୍ଷ ଧରି ଯେଉଁ ଶାସନ କାର୍ଯ୍ୟ ପରିଚାଳନା କଲେ, ତାହାକୁ ଏକାଦଶ ବର୍ଷୀୟ ଆତଙ୍କରାଜ ନାମରେ ଅଭିହିତ କରାଯାଏ।

କିନ୍ତୁ ଚାର୍ଲସ୍ ଏହିପରି ଭାବରେ ଦୀର୍ଘ ସମୟ ପର୍ଯ୍ୟନ୍ତ ଶାସନ କାର୍ଯ୍ୟ ପରିଚାଳନା କରିବାର ଯେଉଁ ସ୍ୱପ୍ନ ଦେଖିଥିଲେ, ତାହା ଧୂଳିସାତ ହୋଇଯାଇଥିଲା। କାରଣ ଦୀର୍ଘ ୧୧ ବର୍ଷ କାଳ ଏହିପରି ଭାବରେ ଶାସନ କାର୍ଯ୍ୟ ପରିଚାଳନା କରିପାରିବା ପରେ, ଯେତେବେଳେ ବିଦ୍ରୋହୀ ସ୍କଟ୍‌ମାନଙ୍କ ବିରୁଦ୍ଧରେ ଇଂରେଜମାନଙ୍କର ସମର୍ଥନ ଚାହିଁଲେ, ସେତେବେଳ ତାଙ୍କୁ ଗୁରୁତର ବିପର୍ଯ୍ୟୟର ସମ୍ମୁଖୀନ ହେବାକୁ ପଡ଼ିଲା ଏବଂ ତାଙ୍କ ଶାସନ ପ୍ରଣାଳୀର ଅନ୍ତ ଘଟିବା ସୁନିଶ୍ଚିତ ହୋଇପଡ଼ିଲା।

ଚାର୍ଲସ୍‌ଙ୍କର ବ୍ୟକ୍ତିଗତ ଶାସନ ନିମନ୍ତେ ଇଂଲଣ୍ଡର ତତ୍କାଳୀନ ଅର୍ଥନୈତିକ ଅବସ୍ଥା ଅତ୍ୟନ୍ତ ଅନୁକୂଳ ଥିଲା। ସେହି ସମୟରେ ଇଂଲଣ୍ଡର ଅର୍ଥନୈତିକ ପ୍ରଗତି ତ୍ୱରାନ୍ୱିତ ଗତିରେ ଆଗେଇବା ସହିତ ଇଂଲଣ୍ଡ ଏକ ସମୃଦ୍ଧିଶାଳୀ ଦେଶରେ ପରିଣତ ହୋଇଥିଲା। ଶିଳ୍ପ, କୃଷି, ବ୍ୟବସାୟ ଏବଂ ବାଣିଜ୍ୟ ଇତ୍ୟାଦି ପ୍ରତ୍ୟେକ କ୍ଷେତ୍ରରେ ଇଂଲଣ୍ଡ ସମୃଦ୍ଧିଶାଳୀ ଥିଲା। ଚାର୍ଲସ୍ ସ୍ୱେଚ୍ଛାଚାରୀ ଶାସକ ଭାବରେ କୌଣସି ଅମାନୁଷିକ ଦମନମୂଳକ ପନ୍ଥାକୁ ଆପଣେଇ ଥିବାର ଦୃଷ୍ଟାନ୍ତ ଦେଖିବାକୁ ମିଳେ ନାହିଁ। ଅବଶ୍ୟ କେତେକ ମତାନ୍ଧ ପିଉରିଟାନ୍‌ମାନଙ୍କ ପ୍ରତି ଏହି ସମୟରେ କଠୋର ଦଣ୍ଡ ବିଧାନ କରାଯାଇଥିଲା ସତ୍ୟ; କିନ୍ତୁ ସେମାନଙ୍କର ସଂଖ୍ୟା ଅତି ନଗଣ୍ୟ ଥିଲା। ହେନେରୀ ଅଷ୍ଟମ ଏବଂ ଏଲିଜାବେଥ୍‌ଙ୍କର ଶାସନ ସମୟରେ ମତ ବିରୋଧୀମାନଙ୍କ ପ୍ରତି ଯେପରି କଠୋର ଦଣ୍ଡବିଧାନ କରାଯାଉଥିଲା, ତାହା ତୁଳନାରେ ଏହି ଦଣ୍ଡ କିଛି ନ ଥିଲା। ଏଲିଜାବେଥ୍‌ଙ୍କର ଶାସନ ସମୟରେ ବିରୋଧୀ ମତ ପୋଷଣ କରି ଅନେକ ବ୍ୟକ୍ତି ମୃତ୍ୟୁଦଣ୍ଡରେ ଦଣ୍ଡିତ ହୋଇଥିବା ବେଳେ ଚାର୍ଲସ୍‌ଙ୍କ ରାଜତ୍ୱ କାଳରେ ଏହି ପ୍ରକାରର ଗୋଟିଏ ହେଲେ ଘଟଣା ଘଟିଥିବାର ଜଣାଯାଏ ନାହିଁ। ଚାର୍ଲସ୍

ସ୍ୱେଚ୍ଛାଚାରୀ ଶାସକ ନ ଥିଲେ ମଧ୍ୟ ତାଙ୍କର ବ୍ୟକ୍ତିଗତ ଶାସନର ଅବସାନ ନିମନ୍ତେ ତାଙ୍କର ଧର୍ମନୀତି ଏବଂ ସମ୍ବଳ ସଂଗ୍ରହ କରିବା ନିମନ୍ତେ ଅବଲମ୍ବନ କରିଥିବା ବିଭିନ୍ନ ପନ୍ଥା ଦାୟୀ ଥିଲା। ଇଂଲଣ୍ଡର ପିଉରିଟାନମାନେ ତାଙ୍କର ପ୍ରବଳ ବିରୋଧୀ ହୋଇଉଠିଥିଲେ। ଏହି ପିଉରିଟାନ୍‌ମାନଙ୍କର ବିରୋଧ ହେତୁ ଚାର୍ଲସଙ୍କ ବ୍ୟକ୍ତିଗତ ଶାସନର ପତନ ଘଟିଥିଲା। ଇଂଲଣ୍ଡରେ ପିଉରିଟାନ୍‌ମାନେ ସଂଖ୍ୟାନ୍ୟୂନ ଗୋଷ୍ଠୀ ହୋଇଥିଲେ ମଧ୍ୟ ସମାଜରେ ପ୍ରତିଷ୍ଠିତ ହୋଇ ରହିଥିବା ହେତୁ ଚାର୍ଲସ୍‌ଙ୍କ କାର୍ଯ୍ୟକଳାପ ବିରୋଧରେ ଜନମତ ସଂଗ୍ରହ କରିବା ପାଇଁ ସକ୍ଷମ ହୋଇଥିଲେ।

ଟମାସ୍ ଓ୍ୱେଣ୍ଟୱାର୍ଥ (Thomas Went Worth) :



Thomas Wentworth
(1593–1641 A.D.)

ଟମାସ୍ ଓ୍ୱେଣ୍ଟୱାର୍ଥ ୟର୍କଶାୟାରର ଏକ ସମ୍ଭ୍ରାନ୍ତ ପରିବାରରେ ଜନ୍ମଗ୍ରହଣ କରିଥିଲେ। ପ୍ରାରମ୍ଭରୁ ସେ ଚାର୍ଲସଙ୍କ ବିରୋଧୀ ଥିଲେ। ସେ ପ୍ରଥମ ତିନିଗୋଟି ସଂସଦରେ ବିରୋଧୀ ଦଳର ମୁଖ୍ୟ ଭାବରେ ଭୂମିକା ନିର୍ବାହ କରିଥିଲେ। ''ଅଧିକାର ନିମନ୍ତେ ଆବେଦନ ପତ୍ର'' (Petition of Right) ପ୍ରଣୟନ କରିବାରେ ସେ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇଥିଲେ। କିନ୍ତୁ ଏହା ଗୃହୀତ ହୋଇଯିବା ପରେ ପରେ ସେ ବିରୋଧୀ ଦଳ ତ୍ୟାଗକରି ଚାର୍ଲସ୍‌ଙ୍କ ପକ୍ଷରେ ଯୋଗ ଦେଲେ। ଏଥିନିମନ୍ତେ ଅନେକ ତାଙ୍କୁ ବିଶ୍ୱାସଘାତକ ବୋଲି ସମାଲୋଚନା କରିଥାନ୍ତି। ଅବଶ୍ୟ ଏଥିରେ ସନ୍ଦେହର ଅବକାଶ ନାହିଁ ଯେ ସେ ନୀତି ଦୃଷ୍ଟିରୁ ଏହିଭଳି ପନ୍ଥା ଗ୍ରହଣ କରିବାକୁ ବାଧ୍ୟ ହୋଇଥଲେ, କାରଣ ସେ ଭଲ ଭାବରେ ହୃଦୟଙ୍ଗମ କରିଥିଲେ ଯେ, ''ଅଧିକାର ନିମନ୍ତେ ଆବେଦନ ପତ୍ର''କୁ ସମର୍ଥନ ଦେଲେ ମଧ୍ୟ ଶାସନ କ୍ଷେତ୍ରରେ ରାଜାଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। 'ଅଧିକାର ନିମନ୍ତେ ଆବେଦନ ପତ୍ର' ଗୃହୀତ ହୋଇଯିବା ପରେ ସେ ସଂସଦର କାର୍ଯ୍ୟକଳାପକୁ ସମର୍ଥନ କରି ନ ପାରି ରାଜାଙ୍କ ପକ୍ଷରେ ଯୋଗ ଦେଇଥିଲେ। ଏହାବ୍ୟତୀତ ଶାସନ ସ୍ୱୟଂସଂପୂର୍ଣ୍ଣ ବା ଅତି ମାତ୍ରାରେ କାର୍ଯ୍ୟଦକ୍ଷ ହେବା ଆବଶ୍ୟକ ବୋଲି ସେ ମତ ଦେଇଥିଲେ ବକିଂମହାମ୍‌ଙ୍କ ପରି ଅଯୋଗ୍ୟ ଓ ଅପାରଗ ମନ୍ତ୍ରୀଙ୍କ ପାଇଁ ଶାସନ କାର୍ଯ୍ୟଦକ୍ଷ ହେବା କେବେବି ସମ୍ଭବ ନୁହେଁ ବୋଲି ଅନୁଭବ କରି ସେ ବିରୋଧୀ ଦଳରେ ଯୋଗ ଦେଇଥିଲେ। ୧୬୨୮ ଖ୍ରୀ:ଅ:ରେ ବକିଂମହାମଙ୍କ ମୃତ୍ୟୁ ପରେ ତାଙ୍କର ରାଜାଙ୍କ ସହ ସହଯୋଗ କରିବା ନିମନ୍ତେ ଆଉ କୌଣସି ପ୍ରତିବନ୍ଧକ ରହିଲା ନାହିଁ। ଓ୍ୱେଣ୍ଟୱାର୍ଥଙ୍କ ନିକଟରେ ଶାସନର ସୁପରିଚାଳନା ନିମନ୍ତେ ଅଭୂତପୂର୍ବ ଦକ୍ଷତା ଥିଲା। ଚାର୍ଲସ୍‌ଙ୍କ ପକ୍ଷରେ ଯୋଗଦେବା ପରେ ତାଙ୍କୁ ଅର୍ଲ ଅଫ୍ ଷ୍ଟ୍ରାଫୋର୍ଡ (Earl of Strafford) ଉପାଧିରେ ଭୂଷିତ କରାଯାଇଥିଲା। ୧୬୩୨ ଖ୍ରୀ:ଅ:ରେ ସେ ଆର୍ୟଲାଣ୍ଡର ''ଲର୍ଡ ଡେପୁଟୀ'' ପଦବୀରେ ଅଧିଷ୍ଠିତ ହୋଇଥିଲେ। ୧୬୩୯ ଖ୍ରୀ:ଅ:ରେ ଡେପୁଟୀ ପଦବୀରେ ଅଧିଷ୍ଠିତ ହୋଇଥିଲେ। ୧୬୩୯ ଖ୍ରୀ:ଅ:ରେ ସେ ଚାର୍ଲସଙ୍କର ମୁଖ୍ୟ ଉପଦେଷ୍ଟା ଭାବରେ ନିଯୁକ୍ତି ପାଇଥିଲେ।

ଉଇଲିୟମ୍ ଲାଉଡ୍ (William Laud) :

ଚାର୍ଲସ୍‌ଙ୍କର ଅନ୍ୟତମ ପରାମର୍ଶଦାତା ଥିଲେ ଉଇଲିୟମ୍ ଲାଉଡ୍। ୧୬୨୮ ଖ୍ରୀ:ଅ:ରେ ଚାର୍ଲସ୍ ତାଙ୍କୁ ଲଣ୍ଡନର ''ବିଶପ୍'' ଏବଂ ୧୬୩୩ ଖ୍ରୀ:ଅ:ରେ କ୍ୟାଣ୍ଟରବରୀର ''ଆର୍ଚ୍ଚ ବିଶପ୍'' ପଦବୀରେ ଅଧିଷ୍ଠିତ କରିଥିଲେ। ଏହାବ୍ୟତୀତ ଚାର୍ଲସ୍ ତାଙ୍କୁ ଧର୍ମ ସଂକ୍ରାନ୍ତୀୟ ବ୍ୟାପାରରେ ତାଙ୍କର ମୁଖ୍ୟ ଉପଦେଷ୍ଟା ଏବଂ ପ୍ରିଭି କାଉନସିଲ୍‌ର ସଦସ୍ୟ ଭାବରେ ନିଯୁକ୍ତି ଦେଇଥିଲେ। ଲାଉଡ୍ ହାଇଚର୍ଚ୍ଚ ଗୋଷ୍ଠୀର ମୁଖ୍ୟ ଥିଲେ। କ୍ଷମତାରେ ଥିବା ହେତୁ ଏହି ଧର୍ମଗୋଷ୍ଠୀର ନୀତି କାର୍ଯ୍ୟକାରୀ କରିବାକୁ ତାଙ୍କୁ ସୁବର୍ଣ୍ଣ ସୁଯୋଗ ମିଳିଥିଲା। ଇଂଲଣ୍ଡର ଧର୍ମସଂସ୍ଥାରେ ବିଶପମାନଙ୍କର କର୍ତ୍ତୃତ୍ୱ ତଥା ରାଜାଙ୍କର ସାର୍ବଭୌମତ୍ୱ ବଜାୟ ରଖିବା, ଚର୍ଚ୍ଚମାନଙ୍କରେ ଅନୁଷ୍ଠିତ ଉପାସନା ପ୍ରଣାଳୀରେ ବାହ୍ୟ ସମାନତା ରକ୍ଷା କରିବା, ଧର୍ମ ସମ୍ବନ୍ଧୀୟ ବିବାଦୀୟ


William Laud
(1573–1645 A.D.)

ପ୍ରଶ୍ନଗୁଡ଼ିକର ସର୍ବସାଧାରଣରେ ଆଲୋଚନା ନିଷେଧ, ପ୍ରଚଳିତ ଚର୍ଚ୍ଚ ପଦ୍ଧତିର ସମାଲୋଚକମାନଙ୍କୁ ଦଣ୍ଡ ପ୍ରଦାନ ଇତ୍ୟାଦି ତାଙ୍କ ଧର୍ମନୀତିର ଅଂଶବିଶେଷ ଥିଲା। ଏହିସବୁ ଲକ୍ଷ୍ୟ ସାଧନ କରିବା ନିମନ୍ତେ ସେ ଟିଉଡର୍ ଯୁଗରୁ ଇଂଲଣ୍ଡରେ ପ୍ରତିଷ୍ଠିତ ଥିବା ହାଇ କମିଶନ ଏବଂ ଷ୍ଟାର ଚେମ୍ବର ପ୍ରଭୃତି ବିଶେଷ ନ୍ୟାୟାଳୟର ସହାୟତାରେ ଭିନ୍ନ ମତାବଲମ୍ବୀମାନଙ୍କୁ ଦୃଢ଼ ହସ୍ତରେ ଦମନ କରିବାକୁ ଲାଗିଲେ। ଏହି ସମୟରେ ଭିନ୍ନ ମତାବଲମ୍ବୀମାନଙ୍କୁ ଯେଉଁ କଠୋର ଦଣ୍ଡରେ ଦଣ୍ଡିତ କରାଯାଇଥିଲା ତାହା ବିଶେଷ ପ୍ରଣିଧାନଯୋଗ୍ୟ। ଉଇଲିୟମ୍ ପିରିନ୍ ନାମକ ଜନୈକ ପିଉରିଟାନ୍ ଓକିଲ ରାଜା ଏବଂ ରାଣୀଙ୍କୁ ତାଙ୍କ ପୁସ୍ତକରେ ପରୋକ୍ଷରେ ସମାଲୋଚନା କରିଥିବା ଅଭିଯୋଗରେ ଅଭିଯୁକ୍ତ ହେବାଦ୍ୱାରା ତାଙ୍କୁ ପାଞ୍ଚ ହଜାର ପାଉଣ୍ଡ ଜୋରିମାନା କରାଯିବା ସହିତ ତାଙ୍କୁ ''ଶାସ୍ତି ଯନ୍ତା'' (ଅପରାଧୀକୁ ଶାସ୍ତି ଦେବା ନିମନ୍ତେ ବ୍ୟବହୃତ ଯନ୍ତା)ରେ ରଖିବା ସହିତ ତାଙ୍କର କର୍ଣ୍ଣ ଛେଦନ କରାଯାଇ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରାଯାଇଥିଲା ଅବଶ୍ୟ ଲାଉଡ୍‌ଙ୍କ ବହୁ ପୂର୍ବରୁ ଇଂଲଣ୍ଡରେ ଏହିଭଳି ଶାସ୍ତି ପ୍ରଦାନ କରାଯାଉଥିଲା। ଟିଉଡର ଯୁଗରେ ଏହିଭଳି କଠୋର ଶାସ୍ତି ବିଧାନର ଅନେକ ଦୃଷ୍ଟାନ୍ତ ରହିଛି। ତେବେ ଲାଉଡ କଠୋର ଦଣ୍ଡ ପ୍ରଦାନ ମାଧ୍ୟମରେ ନିଜର ଧାର୍ମିକ ଗୋଷ୍ଠୀର ମତବାଦକୁ ଇଂଲଣ୍ଡରେ ପ୍ରତିଷ୍ଠା କରିବାକୁ ଉଦ୍ୟମ କରୁଥିବା ହେତୁ ସ୍ୱାଭାବିକ ଭାବରେ ପିଉରିଟାନ୍‌ମାନେ ତାଙ୍କର ବିରୋଧୀ ହୋଇଉଠିଥିଲେ। ଲାଉଡ୍‌ଙ୍କର ଜାତୀୟ ଚର୍ଚ୍ଚରୁ ପିଉରିଟାନମାନଙ୍କୁ ବହିଷ୍କାର କରିବା ଏକ ବିଶେଷ ଲକ୍ଷ୍ୟ ଥିଲା। ତାଙ୍କର ଏତାଦୃଶ ଧର୍ମନୀତି ହେତୁ ପିଉରିଟାନ୍‌ମାନେ ଜାତୀୟ ଚର୍ଚ୍ଚ ପରିତ୍ୟାଗ କରିବାକୁ ବାଧ ହୋଇଥିଲେ ଏବଂ ଜାତୀୟ ଚର୍ଚ୍ଚର ବ୍ୟାପକତା ଲୋପ ପାଇଲା। ଇଂଲଣ୍ଡରେ କ୍ୟାଥୋଲିକ୍ ଧର୍ମମତର ପୁନଃ ପ୍ରତିଷ୍ଠାର ଆଶଙ୍କା କରି ସହସ୍ରାଧିକ ପିଉରିଟାନ୍ ଇଂଲଣ୍ଡ ପରିତ୍ୟାଗ କରି ନିଉ ଇଂଲଣ୍ଡରେ ବସବାସ କରିବାକୁ ଲାଗିଲେ।

ରାଜସ୍ୱ ଆଦାୟର ପନ୍ଥା (Means to Collect Revenue) :

ଚାର୍ଲସ୍‌ଙ୍କର ଏକାଦଶ ବର୍ଷୀୟ ବ୍ୟକ୍ତିଗତ ଶାସନର ପତନ ପାଇଁ ଏହି ଧର୍ମଗତ ସମସ୍ୟା ବ୍ୟତୀତ ସମପରିମାଣରେ ଏକ ସାମ୍ବିଧାନିକ ସମସ୍ୟା ମଧ୍ୟ ଦାୟୀ ଥିଲା। ଚାର୍ଲସ୍ ସଂସଦର ଅନୁମୋଦନ ବିନା ଅର୍ଥ ସଂଗ୍ରହ କରିବା ନିମନ୍ତେ ଯେଉଁସବୁ ଉପାୟ ଅବଲମ୍ବନ କରିଥିଲେ, ତାହାରି ନିମନ୍ତେ ଏହି ସାମ୍ବିଧାନିକ ସମସ୍ୟାର ଉଦ୍ଭବ ହୋଇଥିଲା। ତାଙ୍କ ରାଜତ୍ୱର ପ୍ରଥମ ତିନି ସଂସଦ ତାଙ୍କୁ ଆବଶ୍ୟକୀୟ ଅର୍ଥ ମଞ୍ଜୁର ନ କରି ତାଙ୍କ ସହ ବିବାଦରେ ଜଡ଼ିତ ହେବାଯୋଗୁ ସେ କ୍ଷୁବ୍ଧ ହୋଇ ସଂସଦକୁ ଭାଙ୍ଗିଦେଇ ତାହାର ସହଯୋଗ ବିନା ଶାସନ କରିବା ନିମନ୍ତେ ସ୍ଥିର କରିଥିଲେ। ରାଜା ଯଦି ସଂସଦର ଅନୁମୋଦନ ବିନା କର ସଂଗ୍ରହ କରି ଦେଶ ଶାସନ କରିବାକୁ ସମର୍ଥ ହୁଅନ୍ତି, ତାହାଲେ ସଂସଦ ଉପରେ ଆଉ ନିର୍ଭର କରିବାକୁ ପଡ଼ିବ ନାହିଁ ବୋଲି ଚିନ୍ତା କରି ଚାର୍ଲସ୍ ଏବଂ ତାଙ୍କର ପରାମର୍ଶଦାତାଗଣ ବିଭିନ୍ନ ଉପାୟରେ ଅର୍ଥ ସଂଗ୍ରହ କରିବାକୁ ନିଷ୍ପତ୍ତି ନେଇଥିଲେ। ଅବଶ୍ୟ ପୂର୍ବରୁ ଜେମସ୍ ପ୍ରଥମଙ୍କର ଶାସନ ସମୟରୁ ସଂସଦର ଅନୁମୋଦନ ବିନା ଅର୍ଥ ସଂଗ୍ରହ କରିବା ଦିଗରେ ଯଥେଷ୍ଟ ଅଭିଜ୍ଞତା ଆସିଯାଇଥିଲା। ମାତ୍ର ''ଅଧିକାର ନିମନ୍ତେ ଆବେଦନ ପତ୍ର''ରେ ସ୍ୱେଚ୍ଛାଦାନ ଏବଂ ବାଧ୍ୟତାମୂଳକ ଋଣ ଇତ୍ୟାଦି ସଂଗ୍ରହକୁ ବାରଣ କରାଯାଇଥିଲା। ଚାର୍ଲସ୍ ଏବଂ ତାଙ୍କର ପରାମର୍ଶଦାତାଗଣ ଏହି ଆବେଦନ ପତ୍ରରେ ବାରଣ କରାଯାଇଥିବା ରାଜସ୍ୱ ଆଦାୟ ପନ୍ଥାରୁ ବିରତ ରହିଥିଲେ। କିନ୍ତୁ ଅର୍ଥ ସଂଗ୍ରହ ନିମନ୍ତେ ବାରଣ କରାଯାଇଥିବା ପନ୍ଥା ସବୁ ପରିତ୍ୟାଗ କରିବାକୁ ପଡୁଥିବାରୁ ସେମାନେ ଅର୍ଥ ସଂଗ୍ରହ ନିମନ୍ତେ ଅନ୍ୟାନ୍ୟ ପନ୍ଥାସବୁ ଗ୍ରହଣ କରିଥିଲେ। ପୂର୍ବ ପ୍ରଚଳିତ ପରମ୍ପରା ଅନୁଯାୟୀ ସଂସଦ ଟନେଜ ଏବଂ ପାଉଣ୍ଡେଜ୍ ଆଦାୟ କରିବାର କ୍ଷମତା ଚାର୍ଲସ୍‌ଙ୍କୁ ଅର୍ପଣ କରି ନ ଥିଲେ ମଧ୍ୟ ଆବେଦନ ପତ୍ରରେ ଏହାକୁ ବାରଣ

କରାଯାଇ ନ ଥିଲା। ତେଣୁ ଚାର୍ଲସ୍ ପୂର୍ବପରି ଟନେଜ ଏବଂ ପାଉଣ୍ଡେଜ ଆଦାୟ କରିଲେ। ଏକାଧିକାର ପ୍ରଦାନ କ୍ଷମତାକୁ ନିଷେଧ କରାଯାଇ ଏକ ଆଇନ ପ୍ରଣୟନ ହୋଇଥିଲେ ମଧ୍ୟ ଉକ୍ତ ଆଇନକୁ ଅର୍ଥାନ୍ତର କରି ଏହି ଉପାୟରେ ଅର୍ଥ ସଂଗ୍ରହ କରିବାର ସୁଯୋଗ ରହିଥିଲା। ତେଣୁ ଚାର୍ଲସ୍ ଏହି ସୁଯୋଗର ଅପବ୍ୟବହାର କରି ଅର୍ଥ ସଂଗ୍ରହ କରିବାକୁ ଚେଷ୍ଟା କଲେ। ଏହାଛଡ଼ା ଆଇନ ଦ୍ୱାରା ଏ ପର୍ଯ୍ୟନ୍ତ ଅବୈଧ ଘୋଷିତ ହୋଇ ନ ଥିବା ରାଜସ୍ୱ ଆଦାୟ କରିବା ନିମନ୍ତେ ପୁରାତନ ପଦ୍ଧତିର ପୁନଃ ପ୍ରଚଳନ ନିମନ୍ତେ ଉଦ୍ୟମ ହେଲା।

ହେନେରୀ ତୃତୀୟଙ୍କର ଶାସନ ସମୟରେ ଆବଶ୍ୟକୀୟ ସାମନ୍ତ ଏବଂ ସୈନ୍ୟ ଅଭାବ ପରିଲକ୍ଷିତ ହେଲେ ଭୂସମ୍ପତ୍ତିରୁ ବାର୍ଷିକ ୨୦ ପାଉଣ୍ଡ ଆୟ କରୁଥିବା ବ୍ୟକ୍ତିମାନଙ୍କୁ ବାଧ୍ୟତାମୂଳକ ଭାବରେ ନାଇଟ୍ ପଦବୀରେ ଭୂଷିତ କରାଯାଇ ଦେଶରକ୍ଷା କାର୍ଯ୍ୟରେ ନିୟୋଜିତ କରାଯିବାର ଏକ ପରମ୍ପରା ପ୍ରବର୍ତ୍ତନ କରାଯାଇଥିଲା। ପରବର୍ତ୍ତୀ ସମୟରେ ସାମନ୍ତ ପ୍ରଥାର କ୍ରମ ବିଲୁପ୍ତତା ଏବଂ ଗୋଳାବାରୁଦର ଉଦ୍ଭାବନ ଫଳରେ ଏହି ବ୍ୟବସ୍ଥାର ଗୁରୁତ୍ୱ ଅନୁଭୂତ ହେଲା ନାହିଁ। କିନ୍ତୁ ଯଦି ନାଇଟ୍ ହେବାପାଇଁ ଆବଶ୍ୟକୀୟ ଯୋଗ୍ୟତା ଥିବା ବ୍ୟକ୍ତିମାନେ ନାଇଟ୍ ପଦବୀ ଗ୍ରହଣ କରିଲେ ନାହିଁ, ସେମାନଙ୍କଠାରୁ ଜୋରିମାନା ସ୍ୱରୂପ ଅର୍ଥ ଆଦାୟ କରିବାର ଯେଉଁ ବ୍ୟବସ୍ଥା ଥିଲା, ସେଥିନିମନ୍ତେ ଅନେକ ସମୟରେ ରାଜାମାନେ ଏହି ପରମ୍ପରାକୁ ପ୍ରୟୋଗ କଲେ କାରଣ ଏହାଦ୍ୱାରା ଦେଶର ଆୟରେ ବୃଦ୍ଧି ଘଟୁଥିଲା। ଚାର୍ଲସଙ୍କ ଶାସନ ସମୟରେ ଏହି ପରମ୍ପରାର ବିଶେଷ ପ୍ରଚଳନ ନ ଥିଲେ ମଧ୍ୟ ସେ ଏହାକୁ ପ୍ରୟୋଗ କରି ଅର୍ଥ ସଂଗ୍ରହ କରିଲେ।

ଇଂଲଣ୍ଡରେ ମଧ୍ୟଯୁଗୀୟ ଶାସକମାନଙ୍କର ଅଧୀନରେ ଥିବା ଜଙ୍ଗଲଗୁଡ଼ିକର ସୀମା ନିର୍ଦ୍ଧାରିତ ହୋଇଥିଲା। ସୀମା ନିର୍ଦ୍ଧାରିତ ହୋଇଥିବା ଜଙ୍ଗଲଗୁଡ଼ିକୁ ଅବୈଧ ଉପାୟରେ ଦଖଲ ନ କରିବା ନିମନ୍ତେ ଜନସାଧାରଣଙ୍କୁ ବାରଣ କରାଯାଇଥିଲା। ଯଦି କୌଣସି ବ୍ୟକ୍ତି ଅବୈଧ ଉପାୟରେ ଜଙ୍ଗଲ ଦଖଲ କରିଥାନ୍ତି, ତେବେ ତାଙ୍କଠାରୁ ଜୋରିମାନା ଆଦାୟ କରାଯାଉଥିଲା। ମାତ୍ର ସମୟକ୍ରମେ ରାଜାଙ୍କ ଅଧୀନରେ ଥିବା ଜଙ୍ଗଲଗୁଡ଼ିକର ସୀମା ସଙ୍କୁଚିତ ହୋଇପଡ଼ିଥିଲା। ଜନସାଧାରଣ ଏହାକୁ ଅବାଧରେ ଦଖଲ କରିବାକୁ ଲାଗିଲେ ଏବଂ ସେମାନଙ୍କର ଏହି ବେଆଇନ ଜଙ୍ଗଲ ଦଖଲକୁ ରାଜାଙ୍କ ପକ୍ଷରୁ ବିଶେଷ ବିରୋଧ କରାଗଲା ନାହିଁ। ରାଜା ମଧ୍ୟ କେତେକ କ୍ଷେତ୍ରରେ ଦଖଲ ନିମନ୍ତେ ଅନୁମତି ପ୍ରଦାନ କରିଥିଲେ। ମାତ୍ର ବର୍ତ୍ତମାନ ଚାର୍ଲସ ଏହି ବେଆଇନ ଭାବରେ ଦଖଲ ହୋଇଥିବା ଜଙ୍ଗଲଗୁଡ଼ିକର ସୀମା ପୁନଃ ନିର୍ଦ୍ଧାରଣ କରିବା ନିମନ୍ତେ ତତ୍ପରତା ପ୍ରକାଶ କଲେ। ବେଆଇନ ଦଖଲକାରୀମାନଙ୍କୁ ଭାରୀ ଅର୍ଥଦଣ୍ଡରେ ଦଣ୍ଡିତ କରାଗଲା। ଏମିତିକି ଯେଉଁ ବ୍ୟକ୍ତିମାନେ ଜଙ୍ଗଲ ଦଖଲ କରିବା ନିମନ୍ତେ ରାଜାଙ୍କଠାରୁ ଅନୁମତି ପାଇଥିଲେ। ସେମାନେ ମଧ୍ୟ ଏଥିରୁ ନିଷ୍କୃତି ପାଇଲେ ନାହିଁ କାରଣ ସେମାନେ ଦଖଲର ପ୍ରମାଣ ସ୍ୱରୂପ ରାଜାଙ୍କର ଅନୁମତି ପତ୍ର ଦେଖାଇପାରିଲେ ନାହିଁ। ଅବଶ୍ୟ ଚାର୍ଲସ ଅର୍ଥ ସଂଗ୍ରହ କରିବା ନିମନ୍ତେ ଏହି ଯେଉଁସବୁ ଉପାୟ ଅବଲମ୍ବନ କରିଥିଲେ ସେଥିରେ କୌଣସି ନୂତନତା ନ ଥିଲା; କାରଣ ତାଙ୍କ ପୂର୍ବରୁ ରାଜାମାନେ ଏହି ଉପାୟ ଅବଲମ୍ବନ କରି ଅର୍ଥ ସଂଗ୍ରହ କରୁଥିଲେ। କିନ୍ତୁ ସମ୍ବିଧାନର ନିୟମ ସବୁକୁ ଏଡାଇବାକୁ ଯାଇ ସେ ଯେପରି ଭାବରେ ଅର୍ଥ ସଂଗ୍ରହ କରିବାକୁ ଲାଗିଲେ, ତାହା ତାଙ୍କର ସ୍ୱେଚ୍ଛାଚାରିତାର ଚରମ ନିଦର୍ଶନ ଥିଲା।

ଜାହାଜ କର (Ship Money) :

ଏହାବ୍ୟତୀତ ସେ ଅର୍ଥ ସଂଗ୍ରହ କରିବା ନିମନ୍ତେ ଅନ୍ୟ ଏକ ଉପାୟ ମଧ୍ୟ ପୂର୍ବରୁ ପ୍ରଚଳିତ ଥିଲା। ତାହାକୁ ଜାହାଜ କର ବା ସିପ୍ ମନି (Ship Money) ବୋଲି କୁହାଯାଏ। ଚାର୍ଲସ୍ ଏହି ଜାହାଜ କରକୁ ପୁନଃ ପ୍ରଚଳନ କରି ବହୁଳ ଭାବରେ ଏହାକୁ ପ୍ରୟୋଗ କରି ପ୍ରଭୂତ ଅର୍ଥ ସଂଗ୍ରହ କରିପାରିଥିଲେ। ପଣ୍ୟବାହୀ ଜାହାଜଗୁଡ଼ିକୁ ମଧ୍ୟଯୁଗରେ ଆବଶ୍ୟକତା ଅନୁଭୂତ ହେଲେ ଅନାୟାସରେ ଯୁଦ୍ଧ ଜାହାଜରେ ପରିଣତ କରାଯାଇପାରୁଥିଲା। ତେଣୁ ଏହି କାରଣରୁ ଏକ ସ୍ୱତନ୍ତ୍ର ନୌବହର ରଖିବାର ଆବଶ୍ୟକତା ଉପଲବ୍ଧି କରାଯାଇ ନ ଥିଲା। ଯୁଦ୍ଧ ହେବାର ଆଶଙ୍କା ଦେଖାଦେଲେ ରାଜା ପୋତାଶ୍ରୟ ନିକଟବର୍ତ୍ତୀ ନଗରଗୁଡ଼ିକୁ ଆବଶ୍ୟକ ସଂଖ୍ୟକ ଜାହାଜ ଯୋଗାଇଦେବା ପାଇଁ ନିର୍ଦ୍ଦେଶ ଦେଉଥିଲେ। ଏହି

ବ୍ୟବସ୍ଥା ବିରୋଧରେ କେବେ ମଧ୍ୟ କୌଣସି ସାମ୍ବିଧାନିକ କିମ୍ବା ବୈଧାନିକ ପ୍ରଶ୍ନ ଉଠି ନ ଥିଲା। ଆବଶ୍ୟକ ପଡ଼ିଲେ ରାଜା ଏହି ପନ୍ଥାର ଆଶ୍ରୟ ନେଉଥିଲେ। ୧୬୨୬ ଖ୍ରୀ:ଅ:ରେ ଚାର୍ଲସ୍ ମଧ୍ୟ ଫ୍ରାନ୍ସ ସହିତ ଯୁଦ୍ଧରେ ଲିପ୍ତ ଥିବାବେଳେ ଏହି ପନ୍ଥା ଗ୍ରହଣ କରିଥିଲେ। ଚାର୍ଲସ୍ ଏହି ବ୍ୟବସ୍ଥା ଦ୍ୱାରା ପ୍ରଭୂତ ଅର୍ଥ ସଂଗ୍ରହ କରିପାରିବେ ବୋଲି ଚିନ୍ତାକରି ଏହାକୁ କାର୍ଯ୍ୟକାରୀ କରିବାକୁ ଲାଗିଲେ। ସେହି ସମୟରେ ଅବଶ୍ୟ ନୌବାହିନୀକୁ ସୁଦୃଢ଼ କରିବାର ଆବଶ୍ୟକତା ନ ଥିଲା। ବୈଦେଶିକ ଯୁଦ୍ଧର ସମ୍ଭାବନା ରହିଥିବା ସହିତ ଡଚ୍‌ମାନେ ଯେଉଁ ଭାବରେ ସେମାନଙ୍କର ବ୍ୟବସାୟ ଏବଂ ବାଣିଜ୍ୟର ଅଭିବୃଦ୍ଧି ସାଧନ କରି ନୌବାହିନୀକୁ ଶକ୍ତିଶାଳୀ କରିବା ନିମନ୍ତେ ଉଦ୍ୟମ କରୁଥିଲେ, ତାହା ଇଂରେଜ ବଣିକ ଗୋଷ୍ଠୀ ମଧ୍ୟରେ ଆତଙ୍କ ସୃଷ୍ଟି କରିଥିଲା। ଏହି କାରଣରୁ ବାସ୍ତବରେ ଯୁଦ୍ଧ ଆରମ୍ଭ ହୋଇ ନ ଥିଲେ ମଧ୍ୟ ୧୬୩୪ ଖ୍ରୀ:ଅ: ଚାର୍ଲସ୍ ଯେତେବେଳେ ଜାହାଜ କର ପାଇଁ ପ୍ରଥମ ନିର୍ଦ୍ଦେଶନାମା (Writ) ପ୍ରକାଶ କରିଲେ, ସେତେବେଳେ ତାହା ବିରୁଦ୍ଧରେ କୌଣସି ପ୍ରତିବାଦ ହୋଇ ନ ଥିଲା। ଏହି ନିର୍ଦ୍ଦେଶନାମାରେ ପୋତାଶ୍ରୟ ନିକଟବର୍ତ୍ତୀ ନଗରଗୁଡ଼ିକୁ ବୃହଦାକାୟ ଜାହାଜମାନ ଯୋଗାଇବା ପାଇଁ ନିର୍ଦ୍ଦେଶ ଥିଲା। ମାତ୍ର ଲଣ୍ଡନ ବ୍ୟତୀତ ଅନ୍ୟ କୌଣସି ନଗରରେ ଏହିଭଳି ବୃହଦାକାୟ ଜାହାଜ ନ ଥିଲା। ତେଣୁ ସେହି ନଗରଗୁଡ଼ିକୁ ଜାହାଜର ମୂଲ୍ୟ ବାବଦରେ ଅର୍ଥ ଦେବା ନିମନ୍ତେ ନିର୍ଦ୍ଦେଶ ଦିଆଯାଇଥିଲା। ଚାର୍ଲସ୍‌ଙ୍କ ନିର୍ଦ୍ଦେଶନାମାରେ ପୂର୍ବରୁ ପ୍ରଚଳିତ ପରମ୍ପରାର ବ୍ୟତିକ୍ରମ ଘଟିଥିଲେ ମଧ୍ୟ ଏହା ବିରୋଧରେ ଜନମତ ପ୍ରକାଶ ପାଇ ନ ଥିଲା। ଅବଶ୍ୟ ଲଣ୍ଡନ ପୂର୍ବରୁ ଜାହାଜ କରରୁ ଅବ୍ୟାହତି ପାଇଥିବା ଦୃଷ୍ଟିରୁ ଏହା ବିରୋଧରେ ପ୍ରତିବାଦ କରିଥିଲା; ମାତ୍ର ଏହି ପ୍ରତିବାଦ ନିଷ୍ଫଳ ହୋଇଥିଲା।

ଚାର୍ଲସ ଅଗଷ୍ଟ ୧୬୩୫ ଖ୍ରୀ:ଅ:ରେ ଜାହାଜ କର ନିମନ୍ତେ ଦ୍ୱିତୀୟ ନିର୍ଦ୍ଦେଶନାମା ପ୍ରକାଶ କରିଥିଲେ। ଏହି ଦ୍ୱିତୀୟ ନିର୍ଦ୍ଦେଶନାମାରେ ପୋତାଶ୍ରୟ ନିକଟବର୍ତ୍ତୀ ନଗରଗୁଡ଼ିକ ସମେତ ସମଗ୍ର ରାଜ୍ୟରୁ ଜାହାଜ କର ଆଦାୟ କରିବା ନିମନ୍ତେ ବ୍ୟବସ୍ଥା ଥିଲା। ସମଗ୍ର ରାଜ୍ୟର ସୁରକ୍ଷା ନିମନ୍ତେ ନୌବାହିନୀର ଆବଶ୍ୟକତା ଥିବା ଦୃଷ୍ଟିରୁ ରାଜ୍ୟର ସମସ୍ତ ଅଧିବାସୀ ଏହି କର ଦେବା ଉଚିତ ବୋଲି ଏହି ନିର୍ଦ୍ଦେଶନାମାରେ ଉଲ୍ଲେଖ ଥିଲା। ଏହି ନିର୍ଦ୍ଦେଶନାମା ବଳରେ ପ୍ରତ୍ୟେକ ସେରିଫ୍ ସେମାନଙ୍କର କାଉଣ୍ଟି ତରଫରୁ ଜାହାଜ ଯୋଗାଇବା ପାଇଁ କିମ୍ବା ତାର ପ୍ରତିବଦଳରେ ମୂଲ୍ୟ ବାବଦକୁ ଅର୍ଥ ଆଦାୟ କରିବା ପାଇଁ ଆଦେଶ ପାଇଥିଲେ। ତେବେ ଏହି ନିର୍ଦ୍ଦେଶନାମା ବିରୋଧରେ ଜନମତ ସୃଷ୍ଟି ହୋଇଥିଲା। ଏହି ସଂକ୍ରାନ୍ତରେ ମଧ୍ୟ ଅଦାଲତରେ ଏକ ମୋକଦ୍ଦମା ଦାୟର କରାଯାଇଥିଲା। ମାତ୍ର ବିଚାରପତିମାନେ ଚାର୍ଲସ ତାଙ୍କର ନାର୍ଯ୍ୟ ସାର୍ବଭୌମ କ୍ଷମତା ପ୍ରୟୋଗ କରିଛନ୍ତି ବୋଲି ମତାମତ ପ୍ରଦାନ କରିଥିଲେ।

ଅକ୍ଟୋବର ୧୬୩୬ ଖ୍ରୀ:ଅ:ରେ ଜାହାଜ କର ସଂପର୍କରେ ତୃତୀୟ ନିର୍ଦ୍ଦେଶନାମା ପ୍ରକାଶ ପାଇଥିଲା। ଏହି ତୃତୀୟ ନିର୍ଦ୍ଦେଶନାମାରେ ଦ୍ୱିତୀୟ ନିର୍ଦ୍ଦେଶନାମା ପରି ସମଗ୍ର ରାଜ୍ୟରୁ ଜାହାଜ କର ଆଦାୟ କରିବା ନିମନ୍ତେ ବ୍ୟବସ୍ଥା କରାଯାଇଥିଲା। କିନ୍ତୁ ଏହି ନିର୍ଦ୍ଦେଶନାମା ଜନସାଧାରଣଙ୍କ ମନରେ ଅସନ୍ତୋଷର ବହ୍ନି ପ୍ରଜ୍ଜ୍ୱଳିତ କରିଥିଲା। ଜନସାଧାରଣଙ୍କ ମନରେ ଧାରଣା ସୃଷ୍ଟି ହେଲା ଯେ ରାଜା ପ୍ରତିବର୍ଷ ଏକ ନିୟମିତ କର ଭାବରେ ଜାହାଜ କର ଆଦାୟ କରିବେ। ପ୍ରତ୍ୟେକ ଥର ରାଜା ଏହି ସୂତ୍ରରେ ୨୦୦,୦୦୦ ପାଉଣ୍ଡ ଅର୍ଥାତ୍ ତିନୋଟି ସହାୟକ ପାଣ୍ଠିର ମୂଲ୍ୟଠାରୁ ଅଧିକ ଅର୍ଥ ପାଇପାରିଥିଲେ। ତେଣୁ ଜନସାଧାରଣଙ୍କ ମନରେ ସନ୍ଦେହ ସୃଷ୍ଟି ହୋଇଥିଲା ଯେ ଏହି କର ନିୟମିତ ଭାବରେ ଆଦାୟ କରିପାରିଲେ ରାଜାଙ୍କର ସମ୍ବଳର ଆଉ ଅଭାବ ରହିବ ନାହିଁ ଏବଂ ସ୍ୱେଚ୍ଛାଚାରୀ ଶାସକ ହେବାରେ ଆଉ କୌଣସି ପ୍ରତିବନ୍ଧକ ରହିବ ନାହିଁ। ଆହୁରି ମଧ୍ୟ ଆଶଙ୍କା ସୃଷ୍ଟି ହୋଇଥିଲା ଯେ ସେ ଯେପରି ଆବଶ୍ୟକତା ନ ଥାଇ ଜାହାଜ କର ଧାର୍ଯ୍ୟ କରିଲେ, ସେହିପରି ମଧ୍ୟ ଭବିଷ୍ୟତରେ ଚାର୍ଲସ୍ ଆହୁରି ଅନେକ କରଧାର୍ଯ୍ୟ କରିବେ। ସେହି ସମୟରେ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ବାରମ୍ବାର ଉତ୍ଥାପିତ ହୋଇଥିଲା ଯେ ରାଜା ଏବଂ ସଂସଦ, ଏହି ଦୁଇଜଣଙ୍କ ମଧ୍ୟରୁ କାହା ନିକଟରେ ରାଷ୍ଟ୍ରର ସାର୍ବଭୌମ କ୍ଷମତା ନ୍ୟସ୍ତ ରହିବ ଏବଂ କାହାର ନିଷ୍ପତ୍ତି ଚୂଡ଼ାନ୍ତ ନିଷ୍ପତ୍ତି ହେବ।

ଜନ୍ ହାମ୍ପଡେନ୍ ଓ ଜାହାଜ କର (John Hampden and Ship Money) :

John Hampden
(1595–1643 A.D.)

ଏହି ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନର ସମାଧାନ ନିମନ୍ତେ ଜନ୍ ହାମ୍ପଡ଼େନ୍ ନାମକ ଜନୈକ ବ୍ୟକ୍ତି ଜାହାଜ କର ବାବଦରେ ତାଙ୍କ ଉପରେ ଯେଉଁ ୨୦ ଶିଲିଂ ଧାର୍ଯ୍ୟ ହୋଇଥିଲା ତାହା ଦେବାକୁ ଅନିଚ୍ଛୁକ ହୋଇ ଏହା ବିରୁଦ୍ଧରେ ନ୍ୟାୟାଳୟର ଆଶ୍ରୟ ନେଲେ। ୧୨ ଜଣ ବିଚାରପତିଙ୍କ ମଧ୍ୟରୁ ୭ ଜଣ ରାଜାଙ୍କ ସପକ୍ଷରେ ମତବ୍ୟକ୍ତ କରିଥିବା ବେଳେ ୫ ଜଣ ରାଜାଙ୍କ ବିରୁଦ୍ଧରେ ମତ ପ୍ରଦାନ କରିଥିଲେ। ସଂଖ୍ୟାଗରିଷ୍ଠ ବିଚାରପତିଙ୍କ ରାଜାଙ୍କ ସପକ୍ଷରେ ରାୟ ଦେବା ହେତୁ ରାଜାଙ୍କର କାର୍ଯ୍ୟ ନ୍ୟାୟାଳୟର ସମର୍ଥନ ପାଇଲା ବୋଲି ବିବେଚିତ ହେଲା। କିନ୍ତୁ ବୁଦ୍ଧିଜୀବୀମାନେ ନ୍ୟାୟାଳୟର ଏହି ନିଷ୍ପତ୍ତିରେ ସନ୍ତୁଷ୍ଟ ହେଲେ ନାହିଁ, କାରଣ ଏଥିରେ ଯେଉଁସବୁ ମୌଳିକ ନୀତିଗତ ପ୍ରଶ୍ନ ନିହିତ ଥିଲା, ସେସବୁ ପ୍ରତି ସେମାନେ ବିଶେଷ ଭାବରେ ସଚେତନ ଥିଲେ ଏବଂ ଚାର୍ଲସଙ୍କ କାର୍ଯ୍ୟ ଦ୍ୱାରା ଇଂରେଜମାନଙ୍କର ରାଜନୈତିକ ସ୍ୱାଧୀନତାର ଅନ୍ତ ଘଟିଛି ବୋଲି ହୃଦୟଙ୍ଗମ କରିଥିଲେ। କିନ୍ତୁ ସେହି ସମୟରେ ଚାର୍ଲସ୍‌ଙ୍କୁ ଏହି କାର୍ଯ୍ୟରୁ ନିବୃତ୍ତ କଲାଭଳି କୌଣସି ପଦକ୍ଷେପ ନିଆଯାଇ ନ ଥିଲା। ନ୍ୟାୟାଳୟର ନିଷ୍ପତ୍ତି ପରେ ଚାର୍ଲସ୍‌ଙ୍କ ପକ୍ଷରେ ଜାହାଜ କର ଧାର୍ଯ୍ୟ କରିବା ଲାଗି କୌଣସି ପ୍ରତିବନ୍ଧକ ରହିଲା ନାହିଁ। ତେଣୁ ସେ ପ୍ରତି ବର୍ଷ ଏହି କର ଆଦାୟ କରିବାକୁ ଲାଗିଲେ।

ଏହିଭଳି ବିଭିନ୍ନ ଉପାୟ ଅବଲମ୍ବନ କରି ସଂସଦର ଅନୁମୋଦନ ବିନା ଅର୍ଥ ସଂଗ୍ରହ କରି ସାଧାରଣ ପ୍ରଶାସନର ବ୍ୟୟଭାର ବହନ କରିବା ପାଇଁ ଚାର୍ଲସ ସକ୍ଷମ ହୋଇପାରିଥିଲେ। ଯଦି ଯୁଦ୍ଧ ଲାଗିବାର ସମ୍ଭାବନା ଦେଖାଦେଇ ନ ଥାନ୍ତା, ତାହାଲେ ଚାର୍ଲସ୍ ନିଶ୍ଚିତ ଭାବରେ ସମସ୍ତ ପ୍ରକାର ସାମ୍ବିଧାନିକ କଟକଣାକୁ ଉଲ୍ଲଙ୍ଘନ କରି ଶାସନ କରିବା ନିମନ୍ତେ ସକ୍ଷମ ହୋଇଥାନ୍ତେ ଏବଂ ତାଙ୍କ ନିମନ୍ତେ ସଂସଦ ଆହ୍ୱାନ କରିବାର କୌଣସି ଆବଶ୍ୟକତା ରହି ନ ଥାନ୍ତା। କିନ୍ତୁ ରାଜନୈତିକ ପ୍ରଶ୍ନ ସହିତ ଏକ ଜଟିଳ ଧର୍ମଗତ ପ୍ରଶ୍ନ ଉତ୍‌ଥାପିତ ହେବାଯୋଗୁ ଯୁଦ୍ଧ ଅବଶ୍ୟମ୍ଭାବୀ ହୋଇପଡ଼ିଥିଲା।

ଧର୍ମଗତ ସମସ୍ୟା (Religious Problem) :

ଲାଉଡ୍ ଇଂଲଣ୍ଡର ଜାତୀୟ ଚର୍ଚ୍ଚରେ ହାଇଚର୍ଚ୍ଚ ଗୋଷ୍ଠୀର ମୁଖ୍ୟ ଭାବରେ ତାଙ୍କ ଧର୍ମଗୋଷ୍ଠୀର ନୀତିଗୁଡ଼ିକ ପ୍ରୟୋଗ କରି ବିଶେଷ ସଫଳତା ଅର୍ଜନ କରିବା ପରେ ପରେ ଚାର୍ଲସ୍‌ଙ୍କ ସମର୍ଥନ ଲାଭକରି ସ୍କଟ୍‌ଲ୍ୟାଣ୍ଡ ଚର୍ଚ୍ଚରେ ମଧ୍ୟ ସେହି ନୀତି ପ୍ରଚଳନ କରିବାକୁ ଉଦ୍ୟମ କରିଲେ। ମାତ୍ର ସ୍କଟ୍‌ମାନେ ଇଂରେଜମାନଙ୍କ ପରି ଏହାକୁ ସହଜରେ ଗ୍ରହଣ କରିଲେ ନାହିଁ। ସେମାନେ ନିଜର ପ୍ରେସ୍‌ବାଇଟେରିଆନ୍ ଧର୍ମମତ ପ୍ରତି ଅତ୍ୟନ୍ତ ଅନୁରକ୍ତ ଥିବା ହେତୁ ଏହାର ବିରୋଧ କରିବାକୁ ସଙ୍କଳ୍ପବଦ୍ଧ ହୋଇଥିଲେ। ଲାଉଡ୍ ସ୍କଟ୍‌ଲ୍ୟାଣ୍ଡରେ ତାଙ୍କର ଧର୍ମନୀତି ପ୍ରୟୋଗ କରିବାକୁ ଯାଇ ପ୍ରଥମ ପଦକ୍ଷେପ ସ୍ୱରୂପ ସେଠାରେ ପ୍ରଚଳିତ ପ୍ରାର୍ଥନା ପୁସ୍ତକ ପରିବର୍ତ୍ତେ ଇଂଲଣ୍ଡର ପ୍ରାର୍ଥନା ପୁସ୍ତକ ଅନୁରୂପ ଏକ ପ୍ରାର୍ଥନା ପୁସ୍ତକ ପ୍ରଚଳନ ପାଇଁ ନିର୍ଦ୍ଦେଶ ଦେଲେ। ଜୁଲାଇ ୨୩ ତାରିଖ ୧୬୩୭ ଖ୍ରୀ:ଅ:ରେ ଏହି ନୂତନ ପ୍ରାର୍ଥନା ପୁସ୍ତକ ଏଡିନ୍‌ବର୍ଗର ସେଣ୍ଟ୍‌ଗାଇଲ ଗିର୍ଜାରେ ପ୍ରଥମେ ଯେତେବେଳେ ବ୍ୟବହୃତ ହେଲା, ସେଠାରେ ଉପସ୍ଥିତ ଜନତା ଏହାର ଦୃଢ଼ ବିରୋଧ କଲେ। ଅଳ୍ପକାଳ ମଧ୍ୟରେ ଏହି ବିରୋଧ ବିଦ୍ରୋହରେ ପରିବର୍ତ୍ତିତ ହୋଇ ସମଗ୍ର ଦେଶରେ ପ୍ରସାରିତ ହେଲା। ଚାର୍ଲସ୍ ଯଦି ଆସନ୍ନ ବିପଦକୁ ଉପଲବ୍ଧି କରି ପ୍ରାର୍ଥନା ପୁସ୍ତକକୁ ପ୍ରତ୍ୟାହାର କରିନେଇଥାନ୍ତେ, ତାହାଲେ ଏହି ସମସ୍ୟାର ସମାଧାନ ହୋଇପାରିଥାନ୍ତା। କିନ୍ତୁ ସେ ଶକ୍ତି ପ୍ରୟୋଗ କରି ସ୍କଟଲ୍ୟାଣ୍ଡକୁ ନିଜ ନିୟନ୍ତ୍ରଣକୁ ଆଣିବାକୁ ଉଦ୍ୟମ କରିଲେ। ଏହାଦ୍ୱାରା ସ୍କଟ୍‌ମାନେ ସଂଘବଦ୍ଧ ହୋଇ ରାଜାଙ୍କ ବିରୋଧ କଲେ। ୧୬୩୮ ଖ୍ରୀ:ଅ:ରେ ସ୍କଟ୍‌ଲ୍ୟାଣ୍ଡରେ ପ୍ରେସ୍‌ବାଇଟେରିଆନ୍ ମତବାଦର ସୁରକ୍ଷା ନିମନ୍ତେ ଏକ ଜାତୀୟ ଚୁକ୍ତିନାମା (National Covenant) ପ୍ରସ୍ତୁତ କରାଗଲା। ଏହି ଜାତୀୟ ଚୁକ୍ତିନାମାରେ ସହସ୍ର

ସହସ୍ର ସ୍କଟ୍ ସ୍ୱାକ୍ଷର କରି ଜାତୀୟ ଧର୍ମକୁ ରକ୍ଷା କରିବା ନିମନ୍ତେ ବଜ୍ର ଶପଥ ନେଲେ। ସମଗ୍ର ଦେଶରେ ଏକ ଅଭୁତପୂର୍ବ ଜନଜାଗରଣ ଦେଖାଦେଇଥିଲା। ଏହିଭଳି ସଙ୍କଟଜନକ ପରିସ୍ଥିତିର ସମ୍ମୁଖୀନ ହୋଇ ଚାର୍ଲସ୍ ବାଧହୋଇ ପ୍ରାର୍ଥନା ପୁସ୍ତକ ପ୍ରତ୍ୟାହାର କରିନେବା ପାଇଁ ସ୍ୱୀକୃତି ଦେଲେ ଏବଂ ସ୍କଟ୍‌ମାନଙ୍କୁ ଗୀର୍ଜାର ସାଧାରଣ ପରିଷଦ (General Assembly) ଆହୂତ କରିବା ନିମନ୍ତେ ଅନୁମତି ପ୍ରଦାନ କରିଲେ।

ପ୍ରଥମ ବିଶପ ସମର (First Bishop War) :

୧୬୩୮ ଖ୍ରୀ:ଅ: ନଭେମ୍ବର ମାସରେ ଏହି ସାଧାରଣ ପରିଷଦର ବୈଠକ ଗ୍ଲାସଗୋଠାରେ ଅନୁଷ୍ଠିତ ହେଲା। ଏହି ବୈଠକରେ ନୂତନ ପ୍ରାର୍ଥନା ପୁସ୍ତକଟିକୁ ରଦ୍ଦ କରାଗଲା ବୋଲି ଘୋଷଣା ହେଲା, ବିଶପମାନଙ୍କୁ କ୍ଷମତାଚ୍ୟୁତ କରାଗଲା ଏବଂ ପ୍ରେସ୍‌ବାଇଟେରିଆନ୍ ମତବାଦକୁ ପୁନଃ ପ୍ରଚଳନ କରିବା ନିମନ୍ତେ ସ୍ଥିର କରାଗଲା। ମାତ୍ର ଚାର୍ଲସ୍ ସାଧାରଣ ପରିଷଦରେ ଗୃହୀତ ହୋଇଥିବା ଏହି ଆଇନଗୁଡ଼ିକୁ ଅନୁମୋଦନ କରିବାକୁ ନିଜର ଅସମ୍ମତି ପ୍ରକାଶ କରିଲେ। ଏହାଦ୍ୱାରା ଚାର୍ଲସ୍ ଏବଂ ସ୍କଟ୍‌ମାନଙ୍କ ମଧ୍ୟରେ ଯୁଦ୍ଧ ଅନିବାର୍ଯ୍ୟ ହୋଇପଡ଼ିଲା। ୧୬୩୯ ଖ୍ରୀ:ଅ:ରେ ସଂଘଟିତ ହୋଇଥିବା ଏହି ଯୁଦ୍ଧ ପ୍ରଥମ ବିଶପ ସମର ନାମରେ ଅଭିହିତ ଅଟେ। ଚାର୍ଲସ୍ ଏକ ଦୁର୍ବଳ ସୈନ୍ୟବାହିନୀ ନେଇ ସ୍କଟ୍‌ମାନଙ୍କ ସହ ଯୁଦ୍ଧ କରିବାକୁ ଅସମର୍ଥ ହୋଇ ପରିଶେଷରେ ସେ ବାରଉଇକ୍‌ଠାରେ ଏକ ଶାନ୍ତିଚୁକ୍ତି ସ୍ୱାକ୍ଷର କରିଲେ। ଏହି ଚୁକ୍ତିର ସର୍ତ୍ତାନୁଯାୟୀ ସାଧାରଣ ପରିଷଦକୁ ପୁନର୍ବାର ଆହୂତ କରିବା ନିମନ୍ତେ ଅନୁମତି ଦେଲେ।

ଦ୍ୱିତୀୟ ବିଶପ ସମର (Second Bishop War) :

୧୬୩୯ ଖ୍ରୀ:ଅ:ରେ ଚୁକ୍ତି ଅନୁଯାୟୀ ସାଧାରଣ ପରିଷଦ ଆହୂତ ହେଲା। ସାଧାରଣ ପରିଷଦର ବୈଠକରେ ଗ୍ଲାସ୍‌ଗୋ ଅଧିବେଶନରେ ଗୃହୀତ ହୋଇଥିବା ଆଇନଗୁଡ଼ିକୁ ପୁନର୍ବାର ପ୍ରଣୟନ କରାଯାଇ ସେଗୁଡ଼ିକୁ ଅନୁମୋଦନ କରିବା ନିମନ୍ତେ ଚାର୍ଲସଙ୍କୁ ଅନୁରୋଧ କରାଗଲା। ଚାର୍ଲସ୍ ଏହାକୁ ଅନୁମୋଦନ କରିଲେ; କିନ୍ତୁ ଏହି ପ୍ରଣୀତ ଆଇନଗୁଡ଼ିକୁ ସ୍କଟ୍‌ଲ୍ୟାଣ୍ଡରେ କାର୍ଯ୍ୟକାରୀ କରିବା ନିମନ୍ତେ ଅନୁମୋଦନ କରିବାକୁ ଅସମ୍ମତି ପ୍ରକାଶ କରିଲେ, ଯାହାଦ୍ୱାରା ୧୬୪୦ ଖ୍ରୀ:ଅ:ରେ ପୁନର୍ବାର ଯୁଦ୍ଧର ସୂତ୍ରପାତ ହେଲା। ଏହି ଯୁଦ୍ଧକୁ ଦ୍ୱିତୀୟ ବିଶପ ସମର କୁହାଯାଏ।

ଏହିଭଳି ଯୁଦ୍ଧର ପରିସ୍ଥିତି ଉପୁଜୁଥିବାରୁ ସୈନ୍ୟବାହିନୀ ଗଠନ କରିବା ଏକାନ୍ତ ଅପରିହାର୍ଯ୍ୟ ହୋଇପଡ଼ିଲା। ଚାର୍ଲସ୍ ସଂସଦର ବିନା ଅନୁମୋଦନରେ ବିଭିନ୍ନ ଉପାୟରେ ଅର୍ଥ ସଂଗ୍ରହ କରିବାକୁ ସକ୍ଷମ ହୋଇଥିଲେ ସତ୍ୟ ମାତ୍ର ଏଥିରେ ସୈନ୍ୟବାହିନୀ ଗଠନ କରିବା ଏବଂ ତାହାର ରକ୍ଷଣାବେକ୍ଷଣ କରିବା ଆଦୌ ସମ୍ଭବ ନ ଥିଲା। ତେଣୁ ସେ ପ୍ରଥମ ବିଶପ ସମର ପରେ ସଂସଦ ଆହ୍ୱାନ କରିବାକୁ ସ୍ଥିର କରିଥିଲେ। ୱେଣ୍ଟୱାର୍ଥ ମଧ୍ୟ ତାଙ୍କୁ ସଂସଦ ଆହ୍ୱାନ କରିବା ନିମନ୍ତେ ପରାମର୍ଶ ଦେଇଥିଲେ; କାରଣ ସେ ଯୁକ୍ତି କରିଥିଲେ ଯେ ଆପଦକାଳୀନ ପରିସ୍ଥିତିରେ ଯଦି ସଂସଦ ରାଜାଙ୍କୁ ଆର୍ଥିକ ସାହାଯ୍ୟ ମଞ୍ଜୁର ନ କରେ, ତାହାଲେ ତାଙ୍କର ସ୍ୱେଚ୍ଛାରେ ଶାସନ କରିବାରେ ଆଉ କୌଣସି ଅଯୌକ୍ତିକତା ରହିବ ନାହିଁ।

ସଂକ୍ଷିପ୍ତ ସଂସଦ (Short Parliament) :

ଚାର୍ଲସ୍ ୧୬୪୦ ଖ୍ରୀ:ଅ: ଏପ୍ରିଲ ମାସରେ ଏକ ସଂସଦ ଆହୂତ କରିଥିଲେ। ମାତ୍ର କମନସ୍ ସଭା ମିଳିତ ହେବାମାତ୍ରେ ପୁନର୍ବାର ଚାର୍ଲସ୍‌ଙ୍କୁ ଏହାର ବିରୋଧର ସମ୍ମୁଖୀନ ହେବାକୁ ପଡ଼ିଥିଲା। ଏହି ସଂସଦରେ ରାଜାଙ୍କର ବିରୋଧୀମାନଙ୍କର ସଂଖ୍ୟା ଆଶାତୀତ ଭାବରେ ବୃଦ୍ଧି ପାଇଥିଲା। ତେଣୁ ଚାର୍ଲସ୍ ଏବଂ ତାଙ୍କର ସମର୍ଥକମାନେ ଯେତେବେଳେ ସମ୍ବଳ ନିମନ୍ତେ ସଂସଦଠାରେ ଦାବୀ ଉପସ୍ଥାପନ କରିଲେ, କମନସ୍ ସଭା ରାଜାଙ୍କ ବିରୋଧରେ ଥିବା ତାହାର ଅଭିଯୋଗଗୁଡ଼ିକର ଯଥାର୍ଥ ବିଚାର ନ ହେବା ପର୍ଯ୍ୟନ୍ତ କୌଣସି ଆର୍ଥିକ ସାହାଯ୍ୟ ମଞ୍ଜୁର କରିବ ନାହିଁ ବୋଲି ସ୍ପଷ୍ଟ ଭାବରେ ମତ ପ୍ରଦାନ କରିଥିଲା। ଅବଶ୍ୟ ଲର୍ଡସ ସଭା ଅଭିଯୋଗଗୁଡ଼ିକର ବିଚାର ପୂର୍ବରୁ ରାଜାଙ୍କୁ ଆର୍ଥିକ ସାହାଯ୍ୟ

ମଞ୍ଜୁର କରିବା ସପକ୍ଷରେ ମତ ଦେଇଥିଲା। କିନ୍ତୁ ଅର୍ଥ ବିଧେୟକ କ୍ଷେତ୍ରରେ ଲର୍ଡସ ସଭାର ଏହି ହସ୍ତକ୍ଷେପ ଦ୍ୱାରା ତାର ସ୍ୱାଧୀକାର ଭଙ୍ଗ ହୋଇଛି ବୋଲି କମନସ୍ ସଭା ଅଭିଯୋଗ କରିଲା ଏବଂ ଏହି ପ୍ରସ୍ତାବଟିକୁ ଖାରଜ କରିଦେଲା। ଏମିତିକି ଚାର୍ଲସ୍ ଯଦି ସଂସଦ ତାଙ୍କୁ ୧୨ଟି ସହାୟକ ପାଣ୍ଠି ମଞ୍ଜୁର କରେ, ତାହାଲେ ସେ ଜାହାଜ କର ଆଦାୟ କରିବେ ନାହିଁ ବୋଲି ପ୍ରସ୍ତାବ ଦେଇଥିଲେ ମଧ୍ୟ କମନସ୍ ସଭା ଏଥିରେ ଅସମ୍ମତି ପ୍ରକାଶ କରିଥିଲା। ସଂସଦ ଖୁବ୍ ଭଲ ଭାବରେ ଅନୁଭବ କରିଥିଲା ଯେ ରାଜାଙ୍କୁ ଆବଶ୍ୟକୀୟ ପାଣ୍ଠି ଯୋଗାଇ ଦେଇସାରିବା ପରେ ତାଙ୍କୁ ଆଉ ସଂସଦର ନିୟନ୍ତ୍ରଣରେ ରଖିବା ସମ୍ଭବପର ହେବନାହିଁ। ରାଜା ଯେଉଁସବୁ ଅବୈଧ ଉପାୟରେ ଅର୍ଥ ସଂଗ୍ରହ କରି ଚାଲିଥିଲେ, ସେଗୁଡ଼ିକର ଏହି ସମୟରେ ଅନ୍ତ ନ ଘଟାଇଲେ ସଂସଦକୁ ଆଉ ଏପରି ସୁଯୋଗ ମିଳିବ ନାହିଁ। ଚାର୍ଲସ ସଂସଦ ନିକଟରୁ ଆର୍ଥିକ ସାହାଯ୍ୟ ପାଇବାର ଆଶା ନ ଦେଖି ତାକୁ ଭାଙ୍ଗିଦେଲେ। ଏହି ସଂସଦ ଭଙ୍ଗ ହେଲା ବେଳକୁ ତିନି ସପ୍ତାହ ନିମନ୍ତେ ଏହାର ଗୋଟିଏ ମାତ୍ର ଅଧିବେଶନ ବସିଥିଲା। ଏଣୁ ଏହି ସଂସଦ 'ସଂକ୍ଷିପ୍ତ ସଂସଦ' (Short Parliament) ନାମରେ ଅଭିହିତ ଅଟେ।

୧୬୪୦ ଖ୍ରୀ:ଅ:ରେ ଦ୍ୱିତୀୟ ବିଶପ ସମର ସଂଘଟିତ ହୋଇଥିଲା। ଏହି ଯୁଦ୍ଧ ନିମନ୍ତେ ଚାର୍ଲସ ବିଭିନ୍ନ ପନ୍ଥା ଅବଲମ୍ବନ କରି ଅର୍ଥ ସଂଗ୍ରହ କରିବାରେ ଲାଗିଲେ। 'ଜାହାଜ କର' ଆଦାୟ କରାଯିବା ସହିତ ଲଣ୍ଡନର ଲ୍ଡର୍ ମେୟର ଓ ଉପନଗରପାଳଙ୍କୁ ଅର୍ଥ ଋଣ ଆକାରରେ ଦେବା ନିମନ୍ତେ ଅନୁରୋଧ କରାଗଲା। ମୁଦ୍ରାରେ ବ୍ୟବହୃତ ହେଉଥିବା ଧାତୁର ପରିମାଣ ହ୍ରାସ କରିବା ନିମନ୍ତେ ନିଷ୍ପତ୍ତି ନିଆଗଲା। ଏମିତିକି ଡଚ୍‌ମାନଙ୍କ ବିରୁଦ୍ଧରେ ସ୍ପେନକୁ ସାହାଯ୍ୟ କରିବା ପାଇଁ ପ୍ରତିଶ୍ରୁତି ଦେଇ ଋଣ ନିମନ୍ତେ ବିଫଳ ଆବେଦନ କରାଯାଇଥିଲା। ଏହିପରି ବିଭିନ୍ନ ଉପାୟରେ ଅର୍ଥ ସଂଗ୍ରହ କରି ମଧ୍ୟ ଚାର୍ଲସଙ୍କ ପକ୍ଷରେ ସ୍କଟଲ୍ୟାଣ୍ଡ ସହ ଯୁଦ୍ଧ କରିବା ଅତ୍ୟନ୍ତ ଦୁରୂହ ବ୍ୟାପାର ହୋଇପଡ଼ିଲା। ଆବଶ୍ୟକୀୟ ଅର୍ଥର ଅଭାବ ହେତୁ ଚାର୍ଲସ୍ ସ୍କଟ୍ ସୈନ୍ୟବାହିନୀର ପ୍ରତିରୋଧ କରିବାରେ ସକ୍ଷମ ହେଲେ ନାହିଁ ଏବଂ ସ୍କଟ୍ ସୈନ୍ୟବାହିନୀ ଇଂଲଣ୍ଡର ସୀମା ଅତିକ୍ରମ କରି ନର୍ଦ୍ଦମ୍ବରଲ୍ୟାଣ୍ଡ ଏବଂ ଡରହାମ ଅଧିକାର କରିଦେଲେ। ଏହିଭଳି ଘଡ଼ିସନ୍ଧି ମୁହୂର୍ତ୍ତରେ ଚାର୍ଲସ ଅନନ୍ୟୋପାୟ ହୋଇ ୟର୍କଠାରେ ପିଅରମାନଙ୍କର ପରାମର୍ଶ ନିମନ୍ତେ ଏକ ବୈଠକ ଆହୂତ କରିଥିଲେ। ପିଅରମାନେ ସ୍କଟ୍‌ମାନଙ୍କ ସହିତ ବିଚାର ବିମର୍ଷ କରି ଏକ ଅସ୍ଥାୟୀ ଶାନ୍ତିଚୁକ୍ତି ସ୍ୱାକ୍ଷର କରିବା ନିମନ୍ତେ ସ୍ଥିର କରିଲେ। ବିବାଦର ପୂର୍ଣ୍ଣ ସମାଧାନ ହୋଇ ଏକ ଚୂଡ଼ାନ୍ତ ଶାନ୍ତିଚୁକ୍ତି ସ୍ୱାକ୍ଷରିତ ହେବା ପର୍ଯ୍ୟନ୍ତ ସ୍କଟ୍‌ମାନେ ଉତ୍ତରାଞ୍ଚଳରେ ଦୁଇଟିଯାକ କାଉଣ୍ଟର ଦଖଲରେ ରହିବେ ଏବଂ ସେମାନଙ୍କର ବ୍ୟୟ ନିମନ୍ତେ ଇଂଲଣ୍ଡଠାରୁ ପ୍ରତ୍ୟେକ ମାସ ପଚିଶ ହଜାର ପାଉଣ୍ଡ ଅର୍ଥ ପାଇବାର ଏଥିରେ ସର୍ତ୍ତ ଥିଲା। ଯେଉଁ ସମୟରେ ଚାର୍ଲସ୍ ନିଜ ସୈନ୍ୟବାହିନୀର ବ୍ୟୟଭାର ବହନ କରିବା ନିମନ୍ତେ ଅସମର୍ଥ ହୋଇପଡ଼ିଥିଲେ, ସେତେବେଳେ ସ୍କଟ୍ ସୈନ୍ୟବାହିନୀକୁ ପ୍ରତ୍ୟେକ ମାସ ପଚିଶ ହଜାର ପାଉଣ୍ଡ ଅର୍ଥ ଦେବା ତାଙ୍କ ପକ୍ଷରେ ଏକ ଦୁରୂହ ବ୍ୟାପାର ହୋଇଉଠିଥିଲା। ତେଣୁ ପରିସ୍ଥିତିର ତାଡ଼ନାରେ ସେ ଆଉ ଏକ ସଂସଦ ଆହ୍ୱାନ କରିବାକୁ ବାଧ୍ୟ ହୋଇଥିଲେ।

ଦୀର୍ଘ ସଂସଦ (Long Parliament, 1640-1660 A.D.) :

ଏହି ସଂସଦ ୧୬୪୦ ଖ୍ରୀ:ଅ: ନଭେମ୍ବର ମାସରେ ଆହୂତ ହୋଇଥିଲା। ଏହି ସଂସଦ ଦୀର୍ଘ ସଂସଦ ନାମରେ ଅଭିହିତ ଅଟେ। ଇଂଲଣ୍ଡର ସଂସଦୀୟ ଇତିହାସରେ ଏହି ଦୀର୍ଘ ସଂସଦ ଏକ ଗୁରୁତ୍ୱପୂର୍ଣ୍ଣ ଘଟଣା ଅଟେ। ଏଥିରେ ଅନେକ ଅଭିଜ୍ଞ ସଦସ୍ୟ ଥିଲେ। ରାଜା ଏବଂ ସଂସଦ ମଧ୍ୟରେ ବିଭିନ୍ନ ସାମ୍ବିଧାନିକ ପ୍ରଶ୍ନକୁ ନେଇ ଯେଉଁ ସଂଘର୍ଷ ଘଟୁଥିଲା, ତାହାର ସମାଧାନ ନିମନ୍ତେ ଏହି ସଦସ୍ୟମାନେ ଉଦ୍ୟମ କରିଥିଲେ।

ଚାର୍ଲସ୍‌ଙ୍କର ଏକାଦଶ ବର୍ଷୀୟ ସ୍ୱେଚ୍ଛାଚାରୀ ଶାସନ ସମୟରେ ତାଙ୍କୁ ଶାସନରେ ସାହାଯ୍ୟ କରୁଥିବା ବ୍ୟକ୍ତିମାନଙ୍କ ପ୍ରତି ଦଣ୍ଡବିଧାନ କରିବା ଏହି ଦୀର୍ଘ ସଂସଦର ସର୍ବପ୍ରଥମ କାର୍ଯ୍ୟ ଥିଲା। ରାଜାଙ୍କର ସହଯୋଗୀମାନଙ୍କ ମଧ୍ୟରେ ଷ୍ଟ୍ରାଫୋର୍ଡ

ମୁଖ୍ୟ ଥିଲେ। ପ୍ରଥମେ ଷ୍ଟ୍ରାଫୋର୍ଡଙ୍କୁ ରାଜଦ୍ରୋହ ଅଭିଯୋଗରେ ଅଭିଯୁକ୍ତ କରି ମହାଭିଯୋଗ ବ୍ୟବସ୍ଥା ଦ୍ୱାରା ଦଣ୍ଡିତ କରିବା ନିମନ୍ତେ ଉଦ୍ୟମ ହେଲା। ଏ ସଂପର୍କରେ କମନସ୍ ସଭା ନିକଟରୁ ତଥ୍ୟ ପାଇ ଲର୍ଡସ ସଭା ବିଚାର ପୂର୍ବରୁ ତାଙ୍କୁ ବନ୍ଦୀ କରିବାକୁ ନିର୍ଦ୍ଦେଶ ଦେଲା। ଲାଉଡ୍‌ଙ୍କୁ ମଧ୍ୟ ବନ୍ଦୀ କରାଗଲା। ଏହାବ୍ୟତୀତ ଚାର୍ଲସଙ୍କର ଅନ୍ୟତମ ସହଯୋଗୀ ସେକ୍ରେଟାରୀ ଅଫ୍ ଷ୍ଟେଟ୍ ଏବଂ ହାମ୍ପ୍‌ଡେନ୍‌ଙ୍କ ମୋକଦ୍ଦମାରେ ମୁଖ୍ୟ ବିଚାରପତି ଭାବରେ କାର୍ଯ୍ୟ କରିଥିବା ବ୍ୟକ୍ତି ଯଥାକ୍ରମେ ଫ୍ରାନ୍ସ ଏବଂ ହଲାଣ୍ଡକୁ ପଳାୟନ କରି ଦଣ୍ଡରୁ ରକ୍ଷା ପାଇଥିଲେ।

ଷ୍ଟ୍ରାଫୋର୍ଡଙ୍କୁ ରାଜଦ୍ରୋହ ଅପରାଧରେ ଅଭିଯୁକ୍ତ କରି ମହାଭିଯୋଗ ବ୍ୟବସ୍ଥା ଦ୍ୱାରା ଦଣ୍ଡିତ କରିବା ନିମନ୍ତେ କମନସ୍ ସଭା କରିଥିବା ଉଦ୍ୟମ ପଣ୍ଡ ହୋଇଯାଇଥିଲା। ସେହି ସମୟରେ ରାଜାଙ୍କୁ ପ୍ରତ୍ୟକ୍ଷ ଭାବରେ ବିରୋଧ କରିବା ହିଁ ରାଜଦ୍ରୋହ ଅପରାଧ ଭାବରେ ବିବେଚିତ ହେଉଥିଲା। ମାତ୍ର ଷ୍ଟ୍ରାଫୋର୍ଡ ଚାର୍ଲସଙ୍କର ସର୍ବାପେକ୍ଷା ବିଶ୍ୱସ୍ତ କର୍ମଚାରୀ ଥିଲେ। ସେ ରାଜାଙ୍କୁ ବିରୁଦ୍ଧାଚରଣ କରି କୌଣସି କାର୍ଯ୍ୟ କରି ନ ଥିଲେ; ପରନ୍ତୁ ରାଜା ଏବଂ ସଂସଦ ମଧ୍ୟରେ ହୋଇଥିବା ସଂଘର୍ଷ ସମୟରେ ସେ ରାଜାଙ୍କର ପ୍ରଧାନ ସମର୍ଥକ ଥିଲେ। ତେଣୁ କମନସ୍ ସଭା ପକ୍ଷରେ ଷ୍ଟ୍ରାଫୋର୍ଡଙ୍କ ବିରୋଧରେ ମହାଭିଯୋଗ ଆଗତ କରିବା ଅତ୍ୟନ୍ତ କଷ୍ଟସାଧ୍ୟ ହୋଇପଡ଼ିଥିଲା। କମନସ୍ ସଭା ତାଙ୍କ ବିରୋଧରେ ରାଜଦ୍ରୋହ ଅପରାଧ ପ୍ରମାଣ କରିବା ନିମନ୍ତେ ଯେତେ ଉଦ୍ୟମ କରିଥିଲା, ସେଥିରେ ଲର୍ଡସ ସଭାର ହୃଦବୋଧ ହୋଇ ନ ଥିଲା। ଅବଶେଷରେ କମନସ୍ ସଭା ତାଙ୍କ ବିରୋଧରେ ''ଆଟେଣ୍ଡର ବିଧେୟକ'' ଆଗତ କରିବା ନିମନ୍ତେ ସ୍ଥିର କରିଥିଲା। ଏହି ଆଟେଣ୍ଡର ବିଧେୟକ ଉଭୟ ସଭାରେ ଗୃହୀତ ହେବାପରେ ରାଜାଙ୍କ ନିକଟକୁ ପ୍ରେରିତ ହୋଇଥିଲା। ଚାର୍ଲସ ପ୍ରଥମ ଏହାକୁ ଅନୁମୋଦନ କରିବା ନିମନ୍ତେ ଅନିଚ୍ଛୁକ ହୋଇଥିଲେ, ମାତ୍ର ପରିଶେଷରେ ଷ୍ଟ୍ରାଫୋର୍ଡଙ୍କ ଅନୁରୋଧରେ ଏହାକୁ ସ୍ୱୀକୃତି ଦେଇଥିଲେ। ଏହି ଆଇନର ବ୍ୟବସ୍ଥା ଅନୁଯାୟୀ ମେ ୧୨ ତାରିଖ ୧୬୪୧ ଖ୍ରୀ:ଅ:ରେ ଷ୍ଟ୍ରାଫୋର୍ଡଙ୍କୁ ମୃତ୍ୟୁଦଣ୍ଡରେ ଦଣ୍ଡିତ କରାଗଲା। ଏହାର ଚାରିବର୍ଷ ପରେ ଅର୍ଥାତ୍ ୧୬୪୫ ଖ୍ରୀ:ଅ:ରେ ଲାଉଡଙ୍କୁ ମଧ୍ୟ ମୃତ୍ୟୁଦଣ୍ଡରେ ଦଣ୍ଡିତ କରାଯାଇଥିଲା।

ଏହି ଦୀର୍ଘ ସଂସଦ ଅନେକଗୁଡ଼ିଏ ଗୁରୁତ୍ୱପୂର୍ଣ୍ଣ ଆଇନ ପ୍ରଣୟନ କରିଥିଲା। ସଂସଦ ଦ୍ୱାରା ପ୍ରଣୀତ ହୋଇଥିବା ଗୁରୁତ୍ୱପୂର୍ଣ୍ଣ ଆଇନଗୁଡ଼ିକ ମଧ୍ୟରୁ ତ୍ରୈବାର୍ଷିକ ଆଇନ (Triennial Act) ଅନ୍ୟତମ ଥିଲା। ଏହା ଫେବୃୟାରୀ ୧୬୪୧ ଖ୍ରୀ:ଅ:ରେ ପ୍ରଣୀତ ହୋଇଥିଲା। ଏହି ଆଇନ ସଂସଦ ନିୟମିତ ଭାବରେ ମିଳିତ ହେବା ନିମନ୍ତେ ପ୍ରଣୟନ କରାଯାଇଥିଲା। ଏହି ଆଇନରେ ପ୍ରତି ତିନିବର୍ଷରେ ଥରେ ଯେପରି ସଂସଦ ମିଳିତ ହେବ, ସେଥିନିମନ୍ତେ ବ୍ୟବସ୍ଥା ଥିଲା। ସଂସଦ ଯଦି ଆହୂତ ନ ହୋଇ ଦୁଇବର୍ଷ ବିତିଯାଇଥାଏ ତାହାଲେ ରାଜାଙ୍କ ନିର୍ଦ୍ଦେଶକୁ ଅପେକ୍ଷା ନ କରି ତୃତୀୟ ବର୍ଷର ସେପ୍ଟେମ୍ବର ମାସ ୩ ତାରିଖରେ ନିର୍ବାଚନ ନିମନ୍ତେ ନିର୍ଦ୍ଦେଶନାମା ପ୍ରକାଶ ପାଇବ ଏବଂ ନିର୍ବାଚନ କାର୍ଯ୍ୟ ଶେଷ ହୋଇ ନଭେମ୍ବର ମାସର ଦ୍ୱିତୀୟ ସୋମବାର ଦିନ ସଂସଦ ମିଳିତ ହେବ ଏବଂ କୌଣସି ସଂସଦ ମିଳିତ ହେବାର ୫୦ ଦିନ ମଧ୍ୟରେ ଏହାର ବିନା ଅନୁମତିରେ ସଂସଦକୁ ଭଙ୍ଗ କିମ୍ବା ସ୍ଥଗିତ କରାଯାଇପାରିବ ନାହିଁ ବୋଲି ଏଥିରେ ମଧ୍ୟ ବ୍ୟବସ୍ଥା ଥିଲା। ଉକ୍ତ ଆଇନ ପ୍ରଣୀତ ହେବାର ଅଳ୍ପଦିନ ମଧ୍ୟରେ ଏହି ସଂକ୍ରାନ୍ତରେ ଅନ୍ୟ ଏକ ଆଇନ ମଧ୍ୟ ମେ ୧୦ ତାରିଖ ୧୬୪୧ ଖ୍ରୀ:ଅ:ରେ ପ୍ରଣୀତ ହୋଇଥିଲା। ଏହି ଆଇନରେ ଉପସ୍ଥିତ ସଂସଦକୁ ତାହାର ବିନା ସମ୍ମତିରେ ଭଙ୍ଗ କିମ୍ବା ସ୍ଥଗିତ କରାଯାଇପାରିବ ନାହିଁ ବୋଲି ବ୍ୟବସ୍ଥା ଥିଲା। ରାଜା ଏ ପର୍ଯ୍ୟନ୍ତ ଯେଉଁ କ୍ଷମତାକୁ ଅସ୍ତ୍ର ଭାବରେ ସଂସଦ ବିରୋଧରେ ପ୍ରୟୋଗ କରୁଥିଲେ, ଏହି ଆଇନ ଦ୍ୱାରା ସେଥିରୁ ବଞ୍ଚିତ ହେଲେ। ଜୁଲାଇ ୫ ତାରିଖ ୧୬୧୪ ଖ୍ରୀ:ଅ:ରେ ଅନ୍ୟ ଏକ ଆଇନ ଦ୍ୱାରା ଟିଉଡର୍ ରାଜବଂଶର ଶାସନ ସମୟରୁ ଇଂଲଣ୍ଡରେ ପ୍ରତିଷ୍ଠିତ ଥିବା ଷ୍ଟାରଚାମ୍ବର, ହାଇକମିଶନ ନ୍ୟାୟାଳୟ, କାଉନସିଲ୍ ଅଫ୍ ୱେଲସ୍ ଇତ୍ୟାଦି ସ୍ୱତନ୍ତ୍ର ଅଦାଲତଗୁଡ଼ିକୁ ରଦ୍ଦ କରି ଦିଆଗଲା। ମୋକଦ୍ଦମାଗୁଡ଼ିକର ବିଚାର କାର୍ଯ୍ୟ ଏହାପରେ ସାଧାରଣ ନ୍ୟାୟାଳୟ ଦ୍ୱାରା ସମ୍ପନ୍ନ ହେଲା। ସ୍ୱତନ୍ତ୍ର ଅଦାଲତଗୁଡ଼ିକର ବିଲୋପ ଘଟିବା ଦ୍ୱାରା ଦେଶରେ ଆଇନର ଶାସନ (Rule of

Law) ପ୍ରତିଷ୍ଠିତ ହୋଇପାରିଥିଲା। ଜୁନ୍ ୨୨ ତାରିଖ ୧୬୪୧ ଖ୍ରୀ:ଅ:ରେ ପ୍ରଣୀତ 'ଟନେଜ୍ ଏବଂ ପାଉଣ୍ଡେଜ୍ ଆଇନ'ରେ ସଂସଦର ସମ୍ମତି ବିନା ଟନେଜ ଓ ପାଉଣ୍ଡେଜ ଆଦାୟ ଆଇନବିରୁଦ୍ଧ ବୋଲି ବ୍ୟବସ୍ଥା ରହିଲା। ଜୁନ୍ ୨୨ ତାରିଖ ୧୬୪୧ ଖ୍ରୀ:ଅ:ରେ ପ୍ରଣୀତ 'ଜାହାଜ କର' ଆଇନ ଦ୍ୱାରା 'ଜାହାଜ କର' ଆଦାୟକୁ ଅବୈଧ ଘୋଷଣା କରାଗଲା। ପୂର୍ବରୁ ଯେଉଁମାନେ ଏହି ଜାହାଜ କରକୁ ବିରୋଧ କରି ଦଣ୍ଡଭୋଗ କରୁଥିଲେ ସେମାନଙ୍କୁ ମୁକ୍ତ କରିଦିଆଗଲା। ଜୁଲାଇ ୫ ତାରିଖ ୧୬୪୧ ଖ୍ରୀ:ଅ:ରେ ପ୍ରଣୀତ ଏକ ଆଇନ ଦ୍ୱାରା ରାଜାଙ୍କର ଜଙ୍ଗଲ ଭୂମିର ସୀମାକୁ ହ୍ରାସ କରିଦିଆଗଲା। ଏତଦ୍‌ବ୍ୟତୀତ ଅଗଷ୍ଟ ୧୦ ତାରିଖ ୧୬୪୧ ଖ୍ରୀ:ଅ:ରେ ପ୍ରଣୀତ ଆଇନ ଦ୍ୱାରା ଅର୍ଥ ଆଦାୟ ଉଦ୍ଦେଶ୍ୟରେ ଲୋକଙ୍କୁ ବାଧ୍ୟତାମୂଳକ ଭାବରେ ନାଇଟ୍ ପଦବୀରେ ଭୂଷିତ କରିବା ବ୍ୟବସ୍ଥାକୁ ବେଆଇନ ଘୋଷଣା କରାଗଲା। ଏହିସବୁ ଆଇନ ଦ୍ୱାରା ରାଜା ପ୍ରତ୍ୟକ୍ଷ ଏବଂ ପରୋକ୍ଷ କର ଆଦାୟ କରିବାର ସମସ୍ତ ପନ୍ଥାରୁ ବଞ୍ଚିତ ହେଲେ।

ଦୀର୍ଘ ସଂସଦ ଦ୍ୱାରା ପ୍ରଣୀତ ହୋଇଥିବା ଆଇନଗୁଡ଼ିକ ଦେଶରେ ଏକ ନୂତନ ବ୍ୟବସ୍ଥାର ଅୟମାରମ୍ଭ କରିଥିଲା। ଏହାଦ୍ୱାରା ମନ୍ତ୍ରୀମାନେ ନିଜର କାର୍ଯ୍ୟ ନିମନ୍ତେ ସଂସଦ ନିକଟରେ ଦାୟୀ ରହିଲେ। କମନସ୍ ସଭାର ନିୟନ୍ତ୍ରଣରେ ଅର୍ଥ ବ୍ୟବସ୍ଥା ରହିଲା। ଏହି ଆଇନଗୁଡ଼ିକ ରାଜତନ୍ତ୍ରକୁ ଦୁର୍ବଳ କରିଦେବା ସହିତ କମନସ୍ ସଭାକୁ ଶକ୍ତିଶାଳୀ କରିଦେଲା। ଏଥିରେ ସୀମିତ ସଂସଦୀୟ ରାଜତନ୍ତ୍ରର ସଂଜ୍ଞା ନିରୂପଣ କରିବା ପାଇଁ ସର୍ବପ୍ରଥମ ପଦକ୍ଷେପ ମଧ୍ୟ ଗ୍ରହଣ କରାଯାଇଥିଲା।

ଅନେକଗୁଡ଼ିଏ ଅସମାହିତ ପ୍ରଶ୍ନର ସମାଧାନ ପ୍ରାୟ ୪୦ ବର୍ଷ ପରେ ହୋଇଥିଲା। ତେବେ ପୂର୍ବରୁ ସଦସ୍ୟମାନଙ୍କ ମଧ୍ୟରେ ମତପାର୍ଥକ୍ୟ ନ ଥିଲା। ସଦସ୍ୟମାନେ ମିଳିତ ହୋଇ ଏହିସବୁ ଆଇନ ପ୍ରଣୟନ କରିବା ପରେ ସମୟକ୍ରମେ ସେମାନଙ୍କ ମଧ୍ୟରେ ମତଭେଦ ଦେଖାଦେଲା। ଦୀର୍ଘକାଳୀନ ସଂସଦ ମିଳିତ ହେବାର ପନ୍ଦର ମାସ ମଧ୍ୟରେ ଏହି ମତଭେଦ ଏପରି ଗୁରୁତର ଆକାର ଧାରଣ କଲା ଯାହାଫଳରେ କମନସ୍ ସଭାର ସଦସ୍ୟମାନଙ୍କ ସହିତ ସମଗ୍ର ଦେଶବାସୀ ଦୁଇଟି ଦଳରେ ବିଭକ୍ତ ହୋଇଗଲେ। ଏହାର ପରିଣାମ ସ୍ୱରୂପ ଇଂଲଣ୍ଡରେ ଅତିଶୀଘ୍ର ଗୃହଯୁଦ୍ଧର ସୂତ୍ରପାତ ହେଲା।

ସଦସ୍ୟମାନଙ୍କ ମଧ୍ୟରେ ପ୍ରଥମେ ଧର୍ମଗତ ପ୍ରଶ୍ନର ସମାଧାନକୁ ନେଇ ମତଭେଦ ଆରମ୍ଭ ହୋଇଥିଲା। ଏହି ସଂସଦର ଅଧିକାଂଶ ସଦସ୍ୟ ଚରମପନ୍ଥୀ ପିଉରିଟାନ ହୋଇଥିବାରୁ ସେମାନେ ଜାତୀୟ ଚର୍ଚ୍ଚରେ ବ୍ୟାପକ ସଂସ୍କାର ପାଇଁ ବ୍ୟଗ୍ରତା ପ୍ରକାଶ କରିଥିଲେ। ଏହି ଉଦ୍ଦେଶ୍ୟରେ ସେମାନେ ପ୍ରଥମେ ବିଶପମାନଙ୍କୁ ଲର୍ଡସ୍ ସଭାର ସଦସ୍ୟ ପଦବୀରୁ ବଞ୍ଚିତ କରିବା ନିମନ୍ତେ ଏକ ବିଧେୟକ (Bill) ଆଗତ କରିଥିଲେ। ଏହା କମନସ୍ ସଭାରେ ଗୃହୀତ ହୋଇଥିଲା। କିନ୍ତୁ ଲର୍ଡସ ସଭା ଏହାକୁ ଅଗ୍ରାହ୍ୟ କରିଦେବାରୁ ଆଇନରେ ପରିଣତ ହୋଇପାରିଲା ନାହିଁ। ତେଣୁ ସେମାନେ ଏକ ଚରମ ପ୍ରସ୍ତାବ କମନସ୍ ସଭାରେ ଏକ ବିଧେୟକ ମାଧ୍ୟମରେ ଆଗତ କରିଲେ। ଏହା ରୁଟ ଓ ବ୍ରାଞ୍ଚ ବିଧେୟକ (Root and Branch Bill) ନାମରେ ଅଭିହିତ ଅଟେ। ଏଥିରେ ଜାତୀୟ ଚର୍ଚ୍ଚର ଶାସନ ବ୍ୟବସ୍ଥାରୁ ଆର୍ଚ୍ଚ ବିଶପ ଏବଂ ବିଶପ ପ୍ରଭୃତି ସମସ୍ତ ପଦପଦବୀ ଉଚ୍ଛେଦ କରାଯିବାର ବ୍ୟବସ୍ଥା କରାଯାଇଥିଲା। ମାତ୍ର ଏହି ବିଧେୟକଟି କମନସ୍ ସଭାରେ ଗୃହୀତ ହୋଇପାରି ନ ଥିଲା। ଏହାକୁ କେନ୍ଦ୍ରକରି କମନସ୍ ସଭାର ସଦସ୍ୟମାନଙ୍କ ମଧ୍ୟରେ ଭୟଙ୍କର ମତଭେଦର ସୂତ୍ରପାତ ହେଲା। ଏହାକୁ ଯେଉଁ ସଦସ୍ୟମାନେ ବିରୋଧ କରୁଥିଲେ, ସେମାନେ ପରବର୍ତ୍ତୀ ସମୟରେ ରାଜାଙ୍କର ପ୍ରଧାନ ସମର୍ଥକ ଭାବରେ ପରିଗଣିତ ହୋଇଥିଲେ। ସେମାନେ ଚର୍ଚ୍ଚ ଶାସନ ବ୍ୟବସ୍ଥା ପ୍ରତି ଆନୁଗତ୍ୟ ପ୍ରକାଶ କରି ରୁଟ ଓ ବ୍ରାଞ୍ଚ ବିଧେୟକର ସମର୍ଥକମାନଙ୍କୁ ବିରୋଧ କରି ରାଜାଙ୍କର ପକ୍ଷ ସମର୍ଥନ କରିଥିଲେ। ଏହାପରେ ସଂସଦର ଅଧିବେଶନକୁ ମୁଲତବୀ ରଖାଯାଇଥିଲା। ସଂସଦ ମୁଲତବୀ ରହିବା ସମୟକୁ ସଦସ୍ୟମାନେ କାର୍ଯ୍ୟତଃ ଦୁଇଟି ଦଳରେ ବିଭକ୍ତ ହୋଇସାରିଥିଲେ। କ୍ରମଶଃ ରାଜାଙ୍କର ସମର୍ଥକମାନଙ୍କର ସଂଖ୍ୟା ବୃଦ୍ଧି ପାଇବାକୁ ଲାଗିଥିଲା।

ସଂସଦ କିଛିକାଳ ମୁଲତବୀ ରହିବା ପରେ ୨୦ ଅକ୍ଟୋବର ୧୬୪୧ ଖ୍ରୀ:ଅ:ରେ ପୁନର୍ବାର ଏକ ଅଧିବେଶନରେ ମିଳିତ ହୋଇଥିଲା। ଏହି ଅଧିବେଶନରେ କମନସ୍ ସଭାର ସଦସ୍ୟମାନଙ୍କ ମଧ୍ୟରେ ମତଭେଦ ଅତି ତୀବ୍ର ଆକାର ଧାରଣ

କରିଲା । ସଂସଦ ମୁଲତବୀ ରହିବା ପୂର୍ବରୁ ଚାର୍ଲସ୍ ତାଙ୍କ ପ୍ରତିପକ୍ଷମାନଙ୍କୁ ଦମନ କରିବା ନିମନ୍ତେ ସ୍କଟ୍‌ମାନଙ୍କର ସାହାଯ୍ୟ ସମର୍ଥନ ପାଇବା ପାଇଁ ସ୍କଟ୍‌ଲାଣ୍ଡ ଯାତ୍ରା କରିଥିଲେ । ଅବଶ୍ୟ ତାଙ୍କର ଏହି ଉଦ୍ୟମ ସଫଳ ହୋଇପାରି ନ ଥିଲା । କିନ୍ତୁ ତାଙ୍କର ଏହି ଉଦ୍ୟମ ଯୋଗୁ ପ୍ରତିପକ୍ଷମାନେ କ୍ରୋଧ ଏବଂ ଅପମାନରେ ଉତକ୍ଷିପ୍ତ ହୋଇଉଠିଥିଲେ । ଚାର୍ଲସ୍ ସ୍କଟ୍‌ଲାଣ୍ଡରେ ଅବସ୍ଥାନ କରୁଥିବା ସମୟରେ ଆର୍ୟଲାଣ୍ଡରେ ଏକ ଗୁରୁତର ବିଦ୍ରୋହ ସଂଘଟିତ ହୋଇଥିଲା । ଆୟାରଲ୍ୟାଣ୍ଡର ସଂଖ୍ୟାଗରିଷ୍ଠ ଅଧିବାସୀ କ୍ୟାଥୋଲିକ୍ ମତାବଲମ୍ବୀ ଥିଲେ । ଇଂଲଣ୍ଡରେ ପିଉରିଟାନ୍‌ମାନେ କ୍ଷମତା ଲାଭ କଲେ ସେମାନଙ୍କ ଉପରେ ଅତ୍ୟାଚାରର ଆଉ ସୀମ ରହିବ ନାହିଁ ବୋଲି ଆଶଙ୍କା କରି ସେମାନେ ବିଦ୍ରୋହୀ ହୋଇପଡ଼ିଥିଲେ । ଚାର୍ଲସ୍ ଏହି ବିଦ୍ରୋହରେ ସଂଶ୍ଳିଷ୍ଟ ଅଛନ୍ତି ବୋଲି ଇଂଲଣ୍ଡରେ ତାଙ୍କର ପ୍ରତିପକ୍ଷମାନଙ୍କର ସନ୍ଦେହ ସୃଷ୍ଟି ହେବାରୁ ତାଙ୍କ ପ୍ରତି ବିଦ୍ୱେଷର ମାତ୍ରା ବହୁ ଅଧିକ ଗୁଣରେ ବଢ଼ିଗଲା । ଏହି ବିଦ୍ରୋହରେ ବହୁ ସଂଖ୍ୟାରେ ଲୋକ ମୃତ୍ୟୁବରଣ କରିଲେ । ଏହି ବିଦ୍ରୋହରେ ପ୍ରାୟ ଚାରି କିମ୍ବା ପାଞ୍ଚ ହଜାର ଲୋକଙ୍କୁ ହତ୍ୟା କରାଯିବା ସହିତ ଏହାର ପ୍ରାୟ ଦୁଇଗୁଣ ଲୋକ ଅନାହାର ଏବଂ ଅନ୍ୟାନ୍ୟ କାରଣରୁ ମୃତ୍ୟୁବରଣ କରିଥିଲେ । କ୍ୟାଥୋଲିକ୍‌ମାନଙ୍କର ଏହି ବର୍ବରୋଚିତ ଅମାନୁଷିକ ହତ୍ୟାକାଣ୍ଡ ଅତିରଞ୍ଜିତ କରାଯାଇ ଇଂଲଣ୍ଡରେ ପ୍ରଚାର କରିବାରୁ ସେଠାରେ ପ୍ରତିଶୋଧର ବହ୍ନି ପ୍ରଜ୍ୱଳିତ ହୋଇଥିଲା । କ୍ୟାଥୋଲିକ୍‌ମାନଙ୍କର ବିଦ୍ରୋହକୁ ପ୍ରଶମିତ କରିବା ନିମନ୍ତେ ଏକ ସୈନ୍ୟବାହିନୀର ଆବଶ୍ୟକତା ଥିଲା । ରାଜା ଓ ସଂସଦ ମଧ୍ୟରୁ କାହା ଉପରେ ସୈନ୍ୟବାହିନୀକୁ ନିୟନ୍ତ୍ରଣ କରିବା ଦାୟିତ୍ୱ ନ୍ୟସ୍ତ ରହିବ, ତାହା ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ଥିଲା । ମାତ୍ର ବିଦ୍ରୋହରେ ଜଡ଼ିତ ଥିବା ରାଜାଙ୍କ ନିକଟରେ ସୈନ୍ୟବାହିନୀର ନିୟନ୍ତ୍ରଣ ଦାୟିତ୍ୱ ନ୍ୟସ୍ତ କରିବା ଅତ୍ୟନ୍ତ ବିପଜ୍ଜନକ ଥିଲା ।

ମହାବିରୋଧ ପ୍ରସ୍ତାବ (Grand Remonstrance) :

ଏହି ସମସ୍ତ କଥା ବିଚାର କରି ପରିଶେଷରେ ମହାବିରୋଧ ପ୍ରସ୍ତାବ (Grand Remonstrance) ନାମକ ଏକ ଗୁରୁତ୍ୱପୂର୍ଣ୍ଣ ଦଲିଲ ପ୍ରଣୟନ କରାଗଲା । ନଭେମ୍ବର ୮ ତାରିଖ ୧୬୪୧ ଖ୍ରୀ:ଅ:ରେ କମନସ୍ ସଭାରେ ପିମ୍ ଏହାକୁ ଉପସ୍ଥାପନ କରିଥିଲେ । ଏଥିରେ ଚାର୍ଲସ୍‌ଙ୍କର ସମସ୍ତ ଅପକର୍ମଗୁଡ଼ିକ ବର୍ଣ୍ଣିତ ହେବା ସହିତ ଏ ପର୍ଯ୍ୟନ୍ତ ପ୍ରବର୍ତ୍ତିତ ହୋଇଥିବା ସମସ୍ତ ସଂସ୍କାରମୂଳକ କାର୍ଯ୍ୟ ଏବଂ ପ୍ରବର୍ତ୍ତିତ ହେବାକୁ ଥିବା ସଂସ୍କାର ପ୍ରସ୍ତାବଗୁଡ଼ିକର ସବିସ୍ତୃତ ବିବରଣୀ ରହିଥିଲା । ଏଥିରେ ସଂସଦର ଆସ୍ଥାଭାଜନ ହେବାପରି ବ୍ୟକ୍ତିଙ୍କୁ ମନ୍ତ୍ରୀ ଭାବରେ ନିଯୁକ୍ତ କରିବା ପାଇଁ ରାଜାଙ୍କୁ ଯେଉଁ ପ୍ରସ୍ତାବ ଦିଆଯାଇଥିଲା, ତାହାର ଯଥେଷ୍ଟ ସାମ୍ବିଧାନିକ ତାତ୍ପର୍ଯ୍ୟ ଥିଲା । ଏତଦ୍‌ବ୍ୟତୀତ ଚର୍ଚ୍ଚ ଶାସନ ବ୍ୟବସ୍ଥାରେ ସଂସ୍କାର ପ୍ରବର୍ତ୍ତନ ପାଇଁ ଏକ ଯାଜକ ସମିତି (Syond of Divine) ଗଠିତ ହେବାର ପ୍ରସ୍ତାବ ରହିଥିଲା । ଏହି ପ୍ରସ୍ତାବ ରାଜା ଏବଂ ବିଶପଙ୍କର କ୍ଷମତାକୁ କ୍ଷୁର୍ଣ୍ଣ କରିବା ଉଦ୍ଦେଶ୍ୟରେ ଆଗତ କରାଯାଇଥିଲା । ସେହି ସମୟକୁ କମନସ୍ ସଭାରେ ବିଭାଜନ ସୃଷ୍ଟି ହୋଇସାରିଲାଣି । ଏହି ପରିସ୍ଥିତିରେ 'ମହାବିରୋଧ ପ୍ରସ୍ତାବ' ପ୍ରତି ସର୍ବସମ୍ମତ ସମର୍ଥନ ମିଳିବା ଆଦୌ ସମ୍ଭବପର ନ ଥିଲା । ପିଉରିଟାନ୍ ଏବଂ ପିମ୍‌ଙ୍କ ପରି ରାଜକ୍ଷମତା ଧ୍ୱଂସ କରିବା ଲାଗି ପ୍ରତିଜ୍ଞାବଦ୍ଧ ସଦସ୍ୟମାନେ ଏହାକୁ ସମର୍ଥନ କରିବା ବେଳେ ଚର୍ଚ୍ଚ ଶାସନ ବ୍ୟବସ୍ଥାରେ ସ୍ଥିତାବସ୍ଥା ବଜାୟ ରଖିବାକୁ ଚେଷ୍ଟିତ ଥିବା ହାଇଡ୍ ଏବଂ ଫକଲ୍ୟାଣ୍ଡ୍‌ଙ୍କ ପରି ରାଜତନ୍ତ୍ର ସପକ୍ଷବାଦୀ ଏହାକୁ ପ୍ରବଳ ବିରୋଧ କଲେ । ପ୍ରବଳ ବାଦାନୁବାଦ ପରେ ଅବଶେଷରେ ନଭେମ୍ବର ୨୩ ତାରିଖ ୧୬୪୧ ଖ୍ରୀ:ଅ:ରେ ମାତ୍ର ୧୧ଟି ଅଧିକ ଭୋଟରେ ଏହା ଗୃହୀତ ହେଲା ଏବଂ ସଦସ୍ୟମାନେ ଦୁଇଟି ଦଳରେ ବିଭକ୍ତ ହୋଇଗଲେ । କ୍ରମୱେଲ୍ ମନ୍ତବ୍ୟ ଦେଇଥିଲେ, ''ଯଦି ମହାବିରୋଧ ପ୍ରସ୍ତାବ ଗୃହୀତ ହୋଇଥାନ୍ତା, ତାହାଲେ ସେ ତାଙ୍କର ସମସ୍ତ ସମ୍ପତ୍ତି ବିକ୍ରୟ କରି ତାହା ପରଦିନ ହିଁ ଚିରଦିନ ନିମନ୍ତେ ଇଂଲଣ୍ଡ ପରିତ୍ୟାଗ କରିଥାନ୍ତେ ।''

ଇତିମଧ୍ୟରେ ରାଣୀଙ୍କ ବିରୋଧରେ ମହାଭିଯୋଗ ପ୍ରସ୍ତାବ ଆଗତ କରିବାକୁ ଉଦ୍ୟମ ହେଉଥିବାର ଏକ ସମ୍ବାଦ ଚାର୍ଲସ୍ ପାଇବା ପରେ ତାଙ୍କର କ୍ରୋଧ ଚରମ ସୀମାରେ ପହଞ୍ଚିଥିଲା । ସେ ପିସ୍, ହାମ୍ପଡେନ୍, ହାଜେଲରିଗ୍, ହୋଲସ୍ ଏବଂ ଷ୍ଟ୍ରୋଡ୍ ପ୍ରଭୃତି କମନସ୍ ସଭାର ପାଞ୍ଚଜଣ ବିଶିଷ୍ଟ ନେତାଙ୍କୁ ଗିରଫ କରିବା ଉଦ୍ଦେଶ୍ୟରେ ସଶସ୍ତ୍ର ସୈନ୍ୟଙ୍କ ସହ

କମନସ୍ ସଭା କକ୍ଷରେ ପ୍ରବେଶ କଲେ । ମାତ୍ର ଉକ୍ତ ପାଞ୍ଚଜଣ ସଦସ୍ୟ ରାଜାଙ୍କ ଉଦ୍ଦେଶ୍ୟ ସମ୍ପର୍କରେ ପୂର୍ବରୁ ସୂଚନା ପାଇ ସଭାକକ୍ଷ ପରିତ୍ୟାଗ କରି ପଳାୟନ କରିଥିଲେ। କମନସ୍ ସଭାର ଅଧିବେଶନ ଚାଲିଥିବା ବେଳେ ଏହା ମଧ୍ୟକୁ ପ୍ରବେଶ କରି ଚାର୍ଲସ ଏକ ଗୁରୁତର ତ୍ରୁଟି କରିଥିଲେ । ତାଙ୍କର ଏହି କାର୍ଯ୍ୟରେ ସଦସ୍ୟମାନେ ଉତ୍ତ୍ୟକ୍ତ ହୋଇପଡ଼ିଲେ । ଏହାପରେ ରାଜା ଏବଂ ସଂସଦ ମଧ୍ୟରେ ବିବାଦର ଶାନ୍ତିପୂର୍ଣ୍ଣ ସମାଧାନ ଆଉ ସମ୍ଭବ ନ ଥିଲା। ଏହାବ୍ୟତୀତ ଏହି ଘଟଣା ମଧ୍ୟ ଗୃହଯୁଦ୍ଧର ମାର୍ଗ ପ୍ରସ୍ତୁତିକୁ ତ୍ୱରାନ୍ୱିତ କରିଥିଲା। ସୈନ୍ୟବାହିନୀକୁ ନିୟନ୍ତ୍ରଣ କରିବାର ଦାୟିତ୍ୱ ସଂସଦଠାରେ ନ୍ୟସ୍ତ କରିବାର ବ୍ୟବସ୍ଥା କରି ''ମିଲିସିଆ ବିଧେୟକ'' (Militia Bill) ଆଗତ କରିଥିଲା। କିନ୍ତୁ ରାଜା ଏହାକୁ ସ୍ୱୀକୃତି ପ୍ରଦାନ କରିଲେ ନାହିଁ। ଉଭୟ ପକ୍ଷ ଯୁଦ୍ଧ ନିମନ୍ତେ ପ୍ରସ୍ତୁତି ଆରମ୍ଭ କଲେ। ପ୍ରକୃତ ଯୁଦ୍ଧ ଆରମ୍ଭ ହେବା ପୂର୍ବରୁ ସଂସଦ ତାହାର ସର୍ବଶେଷ ପ୍ରସ୍ତାବଗୁଡ଼ିକ ''ଊନବିଂଶ ପ୍ରସ୍ତାବ'' (Nineteen Propositions) ନାମରେ ନାମିତ ଏକ ଦଲିଲ ମାଧ୍ୟମରେ ରାଜାଙ୍କ ନିକଟରେ ଉପସ୍ଥାପିତ କରିଥିଲା, ତାହାକୁ ମଧ୍ୟ ରାଜା ଅଗ୍ରାହ୍ୟ କରିଦେଲେ। ଉଭୟ ପକ୍ଷ ମଧ୍ୟରେ ବୁଝାମଣାର ସମସ୍ତ ଦ୍ୱାର ବନ୍ଦ ହୋଇଯାଇଥିଲା। ଅବଶେଷରେ ରାଜା ଯୁଦ୍ଧ ଆରମ୍ଭ କରି ନଟିଙ୍ଗହାମ୍ ଦଖଲ କରିନେଲେ। ଗୃହଯୁଦ୍ଧ ଅଗଷ୍ଟ ୨୨ ତାରିଖ ୧୬୪୨ ଖ୍ରୀ:ଅ:ରେ ଆରମ୍ଭ ହେଲା।

ଗୃହଯୁଦ୍ଧ (Civil War, 1642-1649 A.D.) :

ଚାର୍ଲସ୍ ପ୍ରଥମଙ୍କର ପରମାଧିକାର ଓ ଦୈବଦତ୍ତ ଶାସନ ଅଧିକାରରେ ବିଶ୍ୱାସ, ରାଜନୈତିକ ଦୂରଦୃଷ୍ଟିର ଅଭାବ ହେତୁ ଇଂଲଣ୍ଡର ପରିବର୍ତ୍ତିତ ରାଜନୈତିକ ପରିସ୍ଥିତିକୁ ସଠିକ ଭାବରେ ଆକଳନ କରିବାରେ ବିଫଳତା, ସ୍ୱେଚ୍ଛାଚାରୀ ଶାସନ, ଅବୈଧ ଉପାୟରେ ରାଜସ୍ୱ ଆଦାୟ ଏବଂ ଦୀର୍ଘ ୧୧ ବର୍ଷର ବ୍ୟକ୍ତିଗତ ଶାସନ ତାଙ୍କୁ ରାଷ୍ଟ୍ର ଏବଂ ଜନସାଧାରଣଙ୍କଠାରୁ ଦୂରେଇ ନେଇଥିଲା। ଅବଶେଷରେ ଜନସାଧାରଣ ଏବଂ ସଂସଦ ନିଜର ଅଧିକାର ଏବଂ ସ୍ୱାଧୀନତା ନିମନ୍ତେ, ସାର୍ବଭୌମ କ୍ଷମତାର ସ୍ଥିତି ନିର୍ଣ୍ଣୟ ଉଦ୍ଦେଶ୍ୟରେ ରାଜାଙ୍କ ବିରୁଦ୍ଧରେ ୧୬୪୨ ଖ୍ରୀ:ଅ:ରେ ଯୁଦ୍ଧ ଘୋଷଣା କଲେ। ଏହି ଗୃହଯୁଦ୍ଧ ୧୬୪୨ ଖ୍ରୀ:ଅ:ରୁ ୧୬୪୯ ଖ୍ରୀ:ଅ: ପର୍ଯ୍ୟନ୍ତ ଦୀର୍ଘ ସାତବର୍ଷ ଧରି ଚାଲିଥିଲା।

ଏହି ଗୃହଯୁଦ୍ଧରେ ସାମନ୍ତ ଏବଂ ସମ୍ଭ୍ରାନ୍ତ ବଂଶୀୟ ବ୍ୟକ୍ତିମାନେ ନିଜର ରୟତମାନଙ୍କ ସହିତ ବହୁ ସଂଖ୍ୟାରେ ରାଜାଙ୍କ ପକ୍ଷ ସମର୍ଥନ କରିଥିବା ସମୟରେ ମଧ୍ୟବିତ୍ତ ଚାଷୀ ଏବଂ ସହରବାସୀମାନେ ବହୁ ସଂଖ୍ୟାରେ ସଂସଦର ପକ୍ଷ ସମର୍ଥନ କରିଥିଲେ। ଅବଶ୍ୟ ଶ୍ରେଣୀ ନିର୍ବିଶେଷରେ ଜନସାଧାରଣ ଉଭୟ ପକ୍ଷରେ ଯୋଗ ଦେଇଥିଲେ। ଉଦାହରଣ ସ୍ୱରୂପ ଉକ୍ତ ଗୃହଯୁଦ୍ଧରେ ୮୦ ଜଣ ପିଅର ରାଜାଙ୍କ ସପକ୍ଷରେ ଯୋଗ ଦେଇଥିବା ବେଳେ ୩୦ ଜଣ ପିଅର ରାଜାଙ୍କ ବିରୁଦ୍ଧରେ ଯୋଗ ଦେଇଥିଲେ। ଏମିତିକି କମନସ୍ ସଭାର ୧୭୫ ଜଣ ସଦସ୍ୟ ମଧ୍ୟ ରାଜାଙ୍କ ପକ୍ଷରେ ଯୋଗ ଦେଇଥିଲେ। ଏହା ମଧ୍ୟ କୁହାଯାଏ ଯେ ହମ୍ବର ଏବଂ ସାଉଥ୍ଆମ୍ପଟନ୍‌କୁ ଏକ କାଳ୍ପନିକ ରେଖା ଦ୍ୱାରା ସଂଯୋଜିତ କରାଯାଇ ଏହାର ପୂର୍ବାଞ୍ଚଳର ଅଧିବାସୀମାନେ ସଂସଦ ସପକ୍ଷରେ ଏବଂ ବ୍ରିଷ୍ଟଲ, ଗ୍ଲୁସେଷ୍ଟର୍ ଓ ପ୍ଲାଇମାଉଥ୍ ଇତ୍ୟାଦି କେତେକ ଅଞ୍ଚଳକୁ ବାଦଦେଇ ସମଗ୍ର ପଶ୍ଚିମାଞ୍ଚଳର ଅଧିବାସୀମାନେ ରାଜାଙ୍କ ସପକ୍ଷରେ ଯୋଗ ଦେଇଥିଲେ । ତେବେ ବାସ୍ତବରେ ଇଂରେଜମାନେ ଶ୍ରେଣୀ ବା ନିର୍ଦ୍ଦିଷ୍ଟ ଭୌଗୋଳିକ ଅଞ୍ଚଳ ଭିତ୍ତିରେ ଏହି ଗୃହଯୁଦ୍ଧରେ ଦୁଇଟି ଦଳରେ ବିଭକ୍ତ ହୋଇ ନ ଥିଲେ।

ରାଜା ଏବଂ ସଂସଦ ମଧ୍ୟରୁ କାହାଠାରେ ରାଷ୍ଟ୍ରର ସାର୍ବଭୌମ କ୍ଷମତା ନ୍ୟସ୍ତ ରହିବ ଏବଂ ପିଉରିଟାନ୍ ଓ ଆଙ୍ଗ୍ଲିକାନ୍ ଧର୍ମମତ ମଧ୍ୟରୁ କେଉଁ ଧର୍ମମତର ପ୍ରାଧାନ୍ୟ ସ୍ୱୀକୃତ ହେବ ଏହି ପ୍ରଶ୍ନ ହିଁ ବିଭାଜନର ଭିତ୍ତିଭୂମି ଥିଲା ଏବଂ ଏହା ଉପରେ ମତାମତ ଅନୁସାରେ ହିଁ ଶ୍ରେଣୀ ଓ ଅଞ୍ଚଳ ନିର୍ବିଶେଷରେ ପ୍ରତ୍ୟେକ ଇଂରେଜ ତାଙ୍କ ଦଳ ସ୍ଥିର କରିନେଇଥିଲେ ।

ଗୃହଯୁଦ୍ଧ ଆରମ୍ଭ ହେବା ସମୟରେ ଦେଶର ପରିସ୍ଥିତି ସଂସଦ ପାଇଁ ଅତ୍ୟନ୍ତ ଅନୁକୂଳ ଥିଲା। କାରଣ ସେହି ସମୟରେ ସଂସଦକୁ ରାଜ୍ୟର ଜନବହୁଳ ଏବଂ ସମୃଦ୍ଧିଶାଳୀ ଅଞ୍ଚଳଗୁଡ଼ିକର ଅଧିବାସୀମାନେ ସମର୍ଥନ କରୁଥିଲେ।



Prince Rupert
(1619–1682 A.D.)

ଏତଦ୍‌ବ୍ୟତୀତ ରାଜ୍ୟର ସମସ୍ତ ବନ୍ଦର ଏହାର କର୍ତ୍ତୃତ୍ୱାଧୀନ ଥିବାରୁ ସଂସଦ ଜାହାଜ ଚଳାଚଳ ନିୟନ୍ତ୍ରଣ କରିବା ସହିତ ଶୁଳ୍କ ଲବ୍ଧ ସମସ୍ତ ଅର୍ଥ ଆଦାୟ କରି ବିପୁଳ ପରିମାଣରେ ଅର୍ଥ ଉପାର୍ଜନ କରିବାକୁ ସକ୍ଷମ ହୋଇଥିଲା। ଏହାଛଡ଼ା ଗୃହଯୁଦ୍ଧର ପ୍ରାରମ୍ଭରୁ ନୌବହର ସଂସଦ ସପକ୍ଷରେ ଯୁଦ୍ଧରେ ଯୋଗ ଦେବ ବୋଲି ଘୋଷଣା କରିଥିଲା, ଯାହାଦ୍ୱାରା ହଲ୍ ପରି ଗୁରୁତ୍ୱପୂର୍ଣ୍ଣ ବନ୍ଦରଗୁଡ଼ିକ ସହ ଯୋଗାଯୋଗ ସ୍ଥାପନ କରିବା ଏବଂ ସୈନ୍ୟଚାଳନା କରିବା କାର୍ଯ୍ୟ ଅଧିକ ସୁଗମ ହୋଇଥିଲା। ସଂସଦ ପକ୍ଷରେ ରାଜସ୍ୱ ମାଧ୍ୟମରେ ସମ୍ବଳ ସଂଗ୍ରହ କରିବା ମଧ୍ୟ କଷ୍ଟକର ବ୍ୟାପାର ନ ଥିଲା। ଅପରପକ୍ଷରେ ରାଜାଙ୍କ ନିମନ୍ତେ ସମ୍ବଳ ସଂଗ୍ରହ କରିବା ଅତ୍ୟନ୍ତ କଠିନ ହୋଇପଡ଼ିଥିଲା। ସେ ମୁଖ୍ୟତଃ ତାଙ୍କର ସମର୍ଥକମାନଙ୍କର ଦାନ ଉପରେ ନିର୍ଭର କରୁଥିଲେ। ଏହାସତ୍ତ୍ୱେ ରାଜାଙ୍କର ନିୟନ୍ତ୍ରଣରେ ତତ୍‌କାଳୀନ ଶ୍ରେଷ୍ଠ ତଥା ସୁଶୃଙ୍ଖଳ ଅଶ୍ୱାରୋହୀ ବାହିନୀ ଥିଲା। ସେହି ସମୟରେ ଅଶ୍ୱାରୋହୀ ବାହିନୀର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିବା ସହିତ ଯୁଦ୍ଧର ଜୟ ପରାଜୟ ଅନେକାଂଶରେ ଏମାନଙ୍କ ଉପରେ ନିର୍ଭର କରୁଥିଲା। ଚାର୍ଲସଙ୍କର ପୁତୁରା ୨୩ ବର୍ଷୀୟ ଅନଭିଜ୍ଞ; କିନ୍ତୁ ଦୃଢ଼ମନା, ସାହସୀ ତଥା ବିଚକ୍ଷଣ ଅଶ୍ୱାରୋହୀ ରାଜକୁମାର ରୁପର୍ଟ (Prince Rupert) ଅଶ୍ୱାରୋହୀ ବାହିନୀର ନେତୃତ୍ୱ ନେଇଥିଲେ।

ଏହି ଗୃହଯୁଦ୍ଧ ଦୀର୍ଘ ସାତବର୍ଷ ଧରି ଚାଲିଥିଲା। ଏହି ଗୃହଯୁଦ୍ଧକୁ ଚାରିଗୋଟି ପର୍ଯ୍ୟାୟରେ ବିଭକ୍ତ କରାଯାଇଛି। ପ୍ରଥମ ପର୍ଯ୍ୟାୟର ଅବଧି ୧୬୪୨ ଖ୍ରୀ:ଅ:ରୁ ୧୬୪୬ ଖ୍ରୀ:ଅ: ପର୍ଯ୍ୟନ୍ତ ଥିଲା। ଏହି ସମୟରେ ଚାର୍ଲସ ବନ୍ଦୀ ହୋଇଥିଲେ। ଦ୍ୱିତୀୟ ପର୍ଯ୍ୟାୟର ଅବଧି ୧୬୪୬ ଖ୍ରୀ:ଅ:ରୁ ୧୬୪୮ ଖ୍ରୀ:ଅ: ପର୍ଯ୍ୟନ୍ତ ଥିଲା। ଏହି ପର୍ଯ୍ୟାୟରେ ସଂସଦ ଏବଂ ସୈନ୍ୟବାହିନୀ ମଧ୍ୟରେ ଚାଲିଥିବା ବିବାଦର ସୁଯୋଗ ନେଇ ଚାର୍ଲସ ପଳାୟନ କରି ସ୍କଟ୍‌ମାନଙ୍କ ସହାୟତାରେ ୧୬୪୯ ଖ୍ରୀ:ଅ:ରେ ଯୁଦ୍ଧ କରିଥିଲେ। ଏହି ଯୁଦ୍ଧ ତୃତୀୟ ପର୍ଯ୍ୟାୟ ଥିଲା। ଏକ ବର୍ଷରୁ କମ୍ ସମୟ ମଧ୍ୟରେ ଏହି ଯୁଦ୍ଧର ପରିସମାପ୍ତି ଘଟିଥିଲା। ଚତୁର୍ଥ ତଥା ଅନ୍ତିମ ପର୍ଯ୍ୟାୟରେ ଚାର୍ଲସଙ୍କର ବିଚାର କରାଯାଇ ତାଙ୍କୁ ମୃତ୍ୟୁଦଣ୍ଡରେ ଦଣ୍ଡିତ କରାଯାଇଥିଲା।

ପ୍ରଥମ ପର୍ଯ୍ୟାୟ, ୧୬୪୨-୧୬୪୬ ଖ୍ରୀ:ଅ: (First Phase, 1642-1646 A.D.) :

ଅଗଷ୍ଟ ମାସ ୧୬୪୨ ଖ୍ରୀ:ଅ:ରେ ଗୃହଯଦ୍ଧ ଆରମ୍ଭ ହେବା ସଙ୍ଗେ ସଙ୍ଗେ ସର୍ବପ୍ରଥମେ ଲଣ୍ଡନ ଆକ୍ରମଣ କରିବା ନିମନ୍ତେ ଚାର୍ଲସ ସୈନ୍ୟବାହିନୀ ସହ ଲଣ୍ଡନ ଅଭିମୁଖେ ଯାତ୍ରା କଲେ। ସେ ଲଣ୍ଡନ ଅଭିମୁଖେ ଅଗ୍ରସର ହେବା ସମୟରେ ଅକ୍ଟୋବର ମାସରେ ଆର୍ଲ ଅଫ୍ ଏସେକ୍ସ (Earl of Essex)ଙ୍କ ସହିତ ଏଜହିଲ (Edgehill)ଠାରେ ଏକ ଭୟଙ୍କର ଯୁଦ୍ଧ ସଂଘଟିତ ହୋଇଥିଲା। ଏହି ଯୁଦ୍ଧ ଅମୀମାଂସିତ ଭାବରେ ଶେଷ ହୋଇଥିଲା। ତେବେ ଚାର୍ଲସ୍ ଅକସ୍‌ଫୋର୍ଡ ଅଧିକାର କରିଥିଲେ। ତେଣୁ ଲଣ୍ଡନ ଅଭିମୁଖେ ତାଙ୍କର ଯାତ୍ରା ବାଧାପ୍ରାପ୍ତ ହୋଇ ନ ଥିଲା। କିନ୍ତୁ ସୈନ୍ୟବାହିନୀ ସହ ସେ ଲଣ୍ଡନ ଅଭିମୁଖେ ଅଗ୍ରସର ହେଉଥିବା ସମୟରେ ଟର୍ଣ୍ଣହାମ୍ ଗ୍ରୀନ୍ (Turnham Green) ନିକଟରେ ପ୍ରାୟ ୨୪,୦୦୦ ଲଣ୍ଡନବାସୀଙ୍କର ପ୍ରବଳ ପ୍ରତିରୋଧର ସମ୍ମୁଖୀନ ହେବାରୁ ସେ ଅକସ୍‌ଫୋର୍ଡକୁ ପ୍ରତ୍ୟାବର୍ତ୍ତନ କରିବାକୁ ବାଧ୍ୟ ହୋଇଥିଲେ।

ଏହାର ପରବର୍ଷ ଅର୍ଥାତ୍ ୧୬୪୩ ଖ୍ରୀ:ଅ:ରେ ଚାର୍ଲସ୍ ପୁନର୍ବାର ଲଣ୍ଡନ ଆକ୍ରମଣ କରିବାକୁ ଅଗ୍ରସର ହେଲେ। ଲଣ୍ଡନ ଉପରେ ତିନିଦିଗରୁ ଆକ୍ରମଣ କରିବାକୁ ସେ ଯୋଜନା କରିଥିଲେ। ଏହି ଯୋଜନା ଅନୁସାରେ ଉତ୍ତର ଦିଗରୁ ଲର୍ଡ ନିଉକ୍ୟାସଲ୍ ଲଣ୍ଡନ ଅଭିମୁଖେ ଅଗ୍ରସର ହେଉଥିବା ସମୟରେ ଆଡ୍‌ୱାଲଟନ୍ ମୁର (Adwalton Moor) ନିକଟରେ ସଂସଦର ସେନାବାହିନୀକୁ ପରାସ୍ତ କରି ୟର୍କଶାୟାର୍‌ର ଏକ ବୃହଦାଞ୍ଚଳ ଅଧିକାର କରିନେଇଥିଲେ। ଦକ୍ଷିଣ ପଶ୍ଚିମାଞ୍ଚଳରୁ ଅଗ୍ରସର ହେଉଥିବା ସୈନ୍ୟବାହିନୀ ହପଟନ୍‌ଙ୍କ ନେତୃତ୍ୱରେ ରାଉଣ୍ଡ ଆୱେ ଡାଉନ୍ (Round away Down) ନିକଟରେ

ସଂସଦର ବାହିନୀକୁ ଅତି ଶୋଚନୀୟ ଭାବରେ ପରାସ୍ତ କରିଥିଲେ । ପଶ୍ଚିମାଞ୍ଚଳରେ ରୁପର୍ଟ ସଂସଦର ବାହିନୀକୁ ପରାସ୍ତ କରି ବ୍ରିଷ୍ଟଲେ ଅଧିକାର କରିଥିଲେ ।

ଏହିଭଳି ପରିସ୍ଥିତିରେ ସଂସଦ ସ୍କଟମାନଙ୍କର ସାହାଯ୍ୟ ଭିକ୍ଷା କରିଥିଲେ । ଇତିମଧ୍ୟରେ ଚାର୍ଲସ୍‌ଙ୍କର ବିଜୟ ସ୍କଟ୍‌ମାନଙ୍କ ମଧ୍ୟରେ ପ୍ରବଳ ଆତଙ୍କ ସୃଷ୍ଟି କରିଥିଲା । ସ୍କଟ୍‌ମାନେ ଆଶଙ୍କା ପ୍ରକାଶ କରିଥିଲେ ଯେ ଯଦି ରାଜା ସଂସଦକୁ ସମ୍ପୂର୍ଣ୍ଣ ଭାବରେ ପରାସ୍ତ କରିବାକୁ ସମର୍ଥ ହୁଅନ୍ତି, ତେବେ ଇଂଲଣ୍ଡରେ ପ୍ରେସବାଇଟେରିଆନ୍ ମତବାଦ ପ୍ରତିଷ୍ଠା କରିବାରେ ସେମାନଙ୍କର ସକଳ ଉଦ୍ୟମ ବ୍ୟର୍ଥ ହେବ । ତେଣୁ ଏହି ଆଶଙ୍କାରେ ଆତଙ୍କିତ ହୋଇ ସେମାନେ ସଂସଦର ପକ୍ଷ ସମର୍ଥନ କରିବାକୁ ସ୍ଥିର କରିଥିଲେ । କିନ୍ତୁ ସେମାନେ ଏକ ସର୍ତ୍ତ ରଖିଥିଲେ ଯେ ଯଦି ସଂସଦ ଇଂଲଣ୍ଡର ଚର୍ଚ୍ଚରେ ପ୍ରେସବାଇଟେରିଆନ୍ ମତବାଦ ନିୟମ ଅନୁଯାୟୀ ସ୍କଟ୍‌ଲାଣ୍ଡରେ ପ୍ରତିଷ୍ଠା କରାଯାଇଥିବା ଅନୁରୂପ ଶାସନ ପଦ୍ଧତି ପ୍ରଚଳନ କରିବାକୁ ସମ୍ମତି ଦିଏ, ତାହେଲେ ସେମାନେ ସଂସଦ ପକ୍ଷରେ ଯୁଦ୍ଧରେ ଯୋଗ ଦେବେ । ଇତିମଧ୍ୟରେ ସଂସଦର ସଂଖ୍ୟାଗରିଷ୍ଠ ସଦସ୍ୟ ପ୍ରେସବାଇଟେରିଆନ୍ ଧର୍ମମତର ନୀତିଗୁଡ଼ିକୁ ଗ୍ରହଣ କରିସାରିଥିଲେ । କିନ୍ତୁ ସେମାନେ ପ୍ରେସବାଇଟେରିଆନ୍ ଧର୍ମମତର ନିୟମ ଅନୁଯାୟୀ ଚର୍ଚ୍ଚ ଶାସନ ପଦ୍ଧତି ଗ୍ରହଣ କରି ରାଷ୍ଟ୍ର ନିୟନ୍ତ୍ରଣରୁ ସଂପୂର୍ଣ୍ଣ ମୁକ୍ତ ଏକ ସ୍ୱାଧୀନ ଚର୍ଚ୍ଚ ଇଂଲଣ୍ଡରେ ପ୍ରତିଷ୍ଠା କରିବାରେ ପକ୍ଷପାତୀ ନ ଥିଲେ । ଏହି କାରଣରୁ ସେମାନେ ପ୍ରଥମେ ଏହି ପ୍ରସ୍ତାବକୁ ବିରୋଧ କରିଥିଲେ, ତେବେ ପରିସ୍ଥିତିର ତାଡ଼ନାରେ ଆସନ୍ନ ବିପତ୍ତିରୁ ରକ୍ଷା ପାଇବା ନିମନ୍ତେ ସ୍କଟ୍‌ମାନଙ୍କର ସମର୍ଥନ ଏକାନ୍ତ ଆବଶ୍ୟକ ଥିବାରୁ ପରିଶେଷରେ ସଂସଦ ସ୍କଟ୍‌ମାନଙ୍କର ସର୍ତ୍ତ ଗ୍ରହଣ କରିନେଇ ''ସୋଲେମ୍ନଲିଗ ଓ କୋଭେନାଣ୍ଟ୍'' (Solemn League and Covenant) ନାମରେ ଏକ ଚୁକ୍ତିପତ୍ରରେ ସ୍ୱାକ୍ଷର କରିଥିଲା । ଏହି ଚୁକ୍ତିର ସର୍ତ୍ତାନୁଯାୟୀ କୋଡ଼ିଏ ହଜାର ସ୍କଟ୍ ସୈନ୍ୟ ସଂସଦ ପକ୍ଷରେ ଯୁଦ୍ଧରେ ଯୋଗ ଦେଲେ । ଚାର୍ଲସ୍ ଇତିମଧ୍ୟରେ ଆୟରଲାଣ୍ଡରେ ସୈନ୍ୟ ସଂଗ୍ରହ କରିଥିଲେ । କିନ୍ତୁ ଜାନୁୟାରୀ ୧୬୪୪ ଖ୍ରୀ:ଅ:ରେ ଏହି ସୈନ୍ୟବାହିନୀ ଶୋଚନୀୟ ବିପର୍ଯ୍ୟୟର ସମ୍ମୁଖୀନ ହେବାରୁ ରାଜା ହତୋତ୍ସାହ ହୋଇପଡ଼ିଥିଲେ ।

ସ୍କଟ୍ ସୈନ୍ୟବାହନୀର ସାହାଯ୍ୟ ପାଇ ସଂସଦର ଶକ୍ତି ବହୁ ଗୁଣରେ ବୃଦ୍ଧି ପାଇଥିଲା । ଉତ୍ତର ଇଂଲଣ୍ଡରେ ସେମାନଙ୍କର ପ୍ରଚଣ୍ଡ ଆକ୍ରମଣରେ ଲର୍ଡ ନିଉକ୍ୟାସଲ୍‌ଙ୍କ ସୈନ୍ୟବାହିନୀ ଗୁରୁତର ବିପର୍ଯ୍ୟୟର ସମ୍ମୁଖୀନ ହେଲେ । ଲର୍ଡ ନିଉକ୍ୟାସଲ୍‌ଙ୍କର ସୈନ୍ୟବାହିନୀ ୟର୍କଠାରେ ଅବରୋଧ ହୋଇ ରହିଥିବା ସମୟରେ ରୂପର୍ଟ ଏକ ସୈନ୍ୟବାହିନୀ ସହ ସେଠାକୁ ଯାତ୍ରା କରି ତାଙ୍କୁ ଉଦ୍ଧାର କଲେ । ଏହି ସମ୍ବାଦ ପାଇବା ପରେ ଅଲିଭର କ୍ରମୱେଲ୍ ସଂସଦର ସୈନ୍ୟବାହିନୀର ନେତୃତ୍ୱ ନେଇ ନିଜର ଅଶ୍ୱାରୋହୀ ବାହିନୀ ସହ ଉତ୍ତର ଇଂଲଣ୍ଡ ଅଭିମୁଖେ ଯାତ୍ରା କରି ସ୍କଟ୍ ବାହିନୀ ଏବଂ ଫେଆର ଫାକସ୍‌ଙ୍କ ନେତୃତ୍ୱରେ ପରିଚାଳିତ ସଂସଦ ସେନାବାହିନୀ ସହ ଯୋଗ ଦେବା ଦ୍ୱାରା ଦୁଇପକ୍ଷ ମଧ୍ୟରେ ମାରଷ୍ଟନ୍ ମୁର (Marston Moor) ନିକଟରେ ଏକ ଭୟଙ୍କର ଯୁଦ୍ଧ ଜୁଲାଇ ୧୬୪୪ ଖ୍ରୀ:ଅ:ରେ ସଂଘଟିତ ହେଲା । ଏହି ଯୁଦ୍ଧରେ ରାଜାଙ୍କର ସତର ହଜାର ସୈନ୍ୟ ଏବଂ ସଂସଦ ପକ୍ଷରୁ ପ୍ରାୟ ସତେଇଶ ହଜାର ସୈନ୍ୟ ଅଂଶଗ୍ରହଣ କରିଥିଲେ । ଏହି ଯୁଦ୍ଧରେ ରାଜାଙ୍କର ସୈନ୍ୟବାହିନୀ ଶୋଚନୀୟ ଭାବରେ ପରାସ୍ତ ହେବାରୁ ଉତ୍ତର ଇଂଲଣ୍ଡରୁ ରାଜାଙ୍କର ଆଧିପତ୍ୟ ସଂପୂର୍ଣ୍ଣ ଭାବରେ ଲୋପ ପାଇଲା ।

ଏହି ଯୁଦ୍ଧରେ ଅଲିଭର କ୍ରମୱେଲଙ୍କର ଅପୂର୍ବ କୃତିତ୍ୱ ବିଶେଷ ଭାବରେ ପ୍ରଣିଧାନଯୋଗ୍ୟ । ମୁଖ୍ୟତଃ କ୍ରମୱେଲ୍‌ଙ୍କର ଅଶ୍ୱାରୋହୀ ବାହିନୀ ଯୋଗୁ ସଂସଦ ବାହିନୀର ଉକ୍ତ ବିଜୟ ସମ୍ଭବ ହୋଇଥିଲା । ଇତିମଧ୍ୟରେ ପୂର୍ବାଞ୍ଚଳର କାଉଣ୍ଟିଗୁଡ଼ିକ ''ପୂର୍ବାଞ୍ଚଳୀୟ ସମିତି'' ନାମରେ ଏକ ସଂଗଠନ ପ୍ରତିଷ୍ଠା କରି ରାଜାଙ୍କର ସୈନ୍ୟବାହିନୀର ପ୍ରତିରୋଧ କରିବା ନିମନ୍ତେ ସଂକଳ୍ପବଦ୍ଧ ହୋଇଥିଲେ । ସେମାନଙ୍କର ଏହି ପ୍ରଚେଷ୍ଟା ହେତୁ ଇଂଲଣ୍ଡର ପୂର୍ବାଞ୍ଚଳରେ ସଂସଦର ସ୍ଥିତି ସୁଦୃଢ଼ ହୋଇପାରିଥିଲା । ବାସ୍ତବିକ ରାଜାଙ୍କର ସୁଶୃଙ୍ଖଳ ଅଶ୍ୱାରୋହୀ ବାହିନୀର ଉପଯୁକ୍ତ ପ୍ରତିରୋଧ କରିବା ନିମନ୍ତେ ସଂସଦ ନିକଟରେ ବିଧିବଦ୍ଧ ତାଲିମପ୍ରାପ୍ତ ସୈନ୍ୟବାହିନୀ ନ ଥିଲା । ତେଣୁ ସଂସଦ ପକ୍ଷରେ ରାଜାଙ୍କର ଅଶ୍ୱାରୋହୀ ବାହିନୀର ପ୍ରତିରୋଧ କରିବା ଏକ

କଷ୍ଟସାଧ୍ୟ ବ୍ୟାପାର ଥିଲା । ଏହା ହୃଦୟଙ୍ଗମ କରି ଅଲିଭର କ୍ରମୱେଲ ପୂର୍ବାଞ୍ଚଳର କେତେକ ଦାୟିତ୍ୱବାନ ବ୍ୟକ୍ତିଙ୍କୁ ନେଇ ଏକ ଅଶ୍ୱାରୋହୀ ବାହନୀ ଗଠନ କରିଥିଲେ। କ୍ରମୱେଲ ସେମାନଙ୍କୁ ରଣକୌଶଳରେ ଉପଯୁକ୍ତ ତାଲିମ ଦେବା ଏବଂ ସୁସଂଗଠିତ କରିବା ଦ୍ୱାରା ଏହା ଅପ୍ରତିଦ୍ୱନ୍ଦ୍ୱୀ ସାମରିକ ଶକ୍ତିରେ ପରିଣତ ହୋଇପାରିଥିଲା। ଏହି ଅଶ୍ୱାରୋହୀ ବାହିନୀକୁ ''ଆଇରନ ସାଇଡସ୍'' (Iron Sides) ନାମରେ ଅଭିହିତ କରାଯାଇଥିଲା।

ମାରଷ୍ଟନ୍‌ମୁରଠାରେ ସଂସଦ ଯେଉଁ ଅଭୁତପୂର୍ବ ବିଜୟ ହାସଲ କରିଥିଲା, ତାହା କର୍ଣ୍ଣୱାଲର ଲଷ୍ଟ ଉଇଦିଏଲ (Lost Withiel) ଏବଂ ନିଉ ବରୀ (New bury)ଠାରେ ସଂଘଟିତ ହୋଇଥିବା ଯୁଦ୍ଧରେ ଦୋହରାଇପାରି ନ ଥିଲା। ତେଣୁ ସଂସଦରେ ଗଭୀର ଅସନ୍ତୋଷ ଦେଖାଦେଲା। ଏଥିନିମନ୍ତେ ଅଲିଭର କ୍ରମୱେଲ ଓ ଅନ୍ୟ କେତେକ ବ୍ୟକ୍ତି ସଂସଦର ତୁଙ୍ଗ ନେତାମାନଙ୍କର ଅପାରଗତା ଦାୟୀ ବୋଲି ମତଦେବା ସହିତ ଏକ ନୂତନ ପ୍ରଣାଳୀରେ ସେନାବାହିନୀ ଗଠନ କରିବା ନିମନ୍ତେ ଯୁକ୍ତି ବାଢ଼ିଥିଲେ। ଏହାଫଳରେ ସଂସଦ ଏକ ''ଆତ୍ମନିଷେଧ ଅଧ୍ୟାଦେଶ'' (Self denying Ordinance) ପ୍ରବର୍ତ୍ତନ କରିଲା ଏବଂ ଏହାର ନିୟମ ଅନୁଯାୟୀ ମାଞ୍ଚେଷ୍ଟର ଏବଂ ଏସେକସ୍ ପ୍ରଭୃତି ସୈନ୍ୟବାହିନୀର ବିଭିନ୍ନ ପଦପଦବୀରେ ଅଧିଷ୍ଠିତ ଥିବା ସଂସଦର ସଦସ୍ୟମାନେ ସେମାନଙ୍କର ସାମରିକ ପଦବୀ ପରିତ୍ୟାଗ କରିଲେ। ଏହାସହିତ ସଂସଦ ଏକ ନିୟମିତ ସେନାବାହିନୀ ଗଠନ କରିବା ନିମନ୍ତେ ଏକ ସିଦ୍ଧାନ୍ତ ଗ୍ରହଣ କରିଥିଲା। ଏହି ସିଦ୍ଧାନ୍ତ ଅନୁଯାୟୀ ଏକ ନିୟମିତ ସୈନ୍ୟବାହିନୀ ଗଠନ କରାଯାଇ ତାହାର ଦାୟିତ୍ୱ ସାର ଟମାସ ଫେୟାର ଫାକସ୍ (Sir Thomas Fairfax) ଉପରେ ଅର୍ପଣ କରାଗଲା। ଏହି ସେନାବାହନୀ ''ନୂତନ ଆଦର୍ଶ ସେନାବାହିନୀ'' (New Model Army) ନାମରେ ପରିଚିତ ହୋଇଥିଲା। ଫେୟାରଫାକସ୍‌ଙ୍କର ସେନାବାହିନୀ ଉପରେ ''ସର୍ବୋଚ୍ଚ ସେନାପତି'' ରୂପେ ପୂର୍ଣ୍ଣ କର୍ତ୍ତୃତ୍ୱ ରହିଲା। ତାଙ୍କ କାର୍ଯ୍ୟ ପ୍ରଣାଳୀରେ ସଂସଦ ହସ୍ତକ୍ଷେପ କରିବ ନାହିଁ ବୋଲି ସ୍ଥିର ହୋଇଥିଲା। ଏତଦ୍‌ବ୍ୟତୀତ ଏହି ସୈନ୍ୟବାହିନୀରେ ସୁଦକ୍ଷ ବ୍ୟକ୍ତିମାନଙ୍କୁ ନିଯୁକ୍ତି ଦିଆଯିବା ସହିତ ସୈନ୍ୟମାନଙ୍କୁ ନିୟମିତ ବେତନ ପ୍ରଦାନ କରାଯିବାର ବ୍ୟବସ୍ଥା ହୋଇଥିଲା। ଅଲିଭର କ୍ରମୱେଲ ସଂସଦର ସଦସ୍ୟ ଥିଲେ; ତେଣୁ ଏହି କାରଣରୁ ସେ ତାଙ୍କର ସାମରିକ ପଦବୀ ପରିତ୍ୟାଗ କରି ସେନାବାହିନୀରୁ ପ୍ରଥମେ ବିଦାୟ ନେଇଥିଲେ; ତେବେ ପୁନର୍ବାର ତାଙ୍କୁ ସୈନ୍ୟବାହିନୀରେ ଗ୍ରହଣ କରାଯାଇଥିଲା। ସେ ପ୍ରଧାନ ସେନାପତି ଫେୟାର ଫାକସ୍‌ଙ୍କର ସହଯୋଗୀ ଭାବରେ ଅଶ୍ୱାରୋହୀ ବାହିନୀର ନେତୃତ୍ୱ ଗ୍ରହଣ କରିଥିଲେ। କ୍ରମୱେଲ୍ ସୈନ୍ୟବାହିନୀର ସମସ୍ତ ସେନାଧକ୍ଷମାନଙ୍କ ମଧ୍ୟରେ ଅଧିକ ପ୍ରଭାବଶାଳୀ ଥିଲେ।

ଏହି ''ନୂତନ ଆଦର୍ଶ ସୈନ୍ୟବାହିନୀ'' ଜୁନ୍ ୧୬୪୫ ଖ୍ରୀ:ଅ:ରେ ରାଜାଙ୍କର ସୈନ୍ୟବାହିନୀକୁ ନ୍ୟାସ୍‌ବୀ (Nasby)ଠାରେ ଶୋଚନୀୟ ଭାବରେ ପରାସ୍ତ କରିଥିଲା। କ୍ରମୱେଲ୍‌ଙ୍କ ଅଶ୍ୱାରୋହୀ ବାହିନୀର ଅପୂର୍ବ ବୀରତ୍ୱ ଯୋଗୁ ସଂସଦର ଏହି ବିଜୟ ସମ୍ଭବ ହୋଇପାରିଥିଲା। ଏହି ଯୁଦ୍ଧରେ ରାଜାଙ୍କର ପ୍ରାୟ ପାଞ୍ଚହଜାର ସୈନ୍ୟ ବନ୍ଦୀ ହେବା ସହିତ ତାଙ୍କର ଅନେକ ବ୍ୟକ୍ତିଗତ ଜିନିଷପତ୍ର ସହିତ ଅନେକ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ବିଜୟୀ ସଂସଦ ବାହିନୀର ହସ୍ତଗତ ହୋଇଥିଲା। ଐତିହାସିକ କ୍ଲାରେଣ୍ଡନ୍ ମନ୍ତବ୍ୟ ଦେଇଥିଲେ, ''ରାଜା ଏବଂ ରାଜ୍ୟ ଐତିହାସିକ ନ୍ୟାସ୍‌ବିଠାରେ ହଜିଗଲେ।''

ଏହାପରେ ସଂସଦର ସୈନ୍ୟବାହିନୀ ବ୍ରିଜୱାଟ୍‌ର ନିକଟବର୍ତ୍ତୀ ଲ୍ୟାଙ୍ଗ୍‌ପୋର୍ଟ (Langport)ଠାରେ ସଂଘଟିତ ହୋଇଥିବା ଅନ୍ୟ ଏକ ଯୁଦ୍ଧରେ ଜୁଲାଇ, ୧୬୪୫ ଖ୍ରୀ:ଅ:ରେ ରାଜାଙ୍କର ସୈନ୍ୟବାହିନୀକୁ ପରାସ୍ତ କରିଥିଲା। ଏହି ଯୁଦ୍ଧରେ ପରାଜିତ ହେବା ଫଳରେ ରାଜାଙ୍କର ଆଧୀପତ୍ୟ ପଶ୍ଚିମ ଇଂଲଣ୍ଡରୁ ଲୋପ ପାଇଲା। ଜୁନ୍, ୧୬୪୬ ଖ୍ରୀ:ଅ:ରେ ଅକସ୍‌ଫୋର୍ଡର ପତନ ଘଟିବାରୁ ଅନନ୍ୟୋପାୟ ହୋଇ ରାଜା ନିଉଆର୍କଠାରେ ସ୍କଟ୍ ସୈନ୍ୟବାହିନୀ ନିକଟରେ ଆତ୍ମସମର୍ପଣ କରିଲେ। ଏଥିସହିତ ଗୃହଯୁଦ୍ଧର ପ୍ରଥମ ପର୍ଯ୍ୟାୟର ପରିସମାପ୍ତି ଘଟିଥିଲା।

ଦ୍ୱିତୀୟ ପର୍ଯ୍ୟାୟ :

ଗୃହଯୁଦ୍ଧର ପ୍ରଥମ ପର୍ଯ୍ୟାୟର ପରିସମାପ୍ତି ପରେ ସମସ୍ୟାଗୁଡ଼ିକର ସମାଧାନ ହୋଇପାରି ନ ଥିବାରୁ ଅନେକଗୁଡ଼ିଏ ନୂତନ ସମସ୍ୟାର ସୃଷ୍ଟି ହୋଇଥିବା, ଯାହାକି ସଂସଦକୁ ଏକ ସଙ୍କଟଜନକ ସ୍ଥିତିରେ ପକାଇଥିଲା । ସ୍କଟ୍‌ଲ୍ୟାଣ୍ଡରେ ରାଜାଙ୍କର କର୍ତ୍ତୃତ୍ୱ ପୁନଃପ୍ରତିଷ୍ଠା କରିବା ନିମନ୍ତେ ଅର୍ଲ ଅଫ୍ ମଣ୍ଟରୋଜ୍ ନାମକ ସ୍କଟ୍‌ଲାଣ୍ଡର ଜନୈକ ପ୍ରଭାବଶାଳୀ ସାମନ୍ତ ପ୍ରବଳ ଉଦ୍ୟମ କରିଥିଲେ । ସେ ସ୍କଟ୍‌ଲାଣ୍ଡର ସୈନ୍ୟବାହିନୀକୁ ପ୍ରଥମେ ଟିପରମୁର (Tippermuir)ଠାରେ ପରାସ୍ତ କରି ପର୍ଥ ଓ ପରେ ଆବରଡ଼ିନ୍‌ଠାରେ ପରାସ୍ତ କରି ଆବରଡିନ୍ ଅଧିକାର କରି ନେଇଥିଲେ । ଏହାପରେ ମଣ୍ଟରୋଜଙ୍କର ସୈନ୍ୟବାହିନୀ ସ୍କଟ୍‌ଲ୍ୟାଣ୍ଡର ସମତଳ ଅଞ୍ଚଳରେ ପ୍ରବେଶ କରି ଗ୍ଲାସ୍‌ଗୋ ନିକଟବର୍ତ୍ତୀ କିଲସିଥ (Kilsyth)ଠାରେ ସ୍କଟ୍‌ଲ୍ୟାଣ୍ଡର ସୈନ୍ୟବାହିନୀକୁ ପରାସ୍ତ କରି ଗ୍ଲାସଗୋ ଅଧିକାର କରିନେଇଥିଲେ । ଏହି କିଲ୍‌ସିଥ ବିଜୟ ପରେ ମଣ୍ଟରୋଜଙ୍କ ସମଗ୍ର ସ୍କଟଲ୍ୟାଣ୍ଡ ଅଧିକାର କରି ଇଂଲଣ୍ଡ ଆକ୍ରମଣ କରିବାର ଯୋଜନା କରିଥିଲେ । କିନ୍ତୁ ଠିକ୍ ଏହି ସମୟରେ ତାଙ୍କର ଅନୁଗାମୀମାନେ ତାଙ୍କୁ ପରିତ୍ୟାଗ କରି ସ୍ୱସ୍ଥାନକୁ ପ୍ରତ୍ୟାବର୍ତ୍ତନ କରିବା ଦ୍ୱାରା ତାଙ୍କର ସୈନ୍ୟ ସଂଖ୍ୟା ହ୍ରାସ ପାଇଥିଲା । ସେ ଫିଲିପ୍ ହଗ୍ (Philip Haugh)ଠାରେ ଇଂଲଣ୍ଡକୁ ପ୍ରତ୍ୟାବର୍ତ୍ତନ କରିଥିବା ଏକ ସ୍କଟ୍‌ବାହିନୀ ଦ୍ୱାରା ଶୋଚନୀୟ ଭାବରେ ପରାସ୍ତ ହେଲେ । ମଣ୍ଟରୋଜଙ୍କର ଏହି ପରାଜୟ ଫଳରେ ରାଜାଙ୍କର ଇଂଲଣ୍ଡ୍ ଏବଂ ସ୍କଟ୍‌ଲ୍ୟାଣ୍ଡରେ କର୍ତ୍ତୃତ୍ୱ ପୁନଃ ପ୍ରତିଷ୍ଠା ହେବାର ଆଶା ମଉଳି ଯାଇଥିଲା ।

ଅକସଫୋର୍ଡ ପତନର ପରବର୍ତ୍ତୀ ଘଟଣାମାନ ମନ୍ତ୍ରଣା ଓ ଷଡ଼ଯନ୍ତ୍ରର ଏକ ଭରପୂର ସମାରୋହ ଥିଲା । ସଂସଦ ସୋଲେମ୍ନ ଲିଗ୍ ଓ କୋଭେନାଣ୍ଟ୍‌ରେ ଥିବା ସର୍ତ୍ତଗୁଡ଼ିକୁ ପୂରଣ କରିବାରେ ଦ୍ୱିଧା ପ୍ରକାଶ କରୁଥିବା ହେତୁ ସ୍କଟ୍‌ମାନଙ୍କ ମଧ୍ୟରେ ଅସନ୍ତୋଷ ଦାନା ବାନ୍ଧୁଥିଲା । ଏହି ବିବାଦର ସୁଯୋଗ ନେଇ ଚାର୍ଲସ୍ ସ୍କଟ୍ ସେନାବାହିନୀଠାରେ ଆତ୍ମସମର୍ପଣ କରିଥିଲେ । ସ୍କଟ୍‌ମାନେ ରାଜା ଯଦି ପ୍ରେସବାଇଟେରିଆନ୍ ଧର୍ମମତ ସମ୍ବନ୍ଧୀୟ ସେମାନଙ୍କର ସର୍ତ୍ତ ସବୁ ପୂରଣ କରିବାକୁ ପ୍ରତିଶ୍ରୁତି ଦିଅନ୍ତି, ତେବେ ତାଙ୍କୁ ସମର୍ଥନ ଦେବାକୁ ପ୍ରସ୍ତୁତ ଥିଲେ । ସେମାନେ ଏହି ସଂକ୍ରାନ୍ତରେ ଏକ ପ୍ରସ୍ତାବ ମଧ୍ୟ ରାଜାଙ୍କଠାରେ ଉପସ୍ଥାପିତ କରିଥିଲେ । ସେମାନେ ରାଜାଙ୍କ ସହ ଦୀର୍ଘ ଆଠମାସ କାଳ ବିଚାର ବିମର୍ଷ କରିବା ପରେ ମଧ୍ୟ ତାଙ୍କଠାରୁ କୌଣସି ପ୍ରତିଶ୍ରୁତି ନ ପାଇବା ଦ୍ୱାରା ସେମାନଙ୍କର ବକେୟା ବେତନ ସଂସଦଠାରୁ ନେଇ ଫେବୃୟାରୀ, ୧୬୪୭ ଖ୍ରୀ:ଅ:ରେ ରାଜାଙ୍କୁ ସଂସଦ ନିକଟରେ ସମର୍ପଣ କରିଦେଇ ସ୍ୱଦେଶକୁ ପ୍ରତ୍ୟାବର୍ତ୍ତନ କରିଲେ ।

ସଂସଦ ଏବଂ ନୂତନ ଆଦର୍ଶ ସୈନ୍ୟବାହିନୀ ମଧ୍ୟରେ ଏହି ସମୟରେ ବିବାଦର ସୂତ୍ରପାତ ହୋଇଥିଲା । ଏପରି ବିବାଦର ସୁଯୋଗ ନେଇ ରାଜା ନିଜର ସ୍ୱାର୍ଥ ସିଦ୍ଧି ଲାଗି ଷଡ଼ଯନ୍ତ୍ରରେ ସଂପୃକ୍ତ ହୋଇଥିଲେ । ସ୍କଟ୍‌ମାନଙ୍କର ଇଚ୍ଛାନୁଯାୟୀ ରାଷ୍ଟ୍ର ନିୟନ୍ତ୍ରଣରୁ ସଂପୂର୍ଣ୍ଣ ମୁକ୍ତ ଏକ ସ୍ୱାଧୀନ ଚର୍ଚ୍ଚ ପ୍ରତିଷ୍ଠା କରିବା ସଂସଦର ଅଭିପ୍ରାୟ ନ ଥିଲେ ମଧ୍ୟ ଇଂଲଣ୍ଡରେ ପ୍ରେସବାଇଟେରିଆନ ମତବାଦ ପ୍ରତିଷ୍ଠା କରିବା ନିମନ୍ତେ ଦୃଢ଼ ସଂକଳ୍ପବଦ୍ଧ ହୋଇଥିଲା । ରାଜା ସଂସଦର ପୂର୍ଣ୍ଣ ନିୟନ୍ତ୍ରଣରେ ରହିବାକୁ ସମ୍ମତି ପ୍ରଦାନ କରିଥିଲେ । କିନ୍ତୁ ଏହି ବ୍ୟାପାରରେ ସୈନ୍ୟବାହିନୀର ମତ ସଂପୂର୍ଣ୍ଣ ଭିନ୍ନ ଥିଲା । ବଳିଷ୍ଠ ବ୍ୟକ୍ତିତ୍ୱସମ୍ପନ୍ନ ସ୍ୱାଧୀନ ଧର୍ମ ସମ୍ପ୍ରଦାୟର ବ୍ୟକ୍ତିମାନଙ୍କୁ ନେଇ ଗଠିତ ଏହି ସୈନ୍ୟବାହିନୀ ନିମନ୍ତେ ପ୍ରେସ୍‌ବାଇଟେରିଆନ୍ ମତବାଦର କଠୋର ନିୟମାବଳୀ ଗ୍ରହଣୀୟ ନ ଥିଲା । ତେଣୁ ସେମାନେ ଇଂଲଣ୍ଡରେ ପ୍ରେସ୍‌ବାଇଟେରିଆନ୍ ମତବାଦର ପ୍ରତିଷ୍ଠାର ପରିପନ୍ଥୀ ଥିଲେ । ଆଙ୍ଗ୍ଲିକାନ୍ ଓ ରୋମାନ୍ କ୍ୟାଥୋଲିକ୍‌ମାନଙ୍କୁ ବାଦଦେଇ ଅଣଧାର୍ମିକ ସମ୍ପ୍ରଦାୟ ପ୍ରତି ସହନଶୀଳ ମନୋବୃତ୍ତି ପ୍ରଦର୍ଶନ କରିବା ସେମାନଙ୍କର ନୀତି ଥିଲା । ଏହି ନୀତି ଯେପରି କାର୍ଯ୍ୟକାରୀ ହୋଇପାରିବ, ସେଥିନିମନ୍ତେ ଉଦ୍ୟମ



John Lilburne
(1614–1657 A.D.)

Cornet George Joyce
(Born : 1618 A.D.)

କରୁଥିଲେ। ରାଜନୈତିକ କ୍ଷେତ୍ରରେ ସେମାନେ ଯେଉଁ ମତବାଦ ପୋଷଣ କରୁଥିଲେ, ତାହା ମଧ୍ୟ ଅଧିକ ଗୁରୁତ୍ୱପୂର୍ଣ୍ଣ ଥିଲା। ଜନ୍ ଲିଲାବର୍ଣ୍ଣଙ୍କ ନେତୃତ୍ୱରେ ଲେଭେଲରସ୍ (Levellers) ନାମକ ଏକ ଗୋଷ୍ଠୀର ଆବିର୍ଭାବ ହୋଇଥିଲା। ଏହି ଗୋଷ୍ଠୀ ସଂପୂର୍ଣ୍ଣ ଗଣତାନ୍ତ୍ରିକ ମତବାଦ ପୋଷଣ କରୁଥିଲେ। ଧାର୍ମିକ ଓ ରାଜନୈତିକ କ୍ଷେତ୍ରରେ ସଂସଦ ଓ ନୂତନ ଆଦର୍ଶ ସୈନ୍ୟବାହିନୀ ପରସ୍ପରଠାରୁ ପୃଥକ ଚିନ୍ତାଧାରା ପୋଷଣ କରୁଥିବା ହେତୁ ସେମାନଙ୍କ ମଧ୍ୟରେ ବିବାଦର ସୂତ୍ରପାତ ହେଲା। ଏହି ବିବାଦର ଅୟମାରମ୍ଭ ହେବା ସଙ୍ଗେ ସଙ୍ଗେ ସଂସଦ ସୈନ୍ୟବାହିନୀର ସୈନ୍ୟ ସଂଖ୍ୟା ହ୍ରାସ କରି ଆୟରଲ୍ୟାଣ୍ଡରେ ବିଦ୍ରୋହ ଦମନ ପାଇଁ ସେଠାକୁ ପ୍ରେରଣ କରିବାକୁ ସ୍ଥିର କଲା। ସୈନିକମାନେ ସେତେବେଳକୁ ଦୀର୍ଘଦିନ ଧରି ସେମାନଙ୍କର ବେତନ ପାଇ ନ ଥିଲେ। ତେଣୁ ସଂସଦର ଏହି ପ୍ରସ୍ତାବକୁ ସୈନିକମାନେ ଦୃଢ଼ ଭାବରେ ପ୍ରତିରୋଧ କଲେ। ପରିଶେଷରେ କର୍ଣ୍ଣେଟ୍ ଜର୍ଜ ଜଏସ୍ କେତେକ ସୈନିକଙ୍କର ସହାୟତାରେ ରାଜାଙ୍କୁ କବଳିତ କରି ସୈନ୍ୟବାହିନୀର ମୁଖ୍ୟ କାର୍ଯ୍ୟାଳୟ ନିଉ ମାର୍କେଟଠାରେ ଜୁନ୍, ୧୬୪୭ ଖ୍ରୀ:ଅ:ରେ ବନ୍ଦୀ କରିଥିଲେ।

Henry Ireton
(1611–1651 A.D.)

ଏହାପରେ ରାଜା ଏବଂ ସୈନ୍ୟବାହିନୀ ମଧ୍ୟରେ ବିଚାର ବିମର୍ଷ ହୋଇଥିଲା। ଇତିମଧ୍ୟରେ ଯଦି ରାଜା ସୈନ୍ୟବାହିନୀ ଦ୍ୱାରା ଦିଆଯାଇଥିବା କେତେକ ସର୍ତ୍ତକୁ ଗ୍ରହଣ କରି ନିଅନ୍ତି, ତେବେ ତାଙ୍କୁ ସିଂହାସନରେ ପୁନଃ ଅଧିଷ୍ଠିତ କରିବା ନିମନ୍ତେ ସୈନ୍ୟବାହିନୀ ମନ ସ୍ଥିର କରିଥିଲା। ତେଣୁ ଏଥିନିମନ୍ତେ ସେନାବାହିନୀ ରାଜାଙ୍କ ନିକଟରେ କ୍ରମୱେଲ୍‌ଙ୍କର ଜାମାତା ହେନେରୀ ଇରଟନ୍‌ଙ୍କ ଦ୍ୱାରା ପ୍ରସ୍ତୁତ ହୋଇଥିବା ''ହେଡସ୍ ଅଫ୍ ଦି ପ୍ରପୋଜାଲସ୍'' (Heads of the Proposals) ନାମକ କେତେଗୁଡ଼ିଏ ପ୍ରସ୍ତାବ ସମ୍ବଳିତ ଦଲିଲ ଉପସ୍ଥାପିତ କରିଥିଲା। ରାଜା ଏହି ଦଲିଲଟିକୁ ଗ୍ରହଣ କରି ନେଇଥିଲେ, ତାହା ତାଙ୍କ ବିଜ୍ଞତାର ପରିଚୟ ଦେଇଥାନ୍ତା। ମାତ୍ର ସେ ଏହାକୁ ପ୍ରତ୍ୟାଖ୍ୟାନ କରିଥିଲେ। ସେ କେବଳ ସଂସଦ, ନୂତନ ଆଦର୍ଶ ସୈନ୍ୟବାହିନୀ ଏବଂ ସ୍କଟମାନଙ୍କ ମଧ୍ୟରେ ବିବାଦର ସୁଯୋଗ ନେଇ କିପରି ନିଜର ସ୍ୱାର୍ଥ ହାସଲ କରିପାରିବେ, ସେଥିନିମନ୍ତେ ବିଶେଷ ତତ୍ପର ଥିଲେ।

ପୁନର୍ବାର ଏକ ରାଜିନାମାରେ ଉପନୀତ ହେବା ନିମନ୍ତେ ରାଜା ଏବଂ ସ୍କଟ୍‌ମାନଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। ଇତିମଧ୍ୟରେ ସ୍କଟ୍‌ଲ୍ୟାଣ୍ଡରେ ରାଜଭକ୍ତମାନଙ୍କର ପ୍ରତିପତ୍ତି ବିଶେଷ ଭାବରେ ବୃଦ୍ଧି ପାଇଥିଲା ଏବଂ ସେମାନଙ୍କର ପରାମର୍ଶରେ



Carisbrooke Castle

ରାଜା ନଭେମ୍ବର ୧୬୪୭ ଖ୍ରୀ:ଅ:ରେ ହଠାତ୍ ବନ୍ଦୀଶାଳାରୁ ପଳାୟନ କରି ରାଇଟ୍ ଦ୍ୱୀପରେ ଅବସ୍ଥିତ କାରିସବ୍ରୁକ୍ ଦୁର୍ଗରେ ଆଶ୍ରୟ ଗ୍ରହଣ କରିଥିଲେ। ସେଠାରେ ଡିସେମ୍ବର ୧୬୪୭ ଖ୍ରୀ:ଅ:ରେ ରାଜା ଏବଂ ସ୍କଟ୍‌ମାନଙ୍କ ମଧ୍ୟରେ ଏକ ରାଜିନାମା ସ୍ୱାକ୍ଷରିତ ହେଲା। ଏହି ରାଜିନାମାଟି ''ଦି ଏନ୍‌ଗେଜମେଣ୍ଟ'' (The Engagement) ନାମରେ ଅଭିହିତ ଅଟେ। ଏଥିରେ ଚାର୍ଲସ ରାଜସିଂହାସନ ଫେରିପାଇଲେ। ତିନିବର୍ଷ ନିମନ୍ତେ ଇଂଲଣ୍ଡରେ ପ୍ରେସ୍‌ବାଇଟେରିଆନ୍ ମତବାଦ ପ୍ରତିଷ୍ଠା କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ।

ତୃତୀୟ ପର୍ଯ୍ୟାୟ–ଦ୍ୱିତୀୟ ଗୃହଯୁଦ୍ଧ, ୧୬୪୮ ଖ୍ରୀ:ଅ:(Third Phase - Second Civil War, 1648 A.D.) :



Fairfax
(1612–1671 A.D.)

''ଦି ଏନ୍‌ଗେଜମେଣ୍ଟ'' ରାଜିନାମା ସ୍ୱାକ୍ଷରିତ ହେବାପରେ ୧୬୪୮ ଖ୍ରୀ:ଅ:ରେ ଡିଉକ୍ ଅଫ୍ ହାମ୍ପଲଟନ୍ ସ୍କଟ୍ ସୈନ୍ୟବାହିନୀ ସହ ଇଂଲଣ୍ଡରେ ରାଜାଙ୍କର କ୍ଷମତାର ପୁନଃ ପ୍ରତିଷ୍ଠା କରିବା ନିମନ୍ତେ ଇଂଲଣ୍ଡ ଆକ୍ରମଣ କଲେ । ଏହାସହିତ ଦକ୍ଷିଣ ୱେଲସ୍, କେଣ୍ଟ ଓ ଏସେକସ୍‌ରେ ରାଜତନ୍ତ୍ରବାଦୀମାନେ ବିଦ୍ରୋହ କରିଲେ । ଏହି ବିଦ୍ରୋହକୁ ଦମନ କରିବା ନିମନ୍ତେ କ୍ରମୱେଲ୍ ଓ ଫେୟାରଫାକସ୍‌ଙ୍କୁ ବହୁ କଷ୍ଟ ସ୍ୱୀକାର କରିବାକୁ ପଡ଼ିଥିଲା । ଅନେକ କଷ୍ଟ ସ୍ୱୀକାର କରି ଫେୟାର୍ ଫାକସ୍, କେଣ୍ଟ ଓ ଏସେକସ୍‌ରେ ଏବଂ କ୍ରମୱେଲ ଦକ୍ଷିଣ ୱେଲସ୍‌ରେ ବିଦ୍ରୋହ ଦମନ କରିବାକୁ ସକ୍ଷମ ହୋଇଥିଲେ । ଅଗଷ୍ଟ ୧୬୪୮ ଖ୍ରୀ:ଅ:ରେ କ୍ରମୱେଲ୍ ଏକ ସଂସଦୀୟ ସୈନ୍ୟବାହିନୀ ସହିତ ଅଗ୍ରସର ହୋଇ ପ୍ରେଷ୍ଟନ୍‌ଠାରେ ଡିଉକ୍ ଅଫ୍ ହାମ୍ପଲଟନ ଓ ସ୍କଟ୍ ସୈନ୍ୟବାହିନୀଙ୍କୁ ଶୋଚନୀୟ ଭାବରେ ପରାସ୍ତ କରିଲେ । ଏହି ଯୁଦ୍ଧରେ ଦଶ ହଜାର ସ୍କଟ୍ ସୈନିକ ବନ୍ଦୀ ହୋଇଥିଲେ । ବିଜୟୀ ହେବାପରେ କ୍ରମୱେଲ୍ ସ୍କଟଲାଣ୍ଡରେ ପ୍ରବେଶ କରି ଡିଉକ୍ ଅଫ୍ ଅରଗାଇଲଙ୍କ ପ୍ରେସ୍‌ବାଇଟେରିଆନ୍ ଗୋଷ୍ଠୀର କର୍ତ୍ତୃତ୍ୱ ପୁନଃ ପ୍ରତିଷ୍ଠା କରିଥିଲେ ।

Prides Purge
(1648 A.D.)

ଏଥିସହିତ ଦ୍ୱିତୀୟ ଗୃହଯୁଦ୍ଧରେ ପରିସମାପ୍ତି ଘଟିଥିଲା । ସୈନ୍ୟବାହିନୀ ରକ୍ତପାତ ନିମନ୍ତେ ଦାୟୀକରି ତାଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି ସଂକଳ୍ପବଦ୍ଧ ହୋଇଥିଲେ । ରାଜାଙ୍କୁ ''ରକ୍ତର ମାନବ'' (Man of Blood) ନାମରେ ଅଭିହିତ କରାଯାଇଥିଲା । ଇତିମଧ୍ୟରେ ରାଜା ଏବଂ ସଂସଦ ମଧ୍ୟରେ ଏକ ରାଜିନାମା ସ୍ୱାକ୍ଷରିତ ହେବା ନିମନ୍ତେ ଯେଉଁ ଉଦ୍ୟମ ଆରମ୍ଭ ହୋଇଥିଲା ସେଥିରେ ସୈନ୍ୟବାହିନୀ ଅତିଷ୍ଠ ହୋଇ ରାଜାଙ୍କ ସମର୍ଥକ ସଂସଦର ସଦସ୍ୟମାନଙ୍କୁ ବଳପୂର୍ବକ ବହିଷ୍କାର କରିବାକୁ ସ୍ଥିର କରିଲେ । ସୈନ୍ୟବାହିନୀର ଏହି ନିଷ୍ପତ୍ତି ଅନୁସାରେ କର୍ଣ୍ଣେଲ ଥୋମାସ୍ ପ୍ରାଇଡ୍ କେତେକ ମସ୍କେଟିଅରଙ୍କ ସହଯୋଗରେ ଡିସେମ୍ବର ୧୬୪୮ ଖ୍ରୀ:ଅ:ରେ କମନସ୍ ସଭା ଗୃହରେ ପ୍ରବେଶ କରି ୫୦ରୁ ୬୦ ଜଣ ସଦସ୍ୟଙ୍କୁ ବାଦ୍ ଦେଇ ଅବଶିଷ୍ଟ ସଦସ୍ୟଙ୍କୁ କମନସ୍ ସଭାଗୃହରୁ ବହିଷ୍କାର କରିଦେଲେ । ଏହାକୁ ''ପ୍ରାଇଡ୍ ବହିଷ୍କରଣ'' (Prides Purge) ବୋଲି କୁହାଯାଏ । ପ୍ରାଇଡଙ୍କ ବହିଷ୍କରଣ ପରେ କମନସ୍ ସଭାର ସଦସ୍ୟ ସଂଖ୍ୟା ଏହାର ମୂଳ ସଦସ୍ୟ ସଂଖ୍ୟାର ଏକ ଅଷ୍ଟମାଂଶକୁ ହ୍ରାସ ପାଇଥିଲା । କେବଳ ଇଣ୍ଡିପେଣ୍ଡେଣ୍ଟ ସଦସ୍ୟମାନଙ୍କୁ ନେଇ ଗଠିତ ଦୀର୍ଘ ସଂସଦର ଏହି ଅବଶିଷ୍ଟାଂଶ ''ରମ୍ପ ସଂସଦ'' (Rump Parliament) ନାମରେ ଅଭିହିତ ଅଟେ ।

ଚତୁର୍ଥ ପର୍ଯ୍ୟାୟ – ଚାର୍ଲସ ପ୍ରଥମଙ୍କୁ ମୃତ୍ୟୁଦଣ୍ଡ(Fourth Phase - Death Sentence of Charles-I) :

ଦ୍ୱିତୀୟ ଗୃହଯୁଦ୍ଧର ପରିସମାପ୍ତି ତଥା ପ୍ରାଇଡ୍ ବହିଷ୍କରଣ ଘଟଣା ପରେ କ୍ରମୱେଲ୍ ରାଜାଙ୍କ ପ୍ରତି ଶାସ୍ତି ବିଧାନ ନିମନ୍ତେ ପଦକ୍ଷେପ ଗ୍ରହଣ କରିଥିଲେ । ରକ୍ତପାତ ନିମନ୍ତେ ଚାର୍ଲସ୍‌ଙ୍କୁ ଦାୟୀ କରାଗଲା ଏବଂ କମନସ୍ ସଭା ସଂସଦ ବିରୋଧରେ ଯୁଦ୍ଧ, ରାଜାଙ୍କର ଦେଶଦ୍ରୋହ ଅପରାଧ ଥିଲା ବୋଲି ଏକ ପ୍ରସ୍ତାବ ଗ୍ରହଣ କରିଲା । ରମ୍ପ ସଂସଦ ଦ୍ୱାରା ରାଜାଙ୍କ ବିଚାର ନିମନ୍ତେ ୧୩୫ ଜଣ ସଦସ୍ୟ ବିଶିଷ୍ଟ ଏକ କମିଶନ ଗଠିତ ହେଲା । ଏହାର ମୁଖ୍ୟ ଥିଲେ ପିଉରିଟାନ୍ ଆଇନଜ୍ଞ ଜନ୍ ବ୍ରାଡସ୍ । ଚାର୍ଲସଙ୍କର ସାଧାରଣ ନାଗରିକ ପରି ବିଚାର ହେବା ଇଂଲଣ୍ଡ ଇତିହାସରେ ଏକ ଅଭୁତପୂର୍ବ ଘଟଣା ଥିଲା । ଏହି ବିଚାରାଳୟର କ୍ଷମତାକୁ ରାଜା ସ୍ୱୀକାର କରିବାକୁ ପ୍ରସ୍ତୁତ ନ ଥିଲେ । ଯେଉଁ ଅନୁଷ୍ଠାନ ଦ୍ୱାରା ଏହି



John Brad Shaw
(1602–1669 A.D.)

ବିଚାରାଳୟ ଗଠିତ ହୋଇଥିଲା, ତାହା ସଂସଦର ଅବଶିଷ୍ଟାଂଶ ଥିଲା। ପ୍ରାଇଡ୍‌ଙ୍କର ବହିଷ୍କରଣ ପୂର୍ବରୁ ଏହା ପ୍ରତିନିଧିମୂଳକ ଅନୁଷ୍ଠାନ ପଦବାଚ୍ୟ ହୋଇ ରହି ନ ଥିଲା। ରାଜାଙ୍କର ବିଚାର ଏକ ପ୍ରହସନ ଥିଲା। ରାଜା ଦୋଷୀ ସାବ୍ୟସ୍ତ ହେଲେ। ଏହି ବିଚାରାଳୟ ପୂର୍ବ ଯୋଜନା ଅନୁସାରେ ରାଜାଙ୍କୁ ମୃତ୍ୟୁଦଣ୍ଡ ଦେବାକୁ ନିଷ୍ପତ୍ତି ଗ୍ରହଣ କରି ୫୯ ଜଣିଆ ବିଚାରକ ମଣ୍ଡଳୀ କମିଶନ ଦ୍ୱାରା ଏକ ଜଉମୁଦଦିଆ ''ମୃତ୍ୟୁଦଣ୍ଡ ପରୱାନା'' ଜାରି କରାଗଲା। ଜାନୁଆରୀ ୩୦, ୧୬୪୯ ଖ୍ରୀ:ଅ:ରେ ରାଜପ୍ରାସାଦ ହ୍ୱାଇଟ୍ ହାଉସ୍ ସମ୍ମୁଖରେ ଚାର୍ଲସଙ୍କ ଶିରଚ୍ଛେଦ କରାଗଲା। ତାଙ୍କର କଟାମସ୍ତକ ଦର୍ଶକମଣ୍ଡଳୀ ସମ୍ମୁଖରେ ତୋଳି ଧରାଗଲା। ଦର୍ଶକମଣ୍ଡଳୀ ମଧ୍ୟରୁ ଉଦ୍‌ଗତ ହେଲା ଏକ ହୃଦୟଥରା ଆର୍ତ୍ତନାଦ, ''ହେ ଭଗବାନ୍!'' ଜଣେ ଦର୍ଶକ ତାଙ୍କ ଡାଏରୀରେ ଲିପିବଦ୍ଧ କରିଯାଇଛନ୍ତି ଯେ, ''ସେଭଳି ଆର୍ତ୍ତନାଦ ମୁଁ ଜୀବନରେ ଶୁଣିନାହିଁ କି ଶୁଣିବାକୁ ଚାହେଁନା।''



59 Wax Sealed
Death Warrant of King Charles I

ଇଂଲଣ୍ଡରେ ଗୃହଯୁଦ୍ଧର ପରିସମାପ୍ତି ସହିତ ରାଜା ଏବଂ ସଂସଦ ମଧ୍ୟରେ ଉପୁଜିଥିବା ବିବାଦର ପ୍ରାୟତଃ ଅନ୍ତ ଘଟିଥିଲା। ନିରଙ୍କୁଶ ରାଜତନ୍ତ୍ରର ମଧ୍ୟ ଅନ୍ତ ଘଟିଲା। ଏହାଛଡ଼ା ସ୍ଥାୟୀ ସୈନ୍ୟବାହିନୀ ପ୍ରତି ଇଂରେଜମାନଙ୍କର ବିତୃଷ୍ଣା ଏହି ଗୃହଯୁଦ୍ଧର ଆଉ ଏକ ଫଳାଫଳ ଥିଲା। ଏହି ଗୃହଯୁଦ୍ଧ ଦ୍ୱାରା ପ୍ରମାଣିତ ହୋଇଥିଲା ଯେ ଆଇନ ବିନା ସ୍ୱାଧୀନତା କଳ୍ପନା କରିବା ଅବାସ୍ତବ। ଶାରୀରିକ ଶକ୍ତି ଦ୍ୱାରା ପ୍ରକୃତ ମୂଳ ଆଦର୍ଶ ନଷ୍ଟ ହୋଇଯାଏ। ଯଦିଓ ଇଂଲଣ୍ଡରେ ପରବର୍ତ୍ତୀ ସମୟରେ ପୁନର୍ବାର ରାଜତନ୍ତ୍ର ପ୍ରତିଷ୍ଠିତ ହୋଇଥିଲା, କିନ୍ତୁ ସ୍ୱେଚ୍ଛାଚାର ରାଜତନ୍ତ୍ରର ବିଲୋପ ଘଟିଥିଲା।

ଅଲିଭର କ୍ରମୱେଲ୍ ସାମ୍ବିଧାନିକ ପରୀକ୍ଷଣ ଏବଂ ବୈଦେଶିକ ନୀତି (Oliver Cromwell – Constitutional Experiments and Foreign Policy) :

ଅଲିଭର କ୍ରମୱେଲ୍ ଇଂଲଣ୍ଡ ଇତିହାସର ଜଣେ ଅନନ୍ୟ ବ୍ୟକ୍ତିତ୍ୱ, ଯିଏକି ଇଂଲଣ୍ଡର ସମସ୍ୟା ଜର୍ଜରିତ ତିମିରାଚ୍ଛନ୍ନ ରାଜନୈତିକ ଅବସ୍ଥାକୁ ନିଜର ବଳିଷ୍ଠ ନେତୃତ୍ୱ ଦ୍ୱାରା ଗୃହଯୁଦ୍ଧର ବିଭୀଷିକା ମଧ୍ୟରୁ ଉଦ୍ଧାର କରି ତାଙ୍କୁ ଏକ ନୂତନ ଦିଗଦର୍ଶନ ଦେଇପାରିଥିଲେ। ଇଂଲଣ୍ଡର ଗୃହଯୁଦ୍ଧ ଏବଂ ତତ୍‌ପରବର୍ତ୍ତୀ ସାମ୍ବିଧାନିକ ପରୀକ୍ଷଣ ହେଉଛି ଏହି ମହାନ ସାଂସଦ ଓ ବିଚକ୍ଷଣ ସାମରିକ ନେତୃତ୍ୱଙ୍କର ବ୍ୟକ୍ତିଗତ ଜୀବନର ଇତିହାସ।



Oliver Cromwell
(1599–1658 A.D.)

କ୍ରମୱେଲ୍ ହଟିଙ୍ଗଡନ୍‌ଠାରେ ୧୫୯୯ ଖ୍ରୀ:ଅ:ରେ ଏକ ମଧ୍ୟବିତ୍ତ ପରିବାରରେ ଜନ୍ମଗ୍ରହଣ କରିଥିଲେ। କେମ୍ବ୍ରିଜ ବିଶ୍ୱବିଦ୍ୟାଳୟରୁ ଶିକ୍ଷାଲାଭ କରିବା ପରେ ସେ ୨୯ ବର୍ଷ ବୟସରେ ୧୬୨୮ ଖ୍ରୀ:ଅ:ରେ ଚାର୍ଲସ୍ ପ୍ରଥମଙ୍କ ତୃତୀୟ ସଂସଦକୁ ନିର୍ବାଚିତ ହୋଇ ନିଜର ରାଜନୈତିକ ଜୀବନ ଆରମ୍ଭ କରିଥିଲେ। ସେ ଜଣେ ବୈପ୍ଳବିକ ଚିନ୍ତାଧାରାର ବ୍ୟକ୍ତି ଥିଲେ। ପିଉରିଟାନ ଧର୍ମମତର ସମର୍ଥକ ଥିବାରୁ ସେ ରାଜାଙ୍କର ଧର୍ମନୀତିର ଜଣେ ବିଶେଷ ସମାଲୋଚକ ଥିଲେ। ୧୬୪୦ ଖ୍ରୀ:ଅ:ରେ ଦୀର୍ଘ ସଂସଦର ସଦସ୍ୟ ରୂପେ ମଧ୍ୟ ସେ ନିର୍ବାଚିତ ହୋଇଥିଲେ। ଉକ୍ତ ସଂସଦରେ ମାତ୍ର କେତେକ ଧର୍ମ ବିଷୟକ ପ୍ରଶ୍ନ ଆଲୋଚନାରେ ଭାଗ ନେବା ବ୍ୟତୀତ ଅନ୍ୟ କୌଣସି ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବା ତାଙ୍କ ପକ୍ଷରେ ସମ୍ଭବ ହୋଇ ନ ଥିଲା।

ଚାର୍ଲସ୍ ପ୍ରଥମଙ୍କର ଏଗାର ବର୍ଷୀୟ ସ୍ୱୈରଶାସନ ସମୟରେ କ୍ରମ୍‌ୱେଲ୍ ସେପରି କୌଣସି ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିନଥିଲେ ମଧ୍ୟ ଜଣେ ଆନ୍ଦୋଳନକାରୀ ଭାବରେ ସରକାରଙ୍କ ବିରୁଦ୍ଧରେ ବକ୍ତବ୍ୟ ରଖିଥିଲେ ।

୧୬୪୨ ଖ୍ରୀ:ଅ:ରେ ଇଂଲଣ୍ଡରେ ସଂଘଟିତ ହୋଇଥିବା ଗୃହଯୁଦ୍ଧରେ ରାଉଣ୍ଡହେଡ (ସଂସଦ ବାହିନୀ ସମର୍ଥକ) ସପକ୍ଷରେ କ୍ରମ୍‌ୱେଲ୍ ଷାଠିଏ ଜଣ ଅଶ୍ୱାରୋହୀଙ୍କ ସହିତ ଯୋଗ ଦେଇଥିଲେ । ୪୩ ବର୍ଷ ବୟସରେ ତାଙ୍କର ଗୌରବମୟ ସାମରିକ ଜୀବନର ଆରମ୍ଭ ହୋଇଥିଲା ଏବଂ ତାହା ୫୨ ବର୍ଷ ବୟସରେ ଶେଷ ହୋଇଥିଲା । ମୁଖ୍ୟତଃ ତାଙ୍କର ଅଭୂତପୂର୍ବ ଦକ୍ଷତା ଏବଂ ରଣକୌଶଳ ହେତୁ ସଂସଦବାହିନୀ ଗୃହଯୁଦ୍ଧରେ ବିଜୟ ଲାଭ କରିପାରିଥିଲା । ପ୍ରେସ୍‌ବାଇଟେରିଆନପନ୍ଥୀମାନେ ଦ୍ୱିତୀୟ ଗୃହଯୁଦ୍ଧର ପ୍ରାରମ୍ଭରେ ପିଉରିଟାନ୍‌ମାନଙ୍କର ନିୟନ୍ତ୍ରଣରେ ଥିଲେ ମଧ୍ୟ ପିଉରିଟାନ୍ ଦଳରୁ ସେମାନଙ୍କର ପ୍ରତିପତ୍ତି ଲୋପ ପାଇଯାଇଥିଲା ଏବଂ ସେମାନଙ୍କ ସ୍ଥାନରେ କଙ୍ଗ୍ରିଗେସନାଲିଷ୍ଟ ବା ଉଗ୍ର ଗଣତାନ୍ତ୍ରିକ ମତାବଲମ୍ବୀ ଇଣ୍ଡିପେଣ୍ଡେଣ୍ଟମାନେ ସର୍ବୋଚ୍ଚ କ୍ଷମତା ଲାଭ କରିପାରିଥିଲେ । କ୍ରମ୍‌ୱେଲ୍ ଇଣ୍ଡିପେଣ୍ଡେଣ୍ଟ୍ ମତାବଲମ୍ବୀ ଥିବାରୁ ତାଙ୍କର ପ୍ରତିପତ୍ତି କ୍ରମଶଃ ବୃଦ୍ଧି ପାଇବାରେ ଲାଗିଥିଲା ଏବଂ ନିଜର ଅଭୂତପୂର୍ବ ଦକ୍ଷତା ବଳରେ ଦ୍ୱିତୀୟ ଗୃହଯୁଦ୍ଧର ଅବସାନ ପରେ ସୈନ୍ୟବାହିନୀର ସହାୟତାରେ ଇଂଲଣ୍ଡରେ ଏକଛତ୍ର ଶାସନ ପ୍ରତିଷ୍ଠା କରିବାରେ ସେ ସଫଳ ହୋଇଥିଲେ ।

୧୬୪୯ ଖ୍ରୀ:ଅ:ରେ ଇଂଲଣ୍ଡର ରାଜନୈତିକ ପରିସ୍ଥିତି
(Political Condition of England in 1649 A.D.) :

ଚାର୍ଲସ୍‌ଙ୍କୁ ମୃତ୍ୟୁଦଣ୍ଡରେ ଦଣ୍ଡିତ କରିବା ଇଂଲଣ୍ଡର ପୂର୍ବ ପ୍ରଚଳିତ ପରମ୍ପରାର ଏକ ନିଆରା ବ୍ୟତିକ୍ରମ ଥିଲା । ରାଜାଙ୍କୁ ମୃତ୍ୟୁଦଣ୍ଡ ପ୍ରଦାନ କରାଯିବା ପରେ ପରେ ସଂସଦ ସ୍ୱୀୟ କ୍ଷମତା ବଳରେ ରାଜତନ୍ତ୍ର ଏବଂ ଲର୍ଡସ୍ ସଭାର ବିଲୋପ ଘୋଷଣା କରିବା ମଧ୍ୟ ପୂର୍ବ ପ୍ରଚଳିତ ପରମ୍ପରାର ଅନ୍ୟ ଏକ ବ୍ୟତିକ୍ରମ ଥିଲା । ଏହାଦ୍ୱାରା ଇଂଲଣ୍ଡର ପାରମ୍ପରିକ ତଥା ସାମ୍ବିଧାନିକ ଅନୁଷ୍ଠାନଗୁଡ଼ିକ ମଧ୍ୟରୁ ଏକମାତ୍ର ଅନୁଷ୍ଠାନ ''ରମ୍ପ୍ ସଂସଦ'' ବଞ୍ଚି ରହିଥିଲା, ମାତ୍ର ଏହା ଏକ ପୂର୍ଣ୍ଣ ସଂସଦର ଅବଶିଷ୍ଟାଂଶ ମାତ୍ର ଥିଲା । କତିପୟ ଇଣ୍ଡିପେଣ୍ଡେଣ୍ଟ ସଦସ୍ୟଙ୍କୁ ନେଇ ଗଠିତ ଏହି ''ରମ୍ପ ସଂସଦ'' ଆଦୌ ପ୍ରତିନିଧିମୂଳକ ଅନୁଷ୍ଠାନ ପଦବାଚ୍ୟ ନ ଥିବା ହେତୁ ଦୁର୍ବଳ ଓ ଅକର୍ମଣ୍ୟ ହୋଇପଡ଼ିଥିଲା । ତେଣୁ ପ୍ରକୃତ କ୍ଷମତା ସୈନ୍ୟବାହିନୀଠାରେ ନ୍ୟସ୍ତ ଥିଲା । ଫେଆରଫାକ୍‌ସ ଏବଂ କ୍ରମ୍‌ୱେଲ୍ ''ନୂତନ ଆଦର୍ଶ ସୈନ୍ୟବାହିନୀ''ର ସେନାଧ୍ୟକ୍ଷ ଭାବରେ ଶାସନ କ୍ଷେତ୍ରରେ ସର୍ବମୟକର୍ତ୍ତା ହୋଇପାରିଥିଲେ ।

ରମ୍ପ ସଂସଦ ଜନସାଧାରଣଙ୍କୁ ରାଷ୍ଟ୍ରର ସାର୍ବଭୌମ ରୂପେ ଘୋଷଣା କରି ଏବଂ ନିଜକୁ ଜନସାଧାରଣଙ୍କର ଏକ ପ୍ରତିନିଧିମୂଳକ ଅନୁଷ୍ଠାନ ଭାବରେ ଉପସ୍ଥାପିତ କରି ଯେଉଁଭଳି କ୍ଷମତା ପ୍ରୟୋଗ କରିବାର ପ୍ରଚେଷ୍ଟା କରିଥିଲା, ତାହା ଇଂଲଣ୍ଡ ଇତିହାସରେ ଅନନ୍ୟ ଥିଲା । ରମ୍ପ ସଂସଦ ରାଜତନ୍ତ୍ର ଏବଂ ଲର୍ଡସ ସଭାର ବିଲୋପ ଘୋଷଣା କରିବା ପରେ ମେ ମାସ ୧୬୪୯ ଖ୍ରୀ:ଅ:ରେ ଏକ ଆଇନ ପ୍ରଣୟନ କରି ଇଂଲଣ୍ଡକୁ ଏକ କମନ୍‌ୱେଲଥ୍ ଓ ସ୍ୱାଧୀନ ରାଷ୍ଟ୍ର (Common Wealth and Free State) ଭାବରେ ଶାସିତ ହେବ ବୋଲି ଘୋଷଣା କଲା । ଏହି ଆଇନରେ ଉଲ୍ଲେଖ ରହିଥିଲା, ''ଇଂଲଣ୍ଡ ଏବଂ ତାହାର ସମସ୍ତ ଡୋମିନିଆନ୍ ତଥା ତାହାର ଶାସନାଧୀନରେ ଥିବା ସମସ୍ତ ରାଜ୍ୟର ଜନସାଧାରଣଙ୍କୁ ନେଇ ଏକ କମନ୍‌ୱେଲଥ୍ ଏବଂ ସ୍ୱାଧୀନ ରାଷ୍ଟ୍ର ଗଠିତ ହୋଇଛି ଏବଂ ଏହି ସମୟଠାରୁ କମନ୍‌ୱେଲଥ୍ ଓ ସ୍ୱାଧୀନ ରାଷ୍ଟ୍ର ଭାବରେ ଜାତୀୟ ସର୍ବମୟକର୍ତ୍ତା ସଂସଦରେ ଥିବା ଜନସାଧାରଣଙ୍କର ପ୍ରତିନିଧି ଏବଂ ସେମାନଙ୍କ ଦ୍ୱାରା ଜନସାଧାରଣଙ୍କ ହିତ ପାଇଁ ନିଯୁକ୍ତ କର୍ମଚାରୀ ଓ ମନ୍ତ୍ରୀମାନଙ୍କ ଦ୍ୱାରା ଶାସିତ ହେବ ।'' ଏହି ସାଧାରଣତନ୍ତ୍ର ପ୍ରତିଷ୍ଠା ସପକ୍ଷରେ ଘୋଷଣା କରାଯାଇଥିଲା ଯେ ରମ୍ପ ସଂସଦ ହେଉଛି ଜନସାଧାରଣଙ୍କର ଏକମାତ୍ର ପ୍ରତିନିଧି ଏବଂ ଜନସାଧାରଣଙ୍କର ସମ୍ମତିକ୍ରମେ ରାଜାମାନେ ସେମାନଙ୍କ ଦ୍ୱାରା ନିଯୁକ୍ତ ହେଉଥିବାରୁ, ରାଜାମାନଙ୍କୁ କ୍ଷମତାଚ୍ୟୁତ କରିବାର ଅଧିକାର ଜନସାଧାରଣଙ୍କର

ରହିଛି। କିନ୍ତୁ ରମ୍ପ ସଂସଦ ଦ୍ୱାରା ଯେଉଁ ପ୍ରକାର ଶାସନ ପ୍ରତିଷ୍ଠା କରାଗଲା, ତାହାଦ୍ୱାରା ଦାୟିତ୍ୱହୀନ ଗୋଷ୍ଠୀତନ୍ତ୍ର (Oligarchy) ଶାସନ ପ୍ରତିଷ୍ଠିତ ହୋଇଥିଲା। ଏହି ପ୍ରଭାବଶାଳୀ କତିପୟ ଶାସକ ଗୋଷ୍ଠୀ ସୈନ୍ୟବାହିନୀ ସହାୟତାରେ ନିଜର କ୍ଷମତା ସାବ୍ୟସ୍ତ କରିପାରିଥିଲେ।

ସାଧାରଣତନ୍ତ୍ରର ସୁରକ୍ଷା (Protection of the Republic) :

ଇଂଲଣ୍ଡରେ ରାଜତନ୍ତ୍ର ସପକ୍ଷବାଦୀମାନେ ସେପରି ପ୍ରତିପତ୍ତିଶାଳୀ ନ ଥିବା ସତ୍ତ୍ୱେ ସେମାନେ ସାଧାରଣତନ୍ତ୍ର ପ୍ରତିଷ୍ଠା ହେବାପରେ ସକ୍ରିୟ ହୋଇପଡ଼ିଥିଲେ। ଇଂଲଣ୍ଡରେ ରାଜତନ୍ତ୍ରବାଦୀମାନେ ସଂଖ୍ୟାନ୍ୟୂନ ଗୋଷ୍ଠୀ ହୋଇଥିବାରୁ ସର୍ବଦା ଭୟଭୀତ ହୋଇ ରହିଥିଲେ; କିନ୍ତୁ ଆୟାରଲ୍ୟାଣ୍ଡ୍ ଏବଂ ସ୍କଟ୍‌ଲ୍ୟାଣ୍ଡ୍‌ରେ ସେମାନଙ୍କ ପ୍ରତି ବିପୁଳ ଜନସମର୍ଥନ ରହିଥିଲା। ସ୍କଟଲ୍ୟାଣ୍ଡ୍ ଏବଂ ଆୟାରଲ୍ୟାଣ୍ଡର ରାଜତନ୍ତ୍ର ସପକ୍ଷବାଦୀମାନେ ଚାର୍ଲସ୍ ପ୍ରଥମଙ୍କର ଜ୍ୟେଷ୍ଠ ପୁତ୍ର ଚାର୍ଲସ୍ ଦ୍ୱିତୀୟଙ୍କୁ ରାଜସିଂହାସନରେ ଅଭିଷିକ୍ତ କରିବା ନିମନ୍ତେ ତତ୍ପରତା ପ୍ରକାଶ କରିଥିଲେ। ସ୍କଟଲ୍ୟାଣ୍ଡ୍ ଏବଂ ଆୟାର୍‌ଲ୍ୟାଣ୍ଡ୍‌ରେ ଏଥିନିମନ୍ତେ ବିଦ୍ରୋହମାନ ସଂଘଟିତ ହୋଇଥିଲା। ସଂସଦ ସମ୍ମୁଖରେ ସାଧାରଣତନ୍ତ୍ରର ସୁରକ୍ଷା ନିମନ୍ତେ ରାଜତନ୍ତ୍ରବାଦୀମାନଙ୍କୁ ଦମନ କରିବା ଏକ ମୁଖ୍ୟ ସମସ୍ୟା ଭାବରେ ଦେଖାଦେଇଥିଲା। ସର୍ବପ୍ରଥମେ ରାଜତନ୍ତ୍ରବାଦୀମାନଙ୍କୁ ଦମନ କରିବା ନିମନ୍ତେ ଆୟାରଲ୍ୟାଣ୍ଡରେ ଉଦ୍ୟମ ଆରମ୍ଭ କରାଯାଇଥିଲା। ଏଥିନିମନ୍ତେ କ୍ରମୱେଲ ମୁଖ୍ୟ ସେନାଧ୍ୟକ୍ଷ ଭାବରେ ନିଯୁକ୍ତ ହୋଇଥିଲେ। ଆୟାର୍‌ଲ୍ୟାଣ୍ଡ୍‌ର ରାଜଭକ୍ତ ନେତା ଓର୍‌ମଣ୍ଡ୍ (Ormond) ରାଜତନ୍ତ୍ରବାଦୀମାନଙ୍କୁ ଏକତ୍ରିତ କରି ସୁସଂଗଠିତ ଭାବରେ ସଂସଦ ବାହିନୀକୁ ବିଭିନ୍ନ ରଣକ୍ଷେତ୍ରରେ ଶୋଚନୀୟ ଭାବରେ ପରାସ୍ତ କରିଥିଲେ ଏବଂ ଡବ୍‌ଲିନ ବ୍ୟତୀତ ସମଗ୍ର ଆୟାରଲ୍ୟାଣ୍ଡକୁ ଅଧିକାର କରିନେଇଥିଲେ। ଓରମଣ୍ଡଙ୍କ ସୈନ୍ୟବାହିନୀକୁ ଅପୂର୍ବ ବୀରତ୍ୱର ସହିତ ମାଇକେଲ୍ ଜୋମିସ୍ ପ୍ରତିରୋଧ କରିବା ଦ୍ୱାରା କେବଳ ଡବଲିନ୍‌ରେ ସଂସଦ ବାହିନୀର କର୍ତ୍ତୃତ୍ୱ ବଜାୟ ରହିଥିଲା। ଆୟାରଲ୍ୟାଣ୍ଡରେ ବାର ହଜାର ସୈନ୍ୟ ସହ କ୍ରମ୍‌ୱେଲ୍ ପହଞ୍ଚିବା ପରେ ସର୍ବପ୍ରଥମେ ଡ୍ରୋଘେଡ଼ା (Drogheda) ଏବଂ ୱେକସ୍‌ଫୋର୍ଡ (Wexford)ଠାରେ ଓର୍‌ମଣ୍ଡଙ୍କ ସୈନ୍ୟବାହିନୀକୁ ପରାସ୍ତ କରି ତାଙ୍କର ସମସ୍ତ ସୈନ୍ୟଙ୍କୁ ନିର୍ଦ୍ଦୟ ଭାବରେ ହତ୍ୟା କଲେ। ଏହି ନିର୍ଦ୍ଦୟତା ପରେ କ୍ରମ୍‌ୱେଲଙ୍କୁ ଆଉ ବିଶେଷ ପ୍ରତିରୋଧର ସମ୍ମୁଖୀନ ହେବାକୁ ପଡ଼ିଲା ନାହିଁ। ତାଙ୍କର ନିଷ୍ଠୁରତାରେ ଆତଙ୍କିତ ହୋଇ କ୍ରମଶଃ ବିଦ୍ରୋହୀମାନେ ତାଙ୍କ ନିକଟରେ ଆତ୍ମସମର୍ପଣ କରିବା ଦ୍ୱାରା ୧୬୪୯ ଖ୍ରୀ:ଅ:ର ଶେଷ ଭାଗକୁ ଲଣ୍ଡନବେରୀଠାରୁ କେପ୍ କ୍ଲିଅର ପର୍ଯ୍ୟନ୍ତ ସମଗ୍ର ଉପକୂଳବର୍ତ୍ତୀ ଅଞ୍ଚଳ ତାଙ୍କର ନିୟନ୍ତ୍ରଣାଧୀନ ହୋଇଥିଲା। ଏହି ବିଜୟ ମୁହୂର୍ତ୍ତରେ ତାଙ୍କୁ ଇଂଲଣ୍ଡକୁ ଆବଶ୍ୟକତା ଦୃଷ୍ଟିରୁ ପ୍ରତ୍ୟାବର୍ତ୍ତନ କରିବାକୁ ପଡୁଥିବାରୁ ୧୬୫୦ ଖ୍ରୀ:ଅ:ରେ ଆୟାରଲ୍ୟାଣ୍ଡର ଅବଶିଷ୍ଟ ଅଞ୍ଚଳ ଅଧିକାର କରିବା ନିମନ୍ତେ ସେ ତାଙ୍କର ଜାମାତା ଇରଟନ୍‌ଙ୍କଠାରେ ଦାୟିତ୍ୱ ନ୍ୟସ୍ତ କରିଥିଲେ। ଇରଟନ୍ ୧୬୫୨ ଖ୍ରୀ:ଅ: ସୁଦ୍ଧା ଏହି କାର୍ଯ୍ୟ ସଂପୂର୍ଣ୍ଣ କରିବାରେ ସକ୍ଷମ ହେବାରୁ ସମଗ୍ର ଆୟାରଲ୍ୟାଣ୍ଡ ଉପରେ ଇଂଲଣ୍ଡର ଆଧିପତ୍ୟ ପ୍ରତିଷ୍ଠିତ ହୋଇଥିଲା।

ସ୍କଟଲ୍ୟାଣ୍ଡରେ ବିଦ୍ରୋହ (Revolt in Scotland) :

ଆୟାରଲ୍ୟାଣ୍ଡର ବିଦ୍ରୋହ ଅପେକ୍ଷା ସ୍କଟଲ୍ୟାଣ୍ଡରେ ସଂଘଟିତ ହୋଇଥିବା ବିଦ୍ରୋହ ଅଧିକ ଗୁରୁତର ଆକାର ଧାରଣ କରିଥିବା ଦୃଷ୍ଟିରୁ ସମଗ୍ର ଆୟାରଲ୍ୟାଣ୍ଡ ଅଧିକାର କରିବା ପୂର୍ବରୁ କ୍ରମୱେଲ ଇଂଲଣ୍ଡକୁ ପ୍ରତ୍ୟାବର୍ତ୍ତନ କରିବାକୁ ବାଧ ହୋଇଥିଲେ। ସ୍କଟଲ୍ୟାଣ୍ଡରେ ଚାର୍ଲସ୍ ଦ୍ୱିତୀୟଙ୍କର କେତେକ ସମର୍ଥକ ବିଦ୍ରୋହୀମାନେ ଭିନ୍ନ ମତ ପୋଷଣ କରିବାରୁ ସେମାନେ ଦୁଇଟି ଦଳରେ ବିଭକ୍ତ ହୋଇଯାଇଥିଲେ। ଗୋଟିଏ ଦଳ ସେନାଧ୍ୟକ୍ଷ ମଣ୍ଟ୍ରୋସ୍‌ଙ୍କ ନେତୃତ୍ୱରେ ଚାର୍ଲସ୍ ଦ୍ୱିତୀୟଙ୍କର କୌଣସି ସର୍ତ୍ତକୁ ଅପେକ୍ଷା ନ କରି ଅତିଶୀଘ୍ର ବିଦ୍ରୋହ କରିବାକୁ ନିଷ୍ପତ୍ତି ନେଇଥିବା ବେଳେ ଆରଗିଲଙ୍କ ନେତୃତ୍ୱରେ ପରିଚାଳିତ ଦ୍ୱିତୀୟ ବୃହତ୍ତମ ଦଳଟି ଇଂଲଣ୍ଡ, ଆୟାରଲ୍ୟାଣ୍ଡ ଏବଂ ସ୍କଟଲ୍ୟାଣ୍ଡରେ ପ୍ରେସ୍‌ବାଇଟେରିଆନ ମତବାଦର ପ୍ରତିଷ୍ଠା ନିମନ୍ତେ ଚାର୍ଲସ୍ ସମ୍ମତି ଦେବା ପରେ ବିଦ୍ରୋହ କରିବାକୁ ଚିନ୍ତା କରିଥିଲେ। ଚାର୍ଲସ୍‌ଙ୍କ ସମର୍ଥନରେ ବିଦ୍ରୋହ ନିମନ୍ତେ କୌଣସି ସର୍ତ୍ତ ନ ଥିବାରୁ ମଣ୍ଟ୍ରୋସ୍ ତାଙ୍କର ମାଳ ଅଞ୍ଚଳର ରାଜଭକ୍ତମାନଙ୍କୁ ଏକତ୍ରିତ କରି ବିଦ୍ରୋହ

କରିଥିଲେ। କିନ୍ତୁ ସେ ଅବିଳମ୍ବେ ପରାଜିତ ହୋଇ ବନ୍ଦୀ ହେଲେ। ମେ ମାସ ୧୬୫୦ ଖ୍ରୀ:ଅ:ରେ ତାଙ୍କୁ ଏଡିନବରା ନିକଟବର୍ତ୍ତୀ ଗ୍ରାସମାର୍କେଟଠାରେ ମୃତ୍ୟୁଦଣ୍ଡରେ ଦଣ୍ଡିତ କରାଯାଇଥିଲା । ଇତିମଧ୍ୟରେ ଚାର୍ଲସ୍ ଆରଗିଲଙ୍କର ସର୍ତ୍ତ ଗ୍ରହଣ କରି ନେଇଥିବାରୁ ସ୍କଟବାହିନୀ ଇଂଲଣ୍ଡ ଆକ୍ରମଣ କରିବାକୁ ସ୍ଥିର କରିଥିଲେ। ତେଣୁ ପରିସ୍ଥିତିର ଜଟିଳତା ଦୃଷ୍ଟିରୁ ସ୍କଟଲ୍ୟାଣ୍ଡରେ ବିଦ୍ରୋହ ଦମନ କରିବା ଏକାନ୍ତ ଆବଶ୍ୟକ ହୋଇପଡ଼ିଥିଲା। ମାତ୍ର ସ୍କଟଲ୍ୟାଣ୍ଡ ଆକ୍ରମଣ କରିବାର ଦାୟିତ୍ୱ ନେବାକୁ ଫେଆରଫାକସ୍ ଅନାଗ୍ରହ ପ୍ରକାଶ କରି ମୁଖ୍ୟ ସେନାଧ୍ୟକ୍ଷ ପଦବୀରୁ ଇସ୍ତଫା ଦେଇଥିଲେ। ଫେଆର ଫାକସ୍ ଇସ୍ତଫା ଦେବାରୁ କ୍ରମୱେଲଙ୍କୁ ସ୍କଟଲ୍ୟାଣ୍ଡ ଆକ୍ରମଣ କରିବାର ଦାୟିତ୍ୱ ଅର୍ପଣ କରାଯାଇଥିଲା। କ୍ରମ୍ୱେଲ୍ ଅବିଳମ୍ବେ ସ୍କଟଲ୍ୟାଣ୍ଡ ଅଭିଯାନ ଆରମ୍ଭ କରି ସ୍କଟ ସେନ୍ୟବାହିନୀକୁ ସେପ୍ଟେମ୍ବର ୩ ତାରିଖ ୧୬୫୦ ଖ୍ରୀ:ଅ:ରେ ପ୍ରଥମେ ଡନାବୀର (Denaber) ଯୁଦ୍ଧକ୍ଷେତ୍ରରେ ଏବଂ ପରେ ପରେ ସେପ୍ଟେମ୍ବର ୩ ତାରିଖ ୧୬୫୧ ଖ୍ରୀ:ଅ:ରେ ଓରେସେକ୍‌ଟର (Worcecter) ଯୁଦ୍ଧକ୍ଷେତ୍ରରେ ଶୋଚନୀୟ ଭାବରେ ପରାସ୍ତ କରିବା ଦ୍ୱାରା ରାଜତନ୍ତ୍ର ସପକ୍ଷବାଦୀମାନଙ୍କର ସମସ୍ତ ଆଶା ଧୂଳିସାତ୍ ହୋଇଥିଲା। ଓରେସେକ୍‌ଟର ଯୁଦ୍ଧରେ ପରାସ୍ତ ହେବାପରେ ଚାର୍ଲସ୍ ସ୍କଟ୍‌ଲ୍ୟାଣ୍ଡ୍‌ରୁ ପଳାୟନ କରି ଇତସ୍ତତଃ ଭାବରେ ଇଂଲଣ୍ଡରେ କିଛିଦିନ ଭ୍ରମଣ କରିବା ପରେ ୟୁରୋପର ମୂଳ ଭୂଖଣ୍ଡରେ ଅବଶେଷରେ ଆଶ୍ରୟ ଗ୍ରହଣ କରିଲେ। ସ୍କଟ୍ ସୈନ୍ୟବାହିନୀ ଓରେସେକଟର୍‌ଠାରେ ଶୋଚନୀୟ ଭାବରେ ପରାସ୍ତ ହେବାପରେ ସ୍କଟ୍‌ଲ୍ୟାଣ୍ଡ୍‌ର ସ୍ୱାଧୀନତା ଅସ୍ତମିତ ହୋଇଥିଲା। ସ୍କଟ୍‌ଲ୍ୟାଣ୍ଡ୍‌ର ଶାସନ ଦାୟିତ୍ୱରେ ସେନାଧ୍ୟକ୍ଷ ମଙ୍କ୍‌ଙ୍କ ନେତୃତ୍ୱରେ ଏକ ଇଂରେଜ ସୈନ୍ୟବାହିନୀ ସ୍କଟ୍‌ଲ୍ୟାଣ୍ଡରେ ଅବସ୍ଥାନ କଲେ।

ନୂତନ ଶାସନ ପଦ୍ଧତି ପ୍ରଚଳନ ନିମନ୍ତେ ଉଦ୍ୟମ
(Efforts for the establishment of New Administrative System) :



John Lambert
(Death : 1538 A.D.)

ଚାର୍ଲସ୍ ପ୍ରଥମଙ୍କର ମୃତ୍ୟୁ ପରେ ଭବିଷ୍ୟତ ଶାସନ ପଦ୍ଧତି ସ୍ଥିର କରିବା ନିମନ୍ତେ ବିଭିନ୍ନ ପ୍ରସ୍ତାବ ଉପରେ ବିଚାର ବିମର୍ଷ ଚାଲିଥିଲା। ମାତ୍ର ସ୍କଟ୍‌ଲ୍ୟାଣ୍ଡ୍ ଓ ଆୟାରଲ୍ୟାଣ୍ଡ୍‌ରେ ରାଜତନ୍ତ୍ର ସପକ୍ଷବାଦୀମାନଙ୍କର ବିଦ୍ରୋହ ହେତୁ ଏ ସମ୍ପର୍କରେ କୌଣସି ସିଦ୍ଧାନ୍ତ ଗ୍ରହଣ କରାଯାଇପାରି ନ ଥିଲା। ବିଦ୍ରୋହ ଦମନ ପରେ ଏହି ସମସ୍ୟାର ସମାଧାନ କରିବା ଏକାନ୍ତ ଜରୁରୀ ହୋଇପଡ଼ିଥିଲା। କ୍ରମୱେଲ ଏବଂ ତାଙ୍କର ସୈନ୍ୟବାହିନୀ ଭବିଷ୍ୟତ ଶାସନ ପଦ୍ଧତି ସ୍ଥିର କରିବା ନିମନ୍ତେ ଚାଲିଥିବା ଆଲୋଚନାରେ ଅଂଶଗ୍ରହଣ କରିବାକୁ ସୁଯୋଗ ପାଇଥିଲେ । ରମ୍ପ ସଂସଦର ସଦସ୍ୟମାନେ ସଂକୀର୍ଣ୍ଣ ସ୍ୱାର୍ଥପରତାରେ ଆବଦ୍ଧ ରହି ଦେଶର ଶାସନ କାର୍ଯ୍ୟ ପରିଚାଳନା କରିବାରେ ସଂପୂର୍ଣ୍ଣ ଅକ୍ଷମ ହୋଇପଡ଼ିବାରୁ ଜନସାଧାରଣଙ୍କ ମନରେ ଗଭୀର ଅସନ୍ତୋଷ ଦାନା ବାନ୍ଧିଥିଲା। ଏମିତିକି ସୈନ୍ୟବାହିନୀ ମଧ୍ୟ ରମ୍ପ ସଂସଦର କାର୍ଯ୍ୟକଳାପରେ ଅସନ୍ତୁଷ୍ଟ ହୋଇପଡ଼ିଥିଲା । ସମସ୍ତଙ୍କର ଅସନ୍ତୋଷ ସତ୍ତ୍ୱେ ରମ୍ପ ସଂସଦର ସଦସ୍ୟମାନେ କ୍ଷମତା ବଜାୟ ରଖିବା ନିମନ୍ତେ ଉଦ୍ୟମ ଜାରି ରଖିଥିଲେ। ଏହି ଉଦ୍ଦେଶ୍ୟରେ ସେମାନେ ଏକ ନୂତନ ସଂସଦ ଗଠନ ନିମନ୍ତେ ଏକ ଆଇନ ପ୍ରଣୟନ କରିବାର ବ୍ୟବସ୍ଥା କରିଥିଲେ । ଏଥିରେ ପ୍ରସ୍ତାବ ରହିଥିଲା ଯେ, ରମ୍ପ ସଂସଦର ସମସ୍ତ ସଦସ୍ୟ ନିର୍ବାଚନରେ ଅବତୀର୍ଣ୍ଣ ନ ହୋଇ ମଧ୍ୟ ସଦସ୍ୟ ଭାବରେ ରହିପାରିବେ ଏବଂ ଅନ୍ୟ ସଦସ୍ୟମାନଙ୍କର ଯୋଗ୍ୟତା ନିର୍ଦ୍ଧାରଣ କରିବାର କ୍ଷମତା ସେମାନଙ୍କର ରହିବ । ରମ୍ପ ସଂସଦର ଏତାଦୃଶ କାର୍ଯ୍ୟକଳାପ ବିଷୟରେ ସମ୍ବାଦ ପାଇ ସେନାବାହିନୀ କ୍ରୋଧରେ ଉତକ୍ଷିପ୍ତ ହୋଇଉଠିଥିଲା । ରମ୍ପ ସଂସଦର ସଦସ୍ୟମାନେ ଉପରୋକ୍ତ ଆଇନ ପ୍ରଣୟନ କରିବାକୁ ଯାଉଥିବା ସମୟରେ ସୈନ୍ୟବାହିନୀର ମୁଖ୍ୟ ପ୍ରତିନିଧି ଭାବରେ କ୍ରମୱେଲ କମନସ୍ ସଭା ଗୃହରେ ପ୍ରବେଶ କରି ସଦସ୍ୟମାନଙ୍କୁ ଭର୍ତ୍ସନା କରିଲେ ଏବଂ ଏପ୍ରିଲ ୨୦, ୧୬୫୩ ଖ୍ରୀ:ଅ:ରେ ସୈନ୍ୟବାହିନୀରେ ସହାୟତାରେ ବାଚସ୍ପତିଙ୍କ ସମେତ ସମସ୍ତ

ସଦସ୍ୟମାନଙ୍କୁ କମନସ୍ ସଭା ଗୃହରୁ ବଳ ପ୍ରୟୋଗ କରି ବହିଷ୍କାର କରିଦେଲେ । ଏହିପରି ଭାବରେ ରମ୍ପ ସଂସଦର ପତନ ଘଟିଲା ଏବଂ ସୈନ୍ୟବାହିନୀ ଦେଶର ଶାସନ ଦାୟିତ୍ୱ ପ୍ରତ୍ୟକ୍ଷ ଭାବରେ ଗ୍ରହଣ କରିଲା ।

Thomas Harrison
(1606–1660 A.D.)

ରମ୍ପ ସଂସଦର ପତନ ପରେ କ୍ରମୱେଲ ଏବଂ ତାଙ୍କର ସୈନ୍ୟବାହିନୀ ଇଂଲଣ୍ଡର ସର୍ବମୟ କର୍ତ୍ତା ଭାବରେ ଭବିଷ୍ୟତ ଶାସନ ପଦ୍ଧତିର ରୂପରେଖ ନିର୍ଦ୍ଧାରଣ କରିବାର ଦାୟିତ୍ୱ ଗ୍ରହଣ କରିଲେ । ଜନ୍ ଲମ୍ବଟ୍ ଓ ଥୋମାସ୍ ହାରିସନ୍ ନାମକ ଦୁଇଜଣ ସୈନିକ ଶାସନ ପଦ୍ଧତିର ଖସଡ଼ା ପ୍ରସ୍ତୁତି ନିମନ୍ତେ ଦୁଇଗୋଟି ପ୍ରସ୍ତାବ ଦେଇଥିଲେ । କ୍ରମୱେଲ ହାରିସନ୍‌ଙ୍କ ପ୍ରସ୍ତାବକୁ ଗ୍ରହଣ କରି ଏକ ସଂସଦ ଆହୁତ କରିବା ନିମନ୍ତେ ସ୍ଥିର କଲେ । ଜୁଲାଇ ୧୬୫୩ ଖ୍ରୀ:ଅ:ରେ ସ୍କଟ୍‌ଲ୍ୟାଣ୍ଡରୁ ୫ ଜଣ ଏବଂ ଆୟାରଲ୍ୟାଣ୍ଡରୁ ୬ ଜଣ ସଦସ୍ୟଙ୍କ ସମେତ ୧୪୦ ଜଣ ଧାର୍ମିକ ସଦସ୍ୟଙ୍କୁ ନେଇ ଏହି ନୂତନ ସଂସଦ ଗଠନ କରାଯାଇଥିଲା । ଏହାକୁ ''ସାଧୁମାନଙ୍କ ସଂସଦ'' (Parliament of Saints) ବୋଲି କୁହାଯାଏ । କ୍ରମୱେଲ ଏବଂ ତାଙ୍କର ପିଉରିଟାନ୍ ସଦସ୍ୟମାନଙ୍କ ଦ୍ୱାରା ଏହି ସଦସ୍ୟମାନେ ମନୋନୀତ ହୋଇଥିଲେ । ଏହି ନବଗଠିତ ସଂସଦରେ ସ୍କଟ୍‌ଲ୍ୟାଣ୍ଡ ଓ ଆୟାର୍‌ଲ୍ୟାଣ୍ଡର ପ୍ରତିନିଧିମାନେ ଥିବାରୁ ଏହାକୁ ''ଗ୍ରେଟବ୍ରିଟେନର ପ୍ରଥମ ମିଳିତ ସଂସଦ'' (First Joint Parliament of Great Britain) ବୋଲି କୁହାଯାଏ । ଏହି ସଂସଦର ଜନୈକ ସଦସ୍ୟ ବେଆର୍‌ବୋନ୍‌ଙ୍କ ନାମାନୁସାରେ ଏହାକୁ ''ବେଆରବୋନ ସଂସଦ'' (Barebone's Parliament) ନାମରେ ଅଭିହିତ କରାଯାଇଥିଲା ।

ବେଆରବୋନ ସଂସଦ (Barebone's Parliament) :



Barebone
(1598–1679 A.D.)

ଏକାନ୍ତ ଧର୍ମନିଷ୍ଠ ପିଉରିଟାନ ସଦସ୍ୟମାନଙ୍କୁ ନେଇ ଗଠିତ ଏହି ସଂସଦର ବାଚସ୍ପତି ଏଟନର୍ ପ୍ରୋଭୋଷ୍ଟ ଥିଲେ । କ୍ରମୱେଲ ତାଙ୍କର ଏହି ବହୁ ଆକାଂକ୍ଷିତ ନବଗଠିତ ସଂସଦ ନିକଟରୁ ଅନେକ କିଛି ଆଶା କରିଥିଲେ; ମାତ୍ର ପରିଶେଷରେ ତାଙ୍କୁ ନିରାଶ ହେବାକୁ ପଡ଼ିଥିଲା । ଏହି ସଂସଦର ସଦସ୍ୟମାନେ ଅତ୍ୟନ୍ତ ମର୍ଯ୍ୟାଦାବନ୍ତ ଧର୍ମନିଷ୍ଠ ବ୍ୟକ୍ତି ହୋଇଥିଲେ ମଧ୍ୟ ସେମାନଙ୍କଠାରେ ବାସ୍ତବବାଦୀ ଦୃଷ୍ଟିକୋଣର ଅଭାବ ଥିଲା । ଏହି ଆଦର୍ଶବାଦୀ ସଦସ୍ୟମାନେ ଶାସନ କ୍ଷେତ୍ରରେ ସଂସ୍କାରମାନ ପ୍ରବର୍ତ୍ତନ କରିବାକୁ ପ୍ରୟାସୀ ହୋଇଥିଲେ । ସେମାନେ ସମୟୋପଯୋଗୀ ଆଧୁନିକ ଦୃଷ୍ଟିଭଙ୍ଗୀ ଥିବା କେତେଗୁଡ଼ିଏ ଆଇନ ପ୍ରଣୟନ କରିଥିଲେ । ଏଥିମଧ୍ୟରେ ଜନ୍ମ, ବିବାହ ଏବଂ ମୃତ୍ୟୁର ପଞ୍ଜିକରଣ ନିମନ୍ତେ ପ୍ରବର୍ତ୍ତିତ ହୋଇଥିବା ଆଇନ ବିଶେଷ ପ୍ରଣିଧାନଯୋଗ୍ୟ ଥିଲା ମାତ୍ର ଏହି ସଦସ୍ୟମାନଙ୍କର ରାଜନୈତିକ ବ୍ୟବହାର ଅତ୍ୟନ୍ତ ନିରାଶାଜନକ ଥିଲା । ସେମାନେ ପାରସ୍ପରିକ ବାଦ ବିବାଦରେ ଜଡ଼ିତ ହୋଇ ସଠିକ୍ ନିଷ୍ପତ୍ତି ନେବାକୁ ଅସମର୍ଥ ହୋଇପଡ଼ିଲେ । ସେମାନଙ୍କର ଏପରି ଆଚରଣରେ କ୍ରମୱେଲ ହତାଶ ହୋଇପଡ଼ିଲେ । ତେଣୁ ସେ ସଂସଦର କେତେକ ସଦସ୍ୟଙ୍କୁ ସଂସଦ ଭଙ୍ଗ କରିବାକୁ ଏକ ପ୍ରସ୍ତାବ ଆଗତ କରିବାକୁ ପ୍ରବର୍ତ୍ତାଇଥିଲେ; ଯାହାଦ୍ୱାରା ଏକ ଭଙ୍ଗ ପ୍ରସ୍ତାବ ଆଗତ ହେଲା । ଏହି ପ୍ରସ୍ତାବ ଗୃହୀତ ହେବାପରେ ଡିସେମ୍ବର ୧୨, ୧୬୫୫ ଖ୍ରୀ:ଅ:ରେ ବେଆରବୋନ୍ ସଂସଦ ଭଙ୍ଗ ହେଲା ।

ଶାସନ ନିଦର୍ଶନ ପତ୍ର (Instrument of Government) :

କ୍ରମୱେଲ ରାଜମୁକୁଟ ଗ୍ରହଣ କରିବାକୁ ଅନିଚ୍ଛା ପ୍ରକାଶ କରିଥିଲେ। ଲାମ୍ବର୍ଟଙ୍କ ନେତୃତ୍ୱରେ ସୈନ୍ୟବାହିନୀ ମୁଖ୍ୟମାନେ ଏକ ନୂତନ ଲିଖିତ ସମ୍ବିଧାନ ପ୍ରଣୟନ କରି ତାହାକୁ କ୍ରମୱେଲଙ୍କ ନିକଟରେ ଉପସ୍ଥାପିତ କରିଥିଲେ। ଏହି ନୂତନ ସମ୍ବିଧାନ ''ଶାସନ ନିଦର୍ଶନ ପତ୍ର'' (Instrument of Government) ନାମରେ ଅଭିହିତ ହୋଇଥିଲା। କ୍ରମୱେଲ ଏହି ସମ୍ବିଧାନକୁ ସଂସଦ କିମ୍ବା ଜନସାଧାରଣଙ୍କ ମତାମତ ନ ଲୋଡ଼ି ପ୍ରଣୟନ କରିଲେ। ଏହି ସମ୍ବିଧାନର ବ୍ୟବସ୍ଥାନୁଯାୟୀ କ୍ରମୱେଲ ଆଜବୀନ ''ଲର୍ଡ ପ୍ରୋଟେକ୍ଟର'' (Lord Protector) ହେଲେ।

ଅବଶ୍ୟ ଏହି ''ଶାସନ ନିଦର୍ଶନ ପତ୍ର'' ଇଂଲଣ୍ଡର ସାମ୍ବିଧାନିକ ଇତିହାସରେ ବିଶେଷ ଗୁରୁତ୍ୱପୂର୍ଣ୍ଣ ନୁହେଁ, କାରଣ ଯୁଦ୍ଧ ସମୟରେ ସାମ୍ବିଧାନିକ ପରୀକ୍ଷା ଧାରାରେ ଯେଉଁସବୁ ଶାସନତନ୍ତ୍ରର ପ୍ରବର୍ତ୍ତନ କରାଯାଇଥିଲା, ''ଶାସନ ନିଦର୍ଶନ ପତ୍ର'' ତନ୍ମଧ୍ୟରୁ ଅନ୍ୟତମ ଅଟେ। ଏହିସବୁ ପରୀକ୍ଷାମୂଳକ ଶାସନତନ୍ତ୍ର ସହିତ ଇଂଲଣ୍ଡର ସାମ୍ବିଧାନିକ ଅଭିବୃଦ୍ଧିର କୌଣସି ସଂପର୍କ ଥିବାର ଦେଖାଯାଏ ନାହିଁ। ଇଂଲଣ୍ଡରେ ଗୃହଯୁଦ୍ଧ ପର୍ଯ୍ୟନ୍ତ ଯେଉଁ ସାମ୍ବିଧାନିକ ଅଭିବୃଦ୍ଧି ହୋଇଆସିଥିଲା, ତାହାର କ୍ରମ ପରିଣତି ଏହି ଶାସନତନ୍ତ୍ରଗୁଡ଼ିକ ଅଟେ। କାରଣ ରାଜାଙ୍କର ସାର୍ବଭୌମ କ୍ଷମତା ଏବଂ ରାଜପଦବୀ ସମ୍ବନ୍ଧୀୟ ଚିନ୍ତାଧାରାର ଅନ୍ତ ଘଟିଲେ ପୂର୍ବରୁ ହୋଇଥିବା ସାମ୍ବିଧାନିକ ବିବର୍ତ୍ତନ କ୍ରମରେ ଯେଉଁ ଶାସନ ପଦ୍ଧତି ପ୍ରଚଳିତ ହେବାର କଥା, ଏହି ଶାସନତନ୍ତ୍ରଗୁଡ଼ିକରେ ତାହାହିଁ ହୋଇଥିଲା। ଇଂଲଣ୍ଡରେ ଗୃହଯୁଦ୍ଧର ପରିସମାପ୍ତି ଘଟିବା ପରେ ଯେଉଁ ସାମ୍ବିଧାନିକ ଅଗ୍ରଗତି ହୋଇଥିଲା, ସେଥିରେ ଏହି ଶାସନ ପଦ୍ଧତିଗୁଡ଼ିକର ପ୍ରଭାବ ପ୍ରତିଫଳିତ ହେଲା ନାହିଁ। ତେବେ ଅନ୍ୟ କେତେକ ଦୃଷ୍ଟିକୋଣରୁ ଶାସନତନ୍ତ୍ର ଗୁରୁତ୍ୱପୂର୍ଣ୍ଣ ଥିଲା। ଏହା ଇଂଲଣ୍ଡରେ ସର୍ବପ୍ରଥମ ଲିଖିତ ସମ୍ବିଧାନ ଥିଲା। ଏହି ସମ୍ବିଧାନକୁ ଆଧାର କରି ଇଂଲଣ୍ଡରେ ତିନିବର୍ଷରୁ କିଛି ଅଧିକ ସମୟ ପାଇଁ ନିର୍ବାଚିତ ପ୍ରତିନିଧି (Delegated)ମାନଙ୍କ ଦ୍ୱାରା ଏକ ସରକାର ପ୍ରତିଷ୍ଠିତ ହୋଇପାରିଥିଲା। ''ଶାସନ ନିଦର୍ଶନ ପତ୍ର'' ପ୍ରଣୀତ ହେବା ପୂର୍ବରୁ ଇଂଲଣ୍ଡର ପାରମ୍ପରିକ ଶାସନ ବ୍ୟବସ୍ଥାର ମୂଳ ନୀତିଗୁଡ଼ିକୁ ଉପେକ୍ଷା କରି କେବଳ ନିର୍ବାଚିତ ପ୍ରତିନିଧିମାନଙ୍କର ଶାସନ କରିବାର ଅଧିକାର ସମ୍ପର୍କୀୟ ତତ୍ତ୍ୱ ପ୍ରତି ଗୁରୁତ୍ୱ ପ୍ରଦାନ କରାଯାଇଥିଲା ଏବଂ ଏହାକୁ କାର୍ଯ୍ୟକାରୀ କରିବା ନିମନ୍ତେ ଉଦ୍ୟମ କରାଯାଇଥିଲା। ଅବଶ୍ୟ ଏହି ତତ୍ତ୍ୱ ଶାସନ ନିଦର୍ଶନ ପତ୍ରରେ ସଂପୂର୍ଣ୍ଣ ରୂପେ ଉପେକ୍ଷିତ ହୋଇନଥିଲେ ମଧ୍ୟ ଏହା ପରିବର୍ତ୍ତନ ସହ ଗୃହୀତ ହୋଇଥିଲା ଏବଂ ଏହା ସହିତ ଇଂଲଣ୍ଡର ପାରମ୍ପରିକ ଶାସନ ବ୍ୟବସ୍ଥାର କେତେକ ମୂଳନୀତି ମଧ୍ୟ ସନ୍ନିବେଶିତ ହୋଇଥିଲା। ତେଣୁ ଶାସନ ନିଦର୍ଶନ ପତ୍ର ନିଃସନ୍ଦେହରେ କାର୍ଯ୍ୟକାରୀ ହେବା ନିମନ୍ତେ ଅତି ଉପଯୋଗୀ ଥିଲା।

''ରମ୍ପ ସଂସଦ''ର ତିକ୍ତ ଅନୁଭୂତି ଦୃଷ୍ଟିରୁ ଇଂଲଣ୍ଡରେ ଏକ ସ୍ୱାଧୀନ ତଥା ସୁଦୃଢ଼ କାର୍ଯ୍ୟପାଳିକା ପ୍ରତିଷ୍ଠା କରିବା ନିହାତି ଆବଶ୍ୟକ ଥିଲା ଏବଂ ଏଥିନିମନ୍ତେ ''ଶାସନ ନିଦର୍ଶନ ପତ୍ର''ରେ ବ୍ୟବସ୍ଥା କରାଯାଇଥିଲା। ଉକ୍ତ ସମ୍ବିଧାନର ଧାରା ୧ (Article 1) ବ୍ୟବସ୍ଥାନୁଯାୟୀ ଇଂଲଣ୍ଡ, ଆୟାରଲ୍ୟାଣ୍ଡ ଓ ସ୍କଟଲ୍ୟାଣ୍ଡକୁ ନେଇ ଗଠିତ କମନ୍‌ୱେଲଥର କାର୍ଯ୍ୟକାରୀ କ୍ଷମତା ପ୍ରଟେକ୍ଟରଙ୍କଠାରେ ନ୍ୟସ୍ତ ରହିଲା। ଶାସନ କାର୍ଯ୍ୟରେ ତାଙ୍କୁ ସହାୟତା ପ୍ରଦାନ କରିବା ନିମନ୍ତେ ପନ୍ଦର ଜଣ ସଦସ୍ୟ ବିଶିଷ୍ଟ ଏକ ''କାଉନସିଲ ଅଫ୍ ଷ୍ଟେଟ'' (Council of State) ଗଠିତ ହେଲା। ଏତଦ୍‌ବ୍ୟତୀତ ଏହି ସମ୍ବିଧାନରେ ୩ ବର୍ଷ ନିମନ୍ତେ ନିର୍ବାଚିତ ୪୬୦ ଜଣ ସଦସ୍ୟଙ୍କୁ ନେଇ ଏକ ସଦନ ବିଶିଷ୍ଟ ସଂସଦର ମଧ୍ୟ ବ୍ୟବସ୍ଥା କରାଯାଇଥିଲା। ଏହି ଉଭୟ ପ୍ରଟେକ୍ଟର ଏବଂ ସଂସଦଠାରେ ଆଇନ ପ୍ରଣୟନ କରିବା ଦାୟିତ୍ୱ ନ୍ୟସ୍ତ ରହିବ ବୋଲି ସ୍ଥିର ହୋଇଥିଲା। ଏହି ସମ୍ବିଧାନ ଅନୁଯାୟୀ ସଂସଦ ଆହ୍ୱାନ କରିବା, ସ୍ଥଗିତ ରଖିବା କିମ୍ବା ଭାଙ୍ଗିଦେବା କ୍ଷମତା ପ୍ରଟେକ୍ଟରଙ୍କଠାରେ ନ୍ୟସ୍ତ କରାଯାଇଥିଲା। କିନ୍ତୁ ଏଥିରେ ବ୍ୟବସ୍ଥା ଥିଲା ଯେ ଯଦି ସଂସଦ ପାଞ୍ଚମାସ ଧରି ମିଳିତ ହୋଇନଥିବ, ତାହାଲେ ଏହାକୁ

ପ୍ରଟେକ୍ଟରର ଭାଙ୍ଗି ଦେଇପାରିବେ ନାହିଁ। ଏହି ସମ୍ବିଧାନରେ ପୂର୍ବରୁ ସଂସଦକୁ ବିଭିନ୍ନ ଅଞ୍ଚଳରୁ ନିର୍ବାଚିତ ହେଉଥିବା ପ୍ରତିନିଧି ସଂଖ୍ୟାରେ କେତେକ ପରିବର୍ତ୍ତନ କରାଯାଇ ମୁଖ୍ୟତଃ ପ୍ରତ୍ୟେକ ଅଞ୍ଚଳର ପ୍ରତିନିଧି ସଂଖ୍ୟା ସେହି ଅଞ୍ଚଳର ଜନସଂଖ୍ୟାକୁ ନେଇ ନିର୍ଦ୍ଧାରିତ ହୋଇଥିଲା; ଯାହାଦ୍ୱାରା କେତେକ ଜନବିରଳ କ୍ଷୁଦ୍ର ବରୋ ସଂସଦକୁ ପ୍ରତିନିଧି ପ୍ରେରଣ କରିବାରୁ ବଞ୍ଚିତ ହେଲେ। ମାଞ୍ଚେଷ୍ଟର ଏବଂ ଲିଭରପୁଲ ପରି ବିକାଶୋନ୍ମୁଖୀ ଜନବହୁଳ ନଗରୀଗୁଡ଼ିକ ସଂସଦକୁ ପ୍ରତିନିଧି ପ୍ରେରଣ କରିବାର ଅଧିକାର ପାଇଲେ ଏବଂ କାଉଣ୍ଟିଗୁଡ଼ିକର ସଂଖ୍ୟା ବୃଦ୍ଧି ପାଇଲା। ପୂର୍ବ ସଂସଦରେ ୪୧୩ ଜଣ ବରୋ ପ୍ରତିନିଧି ଓ ୯୨ ଜଣ କାଉଣ୍ଟି ପ୍ରତିନିଧି ଥିବାବେଳେ ନୂତନ ସଂସଦରେ ୧୩୫ ଜଣ ବରୋ ପ୍ରତିନିଧି ଏବଂ ୨୩୮ ଜଣ କାଉଣ୍ଟି ପ୍ରତିନିଧି ସ୍ଥାନ ପାଇଲେ। ପ୍ରଟେକ୍ଟରଙ୍କ ଦ୍ୱାରା ସ୍କଟ୍‌ଲ୍ୟାଣ୍ଡ୍ ଓ ଆୟାର୍‌ଲ୍ୟାଣ୍ଡରୁ ୬୦ ଜଣ ସଦସ୍ୟଙ୍କୁ ମନୋନୀତ କରିବାର ବ୍ୟବସ୍ଥା ରହିଲା। "ମତଦାନ" ଅଧିକାର ସଙ୍କୁଚିତ କରାଯାଇଥିଲା। ଏହି ସମ୍ବିଧାନର ସର୍ତ୍ତାନୁଯାୟୀ କୌଣସି ବ୍ୟକ୍ତିଙ୍କର ୨୦୦ ପାଉଣ୍ଡ ମୂଲ୍ୟର ସମ୍ପତ୍ତି ନ ଥିଲେ, ସେ ମତଦାନ କରିବା ନିମନ୍ତେ ଯୋଗ୍ୟ ବିବେଚିତ ହୋଇପାରିଲେ ନାହିଁ। ସଂସଦ ବିରୋଧରେ ଯୁଦ୍ଧରେ ଯୋଗ ଦେଇଥିବା ବ୍ୟକ୍ତିମାନେ ଆସନ୍ତା ଚାରୋଟି ସଂସଦ ପାଇଁ ହେଉଥିବା ନିର୍ବାଚନରେ ଅଂଶଗ୍ରହଣ କରିପାରିବେ ନାହିଁ ବୋଲି ସମ୍ବିଧାନରେ ବ୍ୟବସ୍ଥା ରଖାଯାଇଥିଲା। ଏତଦ୍‌ବ୍ୟତୀତ ଆୟାରଲ୍ୟାଣ୍ଡରେ ହୋଇଥିବା ବିଦ୍ରୋହରେ ସଂଶ୍ଳିଷ୍ଟ ଥିବା ବ୍ୟକ୍ତିମାନେ ତଥା ରୋମାନ କ୍ୟାଥୋଲିକମାନେ ସବୁଦିନ ପାଇଁ ମତଦାନ ଅଧିକାରରୁ ବଞ୍ଚିତ ହୋଇଥିଲେ।

ସଂସଦରେ ଗୃହୀତ ହୋଇଥିବା ସମସ୍ତ ବିଧେୟକଗୁଡ଼ିକ ପ୍ରଟେକ୍ଟରଙ୍କ ସ୍ୱୀକୃତି ଲାଭ କରିବା ନିମନ୍ତେ ତାଙ୍କ ନିକଟକୁ ପ୍ରେରିତ ହେବ ବୋଲି ଏହି ସମ୍ବିଧାନରେ ଉଲ୍ଲେଖ ଥିଲା। କିନ୍ତୁ ୨୦ ଦିନ ମଧ୍ୟରେ ସେ ଯଦି ତାଙ୍କର ସ୍ୱୀକୃତି ନ ଦିଅନ୍ତି କିମ୍ବା ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ କୌଣସି ମତ ପ୍ରଦାନ ନ କରନ୍ତି, ତାହାଲେ ପ୍ରେରିତ ବିଧେୟକଟି ତାଙ୍କର ସ୍ୱୀକୃତି ବିନା ଆଇନରେ ପରିଣତ ହୋଇପାରିବ ବୋଲି ବ୍ୟବସ୍ଥା ରଖାଯାଇଥିଲା। ସମ୍ବିଧାନର ଏହି ଧାରାର ଦୁଇଟି ଉପଧାରା ବିଶେଷ ପ୍ରଣିଧାନଯୋଗ୍ୟ। ଏହାର ଏକ ଉପଧାରାରେ ପ୍ରଟେକ୍ଟରଙ୍କୁ ସୀମିତ ନିଷେଧାଧିକାର ଦିଆଯାଇଥିଲା। ଏହାଦ୍ୱାରା ପ୍ରଟେକ୍ଟର କୌଣସି ବିଧେୟକକୁ ସ୍ୱୀକୃତି ନ ଦେବାକୁ ଚାହିଁଲେ, ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସେ ସଂସଦକୁ ଏହି ବିଧେୟକଟିକୁ ପ୍ରତ୍ୟାହାର କରିନେବା ପାଇଁ ବାର୍ତ୍ତା ପ୍ରେରଣ କରିପାରିବେ ବୋଲି ଏହି ସମ୍ବିଧାନରେ ବ୍ୟବସ୍ଥା ରହିଥିଲା। ଯୁକ୍ତରାଷ୍ଟ୍ର ଆମେରିକାର ସମ୍ବିଧାନରେ ଠିକ୍ ଏହିପରି ଏକ ପଦ୍ଧତି ଅନୁସୃତ ହେବାର ବ୍ୟବସ୍ଥା ରହିଛି। ଅବଶ୍ୟ ସଂସଦ କିଞ୍ଚିତ ସଂଖ୍ୟାଗରିଷ୍ଠ ମତରେ ପ୍ରଟେକ୍ଟରଙ୍କ ବାର୍ତ୍ତାକୁ ଅଗ୍ରାହ୍ୟ କରିଦେବାର କ୍ଷମତା ଲାଭ କରିଥିଲା। ଏହି ଧାରାର ଅନ୍ୟ ଏକ ଉପଧାରାରେ ଉଲ୍ଲିଖିତ ଥିଲା ଯେ, କୌଣସି ଅସାମ୍ବିଧାନିକ ବିଧେୟକ ଆଇନରେ ପରିଣତ ହୋଇପାରିବ ନାହିଁ। ଯଦିଓ ଆମେରିକୀୟ ସମ୍ବିଧାନରେ କୌଣସି କର୍ତ୍ତୃପକ୍ଷଙ୍କ ପକ୍ଷରେ କୌଣସି ବିଧେୟକକୁ ଅସାମ୍ବିଧାନିକ ବୋଲି ସ୍ଥିର କରିପାରିବାର ବ୍ୟବସ୍ଥା ନ ଥିଲା; ତଥାପି ସମୟକ୍ରମେ ନ୍ୟାୟାଳୟଗୁଡ଼ିକ ଏହି କ୍ଷେତ୍ରରେ ନିଷ୍ପତ୍ତି ନେବାର ଦାୟିତ୍ୱ ଗ୍ରହଣ କରିଥିଲେ। କିନ୍ତୁ ଶାସନ ନିର୍ଦ୍ଦେଶନ ପତ୍ରରେ ସମ୍ବିଧାନ କିପରି ଭାବରେ ଏବଂ କାହାଦ୍ୱାରା ସଂଶୋଧିତ ହେବ, ତାହାର କୌଣସି ବ୍ୟବସ୍ଥା ନ ଥିଲା। ଅନେକ ଅନୁମାନ କରନ୍ତି ଯେ ସମ୍ବିଧାନର ସଂଶୋଧନ ସଂପୂର୍ଣ୍ଣ ନିଷିଦ୍ଧ କରିବା ଏହି ଧାରାର ଉଦ୍ଦେଶ୍ୟ ଥିଲା। ତେବେ ସମ୍ଭବତଃ ସମୟକ୍ରମେ ଏହା ନ୍ୟାୟାଳୟମାନଙ୍କରେ ବିଶ୍ଳେଷିତ ହୋଇ ପ୍ରଟେକ୍ଟରଙ୍କ ସ୍ୱୀକୃତି କ୍ରମେ ସଂସଦ ଦ୍ୱାରା ସଂଶୋଧିତ ହୋଇପାରିଥାନ୍ତା। ପ୍ରଟେକ୍ଟରଙ୍କର କାଉନସିଲର ସଦସ୍ୟମାନଙ୍କ ନିଯୁକ୍ତିରେ ସଂସଦ ପ୍ରତ୍ୟକ୍ଷ ଭାବରେ ଅଂଶଗ୍ରହଣ କରିବା ସହିତ ରାଜ୍ୟର ମୁଖ୍ୟ କର୍ମଚାରୀମାନଙ୍କର ନିଯୁକ୍ତିକୁ ଅନୁମୋଦନ କରିବାର ବ୍ୟବସ୍ଥା ସମ୍ବିଧାନରେ ରହିଲା। ଏତଦ୍‌ବ୍ୟତୀତ ଏହି ସମ୍ବିଧାନରେ କ୍ୟାଥୋଲିକ୍‌ମାନଙ୍କ ବ୍ୟତୀତ ଅନ୍ୟ ସମସ୍ତଙ୍କୁ ଧର୍ମଗତ ସ୍ୱାଧୀନତା ପ୍ରଦାନ କରାଯାଇଥିଲା।

ପ୍ରଥମ ପ୍ରୋଟେକ୍ଟୋରେଟ ସଂସଦ, ସେପ୍ଟେମ୍ବର ୧୬୫୪ ଖ୍ରୀ:ଅ:–ଜାନୁୟାରୀ ୧୬୫୫ ଖ୍ରୀ:ଅ: (First Protectorate Parliament, September 1654 A.D. – January 1655 A.D.) :

ସମ୍ବିଧାନର ବ୍ୟବସ୍ଥା ଅନୁଯାୟୀ ଡିସେମ୍ବର ୧୬୫୩ ଖ୍ରୀ:ଅ:ରେ କ୍ରମୱେଲ ପ୍ରଟେକ୍ଟର ରୂପେ ଦାୟିତ୍ୱ ଗ୍ରହଣ କଲେ। ସେପ୍ଟେମ୍ବର ୧୬୫୪ ଖ୍ରୀ:ଅ:ରେ ସେ ପ୍ରଥମ ପ୍ରୋଟେକ୍ଟୋରେଟ ସଂସଦ ଆହ୍ୱାନ କରିଲେ। ଏହି ସଂସଦରେ ଆୟାରଲ୍ୟାଣ୍ଡରୁ ୩୦ ଜଣ ଏବଂ ସ୍କଟଲ୍ୟାଣ୍ଡରୁ ୩୦ ଜଣ ସଦସ୍ୟ ରହିଥିଲେ। ଏହି ସଂସଦ ମିଳିତ ହେବାମାତ୍ରେ ପ୍ରଟେକ୍ଟର ଏବଂ ସଂସଦ ମଧ୍ୟରେ କଳହର ସୂତ୍ରପାତ ହୋଇଥିଲା। ''ଶାସନ ନିଦର୍ଶନ ପତ୍ର'' ଅନୁଯାୟୀ ୧୦୦ ଜଣ ସଦସ୍ୟ କମନୱେଲଥ ଓ କ୍ରମୱେଲଙ୍କ ପ୍ରତି ବିଶ୍ୱସ୍ତତାର ଶପଥ ନେବାକୁ ପ୍ରତ୍ୟାଖାନ କରିଦେବାରୁ ସେମାନଙ୍କୁ କ୍ରମୱେଲ ସଂସଦରୁ ବହିଷ୍କାର କରିଲେ। ଅବଶିଷ୍ଟ ସଦସ୍ୟମାନେ ନୂତନ ସମ୍ବିଧାନର ବିଧିବ୍ୟବସ୍ଥାର ପ୍ରାସଙ୍ଗିକତା ଉପରେ ଆଲୋଚନା କଲେ। ପ୍ରତ୍ୟେକ ସଦସ୍ୟ ସମ୍ବିଧାନର ବିଭିନ୍ନ ପ୍ରକାର ବାଖ୍ୟା କରି ସର୍ବୋଚ୍ଚ କ୍ଷମତାର ଅଧିକାରୀ ହେବା ନିମନ୍ତେ ଉଦ୍ୟମ କରିଲେ। ଏହି ସାମ୍ବିଧାନିକ ସମସ୍ୟା ସଂକ୍ରାନ୍ତରେ ନିଷ୍ପତ୍ତି ନେବାପାଇଁ କୌଣସି ନ୍ୟାୟାଳୟ କ୍ଷମତାପ୍ରାପ୍ତ ହୋଇ ନ ଥିବାରୁ ସଂସଦ ଏବଂ ପ୍ରଟେକ୍ଟରଙ୍କ ମଧ୍ୟରେ ସମ୍ବିଧାନର ବାଖ୍ୟା ନେଇ ଯେଉଁ ବିବାଦ ଉପୁଜିଥିଲା, ତାହାର କୌଣସି ପ୍ରକାର ସନ୍ତୋଷଜନକ ସମାଧାନ ହୋଇପାରିଲା ନାହିଁ। ଅପରପକ୍ଷରେ ପ୍ରଟେକ୍ଟର ସଂସଦର ସଦସ୍ୟମାନଙ୍କୁ ଚେତାଇ ଦେଇଥିଲେ ଯେ ଯେଉଁ ସମ୍ବିଧାନ ଦ୍ୱାରା ସେମାନଙ୍କର ସ୍ଥିତି ସମ୍ଭବ ହୋଇଛି, ସେହି ସମ୍ବିଧାନକୁ କୌଣସି ପ୍ରକାରରେ ସଂଶୋଧନ କରିବାର ଉଦ୍ୟମ ନ କରି, ଏହାକୁ ବିଧିସମ୍ମତ ବୋଲି ଗ୍ରହଣ କରିନେବା ସମସ୍ତଙ୍କ ପକ୍ଷରେ ସମିଚୀନ ଅଟେ। ମାତ୍ର ପ୍ରଟେକ୍ଟରଙ୍କ ଚେତାବନୀ ସତ୍ତ୍ୱେ ସଦସ୍ୟମାନେ ଏହି କାର୍ଯ୍ୟରୁ ବିରତ ହେଲେ ନାହିଁ। ଅପରନ୍ତୁ ଏହି ସଂସଦ ପ୍ରଟେକ୍ଟରେଟ ଏବଂ କାଉନସିଲର କ୍ଷମତାକୁ ନିୟନ୍ତ୍ରଣ କରିବା ପାଇଁ ଏବଂ ରାଜସ୍ୱ ତଥା ବୈଦେଶିକ ବ୍ୟାପାର ପ୍ରଭୃତି କ୍ଷେତ୍ରରେ ଅଧିକ କ୍ଷମତା ପ୍ରୟୋଗ କରିବା ନିମନ୍ତେ ଚେଷ୍ଟିତ ହେଲା। ସୈନ୍ୟ ସଂଖ୍ୟା ନିର୍ଦ୍ଧାରଣ ତଥା ସାମରିକ ବାହିନୀର ଖର୍ଚ୍ଚ ହ୍ରାସ ନିମନ୍ତେ ସଂସଦ ଦାବି କରିଲା। ଧର୍ମ କ୍ଷେତ୍ରରେ ସହନଶୀଳ ନୀତିର ସମାଲୋଚନା କରି ଏହାର ଉଚ୍ଛେଦ ନିମନ୍ତେ ପ୍ରସ୍ତାବ ଦେଲା। ୨୧ଟି ଭିନ୍ନ ଧର୍ମ ମତବାଦର ଏକ ଚିଠା ପ୍ରସ୍ତୁତ କରି ସେଗୁଡ଼ିକୁ କେହି ଅନୁସରଣ ନ କରିବା ନିମନ୍ତେ ପ୍ରସ୍ତାବ ଆଗତ ହୋଇଥିଲା। ଏତଦ୍‌ବ୍ୟତୀତ ''ବିଶ୍ୱାସର ୨୦ ଧାରା'' (20 Articles of Faith) ପ୍ରଣୟନ କରି ଏହାକୁ କୌଣସି ବ୍ୟକ୍ତି ଅମାନ୍ୟ ନ କରି ଅନୁସରଣ କରିବାକୁ ସଂସଦ ଦାବି କଲା। ପରିଶେଷରେ ସଂସଦର ଏପରି ଆଚରଣରେ ପ୍ରଟେକ୍ଟରେଟ କ୍ଷୁବ୍ଧ ହୋଇ ଏହାକୁ ଜାନୁୟାରୀ ୧୬୫୫ ଖ୍ରୀ:ଅ:ରେ ଭାଙ୍ଗିଦେଲେ ଏବଂ ସଂସଦର ବିନା ସହଯୋଗରେ ଶାସନ କରିବାକୁ ନିଷ୍ପତ୍ତି ନେଲେ।

ମେଜର ଜେନେରାଲ ଶାସନ ବ୍ୟବସ୍ଥା (Major General Administrative System) :

ଏହି ଶାସନ ବ୍ୟବସ୍ଥା ଅନୁଯାୟୀ କ୍ରମୱେଲ୍ ସମଗ୍ର ରାଜ୍ୟକୁ ୧୧ଟି ଜିଲ୍ଲାରେ ବିଭକ୍ତ କରି ପ୍ରତ୍ୟେକ ଜିଲ୍ଲାର ଶାସନ ଦାୟିତ୍ୱ ଜଣେ ଜଣେ ମେଜର ଜେନେରାଲଙ୍କଠାରେ ନ୍ୟସ୍ତ କଲେ। ସେମାନଙ୍କର ଦାୟିତ୍ୱ ମଧ୍ୟରେ ସାମରିକ ବାହିନୀର ତତ୍ତ୍ୱାବଧାନ କରିବା, ଶାନ୍ତିଶୃଙ୍ଖଳା ପ୍ରତିଷ୍ଠା କରିବା ତଥା ରାଜତନ୍ତ୍ରବାଦୀମାନଙ୍କର ଷଡ଼ଯନ୍ତ୍ରକୁ ପଣ୍ଡ କରିବା ମୁଖ୍ୟ କର୍ତ୍ତବ୍ୟ ଥିଲା। ସେମାନେ ରାଜତନ୍ତ୍ରବାଦୀମାନଙ୍କର ସମ୍ପତ୍ତି ଉପରୁ ଏକ ଦଶମାଂଶ କର ଧାର୍ଯ୍ୟ କରି ଶାସନ କାର୍ଯ୍ୟ ପରିଚାଳନା କରିଲେ। ମାତ୍ର ଏହି ପ୍ରକାର ଶାସନ ବ୍ୟବସ୍ଥା ପ୍ରଚଳନ କରି କ୍ରମୱେଲ ଅପ୍ରିୟ ହୋଇପଡ଼ିଥିଲେ। ସ୍ପେନ ସହିତ ଯୁଦ୍ଧର ସୂତ୍ରପାତ ହେବାରୁ ଏହି ଶାସନ ବ୍ୟବସ୍ଥାର ସମାପ୍ତି ଘଟିଥିଲା।

ଦ୍ୱିତୀୟ ପ୍ରୋଟେକ୍ଟୋରେଟ୍ ସଂସଦ, ୧୬୫୬ ଖ୍ରୀ:ଅ:
(Second Protectorate Parliament, 1656 A.D.) :

ଦ୍ୱିତୀୟ ପ୍ରୋଟେକ୍ଟୋରେଟ୍ ସଂସଦ ମିଳିତ ହେବା ମାତ୍ରକେ ଏକ ନୂତନ ସମ୍ବିଧାନ ପ୍ରଣୟନ କରିବା ନିମନ୍ତେ ଉଦ୍ୟମ ହୋଇଥିଲା। ସଂସଦରେ ଏହି ନୂତନ ସମ୍ବିଧାନଟି ସରକାରଙ୍କ ଦ୍ୱାରା ଆଗତ କରାଯାଇଥିଲା। ଏହା ''ହମ୍ବଲ ପିଟିସନ ଆଣ୍ଡ ଆଡ଼ଭାଇସ୍'' (Humble Petition and Advice) ନାମରେ ପରିଚିତ ଅଟେ। ଏହି ସମ୍ବିଧାନରେ ପୂର୍ବ ପ୍ରଚଳିତ ଶାସନତାନ୍ତ୍ରିକ ପରମ୍ପରାକୁ ଅଧିକ ଗୁରୁତ୍ୱ ପ୍ରଦାନ କରାଗଲା। ଏହି ସମ୍ବିଧାନ ପ୍ରଣେତାମାନେ ହୃଦୟଙ୍ଗମ କରିଥିଲେ ଯେ ପୂର୍ବ ପ୍ରଚଳିତ ପରମ୍ପରାକୁ ସଂପୂର୍ଣ୍ଣ ରୂପେ ବାଦ ଦେଇ ଇଂଲଣ୍ଡରେ ଆଉ କୌଣସି ପ୍ରକାର ଶାସନ ବ୍ୟବସ୍ଥା ପ୍ରଚଳନ କରିବା ସମ୍ଭବପର ହେବ ନାହିଁ। ''ହମ୍ବଲ ପିଟିସନ ଆଣ୍ଡ ଆଡଭାଇସ୍''ରେ କ୍ରମୱେଲଙ୍କୁ ରାଜପଦବୀ ଗ୍ରହଣ କରିବା ନିମନ୍ତେ ପ୍ରସ୍ତାବ ଦିଆଯାଇଥିଲା। ଏହି ନୂତନ ସମ୍ବିଧାନରେ ''କାଉନସିଲ୍ ଅଫ୍ ଷ୍ଟେଟ୍''କୁ ବିଲୋପ କରିବା ସହିତ ଲର୍ଡସ ସଭା ପରି ଏକ ଦ୍ୱିତୀୟ ସଦନ ପ୍ରତିଷ୍ଠା କରିବା ପାଇଁ ମଧ୍ୟ ବ୍ୟବସ୍ଥା କରାଯାଇଥିଲା। ଏହି ରାଜା ଉପାଧି ଗ୍ରହଣ କରିବା ଉପରେ କ୍ରମୱେଲ ମନ୍ତବ୍ୟ ଦେଇଥିଲେ, ''ଏହା ଟୋପିରେ ଆହୁରି ଏକ ପର ସଂଯୁକ୍ତ କରିବା ସଦୃଶ'' (A feather in hat)। କ୍ରମୱେଲ ରାଜପଦବୀ ଗ୍ରହଣ କରିଲେ ନାହିଁ, କିନ୍ତୁ ଏହା ପରିବର୍ତ୍ତେ ନିଜର ଭବିଷ୍ୟତ ଉତ୍ତରାଧିକାରୀ ମନୋନୀତ କରିବାର କ୍ଷମତା ଗ୍ରହଣ କଲେ। କ୍ରମୱେଲ ସାମରିକ ଶକ୍ତି ସାହାଯ୍ୟରେ ପ୍ରତିଷ୍ଠା କରିଥିବା ନୂତନ ଶାସନ ବ୍ୟବସ୍ଥା ଯେ ପାରମ୍ପରିକ ରାଜତନ୍ତ୍ରର ବିକଳ୍ପ ହୋଇପାରିବ ନାହିଁ ତାହା ସମୟକ୍ରମେ ସ୍ପଷ୍ଟ ହୋଇଯାଇଥିଲା। ''ଅନ୍ୟ ସଦନ'' (Other House) ନାମରେ ଯେଉଁ ଦ୍ୱିତୀୟ ସଦନ ପ୍ରତିଷ୍ଠା କରାଗଲା, ତାହାର ସଦସ୍ୟମାନେ ପ୍ରଟେକ୍ଟରମାନଙ୍କ ଦ୍ୱାରା ମନୋନୀତ ହେବା ନିମନ୍ତେ ବ୍ୟବସ୍ଥା କରାଯାଇଥିଲା। ବାସ୍ତବରେ ଏହି ସଦନ ପ୍ରଟେକ୍ଟର ଏବଂ କମନସ୍ ସଭା ମଧ୍ୟରେ ପ୍ରତ୍ୟକ୍ଷ ସଂଘର୍ଷ ଏଡ଼ାଇବା ନିମନ୍ତେ ପ୍ରତିଷ୍ଠା କରାଯାଇଥିଲା। କିନ୍ତୁ ଏହି ନବଗଠିତ ''ଅନ୍ୟ ସଦନ'' ଲର୍ଡସ ସଭାର ଭୂମିକା ତୁଲାଇବାରେ ଅକ୍ଷମ ହେଲା। ଏହି ଦ୍ୱିତୀୟ ସଂସଦର କମନସ୍ ସଭା ଅନ୍ୟ କୌଣସି କାର୍ଯ୍ୟ ନ ତୁଲାଇ କେବଳ ''ଅନ୍ୟ ସଦନ''ର ସଦସ୍ୟମାନଙ୍କୁ ସମାଲୋଚନା କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଲା। ଏପରିକି ''ଲର୍ଡ ପ୍ରଟେକ୍ଟର''ଙ୍କ କାର୍ଯ୍ୟ, କ୍ଷମତା ଏବଂ ଅଧିକାର ଉପରେ ମଧ୍ୟ ବିତର୍କ ଆରମ୍ଭ ହେଲା। ପରିଶେଷରେ କ୍ରମୱେଲ ଦ୍ୱିତୀୟ ସଂସଦର ଏତାଦୃଶ ଆଚରଣରେ ଅତ୍ୟନ୍ତ କ୍ଷୁବ୍ଧ ହୋଇ ଫେବୃୟାରୀ ୧୬୫୮ ଖ୍ରୀ:ଅ:ରେ ଏହାକୁ ଭାଙ୍ଗିଦେଲେ। ଏହାପରେ ଆଉ ପ୍ରୋଟେକ୍ଟୋରେଟ୍ ସଂସଦ ଆହୂତ ହୋଇ ନ ଥିଲା। ଏହାର ୭ ମାସ ପରେ ଅର୍ଥାତ୍ ୩ ସେପ୍ଟେମ୍ବର ୧୬୫୮ ଖ୍ରୀ:ଅ:ରେ ରୋଗାକ୍ରାନ୍ତ ଅବସ୍ଥାରେ କ୍ରମୱେଲ ଶେଷନିଃଶ୍ୱାସ ତ୍ୟାଗ କଲେ।

କ୍ରମୱେଲଙ୍କର ସାମ୍ବିଧାନିକ ପରୀକ୍ଷଣରୁ ଜଣାଯାଏ ଯେ ଏହି ସମୟର ସମ୍ବିଧାନଗୁଡ଼ିକ ଯେତିକି ପରିମାଣରେ ପାରମ୍ପରିକ ଶାସନ ପଦ୍ଧତିର ନିକଟତର ହେଉଥିଲା, ସେତିକି ପରିମାଣରେ ସେମାନଙ୍କର ସ୍ଥାୟିତ୍ୱ କ୍ଷୁର୍ଣ୍ଣ ହେଉଥିଲା। ପାରମ୍ପରିକ ଶାସନ ବ୍ୟବସ୍ଥାକୁ ଅଧିକ ପ୍ରାଧାନ୍ୟ ଦିଆଯିବା ହେତୁ ସାଧାରଣତନ୍ତ୍ରବାଦୀମାନେ ଏହି ସମ୍ବିଧାନଗୁଡ଼ିକୁ ବିରୋଧ କରିଲେ। ଅନ୍ୟପକ୍ଷରେ ପୂର୍ବର ରାଜବଂଶ ସିଂହାସନରେ ଅଧିଷ୍ଠିତ ନ ହୋଇଥିବା ଯୋଗୁ ତଥା ପୂର୍ବ ପ୍ରଚଳିତ ସମ୍ବିଧାନ ସଂପୂର୍ଣ୍ଣ ଭାବରେ ପ୍ରତିଷ୍ଠିତ ହୋଇ ନ ଥିବା ଯୋଗୁଁ ରାଜତନ୍ତ୍ରବାଦୀମାନେ ଏହି ସମ୍ବିଧାନଗୁଡ଼ିକୁ ମଧ୍ୟ ପୂର୍ଣ୍ଣ ମାତ୍ରାରେ ସମର୍ଥନ ଦେଲେ ନାହିଁ। ଏହାଛଡ଼ା କ୍ରମୱେଲଙ୍କ ଦ୍ୱାରା ପ୍ରତିଷ୍ଠିତ ସାମରିକ ଶାସନ ଏବଂ ଜନସାଧାରଣଙ୍କ ସମ୍ମତି ମଧ୍ୟରେ ସମନ୍ୱୟ ରକ୍ଷା ହୋଇପାରିଲା ନାହିଁ। ସଂସଦର ସହଯୋଗରେ ଶାସନ କରିବା ନିମନ୍ତେ କ୍ରମୱେଲ ଯେଉଁ ଉଦ୍ୟମ କରୁଥିଲେ, ତାହା ଏକ ପ୍ରତାରଣା ଥିଲା; କାରଣ ଯେଉଁ ଗଣତନ୍ତ୍ରବାଦୀମାନେ ତାଙ୍କ କାର୍ଯ୍ୟକୁ ବିରୋଧ କରି ସମାଲୋଚନା କଲେ, ସେମାନଙ୍କୁ ସେ ସଂସଦରୁ ବହିଷ୍କାର କରିବା ନିମନ୍ତେ ଆଦୌ କୁଣ୍ଠିତ ହେଉ ନ ଥିଲେ। ଏହାସତ୍ତ୍ୱେ ସେ ସଂସଦର ଉପଯୋଗିତାକୁ ମଧ୍ୟ ହୃଦୟଙ୍ଗମ କରିଥିଲେ। ଷ୍ଟ୍ରାଟଫୋର୍ଡଙ୍କ ପଦାଙ୍କ ଅନୁସରଣ କରି ସଂସଦକୁ ଭାଙ୍ଗିଦେଇ ଏହାର ବିନା ସହଯୋଗରେ

ଶାସନ କରିବାର ପକ୍ଷପାତୀ ସେ ନ ଥିଲେ। ସେ ସାଧାରଣତନ୍ତ୍ରବାଦୀ ନ ହୋଇଥିଲେ ମଧ୍ୟ ସାମ୍ବିଧାନିକ ରାଜତନ୍ତ୍ରର ପକ୍ଷପାତୀ ଥିଲେ। ସଂସଦକୁ ଭାଙ୍ଗି ଦେବାରେ ସେ ଯେପରି ତତ୍ପରତା ପ୍ରକାଶ କରୁଥିଲେ, ଏହାର ସହଯୋଗରେ ଶାସନ କରିବା ନିମନ୍ତେ ମଧ୍ୟ ସେହିପରି ଆଗ୍ରହ ପ୍ରକାଶ କରୁଥିଲେ। ତାଙ୍କର ଉଦ୍ଦେଶ୍ୟ ମହନୀୟ ହୋଇଥିଲେ ମଧ୍ୟ ପରିଶେଷରେ ତାଙ୍କର ଉଦ୍ୟମ ବିଫଳ ହୋଇଥିଲା; କାରଣ କ୍ରମୱେଲ ଥିଲେ ସାମରିକ ସ୍ୱୈର ଶାସକ। ତାଙ୍କର କ୍ଷମତା ସାମରିକ ଶକ୍ତି ଉପରେ ପ୍ରତିଷ୍ଠିତ ଥିଲା। ଏହି ସାମରିକ ସ୍ୱୈର ଶାସନରେ ଇଂରେଜମାନଙ୍କର ପାରମ୍ପରିକ ଚିନ୍ତାଧାରା ଏବଂ ଦେଶର ପରମ୍ପରାକୁ ଉପେକ୍ଷା କରାଯାଇଥିଲା। ଫ୍ରାନ୍ସର ସମ୍ରାଟ ନେପୋଲିୟନଙ୍କ ପରି କ୍ରମୱେଲ ସାମରିକ ଏକଛତ୍ରବାଦକୁ ସାମ୍ବିଧାନିକ ରୂପରେଖ ଦେବାପାଇଁ ଉଦ୍ୟମ କରି ବିଫଳ ହୋଇଥିଲେ; କାରଣ ସାମରିକ ଏକଛତ୍ରବାଦ ଏବଂ ସମ୍ବିଧାନବାଦ ମଧ୍ୟରେ ସମନ୍ୱୟ ରକ୍ଷା କରିବା ଆଦୌ ସମ୍ଭବପର ନ ଥିଲା।



Richard Cromwell (1626–1712 A.D.)

ଏହିଭଳି ଏକ ଜଟିଳ ପରିସ୍ଥିତିରେ ଯେତେବେଳେ ସେପ୍ଟେମ୍ବର ୧୬୫୮ ଖ୍ରୀ:ଅ:ରେ ଅଲିଭର କ୍ରମୱେଲଙ୍କର ପୁତ୍ର ରିଚାର୍ଡ କ୍ରମୱେଲ ପ୍ରଟେକ୍ଟର ଭାବରେ ଦାୟିତ୍ୱ ଗ୍ରହଣ କରିଲେ, ସେତେବେଳେ ସଂସଦ ଏବଂ ସୈନ୍ୟବାହିନୀ ମଧ୍ୟରେ କଳହର ସୂତ୍ରପାତ ହୋଇ ଦେଶରେ ଅରାଜକତା ଦେଖାଦେଲା। ଏହିଭଳି ପରିସ୍ଥିତିରେ ଯଦି ରିଚାର୍ଡ ସଂସଦକୁ ସଂପୂର୍ଣ୍ଣ ଉପେକ୍ଷା କରି ସୈନ୍ୟବାହିନୀର ସହାୟତାରେ ଶାସନ ପରିଚାଳନା କରିବାକୁ ସକ୍ଷମ ହୋଇଥାନ୍ତେ, ତାହାଲେ ହୁଏତ ଇଂଲଣ୍ଡରେ ପ୍ରଟେକ୍ଟର ଶାସନ କିଛିକାଳ ପାଇଁ ସ୍ଥାୟୀ ହୋଇପାରିଥାନ୍ତା। କିନ୍ତୁ ରିଚାର୍ଡ ସୈନ୍ୟବାହିନୀର ସହଯୋଗ ପାଇପାରିଲେ ନାହିଁ, କାରଣ ଅଲିଭରଙ୍କଠାରେ ସୈନ୍ୟବାହିନୀ ଯେଉଁ ଆସ୍ଥା ରଖିପାରିଥିଲା, ସେହିପରି ଆସ୍ଥା ସେନ୍ୟବାହିନୀ ରିଚାର୍ଡଙ୍କଠାରେ ରଖିପାରିଲା ନାହିଁ। ଅବଶେଷରେ ରିଚାର୍ଡ ପ୍ରଟେକ୍ଟର ପଦତ୍ୟାଗ କରିବାକୁ ବାଧ୍ୟ ହୋଇଥିଲେ ଏବଂ ରାଜତନ୍ତ୍ରର ପୁନଃସ୍ଥାପନ ନିଶ୍ଚିତ ହୋଇପଡ଼ିଲା।

ପିଉରିଟାନମାନେ ସାମୟିକ ଧାର୍ମିକ ଏବଂ ରାଜନୈତିକ ଉତ୍ତେଜନାର ବଶବର୍ତ୍ତୀ ହୋଇ ହିଂସାତ୍ମକ ତଥା ବିଦ୍ରୋହାତ୍ମକ ପନ୍ଥା ଅବଲମ୍ବନ କରି ଇଂଲଣ୍ଡର ସାମ୍ବିଧାନିକ ବିକାଶ ନିମନ୍ତେ ଉଦ୍ୟମ କରିଥିଲେ, କିନ୍ତୁ ସେହି ସମୟରେ ଇଂଲଣ୍ଡର ରାଜନୈତିକ ଚିନ୍ତାଧାରା ତଥା ଅନୁଷ୍ଠାନଗୁଡ଼ିକ ଅପରିପକ୍ୱ ଅବସ୍ଥାରେ ଥିବାରୁ ପିଉରିଟାନମାନଙ୍କର ଉଦ୍ୟମ ସାମ୍ବିଧାନିକ ବିକାଶ ଦିଗରେ ଉପଯୋଗୀ ହୋଇପାରି ନ ଥିଲା, ତେଣୁ ଏହା ବିରୁଦ୍ଧରେ ପ୍ରତିକ୍ରିୟା ପ୍ରକାଶ ପାଇଲା ଏବଂ ପିଉରିଟାନମାନଙ୍କର ସମସ୍ତ ଉଦ୍ୟମ ପଣ୍ଡ ହୋଇଗଲା। ପିଉରିଟାନମାନେ ସେମାନଙ୍କର ଶାସନତାନ୍ତ୍ରିକ ପରୀକ୍ଷା କ୍ରମରେ ଯେତେ ପ୍ରକାରର ଶାସନତନ୍ତ୍ର ପ୍ରତିଷ୍ଠା କରିବା ନିମନ୍ତେ ଉଦ୍ୟମ କରିଥିଲେ, ପିଉରିଟାନ ବିପ୍ଳବ ପରେ ସାମ୍ବିଧାନିକ ବିକାଶରେ ସେଗୁଡ଼ିକର ପ୍ରଭାବ ଅନୁଭୂତ ହେଲା ନାହିଁ। ପିଉରିଟାନ ବିପ୍ଳବ ପୂର୍ବରୁ ଯେପରି ଦୀର୍ଘ ସଂସଦର ପ୍ରଥମ ଅଧିବେଶନର ଶେଷ ପର୍ଯ୍ୟନ୍ତ ସାମ୍ବିଧାନିକ ଅଗ୍ରଗତି ସ୍ୱାଭାବିକ ଧାରାରେ ହୋଇଥିଲା। ପିଉରିଟାନ ବିପ୍ଳବ ପରେ ଠିକ୍ ସେହିପରି ସାମ୍ବିଧାନିକ ଅଗ୍ରଗତି ସାଧିତ ହୋଇଥିଲା। ତେଣୁ ପିଉରିଟାନ ବିପ୍ଳବ କେବଳ ସମ୍ବିଧାନର ସ୍ୱାଭାବିକ କ୍ରମବିକାଶରେ ବାଧା ସୃଷ୍ଟି କରି ଏହାର ଅବିଚ୍ଛିନ୍ନତା ଭଙ୍ଗ କରିଥିଲା। ଯେଉଁ ଉଦ୍ଦେଶ୍ୟ ନିମନ୍ତେ ପିଉରିଟାନମାନେ ବିପ୍ଳବ କରିଥିଲେ, ସେଗୁଡ଼ିକ ବରଂ ସ୍ୱାଭାବିକ କ୍ରମବିକାଶ ଫଳରେ ସମ୍ବିଧାନ ଅନ୍ତର୍ଭୁକ୍ତ ହୋଇପାରିଛି।

ବୈଦେଶିକ ନୀତି (Foreign Policy) :

କ୍ରମୱେଲଙ୍କ ସାମୂହିକ କାର୍ଯ୍ୟାବଳୀକୁ ଆକଳନ କରାଯାଇ, ତାଙ୍କର ଶ୍ରେଷ୍ଠ କୃତିତ୍ୱ ବୈଦେଶିକ ବ୍ୟାପାର କ୍ଷେତ୍ରରେ ପରିଲକ୍ଷିତ ହୋଇଥିବାର ଜଣାଯାଏ। କ୍ରମୱେଲଙ୍କ ବୈଦେଶିକ ବ୍ୟାପାର ନୀତି ଇଂଲଣ୍ଡକୁ ମହିମାନ୍ୱିତ କରିଥିଲା। ଇଂଲଣ୍ଡ

ଇତିହାସରେ କ୍ରମୱେଲ ହେଉଛନ୍ତି ପ୍ରଥମ ବ୍ୟକ୍ତି, ଯିଏକି ବ୍ରିଟିଶ ସାମ୍ରାଜ୍ୟର ପରିକଳ୍ପନା କରିଥିଲେ ଏବଂ ପରବର୍ତ୍ତୀ ସମୟରେ ତାହା ବାସ୍ତବତାରେ ପରିଣତ ହୋଇଥିଲା। କଥିତ ଅଛି କ୍ରମୱେଲଙ୍କ ଶାସନ ସମୟରେ ଇଂଲଣ୍ଡ ଅତ୍ୟନ୍ତ ଯୁଦ୍ଧପ୍ରିୟ ହୋଇଉଠିଥିଲା। ମୁଖ୍ୟତଃ ଫ୍ରାନ୍ସ ସହ ଦୀର୍ଘ ଏକଶହ ବର୍ଷ ବ୍ୟାପୀ ଯୁଦ୍ଧ ପରେ ଇଂଲଣ୍ଡ ଏହି ପ୍ରକାର ଯୁଦ୍ଧ ନୀତି କେବେହେଲେ ମଧ୍ୟ ଗ୍ରହଣ କରି ନ ଥିଲା। ଇଂଲଣ୍ଡରେ ରାଜତନ୍ତ୍ର ସପକ୍ଷବାଦୀମାନଙ୍କୁ ଦମନ କରିବା ପରେ ୧୬୫୨ ଖ୍ରୀ:ଅ:ରୁ କ୍ରମୱେଲ ଇଂଲଣ୍ଡର ପ୍ରତିବେଶୀ ଇଉରୋପୀୟ ରାଜ୍ୟଗୁଡ଼ିକ ସହ ଯୁଦ୍ଧରେ ଲିପ୍ତ ରହିଲେ।

ଇଂଲଣ୍ଡ ଓ ହଲାଣ୍ଡ (England and Holland) :

କ୍ରମୱେଲଙ୍କ ଶାସନ ସମୟରେ ହଲାଣ୍ଡ ଇଂଲଣ୍ଡର ପ୍ରଧାନ ଶତ୍ରୁ ଭାବରେ ମୁଣ୍ଡ ଟେକିଥିଲା। ଇଂଲଣ୍ଡର ଶାସକ ଚାର୍ଲସ୍ ପ୍ରଥମଙ୍କୁ ମୃତ୍ୟୁଦଣ୍ଡ ପ୍ରଦାନ କରାଯିବା ହେତୁ ଇଂରେଜମାନଙ୍କ ଏହି କାର୍ଯ୍ୟର ତୀବ୍ର ବିରୋଧ ହଲାଣ୍ଡ କରିଥିଲା। ଏହାସତ୍ତ୍ୱେ ପରେ ପରେ ଦୁଇ ଦେଶ ମଧ୍ୟରେ ସୁସମ୍ପର୍କ ପ୍ରତିଷ୍ଠିତ ହୋଇପାରିଥିଲା ଏବଂ ଏହା ମଧ୍ୟ ଆଶା କରାଯାଉଥିଲା ଯେ ଉଭୟ ରାଜ୍ୟ ପ୍ରୋଟେଷ୍ଟାଣ୍ଟ ଧର୍ମାବଲମ୍ବୀ ହୋଇଥିବାରୁ ଓ ଉଭୟ ରାଜ୍ୟରେ ସାଧାରଣତନ୍ତ୍ର ପ୍ରତିଷ୍ଠିତ ହୋଇଥିବାରୁ ଉଭୟ ଦେଶ ମଧ୍ୟରେ ଏହି ସୁସମ୍ପର୍କ ଚିରସ୍ଥାୟୀ ହେବ। କିନ୍ତୁ ଏହି ଆଶା ବାସ୍ତବତାରେ ପରିଣତ ହୋଇପାରି ନ ଥିଲା। ୧୬୫୦ ଖ୍ରୀ:ଅ:ରେ ଇଂଲଣ୍ଡର ସଂସଦ ଯେଉଁ ନୌଆଇନ (Navigation Act) ପ୍ରଣୟନ କରିଥିଲା, ସେଥିରେ ବ୍ୟବସ୍ଥା ରହିଥିଲା ଯେ ଇଉରୋପୀୟ ପଣ୍ୟଦ୍ରବ୍ୟଗୁଡ଼ିକ କେବଳ ଇଂରେଜମାନଙ୍କର ଜାହାଜ କିମ୍ବା ରପ୍ତାନୀ କରୁଥିବା ଦେଶର ଜାହାଜରେ ଏବଂ ଆମେରିକା, ଏସିଆ ଓ ଆଫ୍ରିକାରୁ ପଣ୍ୟଦ୍ରବ୍ୟ କେବଳ ଇଂରେଜ ଜାହାଜ କିମ୍ବା ଔପନିବେଶିକମାନଙ୍କର ଜାହାଜରେ ଇଂଲଣ୍ଡକୁ ଆମଦାନୀ କରାଯିବ। ଡଚମାନେ ଏହି ଆଇନ ପ୍ରଣୀତ ହେବା ପୂର୍ବରୁ ଇଉରୋପ ତଥା ଇଉରୋପ ବାହାରୁ ଇଂଲଣ୍ଡକୁ ଆମଦାନୀ ହେଉଥିବା ପଣ୍ୟଦ୍ରବ୍ୟ ସେମାନଙ୍କର ନିଜ ଜାହାଜରେ ଆଣୁଥିଲେ। ଏଥିରେସେମାନେ ବିଶେଷ ଲାଭବାନ ହେଉଥିବା ଦୃଷ୍ଟିରୁ କ୍ଷୁବ୍ଧ ହୋଇ ଏହି ନୌଆଇନକୁ ବିରୋଧ କରିଥିଲେ। ଏହାଛଡ଼ା ଡଚ୍ ଏବଂ ଇଂରେଜମାନଙ୍କ ମଧ୍ୟରେ ବାଣିଜ୍ୟ କ୍ଷେତ୍ରରେ ସେହି ସମୟରେ ତୀବ୍ର ପ୍ରତିଦ୍ୱନ୍ଦିତା ଲାଗି ରହିଥିଲା। ପୂର୍ବ ଭାରତୀୟ ଦ୍ୱୀପପୁଞ୍ଜରେ ଡଚ୍‌ମାନେ ଇଂରେଜମାନଙ୍କର ବାଣିଜ୍ୟ କାରବାରରେ ତୀବ୍ର ପ୍ରତିବନ୍ଧକ ସୃଷ୍ଟି କରିଥିଲେ। ୧୬୨୩ ଖ୍ରୀ:ଅ:ରେ ଡଚ୍‌ମାନେ ଆମ୍ବୋୟାନାଠାରେ ବହୁସଂଖ୍ୟକ ଇଂରେଜ ବଣିକମାନଙ୍କୁ ନିର୍ମମ ଭାବରେ ହତ୍ୟା କରିଥିଲେ (Massacre of Amboyana) ଏବଂ ଇଂରେଜମାନଙ୍କୁ ସେଠାରୁ ବିତାଡ଼ିତ କରି ଦେଇଥିଲେ। ଇଂଲିଶ ଇଷ୍ଟଇଣ୍ଡିଆ କମ୍ପାନୀ ଡଚମାନଙ୍କ ଏହି କାର୍ଯ୍ୟ ବିରୁଦ୍ଧରେ ପ୍ରତିଶୋଧ ନେବାପାଇଁ ଦୃଢ଼ ସଂକଳ୍ପବଦ୍ଧ ହୋଇଥିଲା ଏବଂ ଡଚମାନଙ୍କ ବିରୁଦ୍ଧରେ ଯୁଦ୍ଧ ଘୋଷଣା କରାଯାଉ ବୋଲି ବାରମ୍ବାର ଦାବି କରୁଥିଲା। ଅବଶେଷରେ ଇଂରେଜମାନଙ୍କ ପକ୍ଷରୁ ଡଚ ଜାହାଜଗୁଡ଼ିକ ଇଂଲିଶ ପ୍ରଣାଳୀ ଦେଇ ଯାତାୟତ କଲାବେଳେ ଇଂରେଜ ଯୁଦ୍ଧ ଜାହାଜଗୁଡ଼ିକ ପ୍ରତି ସମ୍ମାନ ପ୍ରଦର୍ଶନ ପୂର୍ବକ ସେମାନଙ୍କ ଜାତୀୟ ପତାକା ଅର୍ଦ୍ଧନମୀତ କରି ରଖିବା ନିମନ୍ତେ ଯେଉଁ ଦାବି ଉପସ୍ଥାପନ କରାଯାଇଥିଲା, ତାହା ଡଚମାନେ ମାନିବା ପାଇଁ ପ୍ରସ୍ତୁତ ନ ଥିଲେ। ଏହିସବୁ କାରଣରୁ ମେ ମାସ ୧୬୫୨ ଖ୍ରୀ:ଅ:ରେ ଡଚ୍ ଏବଂ ଇଂରେଜ ନୌବହର ମଧ୍ୟରେ ଡୋଭରଠାରେ ପ୍ରଥମେ ଏକ ସଂଘର୍ଷ ଘଟି ଯୁଦ୍ଧର ସୂତ୍ରପାତ ହୋଇଥିଲା।



Robert Blake
(1598–1657 A.D.)

ଚାର୍ଲସ୍ ପ୍ରଥମଙ୍କର ଶାସନ ସମୟରେ ନିର୍ମିତ ହୋଇଥିବା ତଥା ଅସ୍ତ୍ରଶସ୍ତ୍ରରେ ସଜ୍ଜିତ ହୋଇ ରହିଥିବା ଜାହାଜଗୁଡ଼ିକ ସାହାଯ୍ୟରେ ଇଂରେଜ ସେନାପତି ରବର୍ଟ ବ୍ଲେକ ଡଚମାନଙ୍କର ବିଶ୍ୱବ୍ୟାପୀ ବାଣିଜ୍ୟ କାରବାରରେ ଅଶେଷ କ୍ଷତି ସାଧନ କରିଥିଲେ। ଯୁଦ୍ଧ ସମୟରେ ୧୨୦ଟି ଯୁଦ୍ଧ ଜାହାଜ ସମେତ ୧୪୦୦ ଡଚ୍ ଜାହାଜ ଇଂରେଜମାନଙ୍କର ହସ୍ତଗତ ହୋଇଥିଲା। ଏହି ଯୁଦ୍ଧର ଏପ୍ରିଲ ୧୬୫୪ ଖ୍ରୀ:ଅ:ରେ

ଅବସାନ ଘଟିଥିଲା । ୧୬୫୪ ଖ୍ରୀ:ଅ:ରେ ସ୍ୱାକ୍ଷରିତ ହୋଇଥିବା ସନ୍ଧି ଚୁକ୍ତିରେ ଡଚମାନେ ବ୍ରିଟିଶ ପତାକାକୁ ଇଂଲିଶ ପ୍ରଣାଳୀରେ ସମ୍ମାନ ପ୍ରଦର୍ଶନ କରିବା ନିମନ୍ତେ ତଥା ହଲାଣ୍ଡରେ ଆଶ୍ରୟ ଗ୍ରହଣ କରିଥିବା ରାଜଭକ୍ତ ଇଂରେଜମାନଙ୍କୁ ସେଠାରୁ ବିତାଡ଼ିତ କରିବା ନିମନ୍ତେ ପ୍ରତିଶୃତିବଦ୍ଧ ହୋଇଥିଲେ ।

କ୍ରମୱେଲଙ୍କ ବୈଦେଶିକ ନୀତିରେ ତିନିଗୋଟି ମୁଖ୍ୟ ଉଦ୍ଦେଶ୍ୟ ଥିଲା; ଯଥା–ବୈଦେଶିକ ଶକ୍ତିମାନଙ୍କ ସହାୟତାରେ ଷ୍ଟୁଆର୍ଟ ରାଜବଂଶର ପୁନଃ ପ୍ରତିଷ୍ଠାକୁ ପ୍ରତିହିତ କରିବା, ଇଉରୋପରେ ପ୍ରୋଟେଷ୍ଟାଣ୍ଟ ଧର୍ମମତକୁ ସଂରକ୍ଷଣ କରିବା ଓ ତାହାର ପ୍ରସାର କରିବା ଏବଂ ଇଂଲଣ୍ଡର ବ୍ୟବସାୟ ଓ ବାଣିଜ୍ୟର ଉନ୍ନତି ତଥା ସଂପ୍ରସାରଣ ନିମନ୍ତେ ଉଦ୍ୟମ କରିବା। ଏହି ଉଦ୍ଦେଶ୍ୟର ପରିପୂରଣ ନିମନ୍ତେ ସେ ଡଚ–ଇଂରେଜ ଯୁଦ୍ଧର ଅନ୍ତ ଘଟାଇ ହଲାଣ୍ଡ ସହିତ ଉତ୍ତମ ସମ୍ପର୍କ ସ୍ଥାପନ କରିଥିଲେ । ଏହାପରେ ସେ ଡେନମାର୍କ, ସୁଇଡେନ ଓ ପର୍ତ୍ତୁଗାଲ ପ୍ରଭୃତି ପ୍ରୋଟେଷ୍ଟାଣ୍ଟ ଧର୍ମାବଲମ୍ବୀ ଦେଶଗୁଡ଼ିକ ସହ ମୈତ୍ରୀଚୁକ୍ତି ସ୍ୱାକ୍ଷର କରିବା ସହିତ ହଲାଣ୍ଡ ପରି ସେମାନଙ୍କଠାରୁ କେତେକ ବାଣିଜ୍ୟଗତ ସୁବିଧା ହାସଲ କରିଥିଲେ ।

ଇଂଲଣ୍ଡ ଓ ସ୍ପେନ (England and Spain) :

୧୬୪୮ ଖ୍ରୀ:ଅ:ରେ ଜର୍ମାନୀରେ ଚାଲିଥିବା ତିରିଶ ବର୍ଷର ଦୀର୍ଘ ସଂଗ୍ରାମର ଅବସାନ ଘଟିଥିଲେ ହେଁ ସ୍ପେନ ଓ ଫ୍ରାନ୍ସ ମଧ୍ୟରେ ବିବାଦର ପରିସମାପ୍ତି ଘଟି ନ ଥିଲା । ପୂର୍ବପରି ସେମାନେ କଳହରେ ଲିପ୍ତ ଥିଲେ ଏବଂ ପ୍ରତ୍ୟେକ ଅନ୍ୟ ବିରୁଦ୍ଧରେ କ୍ରମୱେଲଙ୍କର ସମର୍ଥନ ଲୋଡୁଥିଲେ । କ୍ରମୱେଲ ପ୍ରଥମେ ପ୍ରସ୍ତାବ ଦେଇଥିଲେ ଯେ ଯଦି ସ୍ପେନ ଇଂରେଜମାନଙ୍କୁ ସ୍ପେନ ସାମ୍ରାଜ୍ୟରେ ଧର୍ମଗତ ସ୍ୱାଧୀନତା ଏବଂ ସ୍ପେନ ଶାସିତ ପଶ୍ଚିମ ଭାରତୀୟ ଦ୍ୱୀପପୁଞ୍ଜରେ ବାଣିଜ୍ୟିକ ସୁବିଧା ଉପଭୋଗ କରିବାକୁ ଦେବ, ତାହାଲେ ସେ ସ୍ପେନ ପକ୍ଷକୁ ସମର୍ଥନ କରିବେ । ମାତ୍ର ତାଙ୍କର ଏହି ପ୍ରସ୍ତାବରେ ସ୍ପେନ ସମ୍ମତି ଦେବା ଆଦୌ ସମ୍ଭବପର ନ ଥିଲା । ସ୍ପେନୀୟ ରାଜଦୂତଙ୍କୁ ଯେତେବେଳେ ଏହି ପ୍ରସ୍ତାବ ଦିଆଗଲା, ସେତେବେଳେ ସେ ଅତ୍ୟନ୍ତ ଆଶ୍ଚର୍ଯ୍ୟାନ୍ୱିତ ହୋଇପଡ଼ିଥିଲେ ଏବଂ କହିଥିଲେ, "ଏହି ପ୍ରସ୍ତାବ ଦେବା ଅର୍ଥ, ମୋର ପ୍ରଭୁଙ୍କୁ ତାଙ୍କର ଚକ୍ଷୁଦ୍ୱୟ ମାଗିବା ସହିତ ସମାନ .....।" କ୍ରମୱେଲଙ୍କ ଏହି ପ୍ରସ୍ତାବରେ ସ୍ପେନ ସମ୍ମତି ନ ଦେବା ଫଳରେ, ସେ ସ୍ପେନ ସହିତ ଯୁଦ୍ଧ ଘୋଷଣା କରିବା ନିମନ୍ତେ ସଂକଳ୍ପବଦ୍ଧ ହୋଇଥିଲେ । ତେବେ ସ୍ପେନ ସହିତ ବିଧିବଦ୍ଧ ଭାବରେ ଯୁଦ୍ଧ ଘୋଷଣା ହେବା ପୂର୍ବରୁ ୧୬୬୫ ଖ୍ରୀ:ଅ:ରେ ସ୍ପେନ ଶାସିତ ପଶ୍ଚିମ ଭାରତୀୟ ଦ୍ୱୀପପୁଞ୍ଜ ଅନ୍ତର୍ଗତ ହିସପାନିଓଲା ଦ୍ୱୀପ ଅଧିକାର କରିବା ପାଇଁ ଏକ ଅଭିଯାନ ପ୍ରେରିତ ହୋଇଥିଲା । କିନ୍ତୁ ଏହି ଅଭିଯାନ ବିଫଳତାରେ ପର୍ଯ୍ୟବେସିତ ହୋଇଥିଲା କିନ୍ତୁ ଇଂରେଜମାନେ ଏହା ପରିବର୍ତ୍ତେ ଜାମାଇକା ଅଧିକାର କରିପାରିଥିଲେ ଏବଂ ଏଠାରେ ଏକ ଇଂରେଜ ଉପନିବେଶ ସ୍ଥାପନ କରିବା ପାଇଁ ଉଦ୍ୟମ ହୋଇଥିଲା ।

ଏତଦ୍‌ବ୍ୟତୀତ ଭୂମଧ୍ୟସାଗର ଅଭିମୁଖେ ମଧ୍ୟ ଏକ ଅଭିଯାନ ପ୍ରେରଣ କରାଯାଇଥିଲା । ବ୍ଲେକ ଏହି ଅଭିଯାନର ନେତୃତ୍ୱ ନେଇ ଟିଉନିସ ଆକ୍ରମଣ କରିଥିଲେ । ଇଂଲଣ୍ଡର ଭୂମଧ୍ୟସାଗରରେ କାର୍ଯ୍ୟକଳାପ ଏହିଠାରୁ ଆରମ୍ଭ ହୋଇଥିଲା । ସେହି ବର୍ଷ ଭାଉଡୟସ (Vaudeis) ଉପତ୍ୟକାରେ ବସବାସ କରୁଥିବା ପ୍ରୋଟେଷ୍ଟାଣ୍ଟମାନଙ୍କ ଉପରେ ଫରାସୀମାନଙ୍କ ପ୍ରରୋଚନାରେ ଡିଉକ୍ ଅଫ୍ ସାଭୟ ଯେଉଁ ନିର୍ମମ ଅତ୍ୟାଚାର କରିଥିଲେ, ତାହା ବିରୁଦ୍ଧରେ କ୍ରମୱେଲ ଦୃଢ଼ ପ୍ରତିବାଦ ଜଣାଇଥିଲେ । ଫ୍ରାନ୍ସର ସମ୍ରାଟ ଚତୁର୍ଦ୍ଦଶ ଲୁଇ କ୍ରମୱେଲଙ୍କ ସମର୍ଥନ ଲୋଡୁଥିବା ଦୃଷ୍ଟିରୁ ସେ ଡିଉକ ଅଫ୍ ସାଭୟଙ୍କୁ ଏହି ହତ୍ୟାକାଣ୍ଡରୁ ବିରତ ରହିବା ପାଇଁ ପରାମର୍ଶ ଦେଇଥିଲେ ଯାହାଦ୍ୱାରା ପ୍ରୋଟେଷ୍ଟାଣ୍ଟମାନେ ଅତ୍ୟାଚାରରୁ ରକ୍ଷା ପାଇପାରିଥିଲେ । ଇଉରୋପରେ ପ୍ରୋଟେଷ୍ଟାଣ୍ଟମାନଙ୍କର ରକ୍ଷକ ଭାବରେ କ୍ରମୱେଲ ନିଜକୁ ପରିଚିତ କରିପାରିଥିଲେ ।

କ୍ରମୱେଲ ଏହାପରେ ଫ୍ରାନ୍ସ ସହିତ ଏକ ସନ୍ଧିଚୁକ୍ତି ସ୍ୱାକ୍ଷର କରିଥିଲେ ଏବଂ ୧୬୫୬ ଖ୍ରୀ:ଅ:ରେ ସ୍ପେନ ବିରୁଦ୍ଧରେ ବିଧିବଦ୍ଧ ଭାବରେ ଯୁଦ୍ଧ ଘୋଷଣା କରିଥିଲେ । ୧୬୫୭ ଖ୍ରୀ:ଅ:ରେ ବ୍ଲେକଙ୍କ ନେତୃତ୍ୱରେ ଇଂରେଜ ନୌବହର ସାନ୍ତାକ୍ରୁଜ ବନ୍ଦରରେ ପ୍ରବେଶ କରି ଧନରତ୍ନ ବୋଝେଇ ହୋଇଥିବା ସ୍ପେନୀୟ ନୌବହରର ପ୍ରତ୍ୟେକ ଜାହାଜରେ ଅଗ୍ନି

ସଂଯୋଗପୂର୍ବକ ସେଗୁଡ଼ିକୁ ଧ୍ୱଂସ କରି ଦେଇଥିଲେ। ୧୬୫୮ ଖ୍ରୀ:ଅ:ରେ ଇଂରେଜ ସ୍ଥଳବାହିନୀ ଫରାସୀ ସ୍ଥଳବାହିନୀର ସହଯୋଗରେ ଡନ୍‌କାର୍କ ଦୁର୍ଗ ଅବରୋଧ କରିଥିଲେ। ଇଂରେଜମାନେ ଡନକାର୍କ ଦୁର୍ଗ ଅଧିକାର କରିବା ଦ୍ୱାରା ଇଂରେଜମାନଙ୍କୁ ଇଉରୋପ ମହାଦେଶରେ ପ୍ରବେଶ କରିବା ନିମନ୍ତେ ଏକ ଦ୍ୱାର ମିଳିଗଲା ବୋଲି କୁହାଯାଏ। ଏହାପରେ କ୍ରମୱେଲଙ୍କ ମୃତ୍ୟୁ ହୋଇଥିଲା। କ୍ରମୱେଲଙ୍କ ମୃତ୍ୟୁ ପରେ ଇଂଲଣ୍ଡରେ ଯେଉଁ ବିଶୃଙ୍ଖଳିତ ପରିସ୍ଥିତି ସୃଷ୍ଟି ହୋଇଥିଲା, ସେଥିରେ ବୈଦେଶିକ ବ୍ୟାପାର କ୍ଷେତ୍ରରେ ଇଂରେଜମାନେ ବିଶେଷ କୃତିତ୍ୱ ଅର୍ଜନ କରିବା ନିମନ୍ତେ ସକ୍ଷମ ହୋଇପାରି ନ ଥିଲେ।

କ୍ରମୱେଲଙ୍କର ସ୍ପେନ ବିରୁଦ୍ଧରେ ଫ୍ରାନ୍ସକୁ ସମର୍ଥନ କରିବା ସବୁଠାରୁ ବଡ଼ ଭୁଲ୍ ଥିଲା। କାରଣ ଏହି ସମୟରେ ସ୍ପେନର ଶକ୍ତି କ୍ରମଶଃ କ୍ଷୟ ହେବାରେ ଲାଗିଥିଲା। ତେଣୁ କ୍ରମୱେଲ ସ୍ପେନ ବିରୁଦ୍ଧରେ ଶକ୍ତିଶାଳୀ ଫ୍ରାନ୍ସକୁ ସହାୟତା କରିବା ଦ୍ୱାରା ସ୍ପେନ ଆହୁରି ଦୁର୍ବଳ ହୋଇପଡ଼ିଥିଲା ଏବଂ କ୍ରମଶଃ ଏହା ଏକ ଶକ୍ତିହୀନ ରାଷ୍ଟ୍ରରେ ପରିଗଣିତ ହେଲା। କ୍ରମୱେଲଙ୍କ ଏପରି ବୈଦେଶିକ ନୀତି ଯୋଗୁଁ ଇଉରୋପରେ ଶକ୍ତିର ଭାରସାମ୍ୟ ରକ୍ଷା କରିବା ଦିଗରେ ଇଂଲଣ୍ଡ ଯେଉଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା, ସେଥିରେ ବିଭ୍ରାଟ ଦେଖାଦେଲା। ଏହାଦ୍ୱାରା ଫ୍ରାନ୍ସର ସମ୍ରାଟ ଚତୁର୍ଦ୍ଦଶ ଲୁଇ ଇଉରୋପର ରାଜନୀତି ନିୟନ୍ତ୍ରଣ କରିବାରେ ସକ୍ଷମ ହୋଇଥିଲେ ଏବଂ ଫ୍ରାନ୍ସର ଉତ୍ଥାନ ଅବଶେଷରେ ଇଂଲଣ୍ଡ ନିମନ୍ତେ ମୁଣ୍ଡବ୍ୟଥାର କାରଣ ହୋଇଥିଲା।

ଏହି ତ୍ରୁଟି ସତ୍ତ୍ୱେ କ୍ରମୱେଲ ତାଙ୍କ ବୈଦେଶିକ ନୀତିରେ ଯେଉଁ ସଫଳତା ହାସଲ କରିଥିଲେ, ତାହା ଇଂଲଣ୍ଡ ଇତିହାସରେ ଏକ ଗୌରବମୟ ଅଧ୍ୟାୟ ରୂପେ ପରିଗଣିତ ହୋଇପାରିଛି। ଏପରିକି ପ୍ରସିଦ୍ଧ ରାଜଭକ୍ତ ଐତିହାସିକ କ୍ଲାରେଣ୍ଡନ (Clarendon) ମଧ୍ୟ କ୍ରମୱେଲଙ୍କୁ ତାଙ୍କର ବୈଦେଶିକ ନୀତି ନିମନ୍ତେ ଉଚ୍ଛ୍ୱସିତ ପ୍ରଶଂସା କରି ମନ୍ତବ୍ୟ ଦେଇଥିଲେ, "ସ୍ୱଦେଶରେ କ୍ରମୱେଲଙ୍କର ମହାନତା ବିଦେଶରେ ଅର୍ଜନ କରିଥିବା ମହାନତାର ଏକ ଛାୟା ମାତ୍ର।" ବିଶେଷକରି ଇଂଲଣ୍ଡ ପ୍ରଥମ ଦୁଇ ଷ୍ଟୁଆର୍ଟ ରାଜାଙ୍କ ଶାସନ ସମୟରେ ତାହାର ଯେଉଁ ମର୍ଯ୍ୟାଦା ହରାଇ ବସିଥିଲା, ତାହା କ୍ରମୱେଲଙ୍କ ଶାସନ ସମୟରେ ପୁନଃ ପ୍ରତିଷ୍ଠିତ ହୋଇପାରିଥିଲା।

କ୍ରମୱେଲ ଇଂଲଣ୍ଡ ଇତିହାସରେ ଏକ ମହାନ ସ୍ଥାନ ଅଧିକାର କରିଛନ୍ତି। ସେ ରାଜାଙ୍କ ଉପରେ ସଂସଦର ବିଜୟରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ଇଂଲଣ୍ଡକୁ ଏକ ବିଶୃଙ୍ଖଳିତ ପରିସ୍ଥିତିରୁ ଉଦ୍ଧାର କରି ସେଠାରେ ଏକ ଶୃଙ୍ଖଳିତ ଶାସନ ପ୍ରତିଷ୍ଠା କରିବାରେ ସେ ସଫଳ ହୋଇଥିଲେ। ତାଙ୍କର ସାମ୍ବିଧାନିକ ପରୀକ୍ଷଣ ଇଂଲଣ୍ଡର ଭବିଷ୍ୟତ ସରକାର ଗଠନକୁ ଯଥେଷ୍ଟ ସହାୟତା ପ୍ରଦାନ କରିଥିଲା।

ଜେମ୍ସ–ଦ୍ୱିତୀୟ ଓ ୧୬୮୮ ଖ୍ରୀ:ଅ:ର ଗୌରବମୟ ବିପ୍ଳବ ଏବଂ ବିପ୍ଳବ ବୁଝାମଣା, ୧୬୮୯ ଖ୍ରୀ:ଅ: (James II & the Glorious Revolution of 1688 & the Revolution Settlement of 1689)

ଇଂଲଣ୍ଡର ସାମ୍ବିଧାନିକ ଇତିହାସରେ ୧୬୮୮ ଖ୍ରୀ:ଅ: ଏକ ଗୁରୁତ୍ୱପୂର୍ଣ୍ଣ ବର୍ଷ ଭାବେ ପରିଗଣିତ ହୁଏ । ଏହି ବର୍ଷ ଷ୍ଟୁଆର୍ଟ ରାଜବଂଶ ବିରୁଦ୍ଧରେ ହୋଇଥିବା ଜନବିପ୍ଳବକୁ ଗୌରବମୟ ବିପ୍ଳବ ୧୬୮୮ ବୋଲି ଅଭିହିତ କରାଯାଏ । ସେହି ବିପ୍ଳବ ଦ୍ୱାରା ଅନିଷ୍ଟକାରୀ ପ୍ରଜାପୀଡ଼କ ରାଜତନ୍ତ୍ରର ବିଲୋପରେ ଇଂଲଣ୍ଡରେ ସାଂସଦୀୟ ରାଜତନ୍ତ୍ରର ଏକ ନୂତନ ଅଧ୍ୟାୟ ଆରମ୍ଭ ହେଲା । ଏହି ବିପ୍ଳବକୁ ଗୌରବମୟ ବିପ୍ଳବ ବୋଲି ଅଭିହିତ କରିବାର ଯଥାର୍ଥତା ହେଲା ଯେ ଏହା ବିନା ରକ୍ତପାତରେ ତାହାର ଚରମ ଲକ୍ଷ୍ୟରେ ଉପନୀତ ହୋଇପାରିଥିଲା । ସମସ୍ତ ପରିବର୍ତ୍ତନ ଶାନ୍ତିପୂର୍ଣ୍ଣ ଭାବେ ସମାହିତ ହୋଇପାରିଥିବାରୁ ଏହାକୁ ମଧ୍ୟ "ବିନା ରକ୍ତପାତର ବିପ୍ଳବ" (Bloodless Revolution) ବୋଲି କୁହାଯାଏ । ଇଂଲଣ୍ଡର ଜନସାଧାରଣଙ୍କ ଦ୍ୱାରା ସମ୍ରାଟ ଜେମସ୍ ଦ୍ୱିତୀୟଙ୍କ ବିରୁଦ୍ଧରେ ହୋଇଥିବା ଏହି ବିପ୍ଳବ ବହୁ ଦଶନ୍ଧି ଧରି (୧୧୧ ବର୍ଷ) ଷ୍ଟୁଆର୍ଟ ରାଜବଂଶର ସଂସଦ ସଙ୍ଗେ ଚାଲିଥିବା ସାମ୍ବିଧାନିକ ଯୁଦ୍ଧର ଅବସାନ ଘଟାଇଥିଲା । ଜେମସ୍-ଦ୍ୱିତୀୟ ଏହି ବିପ୍ଳବ

ସମୟରେ ସଂସଦର ନେତୃବର୍ଗଙ୍କ ବିରୁଦ୍ଧରେ ଅସ୍ତ୍ର ଉତ୍ତୋଳନ ନକରି ନୀରବରେ ସିଂହାସନ ପରିତ୍ୟାଗ କରି ପଳାୟନ କଲେ ।

ବିପ୍ଳବର କାରଣ (Causes of the Revolution) :

୧୬୮୫ ଖ୍ରୀ:ଅ:ରେ ସମ୍ରାଟ ଚାର୍ଲସ-ଦ୍ୱିତୀୟଙ୍କ ଦେହାବସାନ ହେଲା । ତାଙ୍କର କେହି ବୈଧ ସନ୍ତାନ ନ ଥିବାରୁ ସେ ତାଙ୍କ ଭ୍ରାତା ଜେମସ୍-ଦ୍ୱିତୀୟଙ୍କୁ ତାଙ୍କ ସିଂହାସନର ଉତ୍ତରାଧିକାରୀ ରୂପେ ନିର୍ବାଚିତ କରିଯାଇଥିଲେ । ଏଣୁ ଚାର୍ଲସ୍-ଦ୍ୱିତୀୟଙ୍କ ଅବୈଧ ପୁତ୍ର ମନ୍‌ମାଉଥ୍‌ଙ୍କ ବଦଳରେ ଜେମସ୍-ଦ୍ୱିତୀୟ ୧୬୮୫ ଖ୍ରୀ:ଅ:ରେ ଇଂଲଣ୍ଡର ସିଂହାସନ ଆରୋହଣ କରିଥିଲେ । ମାତ୍ର ୩ ବର୍ଷର ରାଜତ୍ୱ ପରେ ଜନବିପ୍ଳବ ହେବାରୁ ସେ ସିଂହାସନ ଛାଡ଼ି ଫ୍ରାନ୍ସ ପଳାୟନ କରିବାକୁ ବାଧ୍ୟ ହୋଇଥିଲେ । ନିମ୍ନଲିଖିତ କାରଣମାନଙ୍କ ଯୋଗୁଁ ୧୬୮୮ ଖ୍ରୀ:ଅ:ରେ ବିପ୍ଳବର ସୂତ୍ରପାତ ହୋଇଥିଲା ।

(୧) ଜେମସ୍-ଦ୍ୱିତୀୟଙ୍କ ରାଜନୈତିକ ଦୂରଦୃଷ୍ଟିର ଅଭାବ (Lack of Farsightedness of James-II) :

James II
(1633-1701 A.D.

ଜେମସ୍-ଦ୍ୱିତୀୟ ତାଙ୍କ ଭ୍ରାତାଙ୍କ ପରି ବୁଦ୍ଧିମାନ ଓ ରାଜନୈତିକ ଦୂରଦୃଷ୍ଟି ସମ୍ପନ୍ନ ନଥିଲେ, ଯିଏକି ପ୍ରତିକୂଳ ରାଜନୈତିକ ସ୍ଥିତି ମଧ୍ୟରେ ଇଂଲଣ୍ଡକୁ ଦକ୍ଷତାର ସହ ଦୀର୍ଘ ୨୫ ବର୍ଷ ଧରି ଶାସନ କରିପାରିଥିଲେ । କିନ୍ତୁ ଜେମ୍‌ସ ମାତ୍ର ୩ ବର୍ଷର ଶାସନ କରିବା ପରେ ଏପରି ଅପ୍ରିୟ ହୋଇପଡ଼ିଲେ ଯେ ଶେଷରେ ତାଙ୍କୁ ରାଜ୍ୟ ଛାଡ଼ି ଚାଲିଯିବାକୁ ହୋଇଥିଲା । ସେ ଜଣେ ବଦ୍‌ରାଗୀ, ଏକଜିଦିଆ ପ୍ରକୃତିର ବ୍ୟକ୍ତି ଥିଲେ । ତାଙ୍କର ପ୍ରତିହିଂସାପରାୟଣତା, ଅସହିଷ୍ଣୁ ଓ ଅଧୈର୍ଯ୍ୟ ସ୍ୱଭାବ ଯୋଗୁଁ ସେ ଉଭୟ ସାଂସଦ ଓ ଜନସାଧାରଣଙ୍କର ଅପ୍ରିୟ ହୋଇଥିଲେ । ଶାସକ ହିସାବରେ ତାଙ୍କର କୌଣସି ମହାନୁଭବତା ନଥିଲା । ସର୍ବୋପରି ଦୂରଦୃଷ୍ଟିସମ୍ପନ୍ନ ଚାର୍ଲସ-ଦ୍ୱିତୀୟଙ୍କ ପରି ସେ ନିଜର ଅସୂୟାଗ୍ରସ୍ତ ଚିନ୍ତାଧାରାକୁ ଗୋପନ ନ ରଖି ସର୍ବସମ୍ମୁଖରେ ପ୍ରକାଶ କରିପକାଉଥିଲେ । ଯେଉଁଥିପାଇଁ ଜୀବିତାବସ୍ଥାରେ ତାଙ୍କପାଇଁ ଭାଇଙ୍କର ମନ୍ତବ୍ୟ ଥିଲା, "ମୋର ମୃତ୍ୟୁ ପରେ, ମୋ ଭାଇ କ'ଣ କରିବେ ମୋତେ ଜଣାନାହିଁ ? କିନ୍ତୁ ମୋର ଭୟ ହେଉଛି ଯେ ରାଜକିରିଟୀ ଧାରଣ କରୁ କରୁ ସେ ଦେଶାନ୍ତର ଗମନ କରିବାକୁ ବାଧ୍ୟ ହେବେ ।"

ରାଜ୍ୟ ଶାସନରେ ଦକ୍ଷତାର ଓ ଦୂରଦୃଷ୍ଟିର ଅଭାବରୁ ୧୬୮୮ ଖ୍ରୀ:ଅ:ରେ ଜେମସ୍-ଦ୍ୱିତୀୟଙ୍କ ଇଂଲଣ୍ଡରୁ ଫ୍ରାନ୍‌ସକୁ ପଳାୟନ ହିଁ ଚାର୍ଲସ-ଦ୍ୱିତୀୟଙ୍କ ଭବିଷ୍ୟତ ବାଣୀକୁ ସତ୍ୟରେ ପରିଣତ କରିଥିଲା ।

(୨) ମନ୍ ମାଉଥ୍‌ଙ୍କ ବିଦ୍ରୋହ (Revolt of Monmouth) :

ବଳପୂର୍ବକ ଶାସନ କରିବାକୁ ଜେମସ୍-ଦ୍ୱିତୀୟ ଆଧୁନିକ ଅସ୍ତ୍ରଶସ୍ତ୍ରରେ ସଜ୍ଜିତ ୩୦,୦୦୦ ସଂଖ୍ୟାର ବ୍ରିଟିଶ ସୈନ୍ୟବାହିନୀ ତାଙ୍କ ଅଧୀନରେ ପ୍ରସ୍ତୁତ କଲେ । ଏହା ସଂସଦୀୟ ଶୃଙ୍ଖଳାର ଅବମାନନା କରୁଥିବାରୁ ସାଂସଦମାନେ କ୍ଷୁବ୍ଧ ହେଲେ । ସେମାନେ ଚାର୍ଲସ-ଦ୍ୱିତୀୟଙ୍କ ଜାରଜ ସନ୍ତାନ ମନ୍‌ମାଉଥ୍‌ଙ୍କୁ ବିଦ୍ରୋହ କରିବା ପାଇଁ ପ୍ରବର୍ତ୍ତାଇଲେ । ପୂର୍ବରୁ ହୁ୍ୟଗ୍ ନେତାମାନେ ମନ୍‌ମାଉଥ୍‌ଙ୍କୁ ଚାର୍ଲସ-ଦ୍ୱିତୀୟଙ୍କ ଉତ୍ତରାଧିକାରୀ ହେବା ଚାହୁଁଥିଲେ । ଏଣୁ ସିଂହାସନ ଲୋଭରେ କୃଷକମାନଙ୍କ ସହାୟତାରେ ମନ୍‌ମାଉଥ୍, ଜେମସ୍-ଦ୍ୱିତୀୟଙ୍କ ବିରୁଦ୍ଧରେ ବିଦ୍ରୋହ ଘୋଷଣା କଲେ । ମାତ୍ର ସେଜ୍‌ଜମୁରର ଭୟଙ୍କର ଯୁଦ୍ଧରେ ମନ୍‌ମାଉଥ୍ ପରାସ୍ତ ହୋଇ ମୃତ୍ୟୁଦଣ୍ଡରେ ଦଣ୍ଡିତ ହେଲେ । ଜେମସ୍ ବିଦ୍ରୋହୀମାନଙ୍କୁ ଦଣ୍ଡିତ କରିବା ପାଇଁ ମୁଖ୍ୟ ବିଚାରପତି ଜେଫ୍ରେୟଙ୍କ ନେତୃତ୍ୱରେ ଅନ୍ୟ ଚାରିଜଣ ବିଚାରପତିଙ୍କୁ ନିଯୁକ୍ତ କଲେ । ସେମାନେ ଗରିବ କୃଷକମାନଙ୍କ ମଧ୍ୟରୁ ୩୦୦ ବିଦ୍ରୋହୀଙ୍କୁ ମୃତ୍ୟୁଦଣ୍ଡ ଓ ୮୪୦ ଜଣଙ୍କୁ ୱେଷ୍ଟଇଣ୍ଡିଜକୁ ଦେଶାନ୍ତର ଦଣ୍ଡ ଦେଲେ । ଏପରି କାର୍ଯ୍ୟ ଲୋକମାନଙ୍କ ମଧ୍ୟରେ ଜେମସ୍-ଦ୍ୱିତୀୟଙ୍କ ପ୍ରତି ଘୃଣାଭାବ ଜାଗ୍ରତ କରି ଏକ ବିପ୍ଳବର ସୂତ୍ରପାତ କରିଥିଲା ।

(୩) ଧାର୍ମିକ ପକ୍ଷପାତ ନୀତି (Religious Partiality Policy) :

ଜେମ୍ସ-ଦ୍ୱିତୀୟ ଜଣେ ରକ୍ଷଣଶୀଳ କାଥୋଲିକ୍ ଖ୍ରୀଷ୍ଟିୟାନ୍ ଥିଲେ । ସେ ଇଂଲଣ୍ଡର ବହୁ ସାମ୍ପ୍ରଦାୟିକ ଧର୍ମବାଦକୁ ବିଲୋପ କରି ସମଗ୍ରଦେଶରେ କେବଳ କାଥୋଲିକ୍ ଧର୍ମ ପ୍ରଚଳନ କରିବାକୁ ଚାହିଁଲେ । କିନ୍ତୁ ସଂସଦର ସଂଖ୍ୟାଧିକ ସଦସ୍ୟ ପ୍ୟୁରିଟାନ୍ ବା ପ୍ରୋଟେଷ୍ଟାଣ୍ଟ ଥିଲେ । ସେମାନେ କାଥୋଲିକ୍‌କରଣକୁ ଘୋର ବିରୋଧ କଲେ । ମାତ୍ର ଏହାକୁ ଭୂକ୍ଷେପ ନକରି ଜେମ୍ସ ଇଂଲଣ୍ଡ, ଆୟରଲାଣ୍ଡ୍ ଓ ସ୍କଟଲ୍ୟାଣ୍ଡ୍‌ରେ ରୋମାନ୍ କାଥୋଲିକ୍‌ର ଗସ୍‌ପେଲ୍‌ର ପ୍ରଚାର କରିବାକୁ ଲାଗିଲେ । ସେ ''କୋର୍ଟ ଅଫ୍ ହାଇକମିଶନ୍'' (Court of High Commission) ପ୍ରତିଷ୍ଠା କରି କାଥୋଲିକ୍ ଧର୍ମକୁ ବିରୋଧ କରୁଥିବା ବ୍ୟକ୍ତିଙ୍କୁ କଠୋର ଦଣ୍ଡ ଦେଲେ । ଅନେକ ବିରୋଧ ସତ୍ତ୍ୱେ ଲଣ୍ଡନରେ ଏକ କାଥୋଲିକ୍ ଗୀର୍ଜାର ନିର୍ମାଣ କରାଇ ସେଥିରେ କାଥୋଲିକ୍‌ମାନଙ୍କୁ ନିଯୁକ୍ତ କଲେ । ୬୦୦୦ ସଂଖ୍ୟାର ରାଜ ସେନାବାହିନୀକୁ କାଥୋଲିକ୍ ସୈନ୍ୟମାନଙ୍କ ଦ୍ୱାରା ୩୦,୦୦୦ ସଂଖ୍ୟାକୁ ବୃଦ୍ଧି କଲେ । ନୌସେନା, ବିଶ୍ୱବିଦ୍ୟାଳୟ, ନଗର ନିଗମ ଓ ଅନ୍ୟାନ୍ୟ ସରକାରୀ କାର୍ଯ୍ୟାଳୟରେ ଲୋଭନୀୟ ଉଚ୍ଚ ପଦପଦବୀରେ କେବଳ କାଥୋଲିକମାନଙ୍କୁ ନିଯୁକ୍ତି ଦିଆଗଲା । ଶିକ୍ଷାନୁଷ୍ଠାନମାନଙ୍କ କାର୍ଯ୍ୟରେ ହସ୍ତକ୍ଷେପ କରି ସେ ଅକ୍ସଫୋର୍ଡ଼ ଓ କାମ୍ବ୍ରିଜର ଅଣକାଥୋଲିକ୍ ଉପକୂଳାଧିପତିମାନଙ୍କୁ ଛଟେଇ କରି ସେସବୁ ସ୍ଥାନରେ କାଥୋଲିକ୍‌ମାନଙ୍କୁ ନିଯୁକ୍ତ କଲେ । ମାଗଡ଼ାଲେନ୍ କଲେଜ ପରିଚାଳନା କର୍ତ୍ତୃପକ୍ଷଙ୍କୁ ଜଣେ କାଥୋଲିକ୍ ଧର୍ମାବଲମ୍ବୀଙ୍କୁ ସଭାପତି ରୂପେ ନିର୍ବାଚିତ କରିବାକୁ ନିର୍ଦ୍ଦେଶ ଦିଆଗଲା । ସମସ୍ତ ବିଶ୍ୱବିଦ୍ୟାଳୟକୁ ରୋମୀୟ କାଥୋଲିକ୍ ଧର୍ମର ତତ୍ତ୍ୱକୁ ସେମାନଙ୍କ ପାଠ୍ୟ ଖସଡ଼ାରେ ଅନ୍ତର୍ଭୁକ୍ତ କରିବା ପାଇଁ ବାଧ କରାଗଲା । ଫଳରେ ବିଶ୍ୱବିଦ୍ୟାଳୟଗୁଡ଼ିକ ଶିକ୍ଷାନୁଷ୍ଠାନ ବଦଳରେ ଧର୍ମାନୁଷ୍ଠାନରେ ପରିଣତ ହେଲା ।

ଯେଉଁ ପ୍ରବୀଣ ଶିକ୍ଷାବିତ୍‌ମାନେ କାଥୋଲିକ ଧର୍ମକୁ ଗ୍ରହଣ କରିବାକୁ ଚାହିଁଲେ ନାହିଁ, ସେମାନଙ୍କୁ ତୁରନ୍ତ ବରଖାସ୍ତ କରାଯାଇ ସେମାନଙ୍କ ସ୍ଥାନରେ ଅନାମଧେୟ କାଥୋଲିକ୍‌ମାନଙ୍କୁ ନିଯୁକ୍ତ କରାଗଲା । ଫଳରେ ଶିକ୍ଷାର ଗୁଣାତ୍ମକ ମାନର ହ୍ରାସ ଘଟିଲା ଏବଂ ଛାତ୍ରମାନେ ପ୍ରକୃତ ଜ୍ଞାନ ଆହରଣ କରିବାରେ ବିଫଳ ହେଲେ । ଏଣୁ ଛାତ୍ର ସମାଜ ଜେମସ୍-ଦ୍ୱିତୀୟଙ୍କ ବିରୁଦ୍ଧରେ ବିପ୍ଳବ କରିବାକୁ ଅଗ୍ରସର ହେଲେ ।

(୪) ରାଜକୀୟ ଈଶ୍ୱରୀୟ ଅଧିକାର ତତ୍ତ୍ୱ (Divine Right Theory of Kingship) :

ଜେମସ୍-ଦ୍ୱିତୀୟ ଆଦୌ ପ୍ରଗତିଶୀଳ ନଥିଲେ । ସେ ମଧ୍ୟଯୁଗୀୟ ''ରାଜାଙ୍କ ଈଶ୍ୱରୀୟ ଅଧିକାର ତତ୍ତ୍ୱ''ରେ ବିଶ୍ୱାସ କରୁଥିଲେ । ଏଣୁ ସେ ଈଶ୍ୱରଙ୍କ ପ୍ରତିନିଧି ରୂପେ ନିଜ ଇଚ୍ଛାନୁସାରେ ରାଜ୍ୟ ଶାସନ କରିବାକୁ ଭଗବତ୍ ପ୍ରେରିତ ବୋଲି ଭାବୁଥିଲେ । ଯେକୌଣସି ପ୍ରସଙ୍ଗରେ ସେ କେବଳ ଈଶ୍ୱରଙ୍କ ନିକଟରେ ଉତ୍ତରଦାୟୀ ଏବଂ ସବୁ ଆଇନ୍ କାନୁନ୍‌ର ଊର୍ଦ୍ଧ୍ୱରେ ବୋଲି ପ୍ରଚାର କରୁଥିଲେ । ଏଣୁ ସେ ଜନସାଧାରଣଙ୍କଠାରୁ କର ରୂପେ ଆଦାୟ କରାଯାଉଥିବା ଅର୍ଥକୁ କୌଣସି ଜନହିତକର କାର୍ଯ୍ୟରେ ବିନିଯୋଗ ନ କରି ନିଜର ବିଳାସ ବ୍ୟସନ ପାଇଁ ବ୍ୟୟ କରୁଥିଲେ । ରାଜାଙ୍କର ବଶ୍ୟତା ସ୍ୱୀକାର କରିବା ପ୍ରଜାଧର୍ମ ବୋଲି ବିଚାର କରୁଥିଲେ । ଦେଶର ବିଚାର ବ୍ୟବସ୍ଥାକୁ ଅବଜ୍ଞା କରି କାର୍ଯ୍ୟମାନ କରୁଥିଲେ । ତାଙ୍କୁ ସନ୍ତୁଷ୍ଟ କରିବା ପାଇଁ କେତେକ ବିଚାରପତିମାନେ ମଧ୍ୟ ତାଙ୍କ ଚିନ୍ତାଧାରାକୁ ସମର୍ଥନ କରୁଥିଲେ । ତାଙ୍କର ଏହି ଆଚରଣକୁ ଠିକ୍ ବୋଲି ପ୍ରମାଣିତ କରିବା ପାଇଁ ସେ ଅନେକ ଦୋଷୀଙ୍କୁ କାରାମୁକ୍ତ କରିଦେଲେ । ଏହା ଜନସାଧାରଣଙ୍କୁ ଅସନ୍ତୋଷ କରିଥିଲା, କାରଣ ସେ ଦେଶର ନିୟମକୁ ଉଲ୍ଲଙ୍ଘନ କରି ନିଜର ଘୃଣ୍ୟ ଏକାଧିପତ୍ୟର ପ୍ରତିଷ୍ଠା କରିବାକୁ ଚାହୁଁଛନ୍ତି ବୋଲି ସମସ୍ତଙ୍କର ହୃଦ୍‌ବୋଧ ହୋଇଥିଲା । ଏହା ଇଂଲଣ୍ଡର ସଚେତନ ନାଗରିକମାନଙ୍କୁ ଅସହ୍ୟ ହୋଇଥିଲା । ଏଣୁ ସେମାନେ ରାଜାଙ୍କ ବିରୁଦ୍ଧରେ ବିଦ୍ରୋହ ଘୋଷଣା କରିଥିଲେ ।

(୫) କୌଳିକ ଅଧିକାର ପୁନଃ ପ୍ରଚଳନ (Revival of Prerogative Powers) :

ନଭେମ୍ବର ୧୬୪୦ ଖ୍ରୀ:ଅ:ରେ ଚାର୍ଲସ ପ୍ରଥମଙ୍କର ରାଜତ୍ୱ କାଳରୁ ଦୀର୍ଘକାଳୀନ ସଂସଦ (Long Parliament) ଦ୍ୱାରା ରାଜାଙ୍କ କୌଳିକ ଅଧିକାରକୁ ପ୍ରତ୍ୟାହାର କରି ନିଆଯାଇଥିଲା । ଫଳରେ ସଂସଦର ବିନା ସହମତିରେ ରାଜା ତାଙ୍କର କୌଳିକ ଅଧିକାର ପ୍ରୟୋଗ କରିପାରୁନଥିଲେ । କିନ୍ତୁ ଜେମ୍ସ-ଦ୍ୱିତୀୟ ସଂସଦର ବାରଣକୁ ଭ୍ରୂକ୍ଷେପ ନକରି ତାଙ୍କର କୌଳିକ ଅଧିକାର ପ୍ରୟୋଗ କରିବାକୁ ଲାଗିଲେ ।

ଚାର୍ଲସ-ଦ୍ୱିତୀୟଙ୍କ ସମୟରେ ''ସାମାଜିକ ଗୋଷ୍ଠୀ ପରୀକ୍ଷା ନିୟମ'' (Test and Corporation Act-1661) ପ୍ରଣୀତ ହୋଇଥିଲା । ଏହି ନିୟମ ଅନୁସାରେ କେବଳ ଇଂଗ୍ରେଜୀୟ ଗୀର୍ଜା (Anglican Church)ରେ ବିଶ୍ୱାସ ରଖୁଥିବା ବ୍ୟକ୍ତିଙ୍କୁ ବିଭିନ୍ନ ସରକାରୀ ପଦ ପଦବୀରେ ନିଯୁକ୍ତ କରାଯାଉଥିଲା । ଅନ୍ୟ ସମ୍ପ୍ରଦାୟର ବ୍ୟକ୍ତିଙ୍କୁ ସରକାରୀ ନିଯୁକ୍ତି ପୂର୍ବରୁ ରାଷ୍ଟ୍ରୀୟ ଗୀର୍ଜା ପ୍ରତି ଆନୁଗତ୍ୟ ପ୍ରକାଶ କରି ସତ୍ୟପାଠ କରିବାକୁ ପଡୁଥିଲା । ଅନେକ କାଥୋଲିକ୍ ଏହାକୁ ଘୃଣା କରୁଥିଲେ । ସେମାନେ ସରକାରୀ ପଦବୀରେ ନିଯୁକ୍ତି ପାଇପାରୁନଥିଲେ । ଜେମ୍ସ-ଦ୍ୱିତୀୟ ନିଜେ କାଥୋଲିକ୍ ଥିବାରୁ ଏହି ଟେଷ୍ଟ ଆକ୍ଟକୁ ଗୁରୁତ୍ୱ ଦେଲେ ନାହିଁ । ସଂସଦରେ ଉଭୟ କାଥୋଲିକ୍ ଏବଂ ପ୍ରୋଟେଷ୍ଟାଣ୍ଟମାନେ ସଦସ୍ୟ ଥିବାରୁ ଏହି ନିୟମକୁ ଉଠାଇଦେବା ସମ୍ଭବ ହେଲା ନାହିଁ । ଏଣୁ ଜେମସ୍-ଦ୍ୱିତୀୟ ଏହି ନିୟମକୁ ଉଲ୍ଲଙ୍ଘନ କରିବା ପାଇଁ ତାଙ୍କର ଦୁଇଟି କୌଳିକ କ୍ଷମତାକୁ ପ୍ରୟୋଗ କଲେ । ତାହାହେଲା–ଅନୁମତି ଦେବାର କ୍ଷମତା (Dispersing Authority) ଓ ନିଲମ୍ବିତ କରିବାର କ୍ଷମତା (Suspending Authority) ।

ଅନୁମତି ଦେବାର କ୍ଷମତା ବଳରେ ସେ କାଥୋଲିକ୍ ସ୍ୱାର୍ଥବିରୋଧି ନିୟମ କାନୁନ୍‌ଗୁଡ଼ିକୁ ବାତିଲ କରିଦେଲେ ଏବଂ ନିଲମ୍ବିତ କରିପାରିବାର କ୍ଷମତା ଦ୍ୱାରା ଯେଉଁ ନିୟମଗୁଡ଼ିକ ତାଙ୍କୁ ଭଲ ଲାଗିନଥିଲା ସେଗୁଡ଼ିକୁ ନିଲମ୍ବିତ କରିଦେଲେ । ସେ ବିଚାରପତିମାନଙ୍କୁ ପ୍ରଭାବିତ କରି ତାଙ୍କଦ୍ୱାରା କରାଯାଉଥିବା ଏହିସବୁ କାର୍ଯ୍ୟଗୁଡ଼ିକୁ ଆଇନସଙ୍ଗତ ବୋଲି ମଞ୍ଜୁର କରାଇନେଇ ସାଂସଦମାନଙ୍କୁ କୌଣସି ପ୍ରତିରୋଧ କରିବାର ସୁଯୋଗ ଦେଇନଥିଲେ ।

ଟେଷ୍ଟ ଆକ୍ଟର ଅବମାନନା ବିରୁଦ୍ଧରେ ଉଭୟ ଜନସାଧାରଣ ଓ ସାଂସଦମାନେ ସ୍ୱର ଉତ୍ତୋଳନ କରି ବିଫଳ ହେବାରୁ, ସେମାନେ ଜେମ୍ସ-ଦ୍ୱିତୀୟଙ୍କ ବିରୁଦ୍ଧରେ ବିପ୍ଳବ ଆରମ୍ଭ କଲେ ।

(୬) ଅନୁଗାମୀମାନଙ୍କ ପ୍ରତି ଅହେତୁକ ଅନୁକମ୍ପା (Excessive Compasion towards the followers) :

ଜେମ୍ସ-ଦ୍ୱିତୀୟ ନିଯୁକ୍ତି କ୍ଷେତ୍ରରେ ପ୍ରାର୍ଥୀଙ୍କ ଦକ୍ଷତା ଓ କର୍ମକୁଶଳତାକୁ ଗୁରୁତ୍ୱ ଦେଉନଥିଲେ । ଦେଶର ଉଚ୍ଚ ପଦପଦବୀଗୁଡ଼ିକ ତାଙ୍କର ସମର୍ଥକମାନଙ୍କ ଦ୍ୱାରା ଅଧିକୃତ ହେଲା । ଏହି ପ୍ରିୟାପ୍ରୀତି ତୋଷଣ ଫଳରେ ଇଂଲଣ୍ଡର ପ୍ରଶାସନ କେବଳ ଜେମସ୍‌ଙ୍କର କେତେକ ଅନ୍ଧ ସମର୍ଥକ ଓ ଚାଟୁକାରମାନଙ୍କ ଦ୍ୱାରା ପରିଚାଳିତ ହେଲା । ଏହି ପକ୍ଷପାତ ନୀତି ଫଳରେ ପ୍ରଶାସନ ଜନସାଧାରଣଙ୍କ ଆଶାନୁସାରେ କାର୍ଯ୍ୟଦକ୍ଷ ହୋଇପାରିଲା ନାହିଁ । ପ୍ରୋଟେଷ୍ଟାଣ୍ଟ ଓ ଧର୍ମନିରପେକ୍ଷ ବ୍ୟକ୍ତିମାନେ କାଥୋଲିକ୍ ପ୍ରଶାସନ ଦ୍ୱାରା ନିର୍ଯ୍ୟାତିତ ହେଲେ । ଫଳରେ ଏକ ଦାୟିତ୍ୱହୀନ ଓ ଅପ୍ରିୟ ସରକାର ହିସାବରେ ଏହା ନିନ୍ଦିତ ହେଲା । ବିରକ୍ତ ହୋଇ ଜନସାଧାରଣ ଏହି ପ୍ରଭାବହୀନ ଶାସନ ବିରୁଦ୍ଧରେ ବିପ୍ଳବର ଆହ୍ୱାନ ଦେଲେ ।

(୭) ସ୍ୱେଚ୍ଛାଚାରୀ ବିଦେଶ ନୀତି (Arbitrary Foreign Policy) :

ଜେମସ୍-ଦ୍ୱିତୀୟ ନିଜର ସ୍ୱାର୍ଥ ସାଧନ ପାଇଁ ଫ୍ରାନ୍‌ସର ସମ୍ରାଟ ଲୁଇ-ଚତୁର୍ଦ୍ଦଶଙ୍କ ସଙ୍ଗେ ଉତ୍ତମ ବୁଝାମଣା ରକ୍ଷା କରିଥିଲେ । ଉଭୟେ କାଥୋଲିକ୍ ହୋଇଥିବାରୁ ଲୁଇଙ୍କଠାରୁ ସାମରିକ ଓ ଆର୍ଥିକ ସହାୟତା ଲାଭ କରି ଜେମ୍ସ ଇଂଲଣ୍ଡରେ ସମ୍ପୂର୍ଣ୍ଣ ରାଜତନ୍ତ୍ର ପ୍ରତିଷ୍ଠା କରିବାକୁ ଚାହୁଁଥିଲେ । ଇଂଲଣ୍ଡର ପ୍ରୋଟେଷ୍ଟାଣ୍ଟମାନେ ଏପରି ବନ୍ଧୁତାର ବିରୁଦ୍ଧାଚରଣ କରୁଥିଲେ । ସେମାନେ ରାଜାଙ୍କୁ ଏହି ବୁଝାମଣାରୁ ଓହରି ଆସିବାକୁ ପ୍ରବର୍ତ୍ତାଇଲେ । ମାତ୍ର ଜେମ୍ସ ସେମାନଙ୍କ ଅନୁରୋଧକୁ

କର୍ଣ୍ଣପାତ ନ କରିବାରୁ ପ୍ରୋଟେଷ୍ଟାଣ୍ଟ୍ ମାନେ ଅସନ୍ତୋଷ ପ୍ରକାଶ କରି ତାଙ୍କ ବିରୁଦ୍ଧରେ ଦାନା ବାନ୍ଧୁଥିବା ବିପ୍ଳବକୁ ତ୍ୱରାନ୍ୱିତ କରିଥିଲେ ।

(୮) କୌଳିକ ଅଧିକାର ସମ୍ପନ୍ନ ବିଚାରାଳୟ ପ୍ରତିଷ୍ଠା (Establishment of Prerogative Courts) :

ଜେମସ୍-ଦ୍ୱିତୀୟ ନିଜର କୌଳିକ ଅଧିକାର ବଳରେ ରାଜମତକୁ ବିରୋଧ କରୁଥିବା ବ୍ୟକ୍ତିମାନଙ୍କୁ ଦଣ୍ଡିତ ଏବଂ କାଥୋଲିକ୍ ବାଦକୁ ଉତ୍ସାହିତ କରିବା ପାଇଁ ୧୬୮୬ ଖ୍ରୀ:ଅ:ରେ ଧାର୍ମିକ ବିଚାରାଳୟମାନ ସ୍ଥାପନ କଲେ ।

ଏପରି ସ୍ୱେଚ୍ଛାଚାରୀ ବିଚାରାଳୟ ୧୬୪୧ ଖ୍ରୀ:ଅ:ର ଦୀର୍ଘକାଳୀନ ସଂସଦ ଦ୍ୱାରା ପ୍ରଚଳିତ ବିଚାରାଳୟର ଅନୁରୂପ ଥିଲା । ବିଚାରପତି ବା ରାଜାଙ୍କ ରାୟ ବିରୁଦ୍ଧରେ ଇଂରେଜ ଗୀର୍ଜାର ଅନୁଗାମୀ, ପ୍ରୋଟେଷ୍ଟାଣ୍ଟ୍ କିମ୍ବା କାଥୋଲିକ୍ ଧର୍ମଦ୍ୱେଷୀମାନେ ସ୍ୱର ଉତ୍ତୋଳନ କରିପାରୁନଥିଲେ, ଜେମସ୍-ଦ୍ୱିତୀୟ ଏହି ବିଚାରାଳୟଗୁଡ଼ିକୁ ତାଙ୍କର ଢ଼ାଲ ରୂପେ ବ୍ୟବହାର କରି ବିରୋଧି ଗୋଷ୍ଠୀକୁ ଏହାର ରାୟ ଗ୍ରହଣ କରିବାକୁ ବାଧ୍ୟ କରୁଥିଲେ ।

ଜେମସ୍ ''ଲେଟର-ଡି-କାଚେଟ୍'' ମତକୁ ପୁନଃପ୍ରଚଳନ କରି ବିନା ବିଚାରରେ ଯେକୌଣସି ବ୍ୟକ୍ତିକୁ କାରାଗାରକୁ ପଠାଇବାର ଅଧିକାର ପାଇଲେ । ଫଳରେ ଲୋକମାନଙ୍କର ସ୍ୱାଧୀନତା ବୋଲି କିଛି ରହିଲା ନାହିଁ । ସେମାନେ କଥା କହିବାର, ସମାନ ଅଧିକାର ଦାବି କରିବାର ଓ ବିଚାରାଳୟରେ ନ୍ୟାୟ ପାଇବାର ସମସ୍ତ ଅଧିକାର ହରାଇ ବସିଲେ ।

(୯) ଧାର୍ମିକ ଅନୁଗ୍ରହ ଘୋଷଣା (Declaration of Indulgence) :

ଧର୍ମ ଓ ପ୍ରଶାସନ କ୍ଷେତ୍ରରେ ଅନେକ ଅପ୍ରିୟ କାର୍ଯ୍ୟ ଯୋଗୁଁ ଜେମସ୍-ଦ୍ୱିତୀୟଙ୍କୁ ସମସ୍ତେ ଘୃଣା କରିବା ଆରମ୍ଭ କରି ଦେଇଥିଲେ । ଏଣୁ ସେ ଲୋକପ୍ରିୟତା ଅର୍ଜନ କରିବା ପାଇଁ ଧର୍ମ କ୍ଷେତ୍ରରେ କିଛି ଉଦାରତା ଦେଖାଇବାକୁ ଚିନ୍ତା କଲେ । ଏପ୍ରିଲ ୧୩ ତାରିଖ ୧୬୮୭ ଖ୍ରୀ:ଅ:ରେ ସେ ପ୍ରଥମ ଧାର୍ମିକ ଅନୁଗ୍ରହ ଘୋଷଣା କଲେ । ଯାହାଫଳରେ ସମସ୍ତଙ୍କୁ ନିଜ ନିଜର ଧର୍ମ ସ୍ୱାଧୀନ ଭାବେ ଆଚରଣ କରିବାକୁ କୁହାଗଲା ଏବଂ ସରକାରୀ ନିଯୁକ୍ତି କ୍ଷେତ୍ରରେ ଥିବା ''ଟେଷ୍ଟ'' ନିୟମକୁ ଉଠାଇ ଦିଆଗଲା । ଫଳରେ ଅନେକ କାଥୋଲିକ୍ ସରକାରୀ ନିଯୁକ୍ତି ପାଇପାରିଲେ ଏବଂ କେତେକ ମଧ୍ୟ ନଗରପାଳିକା ସଭାକୁ ନିର୍ବାଚିତ ହୋଇପାରିଲେ । କିନ୍ତୁ ଅଧିକାଂଶ ଜେମ୍ସଙ୍କର ଏହି ଉଦାରତାକୁ ସହଜରେ ଗ୍ରହଣ କରିପାରିଲେ ନାହିଁ । ଏହାପଛରେ ତାଙ୍କର କିଛି ମନ୍ଦ ଅଭିପ୍ରାୟ ଥାଇପାରେ ବୋଲି ସନ୍ଦେହ କଲେ ।

ଏହି ଧାର୍ମିକ ଅନୁଗ୍ରହ ଘୋଷଣାର ଫଳ ଜେମ୍ସଙ୍କ ପାଇଁ ବିପରୀତ ହେଲା । ବିଶେଷ କରି କାଥୋଲିକ୍‌ମାନେ ଭାବିଲେ ଯେ ଏହାଦ୍ୱାରା ଅନ୍ୟ ମତବାଦର ଦକ୍ଷ ଲୋକମାନେ ଗୁରୁତ୍ୱପୂର୍ଣ୍ଣ ପଦପଦବୀ ଅଧିକାର କଲେ, ସେମାନେ ପୂର୍ବର ରାଜକୃପାରୁ ବଞ୍ଚିତ ହେବେ । ଏଣୁ ସେମାନେ କ୍ରମେ ରାଜାଙ୍କ ନିକଟରୁ ନିଜକୁ ଦୂରେଇ ନେଲେ ।

ଅନ୍ୟପକ୍ଷରେ ପ୍ରୋଟେଷ୍ଟାଣ୍ଟ୍‌ମାନେ ଭାବିଲେ ଯେ ସେମାନଙ୍କୁ ଅସୁବିଧାରେ ପକାଇବା ପାଇଁ ଏହା ଏକ ନୂତନ କୌଶଳ ହୋଇପାରେ । ଏଣୁ ସେମାନଙ୍କ ମଧ୍ୟରୁ ଅଧିକାଂଶ ପ୍ରଥମ ଧାର୍ମିକ ଅନୁଗ୍ରହର ସୁବିଧା ସୁଯୋଗକୁ ଭଲରେ ଗ୍ରହଣ କଲେ ନାହିଁ ।

ଜେମ୍ସ ଭାବିଥିଲେ ଯେ ଏହି ଧାର୍ମିକ ଉଦାରତା ଘୋଷଣା ଫଳରେ ସେସବୁ ଧର୍ମର ଲୋକଙ୍କ ପକ୍ଷରୁ ଏକକ ସମର୍ଥନ ପାଇପାରିବେ । କିନ୍ତୁ ତାହା ବିଶେଷ ଫଳପ୍ରଦ ନ ହେବାରୁ ସେ ଏପ୍ରିଲ ୨ ତାରିଖ ୧୬୮୮ ଖ୍ରୀ:ଅ:ରେ ଦ୍ୱିତୀୟ ଧାର୍ମିକ ଅନୁଗ୍ରହ ଘୋଷଣା କଲେ । ଏଥର ସେ ନିୟମ କଲେ ଯେ ଏହି ଧାର୍ମିକ ଅନୁଗ୍ରହଗୁଡ଼ିକୁ ପାଦ୍ରୀମାନେ ସବୁ ରବିବାର ଦିନ ସମସ୍ତ ଗୀର୍ଜାରେ ଉଚ୍ଚସ୍ୱରରେ ପାଠ କରିବେ । ଲୋକମାନେ ଏହାକୁ ପୂର୍ଣ୍ଣ ପ୍ରାଣରେ ଗ୍ରହଣ କଲେ ନାହିଁ ଏବଂ ପ୍ରୋଟେଷ୍ଟାଣ୍ଟ୍‌ମାନେ ଏପରି ହସ୍ତକ୍ଷେପରେ ଅସନ୍ତୋଷ ପ୍ରକାଶ କଲେ ।

(୧୦) ସାତଜଣ ଧର୍ମଯାଜକଙ୍କ ବିଚାର (Trial of Seven Bishops) :

ଜେମ୍ସ-ଦ୍ୱିତୀୟଙ୍କ ଧାର୍ମିକ ଅନୁଗ୍ରହ ଘୋଷଣାକୁ ୭ଟି ଗୀର୍ଜାର ବିଶପ୍‌ମାନେ ଗୁରୁତ୍ୱ ଦେଇନଥିଲେ । ଅଧିକନ୍ତୁ ସେମାନେ କାଣ୍ଟରବରୀ ଗୀର୍ଜାର ଆର୍ଚ୍ଚ ବିଶପ୍‌ଙ୍କ ନେତୃତ୍ୱରେ ଏକ ପ୍ରାର୍ଥନା ପତ୍ର ପ୍ରସ୍ତୁତ କରି ସମ୍ରାଟ ଜେମ୍ସ-ଦ୍ୱିତୀୟଙ୍କୁ ସସମ୍ମାନେ ସେହି ଘୋଷଣାକୁ ପ୍ରତ୍ୟାହାର କରି ନେବାକୁ ଅନୁରୋଧ କଲେ । କିନ୍ତୁ ଏଥିରେ କ୍ରୋଧାନ୍ୱିତ ହୋଇ ଜେମ୍ସ ସେମାନଙ୍କୁ ରାଜାଜ୍ଞା ଅବମାନନା ଦୋଷରେ ବନ୍ଦୀ କରିବାକୁ ଆଦେଶ ଦେଲେ । ଧର୍ମଯାଜକମାନଙ୍କ ପ୍ରତି ଏପରି ଘୃଣ୍ୟ ବ୍ୟବହାରକୁ ସମଗ୍ର ଇଂଲଣ୍ଡର ଜନସାଧାରଣ କଟୁ ସମାଲୋଚନା କଲେ ।

ଜନଗହଳିପୂର୍ଣ୍ଣ ନ୍ୟାୟାଳୟରେ ୭ ଜଣ ଧର୍ମଯାଜକଙ୍କ ବିଚାର ଚାଲିଲା ଏବଂ ସେମାନଙ୍କୁ ନିର୍ଦ୍ଦୋଷରେ ଖଲାସ କରିଦିଆଗଲା । ଏଥିରେ ଜେମ୍ସ ନିଜକୁ ବଡ଼ ଅପମାନିତ ବୋଧ କଲେ; କିନ୍ତୁ ସାଧାରଣ ଜନତା ଆନନ୍ଦରେ ଉତ୍ସବମୁଖର ହୋଇଉଠିଲେ ।

(୧୧) ଷ୍ଟୁଆର୍ଟ ରାଜବଂଶରେ ଉତ୍ତରାଧିକାରୀ ପୁତ୍ରର ଜନ୍ମ (Birth of James II's Son) :

ବିଶପ୍‌ମାନଙ୍କର ମୁକ୍ତିରେ ଯେତେବେଳେ ସମଗ୍ର ଇଂଲଣ୍ଡ ଉତ୍ସବମୁଖର, ଠିକ୍ ସେତିକିବେଳେ ଜୁନ୍ ୧୦ ତାରିଖ ୧୬୮୮ ଖ୍ରୀ:ଅ:ରେ ଖବର ଆସି ପହଞ୍ଚିଥିଲା ଯେ ଜେମସ୍-ଦ୍ୱିତୀୟଙ୍କ ପତ୍ନୀ "ମେରୀ ଅଫ୍ ମାଡ଼ୋନା" ଏକ ପୁତ୍ର ସନ୍ତାନ ପ୍ରସବ କରିଛନ୍ତି । ଅବଶ୍ୟ ସେତେବେଳକୁ ଜେମସ୍-ଦ୍ୱିତୀୟଙ୍କ ବୟସ ୫୬ ବର୍ଷ ହୋଇଯାଇଥିଲା ଏବଂ ୨ୟ ରାଣୀ ମଧ୍ୟ ଅତ୍ୟନ୍ତ ରୋଗାଗ୍ରସ୍ତା ଥିଲେ । ଏଣୁ ସେ ପରିସ୍ଥିତିରେ ରାଣୀ ଯେ ସନ୍ତାନ ସମ୍ଭବା ହୋଇପାରିଲେ, ଏହା ଅନେକଙ୍କୁ ସନ୍ଦେହରେ ପକାଇଲା । କାଥୋଲିକ୍‌ମାନେ ଏହାକୁ ଏକ ଚମତ୍କାର ବୋଲି ବର୍ଣ୍ଣନା କଲାବେଳେ, ପ୍ରୋଟେଷ୍ଟାଣ୍ଟ୍‌ମାନେ ଏହାକୁ ଏକ ପ୍ରବଞ୍ଚନା ବୋଲି ଅଭିହିତ କଲେ । ଅନେକ ଭାବିଲେ ଯେ ପୁତ୍ର ସନ୍ତାନଟିକୁ ଷ୍ଟୁଆର୍ଟ ରାଜବଂଶର ରାଜତ୍ୱ ଜାରି ରଖିବା ଉଦ୍ଦେଶ୍ୟରେ ଅନ୍ୟ କେଉଁଠାରୁ ଅବୈଧ ଭାବେ ଅପହରଣ କରି ଅଣାଯାଇଛି ।

ଜେମସ୍-ଦ୍ୱିତୀୟଙ୍କର ପ୍ରଥମ ରାଣୀଙ୍କ ପକ୍ଷରୁ ମେରୀ ଓ ଆନି ବୋଲି ଦୁଇଟି କନ୍ୟା ଥିଲେ । ମେରୀ ହଲାଣ୍ଡର ଶାସକ ଉଇଲିୟମ୍ ଅଫ୍ ଅରେଞ୍ଜଙ୍କୁ ବିବାହ କରିଥିଲେ । ଉଭୟ ପ୍ରୋଟେଷ୍ଟାଣ୍ଟ ଥିଲେ । ଇଂଲଣ୍ଡର ଜନସାଧାରଣ ବିଶ୍ୱାସ କରୁଥିଲେ ଯେ ଅପୁତ୍ରିକ ଜେମସ୍-ଦ୍ୱିତୀୟଙ୍କ ପରେ ମେରୀ ହିଁ ଇଂଲଣ୍ଡର ସିଂହାସନ ଆରୋହଣ କରିବେ ଏବଂ ତାଙ୍କ ରାଜତ୍ୱରେ ପ୍ରୋଟେଷ୍ଟାଣ୍ଟ ଧର୍ମର ଉନ୍ନତି ଘଟିବ ।

କିନ୍ତୁ ରାଜବଂଶରେ ଏକ ପୁତ୍ର ସନ୍ତାନର ଆବିର୍ଭାବ ଇଂଲଣ୍ଡରେ ଆତଙ୍କ ଖେଳାଇଦେଲା । କାରଣ ଜେମ୍ସ-ଦ୍ୱିତୀୟଙ୍କ ପୁତ୍ର ନିଶ୍ଚିତ ଭାବେ ଏକ କାଥୋଲିକ୍ ସ୍କୁଲରେ ବିଦ୍ୟାଧ୍ୟୟନ କରିବେ ଏବଂ ସିଂହାସନ ଆରୋହଣ କଲାପରେ ପିତାଙ୍କ ପରି ସେ ମଧ୍ୟ ପ୍ରୋଟେଷ୍ଟାଣ୍ଟମାନଙ୍କୁ ନିର୍ଯ୍ୟାତିତ କରିବେ । ଏଣୁ ଇଂଲଣ୍ଡବାସୀ ଜେମ୍ସଙ୍କ ବିରୁଦ୍ଧରେ ଏହି ଉତ୍ତରାଧିକାରୀତ୍ୱ ନେଇ ଆନ୍ଦୋଳନ କରିବା ଆରମ୍ଭ କରିଦେଲେ ।

ବିଦ୍ରୋହର ସୂତ୍ରପାତ (Out break of Revolution) :

ଜେମ୍ସ-ଦ୍ୱିତୀୟଙ୍କ ଦୁର୍ବଳ ଚରିତ୍ର, ବିପର୍ଯ୍ୟସ୍ତ ପ୍ରଶାସନ, ପକ୍ଷପାତ ଧର୍ମନୀତି, ଧର୍ମଯାଜକମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଏବଂ ପୁତ୍ରସନ୍ତାନ ପ୍ରାପ୍ତି ଆଦି ୧୬୮୮ ଖ୍ରୀ:ଅ:ର ଗୌରବମୟ ବିପ୍ଳବକୁ ଆହ୍ୱାନ କରିଥିଲା । ଏହିସବୁ କାରଣରୁ ଇଂଲଣ୍ଡର ବିଭିନ୍ନ ଦଳର ନେତୃସ୍ଥାନୀୟ ବ୍ୟକ୍ତିମାନେ ପରସ୍ପର ମଧ୍ୟରେ ଥିବା ମତଭେଦକୁ ଭୁଲିଯାଇ ବିପ୍ଳବ ପାଇଁ ସଂଘବଦ୍ଧ ହୋଇଥିଲେ । ରାଜାଙ୍କ ବିପକ୍ଷର ନେତାମାନେ ହଲାଣ୍ଡର ରାଣୀ ମେରୀ ଓ ରାଜା ଉଇଲିୟମ୍ ଅଫ୍ ଅରେଞ୍ଜଙ୍କୁ ଇଂଲଣ୍ଡ ରାଜସିଂହାସନର ରାଜରାଣୀ ହେବାପାଇଁ ଏକ ନିମନ୍ତ୍ରଣ ପତ୍ର ପ୍ରେରଣ କଲେ । ନିମନ୍ତ୍ରଣ ପତ୍ରରେ

ଉଭୟ ହ୍ୱିଗସ ଓ ଟୋରୀ ଦଳର ପ୍ରମୁଖ ନେତୃବର୍ଗଙ୍କ ସ୍ୱାକ୍ଷର ଥିବାରୁ ଏହା ବିରୁଦ୍ଧରେ ଜେମସ୍-ଦ୍ୱିତୀୟ କୌଣସି ଦୃଢ଼ ପଦକ୍ଷେପ ନେଇପାରିଲେ ନାହିଁ ।

Queen Mary–II
(1662–1694 A.D.)

ସର୍ବଜନଜ୍ଞାତ ଏହି ନିମନ୍ତ୍ରଣ ପତ୍ରଟି ନେଇ ଜୁନ୍ ୩୦ ତାରିଖ ୧୬୮୮ ଖ୍ରୀ:ଅ:ରେ ଆଡ୍‌ମିରାଲ୍ ଉଇଲିୟମ୍ ହର୍‌ବର୍ଟ ହଲାଣ୍ଡ ଯାତ୍ରା କଲେ । ହଲାଣ୍ଡର ସମ୍ରାଟ ଉଇଲିୟମ୍ ଅଫ୍ ଅରେଞ୍ଜ ଏହି ନିମନ୍ତ୍ରଣକୁ ସାଦରେ ଗ୍ରହଣ କରି ରାଣୀ ମେରୀ ଓ ମାତ୍ର ୧୫୦୦ ସୈନ୍ୟଙ୍କୁ ନେଇ ନଭେମ୍ବର ୫ ତାରିଖ ୧୬୮୮ ଖ୍ରୀ:ଅ:ରେ ଇଂଲଣ୍ଡର ଡେଭୋନ୍‌ସାୟାର ବନ୍ଦରର ଟର୍‌ବେ ପୋତାଶ୍ରୟରେ ଅବତରଣ କଲେ । ଏହି ଖବର ଇଂଲଣ୍ଡର କୋଣ ଅନୁକୋଣରେ ବିଜୁଳି ପରି ଖେଳିଗଲା । ଜନସାଧାରଣ ତାଙ୍କୁ ଓ ରାଣୀ ମେରୀଙ୍କୁ ରାଜପ୍ରାସାଦ ଅଭିମୁଖେ ପାଛୋଟି ନେଲେ । ରାସ୍ତାରେ ଜେମ୍‌ସଙ୍କ ସୈନ୍ୟମାନେ ତାଙ୍କୁ ପ୍ରତିରୋଧ କଲେ ନାହିଁ । ରାଜପ୍ରାସାଦରେ ପହଞ୍ଚିଲା ପରେ ରାଜକନ୍ୟା ଆନୀ, ସେନାଧକ୍ଷ ଜନ୍ ଚର୍ଚ୍ଚିଲ୍ ଓ ତାଙ୍କର ରାଜକୀୟ ସେନା ଦ୍ୱାରା ରାଣୀ ମେରୀ ଓ ଭଗ୍ନୀପତିଙ୍କୁ ସାଦରେ ପ୍ରାସାଦ ମଧ୍ୟକୁ ପାଛୋଟି ନେଇଥିଲେ । ଏହି ପରିସ୍ଥିତି ଦେଖିବା ପରେ, ଜେମ୍‌ସ-ଦ୍ୱିତୀୟ କ୍ଷୋଭର ସହ କହିଥିଲେ, ''ହେ ଈଶ୍ୱର ଦୟା କର । ମୋ ନିଜ ଅପତ୍ୟମାନେ ମୋତେ ପରିତ୍ୟାଗ କଲେ ।'' "God be merciful ! My own children have forshaken me."

ପରିବର୍ତ୍ତିତ ପରିସ୍ଥିତିରେ ପିତା ଚାର୍ଲସ୍-ପ୍ରଥମଙ୍କ ମୃତ୍ୟୁଦଣ୍ଡ କଥା ସ୍ମରଣ କରି ଜେମ୍‌ସ-ଦ୍ୱିତୀୟ ରାଜପ୍ରତିକ (Seal of the State)କୁ ଟେମସ୍ ନଦୀରେ ଫିଙ୍ଗିଦେଇ ଗୁପ୍ତରେ ଫ୍ରାନ୍ସ ପଳାୟନ କରିବାକୁ ଉଦ୍ୟମ କରୁଥିବା ବେଳେ ମତ୍ସ୍ୟଜୀବୀମାନଙ୍କ ଦ୍ୱାରା ଧୃତ ହୋଇ ପୁନର୍ବାର ଇଂଲଣ୍ଡକୁ ଅଣାହେଲେ । ମାତ୍ର ଦୃଢ଼ ନିରାପତ୍ତା ସତ୍ତ୍ୱେ ସେ ପତ୍ନୀ ଓ ପିଲାଙ୍କୁ ଧରି ୨୩ ଡିସେମ୍ବର ୧୬୮୮ ଖ୍ରୀ:ଅ:ରେ ଏକ ଛୋଟ ନୌକା ସାହାଯ୍ୟରେ ଫ୍ରାନ୍ସକୁ ପଳାୟନ କରିବାକୁ ସକ୍ଷମ ହୋଇଥିଲେ ।

ଏହିପରି ବିନ୍ଦୁଏ ମାତ୍ର ରକ୍ତପାତ ନହୋଇ ଅତି କମ୍ ସମୟ ମଧ୍ୟରେ ଇଂଲଣ୍ଡର ଗୌରବମୟ ବିପ୍ଳବ-୧୬୮୮ ଖ୍ରୀ:ଅ:ର ଶାନ୍ତିପୂର୍ଣ୍ଣ ଅବସାନ ଘଟିବା ସଙ୍ଗେ ସଙ୍ଗେ ପୂର୍ବ ଶାସକ ଚାର୍ଲସ୍-ଦ୍ୱିତୀୟ କରିଥିବା ଭବିଷ୍ୟବାଣୀ, ଜେମସ୍-ଦ୍ୱିତୀୟଙ୍କ ଫ୍ରାନ୍ସ ପଳାୟନ ଫଳରେ ସତ୍ୟ ହୋଇଥିଲା ।

ଇତିହାସରେ ଅନ୍ୟ କୌଣସି ବିପ୍ଳବ ଏପରି କ୍ଷିପ୍ର ଓ ବିନା ରକ୍ତପାତରେ ଅନ୍ୟ କେଉଁଠାରେ ହେଲେ ସମାହିତ ହୋଇନାହିଁ ।

ଜେମସ ଦ୍ୱିତୀୟଙ୍କ ଦୁର୍ଦ୍ଦିନରେ ଫ୍ରାନ୍ସର ସମ୍ରାଟ ଲୁଇ-ଚତୁର୍ଦ୍ଦଶ ତାଙ୍କ ଫ୍ରାନ୍ସ ଆଗମନକୁ ସାଦରେ ସ୍ୱାଗତ କରିଥିଲେ । ସେ ନିରାଶ୍ରୟ ଜେମ୍‌ସ-ଦ୍ୱିତୀୟଙ୍କୁ ରହିବା ପାଇଁ ଏକ ପ୍ରାସାଦ ଓ ଚଳିବା ପାଇଁ ୮୦୦୦ ପାଉଣ୍ଡ ଅର୍ଥର ବ୍ୟବସ୍ଥା କରିଦେଇଥିଲେ । ଫ୍ରାନ୍ସରେ ଅବସ୍ଥାନ କାଳରେ ତାଙ୍କର ୧୭୦୧ ଖ୍ରୀ:ଅ:ରେ ଦେହାନ୍ତ ହୋଇଥିଲା ।

ଜେମସ୍-ଦ୍ୱିତୀୟଙ୍କ ଫ୍ରାନ୍ସ ପଳାୟନ ପରେ ସଂସଦର ଏକ ଅଧିବେଶନ ଆହୂତ ହେଲା । ଏହା ମେରୀଙ୍କୁ ଇଂଲଣ୍ଡର ରାଣୀ ଓ ଉଇଲିୟମ୍ ଅଫ୍ ଅରେଞ୍ଜଙ୍କୁ ତାଙ୍କର ପ୍ରତିନିଧି ରୂପେ ଘୋଷଣା କଲା । ମାତ୍ର ଉଇଲିୟମ୍ ଏହି ପ୍ରସ୍ତାବରେ ରାଜି ହେଲେ ନାହିଁ । ଏଣୁ ଜାନୁୟାରୀ ୨୨ ତାରିଖ ୧୬୮୯ ଖ୍ରୀ:ଅ:ରେ ସଂସଦର ଅନ୍ୟ ଏକ ଅଧିବେଶନ ବସିଲା । ଏହି ଅଧିବେଶନର ''ଅଧିକାର ଘୋଷଣାନାମା'' ଅନୁସାରେ ମେରୀ ଓ ଉଇଲିୟମ୍ ଅଫ୍ ଅରେଞ୍ଜ ମିଳିତ ଭାବେ ଫେବୃୟାରୀ ୧୩ ତାରିଖ ୧୬୮୯ ଖ୍ରୀ:ଅ:ରେ ଇଂଲଣ୍ଡର ରାଜସିଂହାସନରେ ରାଜାରାଣୀ ରୂପେ ଅଭିଷିକ୍ତ ହେଲେ ।

ବିପ୍ଲବ ବୁଝାମଣା, ୧୬୮୯ ଖ୍ରୀ:ଅ: (Revolution Settlement of 1689) :

ବ୍ରିଟିଶ ଐତିହାସିକ ମୋୱାତ୍ ଗୌରବମୟ ବିପ୍ଳବ ୧୬୮୮କୁ ବର୍ଣ୍ଣନା କରିବାକୁ ଯାଇ କହନ୍ତି, ''ଏହି ବିପ୍ଳବ କେବଳ ଇଂଲଣ୍ଡ ଇତିହାସରେ ଚିରସ୍ମରଣୀୟ ହୋଇ ରହିନାହିଁ, ବରଂ ଏହା ସମଗ୍ର ୟୁରୋପର ରାଜନୈତିକ ଇତିହାସରେ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଅଧିକାର କରିଛି ।''

ଏହି ବିପ୍ଳବର ତତ୍‌କ୍ଷଣାତ୍ ସୁଫଳ ସ୍ୱରୂପ ଅତ୍ୟାଚାରୀ ଷ୍ଟୁଆର୍ଟ ରାଜବଂଶ କବଳରୁ ଇଂଲଣ୍ଡ ଶାସନର କ୍ଷମତା ସଂସଦକୁ ହସ୍ତାନ୍ତର ହୋଇଥିଲା । ଷ୍ଟୁଆର୍ଟ ଶାସନ କାଳର ଆରମ୍ଭରୁ ହିଁ ସଂସଦ ଓ ରାଜାଙ୍କ ମଧ୍ୟରେ ବିବାଦର ସୂତ୍ରପାତ ହୋଇଥିଲା । ମୁଖ୍ୟତଃ ପ୍ରଶାସନିକ ବ୍ୟବସ୍ଥା, ଧର୍ମନୀତି ଓ ବୈଦେଶିକ ନୀତିକୁ ନେଇ ଏହି ବିବାଦ ଲାଗିରହିଥିଲା । କହିଲେ ଅତ୍ୟୁକ୍ତି ହେବ ନାହିଁ ଯେ ଗୌରବମୟ ବିପ୍ଳବ ଯୋଗୁଁ ଏହିସବୁ ସମସ୍ୟାର ସମାଧାନ ହେବା ସଙ୍ଗେ ସଙ୍ଗେ ଯେଉଁସବୁ ମୂଳସୂତ୍ରର ବିବାଦୀୟତାକୁ ନେଇ ପୂର୍ବର ଗୃହଯୁଦ୍ଧ ମାନ ସଂଘଟିତ ହୋଇଥିଲା ସେଗୁଡ଼ିକ ମଧ୍ୟ ସମାହିତ ହୋଇଗଲା । ଏହି ବିପ୍ଳବର ଗୁରୁତ୍ୱପୂର୍ଣ୍ଣ ବୁଝାମଣାଗୁଡ଼ିକ ହେଲା:–

(୧) ସ୍ୱେଚ୍ଛାଚାରୀ ଶାସନର ବିଲୋପ (End of Despotism) : ଜେମସ୍-ଦ୍ୱିତୀୟ ଓ ତାଙ୍କ ପରିବାରଙ୍କ ଇଂଲଣ୍ଡରୁ ପଳାୟନରେ ଏକ ସ୍ୱେଚ୍ଛାଚାରୀ ରାଜତନ୍ତ୍ରର ଅବସନ ଘଟିଥିଲା । ଏହି ସମୟରେ ପ୍ରଚଳିତ ଥିବା ରାଜାଙ୍କର ଈଶ୍ୱରୀୟ ଅଧିକାର ତତ୍ତ୍ୱାନୁସାରେ ଦେଶ ଶାସନରେ ରାଜା ହିଁ ଶାସନର କେନ୍ଦ୍ରବିନ୍ଦୁ ଥିଲେ । ତାଙ୍କର ଇଚ୍ଛାକୁ ସର୍ବୋଚ୍ଚ ସମ୍ମାନ ଦିଆଯାଉଥିଲା ଏବଂ ତାହାକୁ ଗ୍ରହଣ କରିବାକୁ ସଂସଦ ବାଧ୍ୟ ହେଉଥିଲା । ମାତ୍ର ଗୌରବମୟ ବିପ୍ଳବ ଫଳରେ ଇଂଲଣ୍ଡରେ ରାଜାଙ୍କର ସୀମିତ କ୍ଷମତା ଥାଇ ଏକ ବ୍ୟାପକ ସଂସଦୀୟ ବ୍ୟବସ୍ଥାର ପ୍ରଚଳନ ହେଲା । ୧୬୮୯ ଖ୍ରୀ:ଅ:ରେ ସଂସଦ ଦ୍ୱାରା ''ଅଧିକାର ଘୋଷଣାନାମା ଆଇନ'' (Declaration Rights Act) ମଞ୍ଜୁର କରାଯାଇ ତାହାକୁ ''ଅଧିକାର ବିଧେୟକ'' (Bill of Rights)ରେ ଅନ୍ତର୍ଭୁକ୍ତ କରାଗଲା । ଫଳରେ ଏହା ଆଇନସିଦ୍ଧ ହୋଇଗଲା ।

ବିପ୍ଳବ ପରେ ରାଣୀ ମେରୀ ଓ ରାଜା ଉଇଲିୟମ୍ ସିଂହାସନ ଆରୋହଣ କରିବା ସମୟରେ ଏହି ''ଅଧିକାର ଘୋଷଣାନାମା ଆଇନ'' ପ୍ରତି ଆନୁଗତ୍ୟ ପ୍ରକାଶ କରି ଏକ ସତ୍ୟପାଠ କଲେ ଯେ ସେମାନେ ସାମ୍ବିଧାନିକ ବ୍ୟବସ୍ଥା ମଧ୍ୟରେ ହିଁ ଇଂଲଣ୍ଡକୁ ଶାସନ କରିବେ ଏବଂ ନିଜର ଇଚ୍ଛା ବା ସ୍ୱେଚ୍ଛାଚାରିତାକୁ ଦେଶବାସୀଙ୍କ ଉପରେ ଲଦିଦେବେ ନାହିଁ । ଏହାପରଠାରୁ ଇଂଲଣ୍ଡରେ ପ୍ରଶାସନ ଓ ବିଚାର ବିଭାଗକୁ ପରସ୍ପରଠାରୁ ଅଲଗା କରିଦିଆଯାଇଥିଲା । ଫଳରେ ଉଭୟ କ୍ଷେତ୍ରରେ ସ୍ୱଚ୍ଛତାର ଉନ୍ନତି ଘଟିଲା ।

(୨) ସଂସଦର ଶ୍ରେଷ୍ଠତାକୁ ମାନ୍ୟତା ପ୍ରଦାନ (Acceptance of the Supremacy of the Parliament) : ୧୬୮୮ ଖ୍ରୀ:ଅ:ର ଗୌରବମୟ ବିପ୍ଳବ ଫଳରେ ସଂସଦ, ଜନସାଧାରଣ ଓ ରାଷ୍ଟ୍ରମୁଖ୍ୟଙ୍କ ମଧ୍ୟରେ ସଂସଦର ଗୁରୁତ୍ୱ ବା ଅଧିକାରକୁ ନେଇ ଚାଲିଥିବା ବିବାଦର ସମାଧାନ ହୋଇପାରିଥିଲା । ଏହି ବିପ୍ଳବ ସଂସଦକୁ ପ୍ରାଧାନ୍ୟ ଦେଇ ସବୁ କ୍ଷମତାର ନିୟନ୍ତ୍ରକ ଅଧିକାରୀ ରୂପେ ପ୍ରତିଷ୍ଠା କରିଥିଲା । ଏପରିକି ଶାସନର ସମସ୍ତ କ୍ଷମତା ରାଜାଙ୍କଠାରୁ ପ୍ରତ୍ୟାହାର କରି ସଂସଦ ନିକଟରେ ଉତ୍ତରଦାୟୀ ମନ୍ତ୍ରୀମାନଙ୍କୁ ହସ୍ତାନ୍ତର କରାଯାଇଥିଲା । ୧୬୮୯ ଖ୍ରୀ:ଅ:ରେ ''ଅଧିକାର ଘୋଷଣାନାମା ଆଇନ'' ବଳରେ ସବୁ କ୍ଷେତ୍ରରେ ସଂସଦର ଆଧିପତ୍ୟକୁ ସ୍ୱୀକୃତି ମିଳିଲା । ଏହା ୨୫ ଅକ୍ଟୋବର ୧୬୮୯ ଖ୍ରୀ:ଅ:ରେ ଆଇନର ମାନ୍ୟତା ପାଇଲା ପରେ ରାଜାଙ୍କ ସହ ଅନ୍ୟମାନେ ଏଥିରେ ଥିବା ଧାରାଗୁଡ଼ିକୁ ଅମାନ୍ୟ କରିପାରିଲେ ନାହିଁ । ରାଜାଙ୍କ ଅଧିକାରରେ ଅନେକ ଅଙ୍କୁଶ ଲଗାଯାଇ ତାଙ୍କୁ କେବଳ ଏକ ଆଳଙ୍କାରିକ ମୁଖ୍ୟ ରୂପେ ଅବସ୍ଥାପିତ କରାଗଲା । ପ୍ରକୃତରେ ତାଙ୍କର କ୍ଷମତା ଏକ ସୁବର୍ଣ୍ଣଶୂନ୍ୟ (Golden Zero)ରେ ସୀମାବଦ୍ଧ ରହିଲା । ତାଙ୍କର କର ଆଦାୟ, କୌଳିକ ଅଧିକାରର ପ୍ରୟୋଗ, ବୈଦେଶିକ ନୀତି ନିର୍ଦ୍ଧାରଣ ଏବଂ ନିଜର ସୈନ୍ୟବାହିନୀ ରଖିବା ଆଦି କ୍ଷମତାକୁ ପ୍ରତ୍ୟାହାର କରି ନିଆଗଲା । ସଂସଦ ଦ୍ୱାରା ସ୍ଥିରୀକୃତ ଏକ ନିର୍ଦ୍ଦିଷ୍ଟ ରାଶି ରାଜା ଓ ରାଜପ୍ରାସାଦ ପାଇଁ ବ୍ୟୟ କରିବାକୁ ସ୍ଥିର କରାଗଲା ।

ସଂସଦ ଦ୍ୱାରା ରାଷ୍ଟ୍ରର ସମସ୍ତ କାର୍ଯ୍ୟ ସମ୍ପାଦିତ ହେଲା । ଦେଶର ଅର୍ଥନୀତି, ବୈଦେଶିକ ନୀତି ଓ ଆଭ୍ୟନ୍ତରୀଣ ନୀତି ଇତ୍ୟାଦି ସାଂସଦମାନଙ୍କ ଦ୍ୱାରା ସ୍ଥିରୀକୃତ ହେଲା । ସଭ୍ୟମାନେ ମୁକ୍ତ ନିର୍ବାଚନରେ ଜନସାଧାରଣଙ୍କ ଦ୍ୱାରା ନିର୍ବାଚିତ ହୋଇ ସଂସଦ ଗଠନ କଲେ ।

(୩) ଧାର୍ମିକ ସ୍ୱାଧୀନତା (Religious Freedom) : ବିପ୍ଳବ ଫଳରେ ଜେମସ୍ ଦ୍ୱିତୀୟ ପଳାୟନ କରିବାରୁ ଇଂଲଣ୍ଡରେ କାଥୋଲିକ୍‌ମାନଙ୍କ ଅତ୍ୟାଚାରର ଅନ୍ତ ଘଟିଥିଲା । ଧର୍ମ ଭିତ୍ତିରେ ନିଯୁକ୍ତିକୁ ପ୍ରତ୍ୟାହାର କରିନିଆଗଲା । ରୋମୀୟ କାଥୋଲିକ୍, ପ୍ରୋଟେଷ୍ଟାଣ୍ଟ ଓ ଇଂରେଜୀୟ ଗୀର୍ଜାର ଅନୁଗାମୀମାନଙ୍କୁ ସମାନ ସୁବିଧା ସୁଯୋଗ ଦିଆଗଲା । ସବୁ ପ୍ରକାର ନିଯୁକ୍ତି କ୍ଷେତ୍ରରେ ଧର୍ମକୁ ନଦେଖି କାର୍ଯ୍ୟଦକ୍ଷତାର ମାନଦଣ୍ଡକୁ ବ୍ୟକ୍ତି ଚୟନର ପୃଷ୍ଠଭୂମି ରୂପେ ଗ୍ରହଣ କରାଗଲା । ଗୀର୍ଜାଗୁଡ଼ିକର ଦାୟିତ୍ୱ ରାଜାଙ୍କ ପରିବର୍ତ୍ତେ ସଂସଦ ହାତରେ ନ୍ୟସ୍ତ ହେଲା ।

କିନ୍ତୁ କାଥୋଲିକ୍ ଶାସକମାନଙ୍କ ଦ୍ୱାରା ନିର୍ଯ୍ୟାତିତ ହୋଇଥିବା ବ୍ରିଟିଶମାନେ ଭବିଷ୍ୟତରେ ଯେପରି ଅନ୍ୟ କେହି କାଥୋଲିକ୍ ସମ୍ରାଟ ରାଜସିଂହାସନ ଆରୋହଣ କରିନପାରନ୍ତି ତାହାର ବ୍ୟବସ୍ଥା ସ୍ୱରୂପ ''ଅଧିକାର ବିଧେୟକ-୧୬୮୯'' (Bill of Rights-1689)ରେ ନିୟମ ରଖିବାକୁ ଭୁଲିନଥିଲେ । ଏହି ଆଇନ ବ୍ୟବସ୍ଥାରେ କୌଣସି କାଥୋଲିକ୍ ଧର୍ମାନୁସରଣକାରୀ ବ୍ୟକ୍ତି କିମ୍ବା କୌଣସି କାଥୋଲିକ୍ ମହିଳାଙ୍କ ପତିଙ୍କ ନିମନ୍ତେ ଇଂଲଣ୍ଡର ସିଂହାସନ ଆରୋହଣ କରିବା ନିଷେଧ ଥିଲା । ପରେ ସଂସଦର ନିଷ୍ପତ୍ତି ଅନୁସାରେ ''ବନ୍ଦୋବସ୍ତ ଆଇନ୍-୧୭୦୧'' (Settlement Act-1701) ଗୃହୀତ ହୋଇ ସ୍ଥିର ହେଲା ଯେ ଭବିଷ୍ୟତରେ କେବଳ ପ୍ରୋଟେଷ୍ଟାଣ୍ଟ ଧର୍ମାବଲମ୍ବୀ ହିଁ ଇଂଲଣ୍ଡ ସିଂହାସନ ଆରୋହଣ କରିପାରିବେ । ଏଣୁ ସବୁଦିନ ପାଇଁ ଇଂଲଣ୍ଡ ଶାସନରୁ କାଥୋଲିକ୍ ରାଜତ୍ୱର ପରିସମାପ୍ତି ଘଟିଲା ।

(୪) ଆର୍ନ୍ତଜାତୀୟ ରାଜନୀତିରେ ପ୍ରଭାବ (Influence of International Politics) : ଗୌରବମୟ ବିପ୍ଳବ ୧୬୮୮ର ପ୍ରଭାବ କେବଳ ଇଂଲଣ୍ଡ ମଧ୍ୟରେ ସୀମାବଦ୍ଧ ନ ରହି ସମସ୍ତ ୟୁରୋପୀୟ ମହାଦେଶକୁ ବ୍ୟାପିଯାଇଥିଲା । ଏହା ଇଂଲଣ୍ଡ, ହଲାଣ୍ଡ ଓ ଫ୍ରାନ୍ସର ତ୍ରିଦେଶୀୟ ରାଜନୀତିକୁ ବିଶେଷ ଭାବେ ପ୍ରଭାବିତ କରିଥିଲା । ପୂର୍ବରୁ ଚାର୍ଲସ୍-ଦ୍ୱିତୀୟ ଓ ଜେମସ୍-ଦ୍ୱିତୀୟଙ୍କ ରାଜତ୍ୱ କାଳରେ ଇଂଲଣ୍ଡର ଫ୍ରାନ୍ସ ଶାସକ ଚତୁର୍ଦ୍ଦଶ ଲୁଇଙ୍କ ସହ ସୁସମ୍ପର୍କ ଥିଲା । କାରଣ ଏହି ତିନିଜଣ ସମ୍ରାଟ କାଥୋଲିକ୍ ଧର୍ମାବଲମ୍ବୀ ଥିଲେ । ଅପରପକ୍ଷରେ ପ୍ରୋଟେଷ୍ଟାଣ୍ଟ ରାଷ୍ଟ୍ର ଇଂଲଣ୍ଡର ଶାସକ କାଥୋଲିକ୍ ହୋଇଥିବାରୁ ସେ ହଲାଣ୍ଡର ପ୍ରୋଟେଷ୍ଟାଣ୍ଟ ଶାସକଙ୍କ ସଙ୍ଗେ ସାମାନ୍ୟ ସମ୍ପର୍କ ରଖିପାରୁନଥିଲେ ।

ଫ୍ରାନ୍ସର ଲୁଇ ଚତୁର୍ଦ୍ଦଶ ଅନେକ ଥର ହଲାଣ୍ଡକୁ ତାଙ୍କ ଦେଶ ସଙ୍ଗେ ବଳପୂର୍ବକ ସମ୍ମିଶ୍ରଣ କରିବାକୁ ଚାହିଁ ବିଫଳ ହୋଇଥିଲେ । ଏଣୁ ଦୁଇ ରାଷ୍ଟ୍ର ମଧ୍ୟରେ ସବୁଦିନ ପାଇଁ ଶତ୍ରୁତା ଲାଗି ରହିଥିଲା ।

ବିପ୍ଳବ ପରେ ଉଇଲିୟମ୍ ଅଫ୍ ଅରେଞ୍ଜ ଉଭୟ ଇଂଲଣ୍ଡ ଓ ହଲାଣ୍ଡକୁ ଶାସନ କରିବାରୁ ଏହି ଦୁଇଦେଶ ମଧ୍ୟରେ ଥିବା ବିଦ୍ୱେଷର ପରିସମାପ୍ତି ଘଟିଥିଲା । ଅପରପକ୍ଷରେ ଫ୍ରାନ୍ସ ଏବଂ ଇଂଲଣ୍ଡର ସମ୍ପର୍କରେ ତିକ୍ତତା ଆସିଲା, କାରଣ ଇଂଲଣ୍ଡ ଓ ହଲାଣ୍ଡ ମିଳିତ ହେବା ଫଳରେ ଇଂଲଣ୍ଡର ଶକ୍ତି ଓ ସମ୍ମାନର ବୃଦ୍ଧି ଘଟିଥିଲା । ଏହାଛଡ଼ା ଇଂଲଣ୍ଡ ଶାସନ ଗାଦିରୁ ଜଣେ କାଥୋଲିକଙ୍କୁ ହଟାଇ ପ୍ରୋଟେଷ୍ଟାଣ୍ଟ ଉଇଲିୟମଙ୍କୁ ଅଭିଷିକ୍ତ କରିବା ଲୁଇ-ଚତୁର୍ଦ୍ଦଶଙ୍କୁ ଈର୍ଷାନ୍ୱିତ କରିଥିଲା ।

୧୬୮୮ ଖ୍ରୀ:ଅ:ରେ ବିଭିନ୍ନ ଧର୍ମ ମତାବଲମ୍ବନ ଯୋଗୁଁ ଇଂଲଣ୍ଡ, ଆୟରଲ୍ୟାଣ୍ଡ ଓ ସ୍କଟଲ୍ୟାଣ୍ଡ ପରସ୍ପରଠାରୁ ବିଚ୍ଛିନ୍ନ ଥିଲେ । ବିପ୍ଳବ ପରେ ଧର୍ମୀୟ ସହନଶୀଳତା ଓ ସମଗ୍ର ଇଂଲଣ୍ଡରେ ଏକ ପ୍ରକାରର ସଂସଦୀୟ ସୁପ୍ରଶାସନର ପ୍ରତିଷ୍ଠା ହେବାରୁ ଆୟରଲ୍ୟାଣ୍ଡ ଓ ସ୍କଟଲ୍ୟାଣ୍ଡ ମଧ୍ୟ ଏହି ଉତ୍ତମ ବ୍ୟବସ୍ଥାର ସୁଫଳ ଉପଭୋଗ କରିବାକୁ ଚାହିଁଲେ । ଏଣୁ ସେମାନେ ଇଂଲଣ୍ଡ ସଙ୍ଗେ ମିଶିଯାଇ ବୃହତ ସଂଯୁକ୍ତ ରାଜ୍ୟ (United Kingdom)ର ପ୍ରତିଷ୍ଠା କଲେ । ଏଣୁ ଗୌରବମୟ ବିପ୍ଳବ-୧୬୮୮ ଇଂଲଣ୍ଡ ଓ ୟୁରୋପର ରାଜନୀତିକୁ ବହୁଳ ଭାବେ ପ୍ରଭାବିତ କରିବା ସଙ୍ଗେ ସଙ୍ଗେ ବ୍ରିଟିଶ ଇତିହାସର ଗତିପଥକୁ ବଦଳାଇ ଦେଇ ତାହାକୁ [illegible] ପଥ [illegible] ପାଇଥିଲା ।

ହାନୋଭରିଆନ ରାଜବଂଶ :ଜର୍ଜ ପ୍ରଥମ ଏବଂ ଜର୍ଜ ଦ୍ୱିତୀୟ : ହ୍ୱିଗ ଉତ୍‌ଥାନ
(Hanovarian Dynasty – George I and II–Whig Ascendancy) :

Princes Sofia
(1630–1714 A.D.)

୧୭୧୪ ଖ୍ରୀ:ଅ:ରେ ରାଣୀ ଅନେକଙ୍କ ମୃତ୍ୟୁ ପରେ ୧୭୦୧ ଖ୍ରୀ:ଅ:ରେ ପ୍ରବର୍ତ୍ତିତ ହୋଇଥିବା ''ଆକ୍ଟ ଅଫ୍ ସେଟଲମେଣ୍ଟ'' (Act of Settlement, 1701 A.D.)ର ବ୍ୟବସ୍ଥା ଅନୁଯାୟୀ ଜେମସ୍ ପ୍ରଥମଙ୍କର ନାତୁଣୀ ରାଜକୁମାରୀ ସୋଫିଆଙ୍କର ପୁତ୍ର, ହାନୋଭର (ଜର୍ମାନୀ)ର ଇଲେକ୍ଟର, ଜର୍ଜ ଲୁଇସ୍ ୫୪ ବର୍ଷ ବୟସରେ ଜର୍ଜ ପ୍ରଥମ (George I) ନାମରେ ଇଂଲଣ୍ଡ ସିଂହାସନ ସେପ୍ଟେମ୍ବର ୧୪, ୧୭୧୪ ଖ୍ରୀ:ଅ:ରେ ଅଳଙ୍କୃତ କଲେ। ଜର୍ଜ ପ୍ରଥମ ଏକ ଆକର୍ଷଣୀୟ ବ୍ୟକ୍ତିତ୍ୱର ଅଧିକାରୀ ନ ଥିଲେ ମଧ୍ୟ ରାଜନୈତିକ ତଥା ଧାର୍ମିକ କାରଣ ହେତୁ ତାଙ୍କୁ ଇଂଲଣ୍ଡ ସିଂହାସନ ଅର୍ପଣ କରାଯାଇଥିଲା। ଜର୍ଜ ପ୍ରଥମଙ୍କର ସିଂହାସନ ଆରୋହଣ ସହିତ ଇଂଲଣ୍ଡରେ ଷ୍ଟୁଆର୍ଟ ରାଜବଂଶର ଅନ୍ତ ଘଟିଲା ଏବଂ ଏକ ବିଦେଶୀ ରାଜବଂଶ ଯାହା ହାନୋଭର ରାଜବଂଶ ନାମରେ ପରିଚିତ, ଇଂଲଣ୍ଡରେ ପ୍ରତିଷ୍ଠିତ୍ ହେଲା।

ହାନୋଭର ରାଜବଂଶର ପ୍ରତିଷ୍ଠା ଇଂଲଣ୍ଡ ଇତିହାସରେ ଏକ ଗୁରୁତ୍ୱପୂର୍ଣ୍ଣ ଅଧ୍ୟାୟ ଥିଲା, କାରଣ ଏହି ରାଜବଂଶର ପ୍ରତିଷ୍ଠା ଦ୍ୱାରା ବଂଶାନୁକ୍ରମିକ ଉତ୍ତରାଧିକାର ସତ୍ତ୍ୱର ଅନ୍ତ ଘଟିବା ସହିତ ଦୈବଦତ୍ତ ଶାସନ ଅଧିକାର ନୀତିର ମଧ୍ୟ ପରିସମାପ୍ତି ଘଟିଲା। ଏତଦ୍‌ବ୍ୟତୀତ ହାନୋଭର ରାଜବଂଶର ପ୍ରତିଷ୍ଠା ଦ୍ୱାରା ସଂସଦର ଶକ୍ତି ବୃଦ୍ଧି ହେବା ସହିତ, ଦଳଗତ ରାଜନୀତି ନିମନ୍ତେ ପଥ ପ୍ରସ୍ତୁତ ହୋଇଥିଲା ଏବଂ ପ୍ରଧାନମନ୍ତ୍ରୀ ପଦବୀ ସୃଷ୍ଟି କରିବାରେ ସହାୟତା କରିଥିଲା। ରାଜନୀତିରେ ଚର୍ଚ୍ଚ ଏବଂ ଧର୍ମଯାଜକମାନଙ୍କର ପ୍ରାଧାନ୍ୟର ହ୍ରାସ ଘଟିଥିଲା। ଇଂଲଣ୍ଡ ହାନୋଭର ରାଜ୍ୟ ନିମନ୍ତେ ଅଷ୍ଟ୍ରିଆର ସିଂହାସନ ଉତ୍ତରାଧିକାର ପ୍ରଶ୍ନ ଉପରେ ସଂଘଟିତ ହୋଇଥିବା ସପ୍ତବର୍ଷୀୟ ଯୁଦ୍ଧରେ ଅଂଶଗ୍ରହଣ କରିଥିଲା। ଫଳରେ ଇଂଲଣ୍ଡର ବୈଦେଶିକ ନୀତିର ଏକ ନୂତନ ଦିଗ ଉଦ୍ଭାସିତ ହୋଇଥିଲା।

George I
(1660–1727 A.D.)

ହାନୋଭର ରାଜବଂଶ ପ୍ରତି ଇଂରେଜମାନଙ୍କ ମନ ମଧ୍ୟରେ ଶ୍ରଦ୍ଧା ତଥା ସମ୍ମାନ ଉଜ୍ଜୀବିତ କରିବା ଦିଗରେ ଜର୍ଜ ପ୍ରଥମ ଏବଂ ତାଙ୍କ ପୁତ୍ର ଜର୍ଜ ଦ୍ୱିତୀୟଙ୍କର କୌଣସି ଆନ୍ତରିକ ଉଦ୍ୟମ ନ ଥିଲା। ୫୪ ବର୍ଷ ବୟସ୍କ ଜର୍ଜ ପ୍ରଥମ ହାନୋଭର ରାଜ୍ୟରେ ଜୀବନର ଦୀର୍ଘ ସମୟ ଅତିବାହିତ କରିଥିବାରୁ ତାଙ୍କର ହାନୋଭର ରାଜ୍ୟ ପ୍ରତି ଅତ୍ୟନ୍ତ ଆସକ୍ତି ଥିଲା। ତେଣୁ ଇଂଲଣ୍ଡର ରାଜସିଂହାସନ ଅଳଙ୍କୃତ କରିଲେ ମଧ୍ୟ ତାଙ୍କର ହାନୋଭର ପ୍ରୀତି ଊଣା ହୋଇନଥିଲା ଏବଂ ନିଜର ଏହି ଦୁର୍ବଳତା ହେତୁ ସେ ଇଂରେଜମାନଙ୍କର ଶ୍ରଦ୍ଧାଲାଭ କରିପାରି ନ ଥିଲେ। ତାଙ୍କ ସଂପର୍କରେ ମନ୍ତବ୍ୟ ଦେବାକୁ ଯାଇ ଜନୈକ ସମସାମୟିକ ବ୍ୟକ୍ତି କହିଥିଲେ, ''ତାଙ୍କର କୌଣସି ରାଜୋଚିତ ମନୋଭାବ ନ ଥିଲା।'' ସେ ଜଣେ ନୀଚ ସ୍ୱଭାବମନା, ହୃଦୟହୀନ ବ୍ୟକ୍ତି ଥିଲେ। ତାଙ୍କପରି ତାଙ୍କ ପୁତ୍ର ଜର୍ଜ ଦ୍ୱିତୀୟଙ୍କର ସ୍ୱଭାବ ମଧ୍ୟ ଠିକ୍ ସେହିପରି ଥିଲା। ଉଭୟ ପିତା ଓ ପୁତ୍ର କଳା, ସାହିତ୍ୟ ଓ ବିଜ୍ଞାନ ପ୍ରତି ସଂପୂର୍ଣ୍ଣ ଅନାସକ୍ତ ଥିଲେ। ଉଭୟଙ୍କର ପାରିବାରିକ ଜୀବନ ଅତ୍ୟନ୍ତ କଳଙ୍କିତ ଥିବା ସହିତ ଉଭୟେ ନିଜ ନିଜର ଜ୍ୟେଷ୍ଠପୁତ୍ରଙ୍କ ସହିତ କଳହରେ ବ୍ୟାପୃତ ଥିଲେ। ଜର୍ଜ ପ୍ରଥମ ନିଜର ଏକମାତ୍ର ପୁତ୍ର ଜର୍ଜ ଦ୍ୱିତୀୟଙ୍କ ସହିତ ଉତ୍ତମ ସଂପର୍କ ରକ୍ଷା କରି ନ ପାରି ତାଙ୍କୁ ଉତ୍ତରାଧିକାର ସତ୍ତ୍ୱରୁ ବଞ୍ଚିତ କରିବାକୁ ଚେଷ୍ଟା କରିଥିଲେ। ଏପରିକି ତାଙ୍କର ମଧ୍ୟ ନିଜ ପତ୍ନୀ ରାଣୀ ସୋଫିଆ ଡୋରେଥାଙ୍କ ସହିତ ସମ୍ପର୍କ ଅତ୍ୟନ୍ତ ତିକ୍ତ ହୋଇଉଠିଥିଲା

ଏବଂ ସେ ପତ୍ନୀଙ୍କ ସହ କଳହରେ ଲିପ୍ତ ରହି ତାଙ୍କୁ ଦୀର୍ଘ ୩୦ ବର୍ଷ ଧରି କାରାଗାରରେ ବନ୍ଦୀ କରି ରଖିଥିଲେ। ତେବେ ଜର୍ଜ ଦ୍ୱିତୀୟଙ୍କର ନିଜ ପତ୍ନୀଙ୍କ ସହ ସମ୍ପର୍କ ଅତ୍ୟନ୍ତ ଉତ୍ତମ ଥିଲା। ମୁଖ୍ୟତଃ, ତାଙ୍କର ରାଣୀଙ୍କ ପ୍ରତି ଅତିଶୟ ଅନୁରକ୍ତି ହେତୁ, ଇଂଲଣ୍ଡର ରାଜନୀତିରେ ତାଙ୍କ ରାଜତ୍ୱ ସମୟରେ ରାଣୀ ନିଜର ପ୍ରଭାବ ବିସ୍ତାର କରିଥିଲେ।

ଏସବୁ ଚାରିତ୍ରିକ ତ୍ରୁଟି ସତ୍ତ୍ୱେ ପିତା ଓ ପୁତ୍ର ସୁଦକ୍ଷ ସୈନିକ ଭାବରେ ଅବଶ୍ୟ ଇଂରେଜମାନଙ୍କର ଶ୍ରଦ୍ଧାଭାଜନ ହୋଇଥିଲେ। ପନ୍ଦର ବର୍ଷ ବୟସରୁ ଜର୍ଜ ପ୍ରଥମ ସୈନିକର ଜୀବନ ଆରମ୍ଭ କରି ସ୍ପେନ ସିଂହାସନ ନିମନ୍ତେ ସଂଘଟିତ ହୋଇଥିଲା ଉତ୍ତରାଧିକାର ସତ୍ତ୍ୱ ସଂକ୍ରାନ୍ତୀୟ ଯୁଦ୍ଧରେ ଅଷ୍ଟ୍ରିଆ ସାମ୍ରାଜ୍ୟର ସୈନ୍ୟବାହିନୀର ନେତୃତ୍ୱ ନେଇ ନିଜର ଅପୂର୍ବ ବୀରତ୍ୱର ପରାକାଷ୍ଠା ପ୍ରଦର୍ଶନ କରିଥିଲେ। ସେହିପରି ଜର୍ଜ ଦ୍ୱିତୀୟ ମଧ୍ୟ ଓ୍ୱୈଡେନାର୍ଡ ଯୁଦ୍ଧରେ ଅଶ୍ୱାରୋହୀ ବାହିନୀର ନେତୃତ୍ୱ ନେବା ସହିତ ଦୀର୍ଘ ୩୫ ବର୍ଷ ପରେ ସେହି ଯୁଦ୍ଧ ପୋଷାକ ପରିଧାନ କରି ଡେଟିନଜେନ ଯୁଦ୍ଧକ୍ଷେତ୍ରରେ ଅବତୀର୍ଣ୍ଣ ହୋଇଥିଲେ।

ମନ୍ତ୍ରୀମଣ୍ଡଳର ବିକାଶ (Development of the Council of Ministers) :

ଇଂଲଣ୍ଡରେ ବିଦେଶୀ ହାନୋଭର ବଂଶ ପ୍ରତିଷ୍ଠା ହେବାଯୋଗୁଁ ଏକ ନୂତନ ପରିସ୍ଥିତି ସୃଷ୍ଟି ହୋଇଥିଲା। ସାମ୍ବିଧାନିକ ବିକାଶ ନିମନ୍ତେ ଏହି ନୂତନ ପରିସ୍ଥିତି ଅତ୍ୟନ୍ତ ଅନୁକୂଳ ଥିବାରୁ ପ୍ରାୟ ୫୦ ବର୍ଷ ଧରି ସାମ୍ବିଧାନିକ ବିକାଶ ଜାରି ରହିଥିଲା। ହାନୋଭର ବଂଶୀୟ ଜର୍ଜ ପ୍ରଥମ ଜର୍ମାନ ହେବା ସହିତ ସିଂହାସନ ଆରୋହଣ ସମୟକୁ ୫୪ ବର୍ଷ ବୟସରେ ପଦାର୍ପଣ କରିସାରିଥିଲେ। ତେଣୁ ବାର୍ଦ୍ଧକ୍ୟରେ ଉପନୀତ ହୋଇ ଏକ ନୂତନ ରାଜ୍ୟ ଏବଂ ତାହାର ନୂତନ ପରିବେଶ ସହିତ ଖାପଖୁଆଇ ଚଳିବା ତାଙ୍କପକ୍ଷରେ ଆୟାସସାଧ୍ୟ ବ୍ୟାପାର ହୋଇପଡ଼ିଲା ଏବଂ ଏଥିନିମନ୍ତେ ମଧ୍ୟ ସେ କୌଣସି ଉଦ୍ୟମ କରିଲେ ନାହିଁ। ତାଙ୍କର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଜର୍ମାନୀର କ୍ଷୁଦ୍ର କ୍ଷୁଦ୍ର ରାଜ୍ୟଗୁଡ଼ିକ ମଧ୍ୟରେ ସେହି ସମୟରେ ଯେଉଁ ବିବାଦ ଲାଗି ରହିଥିଲା, ସେଥିରେ ତାଙ୍କର ପୈତୃକ ରାଜ୍ୟ ହାନୋଭର କିପରି ଏକ ଶ୍ରେଷ୍ଠ ସାମରିକ ଶକ୍ତି ଭାବରେ ନିଜର ପ୍ରାଧାନ୍ୟ ବିସ୍ତାର କରିବ ଏବଂ ସେ କିପରି ଅନ୍ୟାନ୍ୟ ରାଜ୍ୟ ଅଧିକାର କରି ହାନୋଭରର ସୀମା ବୃଦ୍ଧି କରିପାରିବେ। ପ୍ରକୃତପକ୍ଷେ ସେ ନିଜର ଏହି ଉଦ୍ଦେଶ୍ୟର ପୂରଣ ନିମନ୍ତେ ଇଂଲଣ୍ଡର ରାଜପଦ ଗ୍ରହଣ କରିଥିଲେ। ତେଣୁ ସେହି ସମୟରେ ଇଂଲଣ୍ଡରେ ଯେଉଁ ସାମ୍ବିଧାନିକ ବିକାଶ ଘଟୁଥିଲା, ସେଥିପ୍ରତି ସେ ଉଦାସୀନ ରହିଥିଲେ। ଏହି ସାମ୍ବିଧାନିକ ବିକାଶ ହେତୁ ରାଜାଙ୍କର ପରମାଧିକାର କ୍ଷମତା କ୍ରମଶଃ ସଙ୍କୁଚିତ ହେଉଥିଲେ ମଧ୍ୟ ଜର୍ଜ ସେଥିପ୍ରତି ଦୃଷ୍ଟିପାତ କରିନଥିଲେ। ଏହାଦ୍ୱାରା ସାମ୍ବିଧାନିକ ବିକାଶ କ୍ଷେତ୍ରରେ ସମସ୍ତ ପ୍ରତିବନ୍ଧକ ଦୂରୀଭୂତ ହୋଇପାରିଥିଲା। ଏତଦ୍‌ବ୍ୟତୀତ ଏକ ନଗଣ୍ୟ କାରଣ ମଧ୍ୟ ସାମ୍ବିଧାନିକ ବିକାଶର ଗତିକୁ ଆହୁରି ତ୍ୱରାନ୍ୱିତ କରିଥିଲା। ଜର୍ଜ ପ୍ରଥମ ଜର୍ମାନ ହୋଇଥିବାରୁ ଇଂରାଜୀ ଭାଷାରେ ସଂପୂର୍ଣ୍ଣ ଅଜ୍ଞ ଥିବାବେଳେ ତାଙ୍କର ମନ୍ତ୍ରୀମାନେ ଜର୍ମାନ ଭାଷାରେ ଅଜ୍ଞ ଥିଲେ। ତେବେ ଜର୍ଜ ଲାଟିନ ଭାଷା ମାଧ୍ୟମରେ ତାଙ୍କର ମନ୍ତ୍ରୀ ଓ୍ୱାଲପୋଲ (Walpole)ଙ୍କ ସହିତ ଭାବ ବିନିମୟ କରିପାରୁଥିଲେ ମଧ୍ୟ ଉଭୟେ ଏହି ଲାଟିନ ଭାଷାରେ ବିଶେଷ ପାରଦର୍ଶୀ ନ ଥିଲେ। ଏକପକ୍ଷରେ ଜର୍ଜ ଇଂରେଜମାନଙ୍କର ରୀତିନୀତି ସହିତ ଖାପଖୁଆଇ ଚଳି ନ ପାରିବା ସହିତ, ଇଂଲଣ୍ଡର ସାମ୍ବିଧାନିକ ବିଧି ବ୍ୟବସ୍ଥା ବିଷୟରେ ଜାଣିବା ନିମନ୍ତେ ଅନାଗ୍ରହୀ ଥିବାବେଳେ, ଅପରପକ୍ଷରେ ସେ ମନ୍ତ୍ରୀମାନଙ୍କ ସହିତ ଇଂରାଜୀ ଭାଷାରେ ସ୍ପଷ୍ଟ ଭାବରେ ଭାବ ବିନିମୟ କରିବାରେ ଅସମର୍ଥ ହେଲେ। ତେଣୁ ସେ ମନ୍ତ୍ରୀମାନଙ୍କ ଉପରେ ଶାସନ ଭାର ସଂପୂର୍ଣ୍ଣ ରୂପେ ନ୍ୟସ୍ତ କରିବା ନିମନ୍ତେ କୁଣ୍ଠିତ ହୋଇ ନ ଥିଲେ। ଜର୍ମାନୀର ରାଜନୀତି ସଂକ୍ରାନ୍ତୀୟ କୌଣସି ପ୍ରଶ୍ନ ଜଡ଼ିତ ନ ଥିଲେ, ସେ ମନ୍ତ୍ରୀମାନଙ୍କ କାର୍ଯ୍ୟରେ ହସ୍ତକ୍ଷେପ କରୁ ନ ଥିଲେ। ସ୍ୱଭାବରେ ଜର୍ଜ ଦୁର୍ବଳ ବା ଅସମର୍ଥ ନ ଥିଲେ ମଧ୍ୟ, ପରିସ୍ଥିତି ଦୃଷ୍ଟିରୁ ଦୁର୍ବଳ ଏବଂ ଅସମର୍ଥ ଶାସକର ଭୂମିକା ଗ୍ରହଣ କରିଥିଲେ।

ଜର୍ଜ ଦ୍ୱିତୀୟଙ୍କର ଶାସନ ସମୟରେ ମଧ୍ୟ ପରିସ୍ଥିତିରେ କୌଣସି ପରିବର୍ତ୍ତନ ହୋଇ ନ ଥିଲା। ତାଙ୍କର ହାନୋଭର ପ୍ରୀତି ଥିଲେ ମଧ୍ୟ ପିତାଙ୍କ ପରି ସେ ଇଂଲଣ୍ଡର ରୀତିନୀତି ତଥା ସାମ୍ବିଧାନିକ ବିକାଶ ପ୍ରତି ସଂପୂର୍ଣ୍ଣ ଅନାଗ୍ରହୀ ନ ଥିଲେ।

George–II
(Reign : 1727–1760 A.D.)

ସେହି ସମୟକୁ ଇଂଲଣ୍ଡରେ ସାମ୍ବିଧାନିକ ଅଗ୍ରଗତି ତ୍ୱରାନ୍ୱିତ ଗତିରେ ସଂଘଟିତ ହୋଇସାରିଥିଲା ଏବଂ ଏହାଦ୍ୱାରା ଶାସନ କ୍ଷମତା ରାଜାଙ୍କଠାରୁ ମନ୍ତ୍ରୀମଣ୍ଡଳକୁ ହସ୍ତାନ୍ତରିତ ହୋଇସାରିଥିଲା । ସାମ୍ବିଧାନିକ ବିକାଶର ଧାରାକୁ ରୋକିବା ନିମନ୍ତେ ଆବଶ୍ୟକ ହେଉଥିବା ଉଦ୍ୟମ ତଥା ତତ୍ପରତା ଜର୍ଜଙ୍କ ନିକଟରେ ଅଭାବ ଥିଲା । ସେତେବେଳକୁ ୱାଲପୋଲଙ୍କ କ୍ଷମତା ଦୃଢ଼ ଭିତ୍ତିଭୂମି ଉପରେ ପ୍ରତିଷ୍ଠିତ ହୋଇସାରିଥିଲା । ତାଙ୍କର ରାଣୀଙ୍କ ସହିତ ଅନ୍ତରଙ୍ଗ ବନ୍ଧୁତା ଥିବାରୁ ୱାଲପୋଲଙ୍କ କାର୍ଯ୍ୟରେ ହସ୍ତକ୍ଷେପ କରିବାରୁ ଜର୍ଜ ବିରତ ହୋଇଥିଲେ । ଏତଦ୍‌ବ୍ୟତୀତ ଜର୍ଜ ଇଂଲଣ୍ଡରେ ହେଉଥିବା ସାମ୍ବିଧାନିକ ବିକାଶ ପ୍ରତି ମଧ୍ୟ କେତେକାଂଶରେ ସହାନୁଭୂତିଶୀଳ ଥିଲେ । ତେଣୁ ଜର୍ଜଙ୍କର ୩୩ ବର୍ଷର ଶାସନର ଅବଧି ମଧ୍ୟରେ ସାମ୍ବିଧାନିକ ବିକାଶ ନିରବଚ୍ଛିନ୍ନ ଭାବରେ ଜାରି ରହିଥିଲା ।

ଅଷ୍ଟାଦଶ ଶତାବ୍ଦୀରେ ଆଇନର ପରିସୀମା ମଧ୍ୟରେ ରହି ଶାସନ ପରିଚାଳନା ତଥା ନୀତି ନିର୍ଦ୍ଧାରଣ କରିବାର ଦାୟିତ୍ୱ ଯେ ରାଜାଙ୍କଠାରେ ସଂପୂର୍ଣ୍ଣ ଭାବରେ ନ୍ୟସ୍ତ, ତାହା ଏକ ସ୍ୱତଃସିଦ୍ଧ ନୀତି ରୂପେ ଯେପରି ଗୃହୀତ ହୋଇଥିଲା; ଠିକ୍ ସେହିପରି ଆଇନର ସଂଶୋଧନ କରିବା ତଥା ଶାସନ କାର୍ଯ୍ୟ ପରିଚାଳନା ନିମନ୍ତେ ରାଜାଙ୍କୁ ଆବଶ୍ୟକ ପରିମାଣରେ ସମ୍ବଳ ଯୋଗାଇବାର ଦାୟିତ୍ୱ ସଂସଦଠାରେ ସଂପୂର୍ଣ୍ଣ ଭାବରେ ଅର୍ପଣ କରାଯାଇଥିଲା । ସଂସଦ ସରକାରଙ୍କ ନୀତି ତଥା କାର୍ଯ୍ୟାବଳୀକୁ ସମାଲୋଚନା କରିପାରୁଥିଲା ଏବଂ ଅତି ଜରୁରୀ ମନେ ହେଲେ ''ମହାଭିଯୋଗ ପଦ୍ଧତି'' ଦ୍ୱାରା ମନ୍ତ୍ରୀମାନଙ୍କୁ ସେମାନଙ୍କର କାର୍ଯ୍ୟ ପାଇଁ ଉତ୍ତରଦାୟୀ ରଖିପାରୁଥିଲା । ତେବେ ହାନୋଭର ରାଜବଂଶ ଇଂଲଣ୍ଡ ସିଂହାସନରେ ଅଧିଷ୍ଠିତ ହେବା ବେଳକୁ ମଧ୍ୟ ସଂସଦ କ୍ଷେତ୍ରରେ ରାଜାଙ୍କ କାର୍ଯ୍ୟରେ ହସ୍ତକ୍ଷେପ କରିବା ନିମନ୍ତେ ସକ୍ଷମ ହୋଇପାରି ନ ଥିଲା । ରାଣୀ ଆନେଙ୍କ ଶାସନ ସମୟରୁ ଆରମ୍ଭ କରି ହାନୋଭର ବଂଶୀୟ ରାଜାମାନଙ୍କ ଶାସନ ସମୟରେ ମଧ୍ୟ ସଂସଦର ସଂଖ୍ୟାଗରିଷ୍ଠ ଦଳରୁ ମନ୍ତ୍ରୀମାନଙ୍କୁ ନିଯୁକ୍ତ କରିବା ଏବଂ ସେମାନଙ୍କ ପରାମର୍ଶରେ ନୀତି ନିର୍ଦ୍ଧାରଣ କରିବା ତଥା ଶାସନ କାର୍ଯ୍ୟ ପରିଚାଳନା କରିବା ନିମନ୍ତେ ରାଜା ବାଧ୍ୟ ନ ଥିଲେ । ତେଣୁ ରାଜା ସାମ୍ବିଧାନିକ ଦୃଷ୍ଟିକୋଣରୁ ନିଜ ଇଚ୍ଛାରେ ମନ୍ତ୍ରୀମାନଙ୍କୁ ନିଯୁକ୍ତ କରିବା ନିମନ୍ତେ ସମର୍ଥ ଥିଲେ । କିନ୍ତୁ ରାଜାଙ୍କର ନୀତି ସବୁ ସଂସଦ ଦ୍ୱାରା ଗୃହୀତ ହେବା ଏକାନ୍ତ ଭାବରେ ଆବଶ୍ୟକ ଥିବାରୁ, ସଂସଦକୁ ପ୍ରଭାବିତ କରିପାରିବା ନିମନ୍ତେ ବିଶେଷ ଦକ୍ଷତା ଥିବା ବ୍ୟକ୍ତିବିଶେଷଙ୍କୁ ରାଜା ମନ୍ତ୍ରୀ ଭାବରେ ନିଯୁକ୍ତ କରିପାରୁଥିଲେ । ସଂସଦକୁ ପ୍ରଭାବିତ କରିବା ନିମନ୍ତେ ନିଯୁକ୍ତ ହୋଇଥିବା ମନ୍ତ୍ରୀମାନେ ଯଦି ଏହି କାର୍ଯ୍ୟ କରିବାକୁ ଅସମର୍ଥ ହୁଅନ୍ତି; ତାହାଲେ ରାଜା ସେମାନଙ୍କୁ ପଦଚ୍ୟୁତ କରି ସେମାନଙ୍କ ସ୍ଥାନରେ ଅନ୍ୟ ମନ୍ତ୍ରୀ ନିଯୁକ୍ତ କରିପାରୁଥିଲେ । ତେଣୁ ଏହି ପ୍ରକାର ଆବଶ୍ୟକତା ଦୃଷ୍ଟିରୁ ରାଜାଙ୍କର କେବଳ ମନ୍ତ୍ରୀମାନଙ୍କୁ ନିଯୁକ୍ତି ଦେବା ବିଷୟରେ କ୍ଷମତା ସୀମିତ ଥିଲା । ତେବେ ସ୍ୱେଚ୍ଛାରେ ମନ୍ତ୍ରୀମାନଙ୍କୁ ନିଯୁକ୍ତି ଦେବା କ୍ଷେତ୍ରରେ ରାଜାଙ୍କର କୌଣସି ସାମ୍ବିଧାନିକ ପ୍ରତିବନ୍ଧକ ନ ଥିଲା । ହୁଇଗ୍‌ମାନେ ହାନୋଭର ରାଜବଂଶର ସମର୍ଥକ ଥିବାରୁ ପ୍ରଥମ ଏବଂ ଦ୍ୱିତୀୟ ଜର୍ଜ କେବଳ ହୁଇଗ୍‌ମାନଙ୍କୁ ମନ୍ତ୍ରୀ ଭାବରେ ନିଯୁକ୍ତ କରିଥିଲେ । ରାଜା ଜର୍ଜ ତୃତୀୟ ସିଂହାସନ ଆରୋହଣ କରିବା ସମୟକୁ ଯେଉଁ ମନ୍ତ୍ରୀମଣ୍ଡଳ କ୍ଷମତାରେ ଥିଲା, ତାହା ତାଙ୍କର ପସନ୍ଦଯୋଗ୍ୟ ନ ଥିବାରୁ, ସେ ତାହାକୁ ବରଖାସ୍ତ କରିଦେଇଥିଲେ । ଜର୍ଜ ତୃତୀୟ ଯେଉଁଭଳି ଭାବରେ ବାରମ୍ବାର ମନ୍ତ୍ରୀମଣ୍ଡଳ ଗଠନ କରିବା ତଥା ଭାଙ୍ଗିବା କାର୍ଯ୍ୟରେ ମନୋନିବେଶ କରିଥିଲେ, ସେଥିରେ କୌଣସି ସାମ୍ବିଧାନିକ ନୀତିର ବ୍ୟତିକ୍ରମ ହୋଇ ନ ଥିଲା ।

ହାନୋଭର ବଂଶୀୟ ରାଜାମାନେ ସିଂହାସନ ଆରୋହଣ କରିବା ସମୟକୁ ପ୍ରିଭି କାଉନସିଲ କେବଳ ମାତ୍ର ତାର ସ୍ଥିତି ବଜାୟ ରଖିବାକୁ ସକ୍ଷମ ହୋଇଥିଲା । ପ୍ରିଭି କାଉନସିଲର ସଦସ୍ୟ ସଂଖ୍ୟା କ୍ରମଶଃ ବୃଦ୍ଧି ପାଇବା ହେତୁ ଏହା ସାହାଯ୍ୟରେ ଶାସନ କାର୍ଯ୍ୟ ପରିଚାଳନା କରିବା ଆଉ ସମ୍ଭବ ହେଲା ନାହିଁ ଏବଂ ଏହି କାରଣରୁ ଶାସନ ପରିଚାଳନା

କ୍ଷେତ୍ରରେ ଏହାର ପ୍ରାଧାନ୍ୟ ଲୋପ ପାଇବାରେ ଲାଗିଥିଲା। ଯଦିଓ ରାଣୀ ଆନେଙ୍କ ମୃତ୍ୟୁ ସମୟକୁ ଏହା ସକ୍ରିୟ ହୋଇ ହାନୋଭର ବଂଶୀୟ ରାଜାମାନଙ୍କୁ ଇଂଲଣ୍ଡ ସିଂହାସନରେ ଅଧିଷ୍ଠିତ କରିବା ନିମନ୍ତେ ବଳିଷ୍ଠ ପଦକ୍ଷେପ ଗ୍ରହଣ କରିଥିଲା; କିନ୍ତୁ ଠିକ୍ ଏହା ପରେ ପରେ କାର୍ଯ୍ୟରହିତ ହୋଇପଡ଼ିଲା। ଚାର୍ଲସ ଦ୍ୱିତୀୟଙ୍କ ଶାସନ ସମୟରେ ଗଠିତ ହୋଇଥିବା ମନ୍ତ୍ରୀମଣ୍ଡଳ ବିଧିସମ୍ମତ ସଂସ୍ଥା ଭାବରେ ଗୃହୀତ ନ ହୋଇଥିଲେ ମଧ୍ୟ ରାଜା ଏହା ସାହାଯ୍ୟରେ ଶାସନ କାର୍ଯ୍ୟ ପରିଚାଳନା କରୁଥିଲେ। "ଆକ୍ଟ ଅଫ୍ ସେଟଲମେଣ୍ଟ"ରେ ମନ୍ତ୍ରୀମଣ୍ଡଳୀୟ ଶାସନ ପଦ୍ଧତିର ବିକାଶ ଦିଗରେ ଅନ୍ତରାୟ ସୃଷ୍ଟି କରିବା ନିମନ୍ତେ ଯେଉଁସବୁ ବ୍ୟବସ୍ଥା କରାଯାଇଥିଲା, ସେଗୁଡ଼ିକ କାର୍ଯ୍ୟକାରୀ ହୋଇପାରିଲା ନାହିଁ। ଏହାଫଳରେ ମନ୍ତ୍ରୀମଣ୍ଡଳର ବିକାଶ ଘଟିଥିଲା ଏବଂ ଶାସନ ପରିଚାଳନା କ୍ଷେତ୍ରରେ ପ୍ରିଭି କାଉନସିଲର ପ୍ରାଧାନ୍ୟ ହ୍ରାସ ପାଇଲା। ହାନୋଭର ବଂଶୀୟ ରାଜାମାନେ କ୍ଷମତାକୁ ଆସିବା ପରେ ମନ୍ତ୍ରୀମଣ୍ଡଳର ବିକାଶ ନିମନ୍ତେ ଅନୁକୂଳ ବାତାବରଣ ସୃଷ୍ଟି ହେଲା। ଜର୍ଜ ପ୍ରଥମ ଇଂରାଜୀ ଭାଷାରେ ସଂପୂର୍ଣ୍ଣ ଅଜ୍ଞ ଥିବାରୁ ଏବଂ ଇଂଲଣ୍ଡର ସମସ୍ତ ବିଷୟ ପ୍ରତି ଅନାସକ୍ତ ରହୁଥିବାରୁ ୧୭୧୭ ଖ୍ରୀ:ଅ: ପରେ ଆଉ ମନ୍ତ୍ରୀମଣ୍ଡଳର ବୈଠକରେ ଯୋଗ ଦେଲେ ନାହିଁ। ତେଣୁ ନୀତି ନିର୍ଦ୍ଧାରଣ କ୍ଷେତ୍ରରେ ଅଂଶଗ୍ରହଣ କରିବାର ସୁଯୋଗ ତାଙ୍କର ଆଉ ରହିଲା ନାହିଁ। ପିତାଙ୍କ ପଦାଙ୍କ ଅନୁସରଣ କରି ଜର୍ଜ ଦ୍ୱିତୀୟ ମଧ୍ୟ ମନ୍ତ୍ରୀମଣ୍ଡଳର ବୈଠକରେ ଯୋଗ ଦେଲେ ନାହିଁ। ଜର୍ଜ ପ୍ରଥମ ତାଙ୍କ ଶାସନ ସମୟରେ ହାନୋଭରଠାରେ ଅବସ୍ଥାନ କରୁଥିବା ସମୟରେ ଜର୍ଜ ଦ୍ୱିତୀୟ ରାଜପ୍ରତିନିଧି (Regent) ଭାବରେ ଯେତେବେଳେ ଶାସନ କାର୍ଯ୍ୟ ପରିଚାଳନା କରୁଥିଲେ; ସେହି ସମୟରେ ମଧ୍ୟ ମନ୍ତ୍ରୀମଣ୍ଡଳୀୟ ବୈଠକରେ ଯୋଗ ଦେଉନଥିଲେ ଏବଂ ଶାସନଭାର ଗ୍ରହଣ କରିବା ପରେ ମଧ୍ୟ ଏହି ବୈଠକରେ ଯୋଗ ଦେଲେ ନାହିଁ। ଜର୍ଜ ଦ୍ୱିତୀୟ ପିତାଙ୍କ ପରି ଇଂରାଜୀ ଭାଷାରେ ଅଜ୍ଞ ନ ଥିଲେ ମଧ୍ୟ ମନ୍ତ୍ରୀମଣ୍ଡଳୀୟ ବୈଠକରେ ଯୋଗ ଦେଲେ ନାହିଁ। ଫଳସ୍ୱରୂପ ରାଜା ମନ୍ତ୍ରୀମଣ୍ଡଳ ବୈଠକରେ ଅନୁପସ୍ଥିତ ରହିବାର ପ୍ରଥା ପ୍ରଚଳିତ ହେଲା। ଏହିପରି ଭାବରେ ଅଷ୍ଟାଦଶ ଶତାବ୍ଦୀର ମଧ୍ୟଭାଗ ବେଳକୁ ସଂସଦର ଯେଉଁ ଅଧିବେଶନରେ ରାଜାଙ୍କର ଅଭିଭାଷଣ (Speech from the throne) ଆଲୋଚନା ହେବାକୁ ଥାଏ, ସେହି ଅଧିବେଶନର ଅବ୍ୟବହିତ ପୂର୍ବରୁ ବସିଥିବା ମନ୍ତ୍ରୀମଣ୍ଡଳ ବୈଠକ ବ୍ୟତୀତ ମନ୍ତ୍ରୀମଣ୍ଡଳର ଅନ୍ୟ କୌଣସି ବୈଠକରେ ରାଜା ଯୋଗ ନ ଦେବା ଏକ ପରମ୍ପରାରେ ପରିଣତ ହେଲା।

ରାଜା ମନ୍ତ୍ରୀମଣ୍ଡଳୀୟ ବୈଠକରେ କ୍ରମାଗତ ଭାବରେ ଅନୁପସ୍ଥିତ ରହିବାରୁ ମନ୍ତ୍ରୀମଣ୍ଡଳ ଶାସନ ପୂର୍ଣ୍ଣ ବିକଶିତ ହୋଇପାରିଲା ନାହିଁ। ରାଜା ମନ୍ତ୍ରୀମାନଙ୍କୁ ନିଯୁକ୍ତ କରୁଥିବାରୁ, ସେମାନେ ପୂର୍ବପରି ରାଜାଙ୍କ ପ୍ରତି ଆନୁଗତ୍ୟ ପ୍ରକାଶ କରୁଥିଲେ। ପ୍ରତ୍ୟେକ ମନ୍ତ୍ରୀ ନିଜର କାର୍ଯ୍ୟ ନିମନ୍ତେ ରାଜାଙ୍କ ନିକଟରେ ଉତ୍ତରଦାୟୀ ବୋଲି ଭାବୁଥିଲେ। ମନ୍ତ୍ରୀମାନଙ୍କ ମଧ୍ୟରେ ଏକତାର ଅଭାବ ଥିଲା। ସେମାନେ ସାମୂହିକ ଭାବରେ କାର୍ଯ୍ୟ କରୁଥିଲେ ମଧ୍ୟ ମନ୍ତ୍ରୀମଣ୍ଡଳରେ ଗୃହୀତ ହେଉଥିବା ପ୍ରତ୍ୟେକ ନିଷ୍ପତ୍ତିକୁ ସମସ୍ତ ସଭ୍ୟ ସମର୍ଥନ କରିବାକୁ ବାଧ୍ୟ ନ ଥିଲେ। ମନ୍ତ୍ରୀମଣ୍ଡଳରେ ଗୃହୀତ ହେଉଥିବା ନିଷ୍ପତ୍ତି ପାଇଁ ମନ୍ତ୍ରୀମଣ୍ଡଳର ସମସ୍ତ ସଭ୍ୟ ମିଳିତ ଭାବରେ ଦାୟୀ ବୋଲି ଭାବୁ ନ ଥିଲେ। ମନ୍ତ୍ରୀମଣ୍ଡଳରେ ଶାସନର ମୁଖ୍ୟ ବିଭାଗଗୁଡ଼ିକ ଦାୟିତ୍ୱରେ ଥିବା କର୍ମଚାରୀମାନଙ୍କ ବ୍ୟତୀତ ରାଜାଙ୍କର ଘରୋଇ କାର୍ଯ୍ୟ ପରିଚାଳନା କରୁଥିବା ମୁଖ୍ୟ କର୍ମଚାରୀଗଣ ଯଥା—ଲର୍ଡ ଚିଫ ଜଷ୍ଟିସ (Lord Chief Justice) ଏବଂ ଆର୍ଚ୍ଚ ବିଶପ ଅଫ୍ କାଣ୍ଟରବରୀ (Arch Bishop of Canterbury) ମଧ୍ୟ ସଦସ୍ୟ ରୂପେ ଅନ୍ତର୍ଭୁକ୍ତ ହୋଇଥିଲେ। ସଂସଦର କୌଣସି ସଦସ୍ୟ ଏହାର ନେତା ଭାବେ ସ୍ୱୀକୃତ ହୋଇନଥିଲେ କିମ୍ବା କୌଣସି ମନ୍ତ୍ରୀଙ୍କର ପ୍ରାଧାନ୍ୟ ମଧ୍ୟ ନ ଥିଲା। ତଥାପି ୧୭୧୪ ଖ୍ରୀ:ଅ:ଠାରୁ ପ୍ରତ୍ୟେକ ମନ୍ତ୍ରୀମଣ୍ଡଳର ଜଣେ କିମ୍ବା ଦୁଇଜଣ ପ୍ରତିପତ୍ତିଶାଳୀ ସଦସ୍ୟ ମନ୍ତ୍ରୀମଣ୍ଡଳର କାର୍ଯ୍ୟ ନିୟନ୍ତ୍ରଣ କରିବା ନିମନ୍ତେ କେତେକାଂଶରେ ସକ୍ଷମ ହୋଇଥିଲେ। ୧୭୧୪ ଖ୍ରୀ:ଅ:ରେ ଗଠିତ ହୋଇଥିବା ମନ୍ତ୍ରୀମଣ୍ଡଳ ଲର୍ଡ ହାଲିଫାକ୍ସ (Lord Halifax) ଓ ଲର୍ଡ ଟାଉନସେଣ୍ଡ (Lord Townshend), ୧୭୧୭ ଖ୍ରୀ:ଅ:ର ମନ୍ତ୍ରୀମଣ୍ଡଳ ଲର୍ଡ ଷ୍ଟାନହୋପ (Lord Stanhope) ଓ ଲର୍ଡ ସଣ୍ଡରଲାଣ୍ଡ (Lord Sanderland) ଏବଂ ୧୭୨୧ ଖ୍ରୀ:ଅ:ର ମନ୍ତ୍ରୀମଣ୍ଡଳ ଲର୍ଡ ଟାଉନସେଣ୍ଡ ଏବଂ ସାର୍ ରବର୍ଟ ୱାଲ୍‌ପୋଲ (Sir Robert Walpole)ଙ୍କ ନାମରେ ନାମିତ ହୋଇଥିଲା।

ରାଜା ମନ୍ତ୍ରୀମଣ୍ଡଳ ବୈଠକରେ ଅନୁପସ୍ଥିତ ରହିବା ହେତୁ ସେ ଶାସନ ନୀତି ନିର୍ଦ୍ଧାରଣ କରିବା କାର୍ଯ୍ୟରେ ଅଂଶଗ୍ରହଣ କରିପାରିଲେ ନାହିଁ। ଏହାଦ୍ୱାରା ମନ୍ତ୍ରୀମଣ୍ଡଳ ଶାସନ ନୀତି ସ୍ୱାଧୀନ ଭାବରେ ନିର୍ଦ୍ଧାରଣ କରିବା ନିମନ୍ତେ ସକ୍ଷମ ହେଲା ଏବଂ କ୍ରମଶଃ ଦେଶର ଶାସନ ମନ୍ତ୍ରୀମଣ୍ଡଳର ସଂପୂର୍ଣ୍ଣ ନିୟନ୍ତ୍ରଣାଧିନ ହେଲା। ସଂସଦର ବିନା ଅନୁମୋଦନରେ ଶାସନ ନୀତି କାର୍ଯ୍ୟକାରୀ କରିବା ଏକାନ୍ତ ଭାବରେ ଅସମ୍ଭବ ଥିବାରୁ ସମୟକ୍ରମେ ମନ୍ତ୍ରୀମଣ୍ଡଳ କମନସ୍ ସଭା ଉପରେ ଅଧିକ ନିର୍ଭରଶୀଳ ହୋଇପଡ଼ିଲା, ଯାହାଦ୍ୱାରା କମନସ୍ ସଭା ସମସ୍ତ କ୍ଷମତାର ଆଧାର ହୋଇପାରିଥିଲା ଏବଂ ମନ୍ତ୍ରୀମଣ୍ଡଳ ସଂସଦର କର୍ତ୍ତୃତ୍ୱାଧିନ ହେଲା। ୧୬୬୦ ଖ୍ରୀ:ଅ:ର ଆପୋଷ ବୁଝାମଣା ଦ୍ୱାରା ସଂସଦର ଯେଉଁ ସାର୍ବଭୌମତ୍ୱ ପ୍ରତିଷ୍ଠା ହୋଇଥିଲା, ତାହାକୁ ବର୍ତ୍ତମାନ ସଂସଦ ମନ୍ତ୍ରୀମଣ୍ଡଳ ମାଧ୍ୟମରେ ଶାସନ କ୍ଷେତ୍ରରେ ପ୍ରୟୋଗ କରିବା ନିମନ୍ତେ ସକ୍ଷମ ହେଲା। ଜନସାଧାରଣଙ୍କର ସାର୍ବଭୌମତ୍ୱ ଉପରେ ସଂସଦର ସାର୍ବଭୌମତ୍ୱ ପ୍ରତିଷ୍ଠିତ ହୋଇଥିବାରୁ ଏବଂ ଜନମତର ସ୍ପଷ୍ଟ ପ୍ରତିଫଳନ କମନସ୍ ସଭାରେ ପରିଲକ୍ଷିତ ହେଉଥିବାରୁ ଲର୍ଡସ ସଭା ଅପେକ୍ଷା କମନସ୍ ସଭା ଅଧିକ କ୍ଷମତାଶାଳୀ ହୋଇପାରିଲା। ସମୟକ୍ରମେ ସମସ୍ତ ବିଷୟରେ ଅନ୍ତିମ ନିଷ୍ପତ୍ତି ନେବାର କ୍ଷମତା କମନସ୍ ସଭାଠାରେ ନ୍ୟସ୍ତ ହେଲା।

ମନ୍ତ୍ରୀମଣ୍ଡଳଠାରେ ପ୍ରକୃତ କାର୍ଯ୍ୟପାଳିକା କ୍ଷମତା ଏବଂ ସଂସଦଠାରେ ସାର୍ବଭୌମ କ୍ଷମତା ନ୍ୟସ୍ତ ହେବା ସହିତ ଏକ ସୁସଂଗଠିତ ରାଜନୈତିକ ଦଳ ମାଧ୍ୟମରେ ଉଭୟ ମନ୍ତ୍ରୀମଣ୍ଡଳ ଏବଂ ସଂସଦ ମଧ୍ୟରେ ସହଯୋଗ ପ୍ରତିଷ୍ଠା କରିବା ଏକାନ୍ତ ଅପରିହାର୍ଯ୍ୟ ହୋଇପଡ଼ିଥିଲା। ଯାହାଫଳରେ ଗଣତନ୍ତ୍ର ଶାସନର ଏକ ମୁଖ୍ୟ ଅଙ୍ଗ "ଦଳୀୟ ଶାସନ"ର ଅଭ୍ୟୁଦୟ ଘଟିଲା। ମନ୍ତ୍ରୀମଣ୍ଡଳ ପ୍ରକୃତ କାର୍ଯ୍ୟପାଳିକାର ଦାୟିତ୍ୱ ନେଇ ଯେଉଁ ନୀତି ନିର୍ଦ୍ଧାରଣ କଲେ, ସେଥିରେ ମନ୍ତ୍ରୀମଣ୍ଡଳର ସମସ୍ତ ସଦସ୍ୟ ସହମତି ଦେବା ଏବଂ ସେଥିନିମନ୍ତେ ସଂସଦର ଅର୍ଦ୍ଧାଧିକ ସଦସ୍ୟଙ୍କର ସମର୍ଥନ ରହିବାର ଆବଶ୍ୟକତା ଅନୁଭୂତ ହୋଇଥିଲା।

ହୁଇଗ୍ ଗୋଷ୍ଠୀତନ୍ତ୍ର ପ୍ରତିଷ୍ଠା (Establishment of Whig Party) :

ରାଣୀ ଆନେଙ୍କ ଆକସ୍ମିକ ମୃତ୍ୟୁ ସମୟକୁ ଇଂଲଣ୍ଡରେ ଟୋରୀ ଦଳ ଶାସନ କ୍ଷମତାରେ ଥିଲା। ହୁଇଗ୍ ନେତାମାନଙ୍କର ବଳିଷ୍ଠ ଉଦ୍ୟମ ହେତୁ ଇଂଲଣ୍ଡରେ ହାନୋଭର ବଂଶ କ୍ଷମତାକୁ ଆସିଥିଲେ। ଟେରୀମାନେ ଷ୍ଟୁଆର୍ଟ ରାଜବଂଶକୁ ସମର୍ଥନ କରୁଥିବାରୁ ହାନୋଭର ବଂଶର ଶାସକ ଜର୍ଜ ପ୍ରଥମଙ୍କର ବିଶ୍ୱାସଭାଜନ ହୋଇପାରିଲେ ନାହିଁ। ତେଣୁ ଟୋରୀମାନେ କ୍ଷମତାଚ୍ୟୁତ ହୋଇଥିଲେ ଏବଂ ସେମାନଙ୍କ ପ୍ରତିବଦଳରେ ହୁଇଗ୍‌ମାନେ ଶାସନ କ୍ଷମତା ହାସଲ କଲେ। ଏତଦ୍‌ବ୍ୟତୀତ ଟୋରୀମାନେ ଲୋକପ୍ରିୟତା ମଧ୍ୟ ହରାଇବସିଥିଲେ। ଏହି ଦଳର ଅନେକ ପ୍ରଭାବଶାଳୀ ନେତା ଦଣ୍ଡିତ ହେବା ଆଶଙ୍କାରେ ରାଜ୍ୟ ପରିତ୍ୟାଗ କରି ପଳାୟନ କରିବା ଦ୍ୱାରା, ଇଂଲଣ୍ଡରୁ ଏହି ଦଳର ପ୍ରଭାବ ହ୍ରାସ ହେବାକୁ ଲାଗିଲା। ଅନେକ ଦିନ ପର୍ଯ୍ୟନ୍ତ ହୁଇଗ୍ ସରକାରଙ୍କର ଶକ୍ତିଶାଳୀ ବିରୋଧୀ ଭାବରେ ଅବତୀର୍ଣ୍ଣ ହେବା ନିମନ୍ତେ ଟୋରୀମାନେ ସକ୍ଷମ ହୋଇ ନ ଥିଲେ। ସମୟକ୍ରମେ ଅସନ୍ତୁଷ୍ଟ ହୁଇଗମାନେ ବହୁ ସଂଖ୍ୟାରେ ଟୋରୀ ଦଳରେ ଯୋଗଦେବା ଫଳରେ ଏକ ସୁସଂଗଠିତ ଦଳ ଭାବରେ ଏହାର ପୁନରୁତ୍‌ଥାନ ହୋଇଥିଲା।

ହୁଇଗ୍‌ମାନେ ପ୍ରାୟ ୫୦ ବର୍ଷ ଶାସନ କ୍ଷମତାରେ ରହିପାରିଥିଲେ। ସେହି ସମୟରେ ହୁଇଗମାନଙ୍କ ନିମନ୍ତେ ଇଂଲଣ୍ଡର ରାଜନୈତିକ ପରିସ୍ଥିତି ଅତ୍ୟନ୍ତ ଅନୁକୂଳ ଥିଲା। ଇଂଲଣ୍ଡ ୧୭୧୪ ଖ୍ରୀ:ଅ:ରୁ ୧୭୩୯ ଖ୍ରୀ:ଅ: ପର୍ଯ୍ୟନ୍ତ କୌଣସି ବୈଦେଶିକ ଆକ୍ରମଣର ସମ୍ମୁଖୀନ ହୋଇ ନ ଥିଲା। ଦୀର୍ଘ ଏକ ଶତାବ୍ଦୀ ଧରି ଚାଲିଥିବା ସାମ୍ବିଧାନିକ ସଂଘର୍ଷ ଫଳରେ ଇଂଲଣ୍ଡରେ ଯେଉଁ ଦାରୁଣ ପରିସ୍ଥିତି ସୃଷ୍ଟି ହୋଇଥିଲା ଏହି ସମୟକୁ ତାହାର ଅବସାନ ଘଟି ଏକ ଶାନ୍ତ ରାଜନୈତିକ ପରିବେଶ ସୃଷ୍ଟି ହୋଇପାରିଥିଲା। ଟୋରୀ ଦଳରେ ବିପର୍ଯ୍ୟୟ ଘଟିଥିବାରୁ ଦଳୀୟ ତିକ୍ତତାର ମଧ୍ୟ ଅନ୍ତ ଘଟିଥିଲା। ରାଜନୈତିକ ଦୂରଦୃଷ୍ଟି ସହ ଶାସନ କରି ହୁଇଗମାନେ ଜନସାଧାରଣଙ୍କର ବିଶ୍ୱାସ ହାସଲ କରିପାରିଥିଲେ। ଇଂଲଣ୍ଡର ବିରୁଦ୍ଧ ଧର୍ମ ମତାବଲମ୍ବୀମାନେ ହୁଇଗ୍‌ମାନଙ୍କର ଦୃଢ଼ ସମର୍ଥକ ଥିଲେ। ଉଦାରପନ୍ଥୀ ଆଙ୍ଗ୍ଲିକାନମାନେ ବିରୁଦ୍ଧ ଧର୍ମ

ମତାବଲମ୍ବୀମାନଙ୍କୁ ସମର୍ଥନ କରୁଥିବାରୁ ହୁଇଗ୍‌ମାନେ ରାଜନୈତିକ କ୍ଷେତ୍ରରେ ଥିବା ସେମାନଙ୍କର ସମସ୍ତ ଅଯୋଗ୍ୟତାକୁ
ଦୂର କରିବା ନିମନ୍ତେ ଉଦ୍ୟମ କରିଥିଲେ। ଏହି ଉଦ୍ଦେଶ୍ୟରେ ଷ୍ଟାନହୋପ୍ ୧୭୧୮ ଖ୍ରୀ:ଅ:ରେ ବୋଲିଙ୍ଗ୍‌ବ୍ରୋକ୍
(Bolingbroke)ଙ୍କ ଦ୍ୱାରା ୧୭୧୧ ଖ୍ରୀ:ଅ:ରେ ପ୍ରବର୍ତ୍ତିତ ହୋଇଥିବା ''ସାମୟିକ ସରକାରୀ ଖ୍ରୀଷ୍ଟିୟ ମଣ୍ଡଳୀର ମତ
ଗ୍ରହଣ ଆଇନ'' (Occasional Conformity Act) ଏବଂ ୧୭୧୪ ଖ୍ରୀ:ଅ:ରେ ପ୍ରବର୍ତ୍ତିତ ହୋଇଥିବା ''ସିଜମ୍ ଆଇନ''
(Schism Act)କୁ ୧୭୧୮ ଖୀ:ଅ:ରେ ରଦ୍ଦ କରିଦେଲେ। ଏତଦ୍‌ବ୍ୟତୀତ ''ଟେଷ୍ଟ ଆଇନ'' ଏବଂ ''କରପୋରେସନ
ଆଇନ୍'' ଦ୍ୱୟକୁ ରଦ୍ଦ କରିବା ନିମନ୍ତେ ଉଦ୍ୟମ କରାଯାଇଥିଲା। କିନ୍ତୁ ଏହି ପ୍ରସ୍ତାବ ସଂସଦରେ ଗୃହୀତ ହୋଇପାରିଲା
ନାହିଁ। ତେବେ ୧୭୨୭ ଖ୍ରୀ:ଅ:ଠାରୁ ''ଇଣ୍ଡେମନିଟି ଆଇନ'' (Indemnity Act) ପ୍ରଣୟନ କରାଯାଇ ବିଭିନ୍ନ ପଦବୀଧାରୀ
ବିରୁଦ୍ଧ ଧର୍ମ ମତାବଲମ୍ବୀମାନଙ୍କୁ ସେମାନଙ୍କର ସେହି ପଦବୀ ନିମନ୍ତେ ଥିବା ଧର୍ମଗତ ଅଯୋଗ୍ୟତାରୁ ପ୍ରତ୍ୟେକ ବର୍ଷ
ଅବ୍ୟାହତି ଦେବାପାଇଁ ଯୋଜନା କରାଯାଇଥିଲା। ଆଙ୍ଗ୍ଲିକାନମାନଙ୍କୁ ଅସନ୍ତୁଷ୍ଟ ନ କରିବା ନିମନ୍ତେ ହୁଇଗ୍‌ମାନେ ''ଟେଷ୍ଟ
ଆଇନ'' ଏବଂ ''କରପୋରେସନ ଆଇନ'' ଦ୍ୱୟକୁ ରଦ୍ଦ କରିଲେ ନାହିଁ, ଯାହାଫଳରେ ସେମାନେ ଉଭୟ ଆଙ୍ଗ୍ଲିକାନ
ଏବଂ ବିରୁଦ୍ଧ ମତାବଲମ୍ବୀମାନଙ୍କର ସମର୍ଥନ ପାଇପାରିଥିଲେ।

ଅର୍ଥନୈତିକ କ୍ଷେତ୍ରରେ ଇଂଲଣ୍ଡକୁ ସମୃଦ୍ଧିଶାଳୀ କରିବାରେ ହୁଇଗ୍‌ମାନଙ୍କର ଯଥେଷ୍ଟ ଅବଦାନ ଥିଲା। ହୁଇଗ୍‌ମାନେ
୧୬୯୨ ଖ୍ରୀ:ଅ:ରେ ଧାର୍ଯ୍ୟ କରାଯାଇଥିବା ଭୂସମ୍ପତ୍ତି କରକୁ ୧୭୩୧ ଖ୍ରୀ:ଅ:ରେ ୪ ଶିଲିଂରୁ ୧ ଶିଲିଂକୁ ହ୍ରାସ
କରିଦେଇଥିଲେ। ବାଣିଜ୍ୟ ବ୍ୟବସାୟର ପ୍ରସାର ନିମନ୍ତେ ମଧ୍ୟ ଉଦ୍ୟମ ହୋଇଥିଲା। ଇଂଲଣ୍ଡର ନୂତନ ଉପନିବେଶଗୁଡ଼ିକ
ଇଂଲଣ୍ଡକୁ ସମୃଦ୍ଧିଶାଳୀ କରାଇପାରିଥିଲେ। ନୂତନ ଅଧିକୃତ ଅଞ୍ଚଳଗୁଡ଼ିକରୁ ଇଂଲଣ୍ଡ ପ୍ରଚୁର ପରିମାଣରେ ଅର୍ଥ ଲାଭ
କରିପାରିଥିଲା। ସମୟକ୍ରମେ ଜାତୀୟ ଋଣର ଚାପ ହ୍ରାସ ପାଇଥିଲା।

ହୁଇଗ୍‌ମାନଙ୍କ ଦ୍ୱାରା ଆଗତ ହୋଇଥିବା କୌଣସି ପ୍ରସ୍ତାବ ବିରୁଦ୍ଧରେ ପ୍ରବଳ ଜନମତ ସୃଷ୍ଟି ହେଲେ, ସେମାନେ
ତାହାକୁ ତତକ୍ଷଣାତ୍ ପ୍ରତ୍ୟାହାର କରିନେବାକୁ ଉଚିତ ମନେ କରୁଥିଲେ। ୧୭୧୮ ଖ୍ରୀ:ଅ:ରେ ଟେଷ୍ଟ ଆଇନ ଏବଂ
କରପୋରେସନ ଆଇନ ଦ୍ୱୟକୁ ରଦ୍ଦ କରିବା ପ୍ରସ୍ତାବ, ୧୭୩୩ ଖ୍ରୀ:ଅ:ରେ ଅବକାରୀ ବିଧେୟକ ଏବଂ ୧୭୫୩
ଖ୍ରୀ:ଅ:ରେ ଜିଉମାନଙ୍କୁ ନାଗରିକ ଅଧିକାର ପ୍ରଦାନ ସଂକ୍ରାନ୍ତୀୟ ବିଧେୟକ ଇତ୍ୟାଦି ଏହାର ଜ୍ୱଳନ୍ତ ଉଦାହରଣ। ରାଜନୈତିକ
ସମାଲୋଚନା ତଥା ଜନମତ ପ୍ରତି ହୁଇଗମାନେ ଯଥେଷ୍ଟ ସଚେତନଶୀଳ ଥିଲେ। ୧୭୩୭ ଖ୍ରୀ:ଅ:ରେ ଏକ ଆଇନ
ପ୍ରଣୟନ କରାଯାଇ ରଙ୍ଗମଞ୍ଚରେ ଅଭିନୀତ ହେବାକୁ ଥିବା ପ୍ରତ୍ୟେକ ନାଟକ ନିମନ୍ତେ ଲର୍ଡ ଚାମ୍ବରଲେନ୍‌ଙ୍କ ଅନୁମତି
ନେବା ଆବଶ୍ୟକ ଅଟେ ବୋଲି ନିୟମ କରାଯାଇଥିଲା। ହୁଇଗ୍‌ମାନଙ୍କ ଶାସନ ସମୟରେ ଏହି ଆଇନକୁ ବାଦ୍ ଦେଲେ
ପ୍ରାୟ ଆଉ କୌଣସି ଦମନମୂଳକ ଆଇନ ପ୍ରଣୟନ କରାଯାଇ ନ ଥିଲା।

ଏତଦ୍‌ବ୍ୟତୀତ ହୁଇଗମାନେ ସଂସଦକୁ ସଂପୂର୍ଣ୍ଣ ରୂପେ ନିଜର ନିୟନ୍ତ୍ରଣରେ ରଖିବାକୁ ସକ୍ଷମ ହୋଇଥିଲେ।
ବିଶେଷକରି ନିର୍ବାଚନ ସଂକ୍ରାନ୍ତୀୟ ବ୍ୟବସ୍ଥାରେ ଥିବା ବିଭିନ୍ନ ଦୋଷତ୍ରୁଟିର ସୁଯୋଗ ନେଇ ତଥା ରାଜାଙ୍କର ଧର୍ମ ଓ ବୃତ୍ତି
ଇତ୍ୟାଦି ପ୍ରଦାନ କରିବାର ଅଧିକାରର ଦୁରୂପଯୋଗ କରି ହୁଇଗ୍‌ମାନେ ସଂସଦକୁ ନିୟନ୍ତ୍ରଣରେ ରଖିବା ନିମନ୍ତେ ସକ୍ଷମ
ହୋଇଥିଲେ। ୧୬୬୦ ଖ୍ରୀ:ଅ:ରେ ଯେଉଁ ନିର୍ବାଚନ ବ୍ୟବସ୍ଥା ପ୍ରଚଳିତ ଥିଲା, ଅଷ୍ଟାଦଶ ଶତାବ୍ଦୀରେ ତାହାର କୌଣସି
ପରିବର୍ତ୍ତନ ହୋଇ ନ ଥିଲା। ୧୭୦୭ ଖ୍ରୀ:ଅ:ରେ କେବଳ ସ୍କଟ୍‌ଲ୍ୟାଣ୍ଡ୍ ସହିତ ସଂଘ ପ୍ରତିଷ୍ଠା କରିବା ଉଦ୍ଦେଶ୍ୟରେ
ଆଇନ ପ୍ରବର୍ତ୍ତିତ ହେବାଦ୍ୱାରା ସ୍କଟ୍‌ଲ୍ୟାଣ୍ଡ୍‌ର କେତେକ ପ୍ରତିନିଧି ସଂସଦରେ ସ୍ଥାନ ପାଇଥିଲେ ଏବଂ ଏହାଦ୍ୱାରା କମନସ୍
ସଭାର ସଦସ୍ୟ ସଂଖ୍ୟା ବୃଦ୍ଧି ପାଇଥିଲା। ଏହି ଆଇନରେ ସ୍କଟ୍‌ଲ୍ୟାଣ୍ଡ୍‌ର କାଉଣ୍ଟିଗୁଡ଼ିକରୁ ୩୦ ଜଣ, ଏଡିନବର୍ଗରୁ ଜଣେ
ଏବଂ ବରୋଗୁଡ଼ିକରୁ ୧୪ ଜଣ ସଭ୍ୟ କମନସ୍ ସଭାକୁ ନିର୍ବାଚିତ ହେବାର ବ୍ୟବସ୍ଥା ରହିଥିଲା। ୫୫୮ ଜଣ ସଦସ୍ୟ
ବିଶିଷ୍ଟ କମନସ୍ ସଭାକୁ ବରୋ ନିର୍ବାଚନ ମଣ୍ଡଳୀରୁ ୪୩୨ ଜଣ, କାଉଣ୍ଟି ନିର୍ବାଚନ ମଣ୍ଡଳୀରୁ ୧୨୨ ଜଣ ଏବଂ

ଇଂଲଣ୍ଡର ବିଶ୍ୱବିଦ୍ୟାଳୟଗୁଡ଼ିକରୁ ୪ ଜଣ ସଦସ୍ୟ ନିର୍ବାଚିତ ହେଉଥିଲେ। କମନସ୍ ସଭାକୁ କେତେଜଣ ସଭ୍ୟ କେଉଁ ନିର୍ବାଚନ ମଣ୍ଡଳୀରୁ ନିର୍ବାଚିତ ହେବେ, ତାହା ଯଥେଷ୍ଟ ପୂର୍ବରୁ ସ୍ଥିର ହୋଇଥିଲା।

ହୁଇଗ୍‌ମାନେ ନିରଙ୍କୁଶ କ୍ଷମତା ଉପଭୋଗ କରିବା ନିମନ୍ତେ ପ୍ରଚେଷ୍ଟା ଜାରି ରଖିଥିଲେ। ୧୭୧୪ ଖ୍ରୀ:ଅ: ପରଠାରୁ ଲର୍ଡସ୍ ସଭାରେ ହୁଇଗ୍‌ମାନଙ୍କର ସଂଖ୍ୟାଗରିଷ୍ଠତା ଥିଲା, କିନ୍ତୁ କମନ୍‌ସ ସଭାରେ ସେମାନଙ୍କର ସଂଖ୍ୟାଗରିଷ୍ଠତା ନ ଥିଲା। ଲର୍ଡସ୍ ସଭାରେ ସେମାନଙ୍କର ସଂଖ୍ୟାଗରିଷ୍ଠତାକୁ ବଜାୟ ରଖିବା ଉଦ୍ଦେଶ୍ୟରେ ହୁଇଗ୍‌ମାନେ ୧୭୧୯ ଖ୍ରୀ:ଅ:ରେ ଲର୍ଡ ସଣ୍ଡରଲ୍ୟାଣ୍ଡଙ୍କ ମାଧ୍ୟମରେ ''ପିଅରେଜ ବିଧେୟକ'' (Peerage Bill) ଆଗତ କରାଇଥିଲେ। ଏହି ''ପିଅରେଜ ବିଧେୟକ''ରେ ବ୍ୟବସ୍ଥା ଥିଲା ଯେ ରାଜା ୬ରୁ ଅଧିକ ପିଅର ପଦବୀ ସୃଷ୍ଟି କରିପାରିବେ ନାହିଁ। ଲର୍ଡ଼ସ ସଭାରେ ଏହି ବିଧେୟକ ଗୃହୀତ ହୋଇସାରିଥିଲା। ମାତ୍ର ସାର ରବର୍ଟ ୱାଲପୋଲଙ୍କ ପ୍ରରୋଚନାରେ କମନସ୍ ସଭା ଏହାକୁ ଅଗ୍ରାହ୍ୟ କରିଦେବାରୁ ଏହା ଆଇନରେ ପରିଣତ ହୋଇପାରିଲା ନାହିଁ। ରାଜାଙ୍କର ନୂତନ ପିଅର ପଦବୀ ସୃଷ୍ଟି କରିବା ନିମନ୍ତେ ପରମାଧିକାର କ୍ଷମତା ଥିଲା। ଲର୍ଡ଼ସ ସଭାରେ ହୁଇଗ୍‌ମାନେ ସଂଖ୍ୟାଗରିଷ୍ଠ ଥିବାରୁ ରାଣୀ ଆନେ ତାଙ୍କ ରାଜତ୍ୱର ଶେଷ ଆଡ଼କୁ ''ଇଉଟ୍ରେଚ ସନ୍ଧି'' ଲର୍ଡ଼ସ ସଭାରେ ଗୃହୀତ କରାଇନେବା ନିମନ୍ତେ ଟୋରୀ ମନ୍ତ୍ରୀମଣ୍ଡଳର ପ୍ରସ୍ତାବ ଅନୁଯାୟୀ କେତେକ ଟୋରୀ ପିଅର ମନୋନୀତ କରିଥିଲେ। ମାତ୍ର ଏହାପରେ ଏହି କ୍ଷମତାକୁ ରାଜାମାନେ ଯଥେଷ୍ଟ ସତର୍କତାର ସହ ପ୍ରୟୋଗ କରୁଥିଲେ।

୧୭୧୬ ଖ୍ରୀ:ଅ:ରେ ''ସପ୍ତବାର୍ଷିକ ଆଇନ'' (Siptennial Act) ପ୍ରଣୟନ କରାଯାଇ ୧୬୯୪ ଖ୍ରୀ:ଅ:ରେ ପ୍ରବର୍ତ୍ତିତ ହୋଇଥିବା ''ଟ୍ରିଏନିଆଲ ଆଇନ'' (Triennial Act)କୁ ରଦ୍ଦ କରିଦିଆଗଲା। ଏହି ''ସପ୍ତବାର୍ଷିକ ଆଇନ'' ଦ୍ୱାରା ସଂସଦର କାର୍ଯ୍ୟକାଳ ତିନିବର୍ଷରୁ ସାତବର୍ଷ ଅବଧି ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିଲା। ସଂସଦର କାର୍ଯ୍ୟକାଳ ବୃଦ୍ଧି କରିବା ହେତୁ ଟୋରୀ ଦଳ ଏବଂ ଜେମସ୍‌ଙ୍କର ସମର୍ଥକ ଜାକୋବାଇଟ (Jacobites)ମାନେ ଦୀର୍ଘ ସାତବର୍ଷ ଧରି କ୍ଷମତାକୁ ଆସିବାରୁ ବଞ୍ଚିତ ହୋଇଥିଲେ ଏବଂ ହୁଇଗ୍‌ମାନେ ଏହି ସମୟ ମଧ୍ୟରେ ନିଜର ସ୍ଥିତି ସୁଦୃଢ଼ କରିବା ନିମନ୍ତେ ସମୟ ଏବଂ ସୁଯୋଗ ପାଇଥିଲେ। ହୁଇଗ୍ ସଦସ୍ୟମାନଙ୍କୁ ବିଭିନ୍ନ ଗୌଣ ପଦବୀରେ ନିଯୁକ୍ତି ଦେଇ ସେମାନଙ୍କର ଆନୁଗତ୍ୟ ହାସଲ କରିବାକୁ ଉଦ୍ୟମ କରାଯାଇଥିଲା ସେମାନେ ''ଅବସ୍ଥାପିତ ବ୍ୟକ୍ତି'' (Place man) ନାମରେ ପରିଚିତ ଥିଲେ। ବିଭିନ୍ନ ସରକାରୀ କାର୍ଯ୍ୟାଳୟ ତଥା ଗୀର୍ଜାଗୁଡ଼ିକରେ ହୁଇଗ୍‌ମାନଙ୍କୁ ଅବସ୍ଥାପିତ କରି ସେମାନଙ୍କର ମାଧ୍ୟମରେ ଜନମତକୁ ପ୍ରଭାବିତ କରିବା ନିମନ୍ତେ ପ୍ରଚେଷ୍ଟା କରାଯାଉଥିଲା। ଏହାଛଡ଼ା କ୍ଷୟପ୍ରାପ୍ତ ଏବଂ ପକେଟ ବରୋ ବା ପକେଟ ନିର୍ବାଚନ ମଣ୍ଡଳୀକୁ (Pocket borough) ନିଜ କର୍ତ୍ତୃତ୍ୱକୁ ଆଣି କମନସ୍ ସଭାକୁ ନିୟନ୍ତ୍ରଣରେ ରଖିବା ନିମନ୍ତେ ଉଦ୍ୟମ କରାଯାଇଥିଲା। ମାତ୍ର ମୁକ୍ତ ନିର୍ବାଚନ ମଣ୍ଡଳୀଗୁଡ଼ିକୁ ପ୍ରଭାବିତ କରିବା ଆୟସସାଧ୍ୟ ଥିଲା। ତେଣୁ ସେଠାରେ ସଭା ସମିତି, ଆମୋଦ ପ୍ରମୋଦ ତଥା ବିନା ମୂଲ୍ୟରେ ଖାଦ୍ୟ ବଣ୍ଟନ ବ୍ୟବସ୍ଥା ଦ୍ୱାରା ମତଦାତାମାନଙ୍କୁ ପ୍ରଭାବିତ କରିବା ନିମନ୍ତେ ଚେଷ୍ଟା କରାଯାଉଥିଲା। ଭୂମ୍ୟାଧିକାରୀମାନଙ୍କ ଅଧିନରେ ରୁଗଣ ନିର୍ବାଚନ ମଣ୍ଡଳୀଗୁଡ଼ିକ ଥିଲା। ଯେକୌଣସି ଉପାୟରେ ସେମାନଙ୍କର ସମର୍ଥନ ହାସଲ କରିବା ନିମନ୍ତେ ଉଦ୍ୟମ କରାଯାଉଥିଲା। ଭୂମ୍ୟାଧିକାରୀମାନଙ୍କର ମନୋନୀତ ବ୍ୟକ୍ତି ମନୋନୀତ ବା ପକେଟ ନିର୍ବାଚନ ମଣ୍ଡଳୀର ସଭ୍ୟ ହେଉଥିଲେ। ହୁଇଗ୍‌ମାନେ ବିଶେଷକରି ଭୂମ୍ୟାଧିକାରୀମାନଙ୍କୁ ବିଭିନ୍ନ ଉପାୟରେ ସନ୍ତୁଷ୍ଟ କରି ନିଜର ପ୍ରାର୍ଥୀଙ୍କୁ ମନୋନୀତ କରାଉଥିଲେ। ଏତଦ୍‌ବ୍ୟତୀତ ହୁଇଗ୍‌ମାନେ ସଭ୍ୟମାନଙ୍କୁ ବିଭିନ୍ନ ପଦପଦବୀ, ଉତ୍କୋଚ ତଥା ସେମାନଙ୍କର ସନ୍ତାନ ସନ୍ତତି ଏବଂ ସମ୍ପର୍କୀୟମାନଙ୍କୁ ସରକାରୀ କାର୍ଯ୍ୟମାନ ପ୍ରଦାନ କରି ସେମାନଙ୍କର ସମର୍ଥନ ପାଇବାରେ ସକ୍ଷମ ହୋଇଥିଲେ। ଏହିପରି ଭାବରେ ସଂସଦ ଉପରେ କର୍ତ୍ତୃତ୍ୱ ବିସ୍ତାର କରି ହୁଇଗ୍‌ମାନେ ସେମାନଙ୍କର ଶାସନ କ୍ଷମତାକୁ ଦୃଢ଼ୀଭୂତ କରିପାରିଥିଲେ।

ହୁଇଗ୍‌ମାନଙ୍କର ଉତ୍‌ଥାନରେ ବଣିକ ଗୋଷ୍ଠୀର ଅବଦାନ ଅନସ୍ୱୀକାର୍ଯ୍ୟ ଅଟେ। ଇଂଲଣ୍ଡର ଉଚ୍ଚ ମଧ୍ୟବିତ୍ତ ଶ୍ରେଣୀ ବ୍ୟବସାୟୀମାନେ ଦେଶର ରାଜନୀତିରେ ଏକ ପ୍ରଭାବଶାଳୀ ଗୋଷ୍ଠୀ ରୂପରେ ମୁଣ୍ଡ ଟେକିଥିଲେ। ଏହି ଉଚ୍ଚ ମଧ୍ୟବିତ୍ତ ବ୍ୟବସାୟୀ ଗୋଷ୍ଠୀ ହୁଇଗ୍‌ମାନଙ୍କୁ ଅକୁଣ୍ଠିତ ଚିତ୍ତରେ ସମର୍ଥନ ଜଣାଇଥିଲେ।

ଏହିପରି ଭାବରେ ହୁଇଗ୍‌ମାନେ ତତ୍କାଳୀନ ରାଜନୈତିକ ପରିସ୍ଥିତିର ସୁଯୋଗ ନେଇ, ନିଜର ବଳିଷ୍ଠ ନେତୃତ୍ୱ ଦ୍ୱାରା ପ୍ରାୟ ଦୀର୍ଘ ୫୦ ବର୍ଷ ଧରି ଇଂଲଣ୍ଡର ଶାସନ କ୍ଷମତାରେ ରହିବା ସହିତ ହୁଇଗ୍ ଗୋଷ୍ଠୀତନ୍ତ୍ର ପ୍ରତିଷ୍ଠା କରିବାରେ ସଫଳ ହୋଇଥିଲେ।

ଜାକୋବାଇଟ ଷଡ଼ଯନ୍ତ୍ର (Jacobite Conspiracy) :

ପ୍ରାରମ୍ଭରୁ ହାନୋଭର ରାଜବଂଶ ପ୍ରତି ଇଂରେଜମାନେ ଆନୁଗତ୍ୟ ପ୍ରକାଶ କରିପାରି ନ ଥିଲେ। ହାନୋଭର ରାଜବଂଶର ପ୍ରଥମ ଶାସକ ଜର୍ଜ ପ୍ରଥମଙ୍କର ଇଂରାଜୀ ଭାଷା ତଥା ଇଂଲଣ୍ଡର ରାଜନୀତିରେ ଅଜ୍ଞତା ଦେଖି ଇଂରେଜମାନେ ତାଙ୍କ ପ୍ରତି ବୀତସ୍ପୃହ ହୋଇପଡ଼ିଥିଲେ। ତେଣୁ ଏହିଭଳି ପରିସ୍ଥିତିରେ ଜର୍ଜ ପ୍ରଥମ ଏବଂ ତାଙ୍କ ପୁତ୍ର ନିଜର ସ୍ଥିତିକୁ ସୁଦୃଢ଼ କରିବା ନିମନ୍ତେ ହୁଇଗ୍‌ମାନଙ୍କ ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ ହୋଇପଡ଼ିଲେ। ଏହି ସୁଯୋଗରେ ହୁଇଗ୍‌ମାନେ ଦୀର୍ଘ ୫୦ ବର୍ଷ ଧରି କ୍ଷମତାରେ ରହିବା ସହିତ ଏକ ଗୋଷ୍ଠୀତନ୍ତ୍ର ପ୍ରତିଷ୍ଠା କରିବାରେ ସକ୍ଷମ ହୋଇଥିଲେ। ଜର୍ଜ ପ୍ରଥମଙ୍କ ଉପରେ ହୁଇଗ୍‌ମାନଙ୍କର ପ୍ରଭାବ ବୃଦ୍ଧି ଅବଲୋକନ କରି ଟୋରୀମାନେ କ୍ଷୁବ୍ଧ ହୋଇଥିଲେ।

ଆୟାରଲ୍ୟାଣ୍ଡର ସଂଖ୍ୟାଗରିଷ୍ଠ ଅଧିବାସୀ ଷ୍ଟୁଆର୍ଟ ରାଜବଂଶର ସମର୍ଥକ ଥିଲେ। ଇଂଲଣ୍ଡର ଶାସନ କ୍ଷମତାକୁ ଷ୍ଟୁଆର୍ଟ ରାଜବଂଶର ପ୍ରତ୍ୟାବର୍ତ୍ତନକୁ ସେମାନେ ସ୍ୱାଗତ କରିବା ନିମନ୍ତେ ସଦାସର୍ବଦା ପ୍ରସ୍ତୁତ ଥିଲେ। ମାତ୍ର ଆୟାରଲ୍ୟାଣ୍ଡର ଶାସନ କ୍ଷମତା ବିପ୍ଳବ ପରବର୍ତ୍ତୀ ସମୟରେ ଯେଉଁ ସଂଖ୍ୟା ନ୍ୟୂନ ଗୋଷ୍ଠୀ ଉପରେ ନ୍ୟସ୍ତ ଥିଲା ସେମାନେ ହାନୋଭର ରାଜବଂଶର ସମର୍ଥକ ଥିବା ଦୃଷ୍ଟିରୁ ଷ୍ଟୁଆର୍ଟ ରାଜବଂଶର ଶାସନ କ୍ଷମତାକୁ ପ୍ରତ୍ୟାବର୍ତ୍ତନ ନିମନ୍ତେ କୌଣସି ଆନ୍ଦୋଳନ ଆରମ୍ଭ ହେବା ସମ୍ଭବପର ନ ଥିଲା।

ଜାକୋବାଇଟ୍‌ମାନେ ସ୍କଟଲ୍ୟାଣ୍ଡରେ ସଂଖ୍ୟାଗରିଷ୍ଠ ଥିଲେ। ସ୍କଟ୍‌ଲ୍ୟାଣ୍ଡରେ 'ସଂଘ ଆଇନ' ଯୋଗୁଁ ଯେଉଁ ଅସନ୍ତୋଷ ସୃଷ୍ଟି ହୋଇଥିଲା, ତାହାର ଏ ପର୍ଯ୍ୟନ୍ତ ଅନ୍ତ ଘଟି ନ ଥିଲା। ଏମିତିକି ସ୍କଟ୍‌ଲ୍ୟାଣ୍ଡର ଅଧିବାସୀମାନେ ୧୭୧୩ ଖ୍ରୀ:ଅ:ରେ 'ସଂଘ ଆଇନ'କୁ ରଦ୍ଦ କରିବା ନିମନ୍ତେ ବିସ୍ଫୋରକ ପରିସ୍ଥିତି ସୃଷ୍ଟି କରିଥିଲେ। ସ୍କଟ୍‌ଲ୍ୟାଣ୍ଡର ଉତ୍ତର ପଶ୍ଚିମାଞ୍ଚଳର ମାଳଭୂମିର ଦକ୍ଷିଣ-ପୂର୍ବରେ ଅବସ୍ଥିତ ସମତଳ ଭୂମିରେ ଅବସ୍ଥାନ କରୁଥିବା ପ୍ରେସବାଇଟେରିଆନମାନେ ଷ୍ଟୁଆର୍ଟ ରାଜବଂଶକୁ ବିରୋଧ କରୁଥିବା ବେଳେ ସେଠାରେ ଥିବା ଭୂମାଧିକାରୀ ସାମନ୍ତମାନେ ଷ୍ଟୁଆର୍ଟ ରାଜବଂଶର ସମର୍ଥକ ଥିଲେ। ଉତ୍ତର ପଶ୍ଚିମାଞ୍ଚଳର ମାଳଭୂମିରେ ଅବସ୍ଥାନ କରୁଥିବା ଦୁର୍ଦ୍ଦାନ୍ତ କଳହପ୍ରିୟ ବଂଶଗୁଡ଼ିକ ଷ୍ଟୁଆର୍ଟ ରାଜବଂଶକୁ ସହାୟତା ପ୍ରଦାନ କରିବା ନିମନ୍ତେ ସତତ ତତ୍ପର ଥିଲେ। ସେମାନଙ୍କଠାରେ ରାଜାନୁଭକ୍ତି ଯେ ପ୍ରବଳ ଥିଲା ତାହା ନୁହେଁ; ବରଂ ଏହି ପଦକ୍ଷେପ ନେବାଦ୍ୱାରା ସମତଳ ଭୂମିର ଅଧିବାସୀମାନଙ୍କୁ ଲୁଣ୍ଠନ କରିବା ସୁବିଧାଜନକ ହୋଇପାରିବ ବୋଲି ସେମାନେ ଅନୁଭବ କରିଥିଲେ। ଏତଦ୍‌ବ୍ୟତୀତ ସେମାନଙ୍କର ଯେଉଁ କାମ୍ପବେଲ ବଂଶ ପ୍ରତି ଘୋର ବିଦ୍ୱେଷ ଭାବ ଥିଲା, ତାହାର ନେତା ଡିଉକ୍ ଅଫ୍ ଆରଗିଲ ହୁଇଗମାନଙ୍କ ପକ୍ଷରେ ଯୋଗ ଦେଇଥିବା ହେତୁ ସେମାନେ ହାନୋଭର ରାଜବଂଶର ବିରୋଧୀ ହୋଇପଡ଼ିଥିଲେ। ଏହି ''କାମ୍ପବେଲ'' ବିରୋଧୀ ମନୋଭାବ ହେତୁ ସେମାନେ ଜାକୋବାଇଟ୍‌ମାନଙ୍କ ବିଦ୍ରୋହରେ ଯୋଗଦେବା ପାଇଁ ପ୍ରୋତ୍ସାହିତ ହୋଇଥିଲେ। ଷ୍ଟୁଆର୍ଟ ରାଜବଂଶର ନିର୍ବାସିତ ଯୁବରାଜ ଏହି ପରିସ୍ଥିତିର ସୁଯୋଗ ନେଇ ସିଂହାସନ ପୁନର୍ଦ୍ଧିକାର କରିବା ନିମନ୍ତେ ଉଦ୍ୟମ କରିଥିଲେ। ପଶ୍ଚିମ ଇଂଲଣ୍ଡରେ ଡିଉକ ଅଫ୍ ଅରମଣ୍ଡଙ୍କ ନେତୃତ୍ୱରେ ଜାକୋବାଇଟମାନେ ଏକ ଆନ୍ଦୋଳନ କରିବାର ଯୋଜନା କରିଥିଲେ। ସେମାନେ ଫ୍ରାନ୍ସର ଲୁଇ ଚତୁର୍ଦ୍ଦଶଙ୍କଠାରୁ ସାହାଯ୍ୟ ପାଇବାର ଆଶା ରଖିଥିଲେ। ମାତ୍ର ଏହି ଆନ୍ଦୋଳନ ବିଷୟରେ ହୁଇଗ୍ ନେତାମାନେ ପୂର୍ବରୁ

ସୂଚନା ପାଇଯିବାରୁ ତାହା ବ୍ୟର୍ଥ ହୋଇପଡ଼ିଥିଲା ଏବଂ ଡିଉକ୍ ଅଫ୍ ଅରମଣ୍ଡ ଗିରଫ ହେବା ଭୟରେ ଇଂଲଣ୍ଡରୁ ପଳାୟନ କରିଥିଲେ । ୧୭୧୫ ଖ୍ରୀ:ଅ:ରେ ଲୁଇ ଚତୁର୍ଦ୍ଦଶଙ୍କର ମୃତ୍ୟୁ ଘଟିବା ପରେ ତାଙ୍କ ଶିଶୁପୁତ୍ର ଲୁଇ ପଞ୍ଚଦଶଙ୍କ ପକ୍ଷରୁ ରାଜପ୍ରତିନିଧି ଭାବରେ ଶାସନ କାର୍ଯ୍ୟ ପରିଚାଳନା କରୁଥିବା ଅରଲିଏନସ୍ ଇଂଲଣ୍ଡ ସହିତ ବନ୍ଧୁତ୍ୱପୂର୍ଣ୍ଣ ସଂପର୍କ ରକ୍ଷା କରିବା ନିମନ୍ତେ ସଂକଳ୍ପବଦ୍ଧ ହେଇଥିଲେ । ତେଣୁ ଜାକୋବାଇଟମାନଙ୍କର ଫ୍ରାନ୍ସ ନିକଟରୁ ସାହାଯ୍ୟ ଲାଭ କରିବାର ଆଶା ମଉଳି ଯାଇଥିଲା । ଏହି ପ୍ରକାର ପରିସ୍ଥିତିରେ ଜାକୋବାଇଟମାନେ ୧୭୧୫ ଖ୍ରୀ:ଅ:ରେ ସ୍କଟଲ୍ୟାଣ୍ଡର ପାର୍ବତ୍ୟାଞ୍ଚଳରେ ଅର୍ଲ ଅଫ୍ ମାର୍‌ଙ୍କ ନେତୃତ୍ୱରେ ପ୍ରଥମ ବିଦ୍ରୋହର ସୂତ୍ରପାତ କରିଥିଲେ । ସେହି ସମୟରେ ଇଂରେଜ ସୈନ୍ୟବାହିନୀର ସୈନ୍ୟସଂଖ୍ୟା ''ଇଉଟ୍ରେଚ ସନ୍ଧି'' ପରେ ହ୍ରାସ ପାଇଥିଲା । ୧୭୧୫ ଖ୍ରୀ:ଅ: ସେପ୍ଟେମ୍ବର ମାସରେ ମାର ତାଙ୍କ ନିଜ କାଉଣ୍ଟି ଆର୍ବର ଡିନଶୟାରରେ ପ୍ରଥମେ ବିଦ୍ରୋହ ଘୋଷଣା କରିଥିଲେ । ଏହି ବିଦ୍ରୋହରେ ତାଙ୍କୁ ମାଳ ଅଞ୍ଚଳରେ ବସବାସ କରୁଥିବା ବଂଶଗୁଡ଼ିକ ସହଯୋଗ କରିବାରୁ ସେ ଅକ୍ଟୋବର ମାସ ବେଳକୁ ପର୍ଥ ଏବଂ ମାଳଭୂମିର ସମଗ୍ର ମଧ୍ୟାଞ୍ଚଳ ଉପରେ ନିଜର ଆଧିପତ୍ୟ ବିସ୍ତାର କରିବାରେ ସକ୍ଷମ ହୋଇଥିଲେ । ଷ୍ଟାରଲିଙ୍ଗଠାରେ ଡିଉକ୍ ଅଫ୍ ଅରଗଲଙ୍କ ନେତୃତ୍ୱରେ ଏକ ଇଂରେଜ ସୈନ୍ୟବାହିନୀ ସେମାନଙ୍କର ଗତିରୋଧ କରିବା ଫଳରେ ଦକ୍ଷିଣ ଦିଗରେ ସେମାନଙ୍କର ଅଗ୍ରଗତି ପ୍ରତିହିତ ହୋଇଥିଲା । ଲର୍ଡ ଡେରଓ୍ୱେଷ୍ଟଓ୍ୱାଟରଙ୍କ ନେତୃତ୍ୱରେ କେତେକ ଜାକୋବାଇଟ ନର୍ଦ୍ଦମ୍ବରଲ୍ୟାଣ୍ଡଠାରେ ଏକ ବିଦ୍ରୋହର ସୂତ୍ରପାତ କରିଥିଲେ । ସ୍କଟ୍‌ଲ୍ୟାଣ୍ଡର ପଶ୍ଚିମ ସୀମାନ୍ତ ଅଞ୍ଚଳର ଲର୍ଡ କେନମୁର, ଲର୍ଡ ନିଥସ୍‌ଡେଲ ଏବଂ ଅନ୍ୟାନ୍ୟ କେତେକ ଲର୍ଡ ମଧ୍ୟ ସେମାନଙ୍କ ସହିତ ଯୋଗ ଦେଇଥିଲେ । ମାରଙ୍କ ସୈନ୍ୟବାହିନୀର କେତେକ ସୈନ୍ୟ ମଧ୍ୟ ସେମାନଙ୍କ ସହିତ ଯୋଗ ଦେଇଥିଲେ । ଏହି ମିଳିତ ସୈନ୍ୟବାହିନୀ ଲାଙ୍କାଶାୟାର ଅଧିକାର କରିବା ନିମନ୍ତେ ଅଗ୍ରସର ହୋଇଥିଲେ; ମାତ୍ର ସେମାନେ ନଭେମ୍ବର ୧୩ ତାରିଖ ୧୭୧୫ ଖ୍ରୀ:ଅ:ରେ ପ୍ରେଷ୍ଟନ୍‌ଠାରେ ଇଂରେଜ ସୈନ୍ୟବାହିନୀ ଦ୍ୱାରା ପରାସ୍ତ ହୋଇ ଆତ୍ମସମର୍ପଣ କରିବାକୁ ବାଧ୍ୟ ହୋଇଥିଲେ । ଉକ୍ତ ଦିନରେ ମଧ୍ୟ ମାର୍ ଏବଂ ଡିଉକ ଅଫ୍ ଆରଗିଲ୍‌ଙ୍କ ନେତୃତ୍ୱରେ ସେରିଫମୁରଠାରେ ଏକ ଯୁଦ୍ଧ ହୋଇଥିଲା । ଜାକୋବାଇଟମାନଙ୍କର ସଂଖ୍ୟାଗରିଷ୍ଠତା ସତ୍ତ୍ୱେ ଯୁଦ୍ଧ ଅମୀମାଂସିତ ରହିଥିଲା । ମାର ହଟି ଆସିବା ପାଇଁ ନିଷ୍ପତ୍ତି ନେବାଦ୍ୱାରା ଜାକୋବାଇଟମାନଙ୍କର ବିଜୟର ଆଶା ସଂପୂର୍ଣ୍ଣ ମଉଳି ଯାଇଥିଲା । ବିଦ୍ରୋହୀମାନଙ୍କ ମଧ୍ୟରୁ ପ୍ରାୟ ୮୦ ଜଣଙ୍କୁ ମୃତ୍ୟୁଦଣ୍ଡରେ ଦଣ୍ଡିତ କରାଯିବା ସହିତ ବହୁସଂଖ୍ୟକ ବ୍ୟକ୍ତିଙ୍କୁ ବିଭିନ୍ନ ଉପନିବେଶକୁ ନିର୍ବାସିତ କରାଯାଇଥିଲା । ବିଦ୍ରୋହର ଅଧିକାଂଶ ମୁଖ୍ୟ ନେତାମାନେ ପଳାୟନ କରିଥିଲେ । ଧରାପଡ଼ିଥିବା ୭ ଜଣ ସାମନ୍ତଙ୍କ ମଧ୍ୟରୁ ଲର୍ଡ ଡେରଓ୍ୱେଷ୍ଟ ଓ୍ୱାଟର ଏବଂ ଲର୍ଡ କେନମୋରଙ୍କୁ ପ୍ରାଣଦଣ୍ଡରେ ଦଣ୍ଡିତ କରାଯାଇଥିଲା ।

୧୭୧୮-୧୯ ଖ୍ରୀ:ଅ:ରେ ଜାକୋବାଇଟ୍‌ମାନେ ସ୍ପେନ ଏବଂ ସୁଇଡେନରୁ ସାହାଯ୍ୟ ପାଇବାର ଆଶାପୋଷଣ କରି ଯେଉଁ ବିଦ୍ରୋହର ପରିକଳ୍ପନା କରିଥିଲେ ତାହା ମଧ୍ୟ ବିଫଳ ହୋଇଥିଲା । ଏହାପରେ ୧୭୪୫ ଖ୍ରୀ:ଅ:ରେ ଜେମସ୍ ତୃତୀୟଙ୍କର ପୁତ୍ର ଚାର୍ଲସ ଏଡ଼ୱାର୍ଡଙ୍କ ନେତୃତ୍ୱରେ ଜାକୋବାଇଟମାନେ ଆଉ ଏକ ବିଦ୍ରୋହ କରିବା ନିମନ୍ତେ ପରିକଳ୍ପନା କରିଥିଲେ । ଏହି ବିଦ୍ରୋହ ନିମନ୍ତେ ଜାକୋବାଇଟ୍‌ମାନେ ଫ୍ରାନ୍ସ ନିକଟରୁ କୌଣସି ସାହାଯ୍ୟ ପାଇନଥିଲେ । ମାତ୍ର ଚାର୍ଲସ ଏଥିରେ ହତୋତ୍ସାହିତ ନ ହୋଇ ଇଂଲଣ୍ଡ ସିଂହାସନ ଅଧିକାର ନିମନ୍ତେ ସ୍କଟ୍‌ଲ୍ୟାଣ୍ଡ ଉଦ୍ଦେଶ୍ୟରେ ଯାତ୍ରା କରି ଏହାର ଉତ୍ତର ପଶ୍ଚିମାଞ୍ଚଳରେ ଅବସ୍ଥିତ ମଇର୍ଡାଟଠାରେ ପହଞ୍ଚିଥିଲେ । ତାଙ୍କର ବୀରୋଚିତ ବ୍ୟକ୍ତିତ୍ୱ ଦ୍ୱାରା ଆକୃଷ୍ଟ ହୋଇ ମାଳ ଅଞ୍ଚଳର ଷ୍ଟୁଆର୍ଟ, କମେରନ୍ ଏବଂ ମ୍ୟାକଡୋନାଲଡ୍ ପ୍ରଭୃତି ବଂଶର ନେତାମାନେ ତାଙ୍କ ସହିତ ଯୋଗ ଦେଇଥିଲେ । ଏହି ନେତାମାନଙ୍କ ସହଯୋଗ ଲାଭ କରି ଚାର୍ଲସ ଏଡ଼ିନ୍‌ବରା ଯାତ୍ରା କରି ପ୍ରେଷ୍ଟୋନପ୍ୟାନସଠାରେ ସାର ଜନ୍ କୋପ୍‌ଙ୍କ ନେତୃତ୍ୱରେ ପରିଚାଳିତ ଇଂରେଜ ସୈନ୍ୟବାହିନୀକୁ ପରାଜିତ କରିଥିଲେ ।

ଏହି ସଫଳତାରେ ଉତ୍ସାହିତ ହୋଇ ଚାର୍ଲସ ଇଂଲଣ୍ଡ ଅଭିମୁଖେ ଯାତ୍ରା କରିଥିଲେ । ନଭେମ୍ବର ମାସରେ କାର୍ଲିସ୍ଲି ଅଧିକାର କରି ପ୍ରେଷ୍ଟନ ଏବଂ ଉଇଗାନ ମଧ୍ୟଦେଇ ମାଞ୍ଚେଷ୍ଟର ପର୍ଯ୍ୟନ୍ତ ଅଗ୍ରସର ହୋଇଥିଲେ । ମାତ୍ର ତାଙ୍କୁ ଇଂଲଣ୍ଡର

କୌଣସି ନିର୍ଦ୍ଦିଷ୍ଟ ନେତା ସମର୍ଥନ କରି ନ ଥିଲେ । ଇତିମଧ୍ୟରେ ସ୍କଟ୍‌ଲ୍ୟାଣ୍ଡର ନିମ୍ନ ଅଞ୍ଚଳର ଅଧିବାସୀ ରାଜା ଜର୍ଜ ଦ୍ୱିତୀୟଙ୍କ ସପକ୍ଷରେ ଯୁଦ୍ଧ କରିବା ନିମନ୍ତେ ପ୍ରସ୍ତୁତି ଆରମ୍ଭ କରିଦେଇଥିଲେ। ରାଜା ଜର୍ଜଙ୍କର ଦ୍ୱିତୀୟ ପୁତ୍ର ଡିଉକ୍ ଅଫ୍ କିଉମ୍ବରଲ୍ୟାଣ୍ଡଙ୍କ ନେତୃତ୍ୱରେ ଇଂରେଜ ସୈନ୍ୟବାହିନୀ ଦ୍ରୁତ ଗତିରେ ଅଗ୍ରସର ହୋଇ ଏପ୍ରିଲ ୧୭୪୬ ଖ୍ରୀ:ଅ:ରେ କୁଲୋଡ଼ନମୁର ଯୁଦ୍ଧକ୍ଷେତ୍ରରେ ଚାର୍ଲସଙ୍କୁ ଶୋଚନୀୟ ଭାବରେ ପରାସ୍ତ କରିଥିଲେ। କୁଲୋଡ଼ନମର ଯୁଦ୍ଧରେ ପରାସ୍ତ ହେବାପରେ ଷ୍ଟୁଆର୍ଟମାନଙ୍କର ରାଜସିଂହାସନ ଲାଭ କରିବାର ଆଶା ଧୂଳିସାତ୍ ହୋଇଯାଇଥିଲା।

କୁଲୋଡ଼ନମୁର ଯୁଦ୍ଧ ପରେ ସ୍କଟଲ୍ୟାଣ୍ଡର ପାର୍ବତ୍ୟାଞ୍ଚଳର ଅଧିବାସୀମାନଙ୍କୁ ଦମନ କରିବା ନିମନ୍ତେ କେତେକ ପଦକ୍ଷେପ ଗ୍ରହଣ କରାଯାଇଥିଲା। ସେଠାରେ ପ୍ରଚଳିତ ଥିବା ବଂଶ ଶାସନର ଅନ୍ତ ଘଟାଇ ସାଧାରଣ ଆଇନ ପ୍ରଣୟନ କରାଯାଇଥିଲା । ଏହାସହିତ ଅଧିବାସୀମାନଙ୍କର ପାରମ୍ପରିକ ରୀତିନୀତିରେ ପରିବର୍ତ୍ତନ ଆଣିବା ସହିତ ସେଠାକାର ଜାତୀୟ ପୋଷାକ ପରିଧାନକୁ ନିଷେଧ କରାଯାଇଥିଲା। ଏହିସବୁ ପଦକ୍ଷେପ ନେବାପରେ ଅତି ଆଶ୍ଚର୍ଯ୍ୟଜନକ ଭାବରେ ଉକ୍ତ ଅଞ୍ଚଳର ଅଧିବାସୀମାନଙ୍କର ହାନୋଭର ବଂଶ ବିରୋଧୀ ମନୋଭାବରେ ଦ୍ରୁତ ପରିବର୍ତ୍ତନ ଘଟିଥିଲା ଏବଂ ସେମାନେ ଏହି ରାଜବଂଶ ପ୍ରତି ଆନୁଗତ୍ୟ ଭାବ ପ୍ରଦର୍ଶନ କରିଥିଲେ।

ଜର୍ଜ ପ୍ରଥମଙ୍କର ରାଜତ୍ୱର ମୁଖ୍ୟ ଘଟଣାବଳୀ, ୧୭୧୪-୧୭୨୭ ଖ୍ରୀ:ଅ:

(Major Events during the Reign of George I : 1714 - 1727 A.D.) :

ଜର୍ଜ ପ୍ରଥମ ୧୭୧୪ ଖ୍ରୀ:ଅ:ରେ ଇଂଲଣ୍ଡର ରାଜସିଂହାସନ ଅଳଙ୍କୃତ କରିଥିଲେ। କିନ୍ତୁ କେତେକ ଟୋରୀ ନେତା ଷ୍ଟୁଆର୍ଟମାନଙ୍କର ପ୍ରତ୍ୟାବର୍ତ୍ତନ ନିମନ୍ତେ ଉଦ୍ୟମ କରିଥିଲେ । ଜେମସ୍ ତୃତୀୟ ଯିଏକି ନିଜକୁ ଇଂଲଣ୍ଡର ଆଇନସମ୍ମତ ଉତ୍ତରାଧିକାରୀ ବୋଲି ଦାବି କରୁଥିଲେ, ତାଙ୍କୁ ଫ୍ରାନ୍ସର ଲୁଇ ଚତୁର୍ଦ୍ଦଶ ଏବଂ ସ୍ପେନର ଫିଲିପ୍ ପଞ୍ଚମ ସମର୍ଥନ କରୁଥିଲେ । ସ୍କଟଲ୍ୟାଣ୍ଡରେ ଜେମସ୍ ତୃତୀୟଙ୍କ ପ୍ରତି ସମର୍ଥନ ଥିଲା। ସ୍କଟ୍‌ଲ୍ୟାଣ୍ଡରେ ତାଙ୍କୁ ସମର୍ଥନ କରି ଜାକୋବାଇଟ ବିଦ୍ରୋହ ସଂଘଟିତ ହୋଇଥିଲା। ଏହି ବିଦ୍ରୋହ ବିଷୟରେ ପୂର୍ବରୁ ଆଲୋଚନା କରାଯାଇଛି। ଏତଦ୍‌ବ୍ୟତୀତ ପୂର୍ବ ଆଲୋଚିତ ହୁଇଗ ଉତ୍‌ଥାନ ମଧ୍ୟ ଜର୍ଜ ପ୍ରଥମ ଏବଂ ଜର୍ଜ ଦ୍ୱିତୀୟଙ୍କ ସମୟରେ ଘଟିଥିଲା।

ସପ୍ତବାର୍ଷିକ ଆଇନ, ୧୭୧୬ ଖ୍ରୀ:ଅ: (Septennial Act, 1716 A.D.) :

୧୭୧୬ ଖ୍ରୀ:ଅ:ରେ ଏହି ସପ୍ତବର୍ଷୀୟ ଆଇନ ପ୍ରଣୟନ କରାଯାଇଥିଲା। ଏହି ଆଇନ ଦ୍ୱାରା ସଂସଦର କାର୍ଯ୍ୟକାଳ ତିନିବର୍ଷରୁ ସାତବର୍ଷ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିଲା। ଯାହାଦ୍ୱାରା ଟୋରୀ ଦଳ ଏବଂ ଜେମସ୍‌ଙ୍କର ସମର୍ଥକ ଜାକୋବାଇଟମାନେ ଦୀର୍ଘ ସାତବର୍ଷ ଧରି କ୍ଷମତାକୁ ଆସିବାର ସୁଯୋଗରୁ ବଞ୍ଚିତ ହୋଇଥିଲେ । ଏହି ସମୟ ମଧ୍ୟରେ ହୁଇଗ୍‌ମାନେ ନିଜର ସ୍ଥିତିକୁ ସୁଦୃଢ଼ କରିବା ନିମନ୍ତେ ସୁଯୋଗ ପାଇପାରିଥିଲେ।

ଦଙ୍ଗା ଆଇନ, ୧୭୧୫ ଖ୍ରୀ:ଅ: (Riot Act, 1715 A.D.) :

ଜାକୋବାଇଟ୍ ବିଦ୍ରୋହ ହେତୁ ଯେଉଁମାନେ ଶାସନକୁ ବିରୋଧ କରିଲେ, ସେମାନଙ୍କୁ ଦମନ କରିବା ନିମନ୍ତେ ୧୭୧୫ ଖ୍ରୀ:ଅ:ରେ ''ଦଙ୍ଗା ଆଇନ'' ପ୍ରଣୟନ କରାଯାଇଥିଲା। ଏହି ଆଇନରେ ଗଣ୍ଡଗୋଳିଆ ପରିସ୍ଥିତିକୁ ପ୍ରଶମିତ କରିବା ନିମନ୍ତେ ମାଜିଷ୍ଟ୍ରେଟମାନଙ୍କୁ ଅଧିକ କ୍ଷମତା ପ୍ରଦାନ କରାଯାଇଥିଲା।

ଧାର୍ମିକ ନୀତି (Religious Policy) :

୧୭୧୭ ଖ୍ରୀ:ଅ:ରୁ ୧୭୨୧ ଖ୍ରୀ:ଅ: ପର୍ଯ୍ୟନ୍ତ ଷ୍ଟାନହୋପ୍ ଇଂଲଣ୍ଡର ପ୍ରଧାନମନ୍ତ୍ରୀ ଥିଲେ। ଧର୍ମ କ୍ଷେତ୍ରରେ ସେ ସହନଶୀଳ ନୀତି ଅବଲମ୍ବନ କରିବା ଉଦ୍ଦେଶ୍ୟରେ ୧୭୧୮ ଖ୍ରୀ:ଅ:ରେ ରାଣୀ ଆନେଙ୍କ ସମୟରେ ପ୍ରବର୍ତ୍ତିତ ହୋଇଥିବା ''ସାମୟିକ ସରକାରୀ ଖ୍ରୀଷ୍ଟିୟ ମଣ୍ଡଳୀର ମତଗ୍ରହଣ ଆଇନ'' (Occasional Conformity Act) ଏବଂ ''ସିଜମ୍

ଆଇନ'' (Schism Act)କୁ ରଦ୍ଦ କରିଦେଇଥିଲେ। ଏହାଦ୍ୱାରା ବିରୁଦ୍ଧ ମତାବଲମ୍ବୀମାନଙ୍କର କେତେକ ଅସନ୍ତୋଷ ଦୂରୀଭୂତ ହୋଇପାରିଥିଲା।

ପିଅରେଜ ବିଧେୟକ, ୧୭୧୯ ଖ୍ରୀ:ଅ: (The Peerage Bill, 1719 A.D.) :

ଷ୍ଟାନହୋପ୍‌ଙ୍କ ପ୍ରଧାନମନ୍ତ୍ରୀତ୍ୱ ସମୟରେ ଲର୍ଡ଼ସ ସଭାରେ ହୁଇଗ୍‌ମାନେ ସେମାନଙ୍କର ସଂଖ୍ୟାଗରିଷ୍ଠତାକୁ ବଜାୟ ରଖିବା ଉଦ୍ଦେଶ୍ୟରେ ହୁଇଗ୍‌ମାନେ ଲର୍ଡ଼ ସଣ୍ଡରଲ୍ୟାଣ୍ଡଙ୍କ ମାଧ୍ୟମରେ ''ପିଅରେଜ ବିଧେୟକ'' ଆଗତ କରାଇଥିଲେ। ଏହି ''ପିଅରେଜ ବିଧେୟକ''ରେ ବ୍ୟବସ୍ଥା ଥିଲା ଯେ ରାଜା ୬ରୁ ଅଧିକ ପିଅର ପଦବୀ ସୃଷ୍ଟି କରିପାରିବେ ନାହିଁ। ଏହି ବିଧେୟକଟି ଲର୍ଡ଼ସ ସଭାରେ ଗୃହୀତ ହୋଇସାରିଥିଲା। ମାତ୍ର ଏହି ବିଧେୟକଟି ଅସାମ୍ବିଧାନିକ ଥିବା ହେତୁରୁ ସାର ରବର୍ଟ ୱାଲପୋଲ୍‌ଙ୍କ ପ୍ରରୋଚନାରେ କମନସ୍ ସଭା ଏହାକୁ ଅଗ୍ରାହ୍ୟ କରିଦେବାରୁ ଆଉ ଆଇନରେ ପରିଣତ ହୋଇପାରିଲା ନାହିଁ।

ଦକ୍ଷିଣ ସାଗର କମ୍ପାନୀ ପ୍ରତାରଣା, ୧୭୨୦ ଖ୍ରୀ:ଅ: (The South Sea Bubble, 1720 A.D.) :

୧୭୧୧ ଖ୍ରୀ:ଅ:ରେ ହାରଲେଙ୍କ ଦ୍ୱାରା ଦକ୍ଷିଣ ସାଗର ଅଞ୍ଚଳରେ ବାଣିଜ୍ୟ କରିବା ଉଦ୍ଦେଶ୍ୟରେ 'ସାଉଥ ସି କମ୍ପାନୀ' ଗଠିତ ହୋଇଥିଲା। ଏହି କମ୍ପାନୀର ବ୍ୟବସାୟ ଆଦୌ ଲାଭଜନକ ନ ଥିଲା। ୧୭୧୯ ଖ୍ରୀ:ଅ:ରେ ଏହି କମ୍ପାନୀ ସରକାରଙ୍କର ସମସ୍ତ ଋଣର ଦାୟିତ୍ୱ ନେବା ନିମନ୍ତେ ଏକ ପ୍ରସ୍ତାବ ଦେଇଥିଲା। ଅନ୍ୟାନ୍ୟ ଋଣଦାତାମାନଙ୍କୁ ଅର୍ଥ ଆକାରରେ କିମ୍ବା କମ୍ପାନୀର ଅଂଶଧନ ଆକାରରେ ପ୍ରତିଭୂତି କ୍ରୟ କରିନେବାକୁ ସମ୍ମତି ଦେଲା। ଉକ୍ତ ଅଧିକାର ପାଇବା ନିମନ୍ତେ କମ୍ପାନୀ ସରକାରଙ୍କୁ ୭,୦୦୦,୦୦୦ ପାଉଣ୍ଡ ଅର୍ଥ ଦେବାକୁ ପ୍ରସ୍ତାବ ଦେଲା। ଏହି କମ୍ପାନୀର ସରକାରଙ୍କ ସହିତ ଉତ୍ତମ ସମ୍ପର୍କ ଥିବା ଦୃଷ୍ଟିରୁ ଏହାର ଅଂଶଧନ ମୂଲ୍ୟ ଫଟକା ବଜାରରେ ଆଶାତୀତ ଭାବରେ ବୃଦ୍ଧି ପାଇଥିଲା। ଜୁନ୍ ମାସ ୧୭୨୦ ଖ୍ରୀ:ଅ:ରେ କମ୍ପାନୀର ୧୦୦ ପାଉଣ୍ଡ ଅଂଶ ୧୦୬୦ ପାଉଣ୍ଡକୁ ବୃଦ୍ଧି ହୋଇଥିଲା। ଜନସାଧାରଣ କମ୍ପାନୀର ଅଂଶ କ୍ରୟ କରିବା ନିମନ୍ତେ ଉନ୍ମାଦ ପ୍ରାୟ ହୋଇଗଲେ। ମାତ୍ର ଅଚିରେ ସତ୍ୟ ଉଦ୍‌ଘାଟିତ ହୋଇଥିଲା ଯେ କମ୍ପାନୀର ଅଂଶଧନର ମୂଲ୍ୟ, ଏଥିନିମନ୍ତେ ପ୍ରଦତ୍ତ ଅର୍ଥ ସହିତ ସମାନ ନୁହେଁ। ଏହାଫଳରେ କମ୍ପାନୀର ଅଂଶଧନ ମୂଲ୍ୟ ତ୍ୱରିତ ଗତିରେ ହ୍ରାସ ପାଇବାକୁ ଲାଗିଲା ଏବଂ ଏହା ୧୩୫ ପାଉଣ୍ଡକୁ ଖସି ଆସିଯାଇଥିଲା। ସହସ୍ରାଧିକ ଲୋକ ଦେବାଳିଆ ହୋଇଗଲେ। କମ୍ପାନୀର ଏହି ପ୍ରତାରଣା ହେତୁ ଜନସାଧାରଣ ଏହି ଘଟଣାରେ ଜଡ଼ିତ ଥିବା ମନ୍ତ୍ରୀ ଏବଂ କମ୍ପାନୀର ଡାଇରେକ୍ଟରମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନିମନ୍ତେ ଦାବି କରିଲେ। ସରକାର କମ୍ପାନୀର ଡାଇରେକ୍ଟରମାନଙ୍କର ବ୍ୟକ୍ତିଗତ ସମ୍ପତ୍ତିକୁ ବାଜ୍ୟାପ୍ତ କରିନେଲେ ଏବଂ ଏଥିରୁ ଆଦାୟ ହୋଇଥିବା ୨୦୦୦,୦୦୦ ପାଉଣ୍ଡର ସମ୍ପତ୍ତି ଅଂଶୀଦାରମାନଙ୍କ ମଧ୍ୟରେ ବାଣ୍ଟିଦେଲେ। ଏହି ଘଟଣାରେ ସରକାରଙ୍କର ପତନ ଅବଶ୍ୟମ୍ଭାବୀ ହୋଇପଡ଼ିଲା। ସଣ୍ଡରଲ୍ୟାଣ୍ଡ ଇସ୍ତଫା ଦେଇଦେଲେ। ଷ୍ଟାନହୋପ୍ ବଦନାମ ସହିନପାରି ମୃତ୍ୟୁବରଣ କଲେ। କ୍ରାଗଡସ୍ ନାମକ ଜଣେ ମନ୍ତ୍ରୀ ଆତ୍ମହତ୍ୟା କଲେ ଏବଂ ଅନ୍ୟ ଜଣେ ବନ୍ଦୀ ହେଲେ। ସାଉଥ ସି କମ୍ପାନୀ ପ୍ରତାରଣା ଫଟକା ବଜାର ଇତିହାସରେ ଏକ ବିରାଟ ପ୍ରତାରଣା ଥିଲା। ଏହି ଘଟଣା ୱାଲପୋଲଙ୍କ ଉତ୍‌ଥାନ ନିମନ୍ତେ ପଥ ପ୍ରସ୍ତୁତ କରିଥିଲା।

ବୈଦେଶିକ ନୀତି (Foreign Policy) :

ଜର୍ଜ ପ୍ରଥମଙ୍କର ବୈଦେଶିକ ନୀତି ଦୁଇଟି କାରଣ ଦ୍ୱାରା ପ୍ରଭାବିତ ହୋଇଥିଲା। ପ୍ରଥମତଃ, ସେ ହାନୋଭର ରାଜ୍ୟର ସ୍ୱାର୍ଥରକ୍ଷା କରିବା ନିମନ୍ତେ ଅତ୍ୟନ୍ତ ଲାଳାୟିତ ଥିଲେ। ଦ୍ୱିତୀୟତଃ, ଜେମସ୍ ତୃତୀୟ ଯିଏକି ''ବୃଦ୍ଧ ମିଥ୍ୟା ଦାବିଦାର'' (Old Pretender) ରୂପେ ପରିଚିତ; ସେ ବୈଦେଶିକ ଶକ୍ତିର ସହଯୋଗରେ ନିଜକୁ ଇଂଲଣ୍ଡ ସିଂହାସନର ନ୍ୟାୟସଙ୍ଗତ ଉତ୍ତରାଧିକାରୀ ବୋଲି ଯେଉଁ ଦାବି ଉପସ୍ଥାପନ କରୁଥିଲେ, ସେଥିରୁ ତାଙ୍କୁ ବଞ୍ଚିତ କରିବା ଜର୍ଜଙ୍କର ଉଦ୍ଦେଶ୍ୟ ଥିଲା। ଜର୍ଜଙ୍କର ଏହି ଦୁଇଟି ଉଦ୍ଦେଶ୍ୟ କେବଳ ଅଷ୍ଟ୍ରିଆର ସମ୍ରାଟ ଏବଂ ଫ୍ରାନ୍ସର ଶାସକଙ୍କର ସହଯୋଗରେ ପୂରଣ

ହୋଇପାରିବାର ଥିଲା। ମାତ୍ର ଏହା ଅତ୍ୟନ୍ତ କଠିନ କାର୍ଯ୍ୟ ଥିଲା, କାରଣ ଉଭୟ ଅଷ୍ଟ୍ରିଆ ଏବଂ ଫ୍ରାନ୍ସ ପରସ୍ପରର ଶତ୍ରୁ ଥିଲେ। ମାତ୍ର ଏହି କାର୍ଯ୍ୟରେ ଜର୍ଜ ସଫଳ ହୋଇଥିଲେ। ଷ୍ଟାନହୋପ୍ ଏବଂ ବରନ୍ଷ୍ଟଫ୍ଙ୍କ ପ୍ରଚେଷ୍ଟା ଫଳରେ ଉଭୟ ଅଷ୍ଟ୍ରିଆ ଏବଂ ଫ୍ରାନ୍ସ ମଧ୍ୟରେ ସନ୍ଧି ସ୍ୱାକ୍ଷରିତ ହୋଇପାରିଥିଲା। ଫ୍ରାନ୍ସର ଶାସକ ଲୁଇ ଚତୁର୍ଦ୍ଦଶଙ୍କ ମୃତ୍ୟୁ ଜର୍ଜଙ୍କ କାର୍ଯ୍ୟକୁ ସହଜ କରିଦେଇପାରିଥିଲା। ଲୁଇ ଚତୁର୍ଦ୍ଦଶଙ୍କ ପରେ ତାଙ୍କର ପାଞ୍ଚବର୍ଷର ପୁତ୍ର ଲୁଇ ପଞ୍ଚଦଶ ଫ୍ରାନ୍ସ ସିଂହାସନ ଆରୋହଣ କରିଥିଲେ। ଲୁଇ ପଞ୍ଚଦଶଙ୍କ ପକ୍ଷରୁ ଡ୍ୟୁକ ଅଫ୍ ଅରିଲିଅନସ୍ ରାଜପ୍ରତିନିଧି ଭାବରେ ଶାସନ କାର୍ଯ୍ୟ ପରିଚାଳନା କରିଲେ। ଅରଲିଅନସ୍ଙ୍କ ଫ୍ରାନ୍ସରେ ଅନେକ ଶତ୍ରୁ ଥିବାରୁ ସେ ଇଂଲଣ୍ଡ ଏବଂ ହଲାଣ୍ଡ ସହିତ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ସ୍ଥାପନ କରିବା ନିମନ୍ତେ ଆଗ୍ରହୀ ଥିଲେ। ଅଷ୍ଟ୍ରିଆର ସମ୍ରାଟଙ୍କ ସହିତ ଏକ ବୁଝାମଣା ହୋଇଥିଲା। ଅଷ୍ଟ୍ରିଆର ସମ୍ରାଟ ସିସିଲି ନିମନ୍ତେ ସାର୍ଡ଼ିନିଆକୁ ପ୍ରତିବଦଳରେ ଦେବା ପାଇଁ ଇଚ୍ଛା ପ୍ରକାଶ କରିଥିଲେ ଏବଂ ଏହା ସ୍ପେନର ସମ୍ରାଟ ଫିଲିପ୍ ପଞ୍ଚମଙ୍କ ବିରୋଧରେ ଯୁଦ୍ଧ କରିବା ନିମନ୍ତେ ବ୍ରିଟିଶ ନୌସେନାର ସାହାଯ୍ୟ ପାଇଲେ ହିଁ ସମ୍ଭବ ହୋଇପାରିବ। ଜର୍ଜ ପ୍ରଥମ ହାନୋଭର ରାଜ୍ୟରେ ବ୍ରିମେନ ଏବଂ ଭରଡ଼ିନର ମିଶ୍ରଣ କରାଇବାକୁ ଇଚ୍ଛୁକ ଥିଲେ ଏବଂ ଏଥିନିମନ୍ତେ ସେ ଅଷ୍ଟ୍ରିଆର ସମ୍ରାଟଙ୍କର ସହଯୋଗ ଆବଶ୍ୟକ କରୁଥିଲେ। ଅଷ୍ଟ୍ରିଆ ଏବଂ ଇଂଲଣ୍ଡ ପରସ୍ପରର ସାହାଯ୍ୟ ଆବଶ୍ୟକ ଥିବାରୁ ଉଭୟଙ୍କ ମଧ୍ୟରେ ସଂପର୍କ ପ୍ରତିଷ୍ଠା ହେବା ସମ୍ଭବପର ହୋଇଥିଲା। ୧୭୧୭ ଖ୍ରୀ:ଅ:ରେ ଇଉରୋପର ବିଭିନ୍ନ ରାଷ୍ଟ୍ର ମଧ୍ୟରେ ଶକ୍ତିର ଭାରସାମ୍ୟ ରକ୍ଷା କରିବା ନିମନ୍ତେ ଇଂଲଣ୍ଡ, ହଲାଣ୍ଡ ଏବଂ ଫ୍ରାନ୍ସ ମଧ୍ୟରେ ତ୍ରିଶକ୍ତି ମେଣ୍ଟ (Triple Alliance) ଗଠିତ ହୋଇଥିଲା। ଏହି ମେଣ୍ଟରେ ୧୭୧୮ ଖ୍ରୀ:ଅ:ରେ ଅଷ୍ଟ୍ରିଆ ଯୋଗ ଦେବାରୁ ଏହା ଚତୁଃଶକ୍ତି ମେଣ୍ଟ (Quadruple Alliance)ରେ ପରିଣତ ହୋଇଥିଲା। ବ୍ରିମେନ୍ ଏବଂ ଭରଡ଼ିନ୍ ଅଧିକାର କରିବା ନିମନ୍ତେ ସ୍ୱିଡ଼େନ୍ ମଧ୍ୟ ଦେଇ ବଲଟିକକୁ ଇଂରେଜ ଯୁଦ୍ଧ ଜାହାଜ ପ୍ରେରିତ ହୋଇଥିଲା। ୧୭୧୮ ଖ୍ରୀ:ଅ:ରେ ଆଡ୍‌ମିରାଲ ବିଙ୍ଗ୍ଙ୍କ ନେତୃତ୍ୱରେ ଏକ ରଣତରୀ ଭୂମଧ୍ୟସାଗରକୁ ପ୍ରେରିତ ହୋଇଥିଲା ଏବଂ ଏହା ସ୍ପେନର ନୌସେନାକୁ ଧ୍ୱଂସ କରିଦେଇଥିଲା। ଏହି ଘଟଣା ପରେ ଇଉରୋପୀୟ ରାଜନୀତିରେ ଜର୍ଜ ପ୍ରଥମ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଅଧିକାର କରିଥିଲେ। ଅବଶ୍ୟ ଏହି ତ୍ରିଶକ୍ତି ମେଣ୍ଟ ଏବଂ ଚତୁଃଶକ୍ତି ମେଣ୍ଟକୁ ୱାଲପୋଲ୍ ଏବଂ ଟାଉନସହେଣ୍ଡ ଅନୁମୋଦନ କରି ନ ଥିଲେ ଏବଂ ମନ୍ତ୍ରୀମଣ୍ଡଳରୁ ଇସ୍ତଫା ଦେଇ ବିରୋଧୀ ଦଳରେ ଯୋଗ ଦେଇଥିଲେ। ୧୭୨୧ ଖ୍ରୀ:ଅ:ରେ ଷ୍ଟାନ୍‌ହୋପ୍ଙ୍କ ପତନ ପରେ ୱାଲ୍‌ପୋଲ୍ ପ୍ରଧାନମନ୍ତ୍ରୀ ହୋଇଥିଲେ। ଦୀର୍ଘ ୨୧ ବର୍ଷ ପ୍ରଧାନମନ୍ତ୍ରୀ ପଦରେ ରହିବା ପରେ ୱାଲପୋଲ ୧୭୪୨ ଖ୍ରୀ:ଅ:ରେ ଇସ୍ତଫା ଦେଇଥିଲେ।

ଜର୍ଜ ଦ୍ୱିତୀୟଙ୍କ ରାଜତ୍ୱର ମୁଖ୍ୟ ଘଟଣାବଳୀ, ୧୭୨୭-୧୭୬୦ ଖ୍ରୀ:ଅ: (Major Events during the Reign of George II) :

୧୭୨୭ ଖ୍ରୀ:ଅ:ରେ ଜର୍ଜ ପ୍ରଥମଙ୍କର ମୃତ୍ୟୁ ପରେ ତାଙ୍କ ପୁତ୍ର ଜର୍ଜ ଅଗଷ୍ଟସ୍, ଜର୍ଜ ଦ୍ୱିତୀୟ ଭାବରେ ଇଂଲଣ୍ଡ ସିଂହାସନ ଅଳଙ୍କୃତ କରିଥିଲେ। ଜର୍ଜ ଦ୍ୱିତୀୟଙ୍କ ଶାସନ କାଳରେ ହ୍ୱିଗ୍‌ମାନଙ୍କର ଉତ୍ଥାନ ହୋଇଥିଲା। ୧୭୨୧ ଖ୍ରୀ:ଅ:ରୁ ୧୭୪୨ ଖ୍ରୀ:ଅ: ପର୍ଯ୍ୟନ୍ତ ରବର୍ଟ ୱାଲ୍‌ପୋଲ୍ ଇଂଲଣ୍ଡର ପ୍ରଧାନମନ୍ତ୍ରୀ ଭାବରେ ଶାସନ କାର୍ଯ୍ୟ ପରିଚାଳନା କରିଥିଲେ। ତାଙ୍କ ପରେ କାର୍ଟରେଟ୍ (୧୭୪୨-୪୪), ପେଲହାମ (୧୭୪୪-୫୪), ନିଉକାଲସ୍ (୧୭୫୪-୫୬), ଡେଭନସାୟାର୍ ଓ ପିଟ୍ (୧୭୫୬-୫୭) ଏବଂ ନିଉକାସଲ୍ ଓ ପିଟ (୧୭୫୬-୬୧) ମନ୍ତ୍ରୀମଣ୍ଡଳ ଦେଶର ଶାସନ ଦାୟିତ୍ୱରେ ଥିଲେ। ଏମାନେ ହ୍ୱିଗ୍ ଦଳର ପ୍ରସିଦ୍ଧ ନେତା ଥିଲେ। ଏମାନଙ୍କ ବଳିଷ୍ଠ ନେତୃତ୍ୱରେ ହ୍ୱିଗ୍ ଦଳ ଏକ ସୁସଂଗଠିତ ରାଜନୈତିକ ଦଳ ଭାବରେ କାର୍ଯ୍ୟ କରିବା ସହିତ ନିରଙ୍କୁଶ ଶାସନ ପ୍ରତିଷ୍ଠା କରିପାରିଥିଲା।

ଗ୍ରେଗୋରିଆନ କାଲେଣ୍ଡର (The Gregorian Calander) :

ପେଲ୍‌ହାମ୍ଙ୍କ ଶାସନ ସମୟରେ ୧୭୨୫ ଖ୍ରୀ:ଅ:ରେ ଇଂଲଣ୍ଡରେ ଜୁଲିଆନ୍ କାଲେଣ୍ଡର ପରିବର୍ତ୍ତେ ଗ୍ରେଗୋରିଆନ କାଲେଣ୍ଡରର ପ୍ରଚଳନ କରାଯାଇଥିଲା। ଏହି ଦୁଇଟି କାଲେଣ୍ଡର ମଧ୍ୟରେ ୧୧ ଦିନର ବ୍ୟବଧାନ

ରହିଥିବାରୁ ସେପ୍ଟେମ୍ବର ୨ ତାରିଖ ପରେ ସେପ୍ଟେମ୍ବର ୧୪ ତାରିଖ ଆରମ୍ଭ ହୋଇଥିଲା। ପୂର୍ବରୁ ନବବର୍ଷ (New Year) ମାର୍ଚ୍ଚ ୨୫ ତାରିଖ ଥିଲା। ନୂତନ ଗ୍ରେଗୋରିଆନ କାଲେଣ୍ଡର ଅନୁସାରେ ନବବର୍ଷ ଜାନୁୟାରୀ ୧ ତାରିଖ ହୋଇଥିଲା।

ଜାକୋବାଇଟ୍ ବିକ୍ଷୋଭ, ୧୭୪୫ ଖ୍ରୀ:ଅ: (The Jacobite Unrest : 1745 A.D.) :

ଜର୍ଜ ଦ୍ୱିତୀୟଙ୍କ ଶାସନ ସମୟରେ ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଘଟଣା ଜାକୋବାଇଟ ବିକ୍ଷୋଭ ଥିଲା। ୧୭୪୫ ଖ୍ରୀ:ଅ:ରେ ସଂଘଟିତ ହୋଇଥିବା ଏହି ଜାକୋବାଇଟ ବିକ୍ଷୋଭ ଚାର୍ଲସ ଏଡ୍‌ୱାର୍ଡଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା। ପୂର୍ବରୁ ଏହି ବିକ୍ଷୋଭ ବିଷୟରେ ଆଲୋଚନା କରାଯାଇଛି।

ବୈଦେଶିକ ନୀତି :

ଜର୍ଜ ଦ୍ୱିତୀୟଙ୍କ ଶାସନ ସମୟରେ ତିନିଗୋଟି ଗୁରୁତ୍ୱପୂର୍ଣ୍ଣ ଯୁଦ୍ଧ ସଂଘଟିତ ହୋଇଥିଲା। ସେଗୁଡ଼ିକ ହେଲା :–

(୧) ଜେନକିନ୍‌ସଙ୍କ କର୍ଣ୍ଣ ପାଇଁ ଯୁଦ୍ଧ, ୧୭୩୯ ଖ୍ରୀ:ଅ: (Jenkins' Ear War, 1739 A.D.) :

Robert Jenkins with his Severed Ear (1739 A.D.)

ଏସିଏଣ୍ଟୋ ସନ୍ଧି (Asiento Treaty)ର ସର୍ତ୍ତାନୁଯାୟୀ ସ୍ପେନ୍ ଇଂଲଣ୍ଡକୁ ପ୍ରତ୍ୟେକ ବର୍ଷ ତାହାର ଆମେରିକୀୟ ଉପନିବେଶ ଏବଂ ୱେଷ୍ଟଇଣ୍ଡିଜରେ ୪,୮୦୦ ନିଗ୍ରୋ କ୍ରୀତଦାସ ବିକ୍ରୟ କରିବା ନିମନ୍ତେ ଅଧିକାର ପ୍ରଦାନ କରିଥିଲା। ଏତଦ୍‌ବ୍ୟତୀତ ଇଂଲଣ୍ଡକୁ ସେଠାରେ ବର୍ଷକୁ ଗୋଟିଏ ଜାହାଜ ବୋଝେଇ ପଣ୍ୟଦ୍ରବ୍ୟ ବିକ୍ରୟ କରିବା ନିମନ୍ତେ ସ୍ପେନ ଅନୁମତି ଦେଇଥିଲା। କିନ୍ତୁ ସ୍ପେନୀୟ ଉପନିବେଶଗୁଡ଼ିକରେ ଇଂଲଣ୍ଡ ପ୍ରସ୍ତୁତ ପଣ୍ୟଦ୍ରବ୍ୟର ଖୁବ୍ ଚାହିଦା ଥିବାରୁ ଇଂରେଜ ବ୍ୟବସାୟୀମାନେ ତଥା ଇଂରେଜ ଜାହାଜଗୁଡ଼ିକର କ୍ୟାପଟେନମାନେ ଏସିଏଣ୍ଟୋ ସନ୍ଧି ଚୁକ୍ତି ଉଲ୍ଲଙ୍ଘନ କରି ଚୋରାରେ ପଣ୍ୟଦ୍ରବ୍ୟ ସ୍ପେନୀୟ ଉପନିବେଶଗୁଡ଼ିକରେ ପହଞ୍ଚାଇଲେ। ତେଣୁ ସ୍ୱାଭାବିକ ଭାବରେ ସ୍ପେନ ସରକାର ଏହି ଘଟଣାରେ କ୍ଷୁବ୍ଧ ହୋଇଥିଲେ। ଚୋରା କାରବାରକୁ ରୋକିବା ନିମନ୍ତେ ସ୍ପେନ ଗଭୀର ସମୁଦ୍ରରେ ଇଂରେଜ ଜାହାଜଗୁଡ଼ିକୁ ଯାଞ୍ଚ କରିବାକୁ ଲାଗିଲେ। ଫଳରେ ଅନେକଥର ଉଭୟ ପକ୍ଷ ମଧ୍ୟରେ ସଂଘର୍ଷ ହେଲା। ଏକଦା ଏହି ସଂଘର୍ଷ ସମୟରେ ସ୍ପେନୀୟମାନେ ଇଂରେଜ କ୍ୟାପଟେନ ଜେନକିନ୍‌ଙ୍କ କର୍ଣ୍ଣଚ୍ଛେଦ କରିଥିଲେ। ବିରୋଧୀ ଦଳର ପ୍ରରୋଚନାରେ ଜେନକିନ୍ ସଯତ୍ନେ ସଂରକ୍ଷିତ ଛେଦିତ କର୍ଣ୍ଣଟିକୁ ଗୋଟିଏ ବୋତଲରେ ଭର୍ତ୍ତିକରି କମନସ୍ ସଭାରେ ପ୍ରଦର୍ଶିତ କରିଥିଲେ। ଛେଦିତ କର୍ଣ୍ଣର ପ୍ରଦର୍ଶନୀ ସମଗ୍ର ଦେଶରେ ଅସନ୍ତୋଷର ବହ୍ନି ପ୍ରଜ୍ୱଳିତ କରାଇଥିଲା। ସମସ୍ତେ ସ୍ପେନ ବିରୋଧରେ ଯୁଦ୍ଧ ଦାବି କଲେ। ଅବଶେଷରେ ଶାନ୍ତିପ୍ରିୟ ପ୍ରଧାନମନ୍ତ୍ରୀ ୱାଲପୋଲ୍ ସ୍ପେନ ବିରୋଧରେ ଯୁଦ୍ଧ ଘୋଷଣା କଲେ। ଏହି ଯୁଦ୍ଧକୁ ''ଜେନକିନସ୍ କର୍ଣ୍ଣଯୁଦ୍ଧ'' କୁହାଯାଏ। ଏହି ଯୁଦ୍ଧ ଇଂରେଜମାନଙ୍କୁ ସମ୍ମାନ ଆଣିଦେଇ ପାରି ନ ଥିଲା। ପ୍ରାରମ୍ଭିକ ପର୍ଯ୍ୟାୟରେ ଇଂରେଜମାନେ ଯୁଦ୍ଧରେ ସଫଳତା ପାଇଲେ ମଧ୍ୟ ଅବଶେଷରେ ଇଂଲଣ୍ଡ ପରାସ୍ତ ହୋଇଥିଲା। ଏହି ବିଫଳତା ନିମନ୍ତେ ସରକାର ସମାଲୋଚନାର ଶରବ୍ୟ ହୋଇଥିଲେ। ୧୭୪୨ ଖ୍ରୀ:ଅ:ରେ ୱାଲପୋଲ୍ ନିଜ ପଦବୀରୁ ଇସ୍ତଫା ଦେଇଥିଲେ। ସ୍ପେନ ସହିତ ଇଂଲଣ୍ଡର ଯୁଦ୍ଧର ଅନ୍ତ ଘଟି ନ ଥିଲା। ଇଂଲଣ୍ଡ ଦୀର୍ଘ ୭୫ ବର୍ଷ ଧରି ଫ୍ରାନ୍ସ ଏବଂ ସ୍ପେନ ସହିତ ଅନେକ ଯୁଦ୍ଧ କରିଥିଲା, ତନ୍ମଧ୍ୟରୁ ଏହାଥିଲା ପ୍ରଥମ ଯୁଦ୍ଧ।

(୨) ଅଷ୍ଟ୍ରିଆ ସିଂହାସନ ଉତ୍ତରାଧିକାର ଯୁଦ୍ଧ, ୧୭୪୦-୧୭୪୮ ଖ୍ରୀ:ଅ: (Austrian War of Succession, 1740-1748 A.D.) :

ଅଷ୍ଟ୍ରିଆର ସମ୍ରାଟ ଚାର୍ଲସ ଷଷ୍ଠଙ୍କର ୧୭୪୦ ଖ୍ରୀ:ଅ:ରେ ମୃତ୍ୟୁ ହୋଇଥିଲା। ତାଙ୍କ ମୃତ୍ୟୁ ପରେ ତାଙ୍କର ଇଚ୍ଛାନୁଯାୟୀ ତାଙ୍କର ଜ୍ୟେଷ୍ଠା କନ୍ୟା ମାରିଆ ଥେରେସା ସିଂହାସନ ଆରୋହଣ କରିଲେ। ଇଉରୋପୀୟ ରାଷ୍ଟ୍ରମାନେ ପୂର୍ବରୁ ଏହି ମନୋନୟନକୁ ଅନୁମୋଦନ କରିଥିଲେ। ପ୍ରୁସିଆ ସମ୍ରାଟ ଫ୍ରେଡ୍‌ରିକ ଦ୍ୱିତୀୟ ନିଜର ମତ ପରିବର୍ତ୍ତନ କରିଥିଲେ ଏବଂ ସିଲେସିଆ ଅଧିକାର କରିନେଲେ। ପ୍ରୁସିଆର ଏହି କାର୍ଯ୍ୟ ପାଇଁ ଅନେକ ଶାସକ ଅଷ୍ଟ୍ରିଆ ଆକ୍ରମଣ କରିବାକୁ ଉତ୍ସାହିତ ଥିଲେ। ତନ୍ମଧ୍ୟରୁ ବାଭାରିଆର ଇଲେକ୍ଟର ଅନ୍ୟତମ। ତାଙ୍କୁ ଫ୍ରାନ୍ସ ସାହାଯ୍ୟ ପ୍ରଦାନ କରିଥିଲା। ମାରିଆ ଥେରେସାଙ୍କୁ ଇଂଲଣ୍ଡ ସମର୍ଥନ କରି ୧୭୪୧ ଖ୍ରୀ:ଅ:ରେ ପ୍ରୁସିଆ ଓ ଫ୍ରାନ୍ସ ବିରୁଦ୍ଧରେ ଯୁଦ୍ଧରେ ଯୋଗ ଦେଲା। ଏହି ଯୁଦ୍ଧରେ ଏକପକ୍ଷରେ ଅଷ୍ଟ୍ରିଆ ଏବଂ ଇଂଲଣ୍ଡ ଏବଂ ଅପରପକ୍ଷରେ ପ୍ରୁସିଆ, ଫ୍ରାନ୍ସ ଏବଂ ବାଭାରିଆ ଥିଲେ। ଏହି ଯୁଦ୍ଧରେ ମୁଖ୍ୟ ପ୍ରତିଦ୍ୱନ୍ଦୀ ଇଂଲଣ୍ଡ ଏବଂ ଫ୍ରାନ୍ସ ଥିଲେ। ୧୭୪୫ ଖ୍ରୀ:ଅ:ରେ ଫ୍ରାନ୍ସ ଫଣ୍ଟେନୟ (Fontenoy) ଯୁଦ୍ଧକ୍ଷେତ୍ରରେ ଇଂଲଣ୍ଡକୁ ପରାସ୍ତ କଲା। ଏହି ସମୟରେ ଇଂଲଣ୍ଡରେ ଜେମସ୍ ତୃତୀୟଙ୍କ ନେତୃତ୍ୱରେ ଜାକୋବାଇଟ ଆନ୍ଦୋଳନ ଆରମ୍ଭ ହେବାଦ୍ୱାରା ଇଂରେଜ ସୈନ୍ୟବାହିନୀ ଇଉରୋପରୁ ଅପସାରିତ ହୋଇଥିଲା। ଏହି ଅଷ୍ଟ୍ରିଆ ସିଂହାସନ ଉତ୍ତରାଧିକାର ଯୁଦ୍ଧ ୧୭୪୮ ଖ୍ରୀ:ଅ: ପର୍ଯ୍ୟନ୍ତ ଜାରି ରହିଥିଲା। ଯୁଦ୍ଧର ଶେଷ ଦୁଇବର୍ଷରେ ଇଂଲଣ୍ଡର କୌଣସି ଭୂମିକା ନ ଥିଲା। ଅବଶେଷରେ ୧୭୪୮ ଖ୍ରୀ:ଅ:ରେ ଏକସ୍-ଲା-ଚାପେଲା ସନ୍ଧି (Treaty of Aix-la-chapelle) ସ୍ୱାକ୍ଷରିତ ହେବା ସହିତ ଏହି ଯୁଦ୍ଧର ଶେଷ ହୋଇଥିଲା।

ଏହି ସନ୍ଧି ଅନୁଯାୟୀ ମାରିଆ ଥେରେସା ଅଷ୍ଟ୍ରିଆର ଶାସିକା ଭାବରେ ସ୍ୱୀକୃତି ଲାଭ କରିଲେ। ପ୍ରୁସିଆ ସିଲେସିଆ ପାଇଲା। ଫ୍ରାନ୍ସ ଏବଂ ଇଂଲଣ୍ଡ ପରସ୍ପରର ଅଧିକାର କରିଥିବା ଅଞ୍ଚଳ ପରସ୍ପରକୁ ଫେରାଇଦେଲେ। ଇଂଲଣ୍ଡରେ ହାନୋଭର ରାଜବଂଶର ଶାସନକୁ ଫ୍ରାନ୍ସ ସ୍ୱୀକୃତି ପ୍ରଦାନ କଲା।

(୩) ସପ୍ତବର୍ଷୀୟ ଯୁଦ୍ଧ, ୧୭୫୬-୬୩ ଖ୍ରୀ:ଅ: (Seven Year's War, 1756-1763 A.D.) :

ଜର୍ଜ ଦ୍ୱିତୀୟଙ୍କ ରାଜତ୍ୱରେ ସପ୍ତବର୍ଷୀୟ ଯୁଦ୍ଧ ସର୍ବବୃହତ ଯୁଦ୍ଧ ଥିଲା। ଏହି ଯୁଦ୍ଧ ଇଉରୋପ, ଉତ୍ତର ଆମେରିକା ଏବଂ ଭାରତରେ ଅନୁଷ୍ଠିତ ହୋଇଥିଲା। ଆମେରିକା ଓ ଭାରତରେ ଇଂଲଣ୍ଡ ସହିତ ଫ୍ରାନ୍ସର ବାଣିଜ୍ୟିକ ପ୍ରତିଦ୍ୱନ୍ଦିତା ଏବଂ ସିଲେସିଆ ପ୍ରଶ୍ନ (ଏହା ଏକସ୍-ଲା-ସାପେଲ ସନ୍ଧିରେ ପ୍ରୁସିଆକୁ ପ୍ରଦାନ କରାଯାଇଥିଲା) ଉପରେ ପ୍ରୁସିଆର ଅଷ୍ଟ୍ରିଆ ସହିତ ବିବାଦ ଇଉରୋପୀୟ ରାଷ୍ଟ୍ରଗୁଡ଼ିକୁ ଦୁଇଟି ପକ୍ଷରେ ବିଭକ୍ତ କରିଥିଲା। ଏକ ପକ୍ଷରେ ଫ୍ରାନ୍ସ, ଅଷ୍ଟ୍ରିଆ ଓ ଋଷିଆ ଏବଂ ଅନ୍ୟପକ୍ଷରେ ଇଂଲଣ୍ଡ ଓ ପ୍ରୁସିଆ ଥିଲେ। ଯୁଦ୍ଧର ପ୍ରଥମ ପର୍ଯ୍ୟାୟରେ ଇଂଲଣ୍ଡ ଦାରୁଣ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ତେବେ ଜ୍ୟେଷ୍ଠ ପିଟ୍ (Pitt, the Elder) ଯୁଦ୍ଧ ବିଭାଗ ଦାୟିତ୍ୱ ଗ୍ରହଣ କରିବା ପରେ ପରିସ୍ଥିତିରେ ଉନ୍ନତି ଘଟିଥିଲା। ଉତ୍ତର ଆମେରିକାରେ ଇଂଲଣ୍ଡ, କୁଇବେକ୍ ଓ ମଣ୍ଟ୍ରିଲ ଯୁଦ୍ଧକ୍ଷେତ୍ରରେ ବିଜୟୀ ହୋଇଥିଲା। ୧୭୬୦ ଖ୍ରୀ:ଅ:ରେ ଯୁଦ୍ଧ ମଧ୍ୟରେ ଜର୍ଜ ଦ୍ୱିତୀୟଙ୍କର ମୃତ୍ୟୁ ଘଟିଥିଲା। ଏହି ସପ୍ତବର୍ଷୀୟ ଯୁଦ୍ଧ ୧୭୬୩ ଖ୍ରୀ:ଅ:ରେ "ପ୍ୟାରିସ୍ ସନ୍ଧି" ସ୍ୱାକ୍ଷରିତ ହେବା ସହିତ ସମାପ୍ତ ହୋଇଥିଲା।

ଏହି ପ୍ୟାରିସ ସନ୍ଧିର ବ୍ୟବସ୍ଥାନୁଯାୟୀ ଫ୍ରାନ୍ସ ଇଂଲଣ୍ଡକୁ କାନାଡ଼ା, ମିନୋର୍କା, ସେନିଗାଲ ଓ କେପ ବ୍ରିଟନ ନାମକ କ୍ଷୁଦ୍ର ଦ୍ୱୀପ ଏବଂ ସ୍ପେନକୁ ଲୁଇସିଆନା ପ୍ରଦାନ କଲା। ଇଂଲଣ୍ଡ ସ୍ପେନ ନିକଟରୁ ଫ୍ଲୋରିଡ଼ା ଲାଭ କରିଥିଲା। ଇଂଲଣ୍ଡ ଫ୍ରାନ୍ସକୁ ଗୋରି, ପଣ୍ଡିଚେରୀ, ମାର୍ଟିନିକ୍ ଓ ଗ୍ୱାଡେଲୋପ ଏବଂ ସ୍ପେନକୁ କ୍ୟୁବା ଓ ଫିଲିପାଇନସ୍ ପ୍ରଦାନ କରିଲା। ଏହି ସପ୍ତବର୍ଷୀୟ ଯୁଦ୍ଧରେ ଇଂଲଣ୍ଡ ଲାଭବାନ ହେବା ସହିତ ତାର ସାମ୍ରାଜ୍ୟର ପରିସୀମା ବୃଦ୍ଧି ପାଇଥିଲା।

ଜର୍ଜ ଦ୍ୱିତୀୟଙ୍କର ଶାସନ କାଳ ଇଂଲଣ୍ଡ ଇତିହାସରେ ଏକ ଗୁରୁତ୍ୱପୂର୍ଣ୍ଣ ସମୟ ଥିଲା । ଏହି ସମୟରେ ଇଂଲଣ୍ଡର ଆଭ୍ୟନ୍ତରୀଣ ବ୍ୟାପାରରେ ହୁଇଗ ଦଳର ସ୍ଥିତି ସୁଦୃଢ଼ ହେବା ସହିତ ପ୍ରଧାନମନ୍ତ୍ରୀ ପଦବୀ ଓ କ୍ୟାବିନେଟ ବ୍ୟବସ୍ଥାର ଉତ୍ପତ୍ତି ହୋଇଥିଲା । ବୈଦେଶିକ କ୍ଷେତ୍ରରେ ତିନିଗୋଟି ମହାନ ଯୁଦ୍ଧ ସଂଘଟିତ ହୋଇଥିବାରୁ ଏହା ଇଂଲଣ୍ଡ ଇତିହାସରେ ଏକ ମହତ୍ତ୍ୱପୂର୍ଣ୍ଣ ସମୟ ଥିଲା ।

ରବର୍ଟ ୱାଲ୍‌ପୋଲ୍‌ଙ୍କ ମନ୍ତ୍ରୀମଣ୍ଡଳ (Ministry of Robert Walpole) :

ସାର ରବର୍ଟ ୱାଲ୍‌ପୋଲ୍ ନିଜର ବିରଳ କୃତିତ୍ୱ ଦ୍ୱାରା ଆଧୁନିକ ଇଂଲଣ୍ଡର ନିର୍ମାତାମାନଙ୍କ ମଧ୍ୟରେ ଏକ ଗୌରବଜନକ ସ୍ଥାନ ଅଧିକାର କରିପାରିଛନ୍ତି । ସେ ଏକାଧାରାରେ ଜଣେ ବିଚକ୍ଷଣ ନେତା, କର୍ତ୍ତବ୍ୟନିଷ୍ଠ ମନ୍ତ୍ରୀ ତଥା ଧୂରୀଣ ରାଷ୍ଟ୍ରନୀତିଜ୍ଞ ଥିଲେ ।

Sir Robert Walpole
1676–1745 A.D.

ୱାଲ୍‌ପୋଲ୍ ୧୬୭୬ ଖ୍ରୀ:ଅ:ରେ ନରଫୋକର ୧୯ ସନ୍ତାନ ବିଶିଷ୍ଟ ଏକ ସମ୍ଭ୍ରାନ୍ତ ପରିବାରରେ ତୃତୀୟ ସନ୍ତାନ ରୂପରେ ଜନ୍ମଗ୍ରହଣ କରିଥିଲେ । ସେ ଇଟନ୍ ଏବଂ କେମ୍ବ୍ରିଜ ବିଶ୍ୱବିଦ୍ୟାଳୟର କିଙ୍ଗସ୍ ମହାବିଦ୍ୟାଳୟରେ ଶିକ୍ଷାଲାଭ କରିଥିଲେ । ୧୭୦୧ ଖ୍ରୀ:ଅ:ରେ ୨୫ ବର୍ଷ ବୟସରେ ସେ ସଂସଦର ସଦସ୍ୟ ଭାବରେ ଯୋଗ ଦେଇ ନିଜର ରାଜନୈତିକ ଜୀବନ ଆରମ୍ଭ କରିଥିଲେ । ୧୭୦୮ ଖ୍ରୀ:ଅ:ରେ ସେ ମାର୍ଲବରୋ ମନ୍ତ୍ରୀମଣ୍ଡଳରେ ଯୁଦ୍ଧ ବିଭାଗ ଦାୟିତ୍ୱ ଗ୍ରହଣ କରିଥିଲେ । ମାତ୍ର ୧୭୧୧ ଖ୍ରୀ:ଅ:ରେ ଦୁର୍ନୀତି ଓ ଅର୍ଥ ତୋଷାରପାତ ଅଭିଯୋଗରେ କମନସ୍ ସଭାରୁ ବହିଷ୍କୃତ ହୋଇଥିଲେ ।

ଇଂଲଣ୍ଡରେ ହାନୋଭର ରାଜବଂଶ କ୍ଷମତାରେ ଅଧିଷ୍ଠିତ ହେବାପରେ ହୁଇଗ୍‌ମାନଙ୍କର ଅଭ୍ୟୁତ୍‌ଥାନ ହୋଇଥିଲା । ହୁଇଗମାନଙ୍କର ଅଭ୍ୟୁତ୍‌ଥାନ ସହିତ ୱାଲ୍‌ପୋଲ୍‌ଙ୍କର ମଧ୍ୟ ଉତ୍‌ଥାନ ହୋଇଥିଲା । ୧୭୧୭ ଖ୍ରୀ:ଅ:ରୁ ୧୭୨୧ ଖ୍ରୀ:ଅ: ପର୍ଯ୍ୟନ୍ତ ସେ ଷ୍ଟାନ୍‌ହୋପ୍‌ଙ୍କ ମନ୍ତ୍ରୀମଣ୍ଡଳରେ ବିତ୍ତମନ୍ତ୍ରୀ ଭାବରେ ଯୋଗଦେଇ ନିଜର ଦକ୍ଷତାର ପ୍ରମାଣ ଦେଇଥିଲେ । ଦକ୍ଷିଣ ସାଗର କମ୍ପାନୀର ପ୍ରତାରଣା ଘଟଣା ଘଟିବା ପରେ ଦେଶକୁ ଆସନ୍ନ ବିପତ୍ତିରୁ ଉଦ୍ଧାର କରିବା ଉଦ୍ଦେଶ୍ୟରେ ଜର୍ଜ ପ୍ରଥମ ତାଙ୍କୁ ମନ୍ତ୍ରୀମଣ୍ଡଳର ଦାୟିତ୍ୱ ନେବାକୁ ମନୋନୀତ କରିଥିଲେ । ଜର୍ଜଙ୍କ ଦ୍ୱାରା ମନୋନୀତ ହୋଇ ୱାଲ୍‌ପୋଲ୍ ୧୭୨୧ ଖ୍ରୀ:ଅ:ରୁ ୧୭୪୨ ଖ୍ରୀ:ଅ: ପର୍ଯ୍ୟନ୍ତ ଦୀର୍ଘ ୨୧ ବର୍ଷ କାଳ ଇଂଲଣ୍ଡର ପ୍ରଧାନମନ୍ତ୍ରୀ ଭାବରେ ଦକ୍ଷତାର ସହ ନିଜର କାର୍ଯ୍ୟ ସମ୍ପାଦନ କରିଥିଲେ । ଦେଶର ମଙ୍ଗଳ ସାଧନ କରିବା ତାଙ୍କର ଆନ୍ତରିକ ଉଦ୍ଦେଶ୍ୟ ଥିଲା । ତାଙ୍କର ହୃଦ୍‌ବୋଧ ହୋଇଥିଲା ଯେ ଦେଶରେ ଶାନ୍ତିଶୃଙ୍ଖଳା ସ୍ଥାପିତ ହେବା ସହିତ ଶିଳ୍ପ ଓ ବାଣିଜ୍ୟର ଅଭିବୃଦ୍ଧି ଘଟିଲେ ଇଂଲଣ୍ଡର ମଙ୍ଗଳ ତଥା ଉନ୍ନତି ସାଧିତ ହୋଇପାରିବ । ନିଜର ବ୍ୟାବହାରିକ ବୁଦ୍ଧି ବଳରେ ଅର୍ଥ ତଥା ବାଣିଜ୍ୟ ବ୍ୟବସ୍ଥା କ୍ଷେତ୍ରରେ ସଫଳତା ହାସଲ କରିପାରିଥିଲେ । ମାତ୍ର ଏ ସଫଳତା ସତ୍ତ୍ୱେ ତାଙ୍କ ନିକଟରେ ସୃଜନଶୀଳ ପ୍ରତିଭା ଏବଂ ଅର୍ନ୍ତଦୃଷ୍ଟିର ଯଥେଷ୍ଟ ଅଭାବ ଥିଲା । ଉଚ୍ଚ ଆଦର୍ଶ ଦ୍ୱାରା ଅନୁପ୍ରାଣୀତ ହେବା କିମ୍ବା ମହତ ଚିନ୍ତା କରିବା ତାଙ୍କ ଚିନ୍ତାଶକ୍ତି ପରିଧିର ବାହାରେ ଥିଲା । ଯଦିଓ ତାଙ୍କ ନିକଟରେ ଧର୍ମର କୌଣସି ମୂଲ୍ୟ ନ ଥିଲା, ତଥାପି ଦେଶରେ ଶାନ୍ତିଶୃଙ୍ଖଳା ରକ୍ଷା କରିବା ନିମନ୍ତେ ଏହାକୁ ଏକ ସୁବିଧାଜନକ ମାଧ୍ୟମ ବୋଲି ଚିନ୍ତା କରି ଧର୍ମଗତ ସମସ୍ୟାର ସମାଧାନ ନିମନ୍ତେ ଚେଷ୍ଟା କରିଥିଲେ । ତାଙ୍କ ନୀତି ଥିଲା, ''ସୁପ୍ତ ଶ୍ୱାନମାନେ ଶାୟିତ ରୁହନ୍ତୁ'' (Quieta non movere or let sleeping dogs lie) । ଏହି ନୀତିରେ ପରିଚାଳିତ ହୋଇ ଯଦି କେତେବେଳେ କୌଣସି ଗୁରୁତ୍ୱପୂର୍ଣ୍ଣ ବିବାଦୀୟ ପ୍ରଶ୍ନ ଉତ୍ଥାପିତ ହୁଏ, ତେବେ ତାକୁ ଅଣଦେଖା କରି ଶାନ୍ତିଶୃଙ୍ଖଳା ରକ୍ଷା କରିବା ନିମନ୍ତେ ଉଦ୍ୟମ କରୁଥିଲେ । କୌଣସି ଦୂରଦୃଷ୍ଟିସମ୍ପନ୍ନ ବିଚକ୍ଷଣ ରାଷ୍ଟ୍ରନୀତିଜ୍ଞ ୱାଲ୍‌ପୋଲ୍‌ଙ୍କ ପରି ପ୍ରଚଳିତ ବ୍ୟବସ୍ଥାରେ ସନ୍ତୁଷ୍ଟ ରହି ତାହାର ଧାରାକୁ ଅବ୍ୟାହତ ରଖିବା ଉଦ୍ଦେଶ୍ୟରେ

ଶାନ୍ତିଶୃଙ୍ଖଳା ରକ୍ଷା କରିବାରେ ଚେଷ୍ଟିତ ହୁଅନ୍ତି ନାହିଁ । ତାଙ୍କ ନିକଟରେ ଜଣେ ଦକ୍ଷ ରାଜନୀତିଜ୍ଞଠାରେ ପରିଲକ୍ଷିତ ହେଉଥିବା ବିଶେଷ ଲକ୍ଷଣଗୁଡ଼ିକର ଅଭାବ ଥିଲେ ମଧ୍ୟ ଜନସାଧାରଣଙ୍କର ତାଙ୍କଠାରେ ଦୃଢ଼ ଭରସା ରହିଥିଲା, କାରଣ ତାଙ୍କ କାର୍ଯ୍ୟକଳାପ ସମୟୋପଯୋଗୀ ହେବା ସହିତ ସେଥିରେ ହୁଇଗମାନଙ୍କର ଚିନ୍ତାଧାରାର ସ୍ୱଷ୍ଟ ଝଲକ ଦେଖିବାକୁ ମିଳିଥିଲା । ୱାଲପୋଲ୍‌ଙ୍କ କାର୍ଯ୍ୟକାଳ ମଧ୍ୟରେ ଦେଶରେ ଶାନ୍ତିଶୃଙ୍ଖଳା ସ୍ଥାପିତ ହେବା ସହିତ ଦେଶ ଅର୍ଥନୈତିକ କ୍ଷେତ୍ରରେ ସମୃଦ୍ଧିଶାଳୀ ହୋଇପାରିଥିଲା ।

ପ୍ରଧାନମନ୍ତ୍ରୀ ଭାବରେ ୱାଲ୍‌ପୋଲ୍ (Walpole as Prime Minister) :

ୱାଲପୋଲ୍‌ଙ୍କ କାର୍ଯ୍ୟକାଳ ମଧ୍ୟରେ ଇଂଲଣ୍ଡରେ ପ୍ରଧାନମନ୍ତ୍ରୀ ପଦବୀର ସୃଷ୍ଟି ହୋଇଥିଲା । ୱାଲପୋଲ୍‌ଙ୍କୁ ଇଂଲଣ୍ଡର ପ୍ରଥମ ପ୍ରଧାନମନ୍ତ୍ରୀ ଭାବରେ ଅଭିହିତ କରାଯାଏ । ସେ ଆଧୁନିକ ଇଂଲଣ୍ଡ ଗଠନରେ ସ୍ଥପତିର ଭୂମିକା ଗ୍ରହଣ କରିଥିଲେ । ଇଂଲଣ୍ଡ ସମ୍ବିଧାନର ମଧ୍ୟ ପ୍ରତିଷ୍ଠାତା ଥିଲେ । ତାଙ୍କ କାର୍ଯ୍ୟକାଳ ମଧ୍ୟରେ କମନସ୍ ସଭା ବ୍ରିଟିଶ ଶାସନ ପଦ୍ଧତିରେ ସର୍ବୋଚ୍ଚ ସ୍ଥାନର ଅଧିକାରୀ ହୋଇପାରିଥିଲା । ତାଙ୍କ ପୂର୍ବବର୍ତ୍ତୀ ନେତାମାନେ କ୍ଷମତାକୁ ଆସିବା ସଙ୍ଗେ ସଙ୍ଗେ ପିଅର ପଦବୀ ଗ୍ରହଣ କରି ଲର୍ଡ଼ସ ସଭାର ସଦସ୍ୟ ପଦରେ ଅବସ୍ଥାପିତ ହେଉଥିଲେ । ମାତ୍ର ୱାଲ୍‌ପୋଲ୍ ପିଅର ପଦ ପ୍ରତି ଲାଳାୟିତ ନ ହୋଇ କ୍ଷମତାରୁ ଅପସରିଯିବା ପର୍ଯ୍ୟନ୍ତ କମନସ୍ ସଭାର ସଦସ୍ୟ ଭାବରେ ରହିଥିଲେ । କ୍ଷମତାରୁ ଅପସରିଯିବା ପରେ ସେ "ଅର୍ଲ ଅଫ୍ ଅକ୍‌ସଫୋର୍ଡ" (Earl of Oxford) ଉପାଧି ଧାରଣ କରି ଲର୍ଡ଼ସ ସଭାର ସଦସ୍ୟ ହୋଇଥିଲେ । ତେଣୁ ପ୍ରଧାନମନ୍ତ୍ରୀ ରୂପେ କମନସ୍ ସଭାର ସଦସ୍ୟ ରହି ଏହାର ମତାମତ ଅନୁଯାୟୀ କାର୍ଯ୍ୟ କରୁଥିବାରୁ କମନସ୍ ସଭାର ମହତ୍ତ୍ୱ ବୃଦ୍ଧି ପାଇଥିଲା ଏବଂ ଏହା ବ୍ରିଟିଶ ଶାସନ ପଦ୍ଧତିର ପ୍ରଧାନ କେନ୍ଦ୍ର ରୂପେ ଉଭା ହୋଇଥିଲା ।

ମନ୍ତ୍ରୀମଣ୍ଡଳର ଶାସନ ପଦ୍ଧତିର ବିକାଶ ନିମନ୍ତେ ୱାଲ୍‌ପୋଲ୍‌ଙ୍କ ଅବଦାନ ଅବିସ୍ମରଣୀୟ ଅଟେ । ପ୍ରଧାନମନ୍ତ୍ରୀ ପଦର ସୃଷ୍ଟି, ମନ୍ତ୍ରୀମଣ୍ଡଳ ଶାସନ ପଦ୍ଧତି ବିକାଶର ପ୍ରଥମ ମାଇଲଖୁଣ୍ଟି ଥିଲା, ଯଦିଓ ୱାଲପୋଲ୍‌ଙ୍କ ପୂର୍ବରୁ ଏଥିନିମନ୍ତେ ମାର୍ଗ ପ୍ରସ୍ତୁତ ହୋଇସାରିଥିଲା । ୱାଲ୍‌ପୋଲ୍ ନିଜର ଦୃଢ଼ ବ୍ୟକ୍ତିତ୍ୱ ବଳରେ ମନ୍ତ୍ରୀମଣ୍ଡଳକୁ ଯେପରି ନେତୃତ୍ୱ ଦେବା ନିମନ୍ତେ ସକ୍ଷମ ହୋଇଥିଲେ, ତାଙ୍କ ପୂର୍ବରୁ କୌଣସି ନେତା ଏପରି ସମର୍ଥ ହୋଇ ନ ଥିଲେ । ନେତୃତ୍ୱ ନେବାର ଅପୂର୍ବ ଦକ୍ଷତା ଥିବାରୁ ସେ ମନ୍ତ୍ରୀମଣ୍ଡଳର ଆଲୋଚନାରେ ମୁଖ୍ୟ ରୂପେ ଅଂଶଗ୍ରହଣ କରିବା ସହିତ କମନସ୍ ସଭାକୁ ମଧ୍ୟ ନିୟନ୍ତ୍ରଣ କରିବାରେ ସକ୍ଷମ ହୋଇଥିଲେ । ଆଧୁନିକ ସଂସଦୀୟ ଶାସନ ପ୍ରଣାଳୀରେ ଯେପରି ପ୍ରଧାନମନ୍ତ୍ରୀ ଉଭୟ ସଂସଦ ଏବଂ ମନ୍ତ୍ରୀମଣ୍ଡଳର ନେତା ହୋଇଛନ୍ତି; ଠିକ୍ ସେହିପରି ନିଜର ଦୃଢ଼ ବ୍ୟକ୍ତିତ୍ୱ ଏବଂ ଦକ୍ଷତା ଦ୍ୱାରା ୱାଲ୍‌ପୋଲ୍ ସେହି ପ୍ରକାରର ଭୂମିକା ଗ୍ରହଣ କରିଥିଲେ । ସେ ନିଜକୁ ପ୍ରଧାନମନ୍ତ୍ରୀ ଭାବରେ ଅଭିହିତ କରିନଥିଲେ ମଧ୍ୟ, ପ୍ରକୃତରେ ସେ ଏହି ପଦବୀରେ ଅଧିଷ୍ଠିତ ହୋଇଥିଲେ । ପ୍ରଧାନମନ୍ତ୍ରୀ ପଦବୀ ପରି ଏକ ପଦବୀ ସୃଷ୍ଟି ହେଉଛି ବୋଲି ଆଶଙ୍କା କରି ପ୍ରାରମ୍ଭରୁ ଜନସାଧାରଣ ଏହାକୁ ବିରୋଧ କରିଥିଲେ । ୧୭୪୧ ଖ୍ରୀ:ଅ:ରେ ଲର୍ଡ଼ସ ସଭାର ସଦସ୍ୟମାନେ ଏହି ପଦବୀକୁ ବିରୋଧ କରି ଏକ ଆବେଦନ ପତ୍ର ଦେଇଥିଲେ । କିନ୍ତୁ ସମୟକ୍ରମେ ଏହି ପଦବୀ ସୃଷ୍ଟିର ଯଥାର୍ଥତା ଅନୁଭୂତ ହେବା ସହିତ ଏହାର ପ୍ରଚଳନ ଅବ୍ୟାହତ ରହିବା ହେତୁ ସମ୍ବିଧାନ ଦ୍ୱାରା ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦବୀ ରୂପେ ସ୍ୱୀକୃତ ହୋଇଥିଲା ।

ସରକାରୀ ନୀତି ଏବଂ କାର୍ଯ୍ୟକ୍ରମକୁ ସମ୍ପୂର୍ଣ୍ଣ କର୍ତ୍ତୃତ୍ୱାଧୀନ କରିବା ନିମନ୍ତେ ପ୍ରଧାନମନ୍ତ୍ରୀ ପଦବୀର ସୃଷ୍ଟି ହୋଇଥିଲା । ଏତଦ୍‌ବ୍ୟତୀତ ମନ୍ତ୍ରୀମଣ୍ଡଳର ସମସ୍ତ ସଦସ୍ୟ ପ୍ରଧାନମନ୍ତ୍ରୀଙ୍କ ନିୟନ୍ତ୍ରଣାଧୀନରେ ରହି ସାମୂହିକ ଭାବରେ କାର୍ଯ୍ୟ କରିବା ଏବଂ ମନ୍ତ୍ରୀମଣ୍ଡଳ ଦ୍ୱାରା ଗୃହୀତ ପ୍ରତ୍ୟେକ ନିଷ୍ପତ୍ତିକୁ ସମର୍ଥନ କରିବାର ଆବଶ୍ୟକତା ଅନୁଭୂତ ହୋଇଥିଲା । ୱାଲପୋଲ୍‌ଙ୍କର କୌଣସି ମନ୍ତ୍ରୀଙ୍କ ସହିତ ମତଭେଦ ଘଟିଲେ ଉକ୍ତ ମନ୍ତ୍ରୀଙ୍କୁ ଇସ୍ତଫା ଦେବା ନିମନ୍ତେ ବାଧ୍ୟ କରି ସେ ମନ୍ତ୍ରୀମଣ୍ଡଳରେ ଶୃଙ୍ଖଳା ରକ୍ଷା କରିପାରିଥିଲେ । ବିଭିନ୍ନ ମନ୍ତ୍ରୀମାନଙ୍କ ସହିତ ବିଭିନ୍ନ ସମୟରେ ମତଭେଦ ଘଟିବାରୁ ୱାଲ୍‌ପୋଲ୍ ସେମାନଙ୍କୁ ଇସ୍ତଫା ଦେବା ନିମନ୍ତେ ବାଧ୍ୟ କରିବାକୁ ବହୁ ନଜିର ରହିଛି । ସେ ୧୭୨୯ ଖ୍ରୀ:ଅ:ରେ ଲର୍ଡ଼ ଟାଉନସେଣ୍ଡଙ୍କୁ ଇସ୍ତଫା ଦେବାକୁ

ବାଧ୍ୟ କରିଥିଲେ। ୧୭୩୩ ଖ୍ରୀ:ଅ:ରେ ତାଙ୍କର ପ୍ରସ୍ତାବିତ ଅବକାରୀ ବିଧେୟକ ବିରୁଦ୍ଧରେ ପ୍ରବଳ ଜନମତ ସୃଷ୍ଟି ହେବାରୁ ସେ ଉକ୍ତ ବିଧେୟକଟିକୁ ପ୍ରତ୍ୟାହାର କରିନେବା ନିମନ୍ତେ ବାଧ୍ୟ ହୋଇଥିଲେ; ମାତ୍ର ମନ୍ତ୍ରୀମଣ୍ଡଳର ଯେଉଁ ସଦସ୍ୟମାନେ ଏହି ବିଧେୟକଟିକୁ ବିରୋଧ କରି ଏହା ବିରୁଦ୍ଧରେ ଜନମତ ସୃଷ୍ଟି କରିଥିଲେ, ସେ ସେମାନଙ୍କୁ ତୁରନ୍ତ ମନ୍ତ୍ରୀମଣ୍ଡଳରୁ ବହିଷ୍କାର କରିଥିଲେ। ଏହି କାରଣରୁ ଲର୍ଡ଼ ଚେଷ୍ଟରଫିଲଡ୍, ଲର୍ଡ଼ କ୍ଲିଣ୍ଟନ ଏବଂ ମାର୍ଚ୍ଚମଣ୍ଟଙ୍କ ପରି ମନ୍ତ୍ରୀମାନେ ମନ୍ତ୍ରୀମଣ୍ଡଳରୁ ବହିଷ୍କୃତ ହୋଇଥିଲେ। ସେହି ୧୭୩୩ ଖ୍ରୀ:ଅ:ରେ ଏକ ସରକାରୀ ପ୍ରସ୍ତାବ ଲର୍ଡ଼ସ ସଭା ଦ୍ୱାରା ଅଗ୍ରାହ୍ୟ ହୋଇଯିବା ପରେ ୱାଲପୋଲ୍ କ୍ଷୁବ୍ଧ ହୋଇ ଏଥିରେ ମନ୍ତ୍ରୀମଣ୍ଡଳର କେତେକ ସଦସ୍ୟ ସଂଶ୍ଲିଷ୍ଟ ଥିବାର ସନ୍ଦେହ କରି ସେମାନଙ୍କୁ ମନ୍ତ୍ରୀମଣ୍ଡଳରୁ ବହିଷ୍କାର କରିଥିଲେ। ମାତ୍ର ସେ ନିଜେ ଇସ୍ତଫା ଦେଇନଥିଲେ କାରଣ ଲର୍ଡ଼ସ ସଭା ଦ୍ୱାରା ସରକାରୀ ପ୍ରସ୍ତାବ ଅଗ୍ରାହ୍ୟ ହେବାଦ୍ୱାରା ସରକାରଙ୍କର ପରାଜୟ ଘଟିଲା ବୋଲି ତାଙ୍କର ହୃଦବୋଧ ହୋଇନଥିଲା। ବର୍ତ୍ତମାନ ସୁଦ୍ଧା ଇଂଲଣ୍ଡରେ ଏହି ପରମ୍ପରା ପ୍ରଚଳିତ ଅଛି। ସରକାର ଆଗତ କରିଥିବା କୌଣସି ପ୍ରସ୍ତାବ ଲର୍ଡ଼ସ ସଭା ଦ୍ୱାରା ଅଗ୍ରାହ୍ୟ ହେଲେ ମନ୍ତ୍ରୀମଣ୍ଡଳ ଇସ୍ତଫା ଦେବା ନିମନ୍ତେ ବାଧ୍ୟ ହୁଅନ୍ତି ନାହିଁ। ତେବେ ସରକାରୀ ପ୍ରସ୍ତାବ ଲର୍ଡ଼ସ ସଭା ଦ୍ୱାରା ଅଗ୍ରାହ୍ୟ ହେବାପରେ ୱାଲପୋଲ୍ ମନ୍ତ୍ରୀମଣ୍ଡଳର ସଦସ୍ୟମାନଙ୍କୁ ଚେତାଇ ଦେଇଥିଲେ ଯେ ଗୋଟିଏ ନିଷ୍ପତ୍ତି ସଂଖ୍ୟାଗରିଷ୍ଠ ମତରେ ମନ୍ତ୍ରୀମଣ୍ଡଳରେ ଗୃହୀତ ହେଲେ ମନ୍ତ୍ରୀମଣ୍ଡଳର ସମସ୍ତ ସଦସ୍ୟ ଉକ୍ତ ନିଷ୍ପତ୍ତିକୁ ସମର୍ଥନ କରିବାକୁ ବାଧ୍ୟ ଅଟନ୍ତି।

ଯେଉଁ ପରିସ୍ଥିତିରେ ୱାଲପୋଲ୍ ମନ୍ତ୍ରୀମଣ୍ଡଳରୁ ଇସ୍ତଫା ଦେଲେ, ତାହାଦ୍ୱାରା ମନ୍ତ୍ରୀମଣ୍ଡଳୀୟ ଶାସନ ପଦ୍ଧତିର ବିକାଶ ଦୃଷ୍ଟିରୁ ଏକ ନୂତନ ପରମ୍ପରାର ଅୟମାରମ୍ଭ ହୋଇଥିଲା। ୧୭୪୧ ଖ୍ରୀ:ଅ:ର ସାଧାରଣ ନିର୍ବାଚନ ପରେ ୱାଲପୋଲ୍ ସଂସଦରେ ସାମାନ୍ୟ ସଂଖ୍ୟାଗରିଷ୍ଠ ସମର୍ଥନ ଲାଭ କରିଥିଲେ। ଜାନୁୟାରୀ ୨୮, ୧୭୪୨ ଖ୍ରୀ:ଅ:ରେ ସରକାରଙ୍କ ଦ୍ୱାରା ଆଗତ ହୋଇଥିବା ଏକ ପ୍ରସ୍ତାବ ଯେତେବେଳେ ଗୋଟିଏ ଅଧିକା ଭୋଟରେ କମନସ୍ ସଭା ଦ୍ୱାରା ପ୍ରତ୍ୟାଖାତ ହୋଇଗଲା, ସେତେବେଳେ ୱାଲପୋଲ୍ ମନ୍ତ୍ରୀମଣ୍ଡଳରୁ ଇସ୍ତଫା ଦେଇଦେଲେ। ତାଙ୍କର ଏହି ପଦକ୍ଷେପ ଦ୍ୱାରା କମନସ୍ ସଭାର ଗୁରୁତ୍ୱ ବୃଦ୍ଧି ପାଇଥିଲା। ୱାଲପୋଲଙ୍କ କାର୍ଯ୍ୟରୁ ପ୍ରମାଣିତ ହୋଇଥିଲା ଯେ କମନସ୍ ସଭାର ନିର୍ଦ୍ଦେଶକୁ ଉଲ୍ଲଙ୍ଘନ କରି କୌଣସି ମନ୍ତ୍ରୀ ଶାସନ କ୍ଷମତାରେ ରହିପାରିବେ ନାହିଁ ଏବଂ ଯଦି ସେ କ୍ଷମତାରେ ରହିବା ପାଇଁ ଉଦ୍ୟମ କରନ୍ତି, ତେବେ କମନସ୍ ସଭା ଉକ୍ତ ମନ୍ତ୍ରୀଙ୍କୁ ବିରୋଧ କରି ତାଙ୍କୁ ଇସ୍ତଫା ଦେବାପାଇଁ ବାଧ୍ୟ କରିପାରିବ। ୱାଲପୋଲଙ୍କ ଦୀର୍ଘ ଶାସନ କାଳ ମଧ୍ୟରେ ମନ୍ତ୍ରୀମଣ୍ଡଳୀୟ ଶାସନ ପଦ୍ଧତିର କ୍ରମବିକାଶ ନିମନ୍ତେ ଅନେକ ପରମ୍ପରା ସୃଷ୍ଟି ହୋଇଥିଲା। ୱାଲପୋଲଙ୍କ ଦୃଢ଼ ନେତୃତ୍ୱ ଯୋଗୁଁ ମନ୍ତ୍ରୀମଣ୍ଡଳରେ ଯେଉଁ ଏକତା ପ୍ରତିଷ୍ଠିତ ହୋଇଥିଲା, ତାହା ଅବଶ୍ୟ ତାଙ୍କ ପରେ ନେତୃତ୍ୱ ଅଭାବରୁ ବ୍ୟାହତ ହୋଇଥିଲା। ତେବେ ସମୟକ୍ରମେ ମନ୍ତ୍ରୀମଣ୍ଡଳଠାରେ ବାସ୍ତବ କାର୍ଯ୍ୟପାଳିକା କ୍ଷମତା ଏବଂ କମନସ୍ ସଭାଠାରେ ସର୍ବୋଚ୍ଚ ସାର୍ବଭୌମତ୍ୱ ନ୍ୟସ୍ତ ହେବାରୁ ଦଳୀୟ ନିୟନ୍ତ୍ରଣ ବୃଦ୍ଧି ପାଇବା ଦ୍ୱାରା ଇଂଲଣ୍ଡରେ ମନ୍ତ୍ରୀମଣ୍ଡଳୀୟ ଶାସନ ପଦ୍ଧତି ପ୍ରତିଷ୍ଠିତ ହେଲା। ବର୍ତ୍ତମାନ ପର୍ଯ୍ୟନ୍ତ ଏହି ଶାସନ ପଦ୍ଧତି ଇଂଲଣ୍ଡରେ ଅନୁସୃତ ହେଉଛି।

ଆର୍ଥିକ ସଂସ୍କାର (Financial Reform) :

ଦୀର୍ଘ ୨୧ ବର୍ଷର ଶାସନ ସମୟ ମଧ୍ୟରେ ୱାଲପୋଲଙ୍କର ସର୍ବଶ୍ରେଷ୍ଠ କୃତିତ୍ୱ ହେଉଛି, ତାଙ୍କର ଆର୍ଥିକ ସଂସ୍କାର। ଇଂଲଣ୍ଡରେ ସମୟୋପଯୋଗୀ ଆର୍ଥିକ ସଂସ୍କାର ପ୍ରଚଳନ କରି ସେ ଧନୀକ ବ୍ୟବସାୟୀ ଗୋଷ୍ଠୀର ଆସ୍ଥାଭାଜନ ହେବା ସଙ୍ଗେ ସଙ୍ଗେ ସେମାନଙ୍କର ଅକୁଣ୍ଠ ସମର୍ଥନ ପାଇପାରିଥିଲେ। ସେ ଜାତୀୟ ଋଣ ଭାର ହ୍ରାସ କରିବାରେ ସକ୍ଷମ ହୋଇଥିଲେ। ଦେଶର ଜାତୀୟ ଋଣ ପ୍ରାୟ ୫,୪୦,୦୦୦,୦୦୦ ପାଉଣ୍ଡ ଥିଲା। ଏହି ଜାତୀୟ ଋଣ ଭାରର ଚାପକୁ କୋହଳ କରିବା ନିମନ୍ତେ ସେ ଏକ ନୂତନ ବ୍ୟବସ୍ଥା ପ୍ରବର୍ତ୍ତନ କରିଥିଲେ। ପ୍ରତ୍ୟେକ ବର୍ଷ ବଜେଟରେ ଏକ ନିର୍ଦ୍ଦିଷ୍ଟ ପରିମାଣର ଅର୍ଥ ପ୍ରାୟ ୧,୦୦୦,୦୦୦ ପାଉଣ୍ଡ ଜାତୀୟ ଋଣ ପରିଶୋଧ କରିବା ନିମନ୍ତେ ରଖାଯିବାର

ବ୍ୟବସ୍ଥା ଗ୍ରହଣ କରାଗଲା । ଏହାକୁ ''ଋଣ ପରିଶୋଧ ନିମନ୍ତେ ବାର୍ଷିକ ଅର୍ଥ ସଞ୍ଚୟ'' ବା "Sinking Fund" ବୋଲି କୁହାଗଲା। ଏହି ବ୍ୟବସ୍ଥା ଦ୍ୱାରା ୧୭୩୯ ଖ୍ରୀ:ଅ: ବେଳକୁ ଜାତୀୟ ଋଣ ପରିମାଣ ୨୦,୦୦୦,୦୦୦ ପାଉଣ୍ଡକୁ ହ୍ରାସ ପାଇଥିଲା। କରଭାର ପ୍ରାୟ ୫୦ ପ୍ରତିଶତ ଅର୍ଥାତ୍ ୪୦ ଶିଲିଂରୁ ୨୦ ଶିଲିଂକୁ ହ୍ରାସ କରାଇଥିଲେ।

ଦେଶରେ ଅର୍ଥନୈତିକ ବିକାଶ ତଥା ଜାତୀୟ ସଂପଦର ଅଭିବୃଦ୍ଧି ନିମନ୍ତେ ସେ ବାଣିଜ୍ୟ କ୍ଷେତ୍ରରେ ଅନେକ ଉଲ୍ଲେଖନୀୟ ସଂସ୍କାରମାନ ପ୍ରବର୍ତ୍ତନ କରିଥିଲେ । ବାଣିଜ୍ୟ କ୍ଷେତ୍ରରେ ଅଭିବୃଦ୍ଧି ଆଣିବା ନିମନ୍ତେ ସେ ''ଅବାଧ ଓ ମୁକ୍ତ ବାଣିଜ୍ୟ ନୀତି'' (Laissez Faire)ରେ ବିଶ୍ୱାସ କରୁଥିଲେ। ବାଣିଜ୍ୟର ଅଭିବୃଦ୍ଧି ନିମନ୍ତେ ସେ ୧୭୨୧ ଖ୍ରୀ:ଅ:ରେ ୧୦୦ରୁ ଉର୍ଦ୍ଧ୍ୱ ରପ୍ତାନୀ ଯୋଗ୍ୟ ଦ୍ରବ୍ୟ ଉପରୁ ରପ୍ତାନୀ ଶୁଲ୍କ ପ୍ରତ୍ୟାହାର କରିନେଇଥିଲେ । ଅନେକ କିସମର କଞ୍ଚାମାଲ ଉପରୁ ମଧ୍ୟ ଆମଦାନୀ ଶୁଳ୍କ ହ୍ରାସ କରିଥିଲେ । କୁଟୀର ଶିଳ୍ପ ନିମନ୍ତେ ଦରକାର ହେଉଥିବା ଆବଶ୍ୟକୀୟ କଞ୍ଚାମାଲ ଉପରୁ ଆମଦାନୀ ଶୁଲ୍କ ସଂପୂର୍ଣ୍ଣ ଛାଡ଼ କରିଦେଇଥିଲେ। ଏହାଛଡ଼ା ୧୬୬୦ ଖ୍ରୀ:ଅ:ରୁ ସଂଶୋଧିତ ହୋଇନଥିବା ସରକାରୀ ''ଦର ପୁସ୍ତିକା'' (Rate Book)ର ସଂପୂର୍ଣ୍ଣ ସଂଶୋଧନ କରାଇଥିଲେ। ଏ ସମସ୍ତ ପଦକ୍ଷେପ ଗ୍ରହଣ କରିବା ଦ୍ୱାରା ବୈଦେଶିକ ବାଣିଜ୍ୟର ବିଶେଷ ଅଭିବୃଦ୍ଧି ସାଧିତ ହୋଇଥିଲା। ୧୭୨୦ ଖ୍ରୀ:ଅ:ରୁ ୧୭୪୦ ଖ୍ରୀ:ଅ: ମଧ୍ୟରେ ରପ୍ତାନୀ ହାର ପ୍ରାୟ ୩୩ ପ୍ରତିଶତ ବୃଦ୍ଧି ପାଇଥିଲା।

ୱାଲ୍‌ପୋଲ୍‌ଙ୍କର ଅର୍ଥନୈତିକ ବ୍ୟବସ୍ଥା ମଧ୍ୟରୁ ତାଙ୍କଦ୍ୱାରା ୧୭୩୩ ଖ୍ରୀ:ଅ:ରେ ଆଗତ ହୋଇଥିବା ''ଅବକାରୀ ବିଧେୟକ'' (Excise Bill)ଟି ବିଶେଷ ପ୍ରଣିଧାନଯୋଗ୍ୟ ଅଟେ। ଗୃହଯୁଦ୍ଧ ସମୟରୁ ଅବକାରୀ ଶୁଲ୍କ (ଇଂଲଣ୍ଡ ଭିତରେ ବିକ୍ରିହେବା ପୂର୍ବରୁ ବିଭିନ୍ନ ସାମଗ୍ରୀ ଉପରେ ଧାର୍ଯ୍ୟ କରାଯାଇଥିବା ଶୁଲ୍କ)ରୁ ଯଥେଷ୍ଟ ପରିମାଣରେ ରାଜସ୍ୱ ସଂଗୃହୀତ ହେଉଥିଲା। ସୀମା ଶୁଲ୍କ ଅର୍ଥାତ୍ ଆମଦାନୀ କରାଯାଉଥିବା ବିଦେଶୀ ସାମଗ୍ରୀ ଉପରେ ପୋତାଶ୍ରୟରେ ଧାର୍ଯ୍ୟ କରାଯାଉଥିବା ଶୁଲ୍କ ଅପେକ୍ଷା ଅବକାରୀ ଶୁଲ୍କରୁ ଅଧିକ ଅର୍ଥ ମିଳୁଥିଲା। ମଦ୍ୟ ଏବଂ ଧୂଆଁପତ୍ର ଉପରେ ଧାର୍ଯ୍ୟ ହୋଇଥିବା ସୀମା ଶୁଲ୍କ ଠକିବା ଉଦ୍ଦେଶ୍ୟରେ ଏହି ଦ୍ରବ୍ୟଗୁଡ଼ିକର ପ୍ରାୟତଃ ଚୋରା ଚାଲାଣ ହେଉଥିଲା। ତେଣୁ ଏହି ଚୋରା କାରବାର ଉପରେ ଅଙ୍କୁଶ ଲଗାଇବା ଉଦ୍ଦେଶ୍ୟରେ ୱାଲ୍‌ପୋଲ୍ ସୀମା ଶୁଲ୍କର ପ୍ରତିବଦଳରେ ଏହି ସାମଗ୍ରୀଗୁଡ଼ିକ ଉପରେ ସମପରିମାଣରେ ଅବକାରୀ ଶୁଲ୍କ ଧାର୍ଯ୍ୟ କରାଯିବ ବୋଲି ଉପରୋକ୍ତ ଅବକାରୀ ବିଧେୟକରେ ବ୍ୟବସ୍ଥା କରିଥିଲେ। ୱାଲ୍‌ପୋଲ୍ ପ୍ରସ୍ତାବ ଦେଇଥିଲେ ଯେ ଉକ୍ତ ସାମଗ୍ରୀଗୁଡ଼ିକ ବିନା ସୀମା ଶୁଲ୍କରେ ଆମଦାନୀ କରାଯାଇ ପଣ୍ୟାଗାରରେ ଗଚ୍ଛିତ ରଖାଯିବ ଏବଂ ବିକ୍ରୟ ନିମନ୍ତେ ବଜାରକୁ ଛଡ଼ାଯିବା ସମୟରେ ସେଗୁଡ଼ିକ ଉପରେ ଶୁଲ୍କ ଧାର୍ଯ୍ୟ କରାଯିବ। ସେ ଆଶା କରିଥିଲେ ଯେ ଏହି ବ୍ୟବସ୍ଥା ଦ୍ୱାରା ଶୁଲ୍କ ଫାଙ୍କି ରୋକାଯିବା ସହିତ ମଧ୍ୟ ବର୍ହିବାଣିଜ୍ୟର ପ୍ରସାର ଘଟିପାରିବ, କାରଣ ଏହି ସାମଗ୍ରୀଗୁଡ଼ିକ ବିନା ଶୁଲ୍କରେ ବିଦେଶକୁ ପୁନଃ ରପ୍ତାନୀ କରାଯିବା ବ୍ୟବସ୍ଥା ଏହି ବିଧେୟକରେ ରହିଥିଲା। ମାତ୍ର ଦୁର୍ଭାଗ୍ୟବଶତଃ ୱାଲ୍‌ପୋଲ୍‌ଙ୍କୁ ବିରୋଧ କରୁଥିବା ନେତାମାନେ ଜନମତକୁ ବିଭ୍ରାନ୍ତ କରାଇବା ଦ୍ୱାରା ଜନସାଧାରଣ ଏହି ପ୍ରସ୍ତାବର ଉପଯୋଗିତା ହୃଦୟଙ୍ଗମ କରିପାରିଲେ ନାହିଁ ଏବଂ ଏହି ଅବକାରୀ ବିଧେୟକକୁ ତୀବ୍ର ବିରୋଧ କଲେ। ସମଗ୍ର ଦେଶରେ ଆନ୍ଦୋଳନ ଆରମ୍ଭ ହୋଇଗଲା । ୱାଲ୍‌ପୋଲ୍‌ଙ୍କ କୁଶପୁତ୍ତଳିକାରେ ଅଗ୍ନି ସଂଯୋଗ କରାଗଲା । ଜନସାଧାରଣ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ସ୍ଲୋଗାନ ଦେଲେ, ''ଦାସତ୍ୱ ନୁହେଁ, ଅବକାରୀ ମାହାସୁଲ ନୁହେଁ, କାଠର ଯୋତା ନୁହେଁ'' (No Slavery, No Excise, No Wooden Shoes)। ୱାଲ୍‌ପୋଲ୍ ''ସୁପ୍ତ ଶ୍ୱାନ ଜାଗ୍ରତ ହେବା'' ଆଶଙ୍କାରେ ଶଙ୍କିତ ହୋଇ ''ଅବକାରୀ ବିଧେୟକ'' ପରି ଏକ ଆବଶ୍ୟକୀୟ ଉତ୍କୃଷ୍ଟ ସମୟୋପଯୋଗୀ ପ୍ରସ୍ତାବ ପ୍ରତ୍ୟାହାର କରିନେଲେ।

ଔପନିବେଶିକ ବାଣିଜ୍ୟ କ୍ଷେତ୍ରରେ ଇଂଲଣ୍ଡର ସ୍ୱାର୍ଥ କିପରି ଭାବରେ ରକ୍ଷା କରାଯାଇପାରିବ, ସେ ଦିଗରେ ୱାଲ୍‌ପୋଲ୍ କେତେକ ପଦକ୍ଷେପ ଗ୍ରହଣ କରିଥିଲେ। ସେ ଉପନିବେଶଗୁଡ଼ିକରେ ହେବାକୁ ଥିବା ସମ୍ଭାବ୍ୟ ବିରୋଧକୁ

ପ୍ରତିହିତ କରିବା ଉଦ୍ଦେଶ୍ୟରେ ୧୭୩୦ ଖ୍ରୀ:ଅ:ରେ ''ନୌବାଣିଜ୍ୟ ଆଇନ'' (Navigation Act)କୁ କଡ଼ାକଡ଼ି ଭାବରେ ପ୍ରଚଳନ କରିଥିଲେ। ୱାଲ୍‌ପୋଲ୍ କ୍ଷମତାରେ ଥିବା ସମୟରେ ପୂର୍ବରୁ ଔପନିବେଶିକ ବାଣିଜ୍ୟ ଉପରେ ଯେଉଁ କଟକଣା ଥିଲା, ତାହାକୁ ଅଧିକ କଡ଼ାକଡ଼ି କରିଦେଇଥିଲେ। ଉପନିବେଶଗୁଡ଼ିକରେ ଉତ୍ପନ୍ନ ହେଉଥିବା କେତେକ ସାମଗ୍ରୀ କେବଳ ଇଂଲଣ୍ଡକୁ ଆମଦାନୀ କରାଯାଇପାରିବ ବୋଲି ପୂର୍ବରୁ ବ୍ୟବସ୍ଥା ଥିଲା। ୱାଲ୍‌ପୋଲ୍‌ଙ୍କ ଶାସନ ସମୟରେ ଏହିସବୁ ସାମଗ୍ରୀର ଯେଉଁ ଚିଠା ପ୍ରସ୍ତୁତ କରାଯାଇଥିଲା, ସେଥିରେ କେତେକ ନୂତନ ସାମଗ୍ରୀ ସଂଯୁକ୍ତ କରାଯାଇଥିଲା। ସେ ଇଉରୋପକୁ ଚାଉଳ ରପ୍ତାନୀ କରିବାକୁ ଅନୁମତି ଦେଇଥିଲେ। ୧୭୩୧ ଖ୍ରୀ:ଅ:ରେ ଆଖୁକୁ ଚିଠାରେ ଉଲ୍ଲେଖ ଥିବା ସାମଗ୍ରୀ ତାଲିକାରୁ ବାଦ୍ ଦେଇଥିଲେ। ଏଥିସହିତ ଇଂଲଣ୍ଡର ବାଣିଜ୍ୟିକ ସ୍ୱାର୍ଥରକ୍ଷା ନିମନ୍ତେ ୧୭୩୩ ଖ୍ରୀ:ଅ:ରେ ''ଗୁଡ଼ ଆଇନ'' (Molasses Act) ପ୍ରଣୟନ ହୋଇଥିଲା। ଏଥିରେ ଆମେରିକୀୟ ଉପନିବେଶଗୁଡ଼ିକୁ ଫରାସୀ ୱେଷ୍ଟଇଣ୍ଡିଜରୁ ଆସୁଥିବା ଗୁଡ଼ ଉପରେ ଅଧିକ ଶୁଳ୍କ ଧାର୍ଯ୍ୟ କରାଯିବା ସହିତ ପରୋକ୍ଷରେ ଆମେରିକାକୁ ବ୍ରିଟିଶ ୱେଷ୍ଟଇଣ୍ଡିଜରୁ ଗୁଡ଼ ଆମଦାନୀ କରିବାକୁ ବିଶେଷ ଭାବରେ ବାଧ୍ୟ କରାଗଲା। ଏତଦ୍‌ବ୍ୟତୀତ ୱାଲ୍‌ପୋଲ୍‌ଙ୍କ ସମୟରେ ଆଇନ ପ୍ରଣୟନ କରାଯାଇ ଔପନିବେଶମାନଙ୍କୁ ଧାତୁ ସମ୍ବନ୍ଧୀୟ କଞ୍ଚାମାଲରୁ କେତେକ ସାମଗ୍ରୀ ପ୍ରସ୍ତୁତ କରିବାକୁ ନିଷେଧ କରାଯାଇଥିଲା। ୧୭୩୨ ଖ୍ରୀ:ଅ:ରେ ଔପନିବେଶିକମାନଙ୍କୁ ତମ୍ବା ତରଳାଇବା ପାଇଁ ନିଷେଧ କରାଯାଇଥିଲା। ଏହି ଆଇନରେ ବ୍ୟବସ୍ଥା ଥିଲା ଯେ ଉପନିବେଶଗୁଡ଼ିକରୁ ଉତ୍ପନ୍ନ ହେଉଥିବା ତମ୍ବା ପଥର ଇଂଲଣ୍ଡକୁ ରପ୍ତାନୀ କରାଯିବ ଏବଂ ସେଠାରେ ଏହାକୁ ତରଳାଯାଇ ସେଥିରୁ ତମ୍ବା ଅଲଗା କରାଯିବ। ଅନ୍ୟ ଏକ ଆଇନ ପ୍ରଣୟନ କରି ସେଥିରେ ଟୋପି ପ୍ରସ୍ତୁତ କରିବା ନିମନ୍ତେ ଔପନିବେଶିକମାନଙ୍କୁ ନିଷେଧ କରାଯାଇଥିଲା। ଏହି ଆଇନରେ ବ୍ୟବସ୍ଥା ଥିଲା ଯେଉଁ କୋମଳ ପଶୁ ଲୋମରୁ ଟୋପି ପ୍ରସ୍ତୁତ ହେଉଛି, ତାହାକୁ ଇଂଲଣ୍ଡକୁ ରପ୍ତାନୀ କରାଯିବ ଏବଂ ଇଂଲଣ୍ଡରେ ସେଥିରୁ ଟୋପି ପ୍ରସ୍ତୁତ କରାଯିବ। ଅବଶ୍ୟ ସେହି ସମୟରେ ଉପନିବେଶଗୁଡ଼ିକରେ ଶିଳ୍ପର ଅଭିବୃଦ୍ଧି ବିଶେଷ ଘଟି ନ ଥିଲା, ତେଣୁ ଏହି ଆଇନଗୁଡ଼ିକ ଦ୍ୱାରା ବିଶେଷ ଭାବରେ କ୍ଷତିଗ୍ରସ୍ତ ହୋଇନଥିଲେ। ତେବେ ନୀତି ଦୃଷ୍ଟିରୁ ଉପନିବେଶଗୁଡ଼ିକ ଏହି ଆଇନଗୁଡ଼ିକୁ ବିରୋଧ କରିଥିଲେ।

ରବର୍ଟ ୱାଲ୍‌ପୋଲ୍‌ଙ୍କର ଏହି ବିତ୍ତୀୟ କାର୍ଯ୍ୟକ୍ରମ ମଧ୍ୟରେ ସ୍କଟଲ୍ୟାଣ୍ଡରେ ୧୭୩୬ ଖ୍ରୀ:ଅ:ରେ ଏକ ଗୁରୁତ୍ୱପୂର୍ଣ୍ଣ ଘଟଣା ଘଟିଥିଲା, ତାହା ''ପୋର୍ଟିଅସ ଦଙ୍ଗା'' (Porteus Riot) ନାମରେ ଅଭିହିତ ଅଟେ। ୧୭୦୭ ଖ୍ରୀ:ଅ:ରେ ଇଂଲଣ୍ଡ ଓ ସ୍କଟଲ୍ୟାଣ୍ଡର ମିଶ୍ରଣ ପରଠାରୁ ଇଂଲଣ୍ଡର ବହିଃଶୁଳ୍କ ସହିତ ସମାନ କରିବା ନିମନ୍ତେ ସ୍କଟଲ୍ୟାଣ୍ଡର ବହିଃଶୁଳ୍କକୁ ବୃଦ୍ଧି କରାଯାଇଥିଲା। ଏହାଦ୍ୱାରା ସ୍କଟଲ୍ୟାଣ୍ଡରେ ଚୋରା କାରବାର ଏକ ଦୈନନ୍ଦିନ ବ୍ୟାପାରରେ ପରିଣତ ହୋଇଗଲା। ୧୭୩୬ ଖ୍ରୀ:ଅ:ରେ ଦୁଇଜଣ ଚୋରା ବେପାରୀଙ୍କୁ ମୃତ୍ୟୁଦଣ୍ଡରେ ଦଣ୍ଡିତ କରାଯାଇଥିଲା ଏବଂ ଜଣେ ଅନ୍ୟ ଜଣଙ୍କୁ କାରାଗାରରୁ ପଳାୟନ ନିମନ୍ତେ ସାହାଯ୍ୟ କରି ଅତ୍ୟନ୍ତ ଲୋକପ୍ରିୟ ହୋଇପଡ଼ିଥିଲେ। ତାଙ୍କୁ ଫାଶୀ ଦେବା ସମୟରେ ଜନସାଧାରଣଙ୍କ ପକ୍ଷରୁ ପ୍ରବଳ ପ୍ରତିବାଦ କରାଯାଇ ଟେକାପଥର ମାଡ଼ ହୋଇଥିଲା। ଏହି ଅଣାୟତ୍ତ ପରିସ୍ଥିତିକୁ ନିୟନ୍ତ୍ରଣ କରିବା ନିମନ୍ତେ କ୍ୟାପଟେନ ପୋର୍ଟିଅସ ଉତ୍ତ୍ୟକ୍ତ ଜନତାଙ୍କ ଉପରକୁ ଗୁଳିଚାଳନା କରିବା ନିମନ୍ତେ ନିର୍ଦ୍ଦେଶ ଦେଲେ। ଏହି ଗୁଳି ଚାଳନାରେ କିଛି ବ୍ୟକ୍ତିଙ୍କର ଜୀବନହାନୀ ଘଟିଥିଲା। ଏହି ଘଟଣାରେ ପୋର୍ଟିଅସଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇ ମୃତ୍ୟୁଦଣ୍ଡରେ ଦଣ୍ଡିତ କରାଗଲା। ମାତ୍ର ସରକାର ତାଙ୍କୁ ରାଜକ୍ଷମା ପ୍ରଦାନ କରିବାରୁ ଉତ୍ତ୍ୟକ୍ତ ଜନତା ପୋର୍ଟିଅସଙ୍କୁ ହତ୍ୟା କରିଲେ। ଏହି ଘଟଣା ଇଂଲଣ୍ଡ ଇତିହାସରେ ''ପୋର୍ଟିଅସ୍ ଦଙ୍ଗା'' ନାମରେ ବିଖ୍ୟାତ ଅଟେ। ୱାଲ୍‌ପୋଲ୍‌ଙ୍କ ସରକାର ଏଡ଼ିନବର୍ଗ ସହରକୁ ଦଣ୍ଡିତ କରିବା ନିମନ୍ତେ ଏକ ବିଧେୟକ (Bill) ଆଗତ କରିଲେ। ମାତ୍ର ସ୍କଟଲ୍ୟାଣ୍ଡର ସମସ୍ତ ସଦସ୍ୟ ଏହି ବିଧେୟକକୁ ବିରୋଧ କରିବାରୁ ସେଥିରେ କେତେକ ପରିବର୍ତ୍ତନ ଅଣାଯାଇ କେବଳ ଜୋରିମାନା ବ୍ୟବସ୍ଥା ଲାଗୁ କରାଗଲା। ଏହାଯୋଗୁଁ ୱାଲ୍‌ପୋଲ୍ ସ୍କଟ ସଦସ୍ୟମାନଙ୍କର ସମର୍ଥନ ହରାଇଥିଲେ।

ଧାର୍ମିକ ନୀତି (Religious Policy) :

ଓ୍ୱାଲପୋଲ୍ ଧର୍ମ ବ୍ୟାପାରରେ ସହନଶୀଳ ଭାବ ଅନୁସରଣ କରିଥିଲେ। ଯେଉଁମାନେ ଆଙ୍ଗ୍ଲିକାନ୍ ଚର୍ଚ୍ଚକୁ ସ୍ୱୀକାର କରୁ ନ ଥିଲେ, ସେମାନେ ହୁଇଗ୍‌ମାନଙ୍କୁ ସମର୍ଥନ କରୁଥିଲେ। ଏହାସତ୍ତ୍ୱେ ସେ ଟେଷ୍ଟ ଆଇନ ଏବଂ କରପୋରେସନ ଆଇନକୁ ରଦ୍ଦ କରି ନ ଥିଲେ। ମାତ୍ର ସେମାନଙ୍କୁ ସୁବିଧା ଏବଂ ରିହାତି ଦେବାପାଇଁ ପ୍ରତ୍ୟେକ ବର୍ଷ 'ରିହାତି ଆଇନ' (Indemnity Act) ଆଗତ କରିଥିଲେ ଏହି ଆଇନ ମାଧ୍ୟମରେ ଆଙ୍ଗ୍ଲିକାନ ଚର୍ଚ୍ଚର ମୁଖ୍ୟମାନଙ୍କର ବିରୋଧକୁ ପ୍ରତିହିତ କରିବା ଓ୍ୱାଲପୋଲଙ୍କର ଉଦ୍ଦେଶ୍ୟ ଥିଲା।

ବୈଦେଶିକ ନୀତି (Foreign Policy) :

Queen Caroline
(1683–1737 A.D.)

ଓ୍ୱାଲପୋଲ୍ ଅତ୍ୟନ୍ତ ଶାନ୍ତିପ୍ରିୟ ବ୍ୟକ୍ତି ଥିଲେ। ବୈଦେଶିକ ବ୍ୟାପାରରେ ସେ ସର୍ବଦା ଶାନ୍ତି ଓ ନିରପେକ୍ଷ ନୀତି ଅନୁସରଣ କରୁଥିଲେ। ସମସ୍ୟାର ସମାଧାନ ନିମନ୍ତେ ସେ ଯୁଦ୍ଧ ଅପେକ୍ଷା କୂଟନୀତି ଏବଂ ସମାଧାନ ଉପରେ ବିଶେଷ ଗୁରୁତ୍ୱ ଦେଉଥିଲେ ଇଉରୋପୀୟ ରାଜନୀତିରେ ଇଂଲଣ୍ଡକୁ ସଂଶ୍ଳିଷ୍ଟ କରାଇବା ତାଙ୍କର ଉଦ୍ଦେଶ୍ୟ ନ ଥିଲା। ତାଙ୍କର ନୀତି ଥିଲା "ସୁପ୍ତ ଶ୍ୱାନ ଶାୟିତ ରୁହନ୍ତୁ"।

୧୭୨୩ ଖ୍ରୀ:ଅ:ରେ ଋଷିଆ ସ୍ୱିଡ଼େନ ଆକ୍ରମଣ କରିଲା। ମାତ୍ର ଏହି ଘଟଣାରେ ଇଂଲଣ୍ଡ ନୀରବଦ୍ରଷ୍ଟା ହୋଇ ରହିଲା। ୧୭୨୫ ଖ୍ରୀ:ଅ:ରେ ଅଷ୍ଟ୍ରିଆ ଓ ସ୍ପେନ ଋଷିଆର ସମର୍ଥନରେ ଜିବ୍ରାଲିଟର ପ୍ରଶ୍ନ ଉପରେ ଇଂଲଣ୍ଡକୁ ଭୟଭୀତ କରାଇଥିଲେ। ମାତ୍ର ଓ୍ୱାଲପୋଲ୍ ଯୁଦ୍ଧ ଅପେକ୍ଷା କୂଟନୀତିକୁ ଅଧିକ ପ୍ରାଧାନ୍ୟ ଦେଉଥିବାରୁ ଫ୍ରାନ୍ସ ଏବଂ ଋଷିଆ ସହିତ ସାମରିକ ବନ୍ଧୁତ୍ୱ ପ୍ରତିଷ୍ଠା କରି ଏକ ସମ୍ଭାବ୍ୟ ଯୁଦ୍ଧକୁ ଏଡ଼ାଇ ଦେଇପାରିଲେ। ଏହାପରେ ସେ ୧୭୨୯ ଖ୍ରୀ:ଅ:ରେ ଜିବ୍ରାଲିଟରଠାରେ ଇଂଲଣ୍ଡର ପ୍ରତିଦ୍ୱନ୍ଦୀ ସ୍ପେନ ସହିତ "ସରଭିଲ୍ ଚୁକ୍ତି" ଏବଂ ୧୭୩୧ ଖ୍ରୀ:ଅ:ରେ "ଭିଏନା ଚୁକ୍ତି" ସ୍ୱାକ୍ଷର କରିଥିଲେ। ପୋଲାଣ୍ଡ ସିଂହାସନର ଉତ୍ତରାଧିକାରୀ ସତ୍ତ୍ୱ ନିମନ୍ତେ ୧୭୩୩ ଖ୍ରୀ:ଅ:ରୁ ୧୭୩୫ ଖ୍ରୀ:ଅ: ପର୍ଯ୍ୟନ୍ତ ସଂଘଟିତ ହୋଇଥିବା ଇଉରୋପୀୟ ସମରରେ ଇଂଲଣ୍ଡ ଯୋଗ ଦେଇ ନ ଥିଲା। ଏହି ଯୁଦ୍ଧରେ ଏକପକ୍ଷରେ ଋଷିଆ ଏବଂ ଅଷ୍ଟ୍ରିଆ ଏବଂ ଅପରପକ୍ଷରେ ଫ୍ରାନ୍ସ ଏବଂ ସ୍ପେନ ଅଂଶଗ୍ରହଣ କରିଥିଲେ। ଇଂଲଣ୍ଡର ମିତ୍ର ରାଷ୍ଟ୍ର ଅଷ୍ଟ୍ରିଆ ଏହି ସମରରେ ପରାଜିତ ହୋଇଥିଲା। ଓ୍ୱାଲପୋଲ୍ ଗର୍ବ କରି ଏହି ସଂକ୍ରାନ୍ତରେ ରାଣୀ କାରାଲାଇନଙ୍କୁ କହିଥିଲେ, "ମହାଶୟା ଚଳିତ ବର୍ଷ ଇଉରୋପରେ ପଚାଶ ହଜାର ବ୍ୟକ୍ତି ମୃତ୍ୟୁବରଣ କରିଛନ୍ତି, ମାତ୍ର ତନ୍ମଧ୍ୟରେ ଜଣେ ମଧ୍ୟ ଇଂରେଜ ବ୍ୟକ୍ତି ନାହାଁନ୍ତି।" ଓ୍ୱାଲପୋଲଙ୍କର ଏହି ମନ୍ତବ୍ୟରେ ସତ୍ୟତା ଥିଲା। କିନ୍ତୁ ଏହାଦ୍ୱାରା ଇଂଲଣ୍ଡ ଅଷ୍ଟ୍ରିଆର ବନ୍ଧୁତ୍ୱ ହରାଇଥିଲା। ଫ୍ରାନ୍ସ ମଧ୍ୟ ଇଂଲଣ୍ଡ ପ୍ରତି କ୍ଷୁବ୍ଧ ହୋଇଥିଲା। ତେଣୁ ୧୭୩୯ ଖ୍ରୀ:ଅ:ରେ ସଂଘଟିତ ହୋଇଥିବା ସ୍ପେନ ଏବଂ ଇଂଲଣ୍ଡ ଯୁଦ୍ଧରେଫ୍ରାନ୍ସ ଇଂଲଣ୍ଡକୁ ସହାୟତା ପ୍ରଦାନ କରିଲା ନାହିଁ।

ଶାନ୍ତିପ୍ରିୟ ଓ୍ୱାଲପୋଲ୍ ନିଜର ଅନିଚ୍ଛା ସତ୍ତ୍ୱେ ୧୭୩୯ ଖ୍ରୀ:ଅ:ରେ ପରିସ୍ଥିତିର ଗୁରୁତ୍ୱ ଦୃଷ୍ଟିରୁ ସ୍ପେନ ସହିତ ଏକ ଯୁଦ୍ଧରେ ସଂପୃକ୍ତ ହୋଇପଡ଼ିଲେ। ଏହି ଯୁଦ୍ଧକୁ "ଜେନକିନସ୍ କର୍ଣ୍ଣ ଯୁଦ୍ଧ" ଭାବରେ ଅଭିହିତ କରାଯାଏ। ଏହା ପୂର୍ବ ଅଧ୍ୟାୟରେ ଆଲୋଚିତ ହୋଇଛି। ଏହି ଯୁଦ୍ଧକୁ ଓ୍ୱାଲପୋଲ୍ ଠିକ୍ ଭାବରେ ପରିଚାଳନା କରିପାରିଲେ ନାହିଁ। ଏହା ତାଙ୍କ ପତନର ଏକ କାରଣ ଥିଲା। ଏହି ଜେନକିନସ୍ କର୍ଣ୍ଣଯୁଦ୍ଧର ପରବର୍ଷ ଅର୍ଥାତ୍ ୧୭୪୦ ଖ୍ରୀ:ଅ:ରେ ଅଷ୍ଟ୍ରିଆ ସିଂହାସନ ଉତ୍ତରାଧିକାର ଯୁଦ୍ଧ ସଂଘଟିତ ହୋଇଥିଲା। ଏହି ଯୁଦ୍ଧ ୧୭୪୦ ଖ୍ରୀ:ଅ:ରୁ ୧୭୪୮ ଖ୍ରୀ:ଅ: ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ଏହି ଯୁଦ୍ଧ ବିଷୟରେ ପୂର୍ବ ଅଧ୍ୟାୟରେ ଆଲୋଚନା କରାଯାଇଛି। ଏହି ଯୁଦ୍ଧ ସମାପ୍ତ ହେବା ପୂର୍ବରୁ ଅର୍ଥାତ୍ ୧୭୪୨ ଖ୍ରୀ:ଅ:ରେ ଓ୍ୱାଲପୋଲଙ୍କ ପତନ ଘଟିଥିଲା।

ୱାଲପୋଲ୍ ଯୁଦ୍ଧକୁ ଏଡ଼ାଇବାକୁ ଆପ୍ରାଣ ଉଦ୍ୟମ କରି ଦେଶରେ ଶାନ୍ତି ଓ ସମୃଦ୍ଧିର ବାତାବରଣ ସୃଷ୍ଟି କରିବାକୁ ପ୍ରଚେଷ୍ଟା କରିଥିଲେ । କାରଣ ତାଙ୍କର ବୈଦେଶିକ ନୀତି ଶାନ୍ତିର ଭିତ୍ତିଭୂମି ଉପରେ ପ୍ରତିଷ୍ଠିତ ଥିଲା । ଅନେକ ସମୟରେ ଯୁଦ୍ଧ ଅବଶ୍ୟମ୍ଭାବୀ ହୋଇପଡ଼େ । ଠିକ୍ ସେହିପରି ୱାଲପୋଲ୍ ଶତଚେଷ୍ଟା କରି ମଧ୍ୟ ଯୁଦ୍ଧକୁ ଏଡାଇ ଦେଇପାରି ନ ଥିଲେ। ତାଙ୍କ ଶାସନର ଶେଷ ପର୍ଯ୍ୟାୟରେ ସେ ଦୁଇଗୋଟି ଯୁଦ୍ଧରେ ସଂଶ୍ଲିଷ୍ଟ ହୋଇପଡ଼ିଥିଲେ।

୧୭୪୨ ଖ୍ରୀ:ଅ:ର ନିର୍ବାଚନରେ ପରାଜିତ ହେବାପରେ ୱାଲପୋଲ୍ ଇସ୍ତଫା ପ୍ରଦାନ କରି ଲର୍ଡ଼ସ ସଭାରେ ପ୍ରବେଶ କରିଥିଲେ। ୧୭୪୫ ଖ୍ରୀ:ଅ:ରେ ୱାଲପୋଲଙ୍କର ମୃତ୍ୟୁ ଘଟିଥିଲା।

ୱାଲପୋଲ୍ ତାଙ୍କର ଦୀର୍ଘ ୨୧ ବର୍ଷର ଶାସନ କାଳ ମଧ୍ୟରେ ଅନେକ ସାମ୍ବିଧାନିକ ବ୍ୟବସ୍ଥା ଓ ପରମ୍ପରା ସୃଷ୍ଟି କରିବା ସହିତ ଇଂଲଣ୍ଡକୁ ଶାନ୍ତି, ସମୃଦ୍ଧି ତଥା ପ୍ରାଚୁର୍ଯ୍ୟ ପ୍ରଦାନ କରିବାରେ ଏକ ମହନୀୟ ଭୂମିକା ଗ୍ରହଣ କରିଥିଲେ। ତାଙ୍କର ପ୍ରଗାଢ଼ ପ୍ରଚେଷ୍ଟା ଦ୍ୱାରା ହାନୋଭର ରାଜବଂଶ ଇଂଲଣ୍ଡରେ ସୁଦୃଢ଼ ଭାବରେ ପ୍ରତିଷ୍ଠିତ ହୋଇପାରିଥିଲା। ବ୍ୟବସାୟ ଓ ବାଣିଜ୍ୟରେ ଉନ୍ନତି ସାଧିତ ହେବାଯୋଗୁଁ ଦେଶରେ ଅର୍ଥନୈତିକ ସ୍ୱଚ୍ଛଳତା ପ୍ରତିଷ୍ଠିତ ହୋଇପାରିଥିଲା।

ସମସ୍ତ ସଫଳତା ସତ୍ତ୍ୱେ ତାଙ୍କୁ ତାଙ୍କର ନୀତି ତଥା କାର୍ଯ୍ୟ କରିବାର ଶୈଳୀ ନିମନ୍ତେ ସମାଲୋଚନା ମଧ୍ୟ କରାଯାଏ । ତାଙ୍କ ଶାସନ ସମୟରେ ଦେଶରେ ଦୁର୍ନୀତି ତଥା ପ୍ରିୟାପ୍ରୀତି ତୋଷଣ ଏକ ସାଧାରଣ ଘଟଣା ଥିଲା। ତେବେ ତାଙ୍କର ଦୀର୍ଘ ଶାସନ କାଳର କାର୍ଯ୍ୟାବଳୀକୁ ମୂଲ୍ୟାଙ୍କନ କଲେ ଜଣାଯାଏ ଯେ ତାଙ୍କର ଅନନ୍ୟ କୃତିତ୍ୱ ସମ୍ମୁଖରେ ଦୋଷ ଦୁର୍ବଳତାଗୁଡ଼ିକ ଅତ୍ୟନ୍ତ ତୁଚ୍ଛ ଅଟେ। ଆଧୁନିକ ଇଂଲଣ୍ଡର ନିର୍ମାତାମାନଙ୍କ ମଧ୍ୟରେ ସେ ଏକ ସମ୍ମାନଜନକ ସ୍ଥାନର ଅଧିକାରୀ ଥିଲେ। ସେ ଏକାଧାରରେ ଜଣେ ସଫଳ ମନ୍ତ୍ରୀ, ଦକ୍ଷ ଦଳୀୟ ନେତା, ସଫଳ ଅର୍ଥନୀତିଜ୍ଞ ତଥା ଦୂରଦୃଷ୍ଟି ସମ୍ପନ୍ନ ରାଷ୍ଟ୍ରନୀତିଜ୍ଞ ଥିଲେ। ଦେଶକୁ ପ୍ରଗତି ପଥରେ ଆଗେଇ ନେବାରେ ତାଙ୍କର ମହନୀୟ ଅବଦାନ ଥିଲା।

(୪) ରଷିଆ
(RUSSIA)

ନବମ ଶତାବ୍ଦୀରୁ ଆରମ୍ଭ ହୋଇଥିବା ରଷିଆ ଇତିହାସର ପ୍ରଥମ ରଷୀୟ ରାଜ୍ୟ ଥିଲା 'କିଇଭାନ ରଷ' (Kievan Rus) । ଏହାର ରାଜଧାନୀ କିଇଭ୍ (ବର୍ତ୍ତମାନର ୟୁକ୍ରେନ୍)ରେ ଥିଲା । ଏହାର ଶାସକ ସ୍କାଣ୍ଡିନେଭୀୟ ଥିବା ବେଳେ ଏହା ଉତ୍ତର ୟୁରୋପ ସହ ବାଣିଜ୍ୟିକ ଓ ସାଂସ୍କୃତିକ ସମ୍ପର୍କରେ ଥିଲା । ଖ୍ରୀଷ୍ଟୀୟ ଦଶମ ଶତାବ୍ଦୀରେ କନ୍‌ଷ୍ଟାଣ୍ଟିନୋପଲ ଦେଇ ରଷିଆରେ ଖ୍ରୀଷ୍ଟଧର୍ମର ପ୍ରବେଶ ହୋଇଥିଲା । ଚର୍ତୁଦଶ ଶତାବ୍ଦୀର ମଧ୍ୟଭାଗକୁ ରଷିଆରେ ମଙ୍ଗୋଲମାନଙ୍କ କ୍ଷମତାର ପତନ ଘଟିଥିଲା । ୧୩୮୦ ଖ୍ରୀ:ଅ:ରେ ଡନ୍ ନଦୀ କୂଳସ୍ଥ କୁଲିକୋଭ୍‌ଠାରେ ମଙ୍ଗୋଲମାନେ ପରାସ୍ତ ହୋଇଥିଲେ ମଧ୍ୟ ରଷିଆରୁ ତାତାର୍ ଶାସନ (Tatar Rule)ର ଅନ୍ତ ହୋଇ ନଥିଲା । ମାତ୍ର ଏହା ମହାନ ରାଜକୁମାର (Grand Prince) ଡିମିତ୍ରି ଡୋନ୍‌ସ୍କୋଇଙ୍କୁ ପ୍ରସିଦ୍ଧି ପ୍ରାପ୍ତ କରାଇଥିଲା । ଫଳରେ ରଷିଆରେ ମସ୍କୋ ନେତୃତ୍ୱର ଦୃଢ଼ ପ୍ରତିଷ୍ଠା ହୋଇଥିଲା । ପଞ୍ଚଦଶ ଶତାବ୍ଦୀର ମସ୍କୋଶାସକମାନେ ଆଧୁନିକ ରଷିଆ ରାଜ୍ୟର ସ୍ଥାପନ କରିଥିଲେ । ଆଲେକ୍‌ଜାଣ୍ଡର ନେଭସ୍କୀଙ୍କ କନିଷ୍ଠ ପୁତ୍ର ଡାନିଲ୍ ଆଲେକ୍‌ସାଣ୍ଡ୍ରୋଭିଚ୍ ମସ୍କୋନଗର (ସେସ୍କୋଭି - Muscovy) ସ୍ଥାପନ କରିଥିଲେ ।

ମହାନ ଇଭାନ୍ ତୃତୀୟ (Ivan III, the Great : 1462 – 1505AD)ଙ୍କ ଦ୍ୱାରା ରଷିଆ ଜାତୀୟ ରାଜ୍ୟ (Russian National State) ର ଭିତ୍ତି ପ୍ରତିଷ୍ଠା ହୋଇଥିଲା । ସେ ତାତାର୍‌ମାନଙ୍କୁ ସମସ୍ତ କର ଦେବା ବନ୍ଦ କରିଦେଇ ନିଜକୁ ରଷିଆର ସାର୍ବଭୌମ ଘୋଷଣା କରିଥିଲେ । ଷୋଡ଼ଶ ଶତାବ୍ଦୀ ବେଳକୁ ସମଗ୍ର ରଷିଆ ଉପରେ ଇଭାନ୍ ତୃତୀୟ ନିଜର ଅଧିକାର ସାବ୍ୟସ୍ତ କରିସାରିଥିଲେ ।


SWEDEN
NORWAY
FINLAND
WHITE SEA
Archangel
URAL MOUNTAINS
BALTIC SEA
LIVONIA
TEUTONIC ORDERS
REP. OF NOVGOROD
Novgorod
TEUTONIC ORDER PRUSSIA
LITHUANIA
Tannenberg
BYELORUSSIA
Smolensk
DUCHY OF MOSCOW
Moscow
Nizhny Novgorod
KAZAN
Kazan
POLAND
KINGDOM OF POLAND AND LITHUANIA
Cracow
KHANATE OF THE GOLDEN HORDE
Moscow c. 1300
Expansion to 1389
Expansion to 1462
Expansion to 1505
Kievan Russia (10-11th centuries)
UKRAINE
Kiev
Dnieper R.
Volga R.
HUNGARY
MOLDAVIA
VALLACHIA
CRIMEA
ASTRAKHAN
BLACK SEA
CASPIAN SEA
OTTOMAN EMPIRE
Constantinople

(ଋଷିଆ, ୧୫୦୫ ଖ୍ରୀ:ଅ:)

ଜାର୍ (Tsar) ଉପାଧୀ ଧାରଣ କରିଥିବା ପ୍ରଥମ ମସ୍କୋଶାସକ ଥିଲେ 'ଭୟଙ୍କର ଇଭାନ୍-ଚତୁର୍ଥ' (Ivan IV, the Terrible : ୧୫୪୭ – ୧୫୮୪ ଖ୍ରୀ:ଅ:) । ସେ ଅତି ନୃଶଂସ ରୂପେ ଅଧଃସ୍ତନ ସମ୍ଭ୍ରାନ୍ତମାନଙ୍କୁ ଦମନ କରି ନିଜର 'ସ୍ୱେଚ୍ଛାଚାରୀ' ଶାସନ ଚଳାଇଥିଲେ । ମାତ୍ର ଜଣେ ଦୂରଦର୍ଶୀ ଶାସକ ରୂପେ ସେ ଦେଶରେ ନୂତନ ଆଇନ ବ୍ୟବସ୍ଥା, ଧର୍ମଯାଜକମାନଙ୍କ ନୈତିକତାରେ ସଂସ୍କାର ଏବଂ ଇଂଲଣ୍ଡର ନିମ୍ନସ୍ଥ ଦେଶଗୁଡ଼ିକ ସହ କୂଟନୈତିକ ଓ ବାଣିଜ୍ୟିକ ସମ୍ପର୍କ ସ୍ଥାପନ ଇତ୍ୟାଦି ଉତ୍ତମ କାର୍ଯ୍ୟମାନ କରିଥିଲେ । ଇଭାନ୍‌ଙ୍କ ଦ୍ୱାରା ବାଲଟିକ୍ ଉପକୂଳର କାଜାନ୍, ଆଷ୍ଟ୍ରାଖାନ୍ ଓ ସାଇବେରିଆ ଅଞ୍ଚଳକୁ ଋଷ ସାମ୍ରାଜ୍ୟ ଅର୍ନ୍ତଭୁକ୍ତ କରାଯାଇଥିଲା । ଏହି ରାଜ୍ୟଜୟ ଫଳରେ ଋଷିଆରେ ଏକ ବିଶାଳ ତାତରୀୟ ଇସଲାମ ଧର୍ମର ଲୋକସଂଖ୍ୟା ମିଶିଯାଇ ଏହାକୁ ଏକ ବହୁ ପ୍ରଜାତୀୟ ଏବଂ ବହୁ ଧର୍ମବିଶ୍ୱାସର ରାଷ୍ଟ୍ରରେ ପରିଣତ କରି ଦେଇଥିଲା । ଏହି ସମୟରେ ଷ୍ଟ୍ରୋଗାନୋଭ୍ ପରିବାର ବଣିକମାନେ ଋଷିଆର ଉରାଲସ୍ (Urals) ଠାରେ ନିଜର ଦୃଢ଼ ସ୍ଥିତି ପ୍ରତିଷ୍ଠିତ କରିପାରିଥିଲେ । ସେମାନେ ସାଇବେରିଆରେ ଉପନିବେଶ ସ୍ଥାପନ କରିବା ପାଇଁ କୋସାକ୍ (Cossak) ମାନଙ୍କୁ ନିଯୁକ୍ତ କରିଥିଲେ ।

ଇଭାନ୍‌ଙ୍କ ପୁତ୍ର ଫେଓଡୋର୍‌ଙ୍କ ମୃତ୍ୟୁ ପରେ ରାଜ ସିଂହାସନ ରିକ୍ତ ପଡ଼ିଲା, କାରଣ ସେ ପୁତ୍ରହୀନ ଥିଲେ। ଏଣୁ ଜାର ଶାସନ କାଳରେ ଏହା 'ଏକ ସମସ୍ୟା କାଳ' (Time of Trouble :1606 –13AD) ରୂପେ ପରିଦୃଶ୍ୟ ହେଲା । ଏହି ଉତ୍ତରାଧିକାରୀତ୍ୱ ସମସ୍ୟା ସମୟରେ ଡିମିଟ୍ରିଆଡ୍‌ସ୍ ଓ ଇନ୍‌ଗ୍ରୀୟାନ୍ ଯୁଦ୍ଧ ସଂଘଟିତ ହୋଇ ପୋଲାଣ୍ଡ-ଲିଥୁଆନୀୟ ମିଳିତ ସଂଘ ଓ ସ୍ୱିଡେନ୍ ଦ୍ୱାରା ଋଷିଆର ବହୁ ଅଂଶ ଦଖଲ କରି ନିଆଯାଇଥିଲା ।

'ସମସ୍ୟା କାଳ'ର ଅନ୍ତ ୧୬୧୨ ଖ୍ରୀ:ଅ:ରେ ଋଷର ଦେଶପ୍ରେମୀ ସ୍ୱେଚ୍ଛାସେବୀ ସୈନ୍ୟବାହିନୀ ଦ୍ୱାରା ସମ୍ପାଦିତ ହୋଇଥିଲା । ସେମାନେ ମସ୍କୋ କ୍ରେମଲିନ୍‌ରୁ ପୋଲାଣ୍ଡମାନଙ୍କୁ ବହିଷ୍କାର କରି ଏକ ଜାତୀୟ ପରିଷଦର ପ୍ରତିଷ୍ଠା କରିଥିଲେ । ଏହି ପରିଷଦରେ ୫ ଗୋଟି ନଗର ସମୂହର ପ୍ରତିନିଧିମାନେ ଥିଲେ । କେତେକ କୃଷକ ମଧ୍ୟ ଏହାର ପ୍ରତିନିଧିତ୍ୱ କରୁଥିଲେ । ସେମାନେ ଦେଶପ୍ରେମୀ ଫିଲାରେଟ୍‌ଙ୍କ ଯୁବକ ପୁତ୍ର ମାଇକେଲ ରୋମାନୋଭ୍ (Michael Romanov) ଙ୍କୁ ସିଂହାସନାରୋହଣ ପାଇଁ ନିର୍ବାଚିତ କଲେ । ଏହି ରୋମାନୋଭ୍ ରାଜବଂଶ ଋଷିଆକୁ ୧୯୧୭ ଖ୍ରୀ:ଅ ପର୍ଯ୍ୟନ୍ତ ରାଜତ୍ୱ କରିଥିଲା ।

ନୂତନ ରାଜବଂଶର ପ୍ରଥମ କାର୍ଯ୍ୟ ଥିଲା ଋଷରେ ଶାନ୍ତି ପ୍ରତିଷ୍ଠା । ସୌଭାଗ୍ୟକୁ ସେତେବେଳକୁ ପୋଲାଣ୍ଡ-ଲିଥଉଆନୀୟ ମିଳିତ ସଂଘ ଏବଂ ସ୍ୱିଡେନ୍ ମଧ୍ୟରେ ପରସ୍ପର ସହ ତୁମୁଳ ଯୁଦ୍ଧ ଲାଗିରହିଥିଲା । ଏହା ମସ୍କୋଭୀମାନଙ୍କୁ ୧୬୧୭ ଖ୍ରୀ:ଅ:ରେ ସ୍ୱିଡେନ ସହ ଏବଂ ୧୬୧୯ ଖ୍ରୀ:ଅ:ରେ ପୋଲାଣ୍ଡ-ଲିଥୁଆନୀୟ ମିଳିତ ସଂଘ ସହ ଶାନ୍ତି ଚୁକ୍ତି ସ୍ୱାକ୍ଷରିତ କରିବାକୁ ସୁଯୋଗ ପ୍ରଦାନ କରିଥିଲା । ମାତ୍ର ଋଷିଆର ହୃତ ଅଞ୍ଚଳଗୁଡ଼ିକ ଖ୍ରୀଷ୍ଟୀୟ ସପ୍ତଦଶ ଶତାବ୍ଦୀର ମଧ୍ୟଭାଗରେ ୟୁକ୍ରେନର ଖେମର୍ ବିଦ୍ରୋହ ଯୋଗୁ ସୃଷ୍ଟି ହୋଇଥିବା ଦୀର୍ଘ କାଳୀନ ଋଷ-ପୋଲାଣ୍ଡ ଯୁଦ୍ଧ ଯୋଗୁ ଫେରି ପାଇବା ସମ୍ଭବ ହୋଇଥିଲା । ଯୁଦ୍ଧର ଫଳାଫଳ ରୂପେ ସମ୍ପାଦିତ ହୋଇଥିବା ଆଣ୍ଡ୍ରୁ ଶୋଭ୍ ଚୁକ୍ତି (୧୬୬୭ ଖ୍ରୀ:ଅ:) ଦ୍ୱାରା ଋଷକୁ ସ୍ମୋଲେନ୍‌ସ୍କ, କ୍ଲେଭ୍ ଏବଂ ୟୁକ୍ରେନ୍‌ର ପୂର୍ବାଞ୍ଚଳ ପ୍ରାପ୍ତ ହୋଇଥିଲା ।

କୃଷକମାନଙ୍କୁ ସମ୍ଭ୍ରାନ୍ତ (Boyars) ମାନେ କୃଷିଭୃତ୍ୟରୂପେ ବ୍ୟବହାର କରିବାରୁ ସେମାନେ ରେମାନୋଭ୍ ଶାସନ ବିରୁଦ୍ଧରେ ଅନେକ ବିଦ୍ରୋହ କରିଥିଲେ । ଏହି ବିଦ୍ରୋହଗୁଡ଼ିକ ମଧ୍ୟରୁ ତାମ୍ରଦଙ୍ଗା (Copper Riot) , ଲବଣ ଦଙ୍ଗା (Salt Roit) ଏବଂ ୧୬୮୨ ଖ୍ରୀ:ଅ:ର ମସ୍କୋ ବିଦ୍ରୋହ (Moscow uprising) ଅନ୍ୟତମ ଥିଲା । ସପ୍ତଦଶ ଶତାବ୍ଦୀର ସର୍ବବୃହତ କୃଷକ ବିଦ୍ରୋହ ୧୬୬୭ ଖ୍ରୀ:ଅ:ରେ ସଙ୍ଘଟିତ ହୋଇଥିଲା । ଦକ୍ଷିଣ ଋଷିରେ ବସବାସ କରୁଥିବା ମୁକ୍ତ କୋସାକ୍‌ମାନେ ସେମାନଙ୍କ ବିରୁଦ୍ଧରେ ଋଷିଆ କେନ୍ଦ୍ରୀୟ ପ୍ରଶାସନର କ୍ରମବର୍ଦ୍ଧିଷ୍ଣୁ ନିୟନ୍ତ୍ରଣ କ୍ଷମତା ପ୍ରୟୋଗକୁ ବିରୋଧ କରି ପ୍ରତିକ୍ରୀୟାଶୀଳ ହୋଇଥିଲେ । ଭୂମ୍ୟାଧିକାରୀ ବୋୟାର୍‌ମାନଙ୍କ କବଳରୁ ଖସି ଆସିଥିବା କୃଷିଭୃତ୍ୟମାନେ

ମଧ୍ୟ କୋସାକ୍‌ମାନଙ୍କ ସହ ବିଦ୍ରୋହରେ ଯୋଗ ଦେଲେ । ଷ୍ଟେଙ୍କା ରାଜିନ୍ (Stenka Razin)ଙ୍କ ନେତୃତ୍ୱରେ ସଙ୍ଘଟିତ ହୋଇଥିବା ଏହି ବିଦ୍ରୋହକୁ ଜାରଙ୍କ ସୈନ୍ୟବାହୀନି ୧୬୭୦ ଖ୍ରୀ:ଅ:ରେ ସମ୍ପୂର୍ଣ୍ଣ ରୂପେ ଦମନ କରିବା ସହ ଷ୍ଟେଙ୍କାଙ୍କ ଶିର ଛେଦନ କରିଥିଲା ।

ରଷିଆକୁ ଏକତ୍ରିକରଣ କରି ୟୁରୋପୀୟ ରାଜ୍ୟବ୍ୟବସ୍ଥାକୁ ଆଣିବାର ଏକ ମୁଖ୍ୟ ଭୂମିକାରେ ମହାନ ପିଟର-ପ୍ରଥମ (Peter-I, the Great : 1672 - 1725AD) ଅବତୀର୍ଣ୍ଣ ହୋଇଥିଲେ । ଚର୍ତୁଦଶ ଶତାବ୍ଦୀରେ ଏକ ନଗର ସହର ରୂପେ ପ୍ରତିଷ୍ଠିତ ହୋଇଥିବା 'ମସ୍କୋ', ପିଟର-ପ୍ରଥମଙ୍କ ଶାସନ କାଳରେ ପୃଥିବୀର ସର୍ବାପେକ୍ଷା ବୃହତ ରାଷ୍ଟ୍ର 'ରଷିଆ'ରେ ପରିଣତ ହୋଇଥିଲା । ଏହା ବାଲ୍‌ଟିକ ସାଗର ଉପକୂଳସ୍ଥ ୟୁରେସିଆଠାରୁ ପ୍ରଶାନ୍ତ ମହାସାଗର ପର୍ଯ୍ୟନ୍ତ ବିସ୍ତୃତ ଥିଲା । ଏହାର କ୍ଷେତ୍ରଫଳ ୟୁରୋପ ମହାଦେଶ କ୍ଷେତ୍ରଫଳର ତିନିଗୁଣା ଥିଲା । ମାତ୍ର ଏହି ବିଶାଳ ଦେଶର ଜନସଂଖ୍ୟା ମାତ୍ର ୧୪ ମିଲିଅନ୍ ଥିଲା । ଏହାର କୃଷି ଉତ୍ପାଦନ ପାଶ୍ଚାତ୍ୟ ଦେଶଗୁଡ଼ିକର କୃଷି ଉତ୍ପାଦନ ତୁଳନାରେ ଅତି ନଗଣ୍ୟ ଥିଲା । ଏଣୁ ଏହାର ସମଗ୍ର ଜନସଂଖ୍ୟା କୃଷି କାର୍ଯ୍ୟରେ ନିଯୁକ୍ତ ହେବା ପାଇଁ ବାଧ୍ୟ ଥିଲେ । ରଷିଆ ଜନସଂଖ୍ୟାର ମାତ୍ର ଅଳ୍ପ ସଂଖ୍ୟକ ଲୋକ ସହରଗୁଡ଼ିକରେ ବସବାସ କରୁଥିଲେ ।

ପିଟର୍-ପ୍ରଥମ ରଷ ସମ୍ରାଟ ରୂପେ ୧୬୯୭-୧୬୯୮ ଖ୍ରୀ:ଅ:ରେ ପାଶ୍ଚାତ୍ୟ ଦେଶଗୁଡ଼ିକ ଭ୍ରମଣରେ ଯାଇଥିଲେ । ସେ ପାଶ୍ଚାତ୍ୟ ଦେଶଗୁଡ଼ିକ ଆଧୁନିକ ପ୍ରଗତିଶୀଳ ପ୍ରଯୁକ୍ତି ବିଦ୍ୟା, ଯୁଦ୍ଧ କୌଶଳ ଏବଂ ରାଜ୍ୟ ଶାସନ ଆଦି ଦ୍ୱାରା ଅତ୍ୟନ୍ତ ରୂପେ ପ୍ରଭାବିତ ହୋଇଥିଲେ । ସେ ୟୁରୋପୀୟ ସାମରିକ ବ୍ୟବସ୍ଥାର ଗଭୀର ଅନୁଶୀଳନ ପୂର୍ବକ ତିନିଲକ୍ଷ ସଂଖ୍ୟାର ଏକ ଶକ୍ତିଶାଳୀ ନିଜସ୍ୱ ସେନାବାହିନୀ ପ୍ରସ୍ତୁତ କରିଥିଲେ । ତାଙ୍କ ସୈନ୍ୟମାନେ ଜୀବନ ସାରା ବାଧ୍ୟତାମୂଳକ ରୂପେ ଯୁଦ୍ଧ କରିବା ପାଇଁ ଚୁକ୍ତିବଦ୍ଧ ହୋଇଥିଲେ । ପିଟର୍ ଉଭୟ 'ସମ୍ରାଟ' ଏବଂ 'ଜାର୍' ଉପାଧି ଧାରଣ କରିଥିଲେ । ମସ୍କୋଭିଟ୍ ରଷିଆ ୧୭୨୧ ଖ୍ରୀ:ଅ:ରେ ମାନ୍ୟତା ପ୍ରାପ୍ତ 'ରଷିଆ ସାମ୍ରାଜ୍ୟ'ରେ ପରିଣତ ହୋଇଥିଲା ।

ରଷିଆରେ ଜାରମାନଙ୍କ ଶାସନ ସଂସ୍କାର ଓ ରଷବିପ୍ଳବ - ୧୯୧୭
(Administrative Reforms of Tsars in Russia and Russian Revolution-1917) :

ରଷିଆର ମହାନ ସମ୍ରାଟ ପିଟରଙ୍କ ରାଜତ୍ୱ କାଳରୁ ରଷିଆର ସମ୍ରାଟ ବା ଜାରମାନେ ଇଉରୋପର ସର୍ବବୃହତ ସାମ୍ରାଜ୍ୟ ଉପରେ ରାଜତ୍ୱ କରୁଥିଲେ । ଇଉରୋପ ମହାଦେଶର ରାଜାମାନଙ୍କ ମଧ୍ୟରେ ଜାରମାନେ ଥିଲେ ସର୍ବାଧିକ ସ୍ୱେଚ୍ଛାଚାରୀ ଏବଂ ନିରଙ୍କୁଶବାଦୀ ଫରାସୀ ରାଷ୍ଟ୍ର ବିପ୍ଳବ ସମୟରୁ ଇଉରୋପରେ ରାଜନୈତିକ ଚିନ୍ତାଧାରାର ବିକାଶ ସଂପର୍କରେ ରଷବାସୀମାନଙ୍କୁ ଜଣାଇ ଦିଆଯାଉନଥିଲା । ସେମାନଙ୍କୁ ସବୁବେଳେ ଅନ୍ଧକାର ମଧ୍ୟରେ ରଖାଯାଉଥିଲା । ନେପୋଲିୟନ ବୋନାପାର୍ଟଙ୍କ ପତନ ନାଟକର ଯବନିକା ଟାଣିବା ଦିଗରେ ଜାର ଆଲେକଜାଣ୍ଡାର ପ୍ରଥମ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ । ଫଳରେ ସେ ଇଉରୋପର ମୁକ୍ତିଦାତା ରୂପେ ପରିଚିତ ହୋଇଥିଲେ ।

ଜାର ପ୍ରଥମ ଆଲେକଜାଣ୍ଡାର (Tsar Alexander I) :

ଇଉରୋପର ମୁକ୍ତିଦାତା ରୂପେ ବିବେଚିତ ହେବାପରେ ଇଉରୋପୀୟ ରାଜନୀତିରେ ଆଲେକଜାଣ୍ଡାର ପ୍ରଥମ ମୁଖ୍ୟ ଅଂଶଗ୍ରହଣ କରି ନିଜର ସାମ୍ରାଜ୍ୟ ବିସ୍ତାର ଓ ପ୍ରଭାବ ବୃଦ୍ଧି କରିବା ଦିଗରେ ପ୍ରୟାସ କରିଥିଲେ; ମାତ୍ର ସେ ନିଜ ସାମ୍ରାଜ୍ୟର ଆଭ୍ୟନ୍ତରୀଣ ଅବସ୍ଥା ପ୍ରତି ଆଦୌ ଦୃଷ୍ଟି ଦେଇନଥିଲେ । ଜାର ଆଲେକଜାଣ୍ଡାର ଏକାଧାରରେ ଜଣେ କଳ୍ପନାବିଳାସୀ, ଆଦର୍ଶବାଦୀ, ସହାନୁଭୂତିଶୀଳ, ସାମ୍ରାଜ୍ୟବାଦୀ ସ୍ୱୈର ଶାସକ ଥିଲେ । ଉଦାର ମତବାଦ, ରହସ୍ୟବାଦ, ଏକଛତ୍ରବାଦ ଓ ସାମ୍ରାଜ୍ୟବାଦ ପ୍ରଭୃତି ପରସ୍ପର ବିରୋଧୀ ମତବାଦର ଏକ ଅପୂର୍ବ ସମାରୋହ ତାଙ୍କ ବ୍ୟକ୍ତିତ୍ୱରେ ପ୍ରତିଫଳିତ ହୋଇଥିଲା । ଫିନ୍‌ଲାଣ୍ଡ ବେସରବିଆ ଓ ପୋଲାଣ୍ଡ ଦେଶର ବୃହଦଂଶ ନିଜ ଅଧିକାରକୁ ଆଣି ରଷ ସାମ୍ରାଜ୍ୟର କ୍ଷମତା

ବୃଦ୍ଧି କରି ସେ ସାମ୍ରାଜ୍ୟବାଦ ମନୋବୃତ୍ତିର ପ୍ରମାଣ ଦେଇଥିଲେ । ନେପୋଲିୟନଙ୍କ ପତନ ପରେ ଫ୍ରାନ୍ସ ପ୍ରତି ସେ ଉଦାର ମନୋବୃତ୍ତି ଗ୍ରହଣ କରିଥିଲେ । ପୋଲାଣ୍ଡକୁ ସମ୍ବିଧାନ ପ୍ରଦାନ, ଫିନଲାଣ୍ଡ୍ ସମ୍ବିଧାନ ପ୍ରତି ତାଙ୍କର ସହାନୁଭୂତି, ଦାସତ୍ୱ ପ୍ରଥା ଦମନ ପ୍ରସ୍ତାବକୁ ତାଙ୍କର ସମର୍ଥନ ତାଙ୍କର ଉଦାରତାର ଜ୍ୱଳନ୍ତ ପ୍ରମାଣ ଥିଲା । ପବିତ୍ର ମେଣ୍ଟ (Holy Alliance) ଗଠନ ତାଙ୍କ ଅବାସ୍ତବ କଳ୍ପନା ବିଳାସର ଏକ ପ୍ରଧାନ ଅନ୍ତରାୟ ସୃଷ୍ଟି ହୋଇରହିଛି । ତାଙ୍କର ବୈଦେଶିକ ନୀତି ରକ୍ଷଣଶୀଳ ବିପ୍ଲବ ବିରୋଧୀ ମତବାଦ ଉପରେ ପ୍ରତିଷ୍ଠିତ ହୋଇଥିଲା । ମେଟରନିସ୍‌ଙ୍କ କୂଟନୀତି ତାଙ୍କୁ ପ୍ରଭାବିତ କରିଥିଲା । ଫଳରେ ଉଦାରପନ୍ଥା ଗ୍ରହଣ କରିବାକୁ ଆଗ୍ରହ ପ୍ରକାଶ କରୁଥିଲେ ହେଁ ତାହା କାର୍ଯ୍ୟକାରୀ କରିପାରୁନଥିଲେ । ଇଉରୋପ ରାଜନୀତିରେ ସେ ନମସ୍ୟ ଥିଲେ ।

ପ୍ରଥମ ନିକୋଲାସ : ୧୮୨୫ - ୧୮୫୫ ଖ୍ରୀ:ଅ: (Nicholas I : 1825-1855 A.D.) :

ପ୍ରଥମ ଆଲେକଜାଣ୍ଡାରଙ୍କ ୧୮୨୫ ମସିହାରେ ମୃତ୍ୟୁ ପରେ ତାଙ୍କ ଭ୍ରାତା ଜାର ପ୍ରଥମ ନିକୋଲାସ ସିଂହାସନ ଆରୋହଣ କରି ୧୮୫୫ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଦୀର୍ଘ ୩୦ ବର୍ଷ କାଳ ଋଷରେ ଶାସନ କରିଥିଲେ । ଜଣେ କଠୋର ସ୍ୱୈର ଶାସକ ଭାବେ ରାଜତ୍ୱ କରିବା ସହିତ ଅନ୍ୟତ୍ର ନିଜର ପ୍ରଭାବ ବିସ୍ତାର ନିମନ୍ତେ ସେ ସର୍ବଦା ଜାଗ୍ରତ ଥିଲେ । ସେ ଜଣେ ରକ୍ଷଣଶୀଳ ଉଗ୍ର ରାଜତନ୍ତ୍ରବାଦୀ ଓ ସ୍ୱେଚ୍ଛାଚାରୀ ଶାସକ ଭାବେ ଇତିହାସରେ ପରିଚିତ ଅଟନ୍ତି । ଗ୍ରୀକ୍ ସ୍ୱାଧୀନତା ସଂଗ୍ରାମ ସମୟରେ ସେ ତୁରସ୍କ ସାମ୍ରାଜ୍ୟ ବିରୋଧରେ ଯୁଦ୍ଧ କରି ଗ୍ରୀସ୍ ଭୂଖଣ୍ଡ ଏବଂ ସର୍ବିଆ ଓ ରୁମାନିଆ ଅଞ୍ଚଳରେ ନିଜର ପ୍ରଭାବ ବିସ୍ତାର କରିଥିଲେ । ହଙ୍ଗେରୀରେ ବିପ୍ଳବ ଦମନ କରିବା ଉଦ୍ଦେଶ୍ୟରେ ସେ ଅଷ୍ଟ୍ରିଆ ସମ୍ରାଟଙ୍କୁ ସାହାଯ୍ୟ କରିଥିଲେ । ତୁରସ୍କ ସାମ୍ରାଜ୍ୟର ପତନ ଏବଂ ତାଙ୍କ ସାମ୍ରାଜ୍ୟର ବିସ୍ତାର ତାଙ୍କର ପ୍ରଧାନ ଲକ୍ଷ୍ୟ ଥିଲା । ୧୮୫୩ ମସିହାରେ ସେ ତୁରସ୍କ ବିରୋଧରେ ଯୁଦ୍ଧ ଘୋଷଣା କରିଥିଲେ । ଫଳରେ କ୍ରିମିଆ ଯୁଦ୍ଧ ଆରମ୍ଭ ହୋଇଥିଲା । ଏସବୁ କାର୍ଯ୍ୟକଳାପ ତାଙ୍କର ନଗ୍ନ ସାମ୍ରାଜ୍ୟବାଦତାର ପ୍ରମାଣ ଦିଏ । ଜାର ନିକୋଲାସ ବିପ୍ଳବକୁ ଘୃଣା କରୁଥିଲେ । ଋଷିଆରେ ଉଦାରପନ୍ଥୀମାନଙ୍କ ନେତୃତ୍ୱରେ ବିପ୍ଳବ ଆରମ୍ଭ ହେବା ବେଳେ ସେ ତାକୁ ଦୃଢ଼ ହସ୍ତରେ ଦମନ କରିଥିଲେ । ପାଞ୍ଚଜଣ ମୁଖ୍ୟ ନେତାଙ୍କୁ ମୃତ୍ୟୁଦଣ୍ଡ ଆଦେଶ ଦେଇଥିଲେ ଏବଂ ଶତାଧିକ ବ୍ୟକ୍ତିଙ୍କୁ ସାଇବେରିଆ ମରୁଭୂମିକୁ ପଠାଇଥିଲେ । କାରଣ ସେ ଉଦାର ନୀତିକୁ ଘୃଣା କରୁଥିଲେ । ଋଷିଆରେ ଉଦାର ମତବାଦର ପଥରୋଧ କରିବା ଉଦ୍ଦେଶ୍ୟରେ ସେ ସମ୍ବାଦପତ୍ର ଉପରେ ଦୃଢ଼ କଟକଣା ଲାଗୁ କରିଥିଲେ । ବିଶ୍ୱବିଦ୍ୟାଳୟଗୁଡ଼ିକୁ କଠୋର ନିୟନ୍ତ୍ରଣ ମଧ୍ୟରେ ରଖିଥିଲେ । କାଳେ ଋଷର ସାଧାରଣ ଚିନ୍ତାଶୀଳ ବ୍ୟକ୍ତିମାନେ ବିଦେଶକୁ ଯାଇ ବୈପ୍ଳବିକ ଚିନ୍ତାଧାରାରେ ଅନୁପ୍ରାଣିତ ହୋଇ ଉଦାର ମତବ୍ୟକ୍ତ କରିବେ ସେଥିପାଇଁ ବିଦେଶ ଯାତ୍ରା ଉପରେ କଟକଣା ଜାରି କରିଥିଲେ । ବାକ୍ ସ୍ୱାଧୀନତା, ବ୍ୟକ୍ତି ସ୍ୱାଧୀନତା, ରାଜନୀତିକ ସ୍ୱାଧୀନତା ତଥା ସାହିତ୍ୟ ରଚନା କ୍ଷେତ୍ରରେ ସ୍ୱାଧୀନ ଚିନ୍ତା ବ୍ୟକ୍ତ କରିବା ଇତ୍ୟାଦି ଋଷିଆର ସ୍ୱପ୍ନ ଥିଲା । ଏହିସବୁ କାର୍ଯ୍ୟ ପାଇଁ ତାଙ୍କୁ ଏକଛତ୍ରବାଦୀ ଶାସକ ବୋଲି ଗ୍ରହଣ କରାଯାଇଅଛି ।

ସାମ୍ରାଜ୍ୟ ବିସ୍ତାର କରିବା ଜାର ନିକୋଲାସଙ୍କ ବୈଦେଶିକ ନୀତିର ମୂଳମନ୍ତ୍ର ଥିଲା । ବଲକାନ୍ ଅଞ୍ଚଳରେ ଯୁଦ୍ଧ ଘୋଷଣା କରିବା, କ୍ରିମିଆ ଯୁଦ୍ଧର ଯୋଗ ଦେବା, ଫ୍ରାନ୍ସ ସହିତ ଅନ୍ୟ ରାଷ୍ଟ୍ର ବିରୋଧରେ ଚୁକ୍ତି ସ୍ୱାକ୍ଷର କରିବା ଇତ୍ୟାଦି ଘଟଣାବଳୀ ତାଙ୍କ ବୈଦେଶିକ ନୀତିର ସଫଳତା ଥିଲା । କ୍ରିମିଆ ଯୁଦ୍ଧ ଚାଲିଥିବା ସମୟରେ ଜାର ନିକୋଲାସଙ୍କର ମୃତ୍ୟୁ ଘଟିଥିଲା (୧୮୫୫) । ଏହି ଯୁଦ୍ଧରେ ଋଷର ପରାଜୟ ହେବାରୁ ଜାରତନ୍ତ୍ରର ଦୁର୍ବଳତା ସ୍ପଷ୍ଟ ହୋଇ ଋଷର ଦୁଃସମୟରେ ତାଙ୍କ ପୁତ୍ର ଦ୍ୱିତୀୟ ଆଲେକଜାଣ୍ଡାର ଋଷ ସିଂହାସନ ଆରୋହଣ କଲେ ।

ଜାର ଦ୍ୱିତୀୟ ଆଲେକଜାଣ୍ଡାର : ୧୮୫୫-୧୮୮୧ (Tsar Alexzander II : 1855-1881) :

ଦ୍ୱିତୀୟ ଆଲେକଜାଣ୍ଡାର କ୍ରିମିଆ ଯୁଦ୍ଧରେ ଋଷିଆର ପରାଜୟ ଦେଖି ଶତ୍ରୁପକ୍ଷ ସହିତ ସନ୍ଧି କରିବାକୁ ବାଧ୍ୟ ହୋଇଥିଲେ । ସେହି ସନ୍ଧି ଜାରତନ୍ତ୍ର ମର୍ଯ୍ୟାଦା ପ୍ରତି ଦାରୁଣ ଧକ୍କା ହୋଇଥିଲା । କ୍ରିମିଆ ଯୁଦ୍ଧର ପରିଣାମ ସ୍ୱରୂପ

ଋଷବାସୀଙ୍କ ମନରେ ଅନେକ ପ୍ରଶ୍ନ ଉପୁଜିଥିଲା ଏବଂ ଜାରଙ୍କ ଶାସନ ପ୍ରତି ଘୃଣା ଭାବ ବୃଦ୍ଧି ପାଇଥିଲା । ସଂସ୍କାରମୂଳକ ପରିବର୍ତ୍ତନ ଲାଗି ଋଷିଆରେ ଚେତନା ସୃଷ୍ଟି ହୋଇଥିଲା । ଏସବୁ ଅବସ୍ଥାକୁ ଲକ୍ଷ୍ୟ କରି ଆଲେକଜାଣ୍ଡାର ଋଷରେ ଅନେକ ସଂସ୍କାରମୂଳକ କାର୍ଯ୍ୟ ଗ୍ରହଣ କରିବାକୁ ମନ ବଳାଇଥିଲେ । ସେ ଦେଶରେ ଜଣେ ସଂସ୍କାରବାଦୀ ଜାର ରୂପେ ପରିଚିତ ହେବାକୁ ଚାହିଁଥିଲେ ଏବଂ ତଦନୁଯାୟୀ ଅନେକ କାର୍ଯ୍ୟପନ୍ଥା ଗ୍ରହଣ କରିଥିଲେ । ଋଷ ଇତିହାସରେ ସେ ମୁକ୍ତିଦାତା ଜାର (Tsar the Liberator) ରୂପେ ପ୍ରସିଦ୍ଧ ହୋଇ ରହିଛନ୍ତି । ସେ ତାଙ୍କ ରାଜତ୍ୱ କାଳରେ, ଋଷ ସାମ୍ରାଜ୍ୟରେ କେତେଗୁଡ଼ିଏ ସାମାଜିକ ତଥା ଅର୍ଥନୈତିକ ସଂସ୍କାର ଆଣିଥିଲେ ।

ସାମାଜିକ ସଂସ୍କାର (Social Reformation) :

ଋଷିଆ ଏକ କୃଷିପ୍ରଧାନ ଦେଶ ଥିଲା । ସମାଜର ସଂଖ୍ୟାଧିକ ପ୍ରଜା ଥିଲେ ସର୍ଫ ବା କୃଷିଭୃତ୍ୟ । ଇଉରୋପ ମହାଦେଶରେ ସେତେବେଳେ ଋଷ କୃଷିଭୃତ୍ୟମାନେ ଅନ୍ୟମାନଙ୍କ ତୁଳନାରେ ଅଧିକତର ଦୁଃଖଦାୟକ ଅବସ୍ଥାରେ ରହିଥିଲେ । ସେମାନଙ୍କ ମଧ୍ୟରୁ ଅନେକ ପୁରାତନ କାଳର କ୍ରୀତଦାସମାନଙ୍କ ପରି ଶୋଚନୀୟ ଅବସ୍ଥାରେ ବାସ କରୁଥିଲେ । ଉତ୍ତର ଋଷିଆରେ କୃଷକମାନଙ୍କର କିଛି କିଛି ନିଜସ୍ୱ ଜମି ଥାଏ; ମାତ୍ର ଦକ୍ଷିଣ ଋଷିଆରେ ଜମିଦାରମାନେ ହିଁ ଭୂସମ୍ପତ୍ତିର ମାଲିକ ଥିଲେ ଓ କୃଷକମାନେ ସେମାନଙ୍କ ଭୃତ୍ୟ ଭାବେ କାମ କରୁଥିଲେ । ସେମାନଙ୍କର କୌଣସି ଅଧିକାର ନଥିଲା । ନିଷ୍ପେଷିତ ଅବସ୍ଥାରେ ରହି ସେମାନେ କାଳାତିପାତ କରୁଥିଲେ ।

ବିଶାଳ ଋଷ ସାମ୍ରାଜ୍ୟର କୃଷି ଉପଯୋଗୀ ଭୂମିର ୧୦୦ ଭାଗରୁ ୯୦ ଭାଗ ଭୂମି ସମ୍ରାଟ ପରିବାରବର୍ଗ ଏବଂ ଏକଲକ୍ଷ ସମ୍ଭ୍ରାନ୍ତ ପରିବାରର ଅଧିକାରରେ ଥିଲା । ବଳକା ୧୦ ଭାଗ ଭୂମି ନିୟୁତ ନିୟୁତ କୃଷକ ଭୋଗ କରୁଥିଲେ । ସେପରି ଅବସ୍ଥାରେ ଅସଂଖ୍ୟ ଭୂମିହୀନ ପ୍ରଜା କୃଷିଭୃତ୍ୟ ରୂପେ ସମ୍ଭ୍ରାନ୍ତମାନଙ୍କ ଜମିରେ ଚାଷ କରି ସେମାନଙ୍କର ଜୀବିକା ଅର୍ଜନ କରୁଥିଲେ । ସେମାନଙ୍କର ବ୍ୟକ୍ତିଗତ ଅଧିକାର ବା ସ୍ୱାଧୀନତା ବୋଲି କିଛି ନଥିଲା । ଯେଉଁ ସ୍ଥାନରେ ସେମାନେ ଜନ୍ମଗ୍ରହଣ କରୁଥିଲେ ସେଠାରେ ଜମିଦାରଙ୍କ ଜମିରେ କାମ କରିବାକୁ ବାଧ୍ୟ ହେଉଥିଲେ । ଜମିଦାରମାନେ ଯଦି ଜମି ବିକ୍ରି କରି ଦେଉଥିଲେ ତାହାହେଲେ ସେହି କୃଷିଭୃତ୍ୟମାନଙ୍କୁ ନୂତନ ଜମିଦାରଙ୍କ ପ୍ରଭୁତ୍ୱରେ ରହିବାକୁ ପଡୁଥିଲା । ଜମିଦାରଙ୍କ ବିନା ଅନୁମତିରେ ସେମାନେ ସେହି ସ୍ଥାନରୁ ଅନ୍ୟ ସ୍ଥାନକୁ ଯାଇପାରୁନଥିଲେ । ପୁଣି କୃଷିଭୃତ୍ୟମାନେ ଜମିଦାରଙ୍କ ଜମିରେ କାର୍ଯ୍ୟ କରୁଥିଲେ ବୋଲି ଜମିଦାରମାନଙ୍କୁ ତାଙ୍କର ପ୍ରାପ୍ୟ ଦେଉଥିଲେ ଏବଂ ବିନା ମଜୁରିରେ କିଛିଦିନ ଶ୍ରମଦାନ କରିବାକୁ ବାଧ୍ୟ ହେଉଥିଲେ । ଜମିଦାରମାନଙ୍କୁ ନିଜର ପ୍ରଭୁ ବୋଲି ଗ୍ରହଣ କରୁଥିଲେ । ଜମିଦାର ଇଚ୍ଛା କଲେ କୃଷିଭୃତ୍ୟମାନଙ୍କୁ ସହରରେ କାମ କରିବାକୁ ଅନୁମତି ଦେଉଥିଲେ ଏବଂ ସହରରେ କାମ କରି ମଜୁରି ବାବଦରେ ପାଉଥିବା ଅର୍ଥର ଗୋଟିଏ ଭାଗ ଜମିଦାରମାନଙ୍କୁ ଦେବାକୁ ପଡୁଥିଲା । ବହୁ ସ୍ଥଳରେ ଜମିଦାରମାନେ କୃଷିଭୃତ୍ୟମାନଙ୍କୁ ନିଜ ପରିବାରରେ ବ୍ୟକ୍ତିଗତ ଦାସ ରୂପେ ଉପଯୋଗ କରୁଥିଲେ । ଦ୍ୱିତୀୟ ଆଲେକଜାଣ୍ଡାର ସିଂହାସନ ଆରୋହଣ କଲାବେଳେ ଋଷରେ ଉପରୋକ୍ତ କୃଷିଭୃତ୍ୟମାନଙ୍କର ସଂଖ୍ୟା ୨ ନିୟୁତ ଥିଲା ।

ସାଧାରଣତଃ ଅଧିକାଂଶ ସମ୍ଭ୍ରାନ୍ତ ଥିଲେ ନିଷ୍ଠୁର ଓ ହୃଦୟହୀନ । ସେମାନଙ୍କ କର୍ମଚାରୀମାନେ ନିର୍ଦ୍ଦୟ ଭାବେ କୃଷିଭୃତ୍ୟମାନଙ୍କୁ କାର୍ଯ୍ୟରେ ବ୍ୟବହାର କରୁଥିଲେ; ମାତ୍ର ସେମାନଙ୍କର ସ୍ୱାସ୍ଥ୍ୟ ପ୍ରତି ଦୃଷ୍ଟି ଦେଉନଥିଲେ । ଅନ୍ୟ ପକ୍ଷରେ ସେମାନେ ଯଦି କାମରେ ଅବହେଳା କରୁଥିଲେ, ଶାରୀରିକ ଶାସ୍ତି ପାଉଥିଲେ । ପ୍ରହାର, ନିର୍ଯ୍ୟାତନା, ଲାଞ୍ଛନା ଓ ଅକ୍ଳାନ୍ତ ଦୈହିକ ପରିଶ୍ରମ ମଧ୍ୟରେ ସେମାନେ କୌଣସି ପ୍ରକାରରେ ବଞ୍ଚି ରହୁଥିଲେ । କୃଷିଭୃତ୍ୟମାନେ ସମ୍ପୂର୍ଣ୍ଣ ନିରକ୍ଷର ଓ ଅଜ୍ଞ ହୋଇଥିବାରୁ ସେମାନେ ନିଜର ଦୁଃଖ ଦୁର୍ଦ୍ଦଶା ପ୍ରତି ସଚେତନ ହୋଇପାରୁନଥିଲେ । କେବଳ ଶାରୀରିକ ଦଣ୍ଡ ଭୟରେ ସେମାନେ ବାଧ୍ୟ ହୋଇ କୃଷିକାର୍ଯ୍ୟ କରୁଥିଲେ । ଫଳରେ ଜମିର ଉନ୍ନତି ହୋଇପାରୁନଥିଲା କିମ୍ବା ଉତ୍ପାଦନ ବଢୁନଥିଲା । ତେଣୁ ଋଷିଆର କୃଷକମାନେ ଇଉରୋପର କୃଷକମାନଙ୍କ ତୁଳନାରେ ଅନୁନ୍ନତ ଅବସ୍ଥାରେ ରହିଥିଲେ । ଏସବୁ ଅସୁବିଧା

ପ୍ରତି ସମ୍ରାଟ ଆଦୌ ଦୃଷ୍ଟି ଦେଉନଥିଲେ । ଏ ଅବସ୍ଥାରେ ଆର୍ଥିକ ସ୍ଥିତି ରଷିଆର ଜଟିଳ ହୋଇଥିଲା । ରଷିଆ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ଥିଲା ।

ସମ୍ରାଟ ଦ୍ୱିତୀୟ ଆଲେକଜାଣ୍ଡାର ହୃଦୟଙ୍ଗମ କରିପାରିଥିଲେ ଯେ କୃଷକ ଶ୍ରେଣୀର ଲୋକମାନଙ୍କ ଅସହଯୋଗ ଓ ଅସନ୍ତୋଷ ଫଳରେ ରଷିଆ କ୍ରିମିଆ ଯୁଦ୍ଧରେ ପରାଜୟ ସ୍ୱୀକାର କରିବାକୁ ବାଧ୍ୟ ହୋଇଥିଲା । ତେଣୁ ସେ ଚିନ୍ତା କଲେ ଯେ କୃଷିଭୃତ୍ୟ ପ୍ରଥା ରଷିଆରେ ପ୍ରଚଳନ ଥିବା ପର୍ଯ୍ୟନ୍ତ ତାଙ୍କ ସାମ୍ରାଜ୍ୟର ଭବିଷ୍ୟତ ଅନ୍ଧକାର ହୋଇ ରହିବ । ଭୂମି ବ୍ୟବସ୍ଥାରେ ପରିବର୍ତ୍ତନ ଏକ କଷ୍ଟକର ବ୍ୟାପାର ହୋଇଥିଲେ ହେଁ ସେ ଏକ ଦୁଃସାହସିକ ପଦକ୍ଷେପ ନେଇ ସର୍ଫ ପ୍ରଥା ଉଚ୍ଛେଦ କରିବା ପାଇଁ ସଂସ୍କାର କଲେ । ପ୍ରଥମେ ସେ ନିଜ ପରିବାରବର୍ଗଙ୍କ ନାମରେ ଥିବା ଅପର୍ଯ୍ୟାପ୍ତ ଭୂମିରେ କାମ କରୁଥିବା କୃଷିଭୃତ୍ୟମାନଙ୍କୁ ମୁକ୍ତ କରିଦେଲେ । ସେହି ବ୍ୟକ୍ତିଗତ ଆଦର୍ଶ ଦ୍ୱାରା ସେ ସମ୍ଭ୍ରାନ୍ତମାନଙ୍କୁ ପ୍ରଭାବିତ କଲେ । ଏହି ପଦକ୍ଷେପକୁ ସ୍ୱାର୍ଥପର ଜମିଦାରମାନେ ବିରୋଧ କଲେ । ମାତ୍ର ସେ ବିରୋଧକୁ ଭ୍ରୂକ୍ଷେପ ନକରି ଚୂଡ଼ାନ୍ତ ପଦକ୍ଷେପ ନେଲେ । ୧୮୬୧ ମସିହା ମାର୍ଚ୍ଚ ମାସରେ ଜାର ଦ୍ୱିତୀୟ ଆଲେକଜାଣ୍ଡାର କୃଷିଭୃତ୍ୟମାନଙ୍କୁ ମୁକ୍ତି ଦେବା ଉଦ୍ଦେଶ୍ୟରେ ''ମୁକ୍ତି ଆଦେଶ'' (Emancipation Decree) ବା Edict of Emancipation of Serfs ବୋଲି ଘୋଷଣା କଲେ । ସେହି ଆଦେଶନାମା ବଳରେ କୃଷକମାନଙ୍କ ଉପରେ ଥିବା ସମ୍ଭ୍ରାନ୍ତ ଓ ଜମିଦାରମାନଙ୍କର ସମସ୍ତ ଆଇନଗତ ଅଧିକାର ଲୋପ କରିଦେଲେ । ଫଳରେ ଯେଉଁ କୃଷିଭୃତ୍ୟମାନେ ସମ୍ଭ୍ରାନ୍ତମାନଙ୍କ ଗୃହରେ ଦାସ ଭାବରେ ଥିଲେ ଏବଂ ଯେଉଁମାନେ ସହରାଞ୍ଚଳରେ ଜୀବିକା ଅର୍ଜନ କରୁଥିଲେ ସେମାନେ ସେମାନଙ୍କର ପ୍ରଭୁମାନଙ୍କ ଅଧୀନରୁ ମୁକ୍ତି ପାଇଲେ; ମାତ୍ର ଚାଷ ସହିତ ସେମାନଙ୍କର କୌଣସି ସମ୍ପର୍କ ନ ଥିବାରୁ ସେମାନେ ଚାଷ ଜମି ପାଇପାରିଲେ ନାହିଁ । ଯେଉଁମାନେ ଭୂମି ମାଲିକଙ୍କ ଜମିରେ କାମ କରୁଥିଲେ ସେମାନଙ୍କୁ ମୁକ୍ତି ମିଳିବା ସହ କିଛି ଜମି ମଧ୍ୟ ମିଳିଲା । ସମ୍ରାଟଙ୍କ ମୁକ୍ତି ସନନ୍ଦ ଫଳରେ ନିୟୁତ ନିୟୁତ କୃଷିଭୃତ୍ୟ ମୁକ୍ତି ପାଇଲେ । ମୁକ୍ତି ସନନ୍ଦ ଦ୍ୱାରା ସମାଜରେ ଉପକାର ଅନୁଭୂତ ହେବା ସଙ୍ଗେ ସଙ୍ଗେ କେତେକ ଅପକାର ମଧ୍ୟ ଦେଖାଗଲା ।

ମୁକ୍ତି ସନନ୍ଦର ବ୍ୟବସ୍ଥା ଅନୁଯାୟୀ ସରକାର ଜମିଦାରମାନଙ୍କଠାରୁ କେତେକ ଜମି କିଣିନେଲେ ଏବଂ ସେହି ଜମିଗୁଡ଼ିକ ଗ୍ରାମ୍ୟ ସମ୍ପ୍ରଦାୟ (Mir) ହାତରେ ଅର୍ପଣ କରାଗଲା । ଗ୍ରାମ୍ୟ ସମ୍ପ୍ରଦାୟ ସେହି ଜମିକୁ କ୍ଷୁଦ୍ର କ୍ଷୁଦ୍ର ଅଂଶରେ ବିଭକ୍ତ କରି ମୁକ୍ତିଲାଭ କରିଥିବା କୃଷି ଭୃତ୍ୟମାନଙ୍କୁ ବାଣ୍ଟି ଦେଇଥିଲେ । ସେମାନଙ୍କୁ କୃଷକର ମାନ୍ୟତା ମିଳିଲା । ମାତ୍ର ଜମିର ଆକାର ଅତି କ୍ଷୁଦ୍ର ଥିବାରୁ ଜମିର ଆୟରୁ ଯାହା ମିଳିଲା, ତାହା ପରିବାରର ଗୁଜୁରାଣ ପାଇଁ ପର୍ଯ୍ୟାପ୍ତ ହେଲା ନାହିଁ । ଅନ୍ୟ ଦିଗରେ ସେହି ଜମିରୁ ଯାହା ଆୟ କଲେ ସେଥିରୁ ସେମାନଙ୍କର କିସ୍ତି ଦେବାକୁ ପଡ଼ିଲା । ସେହି ଅର୍ଥ ଜମିଦାରମାନଙ୍କୁ କ୍ଷତିପୂରଣ ଆକାରରେ ଦିଆଗଲା । ସରକାରୀ ଆଦାୟକାରୀମାନେ ମଧ୍ୟ ସେମାନଙ୍କ ଉପରେ କଠୋର ନୀତି ଅବଲମ୍ବନ କରି କିସ୍ତି ଆଦାୟ କରୁଥିଲେ । ପୋଲିସ କର୍ମଚାରୀମାନେ ମଧ୍ୟ କୃଷକମାନଙ୍କ ଉପରେ ଅତ୍ୟାଚାର କରୁଥିଲେ । ଅନ୍ୟପକ୍ଷରେ ସେମାନେ ଗ୍ରାମ୍ୟ ସମ୍ପ୍ରଦାୟ କର୍ତ୍ତୃତ୍ୱ ଅଧୀନରେ ରହିବାକୁ ପଡୁଥିଲା । ଏହିସବୁ କାରଣରୁ କୃଷିଭୃତ୍ୟମାନଙ୍କର ମୁକ୍ତି ଗୋଟିଏ ପ୍ରହସନରେ ପରିଣତ ହୋଇଥିଲା । ଅନେକ ମତ ପୋଷଣ କଲେ ଯେ କୃଷିଭୃତ୍ୟମାନଙ୍କୁ ସମ୍ଭ୍ରାନ୍ତମାନଙ୍କ କବଳରୁ ମୁକ୍ତ କରାଯାଇ ରାଷ୍ଟ୍ରର କୃଷିଭୃତ୍ୟ (Serf of the States) ଆକାରରେ ସ୍ଥାନ ଦିଆଗଲା । ଏହା ସତ୍ତ୍ୱେ ଦ୍ୱିତୀୟ ଆଲେକଜାଣ୍ଡାର ମୁକ୍ତିଦାତା ନାମରେ ବିଦିତ ହେଲେ ଏବଂ ଏହି ସଂସ୍କାର ଏକ ଐତିହାସିକ ସାମାଜିକ ସଂସ୍କାର ରୂପେ ଗ୍ରହଣ କରାଗଲା ।

ରାଜନୈତିକ ସଂସ୍କାର (Political Reformation) :

ଦ୍ୱିତୀୟ ଆଲେକଜାଣ୍ଡାର ନାଗରିକମାନଙ୍କୁ ସାମାନ୍ୟ ଗଣତାନ୍ତ୍ରିକ ଅଧିକାର ପ୍ରଦାନ କଲେ । ୧୮୬୪ ମସିହାରେ ଆଞ୍ଚଳିକ ବିଧାନସଭାମାନ ଗଠନ କରିବାକୁ ଆଦେଶନାମା ଘୋଷଣା କରାଗଲା । ଆଦେଶନାମା ଅନୁସାରେ ରଷ ସାମ୍ରାଜ୍ୟର ୩୪ ଗୋଟି ପ୍ରଦେଶର ପ୍ରତ୍ୟେକରେ ଗୋଟିଏ ଲେଖାଏଁ ସ୍ଥାନୀୟ ବିଧାନସଭା ଗଠିତ ହେଲା । ସେଥିରେ

ଭୂମିମାଲିକ ସହରବାସୀ ଓ କୃଷକମାନଙ୍କ ଦ୍ୱାରା ପରୋକ୍ଷ ଭାବେ ନିର୍ବାଚିତ ପ୍ରତିନିଧିମାନେ ସ୍ଥାନ ପାଇଲେ । ଏହି ସଭା ଆଞ୍ଚଳିକ କର ବସାଇବା ଲାଗି ଅଧିକାର ପାଇଲା । ସ୍ଥାନୀୟ ଗୀର୍ଜା, ସ୍କୁଲ, ଜେଲଖାନା, ସ୍ୱାସ୍ଥ୍ୟ ବ୍ୟବସ୍ଥା ଓ ସାଧାରଣ ପୂର୍ତ୍ତ କାର୍ଯ୍ୟଗୁଡ଼ିକର ପରିଚାଳନା ଦାୟିତ୍ୱ ବିଧାନସଭା ଉପରେ ନ୍ୟସ୍ତ କରାଗଲା । ପ୍ରତ୍ୟେକ ଗ୍ରାମରେ ଗ୍ରାମର ମୁଖ୍ୟମାନଙ୍କୁ ନେଇ ଗୋଟିଏ ଲେଖାଏଁ ଗ୍ରାମସଭା ଗଠିତ ହେଲା । ଏହି ସଭାର ମୁଖ୍ୟ ହେଲେ ଷ୍ଟାରୋଷ୍ଟା (Starosta or Elder) । କେତେଗୁଡ଼ିଏ ଗ୍ରାମସଭାକୁ ନେଇ ଜିଲ୍ଲା ପରିଷଦ ବା କାଣ୍ଟନ ବା ଭୋଲେଷ୍ଟ (Canton or Volost) ଗଠନ କରାଯାଇଥିଲା । ସ୍ୱାୟତ୍ତ ଶାସନ ସଂସ୍ଥାଗୁଡ଼ିକ ସରକାରଙ୍କୁ ସମାଲୋଚନା କରିବାର ଅଧିକାର ନଥିଲା । ଏପରିକି ସରକାରୀ କର୍ମଚାରୀମାନଙ୍କ ଉପରେ ଏଗୁଡ଼ିକର ଅଧିକାର ନଥିଲା । ସଂସ୍ଥାଗୁଡ଼ିକ ସରକାରୀ ଅନୁଦାନ ଉପରେ ନିର୍ଭର କରୁଥିଲା । ଏହାର ନିଷ୍ପତ୍ତି ଉପରେ ପ୍ରାଦେଶିକ ଶାସକଙ୍କର ଭିଟୋ ପ୍ରୟୋଗ କରିବାର କ୍ଷମତା ଥିଲା । ଫଳରେ ବିଧାନସଭାର କ୍ଷମତା ସଙ୍କୁଚିତ ହୋଇଯାଇଥିଲା । ଏସବୁ ସତ୍ତ୍ୱେ ସ୍ଥାନୀୟ ସ୍ୱାୟତ୍ତ ଶାସନ ବ୍ୟବସ୍ଥା ଋଷିଆରେ ଉଦାର ମତବାଦ ଓ ଶାସନ ସଂସ୍କାର ଦିଗରେ ଏକ ଉଲ୍ଲେଖନୀୟ ପଦକ୍ଷେପ ଥିଲା ।

ସାମ୍ରାଜ୍ୟର ଆଧୁନିକୀକରଣ ଲାଗି ଦ୍ୱିତୀୟ ଆଲେକଜାଣ୍ଡାର କେତେଗୁଡ଼ିଏ ବୈଷୟିକ ଓ ଶିଳ୍ପ ବିଜ୍ଞାନ ସମ୍ବନ୍ଧୀୟ ଶିକ୍ଷାନୁଷ୍ଠାନ ସ୍ଥାପନ କଲେ ଓ ସମ୍ବାଦପତ୍ରଗୁଡ଼ିକୁ ସାମାନ୍ୟ ସ୍ୱାଧୀନତା ଦେଲେ । ଦେଶର ଖଣିଜ ସମ୍ପଦ ବିନିଯୋଗ ଲାଗି ଉଦ୍ୟମ କଲେ । ରେଳପଥ ନିର୍ମାଣ ଲାଗି ଯୋଜନା ପ୍ରସ୍ତୁତ କଲେ । ଆଲେକଜାଣ୍ଡାରଙ୍କ ସଂସ୍କାର ନୀତି ଓ ପ୍ରଗତିମୂଳକ କାର୍ଯ୍ୟ ଦେଖି ଉଦାରପନ୍ଥୀମାନଙ୍କ ମନରେ ନୂତନ ଆଶା ସଞ୍ଚରିତ ହେଲା । ଚିନ୍ତାଶୀଳ ବ୍ୟକ୍ତିମାନେ ଆଶା ପୋଷଣ କଲେ ଯେ ଋଷିଆରେ ସାମ୍ବିଧାନିକ ପାର୍ଲିଆମେଣ୍ଟାରୀ ଶାସନ ବ୍ୟବସ୍ଥା ପ୍ରଚଳନ ହେବ । ମାତ୍ର ତାହା ବିଫଳ ହୋଇଥିଲା ।

ବିଚାର ବିଭାଗ ସଂସ୍କାର (Judiciary Reformation) :

ଇଉରୋପର ବିଭିନ୍ନ ଦେଶରେ ନୂତନ ଆଇନ କାନୁନ ପ୍ରଚଳନ ତଥା ବିଚାରାଳୟଗୁଡ଼ିକୁ ନୂତନ କ୍ଷମତା ଦିଆଯାଇଥିଲା ବେଳେ ଋଷରେ ମଧ୍ୟଯୁଗୀୟ ଢାଞ୍ଚାରେ ବିଚାର କରାଯାଉଥିଲା । ୧୮୬୨ ମସିହାରେ ଦ୍ୱିତୀୟ ଆଲେକଜାଣ୍ଡାର ପ୍ରଚଳିତ ବ୍ୟବସ୍ଥାରେ ପରିବର୍ତ୍ତନ ଆଣିବା ଉଦ୍ଦେଶ୍ୟରେ ଏକ ଆଦେଶନାମା ଘୋଷଣା କଲେ । ଘୋଷଣା ଅନୁଯାୟୀ ପ୍ରଶାସନିକ କର୍ମକର୍ତ୍ତାମାନେ ଦେୱାନୀ ଓ ଫୌଜଦାରୀ ମାମଲାଗୁଡ଼ିକ ବିଚାର କରିପାରିବେ ନାହିଁ । ସେସବୁ କାର୍ଯ୍ୟଗୁଡ଼ିକ ନ୍ୟାୟାଳୟ ହାତରେ ଅର୍ପଣ କରାଗଲା । ସାମ୍ରାଜ୍ୟର ନିମ୍ନ ଅଦାଲତଠାରୁ ଆରମ୍ଭ କରି ଉଚ୍ଚ ଅଦାଲତ ପର୍ଯ୍ୟନ୍ତ ବିଚାରାଳୟମାନ ସ୍ଥାପନ କରାହେଲା । ପ୍ରତ୍ୟେକ ଜିଲ୍ଲାସ୍ତରୀୟ ନ୍ୟାୟାଳୟ, ଭ୍ରାମ୍ୟମାନ ନ୍ୟାୟାଳୟ ଓ ଉଚ୍ଚତମ ନ୍ୟାୟାଳୟମାନଙ୍କରେ ବିଚାରପତିମାନଙ୍କୁ ନିଯୁକ୍ତି ଦିଆଗଲା । ଫୌଜଦାରୀ ଅପରାଧୀମାନଙ୍କ ବିଚାର ସମୟରେ ଜୁରୀମାନେ ଉପସ୍ଥିତ ରହିବାର ବ୍ୟବସ୍ଥା କରାଗଲା । ସମଗ୍ର ଦେଶ ପାଇଁ ଗୋଟିଏ ଆଇନସଂହିତା ପ୍ରଣୀତ ହେଲା । କୌଣସି ସ୍ଥାନରେ ଗୋପନରେ ବିଚାର ନକରି ପ୍ରକାଶ୍ୟରେ ଦୋଷୀମାନଙ୍କର ବିଚାର କରିବାର ପରମ୍ପରା ସୃଷ୍ଟି କରାଗଲା । କେବଳ ରାଜନୈତିକ ଅପରାଧୀମାନଙ୍କର ବିଚାର ପୂର୍ବପରି ଗୋପନରେ କରାଯାଇ ମନମୁଖୀ ଦଣ୍ଡ ବିଧାନ କରାଯାଉଥିଲା । ଗୋଟିଏ ଶ୍ରେଣୀର ବିଚାରକ ଶାନ୍ତିର ବିଚାରକମାନଙ୍କୁ (Justice of Peace) ନିର୍ବାଚିତ କରିବାର ବ୍ୟବସ୍ଥା ରହିଲା । ଛୋଟ ଛୋଟ ମାମଲାଗୁଡ଼ିକ ସେମାନଙ୍କ ଦ୍ୱାରା ଜିଲ୍ଲା ବିଚାରାଳୟରେ କରାଯିବାର ବ୍ୟବସ୍ଥା ମଧ୍ୟ ରହିଲା । ଏସବୁ ବ୍ୟବସ୍ଥା ଫଳରେ ଋଷର ବିଚାର ବିଭାଗରେ ଏକ ଉଲ୍ଲେଖନୀୟ ପରିବର୍ତ୍ତନ ଅଣାଯାଇ ଇଉରୋପର ଅନ୍ୟ ଦେଶମାନଙ୍କ ସହିତ ସମାନ କରାଯାଇଥିଲା ।

ସଂସ୍କାର ନୀତି ପ୍ରତ୍ୟାହାର (Repartiation of Reformation) :

ଦ୍ୱିତୀୟ ଆଲେକଜାଣ୍ଡାର ଅନୁଭବ କଲେ ଯେ ସେ ଯେତିକି ପରିବର୍ତ୍ତନ ଆଣିବାକୁ ଚାହୁଁଛନ୍ତି ପ୍ରଜାମାନେ ତା'ଠାରୁ ଯଥେଷ୍ଟ ଅଧିକ ଆଶା କରୁଛନ୍ତି । ମାତ୍ର ତାହା ସମ୍ଭବ ନଥିଲା । ସେ ଜଣେ ସ୍ୱୈର ଶାସକ ଥିଲେ । ତେଣୁ

ପ୍ରଜାମାନଙ୍କୁ ଅଧିକ କ୍ଷମତା ହସ୍ତାନ୍ତର କରି ଶାସନ ପ୍ରତି ବିପଦ ଆଣିବାକୁ ସେ ଚାହିଁଲେ ନାହିଁ । ସଂସ୍କାର ପ୍ରତି ତାଙ୍କର ବିଶେଷ ଆଶା ନଥିଲା ବେଳେ କ୍ରିମିଆ ଯୁଦ୍ଧରେ ଋଷର ପରାଜୟ ଜନିତ ଅପମାନକୁ ପ୍ରଜାମାନେ କିପରି ଭୁଲିଯିବେ ସେଥିପାଇଁ ସଂସ୍କାରମୂଳକ କାର୍ଯ୍ୟପନ୍ଥା ଗ୍ରହଣ କରିଥିଲେ । ସମୟ କ୍ରମେ ଦେଶବାସୀ କ୍ରିମିଆ ଯୁଦ୍ଧ ବିଷୟ ଭୁଲିଯିବାକୁ ଲାଗିଲେ ଅଥଚ ଅଧିକ ସଂସ୍କାର ଏବଂ ଅଧିକାର ପାଇବା ପାଇଁ ବ୍ୟାକୁଳ ହେଲେ ।

ସଂସ୍କାରମୂଳକ ନୀତି କାର୍ଯ୍ୟକାରିତା କରାଯାଉଥିବା ବେଳେ ପୋଲାଣ୍ଡର ଲୋକେ ତାଙ୍କ ବିରୋଧରେ ବିଦ୍ରୋହ କଲେ ଏବଂ ସ୍ୱାଧୀନ ହେବାଲାଗି ବ୍ୟାକୁଳ ହୋଇଉଠିଲେ । ସମ୍ରାଟ ଚିନ୍ତା କଲେ ଯେ ପୋଲାଣ୍ଡର ଅଧିବାସୀମାନେ ବ୍ୟକ୍ତିଗତ ଅଧିକାର ପାଇଥିଲେ ବୋଲି ମୁକ୍ତି ଲାଗି ସଚେତନ ହୋଇଉଠିଲେ । ଋଷିଆରେ ମଧ୍ୟ ସେହିପରି ଅବସ୍ଥା ଘଟିପାରେ ବୋଲି ଆଶଙ୍କା କଲେ । ସେ ପୁଣି ଚିନ୍ତା କଲେ ଯେ ଥରେ ବ୍ୟକ୍ତିଗତ ଅଧିକାର ଏବଂ ଗଣତାନ୍ତ୍ରିକ ବ୍ୟବସ୍ଥାର ସ୍ୱାଦ ଅନୁଭବ କଲେ ଅବିଳମ୍ବେ ରାଜତନ୍ତ୍ର ବିରୋଧରେ ଲୋକେ ସ୍ୱରଉତ୍ତୋଳନ କରିପାରନ୍ତି ବୋଲି ସେ ବିଶ୍ୱାସ କଲେ । ଠିକ୍ ସେତିକିବେଳେ ଋଷିଆର ଚିନ୍ତାଶୀଳ ବ୍ୟକ୍ତିମାନେ ଦୁଇଟି ଗୋଷ୍ଠୀରେ ବିଭକ୍ତ ହୋଇଥିଲେ । ପ୍ରଥମ ଗୋଷ୍ଠୀର ପ୍ରତିକ୍ରିୟାଶୀଳ ସମ୍ଭ୍ରାନ୍ତ ଓ ରାଜକର୍ମଚାରୀମାନେ ସ୍ୱେଚ୍ଛାଚାରିତାରେ ବିଶ୍ୱାସ କରୁଥିଲା ବେଳେ ଅନ୍ୟ ଗୋଷ୍ଠୀର ବ୍ୟକ୍ତିମାନେ ରାଜତନ୍ତ୍ରର ସ୍ୱେଚ୍ଛାଚାରିତା ପରିବର୍ତ୍ତେ ସାମ୍ବିଧାନିକ ଶାସନତନ୍ତ୍ର ପ୍ରଚଳନର ପକ୍ଷପାତୀ ଥିଲେ । ପ୍ରଥମ ଗୋଷ୍ଠୀ କୌଣସି ପ୍ରକାରର ସଂସ୍କାର ଚାହୁଁନଥିଲେ ଏବଂ ଋଷ ଦେଶର ପରମ୍ପରା, ସଂସ୍କୃତି ଓ ଧର୍ମ ଉପରେ ଗଭୀର ଆସ୍ଥା ରଖିଥିଲେ । ଏହି ପ୍ରାଚୀନ-ପନ୍ଥୀମାନଙ୍କୁ (Slavophiles) ବୋଲି କୁହାଯାଉଥିଲା । ଅପରପକ୍ଷରେ ପରିବର୍ତ୍ତନବାଦୀମାନେ ଇଂଲଣ୍ଡ, ଫ୍ରାନ୍ସ ଓ ଇଟାଲୀ ପ୍ରଭୃତି ଦେଶରେ ପ୍ରବର୍ତ୍ତିତ ହୋଇଥିବାର ରାଜନୈତିକ ବ୍ୟବସ୍ଥା ପ୍ରତି ଆଗ୍ରହ ପ୍ରକାଶ କରିଥିଲେ । ପାଶ୍ଚାତ୍ୟ ଦେଶଗୁଡ଼ିକରେ ଆଧୁନିକତ୍ୱ ପ୍ରତି ସେମାନଙ୍କର ଆଗ୍ରହ ଥିବା ଯୋଗୁଁ ସେମାନଙ୍କୁ Westernizers ବୋଲି କୁହାଯାଉଥିଲା । ସେମାନେ ଜାରଙ୍କର ସଂସ୍କାରଗୁଡ଼ିକୁ ସ୍ୱାଗତ କରିବା ସଙ୍ଗେ ସଙ୍ଗେ ତାହା ଦେଶ ପାଇଁ ଯଥେଷ୍ଟ ନୁହେଁ ବୋଲି ସ୍ୱର ଉତ୍ତୋଳନ କରିଥିଲେ ।

ପୋଲାଣ୍ଡ ଦେଶରେ ବିପ୍ଳବ ଆରମ୍ଭ ହେଲା । ପ୍ରତିକ୍ରିୟାଶୀଳ ବ୍ୟକ୍ତିମାନେ ଜାରଙ୍କ ମନକୁ ବିଷାକ୍ତ କରିଦେଲେ । ସେମାନେ ଦ୍ୱିତୀୟ ଆଲେକଜାଣ୍ଡାରଙ୍କୁ ବୁଝାଇ ଦେଇଥିଲେ ଯେ ତାଙ୍କର ସଂସ୍କାରଗୁଡ଼ିକ ପୋଲାଣ୍ଡର ଅଧିବାସୀମାନଙ୍କୁ ବିପ୍ଳବ ଲାଗି ପ୍ରେରଣା ଦେଇଥିଲା । ଋଷିଆରେ ମଧ୍ୟ ଅନୁରୂପ ଆନ୍ଦୋଳନ ହୋଇପାରେ ବୋଲି ସେମାନେ ମଧ୍ୟ ଯୁକ୍ତି କଲେ । ସେସବୁ ଚେତାବନୀଗୁଡ଼ିକ ଜାରଙ୍କୁ ସୁହାଇଥିଲା । ଫଳରେ ୧୮୬୫ ମସିହାରେ ପୋଲାଣ୍ଡ ବିପ୍ଳବ ଦମନ କରିବାର କିଛି ସମୟ ପରେ ଜାର ତାଙ୍କ ସଂସ୍କାରମୂଳକ କାର୍ଯ୍ୟଗୁଡ଼ିକରେ ପୂର୍ଣ୍ଣଚ୍ଛେଦ ପକାଇଲେ । ସେହିଦିନଠାରୁ ଜାର ପୁନର୍ବାର ସ୍ୱେଚ୍ଛାଚାରୀ ଭାବରେ ଶାସନ କଲେ । ଋଷିଆରେ ପାର୍ଲିଆମେଣ୍ଟ ଗଠନ ପରିକଳ୍ପନା ସେହିଠାରେ ଶେଷ ହେଲା । ସ୍ଥାନୀୟ ବିଧାନସଭାଗୁଡ଼ିକ କ୍ଷମତା ସଙ୍କୁଚିତ କରାଗଲା । ସଦସ୍ୟମାନେ ରାଜନୈତିକ ମତାମତ ବ୍ୟକ୍ତ କରିପାରିବେ ନାହିଁ ବୋଲି ଆଦେଶ ଜାରି ହେଲା ଏବଂ ବିଧାନସଭା ଦ୍ୱାରା ପ୍ରଣୀତ ଆଇନ ଉପରେ ଗଭର୍ଣ୍ଣରମାନେ ଭିଟୋ ପ୍ରୟୋଗ କରିପାରିବେ ବୋଲି ବ୍ୟବସ୍ଥା କରାଗଲା । ସମ୍ବାଦପତ୍ରଗୁଡ଼ିକର ସ୍ୱାଧୀନତା କାଢ଼ି ନିଆଗଲା । ରାଜନୈତିକ ଅପରାଧୀମାନଙ୍କୁ ଦୃଢ଼ ହସ୍ତରେ ଦମନ କରିବା ନିମନ୍ତେ ଆଇନ ପ୍ରଣୟନ କରାଗଲା । ଏପରିକି ରାଜନୈତିକ ବନ୍ଦୀମାନଙ୍କୁ ସାଇବେରିଆର ଦୁର୍ଗମ ସ୍ଥାନମାନଙ୍କରେ ରଖିବା ପାଇଁ ପୋଲିସକୁ ନିର୍ଦ୍ଦେଶ ଦିଆଗଲା । ଦ୍ୱିତୀୟ ଆଲେକଜାଣ୍ଡାର ସଂସ୍କାର ନୀତି ପ୍ରତ୍ୟାହାର କରି ଦମନ ନୀତି ଅବଲମ୍ବନ କଲେ । ମର୍ଯ୍ୟାଦା ବୃଦ୍ଧି କରିବା ଉଦ୍ଦେଶ୍ୟରେ ସାମ୍ରାଜ୍ୟର ସୀମାବୃଦ୍ଧି ଲାଗି ଆଗ୍ରହ ପ୍ରକାଶ କଲେ । ୧୮୭୧ ମସିହାରେ ଫ୍ରାଙ୍କୋ ପ୍ରୁସିଆ ଯୁଦ୍ଧରେ ଫ୍ରାନ୍ସର ପରାଜୟ ଦେଖି ପ୍ୟାରିସ ସନ୍ଧି ପ୍ରତ୍ୟାଖ୍ୟାନ କଲେ । କୃଷ୍ଣସାଗରରେ ଋଷର ସାମରିକ ଶକ୍ତି ବୃଦ୍ଧି ବଳରେ ପ୍ରାଚ୍ୟ ସମସ୍ୟାର ସୁଯୋଗ ନେଇ ୧୮୭୭ ମସିହାରେ ତୁରସ୍କ ସୁଲତାନଙ୍କ ବିରୋଧରେ ଯୁଦ୍ଧ ଘୋଷଣା କଲେ ।

ନାସ୍ତିବାଦ ଆନ୍ଦୋଳନ ଏବଂ ନାସ୍ତିବାଦ (Nihilist Movement and Nihilism) :

ମୁକ୍ତିଦାତା ଜାର ଆଲେକଜାଣ୍ଡାରଙ୍କ ନୀତି ପରିବର୍ତ୍ତନ ଓ ପ୍ରତିକ୍ରିୟାଶୀଳ ଶାସନ ବିରୁଦ୍ଧରେ ଋଷିଆର ଚେତନଶୀଳ ନାଗରିକମାନେ ବିଦ୍ରୋହ ଆରମ୍ଭ କରିଥିଲେ । ପ୍ରଜ୍ଞାବାନ ଚେତନଶୀଳ ନାଗରିକମାନେ ଜାରଙ୍କ ନିକଟରୁ ଅନେକ କିଛି ଆଶା କରିଥିଲେ । ସେମାନେ ବିଶ୍ୱାସ କରିଥିଲେ ଯେ ରାଜତନ୍ତ୍ର ପୂର୍ବରୂପ ପରିତ୍ୟାଗ କରି ଜନସାଧାରଣଙ୍କୁ ରାଜନୈତିକ ଓ ବ୍ୟକ୍ତିଗତ ଅଧିକାର ଫେରାଇଦେବ । ଫଳରେ ସେମାନେ ଇଂଲଣ୍ଡ ଓ ଫ୍ରାନ୍ସ ଦେଶର ନାଗରିକମାନଙ୍କ ପରି ସମ୍ମାନ ସହ ବସବାସ କରିବେ । କିନ୍ତୁ ସହସା ସେମାନଙ୍କର ଆଶା ଧୂଳିସାତ୍ ହେବା ଫଳରେ ସମସ୍ତେ କ୍ଷୁବ୍ଧ ହେଲେ ଏବଂ ବିଚାର କଲେ ଯେ ଜାରତନ୍ତ୍ର ଏକ ଅପରିବର୍ତ୍ତନୀୟ ରାଜତନ୍ତ୍ର । ଗଭୀର ହତାଶ ଓ ଅସନ୍ତୋଷ ମଧ୍ୟରେ ଋଷରେ ଏକ ନୂତନ ରାଜନୈତିକ ଦର୍ଶନ ଜନ୍ମଲାଭ କଲା । ସେହି ଦର୍ଶନକୁ ନାସ୍ତିବାଦ ବା Nihilism ବୋଲି ଆଖ୍ୟା ଦିଆଗଲା ।

ଋଷର ପ୍ରଜ୍ଞାଶୀଳ ବ୍ୟକ୍ତି (Intellectual)ମାନଙ୍କ ମନରେ ସେହି ଚିନ୍ତାଧାରା ବ୍ୟାପିଗଲା । ପ୍ରତିଷ୍ଠିତ ସାମାଜିକ ଓ ରାଜନୈତିକ ବ୍ୟବସ୍ଥା ପ୍ରତି ସେମାନଙ୍କ ମନ ବିଷାକ୍ତ ହୋଇଉଠିଲା । ନୂତନ ଯୁଗର ମାନସିକ ଆଲୋଡ଼ନ ସେମାନଙ୍କ ମନକୁ ଆଚ୍ଛାଦିତ କଲା । ଚିରାଚରିତ ଅନୁଷ୍ଠାନଗୁଡ଼ିକୁ ଧ୍ୱଂସ କରି ଏକ ନୂତନ ସମାଜ ସୃଷ୍ଟି କରିବାକୁ ସେମାନେ ଆଗ୍ରହ ପ୍ରକାଶ କଲେ । ତତ୍କାଳୀନ ରାଜତନ୍ତ, ଧର୍ମାନୁଷ୍ଠାନ, ସାମାଜିକ ବନ୍ଧନକୁ ଛିଣ୍ଡାଇବା ପାଇଁ ବିପ୍ଳବର ବହ୍ନି ଜଳାଇବା ପାଇଁ ଉଦ୍ୟମ ଆରମ୍ଭ ହେଲା । ପ୍ରାଚୀନପନ୍ଥୀମାନେ ପବିତ୍ର ଋଷିଆ ପ୍ରାଚୀନ ଗୀର୍ଜା ଓ ରାଜକୀୟ ସ୍ୱେଚ୍ଛାଚାରିତା (Holy Russia, the Orthodox Church and the Imperial Autocracy) ପ୍ରତି ଆସ୍ଥା ରଖିଥିଲା ବେଳେ ନିହିଲିଷ୍ଟମାନେ ସେହି ବିଶ୍ୱାସକୁ ବିର୍ଜନ କଲେ । ଟରଗେନିଭ (Turganiev) ନାମକ ଔପନାସିକଙ୍କ ନାସ୍ତିବାଦୀ ଚରିତ୍ର ଚିତ୍ରଣ ସମାଜକୁ ବେଶ ପ୍ରଭାବିତ କରିପାରିଥିଲା । ସମସ୍ତେ ବୁଝିପାରିଥିଲେ ଯେ ସ୍ୱେଚ୍ଛାଚାରିତା, ଗୀର୍ଜାର ଅତ୍ୟାଚାର ଇତ୍ୟାଦି ଧ୍ୱଂସ ପାଇଲା ପରେ ପରିଷ୍କାର ଶୂନ୍ୟ କ୍ଷେତ୍ର ଉପରେ ନୂତନ ସମାଜର ମୂଳଭିତ୍ତି ସ୍ଥାପନ ହେବା ସମ୍ଭବ । ସେହି ସମାଜରେ ଧର୍ମର ସ୍ଥାନ ଅଧିକାର କରିବ ବିଜ୍ଞାନ, ପାରିବାରିକ ବନ୍ଧନର ସ୍ଥାନ ପ୍ରକୃତ ପ୍ରେମ, ବ୍ୟକ୍ତିଗତ ସମ୍ପତ୍ତି ପରିବର୍ତ୍ତେ ରହିବ ସାମୂହିକ ସମ୍ପତ୍ତି ଏବଂ କେନ୍ଦ୍ରୀଭୂତ ଶାସନ-କ୍ଷମତା ପରିବର୍ତ୍ତେ ରହିବ ମୁକ୍ତ ସମିତିମାନଙ୍କର ମିତ୍ରତାପୂର୍ଣ୍ଣ ମିଳିତ ଜନହିତକର ଉଦ୍ୟମ । ଏହିସବୁ ଚିନ୍ତାଧାରା ସାଧାରଣ ଲୋକଙ୍କ ମନକୁ ପ୍ରଭାବିତ କରିଥିଲା । କ୍ରମେ କ୍ରମେ ନାସ୍ତିବାଦୀ ଦର୍ଶନରେ ସାମ୍ୟବାଦୀ ନୀତିମାନ ପ୍ରବେଶ କଲା । ନାରୀ ପୁରୁଷ ନିର୍ବିଶେଷରେ ନାସ୍ତିବାଦୀମାନେ ଡାକ୍ତର, ନର୍ସ, ଶିକ୍ଷକ, ଶିକ୍ଷୟିତ୍ରୀ, ବ୍ୟବସାୟୀ ଓ ଶ୍ରମିକଙ୍କ ପୋଷାକ ପରିଧାନ କରି ଚାରିଆଡ଼େ ଧ୍ୱଂସାତ୍ମକ ବିପ୍ଳବ ନିମନ୍ତେ ଋଷର ଜନସାଧାରଣଙ୍କ ମଧ୍ୟରେ ଉତ୍ତେଜନା ସୃଷ୍ଟି କଲେ । ନାସ୍ତିବାଦୀମାନଙ୍କ କାର୍ଯ୍ୟକଳାପ ଜାରଙ୍କୁ ଅଛପା ରହିଲା ନାହିଁ । କଠୋର ଦମନମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲା । ୧୮୭୪ ମସିହା ବେଳକୁ ଦେଖାଗଲା ଯେ ୧ ଲକ୍ଷ ୧୫୦ ହଜାର ଲୋକଙ୍କୁ ସାଇବେରିଆର ଅଜ୍ଞାତ ଅଞ୍ଚଳକୁ ନିର୍ବାସିତ କରାଯାଇଛି । ନିହିଲିଷ୍ଟମାନେ ଉଗ୍ର ସନ୍ତ୍ରାସବାଦ ବଳରେ ଜାରଙ୍କୁ ଶିକ୍ଷାଦେବା ପାଇଁ ଉଦ୍ୟମ ଅବ୍ୟାହତ ରଖିଲେ । ଶେଷରେ ୧୮୮୧ ମସିହା ମାର୍ଚ୍ଚ ୧୩ ତାରିଖ ଦିନ ଦ୍ୱିତୀୟ ଆଲେକଜାଣ୍ଡାର ଶରୀରରକ୍ଷୀମାନଙ୍କ ଗ୍ରହଣରେ ସେଣ୍ଟପିଟସବର୍ଗ ଯାଉଥିବା ବେଳେ ଆନ୍ଦୋଳନକାରୀମାନେ ବୋମା ନିକ୍ଷେପ କଲେ । ମୁକ୍ତିଦାତା ଜାରଙ୍କ ମୃତ୍ୟୁରେ ସଂସ୍କାର ଯୋଜନାର ମଧ୍ୟ ସମାପ୍ତି ଘଟିଲା । ତାଙ୍କ ଉତ୍ତରାଧିକାରୀ ପୁତ୍ର ତୃତୀୟ ଆଲେକଜାଣ୍ଡାର ୧୮୮୧ ମସିହାଠାରୁ ୧୮୯୪ ମସିହା ପର୍ଯ୍ୟନ୍ତ ସନ୍ତ୍ରାସବାଦୀମାନଙ୍କୁ ଦମନ କରିବାକୁ ଲାଗିଲେ । ଫଳରେ ଋଷ ବିପ୍ଳବର କ୍ଷେତ୍ର ପ୍ରସ୍ତୁତ ହେଲା ।

ଜାର ତୃତୀୟ ଆଲେକଜାଣ୍ଡାର : ୧୮୮୧-୯୪ ଖ୍ରୀ:ଅ: (Tsar Alexander III : 1881-94 A.D.) :

ଦ୍ୱିତୀୟ ଆଲେକଜାଣ୍ଡାରଙ୍କ ପରେ ତାଙ୍କର ପୁତ୍ର ତୃତୀୟ ଆଲେକଜାଣ୍ଡାର ୧୮୮୧ ମସିହାରେ ସିଂହାସନ ଆରୋହଣ କଲେ । ଶାସନ ଦାୟିତ୍ୱ ଗ୍ରହଣ କଲାଦିନଠାରୁ ସେ ଜାର ନିକୋଲାସ ପ୍ରଥମଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ

ଦମନମୂଳକ ନୀତି ଅନୁସରଣ କଲେ । ସେ ସ୍ୱୈରତନ୍ତ୍ରର ଦୃଢ଼ ସମର୍ଥକ ଥିଲେ । ଗଣତନ୍ତ୍ର ମତବାଦ ଓ ଉଦାରପନ୍ଥୀ ଚିନ୍ତାଧାରାକୁ ସେ ଘୃଣା କରୁଥିଲେ ଏବଂ ପ୍ରକାଶ୍ୟରେ ବ୍ୟକ୍ତ କରିଥିଲେ ଯେ ନୀତିଗୁଡ଼ିକ ଋଷିଆର ପ୍ରଗତି ପଥରେ ପ୍ରତିବନ୍ଧକ ହୋଇ ଜନସାଧାରଣଙ୍କୁ କୁପଥରେ ପରିଚାଳିତ କରିବ । ତେଣୁ ସାମ୍ବିଧାନିକ ସରକାରଙ୍କୁ "Political lie of the age" ପାର୍ଲିଆମେଣ୍ଟକୁ "An institution to satisfy personal interest" ଏବଂ ଗଣତନ୍ତ୍ରକୁ "The most burdensome system of government in human history" ବୋଲି ଘୋଷଣା କରିଥିଲେ । ପୁଣି ସେ କହିଥିଲେ ଯେ ଋଷିଆରେ ଏକଛତ୍ରବାଦ ରକ୍ଷଣଶୀଳତା ଓ ସ୍ଲାଭଜାତୀୟତାଭାବ (Slavice Nationalism) ପୁନଃ ଜାଗରଣ ସୃଷ୍ଟି କରିପାରିବ । ପୋବିଦୋନସ୍ତି ନାମକ ଦାର୍ଶନିକ ଓ ଜାରଙ୍କର ସମର୍ଥକ ଇଉରୋପୀୟ ରାଜନୀତି ଚିନ୍ତାଧାରାକୁ ଋଷିଆ ପ୍ରତି ପ୍ରଯୁଜ୍ୟ ନୁହେଁ ବୋଲି କହିଥିଲେ । ସେ ପ୍ରଚାର କରିଥିଲେ ଯେ ଋଷିଆର ସାଧାରଣଙ୍କର ଲକ୍ଷ୍ୟ One Tsar, One Church and One Russia ହେବା ଉଚିତ ।

ନିରଙ୍କୁଶ ରାଜତନ୍ତ୍ରର ପୂର୍ଣ୍ଣ ବିକାଶ ନିମିତ୍ତ ଜାର ତୃତୀୟ ଆଲେକଜାଣ୍ଡାର ସମ୍ବାଦପତ୍ର ଉପରେ କଟକଣା ଜାରି କରିଥିଲେ । ସମ୍ବାଦପତ୍ର ଯାଞ୍ଚ ବ୍ୟବସ୍ଥାକୁ କଡ଼ାକଡ଼ି ଭାବେ କାର୍ଯ୍ୟକାରୀ କରିଥିଲେ । ଫଳରେ ଋଷିଆରେ ପ୍ରକାଶ ପାଉଥିବା ଅନେକ ସମ୍ବାଦପତ୍ର ପ୍ରକାଶନ ବନ୍ଦ କରିଦେଇଥିଲେ । ବିଶ୍ୱବିଦ୍ୟାଳୟଗୁଡ଼ିକରେ ସ୍ୱାଧୀନତାକୁ ଲୋପ କରିଦିଆଗଲା । ବିଶ୍ୱବିଦ୍ୟାଳୟରେ ଛାତ୍ର ଗ୍ରହଣ ବ୍ୟବସ୍ଥାକୁ ନିୟନ୍ତ୍ରିତ କରାଗଲା । ଅମଲାତନ୍ତ୍ର ତତ୍ତ୍ୱାବଧାନରେ ପ୍ରାଥମିକ ବିଦ୍ୟାଳୟଗୁଡ଼ିକ ରଖାଯାଇଥିଲା । ଅଧ୍ୟାପକ ଏବଂ ଛାତ୍ରମାନଙ୍କ ଉପରେ ତୀକ୍ଷ୍ଣ ଦୃଷ୍ଟି ରଖାଯାଇଥିଲା । ଉଦାର ମତପୋଷଣ କରି ଜନଜାଗରଣ ସୃଷ୍ଟି କରୁଥିବା ଶିକ୍ଷକମାନଙ୍କୁ କାର୍ଯ୍ୟରୁ ବହିଷ୍କାର କରାଯାଇଥିଲା । ଦ୍ୱିତୀୟ ଆଲେକଜାଣ୍ଡାରଙ୍କ ଦ୍ୱାରା ପ୍ରଚଳିତ ସ୍ଥାନୀୟ ସ୍ୱାୟତ୍ତ ଶାସନ ବ୍ୟବସ୍ଥାରେ ପରିବର୍ତ୍ତନ କରାଗଲା । ଜେମସ୍-ସ୍ଟୋଭର ସଭ୍ୟମାନେ ନିର୍ବାଚିତ ନ ହୋଇ ମନୋନୀତ ହେଲେ । ଚରମପନ୍ଥୀ ବିପ୍ଳବୀମାନଙ୍କୁ ସ୍ଥାନୀୟ ସଭା ଏବଂ ପରିଷଦରୁ ତୁରନ୍ତ ବହିଷ୍କାର କରାଗଲା । ନିହିଲିଷ୍ଟମାନଙ୍କୁ ଦମନ କରିବା ପାଇଁ କଠିନ ପଦକ୍ଷେପ ଗ୍ରହଣ କରାଗଲା । ପିତା ଦ୍ୱିତୀୟ ଆଲେକଜାଣ୍ଡାରଙ୍କ ଦ୍ୱାରା ଭୂମିଦାସ ପ୍ରଥାର ଉଚ୍ଛେଦକୁ ତୃତୀୟ ଆଲେକଜାଣ୍ଡାର ପସନ୍ଦ କଲେ ନାହିଁ ଏବଂ ସର୍ଫ ମୁକ୍ତି ବ୍ୟବସ୍ଥାରେ ଅନେକ ପରିବର୍ତ୍ତନ ଆଣି ଭୂମିଦାସମାନଙ୍କ ଉପରେ କର୍ତ୍ତୃତ୍ୱ ଜାହିର କରିବା ପାଇଁ ନିୟମ ପ୍ରଣୟନ କରିଥିଲେ । ଗ୍ରାମବାସୀମାନଙ୍କୁ ଶାସନ କରିବା ପାଇଁ (Land Captain) ଲ୍ୟାଣ୍ଡ କାପଟେନ ନାମକ ଏକ ସ୍ୱତନ୍ତ୍ର କର୍ମଚାରୀ ଗୋଷ୍ଠୀ ନିଯୁକ୍ତ କରି ସେମାନଙ୍କୁ ପୋଲିସ, ଶାସନ ଓ ବିଚାର କ୍ଷମତା ପ୍ରଦାନ କଲେ । କ୍ରମେ ସେମାନେ କୃଷକମାନଙ୍କ ଉପରେ ଅଖଣ୍ଡ କ୍ଷମତା ବିସ୍ତାର
ପରିବର୍ତ୍ତନ ଆଣିଥିଲେ ।
କଲେ । ସମାଜରେ ସେ ଏକ ଆମୂଳଚୂଳ

ତୃତୀୟ ଆଲେକଜାଣ୍ଡାର ଋଷରେ ବାସ କରୁଥିବା ସଂଖ୍ୟାଲଘୁ ଗୋଷ୍ଠୀଙ୍କ ପ୍ରତି କଠୋର ନୀତି ପ୍ରୟୋଗ କରିଥିଲେ । ଋଷୀୟକରଣ ନୀତି ସେମାନଙ୍କ ପ୍ରତି ଲାଗୁ କରାଯାଇଥିଲା । ସମଗ୍ର ଋଷିଆରେ ଗୋଟିଏ ପ୍ରକାର ଭାଷା, ଗୋଟିଏ ଧର୍ମ ଏବଂ ଗୋଟିଏ ନିୟମ ପ୍ରଣୟନ କରିବାକୁ ବ୍ୟଗ୍ର ହୋଇଉଠିଥିଲେ । ସେହି ନୀତି ଅନୁସାରେ ଜର୍ମାନୀ, ଫ୍ରାନ୍ସ ଓ ପୋଲାଣ୍ଡ ଅଧିବାସୀମାନଙ୍କୁ ବାଧ୍ୟତାମୂଳକ ଋଷ ଭାଷା ଶିକ୍ଷା ଦିଆଯାଇଥିଲା । ଇହୁଦୀମାନଙ୍କ ଉପରେ ଅତ୍ୟାଚାର କରାଯାଇଥିଲା । କେତୋଟି ନିର୍ଦ୍ଦିଷ୍ଟ ସହରରେ ବସବାସ କରିବା ପାଇଁ ସେମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ଜାରଙ୍କ ପରୋକ୍ଷ ସମର୍ଥନରେ ଇହୁଦୀମାନଙ୍କ ଗୃହ ଜାଳି ପୋଡ଼ି ଦିଆଯାଇଥିଲା । ଜାର ତୃତୀୟ ଆଲେକଜାଣ୍ଡାରଙ୍କ ଅତ୍ୟାଚାରରେ ପ୍ରାୟ ସବୁ ଶ୍ରେଣୀର ଲୋକମାନେ ଅତିଷ୍ଠ ହୋଇପଡ଼ିଲେ । ଅନ୍ୟପକ୍ଷରେ ସଂସ୍କାରବାଦୀ ବିଜ୍ଞ ବ୍ୟକ୍ତିମାନେ ସଂଗ୍ରାମ ଚାଲୁ ରଖିଲେ ।

ପ୍ରତିଷ୍ଠା କରାଯାଇଥିଲା । ବୈଦେଶିକ
ଏସବୁ ଦମନଲୀଳା କରିଥିଲେ ହେଁ ଋଷରେ କେତେଗୁଡ଼ିଏ ଶିଳ୍ପ ପ୍ରତିଷ୍ଠାନ ନିର୍ମାଣ କରାଯାଇଥିଲା । ଟ୍ରାନ୍ସ ସାଇବେରିଆ,
ପୁଞ୍ଜି ଲଗାଣ ବହୁଳ ଭାବେ ବିନିଯୋଗ ହୋଇଥିଲା । ରେଳରାସ୍ତା

ଟ୍ରାନ୍ସ କାସ୍ପିୟାନ ରେଳ ରାସ୍ତା ନିର୍ମାଣ କାର୍ଯ୍ୟ ସମାପ୍ତ କରାଯାଇଥିଲା । ଫଳରେ ଦେଶରେ ସ୍ୱଚ୍ଛଳତା ଉନ୍ନତି ସାଧନ ହୋଇଥିଲା ।

ଅତ୍ୟାଚାରୀ ତୃତୀୟ ଆଲେକଜାଣ୍ଡାର ୧୮୯୪ ମସିହାରେ ମୃତ୍ୟୁବରଣ କରିଥିଲେ । ତାଙ୍କ ମୃତ୍ୟୁ ପରେ ଅତ୍ୟାଚାରୀ ଜାର ଶାସନର ପତନ ଘଟିଥିଲା ।

ଜାର ଦ୍ୱିତୀୟ ନିକୋଲାସ : ଖ୍ରୀ:ଅ: ୧୮୯୪-୧୯୧୭ (Tsar Nicholas II : 1894-1917 A.D.) :

Czarina Alexandra & Czar Nicholas II

ଋଷିଆର ସିଂହାସନ ପତନୋନ୍ମୁଖୀ ହୋଇଥିବା ସମୟରେ ଜାର ଦ୍ୱିତୀୟ ନିକୋଲାସ ୧୮୯୪ ମସିହାରେ ସିଂହାସନ ଆରୋହଣ କରିଥିଲେ । ଆଲେକଜାଣ୍ଡାରଙ୍କ ସ୍ୱେଚ୍ଛାଚାର ଶାସନ ଦ୍ୱାରା ଋଷିଆର ଶାସକ ଏବଂ ଶାସିତଙ୍କ ମଧ୍ୟରେ ଏକ ପ୍ରକାଣ୍ଡ ପ୍ରାଚୀର ଦଣ୍ଡାୟମାନ ହୋଇସାରିଥିଲା । ପ୍ରଜାମାନେ ସିଂହାସନଠାରୁ ସମ୍ପୂର୍ଣ୍ଣ ଭାବେ ଦୂରେଇ ଯାଇଥିଲେ । ଋଷିଆର ପ୍ରଜାମାନେ ବୋଲସେଭିକ୍‌ମାନଙ୍କ ଦ୍ୱାରା ସମାଜବାଦୀ ଚିନ୍ତାଧାରାରେ ଦୀକ୍ଷିତ ହୋଇ ସରକାରଙ୍କର ପ୍ରଧାନ ସମାଲୋଚକ ହୋଇ କାର୍ଯ୍ୟ କରୁଥିଲେ । ଋଷିଆର ପ୍ରଜାମାନେ ଚିନ୍ତା କରିଥିଲେ ଯେ ଇଉରୋପର ଗଣତାନ୍ତ୍ରିକ ମହାସ୍ରୋତରୁ ପୃଥକ ହୋଇ ବେଶିଦିନ ରହିପାରିବା ସମ୍ଭବ ନୁହେଁ । ତେଣୁ ଶାସନ ଏବଂ ଶାସକଙ୍କର ଆଭିମୁଖ୍ୟ ପରିବର୍ତ୍ତନ କରିବା ବାଞ୍ଛନୀୟ ବୋଲି ଘୋଷଣା କଲେ । ନିକୋଲାସ୍ ବାସ୍ତବତାକୁ ଉପଲବ୍ଧି ନକରି ଏକଛତ୍ରବାଦ ଓ ପ୍ରତିକ୍ରିୟାଶୀଳ ନୀତି ଅବଲମ୍ବନ କରି ଦମନଲୀଳା ଆରମ୍ଭ କଲେ । ସେ ଘୋଷଣା କରିଥିଲେ ଯେ ଏକଛତ୍ରବାଦ ନୀତିକୁ ସେ ଅକ୍ଷରେ ଅକ୍ଷରେ ପାଳନ କରିବେ "I will preserve the principles of autocracy as firmly and unwaveringly as my late father." ମାତ୍ର ସେ ଦୁର୍ବଳମନା ଓ ଜିଦ୍‌ଖୋର ଥିଲେ । ସେ ମହାରାଣୀଙ୍କ ଦ୍ୱାରା ପରିଚାଳିତ ହେଉଥିଲେ ଓ ଜାରିନା ଜଣେ କୁଟୀଳ ସନ୍ନ୍ୟାସୀ ରାସପୁଟିନ୍ (Rasputin)ଙ୍କ ଦ୍ୱାରା ପ୍ରଭାବିତ ହେଉଥିଲେ । ପ୍ରତିକ୍ରିୟାଶୀଳ ଉପଦେଷ୍ଟା ପୋବିଦୋନୋଷ୍ଟି Pobeydonosty ଏବଂ ସ୍ୱୈରତନ୍ତ୍ରର ପ୍ରବକ୍ତା ପ୍ରଧାନମନ୍ତ୍ରୀ ପ୍ଲେଭ୍ ତାଙ୍କ ଶାସନ ପରିଚାଳିତ କରୁଥିଲେ । ପ୍ରତିକ୍ରିୟାଶୀଳ ଶାସନ ପାଇଁ ସେ ଅପ୍ରିୟ ହୋଇପଡ଼ିଥିଲେ ।

ସ୍ୱୈରତନ୍ତ୍ର ବିରୋଧୀ ଚିନ୍ତାଧାରା ଗୋଷ୍ଠୀଗୁଡ଼ିକୁ ଦମନ କରିବା ନିମିତ୍ତ କଠୋର ନୀତି ଅବଲମ୍ବନ କରିବା ଫଳରେ ସେ ଆହୁରି ଅପ୍ରିୟ ହୋଇପଡ଼ିଥିଲେ । ବିଦ୍ରୋହୀମାନଙ୍କୁ ବିନା କାରଣରେ ବନ୍ଦୀ କରି ଦେଶାନ୍ତର କରିବା ସାଧାରଣ ଘଟଣାରେ ପରିଣତ ହୋଇପଡ଼ିଲା । ନିକୋଲାସଙ୍କ ପୁଲିସ ବାହିନୀ ଓ ଗୁପ୍ତଚରମାନଙ୍କର ତତ୍ପରତା ଆନ୍ଦୋଳନକାରୀମାନଙ୍କୁ ଶକ୍ତିହୀନ କରି ପକାଇଲେ । ସମ୍ବାଦପତ୍ରଗୁଡ଼ିକ ପାଇଁ ଯାଞ୍ଚ ବ୍ୟବସ୍ଥା ଲାଗୁ କରାହେଲା । ଛାତ୍ରମାନେ ଅତ୍ୟାଚାରିତ ହେଲେ । ମସ୍କୋ ବିଶ୍ୱବିଦ୍ୟାଳର ଏକ-ପଞ୍ଚମାଂଶ ଛାତ୍ର ସାଇବେରିଆକୁ ନିର୍ବାସିତ ହୋଇଥିଲେ । ଏହିସବୁ କାର୍ଯ୍ୟକଳାପ ପାଇଁ ସମଗ୍ର ଦେଶ ଅସନ୍ତୁଷ୍ଟ ଓ ଅତିଷ୍ଠ ହୋଇପଡ଼ିଲା । ଠିକ୍ ଏହି ସମୟରେ ଋଷିଆ-ଜାପାନ ଯୁଦ୍ଧ (୧୯୦୪-୧୯୦୫)ରେ ଜାର ପରାଜୟ ସ୍ୱୀକାର କଲେ ଏବଂ ଜାରଙ୍କର ଦୁର୍ବଳତା ଓ ଅସାମର୍ଥ୍ୟ ପ୍ରମାଣିତ ହେଲା । କ୍ରମେ ତାଙ୍କ ପ୍ରତି ଥିବା ଭୟ ସାଧାରଣ ଲୋକଙ୍କ ମନରୁ ଦୂର ହୋଇଗଲା । ଶାସନ ସମାଲୋଚିତ ହେଲା । ସାମ୍ବିଧାନିକ ସଂସ୍କାର ସାବାଳକ ଭୋଟପ୍ରଥା ଇତ୍ୟାଦି ସଂସ୍କାର ପାଇଁ ସ୍ୱର ଉତ୍ତୋଳନ ହେଲା । ୧୯୦୫ ମସିହା ଫେବୃୟାରୀ ମାସ ୨୧ ତାରିଖ ଦିନ ଶ୍ରମିକମାନଙ୍କର ଏକ ଶୋଭାଯାତ୍ରା ବାହାରିଲା । ସେମାନଙ୍କ ଉପରକୁ ଗୁଳି ବର୍ଷଣ କରାହେଲା ।

ଅବସ୍ଥା କ୍ରମେ ଅଣାୟତ୍ତ ହୋଇପଡ଼ିଲା । ଏକ ମହାନ ବିପ୍ଳବକୁ ଏଡ଼ାଇଦେବା ଉଦ୍ଦେଶ୍ୟରେ ନିକୋଲାସ ଜାତୀୟ ପାର୍ଲିଆମେଣ୍ଟ ବା ଡୁମା ଗଠନ କରିବାକୁ ପ୍ରତିଶ୍ରୁତି ଦେଲେ । ବିପ୍ଳବ କ୍ରମେ ଧିମେଇଗଲା । ପ୍ରସ୍ତାବିତ ଡୁମା ସୀମିତ ଭୋଟରମାନଙ୍କ ଦ୍ୱାରା ନିର୍ବାଚିତ ପ୍ରତିନିଧିମାନଙ୍କୁ ନେଇ ଗଠିତ ହେଲା । ମାତ୍ର ଏହି ପାର୍ଲିଆମେଣ୍ଟ କେବଳ ସମ୍ରାଟଙ୍କୁ ପରାମର୍ଶ ଦେବାର ଅଧିକାର ପାଇଥିଲା । ଏହି ବ୍ୟବସ୍ଥା ବିରୁଦ୍ଧରେ ଅକ୍ଟୋବର ମାସରେ ବିଦ୍ରୋହ ଆରମ୍ଭ ହେଲା । ଦେଶରେ ଜୀବନଯାତ୍ରା ଅଚଳ ହୋଇପଡ଼ିଲା । ଶେଷରେ ଜାର ବାଧ୍ୟ ହୋଇ ଅକ୍ଟୋବର ଇସ୍ତାହାର (October Manifesto) ଘୋଷଣା କଲେ ଏବଂ ଡୁମା ସଭ୍ୟମାନଙ୍କୁ ଆଇନ ପ୍ରଣୟନ କ୍ଷମତା ହସ୍ତାନ୍ତର କଲେ । ବ୍ୟକ୍ତିଗତ ସ୍ୱାଧୀନତା, ସଭାସମିତି କରିବାର ସ୍ୱାଧୀନତା ଏବଂ ଭୋଟ ଦେବାର ଅଧିକାର ପ୍ରଦାନ କରାଗଲା । ଅକ୍ଟୋବର ଘୋଷଣା ବିରୁଦ୍ଧରେ ପୋଲିସ ସୈନ୍ୟବାହିନୀ, ଅମଲାତନ୍ତ୍ର ଏକ ସଂଗଠନ ଗଠନ କରି ଇସ୍ତାହାରକୁ ବିରୋଧ କଲେ । ସେମାନେ Leftist Russians ବୋଲି ପରିଚିତ ହେଲେ । ସେମାନେ ଅନ୍ୟୁନ ୫୦୦ ଉଦାରପନ୍ଥୀ ଓ ଇହୁଦୀମାନଙ୍କୁ ନିର୍ବାଚନ ବେଳେ ହତ୍ୟା କଲେ । ଏସବୁ ଘଟଣାକୁ ଆଲୋଚନା କରି ତା'ର ସମାଧାନ ପାଇଁ ଋଷିଆର ପ୍ରଥମ ପାର୍ଲିଆମେଣ୍ଟ ବା ପ୍ରଥମ ଡୁମା ୧୮୦୦ ମସିହା ମେ ମାସ ୬ ତାରିଖ ଦିନ ଆରମ୍ଭ ହୋଇଥିଲା ।

ପ୍ରଥମ ଡୁମାରେ ସାମ୍ବିଧାନିକ ଚରମପନ୍ଥୀମାନେ ଅକ୍ଟୋବର ଇସ୍ତାହାର ପରିବର୍ତ୍ତନ ଏବଂ ସାମ୍ବିଧାନିକ ଅଧିକାର ଦାବି କରିବାରୁ ଜାର ପ୍ରଥମ ଡୁମାକୁ ଭାଙ୍ଗିଦେଲେ । ଏହାର ପ୍ରତିବାଦରେ କେତେକ ସଭ୍ୟ ଫିନଲାଣ୍ଡର ଭିବର୍ଗ (Viborg) ଠାରେ ବିଦ୍ରୋହ କରିବାକୁ ଚେଷ୍ଟା କରି ବିଫଳ ହେଲେ । ଦ୍ୱିତୀୟ ଡୁମା ୧୯୦୭ ମସିହାରେ ଗଠନ କରାଯାଇ ମତପାର୍ଥକ୍ୟ ହେବାରୁ ମାତ୍ର ୪ ମାସ ପରେ ଏହାକୁ ଭାଙ୍ଗିଦିଆଯାଇଥିଲା । ସେହିବର୍ଷ ତୃତୀୟ ଡୁମା ଗଠନ କରାଯାଇଥିଲା । ସେଥିରେ ୫୪ ଜଣ ସାମ୍ବିଧାନିକ ଚରମପନ୍ଥୀ ବା କ୍ୟାଡ଼େଟ ଏବଂ ୧୫୩ ଜଣ ମଧ୍ୟମପନ୍ଥୀ ନିର୍ବାଚିତ ହୋଇଥିଲେ । ଏହି ଡୁମା ପାଞ୍ଚବର୍ଷ ପର୍ଯ୍ୟନ୍ତ କାର୍ଯ୍ୟ କରିଥିଲା । ଡୁମା ଦ୍ୱାରା ଚାଷୀମାନଙ୍କୁ ମାଲିକାନା ସତ୍ତ୍ୱ ପ୍ରଦାନ କରାଯାଇଥିଲା । ୧୯୧୨ ମସିହାରେ ଚତୁର୍ଥ ଡୁମା ଅନୁଷ୍ଠିତ ହୋଇଥିଲା । ଏଥିରେ ରକ୍ଷଣଶୀଳ ଗୋଷ୍ଠୀ Conservatives ସଂଖ୍ୟାଗରିଷ୍ଠତା ହାସଲ କଲେ। ବାମପନ୍ଥୀମାନେ କ୍ୟାଡ଼େଟମାନଙ୍କ ସହିତ ସାମିଲ ହୋଇ ରକ୍ଷଣଶୀଳ ଗୋଷ୍ଠୀକୁ ବିରୋଧ କଲେ । ମାତ୍ର ଏହି ଡୁମା ଜାରଙ୍କର ଏକ ପରାମର୍ଶଦାତା ଗୃହରେ ପରିଣତ ହୋଇଥିବାରୁ ତାହା ସାମ୍ବିଧାନିକ ଅଧିକାର ଜାହିର କରିପାରିଲା ନାହିଁ । କ୍ରମେ ଏହା ଏକ ଉପହାସରେ ପରିଣତ ହେଲା । ଶାସନ ବିରୁଦ୍ଧରେ ଅଶାନ୍ତି ବୃଦ୍ଧି ପାଇବାରେ ଲାଗିଲା ।

ଆଭ୍ୟନ୍ତରୀଣ ଅବସ୍ଥା ଜଟିଳ ଥିବା ସମୟରେ ପ୍ରଥମ ବିଶ୍ୱଯୁଦ୍ଧ ଆରମ୍ଭ ହେଲା । ଋଷିଆ ତାର ମିତ୍ରମାନଙ୍କ ସପକ୍ଷରେ ଯୁଦ୍ଧରେ ଯୋଗ ଦେଲା । ମାତ୍ର ଋଷିଆର ଜନସାଧାରଣ ଯୁଦ୍ଧର ବିରୋଧି ଥିଲେ । ଜର୍ମାନୀ ଦ୍ୱାରା ଋଷିଆ ଶୋଚନୀୟ ଭାବେ ପରାସ୍ତ ହେଲା । ଜାର ଅପ୍ରିୟ ହେଲେ । ଦେଶରେ ବିଦ୍ରୋହର ବହ୍ନି ଜଳିଉଠିଲା । ବଲସେଭିକମାନେ ବିପ୍ଳବର ନେତୃତ୍ୱ ନେଲେ । ୧୯୧୭ ମସିହା ମାର୍ଚ୍ଚ ୮ ତାରିଖ ଦିନ ପେଟ୍ରୋଗାଡ଼ ନଗରୀରେ ଶ୍ରମିକମାନେ କୃଷକମାନଙ୍କ ସହିତ ମିଶି ବିପ୍ଳବ କଲେ ବିକ୍ଷୋଭ ପ୍ରଦର୍ଶନ କଲେ । ଜାରଙ୍କ ଦମନଲୀଳା ଆରମ୍ଭ ହେଲା । ସୈନ୍ୟମାନେ ବଲସେଭିକମାନଙ୍କ ସହିତ ଯୋଗ ଦେଲେ । ଜାର ଅବସ୍ଥା ସମ୍ଭାଳି ନପାରି ବାଧ୍ୟ ହୋଇ ଚତୁର୍ଥ ଡୁମାକୁ ଭଙ୍ଗ କରିଦେଲେ ସଭ୍ୟମାନଙ୍କୁ ଫେରିଯିବାକୁ ନିର୍ଦ୍ଦେଶ ଦେଲେ । ଫଳରେ ଜାରଙ୍କର ଶାସନର ଚିତା ଜଳାଇବା ପାଇଁ ଇନ୍ଧନ ପ୍ରସ୍ତୁତ ହେଲା । ଜାର ସିଂହାସନ ପରିତ୍ୟାଗ କଲେ ।

ଋଷ ବିପ୍ଳବ (Russ in Revolution) :

ଋଷ ବିପ୍ଳବ ପୃଥିବୀ ଇତିହାସରେ ଏକ ମହାନ ଐତିହାସିକ ଘଟଣା । ସମାଜବାଦ ଏବଂ ସାମ୍ୟବାଦର ବୀଜ ବପନ କରି ଏକ ନୂତନ ଯୁଗର ବାର୍ତ୍ତାବହ ରୂପେ ଏହା ଏକ ଯୁଗାନ୍ତକାରୀ ଘଟଣା ହୋଇ ରହିଅଛି । ଏହା ଏକ ସମ୍ପୂର୍ଣ୍ଣ ବିପ୍ଳବ ଅଟେ । ମାନବ ଇତିହାସରେ ସଂଘଟିତ ହୋଇଥିବା ସବୁ ବିପ୍ଳବ ଭଳି ଋଷ ବିପ୍ଳବ ମଧ୍ୟ ରାଜନୈତିକ ଅସ୍ଥିରତା,

ସାମାଜିକ ଚେତନା ଏବଂ ଅର୍ଥନୀତିକ ଦୂରାବସ୍ଥା ଯୋଗୁଁ ସଂଘଟିତ ହୋଇଥିଲା । ସେଥିପାଇଁ Lipson କହିଛନ୍ତି ଯେ, "The roots of the Revolution lie deep embodied in the history of Russia." ବାସ୍ତବରେ ବହୁଦିନରୁ ପୁଞ୍ଜିଭୂତ ଜନ ଅସନ୍ତୋଷ ଅତ୍ୟାଚାର ଓ ନିଷ୍ପେଷଣ, ରାଜତନ୍ତ୍ରର ସ୍ୱେଚ୍ଛାଚାରୀ ମନୋବୃତ୍ତି ଏକ ବିସ୍ଫୋରଣ ଘଟାଇଥିଲା ଏବଂ ସୃଷ୍ଟି କରିଥିଲା ସମଗ୍ର ମାନବ ଇତିହାସରେ ଏକ ବୈପ୍ଳବିକ ଚିନ୍ତାଧାରା ।

ରାଜନୀତିକ ଚିନ୍ତାଧାରା (Political Thought) :

ଫ୍ରାନ୍‌ସର ବୋର୍ବୋଁ ରାଜପରିବାର ଭଳି ଋଷିଆର ରୋମାନଭ୍ ରାଜବଂଶ ସ୍ୱେଚ୍ଛାଚାର ଏବଂ ଏକଛତ୍ରବାଦ ଶାସନ କରୁଥିଲେ । ସେମାନେ ଦୈବଦତ୍ତ ଅଧିକାର ମତବାଦ ଉପରେ ଶାସନ କରୁଥିଲେ (Divine Right Theory) । ବିଂଶ ଶତାବ୍ଦୀର ପ୍ରାରମ୍ଭରେ ଜାରଙ୍କର ଶାସନ ବ୍ୟବସ୍ଥା ଦୁର୍ନୀତି, ଅଯୋଗ୍ୟତା ଓ ପ୍ରିୟାପ୍ରୀତି ତୋଷଣ, ନିର୍ଯ୍ୟାତନା ଓ ନିଷ୍ପେଷଣ ଇତ୍ୟାଦି ଉପରେ ବିଶ୍ୱାସ କରୁଥିଲା ଏବଂ ସମଗ୍ର ଇଉରୋପ ଇତିହାସରେ ସମାଲୋଚିତ ହୋଇଥିଲା । ସାମନ୍ତବାଦ ଓ ସୁବିଧା ସୁଯୋଗ ଉପଭୋଗ ଶାସନର ଚରିତ୍ର ଥିଲା ।

ଜାରମାନଙ୍କର ସ୍ୱେଚ୍ଛାଚାର ମନୋବୃତ୍ତି ଦମନମୂଳକ ନୀତି ବିପ୍ଳବର ପଥ ସୁଗମ କରିଥିଲା । ଇଉରୋପର ମୁକ୍ତିଦାତା ରୂପେ ପରିଚିତ ଜାର ପ୍ରଥମ ଆଲେକଜାଣ୍ଡାର ଇଉରୋପର ଜଣେ ମହା ରାଷ୍ଟ୍ରନାୟକ ଥିଲେ ହେଁ ତାଙ୍କର ପ୍ରତିକ୍ରିୟାଶୀଳ ନୀତି ପାଇଁ ସାଧାରଣରେ ଘୃଣ୍ୟ ହୋଇପଡ଼ିଥିଲେ । ସେ ଗଣତାନ୍ତ୍ରିକ ଚିନ୍ତାଧାରାର ବିରୋଧ କରୁଥିଲେ । ପ୍ରଥମ ନିକୋଲାସ ପ୍ରଗତିବାଦୀ ଆନ୍ଦୋଳନକୁ ଦୃଢ଼ ଭାବରେ ଦମନ କରିଥିଲେ । ଜାର ଦ୍ୱିତୀୟ ଆଲେକଜାଣ୍ଡାର ଅନେକଗୁଡ଼ିଏ ସଂସ୍କାର ପ୍ରଚଳନ କରିଥିଲେ ହେଁ ଏକଛତ୍ରବାଦରେ ବିଶ୍ୱାସ କରୁଥିଲେ । ରାଜତ୍ୱର ଶେଷ ବେଳକୁ ଦମନମୂଳକ ନୀତି ଅବଲମ୍ବନ କରିଥିଲେ । ତୃତୀୟ ଆଲେକଜାଣ୍ଡାର ସ୍ୱେଚ୍ଛାଚାରୀ ରାଜତନ୍ତ୍ରର ମୂର୍ତ୍ତିମନ୍ତ ପ୍ରତୀକ ଥିଲେ । ଅନ୍ୟାୟରେ ସାଧାରଣ ଲୋକଙ୍କୁ ବନ୍ଦୀ କରିବା, ନିର୍ବାସନ ଓ ଅତ୍ୟାଚାର ଇତ୍ୟାଦି ତାଙ୍କ ଶାସନର ଏକ ମହାନ ଚରିତ୍ର ଥିଲା । ଅର୍ଦ୍ଧଶିକ୍ଷିତ, ସଂକୀର୍ଣ୍ଣମନା, ରକ୍ଷଣଶୀଳ ଜାର ଦ୍ୱିତୀୟ ନିକୋଲାସ ପିତାଙ୍କ ପଦାଙ୍କ ଅନୁସରଣ କରୁଥିଲେ । ସେ ସ୍ୱେଚ୍ଛାଚାରୀ ନୀତିକୁ ବଜାୟ ରଖିବାକୁ ଆପ୍ରାଣ ଉଦ୍ୟମ କରି ସଫଳ ହୋଇଥିଲେ । One Tsar, One Church and One Russia ତାଙ୍କର ଆଦର୍ଶ ଥିଲା । ତାଙ୍କର ଶାସନ ଜନଅସନ୍ତୋଷ ବୃଦ୍ଧି କରିବାରେ ସହାୟକ ହୋଇଥିଲା । ଫଳରେ ଋଷିଆର ଛାତ୍ରସମାଜ, ଶ୍ରମିକଶ୍ରେଣୀ, କୃଷକ ଏବଂ ବୁଦ୍ଧିଜୀବୀମାନେ ସମସ୍ତେ ସମସ୍ୱରରେ ଜାର ଶାସନର ସମାପ୍ତି ପାଇଁ ଦାବି କଲେ । ଋଷିଆର ଇତିହାସ ପ୍ରଫେସର Vinogradoff ମୂଲ୍ୟାଙ୍କନ କରି କହିଥିଲେ ଯେ, "Nobody is secured against search, arrest, imprisonment and exile ... such is the legal protection. ଏହି ଉକ୍ତିର ପ୍ରେରଣାରେ ବିପ୍ଳବ ଆରମ୍ଭ ହେବାରୁ ଜାରମାନେ ଦମନମୂଳକ କାର୍ଯ୍ୟପନ୍ଥା ଗ୍ରହଣ କଲେ । ଶହ ଶହ ସଂଖ୍ୟାରେ ବିପ୍ଳବୀଙ୍କୁ ଦେଶରୁ, ଛାତ୍ରମାନଙ୍କୁ ବିଶ୍ୱବିଦ୍ୟାଳୟରୁ ବହିଷ୍କାର କରିଥିଲେ । ଫଳରେ ସେମାନେ ପ୍ରତିଶୋଧପରାୟଣ ହୋଇପଡ଼ିଲେ । ଦେଶରେ ଥିବା ସଂଖ୍ୟାଲଘୁ ଗୋଷ୍ଠୀର ଲୋକମାନଙ୍କ ପ୍ରତି ଅତ୍ୟାଚାର ଫଳରେ ସେମାନେ ମଧ୍ୟ ପ୍ରତିଶୋଧପରାୟଣ ହୋଇଉଠିଲେ । ଅସନ୍ତୋଷର ଝଞ୍ଜା ଋଷିଆର ଶାସନକୁ ପୋଡ଼ିଜାଳି ପାଉଁଶ କରିବାରେ ଲାଗିଲେ ।

ସାମାଜିକ ବ୍ୟବସ୍ଥା (Social System) :

ବିପ୍ଳବର ଅବ୍ୟବହିତ ପୂର୍ବରୁ ଋଷ ସମାଜ ମୁଖ୍ୟତଃ ଦୁଇ ଭାଗରେ ବିଭକ୍ତ ହୋଇଥିଲା । ଯଥା–ଉଚ୍ଚଶ୍ରେଣୀ ଓ ନିମ୍ନଶ୍ରେଣୀ । ବିତ୍ତଶାଳୀ ସାମନ୍ତ ଗୋଷ୍ଠୀ ଉଚ୍ଚଶ୍ରେଣୀ ଅନ୍ତର୍ଭୁକ୍ତ ଥିବାବେଳେ ଦରିଦ୍ର ଶ୍ରମିକ ଓ କୃଷିଭୃତ୍ୟଗଣ ନିମ୍ନଶ୍ରେଣୀରେ ପରିଗଣିତ ହେଉଥିଲେ । ସେମାନଙ୍କ ମଧ୍ୟରେ ଅନେକ ପ୍ରଭେଦ ଥିଲା ।

ସାମନ୍ତମାନେ ଋଷ ଦେଶର ଅଧିକାଂଶ ଜମିର ମାଲିକ ଥିଲେ। ଦେଶର ସବୁ ପ୍ରକାରର ଉଚ୍ଚ ପଦପଦବୀର ଅଧିକାରୀ ଥିଲେ । କୃଷକମାନଙ୍କ ଉପରେ ସେମାନେ ତାଙ୍କର ଅଖଣ୍ଡ କ୍ଷମତା ପ୍ରୟୋଗ କରୁଥିଲେ । ସାମନ୍ତ ଗୋଷ୍ଠୀର ପ୍ରତ୍ୟେକ ବ୍ୟକ୍ତି ସ୍ୱେଚ୍ଛାଚାରୀ, ଅତ୍ୟାଚାରୀ ଓ ଦୁର୍ନୀତିଗ୍ରସ୍ତ ଥିଲେ । ଅନ୍ୟପକ୍ଷରେ ନିମ୍ନଶ୍ରେଣୀର ଲୋକମାନେ ଅତ୍ୟାଚାରିତ ହେଉଥିବାରୁ ସେମାନଙ୍କ ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଥିଲା । କୃଷିଭୃତ୍ୟମାନଙ୍କର ଅବସ୍ଥା ଚିନ୍ତା କରିହେବ ନାହିଁ । ବଡ଼ ବଡ଼ ଭୂମି ଅଧିକାରୀ ଓ କୁଲକ୍‌ମାନଙ୍କ ଦ୍ୱାରା ତଥା ଜାରଙ୍କ କର୍ମଚାରୀମାନଙ୍କ ଅତ୍ୟାଚାର ଓ ଶୋଷଣର ସେମାନେ ଶିକାର ହେଉଥିଲେ । କ୍ଷୁଦ୍ର କ୍ଷୁଦ୍ର ଅନୁର୍ବର ଜମି, ପୁରାତନ କୃଷି ପଦ୍ଧତି ଓ ଯନ୍ତ୍ରପାତି ଉପରେ ନିର୍ଭର କରି ସେମାନେ ଚଳିବାକୁ ବାଧ୍ୟ ହେଉଥିଲେ । ଫଳରେ ଶସ୍ୟହାନୀ ଓ ଦୁର୍ଭିକ୍ଷର ବାରମ୍ବାର ଶିକାର ହେଉଥିଲେ । ସେମାନେ ଏହିପରି ଦ୍ୱିବିଧ ଅତ୍ୟାଚାର ସହ୍ୟ କରି କ୍ରମେ ଦରିଦ୍ରରୁ ଦରିଦ୍ରତମ ଅବସ୍ଥାରେ ପହଞ୍ଚିଥିଲେ । ତୃତୀୟ ଆଲେକଜାଣ୍ଡାରଙ୍କ ସମୟରେ ନିଯୁକ୍ତି ପାଇଥିବା କ୍ୟାପଟେନ୍‌ମାନଙ୍କର କ୍ଷମତା ଓ ଅତ୍ୟାଚାରର ସେମାନେ ଶିକାର ହେଉଥିଲେ । କ୍ରମେ କୃଷକମାନେ ଅଧିକ ଜମି ଦାବି କଲେ । ଏହି ଜମିକ୍ଷୁଧା ୧୯୦୨ ମସିହାରେ ସଂଘଟିତ କୃଷକ ଆନ୍ଦୋଳନର ମୁଖ୍ୟ କାରଣ ହୋଇଥିଲା । ଫଳରେ ସାମାଜିକ ଅସ୍ଥିରତା ଋଷ ବିପ୍ଳବକୁ ଯଥେଷ୍ଟ ପରିମାଣରେ ଇନ୍ଧନ ଯୋଗାଇ ଦେଇଥିଲା ।

ଦାର୍ଶନିକ କାରଣ (Philosophical Cause) :



Karl Marx

ଫରାସୀ ବିପ୍ଳବ ପରି ଋଷିଆରେ ବିପ୍ଳବ ସୃଷ୍ଟି ହେବାପାଇଁ ଦାର୍ଶନିକମାନଙ୍କର ଅମର ଲେଖନୀ ଓ ଚିନ୍ତାଧାରା ଋଷର ଜନମାନସକୁ ବିଶେଷ ଭାବେ ପ୍ରଭାବିତ କରିଥିଲା । ଚିନ୍ତା ଓ ଚେତନା କ୍ଷେତ୍ରରେ ବୈପ୍ଳବିକ ଚିନ୍ତାଧାରାର ଉତ୍ପତ୍ତି ହୋଇସାରିଥିଲା । ଅତ୍ୟାଚାର ଓ ଦୁର୍ନୀତିଗ୍ରସ୍ତ ଜାର ଶାସନର ଦମନମୂଳକ ନିଷେଧକ ବ୍ୟବସ୍ଥା ସତ୍ତ୍ୱେ ଇଉରୋପୀୟ ପ୍ରଗତିଶୀଳ ଚିନ୍ତାଧାରା ଋଷବାସୀଙ୍କୁ ବେଶ ପ୍ରଭାବିତ କରିଥିଲା । ଲିଓ ଟଲ୍‌ଷ୍ଟୟ (Leo Tolstoy), ଟର୍ଜନେଭ୍ (Turgniev), ଦସ୍ତୋଭସ୍କି (Dostoivo sky), ମାକସିମ୍ ଗର୍କି (Maxim Gorkey), ଜର୍ଜ ପ୍ଲେଖାନୋଭ (George Plekhanov), ପ୍ରଫେସର ଭିନୋଗ୍ରାଡ଼ଫ (Prof. Vinogradoff), ଲାଭରୋଭ୍ (Lavrov) ପ୍ରଭୃତି ମହାନ ଦାର୍ଶନିକମାନେ ସେମାନଙ୍କର ଚିନ୍ତାଧାରା ପ୍ରସାରଣ ମାଧ୍ୟମରେ ଜନସାଧାରଣଙ୍କର ବିଶ୍ୱାସଭାଜନ ହୋଇପାରିଥିଲେ । ଶିକ୍ଷିତ ବୁଦ୍ଧିଜୀବୀ ଶ୍ରେଣୀ ରାଜନୀତିକ ସଂସ୍କାର ଦାବି କଲେ । ଚରମପନ୍ଥୀ କାର୍ଲମାର୍କସ (Karl Marx) ଓ ବାକୁନିମ୍ ସେମାନଙ୍କ ଚିନ୍ତାଧାରା ଦ୍ୱାରା ସାମାଜିକ ବ୍ୟବସ୍ଥା ସମ୍ପର୍କରେ ଆଲୋକପାତ କଲେ । ସମାଜବାଦ ପ୍ରସାର ଲାଭ କଲା । ଏହି ସମୟରେ ପାନସ୍ଲାଭ ଆନ୍ଦୋଳନ ଋଷୀୟମାନଙ୍କୁ ଆହୁରି ପ୍ରଭାବିତ କରିଥିଲା । ପୃଥିବୀର ସମସ୍ତ ସ୍ଲାଭ ଜାତି ଋଷିଆ ନେତୃତ୍ୱରେ ଏକତ୍ରିତ ହେବା ଏହି ଆନ୍ଦୋଳନର ମୁଖ୍ୟ ଉଦ୍ଦେଶ୍ୟ ଥିଲା । Davilevsky ଏହି ପାନସ୍ଲାଭି ଆନ୍ଦୋଳନର ମୁଖ୍ୟ ପୁରୋଧା ଥିଲେ । ସେ ସାମାଜିକ ସଂସ୍କାର ସହିତ ଜମିର ସହମାଲିକାନା ସତ୍ତ୍ୱ ଉପରେ ଗୁରୁତ୍ୱ ଆରୋପ କରିଥିଲେ । କୃଷକ ସମିତି ମାଧ୍ୟମରେ ବିପ୍ଳବ ଆରମ୍ଭ କରିବା ପାଇଁ ବୁଦ୍ଧିଜୀବୀମାନେ ମତପୋଷଣ କରିଥିଲେ । ଏହାସହିତ ଋଷୀୟ ଚିନ୍ତାଧାରାରେ ଉପଯୋଗିତାବାଦ (Utilitarianism) ମଧ୍ୟ ସ୍ଥାନ ପାଇଥିଲା । ବ୍ୟକ୍ତି ଓ ସମାଜର ଉପଯୋଗିତା ହିଁ ସବୁର ମୂଳ ଲକ୍ଷ୍ୟ ଥିଲା । ଏହି ସମୟରେ ଦସ୍ତୋଭସ୍କି ତାଙ୍କର ଉପନ୍ୟାସ ମାଧ୍ୟମରେ ବଂଶାନୁକ୍ରମିକ ଅଧିକାର ବିଲୋପ, ଜନଜାଗରଣ ଓ ସାମରିକ ବାହିନୀର ଅନାବଶ୍ୟକତା ଇତ୍ୟାଦି ସପକ୍ଷରେ ଆଲୋଚନା କରିଥିଲେ ।

ଊନବିଂଶ ଶତାବ୍ଦୀ ଋଷିଆରେ ନାସ୍ତିବାଦ ବା Nihilismର ସୃଷ୍ଟି ହୋଇଥିଲା । ଉକ୍ତ ମତବାଦ ଅନୁସାରେ ଋଷୀୟମାନେ କୌଣସି ପ୍ରକାର କ୍ଷମତା, ପ୍ରଭୁତ୍ୱ ଓ ଅଧିକାରରେ ବିଶ୍ୱାସ ରଖିଲେ ନାହିଁ । ସାମାଜିକ ବିପ୍ଳବରେ ସମସ୍ତେ ସବୁ ପ୍ରକାରର ଲୋଭକୁ ତ୍ୟାଗ କରିବାକୁ ପ୍ରଚାର କରାଯାଇଥିଲା । ନିହିଲିଷ୍ଟମାନେ ହତ୍ୟା, ଧ୍ୱଂସ ଓ ଚରମପନ୍ଥୀ ମାଧ୍ୟମରେ

ରାଜନୀତିକ ବିଶୃଙ୍ଖଳା ଓ ଅରାଜକତା ସୃଷ୍ଟି କରି ଅବାଞ୍ଛିତ ସରକାରର ପତନ ଘଟାଇବା ପାଇଁ ତତ୍ପର ହୋଇଥିଲେ । ରଷିଆରେ ଜନ୍ମ ହୋଇଥିବା ପୁଞ୍ଜିପତି ଓ ଶ୍ରମିକ ଶ୍ରେଣୀ ମଧ୍ୟରେ ସଂଘର୍ଷ କ୍ରମେ ଘନୀଭୂତ ହୋଇଥିଲା । ଫଳରେ ବିଭିନ୍ନ ଶ୍ରେଣୀର ମତବାଦ କ୍ରମେ ଏକ ବିପ୍ଳବ ରୂପକ ଆଗ୍ନେୟଗିରିରେ ପରିଣତ ହେଲା ।

ବୈଦେଶିକ ଯୁଦ୍ଧରେ ରଷର ପରାଜୟ (Defet of Russia in Foreign War) :


Rasputin

ଅତ୍ୟାଚାରଭରା ଅସନ୍ତୋଷ ରଷିଆରେ ଜାରମାନଙ୍କର ଅପରିଣାମଦର୍ଶୀ ଦମନନୀତି ଓ ଜନମାନସରେ ବୈପ୍ଳବିକ ଚିନ୍ତାଧାରାର ପ୍ରସାର ଦେଶକୁ ବିପ୍ଳବ ଆଡ଼କୁ ସଜବାଜ କରୁଥିବା ବେଳେ ବୈଦେଶିକ ଯୁଦ୍ଧରେ ରଷ ଜାରଙ୍କର ପରାଜୟ ତାଙ୍କର ବ୍ୟର୍ଥ ଶାସନର ପ୍ରମାଣ ଦେଇଥିଲା । ଫଳରେ ଶାସନ ପ୍ରତି ପାରମ୍ପରିକ ସମ୍ମାନ ହ୍ରାସ ପାଇବା ସଙ୍ଗେ ସଙ୍ଗେ ବିପ୍ଳବୀମାଂନେ ନୂତନ ଉତ୍ସାହ ଓ ଉଦ୍ଦୀପନା ଲାଭ କଲେ । ୧୮୫୪-୫୬ ମସିହାରେ କ୍ରିମିଆ ଯୁଦ୍ଧ ଓ ୧୮୯୪-୧୯୦୫ ରଷିଆ ଜାପାନ ଯୁଦ୍ଧରେ ରଷିଆ ପରାସ୍ତ ସ୍ୱୀକାର କରିବା ଫଳରେ ଜାର ଶାସନର ଆଭ୍ୟନ୍ତରୀଣ ଦୁର୍ବଳତା ଓ ଅଯୋଗ୍ୟତା ଲୋକଲୋଚନକୁ ଆସିଲା । ୧୯୧୪ ମସିହାରେ ଜାର ନିକୋଲାସ ପ୍ରଥମ ବିଶ୍ୱଯୁଦ୍ଧରେ ଅଂଶଗ୍ରହଣ କରି ଜର୍ମାନୀଠାରୁ ପରାଜୟ ସ୍ୱୀକାର କରିବା ଫଳରେ ରଷବାସୀଙ୍କ ନିକଟରେ ଘୃଣ ହୋଇଉଠିଲେ । ଜନଚେତନା କ୍ରମେ ବୃଦ୍ଧି ପାଇବାରେ ଲାଗିଲା । ବିପ୍ଳବର ପଟ୍ଟଭୂମି ପ୍ରସ୍ତୁତ ହୋଇସାରିଥିଲା । କେବଳ ରଷିଆର ପତନ ବିପ୍ଳବୀମାନଙ୍କୁ ଜନଚେତନା ସୃଷ୍ଟି କରିବାରେ ସାହାଯ୍ୟ କରିଥିଲା । ଗୋଟିଏ ଯୁଦ୍ଧ ଜାର ଶାସନକୁ ଦୋହଲାଇ ଦେଇଥିବା ବେଳେ ଅନ୍ୟ ଗୋଟିଏ ଯୁଦ୍ଧ ଏହାକୁ ସମୂଳେ ଧ୍ୱଂସ କରିଦେଲା । The great first world war destroyed it ବିଶ୍ୱଯୁଦ୍ଧରେ ଯୋଗଦେବା ପାଇଁ ଜାରଙ୍କୁ ବାରଣ କରିଥିବା ରଷବାସୀମାନେ ରଷ ମହାରାଣୀଙ୍କୁ ଯୁଦ୍ଧର ଯୋଗ ଦେବାକୁ ପ୍ରଭାବିତ କରିଥିବା ସନ୍ନ୍ୟାସୀ Rasputinଙ୍କୁ ହତ୍ୟା କଲେ । କୃଷକମାନେ ଦଙ୍ଗା ଆରମ୍ଭ କଲେ । ଶ୍ରମିକମାନେ ଧର୍ମଘଟର ଡାକରା ଦେଲେ ଏବଂ ଧର୍ମଘଟ ଆରମ୍ଭ କଲେ । ସୈନ୍ୟମାନେ ରଷ ସେନାବାହିନୀ ପରିତ୍ୟାଗ କରି ବିପ୍ଳବୀମାନଙ୍କୁ ସାହାଯ୍ୟ କଲେ । ରଷର ଚତୁର୍ଦ୍ଦିଗରେ ବିପ୍ଳବର ବହ୍ନି ପ୍ରଜ୍ୱଳିତ ହେଲା ।

ଅନ୍ୟାନ୍ୟ ସଂଗଠନର ଭୂମିକା (Role of other Organizations) :

ନେପୋଲିୟନଙ୍କ ବିରୁଦ୍ଧରେ ଯୁଦ୍ଧ କରିଥିବା ସେନାପତିମାନେ, ଇଉରୋପୀୟ ଅନୁଷ୍ଠାନ ସମ୍ପର୍କରେ ଆଲୋକପାତ କରିବା ସଙ୍ଗେ ସଙ୍ଗେ ସାଧାରଣତନ୍ତ୍ର, ସାବାଳକ ଭୋଟପ୍ରଥା, କୃଷିଭୃତ୍ୟ ପ୍ରଥାର ବିଲୋପ, ସାମ୍ବିଧାନିକ ବ୍ୟବସ୍ଥା ହାସଲ ଇତ୍ୟାଦି ଲକ୍ଷ୍ୟ ନେଇ Union of Salvation ଗଠନ କରିଥିଲେ । ଉନବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ରଷିଆରେ ଜନତା ଆନ୍ଦୋନଳ ବା ନାରୋଦ ଆନ୍ଦୋଳନ ସଂଘଟିତ ହୋଇଥିଲା । ଏହି ଆନ୍ଦୋଳନର ପୁରୋଧା ଥିଲେ ମଧ୍ୟବିତ୍ତ ଚରମପନ୍ଥୀ ଓ ସାମ୍ୟବାଦ ନୀତିରେ ବିଶ୍ୱାସ କରୁଥିବା ଗୋଷ୍ଠୀ । ସେମାନେ କୃଷକ ଆନ୍ଦୋଳନ ଓ ମଧ୍ୟବିତ୍ତ ଶ୍ରେଣୀର ନେତୃତ୍ୱ ଉପରେ ଗୁରୁତ୍ୱ ଆରୋପ କରୁଥିଲେ । ଏହି ଶତାବ୍ଦୀର ଶେଷ ଦୁଇ ଦଶକରେ ଦ୍ରୁତ ଶିଳ୍ପ ପ୍ରସାର ହେବା ଫଳରେ ଶିଳ୍ପ ଶ୍ରମିକ ଗୋଷ୍ଠୀ ସୃଷ୍ଟି ହେଲା । କାର୍ଲମାର୍କସଙ୍କ ସମାଜବାଦ ଚିନ୍ତାଧାରାରେ ପ୍ରଭାବିତ ହୋଇ ଶ୍ରମିକମାନେ ସଂଘବଦ୍ଧ ହେଲେ । ୧୮୯୫ ମସିହାରେ "Workmen's Social Democratic Party" ଗଠିତ ହେଲା । ୧୯୦୧ ମସିହାରେ ସମାଜବାଦୀ ବିପ୍ଳବୀ ଦଳ Socialist Revolutionary Party ଗଠିତ ହେଲା । ରଷିଆର ୧୯୦୫ ମସିହାରେ ପରାଜୟ ଘଟିବା ପରେ ବୀର ସୈନିକମାନେ ବିପ୍ଳବ ଆରମ୍ଭ କଲେ ଏବଂ ଏହି ବିପ୍ଳବ ସାରା ରଷିଆରେ ବ୍ୟାପିଯାଇଥିଲା । ବିଭିନ୍ନ ଗୋଷ୍ଠୀ ନିଜର ସାଂଗଠନିକ ଦୁର୍ବଳତାକୁ ଦୂର କରି ସ୍ଥିତି ସୁଦୃଢ଼ କରିବାରେ ଲାଗିପଡ଼ିଲେ । ୧୯୦୫ ମସିହାର ବିପ୍ଳବ ବିଫଳ ହେଲେ ହେଁ ଏହା ୧୯୧୭ ମସିହା ବିପ୍ଳବର ମଞ୍ଚ ପ୍ରସ୍ତୁତ କରିଥିଲା । ବିପ୍ଳବର ପ୍ରବାହ କ୍ରମେ ଘନୀଭୂତ ହେଲା ଏବଂ କ୍ରମେ

ଏହା ଏକ ବୈପ୍ଳବିକ ଝଡ଼ରେ ପରିଣତ ହୋଇ ଜାର ଶାସନର ବିଶାଳ ବୃକ୍ଷକୁ ୧୯୧୭ ମସିହା ଫେବୃୟାରୀ ମାସ ୨୫ ତାରିଖ ଦିନ ମୂଳୋତ୍ପାଟନ କରିଦେଇଥିଲା ।

ବିପ୍ଳବର ଗତି (Course of the Revolution) :

ଫେବୃୟାରୀ ମାସ ୨୩ ତାରିଖ ଦିନ ବିପ୍ଳବ ଆରମ୍ଭ ହେବାପରେ ଅଗଣିତ ନରନାରୀ ବିପ୍ଳବୀଙ୍କୁ ଉତ୍ସାହିତ କରିବା ପାଇଁ ସେମାନଙ୍କ ସହିତ ଯୋଗ ଦେଲେ । ବିପ୍ଳବ ପ୍ରବଳରୁ ପ୍ରବଳତର ହେଲା । ବିପ୍ଳବୀମାନେ ସରକାରୀ କୋଠାବାଡ଼ି ଦଖଲ କରିନେଲେ । ବନ୍ଦୀଶାଳାରୁ ବନ୍ଦୀମାନଙ୍କୁ ମୁକ୍ତ କରିଦେଲେ । ବିକ୍ଷୋଭକୁ ଦମନ କରିବା ପାଇଁ ଜାର ଦ୍ୱିତୀୟ ନିକୋଲାସ ସୈନ୍ୟବାହିନୀକୁ ନିର୍ଦ୍ଦେଶ ଦେଲେ । ମାତ୍ର ସୈନ୍ୟମାନେ ଦମନ କରିବା ପରିବର୍ତ୍ତେ ବିପ୍ଳବୀମାନଙ୍କ ସହିତ ଯୋଗ ଦେଲେ । ପେଟ୍ରୋଗାଡ଼ଠାରେ ବିପ୍ଳବକୁ ନୂତନ ଆଲୋକ ଦେବା ଉଦ୍ଦେଶ୍ୟରେ ଏବଂ ସ୍ଥାନୀୟ ଶାସନ ପରିଚାଳନା କରିବା ପାଇଁ ଶ୍ରମିକ ଓ ସୈନ୍ୟମାନଙ୍କର ଏକ ବିପ୍ଳବୀ ପରିଷଦ ବା ସୋଭିଏତ ଗଠନ କରାଗଲା । Sovit of Revolutionary Commune କ୍ରମେ ଅନ୍ୟ ସହରଗୁଡ଼ିକରେ ଶ୍ରମିକ, ସୈନ୍ୟ ଏବଂ କୃଷକମାନଙ୍କୁ ନେଇ ପରିଷଦମାନ ଗଠନ। ଜାତୀୟ ଆସେମ୍ଳି ବା ଡୁମାର ପ୍ରଗତିଶୀଳ ସଭ୍ୟମାନେ ବିପ୍ଳବୀମାନଙ୍କୁ ଉତ୍ସାହିତ କରିବାରେ ଲାଗିଲେ । ଜାର ଶାସନତନ୍ତ୍ରର ବିଲୋପ ସାଧନ ପାଇଁ ଋଷର ଆବାଳବୃଦ୍ଧ ବନିତା ସଂକଳ୍ପବଦ୍ଧ ହେଲେ । ୧୯୧୭ ମସିହା ମାର୍ଚ୍ଚ ମାସ ୧୫ ତାରିଖ ଦିନ ଏକ ଅସ୍ଥାୟୀ କାମଚଳା ସରକାର ଗଠନ ଉଦ୍ଦେଶ୍ୟରେ ଏକ ୧୦ ଜଣିଆ କମିଟି ନିର୍ବାଚନ ମାଧ୍ୟମରେ ଗଠନ କରାଗଲା । ଏହି କମିଟିର ମୁଖ୍ୟ ଥିଲେ ଏଲଭୋର (L Vor) ଓ ବିଚାର ବିଭାଗ ମନ୍ତ୍ରୀ ଥିଲେ ଆଲେକଜାଣ୍ଡାର କେରେନସ୍କି (Alexander Kerensky) କମିଟି ଜାରଙ୍କୁ ସିଂହାସନ ତ୍ୟାଗ କରିବାକୁ ବାଧ୍ୟ କରିଥିଲେ । ଦ୍ୱିତୀୟ ନିକୋଲାସ ନିଜର ଅନୁଜ ମାଇକେଲଙ୍କୁ ଉତ୍ତରାଧିକାରୀ ମନୋନୀତ କରି ସିଂହାସନ ତ୍ୟାଗ କଲେ । ମାତ୍ର ମାଇକେଲ ସିଂହାସନ ଗ୍ରହଣ କରିବାକୁ ପ୍ରତ୍ୟାଖ୍ୟାନ କରିଥିଲେ । ସିଂହାସନ ଶୂନ୍ୟ ପଡ଼ି ରହିଲା । ରୋମାନଭ ରାଜବଂଶର ପତନ ହେଲା । ବିପ୍ଳବୀମାନଙ୍କର ପ୍ରଥମ ପଦକ୍ଷେପ ଫଳପ୍ରଦ ହେଲା ।

ରୋମାନଭ ରାଜବଂଶର ଜାରମାନଙ୍କର ପତନ ପରେ ଉଦାରପନ୍ଥୀ ସାଧାରଣତନ୍ତ୍ରବାଦୀମାନେ ପ୍ରଫେସର ରାଜନୀତିଜ୍ଞ ମିଲିନ୍‌କୋଭ (Milinkov)ଙ୍କ ନେତୃତ୍ୱରେ; ଏକ କାମଚଳା ସରକାର ଗଠନ କଲେ । ନୂତନ ସରକାର ରାଜନୀତିକ ସଂସ୍କାର, କଥା କହିବାର ସ୍ୱାଧୀନତା, ସମ୍ବାଦପତ୍ରର ସ୍ୱାଧୀନତା, ସଂଘ ବା ସମିତି ଗଠନ କରିବାର ସ୍ୱାଧୀନତା, ଧର୍ମ ସ୍ୱାଧୀନତା ଇତ୍ୟାଦି ସଂସ୍କାର ଘୋଷଣା କଲା । ଏକ ସମ୍ବିଧାନ ପ୍ରଣୟନ ସଭା ଆହ୍ୱାନ କରିବାକୁ ଘୋଷଣା ମଧ୍ୟ କଲା । ଶାନ୍ତି, ଭୂମି ଓ ଖାଦ୍ୟ ପ୍ରଧାନ ତିନୋଟି ଦାବି ହାସଲ କରିବା ପର୍ଯ୍ୟନ୍ତ ବିପ୍ଳବ ଚାଲୁ ରଖିବା ପାଇଁ ସରକାର ନିର୍ଦ୍ଦେଶ ଦେଲା । ଅନ୍ୟପକ୍ଷରେ ସମାଜବାଦୀ ଗୋଷ୍ଠୀ (Reds ବା Communist) ନୂତନ ସରକାରକୁ ଗ୍ରହଣ କଲେ ନାହିଁ । ଶ୍ରମିକମାନେ ଅଳ୍ପ ସମୟ କାର୍ଯ୍ୟ କରିବା ସଙ୍ଗେ ସଙ୍ଗେ ଅଧିକ ପାରିଶ୍ରମିକ ଦାବି କଲେ । କୃଷକମାନେ ଭୂମିମାଲିକମାନଙ୍କର ଜମି ଦଖଲ କଲେ ଓ ସୈନ୍ୟମାନେ ଉଚ୍ଚ ଅଫିସରମାନଙ୍କୁ ଅବମାନନା କଲେ ଏବଂ ଅନେକ ଅଫିସରଙ୍କୁ ହତ୍ୟା କଲେ । କାମଚଳା ସରକାର କ୍ରମେ ଅପ୍ରିୟ ହୋଇଗଲା । ମଧ୍ୟମପନ୍ଥୀ ସମାଜବାଦୀ ବା ମେନସେଭିକମାନେ ଏହି ସରକାରର ପତନ ଘଟାଇ ସେମାନଙ୍କର ନେତା ଆଲେକଜାଣ୍ଡାର କେରେନେସ୍କି (Alexander Kerensky)ଙ୍କ ନେତୃତ୍ୱରେ ଏକ କାମଚଳା ସରକାର ଗଠନ କଲେ । କେରେନେସ୍କି ପର୍ଯ୍ୟାୟକ୍ରମେ ସାମ୍ବିଧାନିକ ସମାଜବାଦ ପ୍ରତିଷ୍ଠାରେ ବିଶ୍ୱାସ ରଖି ବିପ୍ଳବକୁ ସୁବିଧା ରାସ୍ତାରେ ପରିଚାଳିତ କରି ରାଜନୀତିକ ଓ ଅର୍ଥନୀତିକ ସଂସ୍କାର ପ୍ରଣୟନ କରିବାକୁ ଆଗଭର ହେଲେ । ମାତ୍ର ଚରମପନ୍ଥୀ ସମାଜବାଦୀ ବଲସେଭିକ (Bolshevik) ମାନେ ଏ

ପ୍ରସ୍ତାବକୁ ବିରୋଧ କଲେ । ସେମାନେ ତୁରନ୍ତ ଶ୍ରମିକମାନଙ୍କର ଏକଛତ୍ରବାଦ ପ୍ରତିଷ୍ଠା କରି ଯୁଦ୍ଧର ପରିସମାପ୍ତି ପାଇଁ ଯୁକ୍ତି କଲେ । ଫଳରେ କେରେନେସ୍କିଙ୍କ ସ୍ଥିତି ଜଟିଳ ଆକାର ଧାରଣ କଲା । ସୈନ୍ୟମାନେ ବଲସେଭିକମାନଙ୍କ ଦ୍ୱାରା ପ୍ରୋତ୍ସାହିତ ହୋଇ ଯୁଦ୍ଧ କରିବାକୁ ମନା କରିଦେଲେ। ସୈନ୍ୟବାହିନୀରେ ବିଦ୍ରୋହ ଦେଖାଦେଲା । ଫଳରେ ଜର୍ମାନୀମାନେ ରିଗା ଦଖଲ କଲେ ଓ ପେଟ୍ରୋଗାର୍ଡ଼ ପ୍ରତି ବାହ୍ୟ ବିପଦ ଦେଖାଦେଲା । ଏସବୁ ଅବସ୍ଥାକୁ ସମ୍ଭାଳିବାକୁ ବଲସେଭିକମାନେ ନୂତନ ପଦକ୍ଷେପ ଗ୍ରହଣ କଲେ ।


Vladmir Lenin

କ୍ରମେ ବଲସେଭିକମାନେ ସେମାନଙ୍କର ସ୍ଥିତି ଦୃଢ଼ କରିଦେଲେ । ଲେନିନ ବ୍ୟାଙ୍କ ଓ ଜମିର ଜାତୀୟକରଣ ଦାବି କରି ସାଧାରଣ ଲୋକଙ୍କର ଆସ୍ଥା ଲାଭ କଲେ । ବଲସେଭିକମାନେ ଦେଶରେ ଶାନ୍ତି ପ୍ରତିଷ୍ଠା କରିବା ସଙ୍ଗେ ସଙ୍ଗେ ପ୍ରତ୍ୟେକଙ୍କୁ ଜମି ଓ ଖାଦ୍ୟ ଯୋଗାଇଦେବା ପାଇଁ ପ୍ରତିଶ୍ରୁତି ଦେଲେ । ପେଟ୍ରୋଗାର୍ଡ଼ ସୋଭିଏତ ଅସ୍ଥାୟୀ ସରକାରଙ୍କର କୌଣସି ଆଦେଶକୁ ନ ମାନିବା ପାଇଁ ସୈନ୍ୟବାହିନୀକୁ ନିର୍ଦ୍ଦେଶ ଦେଲେ । ଫଳରେ ଋଷରେ ଦୁଇଟି ସମାନ୍ତରାଳ ସରକାର କାର୍ଯ୍ୟ କଲା । ଟ୍ରଟସ୍କି (Trotsky)ଙ୍କ ନେତୃତ୍ୱରେ ପେଟ୍ରୋଗାର୍ଡ଼ ସୋଭିଏତ୍ କେରେନେସ୍କିଙ୍କ ହାତରୁ କ୍ଷମତା ଛଡ଼ାଇ ଆଣିବାକୁ ଯୋଜନା କଲେ । ୧୯୧୭ ମସିହା ନଭେମ୍ବର ୧୭ ତାରିଖ ଦିନ ବୋଲସେଭିକ ସୈନ୍ୟ ଓ ଶ୍ରମିକ ପେଟ୍ରୋଗାର୍ଡ଼ର ସମସ୍ତ ମୁଖ୍ୟ ସ୍ଥାନ ଦଖଲ କରିନେଲେ । କେରେନେସ୍କିଙ୍କ ସରକାରର ପତନ ଘଟିଲା । ପରଦିନ ଅର୍ଥାତ୍ ନଭେମ୍ବର ୧୮ ତାରିଖ ଦିନ ଋଷିଆର ସମସ୍ତ ସୋଭିଏତଗୁଡ଼ିକର ସମ୍ମିଳନୀ ଅନୁଷ୍ଠିତ ହେଲା (All Russians Congress of Soviets)। ଏହି ସମ୍ମିଳନୀ ଲେନିନଙ୍କ ନେତୃତ୍ୱରେ ବଲସେଭିକ ସରକାରକୁ ଋଷିଆର ନ୍ୟାର୍ଯ୍ୟ ସରକାର ବୋଲି ଘୋଷଣା କଲା । ଶେଷ ପର୍ଯ୍ୟାୟ ଆନ୍ଦୋଳନ ଗୌରବର ସହିତ ସମାହିତ ହେଲା । ଋଷିଆରେ କମ୍ୟୁନିଷ୍ଟ ପାର୍ଟିର ବିଜୟ ହେଲା । ଋଷରେ କମ୍ୟୁନିଷ୍ଟ ସରକାର ଗଠନ ହେଲା ।

ବିପ୍ଳବର ଫଳାଫଳ (Result of the Revolution) :

ବିପ୍ଳବର ପ୍ରଥମ ଫଳ ସଦୃଶ୍ୟ ଋଷିଆରେ ଜାର ଶାସନ କାଳର ସାମାଜିକ, ରାଜନୀତିକ, ଅର୍ଥନୀତିକ ବ୍ୟବସ୍ଥା ତଥା ଅନୁଷ୍ଠାନଗୁଡ଼ିକର ଧ୍ୱଂସ ସାଧନ କରାଯାଇ ଶ୍ରମିକ ଓ ମଜଦୁରମାନଙ୍କର ଏକଛତ୍ରବାଦ ପ୍ରତିଷ୍ଠା କରାଗଲା । ସେହି ନୂତନ ସରକାରଙ୍କୁ Government of the Proletarians, for the Proletarians and by the Proletarians" ବୋଲି ଆଖ୍ୟା ଦିଆଗଲା ।

ଶାନ୍ତି ପ୍ରତିଷ୍ଠା କରିବା ଉଦ୍ଦେଶ୍ୟରେ ଲେନିନ୍ ଜର୍ମାନୀ ସହିତ ବ୍ରେଷ୍ଟଲିଟୋଭସ୍କଠାରେ ଚୁକ୍ତି ସ୍ୱାକ୍ଷର କଲେ । ଏହାଦ୍ୱାରା ଋଷିଆ, ପୋଲାଣ୍ଡ, ଫିନଲାଣ୍ଡ ଓ ଜାର ପିଟରଙ୍କ ସମୟରୁ ଅଧିକୃତ ପ୍ରଦେଶଗୁଡ଼ିକ ଜର୍ମାନୀକୁ ହସ୍ତାନ୍ତର କଲେ । ଏହି ବ୍ରେଷ୍ଟଲିଟୋଭସ୍କ ଚୁକ୍ତି ଅପମାନଜନକ ହେଲେ ହେଁ ସାମ୍ୟବାଦ ପ୍ରତିଷ୍ଠା ଉଦ୍ଦେଶ୍ୟରେ ଲେନିନ ଏ ପ୍ରକାରର କ୍ଷତିକୁ ସହିନେଲେ । ଶାନ୍ତି ପ୍ରତିଷ୍ଠା ପରେ ଋଷିଆରେ ସମସ୍ତ ପ୍ରକାରର ବ୍ୟକ୍ତିଗତ ସମ୍ପତ୍ତିର ଉଚ୍ଛେଦ କରାଗଲା । କୃଷକମାନଙ୍କୁ ଚାଷ କରିବା ପାଇଁ ସରକାର ବା ଦେଶ ପକ୍ଷରୁ ଜମି ଦିଆଗଲା । ପରେ ସହଯୋଗ ସମିତି ମାଧ୍ୟମରେ ମିଳିତ ଚାଷ (Co-operative Farming) ପାଇଁ ସାର ଏବଂ ଉନ୍ନତ କୃଷି ଯନ୍ତ୍ରପାତି ଯୋଗାଇ ଦିଆଗଲା । ଫଳରେ କୃଷିକ୍ଷେତ୍ରରେ ଅଭୁତପୂର୍ବ ସାଫଲ୍ୟ ହାସଲ ହୋଇଥିଲା । ସମାଜରେ ପ୍ରଚଳିତ ସ୍ୱତନ୍ତ୍ର ସୁବିଧା ସୁଯୋଗ ଏବଂ ଅଧିକାରର

ବିଲୋପ କରାଗଲା । ଶିଳ୍ପ କାରଖାନାଗୁଡ଼ିକୁ ବିନା କ୍ଷତିପୂରଣରେ ରାଷ୍ଟ୍ରାୟତ୍ତ କରାଗଲା ଏବଂ ଶ୍ରମିକମାନଙ୍କୁ ସେଗୁଡ଼ିକର ପରିଚାଳନା ଦାୟିତ୍ୱ ଦିଆଗଲା । ସମସ୍ତଙ୍କ ପାଇଁ ଶ୍ରମ ବାଧ୍ୟତାମୂଳକ ହେଲା । ଋଷରେ ଧର୍ମ କୌଣସି ସ୍ଥାନ ପାଇଲା ନାହିଁ । ରକ୍ଷଣଶୀଳ ସଂସ୍ଥାଗୁଡ଼ିକୁ ଭାଙ୍ଗି ଦିଆଗଲା ଏବଂ ଚର୍ଚ୍ଚ ସମ୍ପତ୍ତିକୁ ବାଜ୍ୟାପ୍ତ କରାଗଲା । ଚର୍ଚ୍ଚର ଗୃହଗୁଡ଼ିକୁ କ୍ଲବଗୃହରେ ବା ଯାଦୁଘର ରୂପେ ବ୍ୟବହାର କରାଗଲା । ଶିକ୍ଷା ଏବଂ ବିବାହ ଉପରୁ ଧର୍ମଯାଜକମାନଙ୍କର କର୍ତ୍ତୃତ୍ୱ ଲୋପ କରାଗଲା । ଶିକ୍ଷା କ୍ଷେତ୍ରରେ ଅନେକ ବୈପ୍ଳବିକ ପରିବର୍ତ୍ତନ ଅଣାଗଲା । କମ୍ୟୁନିଷ୍ଟ ପରିଚାଳିତ ବିଦ୍ୟାଳୟମାନ ପ୍ରତିଷ୍ଠା କରାଗଲା । ସାତବର୍ଷ ପର୍ଯ୍ୟନ୍ତ ପିଲାମାନଙ୍କର ଶିକ୍ଷା ବାଧ୍ୟତାମୂଳକ ବୋଲି ଘୋଷଣା କରାଗଲା । ଫଳରେ ଶିକ୍ଷାର ଦ୍ରୁତ ପ୍ରସାର ଘଟିଲା । ୧୯୧୭ଠାରୁ ୧୯୩୩ ମଧ୍ୟରେ ସାକ୍ଷରତା ୬୦ ପ୍ରତିଶତକୁ ବୃଦ୍ଧି ପାଇଲା । ଏକ ସ୍ୱତନ୍ତ୍ର ବିଚାରାଳୟ (Cheka) ମାଧ୍ୟମରେ ଫାଶିଦଣ୍ଡ ଘୋଷଣା କରାଗଲା ।

ନୂତନ ଦର୍ଶନ ଉପରେ ପ୍ରତିଷ୍ଠିତ ବଲସେଭିକମାନଙ୍କର ଦେଶବ୍ୟାପୀ ଆନ୍ଦୋଳନ ପାଇଁ ଆହ୍ୱାନ ଓ ଶ୍ରମିକମାନଙ୍କର ସମ୍ଭାବ୍ୟ ବିଦ୍ରୋହ ଇଉରୋପର ପ୍ରତ୍ୟେକ ରାଜନୀତିଜ୍ଞମାନଙ୍କୁ ବିଚଳିତ କରିପକାଇଥିଲା । ପୁଞ୍ଜିବାଦୀ ରାଷ୍ଟ୍ରମାନେ ସମାଜବାଦୀ ଶାସନକୁ ବିରୋଧ କରି ପ୍ରତି ବିପ୍ଳବ ସୃଷ୍ଟି କରିବାରେ ତତ୍ପର ହୋଇଉଠିଲେ । ସାଇବେରିଆରେ ଆଡ଼ମିରାଲ କୋଚକ (Koltchak)ଙ୍କ ନେତୃତ୍ୱରେ ପ୍ରତିବିପ୍ଳବ ଆରମ୍ଭ ହେଲା । ପୋଲାଣ୍ଡ ଋଷିଆ ବିରୁଦ୍ଧରେ ଯୁଦ୍ଧ ଘୋଷଣା କଲା । ମିଳିତ ଶକ୍ତିର ସୈନ୍ୟମାନେ ଆର୍କ ଆଞ୍ଜେଲ (Arechangle), ମୁରମାସ୍କ (Murrmasok) ଓ ଭ୍ଲାଡ଼ିଭୋଷ୍ଟକଠାରେ ଠୁଳ ହେଲେ । ମାତ୍ର ପ୍ରତ୍ୟେକ କ୍ଷେତ୍ରରେ ପ୍ରତିବିପ୍ଳବୀମାନେ ବିଫଳ ହେଲେ । ବଲସେଭିକମାନେ ଧୈର୍ଯ୍ୟ ସହକାରେ ସେମାନଙ୍କର ମୁକାବିଲା କଲେ ଏବଂ ନିରଙ୍କୁଶ କ୍ଷମତା ପ୍ରତିଷ୍ଠା କଲେ ।

୧୯୧୮ ମସିହାରେ ଏକ ନୂତନ ସମ୍ବିଧାନ ପ୍ରଚଳିତ ହେଲା । ନୂତନ ସମ୍ବିଧାନ ଅନୁସାରେ ଶ୍ରମିକମାନଙ୍କର ଗୋଟିଏ ଗୋଟିଏ ସମିତି ବା ସୋଭିଏତ୍ ପ୍ରତ୍ୟେକ ଜିଲ୍ଲାରେ ପ୍ରତିଷ୍ଠା କରାଗଲା । (Soviet or Council of Workman) ଏହି ସୋଭିଏତଗୁଡ଼ିକରେ ନିର୍ବାଚିତ ପ୍ରତିନିଧିମାନଙ୍କ ଦ୍ୱାରା ପ୍ରାଦେଶିକ ସୋଭିଏତ ଗଠନ ହେଲା । ପ୍ରାଦେଶିକ ସୋଭିଏତ୍‌ର ପ୍ରତିନିଧିମାନଙ୍କୁ ନେଇ "All Russian Congress of Soviet" ଗଠନ କରାଗଲା । ଏହି ଜାତୀୟ ସଭା କେନ୍ଦ୍ରୀୟ କାର୍ଯ୍ୟନିର୍ବାହିକା କମିଟି (Central Executive Committee)ଙ୍କୁ ନିର୍ବାଚନ ମାଧ୍ୟମରେ ଗଠନ କରିବାରେ ବ୍ୟବସ୍ଥା ଗ୍ରହଣ କରାଗଲା । ୧୯୨୨ ମସିହାରେ ଏକ ସଂଘୀୟ ରାଷ୍ଟ୍ର ବ୍ୟବସ୍ଥା ପ୍ରତିଷ୍ଠିତ ହେଲା । ସେ ସମସ୍ତ ବ୍ୟବସ୍ଥାକୁ ନେଇ ପ୍ରାଦେଶିକ ସାଧାରଣତନ୍ତ୍ରର ସ୍ୱାତନ୍ତ୍ର୍ୟତାକୁ ଦୃଷ୍ଟି ରଖି (Union of Socialist Soviet Republic) ଗଠନ କରାଗଲା । ବିଶ୍ୱ ଦରବାରରେ ପ୍ରଥମ କରି ଋଷିଆରେ ଏକ ସାମ୍ୟବାଦୀ ସରକାର ପ୍ରତିଷ୍ଠିତ ହେଲା । ଫଳରେ ବିଶ୍ୱ ରାଜନୀତିରେ ଏକ ନୂତନ ଜାତୀୟ ସଂଘର୍ଷର ସୂତ୍ରପାତ ହେଲା ।

କ୍ରମେ ଅନେକ ଇଉରୋପୀୟ ଦେଶରେ ମଧ୍ୟ ସାମ୍ୟବାଦ ସରକାର ଗଠନ ହେଲା । ନୂତନ ଋଷ ଗଠନ ପରେ ସମାଜବାଦ ଏବଂ ପୁଞ୍ଜିବାଦ ମଧ୍ୟରେ ପାର୍ଥକ୍ୟ ପୃଥିବୀକୁ ଦୁଇଟି ଶକ୍ତିଶାଳୀ ରାଜନୀତିକ ଓ ସାମରିକ ଗୋଷ୍ଠୀରେ ପରିଣତ କଲା । କମ୍ୟୁନିଷ୍ଟମାନଙ୍କ ନେତୃତ୍ୱ ଋଷିଆ ନେବାପରେ ପୁଞ୍ଜିବାଦୀମାନଙ୍କର ନେତୃତ୍ୱ ଆମେରିକା ଗ୍ରହଣ କଲା । ବାସ୍ତବରେ ଋଷ ବିପ୍ଳବ ପୃଥିବୀ ଇତିହାସରେ ଏକ ନୂତନ ଆଲୋଡ଼ନ ସୃଷ୍ଟି କରିବାରେ ସହାୟକ ହୋଇଥିଲା ।

(୫) ପର୍ତ୍ତୁଗାଲ୍
(PORTUGAL)

୧୫୦୦ ଖ୍ରୀ:ଅ:ରେ ପର୍ତ୍ତୁଗାଲ ଏକ ଜାତୀୟ ରାଷ୍ଟ୍ରରେ ପରିଣତ ହୋଇଥିଲା । ଏହାର ଶାସକମାନେ ଅତ୍ୟନ୍ତ ଦକ୍ଷ ଓ ଦେଶଭକ୍ତ ଥିଲେ । ସେମାନଙ୍କ ମଧ୍ୟରେ ହେନେରୀ ଅନ୍ୟତମ । ତାଙ୍କ ସମୟରେ ଭାସ୍‌କୋଡ଼ାଗାମା ଓ ଫର୍ଡ଼ିନାଣ୍ଡ ମାଗେଲାନ୍‌ଙ୍କ ପରି ନାବିକମାନେ ସାମୁଦ୍ରିକ ବାଣିଜ୍ୟରେ ପ୍ରବୃତ୍ତ ହୋଇ ପର୍ତ୍ତୁଗାଲ୍‌ର ଗୌରବ ବୃଦ୍ଧି କରିଥିଲେ ।

(୬) ଜର୍ମାନୀ
(GERMANY)

୧୪୯୩ ଖ୍ରୀ:ଅ:ରେ ମାକ୍ସିମିଲାନ ଜର୍ମାନୀର ପ୍ରଥମ ଶାସକ ହେଲେ । କିନ୍ତୁ ସେହି ସମୟରେ ଜର୍ମାନୀ ଅନେକ ସାମନ୍ତ ରାଜ୍ୟରେ ବିଭକ୍ତ ହୋଇଥିଲା ଏବଂ ପ୍ରତ୍ୟେକ ନିଜକୁ ଜଣେ ଜଣେ ଶାସକ ଭାବୁଥିଲେ । ୧୮୪୮ ଖ୍ରୀ:ଅ:ରେ ପ୍ରୁସିଆ ''ଡାଏଟ୍''ର ସଭ୍ୟ ଓଟୋଭନ୍ ବିସ୍‌ମାର୍କ (୧୮୧୫-୧୮୯୮ ଖ୍ରୀ:ଅ:) ଜର୍ମାନୀର ୩୯ଟି ଯାକ ରାଜ୍ୟର ସମ୍ମିଶ୍ରଣରେ ଏକ ବୃହତ ସଂଯୁକ୍ତ ଜର୍ମାନୀ ରାଷ୍ଟ୍ରର ପରିକଳ୍ପନା କଲେ । ବିସମାର୍କ ସେପ୍ଟେମ୍ବର ୨୩ ତାରିଖ ୧୮୬୨ ଖ୍ରୀ:ଅ:ରେ ପ୍ରୁସିଆର ଶାସକ ଉଇଲିୟମ୍ ପ୍ରଥମଙ୍କର ପ୍ରଧାନମନ୍ତ୍ରୀ ରୂପେ ଅବସ୍ଥାପିତ ହେବାପରେ, ସେ ପାଞ୍ଚଗୋଟି ସୋପାନ ଦେଇ ଜର୍ମାନୀର ପୂର୍ଣ୍ଣ ସମ୍ମିଶ୍ରଣ ୧୮୬୩ ଖ୍ରୀ:ଅ:ରୁ ୧୮୭୧ ଖ୍ରୀ:ଅ: ମଧ୍ୟରେ ସମ୍ପୂର୍ଣ୍ଣ କରାଇପାରିଥିଲେ ।

୧୮୭୧ ଖ୍ରୀ:ଅ:ରେ ଜର୍ମାନୀ ଏକ ସ୍ୱତନ୍ତ୍ର ଜାତୀୟ ସାମ୍ରାଜ୍ୟ ହୋଇଥିଲା ଏବଂ ପ୍ରୁସିଆର ଶାସକ ଉଇଲିୟମ୍-ପ୍ରଥମ ଏହାର ସମ୍ରାଟ ହୋଇଥିଲେ, ଯାହାଙ୍କୁ 'କାଇଜର' କୁହାଗଲା । ବିସମାର୍କ ଜର୍ମାନୀର ପ୍ରଥମ 'ଚାନ୍‌ସେଲର୍' ହୋଇଥିଲେ । ବର୍ଲିନକୁ ଜର୍ମାନୀର ରାଜଧାନୀ ଭାବରେ ଘୋଷଣା କରାଗଲା ।

(୭) ଇଟାଲୀ
(ITALY)

ଦାର୍ଶନିକ ମାଜିନୀ ଏବଂ ଦୁଃସାହସୀ ମୁକ୍ତି ଯୋଦ୍ଧା ଗାରିବାଲ୍‌ଡ଼ିଙ୍କ ଦ୍ୱାରା ୧୮୧୫ ଖ୍ରୀ:ଅ:ରେ ପାଇଡ଼ମଣ୍ଟ ରାଜ୍ୟରୁ ବହୁଧା ବିଭକ୍ତ ଇଟାଲୀର ସଂଯୁକ୍ତିକରଣ ପ୍ରଚେଷ୍ଟାର ଅୟମାରମ୍ଭ ହୋଇଥିଲା । ପରବର୍ତ୍ତୀ ପଦକ୍ଷେପ ସ୍ୱରୂପ ପାଇଡ଼ମଣ୍ଟର ପ୍ରଧାନମନ୍ତ୍ରୀ କାଉଣ୍ଟ କାଭୁର ଅଷ୍ଟ୍ରିଆଠାରୁ ଲୋମ୍ବାର୍ଡ଼ିକୁ ଆଣି ତାଙ୍କ ରାଜ୍ୟରେ ୧୮୫୯ ଖ୍ରୀ:ଅ:ରେ ମିଶାଇ ଦେଇଥିଲେ । ୧୮୬୦ ଖ୍ରୀ:ଅ:ରେ ପୋପଙ୍କ ରାଜ୍ୟ, ପାର୍ମା, ମୋଡ଼େନା ଓ ଟସ୍କାନା ରାଜ୍ୟ ସମୂହ ପାଇଡ଼ମଣ୍ଟରେ ସଂଯୁକ୍ତ ହୋଇଥିଲା । ୧୮୬୬ ଖ୍ରୀ:ଅ:ରେ ଭେନିସିଆ ଓ ୧୮୭୦ ଖ୍ରୀ:ଅ:ରେ ରୋମର ସମ୍ମିଶ୍ରଣ ସହ ଇଟାଲୀର ଏକତ୍ରିକରଣର ପୂର୍ଣ୍ଣ ରୂପ ନେଇଥିଲା ।

ଜୁଲାଇ ୧୮୭୨ ଖ୍ରୀ:ଅ:ରେ ଭିକ୍ଟର୍ ଇମାନୁଏଲ୍-ଦ୍ୱିତୀୟ ପୂର୍ଣ୍ଣାଙ୍ଗ ଇଟାଲୀର ସମ୍ରାଟ ହୋଇଥିଲେ । ରୋମ୍ ନୂତନ ଇଟାଲୀର ରାଜଧାନୀ ହୋଇଥିଲା । ପୋପ୍‌ଙ୍କ ଶାସନ କେବଳ ଭାଟିକାନ୍ ସିଟି ମଧ୍ୟରେ ସୀମିତ ରହିଲା । ଟ୍ରିଇଷ୍ଟି ଓ ଟ୍ରେଣ୍ଟ ପରି କେତେକ ଅଞ୍ଚଳ ପ୍ରଥମ ବିଶ୍ୱଯୁଦ୍ଧ ପରେ ଇଟାଲୀରେ ସଂଯୁକ୍ତ ହୋଇଥିଲା ।

ଆଦର୍ଶ ପ୍ରଶ୍ନାବଳୀ

୧. ୟୁରୋପୀୟ ରାଷ୍ଟ୍ର ବ୍ୟବସ୍ଥା ସୃଷ୍ଟି ହେବାର କାରଣଗୁଡ଼ିକ ଉଲ୍ଲେଖ କର ।

୨. ୟୁରୋପରେ ପ୍ରତିଷ୍ଠିତ ହୋଇଥିବା ଜାତୀୟ ରାଷ୍ଟ୍ରମାନଙ୍କ ବିଷୟରେ ସମ୍ୟକ ବର୍ଣ୍ଣନା କର ।

୩. ତ୍ରିଂଶବର୍ଷୀୟ ଯୁଦ୍ଧର କାରଣମାନ କ'ଣ ଥିଲା ?

୪. ତ୍ରିଂଶବର୍ଷୀୟ ସମରର ଘଟଣାବଳୀ ଗୁଡ଼ିକୁ ପର୍ଯ୍ୟାୟକ୍ରମେ ବର୍ଣ୍ଣନା କର ।

୫. ତ୍ରିଂଶବର୍ଷୀୟ ସମରର ଫଳାଫଳ କ'ଣ ଥିଲା ?

୬. କେଉଁ ପ୍ରମୁଖ କାରଣଗୁଡ଼ିକ ଯୋଗୁ ସ୍ପେନ୍ ତ୍ରିଂଶବର୍ଷୀୟ ସମରରେ ପରାଜୟ ବରଣ କରିଥିଲା ?

୭. ୱେଷ୍ଟଫାଲିଆ ସନ୍ଧିପତ୍ରର ପ୍ରମୁଖ ଚୁକ୍ତିଗୁଡ଼ିକ କ'ଣ ଥିଲା ? ଏହି ଶାନ୍ତି ଚୁକ୍ତିର ଗୁରୁତ୍ୱ ଗୁଡ଼ିକୁ ବିଷଦ ରୂପେ ବର୍ଣ୍ଣନା କର ।

୮. ସ୍ପେନ ରାଷ୍ଟ୍ର ବ୍ୟବସ୍ଥା ସୃଷ୍ଟି ବିଷୟରେ ଏକ ଆଲେଖ୍ୟ ପ୍ରସ୍ତୁତ କର ।

୯. ଫ୍ରାନ୍ସ ରାଷ୍ଟ୍ର ବ୍ୟବସ୍ଥାର ଉଦ୍ଭବ କାହାଣୀ ବିସ୍ତୃତରୂପେ ବର୍ଣ୍ଣନା କର ।

୧୦. ଇଂଲଣ୍ଡ ରାଷ୍ଟ୍ର ବ୍ୟବସ୍ଥା ସୃଷ୍ଟିର ଇତିହାସ କ'ଣ ଥିଲା ।

୧୧. ଋଷିଆ ରାଷ୍ଟ୍ର ବ୍ୟବସ୍ଥାର କ୍ରମ ବିକାଶ ଉପରେ ଆଲୋକପାତ କର ।

□□□

UNIT - V

ଷୋଡ଼ଶ ଶତାବ୍ଦୀର ଅର୍ଥନୈତିକ ବିକାଶ

[ECONOMIC DEVELOPMENTS OF THE SIXTEENTH CENTURY]

ଅଧ୍ୟାୟ ୧୦

ଷୋଡ଼ଶ ଶତାବ୍ଦୀର ଅର୍ଥନୈତିକ ବିକାଶ

(ECONOMIC DEVELOPMENT IN SIXTEENTH CENTURY)

ଭୂମଧ୍ୟସାଗରରୁ ଆଟ୍‌ଲାଣ୍ଟିକ୍‌କୁ ଅର୍ଥନୈତିକ ସନ୍ତୁଳନତାର ସ୍ଥାନାନ୍ତରିତକରଣ

(Shift of Economic Balance from the mediterranean to the Atlantic) :

ଷୋଡ଼ଶଶତାବ୍ଦୀ ପ୍ରାରମ୍ଭରେ ଦେଖାଦେଇଥିବା ପାଶ୍ଚାତ୍ୟ ୟୁରୋପର ଅର୍ଥନୈତିକ ବିକାଶ ବିଶେଷ ରୂପେ ଏହାର ନବ ଆବିଷ୍କୃତ ଆଟ୍‌ଲାଣ୍ଟିକ୍ ମହାସାଗର ଅଞ୍ଚଳକୁ ପ୍ରବେଶ କରିଥିଲା । ଏହି ମହାସାଗର ଦେଇ ନୂତନ ବିଶ୍ୱ, ଏସିଆ ଓ ଆଫ୍ରିକା ସହ ହୋଇଥିବା ୟୁରୋପୀୟ ବାଣିଜ୍ୟ ଏହି ବାଣିଜ୍ୟ ବିପ୍ଳବକୁ ସାକାର କରିଥିଲା । ଏପରି ବାଣିଜ୍ୟ କାରବାର ଏବଂ ଏହା ସହ ସମ୍ପର୍କିତ ଥିବା ଉପନିବେଶବାଦ ୟୁରୋପ ଅର୍ଥନୀତିକୁ ପ୍ରତ୍ୟକ୍ଷ ରୂପେ ପ୍ରଭାବିତ କରିବା ସହ ଅପ୍ରତ୍ୟକ୍ଷ ରୂପେ ଏହା ସହ ସମ୍ପର୍କିତ ଥିବା ପ୍ରତିଷ୍ଠିତ ସଂସ୍ଥାଗୁଡ଼ିକୁ ପ୍ରଭାବିତ କରି ଅର୍ଥନୈତିକ କ୍ଷେତ୍ରରେ କେତେକ ପରିବର୍ତ୍ତନ ଆଣିପାରିଥିଲା । ପୂର୍ବ ପ୍ରଚଳିତ ବ୍ୟବସ୍ଥା ଅନୁଯାୟୀ ରାଜନୈତିକ ଅନୁଷ୍ଠାନଗୁଡ଼ିକ ସମ୍ରାଟଙ୍କୁ ପ୍ରଭାବିତ କରୁଥିବା ବେଳେ ଆଟ୍‌ଲାଣ୍ଟିକ ମହାସାଗରୀୟ ବାଣିଜ୍ୟର ବିକାଶ ଘଟିବା ପରେ ବାଣିଜ୍ୟ ସଂଘମାନେ ପ୍ରଭୂତ କ୍ଷମତାଶାଳୀ ହୋଇ ସମ୍ରାଟଙ୍କୁ ନିୟନ୍ତ୍ରିତ କରିବାକୁ ସକ୍ଷମ ହୋଇପାରିଥିଲେ । ଏହା ସେମାନଙ୍କ ଧନ ସମ୍ପତ୍ତି ଉପରେ ଥିବା ଅଧିକାରକୁ ଦୃଢ଼ କରିବା ପାଇଁ ସେମାନଙ୍କୁ ସାହାଯ୍ୟ କରିଥିଲା । ଏହି ପରିବର୍ତ୍ତନ ପରବର୍ତ୍ତି ଅର୍ଥନୈତିକ ଅଭିବୃଦ୍ଧିର କେନ୍ଦ୍ରବିନ୍ଦୁ ଥିଲା ।

ଆଟ୍‌ଲାଣ୍ଟିକ୍ ମହାସାଗରରେ ବାଣିଜ୍ୟ କରୁଥିବା ରାଷ୍ଟ୍ରଗୁଡ଼ିକ ମଧ୍ୟରେ ଇଂଲଣ୍ଡ, ଫ୍ରାନ୍ସ, ହଲାଣ୍ଡ, ପର୍ତ୍ତୁଗାଲ ଏବଂ ସ୍ପେନ୍ ଅର୍ନ୍ତଭୁକ୍ତ ଥିଲେ । ଏହି ଦେଶଗୁଡ଼ିକ ନୂତନ ରୂପେ ଆବିଷ୍କୃତ ଆମେରିକା ଏବଂ ଆଟ୍‌ଲାଣ୍ଟିକ୍ ମହାସାଗର ମଧ୍ୟ ଦେଇ ଏସିଆ ସହ ବାଣିଜ୍ୟିକ ଉପନିବେଶବାଦ ଏବଂ କ୍ରୀତଦାସ ବ୍ୟବସାୟ ମଧ୍ୟ କରୁଥିଲେ । ଏହା ପୂର୍ବରୁ ଅର୍ଥନୈତିକ ବ୍ୟବସ୍ଥା ଭୂମଧ୍ୟସାଗରୀୟ ବାଣିଜ୍ୟ ଦ୍ୱାରା ନିୟନ୍ତ୍ରିତ ହେଉଥିଲା । କ୍ରମେ ମୁଖ୍ୟ ବାଣିଜ୍ୟକେନ୍ଦ୍ର ଭେନିସ୍‌ରୁ ଲିସବନ୍‌କୁ ସ୍ଥାନାନ୍ତରିତ ହୋଇଥିଲା । ଲିସବନ୍‌ରୁ ପ୍ରାଚ୍ୟଭୂଭାଗ ସହ ହେଉଥିବା ୟୁରୋପୀୟ ବାଣିଜ୍ୟର ନିୟନ୍ତ୍ରଣ କରାଯାଇଥିଲା । ମିଲାନ୍, ଲୁକ୍‌କା ଏବଂ ଫ୍ଲୋରେନ୍ସ ପଶମ ଶିଳ୍ପ କେନ୍ଦ୍ର ରୂପେ ବିକଶିତ ହୋଇଥିଲା । ଷୋଡ଼ଶଶତାବ୍ଦୀରେ ମେକ୍ସିକୋ, ପେରୁ ଓ ବଲିଭିଆ ପରି ଦକ୍ଷିଣ ଆମେରିକୀୟ ଦେଶଗୁଡ଼ିକରେ ଆବିଷ୍କୃତ ସ୍ୱର୍ଣ୍ଣ ଓ ରୌପ୍ୟ ଖଣିଗୁଡ଼ିକରୁ ୟୁରେପୀୟ ବ୍ୟବସାୟୀମାନେ ଅତ୍ୟନ୍ତ ଲାଭବାନ ହୋଇଥିଲେ । ଏହିପରି ନବଜାଗରଣ ଯୁଗ ୟୁରୋପର ଆର୍ଥିକ ସନ୍ତୁଳନତାକୁ ଭୂମଧ୍ୟସାଗରୀୟ କ୍ଷେତ୍ରରୁ ସ୍ଥାନାନ୍ତରିତ କରି ଆଟ୍‌ଲାଣ୍ଟିକ୍ ମହାସାଗର ଆଧାରିତ ଅର୍ଥନୀତିରେ ପରିବର୍ତ୍ତିତ କରି ଦେଇଥିଲା ।

(ଆଟ୍‌ଲାଣ୍ଟିକ ଜଗତ, ୧୭୧୩ ଖ୍ରୀ:ଅ:)

ବାଣିଜ୍ୟିକ ବିପ୍ଳବ (Commercial Revolution) :

ପୁଞ୍ଜିବାଦ (Capitalism) ର ଲକ୍ଷ୍ୟ ହେଲା ଏକ ବାଣିଜ୍ୟିକ ବ୍ୟବସ୍ଥା ଦ୍ୱାରା ବ୍ୟକ୍ତି ବିଶେଷଙ୍କୁ ଧନଶାଳୀ କରିବା । ମାତ୍ର ବାଣିଜ୍ୟିକ ସାମ୍ରାଜ୍ୟବାଦ (Mercantilism) ବ୍ୟବସ୍ଥାର ଲକ୍ଷ୍ୟ ହେଲା ସମଗ୍ର ରାଷ୍ଟ୍ରକୁ ଅର୍ଥନୈତିକ ରୂପେ କ୍ଷମତାଶାଳୀ କରିବା । ଯଦିଓ ଏହି ବ୍ୟବସ୍ଥାଦ୍ୱୟ ପରବର୍ତ୍ତିକାଳରେ ଉଭୟଙ୍କ ଲକ୍ଷ୍ୟର ପରସ୍ପର ବିରୋଧୀ ହୋଇଯାଇଥିବାର ପରିଲକ୍ଷିତ ହୋଇଥିଲା, କିନ୍ତୁ ପ୍ରାରମ୍ଭିକ ଆଧୁନିକ ୟୁରୋପୀୟ ଯୁଗରେ ଉଭୟ ବ୍ୟବସ୍ଥା ଏକକ ଲକ୍ଷ୍ୟ ନେଇ କାର୍ଯ୍ୟ କରିଥିଲେ । ଶାସକ ଏବଂ ଉଦ୍ୟୋଗପତିମାନେ ମିଳିତ ରୂପେ ନୂତନ ଅନୁଷ୍ଠାନଗୁଡ଼ିକ ମାଧ୍ୟମରେ ସପ୍ତଦଶ ଏବଂ ଅଷ୍ଟାଦଶ ଶତାବ୍ଦୀରେ ସମ୍ପାଦିତ କରିଥିବା ଆର୍ନ୍ତଜାତୀୟ ବାଣିଜ୍ୟ ବିସ୍ତାରକୁ "ବାଣିଜ୍ୟିକ ବିପ୍ଳବ" କୁହାଯାଇଥିଲା ।

ବାଣିଜ୍ୟ ବିପ୍ଳବର କାରଣ (Causes of Commercial Revolution) :

ନିମ୍ନଲିଖିତ କାରଣଗୁଡ଼ିକ ପ୍ରାରମ୍ଭିକ ଆଧୁନିକ ଯୁଗୀୟ ବାଣିଜ୍ୟିକ ବିପ୍ଳବର କାରଣ ଥିଲା, ଯଥା :

(୧) ପୁଞ୍ଜି ବୃଦ୍ଧି (Increased Capital) :

ନୂତନ ଉଦ୍ୟୋଗିକରଣ ସର୍ବଦା ପୁଞ୍ଜିବିନିଯୋଗ ଉପରେ ନିର୍ଭରଶୀଳ ଅଟେ । ଏହି ପୁଞ୍ଜି ମୌଳିକ ରୂପେ ସାଧାରଣତଃ କ୍ରମାଗତ ରୂପେ ଏକ ଦୀର୍ଘକାଳର କୃଷିଭିତ୍ତିକ ବଳକା ଉତ୍ପାଦନ ଉପରେ ନିର୍ଭରଶୀଳ ଯାହା କୃଷି ଉତ୍ପାଦନର ମୂଲ୍ୟ ବୃଦ୍ଧି ଯୋଗୁ ସମ୍ଭବ ହୋଇଥାଏ । ମାତ୍ର ଏହି କୃଷିଭିତ୍ତିକ ଉତ୍ପାଦନଗୁଡ଼ିକର ମୂଲ୍ୟବୃଦ୍ଧି ଯଦି ତୀବ୍ରଗତିରେ ହୁଏ, ତେବେ ତାହା ସମାଜରେ ସମ୍ଭବତଃ ଯଥେଷ୍ଟ କ୍ଷୁଧା ଏବଂ ଦୁର୍ଦ୍ଦଶା ଆଣି ଦିଏ, ଯାହା ଅର୍ଥନୈତିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ପରିବର୍ତ୍ତେ ମନ୍ଥର କରିଦିଏ । ସେହିପରି ଯଦି କୃଷିଭିତ୍ତିକ ଉତ୍ପାଦନର ଆଦୌ ମୂଲ୍ୟବୃଦ୍ଧି ନ ହୁଏ, ତେବେ ତାହା କୃଷିରୁ ନାମ ମାତ୍ର ମୁନାଫା ପ୍ରଦାନ କରିବା ଫଳରେ କୃଷି ସ୍ଥାଣୁ ପାଲଟି ଯାଏ, ଯାହା ମଧ୍ୟ ଅର୍ଥନୈତିକ ବିକାଶର ପରିପନ୍ଥୀ ଅଟେ । ଏଣୁ କୃଷିଉଦ୍ୟୋଗୀମାନେ ବଳକା ପୁଞ୍ଜି ମୁନାଫା ରୂପେ ଲାଭ କରିବା ବାଞ୍ଛନୀୟ ଅଟେ । କାରଣ ସେହି ବଳକା ପୁଞ୍ଜିକୁ ସେମାନେ ବାଣିଜ୍ୟରେ ବିନିଯୋଗ କରିବାକୁ ସମର୍ଥ ହେବେ । ଏହି ବଳକା ପୁଞ୍ଜିକୁ ବ୍ୟାଙ୍କ ପରିଚାଳକମାନେ ବିଣିଜ୍ୟିକ ଉଦ୍ୟେଗରେ ବିନିଯୋଗ କରିପାରିବେ । ବ୍ୟାଙ୍କ ବ୍ୟବସ୍ଥାରୁ ଉଭୟ ବିନିଯୋଗକାରୀ ପୁଞ୍ଜିପତି ଏବଂ ଋଣନେଇ ବାଣିଜ୍ୟ କରୁଥିବା ବଣିକମାନେ ଲାଭାନ୍ୱିତ ହୋଇପାରିଥିଲେ ।

(୨) ବ୍ୟାଙ୍କ ବ୍ୟବସ୍ଥାର ଉତ୍ଥାନ (Rise of Banking System) :

ବାଣିଜ୍ୟ ବିପ୍ଳବରେ ବ୍ୟାଙ୍କଗୁଡ଼ିକ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅବତୀର୍ଣ୍ଣ ହୋଇଥିଲେ । ମଧ୍ୟଯୁଗରେ ସୁଧରେ ଅର୍ଥକାରବାରକୁ ଧାର୍ମିକ ଓ ନୈତିକ ଦୃଷ୍ଟିରୁ ଘୋର ବିରୋଧ କରାଯାଉଥିବାରୁ ଏହି ସମୟ କାଳରେ ବ୍ୟାଙ୍କଗୁଡ଼ିକ ଏକ ସଂଶୟପୂର୍ଣ୍ଣ ପ୍ରସିଦ୍ଧି ଲାଭ କରିଥିଲେ । ଗୀର୍ଜାଗୁଡ଼ିକ ବ୍ୟବସାୟରେ ଥିବା କ୍ଷତି ହେବା ବିପଦକୁ ବିଚାର କରି ବାଣିଜ୍ୟିକ ଲାଭ ନେବାକୁ ଅନୁମତି ପ୍ରଦାନ କରିଥିଲେ, ମାତ୍ର ବ୍ୟାଙ୍କ ବ୍ୟବସ୍ଥାକୁ ଲାଭଦାୟକ ହେବାକୁ ଅନୁମତି ପ୍ରଦାନରେ କୁଣ୍ଠିତ ଥିଲେ । ଇଟାଲୀ ଏବଂ ଜର୍ମାନୀରେ ପାରିବାରିକ ଉଦ୍ୟମରେ ପ୍ରଥମେ ବ୍ୟାଙ୍କ ବ୍ୟବସ୍ଥା ଆରମ୍ଭ ହୋଇଥିଲା । ଏହି କ୍ଷେତ୍ରରେ ଚର୍ତ୍ତୁଦଶ ଓ ପଞ୍ଚଦଶ ଶତାବ୍ଦୀରେ ଫ୍ଲୋରେନ୍ସରେ ମେଡିସ୍ ପରିବାର ଏବଂ ଅଗସ୍‌ବର୍ଗର ଫୁଗରସ୍ (Fuggers) ପରିବାର ଅନ୍ୟତମ ଥିଲେ । ଫୁଗରସ୍‌ମାନେ ସମ୍ରାଟ ଏବଂ ବିଶପମାନଙ୍କୁ ଅର୍ଥଋଣ ପ୍ରଦାନ କରୁଥିଲେ । ସେମାନେ ମଧ୍ୟ ପୋପ୍‌ଙ୍କର କ୍ଷମାପତ୍ର (Indulgences) ବିକ୍ରିକରିବା କ୍ଷେତ୍ରରେ ମଧ୍ୟସ୍ଥ ବା ଦଲାଲର ଭୂମିକା ନିଭାଉଥିଲେ । ଏହି ବ୍ୟକ୍ତିଗତ ବ୍ୟାଙ୍କ ବ୍ୟବସ୍ଥା ପ୍ରଚଳନ ହେବା ପରେ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକର ପ୍ରତିଷ୍ଠା ହୋଇଥିଲା । ଏହି ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକ ରାଷ୍ଟ୍ରର ଆର୍ଥିକ ଆବଶ୍ୟକତାର ବାଣିଜ୍ୟିକ ସାମ୍ରାଜ୍ୟବାଦ ଲକ୍ଷ୍ୟକୁ ପୂରଣ କରି ପାରିଥିଲା । ବିଶ୍ୱର ପ୍ରଥମ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ୧୬୫୭ ଖ୍ରୀ:ଅ:ରେ "ସ୍ୱିଡେନ୍ ବ୍ୟାଙ୍କ" (Bank of Sweden) ରୂପେ ପ୍ରତିଷ୍ଠିତ ହୋଇଥିଲା । ଇଂଲଣ୍ଡ ଏକ ବିଶ୍ୱ

ବାଣିଜ୍ୟିକ ଶକ୍ତି ରୂପେ ପ୍ରତିଭାତ ହେବା ପରେ ୧୬୯୪ ଖ୍ରୀ:ଅ:ରେ "ଇଂଲଣ୍ଡ ବ୍ୟାଙ୍କ" (The Bank of England) ର ପ୍ରତିଷ୍ଠା ହୋଇଥିଲା । ଏହି ବ୍ୟାଙ୍କ ଆର୍ନ୍ତଜାତୀୟ ଅର୍ଥବ୍ୟବସ୍ଥାରେ ଇଂଲଣ୍ଡ ପାଇଁ ଏକ ମହତ୍ୱ ପୂର୍ଣ୍ଣ ଭୂମିକାରେ ଅବତୀର୍ଣ୍ଣ ହୋଇଥିଲା ।

(୩) ଉଧାର ପ୍ରଦାନ ସୁବିଧାର ବିସ୍ତାର (Expansion of Credit Facilities) :

ବ୍ୟାଙ୍କ ବ୍ୟବସ୍ଥାର ଅଭିବୃଦ୍ଧି ଏହାର ବିଭିନ୍ନ ପ୍ରକାରର ଆବଶ୍ୟକୀୟ ବିପୁଳ ଅର୍ଥିକ ଦେଣଦେଣ ଦ୍ୱାରା ଅଧିକ ସୁଦୃଢ଼ ହୋଇଥିଲା । ଏହା ମଧ୍ୟ ବାଣିଜ୍ୟ ବିପ୍ଳବକୁ ଗତିଶୀଳ ହେବାରେ ସାହାଯ୍ୟ କରିଥିଲା । ଉଧାର ପ୍ରଦାନ ବ୍ୟବସ୍ଥାକୁ ଏପରି ସରଳିକରଣ କରାଯାଇପାରିଥିଲା, ଯାହା ଫଳରେ ଆମ୍ଷ୍ଟରଡାମ୍‌ର ଜଣେ ବ୍ୟବସାୟୀ ଭେନୀସ୍‌ର ଅନ୍ୟ ଜଣେ ବ୍ୟବସାୟୀଙ୍କଠାରୁ ଆମ୍ଷ୍ଟରଡାମ୍ ବ୍ୟାଙ୍କ ପ୍ରଦତ୍ତ ଏକ "ବିନିମୟ ଯୋଗ୍ୟ ପାଉଣା ଦାବିପତ୍ର" (Bill of Exchange) ଦ୍ୱାରା ଆବଶ୍ୟକୀୟ ପଣ୍ୟଦ୍ରବ୍ୟ କ୍ରୟ କରିପାରୁଥିଲେ । ଭେନୀସ୍‌ର ବ୍ୟବସାୟୀ ଏହି "ବିନିମୟ ଯୋଗ୍ୟ ପାଉଣାଦାବୀପତ୍ର"କୁ ସ୍ଥାନୀୟ "ଆମ୍ଷ୍ଟରଡାମ୍ ବ୍ୟାଙ୍କ ଶାଖା"ରେ ଜମା କରି ତାଙ୍କର ପ୍ରାପ୍ୟ ଅର୍ଥ ଦଗଦ ରାଶି ରୂପେ ପାଇପାରୁ ଥିଲେ । ପରବର୍ତ୍ତି ସମୟରେ ଉଭୟ ସ୍ଥାନର ବ୍ୟାଙ୍କ ଶାଖା ସେମାନଙ୍କ ମଧ୍ୟରେ ଏପରି ଅର୍ଥ ନେଣଦେଣର ହିସାବ ବୁଝିନେଇ ଉପଭୋକ୍ତାଙ୍କ ବ୍ୟାଙ୍କ ଜମାଖାତାରେ ଜମା ଓ ଉଠାଣକୁ ତୁଳନାତ୍ମକ ରୂପେ ସମତୁଳ କରୁଥିଲେ । ଉଧାର ପ୍ରଦାନ ବ୍ୟବସ୍ଥାର ଅନ୍ୟ ଏକ ମାଧ୍ୟମ ଥିଲା "ଅର୍ଥ ପ୍ରଦାନ ଆଦେଶ ପତ୍ର" (Cheque) ଏବଂ ସ୍ୱର୍ଣ୍ଣ ତଥା ରୌପ୍ୟ ପ୍ରତିବଦଳରେ ବ୍ୟାଙ୍କ ନୋଟ (Bank Notes) ପ୍ରଦାନ । ଏହି ଉଭୟ ବ୍ୟବସ୍ଥା ପ୍ରଥମେ ଇଟାଲୀୟମାନଙ୍କ ଦ୍ୱାରା ଉଦ୍ଭାବିତ ହୋଇଥିଲା ଏବଂ ପରବର୍ତ୍ତୀ କାଳରେ କ୍ରମେ ଏହା ଉତ୍ତର ୟୁରୋପରେ ପ୍ରଚଳିତ ହୋଇଥିଲା । ଚେକ୍ ଦ୍ୱାରା ଦେୟ ପ୍ରଦାନ ବ୍ୟବସ୍ଥା ବିଶେଷ ରୂପେ ବାଣିଜ୍ୟର ଅତିଶୟ ବୃଦ୍ଧି ପାଇଁ ଅତ୍ୟନ୍ତ ଉପାଦେୟ ଥିଲା । କାରଣ ଏହାଦ୍ୱାରା ବ୍ୟାଙ୍କର ଭଣ୍ଡାରରେ ଥିବା ଦଗଦ ଅର୍ଥର ପ୍ରକୃତ ପରିମାଣଠାରୁ ଅଧିକ ହିସାବର ବ୍ୟବସାୟିକ କାରବାର ହୋଇପାରିଲା ।

(୪) ବ୍ୟବସାୟିକ ଅନୁଷ୍ଠାନଗୁଡ଼ିକରେ ପରିବର୍ତ୍ତନ : ନିୟମବଦ୍ଧ ବ୍ୟବସାୟିକ ସଂସ୍ଥାଗୁଡ଼ିକର ଅଭିବୃଦ୍ଧି (Changes in Business Organization : The Growth of Regulated Companies) :

ଆର୍ନ୍ତଜାତୀୟ ବାଣିଜ୍ୟ ବିସ୍ତାର ପାଇଁ ବୃହତ ବ୍ୟବସାୟିକ ଅନୁଷ୍ଠାନର ଆବଶ୍ୟକତା ଅନୁଭୂତ ହୋଇଥିଲା । ମଧ୍ୟଯୁଗରେ ପ୍ରଚଳିତ ଉତ୍ପାଦନ ତଥା ବାଣିଜ୍ୟ ଏକକ ଗୁଡ଼ିକ କୌଣସି ଜଣେ ବ୍ୟକ୍ତି କିମ୍ବା ପରିବାରଙ୍କ ମାଲିକାନାରେ ଥିବା ଦୋକାନଗୃହ ବା ଭଣ୍ଡାର ଗୃହ ଥିଲା । ଯୌଥ ବ୍ୟବସାୟ ମଧ୍ୟ ଏକ ସାଧାରଣ ବ୍ୟବସ୍ଥା ଥିଲା । ମାତ୍ର ଏହାର ଏକ ବିଶେଷ ଅସୁବିଧା ଥିଲା ଯେ ଯୌଥ ବ୍ୟବସ୍ଥାର ଅଂଶୀଦାର ଥିବା ସଦସ୍ୟମାନଙ୍କ ମଧ୍ୟରୁ ପ୍ରତ୍ୟେକ ଏହି ଯୌଥବ୍ୟବସାୟ ପାଣ୍ଠିରୁ ଅତ୍ୟଧିକ ବ୍ୟକ୍ତିଗତ ଋଣ ନେଇ ସାମୁହିକ ରୂପେ ଯୌଥ ବ୍ୟବସାୟକୁ ଋଣଗ୍ରସ୍ତ କରି ପକାଉଥିଲେ । ଏଣୁ ଅତ୍ୟଧିକ ପୁଞ୍ଜି ବିନିଯୋଗ ସତ୍ତ୍ୱେ ବିପୁଳ କ୍ଷତି ସମ୍ଭାବନା ଯୁକ୍ତ ଏପରି ବ୍ୟବସାୟିକ ସଂସ୍ଥା ଉତ୍ତମ ବ୍ୟବସାୟ କରିପାରୁ ନଥିଲା । ଏକ ଅଧିକ ଉପଯୁକ୍ତ ବ୍ୟବସାୟିକ ସଂସ୍ଥା ପ୍ରସ୍ତୁତ କରିବାର ଉଦ୍ୟମରୁ "ନିୟମାବଦ୍ଧ ବ୍ୟବସାୟିକ ସଂସ୍ଥା" (Regulated Company) ଗୁଡ଼ିକର ସୃଷ୍ଟି ହେଲା । ଏକକ ସାଧାରଣ ଲକ୍ଷ୍ୟ ନେଇ ଏକତ୍ରିତ କାର୍ଯ୍ୟ କରୁଥିବା ବଣିକ ଗୋଷ୍ଠୀକୁ ନିୟମବଦ୍ଧ ବ୍ୟବସାୟିକ ସଂସ୍ଥା (Regulated Company) କୁହାଯାଏ । ଏହାର ସଦସ୍ୟମାନେ ଏପରି ସଂସ୍ଥାରୁ ନିଜ ପାଇଁ ସମ୍ବଳ ଯୋଗାଡ଼ କରୁ ନଥିଲେ । ମାତ୍ର ଏହି ସଂସ୍ଥାର ଉନ୍ନତି ପାଇଁ ସହଯୋଗର ହାତ ବଢାଉଥିଲେ ଏବଂ କେତେକ ନିର୍ଦ୍ଦିଷ୍ଟ ନିୟମକୁ ସ୍ୱୀକାର ପୂର୍ବକ ଏହି "ନିୟମାବଦ୍ଧ ବ୍ୟବସାୟିକ ସଂସ୍ଥାର" ସଦସ୍ୟ ହୋଇ ରହୁଥିଲେ । ସାଧାରଣତଃ ଏପରି ବ୍ୟବସାୟିକ ସଂସ୍ଥା ପୃଥିବୀର କୌଣସି ଏକ ଅଞ୍ଚଳରେ ଏକ ବ୍ୟବସାୟକୁ ଏକଚାଟିଆ ରୂପେ ପରିଚାଳନା କରିବା ଉଦ୍ଦେଶ୍ୟରେ ଗଠିତ ହେଉଥିଲା । ଏପରି ସଂସ୍ଥାର ସଦସ୍ୟମାନେ ଅନେକ ସମୟରେ ଉପଲବ୍ଧ ବନ୍ଦର ଏବଂ ଗୋଦାମଗୃହଗୁଡ଼ିକୁ ଆକଳନ କରିବା ସହ ଏପରି ଏକଚାଟିଆ ବ୍ୟବସାୟ ମଧ୍ୟକୁ ପ୍ରବେଶ କରିବା ପାଇଁ ଉଦ୍ୟମ

କରୁଥିବା "ଲାଭନ୍ୱୋଷୀ ଅନଧିକାର ପ୍ରବେଶକାରୀ" (Interlopers) ମାନଙ୍କ ବିପକ୍ଷରେ ସଂସ୍ଥାକୁ ସୁରକ୍ଷା ପ୍ରଦାନ କରିଥାନ୍ତି। ନେଦରଲାଣ୍ଡ ଓ ଜର୍ମାନୀ ମଧ୍ୟରେ ବାଣିଜ୍ୟ ଉଦ୍ଦେଶ୍ୟରେ ପ୍ରତିଷ୍ଠିତ ହୋଇଥିବା "ବଣିକ ଯୋଦ୍ଧା" (Merchant Adventurers) ନାମକ ଇଂରେଜ ବ୍ୟବସାୟିକ ସଂସ୍ଥା ଏପରି "ନିୟମାବଦ୍ଧ ବ୍ୟବସାୟିକ ସଂସ୍ଥାର" ଏକ ଜ୍ୱଳନ୍ତ ଉଦାହରଣ ଥିଲା।

ଯୌଥ-ପ୍ରତିଭୂତି ବ୍ୟବସାୟିକ ସଂସ୍ଥା (Joint-Stock Companies) :

ସପ୍ତଦଶ ଶତାବ୍ଦୀରେ ଅଧିକତର ବ୍ୟବସ୍ଥିତ ଏବଂ ବ୍ୟାପକ ସୁଯୋଗ ଥିବା ଏକ ନୂତନ ଶ୍ରେଣୀର ଆର୍ଥିକ ପରିଚାଳନା ଅନୁଷ୍ଠାନ ପ୍ରଚଳିତ ନିୟମବଦ୍ଧ ବ୍ୟବସାୟିକ ସଂସ୍ଥାକୁ ପଛରେ ପକାଇ ବାଣିଜ୍ୟ ବିପ୍ଲବକୁ ଆଗେଇ ନେଇଥିଲା। ଏହାକୁ "ଯୌଥ ପ୍ରତିଭୂତି ବ୍ୟବସାୟିକ ସଂସ୍ଥା" (Joint Stock Company) କୁହାଯାଉଥିଲା। ଏକାଧିକ ବିନିଯୋଗକାରୀଙ୍କୁ ଗୋଟିଏ କମ୍ପାନୀ ପୁଞ୍ଜିର ପ୍ରତିଭୂତି (Share) ମାନ ପ୍ରଦାନ କରାଯାଇ ଯୌଥ-ପ୍ରତିଭୂତି ବ୍ୟବସାୟ କରାଯାଏ। ପ୍ରତିଭୂତି ଅଂଶଧନ କ୍ରୟ କରୁଥିବା ବ୍ୟକ୍ତିମାନେ ଇଚ୍ଛା କଲେ କମ୍ପାନୀର କାର୍ଯ୍ୟରେ ଅଂଶଗ୍ରହଣ କରିପାରନ୍ତି କିମ୍ବା କରିନପାରନ୍ତି ମଧ୍ୟ। ଅଂଶଧାରୀମାନେ କମ୍ପାନୀ ପାଇଁ କାର୍ଯ୍ୟ କରନ୍ତୁ ବା ନ କରନ୍ତୁ, କିନ୍ତୁ ସେମାନେ ମିଳିତ ରୂପେ କମ୍ପାନୀର ମାଲିକଗଣ ଅଟନ୍ତି। ଏଣୁ କମ୍ପାନୀର ଲାଭାଂଶରେ ଏହି ଅଂଶଧାରୀମାନେ ବିନିଯୋଗ କରିଥିବା ପୁଞ୍ଜି ଅନୁପାତରେ ଦାବିଦାର ଅଟନ୍ତି। ବ୍ୟକ୍ତିଗତ ସହଭାଗୀତା ଏବଂ ନିୟମବଦ୍ଧ ବ୍ୟବାସାୟୀକ ସଂସ୍ଥାଠାରୁ ଯୌଥ ପ୍ରତିଭୂତି ବ୍ୟବସାୟିକ ସଂସ୍ଥା ଅଧିକ ସୁବିଧା ଜନକ ଅଟେ। ପ୍ରଥମତଃ ଏହା ଏକ ସ୍ଥାୟୀ ଅନୁଷ୍ଠାନ ଏବଂ ପ୍ରତିଥର କୌଣସି ସଦସ୍ୟଙ୍କ ମୃତ୍ୟୁ କିମ୍ବା ବର୍ହିରାଗମନରେ ଏହାକୁ ପୁର୍ନସଂଗଠିତ କରିବା ପାଇଁ ପଡ଼େ ନାହିଁ। ଦ୍ୱିତୀୟତଃ ଅଂଶଧନ ପ୍ରତିଭୂତି ଗୁଡ଼ିକର ବ୍ୟାପକ ବଣ୍ଟନ ମାଧ୍ୟମରେ ବିଶାଳ ପୁଞ୍ଜି ସଂଗ୍ରହ ସମ୍ଭବ ପର ହୋଇଥାଏ। ସଂକ୍ଷେପରେ ଏହା ଆଧୁନିକ କର୍ପୋରେସନ (Corporation) ର ସମସ୍ତ ସୁଗୁଣଗୁଡ଼ିକ ବହନ କରୁଥିଲା। ମାତ୍ର ଏହାର ଏକମାତ୍ର ଅସୁବିଧା ଥିଲା ଯେ "ଆଇନ ଦୃଷ୍ଟିରୁ ଏହା ଜଣେ ବ୍ୟକ୍ତି ବିଶେଷ ନ ଥିଲା ଯାହାକୁ ଆଇନତଃ ବ୍ୟକ୍ତିଗତ ଅଧିକାର ତଥା ଅନ୍ୟାନ୍ୟ ସୁବିଧାମାନ ପ୍ରଦାନ କରାଯାଇପାରିବ''। ତତ୍କାଳିନ ଯୌଥ ପ୍ରତିଭୂତି ଅନୁଷ୍ଠାନଗୁଡ଼ିକ ଅଧିକାଂଶ ରୂପେ ବାଣିଜ୍ୟିକ ଉଦ୍ୟୋଗ ଥିବା ବେଳେ ପରବର୍ତ୍ତି କାଳରେ ଅଳ୍ପ କେତେକ ଶିଳ୍ପ ଉଦ୍ୟୋଗରେ ମଧ୍ୟ ପ୍ରବେଶ କରିଥିଲେ। ଅନେକ ପ୍ରସିଦ୍ଧ ବ୍ୟବସାୟିକ ସଂସ୍ଥାଗୁଡ଼ିକ "ବିଶେଷ କାର୍ଯ୍ୟ ପାଇଁ ସନନ୍ଦପ୍ରାପ୍ତି ବ୍ୟବସାୟିକ ସଂସ୍ଥା" (Chartered Company) ମାନ ଥିଲା। ସେପରି କମ୍ପାନୀଗୁଡ଼ିକ ପ୍ରଶାସନଠାରୁ ଏକ ନିର୍ଦ୍ଦିଷ୍ଟ ଅଞ୍ଚଳରେ ଏକଚାଟିଆ ବାଣିଜ୍ୟ ବ୍ୟବସାୟ ପାଇଁ ସରକାରୀ ସନନ୍ଦ ପ୍ରାପ୍ତ ହୋଇଥିଲେ। ସେମାନେ ସେଠାରେ ଅଧିବାସୀଙ୍କର ଉପରେ ଏକପ୍ରକାର କ୍ଷମତା ଜାହିର କରିପାରୁଥିଲେ। ଏହା ପୁଞ୍ଜିବାଦୀ ଏବଂ ବାଣିଜ୍ୟିକ ସାମ୍ରାଜ୍ୟବାଦୀ ସ୍ୱାର୍ଥସଙ୍ଗମର ଏକ ଉଦାହରଣ ଥିଲା। ଏହିପରି ଏକ ସନନ୍ଦ ମାଧ୍ୟମରେ "ବ୍ରିଟିଶ ଇଷ୍ଟଇଣ୍ଡିଆ କମ୍ପାନୀ" ଭାରତୀୟ ଉପମହାଦେଶର ଏକ ବିସ୍ତୃତ ଅଞ୍ଚଳକୁ ଶୋଷଣ କରିଥିଲା ଏବଂ ଏହି ଅଞ୍ଚଳର ଆପାତତଃ ଶାସକ ରୂପେ ଅଷ୍ଟାଦଶ ଶତାବ୍ଦୀର ଶେଷ ପର୍ଯ୍ୟନ୍ତ ଶାସନ କାର୍ଯ୍ୟ ପରିଚାଳନା କରିଥିଲା।

(୫) ଦକ୍ଷ ମୁଦ୍ରା ଅର୍ଥନୀତି (Efficient Money Economy) :

ପ୍ରାରମ୍ଭିକ ଆଧୁନିକ ୟୁରୋପ ବାଣିଜ୍ୟ ବିପ୍ଳବର ଏକ ଗୁରୁତ୍ୱପୂର୍ଣ୍ଣ ଚରିତ୍ର ଥିଲା, ଏହାର ଦକ୍ଷ "ନଗଦ ମୁଦ୍ରା ଅର୍ଥନୀତି"। ଖ୍ରୀଷ୍ଟୀୟ ଏକାଦଶ ଶତାବ୍ଦୀର ବାଣିଜ୍ୟିକ ଉତ୍ଥାନ ସମୟରୁ ମୁଦ୍ରାର ବ୍ୟାପକ ପ୍ରଚଳନ ଆରମ୍ଭ ହୋଇଯାଇଥିଲା। ମାତ୍ର ବହୁ ଅଳ୍ପ ସଂଖ୍ୟାର ମୁଦ୍ରାକୁ ଅର୍ନ୍ତଜାତୀୟ ମାନ୍ୟତା ପ୍ରଦାନ କରାଯାଇଥିଲା। ଅଧିକାଂଶ ମୁଦ୍ରା କେବଳ ଆଞ୍ଚଳିକ ସ୍ତରର ବାଣିଜ୍ୟରେ ବ୍ୟବହୃତ ହେଉଥିଲା। ୧୩୦୦ ଖ୍ରୀ:ଅ: ବେଳକୁ ଭେନିସ୍‌ର ସ୍ୱର୍ଣ୍ଣ ଡ୍ୟୁକାଟ୍ (Ducat) ଏବଂ ଫ୍ଲୋରେନ୍ସର ସ୍ୱର୍ଣ୍ଣ ଫ୍ଲୋରିନ୍ (Florin) ଇଟାଲୀ ଏବଂ ଉତ୍ତର ୟୁରୋପର ଆର୍ନ୍ତଜାତୀୟ ବଜାରରେ ଗ୍ରହଣୀୟ ହୋଇପାରିଥିଲା। ମାତ୍ର ତତ୍କାଳୀନ କୌଣସି ୟୁରୋପୀୟ ରାଷ୍ଟ୍ରର ଏକକ ମୁଦ୍ରାବ୍ୟବସ୍ଥା ନଥିଲା। ପ୍ରାୟ ସମସ୍ତ ଦେଶରେ ମୁଦ୍ରାକୁ ନେଇ

ଦ୍ୱନ୍ଦାତ୍ମକ ପରିସ୍ଥିତି ଥିଲା । ପ୍ରତିଦେଶରେ ସେହି ଦେଶର ରାଜାଙ୍କ ଦ୍ୱାରା ପ୍ରଚଳିତ ମୁଦ୍ରା ସହ ପଡ଼ୋଶୀ ବିଦେଶୀ ରାଜ୍ୟର ମୁଦ୍ରା ମଧ୍ୟ ପ୍ରଚଳିତ ହେଉଥିଲା । ଅଧିକନ୍ତୁ ଏକ ଦେଶ ମଧ୍ୟରେ ପ୍ରଚଳିତ ଥିବା ମୁଦ୍ରାକୁ ବାରମ୍ବାର ରୂପାନ୍ତରିତ କରାଯାଉଥିଲା ଏବଂ ଅଧିକାଂଶ ସମୟରେ ସେପରି ପରିବର୍ତ୍ତିତ ମୁଦ୍ରାକୁ ଅପେକ୍ଷାକୃତ ନିମ୍ନମାନର ଧାତୁରେ ପ୍ରସ୍ତୁତ କରାଯାଉଥିଲା । ରାଜା ନିଜର ବ୍ୟକ୍ତିଗତ ରାଜସ୍ୱକୁ ବର୍ଦ୍ଧିତ କରିବା ପାଇଁ ତାଙ୍କର ମୁଦ୍ରାଶାଳରେ ଶସ୍ତା ଧାତୁରେ ପ୍ରସ୍ତୁତ ମୁଦ୍ରା ସଂଖ୍ୟାର ଅନୁପାତରେ ବୃଦ୍ଧି କରିବା ଏକ ସାଧାରଣ ପ୍ରକ୍ରିୟା ଥିଲା । ମାତ୍ର ବାଣିଜ୍ୟ ବିପ୍ଳବର ବାଣିଜ୍ୟ ଓ ଶିଳ୍ପ କ୍ଷେତ୍ରରେ ଅଭିବୃଦ୍ଧି ପାଇଁ ସ୍ଥିର ତଥା ଏକକ ମୁଦ୍ରା ବ୍ୟବସ୍ଥାର ଅଧିକ ଆବଶ୍ୟକତା ଥିଲା । ଏହି ସମସ୍ୟାର ସମାଧାନ ପାଇଁ ପ୍ରତ୍ୟେକ ପ୍ରମୁଖ ରାଷ୍ଟ୍ର ଦ୍ୱାରା ଏକ "ପ୍ରାମାଣିକ ମୁଦ୍ରାବ୍ୟବସ୍ଥା"ର (Standard System of money) ର ପ୍ରଚଳନ କରାଗଲା, ଯାହା ସେହି ଦେଶର ସୀମା ମଧ୍ୟରେ ସମସ୍ତ ବାଣିଜ୍ୟିକ କାରବାର ପାଇଁ ବ୍ୟବହୃତ ହେଲା । ଅବଶ୍ୟ ଏପରି ମୁଦ୍ରା ସଂସ୍କାର ସମ୍ପୂର୍ଣ୍ଣ ହେବା ପାଇଁ ଦୀର୍ଘ ସମୟ ଲାଗିଥିଲା । ଇଂଲଣ୍ଡରେ ରାଣୀ ଏଲିଜାବେଥ୍‌ଙ୍କ ରାଜତ୍ୱ କାଳରେ ଏକକ ମୁଦ୍ରାବ୍ୟବସ୍ଥା ପ୍ରଚଳନର ଆରମ୍ଭ କରାଯାଇଥିଲା; ମାତ୍ର ଏହି କାର୍ଯ୍ୟ ବିଳମ୍ବିତ ସପ୍ତଦଶ ଶତାବ୍ଦୀରେ ସମ୍ପୂର୍ଣ୍ଣ ହୋଇଥିଲା । ବସ୍ତୁତଃ ପ୍ରାରମ୍ଭିକ ଊନବିଂଶ ଶତାବ୍ଦୀ ପର୍ଯ୍ୟନ୍ତ ଫ୍ରାନ୍ସ ତାହାର ମୁଦ୍ରାକୁ ଆଧୁନିକ ମାନର ସରଳୀକରଣ ଓ ବ୍ୟବହାର ଉପଯୋଗୀ କରିପାରି ନଥିଲା ।

ବାଣିଜ୍ୟ ବିପ୍ଳବର ସ୍ୱଭାବ ଏବଂ ଏହାର ଅପକାରିତା

(Nature of Commercial Revolution and its disadvantages) :

ବାଣିଜ୍ୟବିପ୍ଳବ ବ୍ୟକ୍ତି ଏବଂ ରାଷ୍ଟ୍ର ସମୃଦ୍ଧିରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ମଧ୍ୟ ଏହା କେତେକ କ୍ଷେତ୍ରରେ ବିନିଯୋଗକାରୀ ଏବଂ ରାଷ୍ଟ୍ରୀୟ ଅର୍ଥନୀତିକୁ ବିପର୍ଯ୍ୟୟ ପହଞ୍ଚାଇଥିଲା । ବାଣିଜ୍ୟ ବିପ୍ଳବର ଦରିଆପରି ବିସ୍ତୃତି ଫଳରେ ଷୋଡ଼ଶ ଶତାବ୍ଦୀର ଅନ୍ତିମ ପର୍ଯ୍ୟାୟରେ ୟୁରୋପକୁ ଅଧିକ ରୌପ୍ୟ ଆମଦାନୀ ହୋଇଥିଲା । ଫଳରେ ସେଠାରେ ମାତ୍ରାଧିକ ମୁଦ୍ରାସ୍ଫିତି ପରିଲକ୍ଷିତ ହେଲା । ଏହା ୟୁରୋପରେ ଏକ ବାଣିଜ୍ୟିକ ମାନ୍ଦାବସ୍ଥା ସୃଷ୍ଟି କରିଥିଲା । ପଣ୍ୟବଜାରର ଅସ୍ଥିର ପଣ୍ୟ ମୂଲ୍ୟ ସୂଚୀ ପ୍ରକାରନ୍ତେ ଅଧିକ ଅର୍ଥନୈତିକ ଅସ୍ଥିରତା ଆଣିଥିଲା । ଏହା ବଣିକମାନଙ୍କୁ ସେମାନଙ୍କ ବାଣିଜ୍ୟ ଉଦ୍ୟୋଗକୁ ବିସ୍ତାର କରିବା ପାଇଁ ଲାଳାୟିତ କରିଥିଲା । ବ୍ୟାଙ୍କ ଅଧିକାରୀମାନେ ସେମାନଙ୍କର ମୁଖ୍ୟ ଋଣକର୍ତ୍ତାମାନଙ୍କୁ (ସାଧରଣତଃ ସମ୍ଭ୍ରାନ୍ତ ସମ୍ପ୍ରଦାୟ) ଏପରି ସ୍ୱଚ୍ଛନ୍ଦରେ ଋଣ ପ୍ରଦାନ କଲେ ଯେ ସେମାନେ ଋଣ ପରିଶୋଧ କରିବାକୁ ଅଧିକାଂଶ ସ୍ଥଳେ ଅକ୍ଷମ ହୋଇ ପଡ଼ିଲେ । ଏହି ଜଟିଳ ପରିସ୍ଥିତିକୁ ପ୍ରଥମେ ସ୍ପେନ୍ ଓ ଇଟାଲୀ ସମ୍ମୁଖୀନ ହୋଇଥିଲେ । ଉଭୟ ରାଷ୍ଟ୍ରରେ କର୍ମଚାରୀଙ୍କ ବେତନ ବଜାର ଭାଉଠାରୁ ଅତି ନଗନ୍ୟ ଥିବାରୁ ନିମ୍ନବର୍ଗର କର୍ମଚାରୀଙ୍କୁ ଅତିରିକ୍ତ ତଥା ଦୀର୍ଘକାଳୀନ କ୍ଳେଶର ସମ୍ମୁଖିନ ହେବାକୁ ପଡ଼ିଥିଲା । ନଗରଗୁଡିକରେ ଦାରିଦ୍ର୍ୟତା ବୃଦ୍ଧି ପାଇଥିଲା ଏବଂ ଗ୍ରାମାଞ୍ଚଳରେ ଡ଼କାୟତମାନେ ସକ୍ରୀୟ ହୋଇ ଉଠିଥିଲେ । ସ୍ପେନ୍‌ର କେତେକ ସମ୍ଭ୍ରାନ୍ତମାନେ ଆତ୍ମସମ୍ମାନ ପରିତ୍ୟାଗ କରି "ଭ୍ରମଣଶୀଳ କର୍ମହୀନ ଗୋଷ୍ଠୀ"ରେ ସମ୍ମିଳିତ ହେବା ସହ ଲକ୍ଷ୍ୟହୀନ ରୂପେ ନଗରରୁ ନଗରକୁ ଭ୍ରମଣ କରି ଚାଲିଥିଲେ । ପଞ୍ଚଦଶ ଶତାବ୍ଦୀର ଶେଷ ଭାଗରେ ଫ୍ଲୋରେନ୍ସର ପ୍ରସିଦ୍ଧ "ମେଡିସି ପରିବାର" ପରିଚାଳିତ ବ୍ୟାଙ୍କୀୟ ସଂସ୍ଥାର ଦ୍ୱାରଗୁଡ଼ିକ ବନ୍ଦ ହୋଇଯାଇଥିଲା । ଷୋଡ଼ଶ ଶତାବ୍ଦୀର ମଧ୍ୟଭାଗ ବେଳକୁ ସ୍ପେନ୍‌ରେ ଦେବାଳିଆ ଜନସଂଖ୍ୟାରେ ମାତ୍ରାଧିକ ବୃଦ୍ଧି ଘଟିଥିଲା ଏବଂ ଜର୍ମାନୀର ଫୁଗଗରସ୍‌ମାନଙ୍କ ଦ୍ୱାରା ପରିଚାଳିତ ବ୍ୟାଙ୍କ କାରବାରର ପତନ ଘଟିଥିଲା । ଇତିମଧ୍ୟରେ ଇଂଲଣ୍ଡ, ହଲାଣ୍ଡ ଏବଂ କେତେକ ଦୃଷ୍ଟିରୁ ଫ୍ରାନ୍ସ ସମୃଦ୍ଧିଶାଳୀ ହେବା ପରି ମନେ ହୋଇଥିଲେ । ଏହି ସମୃଦ୍ଧି "ରୌପ୍ୟ ଯୁଗ" (Age of Silver) ଯୋଗୁ ସମ୍ଭବ ହୋଇଥିଲା, ଯାହା ୧୫୪୦ ଖ୍ରୀ:ଅ:ରୁ ୧୬୨୦ ଖ୍ରୀ:ଅ: ପର୍ଯ୍ୟନ୍ତ ଆମେରିକାରୁ ଆମଦାନୀ କରାଯାଇଥିବା ପର୍ଯ୍ୟାପ୍ତ ରୌପ୍ୟଖଣ୍ଡ ପାଇଁ ପରିଦୃଷ୍ଟ ହୋଇଥିଲା । ସପ୍ତଦଶ ଶତାବ୍ଦୀର ମୁଦ୍ରାସ୍ଫିତି ଏବଂ ଧାର୍ମିକ ତଥା ଆର୍ନ୍ତଜାତୀୟ ଯୁଦ୍ଧ ଓ ଗୃହ ବିବାଦଗୁଡ଼ିକ କାରଣରୁ ପୂନର୍ବାର ଏହି ୟୁରୋପୀୟ ରାଷ୍ଟ୍ରଗୁଡ଼ିକର ଅର୍ଥନୀତିରେ ପତନ ଦେଖାଦେଇଥିଲା ।

ଦକ୍ଷିଣ ସାଗର କାଳ୍ପନିକ ଧାରଣା (The South Sea Bubble) :

ବାଣିଜ୍ୟ ବିପ୍ଳବର ଉତ୍ଥାନ ଓ ପତନରେ ବିଭିନ୍ନ ଅର୍ଥନୈତିକ କାଳ୍ପନିକ ଧାରଣାର ଆର୍ବିଭାବ ଘଟୁଥିଲା । ଏପରି କଳ୍ପନାଗୁଡ଼ିକ ଅଷ୍ଟାଦଶ ଶତାବ୍ଦୀର ପ୍ରାରମ୍ଭରେ ଶିଖରେ ପହଞ୍ଚିଥିଲା । ସର୍ବାପେକ୍ଷା ଅଧିକ କ୍ଷତିକାରକ ଦୁଷ୍ଟ କଳ୍ପନାଦ୍ୱୟ ଥିଲା, – ଦକ୍ଷିଣ ସାଗର କାଳ୍ପନିକ ଧାରଣା ଏବଂ ମିସିସିପି କାଳ୍ପନିକ ଧାରଣା (The mississippi Bubble) । ଦକ୍ଷିଣସାଗର କାଳ୍ପନିକ ଧାରଣାର କାରଣ ଥିଲା ଇଂଲଣ୍ଡର ଦକ୍ଷିଣ ସାଗର କମ୍ପାନୀ (South Sea Company, England) ଅଂଶଧନ ପ୍ରତିଭୂତିର ଅବମୂଲ୍ୟାୟନ ଏବଂ ମୁଦ୍ରାସ୍ଫିତି । ଏହି କମ୍ପାନୀ ଦ୍ୱାରା ରାଷ୍ଟ୍ରୀୟ ଋଣ ପରିଶୋଧ କରିବାର ପ୍ରସ୍ତାବ ପ୍ରଦାନକୁ ସତ୍ୟ ରୂପେ ଗ୍ରହଣ କରି କମ୍ପାନୀର ଉଜ୍ଜ୍ୱଳ ଭବିଷ୍ୟତ ଉପରେ ସାଧାରଣ ବିନିଯୋଗକାରୀଙ୍କର ବିଶ୍ୱାସ ଦୃଢ଼ ହୋଇଯାଇଥିଲା । ଏଣୁ ସେମାନେ ନିଜର ମାତ୍ରାଧିକ ସମ୍ଭାବ୍ୟ ବଳକା ପୁଞ୍ଜିକୁ ଏହି କମ୍ପାନୀ ଅଂଶଧନ କ୍ରୟରେ ବିନିଯୋଗ କରିଚାଲିଲେ । କିନ୍ତୁ ଯେତେବେଳେ ସେମାନଙ୍କର ଭାସମାନ ଆଶା ବୁଡି ଯାଇଥିଲା, ସେମାନେ ଆତଙ୍କିତ ହୋଇ ନିଜର ଅଂଶଧନକୁ ଯେକୌଣସି ଉପଲବ୍ଧ ମୂଲ୍ୟରେ ବିକ୍ରି କରି ଦେଇଥିଲେ । ୧୭୨୦ ଖ୍ରୀ:ଅ:ରେ ପ୍ରତିଭୂତି ବଜାରରେ ହୋଇଥିବା ଏହି ଆର୍ଥିକ ଦୁର୍ଗତିର ଫଳ ତତ୍କାଳୀନ ସମାଜରେ ଅନିବାର୍ଯ୍ୟ ରୂପେ ଅନୁଭୂତ ହୋଇଥିଲା ।

ମିସିସିପି କାଳ୍ପନିକ ଧାରଣା (The Mississippi Bubble) :

ଇଂଲଣ୍ଡରେ ଦକ୍ଷିଣ ସାଗର କାଳ୍ପନିକ ଧାରଣାର ପ୍ରଚାର କ୍ରମଶଃ ବୃଦ୍ଧି ପାଉଥିବା ବେଳେ ଫ୍ରାନ୍ସରେ ସେହି ଏକା ପ୍ରକାରର ପାଗଳାମୀ ଧାରଣା ଧିରେ ଧିରେ ଦାନା ବାନ୍ଧୁ ଥିଲା । ପ୍ରେମ ବିବାଦରେ ବ୍ରିଟିଶ ମାଟିରେ ଏକ ହତ୍ୟାକାଣ୍ଡ ଘଟାଇ ୧୭୧୫ ଖ୍ରୀ:ଅ:ରେ ବାଧ୍ୟ ହୋଇ ଇଂଲଣ୍ଡରୁ ପଳାୟନ କରି ଫ୍ରାନ୍ସକୁ ଆସିଥିବା ଜନ୍‌ଲ (John Law) ନାମକ ଜନୈକ ସ୍କଟୀୟ ଅଧିବାସୀ ପ୍ୟାରିସ୍ ସହରରେ ବସବାସ କରିବାକୁ ଲାଗିଲେ । ଏହା ପୂର୍ବରୁ ସେ ଫ୍ରାନ୍ସର ଅନ୍ୟାନ୍ୟ ନଗରେ ବହୁ ସଫଳ ଜୁଆଖେଳ ମାନ ଖେଳି ସାରିଥିଲେ । ସେ ଫ୍ରାନ୍ସର ରାଜପ୍ରତିନିଧିଙ୍କୁ ପ୍ରଭାବିତ କରି ମିସିସିପି ବାଣିଜ୍ୟିକ ସଂସ୍ଥା (Mississippi Company) ନାମକ ଏକ ଅନୁଷ୍ଠାନ ପ୍ରତିଷ୍ଠା କଲେ । ତାଙ୍କର ଯୋଜନା ଥିଲା "ଜନସାଧାରଣଙ୍କୁ କାଗଜ ମୁଦ୍ରା ଦେଇ ସେମାନଙ୍କଠାରୁ ପ୍ରତିବଦଳରେ ପ୍ରାପ୍ତ ଧନରେ ରାଷ୍ଟ୍ରୀୟ ଋଣ ପରିଶୋଧ କରିବା ସହ ସେହି ଧନରେ ମିସିସିପି କମ୍ପାନୀ ପ୍ରତିଷ୍ଠା କରି ତାହା ମାଧମରେ ଲୋଇସିଆନାରେ ଉପନିବେଶ ସ୍ଥାପନ ପୂର୍ବକୁ ତାହାକୁ ଶୋଷଣ କରିବା" । ଏପରି ବ୍ୟବସ୍ଥା ଦ୍ୱାରା ଜାତୀୟ ଋଣରେ ହ୍ରାସ ଘଟିବାରୁ ଯେଉଁମାନେ ସରକାରଙ୍କଠାରୁ ସେମାନଙ୍କ ମୂଳଧନ ଫେରିପାଇଲେ, ସେମାନେ ସେହି ଅର୍ଥକୁ ମିସିସିପି କମ୍ପାନୀର ଅଂଶଧନ କ୍ରୟରେ ବିନିଯୋଗ କଲେ । ଅତିଶୀଘ୍ର କମ୍ପାନୀ ଅଂଶଧନ ପ୍ରତିଭୂତି ମୂଲ୍ୟରେ ବୃଦ୍ଧି ଘଟିବାକୁ ଲାଗିଲା ଏବଂ ଶେଷରେ ଏହର ମୂଲ୍ୟ ମୌଳିକ ମୂଲ୍ୟର ୪୦ ଗୁଣରେ ପହଞ୍ଚିଲା । ସମ୍ପତ୍ତି ବୃଦ୍ଧିର ଏହି ଦୌଡ଼ରେ ଯଥାସମ୍ଭବ ସମସ୍ତେ ଭାଗନେବା ପାଇଁ ତତ୍ପର ହୋଇ ଉଠିଲେ । ଶୁଣାଯାଏ ଯେ ଅଳ୍ପକେତେକ ଅଂଶଧନ କ୍ରୟ କରି ଭବିଷ୍ୟତରେ ବିତ୍ତଶାଳୀ ହେବା ଆଶାରେ କଂସେଇ ଓ ଦର୍ଜୀମାନଙ୍କ ପରି ସ୍ୱଳ୍ପଆୟକାରୀ ଗୋଷ୍ଠୀ ମଧ୍ୟ ଏହି କମ୍ପାନୀର କିଛି କିଛି ଅଂଶଧନ କ୍ରୟ କରି ପକାଇଥିଲେ । ମାତ୍ର ଯେତେବେଳେ ଜଣାପଡ଼ିଲା ଯେ କମ୍ପାନୀ ତାହାରା ଅଂଶଧନର ମୌଳିକ ମୂଲ୍ୟଠାରୁ ବେଶି ଅଧିକ ମୂଲ୍ୟ ପ୍ରଦାନ କରିପାରିବାର ସମ୍ଭାବନା ଅତ୍ୟନ୍ତ କ୍ଷୀଣ, ସେତେବେଳେ ସଚେତନ ଥିବା ସତର୍କ ବିନିଯୋଗକାରୀମାନେ ସେମାନଙ୍କର ଅଂଶଧନ ବିକ୍ରି କରିବା ଆରମ୍ଭ କରିବାକୁ ଲାଗିଲେ । ଏହି ସତର୍କ ଘଣ୍ଟି ଚର୍ତୁଦିଗକୁ ପ୍ରସାରିତ ହୋଇଯିବାରୁ ଅତିଶୀଘ୍ର ବିନିଯୋଗକାରୀମାନେ ନିଜ ନିଜର ଅଂଶଧନ ବିକ୍ରି କରିବା ପାଇଁ ତତ୍ପର ହୋଇପଡ଼ିଥିଲେ । ୧୭୨୦ ଖ୍ରୀ:ଅ:ରେ ମିସିସିପି କମ୍ପାନର ବୁଦବୁଦ ଚର୍ତୁଦିଗରେ ଆତଙ୍କ ଖେଳାଇ ଫାଟିଯାଇଥିଲା । ନିଜର ମୂଲ୍ୟବାନ ସମ୍ପତ୍ତିକୁ ମିସିସିପି କମ୍ପାନୀର ଅଂଶଧନ କ୍ରୟ କରିବା ଉଦ୍ଦେଶ୍ୟରେ ବିକ୍ରୟ କରିଦେଇଥିବା ହଜାର ହଜାର ଜନସାଧାରଣଙ୍କ ଆର୍ଥିକ ଧ୍ୱଂସସାଧନ ହୋଇଥିଲା ।

ବାଣିଜ୍ୟ ବିପ୍ଳବରେ ରାଷ୍ଟ୍ରର ଭୂମିକା (Role of the State in commercial Revolution) :

ଅନ୍ୟ ରାଷ୍ଟ୍ରଗୁଡ଼ିକ ଅପେକ୍ଷା ଫ୍ରାନ୍ସରେ ଯୌଥ ପ୍ରତିଭୂତି ବ୍ୟବସାୟିକ ସଂସ୍ଥାରେ ଶାସକଙ୍କ ଅଧିକ ପ୍ରତ୍ୟକ୍ଷ ନିୟନ୍ତ୍ରଣ ରହୁଥିଲା । ଏହା ବାଣିଜ୍ୟିକ ସାମ୍ରାଜ୍ୟବଦ ତତ୍ତ୍ୱ ପ୍ରତି ଥିବାର ଫ୍ରାନ୍ସର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଥିଲା । ଅଧିକାଂଶ କ୍ଷେତ୍ରରେ ଫ୍ରାନ୍ସର କମ୍ପାନୀମାନେ ସରକାରଙ୍କ ଛତ୍ରଛାୟାତଳେ ପ୍ରତିଷ୍ଠିତ ହୋଇଥିଲା । ଏହି କମ୍ପାନୀଗୁଡ଼ିକରେ ରାଜପାରିଷଦ ଏବଂ ସ୍ୱୟଂ ରାଜାଙ୍କ ବିପୁଳ ପୁଞ୍ଜି ବିନିଯୋଗ ରହୁଥିଲା । ରାଷ୍ଟ୍ରର ପ୍ରତିନିଧିମାନେ ପ୍ରତ୍ୟକ୍ଷ ରୂପେ କମ୍ପାନୀର ପ୍ରତିଭୂତିକୁ ପରିଚାଳନା କରୁଥିଲେ । କେତେକ କ୍ଷେତ୍ରରେ ରାଷ୍ଟ୍ରର ସ୍ୱାର୍ଥରକ୍ଷା ପାଇଁ ସେମାନେ କମ୍ପାନୀଗୁଡ଼ିକର ଅସୁବିଧାକୁ ମଧ୍ୟ ଅଣଦେଖା କରୁଥିଲେ । ଉଦାହରଣ ସ୍ୱରୂପ ଫରାସୀ ଇଷ୍ଟ ଇଣ୍ଡିଆ କମ୍ପାନୀ (The French East India Company)କୁ ତାହାର ଉପନିବେଶଗୁଡ଼ିକୁ ପ୍ୟାରିସ୍‌ର ଆଇନ ଅନୁଯାୟୀ ଶାସନ କରିବାକୁ ବାଧ୍ୟ କରାଯାଇଥିଲା । ଏହାକୁ ଲକ୍ଷ୍ୟ କରି ଜନୈକ ଐତିହାସିକ ମତବ୍ୟକ୍ତ କରିଥିଲେ, "ସାହାରା ମରୁଭୂମି ଅଭିଯାନ ସ୍ମରଣ କରାଇଦିଏ ଯେ ଓଟମାନେ ପ୍ୟାରିସ୍‌ରେ ପ୍ରସ୍ତୁତ ପ୍ରଶାସନିକ ନିୟନ୍ତ୍ରଣ ସହ ନିଜକୁ ଖାପଖୁଆଇ ନେବାକୁ ପ୍ରତ୍ୟାଖ୍ୟାନ କରିଦେବାରୁ ଫ୍ରାନ୍ସର ସାହାରା ଅଭିଯାନ ମନ୍ଥର ହୋଇଯାଇଥିଲା" । ଏପରିକି ଫ୍ରାନ୍ସ ଅପେକ୍ଷା ଅନ୍ୟ ଦେଶଗୁଡ଼ିକରେ ବ୍ୟବସାୟ କରୁଥିବା କମ୍ପାନୀମାନେ ଅପେକ୍ଷାକୃତ ସ୍ୱଳ୍ପ ସରକାରୀ ନିୟନ୍ତ୍ରଣରେ ଥାନ୍ତି । ସାଧାରଣତଃ ସରକାର ଏବଂ ବାଣିଜ୍ୟିକ କମ୍ପାନୀ ପରସ୍ପରର ସ୍ୱାର୍ଥରକ୍ଷା ପାଇଁ ମିଳିତ ରୂପେ କାର୍ଯ୍ୟ କରନ୍ତି । ଯୁଦ୍ଧ ସମୟରେ ସରକାର ବାଣିଜ୍ୟିକ ପୁଞ୍ଜିପତିମାନଙ୍କୁ ସେମାନଙ୍କ ଅଭିଯାନକୁ ଆର୍ଥିକ ସହାୟତା ପ୍ରଦାନ କରିବାକୁ ଆହ୍ୱାନ କରିଥାନ୍ତି । ଉଦାହରଣ ସ୍ୱରୂପ ୧୬୮୯ ଖ୍ରୀ:ଅ:ରେ ଇଂଲଣ୍ଡର ଫ୍ରାନ୍ସ ବିରୋଧ ଯୁଦ୍ଧ ସମୟରେ ଇଂଲଣ୍ଡ ଶାସନ ନିକଟରେ ଦୀର୍ଘସୂତ୍ରୀ ଋଣ ଆହରଣ ବ୍ୟବସ୍ଥା ନଥିଲା, ମାତ୍ର ପରବର୍ତ୍ତୀ ଶତାବ୍ଦୀର ପ୍ରଥମ ଚୌଥରେ ଇଂରେଜ ବଣିକଗୋଷ୍ଠୀ ବ୍ୟାଙ୍କ ଅଫ୍ ଇଂଲଣ୍ଡ ମାଧ୍ୟମରେ ୧୭୦ ମିଲିଅନ୍ ପାଉଣ୍ଡର ସହାୟତା ରାଶି ସରକାର ପାଇଁ ଯୋଗାଡ଼ କରିପାରିଥିଲେ । ଏହା ଇଂଲଣ୍ଡର ରାଷ୍ଟ୍ରୀୟ ବୈଦେଶିକ ଋଣକୁ ୪୦ ମିଲିଅନ୍ ପାଉଣ୍ଡରେ ସୀମିତ ରଖିପାରିଥିଲା । ଏହି ସାହାଯ୍ୟର ପ୍ରତିଦାନ ସ୍ୱରୂପ ଇଂରେଜ ବଣିକମାନେ ସରକାରଙ୍କ ସାହାଯ୍ୟରେ ସେମାନଙ୍କ ପ୍ରତିଦ୍ୱନ୍ଦ୍ୱୀ ଫରାସୀ ଶତ୍ରୁର ବାଣିଜ୍ୟିକ କ୍ଷତି କରିବା ପୂର୍ବକ ନିଜର ସୁଦୂର ବାଣିଜ୍ୟ ପଣ୍ୟ ବାରବାରକୁ ସୁନିଶ୍ଚିତ ସୁରକ୍ଷା ପ୍ରଦାନ କରିପାରିଥିଲେ । ସେମାନେ ମଧ୍ୟ ସରକାରଙ୍କ ଉପରେ ଚାପ ପ୍ରୟୋଗ କୌଶଳ ବ୍ୟବହାର କରି ନିଜ ବାଣିଜ୍ୟକୁ ଅନୁକୂଳ ହେବା ପରି ଚୁକ୍ତିମାନ ସମ୍ପାଦିତ କରିପାରୁଥିଲେ ।

ଶିଳ୍ପ ଅଭିବୃଦ୍ଧି
(Growth of Industries)

ପ୍ରାରମ୍ଭିକ ଆଧୁନିକ ୟୁରୋପର ଗ୍ରାମାଞ୍ଚଳରେ କୃଷି ପ୍ରମୁଖ ଉଦ୍ୟୋଗ ଥିଲା । ମାତ୍ର ଗ୍ରାମାଞ୍ଚଳରେ କପଡ଼ା ଶିଳ୍ପ ପରି କେତେକ ଶିଳ୍ପ ମଧ୍ୟ ପ୍ରତିଷ୍ଠିତ ହୋଇଥିଲା । ଗ୍ରାମାଞ୍ଚଳ କୁଟୀରଶିଳ୍ପ ଉତ୍ପାଦନକାରୀମାନେ ନଗରର କୁଶଳୀ କାରିଗର ଏବଂ ବଣିକ ସଂଘଗୁଡ଼ିକ ଦ୍ୱାରା ପ୍ରଚଳନ କରାଯାଇଥିବା ସହରୀ ଉତ୍ପାଦନ କେନ୍ଦ୍ର କଟକଣାଗୁଡ଼ିକ ସହ ପ୍ରତିଦ୍ୱନ୍ଦ୍ୱିତା କରିପାରୁ ନଥିଲେ । କ୍ରମାଗତ ରୂପେ ଖ୍ରୀଷ୍ଟୀୟ ଷୋଡ଼ଶ ଶତାବ୍ଦୀରୁ ବୃଦ୍ଧି ପାଉଥିବା "ସ୍ଥାନଚ୍ୟୁତ ବ୍ୟବସ୍ଥା" (Putting out System) ବାଣିଜ୍ୟମାଧ୍ୟମରେ ଉଦ୍ୟୋଗପତିମାନେ ବିନିଯୋଗ ଅର୍ଥ ଉପରେ ମାତ୍ରାଧିକ ଲାଭ ପ୍ରାପ୍ତି କରି ଆସୁଥିଲେ । ମଧ୍ୟଯୁଗରେ ବସ୍ତ୍ରର ମୂଲ୍ୟ ନିୟନ୍ତ୍ରଣ କରୁଥିବା ବଣିକସଂଘ ନିୟକୁ ଉଲଙ୍ଘନ ନ କରି ଉଦ୍ୟୋଗପତିମାନେ ବସ୍ତ୍ରର ଉତ୍ପାଦନ ଏବଂ ବିତରଣ ଉପରେ କଟକଣାମାନ ପ୍ରଚଳନ କରିଥିଲେ । ବଣିକମାନେ ବସ୍ତ୍ର ଉତ୍ପାଦନର କଞ୍ଚାମାଲ ପଶମ କିମ୍ବା ତନ୍ତୁକୁ ଏହାର ଉତ୍ପାଦନକାରୀଙ୍କ ନିକଟରୁ ପ୍ରତ୍ୟକ୍ଷ ରୂପେ କ୍ରୟ କରି ନେଉଥିଲେ । ଏହାକୁ ସେମାନେ ଗ୍ରାମରେ ସୂତାକାଟିବା କାର୍ଯ୍ୟ କରୁଥିବା ଲୋକଙ୍କୁ ତାକୁଡ଼ି ଦ୍ୱାରା ସୂତା ପ୍ରସ୍ତୁତ କରିବା ପାଇଁ ଯୋଗାଇ ଦେଉଥିଲେ, ଯାହାକୁ "ସ୍ଥାନଚ୍ୟୁତ ବ୍ୟବସ୍ଥା" (Put out System) କୁହାଯାଉଥିଲା । ତାକୁଡ଼ିରେ ଉଲ୍ ବା ସୂତା ପ୍ରସ୍ତୁତ ହେବା ପରେ ଏହାର ପ୍ରସ୍ତୁତକାରୀଙ୍କୁ

କେବଳ ମଜୁରୀ ବା ପାରିଶ୍ରମିକ ପ୍ରଦାନ କରି ବଣିକମାନେ ପ୍ରସ୍ତୁତ ଉଲ୍ ବା ସୂତା ସଂଗ୍ରହ କରି ନେଇଯାଉଥିଲେ। ଏହା ସେମାନେ ଗ୍ରାମ୍ୟ ବସ୍ତ୍ରବୁଣାଳୀ ବା ତନ୍ତୀମାନଙ୍କୁ ଯୋଗାଇ ଦେଉଥିଲେ। ଯେଉଁଥିରୁ ସେମାନେ ଲୁଗାବୁଣୁଥିଲେ। ପ୍ରସ୍ତୁତ ବସ୍ତ୍ରଗୁଡ଼ିକୁ ବଣିକମାନେ ପାରିଶ୍ରମିକ ପ୍ରତିବଦଳରେ ତନ୍ତୀମାନଙ୍କଠାରୁ ସଂଗ୍ରହ କରି ଅନ୍ୟ କାରିଗରଙ୍କୁ ଏହାକୁ ସଫା କରି ରଙ୍ଗେଇବାକୁ ହସ୍ତାନ୍ତର କରାଯାଉଥିଲା। ପରିଶେଷରେ ଉତ୍ତମ ରୂପେ ପ୍ରସ୍ତୁତ ବିକ୍ରୟଯୋଗ୍ୟ ବସ୍ତ୍ରଗୁଡ଼ିକୁ ସେମାନଙ୍କଠାରୁ କେବଳ ପାରିଶ୍ରମିକ ପ୍ରତିବଦଳରେ ସଂଗ୍ରହ କରି ଉଦ୍ୟୋଗପତିମାନେ ପାଇକାରୀ ବା ଖୁଚୁରା ଗରାଖଙ୍କୁ ଅଧିକ ଲାଭରେ ବିକ୍ରୟ କରୁଥିଲେ। ଏଣୁ ଉଲ୍ ବା ତନ୍ତୁ ପ୍ରସ୍ତୁତି, ସୂତା ତିଆରି, ବସ୍ତ୍ରବୟନ ଏବଂ ବସ୍ତ୍ରରଞ୍ଜନ କ୍ଷେତ୍ରରେ କାର୍ଯ୍ୟ କରୁଥିବା ବ୍ୟକ୍ତି ବା କୁଶଳୀକାରୀଗରମାନେ କେବଳ ସେମାନଙ୍କର ପାରିଶ୍ରମିକ ପ୍ରାପ୍ତ ହେଉଥିଲେ। ବ୍ୟବସାୟର ପ୍ରତ୍ୟେକ ପର୍ଯ୍ୟାୟରେ ଥିବା ସମ୍ଭାବ୍ୟ ଲାଭକ୍ଷତି ଉଦ୍ୟୋଗପତିଙ୍କର ପ୍ରାପ୍ୟ ଥିଲା। ସାଧାରଣତଃ ଉଦ୍ୟୋଗପତି ଏପରି ବ୍ୟବସାୟରୁ ପ୍ରଭୁତ ଲାଭ କରୁଥିଲେ।

ପାରିବାରିକ ଉତ୍ପାଦନ (Family Production) :

ଗ୍ରାମାଞ୍ଚଳ କାର୍ଯ୍ୟକ୍ଷମ ଲୋକମାନେ ଦାରିଦ୍ର ଦୂରୀକରଣ କିମ୍ବା ଖରାପ ଫସଲ ଅମଳ ବର୍ଷରେ ଅନାହାରରେ ନ ରହିବା ପାଇଁ "ସ୍ଥାନଚ୍ୟୁତ ବ୍ୟବସ୍ଥା" (Putting out system) କୁ ଗ୍ରହଣ କରି ନେଇଥିଲେ। ଗୃହ ମଧ୍ୟରେ ବସ୍ତ୍ର ଉତ୍ପାଦନ କରିବାରେ ସମଗ୍ର ପରିବାରର ଯୋଗଦାନ ରହୁଥିଲା। ଏପରିକି ପରିବାରର ସର୍ବ କନିଷ୍ଠ ପିଲାମାନେ ମଧ୍ୟ ଉଲ୍‌କୁ ସଫା କରିବା କାର୍ଯ୍ୟରେ ଅଂଶ ଗ୍ରହଣ କରୁଥିଲେ। ବୟସ୍କ ପିଲାମାନେ ଉଲ୍‌କୁ ପାନିଆରେ ସଜାଡୁଥିଲେ। ଗୃହକର୍ତ୍ରୀ ଏବଂ ଗୃହସ୍ୱାମୀ ସୂତା କାଟୁଥିଲେ କିମ୍ବା ଲୁଗା ବୁଣୁଥିଲେ। ଅଷ୍ଟାଦଶ ଶତାବ୍ଦୀର ଶେଷଭାଗକୁ ଜେନିଙ୍କ ଦ୍ୱାରା ସ୍ପିନିଂଜେନୀ ଉଦ୍ଭାବିତ ହେବା ପୂର୍ବରୁ ସୂତା କାଟିବା ଲୁଗାବୁଣିବାଠାରୁ ମଧ୍ୟ ସମୟସାପେକ୍ଷ ଥିଲା। କାରଣ ଷୋଡ଼ଶ ଶତାବ୍ଦୀର ପ୍ରାରମ୍ଭରେ ଇଂଲଣ୍ଡର ଜନ୍ କେଙ୍କ ଦ୍ୱାରା ଉଡ଼ନ୍ତା-ତାକୁଡ଼ି (Fly–Shuttle) ଉଦ୍ଭାବନ ହେବା ଦ୍ୱାରା ଲୁଗାବୁଣିବାରେ ଯଥେଷ୍ଟ କ୍ଷିପ୍ରତା ଆସିଯାଇଥିଲା।

ସ୍ଥାନଚ୍ୟୁତ ବ୍ୟବସ୍ଥାର ସୁବିଧା (Advantages of Putting-out System) :

ନିଜ ଗୃହ ମଧ୍ୟରେ କାର୍ଯ୍ୟ କରୁଥିବା ବ୍ୟକ୍ତିଙ୍କ ପାଇଁ ସ୍ଥାନଚ୍ୟୁତ ବ୍ୟବସ୍ଥା ଅତିରିକ୍ତ ଆୟର ଏକ ପନ୍ଥା ହେବା ସହ ଏହା ସେମାନଙ୍କୁ ଆହୁରି ଅନେକ ସୁବିଧା ମଧ୍ୟ ଉପଲବ୍ଧ କରାଉଥିଲା। ଏହିପରି କାର୍ଯ୍ୟକରିବା ବ୍ୟବସ୍ଥାରେ ପରିବାରର ସଦସ୍ୟମାନେ ନିଜର ସୁବିଧା ଅନୁସାରେ ତାଙ୍କର କାର୍ଯ୍ୟ ନିର୍ଘଣ୍ଟ ସ୍ଥିର କରୁଥିଲେ। ଚାରାରୋପଣ ଏବଂ ଫସଲ ଅମଳ ସମୟରେ ସେମାନେ ଏପରି କାର୍ଯ୍ୟରୁ ସମ୍ପୂର୍ଣ୍ଣ ବିରତି ମଧ୍ୟ ନେଇ ପାରୁଥିଲେ। ଅବଶ୍ୟ ସେମାନଙ୍କର ଗୃହ ମଧ୍ୟରେ କାର୍ଯ୍ୟ କରିବା ସେମାନଙ୍କୁ କେତେକ ଅସୁବିଧାରେ ମଧ୍ୟ ପକାଉଥିଲା। କାରଣ ଦରିଦ୍ର ଶ୍ରେଣୀର ଏହି ପରିବାରମାନେ ଅତି ନିମ୍ନଶ୍ରେଣୀର କୁଟୀରଗୁଡ଼ିକରେ ବସବାସ କରୁଥିଲେ। ଏଥିରେ ବାୟୁଚଳାଚଳ ବ୍ୟବସ୍ଥା ଅତ୍ୟନ୍ତ ଖରାପ ଥିଲା, ଗୃହଗୁଡ଼ିକ ଜରାଜୀର୍ଣ୍ଣ ତଥା ଏହାର ପରିବେଶ ଅସ୍ୱାସ୍ଥ୍ୟକର ଥିଲା। ଏପରି ସଂକୀର୍ଣ୍ଣ ଗୃହ ମଧ୍ୟରେ ଲୁଗାବୁଣିବା ପାଇଁ ଏକ ବିଶାଳ ତନ୍ତକୁ ବସାଇବା ପରେ ପରିବାର ପାଇଁ ସ୍ୱଚ୍ଛନ୍ଦରେ ଚଳିବା ସ୍ଥାନର ଘୋର ଅଭାବ ଅନୁଭୂତ ହେଉଥିଲା। ମାତ୍ର ଗୃହଠାରୁ ଦୂରରେ ଥିବା ବାଣିଜ୍ୟ ଉତ୍ପାଦନ କେନ୍ଦ୍ରରେ, ସେଠାର ହୃଦୟହୀନ ମାଲିକଙ୍କ ଶକ୍ତ ନିରୀକ୍ଷଣ ଅଧୀନରେ କାର୍ଯ୍ୟ କରିବା ଅପେକ୍ଷା ଗୃହ ମଧ୍ୟସ୍ଥ ଏହି ଅସୁବିଧାଜନକ ସଂକୀର୍ଣ୍ଣ ସ୍ଥାନରେ ସ୍ୱାଧୀନ ରୂପେ କାର୍ଯ୍ୟ କରିବା ପାଇଁ ପରିବାର ସଦସ୍ୟମାନେ ଅଧିକ ସହଜ ମନେ କରୁଥିଲେ। ଏହା ମଧ୍ୟ ବଣିକ-ଉଦ୍ୟୋଗୀମାନଙ୍କ ପାଇଁ ସୁବିଧା ଥିଲା କାରଣ ସେମାନଙ୍କୁ ତନ୍ତ କିମ୍ବା ସ୍ପିନିଂ ଚକ୍ର ପାଇଁ ବିନିବେଶ କରିବାକୁ ପଡୁନଥିଲା। ସାଧାରଣତଃ ଲୁଗାବୁଣା ତନ୍ତ ଏବଂ ସୂତାକଟା ସ୍ପିନିଂ ଚକ୍ର ପରିବାରର ନିଜସ୍ୱ ସମ୍ପତ୍ତି ଥିଲା। ଶାସକମାନେ ମଧ୍ୟ ଏହି ବ୍ୟବସ୍ଥାକୁ ସ୍ୱୀକୃତି ପ୍ରଦାନ କରିଥିଲେ। କାରଣ ଏହା ଗ୍ରାମାଞ୍ଚଳରେ ଦାରିଦ୍ର୍ୟତା ଦୂର କରିବାର ଏକ ପ୍ରମୁଖ ସାଧନ ଥିଲା। ଫ୍ରାନ୍ସ ୧୭୬୨ ଖ୍ରୀ:ଅ:ରେ ସହରୀ ଉତ୍ପାଦନକାରୀଙ୍କର ପରମ୍ପରାଗତ ଅଗ୍ରାଧିକାରକୁ ବିଲୋପ କରିଦେଇଥିଲା। ଏହା ଦୀର୍ଘକାଳରୁ ଅର୍ଥନୈତିକ ଆବଶ୍ୟକତାରୁ ପ୍ରତିଷ୍ଠିତ ହୋଇଥିବା କୁଟୀରଶିଳ୍ପ

ବ୍ୟବସ୍ଥାକୁ ଆଇନ ସମ୍ମତ ରୂପେ ସ୍ୱୀକୃତି ପ୍ରଦାନ କରିଥିଲା । ଏହି ସମୟକାଳକୁ ସ୍ଥାନଚ୍ୟୁତ ବ୍ୟବସ୍ଥା ବାଣିଜ୍ୟର ପ୍ରଚଳନ ଉତ୍ତର ଫ୍ରାନ୍ସ ବ୍ୟତୀତ ପୂର୍ବ ତଥା ଉତ୍ତର ଇଂଲଣ୍ଡ, ଡଚ୍ ଭାଷାଭାଷୀ ବେଲଜିୟମ (Flanders) ଏବଂ ଉତ୍ତର ଜର୍ମାନୀର ଅଧିକାଂଶ ଅଞ୍ଚଳରେ ବ୍ୟାପକ ରୂପେ ପ୍ରଚଳିତ ହୋଇସାରିଥିଲା । ଏହି ସମସ୍ତ ସ୍ଥାନରେ କୃଷି ଓ କୁଟୀରଶିଳ୍ପ ଉତ୍ପାଦନର ମିଶ୍ର ଅର୍ଥନୀତି କାର୍ଯ୍ୟ କରୁଥିଲା । ଏଠାରେ ଉଦ୍ୟୋଗପତି ଓ କୁଟୀରଶିଳ୍ପ ଉତ୍ପାଦକ ରୂପେ ନିଯୁକ୍ତ ଅଧିବାସୀମାନେ ମିଶ୍ର ଅର୍ଥନୀତିର କାର୍ଯ୍ୟକାରିତା ବିଷୟରେ ଉତ୍ତମ ରୂପେ ଅବଗତ ଥିଲେ ।

ପାରିବାରିକ ବ୍ୟବସ୍ଥା ଅଧିନସ୍ଥ ଗୁଣାତ୍ମକ ଜୀବନଚର୍ଯ୍ୟା (Quality Life under the family system) :

ପରବର୍ତ୍ତି ବଂଶଧରମାନେ ଅତୀତକୁ ଆବେଗପୂର୍ଣ୍ଣ ରୂପେ ସ୍ମରଣ କରି ଶିଳ୍ପାୟନ ବ୍ୟବସ୍ଥା ଅପେକ୍ଷା ସ୍ଥାନଚ୍ୟୁତ ବ୍ୟବସ୍ଥା (Putting out system) ବାଣିଜ୍ୟର ଉତ୍ପାଦନକୁ ଅପେକ୍ଷାକୃତ ରୂପେ ଶ୍ରେଷ୍ଠତର ମନେକରନ୍ତି । ଅବଶ୍ୟ "ପରିବାର ଅର୍ଥନୀତି" ପାଇଁ ଏହି ବ୍ୟବସ୍ଥା ମଧ୍ୟସ୍ଥ ଜୀବନଯାପନ କଠିନ ଥିଲା । ପରିବାର ମଧ୍ୟସ୍ଥ କାରିଗରମାନେ ନିଜସ୍ୱ ସୁବିଧା ଅନୁଯାୟୀ କାର୍ଯ୍ୟ କରିବାକୁ ସ୍ୱାଧୀନ ଥିଲେ । କିନ୍ତୁ ବେଳେବେଳେ ଅନୁଭୂତି ହୀନ ଉଦ୍ୟୋଗପତିମାନଙ୍କ ଭ୍ରମାତ୍ମକ ବଜାର ଚାହିଦା ଆକଳନ ଯୋଗୁ ସେମାନଙ୍କୁ ଅଧିକ କାର୍ଯ୍ୟଚାପ ପ୍ରଦାନ କରାଯାଉଥିବା ବେଳେ, ପରବର୍ତ୍ତୀ କାଳରେ ବଜାର ଚାହିଦାର ହ୍ରାସଯୋଗୁ ଉତ୍ପାଦକ ପରିବାର କାର୍ଯ୍ୟଶୂନ୍ୟ ହୋଇଯାଉଥିଲେ । ଯଦିଓ ସ୍ଥାନଚ୍ୟୁତ ଉତ୍ପାଦନ ବ୍ୟବସ୍ଥା ପରିବାରକୁ ଅଧିକାଂଶ ସମୟରେ ଅନାହାରରୁ ରକ୍ଷା କରିପାରୁଥିଲା, କିନ୍ତୁ ଏହି କାର୍ଯ୍ୟ ସର୍ବଦା ବିରକ୍ତିକର ରୂପେ ଚିରାଚରିତ ଏକାପ୍ରକାର ଏବଂ କଠିନ ଥିଲା । ବିଶେଷ କରି ପରିବାରର ମହିଳା ସଦସ୍ୟମାନେ ସେମାନଙ୍କ ଦୈନନ୍ଦିନ ରୋଷାଇ, ଲୁଗାଧୋଇବା ଏବଂ ଗାଈଦୁହିଁବା ଆଦି କାର୍ଯ୍ୟ ସହ ଲୁଗାବୁଣିବା କାର୍ଯ୍ୟ ମଧ୍ୟ କରିବାକୁ ବାଧ୍ୟ ଥିଲେ ।

ଅନ୍ୟାନ୍ୟ ଗ୍ରାମ୍ୟ ଉତ୍ପାଦନ କାର୍ଯ୍ୟକ୍ରମ (Other Rural Manufacturing Activity) :

ଗ୍ରାମଗୁଡ଼ିକରେ ବସ୍ତ୍ରବୟନ ସହ ଧାତୁକାର୍ଯ୍ୟ, ଘଣ୍ଟା ଉତ୍ପାଦନ ଏବଂ ଖେଳନା ତିଆରି ଆଦି ଗ୍ରାମ୍ୟୋଦ୍ୟଗମାନ ମଧ୍ୟ ପରିଚାଳିତ ହେଉଥିଲା । ଉଦାହରଣ ସ୍ୱରୂପ ଫ୍ରାନ୍ସରେ ଧାତୁ ଉତ୍ପାଦନ କାର୍ଯ୍ୟ ଉଭୟ ସହର ଏବଂ ଗ୍ରାମାଞ୍ଚଳରେ ସମାନ ରୂପେ ହେଉଥିଲା । ଗ୍ରାମାଞ୍ଚଳରେ କ୍ଷୁଦ୍ର ତଥା ସ୍ୱାଧୀନ ରୂପେ କାର୍ଯ୍ୟକ୍ଷମ କାର୍ଯ୍ୟଶାଳାରେ ବିସ୍ଥାପିତ ଶ୍ରମିକଙ୍କ ଦ୍ୱାରା ବିଭିନ୍ନ ଧାତୁ କାର୍ଯ୍ୟମାନ ସମ୍ପାଦିତ ହେଉଥିଲା । ଜର୍ମାନୀର ବିଭିନ୍ନ ଅଞ୍ଚଳରେ ଅନିୟନ୍ତ୍ରିତ ରୂପେ କୁଟୀରଶିଳ୍ପ ଉତ୍ପାଦନ କେନ୍ଦ୍ରମାନ ଗଢ଼ି ଉଠିଥିଲା, ଯଥା : ବ୍ଲାକ୍ ଫରେଷ୍ଟରେ ଘଣ୍ଟା ନିର୍ମାଣ ଏବଂ ଥୁରିଙ୍ଗିଆରେ ଖେଳନା ଉତ୍ପାଦନ କେନ୍ଦ୍ରମାନ କାର୍ଯ୍ୟ କରୁଥିଲା । ଇଂଲଣ୍ଡରେ ୧୫୫୦ ଖ୍ରୀ:ଅ:ରେ ମାତ୍ର ୨,୦୦,୦୦୦ ଟନ୍ କୋଇଲା ଉତ୍ପାଦନ ହେଉଥିବା ବେଳେ, ସପ୍ତଦଶ ଶତାବ୍ଦୀର ଶେଷବେଳକୁ ତାହା ୩ ମିଲିଅନ୍ ଟନ୍‌କୁ ଅତିକ୍ରମ କରିଯାଇଥିଲା । ଏହି ସମୟକାଳ ମଧ୍ୟରେ ଗ୍ରାମୋଦ୍ୟୋଗର ଅନ୍ୟ ଏକ ଅତ୍ୟାବଶ୍ୟକୀୟ ଧାତୁ ଲୌହର ଉତ୍ପାଦନ ପାଞ୍ଚଗୁଣା ବୃଦ୍ଧି ପାଇଥିଲା ।

ଶିଳ୍ପ ଅଭିବୃଦ୍ଧିର ପ୍ରଭାବ
(Impact of Industrial Growth)

ଅବିକଶିତ ପରିବହନ ବ୍ୟବସ୍ଥା (Rudimentary Transportation System) :

ୟୁରୋପର ପ୍ରାରମ୍ଭିକ ଆଧୁନିକ ଯୁଗରେ ଗ୍ରାମାଞ୍ଚଳ ଶିଳ୍ପର ବିକାଶ ଘଟିଥିଲେ ମଧ୍ୟ ସେହି ସମଗ୍ର ସମୟ କାଳରେ ପରିବହନ ବ୍ୟବସ୍ଥା ଅତ୍ୟନ୍ତ ଅବିକଶିତ ଅବସ୍ଥାରେ ଥିଲା । ଅଳ୍ପ କେତେକ ସଡ଼କକୁ ଛାଡ଼ିଦେଲେ ଅଧିକାଂଶ ସଡ଼କ କେବଳ ମାତ୍ର ଅସ୍ପଷ୍ଟ ରୂପେ ଚିହ୍ନିତ ମାଟି ରାସ୍ତା ଥିଲା । ଏଗୁଡ଼ିକ ଖାତ ଖମାରେ ପୂର୍ଣ୍ଣ ଥିଲା । ବେଳେବେଳେ ଏପରି ରାସ୍ତାରେ ୪ ଫୁଟରୁ ଅଧିକ ଗର୍ତ୍ତମାନ ପରିଦୃଶ୍ୟ ହେଉଥିଲା । ବର୍ଷାଦିନେ ଏହାର ଗଭୀର କର୍ଦ୍ଦମରେ ଘୋଡ଼ାଗାଡ଼ି ଏବଂ



(ପ୍ରାରମ୍ଭିକ ଆଧୁନିକ ପାଶ୍ଚାତ୍ୟ ଦେଶରେ ଶିଳ୍ପ ବିପ୍ଳବ, ଖ୍ରୀଷ୍ଟୀୟ ଷୋଡ଼ଶ–ସପ୍ତଦଶ ଶତାବ୍ଦୀ)

ଶକଟମାନ ଅଚଳ ହୋଇ ଦିନ ଦିନ ଧରି ଅଟକି ଯାଉଥିଲା । ସୁଗମ୍ୟ ଥିବା ସଡ଼କଗୁଡ଼ିକ ମଧ୍ୟରୁ ପ୍ୟାରିସ୍‌ରୁ ଫ୍ରାନ୍ସର ମୁଖ୍ୟ ନଦୀ ବନ୍ଦର ଓର୍ଲିଅନ୍‌କୁ ସଂଯୋଗ କରୁଥିବା ମାର୍ଗଟି ଅନ୍ୟତମ ଥିଲା । ମାତ୍ର ଏହା ଏକ ଉଲ୍ଲେଖନୀୟ ବ୍ୟତିକ୍ରମ ଥିଲା । ସାଧାରଣତଃ ଜଣେ ଅଶ୍ୱାରୋହଣ କରି ଅତି ବେଶୀରେ ଘଣ୍ଟାକୁ ୧୨ ମାଇଲରୁ ଅଧିକ ପଥ ଅତିକ୍ରାନ୍ତ କରିପାରୁ ନଥିଲେ । ଏହା ମଧ୍ୟ ସମ୍ଭବ ହୋଇ ପାରୁଥିଲା ଯଦି ପ୍ରତିଥର ଯାତ୍ରାରମ୍ଭ ପାଇଁ ଅଶ୍ୱାରୋହୀଙ୍କୁ ସଦ୍ୟ ପ୍ରସ୍ତୁତ ଅଶ୍ୱ ଯୋଗାଇ ଦିଆଯାଇପାରୁଥିଲା । ଏହି ଉତ୍ତମ ରାସ୍ତାରେ ଅନୁକୂଳ ପାଗ ଥିଲେ ୨୪ ଘଣ୍ଟାରେ ଅତିବେଶୀରେ ମାତ୍ର ୬୦ ମାଇଲ ଅତିକ୍ରମ କରାଯାଇପାରୁଥିଲା । ଘୋଡ଼ାଗାଡ଼ିରେ ପ୍ୟାରିସ୍‌ଠାରୁ ଲାୟୋନ୍‌କୁ ଯାଇଥିବା ୨୫୦ ମାଇଲ ରାସ୍ତାକୁ ଅତିକ୍ରମ କରିବା ପାଇଁ ୧୦ ଦିନ ସମୟ ଲାଗୁଥିଲା । ନଷ୍ଟଶୀଳ ପଣ୍ୟଗୁଡ଼ିକର ପରିବହନ ପାଇଁ ବଣିକମାନଙ୍କୁ ବହୁ ଆଶଙ୍କାର ସମ୍ମୁଖୀନ ହେବାକୁ ପଡୁଥିଲା । ଭଙ୍ଗୁର (Breakable) ପଣ୍ୟଗୁଡ଼ିକ ୧୫ ମାଇଲରୁ ଅଧିକ ପଥ ସୁରକ୍ଷିତ ରୂପେ ଅତିକ୍ରମ କରିପାରୁ ନଥିଲା । ନୌକାସାହାଯ୍ୟରେ ସମୁଦ୍ର ଉପକୂଳ ଦେଇ ପଣ୍ୟଗୁଡ଼ିକୁ ପରିବହନ କରିବା ସ୍ଥଳପଥ ପରିବହନଠାରୁ ଅଧିକ ନିର୍ଭରଯୋଗ୍ୟ ଥିଲା । ଭାରୀ ଦ୍ରବ୍ୟ ପରିବହନ ପାଇଁ ସଡ଼କ ପଥ ଏପରି ଅଗମ୍ୟ ଥିଲା ଯେ "ଇଂରେଜ ବଣିକମାନେ ହିସାବ କରି ଦେଖିଥିଲେ ଯେ ଜଳପଥରେ ୩୦୦ ମାଇଲ ଦୂରକୁ କୋଇଲା ପରିବହନ କରିବା ସ୍ଥଳପଥରେ ୧୫ ମାଇଲ ଦୂରକୁ କୋଇଲା ପରିବହନଠାରୁ ଶସ୍ତା ଥିଲା" । ପ୍ୟାରିସ୍‌ର ଦକ୍ଷିଣପୂର୍ବରେ ଥିବା ନଦୀବନ୍ଦର ଅଉକ୍ସେରୀ (Auxerre) ଠାରୁ ୧୬୮୬ ଖ୍ରୀ:ଅ:ରେ ଲୁଇସ୍-ଚର୍ତୁଦଶଙ୍କର ଏକ କାଂସ୍ୟ ପ୍ରତିମୂର୍ତ୍ତି ସ୍ଥଳ ପଥରେ ଡିଜୋନ୍ (Dijon) ସହରକୁ ପ୍ରେରଣ କରାଯାଇଥିଲା । ଯେଉଁ ଶକଟରେ ଏହି ମୂର୍ତ୍ତିକୁ ପ୍ରେରଣ କରାଯାଉଥିଲା ତାହା ଅତିଶୀଘ୍ର କର୍ଦ୍ଦମ ପଥରେ ଅଚଳ ହୋଇଗଲା । ଏଣୁ ରାଜାଙ୍କ ମୂର୍ତ୍ତିକୁ ଏକ ପଥପାର୍ଶ୍ୱ ଆଶ୍ରୟସ୍ଥଳରେ ଦୀର୍ଘ ୨୧ ବର୍ଷ ଧରି ପରିତ୍ୟକ୍ତ ଅବସ୍ଥାରେ ଛାଡ଼ିଦିଆଯାଇଥିଲା । ଏହି ସମୟ କାଳ ମଧ୍ୟରେ ସଡ଼କର ଉନ୍ନତିକରଣ କରାଯିବାପରେ ମୂର୍ତ୍ତିର ବିଳମ୍ବିତ ଯାତ୍ରା ଡିଜୋନ୍ ଅଭିମୁଖେ ୨୧ ବର୍ଷ ପରେ ସମ୍ଭବ ହୋଇ ପାରିଥିଲା ।

ପରିବହନ ବ୍ୟବସ୍ଥାର ଉନ୍ନତି କରଣ (Improvement in Transportation)

ଅଷ୍ଟାଦଶ ଶତାବ୍ଦୀରେ ପରିବହନ ବ୍ୟବସ୍ଥାର କ୍ରମୋନ୍ନତି ହୋଇଥିଲା । ଫ୍ରାନ୍ସରେ ପ୍ରଥମେ ୧୭୪୭ ଖ୍ରୀ:ଅ:ରେ ରାସ୍ତା ଓ ସେତୁବାହିନୀ (Road and Bridge Corps) ପ୍ରତିଷ୍ଠିତ ହୋଇ ସାଧାରଣ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ (Civil Engineer) ମାନଙ୍କୁ ନିଯୁକ୍ତି ପ୍ରଦାନ କରାଗଲା । ସେମାନଙ୍କ ପାଇଁ ଏକ ପୃଥକ ପ୍ରଶିକ୍ଷଣ ବିଦ୍ୟାଳୟ ସ୍ଥାପନ କରାଗଲା । ୧୭୭୭ ଖ୍ରୀ:ଅ:ରେ ଏକ କେନାଲର ଶୃଙ୍ଖଳାର ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇ ପରିଶେଷରେ ଇଂଲିଶ ପ୍ରଣାଳୀକୁ ଭୂମଧ୍ୟ ସାଗର ସହ ସଂଯୋଗ କରାଯାଇଥିଲା । ଅଷ୍ଟାଦଶ ଶତାବ୍ଦୀର ଶେଷ ବେଳକୁ ଫ୍ରାନ୍ସ ସଡ଼କ ନିର୍ମାଣରେ ବାର୍ଷିକ ସାତମିଲିୟନ୍ "ଲଭ୍ରେ" (Livres) ବା ପ୍ରାଚୀନ ଫରାସୀମୁଦ୍ରା ବ୍ୟୟ କରୁଥିଲା । କେନାଲ ନିର୍ମାଣ ପାଇଁ ଦୃଢ଼ତାର ସହ ଉଦ୍ୟମ କରୁଥିବା ବିଜ୍‌ୱାଟରର ଡ୍ୟୁକ୍‌ଙ୍କ ନେତୃତ୍ୱରେ ବ୍ୟକ୍ତିଗତ ବିନିଯୋଗକାରୀମାନେ ବିଭିନ୍ନ ପ୍ରଦେଶିକ ସହରଗୁଡ଼ିକୁ ପରସ୍ପର ତଥା ଲଣ୍ଡନ ସହ ସଂଯୋଗ କରି ଇଂଲଣ୍ଡରେ ଏକ ଜଳପଥର ଜାଲ ବିଛାଇ ଥିଲେ । ସଡ଼କଗୁଡ଼ିକର ଉନ୍ନତି ହେବା ଫଳରେ ସର୍ବସାଧାରଣ ଜନତାଙ୍କ ପରିବହନ ପାଇଁ "ମନୁଷ୍ୟ ପରିବହନ ଯାନମାନ" (Passanger Carriers) ପ୍ରଚଳନ କରାଗଲା । ପ୍ରଥମେ ପ୍ରଥମେ ଏହି ଯାନଗୁଡ଼କର ମାତ୍ରାଧିକ ବେଗ ଏବଂ ବେପରବାୟ ଚାଳନା ଅନ୍ୟ ପଥଚାରୀମାନଙ୍କୁ ଆତଙ୍କିତ କରିଥିଲା; ଯେପରିକି ପ୍ରାରମ୍ଭିକ ବିଂଶଶତାବ୍ଦୀର ମୋଟରଯାନ ଚଳାଚଳ ଯୋଗୁ ଘଟିଥିଲା ।

ସହରୀ ଉତ୍ପାଦନ କେନ୍ଦ୍ର (Urban Manufacturing Centres)

ପ୍ରାରମ୍ଭିକ ଆଧୁନିକ ଯୁଗରେ ପରିବହନ ବ୍ୟବସ୍ଥାର ଅବ୍ୟବସ୍ଥା ସତ୍ତ୍ୱେ ୟୁରୋପରେ ଶିଳ୍ପର ବିକାଶ ହୋଇ ଚାଲିଥିଲା । ଗ୍ରାମାଞ୍ଚଳର ସ୍ଥାନଚ୍ୟୁତ ଉତ୍ପାଦନ ବ୍ୟବସ୍ଥା ସହରାଞ୍ଚଳର ଗୁରୁତ୍ୱପୂର୍ଣ୍ଣ ଉତ୍ପାଦନ କେନ୍ଦ୍ରଗୁଡ଼ିକର ବିକାଶକୁ ପ୍ରତିହତ କରିପାରି

ନଥିଲା। ଉତ୍ତର ଫ୍ରାନ୍ସର ଆମିଏନସ୍, ଲିଲେ ଓ ରେଇମସ୍ ପରି ନଗରଗୁଡ଼ିକରେ ଥିବା କପଡ଼ା ବ୍ୟବସାୟରେ ନିୟୁତାଧିକ ନରନାରୀ ନିଯୁକ୍ତ ଥିଲେ। ସେମାନେ ଏହି ସହରଗୁଡ଼ିକରେ ବସବାସ କରିବା ସହ ବିଭିନ୍ନ କପଡ଼ା କାରଖାନାରେ କାର୍ଯ୍ୟରତ ଥିଲେ। ଫ୍ରାନ୍ସର ପ୍ରୋଟେଷ୍ଟାଣ୍ଟମାନଙ୍କ ବର୍ଲିନ ଆଗମନରୁ ଫାଇଦା ଉଠାଇବା ପାଇଁ ଅଷ୍ଟାଦଶ ଶତାବ୍ଦୀର ପ୍ରୁସିଆ ଶାସକ ବର୍ଲିନକୁ ଏକ ସିଲ୍କ ବସ୍ତ୍ର ଉତ୍ପାଦନ ଶିଳ୍ପ କେନ୍ଦ୍ରରେ ବିକଶିତ କରିବା ପାଇଁ ନିଜର ନୀତି ପ୍ରସ୍ତୁତ କରିଥିଲେ। ସହରଗୁଡ଼ିକରେ ମଧ୍ୟ କ୍ଷୁଦ୍ର କ୍ଷୁଦ୍ର କାର୍ଯ୍ୟଶାଳାରେ ୫ରୁ ୨୫ ଜଣ କରି ଅନ୍ୟ ଶିଳ୍ପର କାରିଗରମାନେ ଜଣେ ମାଲିକଙ୍କ ନିରୀକ୍ଷଣ ଅଧୀନରେ ନିଜ ନିର୍ଦ୍ଦିଷ୍ଟ ପେଷାର କାର୍ଯ୍ୟ ସମ୍ପାଦନ କରୁଥିଲେ। ଉତ୍ପାଦନ କାର୍ଯ୍ୟ ଗୃହ ଏବଂ କାର୍ଯ୍ୟଶାଳାରେ ସମ୍ପାଦିତ ହେଉଥିଲେ ମଧ୍ୟ ୧୭୦୦ ଖ୍ରୀ:ଅ: ବେଳକୁ ଏହା ବହୁ ସଂଖ୍ୟାରେ ପହଞ୍ଚି ସାମୁହିକ ରୂପେ ଗୋଟିଏ ଗୋଟିଏ ଜିଲ୍ଲାକୁ କବଳିତ କରି ପକାଇଥିଲା। ବୟନ ଶିଳ୍ପର ସ୍ୱତନ୍ତ୍ର ଜିଲ୍ଲାମାନ ପ୍ରତିଷ୍ଠିତ ହୋଇଥିଲା। ଏହା ସହ ମଦ୍ୟପ୍ରସ୍ତୁତି, ସାବୁନ ତିଆରି, ମହମବତୀ ତିଆରି, ଚମଡ଼ା ଟାନିଙ୍ଗ୍ କରିବା ଏବଂ କପଡ଼ାକୁ ବ୍ଲିଚିଙ୍ଗ୍ ଏବଂ ରଙ୍ଗାଇବା ପାଇଁ ମଧ୍ୟ ଶିଳ୍ପ ଜିଲ୍ଲାମାନ ଥିଲା। ଏହି ସମସ୍ତ ଶିଳ୍ପଗୁଡ଼ିକ ହଜାର ହଜାର ନରନାରୀଙ୍କୁ ସହର ଗୁଡ଼ିକରେ ଜୀବିକା ଯୋଗାଇ ଦେଇଥିଲା। ଏଣୁ ଏକା ବୃତ୍ତି ଏବଂ ଉତ୍ପାଦନର ଶ୍ରମିକମାନେ ବଡ଼ ବଡ଼ ଗୋଷ୍ଠୀରେ ବିଭିନ୍ନ ସହରଗୁଡ଼ିକରେ ବସତି ସ୍ଥାପନ ପୂର୍ବକ ବସବାସ କରିବାକୁ ଲାଗିଥିଲେ।

ପରିବର୍ତ୍ତିତ ଯନ୍ତ୍ର ଓ ପ୍ରଯୁକ୍ତି ବିଦ୍ୟାର ପ୍ରଭାବ (Response to Changing Machinery and Technique)

କେତେକ ହସ୍ତଶିଳ୍ପର ନିର୍ମାଣ କୌଶଳର ଶତାବ୍ଦୀ ଶତାବ୍ଦୀ ଧରି କୌଣସି ପରିବର୍ତ୍ତନ ଲକ୍ଷ୍ୟ କରାଯାଇ ନଥିଲା। ମାତ୍ର ଅନ୍ୟ କେତେକ କ୍ଷେତ୍ରରେ କାର୍ଯ୍ୟ ଶୈଳୀ ତଥା ଉତ୍ପାଦନର ଗୁଣବତ୍ତାରେ ନୂତନ ନିର୍ମାଣ କୌଶଳ ଉଦ୍ଭାବନ ଯୋଗୁ ଉଲ୍ଲେଖନୀୟ ପରିବର୍ତ୍ତନ ଘଟିଥିଲା। ସପ୍ତଦଶ ଶତାବ୍ଦୀରେ ୟୁରୋପର ଜାହାଜ ନିର୍ମାଣ କାର୍ଯ୍ୟଶାଳା ଏବଂ ଅନ୍ୟ ଅନେକ କ୍ଷେତ୍ରରେ ଶକ୍ତି ଚାଳିତ କରତର ବ୍ୟବହାର ଆରମ୍ଭ ହୋଇଯାଇଥିଲା। ଛାପାବସ୍ତ୍ର (Calico printing) ପ୍ରସ୍ତୁତି କୌଶଳ ଏବଂ ସିଧାସଳଖ ରୂପେ ବସ୍ତ୍ର ଉପରେ ରଙ୍ଗର ନକ୍ସା ଅଙ୍କନ କରିବା କୌଶଳ ୟୁରୋପୀୟମାନେ ସୁଦୂର ପ୍ରାଚ୍ୟରୁ ଆମଦାନୀ କରିଥିଲେ। ହଲାଣ୍ଡରେ ପ୍ରଥମେ ନୂତନ ଏବଂ କାର୍ଯ୍ୟଦକ୍ଷ ଛାପାଖାନାମାନ ପ୍ରତିଷ୍ଠା କରାଯାଇଥିଲା। ଏହାପରେ ଅନ୍ୟ ୟୁରୋପୀୟ ଦେଶଗୁଡ଼ିକରେ ଛାପାଖାନାମାନ ପ୍ରଚଳିତ ହୋଇଥିଲା। ଡଚ୍‌ମାନେ ପ୍ରଥମେ "କାମେଲ" (Camel) ନାମକ ଏକ ଯନ୍ତ୍ରର ଉଦ୍ଭାବନ କଲେ, ଯାହାଦ୍ୱାରା ଜଳ ମଧ୍ୟରେ ଥାଇ ଜାହାଜର ତଳପଟକୁ ଉପରକୁ ଉଠାଇ ହେଲା। ଫଳରେ ଜାହାଜ ମରାମତି କାର୍ଯ୍ୟ ଅଧିକ ସରଳ ହୋଇଯାଇଥିଲା।

ନୂତନ ଯନ୍ତ୍ର ଓ ପ୍ରଯୁକ୍ତିବିଦ୍ୟାର କୁପରିଣାମ (Adverse Effect of New Machinary and Technologies) :

ପ୍ରାରମ୍ଭିକ ଆଧୁନିକ ଯୁଗର କାରିଗରମାନେ ନୂତନ ରୂପେ ଉଦ୍ଭାବିତ ଯନ୍ତ୍ରପାତି ଏବଂ ପ୍ରଯୁକ୍ତି ବିଦ୍ୟାକୁ ସହଜରେ ଗ୍ରହଣ କରି ପାରିନଥିଲେ। ଶକ୍ତିଚାଳିତ କରତ ଏକାକାଳୀନ ଅନେକ ଶ୍ରମିକଙ୍କର କାର୍ଯ୍ୟ କରିବା ଦ୍ୱାରା ଅନେକ ଶ୍ରମବଳର ସଞ୍ଚୟ ହେବା ଯୋଗୁ ବହୁ ଶ୍ରମିକ କାର୍ଯ୍ୟପ୍ରାପ୍ତିରୁ ବଞ୍ଚିତ ହେଲେ। ବିଶେଷ କରି ବଣିକ ସଂଘ ମାଧ୍ୟମରେ ସଂଗଠିତ ହୋଇଥିବା କୁଶଳୀ କାରିଗରମାନେ ସ୍ୱାଭାବତଃ ରକ୍ଷଣଶୀଳ ଥିଲେ। ଏମାନେ ନିଜର ସୀମିତ ଅଧିକାର ଏବଂ କୌଳିକ ବୃତ୍ତିର ଗୋପୀୟତାକୁ ରକ୍ଷା କରିବା ପାଇଁ ଉଦ୍‌ବେଗତା ପ୍ରକାଶ କରିଥିଲେ। ଅନେକ ସମୟରେ ବେକାର ସମସ୍ୟା ବୃଦ୍ଧିର ସମ୍ଭାବନାକୁ ପ୍ରତିହତ କରିବା ପାଇଁ ରାଷ୍ଟ୍ର ଯାନ୍ତ୍ରିକ କୌଶଳର ବହୁଳ ପ୍ରଚଳନକୁ ବିରୋଧ କରୁଥିଲା। ଉଦାହରଣ ସ୍ୱରୂପ ହଲାଣ୍ଡ ଏବଂ କେତେକ ଜର୍ମାନ ରାଜ୍ୟରେ ରିବନ ବୟନ ତନ୍ତ (Ribbon Loom)କୁ "ସଇତାନୀୟ ଉଦ୍ଭାବନ" (Devilish invention) ରୂପେ ନିଷେଧ କରାଯାଇଥିଲା। କାରଣ ଏହି ଯାନ୍ତ୍ରିକ ତନ୍ତରେ ଏକାଥରକେ ୧୬ କିମ୍ବା ତଦୁର୍ଦ୍ଧ୍ୱ

ରିବନ ପ୍ରସ୍ତୁତ ହୋଇପାରୁଥିଲା । କେତେକ ସମୟରେ କ୍ଷମତାଶାଳୀ ବାଣିଜ୍ୟିକ ସ୍ୱାର୍ଥନିହିତ ଗୋଷ୍ଠୀର ଜୀବିକାକୁ ସୁରକ୍ଷା ପ୍ରଦାନ କରିବା ଉଦ୍ଦେଶ୍ୟରେ ରାଷ୍ଟ୍ର ଦ୍ୱାରା ନୂତନ ପ୍ରଯୁକ୍ତି ବିଦ୍ୟାର ବିସ୍ତାରକୁ ସୀମିତ କରାଯାଉଥିଲା । ଉଦାହରଣ ସ୍ୱରୂପ ଉଭୟ କୁଟୀରଶିଳ୍ପ ବସ୍ତ୍ର ଉତ୍ପାଦନକାରୀ ଏବଂ ଭାରତୀୟ ବସ୍ତ୍ର ଆମଦାନୀକାରୀମାନଙ୍କ ପକ୍ଷରୁ କିଛି କାଳ ପାଇଁ ଫ୍ରାନ୍ସ ଓ ଇଂଲଣ୍ଡ ଉଭୟ ଦେଶରେ ଛାପାବସ୍ତ୍ରକୁ ବେଆଇନ ଘୋଷଣା କରାଯାଇଥିଲା । ପ୍ୟାରିସ୍ ଓ ଲୟୋନ୍ସ୍ ତଥା ଜର୍ମାନୀର ଅନେକ ରାଜ୍ୟରେ ବିଦେଶରେ ଉତ୍ପାଦନ କରାଯାଇଥିବା କାରଣରୁ ନୀଳ (ଇଣ୍ଡିଗୋ) ରଙ୍ଗକୁ ସେହି ସମସ୍ତ ରାଷ୍ଟ୍ରରେ ନିଷେଧ କରାଯାଇଥିଲା । ଉତ୍ପାଦନ ପ୍ରକ୍ରୀୟାରେ ପରିବର୍ତ୍ତନ, ଯଥା : କୃଷି ପ୍ରଣାଳୀରେ ପରିବର୍ତ୍ତନ ଯଦିଓ କୃଷି ଉଦ୍ୟୋଗୀଙ୍କ ପାଇଁ ଲାଭପ୍ରଦ ଥିଲା, କିନ୍ତୁ ତାହା କୃଷିଶ୍ରମିକ ଏବଂ ସେମାନଙ୍କର ପରିବାରର ଜୀବିକା ପାଇଁ ବିପଦ ସୃଷ୍ଟି କରୁଥିଲା । ପୁଞ୍ଜିବାଦ ଏବଂ ବାଣିଜ୍ୟିକ ବିପ୍ଳବ ଦ୍ୱାରା ଉତ୍ପନ୍ନ ବିଶୃଙ୍ଖଳାକୁ ସମ୍ମୁଖୀନ ହେବା ପରେ ପ୍ରାରମ୍ଭିକ ଆଧୁନିକ ଯୁଗର ୟୁରୋପୀୟମାନେ ଶିଳ୍ପ ଅଭିବୃଦ୍ଧି ଯୋଗୁ କଠିନ ହେଲେ ମଧ୍ୟ ସର୍ବନିମ୍ନ ରୂପେ ଏକ ପ୍ରତ୍ୟାଶିତ ଜୀବନଶୈଳୀକୁ ଆଦରି ନେଇଥିଲେ ।

ଆଦର୍ଶ ପ୍ରଶ୍ନାବଳୀ

୧ । ୟୁରୋପର ପ୍ରାରମ୍ଭିକ, ବାଣିଜ୍ୟିକ ବିପ୍ଳବର କାରଣମାନ ବର୍ଣ୍ଣନା କର ।

୨ । ବାଣିଜ୍ୟ ବିପ୍ଳବର ସ୍ୱଭାବ ଏବଂ ଅପକାରମାନ ଆଲୋଚନା କର ।

୩ । ବାଣିଜ୍ୟ ବିପ୍ଳବରେ ରାଷ୍ଟ୍ରର ଭୂମିକା ଆଲୋଚନା କର ।

୪ । ୟୁରୋପର ପ୍ରାରମ୍ଭିକ ଶିଳ୍ପ ଅଭିବୃଦ୍ଧି ଉପରେ ଆଲୋକପାତ କର ।

୫ । ଶିଳ୍ପ ଅଭିବୃଦ୍ଧିର ପ୍ରଭାବ ବିଷୟରେ ବର୍ଣ୍ଣନା କର ।

❑•❑

ପରିଶିଷ୍ଟ

[APPENDIX]

ମାନଚିତ୍ର ଓ ଚିତ୍ରାବଳୀ ସୂଚୀ

ଉପକ୍ରମଣିକା

୧- ଇଉରୋପ, ୧୫୬୦ ଖ୍ରୀ:ଅ:

ଚତୁର୍ଥ ଅଧ୍ୟାୟ

ସମୁଦ୍ର ଯାତ୍ରା ଏବଂ ଭୌଗୋଳିକ ଅଭିଯାତ୍ରା

୧- ପଞ୍ଚଦଶ ଏବଂ ଷୋଡ଼ଶ ଶତାବ୍ଦୀର ଦରିଆପାରି ଅଭିଯାତ୍ରା

ପଞ୍ଚମ ଅଧ୍ୟାୟ

ଆମେରିକା ବିଜୟ

୧- ଇଉରୋପୀୟ ଦିଗ୍‌ବିଜୟ ସମୟକାଳର ଆମେରିକୀୟ ଦେଶ ସମୂହ

ସପ୍ତମ ଅଧ୍ୟାୟ

ନବଜାଗରଣ

୧- ନବଜାଗରଣ ସମୟର ଇଟାଲୀୟ ରାଜ୍ୟ ସମୂହ, ୧୪୯୪ ଖ୍ରୀ:ଅ:
୨- ଦାନ୍ତେ
୩- ପେଟ୍ରାର୍ଚ୍ଚ
୪- ବୋକାସିଓ
୫- ଜନ୍ ଗୁଟେନ୍‌ବର୍ଗ
୬- ମାକିଆଭେଲି
୭- ଏଫ୍. ଜି. ବ୍ରୁନୋ
୮- ନିଉଟନ୍

ଅଷ୍ଟମ ଅଧ୍ୟାୟ

ଧର୍ମସଂସ୍କାର

୧- ମାର୍ଟିନ ଲୁଥର
୨- ଇଉରୋପରେ ଧାର୍ମୀକ ସ୍ଥିତି, ୧୫୬୦ ଖ୍ରୀ:ଅ:
୩- ଜନ୍ କାଲଭିନ୍
୪- ହୁଲଡ୍ରିଚ ଯୁଙ୍ଗଲି

ନବମ ଅଧ୍ୟାୟ

ୟୁରୋପୀୟ ରାଷ୍ଟ୍ର ବ୍ୟବସ୍ଥାର ଉତ୍ଥାନ

୧- ତ୍ରିଂଶବର୍ଷୀୟ ସମରାନ୍ତେ ଇଉରୋପ, ୧୬୪୮ ଖ୍ରୀ:ଅ:
୨- ଚତୁର୍ଦ୍ଦଶ ଲୁଇ
୩- ଷୋଡ଼ଶ ଲୁଇ
୪- ରାଣୀ ମେରୀ ଏନ୍ତୋଇନେଟ୍
୫- ବାଷ୍ଟିଲ ଦୁର୍ଗର ପତନ

୬- ରବେସ୍‌ପିଅର
୭- ମାଡ଼ମ ରୋଲାଣ୍ଡ
୮- ଫ୍ରାନସିସ୍ ଦ୍ୱିତୀୟ
୯- ଫ୍ରେଡ଼ରିକ ଉଇଲିୟମ ଦ୍ୱିତୀୟ
୧୦- ଷୋଡ଼ଶ ଲୁଇ
୧୧- ଜିନ୍ ପଲ ମାରାଟ
୧୨- ଚାର୍ଲୋଟି କାର୍ଡ୍ରେ
୧୩- ଫ୍ରାନ୍ସ, ୧୭୮୯ ଖ୍ରୀ:ଅ:, ପ୍ରଶାସନ ସମୂହ
୧୪- ଜିନ୍ ନିକୋଲାସ୍
୧୫- ନେପୋଲିଅନ ବୋନାପାର୍ଟ
୧୬- ଚାର୍ଲୋ ମାରିଆ
୧୭- ମାରିଆ ଲେଟିଜିଆ
୧୮- ବ୍ରୁଟସ୍
୧୯- ଇମାନୁଏଲ ଜୋସେଫ୍ ସିଏସି
୨୦- ମରିସ୍ ଟାଲିରାଣ୍ଡ
୨୧- ନେପୋଲିଅନ୍‌ଙ୍କ ବୃହତ୍ତମ ସାମ୍ରାଜ୍ୟ, ୧୮୧୨ ଖ୍ରୀ:ଅ:
୨୨- ରବର୍ଟ ରିଡ଼ୋଲିଫି
୨୩- କାଥେରାଇନ ଡି. ମେଡ଼ିସି
୨୪- ସେଣ୍ଟ ଏଡ଼ମଣ୍ଡ ଚାମ୍ପିଅନ
୨୫- ରବର୍ଟ ପରସନ୍
୨୬- ସାର୍ ଫ୍ରାନସିସ୍ ୱେଲସିଂହାମ୍
୨୭- ଆଲେକଜାଣ୍ଡାର, ପାରମା
୨୮- ସାର୍ ଫ୍ରାନସିସ୍ ଡ୍ରେକ୍
୨୯- ସ୍ପେନୀୟ ଅରମେଦା
୩୦- ଡ୍ୟୁକ୍ ମେଡ଼ିନା ସିଡ଼ୋନିଆ
୩୧- ଲର୍ଡ଼ ଥୋମାସ୍ ହୋୱାର୍ଡ଼
୩୨- ଜନ୍ ହକିନସ୍
୩୩- ଜେମସ୍ ପ୍ରଥମ
୩୪- ଲେଡ଼ି ଆରବେଲା ଷ୍ଟୁଆର୍ଟ
୩୫- ସାର୍ ୱାଲଟର ରାଲେଘ୍
୩୬- ରବର୍ଟ କାଟେସବି
୩୭- ଗୟ ଫକସ୍
୩୮- ଟ୍ୟୁଡ଼ରମାନଙ୍କ ଅଧୀନସ୍ଥ ଇଂଲଣ୍ଡ ଏବଂ ୱେଲସ୍ : ୧୪୮୫-୧୬୦୩ ଖ୍ରୀ:ଅ:
୩୯- ଲିଓନିଲ୍ କ୍ରାମଫିଲଡ୍
୪୦- ଫ୍ରାନସିସ୍ ବେକନ୍
୪୧- ଚାର୍ଲସ ପ୍ରଥମ
୪୨- ଜନ୍ ଇଲିଅଟ୍

୪୩- ଡୁଡଲେ ଡିଗସ୍
୪୪- ହେନେରିଟା ମାରିଆ
୪୫- ଥୋମାସ୍ ୱେଣ୍ଟୱର୍ଥ
୪୬- ଉଇଲିଅମ୍ ଲାଉଡ୍
୪୭- ଜନ୍ ହାମ୍ପଡ଼େନ୍
୪୮- ପ୍ରିନସ୍ ରୁପର୍ଟ
୪୯- ଜନ୍ ଲିର୍ବୁନେ
୫୦- କରନେଟ ଜର୍ଜ ଜୟସି
୫୧- କାରିସବ୍ରୁକ କ୍ୟାସଲ
୫୨- ଫେୟାର ଫାକ୍ସ
୫୩- ପ୍ରାଇଡ୍ ବହିଷ୍କରଣ
୫୪- ଜନ୍ ବ୍ରାଡ୍ସ
୫୫- ଚାର୍ଲସ ପ୍ରଥମଙ୍କ ମୃତ୍ୟୁଦଣ୍ଡ ପରୱାନା
୫୬- ଅଲିଭର କ୍ରମୱେଲ
୫୭- ଜନ୍ ଲାର୍ମ୍ବଟ
୫୮- ଥୋମାସ୍ ହାରିସନ୍
୫୯- ବେଆରବୋନ
୬୦- ରିଚାର୍ଡ଼ କ୍ରମୱେଲ
୬୧- ଜେମସ୍ ଦ୍ୱିତୀୟ
୬୨- ରାଣୀ ମେରୀ ଦ୍ୱିତୀୟ
୬୩- ରାଜକୁମାରୀ ସୋଫିଆ
୬୪- ଜର୍ଜ ପ୍ରଥମ
୬୫- ଜର୍ଜ ଦ୍ୱିତୀୟ
୬୬- ଛେଦିତ କର୍ଣ୍ଣ ସହ ରବର୍ଟ ଜେକିନସ୍
୬୭- ସାର ରବର୍ଟ ୱାଲପୋଲ
୬୮- ରାଣୀ କାରୋଲିନା
୬୯- ରଷିଆ, ୧୫୦୫ ଖ୍ରୀ:ଅ:
୭୦- ଜାରିନା ଆଲେକଜାଣ୍ଡ୍ରା ଏବଂ ଜାର ନିକୋଲାସ୍ ଦ୍ୱିତୀୟ
୭୧- କାର୍ଲମାର୍କସ୍
୭୨- ରାସପୁଟିନ
୭୩- ଭ୍ଲାଦମିର ଲେନିନ

ଦଶମ ଅଧ୍ୟାୟ

ଷୋଡ଼ଶ ଶତାବ୍ଦୀର ଅର୍ଥନୈତିକ ବିକାଶ

୧- ଆଟଲାଣ୍ଟିକ ଜଗତ, ୧୭୧୩ ଖ୍ରୀ:ଅ:
୨- ପ୍ରାରମ୍ଭିକ ଆଧୁନିକ ପାଶ୍ଚାତ୍ୟ ଜଗତର ଶିଳ୍ପ ଅଭିବୃଦ୍ଧି, ଖ୍ରୀଷ୍ଟିୟ ଷୋଡ଼ଶ-ସପ୍ତଦଶ ଶତାବ୍ଦୀ

B.S. COLLEGE LIBRARY NUAHAT, ARAKHPUR No. 766 Date. Pin-754024

References

1. Reformation Europe : 1517 - 1559, Elton G.R.
2. Renaissance Europe, Hale J.K.
3. Foundation of Early Modern Europe, Rice F.
4. History of Europe, Vol. 1 & Vol. II, Hayes C.J.H.
5. The United States of America; A Hisotry - Parkes, Henry Bum Ford
6. Humanism and the Culture of the Renaissance, Charles A. Nauert
7. The Economy of Later Renaissance Europe : 1460 to 1600, Harry Miskimin
8. Spain under the Hapsburgs, J. Lynch
9. The State in Early Modern France, New Approaches to European History, James B.Collins
10. The World of Humanism, 1453 to 1517, M. P. Gilmore
11. World Civilizations, Vol. A & B, Edward Mac Nall Burns, Philip Lee Ralph, Robert E. Lerner, Standish Meacham
12. First Industrial Revolution, Peter Mathias